ମୋ ସମୟ

ସାତକଡ଼ି ହୋତା

Digitized by srujanika@gmail.com

ମୋ ସମୟ

ସାତକଡି ହୋତା

ମହାବୀର ପ୍ରକାଶନ, ଭୁବନେଶ୍ୱର

Digitized by srujanika@gmail.com

ମୋ ସମୟ

ସାତକଡି ହୋତା

ପ୍ରକାଶ କାଳ : ୧୯୯୮

ପ୍ରକାଶକ :
ମହାବୀର ପ୍ରକାଶନ
ପୁରୁଣା ବସ୍‌ଷ୍ଟାଣ୍ଡ ପାଖ, ଭୁବନେଶ୍ୱର

ପ୍ରଚ୍ଛଦଶିଳ୍ପୀ :
ବିଜୟ କୁମାର ପ୍ରଧାନ

ଅକ୍ଷରସଜ୍ଜା :
ଶ୍ୟାମା ଗ୍ରାଫିକ୍ସ
୧୦୪୮, ନୟାପଲ୍ଲୀ, ଭୁବନେଶ୍ୱର

ମୁଦ୍ରଣ :
ଓଁକାର
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

ମୂଲ୍ୟ : ଶହେଟଙ୍କା ମାତ୍ର

MO SAMAYA

Satkadi Hota

First Publication : *1998*

Publisher :
Mahavir Prakashan
Bhubaneswar

Cover design :
Bijaya Kumar Pradhan

DTP :
Shyama Graphics
1048, Nayapalli, Bhubaneswar

Printed at :
Omkar
Acharya Vihar, Bhubaneswar

Price : *Rupees One hundred only*

Digitized by srujanika@gmail.com

ମୋର ଅଜାଶ୍ୱଶୁର ଓ ଗୁରୁଦେବ
ଈଶ୍ୱର ଚନ୍ଦ୍ରହୋତା
(ସନ୍ୟାସ ନବାପରେ ପରବର୍ତ୍ତୀ ନାମ
ଶଙ୍କରମାଧବ ତୀର୍ଥସ୍ୱାମୀ)ଙ୍କ ପାଦତଳେ-

- ଲେଖକ -

"ବଡା ହୂଆ ତୋ କ୍ୟା ହୂଆ ଯୈସେ ପେଡ୍ ଖଜୁର
ପଥିକକୋଁ ଛାୟା ନମିଲେ ଫଲ ରହେ ଦୂର ।"

- ସନ୍ଥକବୀର -

Digitized by srujanika@gmail.com

ଲେଖକଙ୍କ ଅନ୍ୟକେତୋଟି ବହି

ଅନେକ ଆକାଶ (ଉପନ୍ୟାସ)
ଅସମୟ (ଉପନ୍ୟାସ)
ମୁହାମୁହିଁ (ଉପନ୍ୟାସ)
ପ୍ରଥମ ଅଧ୍ୟାୟ (ଉପନ୍ୟାସ)
ଭଙ୍ଗାକାଚ (ଉପନ୍ୟାସ)
ସତ୍ୟନଗର (ଉପନ୍ୟାସ)
ସ୍ୱପ୍ନ ଶିକୁଳି (ଉପନ୍ୟାସ)
ମୁକ୍ତିମନ୍ତ୍ର (ଉପନ୍ୟାସ)

ବ୍ୟାକୁଳ ହୃଦୟ (ଉପନ୍ୟାସ)
ଶତାବ୍ଦିର ଶୋଷ (ଉପନ୍ୟାସ)
ଅଶାନ୍ତ ଅରଣ୍ୟ (ଉପନ୍ୟାସ)
ରାଜଧାନୀର ରଂଗ (ଉପନ୍ୟାସ)
କ୍ରୁଶ ବିଦ୍ଧ (ଉପନ୍ୟାସ)
ଏତେ ସ୍ୱପ୍ନ ଏତେ ଆଲୋକ (ଉପନ୍ୟାସ)
ସଚିବାଳୟ (ଉପନ୍ୟାସ)

ଫୁଲର ଗୋଟିଏ ସୁରଭି (ଗଳ୍ପ)
ସାୟାହ୍ନର ଶୋଭା (ଗଳ୍ପ)
ଜଗନ୍ନାଥଙ୍କ ହସ (ଗଳ୍ପ)
ମଧୁଲଗ୍ନ (ଗଳ୍ପ)
ଅସତର୍କ ମୁହୂର୍ତ୍ତ (ଗଳ୍ପ)
ଶୋଣିତର ସ୍ୱପ୍ନ (ଗଳ୍ପ)
ଆକାଶରେ ଘର (ଗଳ୍ପ)
ଏବଂ ମୁକ୍ତିର ସ୍ୱପ୍ନ (ଗଳ୍ପ)
କଥା ଅନେକ (ଗଳ୍ପ)

ବେଗମ ସାହେବା (ଗଳ୍ପ)
କିରିବୁରୁର କନ୍ୟା (ଗଳ୍ପ)
ମୋଗଲର ନାୟକ (ଗଳ୍ପ)
ସବାଶେଷରେ (ଗଳ୍ପ)
ଭଙ୍ଗଳାରାଜା (ଗଳ୍ପ)
ନୀଳାଚଳକୁରାସ୍ତା (ଗଳ୍ପ)
ଶେଷ ସମ୍ବଳ (ଗଳ୍ପ)
ରାଜଧାନୀର ସକାଳ (ଗଳ୍ପ)
ଦୀପ ଜଳିଲେ ଆଲୁଅ (ଗଳ୍ପ)

ମଧୁଛନ୍ଦା (କବିତା)

ଅନୁବାଦ - ନଜୀର ଆକବରାବାଦୀ
ସାରା ଆକାଶ

Digitized by srujanika@gmail.com

ନିଜକଥା

ବଡ ମହାନ ଲୋକମାନେ ନିଜର ଆତ୍ମଜୀବନୀ ଲେଖନ୍ତି ବା ସେମାନଙ୍କର ଜୀବନୀ ଲେଖାହୁଏ । ତାହା ଉତ୍ତର ପୁରୁଷମାନଙ୍କ ପ୍ରେରଣାର ଉତ୍ସ ହୋଇରହେ । ଚର୍ଚ୍ଚିଲ ଥିଲେ ରାଜନୀତିଜ୍ଞ ଏବଂ ବ୍ରିଟେନର ପ୍ରଧାନମନ୍ତ୍ରୀ । କିନ୍ତୁ ତାଙ୍କର ବିଶ୍ୱଯୁଦ୍ଧର ସ୍ମୃତି ପାଇଁ ସେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ । ଗାନ୍ଧିଜୀଙ୍କ ଆତ୍ମଜୀବନୀ My Experiment With Truthତାଙ୍କର ଅଭେନିଭା କାହାଣୀ । ସତ୍ୟର ପରୀକ୍ଷା କରି ସେ ଯେଉଁ ଉପଲବ୍ଧି ଅର୍ଜନ କରିଥିଲେ ତାହା ଲିପିବଦ୍ଧ କରିଯାଇଛନ୍ତି । ଆମ ଓଡ଼ିଆ ସାହିତ୍ୟରୁ ଆତ୍ମଜୀବନୀର ଅଭାବ ଧୀରେ ଧୀରେ ଦୂର ହେଉଛି । ଫକୀର ମୋହନଙ୍କ ପରେ ଗତ କେତେ ବର୍ଷ ମଧ୍ୟରେ ଅନେକ ନେତା ଓ ପ୍ରତିଷ୍ଠିତ ବ୍ୟକ୍ତି ସେମାନଙ୍କର ଆତ୍ମକାହାଣୀ ଲେଖିଯାଇଛନ୍ତି । ସେମାନଙ୍କ ପରି ମୋର ପ୍ରତିଷ୍ଠା ନାହିଁକି ସାଧାରଣ କ୍ଷେତ୍ରରେ ମୁଁ ଖ୍ୟାତି ଅର୍ଜି ନାହିଁ । ଦୀର୍ଘକାଳ ସରକାରୀ ଚାକିରି କରି ମଧ୍ୟ ମୁଁ ବତ୍ସର ଭାବେ ସମୟ ଅତିବାହିତ କରିନାହିଁ, ବରଂ ସରକାରୀ ଚାକିରିକୁ ସୁଯୋଗ ମନେ କରି ଜନସ୍ୱାର୍ଥ ରକ୍ଷା କରିବା ସକାସେ ସମର୍ପିତ ଉଦ୍ୟମ କରିଛି । ସରକାରୀ ଚାକିରି ଜନସେବା କରିବାର ଗୋଟିଏ ଉତ୍ତମ ମାଧ୍ୟମ । ସେହି ମାଧ୍ୟମର ଦୁରୁପଯୋଗ ହେଉଥିବା ବେଳେ ଜନସ୍ୱାର୍ଥ ଓ ଜନସେବା ସହିତ ଜଡ଼ିତ ମୋର ସ୍ମୃତି ଓ ଅନୁଭୂତି ସରକାରୀ ଚାକିରିଆ ବା ଜନସେବକ (ପବ୍ଲିକ୍ ସରଭେଣ୍ଟ) ମାନଙ୍କ ସମ୍ବନ୍ଧରେ ଜନମାନସରେ ଥିବା କେତେକ ଭ୍ରମଧାରଣା ଦୂରକରିବାପାଇଁ ମୁଁ ଲିପିବଦ୍ଧ କରିଛି । କୌଣସି ରାଜନୈତିକ ନେତା ବା ସମାଜସେବାରେ ନିଯୁକ୍ତ ବ୍ୟକ୍ତି ଠାରୁ ଦେଶପ୍ରେମ ଓ ଜନସ୍ୱାର୍ଥ ଜଗିବାର ଅଙ୍ଗୀକାରବଦ୍ଧତା ମୋର ଯେ କମ ନୁହେଁ ଏହା ମୁଁ ଜୋର ଦେଇ କହିପାରେ । ମୋପରି ଅନେକ କର୍ମଚାରି ଅଛନ୍ତି ଯେଉଁମାନଙ୍କ କର୍ତ୍ତବ୍ୟନିଷ୍ଠା ଜନସେବା ପ୍ରତି ପ୍ରତିବଦ୍ଧତା ଓ ଦେଶ ପ୍ରୀତି ତଥା କଥିତ ଦେଶ ସେବକଙ୍କଠାରୁ କୌଣସି ଗୁଣରେ ଊଣାନୁହେଁ । ସୁଯୋଗର ଉପଯୋଗ କରିବାର ଭାଗ୍ୟ ସମସ୍ତଙ୍କୁ ମିଳେ ନାହିଁ । ସେହିମାନେହିଁ ଭାଗ୍ୟବାନ ଯେଉଁମାନେ ଜୀବିକାର୍ଜନ କରିବା ସହିତ ଜନସ୍ୱାର୍ଥ ରକ୍ଷା କରନ୍ତି ଏବଂ ଆବଶ୍ୟକ ସ୍ଥଳେ ସେଥିପାଇଁ ଦୁଃଖକଷ୍ଟ ବରଣ କରିବାକୁ ପଛାନ୍ତି ନାହିଁ ।

Digitized by srujanika@gmail.com

ମୟୂରଭଂଜ ଜିଲ୍ଲାର ଉପାନ୍ତ ଅଂଚଳର ଜଗନ୍ନାଥ ଖୁଣ୍ଟା ଗ୍ରାମରେ ୧୯୨୯ ମସିହାରେ ଶରତ ଋତୁରେ ମୋର ଜନ୍ମ । ସେଥିପାଇଁ ପ୍ରଥମେ ମୋ ନାମ ଶରତ ଥିଲା, କିନ୍ତୁ ପରେ ବାରିପଦାରେ ବିଚାରପତି କାର୍ଯ୍ୟ କରୁଥିବା ଜଣେ ନ୍ୟାୟବନ୍ତ ଜଜ୍ ସାତକଡି ଘୋଷଙ୍କ ନାମାନୁସାରେ ମୋର ନାମ କରଣ କରାଗଲା । ଯେଉଁମାନଙ୍କର ଜନ୍ମପୂର୍ବରୁ ମା ସନ୍ତାନ ହରାଇଥାନ୍ତି ପୁଣି ସେପରି ସେପରି ନହୁଏ ତାହା ନିଶ୍ଚିତ କରିବା ପାଇଁ ଯମ ଛୁଇଁବା ପୂର୍ବରୁ ତାକୁ ହାଡି ବା ପାଣକୁ ବିକ୍ରିକରି ଦିଆଯାଏ । ମୋ ପୂର୍ବରୁ ଦୁଇ ଭାଇଙ୍କୁ ଯମ ନେଇ ଯାଇଥିଲା ବୋଲି ମୋ ମା ମୋତେ ହାଡିଆଣୀକୁ ସାତଟି କଉଡି ନେଇ ବିକ୍ରି କରିଦେଇଥିଲା । ଏଇ ସଂଯୋଗରୁ ସାତକଡି ନାମ କାଏମ ରହିଲା ।

ଅତି ସଧାରଣ ପରିବାରରେ ମୋର ଜନ୍ମ । ମୋ ବାପା ସ୍ୱର୍ଗୀୟ ବିଶ୍ୱେଶ୍ୱର ହୋତା, ମା ସ୍ୱର୍ଗୀୟା କଂଚନ ଦେବୀ । ମୁଁ ଯଦି କିଛି ସଫଳତା ଓ ସୁନାମ ଅର୍ଜନ କରିଥାଏ ତାହା ପିତାମାତାଙ୍କ ପୁଣ୍ୟଫଳ । ମୋର ଶ୍ୱଶୁର ସ୍ୱର୍ଗୀୟ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଶାଶୁ ପ୍ରମଦା ମିଶ୍ର ମୋତେ ପୁଅଠାରୁ ଅଧିକ ସ୍ନେହଶ୍ରଦ୍ଧା ଦେଇଛନ୍ତି, ମୋର ଅଳିଅର୍ଦ୍ଦଳି ପୂରଣ କରିବାରେ କୁଣ୍ଠାବୋଧ କରି ନାହାନ୍ତି । ଏହା ବ୍ୟତୀତ ମୋ ଦୁଇ ଭଉଣୀ ଓ ସାନଭାଇ ଏବଂ ଅନେକ ଆତ୍ମୀୟ,ଅପରିଚିତଙ୍କ ସ୍ନେହଶ୍ରଦ୍ଧା ଓ ସାହାଯ୍ୟ ପାଇ ମୁଁ ଧନ୍ୟ ମନେ କରିଛି । ଏତେ ଲୋକଙ୍କର ସଦିଚ୍ଛା କେବେ ନିଷ୍ଫଳ ହୁଏ ନାହିଁ । ଏଇ ବିଶ୍ୱାସ ବୋଧହୁଏ ଜୀବନ ଗଢିବାରେ ମୋତେ ପ୍ରେରଣା ଦେଇଥିଲା ଏବଂ ସେହି କାରଣରୁ ଦୁଃଖିଦୁର୍ବଳ ଓ ନିଗୃହୀତ ମାନଙ୍କ ପ୍ରତି ମୋର ବେଦନା ଓ ସହାନୁଭୂତି । 'ପରୋପକାରାୟ ଧର୍ମାୟ, ପାପାୟ ପରପୀଡନମ୍'କୁ ମୁଁ ବ୍ରତ ଭାବେ ଯଥାସାଧ ପାଳନ କରିଛି । ଅନ୍ୟାୟ ଯେ କରିନାହିଁ ବା ମିଥ୍ୟା ଯେ କହିନାହିଁ ମୁଁ ସେପରି ମହାତ୍ମା ନୁହେଁ, କିନ୍ତୁ ଜ୍ଞାତ ସାରରେ ବା ଅଜ୍ଞାତସାରରେ ହେଉ ଯାହା ଭୁଲ୍ କରିଥାଏ ନା କାହିଁକି ସେଥିପାଇଁ ଅନୁତାପ କରିଛି ଓ ଆତ୍ମ ସଂଶୋଧନ କରିବାପାଇଁ ଚେଷ୍ଟା କରିଛି ।

'ଚାକିରି ଚୋରି ବଣିଜ ମିଛ' କଥାଟି ମୋଆଗରେ ଅବାନ୍ତର । ଚୋରି ନକରି ସାଧୁତାର ସହିତ ଯେ ଚାକିରି କରାଯାଇପାରେ ଏହା ହୁଏତ ଆଜି କେହି ଶୁଣିଲେ ସହଜରେ ବିଶ୍ୱାସ କରିବେ ନାହିଁ, କିନ୍ତୁ ସାଧୁତା ଓ ସ୍ୱଚ୍ଛତା ହିଁ ଥିଲା ମୋ ଚାକିରି ଜୀବନର ଆଦର୍ଶ । ମୋର ବାଲ୍ୟକାଳ, ଓ କୈଶୋର ଏବଂ ଅଧ୍ୟୟନ ଶେଷ ପର୍ଯ୍ୟନ୍ତ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ କଟିଛି । ଦାରିଦ୍ର୍ୟର ଲାଂଛନା ଅଙ୍ଗେ ନିଭାଇଛି । କିନ୍ତୁ ବାପା ମାଙ୍କ କଥା ମାନି ପରଧନ ପ୍ରତି କେବେ ଆକୃଷ୍ଟ ହୋଇନାହିଁ । ଭଲବାଟରେ ଚାଲିବା ପାଇଁ ସବୁଠାରୁ ବେଶି ଜାଗ୍ରତ ସହାୟିକା ପାଇଛି ମୋ ସ୍ତ୍ରୀ ଗୀତାଠାରୁ । ଉପଭୋକ୍ତାବାଦର ପ୍ରସାର ଓ ପ୍ରଭାବ ଯୋଗୁ ପୁଅଝିଅ ମାନଙ୍କର ଆବଶ୍ୟକତା ମେଣ୍ଟାଇବା ପାଇଁ ଅବାଟରେ ଲୋକେ ଯାଆନ୍ତି । ମୁଁ ବଡ଼ ଚାକିରି କରିଥିଲେ ମଧ୍ୟ ଗୀତା କିମ୍ବା ମୋ ପୁଅଝିଅମାନେ କେବେ ନୂତନ ଉପଭୋକ୍ତାବାଦୀ

Digitized by srujanika@gmail.com

ଜୀବନଶୈଳୀ ଦ୍ୱାରାପ୍ରଭାବିତ ହୋଇନାହାନ୍ତି କି ମୋତେ ସେମାନଙ୍କ ଆବଶ୍ୟକତା ପୂରଣ କରିବାପାଇଁ ବାଧ କରିନାହାନ୍ତି । ସମ୍ପର୍କରସୀମା ମଧରେ ଚଳିବାହିଁ ଆମପରିବାରର ନୀତି ହୋଇ ରହିଛି । ସେହି ପୁଣ୍ୟଫଳରୁ ଭଗବାନ ମୋତେ ଯେ ମୁକ୍ତ ହସ୍ତରେ ଯାହା ମାଗିଛି ଦେଇଛନ୍ତି ଏଇ ବିଶ୍ୱାସ ହେଉଛି ମନରେ । ମୋର ସବୁଠାରୁ ସୁଖମୟ ମୁହୂର୍ତ୍ତ ମୁଁ ଯେତେବେଳେ କାହାରି ଉପକାରରେ ଲାଗେ, ମୋ ଜୀବନର ସବୁଠାରୁ ଦୁଃଖତମ ମୁହୂର୍ତ୍ତ ଯଦି ମୁଁ ଜାଣେ ଯେ ମୋ ଦ୍ୱାରା କାହାରି ଅନିଷ୍ଟ ହୋଇଛି ।

'ମୋ ସମୟ' ମୋ ଅଙ୍ଗେନିଭା କାହାଣୀର ପ୍ରତିଲିପି । 'ଧରିତ୍ରୀ' ସମ୍ବାଦ ପତ୍ରରେ 'ସ୍ମୃତି ଅନୁଭୂତି' ସ୍ତମ୍ଭରେ ପ୍ରାୟ ଦେଢବର୍ଷ ଧରି ନିୟମିତ ଭାବେ ପ୍ରକାଶ ପାଇ ପାଠକ ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିବା ସ୍ତମ୍ଭ ଗୁଡ଼ିକୁ 'ମୋ ସମୟ'ର କଥା ବୋଲି ସେଇ ନାମରେ ବହି ପ୍ରକାଶ କରିବା ପାଇଁ ଇଚ୍ଛା ହେବାରୁ ଏଇ ନାମକରଣ । ମୁଁ ପ୍ରଥମରୁ କହିଛି ଯେ ମୁଁ ବଡ ବା ମହାନ ବ୍ୟକ୍ତିନୁହେଁ, ତଥାପି ମୋ ଜୀବନର କିଛି ବୃତ୍ତାନ୍ତ ଏଇ କାରଣରୁ ଲିପିବଦ୍ଧ କରିଛି ଯେ ତଥାକଥିତ ବଡ ବଡ ମାନେ ଏବଂ ନିତି ଯୁଝୁଥିବା ସାଧାରଣ ମଣିଷ ମାନେ ଯଦି 'ମୋ ସମୟ' ପାଠ କରି ସେଥିରୁ ଆନନ୍ଦ ପାଆନ୍ତି ତେବେ ମୋ ଶ୍ରମ ସାର୍ଥକ ହେବ । ଏହାପରେ ଆଉ ବାକିଥିବା ସ୍ମୃତି ଅନୁଭୂତି ପରେ ଅନ୍ୟନାମରେ ପ୍ରକାଶ ପାଇବ ।

'ମୋ ସମୟ'ରେ ସନ୍ନିବେଶିତ ବିଷୟ ସୂଚୀ ସଂଗଠିତ କରିବାରେ ଡ଼ଃ ବିରାଜ ମୋହନ ଦାସ ଓ ଡ଼ଃ ପ୍ରସନ୍ନ କୁମାର ମହାନ୍ତି ମତେ ମୂଲ୍ୟବାନ ପରାମର୍ଶ ଦେଇଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି, ତଥା ଏହି ବହି ପ୍ରକାଶ କରିବା ପାଇଁ ମହାବୀର ପ୍ରକାଶନର ଶ୍ରୀ ରମାକାନ୍ତ ମିଶ୍ର ଦାୟିତ୍ୱ ନେଇଥିବାରୁ ମୁଁ ତାଙ୍କୁ ଶ୍ରଦ୍ଧା ଓ ସାଧୁବାଦ ଜଣାଉଛି । ଶେଷରେ 'ଧରିତ୍ରୀ'ରେ ଏହି ରଚନାଗୁଡ଼ିକ ପ୍ରକାଶ କରିବା ପାଇଁ ମତେ ପ୍ରଥମେ ପ୍ରସ୍ତାବ ଦେଇଥିଲେ ଶ୍ରୀ ଦଣ୍ଡପାଣି ମିଶ୍ର, ମୁଁ ତାଙ୍କ ନିକଟରେ କୃତଜ୍ଞ ।

ଶେଷରେ ମୁଁ ଏତିକି କହିରଖେ ଯେ ଦେଶ ମୋତେ ଅନେକ ଦେଇଛି ଏବଂ ଲୋକମାନଙ୍କର ଅଜସ୍ର ସ୍ନେହଶ୍ରଦ୍ଧା ମଧ ପାଇଛି; କିନ୍ତୁ ପ୍ରତିଦାନ ଦବାର ଦୁଃସାହସିକ କରିନାହିଁ । କେବଳ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ସେଇ ସ୍ମରଣୀୟ କବିତାର ପ୍ରଥମ ପଂକ୍ତି ଉଦ୍ଧାର କରି ନିଜକଥା ସମାପ୍ତ କରୁଛି ।

''ଜୀବନପାତ୍ର ମୋ ଭରିଛ କେତେ ମତେ
ନଦେଲ ବୋଲି କିଛି କହିବି କିହେ ଆଉ
ଜୀବନପ୍ରିୟତମ ହରିଛ ମୋ ଭରମ
ତରଣୀ ମୋର ତବ ସାଗରେ ଭାସିଯାଉ''

୨୯ ।୧୦ ।୯୮ ସାତକଡିହୋତା

ଭୁବନେଶ୍ୱର

Digitized by srujanika@gmail.com

ସୂଚୀପତ୍ର

କ୍ର.ନଂ	ବିଷୟ	ପୃଷ୍ଠା
୧.	ଅଭିଶାପ	୧
୨.	ସେମାନେ ଗଲେ କୁଆଡେ ?	୬
୩.	ଗଡ଼ଜାତ ମିଶ୍ରଣ ସପକ୍ଷରେ	୧୨
୪.	ଅରଣ୍ୟେ ଅଜଗର ପ୍ରାୟେ	୧୫
୫.	ଡ୍ରେଇହାଉସିରେ ସଂଧ୍ୟା	୧୯
୬.	ଚୁପ୍ ଚୁପ୍... ଓଡ଼ିଆରେ ନୁହେଁ	୨୩
୭.	ସତ୍ୟଧର୍ମ ଏବେବି ଅଛି	୨୭
୮.	ପ୍ରଥମ ଅଧ୍ୟାୟ ଶାଲିମାରରେ	୩୨
୯.	କଳାପାହାଡ	୩୬
୧୦.	ଆସମରେ ଛଅମାସ	୩୯
୧୧.	ସମନ୍ବୟର ମାର୍ଗ	୪୪
୧୨.	ଚକ୍ରବ୍ୟୂହରେ ଚକ୍ରଧର ପୁର	୪୮
୧୩.	କଲ୍‌ଗାର୍ଲର କର୍ମଶାଳା	୫୩
୧୪.	ଜଗନ୍ନାଥ ଭରସା	୫୭
୧୫.	ସନ୍ଦେଶ ପାଇଁ କବି	୬୧
୧୬.	ସ୍ଥାନ ଅସ୍ଥାନ	୬୪
୧୭.	ସରକାର କେଉଁଠି ?	୬୮
୧୮.	ସାଂସ୍କୃତିକ ପ୍ରସାରଣ	୭୨
୧୯.	କି ହେବ ଶୁଆ ପୋଷିଲେ	୭୭
୨୦.	ବେଳ ଅବେଳ	୮୨
୨୧.	କେତେ ଅଜଣାରେ	୮୬
୨୨.	ଗାଈ ପାଇଁ ଧର୍ମଘଟ	୯୦
୨୩.	ପରଟା ଭିତରେ ଚିଠି	୯୩
୨୪.	ଗୋଟିଏ ମଲା କୁକୁରର କରାମତି	୯୭
୨୫.	ଦଲାଲଙ୍କୁ ଦଲାଲ କର	୧୦୦
୨୬.	ନକ୍ସଲବାଦୀର ଶେଷ ଚିଠି	୧୦୩
୨୭.	ଓଡିଆ ବାଘ	୧୦୭
୨୮.	ଶିକ୍ଷକଭାବେ ଦୁଇ ବର୍ଷ	୧୧୧
୨୯.	ଭଗବାନ ରକ୍ଷାକର	୧୧୬
୩୦.	ମା ପଳେଷୁ କଦାଚନ	୧୨୩
୩୧.	ଜଟଣୀ କଲେଜ	୧୧୯
୩୨.	ପ୍ରଳୟ ପୟୋଧି ଜଳେ	୧୨୭
୩୩.	ମଥା ଧରିଛି, କିଛି ଅଛିକି	୧୩୧
୩୪.	ଦେଶ ସେବା କଲାଦିନୁ	୧୩୪
୩୫.	ଓଡ଼ିଶାର ଲୋକ ଏତେ ଗରିବ	୧୩୭
୩୬.	କେନ୍ଦ୍ରୀୟ ବିଦ୍ୟାଳୟ	୧୪୦
୩୭.	ସମସ୍ତଙ୍କର ଶୁଭ ହେଉ	୧୪୪
୩୮.	ଚାକିରି ଚୋରି, ବଣୀଜ ମିଛ	୧୪୮
୩୯.	କାଳକାଳକୁ ଏହିମତେ	୧୫୧
୪୦.	ବେନାମୀ ଚିଠି	୧୫୫
୪୧.	ତୁଣ୍ଡବାଇଦ ସହସ୍ର କୋଶ	୧୫୯
୪୨.	ବଡ଼ ମାୟାବୀ ଜୀବ ନୋହେ କାହାରି	୧୬୩
୪୩.	ଚିହ୍ନିରଖ ଭ୍ରାତାଙ୍କ ବଦନ	୧୬୭
୪୪.	ସ୍ବାମୀଜୀଙ୍କ ସଂସାର ଚିନ୍ତା	୧୭୦
୪୫.	ନୀଳାଚଳକୁ ରାସ୍ତା	୧୭୪
୪୬.	ଆକାଶରେ ଉଡ଼ିବାବେଳେ	୧୭୯
୪୭.	ସତ୍ ଶ୍ରୀ ଅକାଲ୍	୧୮୩
୪୮.	ପୂର୍ବ ପଶ୍ଚିମ ସଂଯୋଗ	୧୮୮
୪୯.	ମନୋରମା କୋରାପୁଟ	୧୯୩
୫୦.	ମନ୍ତ୍ରୀଙ୍କ ପରିଦର୍ଶନ	୧୯୮
୫୧.	ଯଖପୁରା-ବାଂଶପାଣି ରେଳ ସଂଯୋଗ	୨୦୨
୫୨.	କଟକ ଓଭର ବ୍ରିଜ	୨୦୬
୫୩.	ମଞ୍ଚେଶ୍ବର କାରଖାନା	୨୧୦
୫୪.	ଲୋକଙ୍କ ପ୍ରତ୍ୟାଶା	୨୧୩
୫୫.	କଳାହାରାର କରାମତି	୨୧୭
୫୬.	ଭାଗ୍ୟ ଦୁର୍ଭାଗ୍ୟ	୨୨୨
୫୭.	କଳିଙ୍ଗ ବଂଶଧର	୨୨୭
୫୮.	ଓଡ଼ିଶାରେ ଓଡ଼ିଆ ପର	୨୩୧
୫୯.	କଳାହାଣ୍ଡିଆ	୨୩୬
୬୦.	ନ ବଦଳୁଥିବା ରୂପ	୨୪୦
୬୧.	ପ୍ରଶାସନିକ କଳା ଓ କୌଶଳ	୨୪୪
୬୨.	ଅପସଂସ୍କୃତିର ଅନ୍ୟଦିଗ	୨୪୯
୬୩.	କଲିକତା କେତେ କଥା-୧	୨୫୩
୬୪.	କଲିକତା କେତେ କଥା-୨	୨୫୭
୬୫.	କଲିକତା କେତେ କଥା-୩	୨୬୧
୬୬.	ଉତ୍କଳ ଶିକ୍ଷା ସଂସଦ	୨୬୬
୬୭.	ଶାରଳା ସମାଧି ପୀଠ	୨୭୧
୬୮.	ସେ ତାଙ୍କ ସ୍ତ୍ରୀ ନୁହନ୍ତି	୨୭୫
୬୯.	ସେ ସୁଖରେ ରହନ୍ତୁ	୨୭୯
୭୦.	ମାଛ ଖାଇବ ଭଲିସି	୨୮୩
୭୧.	ଆହେ ମନ୍ତ୍ରୀବର	୨୮୭
୭୨.	ନବକୃଷ୍ଣ ଚୌଧୁରୀଙ୍କ ମାନବିକତା	୨୯୨
୭୩.	ପ୍ରଫେସର ନୁରୁଲ ହାସାନ	୨୯୫
୭୪.	ଜଗନ୍ନାଥ ସ୍ବାମୀ ନୟନପଥଗାମୀ	୨୯୮
୭୫.	ରିଲିଫ	୩୦୩
୭୬.	ସରକାର ର ରୂପ	୩୦୭

Digitized by srujanika@gmail.com

ଅଭିଶାପ

ଏବେ ଛାତ୍ରମାନେ ଯେପରି ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସବୁ ପ୍ରକାର ରାଜନୈତିକ କାର୍ଯ୍ୟରେ ବ୍ୟବହୃତ ହେଉଛନ୍ତି ଆମ ସମୟରେ ତାହା ହେଉନଥିଲା । ବରଂ ଦଳୀୟ ରାଜନୀତିକୁ ଭିତ୍ତି କରି ଛାତ୍ର ସଂଗଠନ ଗଢ଼ି ଉଠିଥିଲେ ବି ଛାତ୍ରମାନଙ୍କର କାର୍ଯ୍ୟ ଶିକ୍ଷାୟତନ ମଧ୍ୟରେ ସୀମାବଦ୍ଧ ଥିଲା । ସେମାନେ ରାଜନୀତି ପ୍ରତି ସଚେତନ ଥିଲେ, କିନ୍ତୁ ରାଜନୈତିକ ଦଳର ଦୈନନ୍ଦିନ କାର୍ଯ୍ୟ ସହିତ ସମ୍ପୃକ୍ତ ନଥିଲେ । କେବଳ ଯେଉଁ ବିଷୟଗୁଡ଼ିକୁ ରାଜ୍ୟ ବା ଦେଶର ସ୍ୱାର୍ଥଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଥିଲା ସେସବୁ ନେଇ ଆନ୍ଦୋଳନ କରାଯାଉଥିଲା । ଉଦାହରଣ ସ୍ୱରୂପ, ବ୍ରହ୍ମପୁର ଓଡ଼ିଶାରେ କି ଆନ୍ଧ୍ରରେ ରହିବ- ସେ ନେଇ ଛାତ୍ର ଆନ୍ଦୋଳନ ଯେପରି ସଂଗଠିତ ଭାବରେ ସାରା ରାଜ୍ୟରେ କରାଯାଇଥିଲା ସେହିପରି ଷଡ଼େଇକଳା-ଖରସୁଆଁକୁ ଓଡ଼ିଶାରେ ରଖିବା ପାଇଁ ଋଚନାତ୍ମକ ଆନ୍ଦୋଳନ, ଛାତ୍ରମାନଙ୍କର ସ୍ୱାର୍ଥରେ ବାଧା ଦେବା ଭଳି କିଛି କଲେ ତା' ର ପ୍ରତିବାଦ ଏବଂ ସରକାର କର୍ଣ୍ଣପାତ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଉଥିଲା ଛାତ୍ରମାନେ ରାଜନୀତି କରୁଥିବା ଲୋକଙ୍କର ଦଲାଲ ନଥିଲେ ବା ସେମାନଙ୍କଠାରୁ ଅର୍ଥନେଇ ନିର୍ବାଚନେ ଲଢୁ ନ ଥିଲେ । ଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ ସୁ-ସମ୍ପର୍କ ଥିଲା । ଏବେ କିନ୍ତୁ ଏହା ପ୍ରାୟ ପୂରାପୂରି ବଦଳି ଯାଇଛି ।

ମ୍ୟାଟ୍ରିକ ପାସ୍ କଲା ପରେ ୧୯୪୬ ମସିହାରେ ମୁଁ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ନାମ ଲେଖାଇଲି ଏବଂ ସଙ୍ଗେ ସଙ୍ଗେ ଛାତ୍ର ରାଜନୀତିରେ ପ୍ରବେଶ କଲି । କଲେଜ ୟୁନିୟନ ନିର୍ବାଚନ ଲଢ଼ି ବିଭିନ୍ନ ଦାୟିତ୍ୱ ଗ୍ରହଣ କଲି । କଲେଜ ୟୁନିୟନ ନିର୍ବାଚନେ ସୁ-ସଂଗଠିତ ଭାବରେ କରାଯାଇଥିଲା ଏବଂ ଛାତ୍ର କଂଗ୍ରେସ ଓ ଛାତ୍ର ଫେଡ଼େରେସନ ମଧ୍ୟରେ ପ୍ରଧାନତଃ ପ୍ରତିଦ୍ୱନ୍ଦିତା ହେଉଥିଲା । ସେହି ସମୟରେ ଛାପା ଯାଇ ବଣ୍ଟାଯାଉଥିବା ହ୍ୟାଣ୍ଡବିଲ ଓ ପ୍ରାଚୀରପତ୍ରରେ ସ୍ଲୋଗାନ ଲେଖିବା ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଥିଲା । ମୁଁ ଛାତ୍ର କଂଗ୍ରେସରେ ଓ ଅଖିଳ ପଟ୍ଟନାୟକ ଛାତ୍ର ଫେଡ଼େରେସନରେ ଥାଇ ମଧ୍ୟ ଆମ

Digitized by srujanika@gmail.com

ଦୁହିଁଙ୍କର ସମ୍ପର୍କ ଥିଲା ନିବିଡ଼ । ମୟୂରଭଞ୍ଜର ଓଡ଼ିଶା ସହିତ ମିଶ୍ରଣ ସପକ୍ଷରେ ଯେଉଁ ଜିଲ୍ଲା ଛାତ୍ର କଂଗ୍ରେସ ଥିଲା ମୁଁ ତା'ର ସଭାପତି ଥିଲି । ମିଶ୍ରଣ ବିରୋଧୀ ଛାତ୍ର କଂଗ୍ରେସର ସଭାପତି ଥିଲେ ଓଡ଼ିଶା କ୍ରିକେଟ ଆସୋସିଏସନର ସଂପାଦକ ଥିବା ବିଭୂତି ଦାସ । କଲେଜରୁ ଛୁଟି ନେଇ ମୁଁ ମଝିରେ ମଝିରେ ବାରିପଦା ଓ ଅନ୍ୟ ସ୍ଥାନକୁ ଯାଇ ଛାତ୍ର କଂଗ୍ରେସର ଆନ୍ଦୋଳନାତ୍ମକ କାର୍ଯ୍ୟକୁ ସଂଚାଳନ କରୁଥିଲି । ସେତେବେଳେ ନିଖିଳ ଓଡ଼ିଶା ଗଡ଼ଜାତ ଛାତ୍ରକଂଗ୍ରେସ ନାମରେ ଯେଉଁ ଅନୁଷ୍ଠାନ ଥିଲା ତା'ର ସଭାପତି ଥିଲେ ସୋମନାଥ ପଟ୍ଟନାୟକ (ପରେ ଅଧ୍ୟାପକରୁ ଅବସର ଗ୍ରହଣ) ଓ ମୁଁ ଥିଲି ସେକ୍ରେଟାରୀ । ଏହା ଛଡ଼ା ପ୍ରଦେଶ ଛାତ୍ରକଂଗ୍ରେସର କାର୍ଯ୍ୟକାରୀ କମିଟି ଓ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ କମିଟିରେ ମଧ୍ୟ ମୁଁ ସଭ୍ୟ ଥିଲି ।

ଆଗରୁ ଡକ୍ଟର ମହାତାବଙ୍କ ନେତୃତ୍ୱରେ ଗଡ଼ଜାତ ମିଶ୍ରଣ ଆନ୍ଦୋଳନ ତୀବ୍ରତର ହୋଇଥାଏ । ରାଧାନାଥ ରଥ, ପବିତ୍ର ମୋହନ ପ୍ରଧାନ, ସାରଙ୍ଗଧର ଦାସ ପ୍ରଭୃତି ଗଡ଼ଜାତ ମିଶ୍ରଣ ଆନ୍ଦୋଳନକୁ ସଂଗଠିତ କରୁଥାଆନ୍ତି । ସ୍ୱାଧୀନତା ନିଶ୍ଚିତଭାବେ ଆସୁଥିବା ଜାଣି ମୟୂରଭଞ୍ଜ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜ ତିନିଜଣିଆ ମନ୍ତ୍ରୀମଣ୍ଡଳ ହାତକୁ ଶାସନ ଦାୟିତ୍ୱ ହସ୍ତାନ୍ତର କଲେ ଏବଂ ମନ୍ତ୍ରୀମଣ୍ଡଳକୁ ଆଇନ ପ୍ରଣୟନ ଇତ୍ୟାଦି କାର୍ଯ୍ୟରେ ସହାୟତା କରିବା ପାଇଁ ଗୋଟିଏ କାଉନସିଲ ମଧ୍ୟ ଗଠନ କଲେ । ଗଡ଼ଜାତର ବିଶିଷ୍ଟ କଂଗ୍ରେସ ନେତା ଶରତ ଚନ୍ଦ୍ର ଦାସ ପ୍ରଧାନମନ୍ତ୍ରୀ ହେଲେ ଏବଂ ବିଦ୍ୟାଧର ମହାପାତ୍ର ଓ ମହେଶ୍ୱର ନାଏକ ସହଯୋଗୀ ମନ୍ତ୍ରୀ ହେଲେ ମନ୍ତ୍ରୀମଣ୍ଡଳ ମିଶ୍ରଣ ବିରୁଦ୍ଧରେ । କିନ୍ତୁ ହରିଷ୍ଟନ୍ଦ୍ର ଦାସଙ୍କ ନେତୃତ୍ୱରେ ଯେଉଁ ମୟୂରଭଞ୍ଜ କଂଗ୍ରେସ କାର୍ଯ୍ୟ କରୁଥିଲା ତାହା ଥିଲା ମିଶ୍ରଣ ସପକ୍ଷରେ । ମୁଁ ମିଶ୍ରଣ ସପକ୍ଷ ଛାତ୍ରକଂଗ୍ରେସ ସଭାପତି ଥିବାରୁ ମନ୍ତ୍ରୀମଣ୍ଡଳର ବିରାଗଭାଜନ ହୋଇପଡ଼ିଲି । ମୟୂରଭଞ୍ଜର ବିଭିନ୍ନ ସ୍ଥାନ ବୁଲି ଓଡ଼ିଶା ସହିତ ଏହାର ମିଶ୍ରଣ ଓ ରାଜାରାଜୁଡ଼ା ଶାସନର ବିଲୋପ ପାଇଁ ଆନ୍ଦୋଳନ କରିବା ଥିଲା ମୋର କାମ ।

ମିଶ୍ରଣ ସପକ୍ଷରେ କ୍ରମଶଃ ଆନ୍ଦୋଳନ ବ୍ୟାପିବାରେ ଲାଗିଲା । ସେହିପରି ମିଶ୍ରଣ ବିରୋଧୀ ଆନ୍ଦୋଳନ ମଧ୍ୟ ତେଜିଲା ମନ୍ତ୍ରୀମଣ୍ଡଳର ପ୍ରତ୍ୟକ୍ଷ ନିର୍ଦ୍ଦେଶରେ । ଆଦିବାସୀ ନେତା ସୋନାରାମ ସୋରେନ ବଡ଼ଧରଣର ର୍‍ୟାଲି କରିବାକୁ ଲାଗିଲେ । ଏତିକିବେଳେ ପଶ୍ଚିମବଙ୍ଗର କଂଗ୍ରେସ ନେତା ଡକ୍ଟର ପ୍ରଫୁଲ୍ଲ ଘୋଷ ଆସିଥିଲେ ମିଶ୍ରଣ ସପକ୍ଷରେ ଉଦବୋଧନ ଦେବାପାଇଁ । ଆହୁରି ଆସିଥିଲେ ସେତେବେଳେ ନିଖିଳ ଭାରତ ଛାତ୍ରକଂଗ୍ରେସର ସଭାପତି ରବି ବର୍ମା । ପରେ ୧୯୭୭ରେ ଜନତା ସରକାରରରେ ସେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ । ରବି ବର୍ମାଙ୍କ ସଭା ମୋ ଅଧ୍ୟକ୍ଷତାରେ ମ୍ୟୁନିସିପାଲଟି ଅଫିସ୍ ସାମ୍ନା ପଡ଼ିଆରେ ହୋଇଥିଲା ।

Digitized by srujanika@gmail.com

ଏଣୁ ମୋ ପଛେ ପଛେ ସି.ଆଇ.ଡ଼ି. ବୁଲିବା ସାଧାରଣ ଘଟଣା ଥିଲେ ମଧ୍ୟ ମୁଁ ଜାଣି ନଥିଲି । ସେତେବେଳେ ମୟୂରଭଞ୍ଜର ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ଥିଲେ ରାମଚନ୍ଦ୍ର ଦାସ । ପରେ ସେ ଓଡ଼ିଶାର ଆଇ.ଜି. ହେଲେ । ହାଇସ୍କୁଲରେ ପଢ଼ିବାବେଳେ ମୁଁ ତାଙ୍କଠାରୁ ଆର୍ଥିକ ସାହାଯ୍ୟ ପାଉଥିଲି । ପରେ ମୁଁ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରୁ ମୋର ଚରିତ୍ର ସମ୍ବନ୍ଧରେ ଗୁପ୍ତ ରିପୋର୍ଟ ପଠାଇବା ପାଇଁ କେନ୍ଦ୍ରରୁ ଯେଉଁ ଚିଠି ଆସିଥିଲା ତାହା ସ୍ୱର୍ଗୀୟ ରାମଚନ୍ଦ୍ର ଦାସଙ୍କ ହାତରେ ପଡ଼ିଥିଲା । ସେ ମୋର ରାଜନୈତିକ କାର୍ଯ୍ୟକଳାପ ସମ୍ପର୍କରେ ମୟୂରଭଞ୍ଜ ଜିଲ୍ଲାରୁ ମିଳିଥିବା ଫାଇଲ୍ ନଷ୍ଟ କରିଦେଇ ମୋ ବିରୁଦ୍ଧରେ କୌଣସି ଅଭିଯୋଗ ନଥିବା ଦର୍ଶାଇ ରିପୋର୍ଟ ପଠାଇଦେବା ପରେ ସିଭିଲ ସର୍ଭିସରେ ଯୋଗଦେବା ସୁଗମ ହେଲା । ବିଭିନ୍ନ ସ୍ଥାନରେ ମୁଁ ଦେଇଥିବା ବକ୍ତୃତାରେ-'ରାଜାମାନଙ୍କ ଉପରେ ଚିତା ଘେନିବି' ଭଳି ବାକ୍ୟ ବ୍ୟବହାର କରିଥିବାରୁ ତାହା ପ୍ରଶାସନ ପକ୍ଷରୁ ମୋ କାର୍ଯ୍ୟାବଳୀ ଉପରେ ଦୋଷାବହ ବୋଲି ଧରାଯାଇଥିଲା ।

ଏହି ସମୟରେ ସବୁ ଗଡ଼ଜାତ ଓଡ଼ିଶା ସହିତ ମିଶିଗଲେ ବି ମୟୂରଭଞ୍ଜ ଅଲଗା ରହିଥାଏ । ଥରେ ମୁଁ ଆମ ଗାଁରେ ଗୋଟିଏ ଛାତ୍ର ଓ ଯୁବ ସମ୍ମିଳନୀ ପାଇଁ ଆୟୋଜନ କରି ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସଙ୍କୁ ନିମନ୍ତ୍ରଣ କରିବାକୁ ଗଲି । ମିଶ୍ରଣ ସପକ୍ଷରେ କାର୍ଯ୍ୟ କରୁଥିବା ଯୋଗୁଁ ସେ ମୋ ଉପରେ ସନ୍ତୁଷ୍ଟ ନଥିଲେ । ମୋ ଶ୍ୱଶୁର ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର ତାଙ୍କର ଏକାନ୍ତ ଅନୁଗତ ଥିବାରୁ ମୋ ବିରୁଦ୍ଧରେ ଶାସ୍ତିମୂଳକ କିଛି କରି ନଥିଲେ ସିନା, କିନ୍ତୁ କ'ଣ କଲେ ମୋର ରାଜନୈତିକ କାର୍ଯ୍ୟକଳାପ ବନ୍ଦ ହୋଇଯିବ ସେ ସମ୍ବନ୍ଧରେ ସେ ଉଦ୍ୟମ କରୁଥିଲେ । ତେଣୁ ମୁଁ ତାଙ୍କ ଆଗରେ ଉଭାହେବା କ୍ଷଣି ସେ ଅସହିଷ୍ଣୁ ସ୍ୱରରେ କହିଲେ-ମୋତେ କ'ଣ ପାଇଁ ଡ଼ାକୁଛ ? ମୁଁ କହିଲି-ଛାତ୍ର ଓ ଯୁବକମାନଙ୍କର ମତାମତ ଆପଣ ଶୁଣିବେ ଏବଂ ଆପଣଙ୍କ ମତାମତ କହିବେ । ସେତିକିବେଳେ ଅନ୍ୟତମ ମନ୍ତ୍ରୀ ବିଦ୍ୟାଧର ମହାପାତ୍ର ଆସିପହଞ୍ଚିଲେ । ପ୍ରଧାନମନ୍ତ୍ରୀ ତାଙ୍କୁ କହିଲେ-ଏମାନେ ବିପଥଗାମୀ, ଏମାନଙ୍କୁ କ'ଣ ବୁଝାଇବି ? ତା'ପରେ ମୋତେ କହିଲେ- ତମେ ରାଜାଙ୍କ ବିରୁଦ୍ଧରେ କହୁଛ, ଶାସନ ବିରୁଦ୍ଧରେ ବକ୍ତୃତା ଦେଉଛ, ସମାଜବାଦ ବିଷୟରେ କହୁଛ...ସମାଜବାଦ କ'ଣ ଜାଣ ? ମୁଁ କହିଲି- ମୁଁ ଛାତ୍ର, ସମାଜବାଦ ବିଷୟରେ ଅଧ୍ୟୟନ କରୁଛି ମାତ୍ର । ଏହାର ନୀତି ମୋତେ ଆକୃଷ୍ଟ କରିଛି... । ସେ କ୍ଷୁର୍ଣ୍ଣ ହୋଇ କହିଲେ ମୁଁ ଯିବି ନାହିଁ, କୌଣସି ମନ୍ତ୍ରୀ ଯିବେ ନାହିଁ, ତମେ ଯାଇପାର... ।

ମୁଁ ଚାଲିଆସିଲି ଏବଂ ଏ ସମ୍ବନ୍ଧରେ ପରେ ଆଲୋଚନା କରି ପୁରୀ ଚାଲିଆସିଲି । ଏ ମଧ୍ୟରେ ମୋ ବାପା ବିଶ୍ୱେଶ୍ୱର ହୋତା ମିଶ୍ରଣ ସପକ୍ଷରେ ଥିବା କଂଗ୍ରେସ ପକ୍ଷରୁ ନାଏବ ସରପଞ୍ଚ ହେଲେ । ତା'ର କେତେ ମାସ ପରେ ସେ ସରପଞ୍ଚ ହେଲେ । ଆମର ଗୋଟିଏ ଲୁଗା ଦୋକାନ ଥିଲା ଏବଂ ସେଥିରେ କଣ୍ଟ୍ରୋଲ ଦରରେ ମଧ୍ୟ ଲୁଗା ବିକ୍ରି ହେଉଥିଲା ।

Digitized by srujanika@gmail.com

ପ୍ରଶାସନ ଲାଗିଲା ତାଙ୍କ ପଛରେ । ମୋର ଜଣେ ସମ୍ପର୍କୀୟଙ୍କ ଜରିଆରେ ମୋ ବାପାଙ୍କୁ ତାଗିଦ୍ କରିଦେଇ କୁହାଗଲା ଯେ, ଯଦି ତମ ପୁଅ ମିଶ୍ରଣ ଆନ୍ଦୋଳନରୁ ନିବୃତ ନହୁଏ ପରିଣାମ ଖରାପ ହୋଇପାରେ । ବାପା ଏସବୁ ଶୁଣି କହିଲେ- ପୁଅ ଯାହା କରୁଛି ଠିକ୍ କରୁଛି ବୋଲି ମୁଁ ଭାବୁଛି ।

ଏହାର କେତେ ସପ୍ତାହ ପରେ ମୁଁ ଜରୁରୀ ଚିଠି ପାଇ ଘରକୁ ଗଲି । ସେତେବେଳକୁ କଣ୍ଟ୍ରୋଲ ଲୁଗାଦୋକାନ ପରମିଟକୁ ବାତିଲ କରାଯାଇଥିଲା ଏବଂ ବାପାଙ୍କୁ ସରପଞ୍ଚ ପଦରୁ ମଧ୍ୟ ବହିଷ୍କାର କରାଯାଇଥିଲା । ମତେ ଦେଖି ସେ କହିଲେ- ସେମାନେ ଏତେ ଦୂର ଆଗେଇବେ ବୋଲି ମୁଁ ଜାଣି ନଥିଲି, ଅଥଚ ଏଇ ଶରତ ବାବୁଙ୍କୁ ଆମେ ଗାନ୍ଧୀବୋଲି କହୁଥିଲୁ, ସେ ଏ ରାଜ୍ୟର ବଡ଼ କଂଗ୍ରେସ ନେତା । ଯାହା କ୍ଷତି ହେବାର ହେଲା । ବିନ୍ଦୁ ମୂଲ୍ୟରେ କୌଣସି ମହତ୍ ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ । ମୁଁ କଷ୍ଟ ସହିବାକୁ ପ୍ରସ୍ତୁତ । ତୁ ତୋ କାର୍ଯ୍ୟ କରି ଯା.... । କିନ୍ତୁ ମୁଁ ଏହାର ପ୍ରତିବାଦ କରିବି । ତା ପରଦିନ ଭୋର ପାଞ୍ଚଟାରେ ସୂର୍ଯ୍ୟୋଦୟ ପୂର୍ବରୁ ସେ ବାରିପଦା ବାହାରିଲେ ପଦଯାତ୍ରାରେ । ଚଉଦ ମାଇଲ ରାସ୍ତା ସାଢ଼େ ଚାରିଘଣ୍ଟାରେ ଅତିକ୍ରମ କରି ସେ ପହଞ୍ଚିଲେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ । ବୈଶାଖ ମାସ ଶେଷାର୍ଦ୍ଧ । ପ୍ରଧାନମନ୍ତ୍ରୀ ଯାଇଥିଲେ ଗସ୍ତରେ । ବାପା ଅପେକ୍ଷା କରିବାକୁ ଶ୍ରେୟସ୍କର ମଣିଲେ । ସେ ସଂକଳ୍ପ କରି ଘରୁ ବାହାରିଥିଲେ ଦେଖା କରି ପଚାରିବା ପାଇଁ- ଦେଶ ପାଇଁ କଂଗ୍ରେସର ଆଦର୍ଶ ପାଇଁ କାମ କରିବା କ'ଣ ଅନିଷ୍ଟକର ? ପୁଅ ଛାତ୍ରନେତା ଭାବରେ ମିଶ୍ରଣ ସପକ୍ଷରେ ପ୍ରଚାର କରିବା କ'ଣ ଦୋଷାବହ ? ମତପ୍ରକାଶର ଅଧିକାର ରହିବ ନାହିଁ ଗଣତନ୍ତ୍ରରେ ? ଗାନ୍ଧିଜୀଙ୍କ ଶିଷ୍ୟ କହି ସେ ଏପରି କରିବା ଅନ୍ୟାୟ ନୁହେଁ କି ? କିନ୍ତୁ ଏସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ନଥିଲେ ପ୍ରଧାନମନ୍ତ୍ରୀ । ସେ ଫେରିଲେ ପ୍ରାୟ ଗୋଟାଏ ବେଳକୁ । ଘର ବାହାରେ ଛିଡ଼ା ହୋଇ ଅପେକ୍ଷା କରୁଥିଲେ ବାପା । ଗମ୍ ଗମ୍ ଝାଳ ବହିଯାଉଥାଏ ଦେହରୁ । ଭୋକ ଓ ଶୋଷରେ ଅବସନ୍ନ ଲାଗୁଥାଏ ଦେହ । ସକାଳେ ଅଭୁକ୍ତ ଘରୁ ବାହାରିଥିଲେ ସଂକଳ୍ପ କରି । ପ୍ରତିପକ୍ଷ ପ୍ରବଳ ପରାକ୍ରମୀ । ଆଧ୍ୟାତ୍ମିକ ବଳ କେବଳ ବାପାଙ୍କ ପକ୍ଷରେ । ଆଜୀବନ ଦେବୀ ଭୁବନେଶ୍ୱରୀଙ୍କ ଆରାଧନା କରି ଦଶମାସନିରବଚ୍ଛିନ୍ନ ଭାଗବତ ପାରାୟଣ ପରେ ମୋତେ ପୁଅ ଭାବରେ ପାଇ ସେ ଅବିଚାର ସହ୍ୟ କରିବା ପାଇଁ ପ୍ରସ୍ତୁତ ନଥିଲେ ।

ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ ଗାଡ଼ିରୁ ଓହ୍ଲାଇବା ମାତ୍ରେ ପରିଚୟ ଦେଇ ବାପା କହିଲେ- ମୋର କିଛି କହିବାର ଅଛି, ଆଜ୍ଞା ହେଲେ କହିବି... । 'ମୁଁ ସବୁ ଜାଣିଛି... ଆଉ ଅଧିକ କ'ଣ କହିବ ? ତମ ପୁଅର କୁକୀର୍ତ୍ତି ପାଇଁ ତମ ସରପଞ୍ଚ ପଦ, କଣ୍ଟ୍ରୋଲ ଦୋକାନ ଯାଇଛି । ପୁଅକୁ ରାସ୍ତାକୁ ଆଣ, ପୁଣି ସବୁ ଫେରି ପାଇବ ।' -କହିଲେ ପ୍ରଧାନମନ୍ତ୍ରୀ । ବାପା କହିଲେ- ସେ କିଛି ଅନ୍ୟାୟ କରୁନି । ସେ ସାବାଳକ । ମୁଁ ତାକୁ ବାଧ କରିପାରିବି ନାହିଁ । ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ କହିଲେ- ତମେ ଯାଇପାର,

Digitized by srujanika@gmail.com

ତମ ସହିତ ତର୍କ କରିବା ପାଇଁ ସମୟ ନାହିଁ ମୋ ହାତରେ । ସେ ଘର ଭିତରକୁ ପଶିଯାଉଥିବା ବେଳେ ହଠାତ୍ ମୋ ବାପାଙ୍କ ତୁଣ୍ଡରୁ ବାହାରିଗଲା- ମୋ ପ୍ରତି, ମୋ ପରିବାର ପ୍ରତି ଅନ୍ୟାୟ, ଅବିଚାର କରିଛନ୍ତି ଆପଣ । ଏହାର ଦଣ୍ଡ ପାଇବେ ନିଶ୍ଚୟ । ତିନି ପକ୍ଷ, ତିନିମାସ ବା ତିନିବର୍ଷ ମଧ୍ୟରେ ଏ ରାଜୁତି ରହିବ ନାହିଁ, ଆପଣ ମଧ୍ୟ ନଥିବେ । ବାପା ଏତକ କହି ବୁଲି ପଡ଼ିବା କ୍ଷଣି ଶରତ ଦାସ ଆଗେଇ ଆସି କହିଲେ- ନନା ! ଏତେ ବଡ଼ ଅଭିଶାପ ଦେଲ । ବାପା କହିଲେ- ମୁଁ ନିର୍ଦ୍ଦୋଷ, ମୋ ପୁଅ ନିର୍ଦ୍ଦୋଷ... ନିର୍ଦ୍ଦୋଷ କୋଉ ଆଇନ୍ ବଳରେ ଦଣ୍ଡ ପାଏ... ? ମୋ ହୃଦୟ ଯାହା କହିଲା ତୁଣ୍ଡ ଦେଇ ବାହାରି ଗଲା । କିଏ ଜାଣିଥିଲା ଯେ, ଏହାର ଛଅ ମାସ ସାଢ଼େ ଛଅ ମାସ ପରେ ଜାନୁଆରୀ ୧୯୪୯ରେ ମୟୂରଭଞ୍ଜ ଓଡ଼ିଶାରେ ମିଶିଯିବ ଏବଂ ଆଉ କେତେ ମାସ ପରେ ଶରତ ଦାସଙ୍କ ହଠାତ୍ ମୃତ୍ୟୁ ହେବ ? ବାପା ଏ ଖବର ଶୁଣି ମୋତେ କହିଲେ- ଦୁଃଖ ଲାଗୁଛି, ଅନୁତାପ ଆସୁଛି... କାହିଁକି ସେଦିନ ସେପରି କହିଦେଲି... । ଭଗବାନ ଶେଷରେ ତାଙ୍କୁ ଏଇ ଶାସ୍ତି ଦେଲେ ।

ଏତେଦିନ ପରେ ଏସବୁ ସତ୍ତ୍ୱେ ଲେଖକ ମୟୂରଭଞ୍ଜ ଗାନ୍ଧୀ ପୂର୍ବତନ ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ଗଭୀର ଶ୍ରଦ୍ଧା ଓ ପୁଷ୍ପାଞ୍ଜଳି ଅର୍ପଣ କରୁଛି । ମୟୂରଭଞ୍ଜରେ କଂଗ୍ରେସର ଓ ଗାନ୍ଧିଜୀଙ୍କ ବାର୍ତ୍ତା ପ୍ରଚାର କରିବାରେ ତାଙ୍କର ଅବଦାନ ଅତୁଳନୀୟ ।

Digitized by srujanika@gmail.com

ସେମାନେ ଗଲେ କୁଆଡ଼େ ?

ବାରିପଦାରୁ ପୁରୀ ଆସିବା ପାଇଁ ସେତେବେଳେ ଜାତୀୟ ରାଜପଥ ନଥିଲା । ବାରିପଦାରୁ ବାଲେଶ୍ୱର ମଧ୍ୟରେ ଗୋଟିଏ ବସ ଚଳାଚଳ କରୁଥିଲା । ୧୯୪୬ରେ ବାରିପଦା ହାଇସ୍କୁଲରୁ ମ୍ୟାଟ୍ରିକ ପାସ୍ କରିବା ପରେ କଲେଜରେ ପଢ଼ିବା ପାଇଁ ବାପା କହିଲେ । ମୁଁ ଓ ମୋ ଭାଇ ଅକ୍ଷୟ ତା ବାପାଙ୍କ (ମୋ କକେଇ) ଦାୟିତ୍ୱରେ ଗାଁ ଷ୍ଟେସନ ବୁଢ଼ାମରାରୁ ଛୋଟଗାଡ଼ି ଚଢ଼ି ବାରିପଦାରୁ ଗାଡ଼ି ବଦଳ କରି ରୂପସାରେ ପହଞ୍ଚିଲୁ ସନ୍ଧ୍ୟାରେ । ସେଠାରୁ ପୁରୀ ପାସେଞ୍ଜରରେ ଉଠିଲୁ । ବଡ଼ଗାଡ଼ିରେ ବସିବା ତାହାଥିଲା ଦ୍ୱିତୀୟ ସୁଯୋଗ । ଅଷ୍ଟମ ଶ୍ରେଣୀରେ ପଢୁଥିଲା ବେଳେ ଥରେ ଢେଙ୍କାନାଳ ଯାଇଥିଲି ଗୋଟିଏ ବାହାଘରରେ ଯୋଗଦେବା ପାଇଁ । ରଥଯାତ୍ରା ସମୟ । ପ୍ରବଳ ଭିଡ଼ ଟ୍ରେନରେ । ବାରିପଦାରୁ ଆମ ସହିତ ସୁରେନ୍ଦ୍ର ନାୟକ ଓ ତା ଭାଇ ଆସିଥିଲେ । ତୃତୀୟ ଶ୍ରେଣୀ ଡ଼ବାରେ ଉଠିବା ସମ୍ଭବ ହେଲାନାହିଁ । କକେଇ ଗୋଟିଏ ପ୍ରଥମ ଶ୍ରେଣୀ ଡ଼ବା ଖାଲି ଥିବା ଦେଖି ଉଠେଇ ଦେଲେ ତା ଭିତରକୁ । ଡ଼ର ଲାଗୁଥାଏ ତୃତୀୟ ଶ୍ରେଣୀ ଟିକଟ କରି ପ୍ରଥମ ଶ୍ରେଣୀ ଡ଼ବାରେ ଚଢ଼ି ଥିବାରୁ । କକେଇ ଭରସା ଦେଇ କହିଲେ, ଟିଟିଇ ଆସୁ... ତା କଥା ମୁଁ ବୁଝିବି । କିଛି ସମୟ ପରେ ଆଉ ଗୋଟେ ଷ୍ଟେସନରେ ଟିଟିଇ ଆସିଲା ଆମ ଡ଼ବାକୁ । କକେଇ ତା ସହିତ କଥାଭାଷା କରି ତା ହାତକୁ ଦେଲେ କିଛି ଟଙ୍କା । ବାଘ ପରି ଗର୍ଜନ କରି କରି ସେ ଆସିଥିଲା, ପୁସି ବିଲେଇ ପରି ଲାଙ୍ଗୁଡ଼ ଜାକି ଚାଲିଗଲା ।

ସେତେବେଳେ ବାରିପଦାରେ କଲେଜ ପ୍ରତିଷ୍ଠିତ ହୋଇ ନଥିଲା । ୧୯୪୮ରୁ ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ନାମରେ କଲେଜ ପ୍ରତିଷ୍ଠିତ ହେଲା ସେଠାରେ । କଟକରେ ଓହ୍ଲାଇ ରେଭେନ୍‌ସାକୁ ଗଲୁ । ମୋ ଭାଇ ଅକ୍ଷୟ ସାଇନ୍‌ସରେ ଏଡ଼୍‌ମିସନ ନେଲା । ମୁଁ ଆର୍ଟସ ପଢ଼ିବା ଲାଗି ସ୍ଥିର କରିଥିଲି । ଆର୍ଟସରେ ହଷ୍ଟେଲରେ ଜାଗା ମିଳିବାର ଆଶା ଉଜ୍ଜ୍ୱଳ ନଦେଖି ମୁଁ, ସୁରେନ୍ଦ୍ର ଓ ତା'ଭାଇ ସହିତ ପୁରୀ ଚାଲିଗଲୁ । ବାଟରେ ଚିହ୍ନା ହେଲା ମୟୂରଭଞ୍ଜର ଆଉ ଜଣେ ଛାତ୍ର ଶାରଦା ପ୍ରସାଦ ପଣ୍ଡା ସହିତ । ପୁରୀରେ ଆମେ ସମ୍ପୂର୍ଣ୍ଣ ନୂଆ । ଚିହ୍ନା ପରିଚୟ ନାହିଁ । ଧର୍ମଶାଳାରେ ରହିବା ବ୍ୟତୀତ ଅନ୍ୟ ବିକଳ୍ପ ନଥିଲା । ଶାରଦା

Digitized by srujanika@gmail.com

ଗୋଟେ ଚିଠି ଆଣିଥିଲା । ପୁରୀଜିଲା ସ୍କୁଲରେ ଡ୍ରଇଂ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା ଚିତ୍ରଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ପାଇଁ । ସେ ମୟୂରଭଞ୍ଜ ରେ ଚିଠି ପଢ଼ି କହିଲେ ଧର୍ମଶାଳାରେ ରହିବ କାହିଁକି ମୋ ଘରକୁ ଚାଲିଆସ । ସେ ହେରାଗୌରୀ ସାହିରେ ଭଡ଼ାଘରେ ରହୁଥିଲା । ଛୋଟଘର । ବାରଣ୍ଡାଟା ଛାଡ଼ିଦେଲେ ଆମକୁ । ଗୋଟେ ତକ୍ତପୋଶକୁ ଆଶ୍ରୟ କରି ଆମେ ରହିଗଲୁ ସେଠାରେ ।

ସେତେବେଳେ ସାମନ୍ତ ଚନ୍ଦ୍ରଶେଖର କଲେଜର ପ୍ରିନ୍‌ସିପାଲ ଭାବରେ କାର୍ଯ୍ୟ କରୁଥାନ୍ତି ସୁନାମଧନ୍ୟ ଅଧ୍ୟାପକ ଓ ଲେଖକ ଗିରିଜାଶଙ୍କର ରାୟ । ଏଡ଼ମିସନ୍ ହୋଇଗଲା । ତାଙ୍କୁ ସାକ୍ଷାତ କରି ନିବେଦନ କଲୁ ହଷ୍ଟେଲ ସିଟ୍ ପାଇଁ । ଅଧ୍ୟାପକ ରାମଚନ୍ଦ୍ର ଦାଶ ସ୍ୱତଃ ପ୍ରବୃତ ହୋଇ ତାଙ୍କୁ ଆମ ସମ୍ପର୍କରେ କହିଲେ । ଅଧ୍ୟକ୍ଷ କହିଲେ ମହାବୀର ଧର୍ମଶାଳାକୁ ହଷ୍ଟେଲ କରିବା ପାଇଁ ଚେଷ୍ଟା କରୁଛି । ଟିକେ ଅପେକ୍ଷା କର । ରଥଯାତ୍ରା ପରେ ମହାବୀର ଧର୍ମଶାଳା ହଷ୍ଟେଲ ପାଇଁ ନିଆଗଲା । ଆମେ ଓ ଆଉ ୩୦/୩୨ ଜଣ ଛାତ୍ର ସ୍ଥାନ ପାଇଲୁ ସେଠାରେ । ସେଇ ହଷ୍ଟେଲ ପଛରେ ଗୋଟିଏ ପୁଷ୍କରିଣୀ ବିଲାତି ଦଳରେ ଭର୍ତ୍ତି । ଦିନେ ଆଚାର୍ଯ୍ୟ ହରିହର ସକାଳେ ଆସି ପହଞ୍ଚିଲେ ହଷ୍ଟେଲରେ । ପିଲାମାନଙ୍କୁ ଏକତ୍ର କରି କହିଲେ-ପଛରେ ପୋଖରୀ ଅବସ୍ଥା ଦେଖିଥିବ । ବଡ଼ ଅସ୍ୱାସ୍ଥ୍ୟକର ପରିବେଶରେ ଅଛି । ମଶାମାଛିର କେନ୍ଦ୍ର । ଜଳ ଦୂଷିତ ହୋଇ ଯାଇଛି । ସେଇ ପାଣି ଲୋକମାନେ ବ୍ୟବହାର କରନ୍ତି । ତମେ ସମସ୍ତେ ହାତ ଲଗାଇଲେ ଦଳ ସଫା ହୋଇ ପାରିବ । ପରିବେଶ ବଦଳିଯିବ । ଭଲ କାମ କିଛି କର । ତାଙ୍କ ନାମ ଶୁଣିଥିଲୁ, ଦେଖି ନଥିଲୁ । ବଡ଼ ସ୍ନେହୀ ମଣିଷ । ଅନନ୍ୟ ବ୍ୟକ୍ତିତ୍ୱ । ପରକୁ ଆପଣାର କରିବା ଶକ୍ତି ତାଙ୍କର ହସରେ ବିଦ୍ୟମାନ । କେହି ମନା କରିପାରିଲେ ନାହିଁ । ଆମେ ଏକ ସ୍ୱରରେ ରାଜି ହୋଇଗଲୁ ।

ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଥାଆନ୍ତି ଅଧ୍ୟାପକ ବୈଦ୍ୟନାଥ ମିଶ୍ର । ସ୍ୱର୍ଗତ ରାୟସାହେବ ବିଶ୍ୱମ୍ଭର ମିଶ୍ରଙ୍କ ପୁତ୍ର । ବିଶ୍ୱମ୍ଭର ବାବୁ ହେଡ଼ମାଷ୍ଟର ଥିଲେ ବାରିପଦାରେ । ସାରା ଓଡ଼ିଶାରେ ଦକ୍ଷ ହେଡ଼ମାଷ୍ଟର ଭାବରେ ସୁନାମ ଅର୍ଜିଥିଲେ । ବୈଦ୍ୟନାଥ ବାବୁ ପିଲାମାନଙ୍କ ଭଲ ମନ୍ଦ ବୁଝୁଥିଲେ । ପଢ଼ାପଢ଼ିରେ ସାହାଯ୍ୟ କରୁଥିଲେ । ପିଲାମାନଙ୍କ ସହିତ ସମ୍ପର୍କ ଥିଲା ନିବିଡ଼ । ଛଅମାସ ପରେ ହଷ୍ଟେଲ ଉଠିଗଲା ପାଥରପୁରୀକୁ । ଅଧ୍ୟାପକ ଦୟାନିଧି ମହାପାତ୍ର ଓ ଅଧ୍ୟାପକ ରାଜେନ୍ଦ୍ର ଦାସ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିଲେ । ମୋର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ଦିନେ ଦିନେ ମୁଢ଼ି ଦୁଇ ପଇସାର ଖାଇବା ସମ୍ଭବ ହେଉ ନଥିଲା । ସେମାନେ କେମିତି ଜାଣି ପାରୁଥିଲେ କେଜାଣି ପାଞ୍ଚଟା ବେଳେ ମିଠା ଓ ସିଙ୍ଗଡ଼ା ନେଇ ଜଳଖିଆ ଦୋକାନୀ ଆସିଲେ ମୋତେ ଆଗ ଦେବାକୁ କହି ପଛେ ନିଜେ ନେଉଥିଲେ । ଥରେ ଇତିହାସ ଛାତ୍ରମାନଙ୍କ ପାଟଣା, ଗୟା, ବୁଦ୍ଧଗୟା, ରାଜଗିରି ବୁଲିଯିବା

Digitized by srujanika@gmail.com

ପାଇଁ ବ୍ୟବସ୍ଥା ହେଲା । ରାଜେନ୍ଦ୍ର ବାବୁ ଇତିହାସର ଅଧ୍ୟାପକ । ସେ ଏକ୍ସକରସନର ନେତୃତ୍ୱ ନେଇ ଥାଆନ୍ତି । ମୋତେ ପାଖକୁ ଡ଼ାକି କହିଲେ- ଯିବ । ମୁଁ କହିଲି, ସାର ! ମୁଁ ତ ଇତିହାସର ଛାତ୍ର ନୁହେଁ । ସେ କହିଲେ ସେଥିରେ କିଛି ଯାଏ ଆସେ ନାହିଁ । ତମେ ଚାଲ । ମୁଁ ସମସ୍ୟାରେ ପଡ଼ିଗଲି । ଗାଡ଼ିଭଡ଼ା ସିନା କଲେଜ ଦବ, ଅନ୍ୟାନ୍ୟ ଖର୍ଚ୍ଚ ? ମୋ ପାଖରେ ଟଙ୍କା ନଥିଲା । ମୁଁ ଅଧ୍ୟାପକଙ୍କୁ ଲଜ୍ଜିତ ହୋଇ କହିଲି- ସାର, ମୋତେ କ୍ଷମା କରନ୍ତୁ, ମୋର ଯିବା ସମ୍ଭବ ହେବ ନାହିଁ । ସେ କହିଲେ, ତମର ଅସୁବିଧା ମୁଁ ଜାଣେ, ମୁଁ ତମ ଖର୍ଚ୍ଚ ଦେବି । ତମେ ପ୍ରସ୍ତୁତ ହୁଅ । ତାଙ୍କରି ସାହାଯ୍ୟରେ ଯାଇ ପାଟନା, ଗୟା, ବୁଦ୍ଧଗୟା, ରାଜଗିରି ମୁଁ ବୁଲି ଆସିଲି । ବୁଦ୍ଧ ଓ ବୌଦ୍ଧଧର୍ମ ସମ୍ପର୍କରେ, ପାଟଳିପୁତ୍ରର ଇତିବୃତ୍ତି ଓ ଗୟାର ମାହାତ୍ମ୍ୟ ସମ୍ପର୍କରେ ଅଧ୍ୟାପକ ଦାସ ଆମକୁ ଅନେକ ବିଷୟ ବୁଝାଇ ଦେଲେ ।

ଛାତ୍ର ରାଜନୀତିରେ ଯୋଗଦେଲି ମୁଁ । ପ୍ରଥମବର୍ଷ କଲେଜ ୟୁନିୟନ କାର୍ଯ୍ୟନିର୍ବାହୀ ସମିତିକୁ ନିର୍ବାଚିତ ହେଲି । ଦ୍ୱିତୀୟ ବର୍ଷ ସହକାରୀ ସେକ୍ରେଟାରୀ ହେଲି । ତୃତୀୟ ବର୍ଷ ହେଲି ସେହି କଲେଜ ୟୁନିୟନର ସମ୍ପାଦକ, ଚତୁର୍ଥ ବର୍ଷ ଉପସଭାପତି ଓ ପରେ ସଭାପତି ଅଳ୍ପ ସମୟ ପାଇଁ । ଛାତ୍ର କଂଗ୍ରେସରେ ଥିଲି ମୁଁ । କଲେଜ ୟୁନିୟନ ନିର୍ବାଚନରେ ପୋଷ୍ଟର ଓ ସ୍ଲୋଗାନ ଲେଖିବା ମୋର କାମ । ବିପକ୍ଷରେ ଅଖିଳ ମୋହନ ପଟ୍ଟନାୟକ । ଏକା ହଷ୍ଟେଲରେ ଥିଲୁ । ସେ ଥିଲେ ମୋର ସିନିଅର । ମୁଁ ଛାତ୍ର କଂଗ୍ରେସ ଓ ସେ ଷ୍ଟୁଡେଣ୍ଟ ଫେଡ଼େରେସନରେ ଥିଲେ ମଧ୍ୟ ଆମ ଦୁହିଙ୍କ ମଧ୍ୟରେ ଥିଲା ସୁସମ୍ପର୍କ । ପରେ ଆଇନ ପଢ଼ିବା ବେଳର ମୋର ସହପାଠିନୀ ଆନନ୍ଦା ପଟ୍ଟନାୟକଙ୍କୁ ସେ ବିବାହ କରିବା ପରେ ତାହା ଆହୁରି ସୁଦୃଢ଼ ହୋଇଥିଲା । ଗୋଟିଏ କୋଠରୀରେ ଆମେ ରହୁଥିଲୁ ଚାରିଜଣ- କ୍ଷେତ୍ରମୋହନ ସୁବୁଦ୍ଧି(ପରେ ସବ୍‌ଜଜ୍), ଜଗତ ମୋହନ ସୁବୁଦ୍ଧି(ଆମେରିକାର ବିଖ୍ୟାତ ସର୍ଜନ) ଓ ଚନ୍ଦ୍ରଶେଖର ଦଳବେହେରା । ପାଖ କୋଠରୀରେ ଅଖିଳ ବାବୁ, ଅନ୍ତର୍ଯ୍ୟାମୀ କଲିଆ । କ୍ଷେତ୍ରମୋହନ ଓ ଜଗତ୍ ଦୁଇ ଭାଇ । ସେମାନଙ୍କ ଘରୁ ବା ଚନ୍ଦ୍ରଶେଖର ଘରୁ ବରାବର ପିଠାପଣା ଚୁଡ଼ା, କଦଳୀ ଆସୁଥିଲା ଏବଂ ସେଥିରେ ଥିଲା ମୋର ସମାନ ଭାଗ ।

ପ୍ରଥମ ସ୍ୱାଧୀନତା ଦିବସ ଆସିଲା । ଛାତ୍ରମାନଙ୍କର ହର୍ଷୋଲ୍ଲାସରେ ଜମି ଉଠିଲା ଶିକ୍ଷାୟତନ । ପୁରୀ ବଡ଼ଦାଣ୍ଡରେ ସାରା ରାତି କଟିଗଲା । ପଣ୍ଡବାବୁ(ଲୋକନାଥ ମିଶ୍ର) ଓ ଗଙ୍ଗାଧର ମହାପାତ୍ର ସେତେବେଳେ କଂଗ୍ରେସ ନେତା ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଲେ । ସେତେବେଳେ ପୁରୀ କଲେଜର ଅଧ୍ୟକ୍ଷ ଡ଼କ୍ଟର ଗୋଲକ ବାନାର୍ଜୀ । ପଦାର୍ଥବିଜ୍ଞାନୀ । ଗମ୍ଭୀର ପ୍ରକୃତିର ଲୋକ । କିନ୍ତୁ ଛାତ୍ର ବତ୍ସଳ ଓ ସରଳ ଗିରିଜାବାବୁଙ୍କ ପରି । ଦୁହିଙ୍କର

Digitized by srujanika@gmail.com

ଅଗାଧ ପାଣ୍ଡିତ୍ୟ । ପିଲାମାନେ ହଷ୍ଟେଲରେ ଭୋଜିକଲେ ସ୍ୱାଧୀନତା ଦିବସ ଉପଲକ୍ଷେ । ସବୁ ଅଧ୍ୟାପକ ଓ ଅଧକ୍ଷ ଯୋଗ ଦେଇଥିଲେ ସେଥିରେ । ପୁରୀର ଆକାଶ ଆତସବାଜୀର ଶୋଭାରେ ଚିତାକର୍ଷକ ହେଉଥିଲା ସ୍ୱାଧୀନତାର ଚେତନାରେ ।

ଦ୍ୱିତୀୟ ବର୍ଷର ଛାତ୍ର ଥିଲାବେଳେ ଟାଇଫଏଡ ହେଲା । ହସପିଟାଲରେ ମାସେ ଥିଲି । ସେତେବେଳେ ୱାର୍ଡଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ମନେ ରଖିବା ଭଳି । ସିଭିଲ ସର୍ଜନ ଡାକ୍ତର ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ଓ ଡାକ୍ତର ଶ୍ରୀତିକଣ୍ଠ ମିଶ୍ର ପ୍ରତ୍ୟେକ ଦିନ ସକାଳେ ୱାର୍ଡ ବୁଲି ଦେଖୁଥିଲେ । ରୋଗୀମାନଙ୍କ ଖବର ବୁଝୁଥିଲେ । ଡାକ୍ତର ଓ ନର୍ସ ଏବଂ ରୋଗୀମାନଙ୍କ ମଧ୍ୟରେ ଗଢ଼ି ଉଠୁଥିଲା ସୁ ସମ୍ପର୍କ । ମୋର ମନେ ଅଛି ହସ୍ପିଟାଲର ଷ୍ଟାଫନର୍ସମାନଙ୍କର ସ୍ନେହମମତା । ମୋ ପାଖେ ପାଖେ ସବୁବେଳେ ଜଗି ବସୁଥିଲେ ଦୁଇଜଣ ଛାତ୍ର । ପ୍ରାଣନାଥ ମହାନ୍ତି, ନିକୁଂଜ କିଶୋର କାନୁନ୍‌ଗୋ ଓ ଅନ୍ୟମାନେ । ସେମାନେ ଜୁନିୟର । ସିନିୟରମାନଙ୍କ ପ୍ରତି ଅପୂର୍ବ ଶ୍ରଦ୍ଧା ଓ ସ୍ନେହ ଏବେ ଯାହା ଦୁର୍ଲଭ ।

ଆଇ.ଏ. ପାସ କରି ବି.ଏ. ପଢ଼ିଲି ସେହି ପୁରୀ କଲେଜରେ । ବି.ଏ.ରେ ଅନର୍ସ ନେଇଥିଲି ଅର୍ଥଶାସ୍ତ୍ରରେ । ସେତେବେଳେ ଅର୍ଥଶାସ୍ତ୍ର ସହିତ ରାଜନୀତି ବିଜ୍ଞାନ ବି କୋର୍ସରେ ଥିଲା । ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ, ଅଧ୍ୟାପକ ମୃତ୍ୟୁଞ୍ଜୟ ମହାପାତ୍ର, କେ.ଭି.କେ. ରାଓ, ଡକ୍ଟର ହରେକୃଷ୍ଣ ମିଶ୍ର, ଆଇ.ଏ. ଓ ବି.ଏ. ରେ ଅର୍ଥନୀତି ଓ ରାଜନୀତି ପଢ଼ାଉଥିଲେ । ସମସ୍ତେ ଛାତ୍ରବତ୍ସଳ, ଗୁଣୀ । ଇଂରାଜୀ ପଢ଼ାଉଥିଲେ ଗିରିଜାଶଙ୍କର ରାୟ, ଅଧ୍ୟାପକ ଓବ୍ରାୟନ, ଅଧ୍ୟାପକ ଦେ, ଅଧ୍ୟାପକ ଜୟରମଣ ଓ ସର୍ବେଶ୍ୱର ଦାଶ । ଓଡ଼ିଆ ପଢ଼ାଉଥିଲେ ଅଧ୍ୟାପକ ରାଜକିଶୋର ରାୟ ଓ ଶାନ୍ତି ଦେବୀ ପ୍ରଭୃତି । ସେତେବେଳେ ପୁରୀ କଲେଜରେ ବହୁ ପ୍ରବୀଣ ଅଧ୍ୟାପକ ଥିଲେ । ଛାତ୍ରଛାତ୍ରୀମାନଙ୍କୁ ନିୟମିତ ଭାବରେ ଟିଉଟୋରିଏଲ୍ କ୍ଲାସରେ ପଢ଼ାଉଥିଲେ । ଘରକୁ ଡାକି ନେଇ ପାଠ କହି ଦେଉଥିଲେ, ଅଭାବ ଅସୁବିଧାରେ ସାହାଯ୍ୟ କରୁଥିଲେ । ସେଠାରେ ଆଇ.ଏ. ପଢୁଥିଲା ବେଳେ ଜିଲ୍ଲା ସ୍କୁଲର ହେଡମାଷ୍ଟର ଥିଲେ କବି ବୈକୁଣ୍ଠ ପଟ୍ଟନାୟକ । ସୁନନ୍ଦା(ପରେ ବିଖ୍ୟାତ ଗାୟିକା) ସେତେବେଳେ ହାଇସ୍କୁଲର ଛାତ୍ରୀ ।

ପୁରୀ କଲେଜର ଛାତ୍ରମାନେ କିପରି ବିଶ୍ୱ ବିଦ୍ୟାଳୟ ପରୀକ୍ଷାରେ ଭଲ ଫଳ କରନ୍ତୁ ଏହା ଥିଲା ଅଧ୍ୟାପକଙ୍କର ଲକ୍ଷ୍ୟ । ପରୀକ୍ଷାରେ ସୁନାମ ଅର୍ଜନ କଲେ ସେହି ବିଭାଗର ସୁନାମ ବଢ଼ିବ । ଚତୁର୍ଥ ବାର୍ଷିକ ଶ୍ରେଣୀର ଛାତ୍ର ଥିଲାବେଳେ ଆମେ କ୍ଲାସରେ ଭଲ କରିଥିଲୁ ବୋଲି ଅଧ୍ୟାପକ ହରେ କୃଷ୍ଣ ମିଶ୍ର ମତେ, ବଳଭଦ୍ର ଦାସ (ପରେ ପ୍ରିନ୍‌ସିପାଲ୍) ଓ ସଦାଶିବ ମିଶ୍ର(ପରେ ସବ୍‌ଜଜ୍)ଙ୍କୁ କହିଲେ ଟିୟୁସନ ପଢ଼ିବା ପାଇଁ । ସଦାଶିବଙ୍କୁ ଛାଡି ଆମେ ଦୁହେଁ ଥିଲୁ ଗରିବ ଛାତ୍ର । ଟଙ୍କା ଦବାର ସମ୍ବଳ ନଥାଏ । ହରେକୃଷ୍ଣ ବାବୁ ଭର୍ତ୍ସନା କରି କହିଲେ-

Digitized by srujanika@gmail.com

ମୁଁ ଟଙ୍କା ନେବି ? ଏକଥା ଭାବି ପାରୁଛ ? ତୁମେ ତିନିଜଣ ପ୍ରତିଦିନ ସକାଳେ ଆସିବ । ଦୁଇ ଘଣ୍ଟା ପଢ଼ାଇବି । ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଭଲ ଫଳ କର ଯେପରି । ଆମେ ଚାରି ଛଅ ମାସ ପ୍ରତିଦିନ ଯାଉଥିଲୁ ତାଙ୍କ ଘରକୁ ପଢ଼ିବା ପାଇଁ । ଟ୍ୟୁସନ ଫି ତ ନଥିଲା, ତା ଛଡ଼ା ପ୍ରତିଦିନ ମାଉସୀ(ତାଙ୍କ ସ୍ତ୍ରୀ) ଆମକୁ କିଛି ନା କିଛି ଜଳଖିଆ ଦେଇ ଆପ୍ୟାୟିତ କରୁଥିଲେ । ଏପରି ଗୁରୁ ଶିଷ୍ୟ ସଂପର୍କ ଏବେ ଦୁର୍ଲଭ, ଅଭାବିତ । କହିବା ବାହୁଲ୍ୟ ଯେ, ବି.ଏ. ଅନର୍ସରେ ଓଡ଼ିଶାରେ ବଳଭଦ୍ର ପ୍ରଥମ, ମୁଁ ତୃତୀୟ ଓ ସଦାଶିବ ଚତୁର୍ଥ ସ୍ଥାନ ଅଧିକାର କରିଥିଲୁ । ହରେକୃଷ୍ଣ ବାବୁ ହସିଦେଇ କହିଥିଲେ- ମୋର ଶ୍ରମ ସାର୍ଥକ ହେଲା- ଗୁରୁ ଦକ୍ଷିଣା ପାଇଗଲି ମୁଁ ।

ଏଇ ପୁରୀ କଲେଜରେ ପଢ଼ିଲା ବେଳେ ବହୁ ସିନିୟର ଛାତ୍ର ଓ ରାଜନୀତି ନେତାମାନଙ୍କର ସଂପର୍କରେ ଆସିଥିଲି ମୁଁ । ସେମାନେ ପରେ ବିଭିନ୍ନ ପଦ ପଦବୀ ମଣ୍ଡନ କରିଛନ୍ତି । ରବି ରାୟ, ହରିହର ବାହିନୀପତି, ବ୍ରଜମୋହନ ମହାନ୍ତି, ଶଶୀଭୂଷଣ ମିଶ୍ର, କୁଳମଣି ରଥ, ନାରାୟଣ ମିଶ୍ର ଓ ଅଖିଳ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ ପୁରୀ ଗସ୍ତରେ ଆସିଲେ ଡାକି ପଠାଉଥିଲେ ଛାତ୍ର ନେତାମାନଙ୍କୁ । ସର୍କିଟ୍ ହାଉସ୍‌ରେ ମହାପ୍ରସାଦ ଭୋଜନରେ ସାମିଲ୍ ହେଉଥିଲୁ ଆମେ ସମସ୍ତେ । ଏମାର ମଠ ମହନ୍ତ ମହାରାଜଙ୍କୁ ଆମେ ଡାକିଥିଲୁ ଛାତ୍ରବାସର ପ୍ରତିଷ୍ଠା ଦିବସରେ । ସେ ସାତଶହ ଟଙ୍କା ଦାନ କରିଥିଲେ ଲାଇବ୍ରେରୀ କରିବା ପାଇଁ । କଲେଜର ବିଭିନ୍ନ ଉତ୍ସବରେ ଉଦ୍‌ବୋଧନ ଦେବା ପାଇଁ ଆସୁଥିଲେ ଜ୍ଞାନୀ ଓ ଗୁଣିମାନେ । ସେମାନଙ୍କ ମଧ୍ୟରେ ଥିଲେ ଡାକ୍ତର ମେଘନାଦ ଶାହା, ବୈଜ୍ଞାନିକ ସତ୍ୟେନ ବୋଷ, ଗୋଦାବରୀଶ ମିଶ୍ର, ମୁଖ୍ୟ ବିଚାରପତି ବାବୁ ଜଗନ୍ନାଥ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, କର୍ଣ୍ଣାଟକର କୋଦଣ୍ଡ ରାଓ, ମାଦ୍ରାଜର ଶ୍ରୀନିବାସ ଆୟାଙ୍ଗାର, ଅଧ୍ୟାପକ କାଳିଦାସ ନାଗ ପ୍ରଭୃତି । ସେତେବେଳେ ଆମେ ଆନ୍ଦୋଳନ କରୁଥିଲୁ ତୁତୁମାକୁ ଓଡ଼ିଶାରେ ରଖିବା ପାଇଁ । ଷଢେଇକଳା ଖରସୁଆଁକୁ ଓଡ଼ିଶାରେ ମିଶାଇବା ପାଇଁ । ଭାଗ ନେଉଥିଲୁ ସମାଜ କଲ୍ୟାଣ କାର୍ଯ୍ୟରେ, ରାଜନୈତିକ ଆଲୋଚନା ଚକ୍ରରେ ଓ ମକ୍ ପାର୍ଲିଆମେଣ୍ଟରେ । ଝିଅମାନେ ପଛରେ ପଡ଼ିଥିଲେ ସତ, କିନ୍ତୁ ସେମାନଙ୍କୁ ଆଗକୁ ଆଣିବା ପାଇଁ ସେତେବେଳେ ବି ଉଦ୍ୟମ ହେଉଥିଲା, ଯୌତୁକ ପ୍ରଥା ଭଳି କୁସଂସ୍କାର ବିରୋଧରେ ଛାତ୍ରମାନେ ସ୍ୱର ଉଠାଉଥିଲେ । କଲେଜ ଡ୍ରାମାରେ ଝିଅମାନେ ଅଂଶଗ୍ରହଣ କରୁନଥିଲେ । ତେଣୁ ପୁଅମାନଙ୍କୁ ଝିଅ ପାର୍ଟ କରିବାକୁ ପଡୁଥିଲା । ମୋହନ ଦେବ ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ଆମେ କାଳୀ ଚରଣ ପଟ୍ଟନାୟକଙ୍କ 'ଭାତ' ନାଟକ ମଞ୍ଚସ୍ଥ କରିଥିଲୁ । ଏବଂ ସେତବେଳର ପୁରୀର ଏ.ଡି.ଏମ୍. ପି.କେ. ଦାସଙ୍କ କନ୍ୟା ମୀରା ଦାସ ସେଥିରେ ଅଂଶଗ୍ରହଣ କରି ନୂତନ ପରମ୍ପରା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲେ । ଗୋଟିଏ ଉତ୍ସବରେ ପାଲା ପ୍ରଦର୍ଶନ କରିଥିଲେ

Digitized by srujanika@gmail.com

ଛାତ୍ରମାନେ । କ୍ଷେତ୍ରମୋହନ ସୁବୁଦ୍ଧି ଗାୟକ, ପୁରୁଷୋତ୍ତମ ପଟ୍ଟନାୟକ ପାଳିଆ । ମୁଁ ଗୀତ ଲେଖିଥିଲି । ସେ ଗୀତ ରଚନା ଶିହରଣ ସୃଷ୍ଟି କରିଥିଲା କଲେଜରେ । ଗାଇବା ବେଳେ କେହି ଧରି ପାରି ନଥିଲେ । କିନ୍ତୁ ପରେ ସେହି ଗୀତର ବାଖ୍ୟା କରି ମୋତେ କହିଥିଲେ ଅଧାପିକା ଶାନ୍ତି ଦେବୀ- ତମର ସାହିତ୍ୟକୃତି ସୁନ୍ଦର... । କିନ୍ତୁ ଗୀତରେ ସବୁ ଝିଅଙ୍କ ନାମ ଏମିତି କୌଶଳରେ ରଖି ଦେଇଛ ଯେ ନିଠେଇ ନ ଦେଖିଲେ ଜାଣିବା କଷ୍ଟକର । ମୁଁ କ୍ଷମା ମାଗି ନେଇଥିଲି । ସେତେବେଳେ ପଣ୍ଡିତ କିଶୋରୀ ମୋହନ ଦ୍ୱିବେଦୀ କଲେଜର ଅଧକ୍ଷ ।

ସେଦିନ ଆଉ ନାହିଁ, ଏ କଲେଜ ଛାତ୍ର ଓ ଅଧାପକମାନଙ୍କ ମଧରେ ଯେଉଁ ସୁସଂପର୍କ ଥିଲା ତାହା ସ୍ୱପ୍ନ ହୋଇଯାଇଛି । ଏବେ ଛାତ୍ରମାନେ ଅଧାପକଙ୍କୁ ମାଡ ମାରିବା ଓ ଅଧାପକ ଲାଞ୍ଚ ନେଇ ନମ୍ବର ବେଶୀ ଦେଇ ଦୁର୍ନୀତି କରିବା ସାଧାରଣ ଘଟଣା ହୋଇଗଲାଣି । ଶିକ୍ଷାୟତନ ଗୁଡିକର ପବିତ୍ରତା ଅପେକ୍ଷା ପୁତିଗନ୍ଧମୟତା ବେଶୀ ଆକୃଷ୍ଟ କରୁଛି ଦୃଷ୍ଟି । ଛାତ୍ରମାନେ ଆଦର୍ଶ ଅନୁସାରେ ନୁହେଁ, ଦଳ, ଜାତି, ଗୋତ୍ର ସଂପ୍ରଦାୟ ବା ସାମାଜିକ ଓ ଅସମାଜିକ ଗୋଷ୍ଠୀରେ ବିଭକ୍ତ । ଏବେ ଆଗର ସୁସ୍ଥ ମାନସିକତା ବା ସଂପର୍କ ବିରଳ । କିନ୍ତୁ ଏବର ଛାତ୍ର ଛାତ୍ରୀମାନେ ଯେ ଅଧିକ ସଚେତନ ଓ ଉନ୍ମୁଖ ଏହା ସ୍ୱୀକାର କରିବାକୁ ପଡ଼ିବ ।

Digitized by srujanika@gmail.com

ଗଡଜାତ ମିଶ୍ରଣ ସପକ୍ଷରେ

ସେତେବେଳେ ମୁଁ ଆଇ.ଏ ପଢୁଥାଏ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ । ଗଡ଼ଜାତ ରାଜ୍ୟ ଓ ମୟୂରଭଞ୍ଜ ଓଡିଶାରେ ମିଶି ନଥାଏ । ମୟୂରଭଞ୍ଜ ଛାତ୍ର କଂଗ୍ରେସ ସଭାପତି ଥିଲି ମୁଁ । ମିଶ୍ରଣ ସପକ୍ଷରେ ଆନ୍ଦୋଳନ କରୁଥିଲୁ । ଆଉ ଗୋଟେ ମିଶ୍ରଣ ବିରୋଧି ଛାତ୍ର କଂଗ୍ରେସ ବି ଗଢ଼ା ହୋଇଥିଲା ସରକାରଙ୍କ ଇଙ୍ଗିତରେ । ସେଇ ସମୟରେ ନିଖିଳ ଓଡ଼ିଶା ଗଡ଼ଜାତ ଛାତ୍ର କଂଗ୍ରେସର ମୁଁ ଥିଲି ସାଧାରଣ ସମ୍ପାଦକ ଏବଂ ସୋମନାଥ ପଟ୍ଟନାୟକ ଥିଲେ ସଭାପତି । ରାଜା ରାଜୁଡ଼ା ଶାସନ ବିରୁଦ୍ଧରେ ସ୍କୁଲ କଲେଜକୁ ଯାଇ ଛାତ୍ରମାନଙ୍କୁ ସଂଗଠିତ କରିବା ଥିଲା ଆମର ପ୍ରଧାନ କାର୍ଯ୍ୟ । ସନ୍ଧ୍ୟାବେଳେ ସାହିସାହି/ ଗାଁ ଗାଁ ବୁଲି ଜନସଚେତନତା ସୃଷ୍ଟି କରିବା ଥିଲା ଦ୍ୱିତୀୟ କାର୍ଯ୍ୟ । ଆମେ ସ୍ଥିର କଲୁ ନୟାଗଡ଼ରେ ଗଡ଼ଜାତ ଛାତ୍ର ସମ୍ମିଳନୀ କରିବା ପାଇଁ । ଗଡ଼ଜାତ କଂଗ୍ରେସ ନେତା ଶ୍ରୀଧର ମହାପାତ୍ର ଆୟୋଜନର ସମସ୍ତ ଦାୟିତ୍ୱ ନେଲେ । ସୋମନାଥ ବାବୁ(ପରେ ଅଧ୍ୟାପକ ହେଲେ)ଓ ମୁଁ ଠିକ୍ କଲୁ ଢେଙ୍କାନାଳରୁ ନୟାଗଡ଼ ଯିବୁ ଚାଲି ଚାଲି । ଏହାଦ୍ୱାରା ଆମର ଉଦ୍ଦେଶ୍ୟ ସାଧିତ ହେବ ଏବଂ ଆମେ ଗଡ଼ଜାତରେ ଓ ଦେଶରେ ଚାଲିଥିବା ସ୍ୱାଧିନତା ଆନ୍ଦୋଳନ ସହିତ ପ୍ରତ୍ୟକ୍ଷ ଭାବରେ ସଂଯୋଗ ରକ୍ଷା କରିପାରିବା । ସେତେବେଳେ ବସ ଚଳାଚଳ ଏତେ ସୁବିଧା ମଧ୍ୟ ନଥିଲା ।

ଟ୍ରେନରେ ଯାଇ ଓହ୍ଲାଇଲୁ ଢେଙ୍କାନାଳ ଷ୍ଟେସନରେ । ସେଠାରୁ ସିଧା ସ୍କୁଲକୁ ଯାଇ ଲୁଗାପଟା ରଖି ପ୍ରାରମ୍ଭିକ ଆଲୋଚନା ପରେ ଗଲୁ ରାଜ ନଅରକୁ । ରାଜା ସାହେବ ମହେନ୍ଦ୍ର ବାହାଦୁରଙ୍କ ସହିତ ଦେଖା କରିବା ପାଇଁ । କାହିଁକି ଯେ ଆମେ ତାଙ୍କ ସହିତ ଦେଖା କରିବାକୁ ସ୍ଥିର କଲୁ ଜାଣେନି, କିନ୍ତୁ ତାଙ୍କ ବିରୁଦ୍ଧରେ ପ୍ରଚାର କରିବାକୁ ଯାଇ ତାଙ୍କସହିତ ସାକ୍ଷାତ କରିବାକୁ ଯିବା ସେତେବେଳେ ଅବଶ୍ୟ ସାହସର ବିଷୟ ଥିଲା । ନଅର ବାହାରେ ଅପେକ୍ଷା କଲୁ । କିଛି ସମୟ ପରେ ଅନୁମତି ଆସିଲା ଭିତରକୁ ଯିବା ପାଇଁ । ନଅରର ମ୍ୟାନେଜର ଗୋବିନ୍ଦ ବାବୁ ଆମ ଦୁହିଙ୍କୁ ରାଜା ସାହେବଙ୍କ ବସିବା ଘରକୁ ନେଇଗଲେ । ପ୍ରକାଣ୍ଡ କୋଠରୀ, କାନ୍ଥରେ ଝୁଲୁଥିବା ବାଘ, ହାତୀ ଓ ହରିଣ ଛାଲ ଦେଖି

Digitized by srujanika@gmail.com

ଅବାକ୍ ହେଲୁ । ଗୋଟିଏ ମୃତ ବାଘକୁ ଏପରି ସୁନ୍ଦର ଭାବରେ ସଜା ହୋଇ ରଖାଯାଇ ଥିଲା ଯେ, ପ୍ରଥମ ଦେଖାରେ ଜୀବନ୍ତ ବୋଲି ମନରେ ସଂଶୟ ଜାତ ନେବ । ଆମେ ଅଭିଭୂତ ହୋଇ ପଡ଼ିଲୁ । କୋଠରୀ ଭିତରେ ଗୋଟିଏ ଅତି ଲମ୍ବା ଟିକ୍ କାଠର ଟେବୁଲ୍ ଏବଂ ଚାରିପାଖରେ ଚୌକି ।

ଆମେ ଶ୍ୱାସରୁଦ୍ଧ ପ୍ରାୟ ହୋଇ ଅପେକ୍ଷା କରୁଥିବା ବେଳେ ରାଜା ସାହେବ ମହେନ୍ଦ୍ର ବାହାଦୁର ଏବଂ କଳାହାଣ୍ଡିର ମହାରାଜା ପ୍ରତାପକେଶରୀ ଦେବ ପଦାର୍ପଣ କଲେ । ଆମେ ନମସ୍କାର କଲୁ । ସେ ଦୁହେଁ ବସିଲେ ଏବଂ ଆମ ଦୁହିଁଙ୍କୁ ମୁହାଁମୁହିଁ ବସିବା ଲାଗି ସୂଚନା ଦେଇ ଢେଙ୍କାନାଳ ରାଜା କହିଲେ- ପିଲାମାନେ ଭଲ ଅଛ ତ ? କୁହ କୁଆଡ଼େ ଆସିଲ... ।

ସୋମନାଥ ବାବୁ ଆମର ଆସିବାର ଉଦ୍ଦେଶ୍ୟ କହିବା ପରେ ରାଜାସାହେବ କହିଲେ- ମୁଁ ସବୁ ଶୁଣିଛି... ତଥାପି ତୁମ ମୁହଁରୁ ଶୁଣିବାକୁ ଇଚ୍ଛା ହେଲା... ।

ମୁଁ କହିଲି ସାର୍... ଆମେ ପଦଯାତ୍ରାରେ ଯାଉଛୁ ନୟାଗଡ଼ ପର୍ଯ୍ୟନ୍ତ । ସେଠାରେ ଗଡ଼ଜାତ ଛାତ୍ରମାନଙ୍କର ସମ୍ମିଳନୀ ହେବ... କିଛି ଚାନ୍ଦା ଦେଲେ ବଡ଼ ଉପକାର ହୁଅନ୍ତା ।

ସେ ମୁହଁକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ କହିଲେ- ଆମ ବିରୁଦ୍ଧରେ ପ୍ରଚାର କରୁଛ... ଆଉ ଆମଠାରୁ ସେଥିପାଇଁ ସାହାଯ୍ୟ ମାଗୁଛ ?

ସହସା ଆମେ ଉତ୍ତର ଦେଇ ପାରିଲୁ ନାହିଁ ।

ଏତିକିବେଳେ କଳାହାଣ୍ଡି ମହାରାଜା ଯୋଗକଲେ- ହାତୀ ଚାଲିଥିବ କୁତା ଭୁକୁଥିବ... ଯିଏ ଯାହା କହିବ କହୁଥାଉ.... । ଏହି ସମୟରେ ଢେଙ୍କାନାଳ ମହାରାଜା କହୀଲ- ଦୁଇଟା ଅଙ୍ଗେ ନିଭାଇବା କାହାଣୀ କହିବି... ସେଥିରୁ ଜାଣିବା ଆମର ଶୌର୍ଯ୍ୟ, ବୀର୍ଯ୍ୟ, ସାହସ ସମ୍ପର୍କରେ... ।

"ମୁଁ ଦିଲ୍ଲୀରୁ କଲିକତା ଆସୁଥାଏ ଟ୍ରେନ୍‌ରେ... ମୁଁ ଥାଏ ତଳ ବର୍ଥରେ... ମୋ ଉପର ବର୍ଥରେ ଜଣେ ସାହେବ... । କାନ୍‌ପୁର ହେବ ବୋଧହୁଏ... । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ... । ହଠାତ୍ ବୋମା ପଡ଼ିବା ପରି ଶବ୍ଦ ହେଲା... ଥରେ ନୁହେ ତିନି ଚାରିଥର... । ମୁଁ ଝରକା ବାଟେ ବାହାରକୁ ଚାହିଁ ଦେଖିଲି... ବାହାଘର ଶୋଭାଯାତ୍ରା ହେବ ବୋଧ ହୁଏ । ହାଉଇ ଗୋଟେ ସେତେବେଳେ ଉପରକୁ ଉଠୁଥିଲା । ଦିଗ ଆଲୋକିତ କରି... । ଶତ୍ରୁ ପକ୍ଷ ବୋମା ପକାଇଲେ ବୋଲି ଭାବି ସାହେବ ଉପରୁ ଓହ୍ଲାଇ ମୋ ବର୍ଥ ତଳେ ଶୋଇ ଗଲାଣି ସେତେବେଳକୁ... । ତାଙ୍କୁ ମୁଁ ଅଭୟ ଦେଇ କହିଲି- ଯୁଦ୍ଧ ବୋମା ନୁହେଁ, ବାହାଘରର ବାଣ... ।"

"ଆଉ ଦିନେ ପଲିଟିକାଲ ଏଜେଣ୍ଟଙ୍କ ସହିତ ଅନୁଗୁଳ ଯାଉଥାଏ । ମୁଁ ଧୋତି, ପଞ୍ଜାବୀ ପିନ୍ଧିଥିଲି । ଗାଡ଼ି ନିଜେ ଚଳାଉଥିଲି । ସାହେବ ମୋ ବାମ ପାଖରେ ବସିଥିଲେ ।

Digitized by srujanika@gmail.com

ହଠାତ୍ ପିଠି ଉପରେ କ'ଣ ଗୋଟେ ଚାଲୁଥିବା ପରି ଲାଗିଲା । ଷ୍ଟିଅରିଂ ନଛାଡ଼ି କି ଗାଡ଼ି ଛିଡ଼ା ନକରି ମୁଁ ପିଠିକୁ ସିଟ୍ ଦେହରେ ଘଷିଦେଲି ଦୁଇତିନିଥର... । ତା'ପରେ ସବୁ ବନ୍ଦ । ସାହେବ କହିଲେ-କ'ଣ ହେଲା ରାଜା ସାହେବ ? ମୁଁ କହିଲି ନା, ସେପରି କିଛି ନୁହେଁ... ଗୋଟେ କ'ଣ ପୋକ ହୋଇଥିବ... । ଏହା କହି ମୁଁ ଟିକେ ନଇଁ ପଡ଼ିବାରୁ ସେ ମୋ ପିଠି ଉପରେ ଦଳି ହୋଇ ମରି ପଡ଼ିଥିବା ଗୋଟେ କଙ୍କଡ଼ାବିଛା ଦେଖି ଆତଙ୍କରେ ଚିତ୍କାର କରି କହିଉଠିଲେ- କଙ୍କଡ଼ାବିଛାଟା ବୋଧହୁଏ...ଏତେ ସାହସ ଆପଣଙ୍କର ।''

ତା'ପରେ କହିଲେ- ଆହୁରି କେତେ କାହାଣୀ ଅଛି କହିବା ପାଇଁ- କିନ୍ତୁ ସମୟ ନାହିଁ । ଗୋବିନ୍ଦ ବାବୁଙ୍କୁ କହିଲେ, ଏମାନଙ୍କ ଖାଇବା ପିଇବା ବୁଝିବ । ସେମାନେ ନୂଆ ଏ ଜାଗାରେ ।

ଆମେ ଉଠିଲୁ । ମୁଁ ଚାଲି ଆସିବା ଆଗରୁ କହିଲି- ସାର, ଛାତ୍ର କଂଗ୍ରେସକୁ କିଛି ଚାନ୍ଦା ଦିଅନ୍ତୁ... ।

ସେ ହସିଲେ ରହସ୍ୟମୟ ହସ । ଆମେ ବିଦାୟ ନେଇ ନଅର ଛାଡ଼ି ଚାଲି ଆସୁଥିଲା ବେଳେ ପଛରୁ ଧଇଁ ସଇଁ ହୋଇ ଆସି ପହଞ୍ଚିଲେ ଗୋବିନ୍ଦବାବୁ । କହିଲେ ପିଲାମାନେ, ଏଇ ଟଙ୍କା ନିଅ । ରାଜା ସାହେବ ଦେଇଛନ୍ତି । କିନ୍ତୁ ଗୋଟେ ଆଜ୍ଞା ଅଛି, ରସିଦ୍ କାଟିବ ନାହିଁ... । ତିରିଶ ଟଙ୍କା ପାଇ ଆମର ଆନନ୍ଦ କହିଲେ ନସରେ ।

ସୋମନାଥ ବାବୁ ଆଉ ମୁଁ ଫେରିଲୁ ସ୍କୁଲକୁ । ସେଠାରେ ଛାତ୍ରମାନଙ୍କ ସହିତ ଆଲୋଚନା ଶେଷ କରି ତା' ପରଦିନ ସକାଳେ ପଦଯାତ୍ରା ଆରମ୍ଭ କଲୁ । ବଡ଼ମ୍ବା, ତିଗିରିଆ, ନରସିଂହପୁର ଓ ତା'ପରେ ମହାନଦୀ ପାର ହୋଇ ଖଣ୍ଡପଡ଼ା ଓ ନୟାଗଡ଼ । ମହାନଦୀରେ ବନ୍ୟା ଆସିଥାଏ । ଦୁଇକୂଳ ଭରି ପାଣି । ଡ଼ଙ୍ଗାରେ ବସିଲୁ । ମଝି ନଦୀରେ ନାଉରିଆ କହିଲା, ଡ଼ଙ୍ଗା ତଳେ ଫୁଟ ଗୋଟେ ଥିଲା, ଖିଲ ମାରି ଥିଲି... ଖୋଲିଗଲା ବୋଧହୁଏ । ପାଣି ପଶିଆସୁଛି ଡ଼ଙ୍ଗା ଭିତରକୁ, ଆଞ୍ଜୁଳା ଆଞ୍ଜୁଳା ପାଣି ବାହାର କର...ନହେଲେ-

ଆମ ହାଲୁକା ଶୁଖିଗଲା । କିନ୍ତୁ ଭଗବାନସହାୟ ହେଲେ ଶେଷରେ । କୌଣସି ପ୍ରକାର କୂଳରେ ଡ଼ଙ୍ଗା ଭିଡ଼ିଲା ନାଉରୀ । ଖପାଖପ୍ ଡ଼େଇଁ ପଡ଼ିଲୁ ତଳକୁ ।

ନୟାଗଡ଼ରେ ବଡ଼ ସମ୍ମିଳନୀ ହେଲା । ଗୋଟିଏ ସ୍ୱରରେ ଦାବି କରାଗଲା-ଇଂରେଜ ଭାରତ ଛାଡ଼ । ଗଡ଼ଜାତ ରାଜ୍ୟସବୁ ଓଡ଼ିଶାରେ ମିଶୁ...

ଏବେ ସବୁ ଗଡ଼ଜାତ ଓଡ଼ିଶାର ଅଂଶ । କିନ୍ତୁ ଷଢ଼େଇକଳା ଓ ଖରସୁଆଁ ଚାଲିଗଲା ବିହାରକୁ, ଓଡ଼ିଆମାନଙ୍କର ଦୁର୍ବଳତା ଓ ଓଡ଼ିଆ ନେତାମାନଙ୍କର ଅପାରଗତା ଯୋଗୁଁ । ତେବେ ଯେଉଁଠି ରହିଲେ ବି ଏଇ ଭାରତରେ... କେବଳ ଓଡ଼ିଆ ଭାଷା, ସଂସ୍କୃତି ସହିତ ଏହାର ସ୍ୱାଭିମାନ ବଞ୍ଚି ରହିଲେ ହେଲା ।

Digitized by srujanika@gmail.com

ଅରଣ୍ୟେ ଅଜଗର ପ୍ରାୟେ

ମୁଁ ଚାକିରି କରିବି ନାହିଁ ବୋଲି ଠିକ୍ କରିଥିଲି । କିନ୍ତୁ ଘଟଣାଚକ୍ରରେ ପଡ଼ି ଚାକିରି ଆରମ୍ଭ କଲି । କଟକର ମଧୁସୂଦନ ଆଇନ କଲେଜ ସେତେବେଳେ ରେଭେନସା କଲେଜରେ ସକାଳ ୬.୩୦ ରୁ ୯.୩୦ ପର୍ଯ୍ୟନ୍ତ ହେଉଥିଲା । ମୁଁ ଅର୍ଥନୀତିରେ ଏମ.ଏ ତା ସହିତ ଆଇନ ପଢ଼ିବା ପାଇଁ ନାମ ଲେଖାଇଲି । କିନ୍ତୁ ଆର୍ଥିକ ଦୁରବସ୍ଥାରୁ ଏମ.ଏ. ପଢ଼ିବା ଆଉ ଆଗେଇ ପାରିଲା ନାହିଁ ଏବଂ ଆଇନ ପଢ଼ା ଚାଲୁ ରଖିବା ପାଇଁ ସେକ୍ରେଟେରୀଏଟରେ ସହକାରୀ ପଦରେ କାମ କରି ଇ' ପଢ଼ିବା ଛଡ଼ା ଅନ୍ୟଗତି ନଥିଲା । ଇଣ୍ଟରଭ୍ୟୁ ଦେଲି, ସିଲେକ୍ଟ ବି ହେଲି । ଷ୍ଟାଟିଷ୍ଟିକସ୍ ବିଭାଗରେ ସହକାରୀ ବା କିରାଣୀ ଚାକିରିଟିଏ ମିଳିଗଲା । ସେତେବେଳେ ପୁଲିନ ବିହାରୀ ବ୍ରହ୍ମା ମୁଖ୍ୟ ଷ୍ଟାଟିଷ୍ଟିକାଲ ଅଫିସର । ଏଠାରେ ଛଅମାସ କାମ କରି ଅର୍ଥ ବିଭାଗ ଅଧୀନକୁ ଗଲି । ସେଠାରେ ପ୍ରାୟ ବରଷେ କାମ କଲି । ସେତେବେଳେ ଓଡ଼ିଶା ସେକ୍ରେଟେରୀଏଟ କଟକ କିଲାପଡ଼ିଆରେ ଥିବା ଅସ୍ଥାୟୀ ଘରେ ଚାଲୁଥିଲା । ମୁଁ ରେଭେନସା କଲେଜ ନିକଟସ୍ଥ ନ୍ୟାସନାଲ ମେସରେ ରହୁଥିଲି । ଆଇନ ପାସ କରି ଓକିଲ ହେବା ଓ ରାଜନୀତି କରିବା ଥିଲା ଲକ୍ଷ୍ୟ । କିନ୍ତୁ ଦିନେ ମୋ ବାଲ୍ୟବନ୍ଧୁ ଗିରୀଶ ଚନ୍ଦ୍ର ପାତ୍ର (ପରେ ଆଇ.ଏ.ଏସ୍. ଓ କମିଶନର ଭାବେ ପଦୋନ୍ନତି)ଙ୍କ ପ୍ରରୋଚନାରୁ ଓ.ଏ.ଏସ. ଓ ସିଭିଲ ସର୍ଭିସ୍ ପରୀକ୍ଷା ଦେଲି । ଓ.ଏ.ଏସ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା ଫାଇନାନ୍ସ ସର୍ଭିସରେ ଯୋଗଦେଇ କଟକ ବାଣିଜ୍ୟକର ଅଫିସରେ ଅବସ୍ଥାପିତ ହେଲି । ଏହାପୂର୍ବରୁ ସେକ୍ରେଟେରୀଏଟରେ ମାସକୁ ପଞ୍ଚାଅଶୀ ଟଙ୍କାରେ କାମ କରୁଥିଲାବେଳେ ସଚିବାଳୟର କାମ କିପରି ହୁଏ ସେ ସମ୍ବନ୍ଧରେ ଅତି ମୂଲ୍ୟବାନ ଅଭିଜ୍ଞତା ଅର୍ଜନ କରିଥିଲି । ରସାନନ୍ଦ ବାବୁ ଥିଲେ ମୋର ସିନିଅର ଏବଂ ସେ ଯେ କେବଳ ଫାଇଲ କାମ କିପରି ହୁଏ ତାହା ଶିଖାଉଥିଲେ ତାହା ନୁହେଁ, ପ୍ରାୟ ପ୍ରତିଦିନ କ୍ୟାଣ୍ଟିନର ବରା, ଜିଲିପି ଖୁଆଉଥିଲେ । ମୁଁ ଲେଖାଲେଖି କରୁଥିବାରୁ ଖୁସି ବି ହେଉଥିଲେ ।

ମୋର ସାଇକଲ ନଥିଲା, ତେଣୁ ପ୍ରାୟ ପ୍ରତିଦିନ କଲେଜ ଛକରୁ ଅଫିସକୁ ପାଦରେ ଚାଲି ଚାଲି ବା ରିକ୍ସାରେ ଆସୁଥିଲି । ବାଣିଜ୍ୟକର ଅଫିସ ସେତେବେଳେ ଓଡ଼ିଆ

Digitized by srujanika@gmail.com

ବଜାରରେ ଥିଲା । ସେଠାରେ ଯୋଗଦେବା ପରେ କେହି କେହି ବନ୍ଧୁ ଏହି ବିଭାଗର ମହିମା ବିଷୟରେ ମୋତେ ସଚେତନ କରିଦେଇ କହିଲେ- ଏବେ ବିକଳି କର ସାଲେପୁରୀ ରସଗୋଲା ମୁଫତରେ ମିଳିବ ଖାଇବା ପାଇଁ । କଟକର କୌଣସି ଦୋକାନକୁ କିଛି କିଣିବା ପାଇଁ ଗଲେ ଆଦର ଆପ୍ୟାୟନ କରୁଥିଲେ ବ୍ୟବସାୟୀମାନେ । ମୁଁ କଲେଜରେ ଛାତ୍ରନେତା ଥିଲି ଏବଂ ମୋର ଏକ ନିର୍ଦ୍ଦିଷ୍ଟ ଆଦର୍ଶ ଥିଲା । ତେଣୁ ବାଣିଜ୍ୟକର ଅଫିସର ହେବା ପରେ କେମିତି ଅଡୁଆ ଅଡୁଆ ଲାଗିଲା । ସାଲେପୁର, ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ପ୍ରଭୃତି ଅଞ୍ଚଳର ବିକ୍ରୀକର ଆଦାୟ ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରାଯାଇଥିଲା । ବ୍ୟବସାୟୀମାନେ ହିସାବପତ୍ର ଖାତା ନାଲି ସାଲୁକନାରେ ବାନ୍ଧି ଓକିଲମାନଙ୍କ ସହିତ ପ୍ରତିଦିନ ଆସୁଥିଲେ ଅଫିସକୁ । ଦୂରଦୂରାନ୍ତକୁ ବେଳେ ବେଳେ ଅଫିସରମାନେ ଗସ୍ତରେ ମଧ୍ୟ ଯାଉଥିଲେ ବିକ୍ରୀକର ଦେଉଥିବା ବ୍ୟବସାୟୀମାନଙ୍କର ଖାତାପତ୍ର ଯାଞ୍ଚ କରିବା ପାଇଁ । ଅଳ୍ପଦିନ ପରେ କେନ୍ଦ୍ରାପଡ଼ା ଯିବା ପାଇଁ ଗସ୍ତ ନିର୍ଘଣ୍ଟ ପ୍ରସ୍ତୁତ ହୋଇଗଲା । ୧୯୫୩ର ପ୍ରଥମ ପାଦର କଥା । ସେତେବେଳେ ମହାନଦୀ ଉପରେ ସଡ଼କ ପୋଲ ହୋଇ ନଥିଲା, ଟ୍ରେନରେ ବା ଖରାଦିନିଆ ରାସ୍ତାରେ ଜଗତପୁର ଯାଇ ସେଠାରୁ କେନ୍ଦ୍ରାପଡ଼ା ବସ୍ ଧରିବାକୁ ହେଉଥିଲା । କେନ୍ଦ୍ରାପଡ଼ା ଯିବା ପାଇଁ ମୋର ଆଦୌ ଉତ୍ସାହ ନଥିଲା, କାରଣ ପ୍ରଖ୍ୟାତ କବି ସ୍ୱର୍ଗତଃ ଗୋଦାବରୀଶ ମହାପାତ୍ର ତାଙ୍କଦ୍ୱାରା ସଂପାଦିତ 'ନିଆଁଖୁଣ୍ଟା' ପତ୍ରିକାରେ ଜଗତପୁର, କେନ୍ଦ୍ରାପଡ଼ା ନାଲିସଡ଼କ କିପରି ତାହା ବର୍ଣ୍ଣନା କରି ଲେଖିଥିଲେ । 'ଜୀବନଟା ହେଲା ଖାଲି କେନ୍ଦ୍ରାପଡ଼ା ରାସ୍ତା ପରି ଉଚ୍ଚ ନୀଚ, ଖାଲ ଢ଼ିପ' । ପଡ଼ି ଉଠି ଧୂଳି ଉଡ଼େଇ ବା କାଦଛାଟି ବସ୍ ଚାଲେ । କଟକରୁ ରିକସାରେ ଖରାଦିନିଆ ରାସ୍ତାରେ ଜଗତପୁର ଯାଇ ସେଠାରୁ ବସରେ ଗଲି । ସାଲେପୁର ବଜାରରେ ବସ୍ ଛିଡ଼ା ହେଲେ ମଧ୍ୟ ମୁଁ ଓହ୍ଲାଇଲି ନାହିଁ କି ବିକଳି କର ରସଗୋଲା ଦୋକାନକୁ ଗଲିନାହିଁ । ସେମାନେ ଏହା ଆଶାକରି ନ ଥିଲେ । କାରଣ ଅଫିସର ମାନଙ୍କୁ ଜଳଖିଆ, ଚା' ଦ୍ୱାରା ଆପ୍ୟାୟିତ କରିବା ପରମ୍ପରାରେ ପଡ଼ିଯାଇଥିଲା । ଅଫିସର କିରାଣୀବାବୁ ଓ ପିଅନ ମଧ୍ୟ ଆଉ ଜଳଖିଆ ଖାଇବା ପାଇଁ ସାହସ କଲେ ନାହିଁ । କେନ୍ଦ୍ରାପଡ଼ାରେ ପହଞ୍ଚି ଇନସ୍ପେକସନ ବଙ୍ଗଳାରେ ରହିଲି, କିନ୍ତୁ ସେତେବେଳକୁ ମୁଁ ଜଣେ ଅବାଗିଆ ଅଫିସର ବୋଲି ପ୍ରଚାର ହୋଇ ସାରିଥାଏ ।

ଆଇ.ବି.ରେ କେସ୍ ବିଚାର କରିବା ଓ ଟିକସ ଦେଉଥିବା ବ୍ୟବସାୟୀ ମାନଙ୍କର ଖାତାପତ୍ର ସମୀକ୍ଷା କରିବା ପାଇଁ ପୂର୍ବରୁ ବ୍ୟବସ୍ଥା କରାଯାଇଥିଲା । ସଂଯୋଗବଶତଃ ମୋ ପୂର୍ବରୁ ମୋର ଜଣେ ସିନିୟର ବାଣିଜ୍ୟକର ଅଫିସର ମହମ୍ମଦ ମୋମିନ ମଧ ବିଭାଗୀୟ କାର୍ଯ୍ୟରେ ଯାଇ ଆଇ.ବି.ରେ ରହୁଥିଲେ । ସକାଳ ସାତଟା ହେବ । ମୋତେ ଦେଖା କରିବା ପାଇଁ ଜଣେ ଭଦ୍ରଲୋକ ଆସି କହିଲେ, ସେ ବଳଦେବଜୀଉର ବ୍ରଷିକ ଲୋକ । ଏହା କହି ସେ ଆଣିଥିବା ଗୋଟିଏ ମିଠାହାଣ୍ଡି ପିଅନ ହାତକୁ ବଢ଼ାଇଦେଇ କହିଲେ- ହଜୁର ଏଥିରେ

Digitized by srujanika@gmail.com

ରସାବଳି ଅଛି, ଆପଣଙ୍କ ପାଇଁ । ପରେ ଖାତାପତ୍ର ନେଇ ସେ ଆସିବେ । ମୁଁ ତାଙ୍କ ମୁହଁକୁ ମୁହୂର୍ତ୍ତେ ମାତ୍ର ଚାହିଁ ଦେଇ କହିଲି ଯାର ଦାମ କେତେ ? ସେ ଅପ୍ରସ୍ତୁତ ହେବା ପରି କହିଲେ, ନା, ନା, ହଜୁର... ସେ ଆପଣଙ୍କ ପାଇଁ ପଠାଇଛନ୍ତି । ଯିବା ବେଳକୁ ପୁଣି ଆଣିବେ... । ପିଅନ ରସାବଳି ହାଣ୍ଡି ଉଠାଇବାକୁ ଯାଉଥିଲା ମୋ ମୁହଁକୁ ଚାହିଁ ରଖିଦେଲା ।

ମୁଁ ତାଙ୍କୁ କହିଲି ପଇସା ନଦେଇ ମୁଁ କିଛି ନିଏ ନାହିଁ ଏବଂ ତାଙ୍କୁ ମିଠାହାଣ୍ଡି ନେଇ ଫେରିଯିବାକୁ ଦୃଢ଼ସ୍ୱରରେ କହିଲି । ସେ ଆଉ କିଛି କହିବାକୁ ସାହସ ନ କରି ମିଠା ହାଣ୍ଡି ନେଇ ଓହ୍ଲେଇ ଯାଉଥିବା ବେଳେ, ଅନ୍ୟ କୋଠରୀରେ ଥିବା ମୋର ବରିଷ୍ଠ ଅଫିସର ମୋମିନ ବାବୁ ହାଣ୍ଡି ଫେରାଇ ନ ନେଇ ତାଙ୍କୁ ଦବା ପାଇଁ କହିଲେ ଏବଂ ମୋତେ କହିଲେ ତମେ ଯୁବକ, ତମେ ନ ଖାଇବ ବୋଲି ଆଉ କେହି ଖାଇବେ ନାହିଁ । ପିଲାଳିଆମି କରନା । ସେ ଲୋକ ତାଙ୍କ ପାଖରେ ମିଠାହାଣ୍ଡି ରଖି ଚାଲି ଯାଉଥିଲା, କିନ୍ତୁ ମୁଁ ଡାକି ଆଣି ତାଙ୍କ ହାତରେ ଟଙ୍କା ଦେଇ କହିଲି ଏହାର ମୂଲ୍ୟ ନ ନେଇ ତୁମେ ଯାଇପାରିବ ନାହିଁ । ସେ ମୋ ହାତରୁ ନୋଟ ନେଲେ ସତ, କିନ୍ତୁ ଆଉ ଫେରି ନ ଚାହିଁ ସିଧା ଚାଲିଗଲେ । ସେ ଚାଲିଯିବା ପରେ ମୋ ବରିଷ୍ଠ କହିଲେ, ତମେ ନ ନେଲ ନାହିଁ, ଏପରି ପରମ୍ପରା ସୃଷ୍ଟି କଲେ ଆମେ ମଧ ଭୋକରେ ରହିବା । ଏ ପରି ଆଚରଣ କଲେ କାଜିକା, ମାଛ ଓ ମାର୍କିଣ ତରକାରୀ, ମିଠା ନେଇ ଆଉ କେହି ଆସିବେ ନାହିଁ । ତମେ ବଗଡା ଚାଉଳର ଭାତ ଆଉ ଘାଣ୍ଟ ଖାଇ ରହିବ । ମୁଁ ତାଙ୍କ ମୁହଁକୁ ଚାହିଁ ହସିଲି । ସେ କହିଲେ, ତମେ ନୂଆ କିଛି କରୁନ... ଯାହା ବର୍ଷ ବର୍ଷ ଧରି ଚଳିଆସୁଛି, ପରମ୍ପରାରେ ପଡିଯାଇଛି ସେତକ କରିବ ନାହିଁ କାହିଁକି ? ମୁଫତରେ ଏତକ ଖାଇଥାନ୍ତି, ଏବେ ବାଧୁଛି ଯେ ତମ ପଇସାରେ ମୁଁ ଖାଉଛି ।

ସେଇ ପ୍ରଥମ ଗସ୍ତରେ ନୂଆ ପରମ୍ପରା ସୃଷ୍ଟି ହେଲା । ମୁଁ ସମସ୍ତଙ୍କୁ ଶୁଣାଇ ଦେଲି ଯେ, ଅଯାଚିତ ଭାବେ କେହି କିଛି ଆଣିବା ଅନ୍ୟାୟ ନୁହେଁ, ଅପରାଧ ମଧ । କେବଳ ଟଙ୍କା ଦବା ଘୁଷ ନୁହେଁ, ଦ୍ରବ୍ୟ ମଧ ସେହି ପର୍ଯ୍ୟାୟଭୁକ୍ତ । ମୁଁ ଫେରି ଆସିବା ପରେ ମୋର ସିନିୟର ଓ ସହଯୋଗୀମାନେ କହିଲେ- ଆଦର୍ଶ ରହିବା ଭଲ, କିନ୍ତୁ ବାସ୍ତବତାର ସମ୍ମୁଖୀନ ହେଲେ ତାହା ଯେ ବେଶିଦିନ ରହେନାହିଁ ଏହା ପ୍ରାୟ ଆମର ଅଙ୍ଗେନିଭାଇବା କଥା । ମୁଁ ପୁଣି ହସିଲି ଏବଂ କହିଲି ଦେଖାଯାଉ । 'କର୍ମକ୍ଷଣ ଦେହ ସହେ, ଅରଣ୍ୟେ ଅଜଗର ପ୍ରାୟେ' । ଜାଣେନି କାହିଁକି ଭାଗବତର ଏଇ ପଦଟି ମନେ ପଡିଗଲା ।

ସେତେବେଳେ ସମଗ୍ର ଓଡିଶାରୁ ବିକ୍ରିକର କାର୍ଯ୍ୟରେ ୪୦/୫୦ କୋଟି ରାଜସ୍ୱ ଆଦାୟ ହେଉଥିଲା, ଏବେ ତାହା ବଢ଼ି ୫୦୦ କୋଟିରୁ ଅଧିକ । ଆହୁରି ବଢ଼ିବାର ଅସୀମ ସମ୍ଭାବନା ଅଛି । କିନ୍ତୁ ଏ ବିଭାଗରେ ଉଭା ଯେତିକି ପୋତା ସେତିକି । ମୁଁ ବିକ୍ରିକର ବିଭାଗରୁ ଇସ୍ତଫା ଦେଇ ରେଳବାଇରେ ଯୋଗ ଦେଲି ୧୯୫୪ ମସିହା ଡିସେମ୍ବର ଶେଷରେ । ବରଷେ ଆଠମାସର ଚାକିରି କିନ୍ତୁ ମୋ ଜୀବନର ମହାର୍ଘ ଅଭିଜ୍ଞତା ଆଣି ଦେଇଥିଲା ।

Digitized by srujanika@gmail.com

ଅଳ୍ପ କେତେବର୍ଷ ପରେ ମୋର ଗାଁର ଜଣେ ସମ୍ପର୍କୀୟ ଏଇ ବିଭାଗରେ ଇନ୍‌ସପେକ୍ଟର ହେଲେ ସେହିପଦବୀରେ ସେ ପ୍ରାୟ ତିରିଶ ବର୍ଷ ରହିଲେ । ଉତ୍କୋଚ ନେଉଥିବାରୁ ତାଙ୍କର ପଦୋନ୍ନତି ଠିକ୍ ଯଥା ସମୟରେ ହେଲା ନାହିଁ କିନ୍ତୁ ସେ ଲକ୍ଷ ଲକ୍ଷ ଟଙ୍କା ସହିତ ମୂଲ୍ୟବାନ ବାସଗୃହ, ସ୍ୱର୍ଣ୍ଣାଳଙ୍କାର ଇତ୍ୟାଦିର ମାଲିକ ଭାବରେ ସମାଜରେ ବେଶ ପ୍ରତିଷ୍ଠା ଲାଭ କରିଛନ୍ତି । ସେହିପରି କେତେଜଣ ସହକର୍ମୀ ଚାକିରି କାଳ ମଧ୍ୟରେ ଅଜସ୍ର ଅର୍ଥ ଉପାର୍ଜନ କରି ବେଶ୍ ବଡଲୋକ ହେବାର ଗୌରବ ଅର୍ଜନ କରିଛନ୍ତି । ଆଦର୍ଶକୁ ଧରି ମୁଁ ଏଯାଏ ସବୁ ଋଣ ପରିଶୋଧ କରିପାରିନାହିଁ । ଏତେକାଳ ପରମ୍ପରାର ଛାଞ୍ଚରେ ନ ପଡ଼ି ଅଲଗା ବାଟରେ ଚାଲିଥିବାରୁ ଆନନ୍ଦ ଓ ଉଲ୍ଲାସ ବି ଲାଗୁଛି ।

ବିକ୍ରିକର ବିଭାଗ ପରି ଅନ୍ୟ ସବୁ ବିଭାଗରେ ମଧ୍ୟ କିଛି ନା କିଛି ଉପୁରି ଉପାର୍ଜନ କରିବାର ଉପାୟ ଅଛି । ମୁଁ ଭାବିଥିଲି ଯେ, ମାପ ଓ ଓଜନ ବିଭାଗରେ ହୁଏତ କିଛି ନ ଥିବ, ସେମାନେ ଚା' ନିଜ ପଇସାରେ ପିଉଥିବେ । ସେଦିନ ମୋର ଭୁଲ.ଭାଙ୍ଗିଗଲା । ଗୋଟିଏ ବଡ଼ ହୋଟେଲର ମ୍ୟାନେଜର କହିଲେ- ସାର, କୌଣସି ବିଭାଗକୁ ନ୍ୟୂନ ଚକ୍ଷୁରେ ଦେଖିବେ ନାହିଁ । ଯାହା ପାଖରେ ଅଧିକାର ତା'ପାଖରେ ସରକାରଙ୍କ ଶକ୍ତି ମଧ୍ୟ ଅଛି । ମୁଁ ମାପ ଓ ଓଜନ ବିଭାଗର ନାମ ଉଲ୍ଲେଖ କରିବାରୁ ସେ କହିଲେ- ଦିନେ ଜଣେ ଭଦ୍ର ବ୍ୟକ୍ତି ହୋଟେଲକୁ ଆସି କ'ଣ ସବୁ ପଚରାଉଚୁରା କରି ଚା'ପିଇଲେ । ତାଙ୍କର ଇଚ୍ଛାଥିଲା ଲାଞ୍ଚ ଖାଇବା ପାଇଁ ଖାଲି ଚା' ଦେଇ ଆମେ ବିଦା କରିଦେଲୁ । ଠିକ୍ ଚାରି/ ପାଞ୍ଚଦିନ ପରେ ଦଳବଳ ନେଇ ପହଞ୍ଚିଗଲେ ସେ ।

ମଦ ପରଷୁଥିବା ଗ୍ଲାସ୍ ଗୁଡାର ମାପଯୋଖ ଟିପି ନେଇ କହିଲେ - ଦିନକୁ ବାରଶହ ଏବଂ ମାସକୁ ପ୍ରାୟ ଛତିଶ ହଜାର ଟଙ୍କା ମୂଲ୍ୟର ମଦ ନ ଦେଇ ଗ୍ରାହକମାନଙ୍କଠାରୁ ପଇସା ନେଉଥିବାରୁ ଆପଣଙ୍କ ନାମରେ କେସ ଦାଏର କରାଯିବ, ଷ୍ଟେଟମେଣ୍ଟ ଦିଅନ୍ତୁ । ମ୍ୟାନେଜର ଭୁଲ ବୁଝିପାରି ସଦଳବଳ ନେଇ ଆସିଥିବା କର୍ତ୍ତାଙ୍କୁ ରାଜକୀୟ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରି ବିଦାୟ ଦବାବେଳେ କହିଲେ- ସାର୍... କିଛି ମନେ କରିବେ ନାହିଁ... ସେବା କରିବାର ମୌକା ଦେଇ ମଧ୍ୟେ ମଧ୍ୟେ ଆମକୁ ଆନନ୍ଦିତ କରିବେ । ସେହିଦିନ ଠାରୁ ସେ ମହାଶୟ ମଧ୍ୟ ହୋଟେଲ ମ୍ୟାନେଜରଙ୍କୁ ସେବା ଦେବାର ମୌକାଦବାରେ କେବେହେଲେ ହେଳା କରିନାହାଁନ୍ତି ।

Digitized by srujanika@gmail.com

ଡେଲହାଉସିରେ ସଂଧ୍ୟା

ମୁଁ କଲିକତା ପ୍ରଥମ ଯାଏ ୧୯୪୬ ମସିହାରେ । ମୋ ସହିତ ଥିଲା ମୋ ସାନ ଭାଇ ଅକ୍ଷୟ । ସେତେବେଳେ ଆମେ ମାଟ୍ରିକ୍ ପରୀକ୍ଷା ଦେଇ ଛୁଟିରେ ଥିଲୁ । ମୟୂରଭଞ୍ଜର କଂଗ୍ରେସ ନେତା ଓ ଜନସେବକ ହରିଶ୍ଚନ୍ଦ୍ର ଦାସ ନେଇଯାଇଥାନ୍ତି ଆମକୁ । ବେଙ୍ଗଲ ବୋଡ଼ିଂରେ ରହିବାର ବ୍ୟବସ୍ଥା ହୋଇଥିଲା । ସେହିଠାରେ ମୁଁ ଜାଣିଲି ଯେ, ମାଛଘୋଳ ଆଉ ଭାତ ନ ହେଲେ ଚଳେନା ବଙ୍ଗାଳୀମାନଙ୍କର । ସେତେବେଳେ କଲିକତା ସହରର ଚେହେରା ଥିଲା ଭିନ୍ନ ପ୍ରକାର । ସଫାସୁତୁରା ରାସ୍ତାଘାଟ । ଫୁଟପାଥ ପ୍ରତିବନ୍ଧକ ହୀନ ଓ ନିର୍ମଳ । ହୋଟେଲ ଉପରୁ ସକାଳୁ ତଳକୁ ଚାହିଁଲେ ଦିଶେ ପ୍ରତି ପାହାନ୍ତରେ ହୋସ ପାଇପ ସାହାଯ୍ୟରେ ଧୂଆ ହୋଇଥିବା ରାସ୍ତା । ସେତେବେଳେ ପ୍ରତି ଛକରେ ବା ରାସ୍ତାକଡ଼ରେ ଏତେ ଆବର୍ଜନା ପରିଷାର ନହୋଇ ପଡ଼ିରହୁ ନଥିଲା । ଯାନ ବାହାନ ଚଳାଚଳରେ ଏପରି ସମସ୍ୟା ସୃଷ୍ଟି ହେଉ ନଥିଲା । ଠାଏ ଠାଏ ଫୁଲ ଭରି ଗଛମାନଙ୍କର ଶୋଭା ଆକର୍ଷଣ କରୁଥିଲା ପଥଚାରୀ ଓ ଦର୍ଶକଙ୍କୁ ।

ରୂପସୀ ନଗରୀ କଲିକତା । ସ୍ମୃତିର ପ୍ରାଣକେନ୍ଦ୍ର କଲିକତା । ଆଉ ବ୍ୟବସାୟ ବାଣିଜ୍ୟର ମୁଖ୍ୟ ସହର କଲିକତା । ସେତେବେଳେ ଭାରତର ପଚାଶ ଭାଗରୁ ପଞ୍ଚାବନ ଭାଗ ଆମଦାନୀ ରପ୍ତାନି ବାଣିଜ୍ୟ କଲିକତା ବନ୍ଦର ବାଟେ ହେଉଥିଲା । ଖାଲି ପୂର୍ବ ଭାରତର ପ୍ରଧାନ ସହର ନଥିଲା କଲିକତା, ବମ୍ବେ ଠାରୁ ବି ବେଶି ଖ୍ୟାତି ଅର୍ଜି ଥିଲା ସବୁଥିରେ । ବଙ୍ଗାଳୀମାନେ ଓଡ଼ିଆଙ୍କ ପରି ଭୋଜନ ପ୍ରିୟ, କିନ୍ତୁ ଉଭୟଙ୍କ ସ୍ୱାଦରେ ସାମାନ୍ୟ ଫରକ । ମିଷ୍ଟାନ୍ନ ତ ମିଠା, କିନ୍ତୁ ସବୁ ତରକାରୀ, ଡ଼ାଲି ଓ ଖାଦ୍ୟରେ ଚିନି ବା ଗୁଡ଼ ଅବଶ୍ୟ ପଡ଼ିବ । ଆଉ ଇଲିସି ମାଛ କହିଲେ ତ ପାଗଳ ବଙ୍ଗାଳୀ, ଯେମିତି ପାଗଳ ଥିଏଟର ଦେଖିବା ପାଇଁ । ଆମେ ଯାଉଥିଲୁ ଗିରିଶ ଘୋଷ ପ୍ରତିଷ୍ଠିତ ରଙ୍ଗମହଲର ଥିଏଟରେର୍ସର ଥିଏଟର ଦେଖିବା ପାଇଁ । ସେତେବେଳର ରଙ୍ଗମଞ୍ଚ ଓ ରୂପେଲି ପର୍ଦ୍ଦାର ପ୍ରଧାନ ନାୟକ ନାୟିକାମାନଙ୍କର ଅଭିନୟ ଦେଖିଥିଲୁ ରଙ୍ଗମଞ୍ଚରେ । ଶିଶିର ଭାଦୁଡ଼ୀ, ଅହୀନ ଚୌଧୁରୀ, ସରୋଜନୀବାଳା

Digitized by srujanika@gmail.com

ପ୍ରଭୃତିଙ୍କ ଅଭିନୟ ଦେଖି ଆଖି ବିସ୍ତାରିତ ହୋଇଯାଉଥିଲା ବିସ୍ମୟରେ, ମନ ବିସ୍ତାରିତ ହୋଇଥିଲା ମୁଗ୍ଧତାରେ ।

ହରିଶବାବୁ ନେଇଗଲେ ଆମକୁ ବିଭିନ୍ନ ସ୍ଥାନ ବୁଲାଇବା ପାଇଁ । ସବୁଠାରୁ ବଡ଼ ଆକର୍ଷଣ ଥିଲା ହାଓଡ଼ା ପୋଲ, ଆଲିପୁରର ଚିଡ଼ିଆଖାନା, ଏସପ୍ଲାନେଡ୍‌ର ଶୋଭା, ଟ୍ରାମଗାଡ଼ିରେ ଯାତ୍ରା... । ଗ୍ରେଟ ଇଷ୍ଟର୍ଣ୍ଣ ଓ ଗ୍ରାଣ୍ଡ ହୋଟେଲକୁ ସେତେବେଳେ ଆଡ୍ଡା ଦବାକୁ ଯାଉଥିଲେ ଓଡ଼ିଶାର ରାଜା ମହାରାଜାମାନେ । ଗ୍ରେଟ ଇଷ୍ଟର୍ଣ୍ଣ ହୋଟେଲ ପାଖରେ ଜଗତ ବିଖ୍ୟାତ ରେଁକିନସ୍‌କୋଟ ପେଣ୍ଟ ସିଲାଇ କରିବାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସ୍ଥାନ । ସେଠାରେ ହରିଶ ବାବୁ କହିଲେ- ଏଇ ରେଁକିନସ୍‌ରେ ଏତେ ସୁନାମ ଯେ ରାଜା ମହାରାଜା, ବଡ଼ଲାଟ, ଛୋଟଲାଟ ସମସ୍ତଙ୍କ ପୋଷାକ ସିଲାଇ ହୁଏ ଏଠାରେ । ଥରେ ଢ଼େଙ୍କାନାଳର ରାଜା ସାହେବ ବିଲାତ ଯିବା ପୂର୍ବରୁ କୋଟ ପେଣ୍ଟ ଚବିଶ ଘଣ୍ଟା ମଧ୍ୟରେ ତିଆରି କରି ଦେବା ପାଇଁ ଅର୍ଡ଼ର ଦେଲେ । ଠିକ୍ ଚବିଶ ଘଣ୍ଟା ମଧ୍ୟରେ ତିଆରି ହେଲା ପୋଷାକ । ରାଜା ସାହେବ ନୂଆ ପୋଷାକ ପିନ୍ଧି ଗଲେ ଗ୍ରାଣ୍ଡ ହୋଟେଲରେ ହେଉଥିବା ଗୋଟେ ପାର୍ଟିକୁ । ଜଣେ ବନ୍ଧୁ କହିଲେ- ଚମତ୍କାର ହୋଇଛି... କିନ୍ତୁ ଏହି କାନ୍ଧରେ କୁଞ୍ଚି କୁଞ୍ଚି ହେଲା ପରି ଦିଶୁଛି । ରାଜା ସାହେବ କ୍ଷୁର୍ଣ୍ଣ ହେଲେ । ତା' ପରଦିନ ପୁଣି ଗଲେ ରେଁକିନସ୍‌କୁ । ହାତରେ ଆଉ ମାତ୍ର ଚବିଶ ଘଣ୍ଟା ବିଲାତ ଯିବା ପାଇଁ । ରେଁକିନସ୍‌ର ମୁଖ୍ୟ ଦରଜି କୋଟ ପରୀକ୍ଷା କରି ତ୍ରୁଟି ଧରି ପାରିଲା । ସଂଗେ ସଂଗେ କ୍ଷମା ମାଗିଲା ରାଜା ସାହେବଙ୍କଠାରୁ ଆଉ ତାଙ୍କରି ଆଖି ଆଗରେ କଇଁଚିରେ ଖଣ୍ଡ କରି କାଟି ପକାଇଲା ସିଲେଇ କରିଥିବା କୋଟ । ନା, ରେଁକିନସ୍‌ରେ ତିଆରି ପୋଷାକରେ ତ୍ରୁଟି ଥାଏ ଏହା କେହି ନ କହନ୍ତୁ । ନୂଆ କୋଟ ପୁଣି ଥରେ ତିଆରି ହେଲା । ରାଜା ସାହେବ ଖୁସି ହୋଇ ବକ୍‌ସିସ ଦେଲେ । ସେମିତି ରାଜା ମହାରାଜା ଓ ରାଣୀମାନେ ଜାମା, ଗେଞ୍ଜି, ରୁମାଲ, ସାୟା, ଶାଢ଼ୀ, ପ୍ରସାଧନ ସାମଗ୍ରୀ କିଣିବାକୁ ଯାଉଥିଲେ ଆଉ ଦୁଇଟା ଯାଗାକୁ- କମଲାଳୟ ଓ ହ୍ୱାଇଟୱେ ଲେଡ଼ ଲୋକୁ । ସାଧାରଣ ଲୋକଙ୍କର ସାହସ ହେଉ ନଥିଲା ଏ ଦୁଇ ଅଭିଜାତ୍ୟ ଡ଼ିପାର୍ଟମେଣ୍ଟାଲ ଷ୍ଟୋରକୁ ଯିବା ପାଇଁ । ଡ୍ରାବୋର୍ଣ୍ଣ ଷ୍ଟୁଡିଓରେ ହରିଶ ବାବୁ ଓ ତାଙ୍କ ସ୍ତ୍ରୀ ଫଟୋ ଉଠାଇଲେ । ସବୁଠାରୁ ନାମାଜାଦା ଷ୍ଟୁଡିଓ ସେତେବେଳର ।

ଡେଲହାଉସି ସ୍କୋୟାର । କଲିକତାର କେନ୍ଦ୍ରସ୍ଥଳ । ଏବର ନାମ ବିଜୟ ବାଦଲ ଦିନେଶବାଗ (ବି.ବି.ଡି.ବାଗ) । ଏ ତିନିଜଣ ମହାନ୍ ବିପ୍ଳବୀ । ଇଂରେଜ ସାହେବକୁ ଗୁଳିକରି ହତ୍ୟା କରିଥିଲେ ବୋଲି ଫାଶୀଦଣ୍ଡ ପାଇ ଶହୀଦ ହୋଇଯାଇଛନ୍ତି । ସେମାନଙ୍କର ସ୍ମୃତି ଅକ୍ଷୟ କରି ରଖିବା ପାଇଁ ଡେଲହାଉସି ସ୍କୋୟାରର ନାମ ବିଜୟ, ବାଦଲ, ଦିନେଶବାଗ ରଖାଯାଇଛି । ଏହିଠାରେ ଅବସ୍ଥିତ ପଶ୍ଚିମବଙ୍ଗ ସରକାରଙ୍କ ସେକ୍ରେଟାରିଏଟ । ଚାରିପଟେ ବଡ଼ ବଡ଼ ବ୍ୟାଙ୍କ, ବାଣିଜ୍ୟ ପ୍ରତିଷ୍ଠାନଗୁଡିକର ମୁଖ୍ୟ କାର୍ଯ୍ୟାଳୟ,

Digitized by srujanika@gmail.com

ଜି.ପି.ଓ.,କୋଲଇଣ୍ଡିଆ ଓ ପୂର୍ବ ରେଳବାଇର ହେଡ୍ କ୍ୱାଟେରର୍ସ । ମଝିରେ ପୋଖରୀ । ଡ଼େଲହାଉସିର ଶୋଭା ଦେଖିବା ପାଇଁ ଆସନ୍ତି ଅନେକ ଲୋକ । ଆମେ ମଧ ଯାଉଥିଲୁ । ବଡ଼ଲାଟ ଲର୍ଡ଼ ଡ଼େଲହାଉସିଙ୍କ ନାମ୍‌ରେ ଏହି ସ୍ଥାନର ନାମକରଣ କରିଥିଲେ ବ୍ରିଟିଶ ସରକାର । ସେଇନାମ ବଦଳାଇ ଦିଆଯାଇଛି ସତ, କିନ୍ତୁ ଇତିହାସର ପୃଷ୍ଠା କିଏ ବଦଳାଇବ ? କିଏ ପୋଛିବ ପରାଧିନ ଭାରତର ଗ୍ଲାନି ?

ସେଥର ଡ଼େଲହାଉସି ଦେଖିଥିଲି ଦିନ ବେଳେ । ଟ୍ରାମରେ ବସି ବୁଲିଥିଲି ଚାରିପାଖେ । କିନ୍ତୁ ସୁଯୋଗ ଆସିଲା ଆଉଥରେ ଡ଼େଲହାଉସି ସ୍କୋୟାରରେ ସଂଧ୍ୟା କଟାଇବା ପାଇଁ ନଅବର୍ଷ ପରେ । ମୁଁ ପଢ଼ା ଶେଷ କରି ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଲିକତା ଆସିଥାଏ । ହାତରେ ନିଯୁକ୍ତି ପତ୍ର । କାଲିଠାରୁ ଭାରତ ସରକାରଙ୍କ ମୋଷ୍ଟ ଓବିଡିଏଣ୍ଟ ସର୍ଭେଣ୍ଟ ହେବାର ଗୌରବ ମିଳିବ । ସଂଧ୍ୟା ବେଳେ ଘେରାଏ ବୁଲିଆସିବା ପାଇଁ ବାହାରିଲି । ସଂଧ୍ୟାରେ ଡ଼େଲହାଉସିର ଅପରୂପ ଶୋଭା ଆକର୍ଷଣ କରେ ଦର୍ଶକମାନଙ୍କୁ । ଉଜ୍ଜଳ ଆଲୋକ, ପରିଷ୍କାର ପଥ, ଉଚ୍ଚ ଅଟ୍ଟାଳିକା, ଗଣ୍ୟମାନ୍ୟଙ୍କର ଭିଡ ଦେଖିବା ପାଇଁ ଏଠାକୁ ଆସନ୍ତି ଅନେକ ପର୍ଯ୍ୟଟକ । ମୁଁ ବି ଯାଉଥିଲି । ଡ଼େଲହାଉସିରେ ପାଦ ଦେବା କ୍ଷଣି ଦେହରେ ବାଜେ ସଚିବାଳୟର ହାୱା, କାନରେ ଶୁଭେ ଅମାତ୍ୟମାନଙ୍କର ସ୍ୱର, ଆଖିରେ ପଡ଼େ ପାତ୍ର ମନ୍ତ୍ରୀଙ୍କର ପଟୁଆର । ଭାରି ଭାରି ଲାଗେ । କ୍ଷମତାର କେନ୍ଦ୍ର ଏଇ ଡ଼େଲହାଉସି । ରାଜନୈତିକ କ୍ଷମତା ପରି ଅର୍ଥନୈତିକ କ୍ଷମତାର କେନ୍ଦ୍ରସ୍ଥଳୀ । ସାଧାରଣ ଲୋକ ଅର୍ବାଚୀନ, ଅପ୍ରାସଙ୍ଗିକ ଏଠାରେ । ତଥାପି ଭଲ ଲାଗୁଥାଏ ଚାଲିବା ପାଇଁ ।

କେହି ଜଣେ ମୋ ପାଖେ ପାଖେ ଚାଲିବା ଦେଖି ମୁଁ ଘୁଞ୍ଚିଗଲି । ଅଜଣା ଯାଗା, ଅଚିହ୍ନା ଲୋକ । ଆସିବା ବେଳେ ସାଙ୍ଗମାନେ କହିଥିଲେ ପକେଟମାରୁ, ଠକିକଟା, ଗଣ୍ଠିକଟା ପ୍ରତି ଟିକେ ସତର୍କ ରହିବା ପାଇଁ । କିଏ ଜାଣେ କାହାର କ'ଣ ମତଲବ । ମୁଁ ଘୁଞ୍ଚି ଗଲେ ବି ସେ ପୁଣି ମୋ ପାଖକୁ ଲାଗି ଆସିଲା । ଅଫିସ ସବୁ ବନ୍ଦ ହୋଇଯାଉଥାଏ ବୋଲି ରାସ୍ତାରେ ପଥଚାରୀ କମ୍ ଥାଆନ୍ତି । ମୁଁ ଚାହିଁଲି ଆଡ ନୟନରେ । ଲୋକଟା ପତଳା । ଗହମ ରଙ୍ଗ । ବୟସ ଚାଳିଶ ପାଖାପାଖି । ନାକତଳେ ଲମ୍ୱା ନିଶ ।

ହଠାତ୍ ମୋ ହାତ ଧରି ପକାଇ କହିଲା- ଏଇଠାରେ ବାଟ ଭାଙ୍ଗିବାକୁ ହେବ... ଟିକେ ଆଗକୁ ଗଲେ...

ମୁଁ ଆଚମ୍ୱିତ ହୋଇ କହିଲି.. ବାଟ ଭାଙ୍ଗିବି କାହିଁକି ? ମୁଁ ଚୌରାଙ୍ଗି ଆଡକୁ ଯିବି... ।

- ପ୍ରଥମ ଆସିଛ ବୋଧହୁଏ ?

- ନା, ଆଗରୁ ଆସିଥିଲି । ଏଇଟା ଦ୍ୱିତୀୟ ଥର... ।

- କଲିକତାକୁ ଲୋକମାନେ ଆସନ୍ତି ମଉଜ କରିବା ପାଇଁ । ତମେ ଚାହିଁନି... ?

ଲୋକଟାର ମୁହଁକୁ ମୁଁ ପୁଣି ଥରେ ତୀକ୍ଷ୍ଣ ଦୃଷ୍ଟିରେ ଅନାଇଲି ।

Digitized by srujanika@gmail.com

ସେ ମୋ ହାତ ଧରି ପକେଇ କହିଲା- ତମ ପାଇଁ ଅପେକ୍ଷା କରୁଛନ୍ତି । ଯେଉଁଠି ଇଚ୍ଛା ରାତିଟା ରହିଯିବ ।

ମୋର ସନ୍ଦେହ ଘନୀଭୂତ ହେଲା । ମୁଁ କହିଲି, ହାତ ଛାଡ... । ସେ ହାତ ନଛାଡ଼ି କହିଲା- ଯେମିତି ପସନ୍ଦ... ବଙ୍ଗଳୀ, ଗୁଜୁରାଟୀ, ପଞ୍ଜାବୀ, କାଶ୍ମୀରୀ, ଇଂଲିଶ, ଫ୍ରେଞ୍ଚ ସବୁ ସୁଇଟ୍ ସିକ୍ସଟିନ୍... ।

ଶିହରି ଉଠିଲି ମୁଁ । ଏପରି ଜଣେ ଲୋକ ହାବୁଡ଼ରେ ପଡ଼ିଥିବାରୁ କିଂକର୍ତ୍ତବ୍ୟ ବିମୂଢ଼ ହୋଇଯାଇଥିଲି କେଇକ୍ଷଣ । କିନ୍ତୁ ବୁଦ୍ଧି ଦିଶିଲା, ହଠାତ୍ ତା' ହାତମୁଠାରୁ ହାତ ଛଡେଇ ଦୌଡିବାକୁ ଲାଗିଲି... ଗ୍ରେଟ ଇଷ୍ଟର୍ଣ୍ଣ ହୋଟେଲ ପାର ହୋଇ ରାଜଭବନର ପୂର୍ବ ଫାଟକ ପାଖରେ ଠିଆ ହେଲି । ଦେଖିବା ପାଇଁ ସେ ଆସୁଛି କି ନାହିଁ... କଲିକତାର ଅଚିହ୍ନା ଲୋକମାନଙ୍କ ମେଳରେ ସେଇ ଲୋକଟା ଅଦୃଶ୍ୟ ହୋଇଯାଇଥିଲା । ମୋ ପରି ବେରସିକ ବ୍ୟକ୍ତିର ପିଛା ନକରି ।

ଚୁପ୍ ଚୁପ୍... ଓଡ଼ିଆରେ ନୁହେଁ

ଓଡିଆମାନେ ଅତୀତରେ ଏକ ଶକ୍ତିଶାଳୀ ଓ ଦୁର୍ଦ୍ଧର୍ଷ ଜାତି ଥିଲେ । ଏହା ଇତିହାସରେ ପଢ଼ିଥିଲି । ସେମାନଙ୍କ ଶୌର୍ଯ୍ୟବୀର୍ଯ୍ୟର କାହାଣୀ କାହ୍ନୁ ଚରଣଙ୍କ 'ବାଲିରାଜା' ଉପନ୍ୟାସରେ ପଢ଼ିଥିଲି ଷଷ୍ଠ ଶ୍ରେଣୀର ଛାତ୍ର ଥିଲାବେଳେ । କିନ୍ତୁ ଜନ୍ମ ହେଲା ବେଳକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇନଥିଲା । ୧୮୦୩ରେ ଓଡିଶା ସ୍ୱତନ୍ତ୍ରତା ହରାଇ ଇଂରେଜ ଶାସନାଧୀନକୁ ଚାଲିଗଲା । ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠିତ ହେଲା ଓଡ଼ିଆମାନଙ୍କୁ ସଂଗଠିତ କରି ଓଡ଼ିଆଭାଷୀ ଅଞ୍ଚଳ ସବୁକୁ ନେଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଲାଗି ଦାବି କରିବା ପାଇଁ । ତେତିଶବର୍ଷ ପରେ ୧୯୩୬ରେ ଏପ୍ରିଲ ପହିଲା ଦିନ ଓଡ଼ିଶା ପ୍ରଦେଶ ସୃଷ୍ଟି ହେଲା । କିନ୍ତୁ ଏହା ଥିଲା ଖଣ୍ଡିତ ଓଡିଶା ପ୍ରଦେଶ, ବହୁ ଓଡ଼ିଆ ଭାଷୀ ଅଞ୍ଚଳ ରହିଗଲା, ବଙ୍ଗ ପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ସେବେକାଳର ମାଡ୍ରାଜ ପ୍ରଦେଶରେ । ସେଇ ଯେ ରହିଗଲା ଆଉ ଆସିଲା ନାହିଁ । ସରେଇକଳା ଖରସୁଆଁ ଆସିଥିଲା ଓଡ଼ିଶାକୁ କିନ୍ତୁ ରହିଲା ନାହିଁ । କାହାର ଦୋଷ ଏବେ କହି ଲାଭ ନାହିଁ । କିନ୍ତୁ ମୋଗଲ ଓ ମରାଠା ଶାସନଠାରୁ ଓଡ଼ିଆର ମେରୁଦଣ୍ଡ ନଇଁବାକୁ ଆରମ୍ଭ କରିଥିଲା । ପ୍ରତାପରୁଦ୍ରଙ୍କ ସମୟରୁ ସହଜିଆ ଜୀବନଧାରା ଆପଣାଇ କରି ନେଇଥିଲା ଓଡ଼ିଆ, ତେଣୁ ଯେତେବେଳେ ବାହାରୁ ଶତ୍ରୁମାନେ ଆସି ଆକ୍ରମଣ କଲେ, ସେମାନଙ୍କର ସଫଳ ପ୍ରତିରୋଧ କରାଯାଇ ପାରିଲା ନାହିଁ । ପ୍ରାୟ ତିନିଶହ ବର୍ଷ ଅଜ୍ଞାତ ବାସରେ ପରିଚୟ ହୀନ ହୋଇ ରହିଯିବାରୁ ଓଡ଼ିଆମାନେ ଭୁଲିଗଲେ ଯୁଦ୍ଧ କୌଶଳ କଳା ଓ କାରିଗରୀ । ସେମାନେ ହୋଇଗଲେ ଭାଗ୍ୟବାଦୀ, ପରଶ୍ରୀକାତର, ଆଳସ୍ୟପରାୟଣ, ସହଜିଆ ଓ ଉଦ୍ୟମହୀନ । ଅନେକ କାଳ ପରାଧୀନ ରହିବାରୁ ଓଡ଼ିଆମାନଙ୍କ ମଧ୍ୟରେ ଦେଖାଗଲା ଏକ ବିଚିତ୍ର ମାନସିକତା- ହୀନମନ୍ୟତା । ଏହା ଆଜିଯାଏଁ ଛାଡିନି ଓଡ଼ିଆମାନଙ୍କୁ ନ ହେଲେ ଓଡ଼ିଆ ଭାଷା ଓ ସଂସ୍କୃତିର, ସମାଜ ଓ ଅର୍ଥନୀତିର ମୌଳିକ ସମସ୍ୟାଗୁଡିକୁ ସମାଧାନ ନ କରି କେବଳ ଭାଷଣ ଦେଇ ନିଶ୍ଚିତ ରହୁନଥାନ୍ତେ ନେତୃବୃନ୍ଦ ବା ବୁଦ୍ଧିଜୀବୀ ।

Digitized by srujanika@gmail.com

ତେଣୁ ମୁଁ ଯେତେବେଳେ ସର୍ବଭାରତୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭାରତୀୟ ରେଳବାଇରେ ଚଳାଚଳ ବିଭାଗରେ ଯୋଗ ଦେବା ପାଇଁ କଲିକତା ଗଲି, ଅନେକ ହିତୈଷୀ କହିଲେ ରେଳବାଇରେ ପ୍ରାୟ ଓଡ଼ିଆ ନାହାନ୍ତି... ଅନ୍ୟ ଭାଷାଭାଷୀଙ୍କ ରାଜତ୍ୱ । ସାବଧାନରେ ଚଳିବ ! ଜଣେ ବନ୍ଧୁ ଗୋଟେ ଚିଠି ଦେଲେ ଭାଗୀରଥୀ ପାଢ଼ୀଙ୍କୁ । ସେତେବେଳେ ସେ ଥିଲେ ଏକମାତ୍ର ଓଡ଼ିଆ ଅଫିସର । କିରାଣୀ ଭାବରେ ବେଙ୍ଗଲ - ନାଗପୁର ରେଳବାଇରେ ଯୋଗଦେଇ ନିଜର କୃତିତ୍ୱ ବଳରେ ଉଠିଥିଲେ ଉପରକୁ । ପରେ ଆହୁରି ଉପରକୁ ଉଠିଲେ । ରେଳବାଇ ସମ୍ପର୍କରେ କେହି ଜାଣିନଥିଲେ, ମୋର ମଧ୍ୟ କୌଣସି ଧାରଣା ନଥିଲା । ରେଳବାଇ ଚାକିରି କାହିଁକି ଯେ ମୁଁ ବାଛିଲି ଆଜି ବି ଜାଣେନି । ଆଇ.ପି.ଏସ୍ ପାଇଁ ମଧ୍ୟ ମୁଁ ମନୋନୀତ ହୋଇଥିଲି । କିନ୍ତୁ ପୋଲିସରେ ନ ଯିବା ପାଇଁ ପ୍ରଥମରୁ ମୁଁ ମନସ୍ଥିର କରି ନେଇଥିଲି । ରେଳବାଇରେ ଯୋଗ ଦେବା ଲାଗି ଗଲାବେଳେ ବାପା କହିଲେ- ଅନେକ ସାହେବ ଅଛନ୍ତି ଏ ବିଭାଗରେ ମଦ ପିଅନ୍ତି... ତଳିଆ କର୍ମଚାରୀ ଚୋରି କରନ୍ତି... ତୁ ଯେପରି ମଦ ନପିଉ ବା ଘୁଷ୍ ନ ନେଉ... । ମୁଁ ତାଙ୍କୁ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କର ଚିଠି ନେଇ କଲିକତାରେ ପହଞ୍ଚିଲି । ସେତେବେଳେ ପୂର୍ବ ରେଳବାଇର ଏକ ଅଂଶ ଥିଲା ଦକ୍ଷିଣପୂର୍ବ ରେଳବାଇ । ବେଙ୍ଗଲ-ନାଗପୁର କମ୍ପାନୀକୁ ଇଷ୍ଟଇଣ୍ଡିଆ କମ୍ପାନୀ ସହ ମିଶାଇ ଇଷ୍ଟର୍ଣ୍ଣ ବା ପୂର୍ବ ରେଳପଥ ଗଠିତ ହୋଇଥିଲା । ମୁଁ ଡ଼ିସେମ୍ବର ଅଣତିରିଶ ତାରିଖ ୧୯୫୪ରେ ଫେଆରଲିପ୍ଲେସରେ ଥିବା ରେଳବାଇ ହେଡ୍‌କ୍ୱାର୍ଟରରେ ଚାକିରିରେ ଯୋଗ ଦେଇ ପାଢ଼ୀ ସାହେବଙ୍କୁ ଖୋଜି ଖୋଜି ଯାଇ ପହଞ୍ଚିଲି ତାଙ୍କ ଅଫିସରେ ।

ସେ ବ୍ୟସ୍ତ ଥିଲେ, ଦୁଇ ତିନିଜଣ ବଙ୍ଗାଳୀ କର୍ମଚାରୀଙ୍କ ସହିତ ଆଲୋଚନା କରୁଥିଲେ, ମୁଁ ପହଞ୍ଚିଲା ବେଳେ । ତାଙ୍କ କୋଠରୀ ଭିତରକୁ ପଶି ଚିଠିଟି ତାଙ୍କ ହାତକୁ ବଢ଼ାଇ ଦେଇ କହିଲି- ଓଡ଼ିଶାରୁ ଆସିଛି... ମୋ ନାମ ସାତକଡି ହୋତା... । ମୋ କଥା ଶୁଣି ସେ ଅପ୍ରସ୍ତୁତ ହୋଇଯିବା ପରି ଦେଖାଗଲେ । ମୁଁ ତାଙ୍କ ଆଗରେ ଗୋଟିଏ ଚୌକିରେ ବସିବାର ଦେଖି ଅନ୍ୟାନ୍ୟ କର୍ମଚାରୀମାନେ କୋଠରୀ ଛାଡି ଯିବେ କି ନ ଯିବେ ତାହା ଭାବୁଥିବା ବେଳେ ଭାଗୀରଥି ବାବୁ ସେମାନଙ୍କୁ ବଙ୍ଗଳାରେ କହିଲେ ଆଉ ଟିକେ ପରେ ଆସିବା ପାଇଁ । ସେମାନେ ଚାଲିଗଲେ । ତା'ପରେ ମୁଁ କହିଲି... ମୁଁ ଜଏନ୍ କରିଛି ରେଳବାଇ ଟ୍ରାଫିକ୍ ସର୍ଭିସରେ... । ସେ ମୁହଁ ଉପରେ ଆଙ୍ଗୁଳି ରଖି କହିଲେ- ଚୁପ୍... ଚୁପ୍...ଓଡିଆରେ ନୁହେଁ... ସେମାନେ ଶୁଣିଥିବେ ।

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି- କିନ୍ତୁ ଆପଣତ ଓଡ଼ିଆ... ଆଠଗଡ଼ର ଲୋକ... ମୁଁ ବି ଓଡ଼ିଶାରୁ ଆସିଛି... ଓଡ଼ିଆରେ କହିଲେ କ୍ଷତି କଣ ?

ସେ ଟିକେ କ୍ଷୁର୍ଣ୍ଣ ହେଲାଭଳି ମୁହଁ କରି ଧୀରେ ଧୀରେ ଇଂରାଜୀରେ କହିଲେ- ଓଡ଼ିଆ ସତ... କିନ୍ତୁ ଏଠାରେ ଓଡ଼ିଆ ଚଳେନି । ଦଶପନ୍ଦରଜଣ ଓଡ଼ିଆ ପିଅନ ଅଛନ୍ତି

Digitized by srujanika@gmail.com

ଅଫିସରେ... ତମେ ଓଡ଼ିଆରେ ମୋ ସହିତ କଥାଭାଷା ହେଲେ ସମସ୍ତେ ଜାଣିଯିବେ । ଆମକୁ ଭଲ ଦୃଷ୍ଟିରେ ଦେଖନ୍ତିନି... ନୂଆ ଚାକିରିରେ ଯୋଗ ଦେଉଛ... କାହିଁକି ଇର୍ଷାର କାରଣ ହେବ... ।

ମୋର ଉତ୍ସାହ ସତରେ ଜମିଗଲା । ଗୋଟିଏ ସର୍ବଭାରତୀୟ ଚାକିରୀରେ ପ୍ରଥମ ଶ୍ରେଣୀରେ ଯୋଗ ଦେଇ ବି ମୁଁ ନିଶ୍ଚିତ ହୋଇ ପାରୁ ନଥିଲି ନିଜ ସଂପର୍କରେ । ଓଡ଼ିଆ ମୋର ମାତୃଭାଷା... ଏଠାରେ ଓଡ଼ିଆରେ କଥା କହିଲେ ଖରାପ ଭାବିବେ ଅନ୍ୟମାନେ । ମନେବି ପଡ଼ିଗଲା ତିନିଚାରି ବର୍ଷ ତଳର କଥା । ସେତେବେଳେ ମୁଁ ପୁରୀ କଲେଜର ଛାତ୍ର । ବି.ଏ ପଢୁଥାଏ ସେଠାରେ । ବାରିପଦାରୁ ଛୋଟ ଗାଡିରେ ରୂପ୍‌ସା ଆସି ସେଠାରୁ ବଡ଼ ଗାଡ଼ିରେ ପୁରୀ ଆସେ । ଆସିଲା ବେଳେ ବଙ୍ଗାଳୀ ଯାତ୍ରୀମାନଙ୍କର ବିଦ୍ରୁପ ସହ୍ୟ କରିବାକୁ ହେଉଥିଲା । ଜାଗା ଥିଲେ ବି ବସିବାକୁ ନ ଦେଇ ଗୋଡ଼ ଲମ୍ବାଇ କେହି କେହି କହିଥିବାର ମନେ ଅଛି- ଛିଡ଼ା ହେଲେ କ୍ଷତି କଣ... ଆମେ ଏତେ ଦୂରରୁ ଆସୁଛୁ । ଆଉ ଜଣେ କହିଲେ, ଏଇ ରେଲଲାଇନ କଡ଼ରେ ଯେଉଁ ଝାଟିମାଟିର ନଡ଼ା ଛପର ଘର ଦିଶୁଛି ଏ ସବୁଥିରେ ତୁମ ଦେଶର ଲୋକେ ରହନ୍ତି... ଆହାରେ ! ରାସ୍ତାକଡ଼ରେ ଠିଆ ହୋଇଥିବା ଲୋକଙ୍କୁ ଦେଖି କହୁଥିଲେ- ବଡ଼ ଗରିବ.. ହତଭାଗା ମାନେ । ପାଢ଼ୀ ବାବୁଙ୍କ ଉପଦେଶ ଗ୍ରହଣ କରି ଇଂରେଜୀରେ ତାଙ୍କ ସହିତ କଥା ହେଲି । ସେ କେହି ନ ଶୁଣିବା ପରି କହିଲେ, ଆଉ ଜଗିରଖି ଚଳିବ... ହଠାତ୍ କେହି ପଚାରିଦେଲେ ଓଡିଆରେ କହିବ ନାହିଁ । କଲିକତାରେ ଓଡ଼ିଆମାନେ କୁଲି, ମଜଦୂର, ପୂଜାରୀ ଚାକର ଭାବରେ ପରିଚିତ । ଚାକିରି କରିବାକୁ ଆସିଛ... କି ଦରକାର ଓଡ଼ିଆ କହିବୁଲିବା । ଓଡ଼ିଆ ନ କହି ଇଂରାଜୀରେ କଥା କହିବ... ନ ହେଲେ ହିନ୍ଦୀ... ନହେଲେ ଯଦି ପାର ବଙ୍ଗଳା... ।

ହେଡ୍‌କ୍ୱାର୍ଟର ଅଫିସରୁ ମୋତେ ହାଓ୍ୱାଡା ଡିଭିଜନ ଅଫିସକୁ ପଠାଇ ଦିଆଗଲା ଟ୍ରେନିଂ ପାଇଁ । ମୁଁ ରିପୋର୍ଟ କଲି ଗୋକୁଳ ଚନ୍ଦ୍ର ଲାହିଡ଼ିଙ୍କୁ । ସେ ଥିଲେ ଡ଼ିଭିଜନାଲ କମର୍ଶିଆଲ ସୁପରିଟେଣ୍ଡେଣ୍ଟ୍ । ସେ ମୋ ମୁହଁକୁ ଚାହିଁ କହିଲେ, ଓଡ଼ିଆମାନେ ଅଫିସର ହେବାକୁ ଆରମ୍ଭ କଲେଣି ତା' ହେଲେ କଂଗ୍ରାଚୁଲେସନ !

ମୋ ସହିତ ଆଉ ଜଣେ ବଙ୍ଗାଳୀ ମଧ୍ୟ ଜଏନ୍ କଲେ ସେଠାରେ । ହୃଷୀକେଶ ବନ୍ଦୋପାଧ୍ୟାୟ । ଦୁହିଁଙ୍କୁ ନେଇ ଲାହିଡ଼ି ସାହେବ ଗଲେ ଡ଼ିଭିଜନର ସୁପରିଣ୍ଟେଣ୍ଡେଣ୍ଟ୍ ସ୍କଟଲାଣ୍ଡ ନିବାସୀ ଖାଣ୍ଟି ସାହେବ ବାଥ୍‌ଗେଟଙ୍କ ପାଖକୁ । ସେ ଆମ ଦୁହିଁଙ୍କର ପରିଚୟ ପଚାରିଲେ । ଆମ ଦୁହିଁଙ୍କର ଇଂରାଜୀ ଉଚ୍ଚାରଣ ତାଙ୍କ ମନୋପୂତ ହେଲା ନାହିଁ ବି ତାଙ୍କ ଇଂରାଜୀ ଆମେ ବୁଝି ପାରିଲୁ ନାହିଁ । ସେ କହିଲେ ଯାଅ... ଯାଅ... ଟ୍ରେନିଂ ଆରମ୍ଭ କର ।

ତା' ପରେ ଆସିଲି କିଟସନ ସାହେବଙ୍କ ପାଖକୁ । ବୟସ ପଚାଶ ପାଖାପାଖି । ଆଙ୍ଗ୍‌ଲୋଇଣ୍ଡିଆନ୍ । ସେ ଥାଆନ୍ତି ଟ୍ରାଫିକ ଦାୟିତ୍ୱରେ । ଦକ୍ଷ ଅଫିସର ଭାବରେ ଖ୍ୟାତି ଥିଲା ତାଙ୍କର ।

Digitized by srujanika@gmail.com

ସବୁ ଶୁଣି ସେ କହିଲେ... ଭଲ ହେଲା ରେଳବାଇକୁ ଆସିଲ... ଯେତେବେଳେ ଯାହା ଦରକାର କହିବ... ମୁଁ ନଥିଲେ ମିସେସ୍ କିଟ୍‌ସନଙ୍କୁ କହିବ... ଆଉ ପ୍ରତି ରବିବାର ଲଞ୍ଚ ଖାଇବାକୁ ଆସ ଯେପରି ।

ମୁଁ ତାଙ୍କୁ ଧନ୍ୟବାଦ ଦେଇ ଚାଲି ଆସୁଥିଲାବେଳେ କହିଲେ ସେ- ତମେ ଓଡ଼ିଶାରୁ ଆସିଛ... ଭଲ ଦୃଷ୍ଟିରେ ତମକୁ ଦେଖିବେନି ଅନେକ । କିନ୍ତୁ ସେଥିରେ କିଛି ଯାଏ ଆସେନା । ମୁଁ ତ ଅଛି... ତୁମର କେହି କିଛି ଅନିଷ୍ଟ କରି ପାରିବେନି... । ସେଇଦିନୁ ମୁଁ ପ୍ରତିଜ୍ଞା କଲି... ମୁଁ ଓଡ଼ିଆ... ଯିଏ ପଚାରିବ ସେହିକଥା କହିବି... ଓଡ଼ିଆ ସହିତ ଇଂରାଜୀରେ କଥା କହିବି ନାହିଁ... । ସେତେବେଳେ ମୁଁ ଜଣେ ପ୍ରଥମ ଶ୍ରେଣୀର ଅଫିସର ଥିଲି... କିନ୍ତୁ ରେଳବାଇରେ ଏବେ ତ ଅନେକ ଭଲ ଦକ୍ଷ ଅଫିସର ଅଛନ୍ତି ବୋଲି ଓଡ଼ିଆମାନଙ୍କର ଜୟ ଜୟକାର ।

Digitized by srujanika@gmail.com

ସତ୍ୟଧର୍ମ ଏବେବି ଅଛି

ଅନ୍ୟାୟ, ଅବିଚାର ଦେଖି ଦେଖି ବେଳେ ବେଳେ ଭ୍ରମ ହୁଏ ମନରେ ସତ୍ୟ ଧର୍ମ ଅଛି କି ନାହିଁ । ଜୀବନ ସାରା ନିଜ ପ୍ରାପ୍ୟରୁ ବଞ୍ଚିତା ଜଣେ ଅଶୀବର୍ଷର ବୁଢ଼ୀ ଅମ୍ପି ଗଉଡୁଣୀ । ମୁଁ ପିଲାଦିନୁ ବଡ଼ ହେବା ଯାଏ ଦେଖି ଆସିଛି ତାକୁ । ଦହି ବିକି କୁଟୁମ୍ବ ଚଳାଏ । ସ୍ୱାମୀ ଓ ପୁଅ ତାକୁ ଛାଡ଼ି କୋଉଦିନୁ ଚାଲିଗଲେଣି, ତଥାପି ବୁଢ଼ୀ ଆଶା ରଖିଛି ଦିନେ ନା ଦିନେ ପୁଅ ଫେରି ଆସିବ । ଯୁବା ପୁଅ ତା' ଆଖି ଆଗରେ ସଂସାର ଛାଡ଼ି ଚାଲିଗଲା ସ୍ତ୍ରୀ ଓ ଶିଶୁ ପୁତ୍ରର ଦାୟିତ୍ୱ ତା' ହାତରେ ସମର୍ପିଦେଇ । ଯେତେବେଳେ ନାତିନାତୁଣିଙ୍କୁ କାଖେଇ ଖେଳେଇ ଆନନ୍ଦ କରିବା କଥା ସେତେବେଳେ ତୀନିପ୍ରାଣୀ କୁଟୁମ୍ବର ଦାୟିତ୍ୱ ପଡ଼ିଲା ତା' ମୁଣ୍ଡ ଉପରେ । ବୋହୂ ଯୁବତୀ । ଏ ବୟସରେ କୁଆଡେ ଯିବ କାମଧନ୍ଦା କରିବା ପାଇଁ । ନାତିର ବୟସ ସାତ । ଆହୁରି ବହୁତ ଦିନ ବାକି ଅଛି କାମିକା ହେବା ପାଇଁ । ସ୍ୱାମୀ ଛାଡ଼ି ଚାଲିଗଲା ଦିନୁ ମୁଣ୍ଡଝାଳ ତୁଣ୍ଡରେ ମାରି ଅମ୍ପି ଗଉଡୁଣୀ କାମ କରି ଚାଲିଛି । ସୂର୍ଯ୍ୟୋଦୟ ହେବା ଆଗରୁ ଘରୁ ବାହାରି ତିନିଟା ଗାଁରେ ଦହି ବିକି ଫେରିବା ବେଳକୁ ସଞ୍ଜ ହୁଏ ।

ସେଇ ଅମ୍ପି, ଗଉଡୁଣୀ ଆମ ଘରେ କେହି ନଥିଲା ବେଳେ ଦହିହାଣ୍ଡି ମୁଣ୍ଡରେ ବୋହି ପହଞ୍ଚିଗଲା ଦିନେ । ଦହି ନିଅ... ଦହି... । ଡ଼ାକ ଛାଡ଼ିଲା ଦୁଆର ମୁହଁରେ ଠିଆ ହୋଇ । ଜେଜେବାପା ଘରେ ନଥିଲେ । ବାପା, କାକା ସମସ୍ତେ ବିଲକୁ ଯାଇଥିଲେ । ଜେଜେମା ବୋହୂମାନଙ୍କୁ ସାଙ୍ଗରେ ନେଇ ପୋଖରୀକୁ ଯାଇଥିଲେ ଗାଧୋଇବା ପାଇଁ ।

ଜଣେ ନଅ ବର୍ଷର କୁମାରୀ ଝିଅ ନାଲି ପାଟଶାଢ଼ୀ ପିନ୍ଧି ପଥର ବାସନ କବାଟ ସେପାଖରୁ ବଢ଼ାଇ ଦେଇ କହିଲା- ଦହି ଦିଅ... ଦହି ଦେଇ ପାଉଣା ପରେ ନବ କହି ଅମ୍ପି ଗଉଡୁଣୀ ଚାଲିଗଲା ମନକୁ ମନ ପ୍ରଶ୍ନ ପଚାରି- ଗୋସେଇଁ ଘରକୁ କେବେ କେଉଁଠୁ ଆସିଲା ଏଡ଼େ ସୁନ୍ଦରୀ ଝିଅଟିଏ । ଆଗରୁ ତ କେବେ ଦେଖି ନଥିଲି.... ଭାଣିଜୀ କି ଝିଆରି ହେବ ବୋଧହୁଏ... ।

Digitized by srujanika@gmail.com

ଘରକୁ ଫେରିବା ବେଳେ ପାଉଣା ନବାଲାଗି ପହଞ୍ଚିଗଲା ଅମି ଗଉଡୁଣୀ । ଖରାବେଳ । ଜେଜେବାପା ଦାଣ୍ଡରେ ଶୋଇଥିଲେ । ତା' ଡ଼ାକ ଶୁଣି ଉଠିବସି କହିଲେ- କିଲୋ । ଏଇ ଖରା ବେଳଟାରେ ଆସିଲୁ... ଆଉ ସମୟ ପାଇଲୁ ନାହିଁ ?

- ନାଇଁ ଗୋସେଇଁ... ଦହି ଦେଇ ଯାଇଥିଲି ଯେ ପାଉଣା ନେଇ ନଥିଲି... ଘରେ ତ ନାନୀ କି ବୋହୂମାନେ କେହି ନଥିଲେ... ।

- କାହାକୁ ଦେଲୁ ଦହି ? ତିରୋଟ ସମୟ... ଧାନ ଚାଉଳ ସରି ଆସିଲାଣି ବୋଲି ଦହି ନବାକୁ ମନା କରିଥିଲି... କିଏ ନେଲା ?

ଅମି କହିଲା - ନଅଦଶବର୍ଷ ବରଷର ଝିଅଟେ... ଦେଖିବାକୁ ଭାରି ସୁନ୍ଦରୀ... ନାଲି ଶାଢ଼ୀ ପିନ୍ଧିଥିଲା...

ଜେଜେବାପା ଭିତରକୁ ଯାଇ ଡାକିଲେ ଜେଜେମା ଓ ବୋହୂମାନଙ୍କୁ । ସମସ୍ତେ ସମସ୍ୱରରେ କହିଲେ କେହି ଦହି ନେଇ ନାହାନ୍ତି ।

- ଅଥଚ କହିଁର ପାଉଣା ମାଗୁଛି ଅମି ? ଚିତ୍କାର କଲେ ଜେଜେବାପା ।

- ମୁଁ ମିଛ କହୁନି ଗୋସେଇଁ... କାନ୍ଦ କାନ୍ଦ ହୋଇ କହିଲା ଅମି... ମୋହରି ହାତରୁ ଦହି ନେଇ ଏଇ ଠାକୁର ଘରକୁ ପଶିବାର ନିଜ ଆଖିରେ ଦେଖିଛି ମୁଁ... ।

ଜେଜେବାପା ଦୌଡ଼ିଲେ ଠାକୁର ଘରଆଡ଼କୁ । ଜେଜେମା ଗଲେ ପଛେ ପଛେ । କବାଟ ଖୋଲି ଦେଇ ଯାହା ଦେଖିଲେ ବିଶ୍ୱାସ କରି ପାରିଲେ ନାହିଁ ।

ପଥର ବାସନରେ ଅମି ଗଉଡୁଣୀ ଦେଇଥିବା ଦହି ଶିକାରେ ଥୁଆ ହୋଇଛି ।

ରାଗରେ ଫାଟିପଡ଼ି କହିଲେ ଜେଜେବାପା - ଆରେ ! ଯାର କାର୍ଯ୍ୟ ତାହା ହେଲେ... ଦହି ଖାଇବାକୁ ଏତେ ମନ ଯଦି ଅଭାବରେ ଦିନ ଯାଉଛି କାହିଁକି ?

ଆମ ଘରର ଅଧିଷ୍ଠାତ୍ରୀ ଦେବୀ ଭୁବନେଶ୍ୱରୀ ମୂର୍ତ୍ତିକୁ ପ୍ରଶ୍ନ ପଚାରିଲେ ଜେଜେବାପା ।

ସେଇ ରାତିରେ ସ୍ୱପ୍ନ ହେଲା- ତୁ ରାଗିଲୁ ? ବାୟାଟା ପରା... ପିଲାମାନେ ଶୁଖିଲା ମୁଢ଼ି ଖାଇଥାନ୍ତେ... ? ଆଉ ଅଭାବ ତ ସେଇମାନଙ୍କ ବିଧିଲିପି ଯେଉଁମାନେ ସତ୍ୟଧର୍ମରେ ଥାଆନ୍ତି... ।

ଜେଜେବାପା ଭୁଲ ବୁଝି ପାରିଲେ । ତା' ପରଦିନ ସକାଳେ ପୂଜା କଲାବେଳେ କାନ୍ଦିଲେ ମା' ଆଗରେ ଅବୋଧ ଶିଶୁପରି ।

ବାପାଙ୍କ ମୁହଁରୁ ଏହା ଶୁଣିଛି । ଅବିଶ୍ୱାସ କରିନି । ସେ କହନ୍ତି ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର । ତାଙ୍କରି ମୁହଁରୁ ଶୁଣିଛି ତାଙ୍କ ନିଜ ଅଙ୍ଗେ ନିଭା କାହାଣି । ଏସବୁର

Digitized by srujanika@gmail.com

ସତ୍ୟତା ଲାବୋରେଟୋରୀରେ ପରୀକ୍ଷା କରି ଦେଖି ହୁଏନି, ଅନୁଭବରେ ଜାଣି ହୁଏ, ସଂଘୋଧିରେ ପରଖି ହୁଏ । ଏଇ ସତ୍ୟ ଓ ଧର୍ମରେ ଆତଯାତ ହେଉଥିବା ଲୋକମାନଙ୍କର କାହାଣୀ ଏହିପରି ବିସ୍ମୟରେ ପୂର୍ଣ୍ଣ ।

ରେଳବାଇ ଚାକିରି କରିବା ପରେ ବସ୍ତୁ ଓ ବାସ୍ତବବାଦୀ ମାନଙ୍କ ମେଳରେ ରହି ରହି ଧର୍ମ ଭୟ ବି କମିଗଲା । ଚାକିରି ଚୋରି ବଣିଜ ମିଛ ପରି ସତ ନକହି ସୁବିଧା ଅନୁସାରେ ମିଛ କହିବାକୁ ଶିଖିଗଲି । ସତ କହିଲେ ବିପଦ । ମିଥ୍ୟା ସତ୍ୟ ବୋଲି ସହଜରେ ଗୃହୀତ ହୋଇଯାଏ । ଦୋଷ ସ୍ୱୀକାର ନ କରି ପରମୁଣ୍ଡରେ ଅଠା ବୋଳି ଖଲାସ ହେବାରେ ଅମଲା ଓ ପ୍ରଶାସକମାନେ ରାଜନୀତିଜ୍ଞମାନଙ୍କ ପରି ଧୁରନ୍ଧର ।

ଈଶ୍ୱର ଅଛନ୍ତି କି ନାହିଁ ସେ ସଂପର୍କରେ ଅଚିନ୍ତ୍ୟ କୁମାର ସେନଗୁପ୍ତଙ୍କ 'ପରମପୁରୁଷ ଶ୍ରୀ ରାମକୃଷ୍ଣ' ପୁସ୍ତକ ପଢୁଥିଲା ବେଳେ ସ୍ୱାମୀ ବିବେକାନନ୍ଦ(ସେତେବେଳେ ନରେନ) ଶ୍ରୀ ରାମକୃଷ୍ଣଙ୍କୁ ପଚାରିଥିବା ଏଇ ପ୍ରଶ୍ନର ଉତ୍ତର ଥରକୁ ଥର ପଢ଼ିଲି । ଘରୁ ଅଳନ୍ଧୁ ପରି ମନର ଅବିଶ୍ୱାସଗୁଡ଼ିକୁ ସଫା କରିବା ଦରକାର ହୁଏ ବେଳେ ବେଳେ ।

ରେଳବାଇରେ ବହୁଧର୍ମ, ବହୁଭାଷା, ସଂପ୍ରଦାୟ ଓ ଅଞ୍ଚଳର ଲୋକ କାମ କରନ୍ତି । ସେଥିପାଇଁ ଏକ ମିଶ୍ରିତ ସଂସ୍କୃତି ଗଢ଼ି ଉଠିଚି ରେଳବାଇ ଅନୁଷ୍ଠାନ ଓ କଲୋନୀ ଗୁଡ଼ିକରେ । ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ହେବାରେ ବାଧା ବନ୍ଧନ ନାହିଁ ଏଠାରେ ।

ଥରେ ବିଳାସପୁର ଷ୍ଟେସନରେ ଗାଡ଼ି ଛିଡ଼ା ହେଲା । ମୁଁ ଓହ୍ଲାଇ ପଡ଼ିଲି । ଷ୍ଟେସନର ହେଡ଼୍ ଟିକଟ କଲେକ୍ଟର ହରେନ୍ଦ୍ର କୁମାର ଘୋଷ ଆଗେଇ ଆସି କହିଲେ - ସାର୍ କିଛି ସାହାଯ୍ୟ କରି ପାରେ କି ?

ଏଇ ହରେନ୍ଦ୍ର କୁମାର ଘୋଷଙ୍କୁ ମୁଁ ଚାକିରି ଆରମ୍ଭ କଲା ଦିନୁ ଦେଖି ଆସୁଛି ଏଇ ଷ୍ଟେସନରେ । ତାଙ୍କର ସାଧୁତା ଓ ଯୋଗ୍ୟତା ପ୍ରବାଦରେ ପରିଣତ ହୋଇଗଲାଣି ବୋଲି ଉପରିସ୍ଥ କର୍ତ୍ତୃପକ୍ଷ ବିଭାଗୀୟ ନିୟମ ସତ୍ତ୍ୱେ ତାଙ୍କୁ ବଦଳି ନକରି ଏଇ ଗୋଟିଏ ଷ୍ଟେସନରେ ରଖିଛନ୍ତି ଏତେ ବର୍ଷ ।

ମୁଁ କହିଲି - ଘୋଷବାବୁ, ଆପଣ ଈଶ୍ୱର ବିଶ୍ୱାସୀ... ।

- ଈଶ୍ୱରଙ୍କୁ ଦେଖିନି, ଜାଣିନି । ସେ ଅପରିଚିତ ଅଜ୍ଞାତ । କିନ୍ତୁ ମଣିଷକୁ ବିଶ୍ୱାସ କରେ ସାର୍... ।

- ଅଥଚ ମଣିଷ ଠିକ୍ ନାଗସାପ ପରି... ବେଶି ଅବିଶ୍ୱାସୀ... କେତେବେଳେ ଚୋଟ ମାରିବ କହି ହେବନି... ।

- ସାର୍ ଆପଣ କବି... ଚଣ୍ଡୀଦାସ କହିଛନ୍ତି... ସବାର ଉପରେ ମାନୁଷ ସତ୍ୟ ।

Digitized by srujanika@gmail.com

ତାହାର ଉପରେ ନାଇ... ମଣିଷ ହିଁ ଚରମ ସତ୍ୟ । ମଣିଷର ସେବା କରିବା ଦ୍ୱାରା ଈଶ୍ୱରଙ୍କ ସେବା କରିହୁଏ ବୋଲି ଅନେକ ସାଧୁସନ୍ଥ କହିଛନ୍ତି... ।

- ଆପଣଙ୍କ କିଛି ଅଭାବ ବୋଧ ନାହିଁ ଜୀବନରେ ? ମାଗିବାର କିଛି ନାହିଁ ? ପଚାରିଲି ମୁଁ ତାଙ୍କର ଉତ୍ତର ଶୁଣିବା ପାଇଁ ।

- ନା କାମ କରି ଯାଉଛି । ଯାହା କର୍ତ୍ତବ୍ୟ, ଯାହା ଠିକ୍ ବୋଲି ଭାବେ ତାହା କରିବାରେ ମୋର ଆନନ୍ଦ । ଶତ ବାଧାବିଘ୍ନ ସତ୍ତ୍ୱେ ମୁଁ କର୍ତ୍ତବ୍ୟରେ ଅବହେଳା କରେନି... ।

- ଆପଣଙ୍କର ବୟସ ହେଲାଣି... ପିଲାମାନେ ଉପଯୁକ୍ତ ହେଲେଣି ?

ଅମାୟିକ ହସ ମୁହଁ ଉପରେ ଖେଳାଇ ସେ କହିଲେ... ତିନୋଟି ପୁଅ... ଜଣେ ମ୍ୟୁନିସିପାଲିଟି ଅଫିସରେ ଚାକିରି କରୁଛି... ଦ୍ୱିତୀୟ ରେଳବାଇରେ ଭର୍ତ୍ତି ହୋଇଛି ଆପଣଙ୍କ ଦୟାରୁ... ମୁଁ କେବେ କୌଣସି ଧର୍ମଘଟରେ ଯୋଗ ଦେଇ ନଥିବାରୁ ଏଇ ପୁରସ୍କାର ଦେଇଛନ୍ତି ସରକାର । ଆଉ ତୃତୀୟ ଜଣକ ବି.ଏ ପଢୁଛି । ମୁଁ ତ ଆପଣଙ୍କ ଆଗରୁ ଅବସର ନେବି ଚାକିରିରୁ । ଆପଣ ଟିକେ ଦେଖିବେ ସେ ଯେପରି କୂଳ କିନାରା ପାଇଯାଏ ।

ସେହି ଦନ ସଂଧ୍ୟାରେ କ୍ଲବରେ ବସି ଗପୁଥିଲାବେଳେ ହରେନ୍ଦ୍ର କୁମାର ଘୋଷଙ୍କ ପ୍ରସଙ୍ଗ ଆପେ ଆପେ ଆଲୋଚନା ଭିତରକୁ ଆସିଗଲା ।

- ସେ ରିଟାୟାର କରିବେ ମାର୍ଚ୍ଚ ଏକତିରିଶ ତାରିଖରେ । ସାନପୁଅଟା ପାଇଁ କହିଛନ୍ତି... ଦେଖାଯାଉ କ'ଣ ହେଉଛି... ।

- ଘୋଷବାବୁଙ୍କର ଏତେ ଶୁଭେଚ୍ଛୁ ଯେ ଏ କାମ ଅଟକିବ ନାହିଁ... । ଆଉ ଜଣେ ସାଥି କହିଲେ ।

- କିନ୍ତୁ ଏଇ ତିନୋଟି ପିଲାଯେ ଘୋଷବାବୁଙ୍କ ନିଜସ୍ୱ ସନ୍ତାନ ନୁହନ୍ତି ଏହା ତମେ ଜାଣ କି ? କହିଲେ ରବିଦାଙ୍କ ।

- କ'ଣ କହୁଛ ତମେ ? ଆଶ୍ଚର୍ଯ୍ୟ ହୋଇ କହିଲି ମୁଁ ।

- ତାହେଲେ ଶୁଣ... ହରେନ୍ଦ୍ର କୁମାର ଘୋଷ ପୂର୍ବବଙ୍ଗର ନୁଆଖାଲି ଜିଲ୍ଲାର ଲୋକ । ପାକିସ୍ଥାନ ସୃଷ୍ଟି ହେଲା ପରେ ପୂର୍ବ ପାକିସ୍ଥାନରେ ଯେଉଁ ଦଙ୍ଗା ହେଲା ସେତିକି ବେଳେ ସେ ବାପାମାଙ୍କ ସହିତ ଚାଲି ଆସିଥିଲେ ହିନ୍ଦୁସ୍ଥାନ । ମାଟ୍ରିକ୍ ପାସ କରିଥିଲେ । ଅଠରବର୍ଷ ସେତେବେଳେ ତାଙ୍କୁ । ଚାକିରି ମିଳିଗଲା ରେଳବାଇରେ । ତା'ପରେ ଏଇ ବିଳାସ୍‌ପୁର ତାଙ୍କର କର୍ମକ୍ଷେତ୍ର । ବିବାହ କରିଛନ୍ତି । ସ୍ତ୍ରୀ ବି ଅଛନ୍ତି । କିନ୍ତୁ ନିଃସନ୍ତାନ । ଦିନେ ବଡ଼ିଭୋର ଡ୍ୟୁଟିରୁ ଫେରିବା ବେଳେ ରାସ୍ତା କଡରେ ଶିଶୁଟିଏ କାନ୍ଦୁଥିବାର ଦେଖି ଉଠେଇଆଣିଥିଲେ ଘରକୁ । ସେଇ ପରିତ୍ୟକ୍ତ ଶିଶୁ ସେ ଗ୍ରହଣ କରିନେଲେ ନିଜର ସନ୍ତାନ

Digitized by srujanika@gmail.com

ଭାବରେ । ଆଉ ଦିନେ ହସ୍‌ପିଟାଲରେ ଗୋଟିଏ ପୁଅ ଜନ୍ମ କରି ମେହେନ୍ତରାଣୀ ଜଣେ ମରିଗଲା । ଆଉ କେହି ନଥିଲେ ତା'ର । ତାକୁ ହରେନ୍ଦ୍ର ବାବୁ ନେଇ ଆସିଲେ ଘରକୁ । ଏହାର ପ୍ରାୟ ଛଅ/ସାତବର୍ଷ ପରେ କାବୁଲିଆଁ ମରିଗଲା ବରଷକର ପୁଅକୁ ଛାଡ଼ି । ତା' ସ୍ତ୍ରୀ ଆଗରୁ ମରିଯାଇଥିଲା । ଘୋଷ ଏହା ଶୁଣିବା ମାତ୍ରେ ସେହି ପିଲାଟିକୁ ବି ନେଇ ଆସିଲେ ଘରକୁ । ଘୋଷଙ୍କ ସ୍ତ୍ରୀ ବି ତାଙ୍କ ପରି । ଦୁହେଁ ପ୍ରାଣଠାରୁ ବଳି ଭଲ ପାଆନ୍ତି ଏଇ ତିନି ପୁଅଙ୍କୁ । ସମସ୍ତେ ତାଙ୍କ ସହିତ କ୍ୱାଟରରେ ରହନ୍ତି । ଗୋଟିଏ ବେଶ୍ ସୁଖୀ ପରିବାର... ।

ମୋର ବିସ୍ମୟ କଟିଯିବା ପରେ ମୁଁ ହରେନ୍ଦ୍ର କୁମାର ଘୋଷଙ୍କୁ ନମସ୍କାର କରି କହିଲି - ଏବେ ବି ଚନ୍ଦ୍ର ସୂର୍ଯ୍ୟ ନିଜ ନିଜ କର୍ତ୍ତବ୍ୟ କରୁଛନ୍ତି... ଏବେବି ସତ୍ୟଧର୍ମ ଅଛି ଜଗତରେ... ଏବେବି ଅଗ୍ନି ଗଉଡୁଣୀ ହାତରୁ ଦହି ନିଅନ୍ତି ଭୁବନେଶ୍ୱରୀ ।

Digitized by srujanika@gmail.com

ପ୍ରଥମ ଅଧ୍ୟାୟ ଶାଲିମାରରେ

ଟ୍ରେନିଂ ପରେ କଲିକତାର ଉପକଣ୍ଠରେ ଶାଲିମାରଠାରେ ମୁଁ ପ୍ରଥମ ଯୋଗ ଦେଲି କାର୍ଯ୍ୟରେ ସହକାରୀ ଚଳାଚଳ ଅଧକ୍ଷ ଭାବରେ । ମୋ ଉପରେ ଥା'ନ୍ତି କେ.ଆର୍.କେ. ରେଙ୍ଗନ । କେରଳର ଲୋକ । ତାଙ୍କ ସ୍ତ୍ରୀ ଗୀନା କିନ୍ତୁ ଇଟାଲିର । ସେ ଦୃର୍ବିର ଲଟେରୀ ପୁରସ୍କାର ପାଇ ବେଶ୍ ସ୍ୱଚ୍ଛଳ ଜୀବନଯାପନ କରୁଥିଲେ । କିନ୍ତୁ ମୁଁ ରେଳବାଇ ଚାକିରୀରେ ଯୋଗ ଦେବାର ସାତଦିନ ପୂରିବା ଆଗରୁ ଚିଫ୍ କମର୍ସିଆଲ ସୁପରିଣ୍ଟେଣ୍ଡେଣ୍ଟ ମଜୁମଦାର ସାହେବ ମୋତେ ଡ଼ାକି ପଠାଇ କହିଲେ, ତୁମେ ନୂଆ, ତୁମର ଉଜ୍ଜ୍ୱଳ ଭବିଷ୍ୟତ ଅଛି ତମେ ରେଙ୍ଗନଙ୍କ କଥାରେ ନ ପଡ଼୍ ଯେପରି । ତାଙ୍କର ଚେମ୍ବରରୁ ବାହାରି ଆସିଲା ବେଳେ ଦେଖା ହେଲା ସିହ୍ନା ସାହେବଙ୍କ ସହିତ । ସେ ଦକ୍ଷ ଅଫିସର ଭାବେ ଜଣାସୁଣା, କିରାଣିରୁ ପ୍ରମୋସନ ପାଇ ଉଠିଥିଲେ ଉପରକୁ । ମୋତେ ତାଙ୍କ କୋଠରୀକୁ ଡ଼ାକି ନେଇ କହିଲେ ଚା' ପିଇବା । ଧନ୍ୟବାଦ ଦେଇ କହିଲି ଯେ, ମୁଁ ଚା' ପିଏନା । ସେ କହିଲେ- କି ! ତା'ପରେ ଚୁପ୍ ଚାପ୍ କହିଲେ, ତୁମେ ନୂଆ, ରେଳବାଇରେ ମାରପେଞ୍ଚ ବୁଝିପାରିବ ନାହିଁ । ଯେତେବେଳେ ଦରକାର ହେବ କୁଣ୍ଠା ନକରି ପଚାରିବ । ମୁଁ ତମର ବଡ଼ ଭାଇ ପରି । ସାହାଯ୍ୟ କରିବାକୁ ପ୍ରସ୍ତୁତ । ଭଗବାନ କିନ୍ତୁ ମୋତେ ରକ୍ଷା କଲେ, ମୁଁ ସିହ୍ନା ସାହେବଙ୍କୁ ପରାମର୍ଶ ଲୋଡ଼ିବା ଆଗରୁ ତାଙ୍କ ଉପରିସ୍ଥ ଏ. କେ. ବସୁ କହିଲେ, ଏଇ ସିହ୍ନା ପାଲରେ ନ ପଡ଼ ଯେପରି; ଲୋକଟା ଭୟଙ୍କର ପାଜି, ସବୁ ଚଳୁ କରିଦେବ ।

ରେଳବାଇ ଚାକିରି କାହିଁକି କଲି ମୁଁ ଜାଣି ନାହିଁ, କିନ୍ତୁ ଚାକିରି କରିବା ପୂବରୁ ବାପା ଯାହା କହିଥିଲେ ତାହା ମନେ ଥିଲା । ସେ ମୋ ଠାରୁ ପ୍ରତିଶ୍ରୁତି ନେଇଥିଲେ ଯେ, ମୁଁ ମଦ ପିଇବି ନାହିଁ,ଘୁସ ନେବି ନାହିଁ, କୁସଙ୍ଗ କରିବି ନାହିଁ । ମୁଁ ସିହ୍ନା ସାହେବଙ୍କ ପାଖକୁ ଗଲି ସିନା, କିନ୍ତୁ ସେ ଦେଉଥିବା ପରାମର୍ଶ ଗ୍ରହଣ କରୁନଥିଲି । ଦିନେ ସକାଳେ ହଠାତ୍ ବଙ୍ଗଳା ଖବର କାଗଜରେ ବାହାରିଲା ଯେ, ସିହ୍ନା ସାହେବଙ୍କୁ ସିବିଆଇ ପୋଲିସ

Digitized by srujanika@gmail.com

ଗିରଫ କରିଛି ଦୁର୍ନୀତି ଅଭିଯୋଗରେ । ଟେଲିଫୋନରେ ସେ ଜଣେ ବ୍ୟବସାୟୀଙ୍କ ଠାରୁ ଟଙ୍କା ମାଗୁଥିବା ବେଳେ ତାହା ଟେପ୍ କରାଯାଇଥିଲା । କେସ୍ ପ୍ରମାଣିତ ବି ହେଲା, ଆଉ ଅଦାଲତରେ ସେ ଲଢ଼ିବା ସତ୍ତ୍ୱେ ତାଙ୍କୁ କେତେମାସ ଜେଲ ଓ ଜୋରିମାନା ହେଲା । ରେଙ୍ଗନ ସାହେବ କହିଲେ, ଦେଖିଲ, ସାରୁ ଭିତରେ ମାରୁ... ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି । କିନ୍ତୁ ଅଳ୍ପ କେତେ ଦିନ ପରେ ରେଙ୍ଗନ ସାହେବ ଯେ ସିହ୍ନା ସାହେବଙ୍କ ସମଧର୍ମୀ ଥିଲେ ତାହା ଜାଣିପାରିଲି । ସେତେବେଳେ ମୋ ଅଧୀନରେ ପ୍ରାୟ ଦେଢ଼ହଜାର କର୍ମଚାରୀ । ସେମାନଙ୍କ ମଧ୍ୟରୁ ଓଡ଼ିଆଙ୍କ ସଂଖ୍ୟା ମାତ୍ର ଆଠ କି ଦଶ ଭିତରେ । ମୋ ବିଶ୍ୱସ୍ତ ଜଣେ ଓଡ଼ିଆ କର୍ମଚାରୀ ପ୍ରତୁଲ ଦେ ମୋତେ ସବୁ ଖବର ଦେଉଥିଲେ । ଦିନେ ରେଳବାଇ ମାଲପରିବହନ ଠିକାଦାର ରୂପନାରାୟଣ ସାହା ଘରେ ପହଞ୍ଚି କହିଲେ- "ଯେତେବେଳେ ଯାହା ଦରକାର କହିବେ, କିଛି ଅସୁବିଧା ହେବ ନାହିଁ" । ମୁଁ ଏସବୁ ଦେଖି ଚକିତ ଅବସ୍ଥାରେ ଥିଲି । ମାଲ ଚଳାଚଳ ଦାୟିତ୍ୱରେ ଥିବା ତିନିଜଣ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କର ଗୋଟିଏ ଆମ୍ବାସାଡ଼ର ଗାଡ଼ି ମଧ୍ୟ ଥିଲା । ତଥାପି ଅଧିକାଂଶ କର୍ମଚାରୀ ଯେ, ସରଳ ନିର୍ମଳ ଥିଲେ ଏହା ମୁଁ କ୍ରମଶଃ ଜାଣିପାରିଲି ଏବଂ ସ୍ୱସ୍ତିରେ ନିଶ୍ୱାସ ମାରିଲି ।କଲିକତାରେ ଜଣେ ଓଡ଼ିଆ ଅଫିସର ଏପରି ଏକ ମର୍ଯ୍ୟାଦାପୂର୍ଣ୍ଣ ପଦରେ ରହିବା ଉଚିତ ନୁହେଁ ବୋଲି କେତେକ ଭାବୁଥିଲେ । ମୁଁ ଅନଭିଜ୍ଞ ଓ ନୂତନ ହେଲେ ବି ସାଧୁତା ଓ ସରଳତା ଥିଲା ମୋର ମୂଳଧନ । ତେଣୁ ଅଳ୍ପ ସମୟ ମଧ୍ୟରେ

କର୍ମଚାରୀ ଓ ବ୍ୟବସାୟୀ ମହଲରେ ମୋର ପ୍ରତିଷ୍ଠା ବଢ଼ିଲା ଏବଂ ସେମାନେ ଜାଣିଗଲେ ଯେ, ପ୍ରଲୋଭନ ଦେଇ ମୋ ଠାରୁ କାମ ଆଦାୟ କରି ହେବ ନାହିଁ । ସାହିତ୍ୟ ସଂସ୍କୃତି ପ୍ରତି ଛାତ୍ରାବାସରୁ ମୋର ଅନୁରାଗ ଥିଲା ତେଣୁ ମୋ ଠାରେ ନିରାଶ ହୋଇ ପ୍ରଲୋଭନ ଦେଖାଇବାକୁ ଘରକୁ କେହି ଆସିବାକୁ ସାହସ କରୁନଥିଲେ । କିନ୍ତୁ କେବଳ ପ୍ରଲୋଭନ ତ ମଣିଷକୁ ବଶ କରେନା, ଆହୁରି ବହୁ ପ୍ରକାର ପ୍ରଲୋଭନ ଅଛି ।

ଦିନେ ମୁଁ ବୈଠକଖାନାରେ ବହିପଢୁଥିବା ବେଳେ ଜଣେ କର୍ମଚାରୀ ତାଙ୍କ ସ୍ତ୍ରୀଙ୍କ ସହିତ ଆସିଲେ । କର୍ମଚାରୀ ଜଣକ ଦୁର୍ନୀତିଗ୍ରସ୍ତ ବୋଲି ଅଭିଯୋଗ ହେବାରୁ ମୁଁ ତାଙ୍କୁ ବଦଳି କରିଥିଲି ଏକ ଶୁଷ୍କ ସ୍ଥାନକୁ । ସୌଜନ୍ୟ ରକ୍ଷା କରି ବସିବାକୁ କହିଲି । ତାଙ୍କ ସ୍ତ୍ରୀ ସନ୍ଦେଶ ପ୍ୟାକେଟଟି ବଢ଼ାଇ ଦେଇ କହିଲେ- ଆପଣଙ୍କଠାରୁ ନ୍ୟାୟ ପାଇବା ଆଶାକରି ଆସିଛି । ତା ପରେ ତାଙ୍କ ସ୍ୱାମୀଙ୍କ ବଦଳି ବିଷୟ କହିଲେ ଏବଂ ତାହା ରଦ୍ଦ କରିବା ପାଇଁ ଅନୁରୋଧ କଲେ । କର୍ମଚାରୀ ମୋ ବୟସର । ତାଙ୍କ ସ୍ତ୍ରୀ ଉଚ୍ଚଶିକ୍ଷିତା ଏବଂ ସୁନ୍ଦରୀ । ସେ ହୁଏତ ଭାବିଥିଲେ ଯେ ମୁଁ ତାଙ୍କ ଅନୁରୋଧ ଟାଳିଦେଇ ପାରିବି ନାହିଁ । କିନ୍ତୁ ମୁଁ ସେ ପ୍ରସଙ୍ଗଟି ଆଦୌ ଆଲୋଚନା ନ କରି ସେମାନଙ୍କର ଭଲ ମନ୍ଦ ଓ ପରିବାର ବିଷୟ

Digitized by srujanika@gmail.com

ପଚାରିବାରୁ କର୍ମଚାରୀ ଜଣକ ବ୍ରହ୍ମାସ୍ତ୍ର ପ୍ରୟୋଗ କରି କହିଲେ, ସାର୍ ! ସୀମା ଭଲ ରବୀନ୍ଦ୍ର ସଂଗୀତ ଜାଣେ । ବେଳେ ବେଳେ କବିତା ବି ଲେଖେ । ମୁଁ ଶୁଣିଛି ଆପଣ କବି । ଆପଣ ରାଜିହେଲେ ସୀମା ଆସିବ ମଝିରେ ମଝିରେ... ଆଉ ଯଦି କେବେ ଆପଣଙ୍କ ପାଦ ପଡ଼େ ଗରିବ ଦୁଆରେ ଆମେ ଧନ୍ୟ ହେବୁ । ସେ ସମାପ୍ତ କରିବା ପୂର୍ବରୁ ତାଙ୍କ ସ୍ତ୍ରୀ ସୀମାଦେବୀ ଏମିତି କଟାକ୍ଷ ହାଣିଲେ ଯେ, ମୁଁ ଶିହରି ଉଠିଲି ।

ଆମେ ଶାଲିମାରରେ ଥିବା ସମୟରେ ପ୍ରଥମ କରି ଶିବପୁର ଅଂଚଳରେ ଏକ ଓଡ଼ିଆ ସାହିତ୍ୟ ସଂସ୍କୃତି କାର୍ଯ୍ୟକ୍ରମ ହେଲା ଆମ ବଙ୍ଗଳା ସାମନା ପଡ଼ିଆରେ । ସେତେବେଳେ ରେଳବାଇ ସର୍ଭିସ କମିଶନର ଚେୟାରମ୍ୟାନ ଥାଆନ୍ତି ସ୍ୱର୍ଗତ ମହେଶଚନ୍ଦ୍ର ପ୍ରଧାନ । ସେ ଆସିଥିଲେ ଏବଂ ଆହୁରି ଆସିଥିଲେ କବି ସଚି ରାଉତରାୟ, କୁଳମଣି ରଥ (ପରେ ଆୟ କର କମିଶନର) ଏବଂ ଆଉ କେତେଜଣ ଗଣ୍ୟମାନ୍ୟ ଓଡ଼ିଆ ଲୋକ । ସେଠାରେ ଯେଉଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଗଲା ତାହା ଦେଖି ବଙ୍ଗୀୟ ବନ୍ଧୁମାନେ କହିଲେ ଓଡ଼ିଆ ଗୀତ, ଓଡ଼ିଶୀ ନୃତ୍ୟ, ଏତେ ଚମତ୍କାର । ଆଉ ଜଣେ ମହାଶୟ ବ୍ୟକ୍ତି କହିଲେ ରବୀନ୍ଦ୍ରନାଥଙ୍କ ପୂର୍ବରୁ ସାହିତ୍ୟ, ସଂଗୀତ ଓ ନୃତ୍ୟରେ ଗର୍ବ କରିବା ପାଇଁ ଆମର କିଛି ନ ଥିଲା । କିନ୍ତୁ ଆପଣମାନଙ୍କର ଓଡ଼ିଶୀନୃତ୍ୟ ସଂଗୀତ, ସାହିତ୍ୟ ହଜାରେବର୍ଷ ତଳର । ଇତିହାସର ଅଭିଶାପ ପଡ଼ିଛି ଆପଣମାନଙ୍କ ଉପରେ । ଶାପମୋଚନ ଅବଶ୍ୟ ହେବ ଦିନେ, ପୁଣି ଓଡ଼ିଆ ସଂସ୍କୃତିରେ ନନ୍ଦିଘୋଷ ରଥ ଆଗେଇ ଚାଲିବ ବିଶ୍ୱର ବଡ଼ଦାଣ୍ଡରେ ।

ସେହି ରାତି ଗୀତା କହିଲେ ଓଡ଼ିଆ ପିଲାମାନଙ୍କ ପାଇଁ କିଛି କରିବା ପାଇଁ ଏବଂ ମୁଁ ତାଙ୍କ ସହିତ ଏକମତ ହେଲି ଯେ ଯେଉଁ ଅନ୍ୟାୟ ଓଡ଼ିଆମାନେ ସହି ସହି କୁର୍ମ ପାଲଟି ଯାଇଛନ୍ତି ତାର ପ୍ରତିକାର କରିବାକୁ ହେବ । ମୁଁ ସବାତଳ ଅଫିସର, ଚାକିରି ନୂଆ । କିନ୍ତୁ ସତକୁସତ ସଦାବେଳେ ସବାତଳୁ ଆରମ୍ଭ ହୁଏ ଶୁଭକାମ । କହିବା ବାହୁଲ୍ୟ ମୋ ଥିବା ସମୟରେ କେତେଜଣ ଓଡ଼ିଆ ଭର୍ତ୍ତି ହେଲେ ରେଳବାଇ ଚାକିରିରେ । ସେତେବେଳେ ନିଯୁକ୍ତି ଦବାର ଅଧିକାର ଥିଲା ସହକାରୀ ଅଫିସରଙ୍କ ହାତରେ । ଏବେ ଯାହା ଜେନେରାଲ ମ୍ୟାନେଜରଙ୍କ ହାତରେ । କେହି ଜଣେ ଦିନେ କହିଲେ ଆସୁ ଆସୁ ତ ଆସନ ଜମେଇ ବସିଲେଣି । ଜଣେ ଆସିଥିଲେ ଏବେ ଆଉ କେତେ ସାଙ୍ଗ ଆସିଲେଣି । ଦିନେ କଣ ରେଳବାଇ ଓଡ଼ିଆ ପାଲଟିଯିବ । ସେଦିନ ସେଇ ମନ୍ତବ୍ୟ ଶୁଣି ଉତ୍ତର ଦବାର ସାହସ ମୋର ନଥିଲା । କିନ୍ତୁ ଏହାର ତିରିଶ ବର୍ଷ ପରେ ଯେତେବେଳେ ସେଇ କଲିକତାରୁ ଜେନେରାଲ ମ୍ୟାନେଜର ପଦରେ କାମ କରି ଅବସର ନେଲି ସେତେବେଳେ ବିନା ଦ୍ୱିଧାରେ କହି ଆସିଲି ଯେ, ଶାପମୋଚନ ହୋଇଛି, ଓଡ଼ିଆ ମାନେ ଆଗେଇ ଚାଲିଛନ୍ତି ।

Digitized by srujanika@gmail.com

ଆଜି ନିଃସଙ୍କୋଚରେ କହିପାରେ ଯେ ମୁଁ ସିନା ଏକା ଆସିଥିଲି, ବହୁ ଘାତ ପ୍ରତିଘାତ, ବାଧାବିଘ୍ନ ଓ ପ୍ରତିଯୋଗିତା ଏବଂ ଅବିଚାର ମୋତେ ସହ୍ୟ କରିବାକୁ ପଡ଼ିଥିଲା । କିନ୍ତୁ ମୋ ପରେ ଅନେକେ ଅନେକେ ଆସିଛନ୍ତି ଓଡ଼ିଆରେ କଥା କହି କହି, ଦାଣ୍ଡଦୁଲୁକେଇ । ମୋର ସାମାନ୍ୟ କର୍ତ୍ତବ୍ୟ ମୁଁ କରିଛି ମାତ୍ର ।

ଛଅମାସ ରହିଛି କି ନାହିଁ ମୋର ବଦଳି ଅର୍ଡର ହୋଇଗଲା ଓଡ଼ିଶାର ଟିଟିଲାଗଡ଼କୁ । କେହି କେହି ବ୍ୟଙ୍ଗ କରି କହିଲେ ଯାଉବେଟା ଏଥର ନିଜ ଦେଶକୁ । ମୁଁ ଜଗନ୍ନାଥଙ୍କୁ ସ୍ମରଣ କରି ପାଦ ବଢ଼ାଇଦେଲି ଚାର୍ଜନେବା ପାଇଁ ଟିଟିଲାଗଡ଼ରେ । ଏବେ ଆଉ ସେଠାରେ ସେ ଅଫିସ ନାହିଁ । ବହୁବର୍ଷ ପୂର୍ବେ ଉଠିଯାଇଛି ୱାଲଟିଅରକୁ । ପରେ ଶୁଣିଲି ରେଙ୍ଗନ୍ ସାହେବ ଓ ତାଙ୍କ କମ୍ପାନୀ ମୁଁ ଜଣେ ଅସୁବିଧାଜନକ ମଣିଷ କହି ବଦଳି କରାଇଦେଲେ ।

Digitized by srujanika@gmail.com

କଳାପାହାଡ

୧୯୫୭ ମସିହାର କଥା । ସେତେବେଳେ ଟ୍ରେନିଂ ଶେଷ କରି ମୁଁ ଅବସ୍ଥାପିତ ହୋଇଥାଏ କଲିକତା ଉପକଣ୍ଠର ଶାଲିମାର ମାଲ ପରିବହନ କେନ୍ଦ୍ରରେ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଭାବରେ । ରେଳବାଇରେ ସେତେବେଳେ ମୁଁ ଜଣେ ମାତ୍ର ପ୍ରଥମ ଶ୍ରେଣୀର ଓଡ଼ିଆ ଅଫିସର । ତେଣୁ କଲିକତାସ୍ଥ ଓଡିଆମାନଙ୍କ ମଧ୍ୟରେ କିଛିଟା ଆଶାର ସଞ୍ଚାର ହେବା ସ୍ୱାଭାବିକ । କଲିକତା ଓଡ଼ିଆମାନଙ୍କର ସବୁଠାରୁ ବଡ଼ ସହର । ସେତେବେଳେ ଓଡ଼ିଶାର ଯେ କୌଣସି ସହରଠାରୁ କଲିକତାର ଓଡ଼ିଆମାନଙ୍କର ସଂଖ୍ୟାଥିଲା ଦୁଇଗୁଣ । କିନ୍ତୁ ପ୍ରାୟ ସମସ୍ତେ ଶ୍ରମିକ, କାରିଗର, ପାନଦୋକାନୀ ବା ଘରୋଇ ଚାକର । ସେମାନଙ୍କ ମଧ୍ୟରେ ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ସ୍ୱାଭିମାନ ମଧ୍ୟ ସଂକୁଚିତ ଥିଲା । ଓଡ଼ିଆ ଭାଷା ନ କହି ଅନ୍ୟମାନଙ୍କ ସହିତ ଯେତେଦୂର ସମ୍ଭବ ବଙ୍ଗଳା, ହିନ୍ଦୀରେ କଥାବାର୍ତ୍ତା କରୁଥିଲେ । ଯେଉଁମାନେ ଚାରି ପାଞ୍ଚ ବର୍ଷ ରହି ଯାଇଥିଲେ ଜୀବିକାର୍ଜନ ପାଇଁ ସେମାନଙ୍କ ମୁହଁରୁ ପରସ୍ପର ମଧ୍ୟରେ ଆଳାପ ଆଲୋଚନା ବେଳେ ଓଡ଼ିଆ ଅପେକ୍ଷା ବଙ୍ଗଳା ବାହାରୁଥିଲା ବେଶି । ତଥାପି ଧୀରେ ଧୀରେ ଓଡ଼ିଆମାନଙ୍କ ମଧ୍ୟରେ ଓଡ଼ିଆତ୍ୱର ପ୍ରସାର ଲାଗି କାର୍ଯ୍ୟକରୁଥାନ୍ତି କେତେକ ଅନୁଷ୍ଠାନ ଓ କର୍ମୀ ନିଷ୍ଠାପର ଭାବରେ ।

ଏପରି ସମୟରେ ଶିବପୁର ଇଞ୍ଜିନିୟରିଂ କଲେଜ ନିକଟରେ ରେଳବାଇ କର୍ମଚାରୀମାନଙ୍କ ପକ୍ଷରୁ କାଳୀପୂଜା ଓ ଦୀପାବଳି ଉପଲକ୍ଷେ ଏକ ଅପେରା ପାର୍ଟି ନାଟକ ପ୍ରଦର୍ଶନ କରିବାକୁ ଆସିଥାଆନ୍ତି । ତିନିଦିନ ଧରି ନାଟକ ପ୍ରଦର୍ଶିତ ହେବ । ପ୍ରଥମଦିନ ନାଟକ ଦେଖିବା ପାଇଁ ପ୍ରଧାନ ଅତିଥି ଭାବରେ ନିମନ୍ତ୍ରିତ ହୋଇ ମୁଁ ଏବଂ ମୋର ସ୍ତ୍ରୀ ଗୀତାଦେବୀ ଯାଇଥିଲୁ । ସାମାନ୍ୟ ଭାଷଣ ପରେ 'କଳାପାହାଡ' ନାଟକ ଅଭିନୟ ଆରମ୍ଭ ହେଲା । ବଙ୍ଗଳା ଯାତ୍ରା ଦେଖିବା ପାଇଁ ଦର୍ଶକମାନଙ୍କ ଆଗ୍ରହଠାରୁ ଆମର ଆଗ୍ରହ କିଛି କମ ନ ଥିଲା । ତିନି ଚାରି ହଜାର ଦର୍ଶକ ଯାତ୍ରା ଦେଖିବାକୁ ଠୁଳ ହୋଇଥିଲେ ।

'କଳାପାହାଡ' ନାଟକ ଆରମ୍ଭ ହେଲାକ୍ଷଣି ମୋର ମନେ ପଡ଼ିଗଲା - 'ଅଇଲା କଳାପାହାଡ, ଭାଙ୍ଗିଲା ଲୁହାର ବାଡ, ପିଇଲା ମହାନଦୀପାଣି, ସବୁର୍ଣ୍ଣ ଆଳିରେ ହୀରା

Digitized by srujanika@gmail.com

ପରଷିଲେ ମୁକୁନ୍ଦ ଦେବଙ୍କ ରାଣୀ । କଳାପାହାଡ ହିନ୍ଦୁ ଥିଲା । ମୁସଲମାନ ଝିଅ ବାହାହୋଇ ମୁସଲମାନ ହେଲା । କିନ୍ତୁ ଓଡ଼ିଆ ରକ୍ତରୁ ହିନ୍ଦୁତ୍ୱ ଶୀଘ୍ର ଲିଭିଲା ନାହିଁ । ଅନୁତାପ କଲା ଓ ପୁଣି ଚେଷ୍ଟା କଲା ହିନ୍ଦୁ ହେବା ପାଇଁ । ହିନ୍ଦୁତ୍ୱ ତ୍ୟାଗକରି ଅନ୍ୟଧର୍ମ ଗ୍ରହଣ କଲେ ପୁଣି ନିଜ ଧର୍ମକୁ ଫେରିବା ସମ୍ଭବ ନ ଥିଲା ସେତେବେଳେ । କଳାପାହାଡ ଓଡ଼ିଶାରୁ ବଙ୍ଗଳା ଯାଇଥିଲା । ପୁଣି ସେଠାରୁ ଓଡ଼ିଶା ଆସିଥିଲା । ତାକୁ ମନ୍ଦିରରେ ପ୍ରବେଶ କରିବାକୁ ଦିଆ ନ ଯିବାରୁ ସେ ରାଗରେ ହିନ୍ଦୁ ମନ୍ଦିର ସବୁ ଧ୍ୱଂସ କଲା, ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି ସବୁ ଭାଙ୍ଗିବାରେ ଲାଗିଲା । ଏଇ କାହାଣୀ ଓଡ଼ିଶାରେ ଯେପରି ବଙ୍ଗରେ ମଧ୍ୟ ସେହିପରି ଜଣାଶୁଣା ।

ଯାତ୍ରା ଅଧଘଣ୍ଟା ଚାଲିଥିବ, ଗୋଟିଏ ଦୃଶ୍ୟରେ କଳାପାହାଡ ଯେଉଁ ପଣ୍ଡିତ ଘରେ ଆଶ୍ରୟ ନେଇଥିଲା ସେଇ ଦୃଶ୍ୟ ଅଭିନୀତ ହେଲା । ସେଇ ଓଡ଼ିଆ ବ୍ରାହ୍ମଣ ପଣ୍ଡିତ ବେଶ ଓ କଥା ଓଡ଼ିଆ ଥିଲେ ବି ତାଙ୍କ ମୁହଁର ବିକୃତ ଓଡ଼ିଆ ଉଚ୍ଚାରଣ ବେଶ୍ ହସ୍ୟରୋଳ ସୃଷ୍ଟି କଲା । ଗୀତା ଦେବୀ ମୋତେ କହିଲେ - 'ବିକୃତ ଓଡ଼ିଆ କାହିଁକି କୁହାଯାଉଛି ?' ମୁଁ କହିଲି - ଆଉ ଟିକେ ଦେଖାଯାଉ କଣ ହେଉଛି । ଅଳ୍ପ ସମୟ ପରେ ଆଉ ଗୋଟିଏ ଦୃଶ୍ୟରେ ଓଡ଼ିଶୀ ନୃତ୍ୟ ଓ ଗୀତ ପରିବେଷଣ କରାଗଲା । ଏଇ ନୃତ୍ୟ ଯାତ୍ରାର କାହାଣୀ ସହିତ ସଂପୃକ୍ତ ଥିଲା । ସେହି ନୃତ୍ୟରେ ମଧ୍ୟ ଓଡ଼ିଶୀ ନୃତ୍ୟ ଓ ସଂଗୀତ ବିକୃତ ଭାବରେ ପରିବେଷଣ କରାଗଲା । ହଠାତ୍ ଗୀତା ଦେବୀ ଉଠିପଡ଼ି କହିଲେ- ନା ଆଉ ନୁହେଁ, ଆମେ ଆଉ ଏଠାରେ ରହିବା ଉଚିତ ହେବ ନାହିଁ । ଯାତ୍ରାରେ ଯେପରି ବିକୃତ ଭାବରେ ଓଡ଼ିଆ ଭାଷା କୁହାଯାଉଛି, ଓଡ଼ିଶୀ ନୃତ୍ୟ ଓ ସଂଗୀତ ପରିବେଷିତ ହେଉଛି, ଏହା ବିରୁଦ୍ଧରେ ପ୍ରତିବାଦ କରି ଆମେ ଚାଲି ଯାଉଛୁ ।

କର୍ମକର୍ତ୍ତାମାନଙ୍କ ମଧ୍ୟରେ ମନ୍ତ୍ରଣା ଚାଲିଲା । ଅତିଥିମାନେ ଉଠିପଡ଼ିବା ଦେଖି ମନୋରଞ୍ଜନ କାର୍ଯ୍ୟକ୍ରମର ସଭାପତି ରେଳବାଇ ସୁରକ୍ଷା ବାହିନୀର ଅଫିସର ଦଉଡ଼ି ଆସି କହିଲେ, ଯାତ୍ରା ଏଇ ଆରମ୍ଭ ହୋଇଛି । ମାଡାମ ବସନ୍ତୁ, ସାର୍ ଆପଣମାନେ ଚାଲିଗଲେ ସୁନ୍ଦର ଦିଶିବନି... ।

ଏଇ ଯାତ୍ରାରେ ଯେପରି ଭାବରେ ଓଡ଼ିଆ ଚରିତ୍ର ମୁହଁରେ ଓଡ଼ିଆ ଭାଷା, ଓଡ଼ିଆ ଗୀତ ପରିବେଷଣ କରାଯାଉଛି ତାହା ଅପମାନଜନକ । ଏହା ଦେଖିବା ସମ୍ଭବ ନୁହେଁ । ଏହାର ପ୍ରତିବାଦ କରି ଆମେ ଚାଲିଯିବା ହିଁ ଶୋଭନୀୟ ହେବ... । କହିଲେ ଗୀତା ।

ଉଦ୍ୟୋକ୍ତାମାନଙ୍କ ମଧ୍ୟରେ ଏଇ ଅପ୍ରତ୍ୟାଶିତ ଘଟଣା ଯୋଗୁଁ ଚହଳ ପଡିଗଲା । ନୂଆକରି କଳାପାହାଡ ନାଟକ ଅଭିନୀତ ହେଉ ନ ଥିଲା । ଏହା ପୂର୍ବରୁ ଏଇ କଲିକତା ସହରରେ କେତେଥର ଅଭିନୀତ ହୋଇଛି କିନ୍ତୁ କେହି ପ୍ରତିବାଦ କରି ନ ଥିଲେ, ବରଂ ଉପଭୋଗ କରିଥିଲେ ।

Digitized by srujanika@gmail.com

ସଭାପତି କହିଲେ, ମୁଁ ଦୁଃଖ ପ୍ରକାଶ କରୁଛି... ।

ଗୀତାଦେବୀ ଉଚ୍ଚସ୍ୱରରେ କହିଲେ ଆପଣ ଏଇ ଦୃଶ୍ୟସବୁ ଉଠାଇ ନିଅନ୍ତୁ ଆଉ କେବେ ଏପରି ବିକୃତ ଭାବରେ ଆଉ ଗୋଟିଏ ସଂସ୍କୃତିକୁ ଦେଖାଇବେ ନାହିଁ । ଏଇ ସର୍ତ୍ତ ପୂର୍ଣ୍ଣ କରି କ୍ଷମା ପ୍ରାର୍ଥନା କଲେ ଆମେ ବସିବୁ ନଚେତ୍ ଚାଲିଯିବା ଛଡା ଅନ୍ୟ ବିକଳ୍ପ ନାହିଁ । ଦୋହରାଇଲେ ଗୀତା ।

ସେମାନେ ରାଜି ହୋଇଗଲେ । ଉଦ୍ୟୋକ୍ତା ଉଠିପଡ଼ି ଏହି ସର୍ତ୍ତ ପୂର୍ଣ୍ଣହେଲା ବୋଲି ଘୋଷଣା କଲେ ଏବଂ ଅନିଚ୍ଛାକୃତ ଏଇ ତ୍ରୁଟିପାଇଁ କ୍ଷମା ପ୍ରାର୍ଥନା କଲେ ।

ସେଇଠାରୁ ଓଡ଼ିଆଭାଷା, ଓଡ଼ିଶୀ ନୃତ୍ୟ ଓ ଗୀତର ବିକୃତ ପରିବେଷଣ ବନ୍ଦ ହେଲା । ପରେ ଜାଣିଲୁ ଯେ ଯେଉଁମାନେ ନୃତ୍ୟଗୀତ ପରିବେଷଣ କରୁଥିଲେ ସେମାନେ ଓଡ଼ିଆ । ଲଜ୍ଜାରେ ଆମ ମୁଣ୍ଡ ନଇଁଗଲା ।

ନିଜେ ନିଜର ସ୍ୱାଭିମାନ ଓ ସଂସ୍କୃତି ରକ୍ଷା ନ କଲେ ବାହାର ଲୋକ ଏ କାମ କରିବ ନାହିଁ । ଆହୁରି ବି ସଦାବେଳେ ମନେ ରଖିବାକୁ ହେବ ଯେ ମାତୃଭାଷା, ନିଜର ସଂଗୀତ, ନୃତ୍ୟ ଓ ସଂସ୍କୃତି କାହାରି ଠାରୁ ନ୍ୟୁନ ନୁହେଁ । କଳାପାହାଡ ସିନା ଅଭିମାନରେ ମନ୍ଦିର ଭାଙ୍ଗି ଥିଲା, କିନ୍ତୁ ହୀନମନ୍ୟ ହୋଇ ନିଜେ ନିଜର ଅବମୂଲ୍ୟାୟନ କରିବା କଳାପାହାଡ଼ର କୁକର୍ମଠାରୁ ଆହୁରି କ୍ଷତିକାରକ ।

Digitized by srujanika@gmail.com

ଆସାମରେ ଛଅମାସ

ଟିଟିଲାଗଡ଼ରେ ଥିଲାବେଳେ ଦିନେ ହଠାତ୍ ବଦଳି ଆଦେଶ ପାଇ ଚମକି ପଡ଼ିଲି । ଚାକିରି କଲେ ବଦଳି ଅବସ୍ୟମ୍ଭାବୀ, ତଥାପି ଏଇ ବଦଳି ଦକ୍ଷିଣ-ପୂର୍ବ ରେଳବାଇର କୌଣସି ସ୍ଥାନକୁ ନ ହୋଇ ଉତ୍ତର-ପୂର୍ବ ସୀମାନ୍ତ ରେଳବାଇକୁ ହୋଇଥିବାରୁ ବିସ୍ମିତ ହେଲି । ଜୁଲାଇ ମାସ, ଘରେ ସମସ୍ତଙ୍କ ଅସୁସ୍ଥତା ଯୋଗୁଁ ମୁଁ ନିବେଦନ କଲି ବଦଳି ଅର୍ଡର ବାତିଲ କରିବା ପାଇଁ ବା କେତେମାସ ସମୟ ଦବାପାଇଁ । ଉଭୟ ନିବେଦନ ନାକଚ ହୋଇଗଲା ଏବଂ ତୁରନ୍ତ ଯିବା ପାଇଁ ନିର୍ଦ୍ଦେଶ ଆସିଲା । ମୁଁ ନିରୁପାୟ । ପ୍ରସ୍ତୁତ ହେଲି ଯିବା ପାଇଁ । କିଛିଦିନ ପୂର୍ବେ ଜଣେ ବନ୍ଧୁ କହିଥିବା କଥା ମନେପଡ଼ିଲା । ସେ କହିଥିଲେ ଯେ, ଉଚ୍ଚ ପଦବୀରେ ସଂପର୍କୀୟ ବା ପୃଷ୍ଠପୋଷକ ନ ଥିଲେ ଚାକିରି ଜୀବନ ସ୍ୱଚ୍ଛନ୍ଦ ହୁଏ ନାହିଁ । ମୁଁ ଗାଁରୁ ଆସିଥିଲି । ସରକାରୀ ଚାକିରି କରିବାରେ ଆମ ପରିବାରରେ ମୁଁ ପ୍ରଥମ ।

କେବଳ ଛାତ୍ର ଅବସ୍ଥାରେ ରାଜନୀତି ସହିତ ସଂପୃକ୍ତ ଥିଲି ବୋଲି କେତେକ ନେତା ଓ ମନ୍ତ୍ରୀଙ୍କ ସହିତ ପରିଚୟ ଥିଲା । କିନ୍ତୁ ସେମାନେ ଏଇ ଦୁଃସମୟରେ କେହି କାର୍ଯ୍ୟରେ ଆସିଲେ ନାହିଁ ଏବଂ ବାକ୍ସ ବେଡ଼ିଂ ଧରି ମୁଁ ବାହାରି ପଡ଼ିଲି ଗୌହାଟୀ । କଲିକତାରେ ଶୁଣିଲି ଯେ, ପ୍ରକୃତରେ ମୋର ବଦଳି ହୋଇ ନ ଥିଲା, ଆଉ ଜଣେ ସହକର୍ମୀ କେ. ରାଜଗୋପାଳଚାରୀଙ୍କ ବଦଳି ହୋଇଥିଲା । ତାଙ୍କ ଶ୍ୱଶୁର ମାଡ୍ରାସ୍ ହାଇକୋର୍ଟର ଜଜ୍ ଥିଲେ । ଦୁଇଜଣ ସଂର୍କୀୟ ସ୍ୱାମୀନାଥନ୍ ଓ ରଙ୍ଗସ୍ୱାମୀ ସାହେବ ରେଳବାଇରେ ପରିବହନ ଓ ବାଣିଜ୍ୟ ବିଭାଗର ମୁଖ୍ୟ ଥିଲେ । ତେଣୁ ସେ କହିବା ଆଗରୁ ତାଙ୍କ ବଦଳି ନାକଚ ହୋଇ ମୋର ବଦଳି ହୋଇଗଲା । ପିଠିରେ ପଡ଼ିବାକୁ କେହି ନ ଥିଲେ । ସେତେବେଳେ ଗୌହାଟୀ ଯିବା ରାସ୍ତାରେ ଗଙ୍ଗାନଦୀ ଉପରେ ପୋଲ ନ ଥିବାରୁ ଷ୍ଟିମର ସାହାଯ୍ୟରେ ମନିହାରି ଘାଟଠାରେ ନଦୀ ପାର ହେବାକୁ ପଡୁଥିଲା । ସେହି ପରି ଷ୍ଟିମର ସାହାଯ୍ୟରେ ବ୍ରହ୍ମପୁତ୍ର ନଦୀ ପାର ହେବାକୁ ପଡୁଥିଲା ଗୌହାଟୀ ପହଞ୍ଚିବା ପାଇଁ । ପରେ ଫରକାଠାରେ ଗଙ୍ଗା ଉପରେ ଓ ଗୌହାଟୀ ପାଖରେ ବ୍ରହ୍ମପୁତ୍ର ନଦୀ ଉପରେ ପୋଲ ନିର୍ମିତ ହେଲା ଏବଂ ଗମନାଗମନର ସୁବିଧା ହେଲା ।

Digitized by srujanika@gmail.com

ଗୌହାଟୀ ସହରର ଉପକଣ୍ଠରେ ମାଳିଗାଁ । ସେଠାରେ ରେଳବାଇ ହେଡ଼କ୍ୱାର୍ଟର । ସୌଭାଗ୍ୟକୁ ଯିଏ ମୁଖ୍ୟଥିଲେ ସେ ଉଦାର ପ୍ରକୃତିର, ତେଣୁ ଅସୁବିଧା ହେଲାନାହିଁ । ନୂଆ ହେଡ଼କ୍ୱାର୍ଟରରେ ସ୍ଥାୟୀ କ୍ୱାର୍ଟର ନିର୍ମାଣ ହେଉଥାଏ । ଅସ୍ଥାୟୀ ଘର ଖଣ୍ଡେ ମିଳିଲା । ବାଉଁଶ ତାଟିର କାନ୍ଥ, ତଳେ ସିମେଣ୍ଟ ଚଟାଣ, ଉପରେ ଟିଣ ଛପର । କେତେଦିନ ପରେ ପିଲାମାନେ ଆସି ପହଞ୍ଚିଲେ । କିନ୍ତୁ ଆସାମର ଜଳବାୟୁ ଦେହରେ ଗଲାନି ସେମାନଙ୍କର । ଦିନବେଳେ ଗରମ ଓ ରାତିରେ ଅସରାଏ ବର୍ଷା ପ୍ରାୟ ଲାଗି ରହିଥାଏ । ବର୍ଷା ହେଲା କ୍ଷଣି ଦୁଇ ତିନିଟା ଛତା ଫୁଟାଇବା ଦରକାର ହୁଏ ଘର ଭିତରେ । ବାଲ୍‌ତି ଦିଟାରିଟା ପାଣି ଗଳୁଥିବା ସ୍ଥାନରେ ରଖିବା ଦରକାର ପଡ଼େ । ଶୋଇ ହୁଏନି । ପିଲାମାନେ ଭିଜାସ୍ଥାନରେ ଶୋଇ ଜ୍ୱରରେ ପଡ଼ିଲେ କିନ୍ତୁ ନାଚାର, କିଛି କରିବା ଆୟତ୍ତର ବାହାରେ ଥିଲା ।

ଏହି ସମୟରେ ଆସାମରେ ବଙ୍ଗାଳୀ ବିରୋଧୀ ଆନ୍ଦୋଳନ ଚାଲିଥାଏ । ଶହ ଶହ ବର୍ଷ ଧରି ପ୍ରଶାସନ ଓ ସାଧାରଣ ଜୀବନରେ ସେମାନେ ପ୍ରମୁଖ ସ୍ଥାନ ଅଧିକାର କରି ଆସୁଥିଲେ । ଡାକ୍ତର,ଓକିଲ, ଇଞ୍ଜିନିୟର, ପ୍ରଫେସର ସବୁ ବଙ୍ଗାଳୀ । ସେଥିପାଇଁ ସେମାନେ ଆସାମୀ ମାନଙ୍କଠାରୁ ଉଚ୍ଚରେ ବୋଲି ସ୍ୱାଭିମାନ ଥାଏ ସେମାନଙ୍କର । ଆମାସାମାନଙ୍କର ହୀନମନ୍ୟ ଭାବ ସେମାନଙ୍କୁ ସଦାବେଳେ ପୀଡ଼ା ଦେଉଥାଏ । ଝାଁ ଝାଁ ଗଣ୍ଡଗୋଳ ଚାଲିଥିଲା କେତେ ମାସ ପୂର୍ବରୁ । ହଠାତ୍ ଦିନେ ଅଫିସରେ କାମ କରୁଥିବା ଆସାମୀ ଝିଅମାନଙ୍କର ନୂଆ ବେଶପୋଷାକ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଶାଢ଼ୀପିନ୍ଧିବା ପରିବର୍ତ୍ତେ ସମସ୍ତେ ଘାଘରା ଓ ବ୍ଲାଉଜ ପିନ୍ଧି ଆସିଲେ । କାରଣ ? ଶାଢ଼ୀରେ ବଙ୍ଗାଳୀ ସଂସ୍କୃତିର ଛାପ । ଘାଘରା ଓ ବ୍ଲାଉଜ ଆସାମୀମାନଙ୍କର ନିଜସ୍ୱ । ଆସାମର ମହାନ ନେତା ଓ ମୁଖ୍ୟମନ୍ତ୍ରୀ ଗୋପୀନାଥ ବର୍ଦ୍ଧୋଲାଇ ଆସାମୀମାନଙ୍କୁ ନିଜ ସଂସ୍କୃତି ପ୍ରତି ସଚେତନ ହେବପାଇଁ ଆହ୍ୱାନ ଦେଲେ ଏବଂ କହିଲେ ଯେ ସଂସ୍କୃତି ସୁରକ୍ଷିତ ନହେଲେ ଭାଷା, ସାହିତ୍ୟ ଓ ସ୍ୱାଭିମାନ ମଧ୍ୟ ବିପନ୍ନ ହେବ ।

ରାତାରାତି କଲେଜରେ ପଢୁଥିବା ଓ ଅଫିସରେ କାମ କରୁଥିବା ଶିକ୍ଷିତ ଝିଅମାନେ ପୋଷାକ ବଦଳାଇ ଆସାମୀ ପୋଷାକ ପିନ୍ଧିଲେ, ଘରେ ଘରେ ସାଜସଜ୍ଜା ଆସାମୀ ପରମ୍ପରା ଅନୁସାରେ କରାଗଲା ଏବଂ ଆସାମୀ ଖାଦ୍ୟ ପରିବେଷଣ କରାଗଲା । ଆହୁରି ବଙ୍ଗଳା ପତ୍ରପତ୍ରିକା ବର୍ଜନ କରି ଆସାମୀ ପତ୍ର ପତ୍ରିକାର ଚାହିଦା ହଠାତ୍ ବଢ଼ିଗଲା । ଶହ ଶହ ବର୍ଷର ଅନୁକରଣ କରା ସଂସ୍କୃତି ଛାଡ଼ି ଆସାମୀମାନେ ନିଜର ଢଙ୍ଗଣିରେ ନିଜର ସଂସ୍କୃତିକୁ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଦବାକୁ ଲାଗିଲେ । ଆସାମୀ ପର୍ବପର୍ବାଣୀ, ନୃତ୍ୟଗୀତର ଆଦର ବଢ଼ିବାକୁ ଲାଗିଲା । ଦିନେ ମୁଁ ଜଣେ ବନ୍ଧୁଙ୍କ ସହିତ ବଙ୍ଗଳାରେ କଥା କହୁଥିଲି । ତାହା ଶୁଣିକରି ଆଉ ଜଣେ ବନ୍ଧୁ ପରେ ମୋତେ ଏକାନ୍ତରେ କହିଲେ- ତୁମେ ବଙ୍ଗାଳୀଙ୍କ ପରି ଦିଶୁଛ । ତୁମକୁ ସତର୍କ କରି ଦେଉଛି । ବଙ୍ଗଳାରେ ଆଉ କାହା ସହିତ କଥା ନ କୁହ ଯେପରି ।

Digitized by srujanika@gmail.com

ଆସାମୀ ଯଦି ନ ଜାଣ, ଇଂରାଜୀ ବା ଓଡ଼ିଆରେ କୁହ । ଆଉ ପୂର୍ବଭାରତର ବଙ୍ଗଳା, ଓଡ଼ିଆ ଓ ଆସାମୀର ମୂଳ ଉତ୍ସ ଯେ ଏକ୍ ତାହା ସୂଚାଇ ଦେଇ ସେ କହିଲେ, ବଙ୍ଗାଳୀମାନେ ଶହ ଶହ ବର୍ଷ ଏଠାରେ ରହି ବି ଆସାମୀ କହନ୍ତି ନାହିଁ । ଆମେ ତାହେଲେ କାହିଁକି ତାଙ୍କ ଭାଷାରେ କହିବୁ । ଇଂରେଜମାନେ ଗଲେ, ଏମାନଙ୍କର ଆଧିପତ୍ୟ ବି ଯିବ । ସେ କିନ୍ତୁ ଆହୁରି ବି କହିଲେ ଯେ, ସାଧାରଣ ଆସାମୀ ଓ ବଙ୍ଗାଳୀ ମଧ୍ୟରେ କୌଣସି ତିକ୍ତତା ନାହିଁ । ଉଭୟ ଭାଇ ଭାଇ, ଏଇ ଶିକ୍ଷିତ ଓ ସଂଭ୍ରାନ୍ତଙ୍କ ମଧ୍ୟରେ ସୁପରିଅରଟି କମ୍ପ୍ଲେକ୍ସ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଆମେ ବିରୋଧ କରୁଛୁ । ନଚେତ୍ ଆମେ ସମସ୍ତେ ଭାଇ ଭାଇ, ଭାରତୀୟ ।

ଆସାମରେ ଥିଲି ଛଅମାସ । ଗୌହାଟୀ, ତିନିସୁକିଆ, ଡିବ୍ରୁଗଡ, ଡିଗବୋଇ, ତେଜପୁର ପ୍ରଭୃତି ଅନେକ ସ୍ଥାନ ଦେଖିଛି । ଅନେକ ଲୋକଙ୍କ ସହିତ ମିଶିବାର ସୁଯୋଗ ପାଇଛି । ଆସାମର ପ୍ରାକୃତିକ ସୌନ୍ଦର୍ଯ୍ୟ ଚିତ୍ତାକର୍ଷକ । ବ୍ରହ୍ମପୁତ୍ର ନଦୀ ଯୁଗ ଯୁଗ ଧରି ଆସାମକୁ ଉର୍ବର କରିଛି, ପୀଡ଼ା ବି ଦେଇଛି । ପ୍ରତିବର୍ଷ ବନ୍ୟାରେ ଶହ ଶହ ଗ୍ରାମ ଧୋଇହୋଇଯାଏ । ଶହ ଶହ ଲୋକ ମୃତ୍ୟୁ ମୁଖରେ ପଡ଼ନ୍ତି ।ତଥାପି ବ୍ରହ୍ମପୁତ୍ର ଆସାମର ଜନନୀ । ଅହମୀୟା ସାହିତ୍ୟ ଓ ସଂସ୍କୃତିରେ ବ୍ରହ୍ମପୁତ୍ରର ପ୍ରବହମାନ ସ୍ରୋତର ସ୍ୱାକ୍ଷର ସୁସ୍ପଷ୍ଟ । ଆମେ ଆସାମ କହୁ । ସେମାନଙ୍କ ବର୍ଣ୍ଣମାଳାରେ 'ସ' ଅକ୍ଷର ନାହିଁ ତାହା 'ହ' ଉଚ୍ଚାରଣ କଲେ ଶୁଣାଯାଏ 'ଅହମ୍' । ଆସାମୀ ଲିପି ବଙ୍ଗଳା ଲିପି ସମାନ । ଆସାମୀ ଭାଷା ଓ ସାହିତ୍ୟରେ ଆଶ୍ଚର୍ଯ୍ୟ ଜନକ ଉନ୍ନତି ଘଟିଛି ସ୍ୱାଧୀନତା ପରେ । ଆସାମୀ ଭାଷାରେ କଥା କହିବା ଆସାମୀ ସାହିତ୍ୟ ପଢ଼ିବାରେ ସେମାନଙ୍କର ଗର୍ବ ଓ ଆମାସୀ ସଂସ୍କୃତି ପାଇଁ ସେମାନେ ଗୌରବାନ୍ୱିତ । ସେମାନଙ୍କ ଭାଷାର ସନ୍ଥକବି ଶଙ୍କର ଦେବ ଓଡ଼ିଆ ସନ୍ଥକବି ଜଗନ୍ନାଥ ଦାସଙ୍କ ପରି ପ୍ରସିଦ୍ଧ । ଶଙ୍କରଦେବଙ୍କ ସାହିତ୍ୟ ଆସାମୀମାନଙ୍କର ଅତି ପ୍ରିୟ । ସେ ପୁରୀ ଅସି ଜଗନ୍ନାଥଙ୍କୁ ଦର୍ଶନ କରି ଜଗନ୍ନାଥ ତତ୍ତ୍ୱ ଆସାମକୁ ନେଇଥିବାର ବହୁ ପ୍ରମାଣ ତାଙ୍କ ରଚନାରେ ରହିଛି । ଆସାମର ଚା' ବଗିଚାରେ ଲକ୍ଷ ଲକ୍ଷ ଓଡ଼ିଆ କାମ କରନ୍ତି । ଆସାମୀ ଓ ଓଡ଼ିଆ ଭାଷା ମଧ୍ୟରେ ପାର୍ଥକ୍ୟ ଅପେକ୍ଷା ସାମଞ୍ଜସ୍ୟ ଅଧିକ । ସେହି ଆନ୍ଦୋଳନ ସମୟରେ ଦେଖିଲି ସେମାନେ ଓଡ଼ିଆ, ତାମିଲ, କେରଳୀ, ତେଲଗୁମାନଙ୍କୁ ବିଭିନ୍ନ ନିଯୁକ୍ତି ଦେଇ ସ୍ୱାଗତ କଲେ କିନ୍ତୁ ବଙ୍ଗଳା ସହିତ ଶହ ଶହ ବର୍ଷର ଭାବଗତ ସମ୍ପର୍କ ଶିଥିଳ ହୋଇ ଆସିଲା । ସେହିଠାରୁ ଆସାମୀ ଆନ୍ଦୋଳନର ଜନ୍ମ କହିଲେ ଚଳେ ।

ଗୌହାଟୀର ଦୁଇ କୋଠରୀ ବିଶିଷ୍ଟ ଅସ୍ଥାୟୀ ଘରେ ରହିବା କେତେ କଷ୍ଟକର ସହଜରେ ଅନୁମାନ କରାଯାଇପାରେ । ସେତେବେଳେ ଆମର ଉପରିସ୍ଥ ଥିଲେ ଏନ୍.ଆର.କେ. କ୍ରିଷ୍ଣନ୍ । ସେ ଗୋରଖପୁରରେ ରହିଥିଲେ ଏବଂ ପ୍ରତିମାସ ଗୌହାଟୀ ଆସି ସାତ ଆଠ ଦିନ ରହୁଥିଲେ । ଗେଷ୍ଟହାଉସ୍ ବା ଆଇ.ବି.ରେ ନ ରହି ଜବରଦସ୍ତ ଆତିଥ୍ୟ

Digitized by srujanika@gmail.com

ଆଦାୟ କରିବାର ଅଭିନବ ପନ୍ଥା ଜାଣିଥିଲେ ସେ । ଦାର୍ଜିଲିଂରେ କମଳା ଶସ୍ତା । କୁଡ଼ି ପ୍ରାୟ ସାତ/ ଆଠ ଟଙ୍କା । କୁଡ଼ିଏ କମଳା ନେଇ ସ୍ତ୍ରୀ, ପୁତ୍ର ଓ କନ୍ୟା ସହିତ ଯାହା ଘରେ ରହିବା କଥା ସେଠାକୁ ଯାଇ ପାଞ୍ଚସାତଦିନ ରହି ଯାଉଥିଲେ । ତେଣୁ କଲୋନୀରେ ସେ ପହଞ୍ଚିବାର ଖବର ମିଳିଲେ ବନ୍ଧୁମାନେ ସନ୍ତ୍ରସ୍ତ ଓ ସତର୍କ ରହୁଥିଲେ । ଏଇ କ୍ରିଷନ୍ ସାହେବ ଥରେ କାମରେ ସିକିମ ଯିବା ପାଇଁ କହିଲେ ମୋତେ । ଦାର୍ଜିଲିଂ ଓ ସେଠାରୁ ଗ୍ୟାଙ୍ଗଟକ ଯିବାର ବ୍ୟବସ୍ଥା ହେଲା । ସିକିମ ରାଜାଙ୍କ ଦେଓ୍ୱାନଙ୍କ ଜଣେ ଅତ୍ମୀୟ ରେଳବାଇ ଆଉଟ ଏଜେନ୍ସି ଦାୟିତ୍ୱରେ ଥିବାରୁ ମୁଁ କୌଣସି ଅସୁବିଧାର ସମ୍ମୁଖୀନ ହେବି ବୋଲି ଭାବି ନଥିଲି । କିନ୍ତୁ ଦାର୍ଜିଲିଂରେ ପହଞ୍ଚିବା ପରେ ପ୍ରବଳ ଶୀତ ଯୋଗୁଁ ଜ୍ୱରରେ ପଡ଼ିଗଲି ମୁଁ । ଯିବା ବନ୍ଦ ହେଲା । ସେଠାରୁ ଫେରି ଆସିଲି । କ୍ରିଷନ୍ ସାହେବ, ଖପା ହୋଇ ମୁଁ କାମରେ ବିଶେଷ ଆଗ୍ରହୀ ନୁହେଁ ବୋଲି ସିସିଆରରେ ଲେଖିଦେବାରୁ ମୋର ପ୍ରମୋସନ ଛଅମାସ ବିଳମ୍ବ ହୋଇଗଲା ଏବଂ ସେତେବେଳେ ମଧ୍ୟ ବନ୍ଧୁଙ୍କ କଥା ମନେ ପଡ଼ିଲା । ଯଦି ନିର୍ବିଘ୍ନରେ ଉପରକୁ ଯିବାକୁ ଚାହେଁ ମାମୁଁ, ମଉସା, ପିଇସା ବା ଶ୍ୱଶୁର କେହି ବଡ଼ ପଦବୀରେ ଥିଲେ ଚିନ୍ତା ନାହିଁ । ନଚେତ୍ ନିଜ ଯୁଦ୍ଧ ନିଜକୁ ହିଁ କରିବାକୁ ପଡ଼ିବ । ଆଜୀବନ ସେୟା କରିଛି ।

ଗୌହାଟୀରେ ଥିବା ସମୟରେ ଦିନେ ଆଦ୍ୟାଶକ୍ତି କାମାକ୍ଷାଙ୍କୁ ଦର୍ଶନ କରିବା ପାଇଁ ଗଲୁ । ପାହାଡ଼ ଉପରେ ମନ୍ଦିର । ଆଦ୍ୟାପୀଠମାନଙ୍କ ମଧ୍ୟରୁ ତାହା ଅନ୍ୟତମ । ଆମ ଓଡ଼ିଶାର ବିରଜାକ୍ଷେତ୍ର ଓ ଶ୍ରୀକ୍ଷେତ୍ରର ବିମଳା ମଧ୍ୟ ଆଦ୍ୟାପୀଠ ଭାବରେ ପରିଚିତ । କିନ୍ତୁ ମନ୍ଦିର ବେଢ଼ାର ଭିତରେ ପହଞ୍ଚିବା କ୍ଷଣି ପଣ୍ଡା ସ୍ୱାଗତ ଜଣାଇ କହିଲେ, ମୁଁ ଓଡିଶାର ପଣ୍ଡା, ଆପଣମାନଙ୍କ ଦାୟିତ୍ୱ ମୋର । ସେ ମନ୍ଦିର ଭିତରକୁ ନେଇ ଆମକୁ କାମାକ୍ଷାମାତାଙ୍କୁ ଦର୍ଶନ କରାଇଲେ । ଏଠାରେ ଅଦ୍ୟାଶକ୍ତି ପୂଜା ପାଆନ୍ତି । ଯୋନିପୂଜା, କୁମାରୀ ପୂଜା ପ୍ରଭୃତି ପ୍ରଚଳିତ ଏଠାରେ । ଯୁଗ ଯୁଗ ଧରି କାମାକ୍ଷାର ପ୍ରସିଦ୍ଧି ପ୍ରସାରିତ ହୋଇଛି ହିନ୍ଦୁ ଜଗତରେ ।

ତନ୍ତ୍ରସାଧକ, ବେତାଳ ଓ ମନ୍ତ୍ରସାଧକମାନଙ୍କର ପୀଠ ଏହି ସ୍ଥାନ । ତନ୍ତ୍ରମନ୍ତ୍ର ବଳରେ ପୁରୁଷକୁ ମେଣ୍ଢା କରିଦେବାର ବହୁ କାହାଣୀ ପ୍ରଚଳିତ ଏଠାରେ । ପଣ୍ଡା ମଧ୍ୟ ଅନେକ ଆଶ୍ଚର୍ଯ୍ୟ ଜନକ ଘଟଣା କହିଲେ । ସେଠାରେ ପଣ୍ଡା ଭାବରେ କାର୍ଯ୍ୟ କରୁଥିବା ଓଡ଼ିଆ ପୁରୋହିତ କେତେଜଣଙ୍କ ସହିତ ଦେଖାହେଲା । ମାଆଙ୍କୁ ଦର୍ଶନ କରି ଫେରିବା ବେଳକୁ ଟଙ୍କା ସରିଗଲା ଏବଂ ଆମେ ବଡ ଅଡୁଆରେ ପଡ଼ିଗଲୁ । ପଣ୍ଡା କହଲେ, ଅସୁବିଧା ଥିଲେ ମୋ ଠାରୁ କିଛି ଟଙ୍କା ନିଅନ୍ତୁ; ପରେ ଫେରାଇଦେବେ, ଆଉ ମୁଁ ତ ଆପଣଙ୍କ ପଣ୍ଡା, ନିଜଲୋକ । ପୁରୀରେ ଚାରିବର୍ଷ ପାଠ ପଢ଼ିଥିଲି । ସେଠାର ପଣ୍ଡାମାନଙ୍କ ଉତ୍ପାତ ବିଷୟ ମନେପଡ଼ିଲା । ସବୁ ତୀର୍ଥ ସ୍ଥାନର ପଣ୍ଡାମାନେ ଏମିତି ଭଦ୍ର ହୁଅନ୍ତେ କି ।

ଆସାମର ଲୋକ ଚରିତ୍ର କିନ୍ତୁ ଓଡ଼ିଆମାନଙ୍କ ପରି । ଉଦ୍ୟମଶୀଳତାର ଅଭାବ ସର୍ବତ୍ର ପରିଲକ୍ଷିତ ହୁଏ । କାଲି ଖାଇବା ପାଇଁ ଥିଲେ ଆଜି ଆଉ କାମକୁ ଯିବେ ନାହିଁ ।

Digitized by srujanika@gmail.com

ଅଳ୍ପକେ ସନ୍ତୁଷ୍ଟ । କର୍ମ ପ୍ରବଣତାର ଘୋର ଅଭାବ । ଠିକ୍ ଓଡ଼ିଆମାନଙ୍କ ପରି ପ୍ରାକୃତିକ ଅବସ୍ଥିତି ସହିତ ବର୍ଷାଋତୁରେ ବହୁ ଦିନ ଧରି ବନ୍ୟା ଲାଗି ରହୁଥିବାରୁ ଲୋକମାନେ ଗୃହବନ୍ଦୀ ହୋଇ ରହିବାକୁ ବେଶି ପସନ୍ଦ କରନ୍ତି ।

କିନ୍ତୁ ଲୋକ ଚରିତ୍ର ବି ବଦଳିବାକୁ ଆରମ୍ଭ କଲାଣି । ସାଂସ୍କୃତିକ ପୁନର୍ଜାଗରଣ ଆସିବାରୁ ସେଥିପାଇଁ କୁହାଯାଏ ସେ ଗୋଟିଏ ଜାତିର ସୃଜନଶୀଳତା ଓ ପ୍ରବଣତା ସଂସ୍କୃତିରୁ ଜଣାପଡେ । ସଂସ୍କୃତି ବୈଠକଖାନାରେ ସୀମାବଦ୍ଧ ନ ରହି ଜନ ଚରିତ୍ରରେ ପ୍ରତିଫଳିତ ହେଲେ ସବୁ ଦିଗରେ ଓ ସବୁ କ୍ଷେତ୍ରରେ ଅଗ୍ରଗତି ଅନିବାର୍ଯ୍ୟ ।

ଆସାମ କିନ୍ତୁ ଆଗପରି ଆଉ ନିରାପଦ ନୁହେଁ । ସେତେବେଳର ବୃହତ୍ତର ଆସାମ ପରେ ଏକାଧିକ ରାଜ୍ୟରେ ବିଭକ୍ତ ହୋଇଯାଇଛି । ପରସ୍ପର ମଧ୍ୟରେ କେବଳ ସୀମାବିବାଦ ନୁହେଁ, ବଙ୍ଗଳା ଦେଶରୁ ଲଗାତର ବ୍ରହ୍ମପୁତ୍ର ନଦୀପଥ ଓ ଅନ୍ୟାନ୍ୟ ବାଟଦେଇ ପ୍ରବେଶ କରୁଥିବା ଅନୁପ୍ରବେଶକାରୀମାନଙ୍କ ସଂଖ୍ୟା ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ବିପନ୍ନ କରୁଛି । ପୁଣି ବିଭିନ୍ନ ସଂପ୍ରଦାୟ ଓ ଗୋଷ୍ଠୀ ନିଜ ନିଜର ଦାବି ହାସଲ କରିବା ପାଇଁ ଉଗ୍ରବାଦ ଓ ସନ୍ତ୍ରାସବାଦର ଆଶ୍ରୟ ନେଇଛନ୍ତି । ଏ ସବୁ ସତ୍ତ୍ୱେ ଆସାମର ଆକର୍ଷଣ ଓ ମହିମା କମିନାହିଁ, ବରଂ ବଢ଼ିବାରେ ଲାଗିଛି । ଏହାର ମୂଳରେ ଅଛି ଆସାମୀମାନଙ୍କର ଆସାମକୁ ପ୍ରବଳ ଭାବେ ଭଲ ପାଇବା, ଏହାର ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଗର୍ବ ଓ ଗୌରବବୋଧ କରିବା । ଆହା ! ଓଡ଼ିଆମାନଙ୍କ ମନରେ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଏପରି ମମତା ଜାଗ୍ରତ ହୁଅନ୍ତା କି !

Digitized by srujanika@gmail.com

ସମନ୍ୱୟର ମାର୍ଗ

ଓଡ଼ିଆ ଗୀତ, କବିତା ରଚନା ଓ ଏହାର ଗାନ ଅବକ୍ଷୟର ପକ୍ଷରେ ଦ୍ରୁତ ଗତି ଚାଲିଥିଲା ବେଳେ ସାହିତ୍ୟିକ ମୂଲ୍ୟ ଦୃଷ୍ଟିରୁ ଏବଂ ଲୋକପ୍ରିୟ ସଂଗୀତ ଭାବରେ 'କେଉଁ ନାମ ଧରି ଡାକିବି ତୁମକୁ, ତୁମେ ଯେ ସର୍ବନାମ' କେବଳ ଏକ ସାର୍ଥକ ରଚନା ନୁହେଁ, ଏହା ଏକ ପ୍ରିୟ ଗୀତ । ସୁଲଳିତ କଣ୍ଠରେ ଏହାର ଗାନ ମନ ଓ ଧ୍ୟାନକେବଳ ଆକର୍ଷଣ କରେ ନାହିଁ, ଶ୍ରୋତାଙ୍କୁ ତନ୍ମୟ କରିଦିଏ । ସଂକୀର୍ଣ୍ଣତା ଓ ପରିବେଷ୍ଟନୀର ସୀମାବଦ୍ଧତା ମଧ୍ୟରୁ ଶ୍ରୋତା ଆଉ ଏକ ଜଗତକୁ ଚାଲିଯାଏ ଯେଉଁଠାରେ ମଣିଷର ଦୃଷ୍ଟି ଓ ଦର୍ଶନ ପାଚେରୀ ଭିତରେ ଆବଦ୍ଧ ନୁହେଁ । ସେଠାରେ ଏକ ପରିବ୍ୟାପ୍ତ ଆଲୋକିତ ଆନନ୍ଦ ମୁଖର ପୃଥିବୀ । ତାହା ଜାତି, ଧର୍ମ, ବର୍ଣ୍ଣ ଓ ସବୁ ସଂକୀର୍ଣ୍ଣତା, ମତାନ୍ଧତାର ଉର୍ଦ୍ଧ୍ୱରେ । ସେହିପରି ଆଉ ଏକ ଗୀତ । 'ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ' ବା ରାମକୃଷ୍ଣ ନନ୍ଦଙ୍କର 'ଆହେ ଦୟାମୟ ବିଶ୍ୱ ବିହାରୀ' । ଭକ୍ତ କବି ଆଉ କୌଣସି ରଚନା ନ ଲେଖି ଯଦି କେବଳ ଅଖିଳ ବ୍ରହ୍ମାଣ୍ଡ ପତି ରଚନାଟି ଲେଖିଥାନ୍ତେ ବା କବି ବୈକୁଣ୍ଠ 'ଜୀବନ ପାତ୍ର ମୋ ଭରିଛ କେତେ ମତେ ନଦେଇ ବୋଲି କିଛି କହିବି କି ହେ ଆଉ' କେବଳ ଲେଖିଥାନ୍ତା ତଥାପି ସାହିତ୍ୟ ଓ ସଂଗୀତରେ ସେମାନଙ୍କର ଦ୍ୟୁତି ଆଜି ଝଲକୁଥାନ୍ତା ଅମ୍ଳାନ ଭାବରେ । କବି ସାଧାରଣ ମଣିଷକୁ ନିଜର ରଚନା ମାଧ୍ୟମରେ କେବଳ ତନ୍ମୟ କରେ ନାହିଁ । ଜାତି ଗୋତ୍ର ମତ ଓ ଦର୍ଶନ ସଂକୀର୍ଣ୍ଣତାରୁ ବାଧାବନ୍ଧନ ନଥିବା ଆଉ ଏକ ମୁକ୍ତ ଓ ବିସ୍ତାରିତ ଜଗତକୁ ତାକୁ ନେଇଯାଏ ଯେଉଁଠାରେ ସାଂପ୍ରଦାୟିକ ସଂକୀର୍ଣ୍ଣତା ବା ମତବାଦ ତାକୁ ବନ୍ଦୀ କରିପାରେ ନାହିଁ । ଏହିପରି ଗୀତି କବିତା ବେଦ ଉପନିଷଦଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟର ସାର୍ବଜନୀନ ସାହିତ୍ୟ ଭାବରେ ଆଦୃତ ହୋଇ ଆସିଛି । ରବୀନ୍ଦ୍ର ନାଥଙ୍କ ଆନନ୍ଦାଲୋକ ମଙ୍ଗଳାଲୋକେ ବିରାଜ ସତ୍ୟ ସୁନ୍ଦର', ଏହି ଧରଣର ଗୀତି କବିତା ବା ଉପନିଷଦ ସଂଗଚ୍ଛଧ୍ୱ ସଂବଦଧ୍ୱଂ ସଂବୋ ମନାସି ଜାନତାମ । ଧର୍ମ ବା ଆଧ୍ୟାତ୍ମବିଦ୍ୟା କେବେ ହେଲେ ହଠକାରିତା ବା ମତାନ୍ଧତାରୁ ସୃଷ୍ଟି ହୋଇ ନଥିଲା । ମଣିଷର ମନ ଭିତରେ ଜମି ଥିବା ଆବର୍ଜନା ଓ

Digitized by srujanika@gmail.com

ଗଢ଼ା ହୋଇଥିବା ପାଚେରୀ ଓ କୋଠରୀ ଗୁଡାକୁ ଭାଙ୍ଗି ପରିଷ୍କାର କରିଦେବା ପାଇଁ ଚିରକାଳ କବି, ଲେଖକ, ଶିଳ୍ପୀ କଳାକାର, ଦାର୍ଶନିକ ପ୍ରୟାସକରି ଆସିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ଆମ ଚାରିପାଖରେ ଏତେ ମତାନ୍ଧତା, ହଠକାରିତା, ସଂକୀର୍ଣ୍ଣତା ଓ ଅନ୍ଧବିଶ୍ୱାସ ।

୧୯୫୮ ମସିହା ନଭେମ୍ବର ମାସ । ମୁଁ ସେତେବେଳେ ଉତ୍ତର ପ୍ରଦେଶର ଗୋରଖପୁରଠାରେ ଥିବା ରେଳବାଇ ଅଫିସରେ କାମ କରୁଥାଏ । ଜଣେ ପଞ୍ଜାବୀ ବନ୍ଧୁ ଡାକିଲେ ଗୋରଖନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜନ କରାଯାଇଥିବା ଏକ ପ୍ରବଚନ ସଭାକୁ । ଏହି ପ୍ରବଚନ ସଭା ଆୟୋଜନ କରାଯାଇଥିଲା ଆର୍ଯ୍ୟ ସମାଜ ପକ୍ଷରୁ । ଏମିତି ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ଋଷି ଦୟାନନ୍ଦ ଜଣେ ପ୍ରସିଦ୍ଧ ସଂସ୍କାରକ ଓ ସନ୍ଥ ଭାବରେ ସାରା ଭାରତରେ ପରିଚିତ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜର ପ୍ରବଚନ ସଭାରୁ କିଛି ଉପାଦେୟ କଥା ଶୁଣିବୁ ବୋଲି ବନ୍ଧୁ ମୋତେ ଡାକି ନେଇଥିଲେ । ପ୍ରଥମେ ମନ୍ତ୍ରପାଠ କରାଗଲା । ବେଦଧ୍ୱନି ପରିବେଶକୁ ଆହୁରି ଆକର୍ଷଣୀୟ ଓ ନିର୍ମଳ କରିଦେଲା । ଏହାପରେ ପ୍ରବକ୍ତା ଆର୍ଯ୍ୟ ସମାଜର ଉଦ୍ଦେଶ୍ୟ ଓ ଆଦର୍ଶ ସମ୍ବନ୍ଧରେ ବର୍ଣ୍ଣନା କିପରି ଯୁଗ ଯୁଗ ଧରି ଅନ୍ଧବିଶ୍ୱାସ ଓ କୁସଂସ୍କାର କିପରି ହିନ୍ଦୁଧର୍ମରୁ ସନାତନ ମାର୍ଗରୁ ପଥଚ୍ୟୁତ କରିଛି ତାହା କହିଥିଲେ । ଏତିକିବେଳେ କାହାକୁ ଲକ୍ଷ୍ୟ କରି ହେଉ ବା କାହାର ପ୍ରରୋଚନାରୁ ହେଉ ସେ ପ୍ରଗଳ୍ଭ ହୋଇ କହି ଚାଲିଲେ ହିନ୍ଦୁ ଧର୍ମ ଦେବଦେବୀଙ୍କ ବିରୁଦ୍ଧରେ । ତାଚ୍ଛଲ୍ୟ କରି କହିଲେ, ଈଶ୍ୱର ଏକ ଓ ସର୍ବବ୍ୟାପକ ହେଲେ ମଧ୍ୟ ହିନ୍ଦୁମାନେ ତେତିଶକୋଟି ଦେବତା ଥିବା ବିଶ୍ୱାସ କରନ୍ତି । ଏମାନେ ପୁଣି ସମସ୍ତେ ସ୍ୱର୍ଗରେ କାଳତିପାତ କରନ୍ତି । ଏଇ ତେତିଶକୋଟି ଦେବତାଙ୍କର ମଳମୂତ୍ର କୁଆଡ଼େ ଯାଏ, କିଏ ତାହା ସଫା କରେ ଏବଂ ସେମାନଙ୍କର ଖାଇବା ପିଇବା କିପରି କାହାଦ୍ୱାରା ଓ କେଉଁଠାରେ ହୁଏ ତାହା ଜାଣିବାର ଅଧିକାର ସମସ୍ତଙ୍କର ଅଛି । ଏଇ ଦେବତା ମାନଙ୍କର କାର୍ଯ୍ୟକଳାପ ସମ୍ବନ୍ଧରେ ପ୍ରଶ୍ନ ପଚାରିବା ପ୍ରତ୍ୟେକ ବ୍ୟକ୍ତିର ମୌଳିକ କର୍ତ୍ତବ୍ୟ । ପ୍ରବଚନ ଉଦାରତାରୁ ଆରମ୍ଭ ହୋଇ ମତାନ୍ଧତା, ଆଡ଼କୁ ଯାଉଥିବା ଲକ୍ଷ୍ୟ କରି ବନ୍ଧୁ ମୋ ମୁହଁକୁ ଚାହିଁଲେ । ମୁଁ କହିଲି, ଆମେ ଆସିଥିଲୁ ଏହା ବାଦ ଶାଶ୍ୱତ ସତ୍ୟ, ସାର୍ବଜନୀନ ଆଧାତ୍ମିକତା ସମ୍ବନ୍ଧରେ କିଛି ଶୁଣିବା ପାଇଁ । ଗାନ୍ଧିଜୀ ପ୍ରତି ସଂଧ୍ୟାରେ ପ୍ରାର୍ଥନା, ସଭା ପ୍ରାରମ୍ଭରେ 'ବୈଷ୍ଣବ ଜନ ତୋ ତେନେ କହିଏ' ଗୁଜରାଟୀ ଭଜନ ଶୁଣୁଥିଲେ ସଭାକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ । ତାହା ସାର୍ବଜନୀନ ଗ୍ରହଣୀୟ ସତ୍ୟ ଉପରେ ଆଧାରିତ । ଏସବୁ କ'ଣ ମତାନ୍ଧତା ନା ତେତିଶକୋଟି ଦେବାତାଙ୍କ ଚକ୍ରାନ୍ତ । କହିବା ନିଷ୍ପ୍ରୟୋଜନ ଆମ ଦୁହିଁଙ୍କ ପରି ଆହୁରି ଅନେକ ସଭାଛାଡି ଚାଲି ଆସିଲେ ।

ଯେଉଁମାନେ ଧର୍ମ ନାମରେ ନାନାଦି କାର୍ଯ୍ୟ କରନ୍ତି ସେମାନେ ବୁଝନ୍ତି ନାହିଁ ଯେ, ଯେଉଁ ଉଚ୍ଚ ଓ ମହତ୍ତ୍ୱର ଲକ୍ଷ୍ୟ ପ୍ରାପ୍ତି ଉଦ୍ଦେଶ୍ୟ ରଖି ବ୍ୟକ୍ତି ନିଜକୁ ଚାଳିତ କରେ ସେଇ ଯାତ୍ରାରେ ନିରଙ୍କୁଶ, ସ୍ୱାଧୀନତା ବା ସ୍ୱେଚ୍ଛାଚାରିତା ନାହିଁ । ସହିଷ୍ଣୁତା, ମାନବିକତା,

Digitized by srujanika@gmail.com

ନୈତିକତା ପାରସ୍ପରିକ ସହଯୋଗିତା ପ୍ରଭୃତି ନୀତିଗୁଡ଼ିକ ଜୀବନଚର୍ଯ୍ୟା ଲାଗି ଉଦ୍ଦିଷ୍ଟ କେବଳ ମୁଖସ୍ଥ ବା ପ୍ରଚାର କରିବା ପାଇଁ ନୁହେଁ । ବିବେକାନନ୍ଦଙ୍କ ଭାଷାରେ ପରୋପକାର ହିଁ ଧର୍ମ, ପରପୀଡନ ହିଁ ଅଧର୍ମ । ଅନେକ ସାଧୁସନ୍ଥଙ୍କ ଆଚରଣରେ ଏହି ଧର୍ମଧାରା ଓ ମଣିଷ ପ୍ରତି ଅଜସ୍ର ସ୍ନେହ, ମମତା ପ୍ରତିଫଳିତ ହୋଇ ସେମାନଙ୍କୁ ସବୁ ସଂକୀର୍ଣ୍ଣତାର ବାହାରକୁ ନେଇଯାଇଛି । ନାଗପୁର ପାଖରେ ତାଜୁଦ୍ଦିନ ବାବାଙ୍କ ସମାଧିପୀଠ । ଜୀବଦ୍ଦଶାରେ ସେ ଥିଲେ ସବୁ କୁସଂସ୍କାରର ଉର୍ଦ୍ଧ୍ୱରେ । ଜାତି ଧର୍ମ ନିର୍ବିଶେଷରେ ତାଙ୍କ ପାଖକୁ ଆର୍ତ୍ତ ଓ ଅର୍ଥାର୍ଥୀ ଏବଂ ସହସ୍ର ଭକ୍ତ ଓ ଦର୍ଶନାର୍ଥୀ ଯାଉଥିଲେ ପ୍ରତିଦିନ ତାଙ୍କୁ ଦର୍ଶନ କରିବା ପାଇଁ ଓ ନିଜ ନିଜ ସମସ୍ୟାର ସମାଧାନ ପାଇଁ । ତାଙ୍କର ଚମତ୍କାରିତା ସମ୍ବନ୍ଧରେ ମୁଁ ବହୁ ବ୍ୟକ୍ତିଙ୍କଠାରୁ ଶୁଣିଛି । ଗୀତା ଓ ମୁଁ ନାଗପୁର ଯାଇଥିଲୁ । ସେଠାରେ ଆମେ ଡିଭିଜନାଲ ମ୍ୟାନେଜର ଇକ୍‌ବାଲ ହାସାନଙ୍କ ସହିତ ମଧ୍ୟାହ୍ନ ଭୋଜନ ପରେ ତାଙ୍କ ସ୍ତ୍ରୀ ଆମ ଦୁହିଁଙ୍କୁ ନେଇଗଲେ ତାଜୁଦ୍ଦିନ ବାବାଙ୍କ ସମାଧିପୀଠକୁ । ଆମେ ସେଠାରେ ପହଞ୍ଚି ପରମ୍ପରା ଅନୁସାରେ ମଥା ଉପରେ ଲୁଗା ଦେଇ ସମାଧି ଉପରେ ଚାଦର ଚଢ଼ାଇଲୁ ଓ ମନସ୍କାମନା ଜଣାଇଲୁ । ସେହି ପୀଠ ଉଭୟ ହିନ୍ଦୁ ଓ ମୁସଲମାନଙ୍କର ପବିତ୍ରସ୍ଥାନ । କଲିକତାର ଖିଦିରପୁରଠାରେ ସେହିଭଳି ଏକ ମୁସଲମାନ ପୀଠ ଅଛି । ମୁଁ ଓ ଗୀତା ସେଠାକୁ ଯାଇ ଚାଦର ଚଢ଼ାଇଥିଲୁ ।

ଥରେ ମୋର ଜଣେ ଖ୍ରୀଷ୍ଟିଆନ୍ ବନ୍ଧୁ ମୋତେ ନିମନ୍ତ୍ରଣ କଲେ ଚର୍ଚ୍ଚକୁ । ସେଦିନ ଥିଲା ରବିବାର, ମୁଁ ଅନ୍ୟମାନଙ୍କ ପରି ପ୍ରାର୍ଥନାରେ ଯୋଗ ଦେଲି ଏବଂ ଧର୍ମଯାଜକଙ୍କର ବକ୍ତୃତା ଶୁଣିଲି, ବାଇବେଲ ପଢ଼ାରେ ମଧ୍ୟ ଯୋଗଦେଲି । ଗୋଟିଏ ଧର୍ମ ବ୍ୟକ୍ତି ଆଉ ଗୋଟିଏ ଧର୍ମର ପ୍ରାର୍ଥନା ସଭା ବା ପୀଠକୁ ଗଲେ ଧର୍ମ ନଷ୍ଟ ହୁଏ ନାହିଁ । ରାମକୃଷ୍ଣ ପରମହଂସ ନିଜ ଜୀବନରେ ଏହା ପ୍ରମାଣିତ କରି ଯାଇଛନ୍ତି ଯେ, ଈଶ୍ୱର ଏକ, କେବଳ ତାଙ୍କ ନିକଟକୁ ଯିବା ପାଇଁ ଯେଉଁସବୁ ରାସ୍ତା ରହିଛି ତାହା ଅଲଗା ଅଲଗା । ଦିଲ୍ଲୀ, କଲିକତା ବାଟ ଦେଇ, ନାଗପୁର ବା ବମ୍ବେ ବାଟ ଦେଇ ପହଂଚି ହୁଏ କିନ୍ତୁ ଈଶ୍ୱରଙ୍କୁ ବଡ଼ ନ କରି ବାଟ ବଡ଼ ହୋଇଯାଇଛି କାଳକ୍ରମେ । ବାଡ ଫସଲ ଖାଇବା ପରି । ଏଇ ବାଟ ଦେଇ ଏବେ କଳି ଓ ଦଙ୍ଗା । ଅଯୋଧ୍ୟା ପ୍ରଶ୍ନଟି ବିଚାର କଲେ ଏକ ସିଦ୍ଧାନ୍ତରେ ପହଂଚିବା ଅସମ୍ଭବ ହେବ ନାହିଁ । ଚଣ୍ଡୀଦାସ କହିଥିଲେ ଯେ, ସମସ୍ତଙ୍କ ଉପରେ ମଣିଷ ହିଁ ସତ୍ୟ ମଣିଷକୁ ଆଧାର କରି ଯେତେସବୁ ସମ୍ପ୍ରଦାୟ, ଧର୍ମଧାରା ଓ ଦର୍ଶନ ।

ସାଲବେଗଙ୍କ ଦୃଷ୍ଟାନ୍ତ ଦିଆଯାଇ ପାରେ । ଗବେଷକମାନଙ୍କ ମତରେ ସେ ଅଗଷ୍ଟ ଚାରିତାରିଖ ୧୫୯୨ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ଲାଲବେଗ ଥିଲେ ମୁସଲମାନ ଓ ମା' ଥିଲେ ହିନ୍ଦୁ ବ୍ରାହ୍ମଣ ବଂଶଜା । ସାଲବେଗଙ୍କ ପରି ଜଗନ୍ନାଥଙ୍କର ପରମଭକ୍ତ ଆଉ କେତେ ଜଣ ଅଛନ୍ତି ? କିନ୍ତୁ ବଡ଼ଦାଣ୍ଡରେ ହିଁ ଜଗନ୍ନାଥ ଦର୍ଶନ କରି ତାଙ୍କୁ ସନ୍ତୁଷ୍ଟ ରହିବାକୁ ପଡ଼ିଲା । ମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିଲା ନାହିଁ । କିନ୍ତୁ ତାଙ୍କ

Digitized by srujanika@gmail.com

ଦ୍ୱାରା ଲିଖିତ ଦେଢ଼ଶହ ଭଜନ ଜଣାଣ ଲକ୍ଷ ଲକ୍ଷ ଭକ୍ତ ଜଗନ୍ନାଥଙ୍କ ମହିମା କୀର୍ତ୍ତନ କରିବା ଦେଖାଯାଏ ପ୍ରତିଦିନ । ସାଲବେଗ ରସ୍‌ଖାନଙ୍କ ପରି ଲେଖକର ଭାଗ୍ୟ ଆଜି ସୂତାଖିଅରେ ଝୁଲୁଛି । ଲୋକମାନଙ୍କ ମଧ୍ୟରେ ପରସ୍ପରକୁ ସହ୍ୟକରିବାର, ପରସ୍ପର ମତ ପ୍ରତି ସମ୍ମାନ ପ୍ରଦର୍ଶନ କରିବାର ବା ପରସ୍ପରକୁ ଶ୍ରଦ୍ଧା କରିବାର, ସଦ୍‌ଭାବନା ଏବେ ବିରଳ ହୋଇଗଲାଣି । ରେଳବାଇ ଏପରି ଏକ ଅନୁଷ୍ଠାନ ଯେଉଁଠାରେ ସବୁ ଧର୍ମର, ସବୁ ଭାଷାଭାଷୀ ଲୋକମାନେ ଏକତ୍ର କାମ କରନ୍ତି । ଫଳରେ ଏକ ସମନ୍ୱିତ ଚିନ୍ତାଧାରା, ରେଳବାଇ କଲୋନୀ ଗୁଡ଼ିକରେ ଗଢ଼ି ଉଠିଛି । ମୁଁ ଏବେ କବି ଦୁର୍ଗାମାଧବ ମିଶ୍ରଙ୍କଠାରୁ ଶୁଣିଲି ଯେ, କଟକ ଓ ବାଲେଶ୍ୱର ଜିଲାରେ ଅନେକ ଗ୍ରାମରେ ମୁସଲମାନମାନେ ଗୁରୁବାର ପୂଜା କରିବାର ଦେଖାଯାଏ ଏବଂ ଇଦ୍ ଓ ମହରମ୍‌ରେ ସେହିଭଳି ଉତ୍ସାହର ସହିତ ହିନ୍ଦୁମାନେ ଅଂଶଗ୍ରହଣ କରନ୍ତି । ଶ୍ରୀ ଅରବିନ୍ଦଙ୍କ ବାଣୀ ପାଠ କଲେ ଜଣାଯାଏ ଯେ, ସେ କୌଣସି ଧର୍ମ ପ୍ରଚାର କରିବାକୁ ଆସିନଥିଲେ । ମଣିଷ ଭିତରେ ସାଧନା ଦ୍ୱାରା ଉପରକୁ ଉଠିବାର ଯେଉଁ ଅସୀମ ସମ୍ଭାବନା ଲୁକ୍କାୟିତ ହୋଇ ରହିଛି ତାକୁ ଉଖାରି ଦେଇ ସେ ଯେଉଁ ଐତିହାସିକ ଲୀଳା ସମ୍ପାଦନ କରିଛନ୍ତି ତାହାହିଁ ମନରେ ସଂକୀର୍ଣ୍ଣତାକୁ ଅତିକ୍ରମ କରି ଅତିମାନସରେ ପହଞ୍ଚିବାର ମାର୍ଗ । ପଣ୍ଡିଚେରୀ ଆଶ୍ରମରେ ବା ବେଲୁଡ ମଠରେ ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କ ପ୍ରବେଶ ସ୍ୱାଗତଯୋଗ୍ୟ ।

ସମନ୍ୱୟର ଧାରାକୁ ସାହିତ୍ୟ ସବୁଯୁଗରେ ଠିକଣା ବାଟରେ ନବା ପାଇଁ ଉପାଦାନ ଯୋଗାଇ ଆସିଛି । ଧର୍ମକୁ ଧାରଣ କରିବାର ଅସ୍ପୃହା ହ୍ରାସ ପାଇଥିବାରୁ ଜନଜୀବନରୁ ଅନୁଶାସନ ପ୍ରତି ପ୍ରତିବଦ୍ଧତା ମଧ୍ୟ ଲୋପ ପାଇଛି । ଧର୍ମକୁ ନେଇ ମତାନ୍ଧ ହେବା, ପରସ୍ପରକୁ ହତ୍ୟା କରିବା ସହଜ, କିନ୍ତୁ ଧର୍ମକୁ ଅନୁସରଣ କରି ବଞ୍ଚିବା ସହଜ ନୁହେଁ । ଯେଉଁଦିନ ଧର୍ମ ମଣିଷକୁ ଏଇ ସାଧାରଣ ନିୟମ ମାନି ଚଳିବାକୁ ବାଧ୍ୟ କରିପାରିବ ସେହିଦିନ ଧର୍ମ ଏକ ମୁହାଁ ରାସ୍ତା ହୋଇ ନ ରହି ଆକାଶ ପରି ଉନ୍ମୁକ୍ତ ଓ ଆଲୋକିତ ହେବ । ସେହିଦିନ 'ବୈଷ୍ଣବ ଜନତୋ ତେନେ କହିଏରେ' ପ୍ରାର୍ଥନା ଗାନ୍ଧୀଜୀଙ୍କୁ ଯେପରି ଅନୁପ୍ରାଣିତ କରିଥିଲା ଲକ୍ଷ ଲକ୍ଷ ଲୋକଙ୍କୁ ସେହିପରି ଉଦ୍‌ବୋଧିତ କରିବ । ପ୍ରତି ସାହି ଓ ବସ୍ତିରେ ଗଢ଼ି ଉଠିଥିବା ମନ୍ଦିର, ମସଜିଦ ଓ ଗୀର୍ଜା ବା ଗୁରୁଦ୍ୱାରା ସଂଘର୍ଷର କେନ୍ଦ୍ର ନ ହୋଇ ଶ୍ରଦ୍ଧା ଓ ଭଲ ପାଇବାର ପୀଠରେ ପରିଣତ ହେବ ।

Digitized by srujanika@gmail.com

ଚକ୍ରବ୍ୟୂହରେ ଚକ୍ରଧର ପୁର

୧୯୬୦ ମସିହା ଏପ୍ରିଲ୍ ମାସରେ ପଦୋନ୍ନତି ପାଇଁ ମୁଁ ଚକ୍ରଧରପୁରରେ ଯୋଗଦେଲି । ଚକ୍ରଧରପୁର ବିହାରର ସିଂହଭୂମି ଜିଲ୍ଲାର ସଦର ମହକୁମା ଚାଇଁବସାଠାରୁ ମାତ୍ର ବାଇଶ ମାଇଲ ଓ ଜାମସେଦପୁରଠାରୁ ପ୍ରାୟ ଚାଳିଶ ମାଇଲ ଏକ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ । ଏଠାରେ ଦକ୍ଷିଣ-ପୂର୍ବ ରେଳବାଇର ଏକ ଡିଭିଜନ ଅଛି । ଏହି ଡିଭିଜନର ପ୍ରାୟ ପାଞ୍ଚ ଭାଗରୁ ତିନିଭାଗ ଓଡ଼ିଶା ଭିତରେ ଥିଲେ ହେଁ ଡିଭିଜନର ହେଡକ୍ୱାର୍ଟର୍ସ ରହିଗଲା ବିହାରରେ । ଚକ୍ରଧରପୁର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଆନ୍ଦୋଳନର ଏକ ମୁଖ୍ୟ କେନ୍ଦ୍ର ଥିଲା । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଏହିଠାରେ ରହି ଓଡ଼ିଆଭାଷୀ ଲୋକମାନଙ୍କୁ ସଂଗଠିତ କରିଥିଲେ । ପ୍ରଚାରକ ଅନନ୍ତ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ର, ତାରାପଦ ଷଡ଼ଙ୍ଗୀ, ଈଶ୍ୱରଚନ୍ଦ୍ର ହୋତା, କାହ୍ନୁ କିଶୋର ପାଣି ପ୍ରଭୃତି, ମହାନ୍ ଦେଶଭକ୍ତ ଶିକ୍ଷା ପ୍ରସାରଣ ପାଇଁ ଓଡ଼ିଆମାନଙ୍କୁ ସଂଗଠିତ କରିବା ସକାଶେ ଚକ୍ରଧରପୁରକୁ କେନ୍ଦ୍ର ଭାବରେ ବାଛି ଥିଲେ । ସ୍ୱର୍ଗତ ଈଶ୍ୱରଚନ୍ଦ୍ର ହୋତା ମୋର ଆଜାଶ୍ୱଶୁର । ତାଙ୍କ ଘର ବନ୍ଧତାଗୋଡା ପାଖ ଖମାର ଗ୍ରାମରେ । ସେ ଥିଲେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ସ୍ୱଦେଶପ୍ରେମୀ, କବି, ନାଟ୍ୟକାର, ସନ୍ନ୍ୟାସୀ । ତେଣୁ ଏଭଳି ଏକ ସ୍ଥାନକୁ ବଦଳି ହୋଇ ଆସିବା ଥିଲା ସ୍ୱାଗତଯୋଗ୍ୟ । ଡିଭିଜନର କାର୍ଯ୍ୟଭାର ଓ ଆୟତନ ବେଶି । ଜାମସେଦପୁର, ରାଜଖରସୁଆଁ, ବଡଜାମଦା, ବଡବିଲ, ବାଂଶପାଣି, ଗୋଆ ସହିତ ଚକ୍ରଧରପୁର, ରାଉରକେଲା, ଝାରସୁଗୁଡା, ସମ୍ବଲପୁର, ବୀରମିତ୍ରପୁର ପ୍ରଭୃତିର ବ୍ୟବସାୟ ଓ ବାଣିଜ୍ୟ ମୋ ଦାୟିତ୍ୱରେ ଥିଲା । ବଡ ଲୋକର ଜ୍ୱାଇଁ ବା ଭଣଜା ଭାବରେ ମୋର ପରିଚୟ ନଥିଲା । ସମସ୍ତଙ୍କ ଦୃଷ୍ଟିରେ ମୋର ସାଧୁତା ଓ ସରଳତାହିଁ ଥିଲା ମୂଳପୁଞ୍ଜି । ଚକ୍ରଧରପୁରରେ ଯୋଗଦେବା କ୍ଷଣି ଓଡ଼ିଆ କର୍ମଚାରୀ ଓ କର୍ମୀମାନେ ଦେଖାକରିବାକୁ ଆସିଲେ । ସେମାନଙ୍କ ଠାରୁ ବହୁ ମୂଲ୍ୟବାନ ସୂଚନା ମଧ୍ୟ ପାଇଲି । ଏହି ସ୍ଥାନ ବିହାରରେ ଥିଲେ ମଧ ଏଠାରେ ବିହାରୀମାନଙ୍କର ସେପରି ପ୍ରଭାବ ନଥିଲା । ସମ୍ମିଳିତ ପ୍ରଭାବ କାର୍ଯ୍ୟ କରୁଥିଲା ତଥାପି ସାଂସ୍କୃତିକ ଦିଗରେ ବଙ୍ଗାଳୀମାନେ ଅନ୍ୟ ଭାଷାଭାଷୀ ମାନଙ୍କଠାରୁ ଅଧିକ ସଚେତନ ଓ ସକ୍ରିୟ ଥିଲେ ।

Digitized by srujanika@gmail.com

ସଂସ୍କୃତି ହିଁ ଜାତୀୟ ଜୀବନର ହୃତସ୍ପନ୍ଦନ । ସଂସ୍କୃତିବନ୍ତ ଜାତି ମରେ ନାହିଁ । ତେଣୁ ରେଳବାଇ କାମର ଗୁରୁତ୍ୱ ହ୍ରାସ ନ କରି ଓଡ଼ିଆମାନଙ୍କ ମଧ୍ୟରେ ସାଂସ୍କୃତିକ ଚେତନାର ବିକାଶ କରିବା ପାଇଁ ମୁଁ ଚିନ୍ତା କରିବାକୁ ଲାଗିଲି । ଶୀଘ୍ର ଏ ଦିଗରେ ଉତ୍ସାହଜନକ କାମ ଆରମ୍ଭ ହେଲା । ଏହି କାମ ସହଜ ହେବାର କାରଣ ଏହି ଯେ ଏଠାରେ ଓଡ଼ିଆମାନଙ୍କ ପ୍ରାଣରୁ 'ଜାତିପ୍ରେମ ବହ୍ନି' ନିର୍ବାପିତ ହୋଇନାହିଁ । ଯାହା ବହୁ ପୂର୍ବରୁ ହୋଇସାରିଛି ମେଦିନୀପୁର ଓ ବାଙ୍କୁଡା ଜିଲ୍ଲାରେ । ଆମର ଅଧିକାଂଶ ସଂପର୍କୀୟ ମେଦିନୀପୁର ଜିଲ୍ଲାରେ ସ୍ୱଚ୍ଛନ୍ଦ ଅବସ୍ଥାରେ ଅଛନ୍ତି । କିନ୍ତୁ ଆମ ପୀଢ଼ିର ଲୋକମାନେ ଓଡିଆ ବ୍ୟବହାର କରୁଥିଲେ ମଧ୍ୟ ଯୁବ ପୀଢ଼ୀର ସମସ୍ତେ ବଙ୍ଗଳାରେ କଥାବାର୍ତ୍ତା ଓ ଶିକ୍ଷା କରନ୍ତି ଏବଂ ମାତୃଭାଷା ବଙ୍ଗଳା ବୋଲି ଲେଖନ୍ତି । ପଶ୍ଚିମବଙ୍ଗର ଉତ୍କଟ ଅର୍ଥନୈତିକ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବାପାଇଁ । ବିହାରରେ ଏପରି ସମସ୍ୟା ନାହିଁ, ଏଠାରେ ଓଡ଼ିଆମାନଙ୍କର ସ୍ଥିତି ଏବେ ବି ମଜବୁତ । ସେମାନେ ମାତୃଭାଷା ଛାଡି ନାହାନ୍ତି । ସେଥିପାଇଁ ପ୍ରାଥମିକ ସ୍କୁଲ ବଢ଼ି ବଢ଼ି ହାଇସ୍କୁଲ ହେଲା, ଆଖପାଖରେ ନୂଆ ସ୍କୁଲ ଖୋଲାଗଲା । ସୋନୁଆ, ଖରସୁଆଁ, ସିନୀ, ଷଢ଼େଇକଳା ଅଞ୍ଚଳରେ ଓଡ଼ିଆ ନୃତ୍ୟଗୀତ, ପୂଜାପାର୍ବଣ, ସାମାଜିକ ଉତ୍ସବ ସବୁଥିରେ ଓଡ଼ିଆତ୍ୱର ପ୍ରାଧାନ୍ୟକୁ ଶକ୍ତିଶାଳୀ କରାଗଲା ଏବଂ ପ୍ରଥମଥର ପାଇଁ ରେଳବାଇ ଇନ୍‌ଷ୍ଟିଚ୍ୟୁଟରେ ଉତ୍କଳ ଦିବସ ମହାସମାରୋହରେ ପାଳିତ ହେଲା । ସମାଜ ସଂପାଦକ ମାନନୀୟ ରାଧାନାଥ ରଥ ଆମ ନିମନ୍ତ୍ରଣ ରକ୍ଷା କରି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡିଆମାନଙ୍କୁ ଅନୁପ୍ରାଣିତ କରିଥିଲେ । ସାଂସ୍କୃତିକ ଚେତନାର ପ୍ରସାର ହେଲା । କେତେକ ଲୋକ ମୋତେ କହିଲେ ଯେ, ମଇଦାନକୁ ଆସି ଏପରି ଖୋଲାଖୋଲି ଓଡ଼ିଆଙ୍କ ପାଇଁ କାମ ନ କରି ଅନ୍ତରାଳରୁ କରିବା ପାଇଁ । କିନ୍ତୁ ଆମେ ସେତେବେଳକୁ ଆଗେଇ ଯାଇଥିଲୁ, ଆଉ ପଛଘୁଞ୍ଚା ଦେଇହେଲା ନାହିଁ । ବରଂ ଗାଁ ଗହଳରେ ଥିବା ଅନୁଷ୍ଠାନ ମାନଙ୍କର ଅନୁରୋଧ ରକ୍ଷା କରି ସେଠାକୁ ଯାଇ ଏ ଦିଗରେ କାର୍ଯ୍ୟ କଲୁ । ଓଡ଼ିଆ ପତ୍ରପତ୍ରିକା ଓ ବହି ପଢ଼ିବା ଓ ଓଡ଼ିଆ ସ୍କୁଲ ଖୋଲିବାର ଆଗ୍ରହ ବଢ଼ିଲା ।

ରେଳବାଇ ଏକ ବିରାଟ ଅନୁଷ୍ଠାନ । ଏଥିରେ ଭାରତର ସବୁ ଅଞ୍ଚଳର, ସବୁ ଧର୍ମ ଓ ବିଶ୍ୱାସର ଏବଂ ସବୁ ଭାଷାଭାଷୀ କାର୍ଯ୍ୟ କରନ୍ତି । ଫଳରେ ଏଠାରେ ଲୋକମାନଙ୍କ ମଧ୍ୟରେ କିଛି କିଛି ଆଞ୍ଚଳିକ ଆନୁଗତ୍ୟ ଥିବା ସତ୍ତ୍ୱେ ଏକ ଆଖିଦୃଶିଆ ଭାରତୀୟତ୍ୱ ମଧ୍ୟ ଅନୁଭବ କରିହୁଏ । ରେଳବାଇରେ ବହୁ ଉନ୍ନୟନ କାମ ଆରମ୍ଭ ହେଲା । ଖରସୁଆଁ, ବଡଜାମଦା, ଗୋଆ, ବଡ଼ବିଲ ଅଞ୍ଚଳକୁ ବିଦ୍ୟୁତିକରଣ କରିବା ପାଇଁ ସମ୍ବଲପୁର, ଟିଟିଲାଗଡ, ରେଳପଥ ନିର୍ମାଣ କରିବା ପାଇଁ କାର୍ଯ୍ୟ ଆରମ୍ଭ ହେଲା ଏବଂ ସେ ସବୁରେ ଓଡ଼ିଆ ଲୋକ ଯେପରି ଯଥେଷ୍ଟ ସଂଖ୍ୟାରେ ନିଯୁକ୍ତି ପାଆନ୍ତି ଏଥିପାଇଁ ମୁଁ ଭିତରୁ ସଚେଷ୍ଟ ଥିଲି, ଏଥିପାଇଁ ଉପରିସ୍ଥଙ୍କର ବିଷ ଦୃଷ୍ଟିରେ ପଡି କୈଫିୟତ ମଧ୍ୟ ଦେଇଛି । କିନ୍ତୁ ହଟିଯାଇନାହିଁ ।

Digitized by srujanika@gmail.com

କିନ୍ତୁ କେବଳ ଓଡ଼ିଆମାନଙ୍କ ପାଇଁ କାମ କଲେ ତ ରେଳବାଇରେ ତିଷ୍ଠି ହେବନି । ପିଠିରେ ପଡ଼ିବାକୁ କେହି ନାହିଁ । ତେଣୁ କାମରେ ମଧ୍ୟ ପାରଦର୍ଶିତା ଦେଖାଇବା ଦରକାର । ଜାମସେଦପୁର, ରାଉରକେଲା ଓ ସମ୍ବଲପୁର ଏହି ତିନୋଟି ଅଞ୍ଚଳର ରେଳବାଇ କାମର ଗୁରୁତ୍ୱ ଅନେକ । ଦୁଇଟି ଇସ୍ପାତ କାରଖାନା ସହିତ ରେଳବାଇ ବାଣିଜ୍ୟିକ ସଂପର୍କ ଅତି ବିସ୍ତୃତ ଓ ଜଟିଳ । ରେଳବାଇକୁ ଅବହେଳା ବା ଉପେକ୍ଷା କରି ଇସ୍ପାତ କାରଖାନା ଉଧେଇପାରିବ ନାହିଁ । ତେଣୁ ଇସ୍ପାତ କାରଖାନାର କର୍ତ୍ତୃପକ୍ଷ ଗୋଟିଏ ରାଜ୍ୟର ଚିଫ ସେକ୍ରେଟାରୀଙ୍କୁ ଔପଚାରିକ ଦୃଷ୍ଟିରୁ ଯେତିକି ସମ୍ମାନ ଓ ସମ୍ବର୍ଦ୍ଧନା ଜଣାନ୍ତି ତା' ଅପେକ୍ଷା ବହୁ ଗୁଣରେ ବେଶି ତତ୍ପରତା ଦେଖାନ୍ତି ରେଳବାଇ ଜେନେରାଲ ମ୍ୟାନେଜର ବା ବରିଷ୍ଠ ଅଫିସରଙ୍କ ପ୍ରତି । ଏପରିକି କନିଷ୍ଠ ଅଫିସରମାନେ ମଧ୍ୟ ଭବ୍ୟ ସମ୍ବର୍ଦ୍ଧନା ପାଇଥାନ୍ତି । ଏଇ ସମୟରେ ରାଉରକେଲା ଇସ୍ପାତ କାରଖାନାର ମୁଖ୍ୟ ହୋଇ ଯୋଗଦେଲେ ରେଳବାଇର ପୂର୍ବତନ ଜେନେରାଲ ମ୍ୟାନେଜର ଏମ୍.ଗଣପତି । ତାଙ୍କ ସମୟରେ ରାଉରକେଲା ଷ୍ଟେସନ ନିର୍ମିତ ହେଲା । ସହରକୁ ଚାହିଁ ଷ୍ଟେସନଟା ଛୋଟ ହେଲା ବୋଲି ମୁଁ ପ୍ରଥମରୁ କହିଲି, ଏବଂ ରାଉରକେଲା ଷ୍ଟେସନର ସଂପ୍ରସାରଣ ପାଇଁ କାମ ଆରମ୍ଭ କରିଦେଲି । ବିଳମ୍ବରେ ହେଲେ ବି ସେଇ ପ୍ରଚେଷ୍ଟା ଫଳରେ ଆଉ କେତେବର୍ଷ ପରେ ରାଉରକେଲା ଷ୍ଟେସନର ଅନେକ ଉନ୍ନତି ସାଧନ କରାଯାଇ ପାରିଲା । ସେହିପରି ଝାରସୁଗୁଡା ଓ ସମ୍ବଲପୁର, ରାଜଗାଙ୍ଗପୁର ପ୍ରଭୃତି ଷ୍ଟେସନମାନଙ୍କରେ ଯାତ୍ରୀମାନଙ୍କ ସୁବିଧାସୁଯୋଗ ବୃଦ୍ଧି କରାଯାଇଥିଲା ।

ବିହାରର ପ୍ରଶାସନ କେବଳ ଦୁର୍ବଳ ନୁହେଁ ଦୁର୍ନୀତିଗ୍ରସ୍ତ ମଧ୍ୟ । ତେଣୁ ବିହାର ସରକାରଙ୍କ ଅଫିସରମାନଙ୍କଠାରୁ ସମୁଚିତ ସହଯୋଗ ସଦାବେଳେ ମିଳୁ ନଥିଲା । କିନ୍ତୁ ପୋଲିସ ଓ ପ୍ରଶାସନିକ ସହଯୋଗ ବ୍ୟତୀତ ରେଳବାଇ କାମ କରିବା ମଧ୍ୟ ସହଜ ହେଉ ନ ଥିଲା । ଜାମସେଦପୁରରେ ରେଳବାଇର ବହୁ ମୂଲ୍ୟବାନ ଜମି ଜବରଦଖଲ ହୋଇ ଯାଇଥିଲା, ଅନେକ ଚେଷ୍ଟା କରି ସେଥିରୁ କିଛି ଫେରାଇ ଆଣି ହେଲା, କିନ୍ତୁ ବେଶି ରହିଗଲା ଧନାଢ଼୍ୟ ପ୍ରତିପତ୍ତିଶାଳୀ ଜବରଦଖଲକାରୀଙ୍କ ହାତରେ । ସେହିପରି ରେଳ ଡବା ଭାଙ୍ଗି ମାଲ ଚୋରି କରିବା ବିହାରରେ ନିତ୍ୟ ନୈମିତିକ ଘଟଣା । ଏଇ ଚୋରାମାଲର କାରବାର କରି ଅନେକ ଲକ୍ଷପତି । ସେମାନଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କଲି ସତ କିନ୍ତୁ ଆଗେଇ ପାରିଲି ନାହିଁ । ପୋଲିସ ସହଯୋଗ ମିଳିଲା ନାହିଁ । ବରଂ ବ୍ୟବସାୟୀ, ପୋଲିସ ଓ ଦୁର୍ନୀତିଗ୍ରସ୍ତ ରେଳ କର୍ମଚାରୀମାନେ ମିଶି ସେମାନଙ୍କ ଚକ୍ରବ୍ୟୂହ ଆହୁରି ସୁଦୃଢ଼ କଲେ । ରାଉରକେଲା ସେତେବେଳେ ଦ୍ରୁତ ଉନ୍ନତି ପଥରେ । ରାଉରକେଲା ଓଡ଼ିଶାର; କିନ୍ତୁ ସେତେବେଳେ ଏଠାରେ ବିହାରୀମାନଙ୍କ ପ୍ରଭାବ ଥିଲା ବେଶି । ସହରରେ ଓ ବ୍ୟବସାୟ ବାଣିଜ୍ୟରେ ଓଡ଼ିଆମାନେ ନିରାଶ୍ରୟପରି ବିବେଚିତ ହେଉଥିଲେ । ବିହାରୀ ଶାସନର

Digitized by srujanika@gmail.com

ଗୋଟିଏ ନମୁନା ଦିଏ । ଦିନେ ସକାଳ ନଅଟା ଦଶ୍ ମଧ୍ୟରେ ବଙ୍ଗଳା ଆଗରେ ଖେଳୁଥିଲାବେଳେ ମୋ ବଡ଼ଝିଅ କୋଳରୁ ସୁନାହାର ଚୋରି ହୋଇଗଲା । ମୁଁ ଡ଼ି.ଏସ୍.ପି.ଙ୍କୁ କହିଲି । ବିହାର ପୋଲିସ ରାଧାନାଥଙ୍କ ଭାଷାରେ ସହଜରେ 'ବିନା ମେଘେ ସୃଜି ପାରଇ କୁଳିଶ' । ସେୟା ହେଲା । ଆମ ଘର ଚାକର ବାଙ୍ଗିଆକୁ ଧରି ନେଲେ । ସେ ବଡ଼ ପ୍ରଭୁଭକ୍ତ । ଡି.ଏସ୍.ପି. କହିଲେ ପଚରା ଉଚୁରା କରି ଛାଡି ଦିଆଯିବ । କିନ୍ତୁ ତାକୁ ଥାନାକୁ ନେଇ ଏମିତି ପିଟିଲେ ଯେ ସେ ଉଠି ପାରିଲା ନାହିଁ । ଖବର ପାଇ ମୁଁ ଯିବା ବେଳକୁ ତାକୁ ଚାଇଁବସା ହାଜତକୁ ପଠାଇ ସାରିଥାନ୍ତି । ପୋଲିସ ଚୋରି ଅଭିଯୋଗ କରି ତା' ବିରୁଦ୍ଧରେ କେସ ଦାଏର କଲା । ସୁନାହାର ତ ମିଳିଲା ନାହିଁ ବରଂ ସରକାରୀ ଓକିଲଙ୍କ ସହାୟତାରେ ସେଇ କେସ କମ୍ପାଉଣ୍ଡ କରିବା ପାଇଁ ଆହୁରି ତିନି/ଚାରି ଶହ ଟଙ୍କା ଖର୍ଚ୍ଚ ହେଲା । ପରେ ସରକାରୀ ଓକିଲ ଖର୍ଚ୍ଚ ହିସାବ ଦେଇ କହିଲେ ଯେ, ପୋଲିସ ଓ ମାଜିଷ୍ଟ୍ରେଟ୍ ଉଭୟେ ଶହେ ଶହେ ନେଲେ କେସ କମ୍ପାଉଣ୍ଡ କରିବା ପାଇଁ । ମୁଁ ଡି.ଏସ୍.ପି.ଙ୍କୁ ପଚାରିବାରୁ ସେ କିଛି ନ ଜାଣିଲା ପରି ହସିଦେଇ କହିଲେ, ହୋତା ସାହେବ ଆପଣ ପୋଲିସକୁ କାହିଁକି ବିଶ୍ବାସ କରୁଥିଲେ ? ଆଉଥରେ ଜଣେ ଏସ.ଡ଼ି.ଓ. କହିଲେ ଯେ ଜିଲ୍ଲାର ଶାସନ ପୋଲିସ ହାତରେ । କାରଣ ପୋଲିସ ଏସ.ପି. ଓ ଡ଼ି.ଏସ୍.ପି. କାୟସ୍ଥ ଏବଂ ସେହି ବିଭାଗର ମନ୍ତ୍ରୀ ମଧ୍ୟ କାୟସ୍ଥ; କିନ୍ତୁ ସେ ଓ କଲେକ୍ଟର ବ୍ରାହ୍ମଣ । ତେଣୁ କଲେକ୍ଟରଙ୍କ କଥା ରହୁନାହିଁ ।

ଏପରି ପ୍ରଶାସନିକ ଦୁର୍ଗତି ରେଳବାଇକୁ ମଧ୍ୟ ସଂକ୍ରମିତ ହେବା ସ୍ବାଭାବିକ । ଖବର ପାଇଲି ଯେ ଟାଟାନଗର ଷ୍ଟେସନର ଟିକଟ କଲେକ୍ଟର ଓ ମାଲବାବୁମାନେ ଅନେକ ଉତ୍କୋଚ ନେଉଛନ୍ତି । ମୋର ସହକାରୀ ଏମ.ଭି.ଶ୍ରୀନିବାସନ । (ସେ ବର୍ତ୍ତମାନ ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟର ପରିବହନ ବିଭାଗ ସଚିବ ଓ ରେଳବାଇ ବୋର୍ଡର ସଭ୍ୟ)ଙ୍କୁ ପଠାଇଲି । ସେ ଅଧରାତିରେ ଛଦ୍ମବେଶରେ ଗେଟରେ ଠିଆ ହୋଇଥିବା ବେଳେ ଜଣେ ଟିକଟ କଲେକ୍ଟର ଟଙ୍କା ନେଉଥିବା ବେଳେ ହାତେ ହାତେ ଧରିଲେ । ସେଇ ଟିକଟ କଲେକ୍ଟର ବେହେରା ଆମ ଗାଁ ପାଖର । ତାକୁ ସସ୍‌ପେଣ୍ଡ କରି ଶେଷରେ ତଳପାହ୍ୟାକୁ ଖସାଇ ଦିଆଗଲା । ସେ ଓ ତା ' ବାପ ଆମ ଅଞ୍ଚଳରେ କହି ବୁଲିଲେ ଏ କଥା ଏବଂ ମୁଁ ଗାଁ ଲୋକ ହୋଇ ମଧ୍ୟ ତାକୁ ସାହାଯ୍ୟ ନ କରିବାରୁ ଭର୍ତ୍ସନା ବି କଲେ ।

ଏହି ସମୟରେ ରେଳବାଇ ସର୍ଭିସ କମିଶନରେ ନିଯୁକ୍ତ ହେଲେ ଓଡ଼ିଶାର ଅବସରପ୍ରାପ୍ତ ପୋଲିସ ଆଇ.ଜି. ସ୍ବର୍ଗୀୟ ରାମଚନ୍ଦ୍ର ଦାସ । ମହେଶ ପ୍ରଧାନଙ୍କ ପରେ ସେ ଆସିଥିଲେ । ଛାତ୍ରାବସ୍ଥାରୁ ତାଙ୍କ ସହିତ ମୋର ପରିଚୟ ଥିଲା । ସେ ମଧ୍ୟ ବାରିପଦାର ଏବଂ ମୋତେ ବିଭିନ୍ନ ଭାବେ ସାହାଯ୍ୟ କରିଥିଲେ ଛାତ୍ର ଜୀବନରେ । ମୁଁ ସିଭିଲ୍ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ର ରାଜନୀତି କରି ଉଗ୍ରବାଦ ପ୍ରଚାର କରୁଥିବା ନେଇ

Digitized by srujanika@gmail.com

ପୋଲିସ ବିଭାଗରେ ଥିବା ଫାଇଲ ସେ ନଷ୍ଟ କରିଦେଇଥିଲେ କାଳେ ତାହା ମୋ ଚାକିରି ବିରୁଦ୍ଧରେ ଯାଇପାରେ ଏଥିପାଇଁ । ଓଡ଼ିଆମାନଙ୍କ ନିଯୁକ୍ତି କଥା ତାଙ୍କୁ କହିବାରୁ ସେ କହିଲେ, ଯାହା କରିବା କଥା କରିବ, କିନ୍ତୁ ତମେ ସାବଧାନ ରହିବ, ଶେଷରେ ନ ହେଲେ ଦେଖିବ ଯେ ଏଇ ଓଡ଼ିଆମାନେ ତମ ବିରୁଦ୍ଧରେ ଯିବେ । ଦିନେ ସତକୁ ସତ ସେହିପରି ଏକ ଘଟଣା ଘଟିଗଲା, କିନ୍ତୁ ମୋତେ ସମର୍ଥନ କଲେ ମୋ ଉପରିସ୍ଥମାନେ ।

ଓଡ଼ିଆ ନୃତ୍ୟସଂଗୀତର ପ୍ରସାର କରିବା ସକାଶେ ଗୀତାଦେବୀ ଓଡ଼ିଶୀ ନୃତ୍ୟ ଓ ଓଡ଼ିଆଗୀତ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା କଲେ । ମୋ ବଡ଼ଝିଅ ସୌମ୍ୟାକୁ ସେତେବେଳେ ଛ' ବର୍ଷ କିନ୍ତୁ ସେ ପ୍ରଥମ ଥର ପାଇଁ ରେଳବାଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସୁନାମ ଅର୍ଜନ କରିଥିଲା । ବାରିପଦା ଓ କଟକରୁ ଗୁରୁମାନଙ୍କୁ ନେଇ ଶିକ୍ଷା ଦିଆଯାଉଥିଲା । ଘରେ ଓଡ଼ିଆରେ କଥା କହିବା ଭିନ୍ନ, କିନ୍ତୁ ସଭା ସମିତିରେ ଓଡ଼ିଆରେ କହିବା, ଓଡ଼ିଆ ଗୀତ ଓ ନୃତ୍ୟ ପରିବେଷଣ କରିବା ଆଉ ଗୋଟିଏ ପ୍ରକାର । ଏହା ଦ୍ୱାରା ଭାଷା ସାହିତ୍ୟ ସହିତ ସଂସ୍କୃତି ମନରେ ସ୍ୱାଭିମାନ ଓ ଅନୁରାଗ ସୃଷ୍ଟି କରିଥାଏ । ଆମେ ପ୍ରାୟ କୋଡ଼ିଏ ମାସ ଥିଲୁ ଚକ୍ରଧରପୁରରେ, କିନ୍ତୁ ସେହି ସ୍ୱଳ୍ପ ସମୟ ମଧ୍ୟରେ ଓଡ଼ିଆ କର୍ମଚାରୀ ଓ ଓଡ଼ିଆ ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ସଚେତନତା ଯେ ବୃଦ୍ଧି ପାଇଥିଲା ଏହା ଯେପରି ନିଃସନ୍ଦେହ, ସେହିପରି ଏହା ମଧ ନିଶ୍ଚିତ ଭାବେ କୁହାଯାଇପାରେ ଯେ ଓଡ଼ିଆମାନେ ନିଜର ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସଂଘବଦ୍ଧ ଭାବେ ଉଦ୍ୟମ କରିବା ଦିଗରେ ସକ୍ରିୟ ହେଲେ । କହିବା ବାହୁଲ୍ୟ ଅଣଓଡ଼ିଆମାନଙ୍କ ମଧ୍ୟରେ ସେମାନେ ଆଉ ଉପେକ୍ଷିତ ଓ ଅବହେଳିତ ନ ହୋଇ ବରଂ ହୃତ ସମ୍ମାନ ଧୀରେ ଧୀରେ ଅଥଚ ନିଶ୍ଚିତଭାବେ ଫେରି ପାଇବାକୁ ଲାଗିଲେ ।

ଏ ଭିତରେ ନିର୍ଦ୍ଦିଷ୍ଟ କେଉଁ କାରଣରୁ ବା ଏ ସମସ୍ତର ପରିମାଣର ଫଳ ସ୍ୱରୂପ ମଧ୍ୟପ୍ରଦେଶର ଜବଲପୁର ନିକଟସ୍ଥ ନୈନପୁର ରେଳବାଇ ଜିଲ୍ଲା ହେଡକ୍ୱାର୍ଟରକୁ ମୋର ବଦଳି ଆଦେଶ ଆସିଲା । ନ୍ୟସ୍ତ ସ୍ୱାର୍ଥୀମାନଙ୍କର ଚକ୍ରବ୍ୟୂହ ଭାଙ୍ଗିବା କାମ ସେହିଠାରେ ଅସମାପ୍ତ ରହିଗଲା ।

Digitized by srujanika@gmail.com

କଲ୍‌ଗାର୍ଲ୍‌ର କର୍ମଶାଳା

କଲ୍‌ଗାର୍ଲ୍ କହିଲେ ସାଧାରଣ ଲୋକେ ବୁଝି ପାରନ୍ତି ନାହିଁ, କିନ୍ତୁ ଏହି ଶବ୍ଦ ଉଚ୍ଚାରିତ ହେଲେ ରୋମାଞ୍ଚିତ ହୁଅନ୍ତି ଅନ୍ୟର ଖର୍ଚ୍ଚରେ ଆମୋଦପ୍ରମୋଦ କରୁଥିବା କେତେବେ ବଡ଼ ବଡ଼ ପ୍ରଭାବଶାଳୀ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି । ସରକାରୀ ଅଫିସର, ରାଜନୀତିଜ୍ଞ, ସଂସଦ ସଦସ୍ୟ ବା ସେହିପରି ରାଜକୀୟ କାର୍ଯ୍ୟ ସହିତ ଜଡ଼ିତ ବିଶେଷ କ୍ଷମତାପ୍ରାପ୍ତଙ୍କୁ ସ୍ୱାର୍ଥସିଦ୍ଧି ଉଦ୍ଦେଶ୍ୟରେ ସବୁବେଳେ ଉତ୍କୋଚ ଦେଇ ବଶ କରି ହୁଏ ନାହିଁ । କେହି କେହି ଅଧିକ ଉପାର୍ଜନ କରିବା ଲୋଭରେ କାମ କରିଦେଇ ଟଙ୍କା ଉତ୍କୋଚ ନିଅନ୍ତି ତ କେହି କେହି ମୂଲ୍ୟବାନ ଅଳଙ୍କାର, ଆସବାବ ବା ସେହିପରି କିଛି ମୂଲ୍ୟବାନ ଦୁଷ୍ପ୍ରାପ୍ୟ ଦ୍ରବ୍ୟ ଗ୍ରହଣ କରି ତୃପ୍ତ ହୁଅନ୍ତି । କିନ୍ତୁ ଆଉ ଦଳେ ଅଛନ୍ତି ଯେଉଁମାନେ ଅର୍ଥ ବା ଅଳଙ୍କାର ନୁହେଁ, ପାନ ଭୋଜନ ଓ ରମଣ କରି ନିଜକୁ ତୃପ୍ତ କରନ୍ତି । ଏହି ଶ୍ରେଣୀର ପଦାଧିକାରୀ ବା କ୍ଷମତାଧିକାରୀମାନଙ୍କଠାରୁ କାର୍ଯ୍ୟ ହାସଲ କରିବା ପାଇଁ ରାଜଧାନୀ ଓ ବଡ଼ ବଡ଼ ସହରରେ କମ୍ପାନୀମାନଙ୍କ ଖର୍ଚ୍ଚରେ ବହୁ ଅତିଥିଶାଳା ଖୋଲା ଯାଉଛି ଏବଂ ଅନେକ ସୁନ୍ଦରୀ ସୁଶୀଳା ତରୁଣୀମାନଙ୍କୁ ନିଯୁକ୍ତ କରାଯାଇଛି । ଏମାନେ ବଡ଼ ବଡ଼ ଅଫିସର ଓ ଅମଲାମାନଙ୍କୁ ବଶୀଭୂତ ଓ ସେମାନଙ୍କର ମନୋରଞ୍ଜନ କରି କାମ ହାସଲ କରନ୍ତି । ମିଳୁ ନଥିବା ଲାଇସେନ୍‌ସ ବା ପରମିଟ, ଦସ୍ତଖତ ନ ହୋଇ ପଡ଼ି ରହିଥିବା ଅଦେଶ ବା ଧୂଳି ଜମୁଥିବା ଫାଇଲ ଏମାନଙ୍କ ପାରଙ୍ଗମ ପଣିଆ ଯୋଗୁଁ ଅତିଶୀଘ୍ର କାର୍ଯ୍ୟରେ ପରିଣତ ହୁଏ । ଏମାନଙ୍କୁ ଭଦ୍ରଗଣ ବେଶ୍ୟା ନକହି କଲ୍‌ଗାର୍ଲ୍ କହନ୍ତି । ଏଇ କଲ୍‌ଗାର୍ଲ୍ ମାନଙ୍କ ଦୌଡ଼ ଓ ଦୌରାତ୍ମ୍ୟ କେତେଦୂର ତାହା ନ ଜାଣିବା ଲୋକ କହି ପାରିବେ ନାହିଁ ।

ମୋର ରେଳବାଇ ଚାକିରିର ଆଦ୍ୟକାଳର ଘଟଣା । ମୁଁ ସେତେବେଳେ ଜଣେ ଉତ୍ସାହୀ ତରୁଣ ଅଫିସର । ଛାତ୍ର ଜୀବନରେ ରାଜନୀତି ସହିତ ସଂପୃକ୍ତ ଥିଲି, ରାଜା ମହାରାଜା ଓ ଶୋଷକ ଶ୍ରେଣୀମାନଙ୍କ ବିରୁଦ୍ଧରେ ଜ୍ୱାଳାମୟୀ ବକ୍ତୃତା ଦେଉଥିଲି ଏବଂ ଅନେକଙ୍କ ପରି ସାମ୍ୟବାଦୀ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇଥିଲି, କିନ୍ତୁ ଚାକିରିରେ ଯୋଗଦେବା

Digitized by srujanika@gmail.com

ପରେ ଏ ସବୁ ଉତ୍ସାହ ଭଟ୍ଟା ପଡ଼ିଗଲା ସତ, ତାହା ଅନ୍ୟଭାବରେ ପ୍ରକାଶିତ ହେଲା । ଶୀଘ୍ର ସାଧୁ, ସଚ୍ଚୋଟ ଓ କାର୍ଯ୍ୟ ଦକ୍ଷ ଅଫିସର ଭାବରେ ମୁଁ ସୁନାମ ଅର୍ଜନ କଲି ।

ରେଳବାଇ ସହିତ ଶିଳ୍ପ ସଂସ୍ଥାଗୁଡ଼ିକର ସମ୍ପର୍କ ଅତି ନିବିଡ଼ । ଇସ୍ପାତ, ସିମେଣ୍ଟ, କାଗଜ, ସାର, ପେଟ୍ରୋଲ କାରଖାନା ଏବଂ କୋଇଲା, ଲୁହାପଥର, ଚୂନପଥର ପ୍ରଭୃତି ଖଣିଜ ପଦାର୍ଥ ଉତ୍ତୋଳନ ଓ ସରବରାହ କରୁଥିବା ସଂସ୍ଥା ରେଳ ପରିବହନ ଉପରେ ପ୍ରାୟ ପୂରାପୂରି ନିର୍ଭର କରୁଥିଲେ ସେତେବେଳେ ।

ବିଳାସପୁରରେ ରେଳବାଇ ଡ଼ିଭିଜନ । ସେଠାରେ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ପକ୍ଷରୁ କେତେକ କାଯ୍ୟହାସଲ କରିବା ସକାଶେ ବିଭିନ୍ନ ଗର୍ହିତ ପନ୍ଥା ଅବଲମ୍ବନ କରିବା ଖବର ପାଇଁ ମୁଁ ସତର୍କ ହୋଇଗଲି । ଗୋଟିଏ ବଡ଼ କାଗଜକଳ ପକ୍ଷରୁ ସେଠାରେ ଅଫିସରମାନଙ୍କୁ ଆପ୍ୟାୟିତ କରିବା ପାଇଁ ଅତିଥିଶାଳା ଖୋଲାଯାଇଥିଲା ଏବଂ ସେଇ ଅତିଥିଶାଳା ଥିଲା ଦୁଇଜଣ କଲଗାର୍ଲଙ୍କ ଅମରାବତୀ । ରେଳବାଇର ପରିବହନ ଦାୟିତ୍ୱରେ ଥିବା ଜଣେ ବରିଷ୍ଠ ଅଫିସର ଥିଲେ କୋଦଣ୍ଡ ମୂର୍ତ୍ତି ଏବଂ ତାଙ୍କ ଉପରେ ଥିଲେ ସର୍ଦ୍ଦାର ଜଗଜିତ୍ ସିଂ । କାଗଜକଳର କଞ୍ଚାମାଲ ସରବରାହ ପାଇଁ ଆବଶ୍ୟକ ପରିମାଣରେ ଡ଼ବା ମିଳୁ ନ ଥିବାରୁ ଦିନେ କାଗଜକଳରେ ଅତିଥିଶାଳା ଦାୟିତ୍ୱରେ ଥିବା ଅଫିସର ସଦାନନ୍ଦ ପାତ୍ର ମୋତେ ଆମନ୍ତ୍ରଣ କଲେ ଅତିଥିଶାଳାକୁ । ତା ପୂର୍ବରୁ ନିର୍ମଳା ଏବଂ ଚନ୍ଦନା କୋଦଣ୍ଡ ରାଓ ଓ ସର୍ଦ୍ଦାର ଜନ୍ମେଜୟ ସିଂଙ୍କୁ ବି ଆମନ୍ତ୍ରଣ ଜଣାଇ ସାରିଥାନ୍ତି । ମୁଁ ଭାଗ୍ୟକୁ ଆଗରୁ ସେମାନଙ୍କର ଏଇ ଷଡ଼ଯନ୍ତ୍ରର ସୁରାକ୍ ପାଇଥିଲି, ତେଣୁ ଗଲିନାହିଁ; କିନ୍ତୁ କୋଦଣ୍ଡ ରାଓ ଓ ଜଗଜିତ୍ ସିଂ ଯଥା ସମୟରେ ହାଜର ହେଲେ ଅତିଥିଶାଳାରେ । ଅତିଥି ଚର୍ଯ୍ୟାରେ ମୁଗଧ ହୋଇ ସେମାନେ ରାତିଟା ରହିଗଲେ ସେଠାରେ । ସକାଳ ଦଶଟାରେ ଅଫିସକୁ ଆସି କାଗଜକଳର କଞ୍ଚାମାଲ ପରିବହନ ପାଇଁ ଆଗ୍ରାଧିକାର ଭିତ୍ତିରେ ଡ଼ବା ଯୋଗାଇବା ସକାଶେ ଆଦେଶ ଦେଲେ । ଆଦେଶ ଅମାନ୍ୟ କରିବାର ଉପାୟ ନାହିଁ, କାରଣ ରେଳବାଇ ପରିବହନ ସହିତ ଯେଉଁମାନେ ପରିଚିତ ସେମାନେ ଜାଣନ୍ତି ଯେ ଲିଖିତ ଆଦେଶ ଦିଆହୁଏ ନାହିଁ ଏବଂ ଚଳାଚଳ କାର୍ଯ୍ୟର ସୁବିଧା ଦୃଷ୍ଟିରୁ ଯାହା ଭଲ ମନେ କରାଯାଏ ତାହା ହିଁ କରାହୁଏ । ଅବଶ୍ୟ ଡ଼ବା ଯୋଗାଇବା ସକାଶେ ଗୋଟିଏ ନିୟମ ରହିଛି, କିନ୍ତୁ ପରିବହନରେ ଅସୁବିଧା ସୃଷ୍ଟି ହେଲେ ବା ବିଶେଷ ଜରୁରୀ ପରିସ୍ଥିତି ଉପୁଜିଲେ ତାହା ଶିଥିଳ ବା ବାତିଲ କରିଦବାର ବ୍ୟବସ୍ଥା ବି ଅଛି ।

ସେଦିନ ରାତ୍ରିବାସ ପରେ କୋଦଣ୍ଡ ରାଓଙ୍କ ପାରିବାରିକ ଜୀବନରେ ଉଠିଲା ଅଦିନ ଝଡ଼ । ତାଙ୍କର ଅତି ଉଚ୍ଚଶିକ୍ଷିତା ସୁନ୍ଦରୀ ସ୍ତ୍ରୀ ଘରଛାଡ଼ି ଚାଲିଗଲେ, ଜଗଜିତ୍ ସିଂ ଅବଶ୍ୟ ସମ୍ଭାଳି ନେଲେ ପରିସ୍ଥିତି । ମୋ ପରି ଆଉ ଜଣେ ତରୁଣ ଅଫିସର କଲଗାର୍ଲଙ୍କ କର୍ମଶାଳାରୁ ରକ୍ଷା ପାଇଥିବାରୁ ଭଗବାନଙ୍କୁ ଅଶେଷ ଧନ୍ୟବାଦ ଜଣାଇଲୁ ।

Digitized by srujanika@gmail.com

କିନ୍ତୁ ଘଟଣା ସେଠାରେ ଶେଷ ହେଲା ନାହିଁ । ଆମେ ଦୁହେଁ ବଦଳି ହୋଇ ଅନ୍ୟ ସ୍ଥାନକୁ ଚାଲିଗଲୁ । ମୁଁ ଆସିଲି ଚକ୍ରଧରପୁର । ଟାଟା ଇସ୍ପାତ କାରଖାନା, ବଡ଼ବିଲ,ବାଂଶପାଣି, ଗୁଆ, ବୀରମିତ୍ରପୁର ପ୍ରଭୃତି ଖଣି ଅଞ୍ଚଳର ଦାୟିତ୍ୱ ପଡ଼ିଲା ମୋ ଉପରେ । ସେତେବେଳେ ବଡ଼ବିଲ ଠାରେ କଳିଙ୍ଗ ଲୁହାକାରଖାନା ଗଢ଼ି ଉଠୁଥାଏ । ଉତ୍ପାଦନ ଆରମ୍ଭ ହେବାର ବେଳ । କିନ୍ତୁ କାରଖାନାର ମ୍ୟାନେଜର ପ୍ରେମନାଥ ଓବେରାୟଙ୍କ ଅଯୋଗ୍ୟତାରୁ ଠିକ୍ ସମୟରେ ବୋଝେଇ ଡ଼ବା ଖଲାସ ନ ହେବାରୁ ପ୍ରାୟ ଲକ୍ଷେ ଟଙ୍କା ଜୋରିମାନା(ଡ଼ିମରେଜ) ର ବୋଝ ପଡ଼ିଥାଏ ତାଙ୍କ ଉପରେ । ନୂଆ କମ୍ପାନୀ । ଏତେ ଟଙ୍କା ଜୋରିମାନା ଦେଲେ ଭେଳା ବୁଡ଼ିଯିବ । ଏଣୁ ସେ ଆବେଦନ ନିବେଦନର ଆଶ୍ରୟ ନେଲେ ପ୍ରଥମେ । ଜୋରିମାନା ଛାଡ଼ିଦେବା ସକାଶେ ବହୁ କାରଣ ଦର୍ଶାଇଲେ । ଶେଷରେ ଏ ସମ୍ବନ୍ଧରେ ଅନୁସନ୍ଧାନ କରି ଫଇସଲା କରିବା ଲାଗି ଦାୟିତ୍ୱ ପଡ଼ିଲା ମୋ ଉପରେ ।

ମୁଁ ନିର୍ଦ୍ଧାରିତ ଦିନ ସକାଳ ଦଶଟାରେ ବଡ଼ବିଲରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କଲି । ମୋତେ ପୂର୍ବାହ୍ନରେ ଦେଖାକରି ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କଲେ ଓବେରଯ । ରାଜି ହୋଇଗଲି । ସନ୍ଧ୍ୟାସୁଦ୍ଧା କାମ ସମାପ୍ତ କରି ସନ୍ଧ୍ୟାବେଳେ ସେଲୁନରେ ଅପେକ୍ଷା କରୁଥାଏ । ଓବେରଯ ଆସିଲେ ମୋତେ ସଂଖୋଳିନବା ପାଇଁ । ତାଙ୍କ ଅତିଥିଶାଳାରେ ପହଞ୍ଚିଲା ବେଳକୁ ରାତି ଅଠଟା । ମୁଁ କ'ଣ ପିଇବାକୁ ପସନ୍ଦ କରେ ବୋଲି ପଚାରି ମୋ' ଉତ୍ତର ଶୁଣି ନିରାଶ ହେଲେ ପ୍ରେମନାଥ ଓବେରଯ । ତା' ପରେ ସେ କହିଲେ- ସାର ! ଆପଣ ଏତେବଡ଼ ଅଫିସର ଆପଣଙ୍କର ବିରାଟ ଭବିଷ୍ୟତ ରହିଛି ଆଗରେ । ଲେମ୍ବୁପାଣି ପିଇ ଏ ଦୀର୍ଘପଥ ଅତିକ୍ରମ କରି ପାରିବେ ? ମୁଁ ହସିଲି କିନ୍ତୁ କିଛି ଉତ୍ତର ଦେଲି ନାହିଁ । ଓବେରଯ ଓ ଅନ୍ୟାନ୍ୟ ନିମନ୍ତ୍ରିତ ଭଦ୍ରବ୍ୟକ୍ତି ଓ ଭଦ୍ର ମହିଳାମାନେ ଇଚ୍ଛାନୁସାରେ ପାନ କଲେ ହୁଇସ୍କି, ବିଅର, ରମ ଓ ଜିନ । ବଡ଼ ଲୋଭନୀୟ ଦିଶୁଥିଲା ସେମାନଙ୍କ ହାତରେ ଥିବା ଗ୍ଲାସର ପାନୀୟ ଏବଂ ଉଜ୍ଜ୍ୱଳ ଦିଶୁଥିଲା ସେଇ ସୁନ୍ଦର ମୁହଁ ସବୁ ।

ପାନ ଭୋଜନ ଶେଷ ହେଲା ବେଳକୁ ରାତି ଏଗାରଟା । ଭବ୍ୟ ଆୟୋଜନ କରିଥିଲେ ପ୍ରେମନାଥ ଓବେରଯ । ଜଣ ଜଣ କରି ସମସ୍ତ ଅତିଥିମାନଙ୍କୁ ବିଦାୟ ଦେଇ ସେ ତାଙ୍କ ସ୍ତ୍ରୀକୁ ଫିସ୍ ଫିସ୍ କରି କଣ କହିଲେ ଶୁଣି ପାରିଲିନି ମୁଁ । ତାପରେ ମୋ ପାଖକୁ ଆସି କହିଲେ- ସାର, କେତେ ଗରମ ପଡ଼ିଛି ଦେଖୁଛନ୍ତି । ମୁଁ କ'ଣ କହୁଥିଲି କି ଯଦି ରାତିଟା ସେଲୁନରେ ନ କଟେଇ ଏଇଠି ରହିଯାଆନ୍ତେ ଆମେ ଧନ୍ୟ ହୁଅନ୍ତୁ ଆଉ ଆପଣ ବି ଆରାମରେ ରାତ୍ରି ଅତିବାହିତ କରନ୍ତେ... । ଏହା କହି ସେ ମୋତେ ତାଙ୍କ ନୂତନ ଅତିଥିଶାଳା ଭିତରକୁ ନେଇଗଲେ । ସୁନ୍ଦର ସୌଖୀନ ସାଜସଜ୍ଜା । ଶୀତତାପ ନିୟନ୍ତ୍ରିତ । ମୋତେ ଦ୍ୱିଧାଗ୍ରସ୍ତ ଦେଖି ସେ କହିଲେ- କିଛି ସମୟ ରହନ୍ତୁ, ଭଲ ନ ଲାଗିଲେ ଆପଣ

Digitized by srujanika@gmail.com

ଚାଲିଯିବେ... ଡ୍ରାଇଭର ଓ ଗାଡ଼ି ଆପଣଙ୍କର ଡ଼ିଉଟିରେ ରହିଲେ.. । ଶୁଭରାତ୍ରି ଜଣାଇ ସେ ଚାଲିଗଲେ ଅପେକ୍ଷା ନକରି । ମୁଁ ସରଳମତିରେ ପ୍ରକୋଷ୍ଠ ଭିତରକୁ ପ୍ରବେଶ କଲି ଆରମରେ ରାତିଯାପନ କରିବା ପାଇଁ । କିନ୍ତୁ ପୋଷାକ ବଦଳ କରିବାକୁ ଯାଇ ହଠାତ୍ ଡ୍ରେସିଂ ରୁମରେ ଶ୍ରୀମତୀ ଲୀଳା ଓବେରୟଙ୍କୁ ଦେଖି ଭୂତ ଦେଖିବା ପରି ଚମକି ପଡ଼ି ଦୁଇହାତ ଘୁଞ୍ଚି ଆସି କହିଲି- ଆପଣ ? ମୁହଁ ଉପରେ ମନକିଣା ମଧୁଭରା ହସ ଖେଳାଇ ସେ କହିଲେ- ଆସନ୍ତୁ ଗପ କରିବା.... ରାତି ତ ବେଶି ହୋଇନି... ଡରଡର କାହିଁକି ? ମୁଁ ସ୍ତବ୍ଧ ହୋଇ ଅନାଇ ରହିଲି । ଟିକେ ପରେ ମୋ ତୁଣ୍ଡରୁ ବାହାରିଗଲା ଆପଣଙ୍କୁ ଛାଡ଼ି ମିଷ୍ଟର ଓବେରୟ ଚାଲିଗଲେ ଯେ... ସେ କହିଲେ ସେଇ ପ୍ଲାନ ଥିଲା... ସେ ଚାଲିଯିବାପାଇଁ ଆସିଥିଲେ, ମୁଁ ଆସିଥିଲି ରହିବା ପାଇଁ... । ମୋତେ ସହଜ କରିଦବା ଲାଗି ସେ ମୋ ହାତ ଧରିବା ପାଇଁ ଆଗେଇ ଆସିଲା ବେଳେ କହିଲେ, ମିଷ୍ଟର ଓବେରୟ ଭୁଲିଯାଇଥିଲେ କହିବା ପାଇଁ । ତାଙ୍କ କମ୍ପାନୀର ଇନ୍ସେଣ୍ଟିଭର ପେନାଲଟି ବିଷୟ ଏବେ ବି ବିଚାରାଧିନ । ଅନୁଗ୍ରହ କରି ଦେଖିବେ ଟିକେ...ଏତେ ଟଙ୍କା ଦେଲେ କମ୍ପାନୀ ଭାଙ୍ଗିଯିବ... ।

ମୁଁ ପ୍ରତ୍ୟୁତ୍ପନ୍ନମତି ନୁହେଁ, ସବୁବେଳେ ପଛବୁଦ୍ଧିଆ... ଭଗବାନଙ୍କ ଦୟାରୁ ହଠାତ୍ ବୁଦ୍ଧି ହେଲା କହିବା ପାଇଁ- ମୋ ଆଟାଚିଟା ରହିଯାଇଛି ଗାଡ଼ିରେ... ମୁଁ ଏଇ ଆସୁଛି ।

ପ୍ରାୟ ଦୌଡ଼ି ଦୌଡ଼ି ଗାଡ଼ି ପାଖକୁ ଆସିଲି । ଡ୍ରାଇଭର ଶୋଇଥିଲା । ଧଡ଼ପଡ଼ ହୋଇ ଉଠି ବସିଲା । ମୁଁ ପଛ ସିଟରେ ବସିପଡ଼ି କହିଲି ଷ୍ଟେସନ ଚାଲ ।

Digitized by srujanika@gmail.com

ଜଗନ୍ନାଥ ଭରସା

ଜଗନ୍ନାଥ ନାମଟି ଓଡ଼ିଆମାନଙ୍କର ଅତି ପ୍ରିୟ । ସେଥିପାଇଁ ସ୍ନେହରେ କହନ୍ତିଜଗା, ଆଉ କେହି ଡାକନ୍ତି ଜଗାକାଳିଆ । ପୃଥିବୀରେ କୌଣସି ଧର୍ମରେ ଭଗବାନଙ୍କ ସହିତ ସାଧାରଣର ଭକ୍ତର ଏପରି ଦେହଘଷା ସମ୍ପର୍କ ନାହିଁ । ରଥଯାତ୍ରାବେଳେ ହଜାର ହଜାର ଲୋକ ସୁଯୋଗ ପାଆନ୍ତି ଶ୍ରୀକ୍ଷେତ୍ରର ଦାରୁଦେବତା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ କୋଳାଗ୍ରତ କରିବାପାଇଁ । ଭକ୍ତର ଭଗବାନ । ସେ ଅଲଗା ନୁହନ୍ତି, ମଣିଷମାନଙ୍କ ଖେଳରେ ଆତଯାତ ହୁଅନ୍ତି । କେଉଁ ଦେବତାଙ୍କୁ ଦଉଡିରେ ବାନ୍ଧି ଟାଣି ଭିଡି ରଥ ଉପରକୁ ଆଣନ୍ତି ଭକ୍ତମାନେ ? କିଏ ହଲି ଦୋହଲି ଏମିତି ରାଜଥାଟରେ ଆସେ ରଥ ଉପରକୁ ? ସେଇ ଜଗନ୍ନାଥ ହିନ୍ଦୁ ମାନଙ୍କର ପୁରୁଷୋତ୍ତମ ପରମେଶ୍ୱର । ଓଡ଼ିଶା ବାହାରେ ଓଡ଼ିଆଙ୍କୁ ଚିହ୍ନନ୍ତି ଅନ୍ୟମାନେ ଜଗନ୍ନାଥଧାମରୁ ଆସିଛି କହିଲେ ।

ଥରେ ଗୁଜରାଟର ଅହମ୍ମଦାବାଦ ସହରର ଗୋଟିଏ ପାର୍କରେ ବୁଲୁଥିଲି ମୁଁ । ଶହ ଶହ ଗୋଲାପ ଗଛ ଫୁଲରେ ଭରି । ଶହ ଶହ ଲୋକ ପାର୍କରେ । କିନ୍ତୁ ଫୁଲ ଦେଖନ୍ତି ବିନା ଛିଣ୍ଡାନ୍ତି ନାହିଁ । ଗୁଜରାଟୀମାନଙ୍କର ସଂସ୍କୃତିରେ ଶୃଙ୍ଖଳା ଓ ସୌନ୍ଦର୍ଯ୍ୟବୋଧ ମିଶି ରହିଛି । ଜଣେ ମଧ୍ୟବୟସ୍କ ଭଦ୍ରବ୍ୟକ୍ତି ପରିବାର ସହିତ ଆସିଥିଲେ ବୁଲିବା ପାଇଁ । ତାଙ୍କ ଝିଅ ପୁଅ ଖେଳୁଥିଲେ ପାର୍କରେ । ମୋର ତାଙ୍କ ସହିତ ପରିଚୟ ହେଲା । ମୁଁ କହିଲି, ମୁଁ ରେଳବାଇ ଅଫିସର । ସେ କହିଲେ, ଘର କୋଉଠି ? ଓଡ଼ିଶା- ମୁଁ କହିଲି ।

ଓଡ଼ିଶା କେଉଁଠାରେ ? ପଚାରିଲେ ସେ । ମୁଁ କହିଲି ପୂର୍ବ ଉପକୂଳରେ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ମଧ୍ୟରେ ଥିବା ରାଜ୍ୟ... । ତଥାପି ସେ ନ ବୁଝିଲା ପରି କହିଲେ ତୁମର ଭାଷା ବଙ୍ଗଳା ନା ? ମୁଁ କହିଲି- ନା, ମୋର ମାତୃଭାଷା ଓଡ଼ିଆ । ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା । ସେ ଆଶ୍ଚର୍ଯ୍ୟ ହେବାପରି ଠିଆ ହୋଇ ରହିଲେ । ମୁଁ କହିଲି , ଆପଣ ପୁରୀ ଯାଇନାହାନ୍ତି ? ଜଗନ୍ନାଥ ପୁରୀ ?

Digitized by srujanika@gmail.com

ସେ କହିଲେ, ଯିବାର ଇଚ୍ଛା ଅଛି ।·ଚାରିଧାମରୁ ପୁରୀ ଧାମ ଅନ୍ୟତମ । କଳିଯୁଗର ଶ୍ରେଷ୍ଠ ଧାମ ।

ମୁଁ କହିଲି, ଜଗନ୍ନାଥ ପୁରୀ ତ ଓଡ଼ିଶାରେ, ଆମ ରାଜଧାନୀ ଭୁବନେଶ୍ୱର ନିକଟରେ ।

ସେ ହଠାତ୍ ନୂତନ କିଛି ଆବିଷ୍କାର କଲା ପରି କହିଲେ- ହୋତାଜୀ, ଆପଣ ଏତେ ବୁଲେଇ ବଙ୍କେଇ ନ କହି ସିଧା କହି ପରିଥାନ୍ତେ ଯେ ଆପଣ ଜଗନ୍ନାଥ ପୁରୀ ଦେଶର ଲୋକ । ଆହାକେତେ ସୌଭାଗ୍ୟ ଆପଣଙ୍କର ! ତାଙ୍କରି କୃପା ହେଲେ ପିଲାମାନଙ୍କ ସହିତ ଯିବି ମୁଁ... ।

ଓଡ଼ିଶା ବାହାରେ ଗୁଜରାଟରେ, ମହାରାଷ୍ଟ୍ର ବା ହିମାଚଳ ପ୍ରଦେଶରେ ଓଡ଼ିଶା କହିଲେ ଲୋକେ ଏମିତି ପ୍ରଶ୍ନ ପଚାରିଚି; କିନ୍ତୁ ଜଗନ୍ନାଥ ପୁରୀ ଦେଶର ଲୋକ କହିଲେ ଚିହ୍ନନ୍ତି ଅତି ସହଜରେ । ଯା ହେଉ ଜଗନ୍ନାଥ ଅଛନ୍ତି ବୋଲି ସିନା ଦିନେ ପୁରୁଷୋତ୍ତମ ଦେବ କାଞ୍ଚି ଜୟ କରିଥିଲେ ତାଙ୍କର ବଳରେ ।

କଳାଧଳା ଘୋଡାରେ ବସି ଦୂର ଭାଇ ଯାଇଥିଲେ ଯୁଦ୍ଧ କରିବା ପାଇଁ । ଖାଲି କ'ଣ ସେତିକି ? ମାଣିକ ଗଉଡୁଣୀ ଧନ୍ୟ ହୋଇଗଲା । ତାଙ୍କ ହାତକୁ ଦହିହାଣ୍ଡି ଟେକିଦେଇ । କାଞ୍ଚି ରାଜଜେମା ପୁରୁଷୋତ୍ତମ ଦେବଙ୍କ ରାଣୀ ହୋଇଥିଲେ ତାଙ୍କରି ପ୍ରସାଦରୁ ।

ସେତେବେଳେ ମୁଁ କାର୍ଯ୍ୟ କରୁଥାଏ ଜବଲପୁର ପାଖର ନଇନପୁର ସହରରେ । ସେଠାରେ ରେଳବାଇ ଜିଲ୍ଲାରେ ଟ୍ରାଫିକ୍ ସୁପରିଣ୍ଟେଣ୍ଡେଣ୍ଟ ଥିଲି ମୁଁ । ଏହି ସ୍ଥାନ ମଧ୍ୟପ୍ରଦେଶର ଚାନ୍ଦା ଜିଲ୍ଲାରେ ଅବସ୍ଥିତ । ନଇନପୁରରୁ ଚାନ୍ଦାଦୁର୍ଗ ଗୋଟିଏ ମାଇଲ ମାତ୍ର । ଏଇ ଦୁର୍ଗରେ ଓଡ଼ିଆ ବୀର ଭାରତର ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କୁ ବନ୍ଦୀ କରି ରଖିଥିଲେ ବ୍ରିଟିଶ ସରକାର । ନଇନପୁରରେ ଓ ଜବଲପୁରରେ ଯେତେବେଳେ ଲୋକମାନେ ଜାଣିଲେ ଯେ, ଆମେ ଜଗନ୍ନାଥ ପୁରୀ ଓଡ଼ିଶାର ଲୋକ ସେତେବେଳେ ଆମର ଗୌରବ ବଢ଼ିଗଲା ସେମାନଙ୍କ ଆଖିରେ । ଜଗନ୍ନାଥଙ୍କ ମହିମା ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛାକଲେ ସେମାନେ ।

ଦିନେ ଗୀତା ଦେବୀ ପ୍ରସ୍ତାବ କଲେ ଶ୍ରୀ ଜଗନ୍ନାଥ ନାଟକ ମଞ୍ଚସ୍ଥ କରିବା ପାଇଁ ରେଳବାଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ସାତଦିନ ଧରି ମନୋରଞ୍ଜନ କାର୍ଯ୍ୟକ୍ରମରେ ଆୟୋଜନ କରାଗଲା ଏପ୍ରିଲ ମାସ ଦଶରୁ ଷୋହଳ ତାରିଖ ମଧ୍ୟରେ ରେଳବାଇ ସପ୍ତାହ ଉପଲକ୍ଷେ । ୧୯୬୧ ମସିହା । ଦିନେ ଶ୍ରୀ ଜଗନ୍ନାଥ ନାଟକ ମଞ୍ଚସ୍ଥ ହେଲା । ଜଗନ୍ନାଥ ପୁରୁଷୋତ୍ତମ କ୍ଷେତ୍ରକୁ କିପରି ଆସିଲେ ତାହା ସହିତ ସବୁ ବୃତ୍ତାନ୍ତ । ଓଡ଼ିଆରେ ନାଟକ ମଞ୍ଚସ୍ଥ ହେଲା

Digitized by srujanika@gmail.com

ଦର୍ଶକ ଶତକଡ଼ା ଅଠାନବେ ଭାଗ ହିନ୍ଦୀଭାଷୀ । କିନ୍ତୁ ସମସ୍ତେ ବୁଝିଲେ, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତୀ ମଞ୍ଚ ଉପରେ ଦେଖିବାକ୍ଷଣି ହରିବୋଲ ହୁଳହୁଳି ଧ୍ୱନିରେ ଉଚ୍ଛୁଳି ଉଠିଲା ହଲ ।

ତା'ପରେ ଆଉ ଦିନେ ହେଲା ନୃତ୍ୟ ପ୍ରତିଯୋଗିତା । କୁଚିପୁଡ଼ି, ବଙ୍ଗଳା, ଓଡ଼ିଶୀ ଇତ୍ୟାଦି ନୃତ୍ୟ ପ୍ରଦର୍ଶନ କରିବା ଲାଗି ବ୍ୟବସ୍ଥା କରାଗଲା । ସେତେବେଳେ ନଇନପୁରରେ ବଙ୍ଗାଳି ଅଫିସର ଓ କର୍ମଚାରିମାନଙ୍କ ପ୍ରାଧାନ୍ୟ ବେଶି । ଓଡ଼ିଶୀ ନୃତ୍ୟ ଓ ସଂଗୀତ ସମ୍ପର୍କରେ ୧୯୬୧ ମସିହାରେ ସେ ଅଞ୍ଚଳରେ କେହି ଶୁଣି ନଥାନ୍ତି । ଇନଷ୍ଟିଚ୍ୟୁଟର ସଭାପତି ଥାଆନ୍ତି ତିନିକଡି ଘୋଷ । ସେ ଇଞ୍ଜିନିୟର । କଲିକତାର ଅଧିବାସୀ । ସେ କୌଶଳ କରି ଘୋଷଣା କରିଦେଲେ ଯେ ନୃତ୍ୟ ପ୍ରତିଯୋଗିତା ହେବ । ଘୋଷଣା ଅନୁସାରେ ବ୍ୟବସ୍ଥା କରାଗଲା । ଏହା ବି ଲୋକ ମୁହଁରେ ପ୍ରଚାରିତ ହୋଇଗଲା ଯେ ତେଲୁଗୁ ଓଡ଼ିଆ ଓ ହିନ୍ଦୀ- ବଙ୍ଗଳା ନୃତ୍ୟ ଆଗରେ ମୁଣ୍ଡଟେକିବା ଅସମ୍ଭବ । ରବୀନ୍ଦ୍ର ସଙ୍ଗୀତର ଆଦର ବଢ଼ିଥାଏ ସେତେବେଳେ ସେ ଅଞ୍ଚଳରେ । ରବୀନ୍ଦ୍ର ସଂଗୀତକୁ ନୃତ୍ୟରୂପ ଦେଉଥାନ୍ତି ଘୋଷ ସାହେବଙ୍କ ସ୍ତ୍ରୀ କଲ୍ୟାଣୀ ଘୋଷ । ତାଙ୍କ ଝିଅ ରୀତା ବେଶ ପାରଙ୍ଗମ ଏଇ ନୃତ୍ୟରେ ।

ଓଡ଼ିଆମାନେ ବାଦ୍ ପଡ଼ିବେ ? ଏ ଯାଏ ଦିନେହେଲେ ଓଡ଼ିଶୀ ନୃତ୍ୟ ଓଡ଼ିଶୀ ସଙ୍ଗୀତ ଦେଖିବା ଓ ଶୁଣିବା କାହାରି ଭାଗ୍ୟରେ ଜୁଟିନି ସେ ଅଞ୍ଚଳରେ । କୋଡିଏ ପଚିଶ ଜଣ ଓଡ଼ିଆ କର୍ମଚାରୀ । ସେମାନେ ଆସି ଧରିଲେ ଗୀତା ଦେବୀଙ୍କୁ । ମୋ ବଡ଼ ଝିଅ ସୌମ୍ୟାକୁ ସେତେବେଳେ ମାତ୍ର ଛଅ ବର୍ଷ । ସେ ଓଡ଼ିଶୀ ଶିକ୍ଷା କରିଥିଲା ବାରିପଦାରେ ଥିଲାବେଳେ । ଗୀତା ମୋତେ କହିଲେ- ପ୍ରତିଯୋଗିତାରେ ଓଡ଼ିଶୀ ନୃତ୍ୟ ଦିଆଯିବ । ମୁଁ କହିଲି- ରବୀନ୍ଦ୍ର ସଙ୍ଗୀତ ସହିତ ନୃତ୍ୟ କରିବ ରୀତା । ଆମେ ପାରିବା ? ସେ କହିଲେ, ନ ପାରିବାର ପ୍ରଶ୍ନ ନାହିଁ । ସେମାନଙ୍କର ନୃତ୍ୟରେ ମୁଦ୍ରା କାହିଁ, ଭଙ୍ଗୀ ଓ ଲାସ୍ୟ କାହିଁ, ତାଳ ଓ ଲୟର କାରିଗରି କାହିଁ ? ପ୍ରତିଯୋଗିତାକୁ ଡ଼ରି ରହିଗଲେ ଚଳିବ ? ଖାଲି ଅଭିନୟ ସବୁ କିଛିନୁହେଁ ନୃତ୍ୟର ?

ପ୍ରତିଯୋଗିତା ହେଲା । ପ୍ରଥମେ ବଙ୍ଗଳା, ତା'ପରେ ଓଡ଼ିଶୀ, ତା'ପରେ କୁଚିପୁଡ଼ି, ତା'ପରେ ପଲ୍ଲୀ । ସୌମ୍ୟା ଅନ୍ୟାନ୍ୟ ଶିଳ୍ପୀମାନଙ୍କଠାରୁ ବୟସରେ ଅନେକ ଛୋଟ । ମୁଁ ମନେ ମନେ ଜଗନ୍ନାଥଙ୍କୁ ପ୍ରାର୍ଥନା କଲି... ଓଡ଼ିଶାର ସମ୍ମାନ ରଖ ପ୍ରଭୁ । ଦୁଇଜଣ ଜଜ୍ ମନୋନୀତ ହୋଇଥିଲେ ନୃତ୍ୟର ମୂଲ୍ୟାୟନ କରିବା ପାଇଁ । ଜଗେଶ ଚନ୍ଦ୍ର ମିତ୍ର ଓ ଆର. ରଙ୍ଗରାଜନ୍ । ଜଣେ ବଙ୍ଗାଳୀ ଆଉଜଣେ ତାମିଲ ।

Digitized by srujanika@gmail.com

ଗୋଟିକ ପରେ ଗୋଟିଏ ନୃତ୍ୟ ପରିବେଷଣ କଲେ ଶିଳ୍ପୀମାନେ । କରତାଳିରେ କମ୍ପି ଉଠୁଥାଏ ଇନ୍‌ଷ୍ଟିଚ୍ୟୁଟ ହଲ । ନୃତ୍ୟ ଶେଷ ହେବାପରେ ଜଜ୍‌ମାନେ ଫଳାଫଳ ଘୋଷଣା କରିବା ପାଇଁ ପରସ୍ପର ମଧ୍ୟରେ ନିଭୃତରେ ଆଲୋଚନା କଲାବେଳେ ଗୀତା ଦେବୀ କହିଲେ, ଦର୍ଶକମାନଙ୍କର ମତ ଅତି ସ୍ପଷ୍ଟ... ସୌମ୍ୟା ଅତି ଭଲ କରିଛି । ମୁଁ କହିଲି- ଜଜ୍‌ମାନେ କ'ଣ କହିବେ ଦେଖାଯାଉ... ।

ସେମାନେ ଫଳାଫଳ ଲେଖି କାଗଜକଣ୍ଡେ ବଢ଼ାଇ ଦେଲେ ସଭାପତି ଘୋଷ ସାହେବଙ୍କୁ । ସେ ଉଠିଗଲେ ମଞ୍ଚ ଉପରକୁ ଘୋଷଣା କରିବା ପାଇଁ । ମୋ ଛାତି ତଳର ସ୍ପନ୍ଦନ ବଢ଼ିଗଲା ଦ୍ରୁତଗତିରେ । ରୁଦ୍ଧଶ୍ୱାସ ହୋଇ ଆମେ ଅପେକ୍ଷା କଲୁ ପ୍ରତିଯୋଗିତାର ଫଳ ଶୁଣିବା ପାଇଁ । ସେ କହିଲେ - ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ଓଡ଼ିଶୀ- ଶିଳ୍ପୀ ସୌମ୍ୟା, ଦ୍ୱିତୀୟ ବଙ୍ଗଳା- ଶିଳ୍ପୀ ରୀତା, ତୃତୀୟ କୁଚିପୁଡି ଶିଳ୍ପୀ ଲକ୍ଷ୍ମୀ... ।

ଏତେ ଶୁଣିବା ପାଇଁ ଅପେକ୍ଷା ନ କରି କରତାଳିରେ ଦର୍ଶକମାନେ କମ୍ପେଇଦେଲେ କକ୍ଷ । କେତେବେଳେ ଶିଳ୍ପୀଙ୍କୁ କାନ୍ଧରେ ବସେଇ ନୃତ୍ୟକଲେ ଓଡ଼ିଶୀ ନୃତ୍ୟ ସହିତ ଗାଉଥିବା ଗୀତର ପ୍ରଥମ ଧାଡ଼ି ଗାଇ ଗାଇ ମଲ୍ଲୀମାନ ଶ୍ୟାମକୁ ଦେବି... ମନ ତୋଷିବି... ।

ହସି ହସି ଗୀତା କହିଲେ... ଜଗନ୍ନାଥ କେମିତି ଓଡ଼ିଆ ମାନଙ୍କ ମନ ତୋଷକଲେ ଦେଖିଲ ତ ! ତାଙ୍କ ଉପରେ ଭରସା ରଖ ।

Digitized by srujanika@gmail.com

ସନ୍ଦେଶ ପାଇଁ କଲି

ମୁଁ ସେତେବେଳେ ଖଡ଼ଗପୁର ଠାରେ ଡିଭିଜନାଲ ପର୍ସୋନେଲ ଅଫିସର ଭାବରେ କାର୍ଯ୍ୟ କରୁଥାଏ । ତିରିଶ ହଜାର କର୍ମଚାରୀଙ୍କର ସୁଖଦୁଃଖ, ଚାକିରି ସର୍ତ୍ତାବଳୀ, ନିଯୁକ୍ତି ଓ ପଦୋନ୍ନତି, ଦରମା ଓ ଅନ୍ୟାନ୍ୟ ଦେୟ ସମ୍ବନ୍ଧରେ ଯାବତୀୟ ଦାୟିତ୍ୱ ମୋ ଉପରେ ନ୍ୟସ୍ତ । ରେଳବାଇ କର୍ମଚାରୀମାନଙ୍କ ମଧ୍ୟରେ ଅଧୀକାର ସଚେତନତାବେଶି । ଦେଶରେ ରେଳବାଇରେ ପ୍ରଥମେ ଟ୍ରେଡ଼ୟୁନିୟନ ଆନ୍ଦୋଳନ ଆରମ୍ଭ ଓ ସଂଗଠିତ ହୋଇଥିଲା । ତେଣୁ ପର୍ସୋନେଲ ଅଫିସର ସବୁବେଳେ ସଜାଗ ରହିବା ଆବଶ୍ୟକ । ପ୍ରଶାସନ ଓ କର୍ମଚାରୀମାନଙ୍କ ମଧ୍ୟରେ ସଂପର୍କ ଅବାଧ ଓ ଉନ୍ମୁକ୍ତ । ତେଣୁ ସେମାନଙ୍କର ଦାବି ଓ ଅନ୍ୟାନ୍ୟ ଯୁକ୍ତିଯୁକ୍ତ ଅଧିକାର ଛଡା ସେମାନଙ୍କର ବ୍ୟକ୍ତିଗତ ସମସ୍ୟା ଓ ସଙ୍କଟର ସମାଧାନ କରିଦେବା ପାଇଁ ମଧ ସେମାନେ ମୋ ପାଖକୁ ଆସିବାରେ ବାଧା ନଥିଲା ।

ଦିନେ ଦଶଟା ବେଳେ ଅଫିସରେ ବସି କାମକଲା ବେଳେ ପିଅନ ଆଣି ଗୋଟେ ଛୋଟ କାଗଜ ଟେବୁଲ ଉପରେ ରଖିଲା । ପଢ଼ିଲି ଶ୍ରୀମତୀ ଘୋଷ ଓ ତାଙ୍କ କନ୍ୟା ଅଳକା ମୋତେ ଦେଖା କରିବାକୁ ଚାହାନ୍ତି । ଡାକି ପଠାଇଲି ।

ଚୌକିରେ ବସି ଶ୍ରୀମତୀ ଘୋଷ କହିଲେ, ସାର୍ ! ଆମେ ବଡ଼ ଅସୁବିଧାରେ ପଡ଼ିଛୁ । ଆମ ପାରିବାରିକ ସମସ୍ୟା ଅତି ଉତ୍କଟ ହେବାକୁ ବସିଲାଣି... ଆପଣଟିକେ ସାହାଯ୍ୟ କରନ୍ତୁ... ।

ମୁଁ କହିଲି- ନିଃସଂକୋଚରେ କହି ଯାଆନ୍ତୁ... । ଶ୍ରୀମତୀ ଘୋଷ କହିଲେ, ଘର କଥା, କିନ୍ତୁ ସାର୍ ବାଧ୍ୟ ହେଉଛ କହିବା ପାଇଁ । ମୋ ସ୍ୱାମୀ ଟେଲିଫୋନ ଅପରେଟର । ବଡ଼ସ୍ୱାର୍ଥପର ଆମ ପ୍ରତି ତାଙ୍କର ସ୍ନେହସହାନୁଭୂତି ନାହିଁ । ଏଇ ଝିଅକୁ ଦେଖନ୍ତୁ । ଖାଲି ମୋତେ ନୁହେଁ ଯା ପ୍ରତି ତାଙ୍କର ଅବହେଳା... ।

ଅଳକା ଏଇ ସୁଯୋଗରେ କହିଲା- ସାର୍, ବାବା ମୋତେ କି ମା କୁ ଆଦୌ ଭଲ ପାଆନ୍ତିନି... ସବୁ ଏକା ଏକା ।

Digitized by srujanika@gmail.com

ମୁଁ କହିଲି- କଣ ଏକାଏକା ?

ଶ୍ରୀମତୀ ଘୋଷ କହିଲେ ପ୍ରତିଦିନ ସନ୍ଦେଶ ଓ କଦଳୀ ଆଣନ୍ତି... କିନ୍ତୁ ଆମକୁ ଟିକେ ବି ଦିଅନ୍ତି ନାହିଁ... ସବୁ ଏକାଏକା... । ମୋତେ ନଦେଲେ ନାହିଁ କିନ୍ତୁ ଝିଅକୁ ଟିକେ ଦିଅନ୍ତେନି... ! ମୁଁ କହିଲି - ଆଉ କିଛି ଅଭିଯୋଗ ଅଛି ?

ସେ କହିଲେ - ନା ଏଇ ତ ଯଥେଷ୍ଟ । ଆମ ପାରିବାରିକ ଜୀବନ ବିଷମୟ ହୋଇ ଉଠିଲାଣି । ମୁଁ କେତେଥର କହିଲି, କିନ୍ତୁ ସେ ବୁଝୁନାହାନ୍ତି, ବରଂ ଧମକ ଦେଇ କହୁଛନ୍ତି ଯେ ବେଶି ଉତ୍ପାତ କଲେ ଘରୁ ନିକାଲି ଦେବେ... ।

ଏ ଅନ୍ୟାୟ ନିଶ୍ଚୟ, ଘରକୁ ଯାହା ଆସିବ ସମସ୍ତେ ଭାଗକରି ଖାଇବା କଥା... । ମୁଁ କହିଲି ।

ଆପଣ ନ୍ୟାୟ ବିଚାର କରନ୍ତୁ । ଘରର କର୍ତ୍ତା ନିଷ୍ପକ୍ଷ ହେବା ଦରକାର ।

ସେଦିନ ଶ୍ରୀମତୀ ଘୋଷଙ୍କୁ ମୁଁ ଆଶ୍ୱାସନା ଦେଲି ଯେ କିଛିନା କିଛି ଗୋଟେ ସମାଧାନ ହୋଇଯିବ । ତାପରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ସାମାନ୍ୟ ସନ୍ଦେଶ ଖାଇବା ନେଇ ମନାନ୍ତର ହେବା ଉଚିତ ନୁହେଁ ।

ତାପର ଦିନ ଦକ୍ଷିଣାରଂଜନ ଘୋଷଙ୍କୁ ମୁଁ ଡକାଇ ପଠାଇଲି । ଦକ୍ଷିଣାରଂଜନ ଘୋଷ ନମସ୍କାର କଲାମାତ୍ରେ ମୁଁ କହିଲି, କିପରି ଅଛନ୍ତି ? ସବୁଭଲତ... ।

ସେ କହିଲେ, ବର୍ତ୍ତମାନ ଭଲ ଅଛି ସାର୍...

- କଣ ହୋଇଥିଲା ?

ପ୍ଲୁରୋସି... ଡକ୍ତରଖାନାରେ ଥିଲି ବେଶ୍ କିଛିଦିନ ।

- କାଲି ଆପଣଙ୍କ ସ୍ତ୍ରୀ ଓ ଝିଅ ଆସିଥିଲେ... ।

ଚମକି ପଡ଼ି ଘୋଷ କହିଲେ, କଣ ହେଲା ? କାହିଁକି ? ମୁଁ କହିଲି ଘରର ବିଷୟ ଘରେ ରହିବା ଉଚିତ୍ । ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ପ୍ରତ୍ୟେକ ବିଷୟରେ ବୁଝାମଣା ରହିବା ଉଚିତ୍...

- ଅବଶ୍ୟ ସାର୍ ! ମୁଁତ ସେପରି କିଛି କରିନାହିଁ ଯେ... -ନା, ନା, ଆପଣ ଏକା ଏକା ସବୁ ସନ୍ଦେଶ, କଦଳୀ ଖାଆନ୍ତି... ତାଙ୍କୁ ଦବାତ ଦୂରର କଥା, ଏପରିକି ଅଳକାକୁ ମଧ୍ୟ ଦିଅନ୍ତି ନି । ମୁଁ କହିଲି ।

କିଛି ସମୟ ନୀରବରେ ବସି ରହିବାପରେ ମ୍ଲାନ ହସିହସି କହିଲେ ଘୋଷ - ସାର, ମୋର ସ୍ୱାସ୍ଥ୍ୟ ଭାଂଗି ପଡ଼ିଥିଲା... । ଡାକ୍ତର କହିଥିଲେ ପ୍ରତିଦିନ ପୁଷ୍ଟିକର କିଛି ଖାଇବା ପାଇଁ । ସେଥିପାଇଁ କଦଳୀ ଆଉ ସନ୍ଦେଶ ଖାଏ ମୁଁ...

ତାଙ୍କୁ ଓ ଝିଅକୁ ଟିକେ ଭାଗ ଦେଲେ କ୍ଷତି ହେବନି ।

ସେ କହିଲେ ମୋର ଆୟ କମ୍ । ବେଶି ଆଣିଲେ ସିନା ସମସ୍ତଙ୍କୁ ପାଇବ...

Digitized by srujanika@gmail.com

ଆପଣ ଏବେ ବେଶ ସୁସ୍ଥ ଦେଖାଯାଉଛନ୍ତି । ପରିବାର ପ୍ରତି ଆପଣଙ୍କର କର୍ତ୍ତବ୍ୟ ବି ଅଛି । ସ୍ୱାମୀ ସ୍ତ୍ରୀ ସୁଖରେ ଦୁଃଖରେ ପରସ୍ପରର ସମାନ ଅଂଶୀଦାର । ଏଇଟାତ ଭାରତୀୟ ପରମ୍ପରା କଥା ଆଉ ଆଗକୁ ବଢ଼ିବା ଉଚିତ ନୁହେଁ...

ସବୁଦିନ ଯଦି ଭାଗ ନଦେଲେ ନାହିଁ, ଅତଏବ କିଛିଦିନ ଦିଅନ୍ତୁ । ତାପରେ ଆପଣଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଶ୍ରୀମତୀ ଘୋଷ ଉଦାସୀନ ନୁହନ୍ତି... । ସବୁଦିନ ନହେଉ ବେଳେ ବେଳେ ସେମାନଙ୍କୁ କିଛି କିଛି ଦିଅନ୍ତୁ । ତାପରେ ଆପଣଙ୍କ ସ୍ୱାସ୍ଥ୍ୟ ତ ବେଶ୍ ଭଲ ଅଛି ଏଇନେ...

- ମିଛ କହିଛି ସାର... ସେ ମୋ କଥା ବୁଝେନି ବୋଲିତ ମୁଁ ରୋଗରେ ପଡ଼ିଲି । ମୁଁ ତରତର ହୋଇ ଡ଼ାଲିଭାତ ମାଛ ଝୋଳ ଖାଇ ଅଫିସ ଚାଲିଆସିଲା ପରେ ମାଛର ମୁଣ୍ଡ ସେ ପ୍ରତିଦିନ ଖାଏ...

ଏପରିକି ରବିବାର ଦିନ ବି ମୋତେ ମାଛ ମୁଣ୍ଡ ଦିଏନି ।

ଘୋଷଙ୍କୁ ସେଦିନ ମୁଁ କିଛି ସମୟ ବୁଝାଇବା ପରେ ସେ ରାଜି ହେଲେ ଘରେ ସ୍ତ୍ରୀଙ୍କ ସହିତ ବୁଝାମଣା କରିନେବା ପାଇଁ । ସୁଖ ଦୁଃଖ ସମାନ ଭାବରେ ସ୍ୱାମୀ ସ୍ତ୍ରୀ ବାଣ୍ଟିନେଲେ ସଂସାର ସୁନ୍ଦର ଦିଶେ ।

କିଛିଦିନ ବିତିଗଲା । ଦିନେ ଗୋଟିଏ ବିବାହ ଭୋଜିରେ ହଠାତ୍ ଘୋଷ ଦମ୍ପତିଙ୍କ ସହିତ ସାକ୍ଷାତ ହୋଇଗଲା । ଦୁହେଁ ପ୍ରାୟ ସମସ୍ୱରରେ କହିଉଠିଲେ- ନମସ୍କାର ସାର୍... ମୁଁ କହିଲି - ଆଉ କିଛି ଅସୁବିଧା ନାହିଁ ତ ? ଦୁହିଁଙ୍କ ମୁହଁ ଉପରେ ଫୁଟି ଉଠିଲା ଲଜ୍ଜା ମିଶ୍ରିତ ସ୍ମିତ ହାସ୍ୟ । ମୁଁ ବୁଝି ପାରିଲି ସ୍ୱାମୀ ସ୍ତ୍ରୀ ଭଲରେ ଅଛନ୍ତି ।

Digitized by srujanika@gmail.com

ସ୍ଥାନ ଅସ୍ଥାନ

ଏବେ ସ୍ଥାନ ସଂରକ୍ଷଣ ନେଇ ବହୁ ତର୍କ ବିତର୍କ ଚାଲିଛି । ସ୍କୁଲ କଲେଜରେ ପଢ଼ିବା ପାଇଁ ବା ଚାକିରି ପାଇବା ପାଇଁ ପଛୁଆ ଓ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକମାନଙ୍କ ସକାଶେ ଯେପରି କେତେକ ବିଶେଷ ସୁବିଧା ରହିଛି, ସେହିପରି ରେଳବାଇରେ ଦୂର ଦୂରାଦୂରାନ୍ତକୁ ଯିବା ଲାଗି ଗାଡ଼ିରେ ସ୍ଥାନ ସଂରକ୍ଷଣ ନକଲେ ଶୋଇ ବସି ସୁବିଧାରେ ଯାଇ ହୁଏ ନାହିଁ । ସ୍ଥାନ ସଂରକ୍ଷଣର ସୁବିଧା ଭୋଗ କରୁଥିବା ଲୋକମାନଙ୍କୁ ନ୍ୟସ୍ତ ସ୍ୱାର୍ଥୀ ବୋଲି କେତେକ କାରଣରୁ କୁହାଯାଇଥାଏ । କାରଣ ସେମାନେ କେବଳ ନିଜର ସ୍ଥାନ ଓ ଭବିଷ୍ୟତ ସୁଦୃଢ଼ କରନ୍ତି ନାହିଁ, ସେମାନଙ୍କ ପୁତ୍ର କନ୍ୟା ତଥା ବଂଶଧରମାନେ ଯେପରି ସେଇ ସୁବିଧା ପାଆନ୍ତି ତାହା ନିଶ୍ଚିତ କରିବା ପାଇଁ ସବୁ ପ୍ରକାର ପନ୍ଥା ଗ୍ରହଣ କରନ୍ତି । ଚାକିରି ହେଉ ବା ରେଳରେ ଯାତ୍ରା କରିବା ବେଳର ସ୍ଥାନ ସଂରକ୍ଷଣ ହେଉ, ଏହାର ଦୁରୁପଯୋଗ ସମ୍ବନ୍ଧରେ ନିଜ ଅନୁଭୂତିରୁ କିଛି ଲିପିବଦ୍ଧ କରିବା ଏଇ ରଚନାର ଉଦ୍ଦେଶ୍ୟ ।

୧୯୬୪ରେ ମୁଁ ଖଡ଼ଗପୁରରେ ଡ଼ିଭିଜନାଲ ପର୍ସୋନେଲ ଅଫିସର ଭାବରେ କାମ କରୁଥିବା ବେଳେ ଦିନେ ଭିଜିଲାନ୍‌ସ ବିଭାଗରୁ ଗୋଟିଏ ଚିଠି ଆସିଲା ସହକାରୀ ପର୍ସୋନେଲ ଅଫିସର ଆପ୍‌ପା ରାଓଙ୍କ ସମ୍ବନ୍ଧରେ । ସେଥିରେ ଉଲ୍ଲେଖ ଥିଲା ଯେ, ଆପ୍‌ପା ରାଓ ତଫସିଲ ଜାତିର ନହୋଇ ମଧ୍ୟ ସେହି ସୁବିଧା ଉପଭୋଗ କରୁଛନ୍ତି ଏବଂ ତାଙ୍କ ପୁତ୍ର ମଧ୍ୟ ତଫସିଲଭୁକ୍ତ ଜାତିମାନଙ୍କ ପାଇଁ ଥିବା ସଂରକ୍ଷଣ ନୀତି ଅନୁସାରେ ରେଳବାଇ ଚାକିରି ପାଇଛନ୍ତି । ଆହୁରି ମଜାର କଥା ହେଲା ଯେ ସରକାରୀ କାଗଜପତ୍ରରେ ଉଲ୍ଲେଖ ଥିବା ପିତା ଓ ପୁତ୍ରଙ୍କ ବୟସର ବ୍ୟବଧାନ ମାତ୍ର ଏଗାର ବର୍ଷ ଛ'ମାସ । ଏହି ଦୁଇଟି ଅଭିଯୋଗର ଅନୁସନ୍ଧାନ ଆରମ୍ଭ କଲେ ଭିଜିଲାନ୍‌ସ ବିଭାଗ । ଆପ୍‌ପା ରାଓ କିନ୍ତୁ ଅତ୍ୟନ୍ତ ଚତୁର ଓ ବିଚକ୍ଷଣ ବ୍ୟକ୍ତି । ସେ କୈଫିୟତରେ ଉଲ୍ଲେଖ କଲେ ଯେ, ବ୍ରାହ୍ମଣ ଘରେ ଜନ୍ମ ହୋଇ ମଧ୍ୟ ବାଲ୍ୟାବସ୍ଥାରେ ଜଣେ ଶବରୁଣୀ ଦ୍ୱାରା ପ୍ରତିପାଳିତ ହୋଇଥିଲେ, ତେଣୁ ତାଙ୍କ ପାଳିତା ମାତାଙ୍କ ସ୍ମୃତିକୁ ଅକ୍ଷୟ କରିବା ପାଇଁ ସେ ନିଜେ ବ୍ରାହ୍ମଣ ବଂଶୋଦ୍ଭବ ବୋଲି ଉଲ୍ଲେଖ ନକରି ତଫସିଲଭୁକ୍ତ ଶବର

Digitized by srujanika@gmail.com

କୁଳର ବୋଲି ଉଲ୍ଲେଖ କରିଥିଲେ । ଦ୍ୱିତୀୟ ଅଭିଯୋଗର ଉତ୍ତର ଦେବାକୁ ଯାଇ ଆପ୍ପା ରାଓ କହିଲେ ଯେ, ହାଟକୁ ଗାଈ କିଣିବାକୁ ଯାଉଥିବା ବ୍ୟକ୍ତି ଯଦି ଚତୁର ବୁଦ୍ଧିମାନ ହୋଇଥାଏ ତେବେ ସେ ବାଛୁରୀ ପ୍ରସବ କରି ଦୁଧ ଦେଉଥିବା ଗାଈଟିଏ କିଣେ । ସେଇ ବ୍ୟକ୍ତିକୁ ସେ ବାସ୍ତବ ଜୀବନର ଅନୁସରଣ କରି ପୁତ୍ର ଥିବା ଜଣେ ମହିଳାକୁ ବିବାହ କରିଥିଲେ । ତେଣୁ ସେ ଅନ୍ୟର ପୁତ୍ର ହେଲେ ମଧ୍ୟ ମା ସହିତ ଆସିଥିବାରୁ ତାକୁ ମଧ୍ୟ ପୁତ୍ରର ସମ୍ମାନ ଦେବାକୁ ସେ କୁଣ୍ଠା କରିନାହାନ୍ତି ।

ଏ ଦୁଇଟି ସରଳ ଉତ୍ତର ପାଇ ଭିଜିଲାନ୍ସ ବିଭାଗ ଆପ୍ପା ରାଓଙ୍କ ବୁଦ୍ଧିର ପ୍ରଶଂସା କଲେ ସତ, କିନ୍ତୁ ସଂରକ୍ଷଣର ସୁବିଧା ନବା ପାଇଁ ସେ କିପରି ଜାଲିଆତି କରିଥିଲେ ତାହା ପ୍ରମାଣ କରି ରିପୋର୍ଟ ଦବାକୁ ମୋ ଉପରେ ଦାୟିତ୍ୱ ପଡ଼ିଲା । ସେହିପରି ମୁଁ ନଭନପୁର ଜିଲ୍ଲାର ରେଳ ପରିଚାଳନା ବିଭାଗର ଅଧକ୍ଷ ଥିଲାବେଳେ ଟ୍ରାଫିକ୍ ଇନ୍‌ସ୍‌ପେକ୍ଟର ଏ.କେ. କୁଣ୍ଡୁଙ୍କ ବିରୁଦ୍ଧରେ ଭିଜିଲାନ୍ସ ଗୁରୁତର ଅଭିଯୋଗ ଆଣିଥିଲେ । ୧୯୬୦ ମସିହା । ଏ.କେ. କୁଣ୍ଡୁ ପୂର୍ବବଙ୍ଗର ଅଧିବାସୀ । ଜାତିରେ ବ୍ରାହ୍ମଣ । କିନ୍ତୁ ତଫସିଲଭୁକ୍ତ ଜାତିର ସାର୍ଟିଫିକେଟ୍ ହାସଲ କରି ଚାକିରି ପାଇଥିଲେ କୁଣ୍ଡୁ । ଅଭିଯୋଗର ଉତ୍ତର ଦେବାକୁ ଯାଇ ଉଲ୍ଲେଖ କଲେ ଯେ ତାଙ୍କ ପିତା ବ୍ରାହ୍ମଣ କିନ୍ତୁ ମା ଧୀବର ସଂପ୍ରଦାୟର । ପିତା ଅକାଳରେ ମରିଯିବାରୁ ମା'ଙ୍କ ଦ୍ୱାରା ଲାଳିତ ପାଳିତ ହୋଇ ତାଙ୍କର ସମ୍ପ୍ରଦାୟଭୁକ୍ତ ହୋଇଗଲେ । କହିବା ବାହୁଲ୍ୟ କୁଣ୍ଡୁ ମଧ୍ୟ ଦଣ୍ଡିତ ହେଲେ । ଏପରି ବହୁ ଘଟଣା ଘଟେ ବାସ୍ତବ ଜୀବନରେ । ଉଚ୍ଚ ଜାତିର ଲୋକେ ତଫସିଲଭୁକ୍ତ ଜାତି ପାଇଁ ଥିବା ସୁବିଧା ସୁଯୋଗ ମାରିନେବା ପାଇଁ ଏପରି କୂଟ କପଟ କରିବା ଦେଖାଯାଏ; ପୁଣି ତଫସିଲଭୁକ୍ତ ଜାତିରେ ଜନ୍ମ ଗ୍ରହଣ କରି ଅନାବଶ୍ୟକ ମାନସିକ ହୀନମନ୍ୟତା ଦୂର କରିବା ପାଇଁ ଉଚ୍ଚ ସଂପ୍ରଦାୟଭୁକ୍ତ ବୋଲି ମଧ୍ୟ ଦାବି କରିବା ଘଟଣା ବିରଳ ନୁହେଁ ।

ଖଡ଼ଗପୁରର ମେହେନ୍ତର ବସ୍ତିର ପ୍ରାୟ ଶତାଧିକ ମେହେନ୍ତର ଓ ଝାଡୁଦାର ହଠାତ୍ ଦିନେ କୋର୍ଟରେ ଆପିଡାଭିଟ କରି ଆଚାର୍ଯ୍ୟ ପଦବୀ ଗ୍ରହଣ କରିନେଲେ । ସେମାନେ ଏବେ ଆଚାର୍ଯ୍ୟ ଭାବରେ ଚଳି ଗଲେଣି, ଗୃହୀତ ବି ହୋଇ ଗଲେଣି । ଯେଉଁମାନେ ନିଜର ବିଦ୍ୟା ଓ ବୁଦ୍ଧି ବଳରେ ଉପରକୁ ଉଠିଛନ୍ତି ସେମାନଙ୍କର ବୈବାହିକ ସମ୍ପର୍କ ଉଚ୍ଚ ଜାତିରେ ହେଉଥିବା ଦେଖା ଯାଉଛି । ଅସଲ କଥା ହେଲା ଜାତିବାଦ କେବଳ ସାମାଜିକ ସମତା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦ୍ୱାରା ଦୂର କରାଯାଇ ପାରିବ । ଶିକ୍ଷା ହିଁ ସାମାଜିକ ଉନ୍ନତିର ଚାବିକାଠି । ଯେଉଁମାନେ ପଛୁଆ ସେମାନେ ଉପଯୁକ୍ତ ଶିକ୍ଷା ପାଇଲେ ଯେ ଉପରକୁ ଉଠିବେ ଏହା ନିଶ୍ଚିତ । ସେତେବେଳେ ଉପରୁ ଖସି ତଳେ ଥିବା ଲୋକମାନଙ୍କ ସୁବିଧା ମାରିନେବା ପାଇଁ ଉଦ୍ୟମ ଓ କୌଶଳ ମଧ୍ୟ ଆଉ କେହି କରିବେ ନାହିଁ ।

Digitized by srujanika@gmail.com

ରେଳବାଇର ସ୍ଥାନ ସଂରକ୍ଷଣ ସମସ୍ୟା କିନ୍ତୁ ଭିନ୍ନ ପ୍ରକାର । କଲିକତା, ଦିଲ୍ଲୀ ବା ମାନ୍ଦ୍ରାଜ୍ ଭଳି ସୁବିଧାରେ ଶୋଇବସି ଯିବା ପାଇଁ ସ୍ଥାନ ସଂରକ୍ଷଣ କରିବା ଆବଶ୍ୟକ ହୁଏ । କିନ୍ତୁ ଭାରତ ଜନସଂଖ୍ୟା ଓ ଆବଶ୍ୟକତାକୁ ଚାହିଁ ରେଳଗାଡ଼ିରେ ଏତେ ପରିମାଣରେ ସ୍ଥାନ ନାହିଁ । ଯେଉଁଠି ଦାବି ଅଧିକ ଓ ଯୋଗାଣ ଅଳ୍ପ ସେଠାରେ ଦୁର୍ନୀତି ଓ ମୂଲ୍ୟବୃଦ୍ଧି । ଯେଉଁମାନଙ୍କ ହାତରେ ଅର୍ଥ ସେମାନେ କଳବଳ କୌଶଳ ପ୍ରୟୋଗ କରି ପଛେ ଆସି ମଧ୍ୟ ଆଗେ ଯିବାର ଅଧିକାର ହାସଲ କରି ନିଅନ୍ତି । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ବହୁ ଅନୁଷ୍ଠାନ ଓ ଦଲାଲ ଅଛନ୍ତି, ଦୁର୍ନୀତିଗ୍ରସ୍ତ କର୍ମଚାରୀ ବି ଅଛନ୍ତି ।

ମୁଁ ଦକ୍ଷିଣ-ପୂର୍ବ ରେଳବାଇର ମୁଖ୍ୟ ବାଣିଜ୍ୟିକ ଅଧକ୍ଷ ଥିଲାବେଳେ ବହୁ ଅଭିଯୋଗ ପାଇଲି ସ୍ଥାନ ସଂରକ୍ଷଣ କଲାବେଳେ ହେଉଥିବା ଦୁର୍ନୀତି ସମ୍ବନ୍ଧରେ । କଲିକତା ପୂର୍ବ ଭାରତର ପ୍ରାଣକେନ୍ଦ୍ର । ଲକ୍ଷ ଲକ୍ଷ ଲୋକ ପ୍ରତିଦିନ ଯିବା ଆସିବା କରନ୍ତି ଏଠାରୁ । ସ୍ଥାନ ସଂରକ୍ଷଣ ପାଇଁ ସକାଳ ପାଞ୍ଚଟାରୁ ରିଜର୍ଭେସନ ଅଫିସ ଆଗରେ ଧାଡି ଦଅନ୍ତି ଲୋକେ । ସେମାନଙ୍କର ଅସୁବିଧା ଦେଖି ରିଜର୍ଭେସନ ଅଫିସ ପରୀକ୍ଷାମୂଳକ ଭାବେ ଦିନରାତି ଖୋଲିବା ପାଇଁ ନିଷ୍ପତ୍ତି ନିଆଗଲା । କିନ୍ତୁ ତଥାପି ଅଭିଯୋଗ ଆସିଲା । ଦଲାଲମାନେ ବିଭିନ୍ନ ନାମରେ ଟିକେଟ କରି ସ୍ଥାନ ସଂରକ୍ଷଣ କରି ନେଉଥିବା ଖବର ପାଇ ଦିନେ ରାତି ଗୋଟେ ବେଳେ ମୁଁ ଏସପ୍ଲାନେଡ ରିଜର୍ଭେସନ ଅଫିସ ଅଚାନକ ପରିଦର୍ଶନ କଲି । ଗେଟ୍‌ରେ ଥିବା ପୋଲିସ୍ ଷ୍ଟଲ ଉପରେ ଆଖିବୁଜି ଶୋଇଥିଲା । ମୁଁ ଭିତରକୁ ପଶିବା କ୍ଷଣି ଦୁଇତିନିଜଣ ଯୁବକ ଦୌଡ଼ି ଆସିଲେ ମୋ ପାଖକୁ କ'ଣ ଦରକାର ବୁଝିବା ପାଇଁ । ଜଣେ କୋଡ଼ିଏ ଏକୋଇଶ ବର୍ଷର ସୁନ୍ଦରୀ ତରୁଣୀକୁ ମଧ୍ୟ ଦେଖିଲି ସେଠାରେ । ଏତେ ରାତିରେ ତାଙ୍କୁ ସେଠାରେ ଦେଖି ବିସ୍ମିତ ମଧ୍ୟ ହେଲି । ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଲି- ଦୁଇଟା ଟିକେଟ ଦରକାର ପୁରୀ ଯିବା ପାଇଁ । ସେମାନଙ୍କ ମଧ୍ୟରୁ ଜଣେ କହିଲା- ଚିନ୍ତା ନାହିଁ ମିଳିଯିବ । କିନ୍ତୁ ଅଧିକା ଲାଗିବ । ପଚାଶ ଟଙ୍କା । ସେମାନଙ୍କ ସହିତ କଥାବାର୍ତ୍ତା ହେଉଥିବା ବେଳେ ଯୁବତୀ ରିଜରଭେସନ କାଉଣ୍ଟର ଉପରେ ବସି ବାବୁ ସହିତ ରଂଗରସ ହେଉଥିବା ଦୃଷ୍ଟିରେ ପଡ଼ିଲା । ଅର୍ଥର ପ୍ରଲୋଭନ ସହିତ ନାରୀର ପ୍ରଲୋଭନ କେତେଜଣ ଏଡ଼ାଇ ପାରନ୍ତି ଦୁନିଆଁରେ ? ଏହି ସମୟରେ ବାଥ୍‌ରୁମ ଭିତରୁ ବାହାରି ଆସୁଥିବା ପୋଲିସ୍ ଇନିସ୍‌ପେକ୍ଟରଙ୍କ ଉପରେ ମୋର ଦୃଷ୍ଟି ପଡ଼ିଲା । ସେ ମୋତେ ଦେଖି ବିମୂଢ଼ ହୋଇଗଲେ ବିସ୍ମୟରେ । କିନ୍ତୁ ମୁହୂର୍ତ୍ତେ ମାତ୍ର । ତା ପରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ସଙ୍ଗେ ସଙ୍ଗେ ସାଲ୍ୟୁଟ କଲେ ମୋତେ । ତାଙ୍କ ଚକ୍ଷୁ ଚକ୍ର ପରି ବୁଲିଗଲା ଦୁଇଥର । ତାହା ଦେଖି ସେ ଯୁବତୀ ଓ ଯୁବକମାନେ ଆଖି ପଲକରେ କେଉଁ ଆଡ଼େ ଆଦୃଶ୍ୟ ହୋଇଗଲେ । ଶୋଇ ପଡ଼ିଥିବା କନେଷ୍ଟବଳକୁ ଗୋଇଠା ମାରି ଉଠେଇ ଦେଇ ଇନିସ୍‌ପେକ୍ଟର କହିଲେ ସାର୍‌କୁ ଦେଖିପାରୁନୁ, ଡିଉଟିରେ ଶୋଇଛୁ ? ଏମିତି ଖାଲି ସେଠାରେ ନୁହେଁ ଦିଲ୍ଲୀ, ବମ୍ବେ, ଭୁବନେଶ୍ୱର ସର୍ବତ୍ର ହୁଏ ।

Digitized by srujanika@gmail.com

ତଥାପି ସ୍ଥାନ ସଂରକ୍ଷଣ ନିର୍ଭୁଲ, ନିଶ୍ଚିତ ଓ ସରଳ କରିବା ପାଇଁ ବହୁ ନୂତନ ପଦ୍ଧତି ପ୍ରଚଳନ କରାଯାଇଛି । କମ୍ପ୍ୟୁଟର ସାହାଯ୍ୟରେ ସ୍ଥାନ ସଂରକ୍ଷଣ କରାଯାଉଛି । କିନ୍ତୁ ଦୁର୍ନୀତି କମୁ ନାହିଁ କି କମିବ ନାହିଁ । କମ୍ପ୍ୟୁଟର ମଣିଷ ନୁହେଁ, ମଣିଷର କୂଟବୁଦ୍ଧି ତା ପାଖରେ ନାହିଁ । ଯେଉଁ ଫର୍ମୁଲା ଦିଆଯିବ ସେଇ ଫର୍ମୁଲା ଅନୁସାରେ କମ୍ପ୍ୟୁଟର କାମ କରିବ ।

ସ୍ଥାନ ସଂରକ୍ଷଣରେ ସୁବିଧା ମିଳୁଥିବା ଯାଏ ଏବଂ ସବୁ ଲୋକ ଏହି ସୁବିଧା ସୁଯୋଗ ଅନାୟାସରେ ନ ପାଉଥିବା ଯାଏ ଏପରି ଦୁର୍ନୀତି ଚାଲିଥିବ । ଚାକିରି ହେଉ ବା ରେଳ ଯାତ୍ରା ହେଉ, ଅନୁଚିତ ସୁବିଧା ସୁଯୋଗ ହାସଲ କରିବା ପାଇଁ ଲୋକମାନଙ୍କର ଆଗ୍ରହ ଓ ଉଦ୍ୟମ ଚାଲୁଥିବା ପର୍ଯ୍ୟନ୍ତ ଏହା ବନ୍ଦ କରାଯାଇ ପାରିବ ନାହିଁ । ଲୋକ ଚରିତ୍ରର ସଂଶୋଧନ ଓ ସଂସ୍କାର ଯେପରି ଆବଶ୍ୟକ, ସେହିପରି ବା ତାଠାରୁ ଅଧିକ ଆବଶ୍ୟକ ସାମାଜର ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇଦେବା । ସାମାଜିକ ସମତା ହିଁ ସମାଜିକ ନ୍ୟାୟ ଓ ଆଇନର ଶାସନ ପ୍ରତିଷ୍ଠା କରିବାର ମୂଳ କଥା । ଏହା ଆଉ ବିଳମ୍ବିତ ହେଲେ ଜାତିର ମେରୁଦଣ୍ଡ ଭାଙ୍ଗିପଡ଼ିବ ।

Digitized by srujanika@gmail.com

ସରକାର କେଉଁଠି ?

ବହୁ ବର୍ଷ ପୂର୍ବର ଘଟଣା । ସେତେବେଳେ ମୁଁ ଖଡ଼ଗପୁର ରେଳବାଇ ଡିଭିଜନର ପର୍ସୋନେଲ ଅଫିସର । ସେହି ସମୟରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁନାମଧନ୍ୟ ଡାକ୍ତର ବିଧାନ ଚନ୍ଦ୍ର ରାୟ । ଅପରିସୀମ ପ୍ରତିଷ୍ଠା ଓ ପ୍ରତିପତ୍ତି । ଜ୍ୟୋତି ବସୁ (ଏବର ମୁଖ୍ୟମନ୍ତ୍ରୀ) ସେତେବେଳେ ବିରୋଧୀ ଦଳର ନେତା । ବିଧାନବାବୁ କଂଗ୍ରେସ ଓ ଜ୍ୟୋତି ବସୁ କମ୍ୟୁନିଷ୍ଟ । କିନ୍ତୁ ଉଭୟଙ୍କ ମଧ୍ୟରେ ଥିଲା ଆନ୍ତରିକ ସୁସମ୍ପର୍କ ଓ ବୁଝାମଣା । ୧୯୬୩ ମସିହା ହେବ ବୋଧହୁଏ । ଜୁନ୍ ମାସର ଭୟଙ୍କର ବାତ୍ୟାରେ ଅପର୍ଯ୍ୟାପ୍ତ କ୍ଷୟକ୍ଷତି ଘଟିଲା, ହଳଦିଆ, ଦୀଘା, କଣ୍ଟାଇ ଅଞ୍ଚଳରେ । କଣ୍ଟାଇ ଅଞ୍ଚଳର କ୍ଷୟକ୍ଷତି ଥିଲା ଅନେକ ବେଶି । ହଜାର ହଜାର ଲୋକ ଗୃହଶୂନ୍ୟ । ଘରର ଚାଳ, ଟାଇଲ, ଟିଣ ଛପର ଉଡ଼ି ଯାଇଥାଏ ଅନେକ ଜାଗାରେ । ଲୋକମାନଙ୍କ ମଧ୍ୟରେ ହାହାକାର ପଡ଼ିଗଲା । ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ନାହିଁ, ଅଣ୍ଟାରେ ପଇସା ନାହିଁ ଘର ତୋଳିବାକୁ ଏପରି ଦୁଃସମୟରେ ସେମାନଙ୍କ ପାଖରେ କିଏ ଛିଡ଼ା ହେବ ? କିଏ ସେମାନଙ୍କ ମନରେ ବିଶ୍ୱାସ ଆଣିଦେବ ? କିଏ ଦବ ସାହସ ? ଦୁର୍ଦ୍ଦିନରେ ଯେପରି ଗୃହକର୍ତ୍ତାଙ୍କ ମୁହଁକୁ ସମସ୍ତେ ଚାହାନ୍ତି ଭରସା ଓ ଆଶ୍ୱାସନା ପାଇଁ ସେହିପରି ଜଣେ କେହି ଆସିବେ କି ସେମାନଙ୍କ ପାଖକୁ ? ବିଧାନ ରାୟଙ୍କ ପୂର୍ବରୁ ପ୍ରଫୁଲ୍ଲ ଘୋଷ ଅଳ୍ପ କେତେମାସ ପାଇଁ ଥିଲେ ମୁଖ୍ୟମନ୍ତ୍ରୀ । ଗାନ୍ଧୀବାଦୀ । ସରଳ ଓ ନିରୀହ । ବଙ୍ଗଳାର ସମସ୍ୟାବଳୀ ବଳିଗଲା ତାଙ୍କୁ । ସେ ଇସ୍ତଫା ଦେଲେ । ବିଧାନ ରାୟ ତାପରେ ହେଲେ ମୁଖ୍ୟମନ୍ତ୍ରୀ । ଜଗତ୍ ବିଖ୍ୟାତ ବିଚକ୍ଷଣ ଡାକ୍ତର । ମୟୂରଭଞ୍ଜ ରାଜପରିବାରର ପ୍ରଧାନ ଚିକିତ୍ସକ । ଥରେ ମହାରାଜା ପ୍ରତାପ ଚନ୍ଦ୍ର ପୀଡ଼ିତହେଲେ । କଲିକତା ଖବର ଗଲା । ବିଧାନ ରାୟ ଆସିଲେ ବାରିପଦା । ମହାରାଜାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନିଦାନ ଲେଖିଦେଲେ ଆଉ କହିଲେ- ପ୍ରତାପ, ତୁମେ ସ୍ୱାସ୍ଥ୍ୟ ପ୍ରତି ନଜର ରଖ । ଶରୀର ଉପରେ ଅତ୍ୟାଚାର କରନା । ମଦ୍ୟପାନ କମ୍ କର । ଶୃଙ୍ଖଳାମାନ । ମହାରାଜାଙ୍କୁ ଏପରି ଉପଦେଶ କେବଳ ବିଧାନ

Digitized by srujanika@gmail.com

ରାୟ ଦେଇପାରନ୍ତି । ସେ ମଣିମା, ଛାମୁ, ମହାମାନ୍ୟ ପ୍ରଭୃତି ରାଜାରାଜୁଡ଼ା ସମ୍ବୋଧନ ନ କରି ପ୍ରତାପ ଚନ୍ଦ୍ର ତାଙ୍କଠାରୁ ବୟସରେ ସାନ ଥିବାରୁ ତାଙ୍କୁ ତୁମେ ସମ୍ବୋଧନ କରୁଥିଲେ ।

ସେଇ ବିଧାନ ରାୟ ଆସି ପହଞ୍ଚିଲେ କଣ୍ଟାଇରେ । ଲୋକମାନଙ୍କୁ ସାନ୍ତ୍ୱନା ଦବାପାଇଁ, ନିଜ ଆଖିରେ କ୍ଷୟକ୍ଷତି କଳନା କରି ପ୍ରତିକାର କରିବା ପାଇଁ । ତାଙ୍କ ଆଗରୁ ଅବଶ୍ୟ ପ୍ରଫୁଲ୍ଲ ଘୋଷ ଆସିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ଆସିବା ଭିନ୍ନ ପ୍ରକାର । ଶାସନର ମୁଖ୍ୟ ସେ । ରାଜ୍ୟର କର୍ତ୍ତା ଓ ନେତା । ହଜାର ହଜାର ଲୋକ ଠୁଳ ହେଲେ ହାରି ଗୁହାରୀ ଜଣାଇବା ପାଇଁ । ସଭାସ୍ଥଳରେ ଠେଲା ପେଲା ଲାଗିଗଲା । ଅନେକ ଆପତ୍ତି ଅଭିଯୋଗ ଅଛି ଲୋକମାନଙ୍କର । ମୁଖ୍ୟମନ୍ତ୍ରୀଙ୍କୁ ସେସବୁ କହିବାକୁ ଚାହାନ୍ତି ସେମାନେ । ଜଣେ ଲମ୍ୱା ପତଳା ବୁଢ଼ା ଲୋକ ହାତ ଟେକିଛି ଉପରକୁ - ହାତରେ ନିବେଦନପତ୍ର, ଆଗେଇ ପାରୁ ନଥାଏ ଭିଡ ଠେଲି । ବିଧାନ ରାୟ ବି ଲମ୍ୱା ମଣିଷ । ଦେଖିପାରିଲେ ନିରୁପାୟ ବୁଢ଼ାକୁ । ପୋଲିସ ଅଫିସରଙ୍କୁ ନିର୍ଦ୍ଦେଶ ଦେଲେ ବୁଢାକୁ ପାଖକୁ ଆଣିବା ପାଇଁ । ବୁଢ଼ା ଆସି ଉପସ୍ଥିତ ହେଲା । ଥରୁଥିବା ହାତଯୋଡ଼ି ନମସ୍କାର କଲା- ସରକାର ପାଖକୁ ଆସିଛି ହଜୁର ! ଘରଦ୍ୱାର ଉଡ଼ିଯାଉଛି । ଦାନାଜଳ କିଣିବାକୁ ସମ୍ୱଳ ନାହିଁ । ନିଃସହାୟ ।

ବିଧାନ ରାୟ ତରଳି ଗଲେ । ନିଜ ହାତପାଣ୍ଡିରୁ କିଛି ଦେଲେ ବୁଢ଼ା ହାତରେ ଚୁଡା ଚାଉଳ କିଣିବା ପାଇଁ । ବୁଢା ହାତରୁ ନିବେଦନ ପତ୍ର ନେଇ କହିଲେ- ତୁମ କଥା ନିଶ୍ଚୟ ବିଚାର କରାଯିବ । ଯେଉଁମାନଙ୍କର ଘରଦ୍ୱାର ଭାଙ୍ଗିଛି ସେମାନଙ୍କୁ ସମସ୍ତଙ୍କୁ ସରକାର ଯଥାସମ୍ଭବ ସାହାଯ୍ୟ କରିବେ । ବୁଢ଼ା ହାତ ଯୋଡ଼ିଲା, ବିଧାନ ରାୟ ତା ହାତ ଧରି ପକାଇ କହିଲେ- ଥାଉ ଥାଉ... ତମେ ମୋଠାରୁ ବୟସରେ ବଡ଼...

ହଜୁର, ଆପଣ ସରକାର...

ବିଧାନ ରାୟ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଲେ ଥଇଥାନ କାର୍ଯ୍ୟ ହାତକୁ ନବା ପାଇଁ ଓ ନିଷ୍କ୍ରିୟ ପ୍ରଶାସନିକ କଳକୁ ସକ୍ରିୟ କରି ଯୁଦ୍ଧକାଳୀନ ତତ୍ପରତା ସହିତ ସମସ୍ୟାର ମୁକାବିଲା କରିବାପାଇଁ ।

ସେ ସଭାସ୍ଥଳ ଛାଡ଼ିବା ବେଳେ ସହସ୍ର କଣ୍ଠରେ ନିନାଦିତ ହେଲା ବିଧାନ ରାୟ ଜିନ୍ଦାବାଦ... ।

ବଙ୍ଗାଳୀମାନେ ପ୍ରତିଭା ପୂଜା କରି ଜାଣନ୍ତି । ଡାକ୍ତର ଭାବରେ ବିଧାନ ରାୟ ଅତୁଳନୀୟ । ଦେଖିଦେଇ ରୋଗ ନିର୍ଣ୍ଣୟ କରିପାରନ୍ତି । ଅମୃତ ହସ୍ତ । ବହୁ ଦୁରାରୋଗ୍ୟ ବ୍ୟାଧିର ଉପସମ ହୋଇଛି ତାଙ୍କ ହାତରେ । ଯଶ ପ୍ରସାରିତ ହୋଇଛି ସୀମାଲଂଘନ କରି । ବିଧାନ ରାୟ ମୁଖ୍ୟମନ୍ତ୍ରୀ ସରକାରରେ ରହି ସମ୍ପତ୍ତି ଠୁଳ କରି ନ ଥିଲେ । ସେ ଥିଲେ ଚିର କୁମାର । ଛାଡ଼ି ଯାଇନାହାନ୍ତି ଉତ୍ତରାଧିକାରୀ । କିନ୍ତୁ ଛାଡ଼ି ଯାଇଛନ୍ତି ହଳଦିଆ ବନ୍ଦର, ଦୁର୍ଗାପୁର ଇସ୍ପାତ କାରଖାନା, କଲ୍ୟାଣୀର କୃଷି ବିଶ୍ୱବିଦ୍ୟାଳୟ, ସଲ୍ଟଲେକର ସହର ଓ

Digitized by srujanika@gmail.com

ଅନେକ କିଛି । କିନ୍ତୁ ଦିନ ଥିଲା ଯେତେବେଳେ ସେ ବି ସମାଲୋଚିତ ହୋଇଥିଲେ । ବଙ୍ଗାଳୀମାନେ ବୀରକୁ ପ୍ରଶଂସା କରନ୍ତି, ନେତାର ଜୟଗାନ କରନ୍ତି, ପୁଣି ଦୋଷ କଲେ ତିରସ୍କାର ବି କରନ୍ତି । ସେତେବେଳେ ମୁଖ୍ୟମନ୍ତ୍ରୀ ହୋଇ ନ ଥିଲେ ବିଧାନ ବାବୁ । କିନ୍ତୁ ଲୋକ ମୁହଁରେ ପ୍ରଚାରିତ ହେଉଥିଲା- ଆସି ତେଛେ ନଳିନୀ ବିଧାନ, ବାଂଗଲାର ପୁରନାରୀ ହଓ ସାବଧାନ । ନଳିନୀ ରଞ୍ଜନ ସରକାର ଓ ଡାକ୍ତର ବିଧାନ ରାୟଙ୍କ ଯୋଡ଼ିର ଉପମା ନାହିଁ । ଉଭୟ ଥିଲେ ଅବିବାହିତ । ନିନ୍ଦୁକମାନଙ୍କ ଉପହାସ କରି ସେଇ ବଙ୍ଗଳାର ଲୋକେ ମୁଣ୍ଡରେ ବସାଇଥିଲେ ବିଧାନ ରାୟଙ୍କୁ ଖାଲି ବଙ୍ଗଳା ନୁହଁ... । ସମଗ୍ର ଭାରତର ସେ ଥିଲେ ନେତା.... ଜନନାୟକ । ନେହେରୁଙ୍କୁ ଜବାବ ଦେବା ଭଳି ନିର୍ଭୀକ ସୁପୁରୁଷ । ଜନସେବାର ନିରଳସ ବ୍ୟକ୍ତିତ୍ୱ । ବିଧାନ ରାୟ ଗସ୍ତ ଶେଷ କରି ଫେରିଗଲେ ।

ଦୁଃଖୀ ମଣିଷମାନେ ଅପେକ୍ଷା କରି ରହିଲେ । ସପ୍ତାହେ ଗଲା, ଦୁଇ, ତିନି, ଚାରି, ପାଞ୍ଚ ସପ୍ତାହ ବିତିଗଲା । ଛଅ ସପ୍ତାହ ବି ଅତିକ୍ରାନ୍ତ ହେଲା । ବର୍ଷାଋତୁ ଆସିଲା । ଗୃହହରା ମଣିଷମାନଙ୍କର ଦୁର୍ଦ୍ଦଶା ବଢ଼ିଗଲା ଶତଗୁଣ । କିଛି କିଛି ସାହାଯ୍ୟ ଆସିଲା ବିଳମ୍ବରେ । ଯେଉଁ ପ୍ରଶାସନକୁ ସଜାଡି ଯୁଦ୍ଧ କାଳୀନ ତତ୍ପରତାର ସହିତ କାମ କରିବା ଲାଗି ନିର୍ଦ୍ଦେଶ ଦେଇ ଯାଇଥିଲେ ତାହା କଚ୍ଛପ ଗତିରେ ଚାଲିଲା । ସେଇ ବୁଢ଼ା ନିରାଶ୍ରୟ ଲୋକଟି ହତାଶାରେ ଭାଙ୍ଗିପଡ଼ିଲା । ସେ ନିଜେ ନିବେଦନପତ୍ର ଦେଇଥିଲା ମୁଖ୍ୟମନ୍ତ୍ରୀଙ୍କୁ... ଦେଢ଼ମାସ ବିତିଗଲା, ତଥାପି କୌଣସି ସାହାଯ୍ୟ ସେ ପାଇଲା ନାହିଁ । ହାତରେ ସମ୍ବଳ ନାହିଁ ଘର ତୋଳିବା ପାଇଁ । ମାଗିଯାଚି ବନ୍ଧୁମାନଙ୍କଠାରୁ ବାଉଁଶ କେତେଖଣ୍ଡ ଆଣିଛି । ନଡ଼ା ବି କିଛି ସଂଗ୍ରହ କରିଛି, କିନ୍ତୁ ସେତିକିରେ ଘର ତୋଳା ହୁଏନି । ଅନ୍ୟାନ୍ୟ ଅନେକ ଉପକରଣ ଦରକାର । ବର୍ଷାଋତୁ ଆସିଯିବାରୁ ଆହୁରି ଦୁର୍ଭୋଗରେ ପଡ଼ିଲେ ପରିବାର । ବୁଢ଼ାଦିନେ କମର ସଳଖି କରି ବାହାରି ପଡ଼ିଲା ସରକାରଙ୍କୁ ଖୋଜିବା ପାଇଁ । ସରକାର ସୁବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ ନିଜେ କହି ଯାଇଥିଲେ । ଦେଢ଼ମାସ ବିତିଗଲା, ଅଥଚ କୁଟାଖିଏ ବି ସାହାଯ୍ୟ ପାଇନି ବୁଢ଼ା ଏ ଯାଏ । ତାର ଦରଖାସ୍ତ ଖଣ୍ଡକ କଣ ଆଉ ଗୋଟେ ବାତ୍ୟାରେ ଉଡ଼ିଗଲା ବଙ୍ଗୋପସାଗର ଆଡ଼କୁ ? ବୁଢ଼ା କଣ୍ଟାଇ ଷ୍ଟେସନରୁ ଗାଡ଼ି ଚଢ଼ିଲା । ଟିକଟ କରିବା ଲାଗି ପଇସା ନ ଥିଲା ହାତରେ । ଏଇ ବିନା ଟିକଟରେ ପ୍ରଥମ ରେଳଯାତ୍ରା ବୁଢ଼ାର । ମନଟା ମାନୁ ନଥାଏ । ଏଇ ପ୍ରଥମ ସରାକାରଙ୍କ ପ୍ରାପ୍ୟ ନଦେଇ ସରକାରୀ ରେଳଗାଡ଼ିରେ ବସୁଛି । ବିନା ଟିକଟରେ ଯାତ୍ରା କରିବା ଅପରାଧ ନିଶ୍ଚୟ । ସେ ନିଜକୁ କ୍ଷମାଦେଇ ପାରିଲା ନାହିଁ କି ଗାଡ଼ିରୁ ଓହ୍ଲାଇ ଯାଇ ବି ପାରିଲା ନାହିଁ । ପରିବାରକୁ ରକ୍ଷା ନ କଲେ ମରିଯିବେ ସମସ୍ତେ ।

ହାଓଡା ଷ୍ଟେସନରେ ଓହ୍ଲାଇ ବାଟ ପଚାରି ପଚାରି ବୁଢ଼ା ଡେଲହାଉସି ସ୍କୋୟାରରେ ଆସି ପହଞ୍ଚିଲା । ସେଇଠି ରାଇଟର୍ସ ବିଲଡିଂ ବା ମହାକରଣ । ପଶ୍ଚିମବଙ୍ଗ ସରକାରଙ୍କ

ସଚିବାଳୟ । ଏତେବଡ଼ କୋଠା ଦେଖି ବୁଢ଼ା ଖୁସି ହୋଇଥିଲା । ଏତେବଡ଼ ବଙ୍ଗଦେଶର ସରକାର ଏଇଠି ବସେ ତା ହେଲେ ?

ପୋଲିସମାନେ କିନ୍ତୁ ବାଟ ଛାଡ଼ିଦେଲେନି । ବୁଢ଼ାର ସବୁ ଚେଷ୍ଟା ବ୍ୟର୍ଥ ହେଲା । ଜଣେ ବୁଢ଼ାର ଦୁଃଖ ଶୁଣି କହିଲା- ଏଠାରେ ନୁହେଁ, ତାଙ୍କ ଘରେ ସାକ୍ଷାତ୍ କର । ସେଠାରେ ପୋଲିସ୍ ନାହିଁ, ଓ୍ୱେଲିଙ୍ଗଟନ ସ୍କୋୟାରରେ ବିଧାନ ରାୟଙ୍କ ଘର । ବୁଢ଼ା ପୁଣି ବାଟ ପଚାରି ପଚାରି ଚାଲିଲା । ସେଦିନ ଆଉ ଦେଖା ହେଲାନି । ମୁଖ୍ୟମନ୍ତ୍ରୀ କାର୍ଯ୍ୟରୁ ଫେରିବା ବେଳକୁ ରାତି । ରାତି ଦେଖା ହୁଏନା । ସକାଳ ଆଠଟାରେ ସେ ଦେଖା କରନ୍ତି ରୋଗୀମାନଙ୍କ ସହିତ । ସେତିକି ବେଳେ ସୁଯୋଗ ନବା ଲାଗି ଜଣେ ପରାମର୍ଶ ଦେଲା । ବୁଢ଼ା ଶୋଇ ପଡ଼ିଲା ବିଧାନ ରାୟଙ୍କ ଘରକୁ ଲାଗି ଆଉ ଗୋଟେ କୋଠାର ଖୋଲା ବାରନ୍ଦାରେ । ସ୍ୱପ୍ନ ଦେଖିବା ଲାଗି ସମୟ ହେଲାନି ବୁଢ଼ାର । ସକାଳ ହେଲା । ବୁଢ଼ା ଆସି ଠିଆ ହେଲା ଫାଟକ ଆଗରେ । ରୋଗୀମାନେ ଆସିବାକୁ ଆରମ୍ଭ କଲେ । ସେମାନଙ୍କ ସାଙ୍ଗରେ ମିଶି ଭିତରକୁ ପଶିଗଲା ବୁଢ଼ା । ଠିକ୍ ଆଠଟାରେ ଡାକ୍ତର ବିଧାନ ରାୟ ଚେମ୍ବରକୁ ଆସିଲେ । ଏକ, ଦୁଇ, ତିନି, କରି କେତେଜଣ ରୋଗୀଙ୍କୁ ଦେଖିସାରିବା ପରେ ବୁଢ଼ା ମୁହଁକୁ ଚାହିଁ କହିଲେ - କି ହୋଇଛି ?

- ହଜୁର, ମୁଁ ରୋଗୀ ନୁହେଁ...

- ତା ହେଲେ ଏଠାରେ କାହିଁକି ?

- ସରକାରଙ୍କୁ ଖୋଜି ଖୋଜି ଆସିଛି ହଜୁର । ଆପଣଙ୍କୁ ନିଜ ହାତରେ ଦରଖାସ୍ତ ଦେଇଥିଲି କଣ୍ଟାଇ ସଭାରେ... ମୋ ଘର ଭାଙ୍ଗି ଯାଇଛି କିଛି ସାହାଯ୍ୟ ଏଯାଏ ପାଇନି । ବିଧାନ ରାୟ ଚାହିଁଲେ ବୁଢ଼ା ମୁହଁକୁ ଆଉଥରେ । -ହଁ ହଁ ମନେ ପଡୁଛି । କିନ୍ତୁ ତୁମ ଦରଖାସ୍ତ ତ ତହସିଲଦାର ପାଖରେ ଥିବ । ତାଙ୍କ ପାଖକୁ ଯାଇଥିଲା । କଣ୍ଟାଇର ରିଲିଫ କାର୍ଯ୍ୟର ଦାୟିତ୍ୱ ତାଙ୍କୁ ଦିଆଯାଇଛି ।

- ସେକଥା ମୁଁ ଜାଣେନି । ହଜୁର ସରକାର...

ସେମିତି କିପରି ହେବ... ତୁମ ଦରଖାସ୍ତ ତଳୁ ଯାଞ୍ଚ ହୋଇ ଆସିବା ପରେ ତ ମୁଁ ଦେଖିବି... । ବରଂ ତମେ ଫେରିଯାଇ ତହସିଲଦାରଙ୍କୁ ଦେଖାକର... । ମୋ ସେକ୍ରେଟାରୀ ଚିଠି ଲେଖିଦେବେ... ।

ବୁଢ଼ା ବିଶ୍ୱାସ କରିପାରିଲା ନାହିଁ । କିଛି ସମୟ ବିସ୍ମୟବିମୂଢ଼ ଭାବରେ ଠିଆ ହେବା ପରେ କହିଲା- ମୁଁ ଜାଣିଥିଲି ହଜୁର ସରକାର... କିନ୍ତୁ ହଜୁର କହୁଛନ୍ତି ତହସିଲଦାର ପାଖକୁ ଯିବାକୁ... ତାହେଲେ ହଜୁର ସରକାର ନୁହଁନ୍ତି, ତହସିଲଦାର ବାବୁ ସରକାର... ହାୟ ହାୟ କେତେ ବଡ଼ ଭୁଲ କଲି ମୁଁ...

ବୁଢ଼ା ଆଉ କିଛି ନ ଶୁଣି ବାହାରି ଆସିଲା କୋଠରି ଭିତରୁ ।

Digitized by srujanika@gmail.com

ସାଂସ୍କୃତିକ ପ୍ରସାରଣ

ଡକ୍ଟର ବିଧାନ ରାୟଙ୍କ ପରେ ପ୍ରଫୁଲ୍ଲ ସେନ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ହେଲେ । ସେତେବେଳେ ମୁଁ ଖଡ଼୍ଗପୁରରେ (୧୯୬୩-୬୬) ଥିଲି । ଏଇ ସମୟ ବଙ୍ଗଳାର ଦୁଃସମୟ । ଖାଦ୍ୟପଦାର୍ଥ ନିଅଣ୍ଟ ଯୋଗୁଁ ଲୋକମାନେ ଅତିଷ୍ଠ । ଭାତ ବଙ୍ଗାଳିମାନଙ୍କର ପ୍ରଧାନ ଖାଦ୍ୟ । ସକାଳ ସନ୍ଧ୍ୟା ଦୁଇଓଳି ଭାତ ନ ହେଲେ ନ ଚଳେ । ଦିନେ ସଭାରେ ସଙ୍କଟର ସମାଧାନ ବିଷୟରେ କହିବା ବେଳେ ପ୍ରଫୁଲ୍ଲ ସେନ କହିଦେଲେ ଭାତ ଅଳ୍ପ ଖାଇ ତା ବଦଳରେ କଦଳୀ, ଶାଗ, ପନିପରିବା ବେଶି ଖାଇବା ପାଇଁ । ସେଇଦିନୁ ସେ ସଭାସମିତିକୁ ଗଲେ ଲୋକମାନେ ବ୍ୟଙ୍ଗ କରି ତାଙ୍କୁ 'କଲା' ବା କଦଳୀ ମୁଖ୍ୟମନ୍ତ୍ରୀ ନାମ ଦେଲେ । ପଶ୍ଚିମ ବଙ୍ଗରେ ପ୍ରଫୁଲ୍ଲ ସେନ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ପ୍ରାୟ ଚଉଦବର୍ଷ ଖାଦ୍ୟ ମନ୍ତ୍ରୀ ଥିଲେ । ଏଇ ଖାଦ୍ୟ ସଙ୍କଟରେ ମୁକାବିଲା କରିବା ପାଇଁ ଯୁଦ୍ଧକାଳୀନ ତତ୍ପରତା ପ୍ରଦର୍ଶନ କରି ଯୋଉଠି ଯାହା ଖାଲି ଚାଷୋପଯୋଗୀ ଜମି, ବାଡ଼ିବଗିଚା ଥିଲା ସବୁଥିରେ ପନିପରିବା ଚାଷ କରିବା ପାଇଁ ନିବେଦନ କରାଗଲା । ରେଳବାଇ କଲୋନୀରେ ଗୋଟେ ବଡ଼ ବଗିଚା ଥିଲା ଏବଂ ଏହାଛଡ଼ା ଅନେକ ଚାଷୋପଯୋଗୀ ପଡ଼ିଆ ଜମି ମଧ ଥିଲା । ଏହାଛଡ଼ା ଅଫିସର ମାନଙ୍କର ବଙ୍ଗଳା ଓ ବରିଷ୍ଠ କର୍ମଚାରୀଙ୍କ ଘର ଅଗଣାରେ ପ୍ରଚୁର ଜମିଥିଲା ଚାଷ କରିବା ପାଇଁ । ପାଣିର ଅଭାବ ନଥିଲା । ଅଭାବ ନଥିଲା ଉଦ୍ୟୋଗ ଓ ନିଷ୍ଠାର । ଦିନେ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ ସେନ ଆସି ପହଞ୍ଚିଲେ ଗସ୍ତରେ । ଗୋଟେ ବଡ଼ ପଡ଼ିଆ ଜମିରେ ଚାଷ କରିବା ପାଇଁ ବ୍ୟବସ୍ଥା କରାଗଲା । ହଜାରେ ସରିକି ଲୋକମାନଙ୍କ ଉପସ୍ଥିତିରେ ଏଇ ଆଦର୍ଶ ଚାଷକାମ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କଲେ । ଏସବୁ କାମରେ କର୍ମଚାରୀମାନଙ୍କୁ ସଂପୃକ୍ତ କରିବା ଓ ସବୁ ଅନୁଷ୍ଠାନ ମଧରେ ସମନ୍ୱୟ ରକ୍ଷାକରି ଫଳ ଓ ପରିବା ଚାଷ ପାଇଁ ଉପଯୋଗୀ ପତିତ ଜମି ବ୍ୟବହାର କରିବାର ଦାୟିତ୍ୱ ମୋ ଉପରେ ପଡ଼ିଲା । ବଙ୍ଗଳାର ଲୋକେ ସଦାବେଳେ କ୍ଷମତା ବିରୋଧରେ । ତେଣୁ ପ୍ରଫୁଲ୍ଲ ସେନ କହିଦେଲେ ବୋଲି ଏସବୁ କାମ ହୋଇଯିବ ଏହା ଆଶା କରିବା ବିଡ଼ମ୍ବନା । ଲୋକମାନଙ୍କୁ ବୁଝାସୁଝା କରି ସେମାନଙ୍କୁ କାମରେ ସଂପୃକ୍ତ

Digitized by srujanika@gmail.com

କରିବା କାର୍ଯ୍ୟ ମୁଁ ହାତକୁ ନେଲି । ଘର ଘର ବୁଲି ଗୃହିଣୀମାନଙ୍କୁ ଉତ୍ସାହିତ କରାଗଲା । ଅଫିସର ଓ କର୍ମଚାରୀମାନଙ୍କୁ ବିହନ ଓ ସାର ଯୋଗାଇ ଦିଆଗଲା ଏବଂ ରୀତିମତ ଏକ ଅଭିଯାନ ଚାଲିଲା ଏଥିପାଇଁ । କହିବା ବାହୁଲ୍ୟ ବରଷକ ପରେ ପନିପରିବା ଓ ଫଳଚାଷରେ ଅଭୂତପୂର୍ବ ସଚେତନତା ଓ ସଫଳତା ଦେଖାଗଲା । ନିଜ ବାଡ଼ି ଓ ବଗିଚାରୁ ଉତ୍ପନ୍ନ କାକୁଡ଼ି, ବାଇଗଣ, ବିଲାତି, ସାଗ, କୁନ୍ଦୁରୀ, କଦଳୀ, ଅମୃତଭଣ୍ଡାର ସୁଆଦ ଭିନ୍ନ ପ୍ରକାର । ସେହି ସଙ୍କଟ ସମୟରେ କେତେଥର କଲିକତା ଯାଇଛି, ସବୁଥର କୌଣସି କୌଣସି ବଙ୍ଗାଳି ବନ୍ଧୁ ନିମନ୍ତ୍ରଣ କରନ୍ତି ଖାଇବା ପାଇଁ । ପରଷୀବା ବେଳେ ଗୃହିଣୀ କହନ୍ତି ଭାତ କମ ଖାଇ ତରକାରୀ ବେଶି ଖାଇବା ପାଇଁ । ମୁଁ ପ୍ରତିଥର କିଛି ଚାଉଳ, ମୁଢ଼ି ସାଙ୍ଗରେ ନେଇ ସେମାନଙ୍କୁ ଉପହାର ଦେଉଥିଲି । ଦୁଇତିନିବର୍ଷରେ ଅବସ୍ଥାର ଆଶାତୀତ ଉନ୍ନତି ହେଲା ଏବଂ ଚାଉଳ ସଂକଟ ଉଭେଇଗଲା ।

ବଙ୍ଗାଳିମାନଙ୍କର ସଂସ୍କୃତି ସଚେତନତା ଅତି ଉଚ୍ଚମାନର । ମଣିଷକୁ ଆଦର୍ଶ ଓ ଅଧ୍ୟବସାୟରେ ପ୍ରବୃତ୍ତ କରେ ଏକ ଜୀବନ୍ତ ଓ ସଜିତ୍ ସଂସ୍କୃତି । କିନ୍ତୁ ଏଇ ସଂସ୍କୃତିକୁ ଜନ ଚରିତ୍ରରେ ପ୍ରତିଫଳିତ କରିବା ଲାଗି ପ୍ରୟାସ ନକରି, ଅପସଂସ୍କୃତିକୁ ଆପଣେଇ ନେଇ ଯେଉଁ ଭୁଲ କରାଯାଇଛି ତା'ର କୁପରିଣାମ ସୁଦୂର ପ୍ରସାରୀ । ଓଡ଼ିଆ ସଂସ୍କୃତି ଭାରତୀୟ ସଂସ୍କୃତିର ଅଂଶ ବିଶେଷ ହେଲେ ମଧ୍ୟ ଆମ ସଂସ୍କୃତିର କେତେକ ବୈଶିଷ୍ଟ୍ୟ ରହିଛି । ସେହି କାରଣରୁ ଓଡ଼ିଆମାନଙ୍କ ମଧ୍ୟରେ ସାଂସ୍କୃତିକ ଜାଗରଣ ଆଣିବା ପାଇଁ ପ୍ରଚେଷ୍ଟା ଆରମ୍ଭ ହେଲା ଖଡ଼ଗପୁର ଓ ଅନ୍ୟାନ୍ୟ ସ୍ଥାନରେ । ସବୁ ଗଠନମୂଳକ କାମର ସଫଳତା ଶିକ୍ଷା ଓ ସଚେତନତା ଉପରେ ନିର୍ଭର କରେ । ତେଣୁ ଖଡ଼ଗପୁର ଓ ଅନ୍ୟ ଯେଉଁ ସ୍ଥାନ ମାନଙ୍କରେ (ଯଥା ଶାଲିମାର ଓ ସାନ୍ତରାଗାଛି) ବହୁ ସଂଖ୍ୟାରେ ଓଡ଼ିଆମାନେ ବସବାସ କରୁଥିଲେ ସେଠାରେ ଓଡ଼ିଆ ସ୍କୁଲ ସ୍ଥାପନ କରାଗଲା ଏବଂ ଯେଉଁଠାରେ ସ୍କୁଲ ଥିଲା ସେ ସବୁକୁ ମଧ୍ୟ ଇଂରାଜୀ ବା ଉଚ୍ଚଇଂରାଜୀ ଷ୍ଟାଣ୍ଡାର୍ଡକୁ ଉନ୍ନୀତ କରାଗଲା । ମାତୃଭାଷାର ମହିମା ଅପାର । ବଙ୍ଗାଳିମାନେ ପରସ୍ପର ମଧ୍ୟରେ ଯେପରି ମାତୃଭାଷାରେ କଥାବାର୍ତ୍ତା କରନ୍ତି, ପଶ୍ଚିମବଙ୍ଗରେ ଦୀର୍ଘକାଳ ରହି ମାତୃଭାଷା ଭୁଲି ଅଧା ବଙ୍ଗଳା ଅଧା ଓଡ଼ିଆ କହୁଥିବା ଓଡ଼ିଶାବାସୀଙ୍କୁ ପରସ୍ପର ମଧ୍ୟରେ ଓଡ଼ିଆରେ କଥାବାର୍ତ୍ତା କରିବା ପାଇଁ ପ୍ରବର୍ତ୍ତାଇବାକୁ ପଡ଼ିଲା । ଓଡ଼ିଆ ସାହିତ୍ୟ ଆଲୋଚନା କରିବା ପାଇଁ ଭଞ୍ଜ ଜୟନ୍ତୀ, ଗୋପବନ୍ଧୁ ଜୟନ୍ତୀ, ବିଷୁବମିଳନ ପ୍ରଭୃତି ଆୟୋଜନ କରାଗଲା । ଗୀତାଦେବୀ ଏ ଦିଗରେ ମୋର ଅତି ସହାୟକ ହେଲେ । ଉଦ୍ୟୋଗ ଓ ଉଦ୍ୟମରୁ ଖଡ଼ଗପୁର ଠାରେ ଓଡ଼ିଶୀ ନୃତ୍ୟ ଓ ଗୀତ ଶିକ୍ଷା ଦେବା ପାଇଁ ବିଦ୍ୟାଳୟ ଖୋଲାଗଲା ଓ ମଧ୍ୟେ ମଧ୍ୟେ ସାଂସ୍କୃତିକ ଉତ୍ସବ କରାଗଲା । ଫଳରେ ଆମ ବଙ୍ଗଳା ପ୍ରାୟ ନୃତ୍ୟଗୀତ ବିଦ୍ୟାଳୟରେ ପରିଣତ ହେଲା । ଏତିକିବେଳେ କେତେଜଣ ଉତ୍ସାହୀ ଯୁବକ ପ୍ରସ୍ତାବ କଲେ ଗୋଟିଏ ଓଡ଼ିଆ ନାଟକ ମଞ୍ଚସ୍ଥ କରିବା ପାଇଁ । 'ଖଇ କଉଡ଼ି'

Digitized by srujanika@gmail.com

ନାଟକେ ମନୋନୀତ ହେଲା ଏବଂ ସମସ୍ତଙ୍କ ଅନୁରୋଧ ରକ୍ଷା କରି ମୁଖ୍ୟ ନାୟକ ଓ ନାୟିକା ଭୂମିକାରେ ମୁଁ ଓ ଗୀତା ଅଭିନୟ କଲୁ । ଆମ ମଝିଆ ପୁଅ ବି ଅଭିନୟରେ ମିଶିଲା । ଏହି ଆୟୋଜନ ଶ୍ରୀ ୟୁ.ଏନ୍. ପଣ୍ଡା(ଇଲେକ୍ଟ୍ରିକାଲ ଇଂଜିନିୟର ଏବଂ ପରେ ଓଡ଼ିଶାକୁ ଆସି କଟକ ଆଇ.ଟି.ଆଇ.ର ଅଧକ୍ଷ ହେଲେ), କୈଳାସ ମହାପାତ୍ର ଓ ଆରତୀ ମିଶ୍ର (ସଂଗୀତ) ଓ ଅନ୍ୟ ବହୁବନ୍ଧୁଙ୍କ ସହଯୋଗ ଓ ନିଷ୍ଠାପର ଉଦ୍ୟମରୁ ଅତି ସଫଳ ହେଲା । ଆଧୁନିକ ଓଡ଼ିଆ ନାଟକର ସଫଳତା ଓ ଅଭିନେତ୍ରୀମାନଙ୍କ ଅଭିନୟ ଦେଖି ବଙ୍ଗାଳିମାନେ ମୁଗ୍ଧ ହୋଇଗଲେ । ଏଠାରେ କହିରଖିବା ପ୍ରୟୋଜନ ମନେହୁଏ ଯେ ଖଡ଼ଗପୁର ଇଣ୍ଡିଆନ ଇନ୍‌ଷ୍ଟିଚିଉଟ୍ ଅଫ୍ ଟେକ୍‌ନୋଲଜିର ଅଧ୍ୟାପକ ଗୋଲକ ବିହାରୀ ମିଶ୍ର ଓ ତାଙ୍କ ପତ୍ନୀ ସୁଗାୟିକା ଆରତୀ ମିଶ୍ରଙ୍କ ପ୍ରଚେଷ୍ଟାରୁ ସେଠାରେ ମଧ ଓଡ଼ିଶୀ ସଂଗୀତ ଓ ନୃତ୍ୟ ଶିକ୍ଷାଦେବାପାଇଁ ଅନୁଷ୍ଠାନଟିଏ ଖୋଲିଲା । ଆହୁରି ବିଶେଷ ଉଲ୍ଲେଖଯୋଗ୍ୟ ଯେ ଖଡ଼ଗପୁରର ଉତ୍କଳ ବିଦ୍ୟାପୀଠରେ ତିନିଦିନ ବ୍ୟାପି ହେଉଥିବା ଭଞ୍ଜ ଜୟନ୍ତୀ ଖଡ଼ଗପୁରର ସବୁଠାରୁ ବେଶୀ ଆକର୍ଷଣୀୟ ସାହିତ୍ୟ ଓ ସାଂସ୍କୃତିକ ଉତ୍ସବ ଭାବରେ ମାନ୍ୟତା ପାଇଲା ।

ବିଭିନ୍ନତା ଓ ବିଭାଜନ ମଧ୍ୟରେ ଏକତା ସ୍ଥାପିତ କରିବା ସଂସ୍କୃତିର ଧର୍ମ । ଖଡ଼ଗପୁରଠାରେ ଗଂଜାମ ଜିଲାରୁ ଯାଇ ବସତି ସ୍ଥାପନ କରିଥିବା ଗୋଟିଏ ବଡ଼ ମେହେନ୍ତର କଲୋନୀ ଅଛି । ସ୍ୱର୍ଗୀୟ ଜନସେବକ ମୋହନ ନାୟକଙ୍କ ଉଦ୍ୟମରୁ ଏମାନଙ୍କ ମଧ୍ୟରେ ଶିକ୍ଷା, ସଂସ୍କୃତି ଓ ସଂଗଠନର ବିକାଶ ଘଟିଥିଲା । ସେ ମଧ୍ୟେ ମଧ୍ୟେ ଏଥିପାଇଁ ସେଠାକୁ ଆସୁଥିଲେ । ଦିନେ ସଫେଇବାଲା ମାନେ ଆମକୁ ନିମନ୍ତ୍ରଣ କଲେ । ଆମେ କେବଳ ଆନନ୍ଦର ସହିତ ଯାଇ ସେମାନଙ୍କ କାର୍ଯ୍ୟକ୍ରମରେ ଭାଗ ନେଲୁନାହିଁ, ଆମ ଘର ସେମାନଙ୍କ ପାଇଁ ଉନ୍ମୁକ୍ତ ହେଲା । ଗୋଟିଏ ପୂଜା ଓ ବନ୍ଧୁମିଳନ ପାଇଁ ଆମଘରେ ଆୟୋଜନ କରାଯାଇଥିଲା । ସେଠାରେ ପଂକ୍ତି ଭୋଜନର ବ୍ୟବସ୍ଥା କରାଯାଇଥିଲା, ଏବଂ ଶ୍ରେଣୀ ଓ ସଂପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ଏକତ୍ର ପ୍ରସାଦ ପରିବେଷଣ କରାଗଲା । ମେହେନ୍ତରମାନଙ୍କ ସହିତ ଅନ୍ୟମାନେ ବସିବା ପାଇଁ ଆଗଭର ନ ହେବାରୁ ଆମେ ବସିଲୁ । ସେଇ ଗୋଟିଏ ଘଟଣା ପରେ ସେଠାରେ ମେହେନ୍ତରମାନେ ଉଚ୍ଚଶ୍ରେଣୀ ଓ ସଂପ୍ରଦାୟର ସାମାଜିକ ଉତ୍ସବର ଅଂଶବିଶେଷ ହୋଇଗଲେ । ସେମାନେ ପୂର୍ବରୁ ବ୍ୟବହାର କରୁଥିବା ଭୋଇ, ଘଡେଇ, ନାୟକ ପ୍ରଭୃତି ସାଙ୍ଗିଆ ବଦଳକରି ନିଜନିଜକୁ ଆଚାର୍ଯ୍ୟ ସାଙ୍ଗିଆ ଦେଇଥିଲେ । ତାହା କେବଳ ଚଳିଗଲା ନୁହେଁ, ଗୃହୀତ ଓ ମାନ୍ୟତା ମଧ ପାଇଗଲା । ସେମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ବେହେରା, ଭୀମସେନ ବେହେରା ପ୍ରଭୃତି ସୁଗାୟକ ଥିଲେ ଏବଂ ଆମ ଦ୍ୱାର ସେମାନଙ୍କ ପାଇଁ ଉନ୍ମୁକ୍ତ ଥିଲା । କେବଳ ସେତିକି ନୁହେଁ, ମୁସଲମାନ ଓ ଖ୍ରୀଷ୍ଟିଆନ କର୍ମଚାରୀମାନଙ୍କର ଅବାଧପ୍ରବେଶ ଥିଲା ଆମଘରେ । ସାମାଜିକ ଉତ୍ସବକୁ ସେମାନେ ଆସୁଥିଲେ ଓ ଆମେ ମଧ ସେମାନଙ୍କ ଘରକୁ ଯାଉଥିଲୁ । ଚତୁର୍ଥ ଶ୍ରେଣୀରେ

Digitized by srujanika@gmail.com

କାମ କରୁଥିବା ବହୁ ମେହେନ୍ତର ଓ ମୁସଲମାନ କର୍ମଚାରୀଙ୍କ ପୁଅ ବା ଝିଅ ବାହାଘରକୁ ଗୀତା ଓ ମୁଁ ଯାଇ ଭୋଜି ଖାଇବା ଦ୍ୱାରା ଭିତରେ ଭିତରେ ସାମାଜିକ ପରିବର୍ତ୍ତନ ସହିତ ସାଂସ୍କୃତିକ ଜାଗରଣ ସହଜ ହୋଇ ଉଠିଲା । ଆମ ଦେଖାଦେଖି ଏହି ସାମାଜିକ ଏକତ୍ରିକରଣ ପ୍ରକ୍ରିୟା ତେଲୁଗୁ ଓ ହିନ୍ଦୁସ୍ଥାନୀମାନଙ୍କ ମଧ୍ୟରେ ପ୍ରସାରିତ ହେଲା । ସେମାନଙ୍କ ପର୍ବପର୍ବାଣୀ ଓ ଉତ୍ସବକୁ ଗୀତା ନିମନ୍ତ୍ରିତ ହୋଇ ଯିବା ପ୍ରାୟ ରୀତିରେ ପଡ଼ିଯାଇଥିଲା ।

ଖଡ଼ଗପୁର କଲୋନୀରେ ପ୍ରାୟ ଦଶହଜାର ଓଡ଼ିଆ ବସବାସ କରୁଥିଲେ । ସେମାନଙ୍କ ମଧ୍ୟରୁ କେତେକ ସ୍ଥାୟୀ ଭାବେ ରହିଯାଇଥିଲେ କିନ୍ତୁ ଏ ସମସ୍ତେ ଆସିଥିଲେ ସ୍ୱାଧୀନତା ପୂର୍ବରୁ । ସେତେବେଳେ ବଙ୍ଗାଳିମାନେ ମେହେନ୍ତର, ଖଲାସୀ ପ୍ରଭୃତି ତଳିଆ କାମ କରିବାକୁ ଆସୁ ନ ଥିଲେ । ଏଣୁ ଏସବୁ ସ୍ଥାନରେ ଓଡ଼ିଆଙ୍କ ସଂଖ୍ୟା ଥିଲା ସର୍ବାଧିକ । ସେମାନଙ୍କ ଅବସର ଗ୍ରହଣ ପରେ ଆଉ ଓଡ଼ିଆ ନିଯୁକ୍ତି ପାଇବା କଠିନ ହୋଇ ପଡ଼ିଲା । ମୁଁ ଗୋଟିଏ ସୂତ୍ର ବାହାର କଲି । ଯେଉଁ କର୍ମଚାରୀମାନେ ଅବସର ନେଉଥାନ୍ତି ସେମାନଙ୍କ ପାଇଁ ସେମାନଙ୍କର ପୁଅମାନଙ୍କୁ ନିଯୁକ୍ତିଦବା ପାଇଁ ଗୋଟା 'କର୍ମଚାରୀ ମଙ୍ଗଳ' ଅଭିଯାନ ଆରମ୍ଭ ହେଲା । ୟୁନିଅନମାନେ ମୋତେ ସମର୍ଥନ କଲେ । ସେମାନେ ହୁଏତ ଜାଣି ନ ଥିଲେ ଯେ ଓଡ଼ିଆ କର୍ମଚାରୀ ଅବସର ନେବାପରେ ତା ପୁଅ ମଧ୍ୟ ଏହି ଫର୍ମୁଲା ଅନୁସାରେ ଚାକିରି ପାଇଯିବ । ଯାହାହେଉ ଏଇ ସୂତ୍ର ଅବଲମ୍ବନ କରିବା ଦ୍ୱାରା ହ୍ରାସ ପାଉଥିବା ଓଡ଼ିଆଙ୍କ ସଂଖ୍ୟା ପୁଣି କିଛି ସମୟ ବୃଦ୍ଧି ପାଇଲା । ଯେଉଁ ଶହ ଶହ ଓଡ଼ିଆ ଦିନମଜୁରିଆ ଓ କୁଲି ରେଳବାଇରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଥିଲେ ସେମାନଙ୍କୁ ମଧ୍ୟ ସ୍ଥାୟୀ କରାଗଲା । ଭାରତ ସରକାରଙ୍କ ଆଉ ଏକ ଶ୍ରମିକ ନିଯୁକ୍ତି ନୀତିର ବାସ୍ତବ ରୂପାୟନ କରି, ଖାଲି ଓଡ଼ିଆ ନୁହନ୍ତି, ତେଲୁଗୁ, ବଙ୍ଗାଳି, ହିନ୍ଦୁସ୍ଥାନୀ ବହୁ ଶ୍ରମିକ ଏହାଦ୍ୱାରା ଉପକୃତ ହୋଇଥିଲେ । ମୁଁ ଖଡ଼ଗପୁରରେ ଥିଲି ତିନିବର୍ଷ ଚାରିମାସ । ମୋ ସମୟରେ ଅତି କମରେ ହଜାରେ ଲୋକ ନିଯୁକ୍ତି ହୋଇଥିବେ । କିନ୍ତୁ ମୁଁ ଏଥିପାଇଁ ଗର୍ବିତ ଯେ ଜାତି, ଧର୍ମ ବର୍ଣ୍ଣ ଓ ଭାଷା ନିର୍ବିଶେଷରେ ଗୋଟିଏ ପଇସା ଉତ୍କୋଚ ନ ଦେଇ ସେମାନେ ନିଯୁକ୍ତି ପାଇଥିଲେ ଏବଂ ରେଳବାଇ ପ୍ରଶାସନର ନିର୍ମଳତା ଜନସାଧାରଣଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଥିଲା ।

ଖଡ଼ଗପୁରରେ ରହିବା ସମୟରେ ବଙ୍ଗାଳିମାନଙ୍କର ବନ୍ଧୁତ୍ୱ ଓ ସ୍ନେହ ସୌହାର୍ଦ୍ଦ୍ୟ ଆମେ ପ୍ରଚୁରଭାବେ ପାଇଥିଲୁ । ସେମାନଙ୍କ ସାଂସ୍କୃତିକ ଅଭିମାନକୁ ସ୍ୱୀକାର କରି ଆମର ସଂସ୍କୃତି ଯେ ନ୍ୟୁନ ନୁହେଁ ଏହା କାର୍ଯ୍ୟରେ ପ୍ରଦର୍ଶନ କରିବା ଦ୍ୱାରା ଦୁଇ ପ୍ରଦେଶର ଲୋକଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ଆଦାନ ପ୍ରଦାନ ସୁଦୃଢ଼ ହୋଇଥିଲା । ଆମର ବହୁ ଆତ୍ମୀୟ ପଶ୍ଚିମବଙ୍ଗରେ ବସବାସ କରନ୍ତି । ସେମାନେ ଓଡ଼ିଆ ଭାଷା ଭୁଲିଗଲେଣି କିନ୍ତୁ ଓଡ଼ିଆ ସାମାଜିକତା, ପର୍ବପର୍ବାଣୀ ଓ ରାଜନୀତି ଏବେ ବି ସେମାନଙ୍କ ଦ୍ୱାରା ଆଦୃତ । ପୁଅ ଝିଅଙ୍କ ବାହାଘର ହୁଏ ଓଡ଼ିଆମାନଙ୍କ ସହିତ । ମହାନ୍ତିରୁ ମାଇତି, ପଣ୍ଡାରୁ ପାଣ୍ଡା, ଜେନାରୁ ଜାନା ହୋଇଥିବା

Digitized by srujanika@gmail.com

ଅନେକ ଓଡ଼ିଆ ବଙ୍ଗାଳି ଆଲୋଚନା ବେଳେ ଏହା ସ୍ୱୀକାର କରନ୍ତି ଯେ ସେମାନେ ବି ଦିନେ ଓଡ଼ିଆ ଥିଲେ । କିନ୍ତୁ ଗୋଟିଏ ବଡ଼ ବେଗମତୀ ସଂସ୍କୃତି ସଂଘର୍ଷରେ ଆସି ଓ ନିଜ ନିଜର ବଂଶଧରମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଓଡ଼ିଆତ୍ୱ ଭୁଲି ବଙ୍ଗାଳି ହୋଇଗଲେ, କିନ୍ତୁ ୩୦୦ ବର୍ଷ ବଂଗାଳିମାନେ ଓଡ଼ିଶାରେ ରହି ଓଡ଼ିଆ ଭାଷା ଶିକ୍ଷାକରି ଗ୍ରହଣ କରି ମଧ୍ୟ ମାତୃଭାଷା ଭୁଲି ନାହାନ୍ତି । ଏହା ବାସ୍ତବ ସତ୍ୟ ।

ପଶ୍ଚିମବଙ୍ଗରେ ଥିବା ବେଳେ ଯାତ୍ରା ଦେଖିବା ସଉକ ପ୍ରବଳ ହୋଇଥିଲା । ବଙ୍ଗଳାର ନାମଜାଦା ଯାତ୍ରାଦଳଙ୍କ କଳାକୌଶଳ ଓ ଅଭିନୟ ଚମତ୍କାର । ଏଇ ଯାତ୍ରାର ଅୟମାରମ୍ଭରେ ବଙ୍ଗଳା ଯାତ୍ରାର ପ୍ରତିଷ୍ଠା ଓ ପ୍ରସାରରେ ଯେଉଁମାନଙ୍କ ଅବଦାନ ବଙ୍ଗାଳିମାନେ ଶ୍ରଦ୍ଧାର ସହିତ ସ୍ମରଣ କରନ୍ତି ସେମାନଙ୍କ ମଧ୍ୟରେ ରୂପଚାନ୍ଦ, ଗୋପାଳ ଦାସ (ଉଡ଼େ) ଅନ୍ୟତମ । ସେଇ ମେଦିନପୁର ଓ ବାଙ୍କୁଡ଼ା ଜିଲାର ବହୁ ପରିବାରରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ବଙ୍ଗଳା ଅକ୍ଷରରେ ଲେଖା ହୋଇ ପାଠ କରାଯାଉଥିଲା । ଏବେ ତାହା ପ୍ରାୟ ଲୋପ ପାଇଗଲାଣି । ଖଡ଼ଗପୁର ଓ ଅନ୍ୟାନ୍ୟ ଶିଳ୍ପାଞ୍ଚଳରେ ବାମପନ୍ଥୀ ଆଦର୍ଶର ପ୍ରସାର ଯୋଗୁ ଶ୍ରମିକ ଅଶାନ୍ତି ଓ ଆନ୍ଦୋଳନ ପ୍ରାୟ ଲାଗିରହୁଥିଲା । କଲମଛାଡ଼, ନିୟମ ଅନୁସାରେ କାମ, ଧାରଣା, ଘେରାଉ, ଧର୍ମଘଟ ପ୍ରଭୃତି ନିତ୍ୟନୈମିତିକ ଘଟଣାରେ ପରିଣତ ହୋଇଥିଲା । ଅଫିସରମାନେ କାର୍ଯ୍ୟସ୍ଥଳିକୁ ଯିବାକୁ ଭୟ କରୁଥିଲେ । ଖଡ଼ଗପୁରରେ ଏସିଆ ମହାଦେଶର ବୃହତ ରେଳବାଇ ୱାର୍କସପ୍ (୨୦ ହଜାର କର୍ମଚାରୀ)ରେ ଶ୍ରମିକମାନେ ଅଫିସରମାନଙ୍କୁ ଲାଞ୍ଛିତ, ଅପଦସ୍ତ କରିବାର ବହୁ ଘଟଣା ଘଟିଥିଲେ ମଧ୍ୟ ମୁଁ ଦିନେ ହେଲେ ସେମାନଙ୍କ ବିଷଦୃଷ୍ଟିରେ ପଡ଼ିନଥିଲି । ବରଂ ମୋର ବଦଳି ଆଦେଶ ଶୁଣି ସେମାନେ କହିଥିଲେ, ଆମ ଲୋକଙ୍କୁ ସରକାର ନେଇଗଲା ।

ବହୁବର୍ଷ କମ୍ୟୁନିଷ୍ଟ ପାର୍ଟିର ନେତା ଓ ବିଧାନସଭା ଏବଂ ପାର୍ଲିଆମେଣ୍ଟ ସଦସ୍ୟ ଥିବା ନାରାୟଣ ଚୌବେ ବାମପନ୍ଥୀ ୟୁନିୟନର ସଭାପତି । ତାଙ୍କର ଉତ୍ପାତ ସହ୍ୟ କରି ନପାରି ବହୁ ଡ଼ିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ବିଦାୟ ନେଇଛନ୍ତି । କିନ୍ତୁ ସେ ଗୋଟେ ବିରାଟ ବିଦାୟ ସମ୍ବର୍ଦ୍ଧନା ମୋ ପାଇଁ ଆୟୋଜନ କରି କହିଥିଲେ, 'ହୋତା ସାହେବ ଆମ ଲୋକ, ତାଙ୍କୁ ମୁଁ ନିବେଦନ କରିଛି ଚାକିରି ଛାଡ଼ି କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେବା ପାଇଁ ।' ଏହା ଶୁଣି ମୋ ଉପରିସ୍ଥ ମାନଙ୍କର ଯେ ଗାତ୍ରଦାହ ହୋଇ ନଥିଲା ତାହା ନୁହେଁ କିନ୍ତୁ ଭଗବାନଙ୍କ ଦୟାରୁ ମୁଁ ଥିଲି ସେମାନଙ୍କ ଆୟତ୍ତର ବାହାରେ । ଯିଏ ମାନୁ ବା ନମାନୁ ଜଗନ୍ନାଥଙ୍କ ପରି ଓଡ଼ିଆ ସମସ୍ତଙ୍କର । ସମସ୍ତଙ୍କର ହିତ କାମନା କରିବା ଓଡ଼ିଆର ସଂସ୍କୃତି । ଆଉ ଏଇ ସଂସ୍କୃତିର ଆଧାର ସ୍ୱୟଂ ସର୍ବମଙ୍ଗଳ ଜଗନ୍ନାଥ । ସେ ସମତା ଓ ସମଦୃଷ୍ଟିର ପ୍ରତୀକ ।

Digitized by srujanika@gmail.com

କି ହେବ ଶୁଆ ପୋଷିଲେ

୧୯୬୪ ମସିହା । ଏପ୍ରିଲ ମାସ ହେବ ବୋଧହୁଏ । ଦକ୍ଷିଣା ପବନ ବହିବାର ଦିନ । ସେତେବେଳେ ମୁଁ ଖଡ଼ଗପୁର ଡ଼ିଭିଜନର ପର୍ସୋନେଲ ଅଫିସର ଭାବରେ କାର୍ଯ୍ୟ କରୁଥାଏ । ତିରିଶ ହଜାର କର୍ମଚାରୀଙ୍କ ଦାୟିତ୍ୱ ମୁଣ୍ଡ ଉପରେ । ଦିନେ କାର୍ଯ୍ୟ ବ୍ୟସ୍ତ ଥିବାବେଳେ ୱାର୍କସପର ଶ୍ରମିକ ମଙ୍ଗଳ ଅଫିସର ଆସି ପହଞ୍ଚିଲେ ଦେଖା କରିବା ପାଇଁ । କିନ୍ତୁ ତାଙ୍କ ସାଙ୍ଗରେ ଯିଏ ଆସିଥିଲେ ତାଙ୍କୁ ଚିହ୍ନାଇ ଦେଇ କହିଲେ- ସାର, ଆପଣ ଡ଼କ୍ଟର ଏସ୍. କେ. ମହାନ୍ତିଙ୍କୁ ଜାଣିନଥିବେ । ସେ ଅନ୍ଧ । କିନ୍ତୁ ଏମ୍.ଏ. ପି.ଏଚ୍.ଡ଼ି. ଏବଂ 'ବାର ଏଟ ଲ' । ବିଦେଶରେ ରହନ୍ତି । ନେଇ ଆସିଛି ଆପଣଙ୍କ ସହିତ ଆଳାପ କରିବା ପାଇଁ । କାମ ବନ୍ଦରଖି ମୁଁ ସ୍ୱାଗତ କଲି ଡ଼ାକ୍ତର ସୁଧାଂଶୁ କୁମାର ମହାନ୍ତିଙ୍କୁ । ଅନ୍ଧହୋଇ ମଧ୍ୟ ଏତେ ଉଚ୍ଚ ଶିକ୍ଷିତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଲି । ମନେ ପଡ଼ିଗଲା ଆଉଜଣେ ଅନ୍ଧଙ୍କ କଥା । ସାଧନ ଗୁପ୍ତା କଲିକତାର ବିଶିଷ୍ଟ ଓକିଲ 'ବାର୍ ଆଟ ଲ' । ପଶ୍ଚିମବଙ୍ଗ ସରକାରଙ୍କ ଆଡ୍ଭୋକେଟ ଜେନେରାଲ ଥିଲେ କିଛି ସମୟ ଏବଂ ପାର୍ଲାମେଣ୍ଟର ସଦସ୍ୟ ବି ଥିଲେ । ଯା ହେଉ ଜଣେ ଓଡ଼ିଆ ଅନ୍ଧ ହୋଇ ବି କେବଳ ଉଚ୍ଚ ଶିକ୍ଷା ପାଇନାହାନ୍ତି, ଲଣ୍ଡନରେ ପଢ଼ି 'ବାର ଆଟ ଲ' କରିଛନ୍ତି । ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ବହୁ ପାଶ୍ଚାତ୍ୟ ଦେଶରେ ଦୀର୍ଘକାଳ ଅବସ୍ଥାନ କରିଛନ୍ତି । ଡ଼ାକ୍ତର ମହାନ୍ତି କହିଲେ ଆପଣ ସାହିତ୍ୟିକ ବୋଲି ଜାଣି ଧାଇଁ ଆସିଛି ଭେଟିବା ପାଇଁ । ଗୁରୁଦେବ ରବୀନ୍ଦ୍ରନାଥଙ୍କ ରଚିତ ସେଇ ମହାମାନବର ସାଗରତୀରେ ଗାଇବାକୁ ଇଚ୍ଛା ହେଉଛି ।

ଡ଼ାକ୍ତର ମହାନ୍ତିଙ୍କ ମୁହଁରୁ ଶୁଣିଲି ଯେ, ତାଙ୍କ ଜନ୍ମ କଟକ ଜିଲ୍ଲାର ଗୋବିନ୍ଦପୁରରେ । ତାଙ୍କୁ ପିଲାଦିନେ ପାଠପଢ଼ାଇଥିବା ଶିକ୍ଷକ ଏବେ ଖଡ଼ଗପୁରରେ ପୁଅ ସହିତ ଅବସ୍ଥାନ କରୁଥିବାରୁ ତାଙ୍କ ଘରେ ଅଛନ୍ତି କେତେଦିନ । ସେ ଆହୁରି ବି କହିଲେ ଯେ, ଇଟାଲୀ ଦେଶର ଝିଅ ଲିଲିଆନ ତାଙ୍କ ପତ୍ନୀ । କଲିକତାର ଜାଦବପୁର ବିଶ୍ୱବିଦ୍ୟାଳୟରେ ସେ

Digitized by srujanika@gmail.com

ଅଧ୍ୟାପକ । ଡ଼ର୍ବି ଲଟେରିରୁ ପାଇଥିବା ପାଞ୍ଚଲକ୍ଷ ଟଙ୍କା ଖର୍ଚ୍ଚ କରି କଲିକତାର ବାଲିଗଞ୍ଜଠାରେ ଘର କରୁଛନ୍ତି, ନିର୍ମାଣ କାର୍ଯ୍ୟ ଶେଷ ହେଲେ ଲିଲିଆନ ବାପଘରୁ ଚାଲିଆସିବ ସ୍ୱାମୀ ପାଖକୁ ।

ମୁଁ ଖୁସି ହୋଇ ତାଙ୍କୁ ଘରକୁ ନେଇଗଲି । ସନ୍ଧ୍ୟାବେଳେ ଆଉ କେତେଜଣ ବନ୍ଧୁଙ୍କୁ ବି ନିମନ୍ତ୍ରଣ କଲି । ଏତେବଡ଼ ଗୁଣୀ ବ୍ୟକ୍ତି । ଗୁଣର ଆଦର ଓଡ଼ିଶାରେ ହୁଏ ନାହିଁ । ସେଇ ଦୋଷରେ ଦୋଷୀ ନ ହେବାକୁ ସିଦ୍ଧାନ୍ତ କରିଥିଲି ବହୁଦିନରୁ । ଗୀତାଙ୍କ ସହିତ ପରିଚୟ କରାଇ ଦେବା ପରେ ଡ଼ାକ୍ତର ମହାନ୍ତି କହିଲେ- ଆପଣଙ୍କୁ ଭାଉଜ, ଆଉ ହୋତା ସାହେବଙ୍କୁ ଭାଇନା ଡ଼ାକିବି... । ତାଙ୍କର ସ୍ୱଭାବ ସୁଲଭ ସରଳତା ଆମକୁ ମୁଗ୍ଧ କରିଥିଲା ସେଦିନ । ତାଙ୍କ ଶିକ୍ଷକଙ୍କ ଘରେ ରହିବାକୁ ଅସୁବିଧା ହେଉ ଥିବାରୁ ଦିନେ ପରେ ସେ ଆମ ଘରକୁ ଚାଲି ଆସିଲେ ସୁଟକେଶ ହାତରେ ନେଇ । ଏଭଳି ଜଣେ ପଣ୍ଡିତ ବ୍ୟକ୍ତିଙ୍କୁ ଅତିଥି ଭାବରେ ପାଇ ଆମେ ମଧ୍ୟ ଆନନ୍ଦିତ ହେଲୁ । କଥା କଥାରେ ରବୀନ୍ଦ୍ରନାଥ, ନଜରୁଲ, ଓଡ଼ିଆ କବି ରାଧାନାଥ ରାୟଙ୍କ କବିତା ଆବୃତ୍ତି କରି ସେ ଆମକୁ ମୁଗ୍ଧ କରୁଥିଲେ । ଗୀତା ଦିନେ କହିଲେ- ଲିଲିଆନଙ୍କୁ ଶୀଘ୍ର ନେଇ ଆସ । ଘର କାମ ଶେଷ ନ ହେବା ଯାଏ ସେ ମୋ ପାଖରେ ରହିବ... ।

ଡ଼ାକ୍ତର ମହାନ୍ତି ଉତ୍ସାହିତ ହୋଇ କହିଲେ- ଭଲ ହେବ । ସେ ଆଡ୍‌ଜଷ୍ଟ କରି ଯିବ ଦିନକରେ । ଭାରି ଭଲ ଝିଅ । ଆହୁରି ଶୁଣନ୍ତୁ ଭାଉଜ... ସେ ପଖାଳ ଖାଏ, ଶୁଖୁଆ ଭଜା, ଶାଗ ଖରଡ଼ା ଖାଇବାକୁ ଭାରି ଭଲପାଏ । ଗୀତା କହିଲେ- ତାହେଲେ ତ ସୁନା ସହିତ ସୋହାଗୀ ପରି ସେ ମିଶିଯିବ ଆମ ସଂସାରରେ । ଖାଲି ଶୁଖୁଆ ଜାଗାରେ ଟଟକା ମାଛଭଜା ଦେବି ମୁଁ... ।

ରେଜଲବାଇ ଇଂଲିଶ ସ୍କୁଲର ଅଧକ୍ଷ ରାମଅବତାର ସିଂ ଏକ ସଭାକୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କଲେ ଡ଼ାକ୍ତର ମହାନ୍ତିଙ୍କୁ । ବିଦେଶରେ ତାଙ୍କ ଅଭିଜ୍ଞତା ସଂପର୍କରେ କିଛି କହିବେ । ସଭାକୁ ମୁଁ ମଧ୍ୟ ଯାଇଥିଲି । ଡ଼ାକ୍ତର ମହାନ୍ତି ପ୍ରଥମେ ଇଂରାଜୀରେ ଆରମ୍ଭ କରି ବଙ୍ଗଳାକୁ ଚାଲିଗଲେ । ରବୀନ୍ଦ୍ର ନାଥ, ନଜରୁଲ, ସୁକାନ୍ତ ପ୍ରଭୃତିଙ୍କ କବିତାରୁ କିଛି ଅଂଶ ଆବୃତ୍ତି କରି କହିଲେ ଏବେ ମୁଁ ମୋର ଅଭିଜ୍ଞତା ବିଷୟରେ କହିବି । ବହୁବର୍ଷ ଜର୍ମାନୀ ଓ ଇଟାଲୀରେ ରହିଥିଲି । ଜର୍ମାନୀ ଭାଷାରେ ମୋର ଦକ୍ଷତା ଇଂରାଜୀଠାରୁ ଭଲ । ତେଣୁ ଆପେ ଆପେ ମୁହଁକୁ ସେଇ ଭାଷାର ଶବ୍ଦ ସବୁ ଆସିଯାଉଛି । ଏହାପରେ ସେ ଜର୍ମାନୀରେ ଭାଷଣ ଦବାକୁ ଲାଗିଲେ । ମୁଁ ବିନ୍ଦୁବିସର୍ଗ କିଛି ବୁଝି ନପାରି ଅଧକ୍ଷଙ୍କୁ କହିଲି- ମୁଁ ତ ଆଦୌ ବୁଝି ପାରୁନି, ତାଙ୍କୁ କହନ୍ତୁ ଇଂରାଜୀରେ କହିବା ପାଇଁ । ଅଧକ୍ଷ କହିଲେ-

Digitized by srujanika@gmail.com

ସାର୍, ମୁଁ କିଛି ଜର୍ମାନୀ ଶବ୍ଦ ଜାଣେ । କିନ୍ତୁ ବକ୍ତାଙ୍କ ଭାଷଣରେ ସେପରି ଶବ୍ଦ ଥିବା ମୁଁ ବାରି ପାରୁନାହିଁ । କହିବାକୁ ପଡ଼ିଲା ନାହିଁ, ଡ଼ାକ୍ତର ମହାନ୍ତି ନିଜେ ଓଡ଼ିଆରେ କିଛି କହି ତା' ପରେ ଇଂରାଜୀରେ ଶେଷ କଲେ । କହିବା ବାହୁଲ୍ୟ ତାଙ୍କର ଭାଷାଜ୍ଞାନ ଦେଖି ସମସ୍ତେ ଚମତ୍କୃତ ହେଲେ ।

ଏହାର ଦୁଇଦିନ ପରେ ସେ କଲିକତା ଚାଲିଗଲେ । ତା'ପରେ ମାସେ ଖଣ୍ଡେ ଆଉ ତାଙ୍କୁ ଦେଖି ନାହିଁ । ଦିନେ ସକାଳେ ଷ୍ଟେସନରୁ ଫୋନ ଆସିଲା, ଷ୍ଟେସନ ମାଷ୍ଟର କହିଲେ- ସାର, ଜଣେ ଯାତ୍ରୀ ବିନା ଟିକଟରେ ଯାତ୍ରା କଲାବେଳେ ଧରାପଡ଼ିଛନ୍ତି । ସେ କହୁଛନ୍ତି ସେ ଆପଣଙ୍କର ବନ୍ଧୁ । ତାଙ୍କ ନାମ ଡ଼ାକ୍ତର ଏସ. କେ. ମହାନ୍ତି । ମୁଁ ତାଙ୍କୁ ଛାଡ଼ିଦେବାକୁ କହିଛି । ସେ ଆପଣଙ୍କ ସହିତ କଥା ହେବାକୁ ଚାହାନ୍ତି । ଡ଼ାକ୍ତର ମହାନ୍ତି ମୋତେ କହିଲେ, ଯେ ବିନା ଟିକଟରେ ସେ ଯାଉ ନଥିଲେ । ବାଟରେ ତାଙ୍କ ଟିକଟ କେହି ଚୋରି କରି ନେଇଛି ପର୍ସ ସହିତ । ପର୍ସରେ ପାଞ୍ଚଶହ ଟଙ୍କା ଥିଲା । ଏବେ ତାଙ୍କ ପାଖରେ କିଛି ନାହିଁ । ସେ କିଛି ଟଙ୍କା ଧାର ନେବାକୁ ଚାହାନ୍ତି ।

ଅଳ୍ପ ସମୟ ପରେ ସେ ଆସି ମୋ ବଙ୍ଗଳାରେ ପହଞ୍ଚିଲେ । ଗୀତା କହିଲେ କ'ଣ ହେଲା ? ସେ କହିଲେ- ଭାଗ୍ୟ ଖରାପ ଭାଉଜ ନହେଲେ ଭଉଣୀ ପାଇଁ ବରପାତ୍ର ଦେଖି ଟାଟା ନଗରରୁ ଫେରୁଥିବା ବେଳେ ଏପରି ଅସୁବିଧାରେ ପଡ଼ି ନଥାନ୍ତି । ମୁଁ ତ ଅନ୍ଧ, ଏଇ ସୁଯୋଗରେ ମୋ ପର୍ସ କିଏ ଚୋରାଇ ନେଲା ରାସ୍ତାରେ । ଖଡ଼ଗପୁରରେ ଟିକଟ ଦେଖାଇବା ଆବଶ୍ୟକ ହେବାରୁ ମୁଁ ମନିପର୍ସ ଖୋଜିଲି, ପାଇଲି ନାହିଁ... ଏବେ ଆପଣଙ୍କ ଆଶ୍ରୟ... ଆପଣ ଯାହା କରିବେ । ସେଦିନ ଶହେଟଙ୍କା ନେଇ ଡ଼ାକ୍ତର ମହାନ୍ତି ସନ୍ଧ୍ୟାରେ କଲିକତା ଚାଲିଗଲେ ।

ଆଉ ଦିନେ ସେହିପରି ସକାଳେ ଟେଲିଫୋନ ଆସିଲା ରେଳବାଇ ପୋଲିସ ଥାନାରୁ । ଥାନା ଅଫିସର କହିଲେ ସାର ଆପଣଙ୍କ ବନ୍ଧୁ କହୁଥିବା ଜଣେ ଡ଼ାକ୍ତର ମହାନ୍ତିଙ୍କୁ ସନ୍ଦେହରେ ଥାନାରେ ରଖିଛୁ । ଆମ ଡ଼ିଭିଜନାଲ ମେଡ଼ିକାଲ ଅଫିସର ଡ଼କ୍ଟର ଏସ୍.କେ. ବାନାର୍ଜୀଙ୍କ ସହିତ ସେ ଆସୁଥିଲେ ବାଲେଶ୍ୱର ଆଡୁ । ଡ଼ାକ୍ତର ବାନାର୍ଜୀ କୋଟ ହାଙ୍ଗରରେ ରଖି ବାଥରୁମକୁ ଯାଇଥିଲେ । ଫାଷ୍ଟକ୍ଲାସରେ ଏ ଦୁଇଜଣଙ୍କ ବ୍ୟତୀତ ଅନ୍ୟ କେହି ନଥିଲେ । ଡ଼ାକ୍ତର ବାନାର୍ଜୀ ଖଡ଼ଗପୁରରେ ଓହ୍ଲାଇଲାବେଳେ ପର୍ସ ନପାଇ ଥାନାରେ ଖବର ଦବାରୁ ଡ଼ାକ୍ତର ମହାନ୍ତିଙ୍କୁ ଏଠାକୁ ଆଣିଛୁ ପଚରା ଉଚୁରା କରିବା ପାଇଁ । ଆପଣ କହିଲେ ଛାଡ଼ି ଦେବି । ତାଙ୍କୁ ଛାଡ଼ିଦେବା ପାଇଁ କହିବା ଛଡ଼ା ମୋର ଗତି ନଥିଲା । ତା'ପରେ ଡ଼ାକ୍ତର ବାନାର୍ଜୀଙ୍କ ସହିତ କଥା ହେଲି । ସେ କହିଲେ- ସାର୍ ଆପଣ ଟିକେ ସତର୍କ ହୁଅନ୍ତୁ...

Digitized by srujanika@gmail.com

ଏଇ ଅନ୍ଧ ପ୍ରକୃତରେ ଅନ୍ଧ କି ଚକ୍ଷୁଷ୍ମାନ ମୋ ମନରେ ସନ୍ଦେହ ରହିଛି । ଡ଼ାକ୍ତର ମହାନ୍ତି ସେଦିନ ଆଉ କଲିକତା ନଯାଇ ଖଡ଼ଗପୁରରେ ରହିଗଲେ ତାଙ୍କ ଶିକ୍ଷକଙ୍କ ଘରେ । ସନ୍ଧ୍ୟାରେ ଆମ ଘରକୁ ଆସି କହିଲେ- ମୋତେ ଜାଣିଶୁଣି ହଇରାଣ କରାଯାଉଛି । ମୁଁ ଅପମାନିତ, ଆପଣ ମଧ୍ୟ । ଏହାର ସୁବିଚାର ହେଉ । ଗୀତା କହିଲେ- ଲିଲିଆନଙ୍କୁ ନେଇ ଆସ, ସେ ପାଖରେ ରହିଲେ କେହି ଠକି ପାରିବେ ନାହିଁ । ଡ଼ାକ୍ତର ମହାନ୍ତି କହିଲେ- ବାଥରୁମ ଏଆର କଣ୍ଡିସନିଂ କାମ ଚାଲିଛି । ଲକ୍ଷେଟଙ୍କା କେବଳ ଏଥିରେ ଖର୍ଚ୍ଚ ହୋଇଗଲାଣି । ବାପା ରାଗୁଛନ୍ତି । କିନ୍ତୁ କ'ଣ କରିବି ଭାଉଜ, ବିଦେଶିନୀ ଝିଅକୁ ବାହା ହୋଇଛି ଯେତେବେଳେ ତା'ର ସୁବିଧା ଅସୁବିଧା ପ୍ରତି ଦୃଷ୍ଟି ଦେବା ମୋର ପ୍ରଥମ କର୍ତ୍ତବ୍ୟ । ସେଦିନ ମଧ୍ୟ ବିଦାୟ ନବା ବେଳେ ପଚାଶ ଟଙ୍କା ନେଲେ ଡ଼କ୍ଟର ମହାନ୍ତି ।

ରାତିରେ ଗୀତା କହିଲେ ହଇହେ... ବାଥରୁମ ଏଆର କଣ୍ଡିସନ କରାଯାଏ ? ମୁଁ କହିଲି- ମୁଁ ବି ସେୟା ଭାବୁଥିଲି ।

ସେ କହିଲେ ମୋତେ କେମିତି କେମିତି ଲାଗୁଛି । ତମେ କଲିକତା ଯାଇ ବୁଝନ୍ତନି... ।

ତା' ପରଦିନ ମୁଁ ସକାଳେ କଲିକତା ଗଲି କାମରେ । କାମ ସାରି ଫୋନ କଲି ଯାଦବପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ । ସେ ମହାଶୟ ସବୁ ଶୁଣି କହିଲେ ଡ଼ାକ୍ତର ଏସ. କେ. ମହାନ୍ତି ନାମରେ କୌଣସି ଅନ୍ଧ ପ୍ରଫେସର ବା ଷ୍ଟାଫ ନାହାନ୍ତି ଏଠାରେ, କେବେ ମଧ୍ୟ ନଥିଲେ । ମୁଁ କଲିକତାଠାରୁ ଫେରି ଆସିଲି ସନ୍ଧ୍ୟାରେ ।

ଗୀତା ପଚାରିଲେ- କିଛି ସନ୍ଧାନ ପାଇଲ ? ମୁଁ କହିଲି- ହଁ ସେପରି କେହି ନାହାନ୍ତି । ସେ କହିଲେ- ତା' ହେଲେ ଏତେଦିନ ଯାଏ ସିଏ ଠକିଲା ଆମକୁ... । ମୁଁ ନିର୍ଲିପ୍ତ ପରି କହିଲି- ମୋ ଭାଗ୍ୟରେ ସେୟା ଲେଖାଥିଲା ବୋଧହୁଏ ।

ଆଉ ଦୁଇ ବରଷ ଦେଖା ନାହିଁ ଡ଼ାକ୍ତର ମହାନ୍ତିଙ୍କ । ଦିନେ ଗୀତା ଓ ମୁଁ ଟାଟାନଗର ଷ୍ଟେସନର ପ୍ରଥମ ଶ୍ରେଣୀ ପ୍ରତୀକ୍ଷାଳୟରେ ବସିଥାଉ ଗାଡ଼ି ଅପେକ୍ଷାରେ । ଗୈରିକ ବସନ ପରିଧାନ କରିଥିବା, ହରିଣ ଛାଲ ଓ କମଣ୍ଡଳୁ ଧରିଥିବା ଜଣେ ବ୍ୟକ୍ତିକୁ ଦେଖି ଗୀତା କହିଲେ- ଚିହ୍ନି ପାରୁଛ... ଆମ ଅନ୍ଧ ମହାନ୍ତି ପରି ଜଣାପଡ଼ୁଛନ୍ତି । ମୁଁ ତାଙ୍କୁ ଚାହିଁ ଅବାକ୍ ହୋଇଗଲି । ସେଇ ତ । ସେତେବେଳକୁ ତାଙ୍କ ସୁଟକେଶ କିଏ ନେଇଗଲା ବୋଲି ସେ ଅଣ୍ଡାଳୁଥାନ୍ତି ଚତୁର୍ଦ୍ଦିଗ । ପାଖରେ ବସିଥିବା ବ୍ୟବସାୟୀ କହିଲେ ସ୍ୱାମୀଜୀ, ଆପ ବୈଠିୟେ, ଯୋ ଚଲାଗିଆ ଓ୍ୱ ନହିଁ ମିଲେଗା... ଆପକା ପ୍ରବନ୍ଧ ମେଁ କରୁଗାଁ । ବ୍ୟବସାୟୀଙ୍କ ସହିତ ସ୍ୱାମୀଜୀଙ୍କ କଥାଭାଷା ଚାଲିଥିବା ବେଳେ ଗୀତା କହିଲେ କହି ବଉନ କାହିଁକି ଯେ ଏଇ ଅନ୍ଧ ନୁହେଁ କି ସନ୍ୟାସୀ ନୁହେଁ, ଏଇ ଠକ । ମୁଁ କହିଲି- ମୁଁ ଗୋଟେ ଭୁଲ ଶପଥ ଦିନେ

Digitized by srujanika@gmail.com

ନେଇଥିଲି ଯେ ଓଡ଼ିଆ ମାନଙ୍କୁ ଅଥାସାଧ ସାହାଯ୍ୟ କରିବି । ଏଇ ସ୍ୱାମୀଜୀ ଠକ ହେଲେ ବି ଓଡ଼ିଆ ଯେ... । ସ୍ୱାମୀଜୀ ଟାଟା-ପାଟନା ଏକ୍ସପ୍ରେସରେ ଚାଲିଯିବା ପରେ ତାଙ୍କ ପାଇଁ ଟିକଟ ଓ ଜଳଖିଆ କିଣିଥିବା ବ୍ୟବସାୟୀଙ୍କୁ ମୁଁ କହିଲି- ଆପ ଠକ୍ ଗଯେ । ଓ୍ୱହ ସ୍ୱାମୀଜୀ ନହିଁ ଥା କି ଅନ୍ଧ ବି ନହିଁ ଥା । ସେ ଆକାଶରୁ ପଡ଼ିବା ପରି କହିଲେ- ତା' ହେଲେ ମୋର ତିନିଶହ ଟଙ୍କା ଗଲା... ଆପଣ ଆଗରୁ କହିଲେ ନାହିଁ ?

ଏହାର ଠିକ୍ ତିନିବର୍ଷ ପରେ ଦିନେ ଭୁବନେଶ୍ୱର ଷ୍ଟେସନ ଉପରକୁ ଉଠିଯିବା ବେଳେ ମୋ ଦୃଷ୍ଟିପଡ଼ିଲା ଇନକ୍ୱାରୀ କାଉଣ୍ଟର ଆଗରେ ଠିଆ ହୋଇଥିବା ଜଣେ ସନ୍ୟାସୀଙ୍କ ଉପରେ । ଗୈରିକ ବସନ ପରିହିତ ହରିଣ ଛାଲ ଓ କମଣ୍ଡଳୁ ହାତରେ ଧରି ଛିଡ଼ା ହୋଇଥିଲେ ଡ଼ାକ୍ତର ଏସ.କେ. ମହାନ୍ତି । ସେ ମୋତେ ବୋଧହୁଏ ଆଗେ ଦେଖିଥିଲେ, କାରଣ ଭିଡ଼ ଠେଲି ମୁଁ ପହଁଚିବା ବେଳକୁ ସେ ଅନ୍ତର୍ଦ୍ଧାନ ହୋଇଗଲେ । ଜଣେ କେହି କହିଲେ ଆଜ୍ଞା, ସିଏତ ଦୌଡ଼ିବା ପରି ସେଇବାଟେ ଚାଲିଗଲେ ।

ସେଇଦିନୁ ଅନ୍ଧ ଡ଼କ୍ଟର ସୁଧାଂଶୁ କୁମାର ମହାନ୍ତି ଏମ.ଏ., ପି.ଏଚ୍.ଡ଼ି. ବାର-ଆଟ ଲ' ଓରଫ ସ୍ୱାମୀ ଚିନ୍ମୟାନନ୍ଦଙ୍କୁ ଖୋଜୁଛି ମୁଁ... ତାଙ୍କ ଭାଗ୍ୟକଲ ଆଉ ଭେଟ ହେଉନି । ଶୁଣୁଛି ସେ ଋଷିକେଶରେ ନିରାପଦରେ ଅଛନ୍ତି ।

Digitized by srujanika@gmail.com

ବେଳ ଅବେଳ

୧୯୬୬ ମସିହା । ବଦଳି ହୋଇ ନାଗପୁରରେ ଯେଉଁଦିନ ଆସି ପହଞ୍ଚିଲି ମୋର ଉପରିସ୍ଥ ଡ଼ିଭିଜନାଲ ସୁପରିଟେଣ୍ଡେଣ୍ଟ୍ ଏମ.ଆର୍. ମାଲ୍‌ହାନ ମୋତେ ସ୍ୱାଗତ କରି କହିଲେ- ଦେଖିଲ, ପୃଥିବୀ ଯେ ଗୋଲ ତାହା କେତେ ସହଜରେ ପ୍ରମାଣ ହୋଇଗଲା । ତାଙ୍କ ଅଧିନରେ କାମ କରିବା ପାଇଁ ସୁଯୋଗ ପାଇଥିବାରୁ ମୁଁ ମଧ ଖୁସିହେଲି । ମାଲ୍‌ହାନ ସାହେବ ପଂଜାବର ଲୋକ୍, ବପୁବନ୍ତ ଚେହେରା; କିନ୍ତୁ ଅଳ୍ପଦିନ ମଧରେ ଜାଣିଗଲି ଯେ ଦେଖିବାକୁ ସିନା ସେ ସୁପୁରୁଷ, କିନ୍ତୁ ଭିତରେ ସୁପୁରୁଷର ସାହସ ନାହିଁକି ବିଶ୍ୱାସ ନାହିଁ । ଡିଭିଜନର ଚଳାଚଳ ଦାୟିତ୍ୱ ମୋର, ତେଣୁ ଅନ୍ୟାନ୍ୟ ଅଫିସରମାନଙ୍କ ଅପେକ୍ଷା ମୋ ପଦର ଗୁରୁତ୍ୱ ବେଶି । ସବୁ ବିଭାଗର ସକ୍ରିୟ ସହଯୋଗ ବିନା ଦାୟିତ୍ୱ ସୁଚାରୁ ରୂପେ ସଂପାଦନା କରିବାର ଆଶା କ୍ଷୀଣ । ତେଣୁ ଡିଭିଜନାଲ ସୁପରିଟେଣ୍ଡେଣ୍ଟଙ୍କୁ କହିଲି ଯେ, ସେ ଯଦି ଭଲ ଫଳ ଚାହାନ୍ତି ମୋତେ ଅକୁଣ୍ଠ ସାହାଯ୍ୟ ମିଳିବା ଉଚିତ । ସେ ହଁ କି ନା ସ୍ପଷ୍ଟଭାବେ କିଛି ନକହି ହସିଦେଲେ ଏବଂ ଚା' ଆଣିବା ପାଇଁ ପିଅନକୁ କହିଲେ । ଅଫିସରେ ଅତି କମ୍‌ରେ ଆଠ/ଦଶଥର ଚା' ପିଇବା ଅଭ୍ୟାସ ତାଙ୍କର । ମୁଁ ଏପର୍ଯ୍ୟନ୍ତ ଚା' ପିଉ ନଥିଲି, କିନ୍ତୁ ତାଙ୍କ ଚେୟରକୁ ଯେତେଥର ଯାଉଥିଲି ସେ ଚା' ଯାଚୁଥିଲେ । ଥରେ ଅଧେ ମନା ବି କଲି, ସେ କିନ୍ତୁ ତାହା ନଶୁଣି କହିଲେ- ଚା' ନପିଇଲେ ତମେ ଏ ଗୁରୁତ୍ୱ ସମ୍ଭାଳିବ କିପରି ?

ମାଲ୍‌ହାନ ସାହେବ ଭୟାଳୁ । ସେ ମଧ କାହାକୁ ପୁରା ବିଶ୍ୱାସ କରିପାରନ୍ତି ନାହିଁ । କିନ୍ତୁ ତାଙ୍କର ଭଲଗୁଣ ହେଲା ଯେ ସେ ସରକାରଙ୍କ ପ୍ରତି ପ୍ରତିଶତ ଶହେ ଅନୁଗତ । ଚାକିରିରେ ଯାହା କରିବା କଥା ସେତକ କରିବା ଛଡ଼ା ଆଉରି ବେଶି କିଛି ବି କରିବା ପରି ଦେଖାଯାଉଥିଲେ । ସେତେବେଳେ ପଶ୍ଚିମବଙ୍ଗରେ ବାମପ୍ରନ୍ଥର ମିଳିତ ସରକାର । ଖଡ଼୍‌ଗପୁର ଓ ହାଉଡା ମଧରେ ସ୍ଥାନୀୟ ସମସ୍ୟାର ସମାଧାନ ଦାବିକରି ମଧେ ମଧେ ଆନ୍ଦୋଳନ ହେଉଥିଲା । ବର୍ତ୍ତମାନର କମ୍ୟୁନିଷ୍ଟ ଦଳର ପାର୍ଲାମେଣ୍ଟ ସଦସ୍ୟା ଶ୍ରୀମତୀ ଗୀତା ମୁଖାର୍ଜୀଙ୍କର ସେ ଅଞ୍ଚଳରେ ଅଖଣ୍ଡ ପ୍ରତାପ । ତାଙ୍କ ଦଳର ବିଶିଷ୍ଟ ନେତା ବିଶ୍ୱନାଥ ମୁଖାର୍ଜୀ ତାଙ୍କ ସ୍ୱାମୀ । ପଶ୍ଚିମବଙ୍ଗ ବାମପ୍ରନ୍ଥର ମିଳିତ ସରକାରର ମୁଖ୍ୟମନ୍ତ୍ରୀ ଅଜୟ ମୁଖାର୍ଜୀଙ୍କ ସାନଭାଇ । ଫରୱାର୍ଡ ବ୍ଲକର ପ୍ରଭାବ ମଧ

Digitized by srujanika@gmail.com

ବେଶ୍ ଥିଲା କେତୋଟି ସ୍ଥାନରେ । ତେଣୁ ବିଭିନ୍ନ ଦାବି ହାସଲ କରିବା ପାଇଁ ସ୍ଥାନୀୟ ଲୋକେ ସାମାନ୍ୟ କାରଣରେ ରେଳ ଚଳାଚଳ ବନ୍ଦ କରି ଦେଉଥିଲେ ।

ଥରେ ମାଲ୍‌ହାନ ସାହେବ କଲିକତା ହେଡ ଅଫିସ୍‌ରେ ମୁଖ୍ୟ ଅଫିସରମାନଙ୍କର ମାସିକ ବୈଠକରେ ଯୋଗଦେବା ପାଇଁ ଯାଉଥାନ୍ତି । ବମ୍ବେ ମେଲ୍‌ରେ ତାଙ୍କ ସେଲୁନ୍ ଯୋଡାଯାଇଥିଲା । ଖଡଗପୁର ପାର ହୋଇ କିନ୍ତୁ ଗାଡି ରହି ରହି ଯାଇ ଶେଷରେ ବାଗନାନଠାରେ ଅଟକି ଗଲା । ରେଳ ଲାଇନ ଉପରେ ହଜାର ହଜାର ଲୋକ ବସି ରହି ଗାଡ଼ି ଚଳାଚଳ ବନ୍ଦ କରିଦେଇଥିଲେ । ମାଲ୍‌ହାନ ସାହେବ ଠିକ୍ ସମୟରେ ମିଟିଂରେ ନ ପହଞ୍ଚିବାରୁ ତାଙ୍କ ନ ଯିବାର କାରଣ ମୋତେ ପଚାରିବାରୁ ମୁଁ କହିଲି ଯେ ସେ ଯାଇଛନ୍ତି ଯେ, ବାଗନାନରେ ଅଟକି ଯାଇଛନ୍ତି ।

ଆଉ ସେ ବିଷୟରେ କେହି ଆଗ୍ରହ ଦେଖାଇଲେ ନାହିଁ । ବାଗନାନରେ କିନ୍ତୁ ସେଲୁନ୍‌ରୁ ଓହ୍ଲାଇ ଲାଇନ କଡେ କଡେ ଚାଲିଲେ ମାଲ୍‌ହାନ ସାହେବ । କେତୋଟି ଷ୍ଟେସନ ପାର ହେବା ପରେ କେନାଲ ପଡ଼ିଲା । ଏହି କେନାଲ ଭାଗୀରଥି ନଦୀ ସହିତ ସଂଯୁକ୍ତ । ସେ ଡଙ୍ଗାରେ ଚଢ଼ି ନଦୀ ପାର ହୋଇ କଲିକତାରେ ପହଞ୍ଚିଲା ବେଳକୁ ମଧ୍ୟାହ୍ନ ଗଡ଼ିବା ଉପରେ । ମଧ୍ୟାହ୍ନ ଭୋଜନ ପରେ ଯେତେବେଳେ ମୁଖ୍ୟ ଅଫିସରମାନେ ପୁଣି ଏକତ୍ରିତ ହେଲେ ସମ୍ମିଳନୀ କକ୍ଷରେ ଜେନେରାଲ ମ୍ୟାନେଜର ମାଲ୍‌ହାନଙ୍କୁ ଦେଖି କହିଲେ- ଏବେ ବି ସତ୍ୟାଗ୍ରହ ଚାଲିଛି । ତମେ ଆସିଲ କିପରି ? ମାଲ୍‌ହାନ ସାହେବ ବାଗନାନରୁ କିଛି ବାଟ ପାଦରେ, ତା'ପରେ ଡଙ୍ଗାରେ କେନାଲ ଓ ପରେ ନଦୀ ପାରହୋଇ କିପରି କଲିକତାରେ ପହଞ୍ଚିଲେ ତାର ରୋମାଞ୍ଚକର କାହାଣୀ ବର୍ଣ୍ଣନା କଲେ । ଜେନେରାଲ ମ୍ୟାନେଜର ବିଖ୍ୟାତ ଗଣିତଜ୍ଞ ଜଗଜିତ୍ ସିଂ କହିଲେ- ଏହାକୁ କହନ୍ତି ରୟାଲଇୟାଲିଟି- ରାଜକୀୟ ଆନୁଗତ୍ୟ । ଏପରି କର୍ତ୍ତବ୍ୟ ପରାୟଣତା ଅନୁକରଣୀୟ । କିନ୍ତୁ ଏହା ସହିତ ସମସ୍ତଙ୍କୁ ସାବଧାନ କରାଇ ଦେଇ କହିଲେ ଯେ, ଡଙ୍ଗାରେ କେନାଲ ପାର ହେବା ମନେ ରଖିବା ଭଳି ଘଟଣା ନୁହେଁ । କିନ୍ତୁ ଗୋଟେ ଛୋଟ ଡଙ୍ଗାରେ ଭାଗୀରଥି(ଗଙ୍ଗା) ପାରହେବା ନିଶ୍ଚିତ ଭାବେ ଦୁଃସାହସର ପରିଚୟ ଦିଏ । କଲିକତାରୁ ଫେରି ମାଲ୍‌ହାନ ଯେତେବେଳେ ଏହି କାହାଣୀ କହିଲେ ମୋ ମୁହଁରୁ ହଠାତ୍ ବାହରିଗଲା- ଚାକିରି ଯେ ଜୀବନଠାରୁ ବି ବଡ଼ ତାହା ଆପଣ ପ୍ରମାଣ କରିଦେଲେ ସାର୍ । ସେ ମୁରୁକି ହସି କହିଲେ- ଗୋପନୀୟ ଚରିତ୍ର ପଞ୍ଜି ଲେଖିଲା ବେଳେ ଏପରି ଘଟଣା ଉପରିସ୍ଥ ଭୁଲିଯାଇ ପାରିବେ ନାହିଁ, ଏହା ନିଶ୍ଚିତ ଭାବେ କହିପାରେ ?

ଅଳ୍ପ କେତେମାସ ପରେ ମାଲ୍‌ହାନ ଫେରୁଥିଲେ କଲିକତାରୁ ସେଇ ବମ୍ବେ ମେଲର ଶୀତତାପ ନିୟନ୍ତ୍ରିତ ପ୍ରଥମ ଶ୍ରେଣୀ ଡବାରେ । ଡବାର ସହାୟକ କର୍ମଚାରୀର କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ସେ କର୍ମଚାରୀର ଉପରିସ୍ଥ ଅଫିସର ବମ୍ବେ ଡିଭିଜନର ସୁପରିଟେଣ୍ଡେଣ୍ଟଙ୍କ ନିକଟକୁ ଚିଠି ଲେଖିଲେ ମାଲ୍‌ହାନ । ସେଥିରେ କର୍ମଚାରୀର ଅପାରଗତା ଓ କର୍ତ୍ତବ୍ୟରେ ଆଗ୍ରହହୀନତା ସଂପର୍କରେ ଉଲ୍ଲେଖ ଥିଲା । ଏ ଚଠି ବିଭାଗୀୟ ଅଫିସରଙ୍କ

Digitized by srujanika@gmail.com

ପାଖକୁ ଗଲା; ସେ ତାଙ୍କୁ ପଠାଇ ଦେଲେ କର୍ମଚାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ । ଚାର୍ଜସିଟ ପାଇବା ମାତ୍ରେ ମାଲ୍‌ହାନ ସାହେବଙ୍କ ଚିଠି ଯେ ମାନହାନି ସୂଚକ ଏହି ଅଭିଯୋଗ କରି ଅଦାଲତର ଆଶ୍ରୟ ନେଲେ ସେଇ କର୍ମଚାରୀ । କେସ୍ ଚାଲିଲା । ମାଲ୍‌ହାନ ଅଦାଲତର ସମନ ପାଇ ମୋତେ ଡାକି ପଠାଇଲେ । ସେ କେମିତି ଜାଣିଗଲେ ଯେ ମୁଁ ଆଇନ ଡିଗ୍ରୀ ପାସ୍ କରିଛି; ତେଣୁ ଆଇନ ଦୃଷ୍ଟିରୁ ପରାମର୍ଶ ନେବା ପାଇଁ ଇଚ୍ଛା କଲାରୁ ମୁଁ କହିଲି- ଏଇଟା ମାନହାନି ସୂଚକ ନୁହେଁ, ଆପଣ ଉପରିସ୍ଥ ଅଫିସର, ଯାତ୍ରୀମାନଙ୍କ ସ୍ୱାର୍ଥ ଲାଗି ଆପଣ ଏହା ଲେଖିଛନ୍ତି । କିନ୍ତୁ ମାଲ୍‌ହାନ ଅଧିକ ବିଶ୍ୱାସ କରୁଥିବା ଆଉ ଜଣେ ଅଫିସର ସୁରଜିତ ବିଶ୍ୱାସ ବିଷୟଟିର ଗୁରୁତ୍ୱ ଦର୍ଶାଇ କହିଲେ ଯେ ଚିଠିର ଅର୍ଥ ଅନ୍ୟପ୍ରକାର । ମାନହାନି ମୋକଦ୍ଦମା ଯଦି ପ୍ରମାଣିତ ହୁଏ ? ମୁଁ କହିଲି- ତା'ହେଲେ ତିନିମାସ ଜେଲ ବା ପାଞ୍ଚଶହଟଙ୍କା ଜୋରିମାନା ବା ଉଭୟ । ମାଲ୍‌ହାନ ସାହେବ ଏହା ଶୁଣି ଏତେ ମ୍ରିୟମାଣ ହୋଇଗଲେ ଯେ କେତେଦିନ ଭଲଭାବେ ଖିଆପିଆ କଲେ ନାହିଁ ମୋ ମନ୍ତବ୍ୟ ଶୁଣି ସେ ଭୟଭୀତ ହୋଇଥିବାରୁ ମୁଁ ମଧ ଅପରାଧୀ ବୋଲି ଭାବୁଥାଏ । କିନ୍ତୁ ଶେଷରେ ମୋ ମତ ସାବ୍ୟସ୍ତ ହେଲା, ମାଲ୍‌ହାନ ଯେ ମାନହାନି ଅପରାଧ କରିନାହାନ୍ତି ଏହା ମନ୍ତବ୍ୟ ଦେଇ ଅଦାଲତ କେସ୍ ଡ଼ିସ୍‌ମିସ୍ କରିଦେଲେ । ସେ ଖବର ଶୁଣିବା ପରେ ମାଲହାନ କିନ୍ତୁ କହିଲେ- ତମେ ଠିକ୍ କହିଥିଲ, ସୁରଜିତ ମୋତେ ଭୟ ଦେଖାଇ ଦେଇଥିଲା ।

ଅଳ୍ପଦିନ ପରେ ମୁଁ ଗୋଟେ ଅସ୍ୱାଭାବିକ ଘଟଣାର ସମ୍ମୁଖୀନ ହେଲି । ନାଗପୁର ଅଞ୍ଚଳ କମଳା, ଲେମ୍ବୁ ପାଇଁ ଭାରତ ବିଖ୍ୟାତ । ନଭେମ୍ବରରୁ କମଳା ଆମଦାନୀ ହୁଏ । ମଫସଲ ଅଞ୍ଚଳରୁ ଟ୍ରକ ଓ ଶଗଡ଼ରେ ନାଗପୁର ମଣ୍ଡିକୁ ଆସେ, ସେଠାରୁ ଝୁଡ଼ିରେ ଭର୍ତ୍ତିକରି ରେଳ ବା ଟ୍ରକ ଯୋଗେ ବିଭିନ୍ନ ସ୍ଥାନକୁ ପଠାଯାଏ । ଏହା ଏକ ଲାଭଜନକ ବ୍ୟବସାୟ ଏବଂ ଏ ନଭେମ୍ବରଠାରୁ ଏପ୍ରିଲ ମାସ ମଧ୍ୟରେ ଲକ୍ଷଲକ୍ଷ ଟଙ୍କା ଉପାର୍ଜନ କରନ୍ତି ଫଳ ବ୍ୟବସାୟୀମାନେ । ତେଣୁ ଅଗ୍ରାଧିକାର ଭିତ୍ତିରେ ରେଳଡ଼ବା ପାଇବା ପ୍ରତିଯୋଗିତା ଚାଲେ ଅଫିସର ଓ କର୍ମଚାରୀମାନଙ୍କର ହାତ ଚିକ୍କଣ କରିବା ପାଇଁ ସେମାନେ ବିବିଧ ପ୍ରକାର ଉପାୟ ଅବଲମ୍ବନ କରନ୍ତି । ଦୁଇ ତିନିଜଣ ବ୍ୟବସାୟୀଙ୍କୁ ଆଗୁଆ ଡ଼ବା ଯୋଗାଇ ଦେବା ପାଇଁ ମୁଁ ରାଜି ନ ହେବାରୁ ସେମାନେ ଅସନ୍ତୁଷ୍ଟ ହେଲେ । ସେମାନଙ୍କର କୌଣସି ପ୍ରଲୋଭନ ମୋତେ ଆକର୍ଷିତ ନ କରିବାରୁ ଦେଖି ନେବେ ବୋଲି ଧମକ ବି ଦେଲେ । ମୁଁ ଏ ଧମକ ଖୁବ୍ ଶୀଘ୍ର ଭୁଲିଗଲି । ଦିନେ ରାତିର ଘଟଣା । ରାତି ତିନିଟା ବାଜିବ ପ୍ରାୟ । ମୁଁ ଘରେ ନଥିଲି ଯାଇଥିଲି ଗସ୍ତରେ । ବଙ୍ଗଳାର କଲିଂବେଲ ବାଜିଲା । ଏତେ ରାତିରେ କିଏ ଆସିଲେ ବୋଲି ଦେଖିବା ପାଇଁ ଚୌକିଦାରକୁ କହିଲେ ଗୀତା । ତାହାରିଠାରୁ ମୁଁ ନଥିବା ଖବର ପାଇ ମୋଟର ସାଇକେଲରେ ଆସିଥିବା ଦୁଇଜଣ ବ୍ୟକ୍ତି ଫେରିଗଲେ । ସେମାନେ ଜରୁରୀ କାର୍ଯ୍ୟରେ ଆସିଥିବାର ଚୌକିଦାର କହିଲା । ଏହା ଏକ ସାଧାରଣ ଘଟଣା । ମୁଁ ଭୁଲିଗଲି । କେହି ଆସିଥିବେ ଭାବି ଆଉ କିଛି କଲିନାହିଁ । କିନ୍ତୁ ଏହାର ଦଶ ବାରଦିନ ପରେ ଗୀତା

Digitized by srujanika@gmail.com

ପିଲାମାନଙ୍କୁ ନେଇ ବାରିପଦା ଯାଇଥିବା ସମୟରେ ସେହିପରି ପାହାନ୍ତା ରାତିରେ କେହିଜଣେ କଲିଂବେଲ୍ ଟିପିଲା- ଧୀରେ ନୁହେଁ ଲାଗି ଲାଗି ତିନିଥର । ମୋ ସାନଝିଅ ସୁଚେତା କେବଳ ଥିଲା ମୋ ପାଖରେ । ବାହାରେ ଚୌକିଦାର ଶୋଇଥିଲା । ମୁଁ ଝରକା ଦେଇ ବାହାରକୁ ଚାହିଁ ପଚାରିଲି- କିଏ ସେ ? ପେଣ୍ଟ ଓ ହାଓ୍ବାଇ ସାର୍ଟ ପିନ୍ଧିଥିବା ଲୋକ ବିପରୀତ ଦିଗକୁ ମୁଁହକରି କହିଲା- 'ଅତି ଜରୁରୀ କାର୍ଯ୍ୟ ଅଛି... କବାଟ ଖୋଲ' । ସେ ସେଇକଥା ଦୋହରାଇଲା । ସାଧାରଣତଃ ମୁଁ ପ୍ରତ୍ୟୁତ୍ପନ୍ନମତି ନୁହେଁ, କିନ୍ତୁ ହଠାତ୍ କାହିଁକି ପୂର୍ବ ଘଟଣା ମନେ ପଡ଼ିଯିବାରୁ ମୁଁ କହିଲି- ଏତେ ରାତିରେ କ'ଣ ଜରୁରୀ କାମ...ତମେ କିଏସେ ? ସେ କେବଳ କହିଲା- 'ଜଲଦି ଖୋଲ ଜଲଦି...'

ମୁଁ ହଠାତ୍ କହିଲି- 'ମୋ ବନ୍ଧୁକଟା ଦିଅତ... କିଏ ଆସିଛି ମୁଁ ଦେଖେ... । ମୁଁ ଏଇ ପଦକ ଏତେ ଜୋରରେ କହିଲି ଯେ, ସେଇ ଲୋକ ହଠାତ୍ ଦୌଡ଼ି ପଳାଇଥିବା ପରି ମନେ ହେଲା ଏବଂ ଆଖିପିଛୁଳା ପଡ଼ିଛି କି ନାହିଁ ମୋଟରେ ସାଇକେଲ ଗେଟଦେଇ ବାହାରିଯିବାର ଶବ୍ଦ ଭାସି ଆସିଲା । ସେତେବେଳକୁ ଚୌକିଦାର ଉଠିସାରିଥାଏ । ସେ କହିଲା- 'ସାର ତିନି ଜଣ ଆସିଥିଲେ ମଟୋରସାଇକେଲରେ ପଳାଇଗଲେ ।' ସକାଳ ହେବା ପରେ ମୁଁ ମାଇହାନଙ୍କୁ ଏକଥା କହିଲି । ସେ କହିଲେ, କାହାକୁ କିଛି ନକହି ଚୁପ୍ ରହିବା ଭଲ । ଶତ୍ରୁ ସୃଷ୍ଟି କରି ଲାଭ କ'ଣ ? ମୋ ମନ କିନ୍ତୁ ମାନିଲା ନାହିଁ । ମୁଁ ଏଗାରଟା ବେଳେ ପୁଲିସ୍ ସୁପରିଟେଣ୍ଡେଣ୍ଟ ଖଣ୍ଡେକରଙ୍କୁ ଭେଟିଲି । ସବୁ ଶୁଣି ସେ କହିଲେ- କବାଟ ନଖୋଲି ଭଲ କରିଛନ୍ତି ଆପଣ... ସେମାନେ ସବୁକିଛି କରିବା ପାଇଁ ପ୍ରସ୍ତୁତ ହୋଇ ଆସିଥିବା ପରି ଜଣା ପଡୁଛି । ମୁଁ କହିଲି- କିନ୍ତୁ ସେମାନେ କିଏ ? ଉଦ୍ଦେଶ୍ୟ କଣ ? ସେ ସ୍ମିତହାସ୍ୟ କରି କହିଲେ- ସେଇ କମଳା ବ୍ୟବସାୟୀ... ଆପଣ ମଦ, ମହିଳା ବା ଅର୍ଥ କୌଣସିଟାରେ ରାଜି ନହେବାରୁ ଦେଖି ଶାରୀରିକ କ୍ଷତି ବା ଗୁଳି କରିବା ପାଇଁ ଆସିଥିଲେ... ସାବଧାନ ରହିବା ଭଲ । ସେହି ରାତିରୁ ସାଦାପୋଷାକରେ ଜଣେ ପୁଲିସ କର୍ମଚାରୀ ବଙ୍ଗଳା ଚାରିପାଖେ ବୁଲୁଥିବାର ଦେଖିଲି ମୁଁ ।

ପରେ ମୁଁ ଶୁଣିଲି ଯେ ସେମାନେ ଅଫିସରଙ୍କୁ ପ୍ରଲୋଭିତ ବା ଭୟଭୀତ କରାଇ କାମ ଆଦାୟ କରନ୍ତି । ମାଇହାନ୍ ସାହେବ କିନ୍ତୁ କହିଲେ ଏତେ ନିୟମ, ବିଧିବିଧାନ ଜଗି ଚଳିଲେ ମାଲ ପରିବହନ କରିପାରିବ ନାହିଁ । କୌଶଳ କରି, ଚାକିରି ବଜାୟ କିପରି କରିପାରିବ... କର । ମୁଁ କହିଲି- ଏ କାମ ମୋଦେଇ ହେବ ନାହିଁ... ଆଉ ଯଦି ମୋ ଭାଗ୍ୟରେ ଥାଏ ସେମାନଙ୍କ ଗୁଳିରେ ମରିବା ପାଇଁ ତେବେ ସେ ସବୁ କେହି ରକ୍ଷା କରି ପାରିବେ ନାହିଁ । କିନ୍ତୁ ନିୟମ ଭାଂଗି ବେନିୟମ କାର୍ଯ୍ୟ ମୋ ଦେଇ ହେବ ନାହିଁ ।

Digitized by srujanika@gmail.com

କେତେ ଅଜଣାରେ

ବଙ୍ଗଳା ଉପନ୍ୟାସ ଲେଖକ ଶଙ୍କରଙ୍କ ଦ୍ୱାରା ଲିଖିତ ଏଇ ନାମରେ ଗୋଟିଏ ବଙ୍ଗଳା ଉପନ୍ୟାସ ବହୁବର୍ଷ ପୂର୍ବେ ପଢ଼ିଥିଲି । ସେତେବେଳେ ମୁଁ ତାଙ୍କୁ ଜାଣି ନଥିଲି । କିନ୍ତୁ ଗତ କେତେବର୍ଷ ଧରି ସେ ମୋର ବିଶିଷ୍ଟ ବନ୍ଧୁ । ତାଙ୍କ ସହିତ ପ୍ରଥମ ପରିଚୟ ହେଲା ଦିନ ମୁଁ ତାଙ୍କୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲି ଏଇ ଉପନ୍ୟାସ 'କତ ଅଜାନାରେ' ପାଇଁ । ମଣିଷ ଚରିତ୍ରର ବହୁଦିଗ ଓ ତାର ମାନସିକତାର ବୈଚିତ୍ର୍ୟ ସବୁ ଅଙ୍କିତ ହୋଇଛି ଏଇ ଉପନ୍ୟାସରେ । ମୋର ଦୀର୍ଘ ଚାକିରି ଜୀବନରେ ମୁଁ ବି ସେହିପରି ବହୁ ଚରିତ୍ର ଓ ବୈଚିତ୍ର୍ୟଭରା ଘଟଣାବଳୀର ସମ୍ମୁଖୀନ ହୋଇଚି ଯାହା କହିଲେ ସରିବ ନାହିଁ, କିନ୍ତୁ ସେଥିରୁ କେତୋଟି ଲିପିବଦ୍ଧ ନ କଲେ ମଣିଷ କିପରି ଠକେ ବା ଠକାଇ ପାରେ ତାହା ମଧ ଚିରକାଳ ଅନ୍ଧକାର ଭିତରେ ରହିଯିବ ।

ମୁଁ ସେତେବେଳେ ନାଗପୁରରେ ଥାଏ । ୧୯୬୮ ମସିହାର ଘଟଣା । ମୋର ସହକାରୀ ଚଳାଚଳ ଅଫିସର ଥିଲେ ମହେଶ ଚନ୍ଦ୍ର କର୍ଦ୍ଦମ । ଅଗ୍ରା ନିକଟରେ ତାଙ୍କ ଆଦିନିବାସ । ଅତି ସରଳ ଓ ଅମାୟିକ ବ୍ୟକ୍ତି । ତାଙ୍କ ସ୍ତ୍ରୀ ସୀତା ପୃଥୁଳାକାୟା । କିନ୍ତୁ ବେଶ ପ୍ରଗଲ୍‌ଭା ଓ ହାସ୍ୟ ପରାୟଣା । ମହେଶ କର୍ଦ୍ଦମ ନାନା କାରଣରୁ ପ୍ରମୋସନ ପାଇବାରେ ବିଳମ୍ବ ହେବାରୁ ଚିନ୍ତିତ ଥିଲେ । ସ୍ୱାମୀଙ୍କ ଚିନ୍ତା ସ୍ତ୍ରୀଙ୍କୁ ମଧ ଘାରୁଥିଲା । ଏବଂ ସେ ସବୁ ସ୍ତ୍ରୀ ମାନଙ୍କ ପରି ସ୍ୱାମୀଙ୍କ ମଙ୍ଗଳ ପାଇଁ ବ୍ରତ ଓଷା ପାଳନ କରୁଥିଲେ । ଦିନେ ସୀତା ବଜାରରୁ କିଣାକିଣି ସାରି ଚାକରକୁ ଘରକୁ ପଠାଇଦେଇ ମାଉଣ୍ଟ ରୋଡ୍‌ରେ ଏକାକୀ ଫେରୁଥିଲେ । ମନ ତାଙ୍କର ଥିଲା ସ୍ୱାମୀପାଖରେ । ଚିନ୍ତା କରୁଥିଲେ ତାଙ୍କ ପ୍ରମୋସନ ବିଷୟରେ । କପାଳ ଉପରେ ଗାର ଗଣି ହୋଇ ଯାଉଥିଲା । ମାଉଣ୍ଟ ରୋଡର ଦୁଇପାଖରେ ବଡ଼ ବଡ଼ କମ୍ପାନୀମାନଙ୍କର ଅଫିସ ଓ କେତେକ ଧନାଢ଼୍ୟ ବ୍ୟକ୍ତିଙ୍କର ବାସଗୃହ । ବାମ ପାଖରେ ଗୋଟିଏ ଅଶ୍ୱତ୍ଥ ଗଛ । ସେଇ ଗଛମୂଳେ ବସିଥିଲେ ଜଣେ ସାଧୁ । ଧ୍ୟାନସ୍ଥ । ହାତରେ ତ୍ରିଶୂଳ, ବେକରେ ରୁଦ୍ରାକ୍ଷ, ମୁଣ୍ଡରେ ଜଟା, ଅଣ୍ଟାରେ କଉପିନ, ହରିଣୀ ଛାଲ ଆସନ, ସାମ୍ନାରେ ପ୍ରଜ୍ୱଳିତ ଧୂନି । ସୀତାଙ୍କର ଦୃଷ୍ଟି ସ୍ୱତଃ ଆକୃଷ୍ଟ ହେଲା ସେଇ ଆଡ଼କୁ । ସାଧୁ

Digitized by srujanika@gmail.com

ମଧ ଜାଣିପାରିଲେ ଏଇ ଆର୍ତ୍ତନାରୀଙ୍କ ବିଷୟରେ, ହଠାତ୍ ଉପରକୁ ତ୍ରିଶୂଳ ଉଠାଇ ସେ କହିଲେ ବମ୍ ବମ୍ ଭୋଲେ... ବମ୍ ବମ୍ ଭୋଲେ... ।

ସୀତା ଦେବୀ ଅଟକି ଗଲେ । ସାଧୁ ତାଙ୍କୁ ସଙ୍କେତ ଦେଲେ ନିକଟକୁ ଆସିବା ପାଇଁ । ସୀତା ଦେବୀ ତାଙ୍କ ପାଖକୁ ଯାଇ ପ୍ରଣାମ କଲେ । ସାଧୁ କହିଲେ- ମୁଁ ସବୁ ଜାଣେ, ତୁମେ ସ୍ୱାମୀଙ୍କ ସମ୍ବନ୍ଧରେ ଚିନ୍ତିତ... ।

ଚମକି ପଡ଼ି ସୀତା ଦେବୀ କହିଲେ- ହଁ ବାବା... ତାଙ୍କର ଖରାପ ସମୟ ଚାଲିଛି ।

ସାଧୁବାବା ସ୍ମିତହାସ୍ୟ କରି କହିଲେ- ମୁଁ ଯାହା ଦେଖିପାରୁଛି ସେତିକି କହୁଚି, ତୁମ ପୁଅର ସମୟ ବି ଭଲ ଯାଉନି... ।

ସୀତା ଦେବୀ ଚକିତ ହେଲେ ସାଧୁବାବାଙ୍କର କ୍ଷମତା ଦେଖି । ତ୍ରିକାଳଜ୍ଞ ପୁରୁଷ ନ ହେଲେ ଏପରି ଖାଣ୍ଟି ସତ କହିପାରିବ ?

ସେ ଭକ୍ତିରେ ଗଦ୍ ଗଦ୍ ହୋଇ କହିଲେ- ବାବା ମୋର ଚିନ୍ତାର କାରଣ ଆପଣ ଜାଣନ୍ତି, ପ୍ରତିକାରର ଉପାୟ ବତାଇ ଦେଲେ ଧନ୍ୟ ହେବି ।

ସାଧୁବାବା ପ୍ରସନ୍ନ ହୋଇ କହିଲେ ଆର୍ତ୍ତ ଓ ଅର୍ଥାର୍ଥୀମାନଙ୍କର ଦୁଃଖ ଦୂର କରିବା ପାଇଁ ସାଧୁସନ୍ଥଙ୍କର ଜନ୍ମ । ସେଥିପାଇଁ ଅବତାର ହୁଅନ୍ତି ଭଗବାନ । ଜୟ ଶିବଶମ୍ଭୁ.... ।

କହୁ କହୁ ସାଧୁବାବା ଧ୍ୟାନସ୍ଥ ହେଲେ । ସୀତାଦେବୀ ନିଷ୍ପଲକ ନୟନରେ ଚାହିଁ ରହିଲେ ତାଙ୍କୁ ।

ଅଳ୍ପ ସମୟ ପରେ ବାବା ସେହିପରି ମୁଦ୍ରିତ ନୟନରେ କହିଲେ- ଉପାୟ ଅଛି ନିଶ୍ଚୟ... ତୋ ହାତରେ ଯେଉଁ ସୁନା ବଳା ଅଛି ତାହା ଅନିଷ୍ଟର କାରଣ... ଆଉ କିଛି ଦିନ ପରେ ତୋ ପତିଙ୍କୁ ବଡ଼ ବିପଦର ସାମନା କରିବାକୁ ପଡ଼ିବ । ସୀତାଦେବୀ କାନ୍ଦି ପକେଇ କହିଲେ- ଉପାୟ କହି ଦିଅନ୍ତୁ ବାବା... ସେ ତ ମୋର ସବୁ... ତାଙ୍କୁ ରକ୍ଷା କରନ୍ତୁ ।

ବାବା ଆଖି ଖୋଲିଲେ ଏବଂ ଯୋଡ଼ାଏ ସୁନାବଳା ଥଳିରୁ ବାହର କରି କହିଲେ- ତୋ' ସୁନାବଳା କାଢ଼ି ମୋତେ ଦେ, ଏଇ ସୁନାବଳା ତୋହାତରେ ଲଗା । ଏଇ ସୁନାବଳା ସଂପୁଟ କରି ରଖିଥିଲି ତୁ ଆସିବୁ ବୋଲି । ଆଉ ଘରକୁ ଫେରିବା   ପରେ ପୂର୍ଣ୍ଣ କୁମ୍ଭ ସ୍ଥାପନ କରିବୁ, ଦୀପଟିଏ ଜାଳିବୁ, ନ ଲିଭେ ଯେପରି । ଆଉ ତିନିଦିନ ଘରଛାଡ଼ି କାହିଁ ଯିବୁନି । ଆମିଷ ଖାଇବୁ ନାହିଁ । ଚତୁର୍ଥ ଦିନ ବ୍ରତ ଉଦ୍‌ଯାପନ କରି ପାଞ୍ଚଜଣଙ୍କୁ ଭୋଜନ କରାଇବୁ ।

ସୀତାଦେବୀ ନିଜ ହାତରେ ସୁନାବଳା କାଢ଼ି ସାଧୁବାବାଙ୍କୁ ଦେଲେ ଏବଂ ସେ ଦେଇଥିବା ସୁନାବଳା ପିନ୍ଧି ଘରକୁ ଫେରି ବ୍ରତ ଆରମ୍ଭ କଲେ । ମହେଶ କର୍ଦ୍ଦମ ଘରେ ନଥିଲେ । ସେ ଗସ୍ତରୁ ଫେରି ସ୍ତ୍ରୀଙ୍କ ଠାରୁ ସବୁ ଶୁଣିଲେ ଏବଂ କହିଲେ- ସୁନାବଳା ଠିକ୍

Digitized by srujanika@gmail.com

ଅଛି ତ... । ସୀତାଦେବୀ ହାତ ବଢ଼ାଇ ଦେଲେ । ମହେଶ କର୍ଦ୍ଦମଙ୍କର ସନ୍ଦେହ ହେଲା । ନୂଆ ସୁନାବଳା ମଇଳା ଦିଶୁଛି କାହିଁକି ? ପ୍ରଶ୍ନ କଲେ ସେ । ସ୍ତ୍ରୀ କହିଲେ ତମେ ଅବିଶ୍ୱାସ କର ବୋଲି ଆମର ଦୁଃଖ... ବିଶ୍ୱାସେ ମିଳଇ ହରି । ତିନିଦିନ କଟିଗଲା, ଚତୁର୍ଥ ଦିନ ବ୍ରତ ଉଦ୍‌ଯାପନ କରି ପାଞ୍ଚଜଣଙ୍କୁ ଭୋଜନ କରାଇଲେ ସୀତାଦେବୀ । ଆମେ ଖାଇସାରି କହିଲୁ, ଏବେ ସୁନାବଳା ଦେଖାଯାଉ... । ସେତେବେଳେ ସୁନାବଳା ମଇଳା ପଡ଼ି ଯାଇଥିଲା ଏବଂ ଏହା ଯେ, ସୁନା ନୁହେଁ ସମସ୍ତେ କହିଲେ । ତଥାପି ବଣିଆ ପାଖକୁ ନିଆଗଲା ପରଖିବା ପାଇଁ । ସେ କହିଲା ଯେ ଏହା ସୁନା ନୁହେଁ, ଦାମ ପାଞ୍ଚଟଙ୍କାରୁ ବେଶି ହେବନି ।

ଆକାଶରୁ ପଡ଼ିଲେ ମହେଶ କର୍ଦ୍ଦମ । କାନ୍ଦି ପକାଇଲେ ସୀତାଦେବୀ । ପୋଲିସକୁ ଖବର ଦିଆଗଲା । ସେତେବେଳକୁ କିନ୍ତୁ ନାଗପୁର ଛାଡ଼ି ଚାଲି ଯାଇଥିଲେ ତ୍ରିକାଳଦର୍ଶୀ ସାଧୁବାବା ।

ଏହାର କେତେମାସ ପରେ ମୁଁ... ଦୁଇମାସ ଛୁଟି ନେଇ ଆସିଲି ଭୁବନେଶ୍ୱର ଘର ତୋଳିବା ପାଇଁ । ସୁଦର୍ଶନ ସାହାଣୀଙ୍କ ଚେଷ୍ଟାରୁ ପ୍ଲଟିଏ ପାଇଥିଲି ଷ୍ଟେସନ ପାଖରେ । ଆଗରୁ କାନ୍ଥ କାମ ସାରିଥିଲି । ବାକି ଥିଲା ଛାତ କାମ । ମୁଁ ଆସିବା ପରେ ଛାତ ପଡ଼ିଲା । ସେଠାରେ ଗୋଦାମ ଘରେ ମୁଁ ଅସ୍ଥାୟୀ ଭାବେ ରହୁଥିଲି । ଦିନେ ଦିନ ଏଗାରଟା ସମୟରେ ପଡୋଶୀ କେ.ଏସ୍. ମହାପାତ୍ର ବାବୁଙ୍କ ସହିତ କଥା ହେଉଥିଲା ବେଳେ ତିନିଜଣ ନାଗା ସନ୍ୟାସୀ ଆବିର୍ଭାବ ହେଲେ ମୋ ଘର ଗେଟ୍ ଆଗରେ । ତିନିଜଣଯାକ ତ୍ରିପଣ୍ଡ କଳା, ଅଣ୍ଟାରେ ଲାଲ ଲୁଗା, ହାତରେ ଚିମୁଟା, ଦେହରେ ଭସ୍ମ । ତିନିହେଁ ସମସ୍ୱରରେ ତ୍ରିଶୂଳ ଉପରକୁ ଟେକି କହି ଉଠିଲେ ବମ୍ ବମ୍ ଭୋଲେ ।

ମୁଁ ନମସ୍କାର କଲି ।

ଜଣେ ସନ୍ୟାସୀ କହିଲେ- ଆମେ ଯିବୁ କପିଳମୁନି ଆଶ୍ରମକୁ । ମାଘ ସପ୍ତମୀ ଦିନ ସାଗରମେଳା । ତୁ କିଛି ଦକ୍ଷିଣା ଦେଲେ ଆମର ଯିବା ସହଜ ହେବ ।

ମୁଁ କହିଲି ବାବା, ମୋ ପାଖରେ ବେଶି ଅର୍ଥ ନାହିଁ, ଏଇ ଟଙ୍କାଏ ନିଅନ୍ତୁ... ସେ ତତ୍‌କ୍ଷଣାତ୍ ସର୍ବଜ୍ଞ ପରି କହିଲେ, ତୁ ମିଛ କହୁଛୁ, ତୋ ପକେଟରେ ଦଶଟଙ୍କାର ନୋଟଟିଏ ଅଛି । ଅଗତ୍ୟା ଆଉ ଥରେ ମିଛ କହିବାକୁ ସାହସ ନ କରି ମୁଁ ଦଶଟଙ୍କାର ନୋଟଟି ବି ତାଙ୍କ ହାତକୁ ବଢ଼ାଇଦେଲି । ତା'ପରେ ସେ ଚିମୁଟା ଉପରକୁ କରି କହିଲେ- ବମ୍ ବମ୍ ଭୋଲେ... । ତୋର ଭଲ ହେବ... ଏବଂ ପରେ ପରେ ହାତ ମୁଠାରୁ ଦୁଧ ବାହାର କରି ମୋତେ ପ୍ରସାଦ ଦେଲେ । ଆଉ ଥରେ ହାତ ଶୂନ୍ୟରେ ହଲାଇ ସିନ୍ଦୁର ଲଗା ବେଲପତ୍ର ଦେଲେ ଏବଂ ତା'ପରେ କହିଲେ- ଏଇ ଘରେ ବେତାଳ ଅଛି, ପ୍ରତିକାର ନ କଲେ ଅନିଷ୍ଟ କରିବ ।

Digitized by srujanika@gmail.com

ମୁଁ ପ୍ରତିକାରର ଉପାୟ ପଚାରନ୍ତେ ସେ କହିଲେ, ଗୋଟିଏ ନୂଆ ନାଲି କନାରେ ପାଞ୍ଚୋଟି କାଗଜି ଲେମ୍ବୁ ବାନ୍ଧି ଅଗ୍ନିକୋଣରେ ଝୁଲାଇ ଦେବୁ ନୂଆ ଘର ଭିତରେ । ସବୁ ଠିକ୍ ହୋଇଯିବ । ପୁଣି ତିନିଥର ବମ୍ ବମ୍ ଭୋଲେ କହି ସେମାନେ ଚାଲିଯିବା ପରେ ମୁଁ ମହାପାତ୍ରବାବୁଙ୍କୁ କହିଲି ଲାଲସାଲୁ କୋଉଠି ମିଳିବ, ଅଜି ଯେ ରବିବାର । ସନ୍ଧ୍ୟାକୁ କିନ୍ତୁ ଭାଟିଆ ଦୋକାନ ଖୋଲିଲା ଏବଂ ଅଧଗଜେ ଲାଲସାଲୁ କିଣି ଆଣି ହାଟରୁ ଆଣିଥିବା ପାଞ୍ଚଟି କାଗଜି ଲେମ୍ବୁ ସେଥିରେ ବାନ୍ଧି ଅଗ୍ନି କୋଣରେ ଲଟକାଇ ଦେଲି ।

ରାତିରେ ଖାଇସାରି ମୁଁ ଶୋଇଥାଏ ।

ହଠାତ୍ ସୁ ସୁ ଶବ୍ଦ ହେଲା ପରି ଜଣାଗଲା, ତାପରେ ଝଣ୍ ଝଣ୍ ଝଣାତ୍... ଝଣ୍ ଝଣ୍ ଝଣାତ୍... ଘର ଭିତରେ କାଚ ଭାଙ୍ଗିବା ପରି ଶବ୍ଦ... । ଲଣ୍ଠନଟା ଲିଭି ଯାଇଥିଲା । ମୁଁ ଡରିଗଲି । ଦୁଇତିନି ଥର ଡାକିଲି । ଆଉ କେହି ନ ଥିଲେ ସେଠାରେ । ଘଡି ସାଢ଼େ ଏଗାର ବାଆର ହେବ । ପୁଣି ସେଇ ଶବ୍ଦ କାନରେ ବାଜିଲା । ମୁଁ ଆଉ ସେଠାରେ ରହିବା ନିରାପଦ ନମଣି ଲୁଗାପଟା ଧରି ଦୌଡିଲି ୱେଏଟିଂ ରୁମକୁ । ରାତିଟା ସେଠାରେ କଟିଲା । ସକାଳୁ ସାହାଣୀ ବାବୁଙ୍କୁ କହିଲି । ଦୁହେଁ ଗଲୁ ଦେଖିବା ପାଇଁ । କରା ହୋଇନଥିବା ପଲସ୍ତରା ବା କବାଟ ଝରକା ଲାଗି ନଥିବା ଘର ଭିତରେ ଭଙ୍ଗା କାଚ ବିଛେଇ ହୋଇ ପଡ଼ିଥିଲା । ଆଉ ଏକା ସେ ଘରେ ରହିବାକୁ ସାହସ ହେଲାନି ମୋର । କେତେମାସ ପରେ ମୋ ଶ୍ୱଶୁରଙ୍କ ତନ୍ତ୍ରଗୁରୁ ବିହାର ଲହରିଆ ସରିଆର ଜଗନ୍ନାଥ ମିଶ୍ରଜୀଙ୍କୁ ଏହା କହିବାକୁ ସେ ମୋତେ କହିଲେ ସେମାନେ ବେତାଳ ସାଧନା କରନ୍ତି, ଭାଗ୍ୟ ଭଲ ଯେ ତୁମର ଆଉ କିଛି ଅନିଷ୍ଟ କରିନାହାନ୍ତି । ଏପରି ସାଧୁ, ବାବାଜୀ ମାନଙ୍କଠାରୁ ଦୂରରେ ରହିବା ଭଲ ।

ଏହିପରି ବହୁ ଘଟଣା ମୁଁ ଅଙ୍ଗେ ନିଭେଇଛି ବା ବହୁ ଘଟଣା ପ୍ରତ୍ୟକ୍ଷଦର୍ଶୀ । ସମସ୍ୟା ଯେତିକି ବଢ଼ୁଛି, ମଣିଷ ସେତିକି ଅସମ୍ଭାଳ ଓ ଅସହାୟ ମନେ କରୁଚି । ଏହାର ସୁଯୋଗ ନେଇ ପ୍ରତିକାରର ମାର୍ଗ ନିର୍ଦ୍ଦେଶ କରିବା ପାଇଁ ଆସୁଚନ୍ତି ବାବାଜୀ, ମାତାଜୀ, ସାଧୁସନ୍ଥ... ପ୍ରାୟ ଅନେକଶତ ଭାଗ ଭଣ୍ଡ ପ୍ରଚାରକ... । ଯୁକ୍ତିବାଦ ହିଁ ଏ ପରିସ୍ଥିତିରୁ ସମସ୍ତଙ୍କୁ ମୁକ୍ତ କରିପାରେ । ଅନ୍ଧବିଶ୍ୱାସ ସେହିଦିନ ପର୍ଯ୍ୟନ୍ତ ରହିଥିବ ଯେତେଦିନ ଯୁକ୍ତି ନକରି ସତ୍ୟାସତ୍ୟ ନ ପରଖି ଧର୍ମ ନାମରେ କୁସଂସ୍କାର ଗୁଡାକୁ ଆମେ ଜୀବନଚର୍ଯ୍ୟାରେ ପାଳନ କରୁଥିବା ।

Digitized by srujanika@gmail.com

ଗାଈ ପାଇଁ ଧର୍ମଘଟ

କଲିକତା ଓ ହାଉଡ଼ା ଯୁଗ୍ମ ନଗରୀକୁ ଭାରତର ପଶ୍ଚିମ ଓ ଦକ୍ଷିଣରୁ ଯେଉଁ ମାଲ ଓ ସାଜ ସରଞ୍ଜାମ ରେଳଯୋଗେ ଆସେ ସେ ସବୁ ହାଉଡାସ୍ଥିତ ଶିବପୁର ଇଂଜିନିଅରିଂ କଲେଜ ଓ ଗଙ୍ଗା ନଦୀ କୂଳରେ ଥିବା ସାଲିମାର ଗୁଡସ ୟାଡ଼ରେ ପହଁଚେ । ସେଠାରେ ଏକ ବଡ଼ ଷ୍ଟେସନ ଅଛି । ଅନ୍ୟୁନ ଚାରିହଜାର କର୍ମଚାରୀ କାମ କରନ୍ତି ସେଠାରେ । ଦୈନିକ ପ୍ରାୟ ହଜାରେ ହଜାରେ ଟ୍ରକ ଗୋଦାମମାନଙ୍କରୁ ମାଲ ନେଇ ଯାଆନ୍ତି ବିଭିନ୍ନ ବଜାର ଓ କଳ କାରଖାନାକୁ । ତେଣୁ କଲିକତା ମହାନଗରୀ ପକ୍ଷରେ ସାଲିମାରର ମହତ୍ୱ ଅନେକ ବେଶି ।

ମୁଁ ସେତେବେଳେ ସାଲିମାର ଅଞ୍ଚଳର ଟ୍ରାଫିକ୍ ସୁପରିଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରୁଥାଏ । ପୂଜା ସମୟ । ପଶ୍ଚିମ ଭାରତର ଅହମଦାବାଦ, ସୁରଟ, ବମ୍ବେ ପ୍ରଭୃତି ଅଞ୍ଚଳରୁ ଦଶ ପନ୍ଦର ହଜାର ଗାଣ୍ଠି ଲୁଗା ଗୋଦାମଗୁଡ଼ିକରେ ଥାଏ । ସହରକୁ ନେବା ପାଇଁ ଗହମ, ଡାଲି, ସିମେଣ୍ଟ, ଲୁହାଛଡ଼, ସାର, ଚିନି ପ୍ରଚୁର ପରିମାଣରେ ମହଜୁଦ ଥାଏ । ଗୋଦାମରେ ପୂଜାବଜାରର ଚାହିଦା ମେଣ୍ଟାଇବା ପାଇଁ । ସାଲିମାର ଏହି ସମୟରେ ଅତି ବେଶି କର୍ମଚଞ୍ଚଳ ହୁଏ । ମାଲ ଖଲାସ କରି ସହରକୁ ନେବା କାମ ପ୍ରାୟ ଦୁଇଗୁଣ ବଢ଼ିଯାଏ ଏ ସମୟରେ । ତେଣୁ ବ୍ୟସ୍ତ ରହିବା ସ୍ୱାଭାବିକ । ମୁଁ ଅଫିସ୍‌ରେ ବସି ମାଲ ସରବରାହ ସମ୍ବନ୍ଧରେ ସମୀକ୍ଷା କଲାବେଳେ ''ଇନ୍‌କିଲାବ ଜିନ୍ଦାବାଦ୍'' ଧ୍ୱନି କାନରେ ପଡ଼ିଲା । ବିପ୍ଲବ ଦୀର୍ଘଜୀବୀ ହେଉ । କେହି ମନା କରୁନି । କିନ୍ତୁ କାହିଁକି ସାଲିମାରରେ ହଠାତ୍ ବିପ୍ଳବ ସଙ୍ଗଠିତ ହେଲା ଜାଣିବା ପାଇଁ ଉତ୍ସୁକ ହୋଇ ମୁଁ ତିନିମହଲା ଉପରୁ ତଳକୁ ଚାହିଁଲି ଝରକା ଦେଇ । ସେତେବେଳକୁ ଦଳେ କର୍ମଚାରୀ ଧ୍ୱନି ଦେଇ ମୋ ଅଫିସ ଆଡ଼କୁ ଆସୁଥିବାର ଲକ୍ଷ୍ୟ କଲି । ରାମ ଦାସ ଆନ୍ଧ୍ରର ଲୋକ । ସେ ଥାନ୍ତି ଗୁଡ୍‌ସ ସୁପରିଟେଣ୍ଡେଣ୍ଟ । ମୁଁ ତାଙ୍କୁ ପଠେଇ ଦେଲି ସେମାନଙ୍କ ଅଭିଯୋଗ ଓ ଆନ୍ଦୋଳନର କାରଣ ବୁଝିବା ପାଇଁ ।

୧୯୬୯ ମସିହା । ବାମପ୍ରଣ୍ଟ ସରକାର କ୍ଷମତାରେ ଥାନ୍ତି । ତେଣୁ କଳକାରଖାନା ପରି ଅଫିସ ଓ ବଜାରରେ ବାମପନ୍ଥୀମାନଙ୍କର ପ୍ରାଧାନ୍ୟ ଓ ଜୟ ଜୟକାର । ଏବର

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ ଶ୍ରୀ ଜ୍ୟୋତି ବସୁ ସେତେବେଳେ ଘରୋଇ ବିଭାଗର ମନ୍ତ୍ରୀ । ରାମଦାସ ପନ୍ଦର ମିନିଟି ମଧ୍ୟରେ ଫେରି ଆସି ଖବର ଦେଲେ ଯେ ସବୁ ଗୋଦାମ, ୟାର୍ଡ୍, ଷ୍ଟେସନ ଓ ଅନ୍ୟତ୍ର କାମ ବନ୍ଦ ହୋଇ ଯାଇଛି । ଧର୍ମଘଟରେ ଯୋଗ ଦେଇଛନ୍ତି କର୍ମଚାରୀମାନେ । ମୁଁ ପଚାରିଲି କାରଣ କଣ ? ସବୁତ ଠିକ୍ ଥିଲା କାଲିଯାଏ... । ସେ କହିଲେ- ହଁ ସବୁ ଠିକ୍ ଥିଲା ଯେ... ରାତିକ ମଧ୍ୟରେ ସବୁ ବିଗିଡି ଯାଇଛି । ଏ ଧର୍ମଘଟରେ ମୂଳ କାରଣ ଗୋଟିଏ ଦୁଧିଆଳି ଗାଇ ।

ମୁଁ ଅବାକ୍ ହୋଇ ତାଙ୍କ ମୁହଁକୁ ଚାହିଁଲି । ଠିକ୍ ସେତିକିବେଳେ ରେଳବାଇ ସୁରକ୍ଷା ଅଫିସର ଚାଟାର୍ଜି ସାହେବ ମୋ ଅଫିସ ଭିତରକୁ ପ୍ରବେଶ କରି ସଲାମ ଠୁକି କହିଲେ- ସାର ! ସାମାନ୍ୟ ଗାଇ ପାଇଁ ଏତେବଡ଼ ଧର୍ମଘଟ ହୋଇଗଲା । ସେ ମୋ ଆଗରେ ବସି ସଂଗ୍ରହ କରିଥିବା ସବୁ ବିବରଣୀ କହିଗଲେ ଗୋଟି ଗୋଟି କରି । ଗୋଟିଏ ଦୁଧିଆଳି ଜର୍ସି ଗାଇ ବରାବର ଆସୁଥିଲା ଷ୍ଟାଫ୍ କ୍ୟାଣ୍ଟିନର ପରିତ୍ୟକ୍ତ ଖାଦ୍ୟ, ପେଜ, ପରିବାଚୋପା ଇତ୍ୟାଦି ଖାଇବା ପାଇଁ । କ୍ୟାଣ୍ଟିନରେ କାମ କରୁଥିବା କର୍ମଚାରୀମାନେ ସୁଯୋଗ ପାଇ ପ୍ରତିଦିନ ଦୁଧ ଦୁହିଁ ନେଉଥାନ୍ତି । ପ୍ରାୟ ସାତକିଲୋ ଦୁଧ ନେଇ କ୍ୟାଣ୍ଟିନ୍ କର୍ମଚାରୀମାନେ ପିଅନ୍ତି । କ୍ୟାଣ୍ଟିନକୁ କିଛି ବିକ୍ରୀ କରି କିଛି ଅର୍ଥ ମଧ୍ୟ ଉପାର୍ଜନ କରନ୍ତି । କ୍ୟାଣ୍ଟିନ୍‌କୁ ଜଳଖିଆ ଖାଇବା ପାଇଁ ରେଳବାଇ ସୁରକ୍ଷା ବାହିନୀର ଦାରୋଗା ବାବୁ ଆସିଥିଲେ ପନ୍ଦରି ଦିନ । ସେତେବେଳେ ଏହି ଦୁଧିଆଳି ଗାଇ ତାଙ୍କ ଆଖିରେ ପଡ଼ିଲା । କୌଶଳ କରି ଜଣେ ପିଲାଠାରୁ ସେ ଦୁଧ ଦୁହିଁବା ବିଷୟଟି ଜାଣି ନେଲେ । ଜଳଖିଆ ଖାଇସାରି ସେ କହିଲେ ଏଇ ଗାଇଠାରୁ ଏଠାରେ ଦୁଧ ଦୁହିଁବା ବେଆଇନ କାମ । ରେଳବାଇ ଇଲାକାକୁ ଗାଇ ଆସିଛି ଯେତେବେଳେ ସୁରକ୍ଷା ବାହିନୀର ଦାୟିତ୍ୱରେ ରହିବା କଥା । କ୍ୟାଣ୍ଟିନ କର୍ମଚାରୀମାନଙ୍କର ଆପତ୍ତି ନଶୁଣି ସେ ଗାଇକୁ ନେଇଗଲେ ସୁରକ୍ଷା ବାହିନୀର ଅଫିସ ହାତଟକୁ । ଗାଇ ସେଠାରେ ରହିଲା । ସେମାନେ ଦିନେ ଦୁଧ ଖାଇବା ପରେ ରେଳବାଇ ପୁଲିସ କାନକୁ ଖବର ଗଲା । ଥାନାର ଦାରୋଗାବାବୁ ତିନି ଚାରିଜଣ କନେଷ୍ଟବଳ ନେଇ ହାଜର ହେଲେ ସୁରକ୍ଷା ବାହିନୀ ଅଫିସରେ । ସେ କହିଲେ- ଏଇ ଗାଇ ସହରରୁ ଚାଲି ଆସିଛି । ଗାଇକୁ ମାଲିକକୁ ଫେରାଇ ନ ଦେଇ ଜବରଦସ୍ତ ଏଠାରେ ରଖି ଦୁଧ ଖାଇବା ଅନ୍ୟାୟ ଓ ବେଆଇନ । ସୁରକ୍ଷା ବାହିନୀର ଇନିସ୍‌ପେକ୍ଟର କହିଲେ ରେଳବାଇ ଇଲାକାରେ ଯାହା ମିଳିବ ଆଇନ ଅନୁସାରେ ସୁରକ୍ଷା ବାହିନୀର ଦାୟିତ୍ୱରେ ତାହା ରହିବ । ପୁଲିସ ଦାରୋଗା ରାଗିଗଲେ । ଥାନାରୁ ଇନିସ୍‌ପେକ୍ଟର ଆସିଲେ । ବଚସା ହେଲା । ପୁଲିସ ବଳ ପ୍ରୟୋଗ କରି ଦୁଧିଆଳୀ ଗାଇକୁ ନେଇ ଥାନା ହତାରେ ବାନ୍ଧି ଦେଲେ । ଦୁଧ ଦୁହାଁ ଚାଲିଲା ।

ରେଳବାଇ ସୁରକ୍ଷା ବାହିନୀ ରେଳବାଇର । ତେଣୁ ରେଳବାଇ କର୍ମଚାରୀମାନେ ସେମାନଙ୍କର ହନ୍ତସନ୍ତ ଖବର ଶୁଣି ହଟି ନ ଯାଇ ଆଗେଇ ଆସିଲେ ରେଳବାଇର ମର୍ଯ୍ୟାଦା ରକ୍ଷା ଦୃଷ୍ଟିରୁ । କ୍ୟାଣ୍ଟିନ୍‌ର ପରିବା, ପେଜ, ପରିତ୍ୟକ୍ତ ଖାଦ୍ୟ ଖାଇ ଗାଇ ଦୁଧ ଦିଏ । ତେଣୁ

Digitized by srujanika@gmail.com

ଦୁଧ ଉପରେ ସେମାନଙ୍କର ଅଧିକାର । ପୁଲିସର ନୁହେଁ । ପୁଲିସ ସହିତ ବଚସା ଚାଲିଲା । ଥାନାବାବୁ ଦବି ନ ଯାଇ କହିଲେ- ଯଦି ଆଉ ଉଚ୍ଚବାଚ କର ଆରେଷ୍ଟ କରି ହାଜତ ଭିତରେ ପୂରେଇ ଦେବି । ହାଜତକୁ ଦେବତାମାନେ ବି ଡରନ୍ତି । ରେଳ କର୍ମଚାରୀମାନେ ପରସ୍ପର ମଧ୍ୟରେ ସଲାପରାମର୍ଶ କରି ୟୁନିଅନ୍ ନେତା ମାନଙ୍କ ପାଖକୁ ଗଲେ । ସେମାନେ ଏ ଅପମାନ ସହ୍ୟ କରନ୍ତେ କିପରି ! ଧର୍ମଘଟ ଡାକରା ଦେଲେ ସକାଳେ । ଏବେ ସବୁ କାମ ବନ୍ଦ ହୋଇ ଯାଇଛି । ପୂଜା ପାଖେଇ ଆସୁଛି । ଧର୍ମଘଟ ବନ୍ଦ ନ ହେଲେ ମାଲ ଖଲାସ ଓ ସରବରାହ ବାଧା ପ୍ରାପ୍ତ ହେବ । ଆପଣ ସମାଧାନ କରି ଦିଅନ୍ତୁ... ।

ମୁଁ ହେଡ୍ ଅଫିସକୁ ଖବର ଦବା ପରେ ଫୋନକଲି କଲେକ୍ଟର ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ । ସଙ୍ଗେ ସଙ୍ଗେ ପୁଲିସ ଫୌଜ ଆସିଲେ । ୟୁନିଅନ ନେତା, ସୁରକ୍ଷା ବାହିନୀ ଓ ରେଳବାଇ ପୁଲିସ ଅଫିସରମାନଙ୍କୁ ଡାକିଲି । ଆଲୋଚନା ହେଲା ଆପୋଷ ସମାଧାନରେ ପହଁଚିବା ପାଇଁ । ପ୍ରାୟ ଦିନ ଚାରିଟା ବେଳେ ସମାଧାନର ସୂତ୍ର ବାହାର କରି ମୁଁ କହିଲି- ଦୁଧିଆଳୀ ଗାଈ ଷ୍ଟାଫ କ୍ୟାଣ୍ଟିନ୍ ବା ରେଳବାଇ ସୁରକ୍ଷା ବାହିନୀ ବା ରେଳବାଇ ପୁଲିସର ସଂପତ୍ତି ନୁହେଁ । ଗାଈ ଖାଇବା ପାଇଁ ଆସେ କ୍ୟାଣ୍ଟିନକୁ ତେଣୁ କ୍ୟାଣ୍ଟିନ କର୍ମଚାରୀମାନେ ଗାଈକୁ ବାନ୍ଧିରଖି ଦୁଧ ଖାଇବା ଯେପରି ଅନ୍ୟାୟ ଓ ବେଆଇନ, ସୁରକ୍ଷା ବାହିନୀ ବା ପୁଲିସ୍ ଗାଈର ମାଲିକାନାସ୍ୱ ବାଦିକରି ଦୁଧ ଖାଇବା ସେହିପରି ଅନ୍ୟାୟ ଓ ବେଆଇନ । ଗାଈର ମାଲିକ ନ ମିଳିବାଯାଏ ଗାଈ କାଞ୍ଜିହାଉସରେ ରହିବ ଓ ଗାଈ ହଜିଥିବା ବିଷୟରେ ନୋଟିସ ଦିଆଯିବ ଏବଂ ଗାଈ ମାଲିକ ଗାଈ ନବାକୁ ଆସିଲେ ନିୟମ ଅନୁସାରେ ଜୋରିମାନା ଦବ । ନେତାମାନେ କହିଲେ ପୁଲିସ ଆରେଷ୍ଟ କରିବ ବୋଲି ଧମକ ଦେଇଛି ତାହା ପ୍ରତ୍ୟାହାର କରୁ ଓ ଅନଧିକାର ଚର୍ଚ୍ଚା ପାଇଁ ଦୁଃଖ ପ୍ରକାଶ କରୁ । ସୁରକ୍ଷା ବାହିନୀ ଏବଂ ଷ୍ଟାଫକ୍ୟାଣ୍ଟିନ ତରଫରୁ ମଧ୍ୟ ଅନଧିକାର ଚର୍ଚ୍ଚା କରାଯାଇଥିବାରୁ ଦୁଃଖ ପ୍ରକାଶ କରାଯିବ ।'

ସମାଧାନ ହୋଇଗଲା । ୟୁନିଅନର ନେତା, ସୁରକ୍ଷା ବାହିନୀ ଓ ପୁଲିସ ଅଫିସରମାନେ ହାତ ମିଳାଇଲେ ମୋ ସାମ୍ନାରେ । ସେ ଦିନ କିଛୁ ଆଉ କାମ ହେଲାନି । ଚାରିହଜାର କର୍ମଚାରୀ, ହଜାରେ ଟ୍ରକ ଓ ପ୍ରାୟ ଶହ ଶହ ଦିନ ମଜୁରିଆଙ୍କର ଦିନଟିଏ ନଷ୍ଟ ହେଲା । ପାଞ୍ଚଟା ବେଳେ ସମସ୍ତଙ୍କ ପାଇଁ ଚା' ଆସିଲା । ଚା' ପିଇ ସାରିବା ବେଳକୁ ପୁଲିସ୍ ଇନିସପେକ୍ଟର କହିଲେ - ସାର୍ ! ଆଜି ଚା' ରେ ଗାଈ ଦୁଧ ପଡ଼ିନି ବୋଲି ଏମିତି ଲାଗୁଛି...ଗୁଣ୍ଡ ଦୁଧର ସ୍ୱାଦ ଅନ୍ୟ ରକମ...

ଆମେ ସମସ୍ତେ ହୋ ହୋ କରି ହସି ଉଠିଲୁ । ମୁଁ ହସି ହସି କହିଲି, 'ଦୁଧିଆଳୀ ଗାଈ ଜିନ୍ଦାବାଦ୍... ।'

Digitized by srujanika@gmail.com

ପରଟା ଭିତରେ ଚିଠି

ସଙ୍କଟରେ ପଡ଼ିଲେ ସେଥିରୁ ରକ୍ଷା ପାଇବା ପାଇଁ ମଣିଷର ବୁଦ୍ଧି କିପରି ଦ୍ରୁତ ଗତିରେ କାର୍ଯ୍ୟ କରେ ତାହା ମୁଁ ଫକୀରମୋହନଙ୍କ ଆତ୍ମଜୀବନୀରୁ ପଢ଼ିଥିଲି । ବିଦ୍ରୋହୀ ପ୍ରଜାମାନଙ୍କ କବଳରୁ ନିଜକୁ ଏବଂ ରାଜାଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ସେ ପାନ ଗୁଆ ସଂକେତ ବ୍ୟବହାର କରି କିପରି ସୈନ୍ୟ ଓ ଅସ୍ତ୍ର ଶସ୍ତ୍ର ପଠାଇବା ଲାଗି ଚିଠି ଲେଖି କୃତକାର୍ଯ୍ୟ ହୋଇଥିଲେ ତାହା ତାଙ୍କ ଜୀବନରେ ଲିପିବଦ୍ଧ ଏକ ଲୋମହର୍ଷକ କାହାଣୀ । ମୁଁ ଫକୀରମୋହନ ନୁହେଁ ବା ସେପରି ସଙ୍କଟରେ ପଡ଼ିନାହିଁ; ତଥାପି ଥରେ ଏପରି ଏକ ସଙ୍କଟରୁ ରକ୍ଷା ପାଇବା ନିମନ୍ତେ ଯେଉଁ ଉପାୟ ଅବଲମ୍ବନ କରାଯାଇଥିଲା ତାହା ଏଯାଏ ମନରୁ ଲିଭି ନାହିଁ ।

୧୯୬୯ ମସିହା ଜୁନ ମାସର ଘଟଣା । ଗରମ ସହିତ ଗୁଳୁଗୁଳି ଯୋଗୁଁ କଲିକତାବାସୀ ଝାଳନାଳ ହୋଇ କ୍ଳାନ୍ତ ଦ୍ୱିପ୍ରହର ବିତାଉଥିବା ବେଳେ ମୁଁ ଖବର ପାଇଲି ଯେ ଷ୍ଟେସନର କାର୍ଯ୍ୟରତ କର୍ମଚାରୀ ମାନେ ହଠାତ୍ କାର୍ଯ୍ୟବନ୍ଦ କରି ଧର୍ମଘଟରେ ଯୋଗ ଦେବାରୁ ରେଳ ଚଳାଚଳ ବନ୍ଦ ହୋଇ ଯାଇଛି । ହାଓଡ଼ାରୁ ଖଡ଼ଗପୁର ଆଡ଼କୁ ଗାଡ଼ି ଚଳାଚଳ ବନ୍ଦ ହୋଇଯିବାରୁ ହଇଚଇ ପଡ଼ିଗଲା । ମୋତେ ଉପରୁ ନିର୍ଦ୍ଦେଶ ଆସିଲା ଧର୍ମଘଟ ହେଉଥିବା ସ୍ଥାନକୁ ଯାଇ ପରିସ୍ଥିତି ସମ୍ଭାଳିବା ପାଇଁ ।

ସାନ୍ତରାଗାଛି ଷ୍ଟେସନ ହାଓଡ଼ାର ଉପକଣ୍ଠରେ ପ୍ରାୟ ସାତ କିଲୋମିଟର ଦୂରରେ । ଦକ୍ଷିଣ-ପୂର୍ବ ରେଳବାଇରେ ସବୁ ଯାତ୍ରୀବାହୀ ଗାଡ଼ିର ରକ୍ଷଣାବେକ୍ଷଣ ଏହିଠାରେ କରାଯାଏ । ହାଓଡ଼ା ଷ୍ଟେସନରେ ଯାତ୍ରୀମାନେ ଓହ୍ଲାଇ ଗଲେ ଖାଲି ଗାଡ଼ି ସାନ୍ତରାଗାଛି ଆସେ ଓ ଆବଶ୍ୟକ ପରୀକ୍ଷା ନିରୀକ୍ଷା ଏବଂ ସଫେଇ ପରେ ପୁଣି ହାଓଡ଼ା ଯାଏ ଯାତ୍ରା ଆରମ୍ଭ କରିବା ପାଇଁ । ତେଣୁ ଏ ସ୍ଥାନର ଗୁରୁତ୍ୱ ଅନେକ ବେଶୀ । ପ୍ରାୟ ପାଞ୍ଚ ହଜାର କର୍ମଚାରୀ କାମ କରନ୍ତି ସେଠାରେ ।

Digitized by srujanika@gmail.com

ମୁଁ ପହଞ୍ଚିଲି ଦିନ ତିନିଟାରେ । ଷ୍ଟେସନରେ ପହଞ୍ଚି ଅଫିସ ସବୁ ଖାଲି ପଡ଼ିଥିବାର ଦେଖିଲି । ବାହାରେ ଦଳ ଦଳ କର୍ମଚାରୀ ଧ୍ୱନି ଦେଉଥାନ୍ତି ପ୍ରଶାସନ ବିରୁଦ୍ଧରେ । "ସଂଗ୍ରାମ ଚଲଛେ... ଚଲବେ", "ଏଜେଣ୍ଟ ଦେର ନରମ କଥାତେ ଭୁଲବନା ଭୁଲବନା" "ଆମାଦେର ଦାବି ମାନତେ ହବେ... ମାନତେ ହବେ" ଇତ୍ୟାଦି ।

ସେତେବେଳେ ମିଳିତ ଫ୍ରଣ୍ଟ ସରକାରରେ ଜ୍ୟୋତିବାବୁ ପଶ୍ଚିମବଙ୍ଗର ଘରୋଇ ବିଭାଗର ମନ୍ତ୍ରୀ । ମୁଁ ଡ଼ାକିଲି ନେତାମାନଙ୍କୁ ଆଲୋଚନା କରିବା ପାଇଁ । ପାଞ୍ଚ ଜଣ ଆସିଲେ । ଆଲୋଚନା ଆରମ୍ଭ ହେବା ଆଗରୁ କହିଗଲେ ସେମାନଙ୍କର ଦାବି ଏବଂ ତାପରେ କହିଲେ ଏ ସବୁ ଦାବି ପୂରଣ ନ ହେଲା ଯାଏ ଧର୍ମଘଟ ଚାଲୁରହିବ । ସେ ସବୁ ଦାବି ବିଚାର କରି ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ମୁଁ ପ୍ରତିଶ୍ରୁତି ଦେଲି କିନ୍ତୁ ଫଳ କିଛି ହେଲା ନାହିଁ । ସେମାନେ ନିଜ ଦାବିରେ ଅଟଳ ରହିଲେ । ସନ୍ଧ୍ୟା ହେଲା, ହାଓଡ଼ାରୁ ଛାଡୁଥିବା ଦୂରଗାମୀ ଯାତ୍ରୀବାହୀ ଗାଡ଼ିଗୁଡ଼ିକ ଗୋଟିକ ପରେ ଗୋଟିଏ ବାତିଲ ହେବାକୁ ଲାଗିଲା । ହାଓଡ଼ାରେ ହଜାର ହଜାର ଯାତ୍ରୀ ପଡ଼ିରହିଲେ ଟ୍ରେନ୍ ଅପେକ୍ଷାରେ । ସେଠାରୁ ସବୁ ଖବର ପାଇ ମଧ୍ୟ ନିରୁପାୟ ହୋଇ ବସି ରହିଲି ମୁଁ ।

କାଳେ କଳକୌଶଳ ପ୍ରୟୋଗ କରି କିଛି ଗାଡ଼ି ଚଳାଇ ଦେଇପାରୁ ଏଥିପାଇଁ ଧର୍ମଘଟୀମାନେ ଷ୍ଟେସନ ଚାରିପାଖ ଘେରିଗଲେ ଏବଂ ଯୋଗାଯୋଗର ସବୁ ମାଧ୍ୟମ ଅଚଳ କରିଦେଲେ । ଟେଲିଗ୍ରାଫ, ଟେଲିଫୋନ୍, ଟେଲିପ୍ରିଣ୍ଟର ବନ୍ଦ ହୋଇଗଲା । ମୁଁ ଏବଂ ଆଉ କେତେଜଣ ଅଫିସର ଉପର ମହଲାର ଗୋଟିଏ କୋଠରୀରେ ଅସହାୟ ଭାବରେ ଅପେକ୍ଷା କରିବାକୁ ଲାଗିଲୁ ।

ହଠାତ୍ ଟେଲିଫୋନ୍ ବାଜି ଉଠିଲା । ମୁଁ ଉଠାଇ ନେଲି ରିସିଭର । ତାହା ଥିଲା ମୋ ସହଧର୍ମିଣୀ ଗୀତା ଦେବୀଙ୍କ ଟେଲିଫୋନ । ସେ କଲିକତା ନିକଟସ୍ଥ ସାଲିମାର କ୍ୱାଟରରୁ ଟେଲିଫୋନ କରିଥିଲେ ମୋ ନିରାପତ୍ତା ବିଷୟ ବୁଝିବା ପାଇଁ । ମୁଁ ସବୁ କହିଲି ତାଙ୍କୁ । ଏହା ମଧ୍ୟ ସୂଚାଇ ଦେଲି ଯେ, ସବୁ ଟେଲିଫୋନ୍ ତାର କାଟି ଦେଇଛନ୍ତି । କିପରି ଗୋଟେ ଲାଇନ ବୋଧହୁଏ ବର୍ତ୍ତି ଯାଇଛି । ସେ କହିଲେ ସେଇଟା ବି ହୁଏତ ଜାଣିଲେ ସେମାନେ କାଟିଦେଇ ପାରନ୍ତି । ଟିଫିନ କେରିଅରରେ ଚିଠି ଥିବ... ଖୋଜିବ... । ସତକୁ ସତ ଏଇ ଟେଲିଫୋନ ଚାଲୁଥିବା ଶୀଘ୍ର ସେମାନେ ଜାଣି ପାରିଲେ ଏବଂ ସେଇ ଲାଇନଟା ବି ଅଚଳ କରିଦେଲେ ।

ରାତି ନଅଟା ବେଳେ ଜଣେ ପିଅନ ଟିଫିନ କ୍ୟାରିଅର ନେଇ ପହଂଚିଲା ଷ୍ଟେସନରେ । ଧର୍ମଘାଟୀମାନେ ତାକୁ ମୋ ପାଖକୁ ଛାଡ଼ିଲେ ନାହିଁ ସତ, କିନ୍ତୁ ଟିଫିନ କ୍ୟାରିଅର ଆଣି ଜଣେ ଦେଇଗଲେ ମୋ ପାଖରେ । ସେ ଚାଲିଗଲା ପରେ ନିରୋଳାରେ ମୁଁ ଟିଫିନ କ୍ୟାରିଅର ଖୋଲିଲି । ପରଟା, ଆଳୁଦମ୍, ବାଇଗଣ ଭଜା ପଠେଇ ଥିଲେ ଗୀତା ଦେବୀ ।

Digitized by srujanika@gmail.com

ପରଟା ଉଠାଇଲି । ଦ୍ୱିତୀୟ ପରଟାରୁ ଖଣ୍ଡେ ଛିଣ୍ଡାଇବା କ୍ଷଣି କାଗଜ ଖଣ୍ଡେ ବାହାରି ଆସିଲା । ସେଥିରେ ଓଡ଼ିଆରେ ଲେଖାଥିଲା ମୁଁ ହେଡ୍ ଅଫିସକୁ ଜଣାଇଛି ସବୁ... ରାତି ସେଣ୍ଟ୍ରାଲ ରିଜର୍ଭ ପୋଲିସ ପଠାଯିବ ବୋଲି କହିଛନ୍ତି ଚିଫ୍ ସିକ୍ୟୁରିଟି ଅଫିସର । ସାବଧାନ ଥିବ ।

ଚିଠିପଢ଼ି ମୁଁ ଆଶ୍ୱସ୍ତ ହେଲି ଏବଂ ସହକର୍ମୀମାନଙ୍କୁ ସଜାଗ ରହିବା ପାଇଁ କହିଲି । ରାତିସାରା ନିଦ ହେଲାନି । ସେମାନେ ସ୍ଲୋଗାନ ଦେଉଥାନ୍ତି ଅନବରତ । ଷ୍ଟେସନରୁ ବାହରକୁ ଯିବାର ଓ ବାହାରୁ ଭିତରକୁ ଆସିବାର ସବୁ ରାସ୍ତା ବନ୍ଦ । ସକାଳ ହେବାକ୍ଷଣି ଆହୁରି ବେଶି କର୍ମଚାରୀ ଠୁଳ ହେଲେ । ସ୍ଲୋଗାନର ଶବ୍ଦ ଆହୁରି ପ୍ରଚଣ୍ଡ ହେଲା । ଯାତ୍ରୀମାନଙ୍କର ଦୁର୍ଦ୍ଦଶାର ଖବର ଶୁଣି ଦୁଃଖ ବି ଲାଗିଲା । ରାଜ୍ୟ ସରକାର ସେମାନଙ୍କ ସପକ୍ଷରେ, ତେଣୁ ପୋଲିସ ନିଷ୍କ୍ରିୟ ଭୂମିକା ନେଇଥାଏ କେବଳ । କେହି ହତାହତ ନ ହେବା ଯାଏ ପୋଲିସ କିଛି ନକରି ନୀରବ ରହିବା ଶ୍ରେୟସ୍କର ମନେକଲେ ।

ଦିନ ନଅଟା ବେଳକୁ ସି.ଆର.ପି.ରୁ କମାଣ୍ଡେଣ୍ଟ ଓ ପୋଲିସ ଅଫିସର ଆସି ସାଲ୍ୟୁଟ ଦେଇ ଠିଆ ହେଲେ ମୋ ସାମ୍ନାରେ । ମୁଁ ସେମାନଙ୍କୁ ସବୁ ବିଷୟ ବୁଝାଇ କହିଲି- ଧର୍ମଘଟ ହେବାର ଅଠର ଘଣ୍ଟା ହେଲାଣି... ଟ୍ରେନ ଚଳାଚଳ ବନ୍ଦ... ହଜାରେ ହଜାରେ ଯାତ୍ରୀ ଦୁର୍ଦ୍ଦଶା ଭୋଗୁଛନ୍ତି ବିନା ଅପରାଧରେ... କିଛି କର୍ମଚାରୀ କାମ କରିବାକୁ ଚାହାନ୍ତି । ସେମାନେ ସୁରକ୍ଷା ପାଇଲେ ଓ ସେମାନଙ୍କ କାମରେ ବାଧା ନ ଦେଲେ ଗାଡ଼ି ଚାଲିବ... । ସେମାନେ ଧର୍ମଘଟୀମାନଙ୍କ ସହିତ ଆଲୋଚନା କରିବା ପାଇଁ ତଳକୁ ଗଲେ ।

ପୁଣି ଟିଫିନ କ୍ୟାରିଅର ଆସିଲା ଜଳଖିଆ ନେଇ । ପୁଣି ପରଟା ଭିତରୁ ଚିଠି ପାଇଲି । ଏଥର ଲେଖାଥିଲା ଆଶ୍ୱାସନାର ବାଣୀ । ରାଜ୍ୟ ସରକାର ପୋଲିସକୁ ଅନୁମତି ଦେଇଛନ୍ତି ପ୍ରତିବନ୍ଧକ ହଟାଇ ଗାଡ଼ି ଚଳାଚଳ ଚାଲୁ କରିବା ପାଇଁ । ବିଳମ୍ବରେ ହେଲେ ବି ସୁବୁଦ୍ଧି ହେବାର ଦେଖି ଆଶ୍ୱସ୍ତ ହେଲି ।

ଧର୍ମଘଟୀମାନେ କିନ୍ତୁ ମାନିଲେ ନାହିଁ ଏବଂ କିପରି ସେମାନଙ୍କର ଧାରଣା ହୋଇଗଲା ଯେ ମୋ ଇଙ୍ଗିତରେ ସି.ଆର.ପି. ଆସିଛି । ମୋତେ ପଚାରିଲେ ସେମାନେ । ମୁଁ କହିଲି ମୁଁ ତ ଘେର ଭିତରେ । ଟେଲିଫୋନ୍, ଟେଲିଗ୍ରାଫ ଅଚଳ... ଖବର ଦେଲି କିପରି ? ସେମାନେ ସନ୍ଦେହ କଲେ ସିନା କିଛି ପ୍ରମାଣ ଦେଇ ପାରିଲେ ନାହିଁ ।

ଦିନ ଏଗାରଟା ବେଳେ ଆହୁରି ଶହ ଶହ କର୍ମଚାରୀ ସ୍ଲୋଗାନ ଦେଇ ଷ୍ଟେସନ ଆଡ଼କୁ ମାଡ଼ି ଆସୁଥିବାର ଦେଖି ସି.ଆର.ପି. କମାଣ୍ଡେଣ୍ଟ ଆଦେଶ ଦେଲେ ସେମାନଙ୍କୁ ଅଟକାଇବା ପାଇଁ । ଗୋଟେ ପଟେ ଅଟକାଇବା କ୍ଷଣି ସେମାନଙ୍କ ମଧ୍ୟରୁ ଆଉ କେତେକ ଅନ୍ୟ ଦିଗରୁ ଆସିଲେ । କମାଣ୍ଡେଣ୍ଟ ଚତୁର ବ୍ୟକ୍ତି । ସେ ଅନ୍ୟ ସବୁ ଦିଗରୁ ମାଡ଼ି ଆସୁଥିବା ଧର୍ମଘଟୀମାନଙ୍କୁ ସି.ଆର.ପି. ଜବାନମାନଙ୍କ ଘେର ଭିତରେ ପକାଇ ଦେଲେ । ଫଳରେ ଷ୍ଟେସନ ଚାରିପାଖରେ ଧର୍ମଘଟୀ ଏବଂ ସେମାନଙ୍କ ଚାରିପାଖରେ ପୋଲିସ ଓ ସି.ଆର.ପି.

Digitized by srujanika@gmail.com

ଜବାନ । ଏପରି ଅଚାନକ ଭାବେ ସେମାନେ ବନ୍ଦୀ ହେବେ ଏହା ଭାବି ପାରି ନଥିଲେ ।

ନେତାମାନେ ପଛଘୁଞ୍ଚା ଦେଲେ । ରାଜି ହେଲେ ଆଲୋଚନା କରି ସମସ୍ୟାର ସମାଧାନ ବାହାର କରିବା ପାଇଁ । ଆଲୋଚନା ହେଲା । ସେମାନଙ୍କୁ ମୁଁ ପ୍ରତିଶ୍ରୁତି ଦେଲି ଯେ ସାତଦିନ ମଧ୍ୟରେ ସବୁ ଦାବି ବିଚାର କରି ନ୍ୟାର୍ଯ୍ୟ ଦାବିଗୁଡ଼ିକ ପୂର୍ଣ୍ଣ କରାଯିବ । ସମାଧାନ ହୋଇଗଲା । କାମରେ ଯୋଗଦେବା ଲାଗି ଘୋଷଣା କଲେ ନେତାମାନେ ।

ଚା ଓ ବିସ୍କୁଟ ଆସିଲା ।

ଚା ପିଇଲା ବେଳେ ମୁଁ କହିଲି- ଏଇ କଥା କାଲି ମାନି ଯାଇଥିଲେ ଯାତ୍ରୀମାନେ ଦୁର୍ଦ୍ଦଶାରେ ପଡ଼ି ନଥାନ୍ତେ... । ଆପଣମାନେ ଅନିଦ୍ରାରେ ରାତି କଟାଇ ନଥାନ୍ତେ... ।

ଜଣେ ନେତା କହିଲେ, କିନ୍ତୁ ସାର ! ଆପଣ ସତ କହନ୍ତୁ ସି.ଆର.ପି. କୁ ଡ଼ାକି ନଥିଲେ ଆପଣ ...?

ସ୍ମିତହାସ୍ୟ କରି ମୁଁ କହିଲି- ନା ମୁଁ ଡାକିନି... ମୋ ସୁରକ୍ଷା ନେଇ ଯିଏ ବ୍ୟସ୍ତ ସିଏ ଡ଼ାକିଥିବେ... ।

Digitized by srujanika@gmail.com

ଗୋଟିଏ ମଲା କୁକୁରର କରାମତି

କୁକୁର ପରି ପ୍ରଭୁଭକ୍ତ ପ୍ରାଣୀ ବିରଳ । ପୁଣି କୁକୁର ବି ଅନିଷ୍ଟର କାରଣ ହୋଇପାରେ । କୁକୁର କାମୁଡ଼ିଲେ ଜଳାତଙ୍କ ରୋଗରୁ ମୁକ୍ତି ପାଇବା ଲାଗି ପ୍ରତିଷେଧକ ଇଂଜେକସନ ନେବାକୁ ହୁଏ । କିନ୍ତୁ ଏଠାରେ ମୁଁ ଗୋଟିଏ ମଲାକୁକୁରର କରାମତି ସମ୍ପର୍କରେ କହିବି ।

କଲିକତାର ହାଓଡ଼ା ଷ୍ଟେସନର ଅତି ନିକଟରେ ଟିକିଆପଡ଼ା ନାମରେ ଆଉ ଗୋଟିଏ ଷ୍ଟେସନ ଅଛି । ସେଠାରେ ଇଲେକ୍ଟ୍ରିକ୍ ଲୋକାଲ ଟ୍ରେନ୍ ଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଗୋଟିଏ କାରଖାନା ଅଛି । ପ୍ରାୟ ଦୁଇ ହଜାର-ଲୋକ କାମ କରନ୍ତି ସେଠାରେ । ଏହି ଓ୍ୱାର୍କସପର ଦାୟିତ୍ୱରେ ଥାଆନ୍ତି ଶ୍ରୀରଙ୍ଗମ ସାହେବ । ମାର୍ଚ୍ଚ ମାସ ୧୯୬୯ ମସିହା । ମୁଁ ସେତେବେଳେ କଲିକତା ହାଓଡ଼ା ସାଲିମାର ସହର ତଳ ଅଞ୍ଚଳର ରେଳବାଇର ଆଞ୍ଚଳିକ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥାଏ । ଦିନ ଏଗାରଟା ବେଳେ ଖବର ପହଞ୍ଚିଲା ଯେ ଟିକିଆପଡ଼ା କାରଖାନା କର୍ମଚାରୀମାନଙ୍କ ଅଚାନକ ଧର୍ମଘଟ ଯୋଗୁଁ ବନ୍ଦ ହୋଇଯାଇଛି । ହାଓଡ଼ା-ଖଡ଼ଗପୁର ମଧ୍ୟରେ ଗାଡ଼ି ଚଳାଚଳ ମଧ୍ୟ ବ୍ୟାହତ । ଓ୍ୱାର୍କସପର ମ୍ୟାନେଜର ଶ୍ରୀରଙ୍ଗମ ସାହେବ କର୍ମଚାରୀମାନଙ୍କ ଘେରରେ ବନ୍ଦୀ । ମୁଁ ସେଠାକୁ ଯାଇ ଏହାର ସମାଧାନ ବାହାର କରିବା ଅତି ଜରୁରୀ ।

ମୁଁ ସେଠାରେ ଯାଇ ପହଞ୍ଚିଲି ବାରଟା ବେଳେ । ମୋତେ ଦେଖିବା କ୍ଷଣି ଶହ ଶହ କର୍ମଚାରୀ ଆହୁରି ଯୋରରେ ଧ୍ୱନି ଦେଲେ । 'ଅଫିସରଙ୍କ ମନମୁଖୀ ଶାସନ ଚଳିବ ନାହିଁ, ଚଳିବ ନାହିଁ, । ଶ୍ରୀରଙ୍ଗମ ମୁର୍ଦ୍ଦାବାଦ ମୁର୍ଦ୍ଦାବାଦ, ଇନକିଲାବ ଜିନ୍ଦାବାଦ...' ।

କୌଣସି ପ୍ରକାରେ ମୁଁ ଭିଡ଼ ଠେଲି ଶ୍ରୀରଙ୍ଗମଙ୍କ ଅଫିସକୁ ଆସିଲି । କେତେଜଣ ନେତା ମୋ ସହିତ ତାଙ୍କ କୋଠରୀ ଭିତରେ ପ୍ରବେଶ କଲେ । ସେମାନଙ୍କୁ ବସିବା ପାଇଁ କହି ଅଚାନକ ଧର୍ମଘଟର କାରଣ ସମ୍ପର୍କରେ ପଚାରିଲି ।

ୟୁନିୟନର ସଭାପତି ଚାଟାର୍ଜି କହିଲେ ଓ୍ୱାର୍କସପର ମ୍ୟାନେଜର ଘଟୁକାର ରତନାକୁ ସସପେଣ୍ଡ କରିଛନ୍ତି । ସସପେନସନ ଆଦେଶ ପ୍ରତ୍ୟାହୃତ ନ ହେଲେ ଧର୍ମଘଟ ଚାଲୁ ରହିବ ।

Digitized by srujanika@gmail.com

ମୁଁ ଶ୍ରୀରଙ୍ଗମ ମୁହଁକୁ ଚାହିଁଲି । ସେ କହିଲେ ମୋର ବି କିଛି ବକ୍ତବ୍ୟ ଅଛି । ୱାର୍କସପ ସକାଳ ଛଅଟାରେ ଖୋଲେ । ଝାଡୁଦାର ମାନଙ୍କର କାମ ଅଫିସ ଓ ୱାର୍କସପ ଅଞ୍ଚଳ ସଫାସୁତୁରା ରଖିବା । ସାଢ଼େ ଛଅଟା ବେଳେ ସହକାରୀ ଫୋରମ୍ୟାନ ଅଫିସ ନିକଟରେ ଗୋଟେ ମଲାକୁକୁର ପଡ଼ିଥିବାର ଦେଖି ଝାଡୁଦାର ରତନାକୁ କହିଲେ ଲାସ ବାହାର କରିନେବା ପାଇଁ । ରତନା କହିଲା ଯେ, ତାର ଡ଼ିଉଟି ଆବର୍ଜନା ସଫା କରିବା । ମଲା କୁକୁରର ଲାସ ଉଠାଇବା ତା' କାମ ନୁହେଁ କିମ୍ବା ଡ଼ିଉଟି ଲିଷ୍ଟରେ ଏପରି କାମ ତାକୁ କରିବାକୁ ପଡ଼ିପାରେ ଏହା ମଧ୍ୟ ଲେଖା ନାହିଁ । ତେଣୁ ମଲା କୁକୁର ଉଠାଇବା ରତନାର କାମ ନୁହେଁ । ଆସିଷ୍ଟାଣ୍ଟ ଫୋରମ୍ୟାନ ଅନଧିକାର ଚର୍ଚ୍ଚା କରି ଏହି କାରଣରୁ ରତନାକୁ ସସପେଣ୍ଡ କରିଛନ୍ତି । ସେମାନଙ୍କର ଦାବି ରତନାର ସସପେନସନ ଅର୍ଡ଼ର ରଦ୍ଦ କରି ଆସିଷ୍ଟାଣ୍ଟ ମ୍ୟାନେଜର ହାଇଦାରଙ୍କୁ ସସପେଣ୍ଡ କରାଯାଉ ବେଆଇନ ଆଦେଶ ଦେଇଥିବା ଯୋଗୁଁ । ତାଙ୍କ ନାମରେ ଅନ୍ୟାନ୍ୟ ଦୁର୍ନୀତି, ପ୍ରୀୟାପ୍ରୀତି ତୋଷଣର ବହୁ ଅଭିଯୋଗଥିବା ମଧ୍ୟ ସେମାନେ କହୁଛନ୍ତି ।

ଆଲୋଚନା ଚାଲିଲା । ମୁଁ କହିଲି ଡ଼ିଉଟିଲିଷ୍ଟରେ ସବୁ କାର୍ଯ୍ୟର ତାଲିକା ଦବା ସମ୍ଭବ ନୁହେଁ । ମଲାକୁକୁର ଲାସ ପଡ଼ି ରହିଲେ ତାହା ପଚିବ । କାରଖାନାର ଶ୍ରମିକମାନେ କାମ କରିବାରେ ଅସୁବିଧା ହେବ... । ଆବର୍ଜନା ସହିତ ମଲାକୁକୁର ଲାସ ସଫା କରିବା ଝାଡୁଦାରର କର୍ତ୍ତବ୍ୟ ।

ନେତାମାନେ ରାଜି ହେଲେ ନାହିଁ । ଧର୍ମଘଟ ଆହୁରି ଜୋରଦାର କଲେ । କୋଠରି ଭିତରୁ ବାହାରି ଗଲେ ସିନା କିନ୍ତୁ ଅଫିସ ଭିତରକୁ ଯିବା ଆସିବା ବନ୍ଦ କରିଦେଲେ । ଘେରାଉ ସହିତ ଲଗାତାର ଧ୍ୱନି ଦେବାକୁ ଲାଗିଲେ- ଦଲାଲକୁ ହଲାଲ କର, ଅତ୍ୟାଚାର ଚଳିବ ନାହିଁ, ସଂଗ୍ରାମ ଚାଲୁଛି ଚାଲିବ ।

କ୍ରମଶଃ ସନ୍ଧ୍ୟା ହେଲା । ଘନ ଘନ ଟେଲିଫୋନ ଆସିଲା ହେଡ୍ ଅଫିସରୁ । କିଛି ଗୋଟେ ସମାଧାନ କରିବା ପାଇଁ । ମୁଁ ଜିଲ୍ଲାପାଳ ଓ ପୁଲିସ ସୁପରିଣ୍ଟେଣ୍ଟଙ୍କ ସହିତ ଫୋନରେ କଥା ହେଲି । ସେତେବେଳେ ବାମପନ୍ଥୀ ସରକାରଙ୍କ ରାଜତ୍ୱ । ଶ୍ରୀଯୁକ୍ତ ଜ୍ୟୋତି ବସୁ ଉପମୁଖ୍ୟମନ୍ତ୍ରୀ ତଥା ଘରୋଇ ମନ୍ତ୍ରୀ । ଏସ୍.ପି. ଓ କଲେକ୍ଟର ସରକାରଙ୍କ ନୀତି ସମ୍ପର୍କରେ କହିଲେ । ଶ୍ରମିକ ଆନ୍ଦୋଳନ ହିଂସାତ୍ମକ ନହେବାଯାଏ ସେମାନଙ୍କୁ ବାଧା ନ ଦବା ପାଇଁ ସରକାରୀ ଆଦେଶ ବୟାନ କଲେ ।

ମୁଁ ସମସ୍ତଙ୍କୁ ଜଣାଇଦେଲି ଯେ ଘେରାଉ ଯେତେ ଦିନ ଇଚ୍ଛା ଚାଲିପାରେ, କିନ୍ତୁ କର୍ମଚାରୀମାନଙ୍କର ଅଯୌକ୍ତିକ ଦାବି ମାନିନବା ସମ୍ଭବ ନୁହେଁ । ସହକାରୀ ଫୋରମ୍ୟାନଙ୍କୁ ସସପେଣ୍ଡ କରାଯାଇ ପାରିବ ନାହିଁ ବରଂ କିଏ ଦୋଷୀ କିଏ ନିର୍ଦ୍ଦୋଷ ତାହା ଜାଣିବା ପାଇଁ ଏକ ଉଚ୍ଚସ୍ତରୀୟ ଅନୁସନ୍ଧାନ କରାହେବ ଓ ଦୋଷୀକୁ ଦଣ୍ଡ ଦିଆଯିବ । ନେତାମାନେ କହିଲେ ତା' ହେଲେ ରତନା ଉପରୁ ସସ୍ପେନସନ ଆଦେଶ ଉଠାଇ ନିଅ । ମୁଁ କହିଲି ସେ କର୍ତ୍ତବ୍ୟରେ

Digitized by srujanika@gmail.com

ଅବହେଳା କରିଥିବାରୁ ସସପେଣ୍ଡ ହୋଇଛି । ତାପରେ ସସପେନସନ ଏକ ଶୃଙ୍ଖଳାଗତ ବିଧାନ ମାତ୍ର- ଏହା ଦଣ୍ଡ ନୁହେଁ । ତେଣୁ ରତନାର ସସପେନସ ବଳବତ୍ତର ରହିବ ।

ଘେରାଉ ଆହୁରି ଯୋର ହେଲା । ରାତିସାରା ଆମେ ଦୁହେଁ ବନ୍ଦୀ ହୋଇ ରହିଲୁ କୋଠରି ଭିତରେ । ଖିଆପିଆ ବନ୍ଦ । ନେତାମାନଙ୍କର ଆକ୍ରୋଶ ଶ୍ରୀରଙ୍ଗମଙ୍କ ଉପରେ । ମୋ ଖାତିରରେ ତାଙ୍କୁ ଓ ମୋତେ ରାତି ଦଶଟାରେ ପାଉରୁଟି ଓ ଚା' ଯାଚିଲେ, କିନ୍ତୁ ତାଙ୍କୁ ଅକଥ୍ୟ ଭାଷାରେ ଗାଳିଗୁଲଜ କରୁଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଦେଇ ତାହା ପ୍ରତ୍ୟାଖ୍ୟାନ କଲି । ସେମାନେ ରାତି ସାରା ସ୍ଲୋଗାନ ଦେଲେ । ଅଫିସରର ଚମଡ଼ାରେ ଯୋତା ତିଆରି କରାଯିବ, ଅଫିସରର ଆଖି ଖୋଳି ଆଣ, ଚରିତ୍ରହୀନ ଲମଟଙ୍କୁ ବରଖାସ୍ତ କର... ଦଲାଲକୁ ହଲାଲ କର... ।

ଚବିଶ ଘଣ୍ଟା ଅତୀତ ହୋଇଗଲା । ପ୍ରାୟ ଛତିଶ ଘଣ୍ଟା ପାଖାପାଖି ବେଳକୁ ରାଇଟର୍ସ ବିଲଡ଼ିଂରୁ ଫୋନ ଆସିଲା ଜ୍ୟୋତି ବାବୁଙ୍କ ଅଫିସରୁ । ଫୋନ ଧରିଲେ ସି.ପି.ଏମ.ର. ଏମ.ଏଲ.ଏ. ପତିତପାବନ ପାଠକ । ସେ ଜଣେଇ ଦେଲେ ଘରୋଇ ମନ୍ତ୍ରୀଙ୍କ ଇଚ୍ଛା । ରତନା ଉପରୁ ସସପେନସନ ଆଦେଶ ଉଠାଇ ନିଅ ।

ମୁଁ ବିନୟର ସହିତ କହିଲି ତାହା ସମ୍ଭବ ନୁହେଁ । ଶୃଙ୍ଖଳା ନ ରହିଲେ ରେଳବାଇ ଚଳିପାରିବ ନାହିଁ । ଶେଷରେ ସେ କହିଲେ ଯେ ସେ ନିଜେ ଆସିବେ କଥାବାର୍ତ୍ତା କରିବା ପାଇଁ ମୁଁ ତାଙ୍କୁ ସ୍ୱାଗତ କଲି ।

କୌଣସି ସମାଧାନ ହେଲା ନାହିଁ । ମୁଁ ଅଟଳ ରହିଲି ପୂର୍ବ ସିଦ୍ଧାନ୍ତରେ । ସନ୍ଧ୍ୟା ଛଅଟା ବେଳେ ଏସ.ପି. ଓ ଅତିରିକ୍ତ ଜିଲ୍ଲାପାଳ ଆସି ପହଞ୍ଚିଲେ । ପାଠକଙ୍କ ସହିତ ପରାମର୍ଶ କରି ସେମାନେ ଘରୋଇ ମନ୍ତ୍ରୀଙ୍କୁ ଜଣାଇଲେ । ସେଠାରୁ ଫୋନ ଆସିଲା ୟୁନିୟନ ସଭାପତିଙ୍କ ପାଖକୁ । ଧର୍ମଘଟ ଉଠାଇ ନିଅ... ଘେରାଉ ବନ୍ଦ କର । ରାଜ୍ୟ ସରକାର କେନ୍ଦ୍ର ମନ୍ତ୍ରୀଙ୍କ ସହିତ ଏ ବିଷୟରେ ଆଲୋଚନା କରିବେ ।

ସନ୍ଧ୍ୟା ସାତଟାରେ ଧର୍ମଘଟ ଓ ଘେରାଉ ଉଠାଇ ନିଆଗଲା । ମୋତେ ଓ ଶ୍ରୀରଙ୍ଗମଙ୍କୁ ଏ.ଡ଼ି.ଏମ. ଓ ଏସ.ପି. ବାଟ କଢ଼ାଇ ନେଇଗଲେ । ଏହା ହିଁ ସବୁଠାରୁ ଲମ୍ବ ଘେରାଉ ଭାବରେ ରେକର୍ଡ଼ ରହିଯାଇଛି ।

ବାହାରି ଆସିଲାବେଳେ ଶୁଣିଲି ଫୋରମ୍ୟାନଙ୍କଠାରୁ - ମୁଁ ଓ ମୋର ସହକାରୀ ଦୁହେଁ ମଲାକୁକୁରର ଲାସଟାକୁ ବାହାରେ ଫୋପାଡ଼ି ଦେଇ ଆସିଛୁ । ପରିବେଶ ପ୍ରଦୂଷଣର ଭୟ ନାହିଁ ଆଉ । ମୋତେ ଏକଥା ଶୁଣି ହସ ମାଡ଼ିଲା ।

Digitized by srujanika@gmail.com

ଦଲାଲକୁ ହଲାଲ କର

୧୯୬୬ର ଘଟଣା । ସେତେବେଳେ ମୁଁ ଖଡ୍ଗପୁରରେ ଥିଲି ଡ଼ିଭିଜନାଲ ପର୍ସୋନେଲ ଅଫିସର । ବାମପନ୍ଥୀ ଟ୍ରେଡ଼ ୟୁନିଅନମାନଙ୍କର ଆନ୍ଦୋଳନ ତୀବ୍ର ହେଉଥାଏ ଦିନକୁ ଦିନ । ରେଳବାଇର ଷୋହଳ ଲକ୍ଷ କର୍ମଚାରୀଙ୍କର ଆନୁଗତ୍ୟ ବିଭକ୍ତ ହୋଇଯାଇଥାଏ ଦୁଇଟି ପ୍ରଧାନ ୟୁନିଅନ ମଧ୍ୟରେ । ଗୋଟିଏ ଭାରତୀୟ ଜାତୀୟ ଟ୍ରେଡ଼ ୟୁନିୟନ କଂଗ୍ରେସ (ଆଇ.ଏନ.ଟି.ୟୁ.ସି.)ଏବଂ ଅନ୍ୟଟି ନିଖିଳଭାରତ ଟ୍ରେଡ଼ ୟୁନିଅନ କଂଗ୍ରେସ(ଏ.ଆଇ.ଟି.ୟୁ.ସି) । ପ୍ରଥମଟି କଂଗ୍ରେସ ସମର୍ଥିତ ଓ ଦ୍ୱିତୀୟଟି ବାମପନ୍ଥୀ ଦଳମାନଙ୍କ ଦ୍ୱାରା ସମର୍ଥିତ । ଆଦର୍ଶଗତ ବିଭାଜନ ଯୋଗୁଁ ତୀବ୍ର ହେଉଥାଏ ଆନ୍ଦୋଳନ । ଅଫିସର ମାନେ ଏଷ୍ଟାବ୍ଲିସମେଣ୍ଟର ରକ୍ଷକ । ପୁଣି ସରକାର ବା ଏଷ୍ଟାବ୍ଲିସମେଣ୍ଟ ସ୍ଥିତାବସ୍ଥାର ପୂଜକ । ଏହି କାରଣରୁ ଅଫିସରମାନଙ୍କୁ ବିଶ୍ୱାସ ନ କରି ଆନ୍ଦୋଳନକୁ ତୀବ୍ର କରିବା ଲାଗି ପ୍ରବର୍ତ୍ତାଉଥାନ୍ତି ନେତାମାନେ । କଂଗ୍ରେସ ଶାସନରେ ଥିବା ଯୋଗୁଁ କଂଗ୍ରେସ ସମର୍ଥିତ ଟ୍ରେଡ଼ ୟୁନିୟନ କିଛି ଅଧିକ ସୁବିଧା ସୁଯୋଗର ଅଧିକାରୀ ହେବା ସ୍ୱାଭାବିକ । ତେଣୁ ଏ.ଆଇ.ଟି.ୟୁ.ସି. ବା ନିଖିଳଭାରତ ଟ୍ରେଡ଼ ୟୁନିୟନ କଂଗ୍ରେସ, ବିପକ୍ଷ ୟୁନିୟନ ବିରୁଦ୍ଧରେ ପ୍ରତିଯୋଗିତା କରୁଥାଏ ସବୁ ସ୍ଥାନରେ ।

ଶ୍ରମିକମାନଙ୍କର ଦାବି ପୂର୍ଣ୍ଣ ହେଉ ନଥିବାରୁ ପ୍ରାୟ ପ୍ରତିଦିନ ଆନ୍ଦୋଳନ ହେଉଥାଏ । ମଝିରେ ମଝିରେ ସ୍ଥାନୀୟ ଧର୍ମଘଟ ଛଡ଼ା, ଶୋଭାଯାତ୍ରା କରି ପ୍ରଶାସନର ନିନ୍ଦା କରିବା, ଅଫିସରମାନଙ୍କୁ ଘେରାଉ କରିବା ବା ଅଫିସ ଅବରୋଧ କରିବା ନିତ୍ୟନୈମିତିକ ଘଟଣାରେ ପରିଣତ ହୋଇଥାଏ ।

ବାମପନ୍ଥୀ କର୍ମଚାରୀ ୟୁନିୟନ ଦିନେ ହଠାତ୍ ଧର୍ମଘଟ ପାଇଁ ଆହ୍ୱାନ ଦେଲେ । ଖଡ଼ଗପୁର ଡ଼ିଭିଜନରେ ସେମାନଙ୍କର ପ୍ରଭାବ ଅତିବେଶି ନ ଥିଲେ ବି ଖଡ଼ଗପୁର ୱାର୍କସପରେ ସେମାନଙ୍କର ପ୍ରଭାବ ପ୍ରବଳ ଥିଲା । କୋଡ଼ିଏ ହଜାର କର୍ମଚାରୀ କାମ କରନ୍ତି ଏଇ ବିରାଟ ୱାର୍କସପରେ । ଉପରୁ ନିର୍ଦ୍ଦେଶ ଆସିଲା, ସେମାନଙ୍କର ଆଯୌକ୍ତିକ ଦାବି ମାନି ନ ନେଇ

Digitized by srujanika@gmail.com

ରେଳ ଚଳାଚଳ ଯେପରି ବ୍ୟାହତ ନହୁଏ, ସେ ଦିଗରେ ସବୁ ପ୍ରକାର ପଦକ୍ଷେପ ନେବା ପାଇଁ । ଆୟୋଜନ ଚାଲିଲା ଧର୍ମଘଟରେ ମୁକାବିଲା କେମିତି କରାଯିବ । ଯେଉଁ କର୍ମଚାରୀମାନେ ଦୂରଦୂରାନ୍ତରୁ ଆସନ୍ତି ସେମାନେ ଘରକୁ ଫେରି ନ ଯାଇ ଯେପରି ରାତିରେ ଅଫିସରେ ରହି ସକାଳେ ଠିକ୍ ସମୟରେ କାମରେ ଯୋଗଦେବେ ସେଥି ସକାଶେ ସବୁ ପ୍ରକାର ବ୍ୟବସ୍ଥା କରାଗଲା । ୱାର୍କସପରେ ମଧ୍ୟ ଅନୁରୂପ ବ୍ୟବସ୍ଥା ହେଲା । ସେତେବେଳେ ଜଗନ୍ନାଥ ରାୟ ଥାଆନ୍ତି ଡ଼ିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଏବଂ ପ୍ରସାଦ ସାହେବ ୱାର୍କସପର ସୁପରିଣ୍ଟେଣ୍ଡେଣ୍ଟ । ଦୁହେଁ ଭଲ ଲୋକ ଓ କର୍ମଚାରୀମାନଙ୍କ ଦାବି ପ୍ରତି ସହାନୁଭୂତିଶୀଳ । କିନ୍ତୁ ତାହାସତ୍ତ୍ୱେ ଧର୍ମଘଟ ସଫଳ କରାଇବା ପାଇଁ ୟୁନିୟନ ପକ୍ଷରୁ ଯେପରି ପ୍ରବଳ ଉଦ୍ୟମ କରାଗଲା ସେହିପରି ପ୍ରଶାସନ ପକ୍ଷରୁ ଧର୍ମଘଟ କରାଇ ନଦେବା ସକାଶେ ସବୁ ପ୍ରକାର ଉପାୟ ଅବଲମ୍ବନ କରାଗଲା ।

ମୋ ଉପରେ ସମସ୍ତ ଅଫିସ୍‌ର ଦାୟିତ୍ୱ । ସବୁ ଅଞ୍ଚଳକୁ ଅଫିସର-ଏବଂ ଅନୁଗତ କର୍ମଚାରୀମାନଙ୍କୁ ପଠାଇବା, ପୋଲିସ ଓ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ସମ୍ପର୍କ ଓ ସମନ୍ୱୟ ରକ୍ଷା କରି ଆଇନଶୃଙ୍ଖଳା ଯେପରି ବ୍ୟାହତ ନ ହୁଏ ଏବଂ ରେଳ ଚଳାଚଳ ଯେମିତି ବନ୍ଦ ନହୁଏ ତାହା ତଦାରଖ କରିବା ଥିଲା ମୋର ଦାୟିତ୍ୱ । ବାମପନ୍ଥୀ ୟୁନିୟନର ନେତା ଥିଲେ କମ୍ୟୁନିଷ୍ଟ ନେତା ନାରାୟଣ ଚୌବେ । ପରେ ସେ ଲୋକସଭାର ସଦସ୍ୟ ଥିଲେ ଦଶବର୍ଷ । ନାରାୟଣ ଚୌବେ ଓ ୟୁନିୟନ ନେତାମାନଙ୍କ ସହିତ ମୋର ସମ୍ପର୍କ ଭଲ ଥିଲା । ଚୌବେ ମୋତେ କହିଲେ ଯେ, ଏ ସଂଗ୍ରାମ ମୋ ବିରୁଦ୍ଧରେ ନୁହେଁ, ପ୍ରଶାସନ ବିରୁଦ୍ଧରେ, ତେଣୁ ଏହା ଯେପରି ଆମ ସମ୍ପର୍କର ଅନ୍ତରାୟ ନ ହୁଏ । ମୁଁ ତାଙ୍କୁ ବୁଝାଇଲି । ୟୁନିୟନର ନେତାମାନଙ୍କ ସହିତ କଥାବାର୍ତ୍ତା କଲି । ସବୁ ବିଫଳ ହେଲା । ଧର୍ମଘଟ ଆରମ୍ଭ ହେଲା । ମୁଁ ଭାବିଥିଲି ଧର୍ମଘଟକାରୀମାନେ ଅଫିସ ଆରମ୍ଭ ବେଳକୁ ଫାଟକ ବନ୍ଦକରି ଛିଡ଼ା ହେବେ ଆଗରେ । ସେମାନେ ସେଇ ସୂଚନା ମଧ ଦେଇଥିଲେ । କିନ୍ତୁ ସେମାନେ ସକାଳ ସାତଟା ବେଳକୁ ଅଫିସ ଚାରିପାଖରେ ଘେରିଗଲେ । ସବୁ ଯିବା ଆସିବା ବନ୍ଦ ହୋଇଗଲା । ରାୟ ସାହେବ ସାତଟାଆଗରୁ ଅଫିସକୁ ଆସି ଯାଇଥିଲେ । ମୁଁ ସାଢ଼େ ସାତଟା ବେଳକୁ ଆସିଲି, କିନ୍ତୁ ଫାଟକ ପାର ହୋଇ ପାରିଲି ନାହିଁ । କିପରି କେଉଁ ବାଟ ଦେଇ ଭିତରକୁ ପଶିବି ଭାବୁ ଭାବୁ ପଛପଟେ କେହି ନଥିବାର ଦେଖି କଣ୍ଟାବାଡ଼ ଡେଇଁବା ପାଇଁ ଚେଷ୍ଟା କଲାବେଳେ ଧର୍ମଘଟକାରୀମାନେ ହୋ ହୋ କରି ମାଡ଼ି ଆସିଲେ । ଟେକା ପଥର ବି ଫୋପାଡ଼ିଲେ ମୋତେ ଲକ୍ଷ୍ୟ କରି । ମୁଁ ପ୍ରାଣଭୟରେ ଡ଼ିଆଁ ମାରିଦେଲି କଣ୍ଟାବାଡ଼ ଉପରେ । ପ୍ୟାଣ୍ଟ ଲାଗିଗଲା କଣ୍ଟାରେ, କଚାଡ଼ି ହୋଇ ପଡ଼ିଲି ସେ ପାଖରେ, ରକ୍ତାକ୍ତ ହେଲି । ପେଣ୍ଟ ସାର୍ଟ ଚିରିଗଲା । ପଛରୁ ମାଡ଼ି ଆସୁଥିବା ଧର୍ମଘଟକାରୀମାନେ ଚିତ୍କାର କରୁଥାଆନ୍ତି 'ଦଲାଲକୁ

Digitized by srujanika@gmail.com

ଦଲାଲ କର', 'ଏଜେଣ୍ଟମାନଙ୍କୁ ନିପାତ କର' । ଡ଼ିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ମୋ ସାହାସର ପ୍ରଶଂସା କଲେ ସତ, କିନ୍ତୁ ଅଳ୍ପ ସମୟ ମଧ୍ୟରେ ଆମ୍ବୁଲାନ୍ସରେ ମୁଁ ଗଲି ହସପିଟାଲ । ଭାଗ୍ୟଭଲ, ସେତେବେଳକୁ ଚୌବେ ଉପସ୍ଥିତ ଥିଲେ ଧର୍ମଘଟକାରୀମାନଙ୍କ ଗହଣରେ । କେହି ସାହସ କଲେନି ଆମ୍ବୁଲାନ୍ସ ଅଟକାଇବା ପାଇଁ ।

କିନ୍ତୁ ବଡ଼ ସାଙ୍ଘାତିକ ଖବର ଆସିଲା ୱାର୍କସପ୍‌ରୁ । ସେଠାରେ ଧର୍ମଘଟକାରୀମାନଙ୍କର ଉତ୍ପାତ ଚରମ ସୀମାରେ ପହଞ୍ଚିଥିଲା । ୱାର୍କସପ୍‌ର ସୁପରିଣ୍ଟେଣ୍ଡେଣ୍ଟ ପ୍ରସାଦ ସାହେବଙ୍କୁ ଅଫିସ ଭିତରୁ ଘୋଷାରି ଟାଣି ଟାଣି ୱାର୍କସପ ଫାଟକ ବାହାରକୁ ନେଇ ଆସିଥିଲେ ଏମାନେ । ସେ ପ୍ରତିବାଦ କରିବାରୁ ତାଙ୍କୁ ଭୂମିସାତ୍ କରି ଗୋଇଠା ମାରିଥିଲେ । ଆହୁରି ଭୟଙ୍କର କିଛି ବାକିଥିଲା କରିବା ପାଇଁ । ୟୁନିୟନର ଆଦେଶ ନ ମାନି କାମ କରୁଥିବା କତିପୟ ଅନୁଗତ କର୍ମଚାରୀଙ୍କୁ ଲାଞ୍ଛିତ ଓ ନିର୍ଯ୍ୟାତିତ କରି ସେମାନଙ୍କ ମଧ୍ୟରେ ଥିବା ତିନିଜଣ ମହିଳା କର୍ମଚାରୀଙ୍କର ଶାଢ଼ୀ ଖୋଲି ଦେଇଥିଲେ କୁରୁସଭାରେ ଦ୍ରୌପଦୀଙ୍କୁ ବିବସ୍ତ୍ରା କରିବା ପରି ।

ପୋଲିସ ଆସିଲେ । ଗିରଫ ହେଲେ ଅନେକ । ଚବିଶ ଘଣ୍ଟା ମଧ୍ୟରେ କେତେଜଣ ନେତାଙ୍କୁ ଚାକିରିରୁ ବହିଷ୍କାର କରାଗଲା ଓ ଆଉ କେତେକଙ୍କୁ ସସପେଣ୍ଡ କରି ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳା ଭଙ୍ଗ ଓ ଅନ୍ୟାନ୍ୟ ଅଭିଯୋଗରେ ଶାସ୍ତିବିଧାନ କରିବାକୁ ପଦକ୍ଷେପ ନିଆଗଲା ।

ତା'ପରଦିନ ସନ୍ଧ୍ୟାରେ ୟୁନିୟନର ସର୍ବମୟ କର୍ତ୍ତା ନାରାୟଣ ଚୌବେ ମୋ ବଙ୍ଗଳାକୁ ଆସି ଦୁଃଖ ପ୍ରକାଶ କରି କହିଲେ- ଆପଣଙ୍କ ପାଖରେ କ୍ଷମାପ୍ରାର୍ଥନା କରିବାକୁ ଆସିଛି । ଭୁଲ ହୋଇଗଲା । ଆନ୍ଦୋଳନ ହିଂସାତ୍ମକ ହୋଇଗଲା । କେହି ଶୃଙ୍ଖଳା ମାନିଲେ ନାହିଁ । ମୁଁ ଦୁଃଖିତ । କ୍ଷମା କରିବେ ।

ମୁଁ କହିଲି- ଏଇ ହିଂସା ହିଁ ଟ୍ରେଡ ୟୁନିଅନ ଆନ୍ଦୋଳନଟି ଦଲାଲ, ଏହାକୁ ହତ୍ୟା ନକରି; ଆପଣମାନଙ୍କ ମଧ୍ୟରେ ଲୁଚିଛପି ବିଶୃଙ୍ଖଳା ସୃଷ୍ଟି କରୁଥିବା ଏଜେଣ୍ଟମାନଙ୍କୁ ନିପାତ ନ କରି ମିଛରେ ଆମକୁ ଦଲାଲ ଭାବି ହତ୍ୟା କରିବାକୁ ଚାହୁଁଥିଲେ । ଆମେ ବି ଏ ଦେଶର ନାଗରିକ... ଏ ଦେଶ ପ୍ରତି ଆମର ଆନୁଗତ୍ୟ ଓ ଭଲପାଇବା କାହାରିଠାରୁ ଊଣା ନୁହେଁ... ।

ଚୌବେ କିଛି ନ କହି ବସି ରହିଲେ ଚୁପ୍ ହୋଇ । ନିରବତା ମାଡ଼ି ମାଡ଼ି ପଡୁଥିଲା ବେଳେ ମୋ ସ୍ତ୍ରୀ ଗୀତା ଦେବୀ ଚା ନେଇ ପହଞ୍ଚି ସାରିଥିଲେ ଅତିଥିମାନଙ୍କୁ ସମ୍ଭୋଳିବା ପାଇଁ ।

Digitized by srujanika@gmail.com

ନକ୍ସଲବାଦୀର ଶେଷ ଚିଠି

୧୯୭୦ ମସିହା ଘଟଣା । ମାର୍ଚ୍ଚ ମାସର ଗୋଟିଏ ରବିବାର । ସେତେବେଳର ଦକ୍ଷିଣ-ପୂର୍ବ ରେଳବାଇର ମାର୍କେଟିଂ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟେନ୍ଦ୍ର ନାଥ କର ନିମନ୍ତ୍ରଣ କଲେ ରବିବାରଟି ତାଙ୍କ ଘରେ କଟେଇବା ପାଇଁ । କେତେ ମାସ ପୂର୍ବରୁ ତାଙ୍କର ପତ୍ନୀ ବିୟୋଗ ହୋଇଥିଲା । ତେଣୁ ସେ ଏକାକୀ ଅନୁଭବ କରୁଥିଲେ ବୋଲି ବେଳେ ବେଳେ ସାଙ୍ଗସାଥୀମାନଙ୍କୁ ଡାକି ମନକଥା କହୁଥିଲେ ଓ ସେମାନଙ୍କର ସାନ୍ନିଧ୍ୟ ପାଇ ନିଜକୁ ଭୁଲେଇବାକୁ ଚେଷ୍ଟା କରୁଥିଲେ ।

ମୁଁ ସେତେବେଳେ ରେଳବାଇର ହେଡ୍‌କ୍ୱାଟେରର୍ସରେ ଉପମୁଖ୍ୟ ବାଣିଜ୍ୟ ଅଧୀକ୍ଷକ ଭାବରେ କାର୍ଯ୍ୟ କରୁଥାଏ । କର ସାହେବ ମୋ ଠାରୁ ବୟସରେ ଅନେକ ବଡ଼ ଏବଂ ଚାକିରିରେ ମଧ୍ୟ ସିନିୟର । ସରଳ ପ୍ରକୃତିର ଲୋକ । ମେଳାପି । ତେଣୁ ତାଙ୍କ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିବାର ପ୍ରଶ୍ନ ନ ଥିଲା । ମୁଁ ଓ ଗୀତା ବାହାରିଲୁ ନିମନ୍ତ୍ରଣ ରକ୍ଷା କରିବା ପାଇଁ । ସସ୍ତ୍ରୀକ ଯିବାଲାଗି ସନିର୍ବନ୍ଧ ଅନୁରୋଧ କରିଥିଲେ । ତାଙ୍କ ଘରେ ପହଁଞ୍ଚିବା ପରେ ଆହୁରି କେତେଜଣ ବନ୍ଧୁଙ୍କୁ ସେଠାରେ ଦେଖିଲି । ସେମାନଙ୍କୁ ଅନୁରୂପ ନିମନ୍ତ୍ରଣ କରିଥିଲେ କର ସାହେବ ।

ତାଙ୍କ ଘରେ ପାଦଦବାକ୍ଷଣି ସେ କହିଲେ- ସେ ଥିବାବେଳେ ଆପଣମାନଙ୍କୁ ଡାକିବାର ସୁଯୋଗ ହେଲାନି । ଆଖି ଛଳଛଳ ମୁହଁରେ ଭାବପ୍ରବଣତା । ଆମେ ସାନ୍ତ୍ୱନା ଦବା ସ୍ୱରରେ କହିଲୁ- ଭଗବାନଙ୍କର ସେ ଇଚ୍ଛା ନ ଥିଲା ନିଶ୍ଚୟ... ତଥାପି ଏଇ ଘରକୁ ଆସି ଏହାର ପ୍ରତି କୋଣରେ ଅନୁଭବ କରୁଛୁ ତାଙ୍କର ସାନ୍ନିଧ୍ୟ ।

କର ସାହେବ କହିଲେ- ହଁ, ତିରିଶବର୍ଷର ଘରକରଣାର ଚିହ୍ନ ଏଇ ଘରେ ସର୍ବତ୍ର ବିଦ୍ୟମାନ ।

ଆମ ସମସ୍ତଙ୍କୁ ଘର ବୁଲାଇ ଆଣିଲାବେଳେ ତାଙ୍କ ଚାକରାଣୀ ଲକ୍ଷ୍ମୀ ସହିତ ପରିଚୟ କରାଇ ଦେଇ କହିଲେ ଏ ଏଇ ଲକ୍ଷ୍ମୀ ମୋର ଝିଅ... ସେ ତା ସ୍ୱାମୀ ସହିତ ଏଇ ଘରେ ରହେ । ଆମର ଦେଖାଶୁଣା କରେ... ସେ ଆପଣଙ୍କ ଓଡ଼ିଶାରୁ ଆସିଚି ।

Digitized by srujanika@gmail.com

ଲକ୍ଷ୍ମୀ ର ସୁଖ୍ୟାତି ଶୁଣିଲି ବହୁତ । ସବୁଥିରେ ପାରଙ୍ଗମ ପଣର ପ୍ରଶଂସା କଲେ କର ସାହେବ । ସେ କହିଲା- ଚା ତିଆରି କରୁଛି... ଆପଣଙ୍କ ପାଇଁ ବି ଆଣିବି ।

କର ସାହେବ କହିଲେ- ହଁ, ଉପରକୁ ନେଇଆ... ଚା' ପାନ ପରେ ଗଳ୍ପ କରୁ କରୁ ସମୟ ଉତ୍ତୀର୍ଣ୍ଣ ହୋଇଗଲା । ମଧ୍ୟାହ୍ନ ଭୋଜନର ପରିପାଟି ଦେଖି ଅବାକ୍ ହେବାକୁ ପଡ଼ିଲା । ବିଭାଘର ଭୋଜିଠାରୁ ବଳି ଆଡ଼ମ୍ବର । ଲକ୍ଷ୍ମୀ ପ୍ରଶଂସା ସମସ୍ତଙ୍କ ମୁହଁରେ । ତା ପରେ କର ସାହେବ କହିଲେ- ମୋ ଝିଅ ବାହା ହୋଇ ଚାଲିଯାଇଛି ସ୍ୱାମୀ ଘରକୁ । ଦୁର୍ଗାପୁରରେ ଅଛି ସୁଖରେ । ବଡ଼ ପୁଅ ଫିଜିକ୍ସରେ ଏମ.ଏ. ଏସ.ସି. । ଫାଷ୍ଟକ୍ଲାସ ଫାଷ୍ଟ କଲିକତା ବିଶ୍ୱ ବିଦ୍ୟାଳୟର । ଏଇଠି ଅଛି । ଏକାଘରେ ଅଛି ଅଥଚ ଏଯାଏ ତା ସହିତ ଦେଖା ହୋଇ ନ ଥିବାରୁ ଆଶ୍ଚର୍ଯ୍ୟ ହେଲି । କର ସାହେବ ଗୋଟେ କୋଠରୀ ଦେଖାଇ କହିଲେ- ଏଇଠି ରହେ... କବାଟ ବନ୍ଦ ଥାଏ... ପାଗଳ ସିଗାରେଟ ଟାଣୁଛି ତ ଟାଣୁଛି...ଦିନ ଦିନ ନ ଖାଇ ରହିପାରେ...; ବେଳେବେଳେ ହିଂସ୍ର ହୋଇଯାଏ ବଣ୍ୟ ଶୂକର ପରି ।

ସେଇ ହତଭାଗ୍ୟ ଯୁବକ ଆମକୁ ଦେଖିଲା ଝରକାବାଟେ, କିଛି କହିଲା ନାହିଁ । କର ସାହେବ କହିଲେ -ସାନ ପୁଅ ମାମୁଁ ଘରେ... ଅତିଥି... । ସେ ଖଡ଼ଗପୁର ଇଣ୍ଡିଆନ ଇନ୍‌ଷ୍ଟିଚିଉଟ୍ ଅଫ୍ ଟେକ୍‌ନୋଲଜିର ଛାତ୍ର । ଇଂଜିନିୟରିଂ ପଢୁଥିଲା ପ୍ରଥମ ଶ୍ରେଣୀରେ ବି.ଏସ.ସି ପାସ କରିବା ପରେ, କ୍ଲାସରେ ଫାଷ୍ଟ ହୁଏ, ମେଧାବୀ । କିନ୍ତୁ....

କଣ କହନ୍ତୁ ଦାଦା...

ନକ୍ସଲବାଦୀ । ସଂପୂର୍ଣ୍ଣ ବିପ୍ଳବରେ ବିଶ୍ୱାସୀ । ଚାରୁ ମଜୁମଦାରଙ୍କର ଶିଷ୍ୟ । ସେଥିପାଇଁ ତ ସରକାର ଧରିନେଇଗଲେ ଫାଇନାଲ ପରୀକ୍ଷା ଦବା ଆଗରୁ । ଏବେ ଆଲିପୁର ଜେଲରେ ସଢୁଛି... ।

ଜଣେ ପାଗଳ... ଆଉ ଜଣେ ଜେଲ ଖାନାରେ... ଅଥଚ କର ସାହେବ ଆମକୁ ନିମନ୍ତ୍ରଣ କରିଛନ୍ତି ଭୋଜି ଖାଇବା ପାଇଁ ! ମୁଁ ଥଳକୂଳ ପାଇଲି ନାହିଁ । ତାଙ୍କ ମୁହଁକୁ ଅନେଇଲି ଭଲକରି । ଦାର୍ଶନିକ ପରିସେଇ ଦୃଷ୍ଟି ନିର୍ଲିପ୍ତ... ।

ଆମେ ବସିଲୁ ବୈଠକ ଖାନାରେ । ମୁଁ କହିଲି- ଆପଣ କିଛି କରିପାରିଲେ ନାହିଁ ତାକୁ ମୁକୁଳାଇବା ପାଇଁ ।

-ହଁ କରିଥିଲି, କିନ୍ତୁ ସବୁ ବୃଥା ହେଲା... ସେ ମନା କରିଦେଲା ନିଜର ଭୁଲ ସ୍ୱୀକାର କରି ବ୍ୟକ୍ତିଗତ ବଣ୍ଡରେ ଆସିବା ପାଇଁ । ଜ୍ୟୋତି ବସୁ ରାଜି ଥିଲେ ଛାଡ଼ିଦବା ପାଇଁ । ଆପାତତଃ ତା ନାମରେ କୌଣସି ହତ୍ୟାର ପ୍ରତ୍ୟକ୍ଷ ପ୍ରମାଣ ନାହିଁ... କେବଳ ରାଷ୍ଟ୍ର ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିବାର ଅଭିଯୋଗ... ।

ମୁଁ ଦୀର୍ଘନିଃଶ୍ୱାସ ଛାଡ଼ିଲି । ସେ କହିଲେ- ମୁଁ ତାକୁ ଗୋଟେ ଚିଠି ଲେଖି ଜଣାଇଥିଲି ମୋର ଦୁର୍ଦ୍ଦଶାର କାହାଣୀ, ତା ମା'ଙ୍କର ଅକାଳ ବିୟୋଗ ଏବଂ ବଡ଼ଭାଇର ପାଗଳାମି ।

Digitized by srujanika@gmail.com

ଅନୁନୟକରିଥିଲି ଏଇ ବୃଦ୍ଧାବୟସରେ ଆସି ଯତ୍ନ ନବା ପାଇଁ, ଭାଇକୁ ଦେଖିବା ପାଇଁ... କିନ୍ତୁ ହେଲାନି... ସବୁ ନିରର୍ଥକ ହୋଇଗଲା । ସେ ଯୋଉ ଲମ୍ବା ଚିଠି ଦେଇଛି ଆପଣଙ୍କୁ ପଢ଼ି ଶୁଣାଇବା ଇଚ୍ଛା ମୋର... ଅନୁମତି ଦେଲେ... ।

ମୁଁ କହିଲି- ପଢ଼ନ୍ତୁ... ମୋ ଆଗ୍ରହ ହେଉଛି ଶୁଣିବା ପାଇଁ ।

କର ସାହେବ ଚିଠି ପଢ଼ିଲେ- ବାପା, ଆଜି ସକାଳେ ଆପଣଙ୍କର ଚିଠି ପାଇ ମନଟା ବିଷର୍ଣ୍ଣ ହୋଇଗଲା । ମୋର ଦୁଃଖ ଯେ ଆପଣଙ୍କ ଅସମୟରେ ମୁଁ ଆପଣଙ୍କ ପାଖରେ ରହି ପାରିଲି ନାହିଁ କି ପରିବାରର କୌଣସି କାମରେ ଆସିଲି ନାହିଁ । ପୁଅଠାରୁ ବାପା, ମା' ଓ ପରିବାର ବହୁତ କିଛି ଆଶା କରନ୍ତି । ସେ ଭଲ ପାଠ ପଢ଼ିବ, ଚାକିରି କରି ପରିବାର ପ୍ରତିପୋଷଣ କରିବ ଇତ୍ୟାଦି । ମୋ ଉପରେ ଆପଣ ଯେ ଅନେକ ଆଶା ରଖିଥିଲେ ଏହା ମୁଁ ବୁଝୁଚି, କିନ୍ତୁ ଆପଣଙ୍କ ଆଶା ସବୁ ବ୍ୟର୍ଥ ହୋଇଗଲା । କଣ କରିବି କହନ୍ତୁ... ଗୋଟିଏ ବଡ଼ ପରିବାରକୁ ସୁଖୀ କରିବା ପାଇଁ ଯେଉଁ ବିପ୍ଳବ ଆରମ୍ଭ ହୋଇଚି ମୁଁ ସେଥିରେ ଝାସ ଦେଇଚି । ମା' ଚାଲି ଗଲେ ମୁଁ ଦେଖି ପାରିଲି ନାହିଁ । ସେତେବେଳେ ଅଣ୍ଡର ଗ୍ରାଉଣ୍ଡରେ ଥିଲି । ଧରା ହୋଇ ଜେଲକୁ ଆସିଲି । ମାଆଙ୍କର ସେବା ସିନା କରି ପାରିଲି ନାହିଁ, ଆପଣଙ୍କର ଆଦେଶ ଉପଦେଶ ବି ମାନି ନାହିଁ । କିନ୍ତୁ ଜନନୀଜନ୍ମଭୂମିର ସେବାରେ ନିଜକୁ ସଂପୂର୍ଣ୍ଣଭାବେ ଉତ୍ସର୍ଗ କରି ଦେଇଛି । ଇତିହାସ ଅଧ୍ୟୟନ କଲେ ଆମକୁ ଏଇ ଶିକ୍ଷା ମିଳେ ଯେ ତ୍ୟାଗ ବିନା ନୂତନ କିଛି ସୃଷ୍ଟି କରାଯାଇ ପାରେ ନାହିଁ । ଭାରତର ପାରମ୍ପରିକ ସମାଜ, ଏଠାରେ ପ୍ରଚଳିତ ଅନ୍ଧ ବିଶ୍ୱାସ ଓ କୁସଂସ୍କାର, ଏହାର ଜନଜୀବନରେ ସଂଚିତ ହୋଇ ରହିଥିବା ରାଶି ରାଶି ଅନ୍ୟାୟ ଓ ଅବିଚାର କେବଳ କଥା ଦ୍ୱାରା ଦୂର କରାଯାଇ ପାରିବ ନାହିଁ । ସ୍ୱାଧୀନତା ପରେ ଗୋଟେ ବଡ଼ ସୁଯୋଗ ଆସିଥିଲା ଆମର ପାରମ୍ପରିକ ସମାଜ ଓ ମୂଲ୍ୟବୋଧକୁ ପରିବର୍ତ୍ତନ କରିବା ପାଇଁ । କିନ୍ତୁ ସେ ସୁଯୋଗ ହାତଛଡ଼ା ହୋଇଗଲା । ନ ହୁଅନ୍ତା କେମିତି ଯେ ? ଯେଉଁ ଭାବରେ ସ୍ୱାଧୀନତା ଆସିଲା ଏବଂ ଯେଉଁ ନୀତି ଗ୍ରହଣ କରାଗଲା ସେ ସବୁତ ନ୍ୟସ୍ତସ୍ୱାର୍ଥର ପରିଣତି । ଭାରତର କୃଷକ, ଶ୍ରମିକ ଘୋର ଦୁର୍ଦ୍ଦିନ ମଧ୍ୟରେ ବଞ୍ଚୁଛନ୍ତି । ସେମାନଙ୍କୁ ଶୋଷଣ କରାଯାଉଛି ପଲପଲ କରି । ସେମାନଙ୍କର ଭାଗ୍ୟ ଓ ଭବିଷ୍ୟତ ବନ୍ଧା ପଡ଼ିଛି ଶାସକ ଓ ସମାଜର ହାତରେ । ସେମାନଙ୍କୁ ମୁକ୍ତ କରିବାକୁ ପଡ଼ିବ । ନୂତନ ସାମ୍ୟବାଦୀ ସମାଜ ଗଢ଼ିବାକୁ ହେବ । ଏହା ଧ୍ୱନି ଦ୍ୱାରା ହେବ ନାହିଁ । ସଂପୂର୍ଣ୍ଣ ବିପ୍ଳବ ଦରକାର ଏଥିପାଇଁ । କିଏ କରିବ ଏଇ ବିପ୍ଳବ ? କମ୍ରେଡ଼ ଚାରୁ ମଜୁମଦାର ବାଟ ଦେଖେଇଛନ୍ତି ଏଥିପାଇଁ । ମାର୍କସ-ଲେନିନ-ମାଓ-ସେ-ତୁଙ୍ଗଙ୍କ ପଥପ୍ରଦର୍ଶକ ବାଣୀ ଅବାନ୍ତର ବା ଅପ୍ରାସଙ୍ଗିକ ନୁହେଁ । ତେଣୁ ଗୋଟିଏ ଛୋଟ ପରିବାରର ସ୍ୱାର୍ଥକୁ ବଳିଦେଇ ଗୋଟିଏ ବିରାଟ ପରିବାରର ସ୍ୱାର୍ଥରକ୍ଷା କରିବା ଲାଗି ମୁଁ ବଚନବଦ୍ଧ ।

Digitized by srujanika@gmail.com

ଯେଉଁମାନେ ଶୋଷକ, ପଳ ପଳ କରି ଅସହାୟ ମଣିଷର ରକ୍ତ ଶୋଷୁଛନ୍ତି ସେମାନଙ୍କୁ ନିପାତ କରିବା ଛଡ଼ା ଅନ୍ୟ ପନ୍ଥା ନାହିଁ । ପୁରାତନକୁ ଭାଙ୍ଗି ନୂତନକୁ ପ୍ରତିଷ୍ଠା କରିବାକୁ ପଡ଼ିବ । ସର୍ବହରାମାନଙ୍କର ସାର୍ବଭୌମ୍ୟ ସାମ୍ୟବାଦୀ ସମାଜ ଗଢ଼ିବାକୁ ହେବ । ମୁଁ ଆଉ ପଛକୁ ଯାଇପାରିବି ନାହିଁ କି ମୁକ୍ତି ଦବା ସକାଶେ ସରକାରଙ୍କୁ ବଣ୍ଡ ଲେଖି ଦେଇ ପାରିବି ନାହିଁ ।

ଜନସାଧାରଣଙ୍କ ସେବାରେ ନିଜକୁ ପୂର୍ଣ୍ଣପ୍ରାଣରେ ନିଯୁକ୍ତ କରିବା ଲାଗି ତ ଶପଥ ନେଇଛି । ଆଉ ଅନ୍ୟ ପ୍ରଶ୍ନ ଉଠୁନି । ଯଦି ଏଇ ଜେଲରେ ମୋର ସାରା ଜୀବନ ବିତିଯାଏ ସେଥିରେ କିଛି ଯାଏ ଆସେନା । ମୁଁ ତ ଏକାନୁହେଁ, ଅନେକ ସାଥୀ ଅଛନ୍ତି କାମ କରିବା ପାଇଁ । ବିପ୍ଳବ ବିନା ତ୍ୟାଗରେ ଆସେ ନାହିଁ । ଏହା ଆସେ ଚିନ୍ତା ଓ ଚେତନାରେ ପରିବର୍ତ୍ତନ ହେଲେ ।

ବାପା ! ମୋତେ ଭୁଲି ଯାଆନ୍ତୁ । ମୁଁ ଜେଲରେ ଅଛି ବୋଲି ଦୁଃଖ କରନ୍ତୁ ନାହିଁ, ବରଂ ଯଦି ସମ୍ଭବ ହୁଏ, ମନରେ ଗର୍ବବୋଧ କରନ୍ତୁ ଯେ, ଦେଶର ଏଇ ମହାନ୍ କାର୍ଯ୍ୟରେ ଆପଣଙ୍କର ଜଣେ ଅବାଧ୍ୟ ସନ୍ତାନ ସର୍ବସ୍ୱ ଜଳାଞ୍ଜଳି ଦେଇଛି । ଦାଦା ପାଇଁ ଦୁଃଖ ଲାଗୁଚି । କିନ୍ତୁ ମୁଁ ନିରୁପାୟ । ଏଇ ମୋର ଶେଷ ଚିଠି । ଏଇ ମୋର ଶେଷ ବକ୍ତବ୍ୟ ଓ ନିବେଦନ ଆପଣଙ୍କ ପାଖରେ । ପ୍ରଣାମ । - ନିର୍ମଳ ।

ଚିଠି ପଢ଼ାସରିଲା, କିନ୍ତୁ କର ସାହେବ ସେହିପରି ବସି ରହିଲେ ଆର୍ଦ୍ର ଆଖିରେ । ଟିକେ ପରେ ମୁଁ ମୁହଁ ଫିଟାଇବା ଆଗରୁ ସେ କହିଲେ- ହୋତା, ଏଇ ମୋର ସଂସାର... କିନ୍ତୁ ସତରେ ମୁଁ ଗର୍ବବୋଧ କରୁଚି ଯେ ମୋ ପୁଅ ଶେଷରେ ବିପ୍ଳବରେ ଝାସ ଦେଲା । ମୁଁ ଜଣେ ଦେଶଭକ୍ତ ବିପ୍ଳବୀର ପିତା... ।

Digitized by srujanika@gmail.com

ଓଡ଼ିଆ ବାଘ

ମୁଁ ସେତେବେଳେ ଜାମସେଦପୁର ନିକଟସ୍ଥ ସିନୀଠାରେ ଅବସ୍ଥିତ ରେଳବାଇ ଟ୍ରେନିଂ କଲେଜର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥାଏ । ୧୯୭୧ ମସିହାର ଘଟଣା । ଜାମସେଦପୁରରେ ଟାଟା କମ୍ପାନୀର ଇସ୍ପାତ କାରଖାନା । ଏଠାରେ ଆହୁରି ବି ଅନେକ ଗୁଡ଼ିଏ ବଡ଼ ବଡ଼ ଶିଳ୍ପ କାରଖାନା ଅଛି । ସେଥି ମଧ୍ୟରୁ ଟାଟା କମ୍ପାନୀର ରେଳଇଂଜିନ ଓ ଟ୍ରକ୍‌ଇଂଜିନ ତିଆରି କାରଖାନା ଟେଲ୍‌କୋ ଅନ୍ୟତମ । ଏବେ ଆଉ ରେଳଇଂଜିନ ତିଆରି ହେଉନାହିଁ ସିନା, କିନ୍ତୁ ଟେଲ୍‌କୋର ଟ୍ରକଇଂଜିନ ଜଗତ ବିଖ୍ୟାତ । ଏଇ ଶିଳ୍ପ ସହରକୁ ଘେରି ବିହାର ପ୍ରଦେଶର ଏପରି ଅନେକ ଅଂଚଳ ଅଛି ଯେଉଁଠାରେ ଓଡ଼ିଆ ଭାଷୀଙ୍କ ସଂଖ୍ୟା ଅନେକ । ଷଢ଼େଇକଳା, ଖରସୂଆଁ ସମେତ ସିନୀ, ଚକ୍ରଧରପୁର, ଆଦିତ୍ୟପୁର, ଗମ୍ହାରିଆ ପ୍ରଭୃତି ଅଂଚଳରେ ବସବାସ କରନ୍ତି ହଜାର ହଜାର ଓଡ଼ିଆ । ଜାମସେଦପୁରରେ ଉତ୍କଳ ଆସୋସିଏସନ ନାମରେ ଏକ ବଡ଼ ସାଂସ୍କୃତିକ ଅନୁଷ୍ଠାନ ଅଛି । ଏହି ଅନୁଷ୍ଠାନର ଗୋଟିଏ ବଡ଼ ସଭାଗୃହ ମଧ୍ୟ ଅଛି ।

ଖବର ପହଞ୍ଚିଲା ଟାଟା କମ୍ପାନୀରେ ଓଡ଼ିଆ ମାନଙ୍କ ଅବସ୍ଥା ନିରୀକ୍ଷଣ କରିବା ପାଇଁ ଜଣେ ମନ୍ତ୍ରୀ ଆସୁଛନ୍ତି ଭୁବନେଶ୍ୱରରୁ । ସେ ଜଣେ ଟାଣୁଆ ମନ୍ତ୍ରୀ ଭାବରେ ପରିଚିତ ଥିଲେ ସେତେବେଳେ । ଓଡ଼ିଆ ସ୍ୱାର୍ଥର ଜାଗ୍ରତ ପହରୀ ବୋଲି ସୁନାମ ଅର୍ଜି ଥିଲେ । କେତେ ବର୍ଷ ଧରି ଓଡ଼ିଆମାନଙ୍କର ସ୍ୱାର୍ଥ ପ୍ରତି ଟାଟା କମ୍ପାନୀ ଅବହେଳା ପ୍ରଦର୍ଶନ କରୁଥିବାର ଅଭିଯୋଗ ହେଉଥିଲା । ଆଗେ ବହୁ ଓଡ଼ିଆ ଟାଟା କମ୍ପାନୀରେ ଚାକିରି କରୁଥିଲେ । ଟାଟା ଇସ୍ପାତ କମ୍ପାନୀର ପ୍ରତିଷ୍ଠାତା ଜାମସେଦଜୀ ନସରୱାନଜୀ ଟାଟା ଥିଲେ ବିଚକ୍ଷଣ ବ୍ୟକ୍ତି । ମୟୂରଭଞ୍ଜର ବାଦାମପାହାଡ, ଗୋରୁ ମହିଷାଣୀ ଓ ସୁଲେଇପାଟ ଲୁହା ଖଣିରୁ ଲୁହାପଥର ଆଣି ଜାମସେଦପୁରସ୍ଥ ଇସ୍ପାତ କାରଖାନାର ଚାହିଦା ମେଣ୍ଟାଇବାଲାଗି ଯୋଜନା କରିଥିଲେ ସେ । ପ୍ରଥମରୁ ଓଡ଼ିଆମାନେ ବିଦ୍ୟା ଓ ବୁଦ୍ଧି ବଳରେ କମ୍ପାନୀରେ ଚାକିରି କରି ସୁନାମ ଅର୍ଜନ କରିଥିଲେ । ଜାମସେଦପୁର ଓଡ଼ିଆପ୍ରାଣ ସ୍ପନ୍ଦନର ମଧ୍ୟସ୍ଥଳଥିଲା କହିଲେ ଚଳେ । କିନ୍ତୁ କ୍ରମଶଃ ନିଯୁକ୍ତି କ୍ଷେତ୍ରରେ ବିହାର ସରକାର 'ଭୂମିପୁତ୍ର' ନୀତି ଅବଲମ୍ବନ କରିବାଲାଗି

Digitized by srujanika@gmail.com

ସବୁ ଶିକ୍ଷାନୁଷ୍ଠାନମାନଙ୍କୁ ବାଧ୍ୟ କରିବାରୁ ଓଡ଼ିଆ ମାନଙ୍କ ସଂଖ୍ୟା ହ୍ରାସ ପାଇବାକୁ ଲାଗିଲା । ନିଯୁକ୍ତି ବିଭାଗର ବଡ଼ କର୍ତ୍ତା ବିହାର ସରକାର ମନୋନୀତ ବ୍ୟକ୍ତି । ତେଣୁ ନୂତନ ପଦରେ ଓଡ଼ିଆ ଅଧିଷ୍ଠିତ ହେବାର ସମ୍ଭାବନା ନଥିଲା, ବରଂ କାମ କରୁଥିବା ଓଡ଼ିଆ କର୍ମଚାରୀ ଅବସର ଗ୍ରହଣ କଲେ ବା ମୃତ୍ୟୁ ମୁହଁରେ ପଡ଼ିଲେ ଶୂନ୍ୟସ୍ଥାନ ପୂର୍ଣ୍ଣ କରିବା ପାଇଁ ସେହି କର୍ମଚାରୀର ପୁତ୍ରକୁ ଚାକିରି ଦେବାର ଯେଉଁ ପରମ୍ପରା ଚଳି ଆସୁଥିଲା ତାହା ମଧ୍ୟ ଅନୁସୃତ ହେଲାନାହିଁ । ଫଳରେ ଅସନ୍ତୋଷ ବଢ଼ିଲା ଓ ବିଭିନ୍ନ ସୂତ୍ରରୁ ଆପତ୍ତି ଅଭିଯୋଗ କରାଗଲା । ଓଡ଼ିଶାର ସ୍ୱାର୍ଥ ରକ୍ଷା କରାଯାଉଛି କି ନାହିଁ ତାହା ଅନୁଧ୍ୟାନ କରିବା ସକାଶେ ମାନନୀୟ ମନ୍ତ୍ରୀ ଆସି ପହଁଚିଲେ ଜାମସେଦପୁରରେ । ତାଙ୍କୁ ଟାଟା କମ୍ପାନୀ ଓ ଓଡ଼ିଆମାନଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା ।

ଉତ୍କଳ ଆସୋସିଏସନ ହଲରେ ସନ୍ଧ୍ୟାବେଳେ ତାଙ୍କ ସମ୍ମାନାର୍ଥେ ଏକ ସାଂସ୍କୃତିକ ଉତ୍ସବର ଆୟୋଜନ କରାଗଲା ଏବଂ ମାନ୍ୟଗଣ୍ୟମାନଙ୍କୁ ନିମନ୍ତ୍ରଣ କରାଗଲା । ମନ୍ତ୍ରୀ ବିନୟୀ ହୋଇ କହିଲେ ଏତେ ସବୁ କାହିଁକି କରୁଛନ୍ତି; ମୁଁ ତ ଆପଣମାନଙ୍କ ନିଜଲୋକ । ଉଦ୍ୟୋକ୍ତାମାନଙ୍କ ମଧ୍ୟରୁ ଜଣେ କହିଲେ, ସାର, ନିଜଲୋକ ବୋଲି ତ ଏ ସମ୍ବର୍ଦ୍ଧନା ସଭାର ଆୟୋଜନ । ଆମ ହାରିଗୁହାରୀ ଆପଣ ଶୁଣିବେ ଆଉ ଆପଣଙ୍କ ବକ୍ତବ୍ୟ ଆମେ ଶୁଣିବୁ । ଭାବବିନିମୟ ହେବ । ଆପଣ ତ ସାମାନ୍ୟ ଲୋକ ନୁହଁନ୍ତି, ସଦାବେଳେ ଆପଣଙ୍କ ସହିତ ସାକ୍ଷାତ କରିବାଲାଗି ଆମର ସୁଯୋଗ କାହିଁ ? ସେ ଗଦଗଦ ହୋଇ କହିଲେ ହଁ, ହଁ, କରନ୍ତୁ.... କରନ୍ତୁ.... ମୁଁ ଯେଉଁଠିକି ଯାଏ ସେଠାରେ ଏଭଳି ଉତ୍ସବ ହୁଏ, ଭାବ ବିନିମୟ ହୁଏ ।

ସଭା ଥାଏ ଛଅଟାରେ । ସେ କହିଲେ ଠିକ୍ ସନ୍ଧ୍ୟା ଛଅଟାରେ ଆସି ପହଞ୍ଚିଯିବେ, ତାଙ୍କୁ ଆଣିବା ପାଇଁ କେହି ଯିବା ଦରକାର ନାହିଁ । ଟାଟା କମ୍ପାନୀର ଜଣେ ଅଫିସର ତାଙ୍କ ଦାୟିତ୍ୱରେ ଅଛନ୍ତି । ଡାଇରେକ୍ଟରଙ୍କ ବଙ୍ଗଳାରେ ତାଙ୍କୁ ଚର୍ଚ୍ଚା କରିବାର ସୁବ୍ୟବସ୍ଥା କରାଯାଇଛି । ଆମେ ଫେରି ଆସି ଲାଗିଗଲୁ ଆୟୋଜନରେ । ଓଡ଼ିଆମାନେ ଓଡ଼ିଶାରେ ଯିନା ଅଳସୁଆ, ଓଡ଼ିଶା ବାହାରେ ଭାରି କର୍ମପ୍ରବଣ । ସାଢ଼େ ପାଞ୍ଚଟା ବାଜିବା ବେଳକୁ ହଲ ଅଧେ ଭର୍ତ୍ତି ହୋଇଗଲା । ଛଅଟା ବାଜିବା ପୂର୍ବରୁ ହଲ ଉଛୁଳି ପଡ଼ିଲା ।

କିନ୍ତୁ ଛଅଟା ପରେ ସାଢ଼େ ଛଅଟା ବାଜିଲା, ମନ୍ତ୍ରୀଙ୍କ ଶୁଭାଗମନ ହେଲାନାହିଁ । ଉଦ୍ୟୋକ୍ତାମାନେ ଅଧୀର ଆଗ୍ରହରେ ଅପେକ୍ଷା କରିବାକୁ ଲାଗିଲେ । ଡାଇରେକ୍ଟର ବଙ୍ଗଳାକୁ ଫୋନ କରି ଶେଷରେ ଜାଣିଲୁ ଯେ, ମନ୍ତ୍ରୀ ଏବେବି ଶୟନ କକ୍ଷରେ । ବାହାରକୁ ବାହାରି ନାହାନ୍ତି, ତାଙ୍କ ବିଶ୍ରାମ ବ୍ୟାଘାତ ସୃଷ୍ଟି କରିବା ଉଚିତ ହେବ ନାହିଁ ।

ମୁଁ କହିଲି, ନା, ଆଉ ଡେରି ନ କରି ଜଣେ କେହି ଯାଆନ୍ତୁ ଗାଡି ନେଇ, ମନ୍ତ୍ରୀଙ୍କୁ ଭେଟି ସବୁ କହିବା ଉଚିତ; ହଲ ଉଛୁଳିପଡ଼ିଲାଣି ଲୋକଙ୍କ ଦ୍ୱାରା' ସେ ଶୀଘ୍ର ଆସିଲେ କାର୍ଯ୍ୟକ୍ରମ ଆରମ୍ଭ ହେବ ।

Digitized by srujanika@gmail.com

ଜଣେ ଗାଡ଼ିଟିଏ ନେଇ ତତ୍‌କ୍ଷଣାତ ଚାଲିଗଲେ । ଆମେ ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଲୁ । ଖାଲି ଓଡ଼ିଆମାନେ ନୁହନ୍ତି, ସେମାନଙ୍କର ଶୁଭେଚ୍ଛୁ ଓ ବନ୍ଧୁ କେତେ ଜଣ ବଙ୍ଗାଳୀ ଓ ହିନ୍ଦୁସ୍ଥାନୀ ମଧ୍ୟ ଆସିଥିଲେ ସଭାକୁ । ସେମାନଙ୍କ ପ୍ରଶ୍ନର ଉତ୍ତର ଏଡ଼ାଇ ଯିବା ଲାଗି ମୁଁ ଏଣେ ତେଣେ ବୁଲୁଥାଏ ଆଉ ଖବର ପଠାଉଥାଏ ମନ୍ତ୍ରୀ ଏଇ ଆସୁଥିବେ ବୋଲି । ଶେଷରେ ସାତଟା ବାଜିଲା, କିନ୍ତୁ ମନ୍ତ୍ରୀଙ୍କ ଶ୍ରୀମୁଖ ଦିଶିଲା ନାହିଁ ।

ସାତଟା ପନ୍ଦର ମିନିଟ୍‌ରେ ଫେରି ଆସିଲେ ମନ୍ତ୍ରୀଙ୍କୁ ପାଛୋଟି ଆଣିବା ସକାଶେ ଯାଇଥିବା ବ୍ୟକ୍ତି । ଆମେ କେତେଜଣ ଆଗେଇ ଗଲୁ । ସମସ୍ତଙ୍କ ମୁହଁରୁ ବାହାରି ପଡ଼ିଲା ଗୋଟିଏ ପ୍ରଶ୍ନ ମନ୍ତ୍ରୀ କାହାନ୍ତି ?

ସେ ଆସି ପହଞ୍ଚିବେ ଅଧଘଣ୍ଟାଏ ମଧ୍ୟରେ । ମୁଁ ଯିବାବେଳକୁ ଆରାମରେ ଶୋଇଥିଲେ ଗଳାବନ୍ଧ କୋଟ ପିନ୍ଧି । ଟାଟା କମ୍ପାନୀର ମଧ୍ୟାହ୍ନ ଭୋଜନ ପୂର୍ବରୁ ଅନେକ ପିଇ ଦେଇଥିଲେ ସେ, ସେଥିପାଇଁ ଚେତା ନ ଥିଲା କହିଲେ ଚଳେ । ତାଙ୍କୁ ଉଠାଇ ଦବାପରେ ସେ ବିଜି ବିଜେଇବା ପରି କହିଲେ ଜୁବିଲି ପାର୍କରେ ହାଓ୍ୱାଖାଇ ଅଧଘଣ୍ଟାଏ ମଧ୍ୟରେ ପହଞ୍ଚୁଛି ।

ଆମେ ବୁଝିଗଲୁ । ପାନ ଓ ଭୋଜନର ଲୋଭ ସମ୍ଭାଳିବା ବଡ଼କଠିନ । ଯାହାହେଉ ମନ୍ତ୍ରୀ କଥା ରକ୍ଷା କରି ସାତଟା ପଇଁଚାଳିଶ ମିନିଟ୍‌ରେ ପହଞ୍ଚିଲେ ଏବଂ ସଙ୍ଗେ ସଙ୍ଗେ ସଭାକାର୍ଯ୍ୟ ଆରମ୍ଭ ହେଲା ।

କବି ଗୋଦାବରୀଶ ମହାପାତ୍ରଙ୍କ ରଚିତ 'ଉଠ କଙ୍କାଳ ଜାଗ କଙ୍କାଳ' ଉଦ୍‌ବୋଧନ ସଙ୍ଗୀତ ଗାନ କଲାବେଳେ ମନ୍ତ୍ରୀ ମଥା ହଲାଇ ତାହା ବେଶ୍ ଉପଭୋଗ କରୁଥିବା ଲକ୍ଷ୍ୟ କଲି । ତାଙ୍କୁ ସ୍ୱାଗତ କରି ମୁଁ କହିଲି- ଓଡ଼ିଆମାନଙ୍କର ଦୁଃଖ ଦୁର୍ଦ୍ଦଶାମୋଚନ ପାଇଁ ଏତେଦୂର ଆସିଥିବାରୁ ସମସ୍ତଙ୍କ ପକ୍ଷରୁ ଆପଣଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଅଭିନନ୍ଦନ ତଥା କୃତଜ୍ଞତା ଜ୍ଞାପନ କରୁଛି । ଓଡ଼ିଶାରୁ ଲୁହାପଥର, ମାଙ୍ଗାନିଜ, ଡୋଲାମାଇଟ ଓ ଚୂନପଥର ଆଣି ଇସ୍ପାତ ତିଆରି କରୁଛି କମ୍ପାନୀ । କୋଟି କୋଟି ଲାଭ ହେଉଛି । କିନ୍ତୁ ଓଡ଼ିଆମାନଙ୍କର ସ୍ୱାର୍ଥ ଅବହେଳିତ ହେଉଛି । ଇସ୍ପାତ କାରଖାନା ଓଡ଼ିଶା ବାହାରେ ଥିବାରୁ କଞ୍ଚାମାଲ ଯୋଗାଇ ମଧ୍ୟ ଓଡ଼ିଶାବାସୀଙ୍କ ନ୍ୟାର୍ଯ୍ୟଦାବି ଉପେକ୍ଷିତ ହେଉଛି । ଏହାର ସୁବିଚାର କରାଯାଉ । ଓଡ଼ିଆମାନଙ୍କୁ ନିଯୁକ୍ତି ମିଳୁ । ବହୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପଢ଼ାହେଲା, ପୁଷ୍ପମାଲ୍ୟ ବି ଦିଆଗଲା । ସମସ୍ତେ ପ୍ରାୟ ସମସ୍ୱରରେ କହିଲେ ଯେ, ମନ୍ତ୍ରୀ ଉପରେ ସେମାନଙ୍କ ଅବିଚଳିତ ବିଶ୍ୱାସ, ସେ ଓଡ଼ିଆମାନଙ୍କର ମାନମର୍ଯ୍ୟାଦାର ପ୍ରତୀକ । କେହି କହିଲେ ମନ୍ତ୍ରୀ ନୁହଁନ୍ତି ଯେ, ଓଡ଼ିଆ ବାଘ ।

ପ୍ରତ୍ୟୁତ୍ତରରେ ମନ୍ତ୍ରୀ ଏକ ଓଜସ୍ୱିନୀ ଭାଷଣ ଦେଇ ଓଡ଼ିଆମାନଙ୍କୁ ମନେ ପକାଇ ଦେଲେ ଅତୀତର ଗୌରବ । ମଗଧ ସମ୍ରାଟ ଅଶୋକ କଳିଙ୍ଗ ବିଜୟ କରିଥିଲେ ସତ,

Digitized by srujanika@gmail.com

କିନ୍ତୁ ଶହେ ବର୍ଷ ପରେ ଏହାର ପ୍ରତିଶୋଧ ନେଇଥିଲେ ଖାରବେଳ । ମଗଧ ସମ୍ରାଟ ଓ ସମଗ୍ର ଉତ୍ତର ଭାରତ ତାଙ୍କର ପଦାନତ ହୋଇଥିଲା । ସେଇ କଳିଙ୍ଗର ବଂଶଧର ବୀର ଓଡ଼ିଆ । ସେମାନଙ୍କର ସ୍ୱାର୍ଥରକ୍ଷା ନିଶ୍ଚିତ ଭାବେ କରାଯିବ । କରତାଳି ଓ ଜୟଧ୍ୱନି ମଧ୍ୟରେ ସଭା ସାଙ୍ଗ ହେଲା । ଜଣେ ବଙ୍ଗାଳୀ ଭଦ୍ରଲୋକ କହିଲେ- ଏଇତ ମନ୍ତ୍ରୀ, ଜନଗଣର ପ୍ରତିନିଧି, ଓଡ଼ିଆ ସ୍ୱାର୍ଥର ଜାଗ୍ରତ ପ୍ରହରୀ... ।

କେତେଜଣ ଓଡ଼ିଆ ଶ୍ରମିକ ଆଗେଇ ଆସି ନିବେଦନପତ୍ର ବଢ଼େଇ ଦେଇ କହିଲେ ମନ୍ତ୍ରୀଙ୍କୁ ଆମ ବିଷୟ ଟିକେ ବୁଝନ୍ତୁ.... ଆପଣ ସୁପାରିଶ କରିଦେଲେ ଆମ ଜାଗାରେ ପୁଅମାନେ ନିଯୁକ୍ତି ପାଇବେ.... ।

ମନ୍ତ୍ରୀ ନିବେଦନ ପତ୍ରଗୁଡ଼ିକୁ ପି.ଏ.ଙ୍କ ହାତକୁ ବଢ଼ାଇଦେଇ କହିଲେ, ସେମାନଙ୍କୁ- ଆପଣଙ୍କ ପୁଅମାନେ ଖାଲି ବେକାର ନୁହଁନ୍ତି, ଏଇ ଯେ ମୋ ସାଙ୍ଗରେ ଆସିଚି ମୋ ପୁତୁରା, ସେ ବି.ଏସ୍.ସି ପାସ୍ କରି ବି ବସିଛି ଦୁଇବର୍ଷ ହେଲା.... ଆଶା ରଖନ୍ତୁ... ମୁଁ ଆସିଛି ଯେତେବେଳେ କିଛି କରିବି ନିଶ୍ଚୟ ।

ମନ୍ତ୍ରୀ ଫେରିଗଲେ । ସାତଦିନ ଗଲା । କିନ୍ତୁ କମ୍ପାନୀର ନୀତିରେ କିଛି ପରିବର୍ତ୍ତନ ଦେଖାଗଲା ନାହିଁ । ବରଂ ଜାମସେଦପୁରରେ ଖବର ପ୍ରଚାରିତ ହୋଇଗଲା ଯେ, ମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରି ଟାଟା କମ୍ପାନୀ ତାଙ୍କ ବେକାର ପୁତୁରାକୁ ଟ୍ରେନିଂ ଅଫିସର ଭାବରେ ନିଯୁକ୍ତ ଦେଇଛି ।

ମୋତେ ଜଣେ ଡା'ପୁଅର କ'ଣ ହେବ ପଚାରିବାରୁ ମୁଁ କହିଲି- ଭାଗବତରେ ଲେଖା ଅଛିନା.... କାଳକୁ କାଳ ଏହିମତେ, ପରମାନନ୍ଦ ଏକଗତେ ।

Digitized by srujanika@gmail.com

ଶିକ୍ଷକ ଭାବେ ଦୁଇବର୍ଷ

କଲିକତାର ଉପକଣ୍ଠରେ ଥିବା ସାଲିମାରରୁ ମୋର ବଦଳି ହେଲା ସିନି । ଟାଟାନଗରରୁ ତିରିଶ ମାଇଲ ଦୂରରେ ଅବସ୍ଥିତ ସିନି ରେଳବାଇ କର୍ମଚାରୀଙ୍କ ପ୍ରଶିକ୍ଷଣ କଲେଜ ଓ ୱାର୍କସପ୍ ପାଇଁ ପ୍ରସିଦ୍ଧ । ଷଡ୍ଭେଇକଲା ମହାରାଜାଙ୍କଠାରୁ ଗୋଟିଏ କୋଠା ଓ ଜମି ଅତି ଶସ୍ତା ଦରରେ କିଣି ବେଙ୍ଗଲ ନାଗପୁର ରେଳବାଇ କଂପାନୀ ସେଠାରେ ଏଇ ଶିକ୍ଷାକେନ୍ଦ୍ର ଓ ୱାର୍କସପ ୧୯୨୭ରେ ପ୍ରତିଷ୍ଠା କରିଥିଲେ । ସେହି ସମୟରୁ ଏଠାରେ ଇଂଜିନିୟରିଂ ବିଭାଗର ସମସ୍ତ ଅଣଗେଜେଟେଡ୍ କର୍ମଚାରୀ, ଟ୍ରାଫିକ ଓ କମର୍ସିଆଲ ବିଭାଗର ସମସ୍ତ କର୍ମଚାରୀ ତଥା ନିରାପତ୍ତା, ମାର୍କେଟିଂ, ସିଗନାଲିଂ ପ୍ରଭୃତି ବିଭାଗର କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆ ହୋଇ ଆସୁଛି । ବରିଷ୍ଠ କର୍ମଚାରୀମାନଙ୍କୁ ପ୍ରତି ପାଞ୍ଚ ବର୍ଷରେ ଥରେ ଉଚ୍ଚ ସ୍ତରୀୟ ପ୍ରଶିକ୍ଷଣ ଦିଆଯାଏ । ଏକ ସମୟରେ ତିନିଶହରୁ ପାଞ୍ଚଶହ କର୍ମଚାରୀ ହଷ୍ଟେଲରେ ରହି ଶିକ୍ଷା ପାଇବାର ବ୍ୟବସ୍ଥା ଅଛି ।

ସିନିକୁ ବଦଳି ହେଲେ କେହି ଖୁସି ମନରେ ଯାଆନ୍ତି ନାହିଁ, କାରଣ ଏଠାରେ ସାମାଜିକ ଜୀବନ ପ୍ରାୟ ନାହିଁ କହିଲେ ଚଳେ । ଉଚ୍ଚ ଶିକ୍ଷାର ମଧ ବ୍ୟବସ୍ଥା ନାହିଁ । ପ୍ରତି କାମ ପାଇଁ ଟାଟାନଗର ଯିବାକୁ ହୁଏ । ମୁଁ କିନ୍ତୁ ବଦଳି ହେଲାକ୍ଷଣି ଚାଲିଆସିଲି । କାରଣ ବଦଳିକୁ ଚାକିରିର ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ମୁଁ ପ୍ରଥମରୁ ହିଁ ଗ୍ରହଣ କରିଆସିଛି । ସେଠାରେ ଟ୍ରେନିଂ କଲେଜର ଅଧକ୍ଷ ଭାବରେ ମୁଁ ଯୋଗ ଦେଲି ୧୯୭୦ ମସିହା ଜାନୁଆରୀ ସତେଇଶ ତାରିଖ ଦିନ । ସେତେବେଳେ ରେଳବାଇରେ କର୍ମଚାରୀ ଅଶାନ୍ତି ଲାଗି ରହିଥାଏ । ପ୍ରତିଦିନ କାହିଁ ନା କାହିଁ ଘେରାଉ, ଧର୍ମଘଟ, ନିୟମ, ଅନୁସାରେ କାର୍ଯ୍ୟ, କଲମଛାଡ଼ ପ୍ରଭୃତି ବିଭିନ୍ନ ପ୍ରକାର ଆନ୍ଦୋଳନ ଚାଲିଥାଏ । ଅବସର ବିନୋଦନର ବ୍ୟବସ୍ଥା ନଥିବାରୁ ଗୋଟିଏ ସ୍ଥାନରେ ଚାରି ପାଞ୍ଚଶହ ନୂଆ ଓ ପୁରୁଣା କର୍ମଚାରୀଙ୍କୁ ଖୁଆଇ ପିଆଇ ପ୍ରଶିକ୍ଷଣ ଦେବା କଷ୍ଟକର ନଥିଲେ ମଧ ସହଜ ନଥିଲା । କର୍ମଚାରୀମାନଙ୍କର ସର୍ବଭାରତୀୟ ସ୍ତରର ନେତାମାନେ ମଧେ ମଧେ ଆସି କର୍ମଚାରୀ ଟ୍ରେନିଂମାନଙ୍କୁ ବିଭିନ୍ନ ପ୍ରକାର ଆନ୍ଦୋଳନ

Digitized by srujanika@gmail.com

କରିବା ପାଇଁ ମତାଉଥିଲେ । ଆଉ ଗୋଟିଏ ସୁବିଧା ସହଜରେ ଏଠାରେ ଥିଲା ଯେ, ସମଗ୍ର ଦକ୍ଷିଣ-ପୂର୍ବ ରେଳପଥ ବାହାରେ ଅବସ୍ଥିତ ଛ'ଟି ରାଜ୍ୟରେ ବିଭିନ୍ନ ସ୍ଥାନରୁ କର୍ମଚାରୀ ଏଠାକୁ ଆସୁଥିଲେ, ତେଣୁ ନେତାମାନେ ସବୁ ଅଂଚଳକୁ ନ ଯାଇ ମଧ ଏମାନଙ୍କ ଜରିଆରେ ସେମାନଙ୍କର ଟ୍ରେଡ୍ ୟୁନିୟନ ଆନ୍ଦୋଳନର ବାର୍ତ୍ତା ବିଭିନ୍ନ ସ୍ଥାନକୁ ସହଜରେ ପଠାଇ ପାରୁଥିଲେ ।

ଏଠାରେ କହି ରଖିବା ପ୍ରାସଙ୍ଗିକ ହେବ ଯେ, ସିନି ଖଡ୍ଗପୁରଠାରୁ ମାତ୍ର ଦଶ କିଲୋମିଟର ଦୂରରେ ଅବସ୍ଥିତ ଏବଂ ଏହା ଏକ ଓଡ଼ିଆ ଅଧ୍ୟୁଷିତ ଅଂଚଳ । ଖଡ୍ଗପୁର, ଖରସୁଆଁ, ସିନି, ଗମ୍ହାରିଆ, ଚକ୍ରଧରପୁର ପ୍ରଭୃତି ଓଡ଼ିଆ ବହୁଳ ଅଞ୍ଚଳର ଅଧିବାସୀ ତଥା କର୍ମଚାରୀମାନେ ମୋ ଅସିବା ଖବର ପାଇ ଅତି ଆନନ୍ଦିତ ହେଲେ । ରେଳବାଇରେ ବଡ଼ ଅଫିସର ଭାବେ କେହି ଓଡ଼ିଆ ଅଛନ୍ତି ଏଭ ଧାରଣା ଅନେକଙ୍କର ନ ଥିଲା । ତେଣୁ ମୁଁ ସିନିରେ ପାଦ ଦେଲାକ୍ଷଣି ସ୍ଥାନୀୟ ଜନସାଧାରଣ ଓ କର୍ମଚାରୀମାନଙ୍କର ପ୍ରିୟ ହୋଇଗଲି । ଛାତ୍ରାବାସର ପ୍ରାୟ ସବୁ କର୍ମଚାରୀ ଓଡ଼ିଆ ଥିଲେ । ବିଭିନ୍ନ କାରଣରୁ ଏଇ ଛାତ୍ରାବାସମାନଙ୍କରୁ ହିଁ ଆନ୍ଦୋଳନ ଦାନା ବାନ୍ଧୁଥିଲା । ଟ୍ରେନିମାନଙ୍କୁ ସେମାନଙ୍କର ଦୈନିକ ଭତ୍ତା ନ ଦେଇ ସେ ବାବଦକୁ ଖାଇବା ସୁବିଧା ଦିଆ ଯାଉଥିଲା ଏବଂ ତଳ ପାହ୍ୟାର କର୍ମଚାରୀମାନଙ୍କ ଅପେକ୍ଷା ଉଚ୍ଚ ପାହ୍ୟାର କର୍ମଚାରୀମାନଙ୍କ ଖାଦ୍ୟରେ ମଧ ପ୍ରଭେଦ ଥିଲା । ଏହା ଅସନ୍ତୋଷର ଅନ୍ୟତମ କାରଣ ଥିଲା ଏବଂ ରେଳବାଇ ପ୍ରଶାସନ ବିରୁଦ୍ଧରେ ଚାଲିଥିବା ସଂଗ୍ରାମ ଏଠାକୁ ସହଜରେ ପ୍ରସାରିତ ହେଉଥିଲା ।

ଟ୍ରେନିଂ ପରେ ବ୍ୟସ୍ତ ରହିବା ପାଇଁ ଅନ୍ୟ କୌଣସି ପ୍ରକାର ବ୍ୟବସ୍ଥା ନ ଥିଲା, ତେଣୁ Empty mind is devil's workshop ନୀତିରେ କର୍ମଚାରୀମାନେ ଅବସର ସମୟରେ ବିଭିନ୍ନ ଆନ୍ଦୋଳନାତ୍ମକ ଓ ବିଶୃଙ୍ଖଳ କାର୍ଯ୍ୟରେ ଲିପ୍ତ ଥିଲେ । ମ୍ୟାନେଜମେଣ୍ଟର ଗୋଟିଏ ନୀତି ହେଲା ଏହି ଯେ, କର୍ମଚାରୀମାନଙ୍କ ମଧରେ ସାମାଜିକ ସମତା ତଥା ସେମାନେ ଯେ ପ୍ରଶାସନର ଅପରିହାର୍ଯ୍ୟ ଓ ସମ୍ମାନନୀୟ ଅଂଶବିଶେଷ ତାହା ଯଦି ସେମାନଙ୍କର ହୃଦବୋଧ ହୁଏ, ତେବେ ପ୍ରଶାସନିକ କାର୍ଯ୍ୟରେ ସେମାନଙ୍କର ସହଯୋଗ ସହଜରେ ମିଳେ । ମୁଁ ଏହିନୀତି ଅନୁସରଣ କରି ସେମାନଙ୍କ ମଧରେ ଏକ ସାମାଜିକ ପୁନର୍ଜାଗରଣ ଆଣିବା ପାଇଁ ପଦକ୍ଷେପ ନେଲି । ବିଭିନ୍ନ ପ୍ରକାର କର୍ମଚାରୀଙ୍କ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ବ୍ୟବସ୍ଥା ବଦଳରେ ସମସ୍ତଙ୍କୁ ସମାନ ଉତ୍ତମ ଖାଦ୍ୟ ଦେବାର ବ୍ୟବସ୍ଥା ହେଲା । ସପ୍ତାହକୁ ସୋମବାର ଓ ଗୁରୁବାର ନିରାମିଷ, ଆଉ ପାଞ୍ଚଦିନରୁ ଦୁଇଦିନ ମାଂସ, ଦୁଇଦିନ ମାଛ ଓ ଦିନେ ଅଣ୍ଡା ଦିଆଗଲା । ଖାଦ୍ୟର ପ୍ରକାର ଓ ପରିମାଣ ମଧ ବୃଦ୍ଧି କରାଗଲା ଏବଂ କହିବା ବାହୁଲ୍ୟ ଅତି ଅଳ୍ପ କେତେଦିନ ମଧରେ ସେମାନଙ୍କ ମଧରେ ପ୍ରଶାସନ ପ୍ରତି ଶ୍ରଦ୍ଧା ଓ ଆନୁଗତ୍ୟ ସଂଚାରିତ ହେବାକୁ ଲାଗିଲା । ପ୍ରତି ସପ୍ତାହରେ ଥରେ ଫିଚର ଫିଲ୍ମ ଓ ଆଉ

Digitized by srujanika@gmail.com

ଦୁଇଦିନ ଶିକ୍ଷାମୂଳକ ବିଦେଶୀ ଓ ସ୍ୱଦେଶୀ ଫିଲ୍ମ ପ୍ରଦର୍ଶନ କରିବା ବ୍ୟବସ୍ଥା ହେଲା । କଲିକତାସ୍ଥ ଜର୍ମାନୀ, ଜାପାନୀ, ଫ୍ରେଞ୍ଚ, ଇଂଲିସ ଓ ଆମେରିକାର ସାଂସ୍କୃତିକ କେନ୍ଦ୍ର ଏ ଦିଗରେ ସାହାଯ୍ୟ କଲେ । ଏହାଛଡ଼ା କର୍ମଚାରୀମାନଙ୍କର ସକାଳ ଡ୍ରିଲ ବାଧ୍ୟତାମୂଳକ ହେଲା । ବିଭିନ୍ନ ବିଷୟରେ ବକ୍ତୃତା ଦେବାପାଇଁ ବିଶେଷଜ୍ଞମାନେ ନିମନ୍ତ୍ରିତ ହୋଇ ଆସିଲେ । ପ୍ରତିମାସ ବିଭିନ୍ନ ସ୍ଥାନକୁ ସେମାନଙ୍କୁ ପଠାଗଲା ରେଳବାଇର କାର୍ଯ୍ୟପ୍ରଣାଳୀ ଅନୁଶୀଳନ କରିବା ପାଇଁ । ଟ୍ରେନିଂମାନଙ୍କ ମଧ୍ୟରେ ଥିବା ପ୍ରତିଭା ଚିହ୍ନଟ କରି ତାହା ଉପଯୋଗ କରିବା ପାଇଁ ପ୍ରତିମାସରେ ମନୋରଂଜନ କାର୍ଯ୍ୟକ୍ରମ ଆୟୋଜନ କରାଗଲା ଏବଂ ଛାତ୍ରାବାସ ପରିଚାଳନାରେ ସେମାନଙ୍କ ପରାମର୍ଶ ପ୍ରତି ଗୁରୁତ୍ୱ ଦିଆଗଲା । ଏଥି ସହିତ ମଝେ ମଝେ ପ୍ରଦର୍ଶନୀ ଓ ନୃତ୍ୟଗୀତ, ଥିଏଟର ପ୍ରଭୃତି ଆୟୋଜନ କରାଗଲା । ଯିନି ଟ୍ରେନିଂ କଲେଜକୁ ଆସିବା ପାଇଁ ଯେଉଁ ଅନାଗ୍ରହ ଥିଲା ତା ବଦଳରେ ବିଭିନ୍ନ ଡ଼ିଭିଜନରୁ କର୍ମଚାରୀମାନେ ଆଗ୍ରହର ସହିତ ଟ୍ରେନିଂ ପାଇଁ ଆସିବାରୁ ସେମାନଙ୍କର ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ିଗଲା । ଖାଇବା ପିଇବାର ସୁବ୍ୟବସ୍ଥା ଓ ମାନବୃଦ୍ଧି ମୁଁ ମୋ ନିଜ ଅଧିକାର ପ୍ରୟୋଗ କରି କରିଥିଲି । ତେଣୁ ହେଡ୍‌କ୍ୱାଟରର ହସ୍ତକ୍ଷେପ ପ୍ରତି ମଧ ମୁଁ ଭ୍ରୁକ୍ଷେପ ନକରି ପ୍ରବର୍ତ୍ତିତ ବ୍ୟବସ୍ଥା ଗ୍ରହଣ କରାଇ ନେଇ ପାରିଥିଲି ।

ବିଭିନ୍ନ ସ୍ଥାନରୁ ଟ୍ରେଡ୍ ୟୁନିୟନ ନେତାମାନେ ଆସି ହଷ୍ଟେଲରେ ରହି କର୍ମଚାରୀମାନଙ୍କୁ ଆନ୍ଦୋଳନ କରିବା ଲାଗି ଉସୁକାଇବା ପାଇଁ ଲାଗିଲେ । ଓଡ଼ିଆ କର୍ମଚାରୀମାନଙ୍କ ସୂତ୍ରରୁ ପ୍ରତିବନ୍ଧନର ଗୋପନୀୟ ତଥ୍ୟ ମୋ ପାଖକୁ ଆସିବାରେ ଲାଗିଲା ଏବଂ ନେତାମାନଙ୍କୁ ଆଶ୍ରୟ ଦେବା ପୂର୍ବରୁ କର୍ତ୍ତୃପକ୍ଷଙ୍କ ଅନୁମତି ନେବା ବାଧ୍ୟତାମୂଳକ କରାଗଲା । ଏହି ସମୟରେ ଦିନେ ସର୍ବଭାରତୀୟ ଷ୍ଟେସନ ମାଷ୍ଟର ସଂଘର ସାଧାରଣ ସଂପାଦକ ଲାହିଡ଼ି ଆସି ଆନ୍ଦୋଳନ କରିବାକୁ ପ୍ରବର୍ତ୍ତାଇଲେ । କେତେକ ଉଗ୍ରପନ୍ଥୀ କର୍ମଚାରୀ କ୍ଲାସ ବର୍ଜନ କରିବା ପାଇଁ ସିଦ୍ଧାନ୍ତ ନେଇଥିବା ସମ୍ବାଦ ମୋ ପାଖରେ ପହଞ୍ଚିଲା ।

ଯେଉଁମାନେ କ୍ଲାସକୁ ଆସିବେ ସେମାନଙ୍କ ଆସିବା ପଥ ଅବରୋଧ କରିବା ପାଇଁ ମଧ ସେମାନେ ସ୍ଥିର କଲେ । ସକାଳର ଅପେକ୍ଷା ନକରି ମୁଁ ପ୍ରତିକାର ବ୍ୟବସ୍ଥା କରିବାକୁ ଲାଗିଲି । କଲେଜର ମୁଖ୍ୟଫାଟକ ଛାଡ଼ି ଆଉସବୁ ପ୍ରବେଶ ପଥ ବନ୍ଦ କରି ଦିଆଗଲା ଏବଂ ଅଫିସରମାନଙ୍କ ଜରିଆରେ ଖବର ପ୍ରଚାରିତ ହେଲା ଯେ, ଯେଉଁମାନେ କଲେଜ ନ ଆସିବେ ସେମାନଙ୍କୁ ନିଜ ନିଜ କର୍ମସ୍ଥଳକୁ ବାଧ୍ୟତାମୂଳକ ଭାବେ ପଠାଇ ଦିଆଯିବ ଓ ଟ୍ରେନିଂ ଅସମାପ୍ତ ରହିବ । ଯେଉଁମାନେ ପଥ ଅବରୋଧ କରିବେ ସେମାନଙ୍କ ସହିତ ଆନ୍ଦୋଳନ ପାଇଁ ଉସୁକାଉଥିବା ନେତାମାନଙ୍କୁ ଶୃଙ୍ଖଳାଭଂଗ ଅଭିଯୋଗରୁ ବହିଷ୍କାର କରାଯିବ । ଏହି ଖବର ପ୍ରତ୍ୟେକ କୋଠରୀରେ ରହୁଥିବା କର୍ମଚାରୀ ରାତି ଭିତରେ ପାଇଗଲେ । ସକାଳେ ଲାହିଡ଼ି ଓ ତାଙ୍କ ଦଳ ଧର୍ମଘଟ ପାଇଁ ଡାକରା ଦେଲେ । ଦଶପନ୍ଦର ଜଣରୁ ବେଶୀ କର୍ମଚାରୀ

Digitized by srujanika@gmail.com

ଏକତ୍ରିତ ନହେବାର ଦେଖି ପ୍ରଶାସନ ଟ୍ରେଡ୍ ୟୁନିଅନ ଅଧିକାର ପ୍ରତି ଅବଜ୍ଞା ପ୍ରଦର୍ଶନ କରୁଥିବା ଦର୍ଶାଇ ସେ ଅନଶନ ଧର୍ମଘଟ କରିବା ଘୋଷଣା କଲେ । ତୁରନ୍ତ ତାଙ୍କୁ କଲେଜ ଓ ଛାତ୍ରାବାସ ପରିସର ମଧ୍ୟରୁ ବହିଷ୍କାର କରିବା ପାଇଁ ପୁଲିସକୁ ଜଣାଇ ଦିଆଗଲା । ସ୍ଥାନୀୟ ଲୋକେ ଓ କର୍ମଚାରୀମାନେ ତାଙ୍କ ବିରୁଦ୍ଧରେ ସ୍ଲୋଗାନ ନେଇ ସିନି ଛାଡ଼ି ଚାଲିଯିବାକୁ କହିଲେ । ଏପରି ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ନପାରି ମଧ୍ୟାହ୍ନ ପୂର୍ବରୁ ସିନି ଛାଡ଼ି ଟାଟାନଗର ଚାଲିଗଲେ । ତାଙ୍କ ସହିତ ସହଯୋଗ କରୁଥିବା କର୍ମଚାରୀମାନଙ୍କ ବିରୁଦ୍ଧରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନକରି ସେମାନଙ୍କୁ ତାଗିଦ କରି ଦେଇ ଆଉ ଏପରି କେବେ କରିବେ ନାହିଁ ଓ ଆନ୍ଦୋଳନ କରିବା ପାଇଁ ସେମାନେ ଯାହା କଲେ ସେଥିପାଇଁ ଦୁଃଖ ପ୍ରକାଶ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପାଇଁ ବାଧ କଲି । ଏହା ଥିଲା ବାମପନ୍ଥୀ ଟ୍ରେଡ୍ ୟୁନିଅନର ପ୍ରଥମ ଓ ଶେଷ ଆନ୍ଦୋଳନ, ମୋର ଦୁଇବର୍ଷ ରହିବା କାଳ ମଧ୍ୟରେ । ସେଠାରେ ଦୁଇବର୍ଷ ରହିଥିଲି । ସେଥିପାଇଁ ସମଗ୍ର ରେଳବାଇର କର୍ମଚାରୀମାନଙ୍କ ସହିତ ସୁସଂପର୍କ ସ୍ଥାପନ କରିବା ସହଜ ହୋଇଥିଲା ।

ଖଡ୍ଗପୁରଜିଲାର ଏସ୍.ଡି.ଓ. ଆଇନ ଶୃଙ୍ଖଳା ରକ୍ଷା କରିବାରେ ମତେ ସଦାବେଳେ ସାହାଯ୍ୟ କରୁଥିଲେ, କିନ୍ତୁ ସବ୍‌ଡିଭିଜନାଲ ପୋଲିସ ଅଫିସରଙ୍କ ସହିତ ତାଙ୍କର ସୁସଂପର୍କ ନଥିଲା । ସେ ଥିଲେ କାୟସ୍ଥ ଓ ଏସ.ଡି.ପି.ଓ. ଥିଲେ ବ୍ରାହ୍ମଣ । କଲେକ୍ଟର କାୟସ୍ଥ ଥିଲେ ମଧ କମିଶନର ଓ ପୋଲିସ ବିଭାଗ ମନ୍ତ୍ରୀ ଥିଲେ ବ୍ରାହ୍ମଣ । ବିହାର ପ୍ରଶାସନ ଜାତି ଭିତ୍ତିରେ ପରିଚାଳିତ ହୁଏ । ଦିନେ ମୋତେ ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କରି ସେ କହିଲେ ସାର୍, ଆପଣ ଟିକେ ସାହାଯ୍ୟ କରନ୍ତୁ...ଏଇ ଏସ୍.ଡି.ପି.ଓ. ବହୁ ଗର୍ହିତ କାର୍ଯ୍ୟରେ ଲିପ୍ତ । ଶିଳ୍ପାଞ୍ଚଳରେ ଏହାଙ୍କ ଯୋଗୁଁ ନାନାପ୍ରକାର ଅଶାନ୍ତି ଲାଗି ରହିଛି । ମୁଁ ଓ କଲେକ୍ଟର ଯେତେ ଉଦ୍ୟମ କଲେ ବି ତାଙ୍କ ବଦଳି ହେଉନାହିଁ । କାରଣ ତାଙ୍କ ଜାତିର କମିଶନର ଓ ମନ୍ତ୍ରୀ ତାଙ୍କ ସପକ୍ଷରେ ।

କମିଶନରଙ୍କ ସହିତ ମୋର ସୁସଂପର୍କ ଥିଲା ଏବଂ ଅଳ୍ପ ସମୟ ମଧ୍ୟରେ ଅନ୍ୟ ଏକ ସ୍ଥାନକୁ ଏସ୍.ଡି.ପି.ଓ.ଙ୍କ ବଦଳି ହୋଇଗଲା ।

ବିହାରର ପ୍ରଶାସନିକ ସ୍ତରରେ କିପରି ଦୁର୍ନୀତି ଚେର ମାଡି ବସିଛି ତାହା ନ ଦେଖିଲେ ବିଶ୍ୱାସ କରିହୁଏ ନାହିଁ । ଏପରି କୌଣସି ବିଭାଗ ବା ବିଭାଗୀୟ କର୍ତ୍ତା ବା କର୍ମଚାରୀ ନାହାନ୍ତି ଯିଏ ଦୁର୍ନୀତି ମୁକ୍ତ । ମୁଁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହିନ୍ଦୀ ଶିକ୍ଷାର ପ୍ରସାର ଅଫିସର ଭାବେ ମଧ କାର୍ଯ୍ୟ କରୁଥିଲି । ଏହି ବିଭାଗର ସବୁ ବିଲ୍ ଖଡ୍ଗପୁରଜିଲା ଟ୍ରେଜେରିକୁ ଯାଉଥିଲା ଏବଂ ମାସ ମାସ ଧରି ପଡ଼ି ରହୁଥିଲା । ହିନ୍ଦୀ ଅଫିସର ଉତ୍କୋଚ ଦେଇ ତାହା କେବେ କେବେ ପାସ କରାଉଥିଲେ । ମୁଁ ଦିନେ ଖଡ୍ଗପୁରଜିଲା ଗଲି । ଏସ୍.ଡି.ଓ. ଟ୍ରେଜେରି ଅଫିସରଙ୍କୁ ଡାକି ଚିହ୍ନାଇ ଦେଲେ । ତା'ପରେ

Digitized by srujanika@gmail.com

ପ୍ରତି ମାସ ବିଲ୍ ପାସ ହେଲା ସତ; କିନ୍ତୁ ତାଙ୍କ ବଡବାବୁ ହିନ୍ଦୀ ଅଫିସରଙ୍କୁ କହିଲେ- ତମେ କେନ୍ଦ୍ର ସରକାରଙ୍କ ଅଫିସରମାନଙ୍କୁ ମାନୁଛ, କିନ୍ତୁ ବିହାରରେ ଅଛ । ପାଣି ଭିତରେ କୁମ୍ଭୀର ସଂଗେ କଳି କରି କେତେଦିନ ରହିବ ? ପରେ ମୁଁ ଜାଣିଲି ଯେ, ମୋ ବାରଣ ସତ୍ତ୍ୱେ ହିନ୍ଦୀ ଅଫିସର ନିଜେ କିଛି କିଛି ଖର୍ଚ୍ଚ କରି ବିଲ୍ ପାସ କରାଇ ଆଣୁଥିଲେ ।

ଏଠାରେ ରହିବା ସମୟରେ ଓଡ଼ିଆ ସଂସ୍କୃତି ସାହିତ୍ୟର ପ୍ରସାର ପାଇଁ ଆମେ ବହୁ କାର୍ଯ୍ୟ କରିଥିଲୁ । ଓଡ଼ିଶୀ ନୃତ୍ୟ, ଓଡ଼ିଆ ଗୀତ ପରିବେଷଣ ଆୟୋଜନ କରାଯାଉଥିଲା । ଓଡ଼ିଆ ଭାଷାରେ ସ୍ଥାନୀୟ ଓଡ଼ିଆମାନଙ୍କ ସହିତ କଥାବାର୍ତ୍ତା କରିବା ଓ ଓଡ଼ିଆ ଶିକ୍ଷାର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରିବା ଦ୍ୱାରା ଓଡ଼ିଆମାନଙ୍କ ମଧ୍ୟରେ ସ୍ୱାଭିମାନ ଜାଗ୍ରତ ହୋଇ ହୀନମନ୍ୟତା ଦୂର କରିବାରେ ସହାୟକ ହୋଇଥିଲା । ଏହିଠାରେ ଥିବାବେଳେ ଗୀତା ଓ ତାଙ୍କ ମହିଳା ସମିତିର ଉଦ୍ୟମରେ ଯୋଗ କ୍ଲାସ, ଗୋଟିଏ ବଡ଼ ଧରଣର ଶିକ୍ଷଣୀୟ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା ଏବଂ ମହିଳା ସମିତିକୁ ସକ୍ରୀୟ କରି ପ୍ରତି ସଭ୍ୟା ଯେପରି ମାସକୁ କିଛି କିଛି ଉପାର୍ଜନ କରନ୍ତି ସେଥିପାଇଁ କାମ ଯୋଗାଇ ଦିଆଯାଇଥିଲା । ମଧ୍ୟେ ମଧ୍ୟେ ଥିଏଟର ଓ ନୃତ୍ୟଗୀତର ଆୟୋଜନ କରିବା ଦ୍ୱାରା ମାନସିକ ଦୂରତ୍ୱ ହ୍ରାସପାଇ ସମସ୍ତଙ୍କ ମଧ୍ୟରେ ସ୍ଫୁର୍ତ୍ତି ଓ ଆମୋଦ ପ୍ରମୋଦ କରିବା ଭାବ ଫୁଟି ଉଠିଥିଲା ।

ଏଠାରେ କହି ରଖିବା ଉଚିତ ହେବ ଯେ, ସିଂହଭୂମିରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ, ପ୍ରଚାରକ ଅନନ୍ତ ମିଶ୍ର, ଈଶ୍ୱର ଚନ୍ଦ୍ର ହୋତା ଓ ତାରାପଦ ଷଡ଼ଙ୍ଗୀ ପ୍ରଭୃତି ବହୁ ଉଦ୍ୟମ କରିଥିଲେ । ସେମାନେ ଓଡ଼ିଆମାନଙ୍କ ମଧ୍ୟରେ ମାତୃଭାଷା ଓ ସଂସ୍କୃତି ପ୍ରତି ଅନୁରାଗ ସୃଷ୍ଟି କରାଇବାରେ ସମର୍ଥ ହୋଇଥିଲେ ବୋଲି ମେଦିନୀପୁରରୁ ଓଡ଼ିଆ ଲୋପ ପାଇ ଯାଇଥିଲେ ମଧ୍ୟ ସିଂହଭୂମି ଜିଲ୍ଲାରେ ଓଡ଼ିଆମାନେ ସମ୍ମାନ ଓ ଗର୍ବର ସହିତ ବସବାସ କରୁଛନ୍ତି ଏବଂ ଓଡ଼ିଶା ବାହାରେ ସେମାନେ ବିହାରୀ ଓଡ଼ିଆ ଭାବେ ପରିଚିତ । ବିହାର ପ୍ରତି ଆନୁଗତ୍ୟ ଓ ଓଡ଼ିଆ ଭାଷା ପ୍ରତି ମମତା ମଧ୍ୟରେ ସଂଘର୍ଷ ନ ହୋଇ ବରଂ ଭାରତୀୟତା ପ୍ରକଟିତ ହୋଇଛି ।

Digitized by srujanika@gmail.com

ଭଗବାନ ରକ୍ଷାକର

ଗଣତାନ୍ତ୍ରିକ ସମାଜରେ ଲୋକ ପ୍ରତିନିଧିମାନଙ୍କର ସ୍ଥାନ ସାଧାରଣ ବ୍ୟକ୍ତିଠାରୁ ଅନେକ ଉଚ୍ଚରେ । ସେମାନେ ନିର୍ବାଚନରେ ଜିତି ବିଧାନ ସଭା ବା ପାର୍ଲିଆମେଣ୍ଟର ସଦସ୍ୟ ହୁଅନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ମନ୍ତ୍ରୀ ମଧ୍ୟ ହୁଅନ୍ତି । ଗଣତନ୍ତ୍ର ସାଧାରଣ ଲୋକମାନଙ୍କ ପାଇଁ ଅନେକ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରେ । ସେସବୁକୁ ଠିକଣା ବାଟରେ ପରିଚାଳିତ କରି ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ସେମାନଙ୍କର କର୍ତ୍ତବ୍ୟ । ସେମାନେ ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ ବୋଲି ବିଧାନ ସଭା ବା ପାର୍ଲିଆମେଣ୍ଟରେ ସେମାନଙ୍କୁ ମାନ୍ୟବର ସଦସ୍ୟ କୁହାଯାଏ । ଗଣତନ୍ତ୍ରର ସୁରକ୍ଷା ସକାଶେ ସଦା ଜାଗ୍ରତ ରହିବା ଏବଂ ଆବଶ୍ୟକ ପଡ଼ିଲେ ସବୁପ୍ରକାର ସ୍ୱାର୍ଥ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ରହିବା ଏଇ ମାନ୍ୟବର ସଦସ୍ୟ ମାନଙ୍କ କାମ । ଏଥିପାଇଁ ଏଇ ମାନ୍ୟବର ସଦସ୍ୟମାନେ ଲୋକସେବକ ଭାବରେ ପରିଚିତ । ସାରାଜୀବନ ଜନସେବାରେ ନିଜକୁ ନିଯୁକ୍ତି କରିବା ଏବଂ ବୃହତ୍ତର ସ୍ୱାର୍ଥପାଇଁ କ୍ଷୁଦ୍ରତର ସ୍ୱାର୍ଥ ବଳିଦେବା ଏମାନଙ୍କର ଆଚରଣ ଓ ଆଭିମୁଖ୍ୟରେ ପ୍ରକାଶିତ ହେବା କଥା । କିନ୍ତୁ ତ୍ୟାଗର ଯେଉଁ ମହିମା ଓ ପରମ୍ପରା ଏ ଦେଶରେ ପ୍ରତିଷ୍ଠିତ ଥିଲା ଏହା ଅଲକ୍ଷ୍ୟରେ କିପରି ବିଲୟ ଲଭିଛି ତାହା ଦେଖିଲେ ମର୍ମାହତ ହେବାକୁ ହୁଏ ।

ମୁଁ ସେତେବେଳେ ଦକ୍ଷିଣ-ପୂର୍ବ ରେଳବାଇରେ ଡେପୁଟି ଜେନେରାଲ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲି । ୧୯୭୩ ମସିହାର ଆଦ୍ୟକାଳ । ଓଡ଼ିଶାର ସ୍ୱାର୍ଥ ଜଗିବା ପାଇଁ ଜଣେ ମାନ୍ୟବର ସଂସଦ ସଦସ୍ୟ (ନାମ ଲେଖୁନାହିଁ, ଅଦ୍ୟାବଧି ସେ ସକ୍ରିୟ) ରେଳବାଇ ପରାମର୍ଶଦାତା କମିଟିର ଏକ ବୈଠକରେ ଯୋଗଦେବା ଲାଗି କଲିକତା ଆସିବାର ଥିଲା । ମିଟିଂ ଦିନ ସେ ପହଞ୍ଚିବେ ବୋଲି ଆଗରୁ ସୂଚନା ମଧ୍ୟ ପଠାଇଥିଲେ । କିନ୍ତୁ ମିଟିଂ ହେଲା, ମାନ୍ୟବର ସଂସଦ ସଦସ୍ୟଙ୍କ ଅନୁପସ୍ଥିତିରେ । ମୁଁ ଭାବିଲି ଯେ ବୋଧହୁଏ ଆହୁରି କୌଣସି ଗୁରୁତର କାର୍ଯ୍ୟରେ ବ୍ୟସ୍ତ ଥିବାରୁ ମାନ୍ୟବର ଆସିପାରିଲେ ନାହିଁ । କିନ୍ତୁ ମୋର ଅନୁମାନ ତା' ପରଦିନ ମିଥ୍ୟା ପ୍ରମାଣିତ କରି ସ୍ୱୟଂ ମାନ୍ୟବର ସଦସ୍ୟ ମୋ ଆଗରେ ବସିପଡ଼ିଲେ । ମୁଁ କହିଲି କାଲି ଅନେକ ଗୁରୁତର ବିଷୟ ଆଲୋଚନା କାର୍ଯ୍ୟକ୍ରମରେ ସ୍ଥାନ ପାଇଥିଲା । ସେଥିରୁ କେତୋଟି ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧିତ; କିନ୍ତୁ ଆପଣ ଆସିଲେ ନାହିଁ ଯେ । ସେ ମୁହଁ ଉପରେ ବିମଳ ହସ ଖେଳାଇ କହିଲେ ଆଉ ଗୋଟିଏ

Digitized by srujanika@gmail.com

ସେହିପରି ମିଟିଂରେ ଯୋଗ ଦେଇଥିଲି ଭୁବନେଶ୍ୱରରେ । ଭାବିଲି ନ ଆସିଲେ ଆପଣମାନେ ମନକ୍ଷୁର୍ଣ୍ଣ କରିବେ, ତେଣୁ ଚାଲି ଆସିଲି ।

ମୁଁ ଚା' ମଗାଇଲି । ସେ ଚା' ପାନ କଲାବେଳେ ନିଜର ଗୁରୁଦାୟିତ୍ୱ କଥା ସ୍ମରଣ କରି କହିଲେ- ମୁଁ ତଳ ଅଫିସରଙ୍କୁ କହି ଆସିଛି ସେ କାଗଜପତ୍ର ପ୍ରସ୍ତୁତ କରି ରଖିଛନ୍ତି, ମୁଁ ଯଥାସ୍ଥାନରେ ଦସ୍ତଖତ କଲେ ମୋ ଦାୟିତ୍ୱ ତୁଟିବ.... । ମୁଁ ଅବାକ ହୋଇ କହିଲି କେଉଁ କାଗଜପତ୍ର ସମ୍ବନ୍ଧରେ କହୁଛନ୍ତି ? ଆପଣତ କାଲି ଆସି ନଥିଲେ.... ।

ସେ ଅମାୟିକ ହସ ହସି କହିଲେ- କାଲି ଭୁବନେଶ୍ୱରରେ ଥିଲି ଆଜି ଏଠାରେ ଅଛି । ଆପଣ ରାଜି ହେଲେ ସବୁ ଠିକ୍ ହୋଇଯିବ, ଏତେ ଗୁଡ଼ା ଭତ୍ତା ନଚେତ୍ ହାତରୁ ଖସିଯିବ ।

ମୋତେ ଲାଜ ଲାଗିଥାନ୍ତା ଏହା କହିବା ପାଇଁ । ମୁଁ କିଛି କହିବା ଆଗରୁ ସେ ପିଅନକୁ କହିଲେ ତଳ ଅଫିସରଙ୍କୁ ଡ଼ାକିବା ପାଇଁ । ସେ ଅପେକ୍ଷା କରୁଥିଲେ । ସଙ୍ଗେ ସଙ୍ଗେ କାଗଜପତ୍ର ନେଇ ହାଜର ହେଲେ । ମାନ୍ୟବର ସଦସ୍ୟ ଗତକାଲିର ମିଟିଂରେ ଯୋଗଦାନ କରିଥିବାର ପ୍ରମାଣ ସଦୃଶ ଆବଶ୍ୟକ ମତେ ଦସ୍ତଖତ ବି କଲେ । ତଳ ଅଫିସର ଚାଲିଯିବା ପରେ ମୁଁ କହିଲି-କାଲି ଏକ ସମୟରେ ଆପଣ କଲିକତା ଓ ଭୁବନେଶ୍ୱରରେ ରହିବା କିପରି ସମ୍ଭବ ? ମନ ପବନ କଠାଉ ମାଡ଼ି ଗତି କଲେ ବି ସମୟ ଲାଗେ । ସେ ହସିଦେଇ କହିଲେ- ଏପରି ନକଲେ ଚଳିବ ? ଦିନରାତି ଦେଶସେବା କରି ଆମେ କେମିତି ହନ୍ତସନ୍ତ ହେଉଛୁ ଆପଣ ଦେଖୁଛନ୍ତି । ଦୁଇଟା ଭତ୍ତା କାମରେ ଆସିବ । ତା'ପରେ ଜାଣିବ କିଏ ଯେ.....?

ମୁଁ ନିର୍ବାକ ହୋଇଗଲି । ଏହିପରି ଅନେକ ଘଟଣା ଘଟେ । ବହୁ ଦୃଷ୍ଟାନ୍ତ ଦିଆଯାଇପାରେ । କିନ୍ତୁ ଦେଶର ହିତପାଇଁ ଆପଣ ସ୍ୱାର୍ଥ ତ୍ୟାଗ କରୁଥିବା ମାନ୍ୟବର ମାନଙ୍କର ମହିମା ବହୁମୁଖୀ । ସେମାନଙ୍କ ମଧ୍ୟରୁ ଅନେକ ଯେ ଗାନ୍ଧୀ, ଗୋପବନ୍ଧୁଙ୍କ ପଟ୍ଟଶିଷ୍ୟ ଏହା ମଧ୍ୟ ସତ୍ୟ । ସେମାନଙ୍କ ଧର୍ମରୁ ବୋଧହୁଏ ଅନ୍ୟମାନଙ୍କ ଅଧର୍ମର ପ୍ରତିଫଳ ଭୋଗିବାକୁ ପଡୁନି ଆମକୁ । ମାନ୍ୟବର ସଦସ୍ୟଙ୍କ ପ୍ରତିଭା ଚତୁର୍ମୁଖ ବ୍ରହ୍ମାଙ୍କ ପରି । ମନ୍ତ୍ରୀ ହେବା ସବୁଠାରୁ ବଡ଼ ଓ ମହତ୍ତ୍ୱ ଲକ୍ଷ୍ୟ ।

ମୁଁ ଯେତେବେଳେ ଖୋର୍ଦ୍ଧାରୋଡ଼ ଡ଼ିଭିଜନର ସୁପରିଣ୍ଟେଣ୍ଡେଣ୍ଟ, ଭୁବନେଶ୍ୱର ଆସିଥାଏ ଘରୋଇ ସଚିବଙ୍କ ସହିତ ପରାମର୍ଶ କରିବା ପାଇଁ । ଦୁହେଁ ବସି ଆଲୋଚନା କଲାବେଳେ ଗୋଟେ ସ୍ଲିପ୍ ଆଣି ରଖି ଦେଇଗଲା ପିଅନ । ଘରୋଇ ସଚିବ ଦୃଷ୍ଟି ପକାଇ କହିଲେ- ଜଣେ ମାନ୍ୟବର ପାର୍ଲିଆମେଣ୍ଟ ସଦସ୍ୟ । ପିଅନକୁ କହିଲେ ସମ୍ମାନର ସହିତ ତାଙ୍କୁ ଡାକି ଆଣିବା ପାଇଁ । ସେ ଆସିଲେ । ତାଙ୍କ ସହିତ ମୋତେ ପରିଚୟ କରାଇଦେଲେ ଘରୋଇ ସଚିବ ବିଘ୍ନରାଜ ପ୍ରଧାନ । ସେ ମୋ ନାମ ଶୁଣି କହିଲେ- ଆପଣଙ୍କ ନାମ ଶୁଣିଥିଲି, କିନ୍ତୁ ଦେଖା ହୋଇ ନ ଥିଲା... । ଆଜି ଶୁଭଦିନ ଦେଖା ହୋଇଗଲା ।

ଘରୋଇ ସଚିବ ମାନ୍ୟବରଙ୍କ କୁଶଳ ଜିଜ୍ଞାସା କରି ସାରିବା ପରେ କହିଲେ କଣ କାମ ଅଛି କୁହନ୍ତୁ.... ଆପଣ ତ ସେଦିନ ଆମର ମନ୍ତ୍ରୀ ଥିଲେ... । ସବୁ ଜାଣିଥିବେ ମାନ୍ୟବର

Digitized by srujanika@gmail.com

ମୁହଁ ଉପରେ ସ୍ମିତହାସ୍ୟ ଖେଳାଇ କହିଲେ ହଁ, ହଁ, ସବୁ ମନେ ଅଛି.... ଆପଣମାନେ ନଥିଲେ ଆମେ ବା କ'ଣ କରିପାରିବୁ ? ତାପରେ ଟିକେ ରହି ଚା'କପରେ ଓଠ ଭିଜାଇ କହିଲେ- ମୁଁ ଜରୁରୀ କାମରେ ଆସିଥିଲି, ଆପଣ ସାହାଯ୍ୟ ନ କଲେ ଚଳିବ ନାହିଁ । ଆପଣତ, ମୋତେ ଦେଖି ଆସୁଛନ୍ତି । କେତେବର୍ଷ ହେଲା.... ମନ୍ତ୍ରୀ ଥିବା ବେଳେ ବି ଦେଖିଛନ୍ତି... । ତା'ପରେ ଆପଣ ଘରୋଇ ବିଭାଗର ସଚିବ । ପୋଲିସ ଆପଣଙ୍କ ଅଧୀନରେ । କିଏ ଜଣେ କବି ପରା ଲେଖିଥିଲେ ଯେ... ପୁଲିସ ବିନାମେଘେ ସୃଜିପାରଇ କୁଳିସ.... ପୂରା ପଦଟା ମନେ ପଡୁନି...... ।

ଘରୋଇ ସଚିବ ସ୍ମିତହାସ୍ୟ କରି କହିଲେ..... ଆମେ ନୌକର ସାହିର ସଭ୍ୟ, ଆପଣମାନେ ଆମର ମାଲିକ.....ଆଦେଶ କରନ୍ତୁ ।

ମାନ୍ୟବର କହିଲେ- ଦିଲ୍ଲୀରେ ଏମିତି ରହି ଲାଭ କଣ ? ମନ୍ତ୍ରୀ ନହେଲେ ମର୍ଯ୍ୟାଦା ନାହିଁ । ତା'ପରେ ମୁଁ ତ ପାର୍ଲାମେଣ୍ଟକୁ ଯିବା ଆଗରୁ ରାଜ୍ୟମନ୍ତ୍ରୀ ଥିଲି । ଲୋକପ୍ରତିନିଧି ହେଲିଣି ଦୀର୍ଘକାଳ ହେଲା । ଦେଶପାଇଁ ସେଇ ଆଦ୍ୟ ଯୌବନରୁ କାମ କରୁଛି....ନିଜ କଥା କେବେ ଭାବିନି..... ।

ଘରୋଇ ସଚିବ ଉତ୍ସାହିତ ହୋଇ କହିଲେ.....ଆପଣ ମନ୍ତ୍ରୀ ହେଲେ ଆମର ଗୌରବ ବଢ଼ିବ, ଆମ ରାଜ୍ୟର ପ୍ରଭାବ ବି ବଢ଼ିବ... ।

ସେ କହିଲେ -କିନ୍ତୁ ମୋରାରଜୀ ବା ରାଜନାରାୟଣଜୀଙ୍କ ସହିତ ମୋର ବ୍ୟକ୍ତିଗତ ପରିଚୟ ନାହିଁ । ଆଠଶହ ପାର୍ଲାମେଣ୍ଟ ମେମ୍ବର । କାହାକୁ କିଏ ଚିହ୍ନୁଛି । କିନ୍ତୁ ଆପଣଙ୍କ ସାର୍ଟିଫିକେଟ ହାତରେ ଥିଲେ ସେମାନେ ନିଶ୍ଚୟ ମୋ ଦାବି ସମ୍ବନ୍ଧରେ ବିଚାର କରିବେ..... ।

ମୋର ସାର୍ଟିଫିକେଟ ? ମୁଁ କଣ ସାର୍ଟିଫିକେଟ ଦେବି....?

ତାଙ୍କ ତୁଣ୍ଡରୁ କଥା ଛଡ଼ାଇ କହିଲେ ମାନ୍ୟବର -ଆପଣତ ସବୁ । ସମସ୍ତଙ୍କର ଗୁପ୍ତନଥି ଜଣା ଆପଣଙ୍କୁ । ମୋ ଚରିତ୍ର ସମ୍ବନ୍ଧରେ ବି ଆପଣ ଜାଣନ୍ତି । ଦେଶ ସେବା କରିବା ତିରିଶ ବର୍ଷ ହୋଇଗଲା...ଆପଣ ବ୍ୟକ୍ତିଗତ ଭାବେ ମୋତେ ଜାଣନ୍ତି ଓ ମୋର ସାଧୁତା ଓ ଚରିତ୍ର ସଂଦେହର ଉର୍ଦ୍ଧ୍ୱରେ ବୋଲି ଲେଖି ଦେଲେ ମୁଁ ତାହା ଦେବି ପ୍ରଧାନମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ । ରାଜନାରାୟଣଜୀ ମୋତେ ତାଙ୍କର କନିଷ୍ଠ ମନ୍ତ୍ରୀ ଭାବରେ ନବାକୁ ଅରାଜି ହେବେ ନାହିଁ ।

ଘରୋଇ ସଚିବଙ୍କୁ କିଛି ସମୟ ଲାଗିଲା, ମାନ୍ୟବରଙ୍କୁ ବୁଝାଇବା ପାଇଁ ଯେ, ଏପରି ପ୍ରମାଣପତ୍ର ଲେଖିବା ସକାଶେ ସରକାର ତାଙ୍କୁ କ୍ଷମତା ଦେଇ ନାହାନ୍ତି । ଆଉ ସେ ତ ପବ୍ଲିକ ସରଭେଣ୍ଟ....ମାନ୍ୟବର ସଦସ୍ୟଙ୍କ ସମେତ ସରକାରଙ୍କ ସେବକ, କିନ୍ତୁ ତଥାପି ଯଦି ଦିଲ୍ଲୀରୁ ଆଦେଶ ମିଳେ ସେ ଲେଖିବେ ନିଶ୍ଚୟ ।

ମାନ୍ୟବର ସଦସ୍ୟଙ୍କ ପ୍ରସ୍ଥାନ ପରେ ମୁଁ କହିଲି- ଭଗବାନ୍, ଆମକୁ ରକ୍ଷାକର ।

Digitized by srujanika@gmail.com

ମା ଫଳେଷୁ କଦାଚନ

୧୯୭୪ ମସିହାର ମେ ମାସ ଚଉଦ ତାରିଖ । ଯେଉଁମାନେ ଇତିହାସ ଲେଖନ୍ତି ସେମାନଙ୍କ ପାଇଁ ଏଇ ଦିନଟିର ମହତ୍ତ୍ୱ ଅନେକ ବେଶି । ଗୋଟିଏ ମାରାତ୍ମକ ରୋଗ ଶରୀରକୁ ଗ୍ରାସ କରିବା ପୂର୍ବରୁ ପ୍ରଥମ ଉପସର୍ଗରୁ ତାହା ଯେପରି ଚିହ୍ନାପଡ଼େ ସେହିପରି ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଅଚଳ କରିଦେବା ଲାଗି କେତେକଙ୍କ ମତରେ ଏହି ମେ ଚଉଦ ତାରିଖ ଦିନ ପ୍ରଥମ ଆଖିଦୃଶିଆ ପଦକ୍ଷେପ ନିଆଯାଇଥିଲା । ଏହି ଦିନଠାରୁ ସମଗ୍ର ଭାରତରେ ରେଳବାଇ କର୍ମଚାରୀମାନେ ଧର୍ମଘଟ ଦ୍ୱାରା ରେଳ ଚଳାଚଳ ଅଚଳ କରିଦେବା ଲାଗି ଆହ୍ୱାନ ଦେଇଥିଲେ । ଗୋଟିଏ ପକ୍ଷରେ ଭାରତୀୟ ଜାତୀୟ କଂଗ୍ରେସ ସମର୍ଥିତ ଆଇ.ଏନ.ଟି.ୟୁ.ସି. ଓ ଅନ୍ୟପକ୍ଷରେ ଅନ୍ୟସବୁ ଟ୍ରେଡ' ୟୁନିୟନ । ସବୁ ଆଲୋଚନା ବିଫଳ ହେଲାରୁ ସରକାର ଏହି ଧର୍ମଘଟକୁ ବେଆଇନ ଘୋଷଣା କରିଦେଲେ ଏବଂ ଏହା ସହିତ ଧର୍ମଘଟ ବିରୁଦ୍ଧରେ ବ୍ୟାପକ ପ୍ରତିଷେଧକ ବ୍ୟବସ୍ଥା କରାଗଲା । ତେବେ ଧର୍ମଘଟ ସପକ୍ଷରେ ଥିବା ବାମପନ୍ଥୀ ଟ୍ରେଡ ୟୁନିୟନମାନେ ଲଢୁଆ ମନୋବୃତ୍ତି ନେଇ ସରକାରଙ୍କ ବିପକ୍ଷରେ ଛିଡ଼ା ହେଲେ ।

୧୯୭୩ ଅକ୍ଟୋବର ତେର ତାରିଖ ଦିନ ମୁଁ ଖୋର୍ଦ୍ଧାରୋଡ଼ ଡିଭିଜନରେ ଯୋଗ ଦେଇଥିଲି, ଡିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ଭାବରେ । ସରକାରଙ୍କ ପକ୍ଷରୁ ସ୍ପଷ୍ଟ ଭାବରେ ଘୋଷଣା କରାଗଲା ଯେ, ଯେପରି ହେଉ ରେଳ ଚଳାଚଳ ଅବ୍ୟାହତ ରଖିବାକୁ ହେବ ଏବଂ ସମସ୍ତ ପ୍ରକାର ପ୍ରତିରୋଧକୁ ଆଇନ ସମ୍ମତ ପନ୍ଥାରେ ମୁକାବିଲା କରାଯିବ । ଅନୁରକ୍ତ କର୍ମଚାରୀମାନେ ଯେପରି ନିର୍ଭୟରେ କାମ କରିପାରନ୍ତି ତାହା ନିଶ୍ଚିତ କରିବା ଲାଗି ରାଜ୍ୟ ସରକାରମାନଙ୍କୁ ବ୍ୟାପକ ପୋଲିସ ବ୍ୟବସ୍ଥା କରିବା ଲାଗି କୁହାଗଲା ଏବଂ ତାହା ସହିତ ଅନ୍ତର୍ଘାତୀ ଭଙ୍ଗାରୁଜା କାର୍ଯ୍ୟ ପ୍ରତିହତ କରିବା ସକାଶେ ମଧ୍ୟ ଦୃଢ଼ ପଦକ୍ଷେପ ନିଆଗଲା । ସରକାର ଧରିନେଲେ ଯେ, ଯଦି ଏଇ ଧର୍ମଘଟ ସଫଳ ହୁଏ ଦେଶର ଆର୍ଥିକ ଅବସ୍ଥା ଅତିମାତ୍ରାରେ କ୍ଷତିଗ୍ରସ୍ତ ହେବ ଏବଂ ଏହାପରେ ସରକାରୀ କଳକୁ ମଧ୍ୟ ଅଚଳ କରିଦେବା

Digitized by srujanika@gmail.com

ପାଇଁ ବାମପନ୍ଥୀମାନେ ସୁବିଧା ପାଇବେ । ତେଣୁ ଯେପରି ହେଉ ଜାତିର ଜୀବନନାଡିକା ଭାରତୀୟ ରେଳବାଇର ଚଳାଚଳ ଓ ପରିବହନ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ସରକାର ଯେପରି ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କଲେ ସରକାରଙ୍କ ଦମନଲୀଳା ବିରୁଦ୍ଧରେ ମୁହାଁ ମୁହିଁ ଛିଡ଼ାହେବା ପାଇଁ ସଂକଳ୍ପ କଲେ ବାମପନ୍ଥୀ ଟ୍ରେଡ଼ ୟୁନିୟନମାନେ । ମୁଖ୍ୟତଃ ଗୋଟିଏ ପକ୍ଷରେ ଆଇ. ଏନ.ଟି.ୟୁ.ସି. ଓ ଅନ୍ୟ ପକ୍ଷରେ ଏ.ଆଇ.ଟି.ୟୁ.ସି. ଏବଂ ହିନ୍ଦ ମଜଦୁର ସଭା ଇତ୍ୟାଦି ।

ଲାଗିଗଲା ଛକାପଞ୍ଝା । ମାତ୍ର ସାତମାସ ହୋଇଥାଏ ମୋର ଏ ଡିଭିଜନରେ । ମୁଁ ଆସିବା ପୂର୍ବରୁ କ୍ରମାଗତ ତିନିଚାରିବର୍ଷ ବିଶୃଙ୍ଖଳା ଯେପରି ଲାଗି ରହିଥିଲା, ସେହିପରି ରେଳ ଚଳାଚଳ ଘୋର ବିପର୍ଯ୍ୟୟ ସମ୍ମୁଖୀନ ହୋଇଥିଲା । କଥା କଥାରେ ଟାଟାନଗର/ପୁରୀ ଏକ୍ସପ୍ରେସ ଯିବନି କହିଲେ ତାହା ଚଳାଇବାର ସବୁବାଟ ବନ୍ଦ । ଡିଭିଜନର ଲୋକୋ ରନିଂ ଷ୍ଟାଫ ଏସୋସିଏସନର ନେତୃତ୍ୱ ପଡିଥାଏ କେତେକ ତୀବ୍ର ସରକାରୀ ବିରୋଧୀ ଉଗ୍ରବାଦୀଙ୍କ ହାତରେ । ସେମାନଙ୍କର ସାଂଗଠନିକ ଶକ୍ତି ଓ ସନ୍ତ୍ରାସ ସୃଷ୍ଟି କରିବାର ଦକ୍ଷତା ଆଗରେ ଅନୁରକ୍ତ କର୍ମଚାରୀମାନେ ଫିକା ପଡ଼ି ଯାଇଥାନ୍ତି । ଏଇ ଡିଭିଜନର ଅନେକ ଅଫିସର ସେମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅପମାନିତ ହୋଇଥାନ୍ତି । ଏଭଳି ପରିପ୍ରେକ୍ଷୀରେ ଡିଭିଜନର ଦାୟିତ୍ୱ ନେଇ ମୁଁ ସଂଖ୍ୟାଧିକ କର୍ମଚାରୀଙ୍କର ଆନୁଗତ୍ୟ ଓ ସକ୍ରିୟ ସହଯୋଗ ଫେରିପାଇବା ପାଇଁ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେଲି । ସେମାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରି ସେମାନଙ୍କର ନ୍ୟାୟୋଚିତ ଦାବିଗୁଡ଼ିକ ମାନିନେବା ଓ ଅସୁବିଧା ଦୂରକରିବା ଛଡା ଉଗ୍ରପନ୍ଥୀମାନଙ୍କ ପ୍ରଭାବରୁ ସେମାନଙ୍କୁ ମୁକ୍ତକରିବା ଓ ସେମାନଙ୍କୁ ସଂଗଠିତ କରି ଭାଙ୍ଗି ପଡୁଥିବା ଚଳାଚଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ନୀତି ଥିଲା ଅନ୍ୟତମ ।

ମୋର ଗୋଟିଏ ବଡ଼ ସୁବିଧା ଥିଲା ଯେ, ମୁଁ ଏଇ ଅଞ୍ଚଳର ଅଧିବାସୀ । ପୁରୀ ଓ କଟକରେ ଛାତ୍ରାବସ୍ଥା କଟାଇଥିଲି ଏବଂ ଛାତ୍ର ଜୀବନରେ ରାଜନୀତି ଓ ସାହିତ୍ୟ ସହିତ ସଂପୃକ୍ତ ଥିବାରୁ ମୋର ଅନେକ ସମସାମୟିକ ବନ୍ଧୁ ରାଜନୀତି, ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନର ଶୀର୍ଷ ସ୍ଥାନରେ ଥିବାରୁ ସେମାନଙ୍କ ଅବାରିତ ସହଯୋଗ ଓ ସାହାଯ୍ୟ ମୋତେ ମିଳି ପାରୁଥିଲା । ଉଣାଅଧିକେ ସମ୍ବାଦପତ୍ର ଓ ଜନସମ୍ପର୍କ କ୍ଷେତ୍ରରେ ମଧ୍ୟ ମୋର ଅନେକ ଶୁଭେଚ୍ଛୁ ବନ୍ଧୁ ଥିଲେ । ତେଣୁ ଡିଭିଜନକୁ ଆସିବା ପରେ ମୋ ସପକ୍ଷରେ ଆଶାତୀତ ଜନସମର୍ଥନ ମିଳିଥିଲା ଏବଂ ସମୟ ନଷ୍ଟ ନ କରି ମୁଁ ଏହାକୁ ମୂଳପୁଞ୍ଜି କରି ସେସବୁକୁ ସଂଗଠିତ କରି ସେଥିରୁ ଲାଭ ଉଠାଇବା ପାଇଁ କୁଣ୍ଠା କରି ନ ଥିଲି । ସେତେବେଳେ ଶ୍ରୀମତୀ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ପ୍ରଥମରୁ ହିଁ ମୋ କାର୍ଯ୍ୟରେ ତାଙ୍କର ସାହାଯ୍ୟ ପାଇଥିଲି ଏବଂ ପ୍ରଶାସନର ସବୁ ସ୍ତରରୁ ସହଯୋଗ ମିଳୁଥିଲା ସହଜରେ ।

Digitized by srujanika@gmail.com

ପଲାସାରୁ, ଖୋର୍ଦ୍ଧାରୋଡ, ପୁରୀ, କଟକ, ତାଳଚେର ଓ ଭଦ୍ରକ ପ୍ରଭୃତି ବିସ୍ତୃତ ଅଞ୍ଚଳକୁ ବାରମ୍ବାର ଗସ୍ତରେ ଯାଇ ଅନୁଗତମାନଙ୍କୁ ଯେପରି ସଂଗଠିତ କଲି ସେହିପରି ସେମାନଙ୍କର ପରିବାର ସହିତ ଘନିଷ୍ଠ ହେବା ଓ ସେମାନଙ୍କର ଛୋଟ ଛୋଟ ଅସୁବିଧା ଦୂରକରି ମହିଳା ସମିତି ଜରିଆରେ ସେମାନଙ୍କ ମଧ୍ୟରେ ଯେଉଁମାନଙ୍କର ଅବସ୍ଥା ସ୍ବଚ୍ଛଳ ନୁହେଁ, ସେମାନଙ୍କୁ ହସ୍ତଶିଳ୍ପ କାମଧନ୍ଦା ଯୋଗାଇ ଦେବା ଲାଗି ମୋ ସହଧର୍ମିଣୀ ଗୀତା ଦେବୀ ସକ୍ରିୟ ପଦକ୍ଷେପ ନେଇଥିଲେ । ଫଳରେ ପ୍ରାୟ ଛଅମାସରେ ଆମ ସହିତ କର୍ମଚାରୀମାନଙ୍କର ପାରିବାରିକ ସ୍ତରରେ ସୁସମ୍ପର୍କ ପ୍ରତିଷ୍ଠିତ ହୋଇଗଲା । ଆମେ ଭାରତରେ ଆଠଟି ରାଜ୍ୟ ଅବସ୍ଥାନ ସମୟରେ ଏପରି ନୀତି ଅନୁସରଣ କରି ବେଶ ପ୍ରିୟପାତ୍ର ହୋଇଥିଲୁ ଏବଂ ଆମ ଦ୍ୱାର ସବୁ ଶ୍ରେଣୀର କର୍ମଚାରୀମାନଙ୍କ ପାଇଁ ସଦାବେଳେ ଖୋଲାଥିଲା । ଅତି ସାବଧାନତାର ସହିତ ନ୍ୟସ୍ତସ୍ୱାର୍ଥ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଓ ଅଫିସରମାନଙ୍କୁ ମୁଁ ପ୍ରାୟ ଏକପାଖିଆ କରିଦେଇଥିଲି । ଏହା ଫଳରେ ବିଶ୍ୱାସ ସଞ୍ଚାର ହୋଇଥିଲା କର୍ମଚାରୀ ତଥା ଜନସାଧାରଣଙ୍କ ମନରେ ।

ଚଉଦ ମେ ଯେତିକି ପାଖ ହୋଇ ଆସିଲା ଡିଭିଜନର ସବୁଆଡୁ ଉତ୍ତେଜନା ପୂର୍ଣ୍ଣ ସମ୍ବାଦ ହେଡ କ୍ୱାର୍ଟରରେ ପହଞ୍ଚିବାକୁ ଲାଗିଲା । ଜିଲ୍ଲା ପ୍ରଶାସନ ସହିତ ପରାମର୍ଶ କଲି । ଇଣ୍ଟେଲିଜେନସ ଅଫିସର ଡିଭିଜନର ବିଶଦ ବିବରଣୀ ଦେଲା ବେଳେ ମୁଁ ହାର୍ଡକୋର ନେତା ଓ କର୍ମୀମାନଙ୍କ ସଂଖ୍ୟା ପଚାରିଲି । ସେ କହିଲେ ପଚାଶ, କିନ୍ତୁ ଏହି ସଂଖ୍ୟା କ୍ରମଶଃ ବଢ଼ି ବି ପାରେ । ଷ୍ଟ୍ରାଇକ୍ ପ୍ଲାନ ଅନୁସାରେ ଡିଭିଜନର ସର୍ବତ୍ର ପ୍ରତିଷେଧକ ଓ ସତର୍କତାମୂଳକ ବ୍ୟବସ୍ଥା କରାଗଲା । ପୋଲିସ ଓ ଜିଲ୍ଲା ପ୍ରଶାସନର ପୂର୍ଣ୍ଣ ସହଯୋଗ ମିଳିଲା ଏ କାର୍ଯ୍ୟରେ । ଅଫିସର ଓ ସୁପରଭାଇଜରମାନଙ୍କୁ ବିଭିନ୍ନ କେନ୍ଦ୍ର ସ୍ଥଳରେ ଅବସ୍ଥାପିତ କରାଗଲା । ଦରକାର ହେଲେ ଧର୍ମଘଟକାରୀମାନଙ୍କୁ ଅଲଗା କରି ଅନୁଗତ କର୍ମଚାରୀ ଓ ଅଫିସରମାନଙ୍କ ଦ୍ୱାରା ଟ୍ରେନ ଚଳାଇବା ପାଇଁ ବ୍ୟବସ୍ଥା ହେଲା, କିନ୍ତୁ ଅଫିସରମାନେ ସବୁ କାମ କରିବାକୁ ବାହାରିଲେ ସିନା, ଇଂଜିନ୍ ଚଳାଇବା ଲାଗି କେହି ଉପଯୁକ୍ତ ବିବେଚିତ ହେଲେ ନାହିଁ । ଡ୍ରାଇଭରର କାମ ଓ କୌଶଳ ଉପରେ ନିରାପତ୍ତା ମଧ୍ୟ ନିର୍ଭର କରେ । କିନ୍ତୁ କେତେକ ନେତା ଆମ ପକ୍ଷକୁ ଚାଲି ଆସିବାରୁ ଅନୁଗତମାନଙ୍କୁ ସଙ୍ଗଠିତ କରିବା ସହଜ ହେଲା । ଅଧିକାଂଶ ଓଡ଼ିଆ ଡ୍ରାଇଭର ଗାଡି ଚଳେଇବା ଲାଗି ସମ୍ମତ ହେଲେ ।

ଧର୍ମଘଟ ଦୁଇଦିନ ଆଗରୁ ସେମାନଙ୍କର ସଂଗଠନ ଶକ୍ତି ପ୍ରଦର୍ଶନ କରିବା ପାଇଁ ଓ ନୈତିକ ବଳ ବୃଦ୍ଧି କରିବା ଲାଗି ଏକ ବଡ଼ ଶୋଭାଯାତ୍ରା ଆସିଲା ଅଫିସ ଆଡକୁ । ସେମାନଙ୍କ ମଧ୍ୟରେ ଅନେକ ସ୍ଥାନୀୟ ଲୋକ ଥିଲେ । ଇଣ୍ଟେଲିଜେନସ ସୂତ୍ରରୁ ଜାଣିଲି ଯେ, କଠୋରପନ୍ଥୀ ନେତାଙ୍କ ସଂଖ୍ୟା ପଚାଶ ପ୍ରାୟ । ଏମାନଙ୍କ ମଧ୍ୟରୁ ଯେଉଁମାନେ ଏକାବେଳେକେ ଉଗ୍ର ଓ ଭାଙ୍ଗିବେ ପଛେ ନଇଁବେ ନାହିଁ ସେମାନଙ୍କୁ ଦୁଇଦିନ ପୂର୍ବରୁ ରାତିରେ ମିସା ଆଇନ ବଳରେ ଗିରଫ କରି ନିଆଗଲା ।

Digitized by srujanika@gmail.com

ଏହାର ସୁପ୍ରଭାବ ପଡିଲା ଚତୁର୍ଦ୍ଦିଗରେ । ଚଉଦ ତାରିଖ ପୂର୍ବ ଦିନରୁ ମୁଁ ଆଉ ଘରକୁ ଗଲି ନାହିଁ. ଅଫିସ୍‌ରେ ରହିଲି । ସେଠାରେ ଖାଇବା, ପିଇବା ଓ ଶୋଇବା । ଠିକ ମଧ ରାତ୍ରିରୁ ଧର୍ମଘଟ ଆରମ୍ଭ ହେବାର କଥା । ରାତି ବାରଟା ବାଜିଲା । ଗୋଟେ.... ଦୁଇଟା.... ତିନିଟା... । ମୁଁ ଉତ୍କଣ୍ଠାର ସହିତ ଖବର ନେଉଥାଏ ପ୍ରତି ପନ୍ଦର ମିନିଟରେ ଥରେ ।

କଣ୍ଟ୍ରୋଲ ରୁମ ଖାଲି ସୂଚନା ଦେବାରେ ଲାଗିଥାଏ- ନା, ଟ୍ରେନ ଚଳାଚଳ ବନ୍ଦ ହୋଇନି ... । ସକାଳ ହେଲା । ବାହାର ରାଜନୈତିକ ଶକ୍ତିଙ୍କ ସାହାଯ୍ୟ ନେଇ ଟ୍ରେନ ଚଳାଚଳ ବନ୍ଦ କରିବା ଲାଗି ଚେଷ୍ଟା କରାଗଲା ସତ, କିନ୍ତୁ ତାହା ବି ବିଫଳ ହେଲା । ସନ୍ଧ୍ୟା ସୁଦ୍ଧା ଡିଭିଜନରେ ଗୋଟିଏ ଦୁଇଟି ଟ୍ରେନ ଛାଡି ଆଉ ସବୁ ଚାଲିଲା ସମୟ ଅନୁସାରେ । ତା'ପର ଦିନ ସକାଳେ ଆକାଶବାଣୀ ଯେତେବେଳେ ଘୋଷଣା କଲା ସାରା ଭାରତରେ କେବଳ ଖୋର୍ଦ୍ଧାରୋଡ ଡିଭିଜନରେ ଧର୍ମଘଟର କୌଣସି ପ୍ରଭାବ ପଡ଼ିନାହିଁ, ବରଂ ଚଉଦ ମେ ଦିନ ମାଲବୋଝେଇ ରେକର୍ଡ ଓ ଟ୍ରେନ ଚଳାଚଳର ସମୟାନୁବର୍ତ୍ତିତା ଅନ୍ୟଦିନ ଅପେକ୍ଷା ଯଥେଷ୍ଟ ବେଶୀ, ସେତେବେଳେ ସ୍ୱସ୍ତିରେ ନିଃଶ୍ୱାସ ମାରି ମୁଁ ଜଗନ୍ନାଥଙ୍କୁ ପ୍ରଣାମ କଲି । ଗୀତା ଦେବୀ ଘରୁ ଫୋନ କଲେ- ବଙ୍ଗଳାକୁ ଆସି ଧୁଆଧୋଇ ହୋଇ ଚା' ପିଇଯାଅ.... ତମ ଡିଭିଜନରେ ଧର୍ମଘଟ ହୋଇନି କହିଲା ରେଡିଓ । ମୁଁ କହିଲି- ନା, ସେମାନେ ପାରିଲେ ନାହିଁ । ବ୍ୟକ୍ତିଗତ ଭାବେ ଯେଉଁମାନେ ଅଫିସ ବା କର୍ମସ୍ଥଳୀକୁ ଆସିନଥିଲେ । ସେମାନଙ୍କ ସଂଖ୍ୟା ମାତ୍ର ପଚାଶ । ଷୋହଳ ହଜାର କର୍ମଚାରୀଙ୍କ ମଧ୍ୟରୁ ମାତ୍ର ପଚାଶ ଧର୍ମଘଟୀଙ୍କ ସଂଖ୍ୟା ।

ଦୁଇଦିନ ପରେ ଭୁବନେଶ୍ୱର ଗଲି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସବୁ କହିବା ପାଇଁ । ସେ କହିଲେ- ଓଡ଼ିଶାର ନାମ ରହିଗଲା... ଆପଣ ଓ ଆପଣଙ୍କ ସହଯୋଗୀମାନଙ୍କୁ ଅଭିନନ୍ଦନ ।

ସଚିବାଳୟରୁ ଷ୍ଟେସନ ଫେରିବା ବେଳେ ପ୍ଲାଟଫର୍ମରେ ଶୁଣିଲି, ଜଣେ ଆଉ ଜଣଙ୍କୁ କହୁଥିବାର - ଭାରତବର୍ଷରେ କେବଳ ଗୋଟିଏ ଡିଭିଜନରେ ଧର୍ମଘଟ ହୋଇନାହିଁ । ଯାହା ହେଉ ଆମ ଲୋକ ଉପରେ ଥିବାରୁ ଏହା ସମ୍ଭବ ହେଲା.... । ଓଡ଼ିଆ ହୋଇ ନ ଥିଲେ ଗୋଟିଏ ବଡ଼ ସ୍ୱୀକୃତି ମିଳିଥାନ୍ତା...

ଦ୍ୱିତୀୟ ବ୍ୟକ୍ତି କହିଲେ- ସବୁଠାରୁ ବଡ ସ୍ୱୀକୃତି କ'ଣ ଜାଣ ? ଜନସାଧାରଣଙ୍କ ସେବା... ଲୋକେ ଚିହ୍ନି ନେବେ ବୋଲି ମୁଁ ତରତର ହୋଇ ଚାଲିଗଲାବେଳେ ମନେ ପକେଇଲି ଭଗବତ୍ ଗୀତାର ସେଇ ଶ୍ଳୋକ- କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ । ଧର୍ମଘଟ କରେଇ ନ ଦବା ଲାଗି ମୁଁ ସଂକଳ୍ପ କରିଥିଲି, ତାହା ପୂର୍ଣ୍ଣ ହେଲା । ପୁରସ୍କାର ଆଶା କେବେ ମନକୁ ଆସିନି... ବରଂ କର୍ତ୍ତବ୍ୟ କରିଯିବା ପାଇଁ ଅଥୟ ହୋଇଛି ମନ ।

Digitized by srujanika@gmail.com

ଜଟଣୀ କଲେଜ

ଖୋର୍ଦ୍ଧାରୋଡ଼ ରେଳବାଇ ଡ଼ିଭିଜନକୁ ମୁଁ ଆସିବାକୁ ଆଦୌ ରାଜି ନଥିଲି । ଚାକିରିର ପ୍ରଥମ ଅଠର ବର୍ଷ ମୁଁ ଓଡ଼ିଶା ବାହାରେ କାର୍ଯ୍ୟ କରିଛି । ମୋତେ ଯେତେଥର ଓଡ଼ିଶାରେ ପୋଷ୍ଟିଂ କରିବା ପ୍ରସ୍ତାବ ଉଠିଛି, ମୁଁ କହିଛି ଯେ, ଖୋର୍ଦ୍ଧାରୋଡ଼ ଯିବାକୁ ମୋର ଆଗ୍ରହ ନାହିଁ । ଏହି ଅନାଗ୍ରହର କାରଣ ଥିଲା ଦୁଇଟି- ପ୍ରଥମରେ ଏଠାରେ ଉତ୍ତମ ଶିକ୍ଷା ପାଇଁ ବ୍ୟବସ୍ଥା ନଥିଲା, ଦ୍ୱିତୀୟରେ ବେନାମୀ ଚିଠିର କାରବାର ଏଠାରେ ପ୍ରବଳ । ଅଠରବର୍ଷ ଅଟକାଇ ରଖିଲି ସିନା ଶେଷରେ କିନ୍ତୁ ବାଧହେଲି ଆସିବା ପାଇଁ । ଡ଼ିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ପୋଷ୍ଟ ଖାଲି ହେଲା । ପ୍ରାୟ ବର୍ଷକ ମଧ୍ୟରେ ତିନିଜଣ ଅଫିସର ଆସିଲେ ଓ ଗଲେ, ଏଠାର ସଂକୀର୍ଣ୍ଣ ଓ ଆନ୍ଦୋଳନାତ୍ମକ ପରିବେଶରେ ସେମାନେ ଅଧିକ ସମୟ ରହିବାକୁ ଇଚ୍ଛା କଲେ ନାହିଁ । ଖୋର୍ଦ୍ଧାରୋଡ଼କୁ ଯଦି ଓଡ଼ିଆ ଅଫିସର ଆସିବା ଲାଗି ଅନିଚ୍ଛୁକ, ଅନ୍ୟ ଅଞ୍ଚଳର ଅଫିସର ଆସିବା ପାଇଁ ଇଚ୍ଛା ନ କରିବା ସ୍ୱାଭାବିକ । ଜେନେରାଲ ମ୍ୟାନେଜର ଜି.ଏସ୍. ସାଲଦାନା ମୋତେ ଡ଼ାକି ପଠାଇଲେ । ମୁଁ ତାଙ୍କ ପାଖକୁ ଯିବା ପୂର୍ବରୁ କମର୍ସିଆଲ ସୁପରିଣ୍ଟେଣ୍ଡେଣ୍ଟ ସାଣ୍ଟୁନାଥନ୍ ସାହେବ ଓ ଚିଫ୍ ପର୍ସୋନେଲ ଅଫିସର ରାଓଙ୍କ ସହିତ ସାକ୍ଷାତ କଲି । ସେ ଦୁହେଁ ଜି.ଏମ୍‌ଙ୍କ ସହିତ ଆଲୋଚନାର ପୂର୍ବାଭାସ ଦେଇ କହିଲେ, ଇଏ ଗୋଟିଏ ଚ୍ୟାଲେଞ୍ଜ । କୌଣସି ଡ଼ି.ଏସ୍. ସେଠାରେ ତିନି ଚାରି ମାସରୁ ବେଶୀ ଟେକି ପାରୁ ନାହାନ୍ତି । ରେଳବାଇର କାମ ଏପରି ଚଳେନି, ଜି.ଏମ୍. ତୁମକୁ ସେଠାକୁ ପଠାଇ ପାରନ୍ତି... ରେଳବାଇ ବୋର୍ଡ଼କୁ ଲେଖିସାରିଲେଣି ଅନୁମତି ପାଇଁ... ଆମେ ତମର ସଫଳତା କାମନା କରୁଛୁ... ।

ଜେନେରାଲ ମ୍ୟାନେଜର ସାଲଦାନା ସାହେବ କହିଲେ, ତମେ ଓଡ଼ିଶାର ଲୋକ, ଓଡ଼ିଶାରେ ରେଳବାଇର ମାତ୍ର ଗୋଟିଏ ଡ଼ିଭିଜନ... ସେଠାର ଲୋକମାନେ ଅନୁଭବ କରନ୍ତି ଯେ ରେଳବାଇ ଓଡ଼ିଶା ପ୍ରତି ଅବହେଳା କରି ଆସୁଛି । ତମେ ଯାଅ... ଚେଷ୍ଟାକର କିଛି କରିବା ପାଇଁ । ଇଏ ଗୋଟେ ଚ୍ୟାଲେଞ୍ଜ... ।

Digitized by srujanika@gmail.com

ମୁଁ ରାଜି ହେଲି । ନିଯୁକ୍ତି ପତ୍ର ନେଇ ସଂଧ୍ୟାରେ ହାଓଡ଼ା-ପୁରୀ ଏକ୍ସପ୍ରେସ୍‌ରେ ବାହାରିଲି କଲିକତାରୁ । ଡ଼ିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ପୋଷ୍ଟ ସାଧାରଣ ପ୍ରଶାସନର ରାଜସ୍ୱ ଡ଼ିଭିଜନାଲ କମିଶନର ପରି । ପଦୋନ୍ନତି ପାଇ ମୁଁ ଖୋର୍ଦ୍ଧାରୋଡ଼ରେ ଯୋଗ ଦେଲି ୧୯୭୩ ମସିହା ଡ଼ିସେମ୍ବର ତେର ତାରିଖ ଦିନ । ଜଗନ୍ନାଥଙ୍କୁ ପ୍ରାର୍ଥନା କରି ନୂତନ ଦାୟିତ୍ୱ ଗ୍ରହଣ କଲି । ସେତେବେଳେ ବାମପନ୍ଥୀ ଟ୍ରେଡ଼ ୟୁନିୟନ ଏ.ଆଇ.ଟି.ୟୁ.ସି. ଆନ୍ଦୋଳନ ତୀବ୍ର କରୁଥାଏ ବିଭିନ୍ନ ଦାବି ହାସଲ କରିବା ପାଇଁ । ଇଂଜିନ୍ ଚାଳକ ଓ ସହକାରୀ ଚାଳକମାନେ ପ୍ରାୟ ଯେତେବେଳେ ଇଚ୍ଛା ସେତେବେଳେ ଅଚାନକ ଧର୍ମଘଟ କରି ରେଳ ଚଳାଚଳ ବନ୍ଦକରି ଦେଉଥିଲେ । ହଜାର ହଜାର ଯାତ୍ରୀ ଘୋର ଅସୁବିଧାର ସମ୍ମୁଖୀନ ହେବା ନିତ୍ୟନୈମିତିକ ଘଟଣା ଥିଲା ଏବଂ ପଣ୍ୟ ସାମଗ୍ରୀ ଚଳାଚଳ ବାଧାପ୍ରାପ୍ତ ହେଉଥିଲା । ଏହି ପରିବେଶରେ କାର୍ଯ୍ୟରେ ଯୋଗଦେବା ପରେ ଚଳାଚଳର ଉନ୍ନତିସାଧନ କରିବା ସଙ୍ଗେ ଷୋହଳ ହଜାର କର୍ମଚାରୀ ମାନଙ୍କର ଅଭାବ ଅସୁବିଧା ଚିହ୍ନଟ କରି ସେସବୁ ଯଥାସମ୍ଭବ ସମାଧାନ କରିବା ସକାଶେ ମନଦେଲି ।

ଦିନେ ମହିଳା ସମିତିର ଗୋଟିଏ ସଭାରେ ଜଣେ ଭଦ୍ର ମହିଳା ମୋ ପାଖକୁ ଆସି କହିଲେ- ଆପଣଙ୍କର ସମ୍ବଳ ଅଛି ପିଲାମାନଙ୍କୁ ବାହାରେ ରଖି କଲେଜରେ ପାଠପଢ଼ାଇବା ପାଇଁ, ଆମରତ ସେ କ୍ଷମତା ନାହିଁ, ଆମ ପିଲା ତା'ହେଲେ କଲେଜରେ ପଢ଼ିପାରିବେ ନାହିଁ ? ମହିଳା ସମିତିର ସଭାନେତ୍ରୀ ଥା'ନ୍ତି ଗୀତା ଦେବୀ । ସେମାନଙ୍କୁ ସମର୍ଥନ କରି ସେ କହିଲେ, ମହିଳାମାନେ ସମସ୍ତେ ଗୃହିଣୀ, ସେମାନଙ୍କର ଝିଅପୁଅଙ୍କର ଲେଖାପଢ଼ାରେ ଯେମିତି ଅସୁବିଧା ନହୁଏ ତାହା ଦେଖିବା ପ୍ରଶାସନର କାର୍ଯ୍ୟ । ତମେ ଚେଷ୍ଟା କର... ଆମେ ସହଯୋଗ କରିବୁ ।

ମୁଁ ଉପାୟ ଚିନ୍ତା କରିବାରେ ଲାଗିଛି । ଏ ମଧ୍ୟରେ କିଛି ମାସ ଅତିବାହିତ ହୋଇଗଲା । ମେ ୧୪ ରେ ରେଳବାଇ ଧର୍ମଘଟ ଅସଫଳ ହୋଇ ଯିବା ପରେ ଆନ୍ଦୋଳନକାରୀମାନଙ୍କ ମନୋବଳ ଭାଙ୍ଗିଗଲା । ଏହି ସୁଯୋଗରେ କିଛି କଲ୍ୟାଣମୂଳକ କାର୍ଯ୍ୟ କରିବାପାଇଁ ନିଷ୍ପତ୍ତି ନେଲି । ସହରର ସବୁ ଶ୍ରେଣୀ ଓ ମତବାଦର ଲୋକମାନଙ୍କର ସହଯୋଗ ଆବଶ୍ୟକ କଲେଜ ପ୍ରତିଷ୍ଠା କରିବା ପାଇଁ । ସଭା ଆହୂତ ହେଲା ଏବଂ ଜଟଣୀରେ ଗୋଟିଏ କଲେଜ ପ୍ରତିଷ୍ଠା କରିବା ଲାଗି ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହେଲା । କଲେଜ ପ୍ରତିଷ୍ଠା କମିଟିର ସଭାପତି ହେଲି ମୁଁ, ସୋମନାଥ ତ୍ରିପାଠୀ ହେଲେ ସାଧାରଣ ସମ୍ପାଦକ । କାର୍ଯ୍ୟକାରୀ କମିଟିରେ ରହିଲେ ଶ୍ରୀଯୁକ୍ତ ଚିନ୍ତାମଣି ପାଣିଗ୍ରାହୀ, ଡ଼ଃ ଉପାଧ୍ୟାୟ, ବନମାଳି ଶତପଥୀ, ବଙ୍କିମ ମିଶ୍ର, ପ୍ରଭାକର ମିଶ୍ର ଓ ଆଉ କେତେକ ସ୍ଥାନୀୟ ଲୋକ । ଜଟଣୀ କଲେଜ ପ୍ରତିଷ୍ଠା କରିବା ସକାଶେ ଏହା ପ୍ରଥମ ଉଦ୍ୟମ ନୁହେଁ । ପୂର୍ବରୁ ମଧ୍ୟ

Digitized by srujanika@gmail.com

ଉଦ୍ୟମ ହୋଇଥିଲା ଖୋର୍ଦ୍ଧାର ସବ୍‌ଡ଼ିଭିଜନାଲ ଅଫିସର ରବୀନ୍ଦ୍ରମୋହନ ସେନାପତିଙ୍କ ଅଧ୍ୟକ୍ଷତାରେ । କିଛି ଟଙ୍କା ମଧ୍ୟ ଆଦାୟ ହୋଇଥିଲା । କିନ୍ତୁ ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ହ୍ରାସ ପାଇବାରୁ ଏ ଉଦ୍ୟମ ଶିଥିଳ ହୋଇ ପରେ ବନ୍ଦ ହୋଇଯାଇଥିଲା ।

ପ୍ରଥମ କଥା ହେଲା ଅର୍ଥ । ନିୟମ ଅନୁସାରେ ଲକ୍ଷେ ଟଙ୍କା କଲେଜପାଇଁ ଜମା ରଖିବାକୁ ହେବ । ଆମେ ଆରମ୍ଭ କଲୁ ଶୂନରୁ । ସ୍ଥାନୀୟ ବ୍ୟବସାୟୀ ଓ ଲୋକମାନେ କିଛି ଟଙ୍କା ଦେଲେ, କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ପଣା ପରି । ଗୀତା ପ୍ରସ୍ତାବ ଦେଲେ ନୃତ୍ୟଗୀତ ପ୍ରଭୃତି ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରି ଅର୍ଥ ଆଦାୟ କରିବାପାଇଁ । ସେୟା କରାଗଲା । ଗୀତା ଓ ତାଙ୍କ ସାଥିମାନେ ଗଲେ ସଂଯୁକ୍ତା ଓ ରଘୁନାଥ ପାଣିଗ୍ରାହୀଙ୍କ ପାଖକୁ । ଉଦ୍ଦେଶ୍ୟ ମହତ୍ ଜାଣି ଦୁହେଁ ରାଜି ହେଲେ ପ୍ରୋଗ୍ରାମ ଦବା ପାଇଁ । ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାରୁ ଗୋଟିଏ ଦଳ ଆସିଲେ । ପଲାସା, ବ୍ରହ୍ମପୁର, ଝଟଣୀ, କଟକ, ଭଦ୍ରକଠାରେ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶନ କରି କେତେମାସ ମଧ୍ୟରେ ଲକ୍ଷେ ଟଙ୍କା ଜମା କରି ଦିଆଗଲା । ସ୍ଥାନୀୟ ଲୋକଙ୍କଠାରୁ ଚାନ୍ଦା ଆଦାୟ ଅବ୍ୟାହତ ରହିଲା । ଛୁଟିଦିନରେ ଶ୍ରୀଯୁକ୍ତ ଚିନ୍ତାମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଚାନ୍ଦା ଆଦାୟ କରାଯାଉଥାଏ । ଯୁବକମାନେ ଲାଗିପଡ଼ିଥାନ୍ତି ପୂର୍ଣ୍ଣପ୍ରାଣରେ ।

କିନ୍ତୁ କଲେଜପାଇଁ ନୂଆ କୋଠା ତିଆରି ହେବାଯାଏ ଅପେକ୍ଷା କଲେ କଲେଜ ଆରମ୍ଭ ହୋଇପାରିବ ନାହିଁ । ଜମି ଦରକାର, ଟଙ୍କା ଦରକାର । ମୁଁ ଲେଖିଲି ଜେନେରାଲ ମ୍ୟାନେଜରଙ୍କୁ । ସେତେବେଳକୁ ସାଲଦାନହା ସାହେବଙ୍କ ସ୍ଥାନରେ ଆସିଥାନ୍ତି ମାନୁଏଲ ମେନେଜିସ୍ । ତାଙ୍କୁ ଯାଇ ଭେଟିଲି କଲିକତାରେ । ଝଟଣୀରେ କଲେଜ ସ୍ଥାପିତ ହେଲେ ବେଶୀ ଉପକାର ପାଇବେ ରେଳବାଇ କର୍ମଚାରୀମାନେ । ଏହି ଡ଼ିଭିଜନକୁ ଆସିବାକୁ ଅନିଚ୍ଛୁକ ହେଉଥିବା ଅଫିସରମାନଙ୍କର ଏଠାକୁ ଆସିବାରେ ଆପତ୍ତି ରହିବ ନାହିଁ । କଲେଜ ଖୋଲିବା ପାଇଁ ସେ ରାଜିହେଲେ । ରେଳବାଇ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ କଲେଜ ଖୋଲିବା ପାଇଁ ଅନୁମତି ଦେଲେ । ଏହା ପୂର୍ବରୁ ବହୁ ଚେଷ୍ଟାକରି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବାରେ ସଫଳ ହୋଇଥିଲି । ଏବେ କଲେଜ ସ୍ଥାପନ କରିବାପାଇଁ ଅନୁମତି ମିଳିଗଲା ଏବଂ ମହା ସମାରୋହରେ କଲେଜ ରେଳବାଇ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଆରମ୍ଭ କରାଗଲା ୧୯୭୬ରେ । କଳା ଓ ବାଣିଜ୍ୟ ବିଭାଗ ଖୋଲାଗଲା ପ୍ରଥମ । ତା' ସାଙ୍ଗକୁ ଟାଇପ ଓ ଅନ୍ୟାନ୍ୟ ଧନ୍ଦା ଶିକ୍ଷା ଦେବା ପାଇଁ ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ନିଆଗଲା ।

କଲେଜ ପାଇଁ ଅନୁଦାନ ଦେବା ସକାଶେ ରେଳବାଇ ମନ୍ତ୍ରୀଙ୍କୁ ପ୍ରବର୍ତ୍ତାଇବା ଲାଗି ଅନେକ ଚେଷ୍ଟା କରିଥିଲେ ଚିନ୍ତାମଣି ବାବୁ । ରେଳବାଇ ବୋର୍ଡ଼ କିନ୍ତୁ ରାଜି ହେଲେନି । ଶିକ୍ଷା ରାଜ୍ୟ ସରକାରଙ୍କ ଅଧୀନରେ, ଏଥିପାଇଁ କେନ୍ଦ୍ର ବଜେଟରୁ ଅର୍ଥ ଦେବା ସମ୍ଭବ

Digitized by srujanika@gmail.com

ନୁହେଁ । କିନ୍ତୁ ସେମାନେ ଭୁଲିଗଲେ ଯେ, ଶିକ୍ଷା ଓ ସ୍ୱାସ୍ଥ୍ୟ ରାଜ୍ୟ ସରକାରଙ୍କ ବିଷୟ ହୋଇଥିଲେ ମଧ୍ୟ ବଡ଼ ବଡ଼ କଲୋନି ଗୁଡ଼ିକରେ ରେଳବାଇ ପକ୍ଷରୁ ଚିକିତ୍ସା କେନ୍ଦ୍ର, ହସ୍ପିଟାଲ ଓ ସ୍କୁଲ ପ୍ରଭୃତି ପରିଚାଳିତ ହୁଏ । କଲେଜଟିଏ ସ୍ଥାପିତ ହେଲେ ରେଳ କର୍ମଚାରୀମାନଙ୍କର ପୁଅ ଝିଅ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ ଏବଂ ଗୋଟିଏ ବଡ଼ ଅଭାବ ଦୂର ହେବ । ଅନେକ ସମୟରେ ବ୍ୟୁରୋକ୍ରାସିର ନୈର୍ବ୍ୟକ୍ତିର ଦୃଷ୍ଟିକୋଣ ଯୋଗୁ ଖାଲି ରେଳବାଇରେ ନୁହେଁ ଦେଶର ସର୍ବତ୍ର ଅନେକ ଭଲ କାର୍ଯ୍ୟ ହୋଇ ପାରେନି । ଯାହା ଲେଖାଯାଇଛି, ଯେଉଁ ନିୟମ ପ୍ରଣୀତ ହୋଇଛି । ତାହା ଯେ ଅପରିବର୍ତ୍ତିତ ନୁହେଁ, ସେଇ କଥା ବୁଝିବାକୁ ଅକ୍ଷମ ଅମଲାତନ୍ତ୍ର । ସେଥିପାଇଁ ଭଲକାର୍ଯ୍ୟ ଅଟକି ରହେ ଶୁଭ ମୁହୂର୍ତ୍ତ ଅପେକ୍ଷାରେ- ଯେତେବେଳେ କେହି ଆସିବ ସେହି ନିୟମ ଓ ପରମ୍ପରା ଭାଙ୍ଗି କିଛି ନୂଆ କରିବା ପାଇଁ ।

ଆଜି ଜଟଣୀ କଲେଜରେ ସହସ୍ରାଧିକ ଛାତ୍ରଛାତ୍ରୀ । ଅଧ୍ୟାପକମାନେ ପୂରା ଦରମା ପାଆନ୍ତି । କିନ୍ତୁ ଆରମ୍ଭରେ ସେମାନେ ଅଢ଼େଇଶହ ଟଙ୍କା ବେତନରେ ଆରମ୍ଭ କରିଥିଲେ । ପରେ ଏମ୍.ଏଲ୍.ଏ. ସୁରେଶ ରାଉତରାୟ ଓ ଅନ୍ୟମାନଙ୍କ ଉଦ୍ୟମ ଫଳରେ କଲେଜ ଘର ନିର୍ମାଣ କରାଗଲା । ଲାଇବ୍ରେରୀ ହେଲା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଗଲା । ଏବେ ସେହିବାଟ ଦେଇ ଗଲେ ମନେ ପଡ଼େ କୋଡ଼ିଏ ବର୍ଷ ପୂର୍ବର କଥା । ମନେ ପଡ଼ିଯାଏ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଅମର ବାଣୀ :-

ପୁଣ୍ୟ ଜନ୍ମଭୂମି ଜୀର୍ଣ୍ଣ ଦେବାଳୟ
ଉଦ୍ଧାରିବା ଲାଗି ତନୁ କଲେ କ୍ଷୟ
ମାନବ ଜନମ ହୁଅଇ ସଫଳ
ସେ ମହାଦୀକ୍ଷା କି ବୁଝିବ ଉଚ୍ଛଳ ।

ପ୍ରଳୟ ପ୍ରୟୋଧି ଜଳେ

ସେଇ ସୃଷ୍ଟିର ପ୍ରାରମ୍ଭ ସମୟରୁ ମନୁଷ୍ୟ ପ୍ରଳୟର ମୁକାବିଲା କରିଆସୁଛି । ଆଦିମ ମନୁଷ୍ୟ ଯେ ଯେଉଁସବୁ ଶକ୍ତିକୁ ଭୟ କରୁଥିଲା କାଳକ୍ରମେ ତା'ର ଚେତନାରେ ସେହି ସବୁ ଶକ୍ତି ଆରାଧିତ ହେଲେ । ଏଇ ଭୟରୁ ହିଁ ଈଶ୍ୱର ଓ ଅନ୍ୟାନ୍ୟ ଦେବତାମାନଙ୍କର ସୃଷ୍ଟି । ସୂର୍ଯ୍ୟ, ସମୁଦ୍ର, ଅଗ୍ନି, ବାୟୁ, ପର୍ବତ ପ୍ରଭୃତିର ଶକ୍ତି ଦେଖି ମନୁଷ୍ୟ ଚକିତ ଓ ସ୍ତମ୍ଭିତ ହେଉଥିଲା । ପ୍ରକୃତି ଚିରକାଳ ରହସ୍ୟମୟ ତା ଆଗରେ । କିନ୍ତୁ ସଭ୍ୟତାର କ୍ରମବିକାଶ ସହିତ ସେ ଶିଖିଲା ଦୁର୍ଘଟଣା ବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ । ଆଦିମ ମନୁଷ୍ୟ ଯାହା ଭବିତବ୍ୟ ବୋଲି ସହ୍ୟକରି ନେଉଥିଲା ସଭ୍ୟ ମନୁଷ୍ୟ ସଫଳତାର ସହିତ ତାର ମୁକାବିଲା କରିବା ପାଇଁ ଉପାୟ ଉଦ୍ଭାବନ କରିବାରେ ଲାଗିଛି । ମନୁଷ୍ୟ ଚେତନାର ଉତ୍ତରଣ ସହିତ ଉଦ୍ଭାବନ ସେଥିପାଇଁ ନିବିଡ଼ଭାବେ ଜଡ଼ିତ ।

ଓଡ଼ିଶା ବାତ୍ୟା, ବନ୍ୟା, ଓ ମରୁଡ଼ିର ରାଜ୍ୟ । ତେଣୁ ଯୁଗ ଯୁଗ ଧରି ଏହାର ଅଧିବାସୀମାନେ ପ୍ରଳୟଂକାରୀ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇ ଅକଥନୀୟ ଦୁଃଖ ଓ ଯନ୍ତ୍ରଣା ଭୋଗ କରି ଆସୁଛନ୍ତି । ଆଜି ବି ଓଡ଼ିଶାର ବିଭିନ୍ନ ଅଞ୍ଚଳ ବନ୍ୟା ପ୍ଲାବିତ ହୁଏ, ମହାନଦୀ ଓ ବ୍ରାହ୍ମଣୀ ପ୍ରଭୃତି ନଦୀ ଉପରେ ବନ୍ଧ ବାନ୍ଧିବା ସତ୍ତ୍ୱେ ଓଡ଼ିଶାରୁ ବନ୍ୟାର ସମ୍ଭାବନା ଲୋପ ପାଇ ନାହିଁ । ଏହାର ପ୍ରକୋପ ହ୍ରାସ ପାଇବାରେ ଲାଗିଛି । ଓଡ଼ିଶାର ଭୌଗଳିକ ଅବସ୍ଥିତି ଏପରି ଯେ ବାତ୍ୟା ସହିତ ଏହାର ଅଧିବାସୀ ବେଶ୍ ପରିଚିତ ଏବଂ ସେହିପରି ମରୁଡ଼ି ସହିତ । ପ୍ରାକୃତିକ ବିପର୍ଯ୍ୟୟ ପଡ଼ିଲେ ବା ଦୁର୍ଘଟଣା ଘଟିଲେ ଆଣ୍ଠୁ ଉପରେ ମୁହଁଜାକି ଅସହାୟ ଭାବରେ ଭାଗ୍ୟକୁ ନିନ୍ଦା ନ କରି ଆଜିର ମନୁଷ୍ୟ ବୀର ବିକ୍ରମରେ ଲଢ଼େ ସେଥିରୁ ଉଦ୍ଧାର ପାଇବା ପାଇଁ । ପ୍ରଳୟ ପ୍ରୟୋଧିଜଳେ ଭାସି ନଯାଇ ସେ ଚେଷ୍ଟା କରେ ସେଥିରୁ ରକ୍ଷା ପାଇବା ପାଇଁ । ରକ୍ଷା ପାଇବା ବା ନିଜକୁ ସୁରକ୍ଷିତ କରିବାର ସଚେତନତା ଯେତିକି ବଢ଼ିବାରେ ଲାଗିଛି, ସମାଜ ଓ ଶାସନଠାରୁ ନାଗରିକ ସେତିକି ବେଶି ସହାୟତା ଆଶା କରୁଛି ।

Digitized by srujanika@gmail.com

ସମାଜ ଓ ଶାସନ ମଧ୍ୟ ଜନସାଧାରଣଙ୍କ ଦୁଃଖ ମୋଚନ କରିବା ପାଇଁ ନିଜର ସାଂଗଠନିକ ଶକ୍ତି ଓ ଉପୃରତାକୁ ସଜାଗ ଓ ସଂପୃଚ କରିବାରେ ଲାଗିଛି । ସମାଜ ଓ ଶାସନ ସଂକଟର ମୁକାବିଲା କରିବାକୁ ଅସମର୍ଥ ହେଲେ ବା ଦେଖି ଚାହିଁ ଆବଶ୍ୟକ ଅନୁସାରେ ପ୍ରତିକାର ନ କଲେ ଜନସାଧାରଣଙ୍କର ଦୁଃଖ ଓ ଦୁର୍ଭୋଗର ସୀମା ରହେନି । ଭାରତରେ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ବା ମନୁଷ୍ୟାକୃତ ଯୁଦ୍ଧ ଓ ସଂକଟର ସମ୍ମୁଖୀନ ହେବା ପାଇଁ ଯେଉଁ ଦୁଇଟି ସଂସ୍ଥା ସଦାତତ୍ପର ସେମାନେ ହେଲେ ସେନାବାହିନୀ ଓ ରେଳବାଇ । ଦେଶକୁ କେବଳ ବାହ୍ୟ ଆକ୍ରମଣରୁ ରକ୍ଷା କରୁନି ସେନାବାହିନୀ, ଆଭ୍ୟନ୍ତରୀଣ ବିଶୃଙ୍ଖଳା ଓ ବିପର୍ଯ୍ୟୟ ସମ୍ଭାବନା ପାଇଁ ସ୍ଥଳ ସେନା, ବାୟୁ ସେନା, ଜଳ ସେନା ଓ ଅନ୍ୟାନ୍ୟ ଅର୍ଦ୍ଧ ସାମରିକ ଶକ୍ତି ନିୟୋଗ କରାଯାଏ । ସେହିପରି ଏପରି ଜାତୀୟ ବା ଆଞ୍ଚଳିକ ବିପତ୍ତି ସମୟରେ ଆବଶ୍ୟକତାଠାରୁ ଚାହିଁ ବ୍ୟବସ୍ଥା କରିବାରେ ଭାରତୀୟ ରେଳବାଇ ଉଲ୍ଲେଖଯୋଗ୍ୟ ସଂଗଠନଶକ୍ତି ଦେଖାଇ ଆସିଛି ।

୧୯୭୫ ମସିହା ଅଗଷ୍ଟ ଷୋହଳ ତାରିଖର ଘଟଣା । ମୁଁ ସେତେବେଳେ ଖୋର୍ଦ୍ଧାରୋଡର ସୁପରିଣ୍ଟେଣ୍ଡେଣ୍ଟ୍ । ସ୍ୱାଧୀନତା ଦିବସ ଆଗରୁ ବର୍ଷାର ପ୍ରକୋପ ବଢ଼ିବାରେ ଲାଗିଥିଲା । ଏହା ସ୍ୱାଧୀନତା ଦିବସ ପାଳନର ଉତ୍ସାହକୁ ଦମନ କରିପାରିଲା ନାହିଁ ସତ, କିନ୍ତୁ ମନରେ ଆଶଙ୍କା ସୃଷ୍ଟିକଲା । ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ଓ ପାଣିପାଗ ଅଫିସରୁ ଆସନ୍ନ ବନ୍ୟା ସମ୍ବନ୍ଧରେ ସଂକେତ ମିଳିଲା । ଏହା ପୂର୍ବରୁ କିନ୍ତୁ ଅପ୍ରତ୍ୟାଶିତ ସଂକଟର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ଯାଇଥିଲା ରେଳବାଇରେ । ତେଣୁ ଯେତେବେଳେ ରାତି ପ୍ରାୟ ଗୋଟାଏ ବେଳେ ମଂଜୁରୀ ଓ ବୈତରଣୀରୋଡ଼ ମଧ୍ୟରେ ନଂ।ପୋଲ ବିପନ୍ନ ଓ ବ୍ରାହ୍ମଣୀ, ବୈତରଣୀ ଓ ଶାଖାନଦୀମାନଙ୍କରେ ବନ୍ୟାଜଳ ବିପଦ ସଂକେତ ଉପରେ ଥିବା ସମ୍ବାଦ ପାଇଲି । ଆଉ କାଳ ବିଳମ୍ବ ନ କରି ରିଲିଫ ଟ୍ରେନ ଛାଡ଼ିବା ପାଇଁ ଓ ସବୁ ବିଭାଗୀୟ କର୍ମଚାରୀଙ୍କୁ ଆବଶ୍ୟକୀୟ ପ୍ରସ୍ତୁତି କରିବା ଲାଗି ନିର୍ଦ୍ଦେଶ ଦେଲି । ରେଳବାଇ କଣ୍ଟ୍ରୋଲ ରୁମ ସାରାବର୍ଷ ଚବିଶଘଣ୍ଟା କାର୍ଯ୍ୟ କରେ, ତେଣୁ ସବୁ ଅଂଚଳର ସମ୍ବାଦ ପହଞ୍ଚିବାର ଅସୁବିଧା ହୁଏ ନାହିଁ । ରିଲିଫ ଟ୍ରେନରେ ଦୁର୍ଘଟଣାର ମୁକାବିଲା କରିବା ପାଇଁ ବିଭିନ୍ନ ବିଶେଷଜ୍ଞ ଓ ସାମଗ୍ରୀ ବ୍ୟତୀତ ବିପତ୍ତି କାଳୀନ ଅବସ୍ଥାର ମୁକାବିଲା କରିବା ଲାଗି ଖାଦ୍ୟ ସାମଗ୍ରୀ ଓ ଔଷଧପତ୍ର ଓ ଚିକିତ୍ସା ବ୍ୟବସ୍ଥା ଅଛି । ନିର୍ଦ୍ଦେଶ ପାଇବା ମାତ୍ରେ ଲୋକୋସେଡ଼ରୁ ବିପଦ ଘଣ୍ଟି ବାଜି ଉଠିଲା ଏବଂ ଅଧଘଣ୍ଟାଏ ମଧ୍ୟରେ ରିଲିଫ ଟ୍ରେନ୍‌ରେ ଯିବାପାଇଁ ଅଫିସର, ଡ଼ାକ୍ତର ଓ ଅନ୍ୟାନ୍ୟ ତାଲିମପ୍ରାପ୍ତ କର୍ମଚାରୀ ପହଞ୍ଚିଗଲେ । କାଳେ ପୋଲ ଭାଙ୍ଗି ଯାଇପାରେ ଏହା ଆଶଙ୍କା କରି ପଲାସା, ଭଦ୍ରକ, ତାଳଚେରରୁ ବୋଲଡ଼ର, ସ୍ପେଶାଲ ଅଙ୍ଗାର ଓ ଡ଼ିମା ପଥର ବୋଝେଇ ଡ଼ବାନେଇ ଯାଜପୁର ରୋଡ଼ ଅଭିମୁଖେ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଗଲା । କହିବା ବାହୁଲ୍ୟ‌ ଆମେ ବାହାରିବା ବେଳକୁ ଖବର ପହଞ୍ଚିଗଲା ଯେ, ନଦୀପୋଲ ଭାଙ୍ଗିଯାଇଛି ଓ ରେଳପଥ ଉପରେ ବନ୍ୟାଜଳ ଚାଲୁଥିବାରୁ କାଲି ସନ୍ଧ୍ୟାରୁ ଅଟକି ରହିଥିବା ଇଷ୍ଟକୋଷ୍ଟ ଏକ୍ସପ୍ରେସ୍‌ର ଶହଶହ ଯାତ୍ରୀ ବିପଦର ସମ୍ମୁଖୀନ । ଗାଡ଼ି

Digitized by srujanika@gmail.com

ପାଣିଘେରରେ ଅଟକି ରହିବା ଖବର ପୂର୍ବରୁ ମିଳିଥିଲା ଏବଂ ସେମାନଙ୍କର·ସୁରକ୍ଷା ନିମନ୍ତେ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇଥିଲା । କିନ୍ତୁ ବଢ଼ିପାଣି ହ୍ରାସ ନ ପାଇବାରୁ ସେମାନଙ୍କୁ ଯାଜପୁର ରୋଡ଼ ଷ୍ଟେସନରେ ଆଶ୍ରୟ ଦିଆଯାଇଥିଲା ଏବଂ ଚା, କଫି, ଜଳଖିଆ ଯୋଗାଇ ଦିଆଯାଇଥିଲା ।

ରିଲିଫ ଟ୍ରେନ ପହଞ୍ଚିଗଲା ଭୋରରେ । ଏଥିରେ ରେଳବାଇ କର୍ମଚାରୀଙ୍କ ସହିତ ତ୍ରାଣକାର୍ଯ୍ୟରେ ସହାୟକ କରିବା ସକାଶେ ମହିଳା ସମିତିର ଅନେକ ସଭ୍ୟା ଚୂଡ଼ା, ଚାଉଳ, ଗୁଡ଼, ଗୁଣ୍ଡଦୁଧ, ବିସ୍କୁଟ, ପୁରୁଣାଲୁଗା ଧରି ଆସିଥିଲେ । ଯାଜପୁର ରୋଡ଼ ପହଞ୍ଚିବା ପୂର୍ବରୁ ବାଟରେ ବ୍ରାହ୍ମଣୀର ବନ୍ୟା ଦେଖି ଆମେ ଚକିତ ହୋଇଥିଲୁ । ବନ୍ୟାପାଣି ପୋଲତଳେ ବିପଦ ସଙ୍କେତର ବହୁ ଉର୍ଦ୍ଧ୍ୱରେ ଥିବାର ଦେଖିଥିଲୁ ଆମେ । ସକାଳ ଆଠଟା ବେଳକୁ କୌଣସି ସରକାରୀ କର୍ମଚାରୀ ପହଞ୍ଚିବା ପୂର୍ବରୁ 'ସମାଜ' ସଂପାଦକ ରାଧାନାଥ ରଥ ରିଲିଫ ସାମଗ୍ରୀ ଧରି ପହଞ୍ଚିଲେ ।

ରାତିରୁ ଗାଡ଼ି ଚଳାଚଳ ବନ୍ଦ ହୋଇ ଯାଇଥିଲା ଭଦ୍ରକ ଓ ଯାଜପୁର ମଧ୍ୟରେ । ପୋଲ ଭାସିଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା, କିନ୍ତୁ ରିଲିଫ ଟ୍ରେନ ପହଞ୍ଚିବା ପୂର୍ବରୁ ସିଣ୍ଡର(ଅଙ୍ଗାର) ଏବଂ ବୋଲ୍ଡର ସ୍ପେଶାଲ ପହଞ୍ଚି ସାରିଥିଲା ଏବଂ ଭାଙ୍ଗି ଯାଇଥିବା ପୋଲର ଦୁଇପାଖରେ ବଡ଼ବଡ଼ ପଥର ଖଣ୍ଡ ପକାଇବା କାର୍ଯ୍ୟ ଆରମ୍ଭ ହୋଇ ଯାଇଥିଲା ।

ପୁରା ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ମରାମତି କାର୍ଯ୍ୟ ଲାଗିଲା । ବନ୍ୟାଜଳ କ୍ରମଶଃ କମିବାରେ ଲାଗିଲା ଏବଂ ପ୍ରାୟ ଦଶଟା ସୁଦ୍ଧା କ୍ଷୟକ୍ଷତି ସଂପର୍କରେ ପ୍ରାରମ୍ଭିକ ଅଟକଳ ମୋ ପାଖରେ ପହଞ୍ଚିଲା । ରାତିରୁ ଯୋଗାଯୋଗ ବ୍ୟବସ୍ଥା ଛିନ୍ନ ହୋଇ ଯାଇଥିବାରୁ କେବଳ ବେତାର ସାହାଯ୍ୟରେ ସଂଯୋଗ ରକ୍ଷା କାର୍ଯ୍ୟ କରାଯାଉଥିଲା । ହେଡ଼କ୍ୱାର୍ଟର୍ସ କଲିକତାରୁ ଚିଫଇଞ୍ଜିନିୟର ଆସି ପହଞ୍ଚିଲେ ଦିପ୍ରହର ସୁଦ୍ଧା । ସେତେବେଳକୁ ପୂରାଦମରେ କାର୍ଯ୍ୟ ଚାଲିଥାଏ । ଡ଼ିଭିଜନରେ ଯେତେ ଅଙ୍ଗାର ଓ ପଥର ଠୁଳ କରିରଖା ଯାଇଥିଲା ତାହା ପର୍ଯ୍ୟାପ୍ତ ହେବ ନାହିଁ ବୋଲି ଖଡ଼୍ଗପୁର, ଆଦ୍ରା ଟାଟାନଗର, ବିଜୟନଗରରୁ ସ୍ପେଶାଲ ଟ୍ରେନ ଆସିଲା ସେଇସବୁ ସାମଗ୍ରୀ ନେଇ । ସନ୍ଧ୍ୟା ବେଳକୁ କେତେ ସମୟ ମଧ୍ୟରେ ଚଳାଚଳ ବ୍ୟବସ୍ଥା ପୁନର୍ବାର ଚାଲୁକରାଯାଇ ପାରିବ ସେ ସଂପର୍କରେ ଗୋଟେ ଧାରଣା ହେଲା ।

କିନ୍ତୁ ପ୍ରାୟ ଚାରିଟା ସୁଦ୍ଧା ଅଟକି ରହିଥିବା ଯାତ୍ରୀମାନଙ୍କୁ ପାଣି ଘେର ସେପାଖକୁ ନେଇ ନିରାପଦରେ ଗନ୍ତବ୍ୟ ସ୍ଥଳକୁ ଯିବାର ବ୍ୟବସ୍ଥା କରିବାରେ ବାଧା ପଡ଼ିଥିଲା । ବନ୍ୟାଜଳ ରେଳପଥର ଉପରେ ଯାଉଥିଲା, ତାହା ହ୍ରାସ ପାଇଥିଲେ ମଧ୍ୟ ସବୁ ପୋଲ ଓ ଅନ୍ୟାନ୍ୟ ସ୍ଥାନର ରେଳପଥରେ ଯିବା ନିରାପଦ କି ନାହିଁ ତାହା ଯାଞ୍ଚ କରିବା ଆବଶ୍ୟକ ପଡ଼ିଲା । କେତେକ ସ୍ଥାନରେ ମରାମତି କାର୍ଯ୍ୟ କରାଗଲା ।

କିନ୍ତୁ ଯାତ୍ରୀମାନେ ଅତିଷ୍ଠ ହୋଇ ଉଠିଲେ ସେତେବେଳକୁ ଏବଂ ଯେ କୌଣସି ପ୍ରକାରେ ସେମାନଙ୍କୁ କଟକ ପହଞ୍ଚାଇବା ଲାଗି ଜିଦ୍ କଲେ । ମୁଁ ବାଧ ହୋଇ ଷ୍ଟେଟ୍‌ଟ୍ରାନସପୋର୍ଟରୁ

Digitized by srujanika@gmail.com

କେତୋଟି ବସ୍ ସଂଗ୍ରହ କରି ସେମାନଙ୍କୁ ସଡ଼କ ପଥରେ ନବାପାଇଁ ବ୍ୟବସ୍ଥା କଲି । କିନ୍ତୁ ଅନେକ ଜାଗାରେ ସଡ଼କ ମଧ ଭାଙ୍ଗି ଯାଇଥିବା ଖବର ପାଇ ଉତ୍କଣ୍ଠା ବଢିଗଲା । ଶେଷରେ ସେମାନଙ୍କ ସହିତ ଆଗ ବସରେ ମୁଁ ଯିବା ପାଇଁ ସ୍ଥିର କଲି । ଯାହେଉ ଆମେ ସନ୍ଧ୍ୟା ବେଳକୁ କଟକରେ ନିରାପଦରେ ପହଞ୍ଚି ସ୍ୱସ୍ତିରେ ନିଶ୍ୱାସ ମାରିଲୁ ଏବଂ କଟକ ଆଗକୁ ଯିବା ପାଇଁ ଟିକେଟ୍ ଥିବା ଯାତ୍ରୀମାନଙ୍କୁ ଅନ୍ୟଗାଡ଼ିରେ ଯିବାର ବ୍ୟବସ୍ଥା କରାଗଲା ।

ଯେତେଦୂର ମନେ ପଡୁଛି ଅଗଷ୍ଟ ସତର ତାରିଖ ଭୁବନେଶ୍ୱରରେ ବନ୍ୟା ପରିସ୍ଥିତି, ଉଦ୍ଧାର କାର୍ଯ୍ୟ ଓ ଯୋଗଯୋଗ ବ୍ୟବସ୍ଥା ସଂପର୍କରେ ବିଚାର ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀ ମିଟିଂ ଡ଼ାକିଲେ । ମୁଁ ସେଥିରେ ଯୋଗଦେଇଥିଲି । ରେଳ ଯୋଗାଯୋଗ ଚାଲୁ କରିବା ସକାଶେ କେତେ ସମୟ ଲାଗିବ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଜାଣିବାକୁ ଚାହିଁବାରୁ ମୁଁ କହିଲି ଯେ, ୧୯ ତାରିଖ ସକାଳ ସୁଦ୍ଧା ରେଳଚଳାଚଳ ପୁନର୍ବାର ଚାଲୁ କରାଯାଇପାରିବ । କିନ୍ତୁ ମରାମତି କାର୍ଯ୍ୟ ଚାଲୁଥିବାରୁ କେତେକ ଗାଡ଼ିବାତିଲ କରାଯିବ । ଏତେ ମରାମତି କାର୍ଯ୍ୟସତ୍ତ୍ୱେ ରେଳଚଳାଚଳ ଆରମ୍ଭ କରାଯାଇପାରେ ଏହା ତାଙ୍କୁ ଆଶ୍ଚର୍ଯ୍ୟ କରିଦେଲା । ମୁଁ କହିଲି ମହାଶୟା ବର୍ଷା ଋତୁ ଆରମ୍ଭ ହେବାପୂର୍ବରୁ ରେଳବାଇ ବନ୍ୟାର ମୁକାବିଲା କରିବା ଲାଗି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୁଏ । ଏହାକୁ ମନସୁନ ଡ୍ରିଲ କୁହାଯାଏ । ଅଫିସର ଓ ଇଂଜିନିୟରମାନେ ଏଥି ସହିତ ଘନିଷ୍ଠଭାବେ ସଂପୃକ୍ତ । ତେଣୁ ଅଚାନକ ଦୁର୍ଘଟଣା ବା ବନ୍ୟା ଯୋଗୁଁ ରେଳପଥ ବା ପୋଲ ଭାଙ୍ଗିଗଲେ ଉଦ୍ଧାର କାର୍ଯ୍ୟ ସଙ୍ଗେ ସଙ୍ଗେ ଆରମ୍ଭ ହୁଏ । ଏହି ସତର୍କତା ପାଇଁ ସେ ରେଳବାଇକୁ ପ୍ରଶଂସା କରି ଉପସ୍ଥିତ ମୁଖ୍ୟ ଇଂଜିନିୟରଙ୍କଠାରୁ କଟକ ଜିଲ୍ଲା ଅତି ଦୁର୍ଗମ ଅଞ୍ଚଳକୁ ଯିବା ପାଇଁ ମୋଟର ବୋଟ ଓ ଡ଼ଙ୍ଗା ସଂପର୍କରେ ପ୍ରଶ୍ନ ପଚାରିଥିଲେ । ସେଠାରେ ଉକ୍ତ ଚିଫଇଂଜିନିୟରଙ୍କ ଠାରୁ ଜଣାଗଲା ଯେ ଡ଼ଙ୍ଗା କାର୍ଯ୍ୟରେ ଲଗାଯାଇଥିଲେ ମଧ ଅଧିକାଂଶ ମୋଟର ବୋଟ ଅଚଳ । ଯେଉଁଟି ଚାଲିବା ଅବସ୍ଥାରେ ଥିଲା ସେଥିପାଇଁ ଡ୍ରାଇଭର ନାହିଁ । ମୁଖ୍ୟ ମନ୍ତ୍ରୀ କ୍ଷୁବ୍ଧ ହୋଇ କହିଲେ ରେଳବାଇକୁ ଦେଖ... ଆମେ କାହିଁକି ସେପରି ବ୍ୟବସ୍ଥା କରି ନ ପାରିବା ।

ଏଇ ପ୍ରସଙ୍ଗରେ ୧୯୮୨ ବନ୍ୟାରେ ଭାସିଯାଇଥିବା ବଂଶଧାରା ପୋଲ ବିଷୟ ଉଲ୍ଲେଖ କରାଯାଇପାରେ । ମାତ୍ର ୧୮ ଦିନରେ ରେଳବାଇ ପୋଲ ପୁନର୍ବାର ନିର୍ମାଣ କରାଯାଇ ପାରିଲା, କିନ୍ତୁ ସଡ଼କ ପୋଲ ପୁନର୍ବାର ତିଆରି ହେବାକୁ ଲାଗିଲା ତିନିବର୍ଷ । ଜରୁରୀ କାଳୀନ ଅବସ୍ଥାରେ ସ୍ୱାଭାବିକ ସମୟରେ ବିଧିବିଧାନ, ପ୍ରଣାଳୀ ଓ ପଦ୍ଧତି ଅଚଳ ହୁଏ । ସେହି ସମୟକୁ ଚାହିଁ ବ୍ୟବସ୍ଥା କରିବା ଦରକାର ହୁଏ ଯେପରି କରନ୍ତି ସେନାବାହିନୀ ଯୁଦ୍ଧ କ୍ଷେତ୍ରରେ ସମଗ୍ର ପ୍ରଶାସନ ସଜାଗ ଓ ସତର୍କ ନ ରହିଲେ ଏପରି ପ୍ରାକୃତିକ ବିପର୍ଯ୍ୟୟ ବା ଭୟଙ୍କର ଦୁର୍ଘଟଣାର ସମସ୍ୟାକୁ ଚାହିଁ ପର୍ଯ୍ୟାପ୍ତ ପ୍ରତିକାର ସମ୍ଭବ ହୁଏ ନାହିଁ । ପ୍ରଳୟ ପ୍ରୟୋଧିଜଳରେ ବୁଡ଼ିଯିବା ସହଜ, କିନ୍ତୁ ଉଦ୍ଧାର ପାଇବା ପାଇଁ ପ୍ରତିକୂଳ ସ୍ରୋତ ବିରୁଦ୍ଧରେ ଲଢ଼ିବା ସହଜ ନୁହେଁ । ଏଥିପାଇଁ ପ୍ରସ୍ତୁତି, ମାନସିକତା ଓ ସଚେତନତା ଆବଶ୍ୟକ ।

Digitized by srujanika@gmail.com

ମଥା ଧରିଛି, କିଛି ଅଛିକି

ପନ୍ଦର ବର୍ଷ ପୂର୍ବର ଘଟଣା । ମୁଁ ସେତେବେଳେ ଖୋର୍ଦ୍ଧାରୋଡ଼(ଜଂକସନ) ରେଳବାଇ ଡ଼ିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରୁଥିଲି । ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗସ୍ତରେ ଆସିଥିବାର ସୂଚନା ଦିଲ୍ଲୀରୁ ପାଇ ମୁଁ ବ୍ୟସ୍ତ ହୋଇ ପଡ଼ିଲି । ଦିଲ୍ଲୀରୁ ଯେଉଁ ସବୁ କମିଟି ବିଭିନ୍ନ ସମୟରେ ଓଡ଼ିଶାରେ ଥିବା କେନ୍ଦ୍ର ସରକାରଙ୍କର ପ୍ରତିଷ୍ଠାନ ତଥା ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହିତ ସେହି ସବୁ ଅନୁଷ୍ଠାନରେ କାର୍ଯ୍ୟକାରୀ ହେଉଥିବା ସଫଳତା ଓ ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ଲାଗି ଆସନ୍ତି ସେପରି କେତୋଟି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ତତ୍ତ୍ୱାବଧାନ କରିବାର ଦାୟିତ୍ୱ କେତେଥର ମୋ ଉପରେ ପଡ଼ିଥିଲା ।

ତେଣୁ କମିଟିର ସଭ୍ୟମାନଙ୍କର ରହିବା, ଖାଇବା ସହିତ ସରକାରୀ ସ୍ତରରେ ଆଲୋଚନା କରିବା ଏବଂ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବା ସମ୍ବନ୍ଧରେ ମୁଁ ସମ୍ୟକ ଜ୍ଞାନ ଅର୍ଜନ କରିଥିଲି । ଏହିପରି ଏକ କମିଟି ଆସି ଭୁବନେଶ୍ୱରରେ ପହଞ୍ଚିବା କ୍ଷଣି କମିଟିର ସଭ୍ୟ ଓ କର୍ମଚାରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସରକାରୀ ଅତିଥି ଭବନକୁ ନେଇ ରଖିବା ପରେ ପରଦିନ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଗଲା ।

ସକାଳେ ପ୍ରଶାସନିକ କାର୍ଯ୍ୟ ସମୀକ୍ଷା କରି ସାରିବା ପରେ ମଧ୍ୟାହ୍ନ ଭୋଜନ ସାରି ସମସ୍ତଙ୍କୁ ନେଇ ମୁଁ ବାହାରିଲି କୋଣାର୍କ ଏବଂ ସେଠାରୁ ପୁରୀ । ଯାତ୍ରା ଆରମ୍ଭରେ ଜଣେ ସଭ୍ୟ ତାଙ୍କ ସହିତ ଯାଉଥିବା ଜନସଂପର୍କ ଅଧିକାରୀଙ୍କୁ ସେ ସୁସ୍ଥ ଅନୁଭବ କରୁ ନଥିବା କହିବାରୁ ସେ ତାଙ୍କୁ ତୁରନ୍ତ ରେଳବାଇ ଡ଼ାକ୍ତରଙ୍କ ପାଖକୁ ନେଇଗଲେ । ପେଟ ଗୋଳମାଳ ଭଲ କରିବା ଲାଗି ଡ଼ାକ୍ତର କେତେକ ମାମୁଲି ଔଷଧ ଦେଲେ । ମାନ୍ୟବର ସାଂସଦ ଏଥିରେ ଉତ୍‌କ୍ଷିପ୍ତ ହୋଇ ମୋ ଆଗରେ ନାଲିସ୍ କରି କହିଲେ ତୁମର ଡ଼ାକ୍ତର ଅଯୋଗ୍ୟ... ମୁଁ ଅସୁସ୍ଥ ଅଥଚ ମୋତେ କେତୋଟି ସଲଫାଗୁଆଡିନ ଟେବଲେଟ ଛଡ଼ା ଆଉ କିଛି ଦେଇନି । ତାଙ୍କର ପେଟ ଗୋଳମାଳ ହୋଇଥିବାରୁ ପଇଡ଼ ପାଣି ପିଇବା ଦ୍ୱାରା ଉପକାର ହୋଇପାରେ କହି ମୁଁ ଡ଼ାକ୍ତରଙ୍କ ଅଯୋଗ୍ୟତା ପାଇଁ ଦୁଃଖ ପ୍ରକାଶ କରି କହିଲି ପୁରୀରେ ଭଲ ଡ଼ାକ୍ତର

Digitized by srujanika@gmail.com

ଅଛନ୍ତି... କିଛି ଅସୁବିଧା ହେବ ନାହିଁ । ସେ ଅସନ୍ତୁଷ୍ଟ ହେଲେ ବି ଆଉ ରାସ୍ତାରେ କିଛି କରିବାର ଉପାୟ ନଥିଲା ଏହା ବୁଝିଲେ । କୋଣାର୍କରେ ମନ୍ଦିରର କାରୁକାର୍ଯ୍ୟ ଓ ଭାସ୍କର୍ଯ୍ୟ ଦେଖି ସେ ମୁଗ୍ଧ ହେଲେ । ତଥାପି ଡାକ୍ତରଙ୍କ ଉପରୁ ତାଙ୍କର ରାଗ କମିଲା ନାହିଁ । ଭଲ ଡ଼ାକ୍ତର ଡ଼ାକି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପୁରୀରେ ପହଞ୍ଚିବା କ୍ଷଣି କରିବା ଲାଗି ଆଶ୍ୱାସନା ଦେଲେ ବି ସେ ଖୁସି ହେଲେ ନାହିଁ ।

ପୁରୀରେ ପହଞ୍ଚିଲା ବେଳକୁ ମୁହଁସଞ୍ଜ । ରେଳବାଇ ଅଫିସର ମାନଙ୍କ ପାଇଁ ସମୁଦ୍ରକୂଳରେ ଥିବା ବିଶ୍ରାମ ଭବନରେ ଓ ସରକିଟ ହାଉସଠାରେ ସେମାନଙ୍କର ରହିବା ପାଇଁ ସୁବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ ଅନୁସାରେ ରେଳବାଇ ହୋଟେଲରେ ସଂଧ୍ୟା ବେଳେ ସେମାନଙ୍କୁ ଚର୍ଚ୍ଚା କରିବାର ବ୍ୟବସ୍ଥା କରାଯାଇଥିଲା, ହୋଟେଲ ଲନ୍‌ରେ ବସିଥିବା ବେଳେ ଗାନ୍ଧୀ ଭକ୍ତ ମାନନୀୟ ସାଂସଦ ଯୋଗେନ୍ଦ୍ର ମାକ୍‌ୱାନା ମୋତେ କହିଲେ, ହୋତାଜୀ, ମଥା ଧରିଛି... କିଛି ଅଛିକି ? ହଠାତ୍ ମୁଁ ଧରି ନେଲି ଯେ ସେ ମହାଶୟ ଚା କି କଫି ପିଇବାକୁ ଚାହାନ୍ତି । ମ୍ୟାନେଜର ନାୟକ ବାବୁ ମୋ ପଛରେ ଠିଆ ହୋଇ ସବୁ ଶୁଣୁଥିଲେ ।

ମୁଁ କହିଲି... ଗରମ କଫି କପେ ପିଅନ୍ତୁ... ସବୁ ଠିକ୍ ହୋଇଯିବ । ଆଉ କାଲି ସକାଳେ ତ ବଡ଼ ଡ଼ାକ୍ତର ଆସିବେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ।

ସେ କହିଲେ- ମୁଁ ଜାଣେନା କଫିରେ ମଥା ଧରା ଯିବ କି ନାହିଁ... ଆଉ କିଛି ନାହିଁ ।

ସବୁ ବୁଝି ଗଲାପରି ନାୟକବାବୁ ନଇଁପଡି ତାଙ୍କ କାନ ପାଖରେ କହିଲେ... ସାର୍, ଡୁ ୟୁ ଲାଇକ୍ ଟୁ ହେଭ୍ ସମ୍ ଡ୍ରିଙ୍କ୍‌ସ... । ସେ ପିଲାପରି ଖୁସି ହୋଇ କହିଲେ- ଓଃ ଥ୍ୟାଙ୍କ୍ ଗଡ୍... କିଛି ଅଛି ?

ନାୟକ କହିଲେ- ବିଅର୍... ହୁଇସ୍କି... ରମ୍... ।

ମାନନୀୟ କହିଲେ- ନୋ ବିଅର୍... ରମ୍ ମୋ ଦେହରେ ଯାଏନି.. ହୁଇସ୍କି ଚଳିବ... ।

ମଥାର ଗାନ୍ଧୀ ଟୋପି ସଳଖ କରି ସେ ଉଠିପଡ଼ି କହିଲେ... ଚାଲନ୍ତୁ... । ତାଙ୍କ ସହିତ ଆଉଜଣେ କମିଟି ସଦସ୍ୟ ମଧ୍ୟ ଗଲେ । ମେନେଜର ସେ ଦୁହିଁଙ୍କୁ ନେଇଗଲେ ଗୋଟିଏ କୋଠରୀକୁ ଯେପରି ସେଠାରେ ଏକାନ୍ତରେ ସେମାନେ ପାନ କରି ପାରିବେ ।

କମିଟିର ଚେଆରମ୍ୟାନ ଟିକେ ଦୂରରେ ବସିଥିଲେ । ସେ ବୟସ୍କ ଓ ପ୍ରବୀଣ । ଅଳ୍ପଭାଷୀ । ସେ କହିଲେ ହୋତାଜୀ ଏମାନେ କୁଆଡେ ଗଲେ... ଆଉ ଟିକେ ପରେ ଡ଼ିନର ନା ? ମୁଁ କହିଲି- ସାର ମିଷ୍ଟର ମକ୍‌ୱାନଙ୍କ ମଥା ଧରିଛି... ସେ ଗଲେ ଔଷଧ ସେବନ କରିବା ପାଇଁ । ମିଷ୍ଟର ଶର୍ମା ମଧ୍ୟ ତାଙ୍କ ସହିତ ଯାଇଛନ୍ତି । ଚେଆରମ୍ୟାନ ଆଉ କିଛି ପଚାରିଲେ ନାହିଁ । ପ୍ରାୟ ପଇଁଚାଳିଶ ମିନିଟ୍ ପରେ ରାତ୍ରିଭୋଜନ ଆରମ୍ଭ ହେଲା । ଟିକେ

Digitized by srujanika@gmail.com

ରେ ରିରେ ସେ ଦୁଇଜଣ ସଭ୍ୟ ପହଞ୍ଚିଲେ ମଧ୍ୟ ଚେଆରମ୍ୟାନଙ୍କୁ ଶୁଣାଇ କହିଲେ- ଦୁଃଖିତ ସାର୍... ଆମେ ଆସୁ ଆସୁ ଟିକେ ବିଳମ୍ବ ହୋଇଗଲା । ସେ ଦୁହେଁ ବେଶ୍ ଭଲ ଭାବରେ ଭୋଜନ କଲେ ଏବଂ ମାନନୀୟ ସଭ୍ୟ ପେଟ ଗୋଳମାଳ ସଂପର୍କରେ ଆଉକିଛି କହିଲେ ନାହିଁ । ତା' ପରଦିନ ସକାଳେ ପ୍ରାୟ ଆଠଟାରେ ସେ ଉଠିବା କ୍ଷଣି ମୁଁ ଖବର ପଠାଇଲି ବଡ଼ ଡ଼ାକ୍ତର ଆସିବା ସଂପର୍କରେ । ଟିକେ ପରେ ତାଙ୍କୁ ଡ଼ାକି ପଠାଇଲେ ଡ଼ାକ୍ତର ସାହେବ ଭିତରକୁ ଯିବା ପୂର୍ବରୁ ମୁଁ ତାଙ୍କୁ କିଛି ସୂଚନା ଓ ପରାମର୍ଶ ଦେଇଥିଲି । ଚାକିରି କଲାଦିନୁ ଏଇ ବଡ଼ ବଡ଼ ଲୋକଙ୍କ ଖିଆଲ ସମ୍ବନ୍ଧରେ ମୋଟା ମୋଟି ମୁଁ କିଛି ଜ୍ଞାନ ଅର୍ଜନ କରିଥିଲି । ଡ଼ାକ୍ତର ଖାଁ ଧୁରନ୍ଧର ବ୍ୟକ୍ତି । ଚାଖଣ୍ଡେ ଜାଗା କହିଲେ ଦୁଇ ହାତ ମାଡ଼ିଯିବା ବ୍ୟକ୍ତି । ସେ ଭିତରକୁ ଯାଇ ମାନନୀୟ ସଭ୍ୟଙ୍କୁ ତନ ତନ କରି ପରୀକ୍ଷା କଲେ । ବ୍ଲଡ଼ ପ୍ରେସର ଦେଖିଲେ । ଇ.ସି.ଜି. କରାଇଲେ । ପ୍ରାୟ ଏଥିପାଇଁ ଚାଳିଶ ମିନିଟ୍ ଲାଗିଲା । ତା ପରେ ହସ ହସ ମୁହଁରେ ଡ଼ାକ୍ତର ଖାଁ ବାହାରି ଆସି କହିଲେ ସବୁ ଠିକ୍ ହୋଇ ଯାଇଛି ସାର୍... ମାନନୀୟ ସାଂସଦ ଖୁସି ।

ତାଙ୍କ ଉତ୍ତରରୁ କଥା ସରିବା ଆଗରୁ ସଭ୍ୟ ମହୋଦୟ ମୋତେ ଡ଼ାକି ପଠାଇ ବିନୟର ସହିତ କହିଲେ, ହୋତାଜୀ, ଡ଼ାକ୍ତର ଖାଁ ବିଚକ୍ଷଣ... ଏପରି ଚିକିତ୍ସକ ପାଇ ଆମଦେଶ ଧନ୍ୟ... ମୋର ଆନନ୍ଦ ଯେ ସେ ମୋତେ ପରୀକ୍ଷା କଲେ... । ତାଙ୍କ ପରି ଯୋଗ୍ୟ ବ୍ୟକ୍ତିଙ୍କୁ ଚିଫ୍ ମେଡିକାଲ ଅଫିସର ଭାବରେ ପଦୋନ୍ନତି ଦେବା ଉଚିତ୍ ହେବ ।

ଇତିମଧ୍ୟରେ ଡାକ୍ତର ଖାଁ କୋଠରୀ ଭିତରକୁ ଆସି ଟେବୁଲ ଉପରେ ଗୁଡ଼ାଏ ଔଷଧ ଥୋଇ ଦେଇ କହିଲେ ସାର୍... ଏଇସବୁ ଔଷଧ ନିୟମିତ ଖାଇବେ । ଭିଟାମିନ୍ କ୍ୟାପ୍ସୁଲ୍... ମାଲ୍ଟିଭିଟା ଟାବେଲେଟ୍... ଇଣ୍ଟଭେନ୍ସ ଇଂଜେକ୍ସନ... ଲିଭର ଏକ୍ସଟ୍ରାକ୍ଟ... କାଲସିୟମ... ଇତ୍ୟାଦି । ଆଉ ଆପଣ ନିଜ ଉପରେ ବଡ଼ ଅନ୍ୟାୟ କରିଛନ୍ତି ସାର୍... ଆମେ ସିନା ଆମ ପରିବାରର... ଆପଣ କିନ୍ତୁ ଦେଶର... ଆପଣ ଅସୁସ୍ଥ ହେଲେ ଦେଶ ଅସୁସ୍ଥ... ଏହା ମୁଁ କଦାପି କରାଇଦେବି ନାହିଁ । ଆପଣ ପରିଶ୍ରମ କମ କରନ୍ତୁ... ଏତେ ଖଟିଲେ ଦେହ ରହିବ... । ଦେଶ ଆପଣଙ୍କୁ ଚାହେଁ ।

ମଧୁର ହସ ଖେଳାଇ ମାନନୀୟ ସାଂସଦ କହିଲେ- ଦେଶ କାମ ହାତକୁ ନେଲା ଦିନୁ ଦିନକୁ ଅଠରଘଣ୍ଟା ପରିଶ୍ରମ କରିବାର ବଦ୍‌ଅଭ୍ୟାସ ଛାଡ଼ି ପାରୁନି... ଅନେକ ଶୁଭେଚ୍ଛୁ ପରାମର୍ଶ ଦେଲେଣି କାମ କମେଇବା ପାଇଁ । କିନ୍ତୁ ଦେଶ ସେବା... ଲୋକଙ୍କ କାମର ନିଶା ଥରେ ଧରିଲେ ଆଉ କିଛି ମନେ ପଡ଼େନି... ଖାଲି କାମ... ଆଉ କାମ...

ବାହାରକୁ ଆସି ଡାକ୍ତର ଖାଁଙ୍କୁ ମୁଁ ଅଶେଷ ଧନ୍ୟବାଦ ଦେଲି ଏବଂ ଏପରି ମାନନୀୟ ଦେଶ ସେବକଙ୍କର ଉପଯୁକ୍ତ ଚିକିତ୍ସା କରିଥିବାରୁ ତାଙ୍କୁ ପ୍ରଶଂସା ମଧ୍ୟ କଲି ।

Digitized by srujanika@gmail.com

ଦେଶ ସେବା କଲାଦିନୁ

ଦେଶ ସେବାରେ ନିଜକୁ ଉତ୍ସର୍ଗ କଲାଦିନୁ ନିଜକୁ ଭୁଲିଯାଇ ଲୋକମାନଙ୍କ ସଂଖ୍ୟା ଯେପରି ଦ୍ରୁତଗତିରେ ବଢ଼ିବାରେ ଲାଗିଛି ତାହା ଦେଖିଲେ ଦିନେ ଯେ ଦେଶସେବାରେ ବ୍ୟାଖ୍ୟା ବଦଳାଇବାକୁ ପଡ଼ିବ, ଏହା ସହଜରେ କୁହାଯାଇପାରେ । ଦୀର୍ଘଚାକିରି ଜୀବନର ଅଭିଜ୍ଞତାରୁ ମୁଁ ଏତିକି ଜାଣିଛି ଯେ, ଦଳେ ଲୋକ ଦେଶସେବାକୁ ଏକଚାଟିଆ ବ୍ରତ ଭାବରେ ପାଳନ କରୁଥିବା ବାହାନାରେ ସବୁ ପ୍ରକାର ଗର୍ହିତ କାର୍ଯ୍ୟ କରି ମଧ୍ୟ ସହଜରେ ଖସି ଯାଇ ପାରୁଛନ୍ତି । ଦେଶ ସେବାର ପଦକ ବେକରୁ ଝୁଲାଇ ବେଶ୍ ଦମ୍ଭର ସହିତ ସେମାନେ ଚାଲନ୍ତି ରାଜଦାଣ୍ଡରେ । ଏପରି କେତେକ ସେବକମାନଙ୍କ ସହିତ ବିଭିନ୍ନ ସୁଯୋଗରେ ମୁହାଁମୁହିଁ ହେବାର ସୁବିଧା ମିଳିଛି ମୋତେ । ସେଥିରୁ କେତୋଟି ଘଟଣା ନ କହିଲେ କାଳେ ଅନ୍ୟାୟ କରିବି ସେଥିପାଇଁ ଏ କାହାଣୀର ଅବତାରଣା ।

ଆସାମ, ମେଘାଳୟ ପ୍ରଭୃତି ଉତ୍ତରପୂର୍ବ ରାଜ୍ୟଗୁଡ଼ିକୁ ଗସ୍ତରେ ଆସୁଥିବା ଏକ ଉଚ୍ଚକ୍ଷମତା ଥିବା କମିଟି ଗୌହାଟୀ ବିମାନବନ୍ଦରରେ ପାଦ ଦବା କ୍ଷଣି ଭବ୍ୟ ସ୍ୱାଗତ ଜଣାଇଲେ ରେଳବାଇର ବରିଷ୍ଠ ଅଫିସରବୃନ୍ଦ । ଆହୁରି ବଡ଼ ବଡ଼ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ଥିବାରୁ କମିଟିର କେତେକ ମାନନୀୟ ସଭ୍ୟ ଉତ୍ତରପୂର୍ବାଞ୍ଚଳ ଭଳି ସମସ୍ୟାବହୁଳ ଅଞ୍ଚଳକୁ ଆସିବା ପାଇଁ ସମୟ ପାଇ ନଥିଲେ । ଯେଉଁ କେତେଜଣ ଆସିଥିଲେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ଓ ସେମାନଙ୍କର ସୁଖ ସୁବିଧା ବୁଝିବା ପାଇଁ ଯେଉଁ ଦୁଇଜଣ ବରିଷ୍ଠ ଅଫିସରଙ୍କୁ ମନୋନୀତ କରାଗଲା ସେମାନଙ୍କ ମଧ୍ୟରୁ ଜଣେ ଓଡ଼ିଆ ଓ ଆଉ ଜଣେ ହିନ୍ଦୁସ୍ଥାନୀ । ଉଭୟେ କେବଳ ବରିଷ୍ଠ ନୁହନ୍ତି, ଜ୍ଞାନୀ, ଓ ଗୁଣୀ ମଧ୍ୟ । ତେଣୁ ସେମାନେ ଏପରି ଏକ କମିଟିର ଦାୟିତ୍ୱରେ ଥିବାରୁ ଭାଗ୍ୟବାନ ମନେ କରୁଥିଲେ । ଓଡ଼ିଶାରୁ ବିଦାୟ ନେଇ ଏହି କମିଟିର କେତେକ ସଭ୍ୟ ଯେତେବେଳେ ଗୌହାଟୀରେ ପହଞ୍ଚିଲେ, ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ କହିଲେ- ଅନେକ ଦିନ ହେଲା ବାହାରେ ରହିବାରୁ ଘର କଥା ମନେ ପଡୁଛି... କିନ୍ତୁ ଦେଶ ସେବାରେ ଯୋଗ ଦେଲା ଦିନରୁ ନିଜ ସୁଖ ସୁବିଧା ଦେଖିବା

Digitized by srujanika@gmail.com

ପାଇଁ ସମୟ ସୁବିଧା ମିଳୁଛି କେଉଁଠି ? ତଥାପି ଆଧୁନିକ ଜଗତରେ ଘରଠାରୁ ଅନେକ ଦୂରରେ ଘରର ଆରାମ ଯୋଗାଇ ଦେବାଲାଗି ଗଢ଼ିଉଠିଛି ବିଶ୍ରାମ ଭବନ, ଅତିଥିଶାଳା ଓ ବଡ଼ ବଡ଼ ହୋଟେଲ... ।

ଆପଣମାନଙ୍କ ପାଇଁ ଗେଷ୍ଟହାଉସରେ ବ୍ୟବସ୍ଥା କରାଯାଇଛି ସାର୍... କିଛି ଅସୁବିଧା ହେବନି...

ମାନନୀୟ ମୁହଁ ଶୁଖାଇ କହିଲେ- କାହିଁକି... ଏଠାରେ ଭଲ ହୋଟେଲର ତ ଅଭାବ ନାହିଁ... ସେଠାରେ ରହିବାର ବ୍ୟବସ୍ଥା କଲେନି...? ଦାୟିତ୍ୱରେ ଥିବା ଅଫିସର ନିରବ ରହିଲେ ।

ସେମାନେ ଦିନସାରା ବ୍ୟସ୍ତ ରହିଲେ ପ୍ରଶାସନିକ କାର୍ଯ୍ୟ, ପ୍ରକଳ୍ପଗୁଡ଼ିକର ରୂପାୟନ ପ୍ରଭୃତି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିବାରେ । ସେମାନଙ୍କୁ ଆପ୍ୟାୟିତ କରିବା ଲାଗି ଏକ ନାମଜାଦା ହୋଟେଲରେ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଚର୍ବ୍ୟ, ଚୁଷ୍ୟ, ଲେହ୍ୟ, ପେୟର ଅଭାବ ନଥିଲା ସେଠାରେ । ଜଣେ ଜଣେ ମାନ୍ୟଗଣଙ୍କୁ ଖୁସି କରିବା ସକାଶେ ସେ କାର୍ପଣ୍ୟ ନ କରି ଏତେ ଉଦାରତା ଦେଖାଯାଇପାରେ ତାହା ପ୍ରଶଂସନୀୟ । ତଥାପି କେଜାଣି କାହିଁକି ଗରଗର ହେଉଥାନ୍ତି ଜଣେ ଦୁଇଜଣ ସଭ୍ୟ ।

ସନ୍ଧ୍ୟାରେ ସରକାରୀ କାର୍ଯ୍ୟ ସମାପ୍ତ ହେବା ପରେ ଏକ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଲେ ସେମାନେ । ତାହା ଶେଷ ହେବା ପରେ ପୁଣି ଆଉ ଏକ ନାମଜାଦା ହୋଟେଲକୁ ନିଆଗଲା ସେମାନଙ୍କୁ ରାତ୍ରିଭୋଜନ ପାଇଁ । ଓଡ଼ିଶା ଗସ୍ତ ସମୟରେ ପେଟ ଗୋଳମାଳ ହୋଇଥିବା ସଭ୍ୟ ଜଣକ କହିଲେ... ପେଟ ଭଲ ହୋଇଗଲାଣି...କିନ୍ତୁ ମଥାଟା ଝାଙ୍କୁଛି ସଦାବେଳେ... ଦେହ ବି କେମିତି କେମିତି ଲାଗୁଛି... ।

ହୋଟେଲ ମ୍ୟାନେଜର ତାଙ୍କୁ ଆଉ ଗୋଟିଏ କୋଠରୀକୁ ନେଇ କହିଲେ, ସେଠାରେ ସମସ୍ତଙ୍କ ଆଗରେ କାଳେ ଆପଣ ସଙ୍କୋଚ କରିପାରନ୍ତି ସେଥିପାଇଁ ନିରୋଳାରେ ଏଇଠି ବସି ପାନ କରନ୍ତୁ ସାର୍... ।

ସେ କହିଲେ... ଏତେବଡ଼ ହୋଟେଲ... ବାରରେ ପ୍ରୋଗ୍ରାମ୍ ନାହିଁ... ଆଶ୍ଚର୍ଯ୍ୟ ଲାଗୁଛି...

ମଝିରେ ମଝିରେ ହୁଏ ସାର୍... ମୋତେ ଟିକେ ଆଗରୁ ସୂଚନା ମିଳିଥିଲେ ସ୍ୱତନ୍ତ୍ର ପ୍ରୋଗ୍ରାମ କରିଥାନ୍ତି ।

ଏଇ ଅଫିସରଗୁଡ଼ା ଇଡ଼ିଅଟ୍... ନ ହେଲେ ଏଇ ସାମାନ୍ୟ ବ୍ୟବସ୍ଥା କରି ନଥାନ୍ତେ ।

ସେଠାରେ ପାନଭୋଜନ ସାରି ଗେଷ୍ଟ ହାଉସ୍‌କୁ ଫେରିବା ବେଳକୁ ରାତି ପ୍ରାୟ ସାଢ଼େ ଏଗାରଟା ।

Digitized by srujanika@gmail.com

ଗେଷ୍ଟହାଉସ୍‌ର ସୁ ସଜ୍ଜିତ କୋଠରୀ ଭିତରକୁ ମାନନୀୟ ପଶିଯାଇ ପୁଣି ଫେରି ଆସିଲେ ମିନିଟିକ ମଧ୍ୟରେ । ବାହାରେ ଅପେକ୍ଷା କରୁଥିବା ବରିଷ୍ଠ ଅଫିସରମାନଙ୍କୁ କହିଲେ- ଆଉ କିଛି ନାହିଁ ? ଏକା ଏକା ରହିବୁ ?

ବୁଝି ନପାରି ସେ ଦୁହେଁ ରାତି ବେଶି ହେଉଛି ଦେଖି ବିଦାୟ ନେବା ପାଇଁ କହିଲେ ଦିନ ସାରା ବ୍ୟସ୍ତ ଥିଲେ ସାର୍... ଏବେ ଟିକେ ବିଶ୍ରାମ କରନ୍ତୁ... ଅନୁମତି ଦେଲେ ଆମେ ବି ଯିବୁ... କିଛି ଭୟ ନାହିଁ... ଗୁଡ୍ ନାଇଟ୍ ।

ବୋମା ଫାଟିବା ପରି ଫାଟି ପଡ଼ି ସେ ଉଚ୍ଚ ସ୍ୱରରେ କହିଲେ- ଗୁଡ୍‌ନାଇଟ୍... ଶୁଭରାତ୍ରୀ କେଉଁଠି ଅଛି ଦେଖାଅ... ତମେ ତ ଫେରିଯିବ ଘରକୁ... ଆରାମ କରିବ ନିଜ ଘରେ... ଆଉ ଏଠାରେ ଏଇ କୋଠରୀରେ ଆମେ ଏକା ଏକା...

ଅଫିସର ଦ୍ୱୟ ବୁଝି ନ ପାରି ମୁଣ୍ଡ କୁଣ୍ଡାଇଲେ ।

ସେ କହିଲେ- ଅଚ୍ଛବୁଦ୍ଧିଆ ଲୋକ ଦେଖିଛି... କିନ୍ତୁ ଆପଣମାନଙ୍କ ପରି ଗୁଡ୍ଡବକ କାହିଁ ଦେଖିନି... ଏଇ ସାମାନ୍ୟ ବ୍ୟବସ୍ଥା ବି କରିନାହାନ୍ତି... ଅଥଚ ସେପରି ଅଭାବଗ୍ରସ୍ତ ନୁହେଁ ଏଇ ଅଞ୍ଚଳ... । ସେଥିପାଇଁ କହିଥିଲି ହୋଟେଲରେ ବ୍ୟବସ୍ଥା କରିଥିଲେ ଏ ସବୁର ଅଭାବ ରହନ୍ତା ନାହିଁ ।

ଏତେବେଳେ ସେମାନେ କ'ଣ ବୁଝିଲେ କେଜାଣି କହିଲେ- ସରି ସାର୍... ଆମେ ଦୁଃଖିତ...

ମୁଁ ଲଜ୍ଜିତ ଆପଣମାନଙ୍କର ଅପାରଗତା ଦେଖି... ଶୀଘ୍ର କିଛି ବ୍ୟବସ୍ଥା କରନ୍ତୁ ମୁଁ ଅପେକ୍ଷା କରୁଛି କହିଲେ ସାଂସଦ ।

ତାଙ୍କ କୋଠରୀ ସଂଲଗ୍ନ କୋଠରୀରୁ ତାଙ୍କ ବନ୍ଧୁ ବାହାରି ଆସି କହିଲେ- ମୁଁ ବି ଅପେକ୍ଷା କରୁଛି... ଏଇଟା କାମାକ୍ଷାଙ୍କ ଦେଶ... ଏଠାରେ ଅଭାବ କିଛି ନାହିଁ... ।

ବରିଷ୍ଠ ଅଫିସରଦ୍ୱୟ ସେଇସବୁ ବ୍ୟବସ୍ଥା କରିବାର ଦାୟିତ୍ୱ ଜଣେ ତଳିଆ କର୍ମଚାରୀଙ୍କୁ ସମର୍ପଣ କରି ଅତି ସନ୍ତର୍ପଣରେ ଗେଷ୍ଟହାଉସ୍‌ରୁ ପ୍ରତ୍ୟାବର୍ତ୍ତନ କଲାବେଳେ ନିନ୍ଦୁଥିଲେ ନିଜ ନିଜକୁ... ଚାକିରି କରି ମୁଣ୍ଡ ବିକି ଦେଇଥିବାରୁ ।

Digitized by srujanika@gmail.com

ଓଡ଼ିଶାର ଲୋକ ଏତେ ଗରିବ

ଚଉଦବର୍ଷ ତଳର କଥା । ଏକ ପାର୍ଲାମେଣ୍ଟାରୀ କମିଟିର ଦାୟିତ୍ୱ ପଡିଥାଏ ମୋ ଉପରେ । କମିଟିର ସଦସ୍ୟମାନେ ରେଳ ଓ ଉଡାଜାହାଜରେ ଆସି ପହଞ୍ଚିଲେ । ସେମାନଙ୍କୁ ରଖିବା ଲାଗି ସରକାରୀ ଅତିଥି ଭବନରେ ସୁବ୍ୟବସ୍ଥା କରାଯାଇଥିଲା । ଏକାଧିକ ରାଜନୈତିକ ଦଳର ସଭ୍ୟ ଥିଲେ ସେଇ କମିଟିରେ । ଦିଲ୍ଲୀର ଏମ୍.ପି. କନୱାରୀଲାଲ ଗୁପ୍ତା କମିଟିର ଚେୟାରମ୍ୟାନ୍ ଭାବରେ ଆସିଥିଲେ । ତାଙ୍କ ଦାୟିତ୍ୱ ମୋ ଉପରେ ପଡିଥିଲା । ସେମାନଙ୍କ ସହିତ ଆଲୋଚନା ପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲା । ସରକାରୀ ସ୍ତରରେ ବିଭିନ୍ନ ବିଭାଗ ଓ ଅନୁଷ୍ଠାନ ସହିତ ବିଚାର ବିମର୍ଶ ପରେ କୋଣାର୍କ ଓ ପୁରୀ ଯିବା ପାଇଁ ସ୍ଥିର ହେଲା ।

ଆମେ ବାହାରିଲୁ ଅପରାହ୍ନ ଅଢ଼େଇଟାରେ । ଗୋଟିଏ ଗାଡ଼ିରେ ଗୁପ୍ତାଜୀଙ୍କ ସହିତ ମୁଁ ଯାଉଥିଲି । ଧଉଳି, ଶିଶୁପାଳ ଗଡ଼ ପାର ହୋଇ ଗଲାବେଳେ ମୁଁ ଭୁବନେଶ୍ୱର ସମ୍ପର୍କରେ କିଛି ସୂଚନା ଦେଲି । ପ୍ରାଚୀନ ଓଡ଼ିଶା(କଳିଙ୍ଗ)ର ରାଜଧାନୀ ଥିଲା ଏଇ ଭୁବନେଶ୍ୱର ବହୁ ଶତାବ୍ଦୀ ଧରି । ଏହାର ଚାରିପାଖର ମାଟିଗୋଡ଼ି ତଳେ ଇତିହାସ ପୋତି ହୋଇ ରହିଛି । କଳିଙ୍ଗର ଶୌର୍ଯ୍ୟ, ବୀର୍ଯ୍ୟର ରୋମାଞ୍ଚକର ଇତିହାସ ଶୁଣି ଗୁପ୍ତାଜୀ ଖୁସି ହେଲେ । ଓଡ଼ିଶାର ମନ୍ଦିର ଓ ସ୍ଥାପତ୍ୟ, ସୁନିପୁଣ କାରୁକାର୍ଯ୍ୟ, ପଟ୍ଟଚିତ୍ର ବିଶ୍ୱ ପ୍ରସିଦ୍ଧ । ସେ ସବୁର ଭୂୟସୀ ପ୍ରଶଂସା କଲେ ଗୁପ୍ତାଜୀ । ପିପିଲିର ଚାନ୍ଦୁଆ ଓ ଅନ୍ୟାନ୍ୟ କାରୁକାର୍ଯ୍ୟ ମଣ୍ଡିତ ହସ୍ତଶିଳ୍ପର ପ୍ରଶଂସା କଲେ ଓ କିଛି କିଣିଲେ ମଧ୍ୟ ।

ପିପିଲିରୁ ବାଟଭାଙ୍ଗିଲୁ ଆମେ କୋଣାର୍କ ଅଭିମୁଖରେ । ରାସ୍ତାରେ ଯିବା ଆସିବା କରୁଥିବା ବା ବିଲରେ କାମ କରୁଥିବା ଲୋକମାନଙ୍କୁ ନିରେଖି ଦେଖିଲେ ଗୁପ୍ତାଜୀ । ମୋତେ କହିଲେ- ହୋତାଜୀ, ଯଦି ମୋର ଅନୁମାନ ଠିକ୍, ଏଇ ଦୁଇ କଡର ଜମି ଅତ୍ୟନ୍ତ ଉର୍ବର, କିନ୍ତୁ ଓଡ଼ିଶାର ଲୋକମାନେ ଏତେ ଗରିବ କାହିଁକି ? ଯୋଉ ଲୋକମାନଙ୍କୁ ଦେଖୁଛି ପ୍ରାୟ ସମସ୍ତଙ୍କ ପାଦରେ ଯୋତାନାହିଁ । ଦେହ ବି ଅନାବୃତ, ଅଣ୍ଟାରେ ଖଣ୍ଡେ ଖଣ୍ଡେ ଗାମୁଛା... ।

Digitized by srujanika@gmail.com

ମୁଁ ଲଜ୍ଜିତ ହେଲି । କିନ୍ତୁ ଅବସ୍ଥା ସଜାଡ଼ି ନବା ପାଇଁ କହିଲି- ଓଡ଼ିଶାର ଉପକୂଳ ଅଞ୍ଚଳରେ ହ୍ୟୁମିଡ଼ିଟି ଅଧିକ । ଏଇ ସମୟଟା ବି ଅନୁକୂଳ ନୁହେଁ । କେମିତି ଆଶ୍ୱସ୍ତି ଲାଗୁଛି ଦେଖୁଚନ୍ତି ତ ! ଗାଡ଼ି ଚାଲିଥିବା ସତ୍ତ୍ୱେ ଆମ ଦେହ ଝାଳେଇ ଯାଉଛି... ।

-ହଁ, ହଁ...

-ସେଥିପାଇଁ ଜାମା ଘୋଡ଼ି ନାହାନ୍ତି କି ଦେହରେ ଅଙ୍ଗବସ୍ତ୍ର ନାହିଁ । ଆଉ କାମିକା ଲୋକଙ୍କର ପାଦରେ ଯୋତା ନଥାଏ... ବିଲ ଭିତରେ ପାଣି କାଦୁଅରେ କାମ କରିବାକୁ ଅସୁବିଧା ହୁଏ ।

ସେ କଣ ଭାବିଲେ କେଜାଣି, ନିରବ ହୋଇଗଲେ । ତା ପରେ କିଛି ବାଟ ଅତିକ୍ରମ କଲୁ । କେନାଲ ବି ଆଖିରେ ପଡ଼ିଲା । ପାଣିର ଅଭାବ ନଥିଲା । କିନ୍ତୁ ରାସ୍ତା ଦୁଇପାଖର ସବୁ ଜମିରେ ଫସଲ ନଥିଲା । ପଡ଼ିଆ ଜମିକୁ ଚାହିଁ ଗୁପ୍ତାଜୀ କହିଲେ- ଜଳସେଚନର କିଛି ସୁବିଧା ଅଛି ନିଶ୍ଚୟ । କିନ୍ତୁ ତଥାପି ଏ ଜମିସବୁ ପଡ଼ିଆ ପଡ଼ିଛି କାହିଁକି ? ଚାଷୀ ମାନଙ୍କର ଉଚ୍ଚାଶା ନାହିଁ ବଡ଼ ହେବା ପାଇଁ ? ହରିୟାଣା, ପଞ୍ଜାବ ହୋଇଥିଲେ ଏଇ ଜମିରୁ ତିନିଟା ଫସଲ ଅମଳ କରୁଥାନ୍ତେ କୃଷକମାନେ । ଏମାନଙ୍କୁ ମୋଟିଭେଟ କରିବା କାମ ନେତାମାନଙ୍କର । ,

ମୁଁ କହିଲି, ସବୁ ଜମିରେ ନ ହେଲେ ମଧ୍ୟ କିଛି ଜମିରେ ଏକାଧିକ ଫସଲ ହୁଏ । କେନାଲ ମରାମତି କରାଯାଉଥିଲା, ତେଣୁ ପାଣି ଛାଡି ନଥିଲେ ଜଳସେଚନ ବିଭାଗ । ସେଥିପାଇଁ ବୋଧହୁଏ ଏ ବର୍ଷ ଫସଲ ଆଖିରେ ପଡୁନି । କହିଲି ସିନା, ମୋ କଥା ମୋ ନିଜ କାନକୁ ବି କେମିତି କେମିତି ଶୁଭୁଥିଲା... ।

ସେ କହିଲେ, ସତକଥା କଣ ଜାଣନ୍ତି ହୋତାଜୀ... ଆମଦେଶର ଲୋକମାନେ ପରିଶ୍ରମୀ, ସରଳ ଓ ଈଶ୍ୱରବିଶ୍ୱାସୀ । ସେମାନଙ୍କ ମନରେ ଉଚ୍ଚାଶା ନାହିଁ । ସେମାନଙ୍କୁ ପ୍ରରୋଚିତ କରିବାକୁ ପଡ଼ିବ । କୃଷି ପଦ୍ଧତିକୁ ଆଧୁନିକୀକରଣ କରି ସେମାନଙ୍କୁ ନୂତନ ଜ୍ଞାନ ଓ କୌଶଳ ଶିଖାଇବାକୁ ପଡ଼ିବ । ସାର, ଉନ୍ନତ ବିହନ, ପୋକନାଶକ ବ୍ୟବହାର, କୃଷିକାର୍ଯ୍ୟରେ ଯନ୍ତ୍ର-ବ୍ୟବହାର ସମ୍ପର୍କରେ ସେମାନଙ୍କୁ ଆବଶ୍ୟକ ଶିକ୍ଷା ଦେଲେ ଦେଖିବେ ସେମାନେ କେତେ ଶୀଘ୍ର ଓ କେତେ ସହଜରେ ଆଗକୁ ଚାଲିଯିବେ । ଦେଶର ଭାଗ୍ୟ ଓ ଭବିଷ୍ୟତ ତ ସେମାନଙ୍କର ସାମଗ୍ରିକ ଉନ୍ନତି ଉପରେ ନିର୍ଭର କରେ ।

କୋଣାର୍କରେ ପହଞ୍ଚିଲୁ । ସେଠାରେ ମନ୍ଦିରର ଗଠନ ଓ ସ୍ଥାପତ୍ୟ କଳା, ପାଷାଣ ଦେହରେ ଫୁଟି ଉଠିଥିବା ମୂର୍ତ୍ତି ଓ କାରୁକାର୍ଯ୍ୟର ଚମତ୍କାରିତା ଦେଖି ସେ ବିଭୋର ହୋଇଯାଇ କହିଲେ- ଏଇ ଅସାମାନ୍ୟ ଶିଳ୍ପକଳା ଦେଖି କିଏ କହିବ ଯେ ଭାରତର ଜନସାଧାରଣ ପଛୁଆ, ଓଡ଼ିଶାର ଜନସାଧାରଣ ଦରିଦ୍ର ! ଅତୀତ ସତରେ କେତେ ସମୃଦ୍ଧ ଥିଲା ।

କୋଣାର୍କ ଦେଖିସାରି ପୁରୀ ଅଭିମୁଖରେ ଯିବା ବେଳେ ଗୁପ୍ତାଜୀ ରାସ୍ତା ଦୁଇପାଖରେ ଦୃଷ୍ଟିରେ ପଡୁଥିବା ଲୋକମାନଙ୍କୁ ଦେଖି କହିଲେ, ଏମାନେ ଏହିପରି ଦୀନହୀନ ଅବସ୍ଥାରେ ଥିବା ଯାଏ ଭାରତ ଉଠିପାରିବନି ଉପରକୁ । ଅଥଚ ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ଏତେ

Digitized by srujanika@gmail.com

ସୁନ୍ଦର ଉର୍ବର ଜମି, ପ୍ରାକୃତିକ ସଂପଦ ଓ ଲୋକଶକ୍ତି ଥିବା ସତ୍ତ୍ୱେ ଓଡ଼ିଶା ଏତେ ଗରିବ ! ଜଳସେଚନର ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ । କିନ୍ତୁ ଭୂତଳରେ ଯେଉଁ ପ୍ରଚୁର ଜଳ ରହିଛି ସେସବୁକୁ ଉଠା ଜଳସେଚନ ମାଧ୍ୟମରେ ବିନିଯୋଗ କରିବାର ଉଦ୍ୟମ ମଧ୍ୟ ଦେଖୁନି । କାହିଁ ଏପରି ହେଲା ? ଓଡ଼ିଶାରେ ଉଠା ଜଳସେଚନ ଦ୍ୱାରା କୃଷି କ୍ଷେତ୍ରରେ ଯେଉଁ ଅଭୂତପୂର୍ବ ଅଭିବୃଦ୍ଧିର ସମ୍ଭାବନା ରହିଛି କାହିଁକି ଯେ ତାହା ଯୋଜନାଭୁକ୍ତ ହୋଇନାହିଁ ମୁଁ ବୁଝିପାରୁନାହିଁ ।

ଏଇ ପ୍ରଶ୍ନ ଉଠେଇଥିଲେ ଆଉ ଜଣେ ପୁନାସ୍ଥିତ ଗୋଖେଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇକୋନମିକ୍ସର ନିର୍ଦ୍ଦେଶକ ବିଖ୍ୟାତ ଅର୍ଥନୀତିଜ୍ଞ ଡକ୍ଟର ନୀଳକଣ୍ଠ ରଥ । ଓଡ଼ିଶାରେ ଅନ୍ୟତ୍ର ବା ଉପକୂଳ ଅଞ୍ଚଳରେ ଭୂତଳରେ ଥିବା ପ୍ରଚୁର ଜଳସେଚନ ସୁବିନିଯୋଗ ଯେପରି ହୋଇନାହିଁ; ସେହିପରି କୃଷି କ୍ଷେତ୍ରରେ ଅଭିବୃଦ୍ଧିର ଯେଉଁ ବିପୁଳ ସମ୍ଭାବନା ରହିଛି ସେଥିର ବିନିଯୋଗ ପାଇଁ ଯଥେଷ୍ଟ ଉଦ୍ୟମ ମଧ୍ୟ ହୋଇନାହିଁ ।

ଗୁପ୍ତାଜୀଙ୍କର ଅନେକ ପ୍ରଶ୍ନର ଉତ୍ତର ମୁଁ ଦେଇଥିଲି କିନ୍ତୁ ଓଡ଼ିଶାର ଲୋକମାନେ କାହିଁକି ଏତେ ଗରିବ, ସେମାନଙ୍କ ମଧ୍ୟରେ କାହିଁକି ଉଚ୍ଚାଶା ଓ ଉଦ୍ୟମଶୀଳତାର ଏତେ ଅଭାବ ଏହାର ଯଥାର୍ଥ ଉତ୍ତର ତାଙ୍କୁ ଦେଇ ପାରି ନଥିଲି । ଆମେ ପୁରୀରେ ରାତି କଟେଇ ସକାଳେ ଜଗନ୍ନାଥଙ୍କୁ ଦର୍ଶନ କରି ଫେରି ଆସିଲୁ ଭୁବନେଶ୍ୱର ।

ବାଟରେ ସେ ପୁଣି କହିଲେ- ବଡ଼ ବଡ଼ ଶିଳ୍ପ ସ୍ଥାପନ କରି ଓଡ଼ିଶା ଭାଗ୍ୟ ବଦଳାଇ ହେବନି । ତାହା ଅର୍ଥ ଓ ଆୟାସ ସାପେକ୍ଷ । ହରିୟାଣା ଓ ପଞ୍ଜାବରେ ବଡ଼ ବଡ଼ ଶିଳ୍ପ ନାହିଁ କି ଆପଣଙ୍କ ଓଡ଼ିଶାର ମହୋଦଧି, ଚିତ୍ତାକର୍ଷକ ପ୍ରକୃତି].ଜଙ୍ଗଲ।।.ଙ୍କ ଓ ଅଓଇଣ୍ଟର୍ଣ୍ଣ ମନ୍ଦିର ନାହିଁ ତଥାପି ସେଠାରେ ଲୋକମାନଙ୍କର ଜୀବନଧାରଣର ମାନ ଅନେକ ବେଶୀ । ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରିବା ଲାଗି ଅଭିନବ ଉପାୟମାନ ଅବଲମ୍ବନ କରାଯାଉଛି । ଗୋଟିଏ ଜାତିକୁ ଉଠାଇବା ଲାଗି ସ୍ୱପ୍ନ ଦରକାର... ଦରକାର ଦୂରଦୃଷ୍ଟି । ଅସୀମ ଉତ୍ସାହ ଓ କଠିନ ପରିଶ୍ରମ । ଏ ସବୁରେ ଅଭାବ ରହିଛି ଏଠାରେ... । ସେଥିପାଇଁ ଓଡ଼ିଶା ଗରିବ... ଭାରତବର୍ଷ ଗରିବ । ଆମେ କେବଳ ରାଜନୀତିରେ ମାତିଛୁ... ଶସ୍ତା ଲୋକପ୍ରିୟତା ଆମକୁ ପ୍ରଲୋଭିତ କରୁଛି । କିନ୍ତୁ ଜନଶକ୍ତିକୁ ପ୍ରରୋଚିତ କରି ଜାତି ଗଠନ କାର୍ଯ୍ୟରେ ମନପ୍ରାଣ ଢାଳି ଦେବା ପାଇଁ ପ୍ରୟାସ କରାଯାଉ ନାହିଁ । ସହଜ ମାର୍ଗରେ ଏ ସବୁ ହୁଏ ନାହିଁ- ଏଥିପାଇଁ ଅନେକ ତ୍ୟାଗ ଆବଶ୍ୟକ ।

ଜଣେ ରାଜନୀତିଜ୍ଞ ବାସ୍ତବରେ ଏପରି ଭାବି ପାରନ୍ତି ତାହା ମୋତେ ଅନୁପ୍ରାଣିତ କଲା ଏବଂ ମୁଁ ଭାବିବାକୁ ଲାଗିଲି ଏଇ ଦାରିଦ୍ର୍ୟ, ଜନଜୀବନରେ ଏଇ ଶିଥିଳତା, ବନ୍ୟା, ବାତ୍ୟା, ମରୁଡ଼ି ଓ ବ୍ୟାଧି କଣ ଓଡ଼ିଆର ଚିର ସହଚର ହୋଇ ରହିଥିବ ନା ଏଥିରୁ ମୁକ୍ତି ପାଇବା ପାଇଁ ସଙ୍ଗଠିତ ଉଦ୍ୟମ ଆରମ୍ଭ ହେବ ? କିଏ ଦେବ ଏହାର ଉତ୍ତର ? କିନ୍ତୁ ଏହାରି ଉତ୍ତର ଉପରେ ଓଡ଼ିଶାର ଭାଗ୍ୟ ଓ ଭବିଷ୍ୟତ ନିର୍ଭର କରେ ।

Digitized by srujanika@gmail.com

କେନ୍ଦ୍ରୀୟ ବିଦ୍ୟାଳୟ

ଜଟଣୀକୁ ରେଳବାଇରେ ଖୋର୍ଦ୍ଧାରୋଡ କହନ୍ତି । ଖୋର୍ଦ୍ଧାରେ ସବୁ ବିଭାଗର ସରକାରୀ ଅଫିସ । ଜଟଣୀରେ ଓହ୍ଲାଇ ଖୋର୍ଦ୍ଧା ବାଟଦେଇ ଅଭ୍ୟନ୍ତରକୁ ଯିବାକୁ ହୁଏ । ତେଣୁ ଇଂରେଜମାନଙ୍କ ଅମଳରୁ ଷ୍ଟେସନର ନାମ ଜଟଣୀ ନ ହୋଇ ଖୋର୍ଦ୍ଧାରୋଡ ରହିଆସିଛି । ସେହିପରି ଯାଜପୁର-କେନ୍ଦୁଝରରୋଡ୍, କପିଳାସ ରୋଡ୍ ଇତ୍ୟାଦି । ମୁଁ ପୁରୀ କଲେଜରେ ପାଠ ପଢ଼ିବା ସମୟରେ ଏହି ବାଟ ଦେଇ କେତେଥର ଯାଇଛି ନୟାଗଡ଼ ଅଞ୍ଚଳକୁ । ସେତେବେଳେ ଜଟଣୀ ବଜାର ଭୁବନେଶ୍ୱର ଓ ଖୋର୍ଦ୍ଧାଠାରୁ ବଡ଼ ଥିଲା । ତେଲ, ଚାଉଳ, ଡ଼ାଲି, ଗହମ, ଲୁଗା ଓ ଅନ୍ୟାନ୍ୟ ସାମଗ୍ରୀ ଏଠାରେ ଥିବା ବଡ଼ ବଡ଼ ବ୍ୟବସାୟୀଙ୍କ ଗୋଦାମରୁ ପାଇକାରୀ ଦରରେ କିଣି ଅନ୍ୟାନ୍ୟ ଅଞ୍ଚଳକୁ ପଠାଯାଉଥିଲା । ଫଳରେ ଜଟଣୀ ବ୍ୟବସାୟର ପେଣ୍ଠ ଭାବରେ ପ୍ରସିଦ୍ଧ ଥିଲା । ଏଠାରେ ରେଳବାଇ ଜଂକସନ । ତେଣୁ ସେତେବେଳେ ଏହାର ଆଉ କିଛି ପ୍ରାଧାନ୍ୟ ନଥିଲେ ହେଁ ଏବଂ ଅଦୂରରେ କଟକ ଭଳି ଏକ ବଡ଼ ସ୍ଥାନ ଥିବା ସତ୍ତ୍ୱେ ବେଙ୍ଗଲ ନାଗପୁର କୋମ୍ପାନୀ ଖୋର୍ଦ୍ଧାରୋଡ଼ରେ ଅଫିସ ସ୍ଥାପନ କଲେ । ୧୮୯୭/୯୮ ରୁ ଏଯାବତ୍ ପ୍ରାୟ ଶହେ ବର୍ଷ ହେଲା ଖୋର୍ଦ୍ଧରୋଡ଼ ରେଳବାଇ ନଗରୀଭାବରେ ଗଢ଼ିଉଠିଛି । ପୂର୍ବେ ସାହେବମାନଙ୍କର ଆଧିପତ୍ୟ ଥିଲା ବେଶି । ଦ୍ୱିତୀୟ ବିଶ୍ୱଯୁଦ୍ଧର ମଧ୍ୟଭାଗ ପର୍ଯ୍ୟନ୍ତ ବହୁ ଇଂରେଜ ଲୋକ ବିଭିନ୍ନ ପଦପଦବୀ ମଣ୍ଡନ କରିଥିଲେ । ବିଶ୍ୱଯୁଦ୍ଧ ପରେ ଭାରତର ସ୍ୱାଧୀନତା ଅବଶ୍ୟମ୍ଭାବୀ ଜାଣି ସେମାନଙ୍କ ମଧ୍ୟରୁ ଅନେକେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ ।

ବାକି ଯେଉଁମାନେ ରହିଗଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତ ସ୍ୱାଧୀନତା ହେବା ପରେ ଚାଲିଗଲେ । କିନ୍ତୁ ଭାରତୀୟ ଓ ଇଂରେଜମାନଙ୍କ ସମ୍ମିଶ୍ରଣରେ ଗଢ଼ି ଉଠିଥିବା ଆଙ୍ଗଲୋଇଣ୍ଡିଆନମାନଙ୍କ ମଧ୍ୟରୁ ବହୁଲୋକ ରହିଗଲେ । ସେମାନଙ୍କ ମଧ୍ୟରୁ ଅନେକେ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଚଳାଇ ନପାରି ଇଂଲଣ୍ଡ, କାନାଡ଼ା, ଅଷ୍ଟ୍ରେଲିଆ ଚାଲିଗଲେ ।

Digitized by srujanika@gmail.com

ସ୍ୱାଧୀନତା ପୂର୍ବରୁ ଓ ପରେ ମଧ୍ୟ ୧୯୫୦ ମସିହା ପର୍ଯ୍ୟନ୍ତ ଇଂରେଜ ଓ ଆଙ୍ଗଲୋଇଣ୍ଡିଆନମାନଙ୍କର ଖୋର୍ଦ୍ଧାରୋଡ଼ ଥିଲା ଏକ ବଡ଼ କେନ୍ଦ୍ରସ୍ଥଳ । ସେମାନଙ୍କ ମଧ୍ୟରୁ ଅନେକେ କାର୍ଯ୍ୟ କରୁଥିଲେ-ଇଂଜିନିୟର, ଡ୍ରାଇଭର, ଇନସ୍ପେକ୍ଟର ମେକାନିକ୍, ଗାର୍ଡ଼ ଭାବରେ । ସେମାନଙ୍କ ମଧ୍ୟରେ ସାମାଜିକ ଆଦାନ ପ୍ରଦାନ , ଶୃଙ୍ଖଳା ଓ ଭାବଗତ ଐକ୍ୟ ଥିଲା ଅନୁକରଣ କଲାଭଳି । ବଡ଼ଦିନ ଓ ନବବର୍ଷ ଖୁବ୍ ଧୁମଧାମରେ ପାଳିତ ହେଉଥିଲା । ଏଠାରେ ସେମାନଙ୍କ ପାଇଁ ସାଉଥ ଇନଷ୍ଟିଚ୍ୟୁଟ ସ୍ୱତନ୍ତ୍ର ଭାବରେ ନିର୍ମିତ ହୋଇଥିଲା ମନୋରଞ୍ଜନ ଓ ଅବସର ବିନୋଦନ କେନ୍ଦ୍ରଭାବରେ । ଏଠାର ବିଲିଅର୍ଡ଼, ଟେବୁଲ ଟେନିସ୍, ଟେନିସ ଖେଳ ପ୍ରତିଦିନ ହେଉଥିଲା ଏବଂ ବଲଡ଼ାନସ୍ ପାଇଁ ବ୍ୟବସ୍ଥା ଥିଲା । ଦକ୍ଷିଣ କଲୋନୀରେ ଇଂରେଜ, ଆଙ୍ଗଲୋଇଣ୍ଡିଆନ ଓ ଖ୍ରୀଷ୍ଟିଆନମାନେ ଅଧିକ ସଂଖ୍ୟାରେ ଥିବାରୁ ଏବଂ ମେମ ସାହେବମାନେ ସନ୍ଧ୍ୟାରେ ହାଓ୍ୱାଖାଇବାପାଇଁ ବାହାରୁଥିବାରୁ ୧୯୩୯ ପର୍ଯ୍ୟନ୍ତ ବାରିକ, ଗଉଡ଼, ଧୋବା ପ୍ରଭୃତି ଛାଡ଼ି ଅନ୍ୟମାନଙ୍କ ପ୍ରବେଶ ନିଷେଧ ଥିଲା ଏହି ଅଞ୍ଚଳକୁ । ଏହି ଅଞ୍ଚଳରେ ସେମାନଙ୍କ ଧର୍ମୀୟ ଆବଶ୍ୟକତା ମେଣ୍ଟାଇବା ପାଇଁ ଦୁଇଟି ଗୀର୍ଜା ଗଢ଼ି ଉଠିଥିଲା ଏବଂ ଗୋଟିଏ ଇଂରାଜୀ ମାଧ୍ୟମରେ ପ୍ରାଥମିକ ସ୍ତରରେ ପଢ଼ିବା ପାଇଁ ବିଦ୍ୟାଳୟ ମଧ୍ୟ ଥିଲା । ଇଂରେଜ ଓ ଆଙ୍ଗଲୋଇଣ୍ଡିଆନ୍ ମାନଙ୍କର ଏଇ ଛୋଟ ସହରର ଚେହେରା ଏବେ ବହୁତ ବଦଳି ଗଲାଣି, ଚର୍ଚ୍ଚଗୁଡ଼ିକର ଆଦର କମିଗଲାଣି ଏବଂ ବଡ଼ଦିନ ଓ ନବବର୍ଷ ଧୁମଧାମରେ ଏବେ ପାଳିତ ହେଉଥିଲେ ବି ସାରା ଓଡ଼ିଶାର ରସିକ ଲୋକ ଆଉ ଆସୁନାହାନ୍ତି ଆଗପରି । ଜଟଣୀର ରେଳବାଇ କଲୋନୀ ବୁଲି ଆସିଲେ ଅବକ୍ଷୟର ଦିଗଟି ସୁସ୍ପଷ୍ଟ ହୋଇଉଠେ ଆଖି ଆଗରେ ।

ପୂର୍ବରୁ ଖୋର୍ଦ୍ଧାରୋଡ଼କୁ ଆସିବା ପାଇଁ ମୋତେ ସୁଯୋଗ ମିଳିଥିଲେ ହେଁ ଏଠାରେ ଲେଖାପଢ଼ାର ସୁବିଧା ନ ଥିବାରୁ ମୁଁ ଆସି ନଥିଲି । କିନ୍ତୁ ୧୯୭୩ ମସିହା ଶେଷାର୍ଦ୍ଧରେ ଯେତେବେଳେ ଡ଼ିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ଭାବରେ ନିଯୁକ୍ତି ହେଲି ଆଉ ମନା ନକରି କାର୍ଯ୍ୟରେ ଯୋଗ ଦେଲି । ଖୋର୍ଦ୍ଧାରୋଡ଼ରେ ପହଞ୍ଚିବା କ୍ଷଣି ଏଠାରେ ଥିବା ଅଭାବ ଅସୁବିଧାଗୁଡ଼ିକ ମୋ ଆଖିରେ ପଡ଼ିଲା । ବଡ଼ ଅସୁବିଧା ହେଲା ଭଲ ସ୍କୁଲ ଗୋଟିଏ ହେଲେ ନଥିଲା । କଲେଜ ମଧ୍ୟ ନଥିଲା । ରେଳବାଇ ଏକ ସର୍ବଭାରତୀୟ ସଂସ୍ଥା; ସବୁ ଭାଷାଭାଷୀ ଓ ଅଞ୍ଚଳର ଲୋକ କାମ କରନ୍ତି ଏଠାରେ । ସେମାନଙ୍କର ପୁଅଝିଅ ଇଂରାଜୀ ଓ ହିନ୍ଦୀ ମାଧ୍ୟମରେ ପଢ଼ିବାକୁ ଚାହିଁବା ସ୍ୱାଭାବିକ । ତେଣୁ ଯେଉଁ ଅଣଓଡ଼ିଆ କର୍ମଚାରୀ ଓ ଅଫିସର ଆସୁଥିଲେ ସେମାନଙ୍କର ମନ ନଥିଲା ଏଠାରେ ରହିବା ପାଇଁ । ଭୁବନେଶ୍ୱରରେ ସ୍କୁଲ କଲେଜ ଥିଲେ ମଧ୍ୟ ଦୈନିକ ଯିବା ଆସିବା କରିବା ପାଇଁ ବିଶେଷ ସୁବିଧା ନ ଥିଲା । ଦିନେ କଥା ପ୍ରସଙ୍ଗରେ ଭୁବନେଶ୍ୱରକୁ ଆସିଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସହକାରୀ କମିଶନର ଖାନ୍ନା ସାହେବ ମୋତେ କହିଲେ- ଆପଣ ଚାହିଁଲେ ଏଠାରେ କେନ୍ଦ୍ରୀୟ

Digitized by srujanika@gmail.com

ବିଦ୍ୟାଳୟ ଖୋଲାଯାଇ ପାରିବ । ମୁଁ ଉତ୍ସାହିତ ହେଲି ଏବଂ ତାଙ୍କ ଉପଦେଶ ମନେ ରଖିଲି । ଛଟଣାରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ସେ କେତେ ସର୍ତ୍ତ ରଖିଲେ ।

ସେ ଆହୁରି କହିଲେ ଯେ ଦଶ ଏକର ଜମି ମାଗଣାରେ ଯୋଗାଇ ଦେବାକୁ ହେବ ଏବଂ ସ୍କୁଲଗୃହ ଏବଂ କ୍ୱାର୍ଟର ତିଆରି ନ ହେବା ପର୍ଯ୍ୟନ୍ତ ରେଳବାଇ ପକ୍ଷରୁ ଅସ୍ଥାୟୀ ଭାବରେ ଘର ଯୋଗାଇ ଦିଆଯିବ । ସେତେବେଳେ ଖୋର୍ଦ୍ଧା ରୋଡ଼ରେ ଗୋଟିଏ ଇଂରାଜୀ ସ୍କୁଲଥିଲା ଏବଂ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ସେଠାରେ ପଢ଼ିବାର ବ୍ୟବସ୍ଥା ଥିଲା । ଏହି ସ୍କୁଲ ବନ୍ଦ କଲେ ସେଇ ଘର ଦିଆଯାଇ ପାରିବ, ତିନିଚାରୋଟି କ୍ୱାର୍ଟର ଦବା ମଧ୍ୟ କଷ୍ଟକର ବିଷୟ ନ ଥିଲା । କିନ୍ତୁ ସ୍କୁଲ ବନ୍ଦ କରିବା ଓ ଜମି ଦବାର କ୍ଷମତା ମୋର ନଥିଲା । ହେଡ଼ଅଫିସରେ କାହାକୁ ନଜଣାଇ ମୁଁ ଗୋଟେ ପ୍ରସ୍ତାବ ପଠାଇ ଦେଲି ଦିଲ୍ଲୀରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର କମିଶନରଙ୍କ ପାଖକୁ । ପୁରୀ ସାହେବ ସେତେବେଳେ କମିଶନର ଥିଲେ । ସେ ଗସ୍ତପକାଇ ଭୁବନେଶ୍ୱର ଆସିଲେ ଏବଂ ମୁଁ ତାଙ୍କୁ ପ୍ରାତଃଭୋଜନ ପାଇଁ ନିମନ୍ତ୍ରଣ କଲି । ଆଲୋଚନା ହେଲା ଏବଂ ତାଙ୍କ ପରାମର୍ଶ ଅନୁସାରେ ଉପରୋକ୍ତ ସବୁ ସୁବିଧା ଯୋଗାଇ ଦେବା ପାଇଁ ମୁଁ ରାଜି ହେଲି । ତାଙ୍କୁ ସେଇ ମର୍ମରେ ଚିଠି ଦେବା ବେଳେ ତଳେ ଫୁଟନୋଟରେ ଲେଖିଦେଲି ଯେ- ଏହା ଉପରିସ୍ଥ ପ୍ରଶାସନିକ ଅନୁମୋଦନ ସାପେକ୍ଷ । ପୁରୀ ସାହେବ ମୋତେ ଆଶ୍ୱାସନା ଦେଇ କହିଲେ-ଖୋର୍ଦ୍ଧାରୋଡ଼ରେ ନିଶ୍ଚିତଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପିତ ହେବ, କିନ୍ତୁ ରାଜନୈତିକ ଚାପ ପ୍ରୟୋଗ କଲେ ଆହୁରି ଶୀଘ୍ର ଓ ସହଜ ହେବ ଏ କାମ । ନୁରୁଲ ହାସନ ସେତେବେଳେ କେନ୍ଦ୍ରର ଶିକ୍ଷାମନ୍ତ୍ରୀ ।

ପ୍ରସ୍ତାବ କଲିକତା ହେଡ଼କ୍ୱାର୍ଟରରେ ପହଞ୍ଚିବା କ୍ଷଣି ଯେପରି ପ୍ରତିକ୍ରିୟା ହେବବୋଲି ମୁଁ ଆଶା କରିଥିଲି ଠିକ୍ ସେହିପରି ହେଲା । ଚିଫ ପାର୍ସୋନେଲ ଅଫିସର ଆଦୌ ରାଜି ହେଲେ ନାହିଁ ଏ ସମ୍ବନ୍ଧରେ ବୋର୍ଡ଼କୁ ଲେଖିବା ପାଇଁ । ସେ କହିଲେ, ଏ ପ୍ରସ୍ତାବକୁ ଆଙ୍ଗଲୋଇଣ୍ଡିଆନ୍ ଓ ଖ୍ରୀଷ୍ଟିଆନମାନେ ବିରୋଧ କରିବେ । ସେମାନଙ୍କର ଇଂରାଜୀ ମାଧ୍ୟମ ସ୍କୁଲ ବନ୍ଦ କରିବା ଅନ୍ୟାୟ ହେବ । ଆଉ ଏସବୁ ବିଚାରକୁ ନ ନେଇ ତମେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ଏପରି ପ୍ରସ୍ତାବ ଦେବା ଠିକ୍ ହୋଇ ନାହିଁ । ମୁଁ ହତୋତ୍ସାହ ନ ହୋଇ ଗୋଟିଏ ଜିଦରେ ଲାଗିଗଲି କାମରେ । ଜେନେରାଲ ମ୍ୟାନେଜର ମାନୁଏଲ ମ୍ୟାନେଜସିଙ୍କୁ କହିଲି । ସେ ନିଜେ ଗୋଆନିଜ କାଥୋଲିକ୍ ଖ୍ରୀଷ୍ଟିଆନ । ସେ ମୋ ପକ୍ଷ ସମର୍ଥନ କରି କହିଲେ- ତମେ ଗୋଟେ ଭଲ ପ୍ରସ୍ତାବ ଦେଇଛ, ମୁଁ ରେଳବାଇ ବୋର୍ଡ଼କୁ ପ୍ରବର୍ତ୍ତାଇବି ଏ ପ୍ରସ୍ତାବ ଗ୍ରହଣ କରିବା ପାଇଁ । ମୁଁ କଲିକତାରୁ ଫେରି ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ଦେଖାକରି ସବୁ କହିଲି । ସେ ଦିଲ୍ଲୀ ଗଲାବେଳେ ଗୋଟେ ନୋଟ ବି ଦେଲି । କିନ୍ତୁ ସେତିକିରେ ସନ୍ତୁଷ୍ଟ ନ ହୋଇ ଦିନେ ରାଜ୍ୟପାଳ ଆକବର ଅଲ୍ଲୀ ଖାଁଙ୍କୁ ରାଜଭବନରେ

Digitized by srujanika@gmail.com

ସାକ୍ଷାତ କଲି । ମୋ ପ୍ରସ୍ତାବ ଶୁଣି ସେ ଦିଲ୍ଲୀଗସ୍ତ ଠିକ୍ କରି ମୋ ଠାରୁ ନୋଟିଏ ନେଲେ । ଦିଲ୍ଲୀରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୁରୁଲ ହାସନଙ୍କୁ କହିଥିଲେ । ରାଜ୍ୟପାଳ ଆକବର ଅଲ୍ଲୀ ଖାଁ କିଛୁ ଆହୁରି ପାଦେ ଆଗେଇଲେ । ସେ ଶିକ୍ଷାମନ୍ତ୍ରୀଙ୍କୁ କହିଲେ ଯେ, ଏ ପ୍ରସ୍ତାବ ମଞ୍ଜୁର ନ ହେବାଯାଏ ସେ ଓଡ଼ିଶାଭବନ ଛାଡ଼ି ଭୁବନେଶ୍ୱର ଫେରିବେ ନାହିଁ । ଦୁଇ ତିନିଦିନ ମଧ୍ୟରେ ଖୋର୍ଦ୍ଧାରୋଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ମଞ୍ଜୁରୀ ମିଳିଗଲା । ଆକରବର ଅଲ୍ଲୀ ଖାଁ ଦିଲ୍ଲୀରୁ ଫେରି ମୋତେ ଓ ଗୀତାଙ୍କୁ ଡ଼ାକି ପଠାଇ କହିଲେ- ତମ କାମ ମୁଁ କରିଛି । ଏବେ ତମେ ମୋ କାମ କର । କୁଷ୍ଠରୋଗ ବ୍ୟାପୁଛି । ଏହା ଅସାଧ୍ୟ ରୋଗ ନୁହେଁ । କିନ୍ତୁ ଯେଉଁମାନେ ଏ ରୋଗ ଭୋଗୁଛନ୍ତି ସେମାନେ ଲାଞ୍ଛିତ ଓ ଉପେକ୍ଷିତ । ସେମାନଙ୍କ ପାଇଁ କିଛି କର । ଗୀତା କହିଲେ- ରାଜ୍ୟପାଳଙ୍କ ଇଚ୍ଛା ପୂର୍ଣ୍ଣ ହେବ । ଭାରତୀୟ ଦିବ୍ୟଜୀବନ ସଂଘ ଓ ରେଳବାଇ ମହିଳା ସମିତିର ମିଳିତ ଉଦ୍ୟମରେ କୁଷ୍ଠରୋଗୀମାନଙ୍କ ନିମନ୍ତେ ଏକ ଚିକିତ୍ସାକେନ୍ଦ୍ର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଗଲା । ରେଳବାଇ ଜାଗା ଯୋଗାଇଦେବା ପାଇଁ ମଧ୍ୟ ରାଜି ହେଲେ । ଆକବର ଅଲ୍ଲୀ ଖାଁ ଆମକୁ ଆଶୀର୍ବାଦ କରି କହିଲେ- ଈଶ୍ୱର ତମ ଦୁହିଁଙ୍କୁ ଶକ୍ତି ଦିଅନ୍ତୁ, ତମେ ଯଶସ୍ୱୀ ହୁଅ ।

କହିବା ବାହୁଲ୍ୟ ଇଂରାଜୀ ସ୍କୁଲ ବନ୍ଦକରି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପିତ ହେଲା ଜଟଣୀରେ । ରେଡଙ୍ଗ କଲୋନୀରେ ସ୍କୁଲର ସ୍ଥାୟୀ ଗୃହ ନିର୍ମିତ ହେଲା । ସେଇ ପୁରୁଣା ଅସୁବିଧା ଦୂର ହେଲା । ଶୁଭମୁହୂର୍ତ୍ତ ସବୁବେଳେ ଆସେନାହିଁ; ଯେତେବେଳେ ଆସେ ତାହା ଉପଯୋଗ କରିବାହିଁ ବାହାଦୁରୀ ଓ ସଫଳତା । କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ସହିତ ମୋର ସମ୍ପର୍କ ଭଲଥିଲା । ତେଣୁ ପରେ ପରେ ରାଉରକେଲା, ଝାରସୁଗୁଡ଼ା, ମହେଶ୍ୱର, ଚକ୍ରଧରପୁର ଓ ଆଦ୍ରାଠାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ସହଜ ହେଲା । ଆଜି ଏସବୁ ଅନୁଷ୍ଠାନ ଦେଖିଲେ ମନକୁ ଏକ ଅପୂର୍ବ ପ୍ରସନ୍ନତା ଆଚ୍ଛନ୍ନ କରି ରଖେ ।

Digitized by srujanika@gmail.com

ସମସ୍ତଙ୍କର ଶୁଭ ହେଉ

ଭଲ କାମଟିଏ କରିବା ପାଇଁ ସଙ୍କଳ୍ପ ନେଲେ ଭଲ ଫଳ ହିଁ ଫଳେ । ମନ୍ଦ ହୁଏନାହିଁ । କିନ୍ତୁ ଖାଲି ସଂକଳ୍ପ କଲେ ଯଦି ସବୁ ଭଲ କାମ ହୋଇଯାଆନ୍ତା ତାହେଲେ ଏତେ ସାଧ୍ୟସାଧନା କରିବାକୁ ପଡ଼ନ୍ତା ନାହିଁ । ତେଣୁ ମନରେ କିଛି କରିବା ପାଇଁ ଇଚ୍ଛା ହେବା କ୍ଷଣି ସେହି ଇଚ୍ଛାକୁ ଜାଗ୍ରତ କରି ରଖିବା ପାଇଁ ସଂକଳ୍ପ କରାଯାଏ ଏବଂ କର୍ମକ୍ଷେତ୍ରକୁ ଲକ୍ଷ୍ୟ ପ୍ରଦାନ କରିବାକୁ ହୁଏ । ମଣିଷ ମନରେ ଅନେକ ଉତ୍ତମ ଚିନ୍ତା ଜନ୍ମନିଏ । କିନ୍ତୁ ସାଧନା ଅଭାବରୁ ତାହା ଫଳବତୀ ହୁଏନାହିଁ । ସଂକଳ୍ପ ପରେ ସାଧନାରେ ଲାଗି ରହିବା ହେଉଛି କାମିକା ମଣିଷର ପରିଚୟ । ଶ୍ରୀମା କହିଥିଲେ ଯେ- ସେହିମାନେ ହିଁ ଧନ୍ୟ ଯେଉଁମାନେ ଭବିଷ୍ୟତକୁ ଲକ୍ଷ୍ୟ ପ୍ରଦାନ କରନ୍ତି । ଚନ୍ଦ୍ରପୃଷ୍ଠରେ ଓହ୍ଲାଇବା ପାଇଁ କେତେ ବର୍ଷଧରି ଗବେଷଣା କରା ନଯାଇଛି । ଶେଷରେ ଦିନେ ଯେତେବେଳେ ସବୁ କଳ୍ପନାକୁ ବାସ୍ତବରେ ରୂପାନ୍ତରୀତ କରି ଆରମଷ୍ଟ୍ରଙ୍ଗ ଜୋନ ଚନ୍ଦ୍ର ପୃଷ୍ଠରେ ପାଦରଖି କହିଉଠିଲେ- 'ମୋ ପକ୍ଷରେ ଏହା ଏକ କ୍ଷୁଦ୍ର ପଦପାତ' । କିନ୍ତୁ ମାନବଜାତି ପାଇଁ ଏହା ଏକ ବିରାଟ ଲଂଫ । କିନ୍ତୁ ଭଲ ଚିନ୍ତା ମନକୁ ଆଚ୍ଛନ୍ନ କରି ରଖିଲେ ମଣିଷ କେବଳ ଭଲ ହୁଏନାହିଁ, ସେଇ ଚିନ୍ତାରୁ କିଛି କିଛି କାର୍ଯ୍ୟରେ ରୂପାନ୍ତରିତ ହୋଇ ଜଗତ ଓ ଜୀବନକୁ ଆହୁରି ସୁଦୃଢ଼ ଓ ସତେଜ କରେ ।

ଜଟଣୀରେ ଆମେ ୧୯୭୩ ମସିହା ଶେଷରେ ପହଞ୍ଚିବା ପରେ ଅନୁଭବ କଲୁ ଯେ, ବାସ୍ତବ ଅଭାବ ଅପେକ୍ଷା ମନର ଅଭାବ ବେଶି । ଚିନ୍ତାର ଅଭାବ ଓ ସଂକଳ୍ପର ଅଭାବ । ଏହା ସାଙ୍ଗକୁ ଉପକୂଳ ଅଞ୍ଚଳର 'ପଖାଳଖିଆ ନିଦ' ଓ 'କିଛି ହେବନାହିଁ'ର ବିକାର ଗ୍ରସ୍ତ ଦୃଷ୍ଟିକୋଣ । ମହିଳାମାନେ ଯେ, ଆମ୍ ସମାଜର କ୍ରମବର୍ଦ୍ଧିଷ୍ଣୁ ଶକ୍ତିର ମୂଳ - ଧାରା ଏହା ସହଜରେ କେହି ବିଶ୍ୱାସ କରନ୍ତି ନାହିଁ । ଏଇ ଧାରଣା ଗ୍ରହଣ କରିବାକୁ ମଧ୍ୟ ପ୍ରସ୍ତୁତ ନୁହଁନ୍ତି । ପୁରୁଷ ପ୍ରଧାନ ସମାଜରେ ଧରି ନିଆଯାଇଛି ଯେ, ମହିଳାମାନେ ପୁରୁଷମାନଙ୍କର ସୁଖ ଓ ସଂଭୋଗର ସାମଗ୍ରୀ । ପରିବାରର ଦାୟିତ୍ୱ ସେମାନଙ୍କ ଉପରେ ଏବଂ ସନ୍ତାନ ଉତ୍ପାଦନ,

Digitized by srujanika@gmail.com

ଲାଳନ, ପାଳନ, ସ୍ୱାମୀ ଓ ଗୁରୁଜନ ସେବା ସେମାନଙ୍କର ପ୍ରଥମ ଓ ପ୍ରଧାନ କାମ । କିନ୍ତୁ ସନ୍ତାନ ଓ ସ୍ୱାମୀମାନେ ସ୍କୁଲ ଓ କର୍ମକ୍ଷେତ୍ରକୁ ଗଲେ ସେମାନେ ଯେ, କିଛି ସମୟ ବିଶ୍ରାମ ପରେ ଅକାରଣରେ ବସି ରହନ୍ତି ଏବଂ ସେଇ ଅକାରଣରେ ଯାଉଥିବା ସମୟ ରଚନାତ୍ମକ କାର୍ଯ୍ୟର ଉପଯୋଗ କଲେ, ସେମାନେ ମଧ୍ୟ କିଛି ଉପାର୍ଜନ କରିପାରନ୍ତି ଏହା ଅନେକଙ୍କର ଧାରଣା ନଥିଲା । ରେଳବାଇ କଲୋନୀର କୌଣସି ସକ୍ରିୟ ସଂସ୍ଥା ନଥିଲା । ମହିଳା ମାନଙ୍କ ସ୍ୱାର୍ଥ ଓ ସୁଖ ସୁବିଧା ସମ୍ବନ୍ଧରେ କାର୍ଯ୍ୟ କରିବା ପାଇଁ । ସେମାନଙ୍କ ସଂଖ୍ୟା ସମାଜର ଲୋକସଂଖ୍ୟାର ଅଧେ । ସଂବିଧାନ ଅନୁସାରେ ପୁରୁଷମାନଙ୍କ ପରି ସେମାନଙ୍କର ସବୁ ମୌଳିକ ଅଧିକାର ରହିଛି, କିନ୍ତୁ ତଥାପି ସେମାନେ ନିଜର କର୍ମ ଆଦରି ସବୁ ଦୁଃଖକଷ୍ଟ ଭୋଗ କରନ୍ତି । ଭାଗବତରେ ଜଗନ୍ନାଥ ଦାସ ଲେଖିଛନ୍ତି ଯେ- 'କର୍ମ କଷଣେ ଦେହ ସହେ, ଅରଣ୍ୟେ ଅଜଗର ପ୍ରାୟେ' । ନାରୀମାନଙ୍କ ଦଶା ଓ ଦୁର୍ଦ୍ଦଶା ମଧ୍ୟ ଠିକ୍ ସେହିପରି ।

ଜଟଣୀରେ ମହିଳା ସମିତିଟିଏ ଥିଲା, କିନ୍ତୁ ନେତୃତ୍ୱ ଅଭାବରୁ କିଛି କାମ ହେଉ ନଥିଲା । ବିଭିନ୍ନ ଉପାୟ ଚିନ୍ତାକଲି ଶେଷରେ ମହିଳା ସମିତିର ସଂପ୍ରସାରଣ କରିବା ପାଇଁ ସ୍ଥିର କଲୁ । ଅନେକ ଉତ୍ସାହ ସହିତ ନୂତନ ସଭ୍ୟା ହେଲେ । ସେମାନଙ୍କୁ ସିଲେଇ କାମ, ଖେଳଣା ଓ ଅନ୍ୟାନ୍ୟ ଉପକରଣ ତିଆରି କାମ ଶିକ୍ଷା ଦବାଲାଗି ବ୍ୟବସ୍ଥା କରାଗଲା । ସେମାନେ ସଂଗଠିତ ହୋଇ କାର୍ଯ୍ୟ କରିବାରୁ ସେମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ହେଲା ଏବଂ ଅଳ୍ପ ସମୟ ମଧ୍ୟରେ ସେମାନେ ଅନ୍ୟାୟର ପ୍ରତିବାଦ କରିଶିଖିଲେ । ପୁରୁଷମାନଙ୍କର ସୌରାଚାର ଓ ମଦ୍ୟପ ସ୍ୱାମୀମାନଙ୍କର ଅତ୍ୟାଚାର ବିରୁଦ୍ଧରେ ସଂଘବଦ୍ଧ ହେଲେ । ପ୍ରଶାସନ ପକ୍ଷରୁ ସେମାନଙ୍କୁ ନୈତିକ ସମର୍ଥନ ଦିଆଗଲା ଏବଂ ଆତ୍ମନିର୍ଭରଶୀଳ ହେବା ପାଇଁ ଉତ୍ସାହିତ କରାଗଲା । ପରିବାର ନିଯୋଜନ ପ୍ରଭୃତି କାର୍ଯ୍ୟରେ ସେମାନେ ଉତ୍ସାହର ସହିତ ଯୋଗ ଦେଲେ ।

ଦିନେ ଜଟଣୀ ବ୍ଲକ ପରିଦର୍ଶନ କରିବା ପାଇଁ ଗ୍ରାମଗୋଷ୍ଠୀ ବିଭାଗର ମନ୍ତ୍ରୀ ମୋହନ ନାୟକ ଆସିଥିଲେ । ଗୋଟିଏ ସଭାରେ ଗ୍ରାମ୍ୟଗୋଷ୍ଠୀ ଯୋଜନାର ବିପୁଳତା ସଂପର୍କରେ ଉଲ୍ଲେଖ କରି କହିଲେ ଯେ, ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ଗୁଣ୍ଡଦୁଧ ଅସାଧୁ ଉପାୟରେ ବିକ୍ରି କରାଯାଉଛି । ମହିଳାସମିତିମାନଙ୍କୁ ଦିଆଯାଇଥିବା ସିଲେଇ କଳ ସରପଞ୍ଚ ବା ଅନ୍ୟକେହି ନିଜସ୍ୱ ସମ୍ପତ୍ତି କରି ନେଉଛନ୍ତି । ମୁଁ ତାଙ୍କୁ କହିଲି ରେଳବାଇରେ ମହିଳା ସମିତି ମାନଙ୍କରେ ଯଦି ଏତେ ଭଲ କାର୍ଯ୍ୟ କରାଯାଇ ପାରୁଛି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଗୋଷ୍ଠୀ ବିଭାଗ ଅଧୀନରେ ବେଶି କାର୍ଯ୍ୟ କରାଯାଇ ପାରିବ । କିନ୍ତୁ ଏଥିପାଇଁ ଯେଉଁମାନଙ୍କ ଉପରେ ଦାୟିତ୍ୱ ଦିଆଯାଇଛି ସେମାନଙ୍କର ପ୍ରତିବଦ୍ଧତା

Digitized by srujanika@gmail.com

ରହିବା ଦରକାର । କେବଳ ଆଦେଶ ଦେଇ ଫଳ ପାଇବାର ଆଶା କରିବା ବିଡ଼ମ୍ବନାରେ ପରିଣତ ହେବ । ସେ ଖୁସିହେଲେ ଯେ, ଏପରି କାମ ହୁଏ ଏବଂ ଏହି କାର୍ଯ୍ୟ ଯେଉଁମାନଙ୍କ ଦାୟିତ୍ୱରେ ହୁଏ ସେମାନଙ୍କର କାର୍ଯ୍ୟର ସାମୟିକ ସମୀକ୍ଷା କରାଯାଏ ଏବଂ ଦୋଷ ଦୁର୍ବଳତା ଦୂର କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଏ ।

ରେଳବାଇ ମହିଳା ସମିତି ମାନଙ୍କର ନିଜସ୍ୱ ପାଣ୍ଠି ଅଛି । ସେମାନେ ପ୍ରଦର୍ଶନୀ, ଉତ୍ପାଦିତ ସାମଗ୍ରୀ ବିକ୍ରୟ ଓ ଅନ୍ୟାନ୍ୟ ଉପାୟ ଦ୍ୱାରା ଯାହା ଆୟ କରନ୍ତି ସେସବୁ ସମିତି ପାଣ୍ଠିରେ ଗଚ୍ଛିତ ହୁଏ । ଏହି ପାଣ୍ଠିର ହିସାବ ମଧ୍ୟେ ମଧ୍ୟେ ସମୀକ୍ଷକଙ୍କ ଦ୍ୱାରା ତନଖି କରାଯାଏ । ଏହି ପାଣ୍ଠିରୁ ସେମାନେ ୧୯୮୨ ମସିହା ବନ୍ୟାପାଣ୍ଠିକୁ ଦଶ ହଜାରଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ନନ୍ଦିନୀ ଦେବୀଙ୍କ ହାତରେ ଦେଇଥିଲେ, ଆନ୍ଧ୍ରପ୍ରଦେଶ ବନ୍ୟାପାଣ୍ଠିକୁ ଓ ପଶ୍ଚିମ ବଙ୍ଗ ବନ୍ୟା ପାଣ୍ଠିକୁ ଅନୁରୂପ ସାହାଯ୍ୟ ଦେଇଥିଲେ । ସେମାନଙ୍କ ମଧ୍ୟରେ ସେଚେତନତାର ବିକାଶ ଘଟିବାରୁ ପରିବାର ନିୟୋଜନ ଯୋଜନା ସହିତ ଜନ୍ମ ନିୟନ୍ତ୍ରଣ ବ୍ୟବସ୍ଥା ବେଶ୍ ଫଳବତୀ ହୋଇ ପାରିଥିଲା ଏବଂ କେତେକ ସ୍ଥାନରେ ପୁରୁଷମାନଙ୍କ ବିରୋଧ ସତ୍ତ୍ୱେ ମହିଳାମାନେ ସ୍ୱତଃ ପ୍ରବୃତ୍ତ ହୋଇ ଗର୍ଭ ନିରୋଧ ବ୍ୟବସ୍ଥାମାନ ଅବଲମ୍ବନ କରିଥିଲେ । କୁଷ୍ଠରୋଗୀମାନଙ୍କ ପାଇଁ ଚିକିତ୍ସାକେନ୍ଦ୍ର ପ୍ରତିଷ୍ଠିତ ହେଲା, କଲେଜ ମଧ୍ୟ ଖୋଲିଲା ଏବଂ ଏଥିରେ ମହିଳାମାନଙ୍କର ଅବଦାନ ଉଲ୍ଲେଖ ଯୋଗ୍ୟ କିନ୍ତୁ ଅନେକ କହିଲେ ଯେ, ଯେଉଁମାନେ ରାସ୍ତାକଡ଼, ଷ୍ଟେସନ ସବୁରେ କାମ କରନ୍ତି ସେମାନଙ୍କ କନ୍ୟାମାନେ ଉଚ୍ଚଶିକ୍ଷା ପାଇବା ସୁଯୋଗରୁ ବଂଚିତ । କାରଣ ହଷ୍ଟେଲରେ ସ୍ଥାନ ମିଳୁନି ରହିବା ପାଇଁ । ଅନ୍ୟବ୍ୟବସ୍ଥା ନାହିଁ । ଗୀତା କହିଲେ କଟକରେ ରେଭେନସା କଲେଜ ନିକଟରେ ଛାତ୍ରୀନିବାସଟିଏ ଖୋଲିଲେ ଏ ଅଭାବ ଅନେକ ପରିମାଣରେ ଦୂରହୁଅନ୍ତା । ଶୁଭ ଚିନ୍ତା ସହିତ ଶୁଭ ସଂକଳ୍ପ ଆରମ୍ଭ ହେଲା । ବହୁଚେଷ୍ଟା କରିବା ପରେ ରେଳବାଇ ପ୍ରଶାସନ ରାଜିହେଲେ କଟକରେ ଗୋଟିଏ ଗୋଦାମ ଘର ଛାଡ଼ିଦେବା ପାଇଁ । ଏହି ଗୋଦାମ ଘରର ଆବଶ୍ୟକୀୟ ମରାମତି ଓ ପରିବର୍ତ୍ତନ କରି ଏଥିରେ ପ୍ରଥମ ପର୍ଯ୍ୟାୟରେ ପଚିଶ ଜଣ ଛାତ୍ରୀ ରହିବା ଲାଗି ବ୍ୟବସ୍ଥା କରାଗଲା । ଆବଶ୍ୟକୀୟ ଖଟ, ରାନ୍ଧିବା ଉପକରଣ, ମହିଳା ଓ୍ୱାର୍ଡେନ୍‌ଙ୍କ ଦରମା, ପ୍ରଭୃତି ମହିଳା ସମିତି ପାଣ୍ଠିରୁ ଦିଆଗଲା । ପରେ ଏଭଳି ଏକ ଉତ୍ତମ କାର୍ଯ୍ୟ ମହିଳାମାନଙ୍କର ପ୍ରଚେଷ୍ଟାରୁ ଆରମ୍ଭ ହୋଇଥିବା ଦେଖି ରେଳବାଇ ମନ୍ତ୍ରୀଙ୍କ କର୍ମଚାରୀ କଲ୍ୟାଣ ପାଣ୍ଠିରୁ ଲକ୍ଷେ ଟଙ୍କା ମଞ୍ଜୁର ହୋଇଥିଲା ଏବଂ କ୍ରମଶଃ ସରକାରୀ ସାହାଯ୍ୟ ମିଳିବାକୁ ଲାଗିଲା । ସେହିପରି ଆଉ ଗୋଟିଏ ହଷ୍ଟେଲ ଭୁବନେଶ୍ୱରରେ ଖୋଲିବା ଲାଗି ଚିନ୍ତାକରି ଶୁଭ କାର୍ଯ୍ୟ ଆରମ୍ଭ କଲାବେଳକୁ ଆମେ ବଦଳି ହୋଇ କଲିକତା ଚାଲିଗଲୁ ।

Digitized by srujanika@gmail.com

କିନ୍ତୁ ଏବେ ଛାତ୍ରୀମାନଙ୍କ ପାଇଁ ଖୋଲା ଯାଇଥିବା ହଷ୍ଟେଲ ଆହୁରି ସମ୍ପ୍ରସାରିତ ହୋଇଛି । ନୂଆ କୋଠା ତିଆରି ହୋଇଛି ।

ଏବେ ନାରୀ ଶିକ୍ଷାଉପରେ ପ୍ରସାଶସନ ଅଧିକ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ଏଥିପାଇଁ ସମର୍ପିତ ଉଦ୍ୟମ ଓ ପ୍ରତିବଦ୍ଧତା ନାହିଁ । କେବଳ ଭାଷଣ ଦ୍ୱାରା ସାଧୁଉଦ୍ୟମ ଫଳବତୀ ହୁଏ ନାହିଁ । ବୈତରଣୀ ବନ୍ୟାରେ ସର୍ବସ୍ୱାନ୍ତ ହୋଇଥିବା ପରିବାରମାନଙ୍କୁ ସାହାଯ୍ୟ ଓ ସାନ୍ତ୍ୱନା ଦେବା କାର୍ଯ୍ୟରେ ରେଙ୍ଗବାଇ ମହିଳା ସମିତିର ସଭ୍ୟମାନେ ଯେଉଁ ଦୃଷ୍ଟାନ୍ତ ଦେଖାଇଥିଲେ ସଚେତନତା ଓ ପ୍ରତିବଦ୍ଧତା ବିନା ତାହା ସମ୍ଭବ ହେବନାହିଁ ।

ନାରୀ ଅପୂରନ୍ତ ଶକ୍ତିର ପ୍ରତୀକ । ସେଥିପାଇଁ ଶୁମ୍ଭ ନିଶୁମ୍ଭ ନିହତ ହେବାପରେ ଦେବତାମାନେ ଯେତେବେଳେ ଦେବୀଙ୍କୁ ପ୍ରାର୍ଥନା କଲେ ସେତେବେଳେ ଦୁର୍ଗତି ନାଶିନୀ ଦେବୀ ପ୍ରସନ୍ନା ହୋଇ କହିଲେ ଏହିପରି ଯେତେବେଳେ ଅସୁରମାନଙ୍କ ପ୍ରାଦୁର୍ଭାବରୁ ବିଘ୍ନ ଘଟିବ, ସେତେବେଳେ ମୁଁ ଆବିର୍ଭୂତା ହୋଇ ଦେବଶତ୍ରୁ ଅସୁରମାନଙ୍କୁ ବିନାଶ କରିବି । ଲୋକ ଶକ୍ତି କେବଳ ପୁରୁଷ ଶକ୍ତି ନୁହେଁ, ନାରୀକୁ ବାଦ ଦେଇ ପୁରୁଷ କେତେ ଅସହାୟ ଓ ଅସମର୍ଥ ତା'ର ଭୂରି ଭୂରି ଦୃଷ୍ଟାନ୍ତ ଶାସ୍ତ୍ରପୁରାଣରେ ବିଦ୍ୟମାନ । ନାରୀ ଶକ୍ତିର ଅଭ୍ୟୁତ୍ଥାନ ଦ୍ୱାରାହିଁ ଭାରତ ପୁନଶ୍ଚ ବିଶ୍ୱରେ ନିଜର ସମ୍ମାନନୀୟ ଆସନ ଲାଭ କରିପାରିବ ।

Digitized by srujanika@gmail.com

ଚାକିରି ଚୋରି, ବଣିକ ମିଛ

୧୯୮୧ ମସିହା । ମୁଁ ଓଡ଼ିଶା ସରକାରଙ୍କ ଅଧୀନରେ ପରିବହନ ବିଭାଗରେ କମିଶନର ତଥା ସ୍ୱତନ୍ତ୍ର ସଚିବଭାବେ କାର୍ଯ୍ୟ କରୁଥାଏ । ମୋ ବଡ଼ ପୁଅ ସଂଜୀବ ମୋତେ ନକହି କେବେ ଦରଖାସ୍ତ କରିଥିଲା ଜାଳେଣୀ ଇନ୍ଧନ (ପେଟ୍ରୋଲିୟମ ଗ୍ୟାସ)ର ବଣ୍ଟନ ଦାୟିତ୍ୱ ନେବାପାଇଁ । ସେ ଚାକିରି କରିବାକୁ ଚାହୁଁ ନଥିଲା । ଭାଗ୍ୟକୁ ଏଲ.ପି.ଜି. ବଣ୍ଟନ ଦାୟିତ୍ୱ ସେ ପାଇଗଲା, ବାରିପଦା ସହର ପାଇଁ । ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ପଡ଼ିବ । ନାଗପୁରରେ ଅବସ୍ଥିତ ବିସ୍ଫୋରକ ଦ୍ରବ୍ୟର ଚିଫ୍ କମିଶନରଙ୍କ ଅଫିସ । ତାଙ୍କଠାରୁ ନିରାପତ୍ତା ସାର୍ଟିଫିକେଟ ନଆଣିଲେ ସର୍ତ୍ତ ପୂରଣ ହେବ ନାହିଁ କି ଗ୍ୟାସ ମିଳିବ ନାହିଁ । ସେ ପାଠ ପଢୁଥିଲା, ହଠାତ୍ ବ୍ୟବସାୟ ଲାଇନକୁ ଆସିଗଲା । ସେତିକି ବେଳେ ଉଚ୍ଚ ପଦବୀ ମଣ୍ଡନ କରୁଥିବା ଆଇ.ଏ.ଏସ୍. ଅଫିସର ଲୁଲୁପରିଜାଙ୍କ (ଏଇ.ଆଇ.ପରିଜା)ପୁଅ ମଧ୍ୟ ଇଣ୍ଡେନ ଏଲ.ପି.ଜି. ଗ୍ୟାସର ବଣ୍ଟନ ଦାୟିତ୍ୱ ପାଇଲେ । ସେ ଆଗରୁ ନାଗପୁର ଅଫିସରୁ ସେପ୍ରି ସାର୍ଟିଫିକେଟ ଆଣିଥିଲେ । ତାର ଅଭିଜ୍ଞତା ବର୍ଣ୍ଣନା କରି ତା ବାପା କିନ୍ତୁ କହିଲେ ଯେ ତାଙ୍କ ପୁଅକୁ ଅନେକ ହରକତ କଲେ । ଶେଷରେ ସେମାନଙ୍କୁ ସନ୍ତୁଷ୍ଟ କରି ସେ ସାର୍ଟିଫିକେଟ ନେଇ ଫେରିଲା । ସେ ଆହୁରି ବି କହିଲେ ଯେ ପୁଅକୁ ସାବଧାନ କରି ଦିଅନ୍ତୁ । ଯଥେଷ୍ଟ ଟଙ୍କା ନେଇଥିବ ସାଙ୍ଗରେ, ନ ହେଲେ ହଇରାଣ ହୋଇପାରେ ।

କିନ୍ତୁ ଶେଷରେ କେତେକ ଅସୁବିଧା ଯୋଗୁଁ ସେ ନାଗପୁର ନ ଯାଇ ମୁଁ ଗଲି । ନାଗପୁର ମୋର ପୁରୁଣା ଜାଗା । ଦୁଇ ବର୍ଷ ଥିଲି ସେଇ ସହରରେ । ସେଠାରେ ରେଳବାଇର ଡ଼ିଭିଜନ ଅଫିସ ଅଛି । ମୁଁ ସେଥିରେ ଚଳାଚଳ ବିଭାଗର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲି । ଏବେ ବି ବହୁ ପରିଚିତ ଲୋକ ଅଛନ୍ତି । ନାଗପୁର ମହାରାଷ୍ଟ୍ରର ଦ୍ୱିତୀୟ ବୃହତ୍ତମ ନଗର । ମହାରାଷ୍ଟ୍ରରେ ଅବସ୍ଥିତ ହେଲେ ମଧ୍ୟ ଏଠାରେ ଅଧିବାସୀମାନଙ୍କ ମଧ୍ୟରେ ଉଦାର ଦୃଷ୍ଟିକୋଣ, ଆଞ୍ଚଳିକତାର ଲେଶ ମାତ୍ର ନାହିଁ । ଅନେକ ଓଡ଼ିଆ ସ୍ଥାୟୀଭାବରେ ରହି ଯାଇଛନ୍ତି ଏଇ ସହରରେ । ଅଣ ଓଡ଼ିଆମାନଙ୍କ ସହିତ ବି ଆମର ସମ୍ପର୍କ ଥିଲା ଉତ୍ତମ । ଏଇ ସହରରେ ପ୍ରଖ୍ୟାତ ରଙ୍ଗମଞ୍ଚ 'ରଙ୍ଗାଳୟ'ରେ ଗୀତା ଦେବୀ ୧୯୬୭ ମସିହାରେ

Digitized by srujanika@gmail.com

ଓଡ଼ିଆ ନୃତ୍ୟଗୀତର ଆୟୋଜନ କରି ଓଡ଼ିଆ ସଂସ୍କୃତି ସହିତ ସହରବାସୀଙ୍କୁ ପରିଚିତ କରାଇଥିଲେ । ମୋ ଝିଅ ସୌମ୍ୟା ଓ ସୁଚେତାର ଓଡ଼ିଶୀ ନୃତ୍ୟର ଭୂରି ଭୂରି ପ୍ରଶଂସା ଶୁଣିବାକୁ ମିଳିଥିଲା ସେଦିନ ।

ମୁଁ ନାଗପୁରରେ ପହଞ୍ଚି ରେଳବାଇ ଗେଷ୍ଟ ହାଉସରେ ରହିଲି ଏବଂ ଅନ୍ୟ କାହାକୁ ନ କହି ଚିଫ୍ କମିଶନରଙ୍କ ଅଫିସକୁ ଗଲି । ସମୟ ଦଶଟା ହେବ । ସବୁ ବାବୁ ଓ ଅଫିସର ଏଯାଏ ଆସି ନଥାନ୍ତି । ଜଣେ ପିଅନ ଦଉଡ଼ି ଆସି ମୋତେ କହିଲା କଣ ପାଇଁ ଆସିଛ, କାହାକୁ ଖୋଜୁଛ ? ମୁଁ କହିଲି ଓଡ଼ିଶାରୁ ଆସିଛି... । ସେ ମୋତେ କହିଲା- ଏଠାରେ ନୁହେଁ, ମୋ ସହିତ ଆସ ମୁଁ ପରିଚୟ କରାଇଦେବି ବାବୁ ସହିତ । ସେ ମୋତେ ପଛ ପଟକୁ ନେଇ କାୟଲେ ବାବୁଙ୍କ ସହିତ ପରିଚୟ କରାଇ ଦେଲା । କାୟଲେ ବାବୁ ଓଡ଼ିଶା ଦାୟିତ୍ୱରେ । ମୁଁ ତାଙ୍କୁ ମୋ ଉଦ୍ଦେଶ୍ୟ ସମ୍ପର୍କରେ କହି ସହାୟତା ପାଇଁ ଅନୁରୋଧ ଜଣାଇଲି । ସେ କହିଲେ- ଆସନ୍ତୁ କ୍ୟାଣ୍ଟିନରେ ବସି ଆଲୋଚନା କରିବା । କ୍ୟାଣ୍ଟିନରେ ଚା' ବିସ୍କୁଟ ଖାଇଲୁ । ଆଲୋଚନା ବି କଲୁ । ସେ କହିଲେ- ଏଇଟା ସହଜ କାମ ନୁହେଁ । ପନ୍ଦର ଦିନ ଆଗରୁ ଆଉଜଣେ ଆସିଥିଲେ ତାଙ୍କ କାମ ହୋଇଯାଇଛି, ଆପଣଙ୍କ କାମ ବି ହେବ । ଦୁଇ ହଜାର ଟଙ୍କା ପଡ଼ିବ । ତାଛଡ଼ା ଆପଣ ଯୋଉ ସବୁ ଡ୍ରଇଂ ଆଣିଛନ୍ତି ସେସବୁ ଠିକ୍ ଭାବେ ପ୍ରସ୍ତୁତ କରାହୋଇନି । ତେବେ କିଛି ଚିନ୍ତା ନାହିଁ । ଆଉ ସାତ ଆଠ ଶହ ଖର୍ଚ୍ଚ କଲେ ସେଇ କାମବି ହୋଇଯିବ । ନ ହେଲେ ଆପଣ ଅସୁବିଧାରେ ପଡ଼ିବେ । ମୁଁ କହିଲି ଚିନ୍ତା କରି କହିବି ।

ତାପରେ ସେ ମୋତେ ତାଙ୍କ ଅଫିସର ପାଖକୁ ନେଇଗଲେ ମୁଁ ଜାଣି ଜାଣି ମୋ ପରିଚୟ ଦେଲି ନାହିଁ । ସେଇ ଅଫିସ ସହିତ ସେପରି ଯୋଗାଯୋଗ ନଥିଲା, ତେଣୁ କାମ କରାଇ ନବା ହିଁ ଥିଲା ଏକମାତ୍ର ଉଦ୍ଦେଶ୍ୟ । ଅଫିସର ମୋତେ କହିଲେ- ମୁଁ ପୁରୀ ଜଗନ୍ନାଥ ଯାଇନି । ସୁବିଧା ହେଉନାହିଁ । ମୁଁ କହିଲି- ଆପଣ ସପରିବାର ଆସନ୍ତୁ କିଛି ଅସୁବିଧା ହେବ ନାହିଁ । ତାଙ୍କ ସହିତ ଆଲୋଚନା ହେଲା ଏବଂ ସେ ମଧ୍ୟ ଧରିନେଲେ ଯେ ମୁଁ ଜଣେ ବ୍ୟବସାୟୀ । କିପରି ଓ କାହିଁକି ସେ ଅନୁମାନ କରିନେଲେ ଯେ ମୁଁ ଲୁଗା ଓ ରେଡ଼ିମେଡ଼ ଗାରମେଣ୍ଟ ବ୍ୟବସାୟ କରେ । ତାପରେ ଚୁପ୍ ଚୁପ୍ କହିଲେ- ଏଇ କିରାଣୀ ଗୁଡ଼ା ଶାଗୁଣା ପରି ଚାକି ବସିଛନ୍ତି, ସେମାନଙ୍କ ଖାପଚରେ ପଡ଼ିବେ ନାହିଁଟି....ମୁଁ ତ ଅଛି....ସବୁ ଠିକ୍ ହୋଇଯିବ । ଆମ ଦୁହିଁଙ୍କ ମଧ୍ୟରେ ଯାହା ହେବ ତାହା କେହି ଜାଣିବେ ନାହିଁ ।

ସେଦିନ ସନ୍ଧ୍ୟାରେ କାୟଲେ ବାବୁ ରେଳବାଇ ଗେଷ୍ଟ ହାଉସକୁ ଆସି ମୋତେ ଦେଖାକଲେ । ରେଳ ବାଇରୁ ଅବସର ନେଇ ସେଠାରେ ସପରିବାର ସ୍ଥାୟୀ ଭାବେ ରହୁଥିବା ମହାନ୍ତି ବାବୁ କାୟଲେ ସହିତ ଆଲୋଚନା କରି କଥା ପକ୍କା କରି ଦେଲେ । ସେ ମୋତେ କହିଲେ-ସେଇ ଅଫିସରେ ମୂଳରୁ ଚୂଳ ଯାଏ ଏହିପରି... ଟଙ୍କା ନ ଦେଲେ ଦୌଡୁଥିବେ ।... ମୋତେ ଭଲ ଲାଗୁ ନଥିଲା ଏସବୁ ଶୁଣିବା ପାଇଁ । ଶେଷରେ ନିରୁପାୟ ହୋଇ କହିଲି- ସେମାନେ କାମ ଆରମ୍ଭ କରନ୍ତୁ । ଦେଖାଯିବ । କାମ ଆରମ୍ଭ ହେଲା ମୋତେ ମାସେ ପରେ

Digitized by srujanika@gmail.com

ଆସିବା ପାଇଁ କୁହାଗଲା । ମୁଁ ଭୁବନେଶ୍ୱର ଫେରି ଆସିଲି । ଏଇ ମାସକ ଭିତରେ ଆଉ ଗୋଟିଏ ସମସ୍ୟା ସୃଷ୍ଟି ହେଲା । ଓଡ଼ିଶା ସଞ୍ଜ ଆଇରନ ରେଳଯୋଗେ ସଞ୍ଜଲୁହା କେଉଁଝର ଷ୍ଟେସନରୁ କଲିକତା, ଦିଲ୍ଲୀ, ହରିଯାଣା ପ୍ରଭୃତି ବିଭିନ୍ନ ସ୍ଥାନକୁ ପଠାଇବାର ପ୍ରସ୍ତାବ କଲେ । ନୂଆହୋଇ ସ୍ଥାପିତ ହୋଇଥାଏ ଏହି କାରଖାନା । ବିସ୍ଫୋରକ ବିଭାଗର ଚିଫ କମିଶନରଙ୍କ ଅନୁମତି ନ ନେଲେ ରେଳବାଇ ସଞ୍ଜ ଲୁହା ରେଳ ଯୋଗେ ପରିବହନ କରିବା ପାଇଁ ସମ୍ମତ ହେବନାହିଁ । ସଞ୍ଜ ଲୁହାରେ ବିସ୍ଫୋରକ ଉପାଦାନ ଥିବାରୁ ଓ ରେଳରେ ଯିବାବେଳେ ନିଆଁ ଲାଗି ଯିବାର ସମ୍ଭାବନା ଥିବାରୁ ଏପରି ଅନୁମତି ଦରକାର । ଓଡ଼ିଶା ସଞ୍ଜ ଆଇରନର ମ୍ୟାନେଜିଂ ଡିରେକ୍ଟର ଡକ୍ଟର ପି.କେ.ମହାନ୍ତି ଏ କାମ କରାଇ ଦବା ପାଇଁ ଅନୁରୋଧ କଲେ । ତାପରେ ମୋତେ ସରକାର ଏହି ଅନୁମତି ପତ୍ର ହାସଲ କରିବା ପାଇଁ ନାଗପୁର ପଠାଇଲେ । ମୋ ସହିତ ବିଶେଷଜ୍ଞ ଡକ୍ଟର ସେନ ଗଲେ । ଚିଫ୍ କମିଶନରଙ୍କ ଚେମ୍ବରରେ ମିଟିଂ ବସିଲା । ସେହି ଅଫିସର ଓ କାୟଲେ ବାବୁ ଡକା ହୋଇ ଆସିଲେ । ମୋତେ ଚିଫ୍ କମିଶନରଙ୍କ ସହିତ ଚା' ପିଉଥିବା ଦେଖି ସେମାନଙ୍କର ବିସ୍ମୟ ସୀମା ରହିଲା ନାହିଁ । ସେମାନେ ଜାଣନ୍ତି ମୁଁ ଲୁଗା ବ୍ୟବସାୟୀ । ସେଠାରେ ମୋର ପରିଚୟ ପାଇ ଝାଉଁଳି ପଡ଼ିଲେ । ଓଡ଼ିଶା ସଞ୍ଜର ପରମିଟ ମିଳିଗଲା । ସନ୍ଧ୍ୟାରେ କାୟଲେ ବାବୁ ରେଳବାଇ ଗେଷ୍ଟ ହାଉସରେ ମୋତେ ଦେଖା କରି ନତମସ୍ତକ ହୋଇ କହିଲେ ସାର କ୍ଷମା କରନ୍ତୁ । ମୋ ପୁଅ ପୋଲିଓରେ ପଙ୍ଗୁ ହୋଇଯାଇଛି ନ ହେଲେ ଏପରି ଲାଞ୍ଚ ମୁଁ ମାଗି ନ ଥାନ୍ତି । ତାର ଚିକିତ୍ସା ବ୍ୟୟବହୁଳ । ମୁଁ ସମ୍ଭାଳି ପାରୁନାହିଁ । ମୁଁ ତାଙ୍କୁ ସାନ୍ତ୍ୱନା ଦେଇ କହିଲି ସେଇ ଟଙ୍କା ତୁମ ପୁଅର ଚିକିତ୍ସା ପାଇଁ ଖର୍ଚ୍ଚ କର । ଭଗବାନ ତାଙ୍କୁ ଭଲ କରିଦିଅନ୍ତୁ ।

ସେଇ ଅଫିସର ଅନୁତପ୍ତ ସ୍ୱରରେ କହିଲେ, କ୍ଷମା ନାହିଁ, ତଥାପି କ୍ଷମା କରନ୍ତୁ । ମୁଁ କହିଲି ନିଃସ୍ୱାର୍ଥପର ଭାବରେ କର୍ତ୍ତବ୍ୟ କଲେ ଈଶ୍ୱର ଦୟା କରନ୍ତି । ଦୁର୍ନୀତି ଏ ଦେଶର ମଞ୍ଜକୁ ବି ନଷ୍ଟ କରିଦେଲାଣି । ଆପଣ ଉଚ୍ଚଶିକ୍ଷିତ, ଯେପରି ଉଦାହରଣ ସୃଷ୍ଟି କରିବେ ତଳ ଅଫିସର ସେହିପରି କରିବେ । ଶାସ୍ତ୍ରରେ ଅଛି ବଡ଼ ବଡ଼ ମହତ ଲୋକଙ୍କୁ ଅନ୍ୟମାନେ ଅନୁସରଣ କରନ୍ତି । ଲୋକ ସଂଗ୍ରହ ଓ ଲୋକଚରିତ୍ର ସଂସ୍କାର କାର୍ଯ୍ୟ ଏଇ ମହତ ଓ ଉଚ୍ଚ ଲୋକଙ୍କ ହାତରେ । ସେମାନେ ପଥଭ୍ରଷ୍ଟ ହେଲେ ସାଧାରଣ ଲୋକେ ବି ପଥଭ୍ରଷ୍ଟ ହେବେ । କହିବା ବହୁଲ୍ୟ ମୋ ପୁଅର ଗ୍ୟାସ ଲାଇସେନ୍ସ ପାଇବା ପାଇଁ ଆଉ କୌଣସି ଅସୁବିଧା ରହିଲା ନାହିଁ ।

ଫେରିବା ବେଳେ ରାସ୍ତାରେ ଜଣେ ବନ୍ଧୁ କହିଲେ ଚାକିରି ଚୋରି, ବଣିଜ ମିଛ ଏହା କେତେ ସତ୍ୟ ତାହା ପ୍ରତିଦିନ ପ୍ରମାଣିତ ହେଉଛି ।

Digitized by srujanika@gmail.com

କାଳକାଳକୁ ଏହି ମତେ

ଓଡ଼ିଆରେ ଗୋଟିଏ କଥା ଅଛି ଯେ, ବାପ ପୁଅ ଦୁହେଁ ରାତି ଅନିଦ୍ରା ମୁଗୁରା ତଳ ମେଲା । ଆମ ସରକାର ଖଜଣାଖାନାର ଅବସ୍ଥା ସେହିପରି । ଖଜଣାଖାନାରେ ଚବିଶ ଘଣ୍ଟା ସଶସ୍ତ୍ର ପ୍ରହରୀ ରହନ୍ତି । ଅଫିସର ରହନ୍ତି, ପ୍ରତିଦିନ ଯାଞ୍ଚ କରିବା ବ୍ୟବସ୍ଥା ଅଛି । ଏହା ସତ୍ତ୍ୱେ ଖଜଣାଖାନାର ଅର୍ଥ କେହି ମାରି ନଉଥିବା ଦେଖାଯାଏ, ସେହିପରି ସରକାରୀ ଅଫିସରେ, ବିଭିନ୍ନ କାର୍ଯ୍ୟରେ ଅଫିସର ଓ କର୍ମଚାରୀ ମାନଙ୍କ ଗସ୍ତ ବେଳେ ଏପରି ବେପରୁଆ ଭାବେ ଖର୍ଚ୍ଚ ହୁଏ ଯେ, ପ୍ରତି ବିଭାଗରେ ଓ ଏକାଉଣ୍ଟାଣ୍ଟ ଜେନେରାଲଙ୍କ ଅଫିସ୍‌ରେ ଥିବା ସବୁ ପ୍ରକାର ଯାଞ୍ଚ ବ୍ୟବସ୍ଥା ଥିବା ସତ୍ତ୍ୱେ ସରକାରୀ ଅର୍ଥର ଅପବ୍ୟୟ ହୁଏ । ଜନସ୍ୱାର୍ଥ ରକ୍ଷା ନାମରେ ଆହୁରି ଅନେକ ପ୍ରକାର କାର୍ଯ୍ୟ କରାଯାଏ । ମୁଁ ଓଡ଼ିଶା ରାଜ୍ୟରେ କେତେ ବର୍ଷ କାର୍ଯ୍ୟ କରିଥିଲି । ସେଠାରେ ପହଞ୍ଚିବା ପରେ ଅଫିସର ମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିଲି । ସେତେବେଳର ନିୟମ ଅନୁସାରେ ଦୈନିକ ଗସ୍ତ ଭତ୍ତା ଥିଲା ପନ୍ଦର ଟଙ୍କା । ସଚିବ, କମିଶନର ପ୍ରଭୃତି ଏହି ହାରରେ ଭତ୍ତା ପାଉଥିଲେ । ରାଜ୍ୟରେ ବହୁ ସ୍ଥାନକୁ ଗସ୍ତରେ ଯାଇ ମୋ ବିଭାଗ ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବା ପାଇଁ ମୁଁ ଯେଉଁ ଗସ୍ତ ନିର୍ଘଣ୍ଟ ପ୍ରସ୍ତୁତ କରିଥିଲି ଦୈନିକ ଗସ୍ତ ଭତ୍ତାର ପରିମାଣ ଦେଖି ମ୍ରିୟମାଣ ହୋଇପଡ଼ିଲି । ମୋ ସହକାରୀ କିନ୍ତୁ କେତେ ଗସ୍ତ ଭତ୍ତା ମିଳିବ ତାହା ନେଇ ଚର୍ଚ୍ଚା ବା ଚିନ୍ତା ନ କରି ଗସ୍ତରେ ଯିବା ପାଇଁ ପ୍ରବର୍ତ୍ତାଇଲେ ଓ କହିଲେ ଯେ, ସେ ସର୍କିଟ୍ ହାଉସ୍ ଓ ଆଇ.ବି.ରେ ସ୍ଥାନ ସଂରକ୍ଷଣ ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବା ପାଇଁ ଫିଲ୍ଡ ଅଫିସର ମାନଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି । ଅଗତ୍ୟା ଆଉ ଏ ବିଷୟରେ ଚର୍ଚ୍ଚା ନ କରି ମୁଁ ବାହାରି ପଡ଼ିଲି ଗସ୍ତରେ । ଗୋଟିଏ ଜିଲ୍ଲାର ସଦର ମହକୁମାରେ ପହଞ୍ଚିଲି । ସର୍କିଟ୍ ହାଉସ୍‌ରେ ରହିବା ବ୍ୟବସ୍ଥା କରାଯାଇଥିଲା । କଲେକ୍ଟର ସୌଜନ୍ୟମୂଳକ ସାକ୍ଷାତ କରିବାକୁ ଆସିଲେ ଓ କୌଣସି ତ୍ରୁଟି ଯେପରି ନରହେ ସେଥିପାଇଁ ନିଜାରତ୍ ଅଫିସରଙ୍କୁ ନିର୍ଦ୍ଦେଶ ଦେଲେ । ଦୁଇଦିନ ସେଠାରେ ରହିଲି ଭୂରି ଭୋଜନର ବ୍ୟବସ୍ଥା ଦେଖି ତାହା ଯେ ବ୍ୟୟବହୁଳ ଓ ପନ୍ଦରଟଙ୍କା କ'ଣ ପଚାଶ ଟଙ୍କାରେ ମଧ୍ୟ ହୋଇ ପାରିବ ନାହିଁ ଏହା ଚିନ୍ତା କରି ମୋ ପର୍ସରେ ବିଲ୍ ପରିଶୋଧ କରିବା ଲାଗି ଯଥେଷ୍ଟ ଅର୍ଥ ଅଛି କି ନାହିଁ ଥରେ ଦୁଇଥର ଗଣିନେଲି । ଫେରିବା ବେଳ ହେବାରୁ ବିଲ୍ ମାଗିଲି, କିନ୍ତୁ କେହି ବିଲ୍

Digitized by srujanika@gmail.com

ଦେଲେ ନାହିଁ, ବରଂ କହିଲେ ଯେ ସେପରି ବିଲ୍‌ଦବାର ବ୍ୟବସ୍ଥା ନାହିଁ ଏବଂ ଯାହା ଖର୍ଚ୍ଚ ହେବା କଥା ତାହା ହୋଇସାରିଛି । କେବଳ ମୁଁ ଏକା ନୁହେଁ ମୋ ପିଏ, ଡ୍ରାଇଭର ଓ ଦୁଇତିନିଜଣ ଫିଲ୍‌ଡ଼ ଅଫିସର ମଧ ଭୋଜନ କରିଥିଲେ ଦୁଇଦିନ ଧରି । ପରେ ନିର୍ବାହୀ ଅଫିସର କହିଲେ - ସାର୍, ଏଇ ଧାରା ଚଳି ଆସୁଛି ସ୍ୱାଧୀନତା ପାଇବା ପରେ । ସମସ୍ତେ ଆସନ୍ତି ସେମାନଙ୍କୁ ଚର୍ବ୍ୟ ଚୋଷ୍ୟ ଲେହ୍ୟ ଓ ପେୟ ଦେଇ ଚର୍ଚ୍ଚା କରିବା ଆମର କର୍ତ୍ତବ୍ୟ । ସେଥିରେ ସାମାନ୍ୟ ବ୍ୟତିକ୍ରମ ବା ଅବହେଳା ହେଲେ ମୋ ଚାକିରି ଚାଲିଯିବ । ଆପଣଙ୍କ ସହିତ ପାଞ୍ଚ ଛଅଜଣ ଥିଲେ, କିନ୍ତୁ ମନ୍ତ୍ରୀଙ୍କ ସହିତ ପଚାଶ ଜଣ ଥାଆନ୍ତି । ସେମାନଙ୍କୁ ସମସ୍ତଙ୍କୁ ଅପ୍ୟାୟିତ କରିବାକୁ ହୁଏ । ସରକାରୀ ନିୟମ ଅନୁସାରେ ମିଲ୍ ପ୍ରତି ଛଅଟଙ୍କା ନବା କଥା- ଆପଣ କୁହନ୍ତୁ ଆଜିକାଲି ଛଅ ଟଙ୍କାରେ ଭାତ, ଡାଲମା ବି ହୋଇ ପାରିବ ନାହିଁ । ମୁଁ ପଚାରିଲି ତାହାହେଲେ ଯାହା ଖର୍ଚ୍ଚ ହୁଏ ତାହା କିଏ ଦିଏ ଓ କେଉଁଠୁ ଆସେ ? ସେ ବିନୟର ସହିତ କହିଲେ ଯେ ସର୍କିଟ ହାଉସ ଚଳାଇବା ପାଇଁ ସରକାରୀ ଅର୍ଥ ଅକୁଳାଣ ହେଉଥିବାରୁ ଓ ଖର୍ଚ୍ଚର ନିର୍ଦ୍ଦିଷ୍ଟ ସୀମା ଲଂଘନ କରି ବହୁ ଅଧିକ ଖର୍ଚ୍ଚ ହେଉଥିବାରୁ ଏବଂ ସର୍କିଟ୍ ହାଉସରେ ରହୁଥିବା ଅତିଥିମାନଙ୍କ ଠାରୁ ଆଦାୟ କରିବାର ବାଟ ନଥିବାରୁ ବର୍ଷକୁ ଯାହା ଖର୍ଚ୍ଚ ହୁଏ ତାହା ବିଭିନ୍ନ ବିଭାଗୀୟ ଅଫିସରଙ୍କ ମଧରେ ବାଣ୍ଟି ଦିଆହୁଏ । ଅବକାରୀ, ଯୋଗାଣ, ପରିବହନ, ଖଣି, ବିକ୍ରୀକର ଅଫିସର ମାନେ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଆଦାୟ କରି ସର୍କିଟ ହାଉସ ପାଣ୍ଠିକୁ ଯୋଗାନ୍ତି । ନିଅଣ୍ଟ ପଡ଼ିଲେ ଠିକାଦାର ଶିଳ୍ପପତିଙ୍କ ଠାରୁ ଚାନ୍ଦା ଗ୍ରହଣ କରାଯାଏ । କିଛି ଅସୁବିଧା ହୁଏ ନାହିଁ । ଏଇ ନୀତି ପ୍ରତ୍ୟେକ ବିଭାଗର ଆଇ.ବି. ପରିଚାଳନାରେ ମଧ ଅନୁସୃତ ହୁଏ । ଉପରିସ୍ଥମାନଙ୍କୁ ଆଦର ଆପ୍ୟାୟନ କରିବାର ଦାୟିତ୍ୱ ଜିଲ୍ଲା ଅଫିସର ବା ଫିଲ୍‌ଡ ଅଫିସରମାନଙ୍କର । ମୁଁ ବୁଝିଗଲି ଓ ଫେରିବା ବେଳେ କାହିଁକି କେଜାଣି ଅସୁସ୍ଥ ଅନୁଭବ କରୁଥିଲି ।

ଏଇ ଘଟଣା ପରେ ହଠାତ୍ ଦିନେ ଆଉ ଗୋଟେ ଗସ୍ତରୁ ଫେରୁଥିବା ବେଳେ ପଥପ୍ରାନ୍ତର ବାଣପୁର ଆଇ.ବି.ରେ କିଛି ସମୟ ରହିବାକୁ ପଡ଼ିଲା । ରାତି ବେଶି ହେଉଛି ଜାଣି ଆଇ.ବି. ଦାୟିତ୍ୱରେ ଥିବା ଲୋକ ଖାଦ୍ୟ ତିଆରି କରିବ କି ନାହିଁ ଜାଣିବାକୁ ଚାହିଁଲି । ତାକୁ ତିନିଜଣଙ୍କର ଖାଇବା ଯୋଗାଇବା ପାଇଁ କହିବାରୁ ଓ ଜିନିଷପତ୍ର ଆଣିବା ପାଇଁ କିଛି ଟଙ୍କା ଯାଚିବାରୁ ସେ ଆଶ୍ଚର୍ଯ୍ୟ ହୋଇ କହିଲା- ସେଇ ପ୍ରଥା ଅନେକ ଦିନୁ ଉଠିଯାଇଛି ହଜୁରେ... ଇଂଜିନିୟର ସାହେବ ଖର୍ଚ୍ଚ କଥା ବୁଝିବେ... ମୁଁ ତିଆରି କରୁଛି ଆପଣ ଚିନ୍ତା କରନ୍ତୁ ନାହିଁ । ଖାଇବାବେଳେ ସେ ସ୍ୱତଃ ପ୍ରବୃତ୍ତ ହୋଇ କହିଲା ଯେ, ଦିନେ ଇମିତି ହଠାତ୍ ଓଡ଼ିଶାର ମନ୍ତ୍ରୀ ଥିଲାବେଳେ ଗୋଦାବରୀଶ ମିଶ୍ର ପହଞ୍ଚିଯାଇଥିଲେ । ତାଙ୍କ ସହିତ ଥିଲେ ତିନିଜଣ । ସେମାନଙ୍କ ପାଇଁ ରାନ୍ଧିଥିଲି ଓ ପରଷିଲି ବି । କିନ୍ତୁ ମନ୍ତ୍ରୀ ମହାଶୟଙ୍କ ଇଚ୍ଛାନୁସାରେ ତାଙ୍କୁ ଟେବୁଲରେ ଓ ଅନ୍ୟମାନଙ୍କୁ ଆସନ ପାତି ଭୂଇଁ ଉପରେ ନବାକ୍ରି ମନ୍ତ୍ରୀ ସମେତ ସମସ୍ତଙ୍କୁ ଭୂଇଁ ଉପରେ ଆସନ ପାତି ଏକତ୍ର ଖାଇବାକୁ ଦେଇଥିଲି । ସେ

Digitized by srujanika@gmail.com

ଯିବାବେଳେ ଆଇ.ବି.ର ନିୟମ ଅନୁସାରେ ମୋ ହାତରେ ଟଙ୍କା ଦେଇ ସମସ୍ତଙ୍କୁ ଚର୍ଚ୍ଚା କରିଥିବାରୁ ସନ୍ତୋଷ ପ୍ରକାଶ କରି ଆଉ ଟଙ୍କାଏ ବକ୍‌ସିସ୍ ମଧ ଦେଇଥିଲେ । ସେପରି ପ୍ରାତଃ ସ୍ମରଣୀୟ ପୁରୁଷ ମଧ ଆଜି ନାହାନ୍ତି, ସେପରି ମନ୍ତ୍ରୀ ମଧ ନାହାନ୍ତି, କିନ୍ତୁ ଦେଶକୁ ବିଭିନ୍ନ ଭାବେ ଶୋଷଣ କରୁଥିବା ଅଫିସର ଓ ମନ୍ତ୍ରୀଙ୍କ ସଂଖ୍ୟା ଶହେ ଗୁଣ ବଢ଼ି ଯାଇଛି । କାମ ବଢ଼ୁବା ନ ବଢୁ ନୂଆ କାମ ନାଁମରେ ନିଜର ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ଅଫିସର ସଂଖ୍ୟା ଯେ ବଢ଼ିଚାଲେ ପାର୍କିନସନଙ୍କ ଏଇ ନିତି ସତ୍ୟ ପ୍ରମାଣିତ ହେଉଛି ଓ ବାପ ପୁଅ ରାତି ଅନିଦ୍ରା ରହି ବି ମୁଗୁରା ତଳ ମେଲା ଥିବାରୁ ସେମାନଙ୍କ ଅଲକ୍ଷ୍ୟରେ ସବୁ ମାଛ ଆଉ କିଏ ମାରି ନେଉଛି ।

ଏଇ ଧାରା କିନ୍ତୁ ଆଗରୁ ନଥିଲା । ବଡ଼ ବଡ଼ ଅଫିସରମାନେ ସର୍କିଟ ହାଉସ୍ ବା ଆଇ.ବି.ରେ ରହିଲେ ନିଜର ଓ ନିଜ ସାଙ୍ଗରେ ଆସିଥିବା କର୍ମଚାରୀମାନଙ୍କର ଖର୍ଚ୍ଚ ନିଜ ପକେଟରୁ ଦବା ସମ୍ମାନଜନକ ମନେ କରୁଥିଲେ । ପଛକଥା ଘାଣ୍ଟୁ ଘାଣ୍ଟୁ ଷଷ୍ଠ ଦଶକରୁ ଧୀରେ ଧୀରେ ପଇସା ନ ଦେଇ ଏଇ ଖାଇବା ବ୍ୟବସ୍ଥା ଚାଲୁ ହେବାର ନଜୀର ମିଳିଲା ଏବଂ ପରେ ପରେ ଏହି ବ୍ୟତିକ୍ରମ ପରମ୍ପରାରେ ପଡ଼ିଗଲା ।

ମୋ ଜିଲ୍ଲାର ଜଣେ ତରୁଣ କଲେକ୍ଟର ବିବେକାନନ୍ଦ ପଟ୍ଟନାୟକ ଗସ୍ତରେ ଯିବାବେଳେ ଗୋଟେ ଛୋଟ ବାକ୍‌ସରେ ରୋଷେଇ ସରଞ୍ଜାମ ନେଇ ଯାଉଥିଲେ ଏବଂ ଆଇ.ବି. ବା ସର୍କିଟ ହାଉସ୍‌ରେ ପହଞ୍ଚି ସେ ସବୁ ସହିତ ପରିବା ବା ମାଛ ମାଂସ ପାଇଁ କିଛି ଟଙ୍କା ଦେଉଥିଲେ । ଏଇ ଶୋଭନୀୟ ବ୍ୟବସ୍ଥା ତେତ୍ରିଶ ବର୍ଷର ଚାକିରି ଜୀବନରେ ମୁଁ ପାଳନ କରି ଆସିଥିଲି ରେଳବାଇରେ । କେବଳ ମୋର ଗୋଟେ ବାକ୍‌ସ ନଥିଲା ସବୁ ଅଫିସର ଏପରି ବାକ୍‌ସ ନେଇ ଯାଉଥିଲେ । ସେଲୁନ ବା ରେଷ୍ଟ ହାଉସ୍‌ରେ ରନ୍ଧା ଯାଉଥିଲା । କିନ୍ତୁ ଧୀରେ ଧୀରେ ରେଳବାଇରୁ ମଧ ଏ ପ୍ରଥା ଲୋପ୍ ପାଇ ଗଲାଣି ଏବଂ ବଡ଼ ବଡ଼ ଅଫିସର ସାନ ସାନ ଅଫିସରଙ୍କ ଆୟୋଜନକୁ ପ୍ରୋତ୍ସାହନ ଦବାରୁ ଏଇ ଧାରା ଚଳି ଗଲାଣି । ରାଜ୍ୟ ସରକାରଙ୍କ ପଦସ୍ଥ ଅଫିସରମାନେ ଗସ୍ତରେ ଗଲେ ସେହି ବାଭାଗର ତଳ ଅଫିସର ଉପରିସ୍ଥଙ୍କ ଖାଇବା ପିଇବା କଥା ବୁଝନ୍ତି, ତାଙ୍କ ମନୋରଂଜନ ପାଇଁ ବ୍ୟବସ୍ଥା କରନ୍ତି । ରେଳବାଇରେ ହେଡ୍‌କ୍ୱାର୍ଟରରୁ ପଦସ୍ଥ ଅଫିସରମାନେ ଡିଭିଜନକୁ ଗସ୍ତରେ ଆସିଲେ ତାଙ୍କ ବିଭାଗର ଅଫିସର ମାନେ ଖାଦ୍ୟପେୟର ବ୍ୟବସ୍ଥା କରନ୍ତି । ସେଥିପାଇଁ ବଡ଼ ବଡ଼ କର୍ତ୍ତାମାନେ ଆସିବା ଆଗରୁ ଡି.ଆର.ଏମ. ତଳ ଅଫିସରଙ୍କୁ କହି କମ୍ପାନୀ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଖବର ପଠାନ୍ତି ଲଞ୍ଚ ବା ଡିନର ବ୍ୟବସ୍ଥା କରିବା ପାଇଁ । ମୁଁ ନାଗପୁର ଡିଭିଜନରେ ବାଧ ହୋଇ ଏପରି ବ୍ୟବସ୍ଥା କରାଉଥିଲି । ଜେନେରାଲ ମ୍ୟାନେଜର ବର୍ଷକୁ ଥରେ ସଦଳବଳ ନେଇ ଇନିସପେକସନ କରିବାକୁ ଆସନ୍ତି [illegible] ସ୍ପେଶାଲ ଟ୍ରେନ୍ ଚାଲେ । ତିରିଶ/ଚାଳିଶ ଜଣ ଅଫିସର ଓ ଶହେ ସରିକି କର୍ମଚାରୀ ସେଇ ଟ୍ରେନ୍‌ରେ କଲିକତାରୁ ଆସନ୍ତି । ଚଳନ୍ତା ଟ୍ରେନରେ ସୁଖାଦ୍ୟ ଯୋଗାଇ ଦିଆଯାଏ ଡାଇନିଂ

କାରଣରୁ । ଇନିସ୍‌ପେକ୍‌ସନ୍ ଏପରି ଭାବେ ଆୟୋଜନ କରାଯାଇଥାଏ ଯେ ମଧ୍ୟାହ୍ନ ଭୋଜନ କୌଣସି କମ୍ପାନୀର ଅତିଥି ଭବନରେ ହୁଏ ଏବଂ ରାତ୍ରି ଭୋଜନ ମଧ ସେହିପରି ଆୟୋଜନ କରାଯାଏ ।

କହିବା ବାହୁଲ୍ୟ ଏସବୁ ଭୋଜିରେ ବିଲାତି ପାନୀୟର ପ୍ରଚଳନ ବଢ଼ିବାରେ ଲାଗିଛି । ଇସ୍ପାତ କାରଖାନା, କୋଇଲାଖଣି, ସିମେଣ୍ଟ ଓ କାଗଜ କଳ, ସାର କାରଖାନା ବା ବନ୍ଦର କର୍ତ୍ତୃପକ୍ଷ ରେଳ ଚଳାଚଳ ଉପରେ ନିର୍ଭର କରୁଥିବାରୁ ରେଳବାଇ ଅଫିସରମାନଙ୍କୁ ଆପ୍ୟାୟିତ କରିବା ପାଇଁ ବିପୁଳ ଆୟୋଜନ କରନ୍ତି । ସୁଖର ବିଷୟ ଯେ ରାଜ୍ୟ ସରକାରୀ ଅଫିସରମାନେ ଦଳବଳ ନେଇ ଏପରି ଇନିସ୍‌ପେକ୍ସନ ଗସ୍ତରେ ଯାଆନ୍ତି ନାହିଁ କି ସେମାନଙ୍କୁ ଶିଳ୍ପ ଓ ବ୍ୟବସାୟ ଅନୁଷ୍ଠାନ ମାନେ ସମ୍ମିଳିତ ଭାବେ ଆପ୍ୟାୟିତ କରିବା ଲାଗି ସୁଯୋଗ ମିଳେ ନାହିଁ ।

ସବୁ ବିଭାଗୀୟ ଅଫିସରମାନେ ଏଇ ବ୍ୟବସ୍ଥା ସୁଚାରୁ ରୂପେ ତୁଲାଉଥିଲେ ମଧ ପବ୍ଲିକ୍ ୱାର୍କସ ଡିପାର୍ଟମେଣ୍ଟ, ପୋଲିସ, ଜଙ୍ଗଲ, ଅବକାରୀ ବିଭାଗରେ ଆୟୋଜନର ପ୍ରାଚୁର୍ଯ୍ୟ ଦେଖିଲେ ଆଖି ବୁଜି ହୋଇଯାଏ । ଜଣେ ଇଂଜିନିୟର ଇନ୍ ଚିଫ ତଥା ସଚିବ ପ୍ରହ୍ଲାଦ ପଟ୍ଟନାୟକଙ୍କ ସହିତ ମୁଁ ବାଲେଶ୍ୱର ଯାଉଥିଲି ମୁଖ୍ୟମନ୍ତ୍ରୀଙ୍କ ପୋଲ ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ । ଏଠାରୁ ତିନିଟାବେଳେ ବାହାରି ପ୍ରଥମେ ପାଣି କୋଇଲି, ତା'ପରେ ଭଦ୍ରକ ଡାକବଙ୍ଗଳାରେ ଚା ପିଇବାକୁ ଅଟକି ଯେଉଁ ମହାର୍ଘ ଆୟୋଜନ ଦେଖିଲୁ ତାହା ରାଜୁତା ସମୟରେ ହେଉଥିଲା । ଚିଫ୍ ଇଂଜିନିୟର ବା ସଚିବ ଗସ୍ତରେ ଗଲେସୁପରିଟେଣ୍ଡିଂ ଇଂଜିନିୟର ଆଗେ ଆଗେ ବାଟ କଢ଼ାଇ ନିଅନ୍ତି, ଏକ୍‌ଜିକିଉଟିଭ ଇଂଜିନିୟର ପରଷିବା ଦାୟିତ୍ୱରେ ଓ ସହକାରୀ ଇଂଜିନିୟର ରୋଷେଇ ଦାୟିତ୍ୱରେ ରହନ୍ତି । ଏଇ ଧାରା ଏବେ ବ୍ୟାପକ ହେଉଥିବା ଖବର ମିଳୁଛି । ମୁହଁ ପୋଛିବା ପାଇଁ ବଡ଼ ବଡ଼ ନୂଆ ତଉଲିଆ ଦିଆଯାଉଛି ଏବଂ ସେଠାରୁ ବିଦାୟ ନେବାବେଳେ ବାଟରେ ହାତ ମୁହଁ ପୋଛିବା ପାଇଁ ସେ ସବୁ ସାଙ୍ଗରେ ଚାଲିଯାଏ । ଆଉ କେଉଁଠି ଉପରିସ୍ଥ ମନ୍ତ୍ରୀଙ୍କପରି ସ୍ଲିପର, ଟୁଥ୍ ପେଷ୍ଟ, ବ୍ଲେଡ୍, ବ୍ରସ୍, ସାବୁନ ଛାଡ଼ି ଆସିଥିବାରୁ ପିଅନକୁ ସତର୍କ କରି ଦେଉଥିବ ଶୁଣି ତଳ ଅଫିସର ମାନେ ଦୌଡ଼ିଯାଇ ଏସବୁ କିଣି ଆଣନ୍ତି । ମନ୍ତ୍ରୀମାନଙ୍କୁ ତ ସାତଖୁନ ମାପ । ସେମାନେ କେବଳ ବିନା ପଇସାରେ ଭୋଜନ କରନ୍ତି ନାହିଁ ସେମାନଙ୍କ ସହିତ ଶହ ଶହ ଚାମଚାକୁ ଆପ୍ୟାୟିତ କରିବା ଲାଗି ଅଫିସରମାନଙ୍କୁ ବାଧ କରନ୍ତି ।

ଏଇ ନୂତନ ଧାରା ଦୁର୍ନିତି ନୁହେଁ ବୋଲି କୁହାଯାଉଛି ଭାରତୀୟ ମାନଙ୍କ ଅତିଥି ସେବାର ପରମ୍ପରା ଆହୁରି ବଳବତ୍ତର ହୋଇଥିବା କୁହାଯାଉଛି । ଏବଂ ଭାଗବତରୁ ପଦେ ମନେ ପଡ଼ି ଯାଉଛି - "କାଳ କାଳକୁ ଏହି ମତେ, ପରମାନନ୍ଦ ଏ ଜଗତେ" ।

Digitized by srujanika@gmail.com

ବେନାମୀ ଚିଠି

୧୯୭୭ ମସିହା । କଂଗ୍ରେସ ସ୍ଥାନରେ ଜନତା ଦଳ ସରକାର ଗଢ଼ିଥାନ୍ତି କେନ୍ଦ୍ରରେ । ମଧୁ ଦଣ୍ଡବତେ ରେଳବାଇ ବିଭାଗର ମନ୍ତ୍ରୀ, ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ । ନୂତନ ସରକାର ଦାବି କଲେ ଓଡ଼ିଶାରେ ରେଳପଥର ସଂପ୍ରସାରଣ ପାଇଁ । ଓଡ଼ିଶାର ସ୍ୱାର୍ଥ ଉପେକ୍ଷିତ ହୋଇ ଆସୁଛି ବହୁ ବର୍ଷ ଧରି । ବ୍ରିଟିଶ ସରକାର ପରେ ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ସରକାର ଓଡ଼ିଶାର ସ୍ୱାର୍ଥପ୍ରତି ଆଖି ବୁଜିଦେଲେ ଚଳିବ କେମିତି ? ଖବର ପହଞ୍ଚିଲା ସ୍ୱୟଂ ରେଳମନ୍ତ୍ରୀ ଆସିବେ ଅବସ୍ଥା ଅନୁଧ୍ୟାନ କରିବା ପାଇଁ ।

ଓଡ଼ିଶାକୁ ନୂତନ ରେଳବାଇ ମନ୍ତ୍ରୀଙ୍କର ଏହା ଥିଲା ପ୍ରଥମ ଗସ୍ତ । ମୁଁ ସେତେବେଳେ ଖୋର୍ଦ୍ଧାରୋଡ଼ ଡ଼ିଭିଜନର ସୁପରିଟେଣ୍ଡେଣ୍ଟ । ମୋ ଉପରେ ଦାୟିତ୍ୱ ପଡ଼ିଲା ମନ୍ତ୍ରୀଙ୍କ ଗସ୍ତ ଯେପରି ସଫଳ ହୁଏ ତା ଦେଖିବା ପାଇଁ । ରାଜ୍ୟ ସରକାରଙ୍କ ସହିତ ପରାମର୍ଶ କରି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲା । କଲିକତାରେ ରେଳବାଇ ଜେନେରାଲ ମ୍ୟାନେଜରଙ୍କ ଅଫିସ । ସେ ନ ଆସିଲେ ଆଲୋଚନା ଫଳପ୍ରଦ ହେବ ନାହିଁ । ଜେନେରାଲ ମ୍ୟାନେଜର ଠିକ୍ ସମୟରେ ଆସି ପହଞ୍ଚିଲେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ।

ବିମାନ ବନ୍ଦରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଗଲା ନୂତନ ରେଳମନ୍ତ୍ରୀ ମଧୁ ଦଣ୍ଡବତେଙ୍କୁ । ବର୍ତ୍ତମାନ ବିରାଜିତ ତେଲୁଗୁ ଦେଶମର ରାଜ୍ୟସଭା ସଦସ୍ୟ ପି. ଉପେନ୍ଦ୍ର ସେତେବେଳେ ରେଳବାଇ ମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟକ । ଉପେନ୍ଦ୍ର ରେଳବାଇ କର୍ମଚାରୀ ଥିଲେ ପୂର୍ବରୁ । ଜନ ସମ୍ପର୍କ ଅଫିସର ଭାବରେ ମୋ ସହିତ କାମ ବି କରିଥିଲେ କଲିକତାରେ, ତା'ପରେ ବଦଳି ହେଲେ ରେଳବାଇ ବୋର୍ଡକୁ । ସେଠାରେ ଥିବାବେଳେ ସେ ମନ୍ତ୍ରୀଙ୍କ ସ୍ପେଶାଲ ଆସିଷ୍ଟାଣ୍ଟ ଭାବରେ ନିଯୁକ୍ତ ହେଲେ । ସେତେବେଳେ ତାଙ୍କ ନାମ ଥିଲା- ପି.ୟୁ.ସି. ଚୌଧୁରୀ । ପରେ ରାଜନୀତିରେ ଯୋଗ ଦେଲେ ସେ ଜନତା ଦଳ ସରକାର ଭାଙ୍ଗିଯିବା ପରେ । ଏନ୍.ଟି. ରାମାରାଓଙ୍କ ତେଲୁଗୁ ଦେଶମ ଦଳରେ ମିଶି ରାଜ୍ୟ ସଭାକୁ ଗଲେ, ସେଠାରେ ଦଳର ପାର୍ଲାମେଣ୍ଟାରୀ ପାର୍ଟିର ନେତା ହେଲେ ଏବଂ ଦ୍ୱିତୀୟ ଥର ଭି.ପି.ସିଂଙ୍କ ନେତୃତ୍ୱରେ ଜନତା ଦଳ ସରକାରରେ ସୂଚନା ଓ ପ୍ରସାର ବିଭାଗର ମନ୍ତ୍ରୀ ବି ହୋଇଥିଲେ ।

Digitized by srujanika@gmail.com

ବିମାନ ବନ୍ଦରରୁ ମନ୍ତ୍ରୀ ସିଧା ଆସିଲେ ସରକାରୀ ଅତିଥି ଭବନକୁ । ମୁଁ ତାଙ୍କ କାରରେ ଆସିଲି । ସେଠାରେ କିଛି ସମୟ ଅବସ୍ଥାନ କରି ସ୍ଥାନୀୟ ନେତୃବୃନ୍ଦଙ୍କ ସହିତ ସାକ୍ଷାତ ଆଲୋଚନା ପରେ ଜଟଣୀ ଗଲୁ ଆମେ । ମନ୍ତ୍ରୀଙ୍କୁ ସେଠାରେ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ନେତୃତ୍ୱରେ ଭାବ୍ୟ ସମ୍ବର୍ଦ୍ଧନା ଦିଆଗଲା । ରେଳ କର୍ମଚାରୀମାନଙ୍କର ଏକ ବିରାଟ ସମାବେଶରେ ଉଦ୍‌ବୋଧନ ଦେଲେ ସେ । ଏହାର ତିନିବର୍ଷ ପୂର୍ବରୁ ରେଳବାଇ ଧର୍ମଘଟରେ ଯୋଗ ଦେଇ ଦଣ୍ଡିତ ହୋଇଥାନ୍ତି କେତେକ କର୍ମଚାରୀ । ଆକ୍ରୋଶ ଥାଏ ସେମାନଙ୍କ ମନରେ । ସମ୍ବର୍ଦ୍ଧନା ସଭା ପୂର୍ବରୁ ମନ୍ତ୍ରୀଙ୍କୁ ଶ୍ରମିକ ନେତାମାନେ ଯାହା ଉଚିତ ମନେ କଲେ କହିଲେ । ଅଫିସରମାନଙ୍କ ନିର୍ଯ୍ୟାତନା ସମ୍ପର୍କରେ ବିଶଦ୍ ବିବରଣୀ ଦେଲେ । ମନ୍ତ୍ରୀ ଆମ୍ଭମାନଙ୍କୁ ଅଫିସରେ ଅପେକ୍ଷା କରିବାକୁ କହି ସମ୍ବର୍ଦ୍ଧନା ସଭାକୁ ଗଲେ ଏବଂ ଓଜସ୍ୱିନୀ ଭାଷଣ ବି ଦେଲେ । ଭାଷଣ ପ୍ରସଙ୍ଗରେ ଅଫିସର ମାନଙ୍କ ବିଷୟ ଉଲ୍ଲେଖ କରି କହିଲେ, ଜେହି କର୍ମଚାରୀମାନଙ୍କ ପ୍ରତି ଅନ୍ୟାୟ କରିଥିଲେ ତାହା ସଂଶୋଧନ କରାଯିବ । କହୁ କହୁ ଅଫିସରମାନେ ଧର୍ମଘଟର ବିରୋଧ କରିଥିବାରୁ ସେମାନଙ୍କୁ ବ୍ଲାକଲେଗ ବୋଲି ମଧ କହିଦେଲେ ।

ସମ୍ବର୍ଦ୍ଧନା ସଭାପରେ ଅଫିସରମାନଙ୍କ ସହିତ ଆଲୋଚନା କରିବା ପାଇଁ ମନ୍ତ୍ରି ଆସିଲେ । ମୁଁ ତାଙ୍କୁ ସ୍ୱାଗତ କରି କହିଲି- ସାର୍ ! ଆମେ ସମସ୍ତେ ସରକାରଙ୍କ ଅନୁଗତ । ଯେପରି ଆଦେଶ ମିଳିବ ସେପରି କରିବୁ । କର୍ମଚାରୀମାନଙ୍କ ବିରୁଦ୍ଧରେ ଆମର କିଛି କହିବାର ନାହିଁ । ସେମାନେ ଆମର ସହଯୋଗୀ । ଧର୍ମଘଟରେ ଯୋଗ ଦେଇଥିବା କର୍ମଚାରୀମାନଙ୍କୁ ତତ୍‌କାଳୀନ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଦଣ୍ଡ ଦିଆଯାଇଥିଲା । ଅପଣଙ୍କ ସରକାର ଚାହିଁଲେ ତାହା ବଦଳାଇ ଦେଇପାରନ୍ତି । କିନ୍ତୁ ଅଫିସରମାନଙ୍କୁ କର୍ମଚାରୀମାନଙ୍କ ସଭାରେ ଆପଣ ବ୍ଲାକଲେଗ କହିବାରୁ ଅଫିସରମାନେ ହତୋତ୍ସାହ ହୋଇପଡ଼ିଛନ୍ତି ।

ମନ୍ତ୍ରୀ ମଧ୍ୟ ଦଣ୍ଡବତେ ବିଚକ୍ଷଣ ସଂସ୍କୃତିବନ୍ତ ଭଦ୍ରଲୋକ । ସେ ତତ୍‌କ୍ଷଣାତ୍ କହି ପକାଇଲେ - ମୁଁ ଦୁଃଖିତ । କାହାକୁ ଆଘାତ ଦବା ମୋର ଉଦ୍ଦେଶ୍ୟ ନୁହେଁ । ଜନସଭାରେ ମୁହଁରୁ ବାହାରି ଯାଇଥିଲା... ଛାଡ଼ ସେକଥା, ଭୁଲିଯାଅ... ମୁଁ ତୁମ୍ଭମାନଙ୍କର ମନ୍ତ୍ରୀ, ମୋ ହାତରେ କର୍ମଚାରୀମାନଙ୍କର ସ୍ୱାର୍ଥ ପରି ତୁମ ସ୍ୱାର୍ଥ ବି ଅକ୍ଷୁର୍ଣ୍ଣ ରହିବ ।

ଆଲୋଚନା ପରେ ଆମେ ବାହାରିଲୁ ପୁରୀ ଅଭିମୁଖରେ । ରେଳବାଇ ଗେଷ୍ଟ ହାଉସରେ ରାତ୍ରି ଯାପନ, ଶ୍ରୀ ଜଗନ୍ନାଥ ମନ୍ଦିର ଦର୍ଶନ, କର୍ମଚାରୀମାନଙ୍କ ସହିତ ବିଚାରବିମର୍ଶ ଗସ୍ତ ସୂଚୀରେ ସ୍ଥାନ ପାଇଥିଲା । ଗୋଟିଏ ଆମ୍ବାସଡ଼ର ଗାଡ଼ିର ପଛସିଟରେ ମନ୍ତ୍ରୀ, ଜେନେରାଲ ମ୍ୟାନେଜର ଜେ.ଏନ୍.କୋହଲି ଓ ମୁଁ ଏବଂ ଆଗସିଟରେ ଡ୍ରାଇଭରର ବାମରେ ସିକ୍ୟୁରିଟି ଅଫିସର ଓ ତାଙ୍କ ସ୍ପେସାଲ ଆସିଷ୍ଟାଣ୍ଟ (ପି. ଉପେନ୍ଦ୍ର) । ମନ୍ତ୍ରୀ ପଚାରିଲେ- ହୋତାଜୀ, ଏଠାରେ ମୁଖ୍ୟ ସମସ୍ୟା କ'ଣ ?

Digitized by srujanika@gmail.com

ମୁଁ କହିଲି - ସାର୍, ଡିଭିଜନର ଚଳାଚଳ ଓ କାର୍ଯ୍ୟଦକ୍ଷତା ସମ୍ପର୍କରେ କିଛି କହିବାର ନାହିଁ । ତେବେ ଗୋଟିଏ ବଡ଼ ସମସ୍ୟା ହେଲା ବେନାମୀ ଚିଠି । ଏଇ ବେନାମୀ ଚିଠିର ପ୍ରାଦୁର୍ଭାବ କ୍ରମଶଃ ବଢ଼ିବାରେ ଲାଗିଛି । ଅଫିସରମାନଙ୍କ ଚରିତ୍ର ସଂହାର କରି ପ୍ରାୟ ପ୍ରତିଦିନ ଏପରି ଚିଠି ଆସେ । ନୈତିକ ମନୋବଳ ଭାଙ୍ଗିବାର ଏହା ମୁଖ୍ୟ କାରଣ... । ବେନାମୀ ଚିଠି ଚିରି ଫୋପାଡ଼ି ଦବା କଥା... କିନ୍ତୁ ବେଳେ ବେଳେ ଭିଜିଲାନ୍ସ ତଦନ୍ତ ବି ହୁଏ ଏହା ଉପରେ... ।

ସେ ଆଶ୍ଚର୍ଯ୍ୟ ହୋଇ କହିଲେ - ବେନାମୀ ଚିଠିର ଏତେ ପ୍ରାଦୁର୍ଭାବ ଏଠାରେ ? କାହିଁକି ? ଏହାର କାରଣ ?

- ବେକଓ୍ୱାର୍ଡ଼ନେସର କାରଣ । ଯାହାର ସାହସ ନାହିଁ ମୁହାଁ ମୁହିଁ କହିବା ପାଇଁ ବା ଈର୍ଷାକାତର ମନ ଯାହାର ଏବଂ ଯିଏ ପରଶ୍ରୀ ଦେଖି ପାରେନି ବା ପରର ଯଶ ଶୁଣି ପାରେନି ସେ ବେନାମୀ ଚିଠି ଲେଖି ମନର ଓରମାନ ମେଣ୍ଟାଇ ନିଏ । ମୁଁ କହିଲି ।

ଏତିକିବେଳେ ଉପେନ୍ଦ୍ର କହିଲେ - ମନ୍ତ୍ରୀ ଓ ଜେନେରାଲ ମ୍ୟାନେଜରଙ୍କ ନାମରେ ଦୁଇଟା ବେନାମୀ ଚିଠି ପାଇଛି ଆଜି । ଷ୍ଟେଟ ଗେଷ୍ଟ ହାଉସ ଠିକଣାରେ ଆସିଥିଲା, ମ୍ୟାନେଜର ମୋତେ ଦେଇଛନ୍ତି ।

ମନ୍ତ୍ରୀ ବିସ୍ମିତ ହୋଇ କହିଲେ - ମୋ ନାମରେ ?

- ହଁ ସାର... ଏଇ ପଢ଼ନ୍ତୁ ନା ... ଉପେନ୍ଦ୍ର ବଢ଼େଇ ଦେଲେ ଇନଲାଣ୍ଡଲେଟରଟିଏ ମନ୍ତ୍ରୀଙ୍କ ହାତକୁ । ମୁଁ ଲକ୍ଷ୍ୟ କଲି ସେଇ ଚିଠି ପଢ଼ି ମନ୍ତ୍ରୀଙ୍କ ମୁହଁ କେମିତି ବିଷର୍ଣ୍ଣ ହୋଇଗଲା

ସେ ଦଣ୍ଡେ ଚୁପ ରହି କହିଲେ - ଏମିତି ଜଘନ୍ୟ ଚିଠି ଲେଖିପାରେ କେହି ବିକାରଗ୍ରସ୍ତ ବିକୃତ ମନର ସୃଷ୍ଟି ଏ ସବୁ ।

ସେ ଚିଠିଟା ବଢ଼ାଇ ଦେଲେ ମୋ ହାତକୁ । ସେଥିରେ ଲେଖାଥିଲା - ଡିଭିଜନାଲ ସୁପରିଟେଣ୍ଡେଣ୍ଟ ସମସ୍ତଙ୍କୁ ହାତ ମୁଠାରେ ରଖି ନିଜର ସ୍ୱାର୍ଥସାଧନ କରିବାରେ ବ୍ୟସ୍ତ । ମଦ ଓ ମହିଳା ଯୋଗାଇ ସେ ଉପରିସ୍ଥଙ୍କୁ କାବୁ କରି ରଖିଛନ୍ତି । ଆପଣ ଜାଣି ଶୁଣି ତାଙ୍କ ଯନ୍ତାରେ ପାଦ ପୁରେଇଛନ୍ତି ଦେଖି ଆମେ ଦୁଃଖିତ । ଆପଣ ପୁରୀରେ ରେଲବାଇ ହୋଟେଲରେ କେବଳ ଭୁରି ଭୋଜନ ଓ ବିଲାତି ମଦ ପାଇବେ ନାହିଁ, ଆପଣଙ୍କୁ ଆପ୍ୟାୟିତ କରିବା ପାଇଁ ଦୁଇଜଣ ସୁନ୍ଦରୀ ଯୁବତୀଙ୍କୁ ଡି.ଏସ୍. ରଖିଛନ୍ତି ସେଠାରେ । ଜେନେରାଲ ମ୍ୟାନେଜର ସେସବୁ ଭୋଗ କରି ଆସୁଛନ୍ତି । ସେଥିପାଇଁ ସେ ଡ଼ି.ଏସ୍‌ଙ୍କ ହାତମୁଠାରେ । ଆପଣ ଏଥର ଯାହା ଭୋଗ କରିବେ ତାର ଚିହ୍ନ ଆଉଥରେ ଆସିଲେ ଦେଖିବେ... ।

କୋହଲି ସାହେବ କହିଲେ - ଏଇଟା ଗୋଟାଏ ବେମାରୀ ଏ ଅଞ୍ଚଳରେ । ମୋ ପୂର୍ବରୁ ଜି.ଏମ୍ ମିଷ୍ଟର ମେନେଜିସ୍ ଏପରି ଚିଠି ପାଉଥିଲେ । ମୋ ନାମରେ ମଧ ଏହିପରି ଚିଠି ମଝିରେ ମଝିରେ ଆସେ ।

Digitized by srujanika@gmail.com

ମନ୍ତ୍ରୀ କହିଲେ - ସି.ଆଇ.ଡି.କୁ କୁହାଯାଇପାରେ... ବା ଆମର ଇଣ୍ଟେଲିଜେନ୍‌ସ ଅନୁସନ୍ଧାନ କରି ଦେଖୁ ଏ ସବୁ କାହାର କାର୍ଯ୍ୟ ! ସେ ବିନା ଦଣ୍ଡରେ ଖସି ଯିବା ଉଚିତ ନୁହେଁ... ।

ମୁଁ କହିଲି - କିନ୍ତୁ ସାର, ବେନାମୀ ଚିଠି ଯିଏ ଲେଖୁନା କାହିଁକି, ଏହା ଯେ ଯେକୌଣସି ଶାନ୍ତ ମନକୁ ଅଶାନ୍ତ କରି ଦବ ଏହା ନିଶ୍ଚିତ । ଏପରି କି ସ୍ତ୍ରୀଙ୍କ ଚରିତ୍ର ବିରୁଦ୍ଧରେ ସ୍ୱାମୀଙ୍କୁ ଏବଂ ସ୍ୱାମୀଙ୍କ ଚରିତ୍ର ବିରୁଦ୍ଧରେ ସ୍ତ୍ରୀଙ୍କୁ ଚିଠି ଲେଖାଯାଉଛି । ପାରାଦୀପ ପୋର୍ଟ, ପି.ଏମ୍.ଜି. ଅଫିସ ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କରେ ବି ଏପରି ଚିଠି ପହଞ୍ଚେ । ଅଫିସର ମାନଙ୍କ ବିରୁଦ୍ଧରେ... ।

ଶେଷରେ ଆଲୋଚନାରେ ସ୍ଥିର ହେଲା ଯେ, ଏପରି ବେନାମୀ ଚିଠି ଅଳିଆଗଦାରେ ପଡ଼ିବା ଉଚିତ୍ । ଅଳିଆ ଠୁଳ ହୋଇଥାଏ ଯୋଉ ମନରେ, ସେଥିରୁ ଅଳିଆର ଗନ୍ଧ ହିଁ ବାହାରିବ । ଏ ସବୁ ଉପେକ୍ଷା କରିବା ହିଁ ଉଚିତ ହେବ... । କିନ୍ତୁ ମୁଁ ଭାବୁଥିଲି ଯେଉଁ ଯେଉଁ ଭଦ୍ର ମହିଳାଙ୍କ ଚରିତ୍ର ବିରୁଦ୍ଧରେ ସେମାନଙ୍କ ସ୍ୱାମୀମାନଙ୍କୁ ବେନାମୀ ଚିଠି ଗଲା, ସେମାନେ ସହଜରେ ସବୁ ହଜମ କରି ଶାନ୍ତିରେ ବସି ପାରିବେ କି ? ସେମାନଙ୍କର ପାରିବାରିକ ଜୀବନର ଶାନ୍ତି ବି ନଷ୍ଟ ହେବ ନାହିଁ କି ?

ମୋ ପାଖରେ ଉତ୍ତର ନ ଥିଲା ।

ପୁରୀ ଗେଷ୍ଟହାଉସ୍ ସାମ୍ନାରେ ଗାଡ଼ି ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇ ସାରିଥାଏ । ମେଘ ବର୍ଷୁଥାଏ ମୂଷଳଧାରାରେ ।

Digitized by srujanika@gmail.com

ତୁଣ୍ଡ ବାଇଦ ସହସ୍ର କୋଶ

ଓଡ଼ିଆରେ ଗୋଟିଏ କଥା ଅଛି ଯେ ହାଡ଼ି ବାଇଦ କୋଶେ, କିନ୍ତୁ ତୁଣ୍ଡ ବାଇଦ ସହସ୍ର କୋଶ । ମୁହଁର କଥା କାନରୁ କାନକୁ ଏତେ ଶୀଘ୍ର ବ୍ୟାପିଯାଏ ଯେ ମିଛ ବି ସତରେ ପରିଣତ ହୋଇଯାଏ । ଏଥିପାଇଁ ଗୁଜବ ପ୍ରତି କାନ ନ ଦବା ପାଇଁ ଲୋକମାନଙ୍କୁ ଉପଦେଶ ଦିଆଯାଏ । ଆମ ଦେଶରେ ସତ ବୋଲି ଏତେ ଗୁଜବ ଓ ମିଛ ପ୍ରଚାରିତ ହୁଏ ଯେ, ଲୋକମାନେ ଆଉ ଯାଞ୍ଚ ନକରି ମିଛକୁ ସତ ବୋଲି ଧରି ନିଅନ୍ତି । ମିଛ ସତ ଭାବରେ ଗୃହିତ ହୋଇଯିବା ଦ୍ୱାରା ସମାଜରେ କେବଳ ଅପସଂସ୍କୃତି ପ୍ରସାରିତ ହୁଏ ନାହିଁ, ଜନଜୀବନରୁ ବିଶ୍ୱାସ ଓ ସତ୍ୟ ପ୍ରତି ଅନୁରାଗ ମଧ ହ୍ରାସ ପାଏ । ଆମ ଦେଶରେ ଖବରକାଗଜଗୁଡ଼ିକର ଭୂମିକା ବିଚାରକୁ ନେଲେ ଦେଖାଯାଏ ଯେ, ସତ୍ୟ ପ୍ରକାଶ କରି ସମାଜ ଓ ଶାସନକୁ କଳଙ୍କମୁକ୍ତ କରିବା ନାମରେ ଏସବୁରେ ଯେତେ ଅର୍ଦ୍ଧସତ୍ୟ ବା ଅସତ୍ୟ ପ୍ରଚାରିତ ହୁଏ ତାହା ଜନସାଧାରଣଙ୍କ ମନରୁ ସତ୍ୟ ପ୍ରତି ଅନୁରାଗକୁ ଦୋହଲାଇ ଦିଏ । ସାଧାରଣ ଲୋକେ ଧରି ନିଅନ୍ତି ଯେ, ଖବର କାଗଜରେ ଯାହା ପ୍ରଚାରିତ ହୁଏ ତାହ ସତ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଖବରକାଗଜଗୁଡ଼ିକୁ ଏହି କାରଣରୁ ରାଷ୍ଟ୍ରର ଚତୁର୍ଥ ସ୍ତମ୍ଭ ବୋଲି ଅଭିହିତ କରାଯାଏ । କିନ୍ତୁ ଖବରକାଗଜରେ ଅସତ୍ୟ ବା ଅର୍ଦ୍ଧସତ୍ୟ ପ୍ରକାଶିତ ହେଲେ ତାହା କ୍ଷତିର କାରଣ ହୁଏ ।

୧୯୭୪ ମସିହା ମେ' ମାସ । ମୁଁ ରେଳବାଇର ଡ଼ିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରୁଥାଏ ଜଟଣୀରେ । ମେ' ୧୪ ତାରିଖ ଦିନ ରେଳବାଇ ଧର୍ମଘଟ ହେଲା ସାରା ଦେଶରେ । ସରକାର ଧର୍ମଘଟକୁ କେବଳ ବେଆଇନ ଘୋଷଣା କରି ନଥିଲେ, ଦୃଢ଼ ହସ୍ତରେ ଏହାର ମୁକାବିଲା କରିବାକୁ ନିର୍ଦ୍ଦେଶ ମଧ ଦେଇଥିଲେ । ତେଣୁ ରେଳ ଚଳାଚଳ ଯେପରି ବିପର୍ଯ୍ୟସ୍ତ ନ ହୁଏ ତାହା ନିଶ୍ଚିତ କରିବା ଥିଲା ମୋର ପ୍ରଥମ କର୍ତ୍ତବ୍ୟ । ଧର୍ମଘଟର ମୁକାବିଲା କରିବା ପାଇଁ ସବୁ ପ୍ରକାର ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବା ସଙ୍ଗେ ଆଇନଶୃଙ୍ଖଳା ରକ୍ଷା କରି ଅନୁଗତ କର୍ମଚାରୀମାନଙ୍କୁ ସୁରକ୍ଷା ଯୋଗାଇ ସେମାନଙ୍କର ନୈତିକ ବଳକୁ ଅତୁଟ ରଖିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଫଳରେ ଖୋର୍ଦ୍ଧା ଡ଼ିଭିଜନରେ ଧର୍ମଘଟ ସଫଳ ହେଲା ନାହିଁ ଏବଂ

Digitized by srujanika@gmail.com

ଧର୍ମଘଟ ଦିନ ସାଧାରଣ ଦିନଠାରୁ ଆହୁରି ସମୟାନୁବର୍ତ୍ତିତା ରକ୍ଷା କରି ରେଳଗାଡ଼ି ସବୁ ଚଳାଚଳ କରିଥିଲେ । ଏଥିରେ ହତାଶ ଓ ଉତ୍କ୍ଷିପ୍ତ ହୋଇ ସଂକୀର୍ଣ୍ଣ ରାଜନୀତି ଦ୍ୱାରା ପ୍ରଭାବିତ ମୁଷ୍ଟିମେୟ କେତେଜଣ ବ୍ୟକ୍ତି ମୋତେ ବଦନାମ କରିବା ପାଇଁ ଅଭିନବ ଉପାୟ ଅବଲମ୍ବନ କଲେ । ଖୋର୍ଦ୍ଧା ଡ଼ିଭିଜନରେ କାର୍ଯ୍ୟକରୁଥିବା ଷୋହଳ ହଜାର କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୪୯ ଜଣ ଥିଲେ ଧର୍ମଘଟକାରୀ । ଏହି କତିପୟଙ୍କ ବିରୋଧକୁ ଭ୍ରୂକ୍ଷେପ ନ କରି ସେଦିନ ରେଳ ପରିବହନରେ ଅଭୂତପୂର୍ବ ସଫଳତା ପ୍ରଦର୍ଶନ କରିବାରୁ ଡ଼ିଭିଜନର କର୍ମଚାରୀମାନଙ୍କୁ ଦେଶବାସୀ ସାଧୁବାଦ ଜଣାଇଥିଲେ । କିନ୍ତୁ ଏହା ସତ୍ତ୍ୱେ ସ୍ୱରାଜ୍ୟ ଦୈନିକ କାଗଜରେ ଏ ଖବର ଛାପିଦିଆଗଲା ଯେ, ଡ଼ିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ମଦ, ମାଂସ ଓ ମହିଳା ଉପଯୋଗ କରି ଧର୍ମଘଟ ବିଫଳ କରାଇବା ଲାଗି ଆପ୍ରାଣ ଉଦ୍ୟମ କରିଥିଲେ । ଏବଂ ସୁନ୍ଦରୀ ତରୁଣୀଙ୍କ ଗହଣରେ ମଦମତ୍ତ ଅବସ୍ଥାରେ ଅଫିସରେ ରାତ୍ରିଯାପନ କରୁଥିଲେ । ଧର୍ମଘଟ ସମୟରେ କେବଳ ମୁଁ ନୁହେଁ, ଆହୁରି କେତେକ ଅଫିସର ପ୍ରାୟ ଚବିଶ ଘଣ୍ଟା ଅଫିସରେ ରହୁଥିଲୁ । ସେଠାରେ ଖାଉଥିଲୁ ଓ ଶୋଉଥିଲୁ । ଏହି ଅସତ୍ୟ ସମ୍ବାଦ ଧର୍ମଘଟର ଅଳ୍ପଦିନ ପରେ ଦିନେ ଛପା ହେଲା ଏବଂ ଓଡ଼ିଶାର ସର୍ବତ୍ର ପ୍ରଚାରିତ ହେଲା । ଏପରି ମିଥ୍ୟା ସମ୍ବାଦ ପଢ଼ି ମୁଁ କେବଳ ଆବାକ୍ ହେଲି ନାହିଁ, ମୋର ବନ୍ଧୁ ଓ ପରିଚିତମାନେ ଆହୁରି ବିସ୍ମିତ ହେଲେ ।

ମୋର ଏତେଦୂର ଅଧପତନ ହୋଇଥିବ ଏହା ସେମାନେ ଭାବି ନଥିଲେ । ତଥାପି ତୁଣ୍ଡ ବାଇଦ ସହସ୍ର କୋଶ ପରି ଏହା ପ୍ରସାରିତ ହେଲା ଏବଂ ମୋ ସ୍ତ୍ରୀ ମଧ ଏହା ପଢ଼ିଲେ । ମୁଁ ଅଫିସରେ ଥିଲି । ସେ ଫୋନ କରି କହିଲେ- ତମ ନାମରେ କ'ଣ ବାହାରିଛି ପଢ଼ିଚ ? ମୁଁ ପଢ଼ି ନ ଥିଲି ସେତେବେଳ ପର୍ଯ୍ୟନ୍ତ । ସେ ପଢ଼ି ଶୁଣାଇଦେଇ କହିଲେ- ମୁଁ ବି ଜାଣିନଥିଲି ତମେ ସୁରାପାନ କର ବୋଲି... କିନ୍ତୁ ଖାଲି କ'ଣ ସେତିକି... ସୁନ୍ଦରୀ ତରୁଣୀମାନଙ୍କ ଗହଣରେ... । ତା' ପରେ ଆଉ କିଛି ନକହି ସେ ଖୁଲି ଖୁଲି କରି ହସି ଉଠିଲେ, ଆଉ କେତେକ କିନ୍ତୁ ବିଶ୍ୱାସ ମଧ କରିଗଲେ ଯେ ମୁଁ ମଦ ଓ ମହିଳା ନେଇ ବ୍ୟସ୍ତ । ଏହି ଅସ୍ତ୍ର ପ୍ରୟୋଗ କରି ଧର୍ମଘଟ ଜବତ କରୁଛି । ମଦ ପିଇବା ଦୋଷାବହ ନୁହେଁ, କିନ୍ତୁ ମୁଁ ମଦ ପିଏନା । ସେହିପରି ସୁନ୍ଦରୀ ତରୁଣୀଙ୍କ ସାନିଧ୍ୟ ଅପ୍ରୀତିକର ନୁହେଁ, କିନ୍ତୁ ସେମାନଙ୍କ ଅଶୋଭନୀୟ ଉପଯୋଗ କେବଳ ଅନ୍ୟାୟ ନୁହେଁ, ନୈତିକତାର ବିରୋଧୀ । କେତେକ ବନ୍ଧୁ ମୋତେ ଫୋନ କରି ସତ୍ୟାସତ୍ୟ ଜାଣିବାକୁ ଚାହିଁଲେ, ଅନ୍ୟମାନେ ହସରେ ଉଡ଼ାଇଦେଇ କହିଲେ- ଏସବୁ ଲୋଭନୀୟ ସାମଗ୍ରୀ ସବୁକାଳରେ ମଣିଷର ଚିତ୍ତହରଣ କରିଛି, ଏବେ ଯଦି ହେଲା ତ କ୍ଷତି କ'ଣ ?

ସେ ଯାହାହେଉ ମୁଁ ତା' ପରଦିନ ବାହାରିଲି ସମ୍ପାଦକଙ୍କୁ ଦେଖା କରିବା ପାଇଁ ସ୍ୱରାଜ୍ୟର ସମ୍ପାଦକ ବୈରାଗୀ ଚରଣ ମହାନ୍ତି ଆଗରୁ ଚିହ୍ନି ନଥିଲି । ସେଦିନ ପ୍ରଥମ

Digitized by srujanika@gmail.com

ସାକ୍ଷାତ । ମୁଁ ତାଙ୍କୁ ନମସ୍କାର କରି କହିଲି- ଆପଣଙ୍କ କାଗଜରେ ଏପରି ସମ୍ବାଦ ଛାପା ହେଲା କିପରି ? ସେ ମୁରୁକି ହସି କହିଲେ- ପ୍ରଥମେ ମୁଁ କ୍ଷମା ମାଗି ନଉଛି । ଏପରି ମିଛ ଖବର ପ୍ରକାଶ କରିଥିବାରୁ ମୁଁ ନିଜେ ପରେ ଯାଞ୍ଚ କରି ଜାଣିଲି ଯେ ଏହା ସଂପୂର୍ଣ୍ଣ ଅସତ୍ୟ । କିନ୍ତୁ କ୍ଷତି ଯାହା ହେବାର ହେଲା, ଏହାପରେ ଆଉ ଏ ଭୁଲ ହେବନାହିଁ । ସେହିଦିନୁ ଆମ ଦୁଇଜଣ ଘନିଷ୍ଠ ବନ୍ଧୁ ହୋଇଗଲୁ ।

ଉପରୋକ୍ତ ଘଟଣାର ଚାରିବର୍ଷ ପରେ ଆଉ ଏକ ଘଟଣା ଘଟିଲା । ମୁଁ ସେତେବେଳେ ଦକ୍ଷିଣ-ପୂର୍ବ ରେଳବାଇର ମୁଖ୍ୟ ଜନସଂପର୍କ ଅଫିସର ଭାବେ କାର୍ଯ୍ୟ କରୁଥାଏ । ଭୀଷଣ ବନ୍ୟାରେ ବାଗବାନ ଓ ଘୋଡ଼ାଘାଟ ମଧ୍ୟରେ ରେଳ ଲାଇନ ଭାସିଗଲା । ଖଡ୍ଗପୁର ଓ କଲିକତା ମଧ୍ୟରେ ସିଧାସଳଖ ରେଳ ଯୋଗାଯୋଗ ଛିନ୍ନ ହୋଇଗଲା । ଅନେକ ଜଳମଗ୍ନ ଗ୍ରାମର ଅଧିବାସୀ ରେଳଷ୍ଟେସନ ଓ ରେଳପଥ ଉପରେ ଆଶ୍ରୟ ନେଲେ । ଯୁଦ୍ଧକାଳୀନ ଭିତ୍ତିରେ ଅବସ୍ଥାର ମୁକାବିଲା କରିବା ଲାଗି ପଦକ୍ଷେପ ନିଆଗଲା । ସେହି ସମୟରେ କଲିକତା ପ୍ରେସ କେତେକ କାରଣରୁ ରେଳବାଇ ଉପରେ ଅସନ୍ତୁଷ୍ଟ ଥିଲେ । ଦଳେ ସମ୍ବାଦିକଙ୍କୁ ମୁଁ ବନ୍ୟାଞ୍ଚଳକୁ ନେଇ ଯାଇଥିଲି । ଛିନ୍ନ ରେଳ ଯୋଗାଯୋଗ ବ୍ୟବସ୍ଥାକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ପାଇଁ ହେଉଥିବା ବ୍ୟବସ୍ଥା ଦେଖାଇବା ପାଇଁ କଲିକତାରୁ ଆସିବା ବାଟରେ କାଜୁବାଦାମ, ଚିକେନ ସ୍ୟାଣ୍ଡଉଇଚ ଓ ସନ୍ଦେଶ ସହିତ କଫି ଓ ଚା' ପରିବେଷଣ କରାଯାଇଥିଲା । ମଦ୍ୟପାନର ସୁବିଧା କରି ନଥିଲି ମୁଁ । ଏଥିରେ ଅସନ୍ତୁଷ୍ଟ ହୋଇ ସେମାନେ ଯାହା ଦେଖିଲେ ତାହା ନ ଲେଖି ଅର୍ଦ୍ଧ ସତ୍ୟ ପରିବେଷଣ କରି ରେଳବାଇ ପକ୍ଷରୁ ହୋଇଥିବା ମରାମତି କାର୍ଯ୍ୟ ଯଥେଷ୍ଟ ନୁହେଁ ବୋଲି ଦର୍ଶାଇଥିଲେ । ଏପରି ଏକ ଦୈବୀ ବିପତ୍ତିରେ ସହସ୍ର ଲୋକ ମୁଠାଏ ଚୁଡ଼ା ନପାଇ ସାହାଯ୍ୟ ଅପେକ୍ଷାରେ ଥିଲାବେଳେ, ପର୍ଯ୍ୟାପ୍ତ ପାନୀୟ ସହିତ ରାଜକୀୟ ଭୋଜନ ବ୍ୟବସ୍ଥା ଆଶା କରିବା କେତେବଡ଼ ନିଷ୍ଠୁର ଉପହାସ ତାହା ସେମାନେ ନ ବୁଝିବା ପରିତାପର ବିଷୟ ।

ଏହାର ବହୁ ପୂର୍ବରୁ ୧୯୬୧ ମସିହାରେ ମୁଁ ଆଉଥରେ ଆଉ ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲି । ସେତେବେଳେ ମୁଁ ଚକ୍ରଧରପୁରରେ ଡ଼ିଭିଜନାଲ କମର୍ସିଆଲ ସୁପରିଣ୍ଟେଣ୍ଡ ଭାବରେ କାର୍ଯ୍ୟ କରୁଥିଲି । ସମ୍ବଲପୁର-ଟିଟିଲାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ମୁଁ ସମ୍ବଲପୁରରେ ପହଁଞ୍ଚିବା ମାତ୍ରେ ଜଣେ ବରିଷ୍ଠ ଓଡ଼ିଆ ଅଫିସର ହୋଇଥିବାରୁ ସ୍ୱର୍ଗୀୟ ନୃସିଂହ ଗୁରୁ ଓ ଅନ୍ୟ କେତେକ ସାମ୍ବାଦିକ ଆସିଥିଲେ ମୋ ସହିତ ଅଣ ଔପଚାରିକ ଭାବେ କିଛି ଆଲୋଚନା କରିବା ପାଇଁ । ମୁଁ ନିଷ୍କପଟ ଚିତ୍ତରେ ସେମାନଙ୍କୁ କହିଦେଲି ଯେ, ସମ୍ବଲପୁର-ଟିଟିଲାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟରେ ଓଡ଼ିଆମାନଙ୍କୁ ନିଯୁକ୍ତ କରାଯିବ ଏବଂ ଓଡ଼ିଶାର ସ୍ୱାର୍ଥ ଅକ୍ଷୁର୍ଣ୍ଣ ରଖିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ । ଏହି ସମ୍ବାଦ ପ୍ରକାଶ ନ କରିବା ପାଇଁ ମୁଁ ଅନୁରୋଧ କରିଥିଲି

Digitized by srujanika@gmail.com

ଏବଂ କେବଳ ସମ୍ବଲପୁର-ଟିଟିଲାଗଡ଼ ରେଲପଥର ଲମ୍ବା, ଏଥିରେ ଖର୍ଚ୍ଚର ଅଟକଳ ଓ ନିର୍ମାଣର ସମୟସୀମା ସମ୍ବନ୍ଧରେ ସମ୍ବାଦ ପରିବେଷଣ କରିବା ପାଇଁ ଆମ ଭିତରେ 'ଭଦ୍ରଲୋକଙ୍କ ଚୁକ୍ତି' ହୋଇଥିଲା । କିନ୍ତୁ ଦୁଇଦିନ ପରେ କେତେକ ଓଡ଼ିଆ ଖବରକାଗଜରେ ଏ ସମ୍ପର୍କରେ ସବୁ ଖବର ପ୍ରକାଶ ପାଇଯିବା ଦେଖି ମୁଁ ବିସ୍ମିତ ଓ ବ୍ୟଥିତ ହେଲି । ମୁଁ ରେଳବାଇର ପ୍ରତିନିଧି ନା ଓଡ଼ିଶାର ପ୍ରତିନିଧି ବୋଲି ନାନା ପ୍ରଶ୍ନ ଉଠିଲା ହେଡ଼ କ୍ୱାର୍ଟର୍ସ କଲିକତାରେ । ପ୍ରେସ କଟିଙ୍ଗ ସହିତ ଏକ ଚିଠି ଆସିଲା ଜେନେରାଲ ମ୍ୟାନେଜରଙ୍କଠାରୁ । ସମ୍ବାଦ ସତ୍ୟ କି ନୁହେଁ, ସେ ସମ୍ବନ୍ଧରେ ମୋର ମନ୍ତବ୍ୟ ସହିତ କୈଫିୟତ ତଲବ କରାଗଲା । ମୁଁ ଅଡୁଆରେ ପଡ଼ିଗଲି । ଯାହା ନ୍ୟାୟୋଚିତ ସେତିକି କହିଥିଲି । କିନ୍ତୁ ମୁଁ ତ ଅରକ୍ଷିତ ଓଡ଼ିଆ ଅଫିସର । ଭାଗ୍ୟକୁ ଷ୍ଟେଟସମ୍ୟାନ କାଗଜରେ ପି.ଟି.ଆଇ. ପରିବେଷଣ କରିଥିବା ସମ୍ବାଦ ଥିଲା ଭିନ୍ନ ପ୍ରକାର । ମୁଁ ଯେତିକି ପ୍ରକାଶ କରିବାକୁ କହିଥିଲି ବିଶ୍ୱାସନୀୟତା ରକ୍ଷା କରି ସେତିକି ସେଥିରେ ଛାପ ହୋଇଥିଲା । ତାହା ମୋ ଚିଠିରେ ଉଦ୍ଧାର କରି ମୁଁ ଲେଖିଦେଲି ଯେ, ଷ୍ଟେଟସମ୍ୟାନରେ ପି.ଟି.ଆଇ ଦେଇଥିବା ସମ୍ବାଦ ହିଁ ସତ୍ୟ, ଅନ୍ୟ ସବୁ ଅସତ୍ୟ । ମୁଁ ରକ୍ଷା ପାଇଗଲି । କାରଣ ରେଳବାଇ ସର୍ବଭାରତୀୟ ଅନୁଷ୍ଠାନ, ଏଥିରେ ଚାକିରିରେ ସମସ୍ତଙ୍କର ଅଧିକାର । ପରେ ମୋର ପରମହିତୈଷୀ ଓଡ଼ିଶାର ପୂର୍ବତନ ପୋଲିସ ମହାନିରୀକ୍ଷକ ରାମଚନ୍ଦ୍ର ଦାସ ମୋତେ ସାବଧାନ କରାଇ ଦେଇ କହିଥିଲେ- ଓଡ଼ିଶା ସପକ୍ଷରେ ଲଢ଼ିବାକୁ ମନା ନାହିଁ, ବରଂ ଭଲ, କିନ୍ତୁ ଓଡ଼ିଆଙ୍କୁ ବିଶ୍ୱାସ କରି ରଣକୌଶଳ ସମ୍ବନ୍ଧରେ କିଛି କହିବ ନାହିଁ । ସେମାନେ ତମକୁ ପାଣିରେ ବୁଡ଼ାଇଦେବେ । ଏବେ ବୁଝୁଛି ଏବଂ ସେଦିନ ବୁଝିଥିଲି ତାଙ୍କ କଥା କେତେ ସତ୍ୟ । କେବଳ ଓଡ଼ିଶା ପାଇଁ ଶେଷ ଯାଏ ଲଢ଼ି ଆସିଲି- ଏହାହିଁ ମୋର ସାନ୍ତ୍ୱନା ଓ ପୁରସ୍କାର ।

Digitized by srujanika@gmail.com

ବଡ଼ ମାୟାବୀ ଜୀବ ନୋହେ କାହାରି

ପ୍ରବଚନ ଶେଷରେ ବାବା କହିଲେ- ଇଏ ସବୁ ତାହାରି ଯୋଗ ମାୟା ବଳରେ ଏ ସବୁ ତାହାରି କାରିଗି । ସେ ସବୁରି, ପୁଣି କାହାରି ନୁହେଁ, ଏଇ ଉଚ୍ଚ ଦର୍ଶନ ତମେ ସବୁ ବୁଝି ପାରିବ ନାହିଁ । ତେବେ ଏତିକି ମନେ ରଖ ଯେ, ସିଏ ବଡ଼ ମାୟାବୀ, କାହାରି ନୁହେଁ ।

ବାବାଙ୍କ ଅମୃତ ବଚନ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲେ ଭକ୍ତଗଣ । ତାଙ୍କର ଜଣେ ପରମଭକ୍ତ ଉମାଶଙ୍କର ଦାଶ ବାବାଙ୍କ ସହିତ ମୋର ପରିଚୟ କରାଇ ଦେଇ କହିଲେ- ଗୁରୁଦେବଙ୍କ ପ୍ରବଚନ ଶୁଣିଛନ୍ତି ଆପଣ... ? ମୁଁ ନତମସ୍ତକ ହୋଇ ପ୍ରଣାମ କଲି । ସେ ଆଶୀର୍ବାଦ କଲା ଭଙ୍ଗୀରେ ହାତ ଟେକିଲେ ।

ସ୍ଥାନ ଭୁବନେଶ୍ୱର ଷ୍ଟେସନର ଦୁଇ ନମ୍ବର ପ୍ଲାଟଫର୍ମ । ୧୯୭୫ ମସିହା ଫେବୃୟାରୀ ମାସ । ମୁଁ ସେତେବେଳେ ଖୋର୍ଦ୍ଧାରୋଡ଼ ଡ଼ିଭିଜନର ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲି । ଏଇ ବାବାଙ୍କ ନାମ ଡ଼ାକ ସେତେବେଳେ ପ୍ରବଳ ଥିଲା । ଥରେ ନୁହେଁ ଏକାଧିକଥର ଖବର କାଗଜ ଧରିତ୍ରୀ'ର ସଂପାଦକ ପୂର୍ବରୁ ଲେଖିଥିଲେ, ସେ ବାବାଙ୍କ ଛାତିର କେନ୍ଦ୍ର ବିନ୍ଦୁରେ ବ୍ରହ୍ମଙ୍କ ଆବିର୍ଭାବ ନିଜ ଆଖିରେ ଦେଖିଛନ୍ତି । ସଂପାଦକ ନିଜେ କହୁଛନ୍ତି ଯେତେବେଳେ ପାପୀ ତାପୀ ସାଧାରଣ ଲୋକଙ୍କର ଅବିଶ୍ୱାସ କରିବାର କାରଣ ନାହିଁ ।

ସେଦିନ ବାବା ମୋତେ ଆଉ କିଛି କହିଲେ ନାହିଁ କି ମୁଁ ମଧ ବାବାଙ୍କୁ ଆଉ କିଛି ପଚାରିଲି ନାହିଁ । ସେ ଅପେକ୍ଷା କରୁଥିଲେ ଟ୍ରେନ୍‌ରେ ଯିବା ପାଇଁ ।

ମୁଁ ତାଙ୍କଠାରୁ ବିଦାୟ ନେଇ ଆସିବା ବେଳେ ଭାବୁଥିଲି ଏଇ ବାବାଜୀ ମାତାଜୀମାନଙ୍କ କଥା । ସେମାନେ ପଦ୍ମପତ୍ରର ଢ଼ଳ ଢ଼ଳ ଜଳବିନ୍ଦୁ ପରି ଏଇ ଜଞ୍ଜାଳମୟ ସଂସାରରେ ଅଛନ୍ତି, କିନ୍ତୁ ଏହାର ଧାସ ଲାଗେନି ସେମାନଙ୍କୁ । ସେମାନେ ସାଧାରଣ ଜୀବର ଦୁଃଖସୁଖ ଅତିକ୍ରମ କରି ବହୁ ଉପରକୁ ଉଠି ଯାଇଛନ୍ତି । ଆଉ ଜଗତର ଲୋକସଂଖ୍ୟା ହୁ ହୁ ହୋଇ ବଢ଼ିବା ପରି ସମସ୍ୟାଗୁଡ଼ା ବି ବଢ଼ିବାରେ ଲାଗିଛି । ସଂଗ୍ରାମ, ସଂଘର୍ଷ ଚାଲୁଚି ବଞ୍ଚିବା ପାଇଁ । ସାଧାରଣ ମଣିଷ ତ୍ରାହି ତ୍ରାହି ଡାକୁଚି ଏଇ ସଂସାର ଜ୍ୱାଳାରୁ ମୁକ୍ତି ପାଇବା

Digitized by srujanika@gmail.com

ପାଇଁ । ତେଣୁ ଯଦି କେହି କହେ ଯେ ସେଇ ସଂସାର ଜ୍ୱାଳାରୁ ରକ୍ଷା କରିବାର ମହୌଷଧି ତା' ପାଖରେ ଅଛି- ତା ପାଖରେ ସାଧାରଣ ଧର୍ମବିଶ୍ୱାସୀ ଲୋକମାନଙ୍କର ଭିଡ ଜମିବା ସ୍ୱାଭାବିକ । ଏମିତି ଦିନେ ଏହି କାରଣରୁ ଭିଡ଼ ଜମିଥିଲା ରତଲେଇରେ, ଭିଡ଼ ଜମିଥିଲା ସାକ୍ଷିଗୋପାଳ ପାଖର ଏକ ଗ୍ରାମରେ... ।

କଟଣାକୁ ମୁଁ ଫେରି ଆସିଲି । ମୋ ବଡ଼ପୁଅ ସଂଜୀବ ସେତେବେଳେ ଆଇ.ଏ. ପଢୁଥାଏ ବି.ଜେ.ବି. କଲେଜରେ । ସେ ବାରିପଦାରେ ମେଟ୍ରିକ ପଢ଼ିଲାବେଳେ ଜଣେ ବାବାଙ୍କ ସହିତ ତା'ର ପରିଚୟ ହୋଇଥିଲା । ସେଇ ବାବାଙ୍କ ସହିତ ସେ ଦିନେ କୁଆଡ଼େ ଗଲା ଯେ ସନ୍ଧ୍ୟା ଯାଇ ରାତି ହେଲେ ବି ଆଉ ଫେରିଲା ନାହିଁ । ଆମେ ଚିନ୍ତାରେ ପଡ଼ିଗଲୁ । ଖୋଜାଖୋଜି ଚାଲିଲା, କିନ୍ତୁ ସଠିକ୍ ଖବର କୌଣସି ସୂତ୍ରରୁ ପାଇଲୁ ନାହିଁ । ତା'ପର ଦିନ ଦଶଟା ବେଳକୁ ସେ ଫେରି ଆସିଲା ଘରକୁ । ତାହାରି ମୁହଁରୁ ଶୁଣିଲୁ ଯେ ତାକୁ ବାରିପଦାର ପରିଚିତ ବାବା ନେଇଯାଇଥିଲେ ମହାନଦୀ କୂଳସ୍ଥ ଆଶ୍ରମରେ ରହୁଥିବା ବାବାଙ୍କ ନିକଟକୁ । ସେ କୁଆଡ଼େ ତ୍ରିକାଳଦର୍ଶୀ । ମା' ଜଗତ ଜନନୀ ଦୁର୍ଗାଙ୍କର ବାଣୀ ବାବାଙ୍କ ମୁହଁଦେଇ ବାହାରକୁ ଶୁଣାଯାଏ । ସେ ଆହୁରି ବିସ୍ତାର କରି କହିଲା ଯେ, ସେ ଓ ବାବା ବଡ଼ବାବାଙ୍କ ଆଶ୍ରମରେ ପହଞ୍ଚିଲା ବେଳକୁ ବେଳ ବୁଡ଼ିଗଲାଣି । ଗୋଧୂଳି । ବାବା କହିଲେ- ରହିଯାଅ ରାତିରେ... ଜଗତ୍‌ଜନନୀର ଦର୍ଶନ ପାଇବ... ଦୁର୍ଲଭ ଦୃଶ୍ୟ । ମନସ୍କାମନା ପୂର୍ଣ୍ଣ ହେବ । ଦୁହେଁ ରହିଗଲେ ଆଶ୍ରମରେ । ରାତି ନଅଟା ହେବ ପ୍ରାୟ । ଗୋଟିଏ ଅନ୍ଧାର କୋଠରୀରେ ଏ ଦୁହେଁ ବସିଥିଲେ ବାବାଙ୍କ ସହିତ । ସେ ଟେଲିଫୋନ୍‌ରେ କଥା ହେଲାପରି କହିଲେ : ହ୍ୟାଲୋ... ହ୍ୟାଲୋ ମା... ଆଜି ଆସୁଛୁ ତା'ହେଲେ... ଏମାନେ ଅନେକ ଦୂରକୁ ଆସିଛନ୍ତି ଯେ... କିଛି ଗୁହାରି ଅଛି ସେମାନଙ୍କର... ଆ ମା ଆ'... ଆମେ ଅପେକ୍ଷା କରୁଛୁ । ଇଏ କଣ୍ଟିଲୋର ବୀରୁ ବାବା ।

ଏହାର ଠିକ୍ ଦୁଇ ତିନି ମିନିଟ୍ ପରେ ବାହାରୁ ଛିଟିକି ପଡୁଥିବା ଦୀପର ଆଲୁଅ ବି ଲିଭିଗଲା ଏବଂ କବାଟ ଖୋଲିବାର ଶବ୍ଦ ହେଲା । ସ୍ୱତଃ ଏମାନଙ୍କର ଦୃଷ୍ଟି ଆକର୍ଷିତ ହେଲା ସେଇ ଦିଗକୁ । ଝଲକାଏ ଆଲୁଅରେ ଏମାନେ ଦେଖିଲେ ଏକ ସୁନ୍ଦରୀ କନ୍ୟା । ଲାଲ ଲୁଗା ପରିହିତା ସେଇ କନ୍ୟା ମଥାରେ ଥିଲା ମୁକୁଟ, ହାତରେ ତ୍ରିଶୂଳ... । ବାବା କହିଲେ ଏଇ ଯେ ଦୟାମୟୀ ଦୁଃଖହାରିଣୀ ମା' ମୋର... ପ୍ରଣାମ କର... ପ୍ରଣାମ କର... । ଏମାନେ ସାଷ୍ଟାଙ୍ଗ ପ୍ରଣାମ କରି ଉଠିଲା ବେଳକୁ ମା' ଅନ୍ତର୍ହିତ ହୋଇଯାଇଥିଲେ ।

ଦ୍ୱିତୀୟ ଦିନ ବାବାଙ୍କର ଆଶୀର୍ବାଦ ସହିତ ପୁଅ ପ୍ରସନ୍ନ ଚିତ୍ତରେ ଫେରି ଆସିଲା କଟଣାକୁ । କନିଷ୍ଠ ବାବା ଭୁବନେଶ୍ୱରରେ ରହିଗଲେ । ମୋ ସ୍ତ୍ରୀ ଗୀତା କହିଲେ : ମାଆଙ୍କୁ ମାଗିଲୁ କିଛି ? ପୁଅ କହିଲା- ସେ ଏତେ ଉତ୍ତେଜିତ ହୋଇ ପଡ଼ିଥିଲା ଯେ ଆଉ କିଛି କହିବା ପାଇଁ ମନେ ପଡ଼ିଲା ନାହିଁ । କିଛିଦିନ ଅତିବାହିତ ହୋଇଗଲା । ଦିନେ ସନ୍ଧ୍ୟାରେ ଅଫିସରୁ ଫେରି ଜଳଖିଆ ଖାଉଥିଲା ବେଳେ ଗୀତା କହିଲେ, କରୁଣା ଦେବୀ ଫୋନ

Digitized by srujanika@gmail.com

କରିଥିଲେ... ତାଙ୍କ ଗୁରୁଦେବ ଆସିଛନ୍ତି, ସେ କହୁଥିଲେ ଆମେ ସନ୍ଧ୍ୟାରେ ଗଲେ କେବେ ଦୀକ୍ଷା ନେବା, ନିଶ୍ଚୟ କରାଯାଆନ୍ତା । ମୁଁ କହିଲି- ଆମେ ତ ଦୀକ୍ଷା ନେଇ ସାରିଛୁ... । ଗୀତା କହିଲେ ନ ହେଲା ନାହିଁ ଯିବାରେ କ୍ଷତି କ'ଣ... ତାଙ୍କ ଗୁରୁଦେବ ତ୍ରିକାଳଦର୍ଶୀ ମହାଯୋଗୀ ବୋଲି କହୁଥିଲେ କରୁଣା... ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରନ୍ତି... । ଆଉ ଏଇ ସୁଯୋଗ... ସେଦିନ ପୂଅ ଯାହା କହି ନ ପାରିଲା ଆମେ କହିବୁ । ଇଏ ସେଇ ସୁନାମଧନ୍ୟ ସ୍ୱାମୀ ବୀରାନନ୍ଦ ।

ମୁଁ ଅଡୁଆରେ ପଡ଼ିଗଲି । ଏଇ ବାବାଙ୍କ ସମ୍ପର୍କରେ ଏ ଭିତରେ ଏତେକଥା ଶୁଣିଥିଲି ଯେ, ମୋ ମନରେ ପ୍ରଶ୍ନ ଉଠିବା ଆରମ୍ଭ କରିଥିଲା । ମୁଁ କହିଲି, ହଉ କାଲି ଦେଖିବା... ଆଜି କ୍ଲାନ୍ତ ଲାଗୁଛି ଆଉ... । ଗୀତା ସେଇକଥା କହିଦେଲେ । ମୁଁ ଇଣ୍ଟେଲିଜେନ୍‌ସ ଇନ୍‌ସପେକ୍ଟର ମିଶ୍ର ବାବୁଙ୍କୁ ଡାକି କହିଲି ସବୁ ଏବଂ ତାଙ୍କୁ ବାବାଙ୍କ ସମ୍ବନ୍ଧରେ ସବୁ ତଥ୍ୟ ଅତି ଗୋପନରେ ସଂଗ୍ରହ କରି ମୋତେ ଜଣାଇବା ଲାଗି ଅନୁରୋଧ କଲି ।

ମିଶ୍ରବାବୁ ତା ପରଦିନ ସକାଳେ କରୁଣା ଦେବୀଙ୍କ ଘରକୁ ଗଲେ ବାବାଙ୍କୁ ଦର୍ଶନ କରିବା ପାଇଁ । ନଅଟା ସମୟ ହେବ ବୋଧହୁଏ । ତାଙ୍କୁ ଦେଖିବା କ୍ଷଣି ବାବା କହିଲେ- ଆସ ଇନ୍‌ସପେକ୍ଟର ବାବୁ... ତୁମକୁ ଦେଖି ଖୁସି ଲାଗୁଚି... ଏବେ ଯା' ହେଉ ଧର୍ମକର୍ମରେ ମତି ଦେଉଛ । ମିଶ୍ରବାବୁ ନମସ୍କାର କଲେ ମଧ ମନେ ମନେ ଆଶ୍ଚର୍ଯ୍ୟ ହେଲେ ଯେ ବାବା ତାଙ୍କୁ ଆଉ କେବେ ଦେଖି ନ ଥିଲେ ମଧ ଚିହ୍ନିପାରିଲେ । କ୍ରମଶଃ ଆହୁରି କେତେକ ଭକ୍ତ ଠୁଳ ହେଲେ । ପନ୍ଦର କୋଡ଼ିଏ ଜଣ ଭକ୍ତ ଥିଲେ ସେଠାରେ । ସମସ୍ତେ ଜଳଖିଆ ଖାଇଲେ । ତା'ପରେ ପ୍ରାୟ ସାଢ଼େ ଦଶଟା ବେଳକୁ ବାବା ସିଂହାସନରେ ବସି ମୁଣି ଖୋଲି ଏକ ସ୍ୱର୍ଣ୍ଣ କଙ୍କଣ ବାହାର କରି କାନ ପାଖରେ ରଖି କହିଲେ ମା... ମା... ଗୋ ମା... ଅନେକ ଭକ୍ତ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି ମା... ତୋତେ ଦର୍ଶନ କରିବା ପାଇଁ... ହେଁ... ହେଁ... କ'ଣ କହିଲୁ... ଆଜି ଆସିବୁ ନାହିଁ... ମା ଗୋ ମା... କ'ଣ ଅପରାଧ କଲି ମା... କିଏ ଅବିଶ୍ୱାସୀ ଆସିଲା ଏଠାକୁ... ? ଏହିପରି କିଛି ସମୟ କଥାବାର୍ତ୍ତା ହେବା ପରେ ବାବା ଘୋଷଣା କଲେ ଯେ, ମା' ଆଉ ଆସିବେନି... ବେଳ ଶୁଭ ନୁହେଁ... ଭକ୍ତମାନଙ୍କ ମନରେ ସରଳ ନିର୍ମଳ ଉତ୍କଣ୍ଠା ଜାଗିନି ଏଯାଏ... । ବରଂ ସଂଶୟର ଟେର୍ ପାଇଛନ୍ତି ଜଗତ୍‌ଜନନୀ ।

ମିଶ୍ରବାବୁ ପରେ ଫେରିଆସି ମୋତେ ସବୁ କହିଲେ ଏବଂ ପୁଲିସ ସୂତ୍ରରୁ ସଂଗ୍ରହ କରିଥିବା ସୂଚନା ବି ଦେଲେ । ବାବାଙ୍କ ଆଚାର ଓ ଆଚରଣ ସନ୍ଦେହରୁ ମୁକ୍ତ ନୁହେଁ । ଏହା ବି କେହି କେହି କହନ୍ତି ଯେ ବାବାଙ୍କ ଅଫିମ ଓ ନିଶାଦ୍ରବ୍ୟ କାରବାର ଅଛି । ଆଉ. ଅଧିକ ସମୟ ନଷ୍ଟ ନ କରି ମୁଁ ଗୀତାଙ୍କୁ କହିଲି ସବୁ । କରୁଣା ଦେବୀଙ୍କ ଘରକୁ ସନ୍ଧ୍ୟାରେ ଯିବାର କାର୍ଯ୍ୟକ୍ରମ ବାତିଲ କରିଦିଆଗଲା ।

Digitized by srujanika@gmail.com

ଆଉ ମାସେ ଦେଢ଼ମାସ ପରେ ମୋ ପୁତୁରା ଚିନ୍ମୟ ଆସି ପହଞ୍ଚିଲା କଟକରୁ । ସେ ଆଇ.ଏସ.ସି. ପଢୁଥିଲା ରେଭେନ୍‌ସାରେ । ତା' ବାପା ଅକ୍ଷୟ(ମୋ ସାନଭାଇ) ରସାୟନ ଶାସ୍ତ୍ରର ଅଧାପକ । ପୁତୁରାର ଆଖିର ଦୃଷ୍ଟିଶକ୍ତି ଦୁର୍ବଳ ଥିବାରୁ ବ୍ୟସ୍ତ ହୋଇ ତା ବାପା ତାକୁ ନେଇଯାଇଥିଲେ ବାବାଙ୍କ ପାଖକୁ ପ୍ରତିକାର ଆଶାରେ । ଡାକ୍ତର ଯାହା ପାରିଲେ ନାହିଁ ଦୈବୀଶକ୍ତି ବଳରେ ଯଦି କିଛି ହୁଏ ଏଇ ବିଶ୍ୱାସରେ । ଜଣେ ଅଧାପକଙ୍କ ଘରେ ବାବା ରହୁଥାନ୍ତି କଟକରେ ।

ଅନେକ ଭକ୍ତ, ଆର୍ତ୍ତ ଓ ଅର୍ଥାର୍ଥୀ ଠୁଳ ହୋଇଥିଲେ ବାବାଙ୍କ କରୁଣାଲାଭ କରିବା ପାଇଁ । ହଠାତ୍ ବାବା ସ୍ୱର୍ଣ୍ଣ କଙ୍କଣ କାନ ପାଖରେ ରଖି ପୂର୍ବପରି କଥାଭାଷା କରି ଘୋଷଣା କଲେ ମା ବିରାଜମାନ କରିବେ... ଆଲୁଅ ଲିଭାଇ ଦିଅ... ତମେ ସବୁ ମଥା ନୁଆଁଇ ନମସ୍କାର କର... ମା ଆବିର୍ଭାବ ନ ହେଲା ଯାଏ ମୁହଁ ତଳକୁ କରି ରଖିବ । ସମସ୍ତେ ସେୟା କଲେ । ବାବା ପୁଣି ଘୋଷଣା କଲେ- ଏଇ ମା' କରୁଣାମୟୀ ବିଜେ କରିଛନ୍ତି... ଦର୍ଶନ କର । ସମସ୍ତେ ତାଙ୍କ ଛାତିରେ ଏକ ଆଲୋକ ଦେଖି ଗଦ୍‌ଗଦ୍ ହୋଇଉଠିଲେ । ଘଣ୍ଟାଘଣ୍ଟି ଶଙ୍ଖନାଦ ହେଲା । ଧୂପଦୀପ ନୈବେଦ୍ୟ ଦିଆଗଲା । ମା ପ୍ରସ୍ଥାନ କଲେ ଅଳ୍ପ ସମୟ ଦର୍ଶନ ଦେଇ । ତା'ପରେ ପୁତୁରା କହିଲା ଯେ ବାବା ତାକୁ ଆଉ ଗୋଟିଏ କୋଠରିକୁ ଡାକିନେଇ ତା' ଆଖିରେ ହଳଦୀପାଣି ପକାଇ କହିଲେ- ମାଆଙ୍କ ପାଖରେ ମନ ରଖିଲେ ସବୁ ଠିକ୍ ହୋଇଯିବ । ମୁଁ କହିଲି- ଏବେ କିପରି ଅଛୁ ? ସେ କହିଲା- ଆଗପରି, କିଛି ଉନ୍ନତି ହୋଇନି । ମୁଁ କହିଲି- ଆଉ ସେଠାକୁ ଯିବା ଦରକାର ନାହିଁ । ତୋ ନନା ବି ସେହିପରି ଠକାମିରେ ପଡ଼ିଥିଲା । ତେବେ ସେଇ ଆଲୁଅ କେଉଁଠୁ ଆସିଲା କିଛି ଅନୁମାନ କରିପାରିଲୁ ? ସେ କହିଲା- ଦଦେଇ, ସମସ୍ତଙ୍କୁ ଆଖି ବନ୍ଦ କରିବାକୁ କହି ବାବା ଲୁଗା ଘୋଡେଇ ହୋଇ କ'ଣ ବନ୍ଧାବନ୍ଧି କରୁଥିଲେ ପଛରେ- ବ୍ୟାଟେରି ବୋଧହୁଏ ।

ଏଇ ଘଟଣାର ସପ୍ତାହେ ପୂରିବା ଆଗରୁ ଖବର ଆସିଲା ଅଧାପକ ଭକ୍ତଙ୍କ ସତୀସାଧ୍ୱୀ ସ୍ତ୍ରୀ ବାବାଙ୍କ ପଦସେବା କରୁଥିବା ବେଳେ ଅଘଟଣ ଘଟିବାରୁ ସାହିବାଲା ତାଙ୍କୁ ମାରପିଟ କରି ବାହାର କରିଦେଇଛନ୍ତି ।

ମୁଁ ମନକୁ ମନ ହସିଲି ଏବଂ କହିଲି- ଏଇ ବାବାମାନଙ୍କର ଉତ୍ପାତ ଥିବା ଯାଏ ଭଗବାନଙ୍କ ଆବିର୍ଭାବ ଅସମ୍ଭବ ହୋଇ ରହିଥିବ ।

Digitized by srujanika@gmail.com

ଚିହ୍ନିରଖ ଭ୍ରାତାଙ୍କ ବଦନ

ଇନ୍ଦିରା ଗାନ୍ଧୀଙ୍କ ଇମ୍‌ରଜେନ୍‌ସି ବା ଜରୁରୀକାଳୀନ ଶାସନ ସମୟରେ ଅନେକ କ୍ଷମତା ବହିର୍ଭୂତ କାର୍ଯ୍ୟ କରାଯାଇଥିବା ଅଭିଯୋଗରେ ତଦନ୍ତ ପାଇଁ ସେତେବେଳର ଜନତା ସରକାର ଶାହା କମିଶନଙ୍କୁ ଦାୟିତ୍ୱ ଦେଇଥିଲେ । ଜରୁରୀକାଳୀନ ପରିସ୍ଥିତି ଥିଲା ବେଳେ ପ୍ରଶାସନିକ କଳ କିପରି କାର୍ଯ୍ୟ କରୁଥିଲା, ତାହା ସମସ୍ତେ ଜାଣନ୍ତି । ଅନେକ କାର୍ଯ୍ୟ ବର୍ଷ ବର୍ଷ ଧରି କରା ନ ଯାଇ ପଡ଼ି ରହିଥିଲା, କର୍ମଚାରୀମାନେ ଦଶଟା ବେଳେ ଅଫିସ ନ ଆସି ଏଗାରଟାରେ ଆସି ଆଗରୁ ଚାଲି ଯାଉଥିଲେ, କଳକାରଖାନାରେ ବିଭିନ୍ନ ଆଳ ଦେଖାଇ ଉତ୍ପାଦନ ବ୍ୟାହତ ହେଉଥିଲା । ଏସବୁ ଘଟଣା ଜଣା ଅଧିକେ ସମସ୍ତେ ଜାଣନ୍ତି । ଜରୁରୀକାଳୀନ ଶାସନ ସପକ୍ଷରେ ବା ବିପକ୍ଷରେ ଆଲୋଚନା କରିବାର ସ୍ଥାନ ଏଠାରେ ନାହିଁ; ତଥାପି ସେହି ସମୟରେ ପ୍ରଶାସନିକ କାର୍ଯ୍ୟ ଯେ ତ୍ୱରାନ୍ୱିତ ହୋଇଥିଲା ଏଥିରେ ଅନେକ ସହମତ ପ୍ରକାଶ କରନ୍ତି । ଏହାର କାରଣ ଆମେ ଏକ ଗଣତାନ୍ତ୍ରିକ ସମାଜରେ ବାସ କରୁଥିଲେ ମଧ୍ୟ ଗଣତାନ୍ତ୍ରିକ ଜୀବନ ଧାରା ଓ ମୂଲ୍ୟବୋଧ ଏଯାଏ ଗ୍ରହଣ କରିନାହୁଁ । ଜନଜୀବନରେ ଅନୁଶାସନ ପ୍ରତି ପ୍ରତିବଦ୍ଧତା ଓ ପାରସ୍ପରିକ ସହଯୋଗ ଓ ସହିଷ୍ଣୁତାର ଅଭାବ ଯୋଗୁଁ ଏ ଦେଶର ଜାତୀୟ ଜୀବନରେ ଯେ ଅପରିସୀମ କ୍ଷତି ଘଟିଛି ତାହା କେହି ଅସ୍ୱିକାର କରିପାରିବେ ନାହିଁ । ସେ ଯାହା ହେଉନା କାହିଁକି ଜରୁରିକାଳୀନ ଶାସନ ବ୍ୟବସ୍ଥାର ସୁଯୋଗ ନେଇ ଅନେକ ମାତ୍ରାଧିକ କାର୍ଯ୍ୟ କରାଯାଇଥିବା ଅଭିଯୋଗ ମଧ୍ୟ କେତେକାଂଶରେ ସତ୍ୟ ।

ପ୍ରଶାସନର ବିଭିନ୍ନ ବିଭାଗରେ ମାତ୍ରାଧିକ କାର୍ଯ୍ୟ କରାଯାଇଥିବା ଅଭିଯୋଗ ସବୁ ଶାହା କମିଶନ ପାଖରେ ପହଞ୍ଚିବାରୁ ସେଥିସହିତ ସଂପୃକ୍ତ ଅଫିସରମାନଙ୍କଠାରୁ କୈଫିୟତ ତଲବ କରାଗଲା । ମୋ ବିରୁଦ୍ଧରେ ମଧ୍ୟ କେତେକ ଅଭିଯୋଗ ପାଇଥିଲେ ଶାହା କମିଶନ । ଦୁଇଟି ପ୍ରଧାନ ଅଭିଯୋଗ ମଧ୍ୟରୁ ଗୋଟିଏ ଥିଲା କ୍ଷମତାର ଅପପ୍ରୟୋଗ କରି କେତେଜଣ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିବା ! ଦ୍ୱିତୀୟ ଅଭିଯୋଗ ହେଲା ଏହି ଯେ କଟକ ସହରରୁ ବିଶେଷ କରି ଷ୍ଟେସନଠାରୁ ରେଭେନ୍‌ସା କଲେଜ ଓ କେନାଲ ଯାଏ ବହୁ ବର୍ଷ ଧରି ରାସ୍ତାର କେତେକାଂଶ ବେଆଇନ ଭାବରେ ଜବରଦଖଲ କରି ବସିଥିବା ଦୋକାନ

Digitized by srujanika@gmail.com

ବଜାର ଭାଙ୍ଗି ରାସ୍ତା ପ୍ରଶସ୍ତ କରିବାର ମାତ୍ରାଧିକ କାର୍ଯ୍ୟ ସହିତ ରେଳବାଇ ଇଲାକାରୁ ଯୋର ଜବରଦସ୍ତ ଦୋକାନ ଘର ଭାଙ୍ଗିବାରେ ମୁଁ ସହାୟତା କରିଥିଲି ।

ଏ ଦୁଇଟି ଗୁରୁତର ଅଭିଯୋଗ ନିଶ୍ଚୟ । କେତେକଜଣ ଦୁର୍ନୀତିଗ୍ରସ୍ତ ଟିକେଟ କଲେକ୍ଟରଙ୍କୁ ମୁଁ ଚାକିରିରୁ ବହିଷ୍କାର କରିଥିଲି ଆଇନର ବିଶେଷ ଧାରା ଅନୁସାରେ ଏବଂ ସେହିପରି ରାଜ୍ୟ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ରାସ୍ତା ଉପରେ ଗଢ଼ି ଉଠିଥିବା ଦୋକାନ ଘର ଗୁଡ଼ିକୁ ମଧ୍ୟ ଭଙ୍ଗା ଯାଇଥିଲା ଆଇନ ଉଲ୍ଲଂଘନ ନ କରି । କିନ୍ତୁ ସେ ଯାହା ହେଉନା କାହିଁକି ଶାହା କମିଶନରୁ କୈଫିୟତ ତଲବ ହୋଇଥିବାର ଖବର ପାଇ କେତେ ଜଣ ଭୁଚ୍ଚିନେତା ଓ କର୍ମଚାରୀ ମୋ ବିରୁଦ୍ଧରେ ନାନାଦି ଅଭିଯୋଗ ଉପସ୍ଥାପିତ କଲେ । ସେଥିରୁ ଗୋଟିଏ ଅଭିଯୋଗ ହେଲା ଏହି ଯେ ମୁଁ ଜଣେ ବ୍ୟବସାୟୀଙ୍କ ଆବେଦନ ନିବେଦନ ଗ୍ରାହ୍ୟ ନକରି ତାଙ୍କୁ ଜୋରିମାନା ଦେବା ଲାଗି ବାଧ କରିଥିଲି । ଶାହା କମିଶନ ଏହି ଅଭିଯୋଗ ରେଳବାଇ ମନ୍ତ୍ରଣାଳୟକୁ ପଠାଇ ଦେଇଥିଲେ ଅନୁସନ୍ଧାନ ପାଇଁ । ଶାହା କମିଶନଙ୍କ ଚିଠି ପାଇ ପ୍ରଥମୋକ୍ତ ଦୁଇଟି ଅଭିଯୋଗ ସଂପର୍କରେ କୈଫିୟତ ଦେଇ ମୁଁ ଲେଖିଲି ଯେ କେତେକଜଣ ଟିକଟ କଲେକ୍ଟରଙ୍କ ବିରୁଦ୍ଧରେ ଉତ୍କୋଚ ନବାର ପ୍ରମାଣଯୋଗ୍ୟ ବହୁ ତଥ୍ୟ ଆମ ପାଖରେ ଥିଲା, କିନ୍ତୁ ଶୃଙ୍ଖଳା ଏବଂ ଆନ୍ଦୋଳନ ସଂପର୍କିତ ନିୟମ ଅନୁସାରେ ସେମାନଙ୍କୁ ଦଣ୍ଡିତ କରିବା ଲାଗି ଉଦ୍ୟମ କରାଯାଇଥିଲେ ସୁଦ୍ଧା ସେମାନଙ୍କର ଟାଳଟୁଳ କୌଶଳ ତଥା ପ୍ରାମାଣିକ ତଥ୍ୟ ସବୁକୁ ନଷ୍ଟ କରି ଦବାଲାଗି କ୍ରମାଗତ ଚକ୍ରାନ୍ତକୁ ପଣ୍ଡ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଲାଗି ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା । ଏଇ ଶାସ୍ତି ବିରୁଦ୍ଧରେ ପ୍ରଚଳିତ ବିଧିବ୍ୟବସ୍ଥା ଅନୁସାରେ ସେମାନେ ଉପରିସ୍ଥ ଅଫିସରଙ୍କୁ ଅପିଲ କରି ପାରିବାର ବ୍ୟବସ୍ଥା ଥିଲା । ସରକାର ଚାହିଁଲେ ମଧ ଏ ସବୁ ଦଣ୍ଡକୁ କାଏମ ବା ରଦ୍ଦ କରି ପାରିବେ । କିନ୍ତୁ ସାଧାରଣ ସେବା କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ ମାନଙ୍କର ଚରିତ୍ର ନିର୍ମଳ ଓ ଦୁର୍ନିତୀମୁକ୍ତ ହେବା ଏକାନ୍ତ ଆବଶ୍ୟକ । ଦ୍ୱିତୀୟବାର ଅଭିଯୋଗ ସଂପର୍କରେ ମୁଁ ଦର୍ଶାଇଥିଲି ଯେ ସରକାରୀ ଜମି ଉପରେ ବେଆଇନ ଭାବରେ କେତେକ ଲୋକ ଦୋକାନ ତିଆରି କରିଥିଲେ । କେତେକ ସ୍ଥାନରେ ସେମାନେ ରାସ୍ତା ଉପରକୁ ମାଡି ଆସିଥିବାରୁ ଯାନବାହନ ଚଳାଚଳ ବ୍ୟାହତ ହେଉଥିଲା । ତେଣୁ ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ବେଆଇନ ଭାବେ ସରକାରୀ ଜମି ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ସେ ସବୁ ସ୍ଥାନ ଖାଲି କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା, କିନ୍ତୁ ସେମାନେ ତାହା ଅମାନ୍ୟ କରି ଆଇନ ଶୃଙ୍ଖଳା ଭାଙ୍ଗିବା ପାଇଁ ଉଦ୍ୟମ କରିଥିଲେ । ଏହି ପରିପ୍ରେକ୍ଷୀରେ ସରକାରୀ ଜମିର ପୁନରୁଦ୍ଧାର ପାଇଁ ଏବଂ ଆଇନ ଅମାନ୍ୟକାରୀମାନଙ୍କୁ ଆଇନ ଅନୁସାରେ ଦଣ୍ଡିତ କରାଗଲା । ଏହା ସରକାରଙ୍କ ନୀତି ଅନୁସାରେ ହିଁ କରାଯାଇଛି । ତେଣୁ ସେଇ ନୀତି ବଳବତ୍ତର ଥିବା ଯାଏ ଗ୍ରହଣ କରାଯାଇଥିବା ପଦକ୍ଷେପ ସଠିକ୍ ଓ ନ୍ୟାୟୋଚିତ ମନେହୁଏ ।

Digitized by srujanika@gmail.com

କହିବା ବାହୁଲ୍ୟ ଯେ ଶାହା କମିଶନ ଉପରୋକ୍ତ ଦୁଇଟି ଅଭିଯୋଗ ଉପରେ ଆଉ କୌଣସି ପଦକ୍ଷେପ ନେଲେ ନାହିଁ । ତୃତୀୟଟିରେ ଜଣେ ଓଡ଼ିଆ ବ୍ୟବସାୟୀ ମୋ ବିରୁଦ୍ଧରେ ପକ୍ଷପାତ ବିଚାର ଓ ଆଉ କେତେକ ଅଭିଯୋଗ ଉପସ୍ଥାପିତ କରି କହିଥିଲେ ଯେ ମୁଁ କର୍ତ୍ତବ୍ୟରେ ଅବହେଳା ଓ ଅନଧିକାର ପ୍ରଦର୍ଶନ କରିଛି । ତାଙ୍କ ଅଭିଯୋଗ ପତ୍ରଟି ଉପରେ କାର୍ଯ୍ୟାନୁଷ୍ଠାନ କରିବା ଲାଗି ସୁପାରିଶ କରିଥିଲେ ଓଡ଼ିଶାର ଜଣେ ପାର୍ଲାମେଣ୍ଟ ସଦସ୍ୟ । ସେତେବେଳେ ତାଙ୍କ ଚିଠିର ନକଲ ସହିତ ଅଭିଯୋଗ ପତ୍ରର ନକଲ ମୋ ପାଖକୁ ମନ୍ତବ୍ୟ ଦେବାପାଇଁ ଆସିଲା । ମୁଁ ବିସ୍ମିତ ହେଲି ଯେ ପାର୍ଲାମେଣ୍ଟ ସଦସ୍ୟ ମୋର ପରିଚିତ ଓ ବନ୍ଧୁ । ଜଣେ ବ୍ୟବସାୟୀଙ୍କ ମିଥ୍ୟା ଅଭିଯୋଗକୁ ସତ୍ୟମନେ କରି ମୋ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସୁପାରିଶ କରିବା ପୂର୍ବରୁ ସେ କାହିଁକି ଏହାର ସତ୍ୟାସତ୍ୟ ସମ୍ବନ୍ଧରେ ଯାଞ୍ଚ ନ କଲେ ତାହା ତାଙ୍କୁ ଦେଖା ହେବାରୁ ପଚାରିଲାରୁ ସେ କହିଲେ- ମୋ ପ୍ୟାଡ୍‌ରେ ଯାହା ଲେଖାଯାଏ ତାହା କ'ଣ ମୁଁ ଲେଖିଥାଏ ? ମୁଁ ଆହୁରି ଆଶ୍ଚର୍ଯ୍ୟ ହୋଇ କହିଲି - ତେବେ କିଏ ଲେଖେ ? ଆପଣଙ୍କ ଦସ୍ତଖତ ତ ରହିଛି ସେଥିରେ... । ସେ କହିଲେ - ମୋ ପ୍ୟାଡ୍‌ରେ ମୋ ଦସ୍ତଖତ କରି ଆଉ କେହି ପଠାଇଥାଇପାରେ... ତମେ କଣ ବିଶ୍ୱାସ କରୁଛ ମୁଁ ଏୟା ଲେଖିଥିବି ? ମୁଁ ତାଙ୍କୁ ଆଉ କିଛି କହିବା ଉଚିତ ମନେ କଲିନି । ଜଣେ ପାର୍ଲାମେଣ୍ଟ ସଭ୍ୟଙ୍କ ଏପରି ଉତ୍ତର ପରେ ମୁଁ ଆଉ କଣ କରିଥାନ୍ତି ଯେ ? ଘଟଣାର ବିବରଣୀ ସହିତ ମୋ ମନ୍ତବ୍ୟ ଲେଖି ପଠାଇ ଦେଲି ଏବଂ ସରକାର ଏହା ମଧ୍ୟ ଗ୍ରହଣ କରିନେଲେ ।

ଗୋଟିଏ ଦଳୀୟ ସରକାର ବଦଳରେ ଅନ୍ୟଦଳ ସରକାରକୁ ଆସିଲେ ଅଫିସରମାନଙ୍କୁ ନିର୍ଦ୍ଦିଷ୍ଟ ଦଳ ସହିତ ଚିହ୍ନଟ କରିବାର ପରମ୍ପରା ନଥିଲା ଏ ଦେଶରେ । ଅଫିସରମାନେ କୌଣସି ଦଳର ବୋକଚାବୁହା ନୁହନ୍ତି, ସେମାନେ ସମ୍ବିଧାନ ଅନୁସାରେ ନିରପେକ୍ଷ ଭାବରେ କାର୍ଯ୍ୟ କରିବା କଥା । ଯଦି କେହି ଏହି ନୀତି ନ ମାନି ଦଳ ପ୍ରତି ଆନୁଗତ୍ୟ ବା ଅନୁଗ୍ରହ ପ୍ରଦର୍ଶନ କରନ୍ତି ତେବେ ସେ ପ୍ରଶାସନିକ ସେବା ପାଇଁ ଅନୁପଯୁକ୍ତ । କିନ୍ତୁ ଊଣା ଅଧିକେ ନବେ ଭାଗ କର୍ମଚାରୀ ନିରପେକ୍ଷ ଭାବେ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ହେଁ ସେମାନଙ୍କୁ ଦଳୀୟ ସରକାର ସହିତ ଚିହ୍ନଟ କରି ଲାଂଛିତ ଓ ହରକତ କରିବାର ବହୁ ଦୃଷ୍ଟାନ୍ତ ଗତ ଦଶପନ୍ଦର ବର୍ଷ ମଧ୍ୟରେ ଦେଖିବାକୁ ମିଳିଛି । ଏହାର ଅବସାନ କରି ପ୍ରଶାସନ କଳକୁ ଓ ପ୍ରଶାସନିକ ଅଫିସରମାନଙ୍କୁ ନିରପେକ୍ଷ ଭାବରେ କାର୍ଯ୍ୟ କରିବାକୁ ଦେବା ରାଜନୈତିକ ଦଳମାନଙ୍କର କର୍ତ୍ତବ୍ୟ । ତାହା ନ କଲେ ଗଣତାନ୍ତ୍ରିକ ପରମ୍ପରା କେବଳ କ୍ଷୁର୍ଣ୍ଣ ହେବ ନାହିଁ, ପ୍ରଶାସକୀୟ ଦକ୍ଷତା ଓ ନିରପେକ୍ଷତା ଦିନେ ଯେ ଲୋପ ପାଇଯିବ ଏଥିରେ ସଂନ୍ଦେହ ନାହିଁ ।

Digitized by srujanika@gmail.com

ସ୍ୱାମୀଜୀଙ୍କ ସଂସାର ଚିନ୍ତା

ଅନେକଙ୍କ ମତରେ ଆମ ଦେଶର ଲୋକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ବଂଚିରହିବାର କାରଣ ସାଧୁ, ସନ୍ଥ, ଆଚାର୍ଯ୍ୟ ଓ ସ୍ୱାମୀଜୀମାନଙ୍କର ଆବିର୍ଭାବ ଓ ସମାଜରେ ସେମାନଙ୍କର ଅବସ୍ଥିତି । ସଂସାର ଚିନ୍ତାରେ ଘାରି ହେଉଥିବା ସାଧାରଣ ମଣିଷ ସମୟ ପାଏନା ଈଶ୍ୱର ଚିନ୍ତା କରିବା ପାଇଁ । ତା ପରେ ସେ ଈଶ୍ୱରଙ୍କୁ ସ୍ୱଚକ୍ଷୁରେ କେବେ ଦେଖୁ ନଥିବାରୁ ତାଙ୍କର ସ୍ଥିତି ସଂପର୍କରେ ବିଶ୍ୱାସ କରୁଥିଲେ ମଧ୍ୟ ବାସ୍ତବତା ସହିତ ସେ ସଂପୃକ୍ତ ନୁହଁନ୍ତି ବୋଲି ଧରିନିଏ । ବାସ୍ତବତାର ପ୍ରତୀକ ଭାବରେ ସାଧାରଣ ମଣିଷମାନଙ୍କ ମଧ୍ୟରେ ଆତଯାତ ହୁଅନ୍ତି ବାବାଜୀ, ମାତାଜୀ, ସାଧୁସନ୍ଥ, ଆଚାର୍ଯ୍ୟ ଓ ସ୍ୱାମୀମାନେ । ସେମାନେ ଧର୍ମର ପ୍ରବକ୍ତା । ସେମାନଙ୍କ ପ୍ରବଚନ ଶୁଣି, ଉପଦେଶ ପାଇ ଧନ୍ୟ ମନେକରେ ସାଧାରଣ ମଣିଷ । ସେମାନେ ପଦ୍ମପତ୍ରସ୍ଥ ଜଳ ସଦୃଶ । ପଦ୍ମପତ୍ରରେ ଥାଇ ବି ଜଳ ଢଳଢଳ, ଅସ୍ଥିର, ସେହିପରି ସଂସାର ଓ ସମାଜରେ ଥାଇବି ଚେର ମାଡେନି ସାଧୁସନ୍ଥ ମାନଙ୍କର, ସଂଶ୍ଳିଷ୍ଟ ଓ ଜଡିତ ନୁହନ୍ତି ସେମାନେ ସଂସାର ଯନ୍ତ୍ରଣା ସହିତ । ତେଣୁ ସେହିପରି ଜଣେ ସ୍ୱାମୀ ପରିଦର୍ଶନରେ ଖୋର୍ଦ୍ଧାରୋଡ ଡିଭିଜନକୁ ଆସୁଥିବାର ସୂଚନା ପାଇ ମୁଁ ଯୁଗପତ୍ ଆଶ୍ଚର୍ଯ୍ୟ ଓ ଅଭିଭୂତ ହୋଇ ପଡିଲି । ଆଶ୍ଚର୍ଯ୍ୟ ହେବାର କାରଣ ଏହି ଯେ, ଯିଏ ଆସୁଛନ୍ତି ସେ ଜଣେ ସାଧୁ, ଭାରତ ସାଧୁ ସମାଜର ସଭାପତି, ଅଥଚ ରେଳବାଇରେ କାର୍ଯ୍ୟ ପରି ହେଉଛି ତାହା ତଦାରଖ କରିବେ, ଅଭିଭୂତ ଏଥିପାଇଁ ଯେ ଏପରି ଜଣେ ସାଧୁଙ୍କର ଶୁଦ୍ଧସାନ୍ନିଧ୍ୟ ମିଳିବ ।

ତାଙ୍କ ନାମ ସ୍ୱାମୀ ହରିହର ନାରାୟଣ ନନ୍ଦ । ବିହାରର ପାଟନାଠାରେ ତାଙ୍କ ଆଶ୍ରମ । ସେ ଭାରତ ସେବକ ସମାଜ ଓ ଭାରତ ସାଧୁ ସମାଜର ସଭାପତି ଓ ଅନ୍ୟାନ୍ୟ ବହୁ ଅନୁଷ୍ଠାନ ସହିତ ସଂପୃକ୍ତ ଗୈରିକବସନ ପରିହିତ, ଲମ୍ୱାଦାଢ଼ିଆ ସନ୍ୟାସୀଙ୍କ ଆଗମନକୁ ଆମେ ଅଧିକ ଆଗ୍ରହ ଓ ଉତ୍କଣ୍ଠାର ସହିତ ପ୍ରତୀକ୍ଷା କଲୁ ।

୧୯୭୭ ମସିହା ଇମରଜେନ୍‌ସି ସମୟ । ଦେଶର ସର୍ବବୃହତ୍ ପରିବହନ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ପରିଚାଳିତ ଭାରତୀୟ ରେଳବାଇ ଜାତିର ଜୀବନ ନାଡିକା ସଦୃଶ । ଏହାର ଚଳାଚଳରେ ସମୟାନୁବର୍ତ୍ତିତା, ପରିଚାଳନାରେ ଦକ୍ଷତା ଏବଂ ଆୟବ୍ୟୟର

Digitized by srujanika@gmail.com

ସମୀକ୍ଷା କରି ସରକାରଙ୍କୁ ମଧ୍ୟେ ମଧ୍ୟେ ରିପୋର୍ଟ ଦେବା ସକାଶେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଦାୟିତ୍ୱ ଦେଇଥିଲେ ରେଳବାଇ ମନ୍ତ୍ରୀ କମଳାପତି ତ୍ରିପାଠୀ । ଜନସହଯୋଗ ଓ ଜନସଂପର୍କ ବ୍ୟବସ୍ଥାକୁ ସୁଦୃଢ଼ କରିବା ଥିଲା ଏହାର ଅନ୍ୟତମ ଉଦ୍ଦେଶ୍ୟ ।

ସ୍ୱାମୀଜୀ ଖୋର୍ଦ୍ଧାରୋଡ ଡିଭିଜନକୁ ଆସିବା ପୂର୍ବରୁ ଆଉ ଦୁଇଟି ଡିଭିଜନ ପରିଦର୍ଶନ କରି ପରିଚାଳନାଗତ ତ୍ରୁଟି ଓ ଅପବ୍ୟୟ ଉପରେ କଟୁ ମନ୍ତବ୍ୟ ଦେଇ ସିଧାସଳଖ ପ୍ରଧାନମନ୍ତ୍ରୀ ଓ ରେଳବାଇ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ଏହା ଜାଣିବା ସଙ୍ଗେ ସଙ୍ଗେ ରେଳବାଇ ହେଡ କ୍ୱାର୍ଟରରେ ଚହଳ ପଡ଼ିଗଲା । ଜରୁରୀକାଳୀନ ଅବସ୍ଥା ଚାଲିଥାଏ ଦେଶରେ । ପ୍ରଶାସନିକ ଦକ୍ଷତା ପ୍ରମାଣିତ ନ ହେଲେ ଚାକିରି ହରାଇବା ଭୟ ବିଚଳିତ କରୁଥାଏ ଅନେକଙ୍କୁ । କଲିକତାର ହେଡ ଅଫିସ ଓ ଅନ୍ୟତ୍ର ଏଗାରଟା ପରେ ଅଫିସକୁ ଆସୁଥିବା ବାବୁମାନେ ଦଶଟା ଆଗରୁ ଉପସ୍ଥାନ ଖାତାରେ ସହି କରିବାଲାଗି ଧାଡ଼ି ବାନ୍ଧୁଥିଲେ । ଲିଫ୍ଟ ନ ଚାଲିଲେ ସାତ ଆଠ ମହଲା ଯାଏ ଚାଲି ଚାଲି ଯାଉଥିଲେ । ଅଫିସ ସମୟରେ ସ୍ଥାନ ଛାଡ଼ି ଫୁଟବଲ ଖେଳ ଦେଖିବାକୁ ଯିବାଲାଗି କି ଆଜିର କାମ କାଲିକୁ ପକାଇ ରଖିବା ପାଇଁ ଦୁଃସାହସ କରୁ ନଥିଲେ । ଇମରଜେନ୍‌ସି ବିରୁଦ୍ଧରେ ଆମେ ଯାହା କହୁନା କାହିଁକି, ନିଜକୁ ଠକୁଥିବା ଗୋଟିଏ ବିଶୃଙ୍ଖଳା ଆଳସ୍ୟପରାୟଣ ଜାତିକୁ ଏହା ଏପରି କର୍ମଚଞ୍ଚଳ ଓ ପାରଙ୍ଗମ କରି ଦେଇପାରେ ତାହା ଯିଏ ନ ଦେଖିଛି ସେ ବିଶ୍ୱାସ କରି ପାରିବ ନାହିଁ । ଜାପାନରେ ସମୟ ଜାଣିବା ପାଇଁ କେହି କେହି ରେଳଗାଡ଼ି ପହଞ୍ଚିବା ସମୟ ସହିତ ଘଣ୍ଟା ମିଳେଇ ନିଅନ୍ତି । ଜରୁରୀକାଳୀନ ସମୟରେ ରେଳ ଚଳାଚଳ ଓ ଅଫିସ ଗୁଡ଼ିକର ଉପସ୍ଥାନରେ ଯେପରି ସମୟାନୁବର୍ତ୍ତିତା ପ୍ରାଥମିକତା ହାସଲ କରିଥିଲା, ସେହିପରି ଶୃଙ୍ଖଳା ରକ୍ଷା କରିବାରେ ଏହା ଉଦାହରଣ ସୃଷ୍ଟି କରିଥିଲା । ଫଳରେ ଆମେ କିଛି କାଳ ବ୍ୟକ୍ତି ସ୍ୱାଧୀନତା ହରାଇଥିଲୁ ସିନା, କିନ୍ତୁ ଫେରି ପାଇଥିଲୁ ଆତ୍ମସଂଯମ, ଶୃଙ୍ଖଳା, ଯୋଗ୍ୟତା ଓ କର୍ତ୍ତବ୍ୟନିଷ୍ଠା ।

ସ୍ୱାମୀଜୀ ଗାଡ଼ିରୁ ଓହ୍ଲାଇବାକ୍ଷଣି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପାଇ ପ୍ରସନ୍ନତା ପ୍ରକଟ କରି କହିଲେ ମୁଁ ବୁଲିବାକୁ ଆସିନାହିଁ, ଆସିଛି ଆପଣମାନଙ୍କର କାର୍ଯ୍ୟର ସମୀକ୍ଷା କରିବା ପାଇଁ । ମୋର ମତାମତ ଆଉ କାହାକୁ ନୁହେଁ ସିଧାସଳଖ ସ୍ୱୟଂ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଓ ରେଳବାଇ ମନ୍ତ୍ରୀ ପଣ୍ଡିତଜୀଙ୍କ ନିକଟକୁ ପଠାଇବି । ଆପଣମାନଙ୍କର ଅଭାବ ଅସୁବିଧା ନୁହେଁ, ଜନସାଧାରଣଙ୍କ ସୁବିଧା ଅସୁବିଧା ସମ୍ବନ୍ଧରେ ମୁଁ ତଦନ୍ତ କରିବି । ଶାସନକଳ ଦକ୍ଷ, ନିର୍ମଳ ଓ ସମର୍ପିତ ହେବା ଦରକାର ।

ପୂର୍ବରୁ ମୋତେ ସୂଚନା ଦିଆଯାଇଥିଲା ସ୍ୱାମୀଜୀଙ୍କ ଆହାରବିହାର ସଂପର୍କରେ । ସେ ସନ୍ନ୍ୟାସୀର ଶୃଙ୍ଖଳା ମାନୁଥିବାରୁ ଶୁଦ୍ଧ ନିରାମିଷ ଭୋଜନର ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆଯାଉଥିଲା । ନୂଆ ପିତଳ ବାସନ (ଷ୍ଟେନଲେସ୍ ଷ୍ଟିଲ୍ ବା ଚିନା ବାସନ ଗ୍ରହଣୀୟ

Digitized by srujanika@gmail.com

ନୁହେଁ) ଚମ୍ପାପାତ୍ର ଓ ଖାଣ୍ଡି ଗୁଆଘିଅ ଛଡ଼ା ଅନ୍ୟ କିଛି ବ୍ୟବହାର କରିବାକୁ ବାରଣ କରାଯାଇଥିଲା । ସେହିପରି ବ୍ୟବସ୍ଥା ମଧ କରାଯାଇଥିଲା ତାଙ୍କୁ ଚର୍ଚ୍ଚା କରିବା ପାଇଁ । ପୂର୍ବାହ୍ନରେ ଷ୍ଟେସନ, ପ୍ରେକ୍ଷାଳୟ ରେଷ୍ଟୋରା, କୋଇଲା ଗୋଦାମ ପ୍ରଭୃତି ପରିଦର୍ଶନ କରି ଅପରାହ୍ନରେ କର୍ମଚାରୀମାନଙ୍କ ସଭାରେ ଉଦ୍‌ବୋଧନ ଦେଲେ । ସନ୍ଧ୍ୟାରେ ଜଗନ୍ନାଥଙ୍କୁ ଦର୍ଶନ କରି ପୁରୀ ରେଳବାଇ ଅତିଥିଭବନରେ ବିଶ୍ରାମ କଲେ ।

ତା' ପରଦିନ ସକାଳେ ହେଡ୍‌କ୍ୱାର୍ଟରରୁ ଘନ ଘନ ଫୋନ ଆସିଲା ସ୍ୱାମୀଜୀଙ୍କ ଅଭିମତ ଜାଣିବା ପାଇଁ । ସ୍ୱାମୀଜୀ କିନ୍ତୁ ସେ ଯାଏ କିଛି କହି ନଥିବାରୁ ସେମାନଙ୍କର ଉଦ୍‌ବେଗ ବଢ଼ିଲା । ପ୍ରାତଭୋଜନର ପ୍ରଶଂସା କରି ସ୍ୱାମୀଜୀ କହିଲେ, ଓଡ଼ିଶାର ଏବଂ ବିଶେଷ ଭାବରେ ଶ୍ରୀକ୍ଷେତ୍ରର ସାଂସ୍କୃତିକ ପରମ୍ପରା ଅତି ମହାନ୍ । ଏଠାରେ ମୋର ରହଣିକାଳ ବେଶ ସୁଖପ୍ରଦ ହୋଇଛି । ଗତକାଲି ଖୋର୍ଦ୍ଧାରୋଡ୍ ପୁରୀ ରେଲୱେ ଷ୍ଟେସନ ଏବଂ ଅଫିସ ଦେଖିବା ପରେ ମୋର ହୃଦବୋଧ ହୋଇଛି ଯେ, ଅତୀତର ବିଶୃଙ୍ଖଳା ଏ ଡିଭିଜନରେ ଆଉ ନାହିଁ ।

ତା'ପରେ ସେ ମୋତେ ଅନୁରୋଧ କଲେ ଷ୍ଟେନୋକୁ ପଠାଇବା ପାଇଁ । ସେ ଡିକ୍ଟେସନ ଦେବେ । ଷ୍ଟେନୋ ଉପରକୁ ଗଲେ ଏବଂ ଅଧଘଣ୍ଟା ସମୟ ଶ୍ରୁତଲିଖନ ନେଇ ଟାଇପ୍ କରିବାକୁ ଲାଗିଲେ । ଦଶଟା ସମୟରେ ସ୍ୱାମୀଜୀ ମୋ ହାତକୁ ଦୁଇଟି ଚିଠି ବଢ଼ାଇଦେଇ କହିଲେ ଦେଖନ୍ତୁ ଭୁଲଥିଲେ ସଂଶୋଧନ କରି ଦିଅନ୍ତୁ । ମୁଁ ଚିଠି ପଢ଼ିଲି ଏବଂ କହିଲି ସ୍ୱାମୀଜୀ, ଆପଣ ପଢ଼ିଦେଖନ୍ତୁ ଆପଣଙ୍କ କଥା ଷ୍ଟେନୋ ଠିକ୍ ଭାବରେ ଲେଖିଛନ୍ତି କି ନାହିଁ । ସ୍ୱାମୀଜୀ ଅମାୟିକ ହସ ମୁହଁ ଉପରେ ଖେଳାଇ କହିଲେ- ମୁଁ ଇଂରାଜୀ କହିପାରେ... ନିର୍ଭୁଲ୍ ଭାବରେ ଲେଖିପାରେ ନା... ଇଂରାଜୀ ମୋର ମାତୃଭାଷା ନୁହେଁ । ମୁଁ ତାଙ୍କ ମୁହଁକୁ ଚାହିଁଲି । ଇଂରାଜୀରେ ବକ୍ତୃତା; ଲେଖିଜାଣନ୍ତି ନାହିଁ, ଏହା ତାଙ୍କୁ ଆହୁରି ରହସ୍ୟମୟ କରିଦେଲା ।

ଓଡ଼ିଶାରେ ତିନିଦିନ ରହିଲେ ସ୍ୱାମୀଜୀ । ଖୋର୍ଦ୍ଧା, ପୁରୀ ଓ କଟକ ପରିଦର୍ଶନ କରି କଲିକତା ବାଟେ ଦିଲ୍ଲୀ ଯିବା ଆଗରୁ କହିଲେ- ଓଡ଼ିଶାର ସ୍ନେହ ସାନିଧ୍ୟ ମୁଁ ଭୁଲି ପାରିବି ନାହିଁ । ଆଉ ଯେଉଁସବୁ ଚିଠି ଇନ୍ଦିରାଗାନ୍ଧୀ ଓ ପଣ୍ଡିତଜୀଙ୍କୁ ଲେଖିଚି ଆପଣ ତାହା ପଢ଼ିଛନ୍ତି । କର୍ମଚାରୀ ମାନେ ନିଷ୍ଠାର ସହିତ କର୍ତ୍ତବ୍ୟ କରୁଥିବା ମୁଁ ଅନୁଭବ କରିଚି । ଆପଣ ସେମାନଙ୍କୁ ମୋର ଶୁଭକାମନା ଜଣାଇଦେବେ ।

ହେଡ୍ ଅଫିସକୁ ଯଥା ସମୟରେ ସ୍ୱାମୀଜୀଙ୍କ ଅଭିମତ୍ ଓ ସେ ଲେଖିଥିବା ଚଠିର ସାରାଂଶ ଫୋନରେ ଜଣାଇ ଦେଲି । ଜେନେରାଲ ମ୍ୟାନେଜର କହିଲେ- ଚକ୍ରଧରପୁର ଓ ବିଳାସପୁର ପରିଦର୍ଶନ କରି ସେ କଟୁ ମନ୍ତବ୍ୟ ଦେଇଥିଲେ । ବୋର୍ଡ କୈଫିୟତ ତଲବ କରୁଛନ୍ତି । ତମେ କେମିତି ଏଇ ଅଖାଡୁଆ ମଣିଷଟାକୁ ଜୟ କରିନେଲ ? ମୁଁ ବିନମ୍ର ସ୍ୱରରେ

Digitized by srujanika@gmail.com

ଉତ୍ତର ଦେଲି, ଆପଣ ତ ନିଜେ ସେଇ ମତ ଦେଇଥିଲେ । କିଛି ଦିନ ଆଗରୁ । ପ୍ରକୃତରେ ଭଲକାମ କରୁଛନ୍ତି କର୍ମଚାରୀମାନେ । ସବୁ ବିଭାଗର ଉତ୍ପାଦନ ବୃଦ୍ଧି ପାଇଛି । କାର୍ଯ୍ୟ କୁଶଳତା ସହିତ ଆନୁଗତ୍ୟରେ ବି ଉନ୍ନତି ପରିଲକ୍ଷିତ ହୋଇଛି ।

ଜଣେ ବନ୍ଧୁ ଏସବୁ ଶୁଣି କହିଲେ- ତମେ କହୁଛ ଯେ, ଏସବୁ ଇମରଜେନସିର ଫଳ... ମୁଁ କହିଲି- ହୋଇପାରେ ବା ନ ହୋଇପାରେ ମଧ । କିନ୍ତୁ ଗୋଟିଏ ଆଳସ୍ୟ ପରାୟଣ ବିଶୃଙ୍ଖଳା ଜାତିକୁ ଜାଗ୍ରତ କରିବା ପାଇଁ ଏହିପରି ସକ୍ଟ୍ରିଟ୍‌ମେଣ୍ଟ ଅଳ୍ପ ସମୟ ପାଇଁ ଦରକାର ହୁଏ । ସ୍ୱାଧୀନତାର ଅର୍ଥ ସ୍ୱେରାଚାର ନୁହେଁ । ସ୍ୱାୟତ୍ତଶାସନ ଅର୍ଥ ଶାସନ ସ୍ୱଆୟତ୍ତରେ ରହିବ । କର୍ତ୍ତବ୍ୟ ଓ ଅଧିକାରବୋଧ ମଧ୍ୟରେ ସମନ୍ୱୟ ନ ରଖି କେବଳ ଅଧିକାର ଜାହିର କଲେ ସ୍ୱେରାଚାର ସୃଷ୍ଟିହୁଏ; ଆଉ ଅଧିକାର ସଂପର୍କରେ ସଚେତନ ନ ହୋଇ କେବଳ କର୍ତ୍ତବ୍ୟ କରିଗଲେ ଦାସତ୍ୱରେ ବନ୍ଦୀ ହେବାକୁ ହୁଏ । ଯେଉଁ ଜାତି କର୍ତ୍ତବ୍ୟ କରିସାରି ଅଧିକାର ସାବ୍ୟସ୍ତ କରେ ସେହି ଜାତି ସ୍ୱାୟତ୍ତଶାସନର ଫଳ ଭୋଗ କରିବାଲାଗି ସମର୍ଥ । କିନ୍ତୁ ବିନା ଇମରଜେନସିରେ ଯଦି ଏହା ସମ୍ଭବ ତାହେଲେ ତାହା ହିଁ ସର୍ବୋତ୍ତମ ।

ଏହାପରେ ସ୍ୱାମୀ ହରିହରନାରାୟଣ ନନ୍ଦଜୀ ଆହୁରୀ ଦୁଇଥର ଓଡ଼ିଶା ଆସିଥିଲେ । ତାଙ୍କୁ ମୁଁ ଥରେ କହିଥିଲି- ବାଧ୍ୟକରି ଭୟ ଦେଖାଇ ଏତେବଡ଼ ଜାତିକୁ ଅନୁଶାସନରେ ଦୀକ୍ଷିତ କରିହୁଏ ନାହିଁ । ଏହା ସ୍ୱତଃସ୍ଫୂର୍ତ୍ତ ଭାବରେ ପରିସ୍ଫୁଟ ହେବା ଦରକାର । ସେ କହିଲେ- ଆପଣ ସାହିତ୍ୟିକ, ସାହିତ୍ୟ ମାଧ୍ୟମରେ ଜନମାନସରେ ସେଇ ସଚେତନତା ସୃଷ୍ଟି କରିବା ସକାଶେ ପ୍ରୟାସ କରନ୍ତୁ । ମୁଁ ମାନୁଛି ଇମରଜେନସି ସବୁ ରୋଗର ନିଦାନ ନୁହେଁ... କିନ୍ତୁ ସ୍ୱଳ୍ପ କାଳ ପାଇଁ ହେଲେ ମଧ୍ୟ ବୋଧହୁଏ ଏହାର ଆବଶ୍ୟକତା ଥିଲା । କିନ୍ତୁ ଆମେ ଶୃଙ୍ଖଳା, ସଂଯମ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ଏହାର ଆବଶ୍ୟକତା ଆଦୌ ନାହିଁ ।

Digitized by srujanika@gmail.com

ନୀଳାଚଳକୁ ରାସ୍ତା

ମହାପ୍ରଭୁଙ୍କ ଅନେକ ନାମ ମଧ୍ୟରୁ ଜଗନ୍ନାଥ ନାମଟିର ମହିମା ଅପାର ବୋଲି ଏଇ ନାମରେ ସେ ଜଗତ ବିଖ୍ୟାତ । ପୁରୁଷୋତ୍ତମ କ୍ଷେତ୍ରକୁ ଆସିବାର ହେଉ ବା ନ ହେଉ ଜଗନ୍ନାଥଙ୍କୁ ଇଷ୍ଟ ଭାବରେ ମାନି ଆସିଛନ୍ତି ଲୋକମାନେ । ସେଥିପାଇଁ ଯେତେବେଳେ ୧୯୭୬ରେ ନୂଆ ଟ୍ରେନଟିଏ ଚଳାଚଳ ପାଇଁ ନୀତିଗତ ନିଷ୍ପତ୍ତି ନିଆଗଲା ଏହାର ନାମ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ରଖିବା ପାଇଁ ମଧ୍ୟ ସ୍ଥିର ହେଲା । ପୁରୀ ଓ ହାଉଡ଼ା ମଧ୍ୟରେ ଯାତ୍ରୀ ସଂଖ୍ୟା ବଢୁଥିବାରୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନଙ୍କର ଗମନାଗମନର ସୁବିଧା ପାଇଁ ଆଉ ଗୋଟିଏ ଏକ୍ସପ୍ରେସ ଗାଡ଼ି ଚଳାଇବା ପାଇଁ ମୁଁ ପ୍ରସ୍ତାବ ଦେଇ ଖୋର୍ଦ୍ଧାରୋଡ଼ରେ ଥିଲାବେଳେ । ତଥ୍ୟ ସଂଗ୍ରହ କରି ଦେଖାଗଲା ଯେ, ହାଉଡ଼ା-ପୁରୀ ଏକ୍ସପ୍ରେସରେ ଯାତ୍ରୀସଂଖ୍ୟା ସ୍ଥାନସଂଖ୍ୟା ଠାରୁ ଅଧିକ । ବେଳେବେଳେ ତାହା ପ୍ରତିଶତ ଶହେ ତିରିଶରୁ ଚାଳିଶ । ହେଡ୍ ଅଫିସରେ ସେତେବେଳେ ମୁଖ୍ୟ ପରିଚାଳକ ଥା'ନ୍ତି ମୋହନ ସିଂ ଗୁଜୁରାଲ । ସେ ସମ୍ମତ ହେଲେ ଏବଂ ପୁରୀ ଠାରୁ ଜଗନ୍ନାଥ ଏକ୍ସପ୍ରେସର ଶୁଭଯାତ୍ରା ଆରମ୍ଭ କରି ସବୁଜ ପତାକା ଦେଖାଇଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ । ପୁରୀ ଷ୍ଟେସନରେ ଏଥିପାଇଁ ଏକ ବଡ଼ଧରଣର ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥ ଏକ୍ସପ୍ରେସର ଶୁଭଯାତ୍ରାପାଇଁ ସବୁଜ ସଙ୍କେତ ପ୍ରଦାନ କରିବା ପାଇଁ ଟ୍ରେନ ପାଖକୁ ଯିବାବେଳେ ଏତେ ପ୍ରବଳ ଭିଡ଼ ହେଲା ଯେ, ନିରାପତ୍ତା ଦାୟିତ୍ୱରେ ଥିବା ପୋଲିସ ଦଳ ଫାଟକ ବନ୍ଦ କରିଦେଲେ । ଫଳରେ ତିନି ଚାରିଜଣ ମନ୍ତ୍ରୀ ଓ କେତେକ ବିଧାୟକ ଓ ବିଶିଷ୍ଟ ବ୍ୟକ୍ତି ଟ୍ରେନ ପାଖକୁ ଯାଇ ପାରିଲେ ନାହିଁ । ଗାଡ଼ି ଚାଲିବା ବେଳେ ମୁଁ ଏହିତ୍ରୁଟି ଲକ୍ଷ୍ୟ କରି ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ସେଲୁନରେ ଯାତ୍ରା କରିବା ପାଇଁ ଆସି ପାରି ନଥିବା ବିଷୟ ମୁଖ୍ୟମନ୍ତ୍ରୀଙ୍କ ସଚିବ ଶ୍ରୀ ରମାକାନ୍ତ ରଥ (ପରେ ମୁଖ୍ୟ ସଚିବ) ଙ୍କୁ କହିଲି ଏବଂ ସେ ଏ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କଲେ । ସେମାନଙ୍କୁ ଆଣିବା ପାଇଁ ଗାଡ଼ି ମଝି ରାସ୍ତାରେ ଅଟକାଇବା ସମ୍ଭବ ନୁହେଁ ବୋଲି ନିଷ୍ପତ୍ତି ହେଲା । କିନ୍ତୁ ଆମେ ଭୁବନେଶ୍ୱରରେ ପହଞ୍ଚି ଶୁଣିଲୁ ଯେ, ଏଥିରେ ପଛରେ ରହିଯାଇଥିବା ମନ୍ତ୍ରୀମାନେ ଭୀଷଣ କ୍ଷୁବ୍ଧ । ମୁଁ ଟେଲିଫୋନରେ ସେମାନଙ୍କ ସହିତ କଥା କହି କ୍ଷମା ପ୍ରାର୍ଥନା

Digitized by srujanika@gmail.com

କରି କହିଲି ଯେ, ଏଥିପାଇଁ ରେଳବାଇ ଦୋଷୀ ନୁହେଁ; ପୋଲିସ ମହା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ନିରାପତ୍ତା ବ୍ୟବସ୍ଥା କରାଯାଇଥିଲା । ଏଣୁ ତାଙ୍କ ସହିତ ଏ ପ୍ରସଙ୍ଗ ଆଲୋଚନା କରାଯାଇପାରେ । ସେମାନଙ୍କୁ ଶାନ୍ତ କରିବା ପାଇଁ ବି.ଏନ.ଆର. (ରେଳବାଇ) ହୋଟେଲରେ ସେମାନଙ୍କ ରାତ୍ରିଭୋଜନର ବ୍ୟବସ୍ଥା କଲି । ସେଠାରୁ ତା' ପରଦିନ ଫେରିବା ପରେ ସେଇ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଏଇ ଅବ୍ୟବସ୍ଥା ସମ୍ପର୍କରେ ଜଣାଇବା ପୂର୍ବରୁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ଯାହା ଘଟିଥିଲା ତାହା କହିଥିଲି । ତେଣୁ ମନ୍ତ୍ରୀମାନଙ୍କଠାରୁ ସବୁ ଶୁଣି ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅନ୍ୟ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କଲେ ନାହିଁ । ପୁଲିସ ବିଭାଗ ନିଜର କର୍ତ୍ତବ୍ୟ କରିଥିବାରୁ ସେ ପ୍ରସଙ୍ଗ ମଧ୍ୟ ସେଇଠି ରହିଲା । ରୁଷିଥିବା ମନ୍ତ୍ରୀମାନଙ୍କୁ ମୁଁ ବ୍ୟକ୍ତିଗତ ଭାବେ ସାକ୍ଷାତ କଲାବେଳେ ସେତେବେଳର ଯୋଗାଣ ମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର କହିଲେ- ତମେ ଯାହା କଲ ଠିକ୍ କଲ, ଆମ ମନରେ ଆଉ କୌଣସି ଅଭିମାନ ନାହିଁ । କଥା ସେଇଠି ରହିଲା ।

ଶ୍ରୀଜଗନ୍ନାଥ ଏକ୍ସପ୍ରେସର ଶୁଭାରମ୍ଭ ନୂତନ ଯାତ୍ରୀ ଗାଡ଼ି ଚଳାଚଳ ଦିଗରେ ପଥ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କଲା ଏବଂ ତା' ପରେ ଜନତା ସରକାରଙ୍କ ସମୟରେ କୋଣାର୍କ ଏକ୍ସପ୍ରେସର ଶୁଭାରମ୍ଭ ହେବା ଦ୍ୱାରା ଭୁବନେଶ୍ୱର-ବମ୍ବେ ମଧ୍ୟରେ ଏକ ନୂତନ ଯାତ୍ରୀବାହୀ ଗାଡ଼ି ପ୍ରଥମ ଥର ପାଇଁ ଚାଲିଲା । କିନ୍ତୁ ସେତେବେଳେ ଏହି ଗାଡ଼ିରେ ଓଡ଼ିଶାରୁ ଯାଉଥିବା ଯାତ୍ରିଙ୍କ ସଂଖ୍ୟା ଏତେ କମ୍ ଥିଲା ଯେ, ମାତ୍ର ପଚାଶଟି ଦ୍ୱିତୀୟ ଶ୍ରେଣୀ ବର୍ଥ ଓଡ଼ିଶା ପାଇଁ ରଖାଯାଇଥିଲା । ସେତେବେଳେ ଏଥିରେ କେବଳ ଦ୍ୱିତୀୟ ଶ୍ରେଣୀ କୋଚ୍ ସବୁ ଲାଗୁଥିଲା । ୧୯୭୮ ରେ ଆରମ୍ଭ ହୋଇଥିବା ଏହି ଗାଡ଼ି ଦୂରଯାତ୍ରା ଦିଗରେ ନୂତନ ସୁବିଧା ସୁଯୋଗ ଯୋଗାଇ ଦେବା ଫଳରେ ଇତି ମଧ୍ୟରେ ଗୋଟିଏ ପୁରା ଯାତ୍ରିବାହୀ ଗାଡ଼ି ଭୁବନେଶ୍ୱରରୁ ବମ୍ବେ ମଧ୍ୟରେ ଚଳାଚଳ କରୁଛି । ରେଳବାଇ ପ୍ରଶାସନ ପରେ ଏ ଦିଗରେ ସମୟୋଚିତ ପଦକ୍ଷେପ ନେଇଥିବାରୁ ଓଡ଼ିଶାର ଲୋକ ମାନଙ୍କର ଅଭିନନ୍ଦନର ପାତ୍ର । କୋଣାର୍କ ଏକସପ୍ରେସକୁ ଭୁବନେଶ୍ୱର ଓ ବମ୍ବେ ମଧ୍ୟରେ ଚଳାଚଳ କରିବା ଦିଗରେ ସଫଳ ପଦକ୍ଷେପ ନେଇଥିବାରୁ ରେଳବାଇ ବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କଲ୍ୟାଣ ଜେନାଙ୍କ ଉଦ୍ୟମ ପ୍ରଶଂସନିୟ ।

ଏହି ସମୟରେ ଉତ୍କଳ ଏକ୍ସପ୍ରେସ ମଧ୍ୟ ଆରମ୍ଭ ହେଲା । ଦିଲ୍ଲୀ ସହିତ ଓଡ଼ିଶାର ସିଧାସଳଖ ସଂଯୋଗ ନଥିବାରୁ ଓଡ଼ିଶାର ଲୋକମାନେ କଲିକତା ଏବଂ ରାୟପୁର ଦେଇ ଦିଲ୍ଲୀ ଯାଉଥିଲେ । ସେତେବେଳେ ଓଡ଼ିଶାରୁ ଏତେ ସଂଖ୍ୟକ ଯାତ୍ରୀ ଯିବାର ନ ଦେଖି ଏହି ଟ୍ରେନକୁ ସିଧାସଳଖ ଦିଲ୍ଲୀ ନନେଇ ମଧ୍ୟପ୍ରଦେଶର ଅଭ୍ୟନ୍ତର ଦେଇ ବୁଲା ରାସ୍ତାରେ ନେବା ପାଇଁ ନିଷ୍ପତ୍ତି ହେଲା । ପ୍ରଥମେ ସପ୍ତାହରେ ତିନିଥର ଚାଲିବା ପରେ ପ୍ରତିଦିନ ଏହି ଟ୍ରେନ ଚାଲିଲା । ରାଉରକେଲା, ଝାରସୁଗୁଡା, ସମ୍ବଲପୁର, ବ୍ରଜରାଜନଗର ଅଞ୍ଚଳର

Digitized by srujanika@gmail.com

ଲୋକମାନଙ୍କର ଦିଲ୍ଲୀ ଯିବା ପାଇଁ ପ୍ରଥମ ଥର ପାଇଁ ସୁବିଧାଜନକ ସଂଯୋଗ ସ୍ଥାପିତ ହେଲା । କିନ୍ତୁ ଏଥିରେ ଓଡ଼ିଶା ଲୋକେ ସନ୍ତୁଷ୍ଟ ନ ହୋଇ ଦାବି ଜାରି ରଖିଲେ । ଏ ଭିତରେ ମୁଁ ଓଡ଼ିଶା ସରକାରଙ୍କ ଅଧୀନକୁ ଆସିବା ପରେ ଏ ଦିଗରେ ଆବଶ୍ୟକ ତଥ୍ୟ ଦେଇ ଭୁବନେଶ୍ୱର-ଦିଲ୍ଲୀ ମଧ୍ୟରେ ସିଧାସଳଖ ଟ୍ରେନ ପ୍ରଚଳନ କରିବା ପାଇଁ ଚାପ ପକାଇଛି । କିନ୍ତୁ ଜାନକୀବଲ୍ଲଭ ପଟ୍ଟନାୟକ ୧୯୮୦ ରେ କେନ୍ଦ୍ରମନ୍ତ୍ରୀ ହେବା ପରେ ତାଙ୍କ ଚାପ ଫଳରେ ନୀଳାଚଳ ଏକ୍ସପ୍ରେସ୍ ଚଳାଚଳରେ ଶୁଭାରମ୍ଭ ହେଲା । ଏହି ଟ୍ରେନର ନାମକରଣ ତାଙ୍କ ଦ୍ୱାରା କରାଯାଇଥିଲା । ଏହା ମଧ୍ୟ ପ୍ରଥମେ ସପ୍ତାହକୁ ତିନିଥର ଚାଲିବା ପରେ ପରେ ଆଉ ଚାରିଦିନ ଟାଟାନଗର ବାଟ ଦେଇ ନ ଯାଇ ବାଙ୍କୁଡ଼ା ଓ ଆଗ୍ରା ଦେଇ ଯିବାରୁ ଚଳାଚଳ ସମୟ ପ୍ରାୟ ପାଞ୍ଚଘଣ୍ଟା ହ୍ରାସ ପାଇଲା । ଏହି ପ୍ରସଙ୍ଗରେ ଏଠାରେ କହି ରଖେ ଯେ, ଅମୃତସର ଓ ପୁରୀ ମଧ୍ୟରେ ଏକ ଏକ୍ସପ୍ରେସ୍ ଚଳାଇବା ପାଇଁ ନିଷ୍ପତ୍ତି ହୋଇଥିଲା, କିନ୍ତୁ ଜାମ୍‌ସେଦପୁର ଏମ.ପି.ଙ୍କ ଚାପ ଫଳରେ ଏହି ସିଦ୍ଧାନ୍ତ ପରିବର୍ତ୍ତନ କରି ଏହା ଟାଟାନଗରରୁ ଅମୃତସର ମଧ୍ୟରେ ଚଳାଚଳ କରିବା ନିଷ୍ପତ୍ତି ରେଳମନ୍ତ୍ରଣାଳୟ ଦେଇଥିଲେ ।

ରାଜନୈତିକ ଚାପ ଫଳରେ ବହୁ କାର୍ଯ୍ୟ ହୁଏ । ରେଳବାଇରେ ମଧ୍ୟ ଯେଉଁ ଅଞ୍ଚଳର ଏମ.ପି. ଓ ମନ୍ତ୍ରୀମାନଙ୍କ ଚାପ ଯେତେ ଅଧିକ ସେହି ଅଞ୍ଚଳରେ ଚଳାଚଳର ସୁବିଧା ସହିତ ଯାତ୍ରୀମାନଙ୍କ ସୁଖସୁବିଧା ପାଇଁ ସେତିକି ତତ୍ପରତାର ସହିତ କାମ କରାହୋଇଛି । ଶ୍ରୀ ଘନିଖାଁ ଚୌଧୁରୀ ଓ ଶ୍ରୀ ମାଧବରାଓ ସିନ୍ଧିଆ ରେଳବାଇ ମନ୍ତ୍ରୀ ଥିଲାବେଳେ ବଙ୍ଗଳା ଓ ମଧ୍ୟପ୍ରଦେଶ ରେଳବାଇ ମାନଚିତ୍ର ଓ ରେଳ ଚଳାଚଳରେ ଯେଉଁ ପରିବର୍ତ୍ତନ ଘଟିଲା ତାହା ଅନ୍ୟମାନଙ୍କର ଈର୍ଷାର କାରଣ ହୋଇଥିଲା । ରାମବିଳାସ ପାଶ୍ୱାନ ମଧ୍ୟ ରେଳମନ୍ତ୍ରୀ ଥିବାବେଳେ ତାଙ୍କ ରାଜ୍ୟରେ ରେଳବାଇ ଦ୍ରୁତ ବିକାଶ ଘଟିଥିଲା । ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟର ନେତା ରେଳବାଇ ମନ୍ତ୍ରୀ ହୋଇ ସେମାନଙ୍କ ରାଜ୍ୟରେ ରେଳବାଇର ଭିତ୍ତିଭୂମି ପ୍ରସାରଣ ଓ ଚଳାଚଳ ଦିଗରେ ଯେପରି ଉଲ୍ଲେଖଯୋଗ୍ୟ ଭୂମିକା ନିର୍ବାହ କରିଛନ୍ତି ତାହା ଓଡ଼ିଶା ପକ୍ଷରେ ଦୃଷ୍ଟାନ୍ତ ହୋଇ ରହିଛି । ତେଣୁ ପ୍ରଥମ ଜୁଲାଇରୁ ଦିଲ୍ଲୀ ଓ ଭୁବନେଶ୍ୱର ମଧ୍ୟରେ ରେଳବାଇର ମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ଉଦ୍ୟମରୁ ଶ୍ରୀ ପୁରୁଷୋତ୍ତମ ଏକ୍ସପ୍ରେସର ଶୁଭାରମ୍ଭ ତଥା ନଭେମ୍ବର ୧୪ରୁ ପୁରୀ ଦ୍ୱାରକା ଏକ୍ସପ୍ରେସ୍ ଚଳାଚଳ ଅତୀତରେ ଓଡ଼ିଶା ପ୍ରତି ଯେଉଁ ଅବହେଳା କରାଯାଇଥିଲା ତାହା ସଂଶୋଧନ କରିବା ଦିଗରେ ବଳିଷ୍ଠ ପଦକ୍ଷେପ ମାତ୍ର । ନୀଳାଚଳ ଏକ୍ସପ୍ରେସ୍ ସପ୍ତାହରେ ତିନିଦିନ ଟାଟାନଗର, ବୋକାରୋ, ବନାରସ, ଲକ୍ଷ୍ନୌ ଦେଇ ଚଳାଚଳ କରୁଥିଲା ବେଳେ ଆଉ ଚାରିଦିନ ଅନ୍ୟବାଟରେ ବାଙ୍କୁଡ଼ା, ଆଦ୍ରା, ଆଲ୍ଲାହାବାଦ, କାନପୁର ହୋଇ ଚଳାଚଳ କରେ । ପ୍ରଥମ ତିନିଦିନିଆ ନୀଳାଚଳ ଚାଲିବା ପରେ ପୁଣି ରାଜ୍ୟର ଚାପ ଫଳରେ

Digitized by srujanika@gmail.com

ଯେତେବେଳେ ଆଉ ଚାରିଦିନ ପାଇଁ ନିଷ୍ପତ୍ତି ନିଆଗଲା ସେତେବେଳେ ପୂର୍ବତନ ରେଳମନ୍ତ୍ରୀ କମଳାପତି ତ୍ରିପାଠୀ ଏ.ଆଇ.ସି.ସି.ର ୱାର୍କିଂ ପ୍ରେସିଡ଼େଣ୍ଟ । ସେ ଜିଦ୍ କଲେ ବନାରସ ଦେଇ ଏ ଟ୍ରେନ ଯିବା ପାଇଁ । ସେତେବେଳେ ମନ୍ତ୍ରୀ ଅରୁଣ ନେହେରୁ ଚାପ ପ୍ରୟୋଗ କଲେ ସେ ତାଙ୍କ ନିର୍ବାଚନ ମଣ୍ଡଳୀ ରାୟବରେଲି ଓ ଲକ୍ଷ୍ନୌ ଦେଇ ଯିବା ପାଇଁ । ଫଳରେ ତିନିଦିନ ବୁଲା ରାସ୍ତାରେ ଲକ୍ଷ୍ନୌ ହୋଇ ନୀଳାଚଳ ଯାଏ ଓ ଚାରିଦିନ ସିଧା ରାସ୍ତାରେ ଯାଏ । ଶ୍ରୀପୁରୁଷୋତ୍ତମ ଏକ୍ସପ୍ରେସ୍ ରେଳରାଷ୍ଟ୍ରମନ୍ତ୍ରୀ ଶ୍ରୀ କାହ୍ନୁଚରଣ ଲେଙ୍କାଙ୍କ ଉଦ୍ୟମର ଫଳ । ଏହା ଟାଟା ଦେଇ ଯାଏ ସତ, କିନ୍ତୁ ମୋଗଲସରାଇରୁ ବନାରସ ବାଟେ ନ ଯାଇ ଏଲ୍ହାବାଦ, କାନପୁର ଦେଇ ଯାଏ । ଏହା ପୁରୀ ଓ ଭୁବନେଶ୍ୱରକୁ ଉତ୍ତର ଭାରତକୁ ଆହୁରି ନିକଟତର କରିଛି । କିନ୍ତୁ ପୁରୀ ସହିତ ଅମୃତସର ଏ ଯାଏ ସଂଯୁକ୍ତ ହୋଇ ନାହିଁ । ସେହିପରି ପୁରୀ ସହିତ ଦ୍ୱାରକା ସଂଯୁକ୍ତ ହେବା ଫଳରେ ଗୁଜୁରାଟରେ କାମ କରୁଥିବା ଲକ୍ଷାଧିକ ଓଡ଼ିଆଙ୍କ ପାଇଁ ଏହି ଟ୍ରେନ ସୁବିଧାଜନକ ହେବ, ସାଧାରଣ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମାନଙ୍କର ସହାୟକ ହେବ ଏବଂ ନୀଳାଚଳ ଧାମର ପ୍ରସିଦ୍ଧି ଆହୁରି ବଢ଼ିବ ।

ଏବେ ସମ୍ବଲପୁର-ନୂଆଦିଲ୍ଲୀ ମଧ୍ୟରେ ଗୋଟିଏ ଟ୍ରେନ ବର୍ଷେ ହେଲା ଚଳାଚଳ କରୁଛି । ଏହି ଟ୍ରେନ ଚଳାଇବା ପାଇଁ ବହୁଦିନରୁ ଦାବି ହେଉଥିଲା । ପଶ୍ଚିମ ଓଡ଼ିଶାର ସଂସଦ ସଦସ୍ୟ ଶ୍ରୀ ବଲ୍ଲଭ ପାଣିଗ୍ରାହୀ, ଡ଼କ୍ଟର କୃପାସିନ୍ଧୁ ଭୋଇ ଓ ଶ୍ରୀ ବନମାଳୀ ବାବୁ ଏ ଦିଗରେ ଦୀର୍ଘ ଦିନ ଧରି ଉଦ୍ୟମ କରି ଆସୁଥିଲେ । ଶ୍ରୀ ବଲ୍ଲଭ ବାବୁ ଏଥିପାଇଁ ସବୁ ଫୋରମରେ ଦାବି ଉପସ୍ଥାପିତ କରୁଥିଲେ । ବହୁ ଚାପ ଫଳରେ ଦୀର୍ଘ ଦିନର ଦାବି ପୂରଣ ହେଲା ।

ହୀରାଖଣ୍ଡ ଏକ୍ସପ୍ରେସ୍ ଜନ୍ମକାହାଣୀ ମଧ୍ୟ ସେହିପରି । ଉପକୂଳ ଅଞ୍ଚଳ ସହିତ ପଶ୍ଚିମାଞ୍ଚଳର ସିଧାସଳଖ ରେଳ ସଂଯୋଗ ନଥିବାରୁ ସାମାଜିକ ଗତିଶୀଳତା ବହୁ ଶତାବ୍ଦୀ ଧରି ବାଧା ପାଇଛି ଏବଂ ଉଭୟ ଅଂଚଳ ମଧ୍ୟରେ ସାମାଜିକ ସମ୍ପର୍କ ସ୍ଥାପିତ ନ ହେବାର ପ୍ରଧାନ କାରଣ । ଦୁଇ ଅଂଚଳ ମଧ୍ୟରେ ଭାବାତ୍ମକ ଐକ୍ୟ ସ୍ଥାପିତ ନ ହେବାର ଏହା ଆଉ ଏକ କାରଣ । ୧୯୮୦ ମସିହାରୁ ମହାନଦୀ ଏକ୍ସପ୍ରେସ୍ ଚାଲୁ କରିବା ପାଇଁ ମୁଁ ପ୍ରସ୍ତାବ ଦେଇଥିଲି ।

ସମ୍ବଲପୁର-ତାଳଚେର ରେଳପଥ ନ ହେବା ପର୍ଯ୍ୟନ୍ତ ବିଜୟନଗରମ୍ ବାଟଦେଇ ଏହି ଗାଡ଼ି ଚଳାଚଳର ପ୍ରସ୍ତାବ ଥିଲା । କିନ୍ତୁ ଶ୍ରୀ ମାଧବରାଓ ସିନ୍ଧିଆ ରେଳମନ୍ତ୍ରୀ ଥିଲାବେଳେ ମହାନଦୀ ଏକ୍ସପ୍ରେସ୍ ନାମରେ ଆଉ ଏକ ଏକ୍ସପ୍ରେସ୍ ଟ୍ରେନ ବିଲାସପୁର-ଦିଲ୍ଲୀ ମଧ୍ୟରେ ଚଳାଚଳ କରାଇଦେବାରୁ, ମହାନଦୀ ଏକ୍ସପ୍ରେସ୍ ଆମ ହାତରୁ ଖସିଗଲା । ପରେ ୧୯୮୬ରେ ହୀରାଖଣ୍ଡ ଏକ୍ସପ୍ରେସ୍ ନାମରେ ଏହି ଟ୍ରେନର ଶୁଭାରମ୍ଭ ହେଲା । ପ୍ରଥମେ ଭୁବନେଶ୍ୱର-ସମ୍ବଲପୁର, ତା'ପରେ ଝାରସୁଗୁଡ଼ା ଏବଂ ଶେଷରେ ଭୁବନେଶ୍ୱର-ସମ୍ବଲପୁର-

Digitized by srujanika@gmail.com

ଝାରସୁଗୁଡ଼ା-ରାଉରକେଲା ମଧ୍ୟରେ ଏହା ଚଳାଚଳ କରୁଛି । ସାଢ଼େ ତିନିବର୍ଷ ହେଲା ଧଉଳୀ ଏକ୍ସପ୍ରେସ୍ ହାଓଡ଼ା-ଭୁବନେଶ୍ୱର ମଧ୍ୟରେ ଚଳାଚଳ କରିବାରୁ ଏକ ବଡ଼ ଅଭାବ ଦୂର ହୋଇଛି । ଏବେ ରେଳ ରାଜ୍ୟମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ଉଦ୍ୟମରୁ ପୁରୀ-ଖୋର୍ଦ୍ଧାରୋଡ଼-ଭୁବନେଶ୍ୱର-କଟକ-ମଧ୍ୟରେ ଦୈନିକ ଯିବା ଆସିବା କରୁଥିବା ଯାତ୍ରୀମାନଙ୍କ ସୁବିଧା ପାଇଁ ଡ଼ି.ଏମ.ୟୁ. ଟ୍ରେନର ପ୍ରଚଳନ ହେବାରୁ ଏକ ବଡ଼ ଅଭାବ ଦୂର ହୋଇଛି । ଓଡ଼ିଶାରେ ନିର୍ମାଣଧୀନ ରେଳପଥଗୁଡ଼ିକ ସଂକାର୍ଣ୍ଣ ହେବା ପରେ ଭୁବନେଶ୍ୱର-କୋରାପୁଟ ଏବଂ ଭୁବନେଶ୍ୱର-ସମ୍ବଲପୁର ମଧ୍ୟରେ ଏବଂ ଦକ୍ଷିଣ ଭାରତର ବଡ଼ ବଡ଼ ସହରମାନଙ୍କ ସହିତ ଓଡ଼ିଶାର ସଂଯୋଗ ପାଇଁ ଆହୁରି ଅଧିକ ଯାତ୍ରୀବାହୀ ଗାଡ଼ି ଚଳାଚଳ କରିବାର ଆବଶ୍ୟକତା ଆଦିର ଅନୁଭୂତ ହେଉଛି ।

ଅସଲ କଥା ହେଲା ଏହି ଯେ, ରେଳ ଚଳାଚଳ ବିଷୟରେ ଓଡ଼ିଶାର ଦାବି ବହୁକାଳ ଉପେକ୍ଷିତ ହୋଇ ରହିଥିଲା । ଏବେ ରାଜନୈତିକ ଚାପ ଓ ଜନସାଧାରଣଙ୍କ ଦାବି ଅଧିକ ହେଉଥିବାରୁ ଓଡ଼ିଶା ପ୍ରତି ନ୍ୟାୟ ବିଚାର କରିବାର ଆଭାସ ମିଳୁଛି । ଏ ଦିଗରେ ଯେ, ଆହୁରି ବହୁ ପଦକ୍ଷେପ ନେବାକୁ ହେବ ଏହା ନିଶ୍ଚିତ ଭାବେ କୁହାଯାଇ ପାରେ ।

Digitized by srujanika@gmail.com

ଆକାଶରେ ଉଡ଼ିବାବେଳେ

ସଭ୍ୟତା ଯେତିକି ଅଗ୍ରଗତି କରୁଛି, ପୃଥିବୀ ସେତିକି ସଙ୍କୁଚିତ ହୋଇ ଆସୁଛି । ସ୍ଥାନ, କାଳ, ପାତ୍ରର ଦୂରତ୍ୱ କମିବାରେ ଲାଗିଛି ଏବଂ ମଣିଷ ଚାରିପାଖରେ ଅଜ୍ଞତା ଯେଉଁସବୁ ପାଚେରି ତିଆରି କରିଥିଲା ସେସବୁ କ୍ରମଶଃ ଭାଙ୍ଗି ଯିବାରେ ଲାଗିଛି । ବେଗ ହିଁ ଉନ୍ନତିର ଲକ୍ଷଣ । ସେଥିପାଇଁ ପକ୍ଷୀ ପରି ପକ୍ଷ ନଥିବା ମଣିଷ ବୁଦ୍ଧି ବଳରେ ଆକାଶରେ ବିହାର କରୁଛି । ପାଦରେ ପରିକ୍ରମା କରି ଶେଷ କରି ପାରୁ ନ ଥିବା ପୃଥିବୀକୁ ଅଳ୍ପ ସମୟ ମଧ୍ୟରେ ମଣିଷ ବୁଲି ଆସୁଛି । ତେଣୁ ଆକାଶରେ ଉଡ଼ିବା ଆଗପରି ଆଉ ରୋମାଞ୍ଚକର ନ ହେଲେ ବି ଏହା ଯେ ନିଜର ଆକର୍ଷଣ ହରାଇ ନାହିଁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ସବୁ ବିଷୟର ଯେପରି ଆରମ୍ଭ ଅଛି, ମୋର ଉଡାଜାହାଜରେ ଉଡ଼ିବାର ବି ସେହିପରି ଗୋଟିଏ ଆରମ୍ଭ ଅଛି । ଆଜି ସେକଥା ମନେ ପଡ଼ିଲେ ମୁଁ ମନକୁ ମନ ହସେ ନିଜର ବୋକାମି ପାଇଁ, ଅଜ୍ଞତା ପାଇଁ । କିନ୍ତୁ ଅଜ୍ଞ ଓ ବୋକା ମଣିଷ ଯେ ଏକାଦିନରେ ବିଜ୍ଞ ଓ ଚତୁର ହୋଇ ନାହିଁ ଏହା ଜଣାପଡ଼େ ସଭ୍ୟତାର ଇତିହାସରୁ । ଦିନେ କେତେବର୍ଷ ତଳେ ହଠାତ୍ ଦିଲ୍ଲୀ ଯିବା ପାଇଁ ପଡ଼ିଲା । ଟ୍ରେନରେ ଗଲେ ଚବିଶ ଘଣ୍ଟା । ରାଜଧାନୀ ଏକ୍ସପ୍ରେସ ଚାଲି ନଥିଲା ସେତେବେଳେ । ଉଡାକଳରେ ମାତ୍ର ଦୁଇଘଣ୍ଟା । କେହି କେହି ଉଡାକଳରେ ଯାତ୍ରା କଲାବେଳେ ବାନ୍ତି କରିବାର ଶୁଣିଛି । ତଳୁ ଉପରକୁ ଗଲେ ଏହିପରି ହୁଏ । ଝୁଲାରେ ଝୁଲିଲେ ବାନ୍ତି ଲାଗେ ବୋଲି ମୁଁ ଝୁଲେ ନାହିଁ । ଜଣେ ବନ୍ଧୁଙ୍କୁ ପଚାରିଲି, ସେ କହିଲେ ଉଡାଜାହାଜରେ ଆରାମରେ ଯିବ ଓ ସୁନ୍ଦରୀ ଆକାଶଚାରିଣୀମାନଙ୍କର ଆତିଥେୟତା ଓ ସାନ୍ନିଧ୍ୟ ପାଇବ । 'ଆରୋମିନ' ପାଖରେ ରଖ, ଉଡ଼ିବା ଆଗରୁ ଖାଇନବ । ମୁଁ ସେୟା କରିବି ବୋଲି ସ୍ଥିର କଲି । ଉଡାକଳରେ ବସିବା ଆଗରୁ ନିରାପତ୍ତା ବଳୟ ଦେଇ ଯିବାକୁ ହୁଏ । ଅସ୍ତ୍ରଶସ୍ତ୍ର ବା ଯାହା ନ ନେବା କଥା ସେପରି କିଛି କେହି ନେଇଛି କି ନାହିଁ ତାହା ଏଠାରେ ମେଟାଲ ଡିଟେକ୍ଟର ସାହାଯ୍ୟରେ ପରୀକ୍ଷା କରାଯାଏ । ସେଇ ସିକ୍ୟୁରିଟି (ନିରାପତ୍ତା) ବଳୟ ଭିତରେ ଥିବା ବେଳେ ଗୋଟେ ବଟିକା ଖାଇଦେଲି । ଯଥା ସମୟରେ ଉଡାକଳରେ ବସିଲି । କିନ୍ତୁ କିଛି ସମୟ ପରେ ମଥା ବୁଲାଇବାରୁ ଆଉ

Digitized by srujanika@gmail.com

ଗୋଟେ ଆଭୋମିନ ଖାଇବାକୁ ଯାଇ ଦେଖିଲି, ପ୍ରଥମେ ଖାଇଥିବା ବଟିକା ଆଭୋମିନ ପାଖରେ ଅଛି । ତରତର ହୋଇ ଯେଉଁ ଗୋଟେ ଔଷଧ ବଟିକା ଖାଇଥିଲି ତାହା ଅନ୍ୟ ବଟିକା । ଏହା ତାହାରି ପ୍ରତିକ୍ରିୟା ଆଉ ଆଭୋମିନ ଦରକାର ହେଲା ନାହିଁ । ମନକୁ ମନ ହସିଲି ।

କିନ୍ତୁ ଆକାଶରେ ଉଡ଼ିବା ବେଳେ ମନକୁ ମନ କାନ୍ଦିବାର ବେଳ ବି ଆସେ । ବିମାନ ଦୁର୍ଘଟଣାର ଲୋମହର୍ଷକ କାହାଣୀ ପଢ଼ିଲେ ଭୟ ଲାଗେ ବିମାନରେ ଯିବା ପାଇଁ । ବମ୍ବେରୁ କଲିକତା ଆସୁଥାଏ । ଯାତ୍ରା ଆରମ୍ଭରେ ବିମାନର କର୍ମଚାରୀମାନେ ବୁଝାଇ ଦେଲେ ବିପଦ ପଡ଼ିଲେ କଣ କରିବା ଦରକାର । ସେଫଟି ବେଲ୍ଟ ଅଣ୍ଟା ଚାରିପାଖରେ ବାନ୍ଧି ରଖିବା ଉଚିତ । ହଠାତ୍ ବାୟୁଚାପ ହ୍ରାସ ପାଇଲେ ଆପେ ଆପେ ଉପରୁ ଅକ୍ସିଜେନ ମୁଖା ଖସି ପଡ଼ିବ ଏହା ତାହା ମୁହଁରେ ଲଗାଇ ଶ୍ୱାସ ପ୍ରଶ୍ୱାସ ନିଆଁଯାଇ ପାରିବ । ଉଠିବା ବା ଓହ୍ଲାଇବା ବେଳେ ଧୂମ୍ରପାନ ନିଷେଧ । କୌଣସି ଦୁର୍ଘଟଣାର ସମ୍ମୁଖୀନ ହେଲେ ଜୀବନ ରକ୍ଷକ ଜାମା (Life Jacket) ବ୍ୟବହାର କରିବାର ଶୈଳୀ ମଧ କହି ଦିଆଯାଏ । ପ୍ରତ୍ୟେକ ସିଟରେ ନିରାପତ୍ତା ସମ୍ବନ୍ଧୀୟ ସୂଚନାପତ୍ର ଥାଏ । ସେଥିରୁ ଗୋଟିଏ ଟାଣି ନେଇ ପଢ଼ିଲି । ଦେହ ଶିତେଇ ଉଠିଲା । ବିମାନ ଦୁର୍ଘଟଣାର ସମ୍ମୁଖୀନ ହେଲେ ଆପତ କାଳୀନ ପଥ ଦେଇ କିପରି ଭାବରେ ନିଜକୁ ତଳକୁ ଖସାଇ ଦିଆଯାଏ ସେ ସମ୍ବନ୍ଧରେ ସୂଚନା ଦିଆଯାଇଛି ସେଥିରେ । ବେଳେ ବେଳେ ଅକସ୍ମାତ ଓହ୍ଲାଇବା ଆବଶ୍ୟକ ହେଲେ ବା ଚକ ନ ବାହାରିଲେ କିପରି ବେଲି ଲେଣ୍ଡିଂ କରିବା ଦରକାର ହୁଏ ଜଣେ ସହଯାତ୍ରୀ ବୁଝାଇ ଦେଲେ ।

ସେଦିନ ବିମାନ ଭାରତର ବିନ୍ଧ୍ୟ ପର୍ବତମାଳା ଉପର ଦେଇ ଆସିଲାବେଳେ ଆକାଶରେ ଅବସ୍ଥା ଭଲ ନ ଥିବା ସୂଚନା ଦେଇ ବେଲ୍ଟ ବାନ୍ଧିବାକୁ ନିର୍ଦ୍ଦେଶ ଦେଲେ ପାଇଲଟ । ଝରକା ଦେଇ ମୁଁ ବାହାରକୁ ଚାହିଁଲି । ବମ୍ବେରୁ ଛାଡ଼ିଥିଲୁ ସକାଳ ଆଠରେ । ଘଣ୍ଟାଏ ହୋଇଥିବ । କିନ୍ତୁ ଆକାଶରେ ମେଘ ଓ ବିଜୁଳି, ପ୍ରବଳ ବର୍ଷା । ମେଘ ଉପରକୁ ଯିବା ପାଇଁ ଆହୁରି ଉଚ୍ଚକୁ ଗଲା ବିମାନ । ହଠାତ୍ ପୁଣି ତଳକୁ ଖସିଲା, ପୁଣି ଉପରକୁ, ପୁଣି ତଳକୁ ଖସିଲା । ଯାତ୍ରୀମାନଙ୍କୁ ବିଚଳିତ ନହେବା ପାଇଁ ପରାମର୍ଶ ଦେଲେ ବିମାନ ଚାଳକ ।

ଜୀବନ ପ୍ରତି କାହାର ମମତା ନାହିଁ ? ଆମେ କୌଣସି ସଙ୍କଟର ସମ୍ମୁଖୀନ ହେଉଥିବା ଅନୁଭବ କରି ମୁଁ ମନେ ମନେ ପ୍ରାର୍ଥନା କଲି ଭଗବାନଙ୍କୁ । ମୋ ଆଗରେ ବସି ଥିବା ଜଣେ ବୟସ୍କ ବ୍ୟକ୍ତି ସକେଇ ସକେଇ କାନ୍ଦିବାକୁ ଲାଗିଲେ । ତାଙ୍କୁ ଏୟାରହଷ୍ଟେସ ସାନ୍ତ୍ୱନା ଦେଇ କହିଲେ- ଭରସା ରଖନ୍ତୁ..... ସବୁ ଠିକ ହୋଇଯିବ । ଭରସା ରଖିବା ଛଡ଼ା ଅନ୍ୟଗତି ନାହିଁ । ଅକାଶର ୩୫ ବା ୩୭ ହଜାର ଫୁଟ ଉପରେ ଉଡ଼ିଲାବେଳେ କେବଳ ଭଗବାନ ଭରସା । ଦୁର୍ଘଟଣା ଘଟିଲେ ମୃତ୍ୟୁ ସୁନିଶ୍ଚିତ । ହଠାତ୍ ମୋ ଡାହାଣ ପାଖ ସିଟରେ ବସିଥିବା ସହଯାତ୍ରୀ ବିଳାପ କରି ଉଠିଲେ- ମୁଁ କଥା ଦେଇ ଆସିଥିଲି

Digitized by srujanika@gmail.com

ଫେରିଯିବି ବୋଲି..... ମୋ ସ୍ତ୍ରୀ ପଥ ଚାହିଁ ବସିଥିବେ..... । ଏବେ କଣ କରିବି ଯେ.... ? ଭାଗ୍ୟମନ୍ଦ.... ନହେଲେ କଣ ଆସିଥାନ୍ତି ଏଇ ବିମାନରେ !

ଏହିପରି ଉପରକୁ ତଳକୁ ଓ ମେଘ ଦେହରେ ବାଡେଇ ହୋଇ ହୋଇ ଶେଷରେ କେତେ ମିନିଟ ପରେ ନାଗପୁରରେ ବାଧ୍ୟ ହୋଇ ଓହ୍ଲାଇବାକୁ ପଡୁଛି ବୋଲି ଘୋଷଣା କଲେ ବିମାନ ଚାଳକ । ବିମାନ ଅବତରଣ କଲା ନାଗପୁର ବିମାନ ବନ୍ଦରରେ । ଦରଜା ଖୋଲିବା କ୍ଷଣି ଆମେ ତଳକୁ ଆସି ଭୂମି ସ୍ପର୍ଶ କରୁ କରୁ ମାଟିର ମମତା ଆଶ୍ୱସ୍ତ ଓ ଶାନ୍ତ କଲା ମନକୁ । ମଣିଷର ନିବିଡ଼ ସମ୍ପର୍କ ମାଟି ସହିତ... ଆକାଶରେ ସେ ଅଚିହ୍ନା, ଅପରିଚିତ ଓ ଅନାବଶ୍ୟକ ପ୍ରବେଶକାରୀ ।

ବିମାନ ଚାଳକ କହିଲେ, ଗୋଟାଏ ବଡ଼ ପକ୍ଷୀ (ଶାଗୁଣା ବୋଧହୁଏ) ଇଞ୍ଜିନ ଭିତରକୁ ପଶିଯାଇ ଚିକିଚିକି ହୋଇଯାଇଛି । ତେଣୁ ଇଞ୍ଜିନ ସଫା ଓ ମରାମତି ହେବା ପରେ ହିଁ ପୁଣି ଯାତ୍ରା ଆରମ୍ଭ କରାଯିବ । ଯାତ୍ରୀମାନେ ବିଶ୍ରାମଗାରରେ ସମୟ କଟାଇ ପାରନ୍ତି । ଅନନ୍ୟୋପାୟ ହୋଇ ଆମେ କ୍ୟାଣ୍ଟିନକୁ ଗଲୁ । ଭାରତୀୟ ବିମାନ ପଥ କର୍ତ୍ତୃପକ୍ଷ ଚା' ଓ ଜଳଖିଆ ମାଗଣାରେ ଯୋଗାଇ ଦେଲେ । ଦରକାର ହେଲେ ହୋଟେଲକୁ ନେବା ପାଇଁ ଆଗୁଆ ବ୍ୟବସ୍ଥା କଲେ । କିନ୍ତୁ ଦରକାର ହେଲା ନାହିଁ ।

ଆବଶ୍ୟକ ସଫେଇ ଓ ମରାମତି ପରେ ଛଅ ଘଣ୍ଟା ବିଳମ୍ବରେ ପୁଣି ବିମାନ ଉଡିଲା ଉପରକୁ । ମୋ ପାଖର ସହଯାତ୍ରୀ କହିଲେ- ଈଶ୍ୱରଙ୍କୁ ଧନ୍ୟବାଦ । ମୋ ସ୍ତ୍ରୀର ଭାଗ୍ୟ ବି ଭଲ.... । ମୁଁ ଟିପ୍ପଣୀ କଲି- ଆଉ ଆପଣଙ୍କ ଭାଗ୍ୟ ତାଙ୍କଠାରୁ ବି ଆହୁରି ଭଲ... । ଏତେବେଳେ ଟିକେ ହସିଲେ ସେ ।

ଆଉଥରେ ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ବେଳେ ପ୍ରବଳ ବର୍ଷା ହେଉଥିବାରୁ ଭୁବନେଶ୍ୱରରେ ବିମାନ ଅବତରଣ କରି ନ ପାରି ଫେରିଗଲା । ବାଟରେ ବନାରସରେ ବି ଓହ୍ଲାଇ ପାରିଲା ନାହିଁ ସେଇ ଏକ କାରଣରୁ । ତାପରେ ଲକ୍ଷ୍ନୌରେ ଓହ୍ଲାଇଲା । ସେଠାରୁ ତେଲନେଇ ଚାରିଘଣ୍ଟା ପରେ ପୁଣି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ । ଭୋକରେ ସେତେବେଳକୁ ଛଟପଟ ହେଲେଣି ସମସ୍ତେ । ବିମାନରେ ଯାହା ଖାଦ୍ୟ ପଦାର୍ଥ ଥିଲା ସରିଗଲାଣି କେତେବେଳୁ । ବଲାଙ୍ଗୀରର ଅଗ୍ରୱାଲ ବାବୁ କିଛି ଦଶେରୀ ଆମ୍ବ ସାଙ୍ଗରେ ଆଣିଥିଲେ । ସେସବୁ ସରିଗଲା, କିନ୍ତୁ ଭୋକ ମରିଲା ନାହିଁ । ରାତି ଏଗାରଟାରେ ଦିଲ୍ଲୀରେ ପହଞ୍ଚି ଆଶ୍ୱସ୍ତ ହେଲୁ । ରାତି ଗୋଟାଏ ବେଳେ ଆକବର ହୋଟେଲରେ ପହଞ୍ଚି ସାଣ୍ଡୱିଚ ଖାଇ ଶୋଇଲୁ । ତାପରଦିନ କଲିକତା ବାଟ ଦେଇ ବିମାନରେ ଆମକୁ ଭୁବନେଶ୍ୱର ପଠାଇ ଦିଆଗଲା ।

ଆଉଥରେ ଭୁବନେଶ୍ୱରରୁ ଥେରୁବାଲି ଯାଇଥିଲି ଇମ୍ପାର ଛୋଟ ବିମାନରେ । ବିମାନ ଚାଳକ କ୍ୟାପଟେନ ମିଶ୍ର । ଥେରୁବାଲିରେ ନିର୍ବିଘ୍ନରେ ପହଞ୍ଚିଲୁ ମୁଁ, ମୋ ବଡପୁଅ ସଂଜୀବ, ମିଷ୍ଟର ପଟ୍ଟନାୟକ ଓ ବିମାନ ଚାଳକ ମିଶ୍ର । ସେଠାରେ ସେଦିନ ରହି ତା'

Digitized by srujanika@gmail.com

ପରଦିନ ବାହାରିଲୁ ସକାଳ ନଅଟାରେ । ବିମାନ ଉଡ଼ିବା ପରେ ପାହାଡ ଉପର ଦେଇ ଯାଉଥିବା ବେଳେ ଇଞ୍ଜିନ ଉପରେ ଧୂଆଁ ଦେଖି ଆଶ୍ଚର୍ଯ୍ୟ ହେଲି । ମୋ ପୁଅ କ୍ୟାପ୍‌ଟେନ୍‌କୁ କହିଲା । ସେ ଆଗରୁ ଦେଖି ସାରିଥିଲେ । କିନ୍ତୁ କହୁ ନ ଥିଲେ । ତେଲ ଟାଙ୍କିର ମୁହଁର ଢାଙ୍କୁଣୀ ଖୋଲିଯାଇ ତେଲ ବାଷ୍ପ ପରି ଉଡିଯାଉଥିବା ଦେଖି ବିପଦ ମଣିଲେ ବିମାନ ଚାଳକ । ପବନ ସହିତ ସଂଘର୍ଷରୁ ଜାଳେଣିରୁ ଅଗ୍ନି ଉତ୍ପନ୍ନ ହେବାର ଆଶଙ୍କା ମଧ୍ୟ ଥିଲା । ସେ କୌଶଳ କରି ଧୀରେ ଧୀରେ ପୁଣି ଫେରି ଆସିଲେ ଥେରୁବାଲି । ବିମାନ ଅବତରଣ କଲାକ୍ଷଣି କହିଲେ ବିମାନ ଚାଳକ- ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କଲେ ଭଗବାନ.... କିନ୍ତୁ କାହା ଅବହେଳାରୁ ଏପରି ହେଲା ଅନୁସନ୍ଧାନ କରିବାକୁ ପଡ଼ିବ ।

ବିମାନ ଯାତ୍ରା ସୁଖକର ସନ୍ଦେହ ନାହିଁ । ଏହା ଗତିର ପ୍ରତୀକ । କେତେ ଘଣ୍ଟା ମଧ୍ୟରେ ଲଣ୍ଡନ, ୱାଶିଂଟନ ପହଞ୍ଚ ହୁଏ । ପୃଥିବୀର ଦୂରତ୍ୱ ସଙ୍କୁଚିତ ହେବାରେ ଲାଗିଛି । କିନ୍ତୁ ବେଳେ ବେଳେ ଦୁର୍ଘଟଣାର କାହାଣୀ ପଢ଼ିଲେ ମନରେ ବହୁ ପ୍ରଶ୍ନ ଉଠେ । କିନ୍ତୁ ସେ ସବୁର ଉତ୍ତର କେବଳ ଗୋଟିଏ- ବିନା ମୂଲ୍ୟରେ ଅଗ୍ରଗତି ହୁଏ ନାହିଁ । ଯୁଗଯୁଗ ଧରି ସଭ୍ୟତା ମଣିଷଠାରୁ ବହୁମୂଲ୍ୟ ଆଦାୟ କରିଛି... । ଦୁର୍ଘଟଣା କେବଳ ଦୁର୍ଘଟଣା ହୋଇ ରହୁ, ମଣିଷକୁ ପଶ୍ଚାଦ୍‌ପଦ ନକରୁ ।

Digitized by srujanika@gmail.com

ସତ୍ ଶ୍ରୀ ଅକାଲ୍

ପଞ୍ଚ ନଦୀର ଦେଶ ସେଥିପାଇଁ ନାମ ପଞ୍ଜାବ । ରାବି, ଝେଲମ୍, ସତ୍‌ଲେଜ, ଚେନାବ ଓ ବେଆସ ପଞ୍ଚନଦୀର ଦେଶ ଖାଲି ପଞ୍ଜାବ ନୁହେଁ; ଶୌର୍ଯ୍ୟ ଓ ବୀର୍ଯ୍ୟର, ସାହସ ଓ ଦୁଃସାହସର ଦେଶ । ଯାହାକୁ କହନ୍ତି- 'ପ୍ରାଣ ଯାଏ ମଗର ବଚନ ନଯାଏ' । ପ୍ରାଣ ପଛେ ଯାଉ କିନ୍ତୁ କଥା ରହୁ । ପଞ୍ଜାବୀ ଥରେ ଯଦି କଥା ଦିଏ ତାହା ଟାଳି ଦବାର ପ୍ରଶ୍ନ ନାହିଁ । ଜୀବନ ବିନିମୟରେ ମଧ ନୁହେଁ । ସେଥିପାଇଁ ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ଭାରତ ଭାଗ ଭାଗ ହୋଇଯିବା ପରେ ଯେଉଁମାନେ ଘରଦ୍ୱାର, ଭିଟାମାଟି ଛାଡି ପାକିସ୍ତାନରୁ ଭାରତ ପଳାଇ ଆସିଲେ, ବାଟରେ ଆଖି ଆଗରେ ଆତ୍ମୀୟ ସ୍ୱଜନଙ୍କ ନିଧନ ଦେଖି ମଧ, ବିଶ୍ୱାସ ନ ହରାଇ ବଞ୍ଚି ରହିଲେ ଆଉ ଥରେ ନିଜର ପୌରୁଷତ୍ୱ ପରୀକ୍ଷା କରିନେବା ପାଇଁ । ଅନେକ ଦିନ ପୂର୍ବେ ଭୁବନେଶ୍ୱର ବସବାସ କରି ଓଡ଼ିଶା ଓଡ଼ିଆ ଭାଷାକୁ ଆପଣାର କରିନେଇଥିବା ବିଶିଷ୍ଟ ଠିକାଦର ନିର୍ମଳ ସିଂ (ସେ ଆଉ ନାହାନ୍ତି)ଙ୍କ ସହିତ ଦେଖା ହେଲା ପରୋପକାରୀ ସୁଦର୍ଶନ ସାହାଣୀଙ୍କ ଘରେ । ସେତେବେଳେ ଆଳାପ ଆଲୋଚନା ମଧରେ ସେ କହିଲେ ନିଜର ଓ ନିଜ ପରିବାରର ଅଶ୍ରୁଝରା ଇତିବୃତ୍ତ । ପାକିସ୍ତାନର ପଶ୍ଚିମ ପଞ୍ଜାବରେ ଭାଗ୍ୟ ସହିତ ସବୁ ସମ୍ପଦ ଛାଡି ଯେତେବେଳେ ସେ ବାପା ମା' ଙ୍କ ସହିତ ଭାରତ ପଳାଇ ଆସୁଥିଲେ ସେତେବେଳେ ତାଙ୍କୁ ଚଉଦ ବର୍ଷ । ତାଙ୍କରି ଆଖି ଆଗରେ ଯୁଗ ଯୁଗ ଧରି ଏକତ୍ର ରହି ଆସିଥିବା ପ୍ରତିବେଶୀମାନେ ହତ୍ୟାକଲେ ଆତ୍ମୀୟମାନଙ୍କୁ । କୌଣସି ପ୍ରକାରେ ଖସି ଆସିଥିଲେ ନିର୍ମଳ ସିଂ ଓ ଆଉ କେତେ ଜଣ । ସେହିପରି ସର୍ବସ୍ୱ ହରାଇ, ଆତ୍ମୀୟସ୍ୱଜନଙ୍କ ନିଧନ ଆଖି ଆଗରେ ଦେଖି ଆଖି ପୋଛି ପୋଛି ଚାଲି ଆସିଥିଲେ ଜଗଦୀଶ ଚନ୍ଦ୍ର ବୁଦ୍ଧିରାଜ । ଭୁବନେଶ୍ୱରର ବଡ଼ ଓ ସଦାଶ୍ରୟୀ ଠିକାଦାର । ଜଣେ ଶିଖ ଆଉ ଜଣେ ହିନ୍ଦୁ । ସେତେବେଳେ ଶିଖ ଓ ହିନ୍ଦୁ ଥିଲେ ଭାଇ ଭାଇ । ପୁଣି ଯେ ପୂର୍ବରୁ ସେଇ ରକ୍ତ ସଂପର୍କ ଫେରି ନ ଆସିବ ତାହା କିଏ କହିବ ? ନିର୍ମଳ ସିଂ ଓ ବୁଦ୍ଧିରାଜ, ଉଭୟ ମୋର ବନ୍ଧୁ । ସେମାନଙ୍କ ମୁହଁରୁ ସେମାନଙ୍କ କରୁଣ କାହାଣୀ ଶୁଣି ମୁଁ ବିସ୍ମୟରେ ଅଭିଭୂତ ହୋଇ ପଡ଼ିଥିଲି । ପ୍ରାରବ୍ଧ ସୂତ୍ରରେ ପାଇଥିବା ଭାଗ୍ୟକୁ ସମାଧି ଦେଇ ସେମାନେ ନିଜ ହାତରେ ନିଜର ଲହୁ ଓ ଲୁହ ଝରାଇ ଗଢ଼ି

Digitized by srujanika@gmail.com

ନେଲେ ନିଜର ଓ ବଂଶଧରମାନଙ୍କ ଭବିଷ୍ୟତ । ଠିକ ଯେମିତି ସେମାନଙ୍କ ପୂର୍ବ ପୁରୁଷ ହଜାର ହଜାର ବର୍ଷ ଧରି ଶକ, ହୁନ, ପଠାଣ, ମୋଗଲ, ଇଂରେଜମାନଙ୍କ ଆକ୍ରମଣ ପ୍ରତିହତ କରି ବା ସହ୍ୟକରି ନିଜ ହାତରେ ଗଢ଼ିଥିଲେ ଭାଗ୍ୟ ଓ ଭବିଷ୍ୟତକୁ । ୱାହେ ଗୁରୁଙ୍କୁ ସ୍ମରଣ କରି 'ସତ୍ ଶ୍ରୀ ଅକାଲ୍ ଯୋ ବୋଲେ ସୋ ନିହାଲ' ତୁଣ୍ଡରେ ଉଚାରଣ କରି ଭାରତର ଗର୍ବ ଓ ଗୌରବର ରକ୍ଷା ପାଇଁ ପଞ୍ଜାବର ଲୋକମାନେ ଯାହା କରି ଯାଇଛନ୍ତି ତାର ପଟାନ୍ତର ନାହିଁ । ଜାଲିଆନାୱାଲବାଗର ପଟାନ୍ତର ଅଛି କି ? ମୁକ୍ତି ଓ ମାନବିକତାର ସୁରକ୍ଷା ପାଇଁ ପଞ୍ଜାବୀମାନଙ୍କର ତ୍ୟାଗ ଉଲ୍ଲେଖନୀୟ, ସେମାନେ ପଞ୍ଜାବୀ, ହିନ୍ଦୁ କି ଶିଖ, ମୁସଲମାନ କି ଖ୍ରୀଷ୍ଟାନ ତାହା ଅବାନ୍ତର ।

ସେଇ ପଞ୍ଜାବୀମାନଙ୍କ ସଂପର୍କରେ ଯେତେ ଆସିଛି ସେମାନଙ୍କ ଚରିତ୍ରର ବିଭିନ୍ନ ଦିଗ ପରଖି ନବାର ସେତେ ସୁଯୋଗ ପାଇଛି । ହିଂସାରୁ ପ୍ରତିହିଂସା । ବାପ ଯଦି ଆଉ କାହା ଦ୍ୱାରା ନିହତ ବା ନିର୍ଯ୍ୟାତିତ ହୋଇ ପ୍ରତିଶୋଧ ନେଇ ନ ପାରି ସ୍ୱର୍ଗକୁ ଚାଲିଯାଇଛି ପୁଅ ପିତୃଋଣ ପରିଶୋଧ କରିବା ଲାଗି ଶପଥ ନେଇ ଖୋଜିଛି ସେଇ ପିତୃହନ୍ତା ବା ପିତୃ ଶତ୍ରୁକୁ । ନିଜର ଜୀବନକାଳ ମଧ୍ୟରେ ପ୍ରତିଶୋଧ ନବାରେ ଯଦି ଅସଫଳ ବା ଅସମର୍ଥ ହୋଇଛି, ତା' ହେଲେ ନିଜ ପୁଅକୁ କହି ଯାଇଛି ଶତ୍ରୁର ଠିକଣା, କାନେ କାନେ ଦେଇ ଯାଇଛି ପ୍ରତିଶୋଧର ମନ୍ତ୍ର ।

ସୁପ୍ରିମକୋର୍ଟର ଜଣେ ବିଚାରପତି ଦିନେ କଥା ପ୍ରସଙ୍ଗରେ ମୋତେ କହିଲେ ଯେ ପଞ୍ଜାବୀ ଚରିତ୍ରର ଏହି ଦିଗଟି ଅତି ସ୍ପଷ୍ଟ । ମୋଗଲ ସାମ୍ରାଜ୍ୟ ବା ଇଂରେଜ ଅମଳରେ ସେମାନେ ଯେତେଥର ନିର୍ଯ୍ୟାତିତ ବା ଲାଞ୍ଛିତ ହୋଇଛନ୍ତି ସେମାନଙ୍କ ଚରିତ୍ରରେ ପ୍ରତିଶୋଧ ନବାର ବହ୍ନି ସେତିକି ପ୍ରଜ୍ୱଳିତ ହୋଇଛି । ପ୍ରତିଶୋଧ ନବା ପରେ ପଞ୍ଜାବୀ ଅନୁଭବ କରେ ନିର୍ବାଣର ସ୍ୱାଦ । ପୁଣି ବନ୍ଧୁ ଭାବରେ ମଧ ପଞ୍ଜାବୀର ତୁଳନା ନାହିଁ । ଜୀବନ ଯାଉ ଚିନ୍ତା ନାହିଁ କିନ୍ତୁ ବନ୍ଧୁକୁ ଦେଇଥିବା ପ୍ରତିଶ୍ରୁତି ପୂର୍ଣ୍ଣ ହେବା ଦରକାର । କିନ୍ତୁ କଳ, ବଳ କୌଶଳ କରି ଶୀର୍ଷକୁ ଉଠିବାପାଇଁ ସଦା ପ୍ରସ୍ତୁତ ସେ । ନୈତିକତା ନୁହେଁ, ପ୍ରତିଯୋଗିତାରେ ବିଜୟୀ ହେବା ହିଁ କାମ୍ୟ ।

ଦିନେ ହଠାତ ଆସି ପହଞ୍ଚିଲି ଦିଲ୍ଲୀରେ । ପୁଅର ଅସୁସ୍ଥତା ଯୋଗୁ ମନ ଭଲ ନ ଥାଏ । ଓଡ଼ିଶା ଭବନରେ ବା ଅନ୍ୟ କୌଣସି ଗେଷ୍ଟ ହାଉସରେ ସ୍ଥାନ ସଂରକ୍ଷଣ କରିବା ଲାଗି ସମୟ ନ ଥିଲା । ଜଣେ ପଞ୍ଜାବୀ ବନ୍ଧୁ ଏହା ଶୁଣିବା କ୍ଷଣି କହିଲେ- ଭାଇ ସାହେବ, ଆମେ କ'ଣ ଆପଣଙ୍କ ପର ! ଆମ ଘରେ ଦୁଇଦିନ ରହି ଯାଆନ୍ତୁ, ତା'ପରେ ଏଠାରେ ଯଦି ସୁବିଧା ନ ହୁଏ ମୋ ପୁତୁରାର ଖାଲି ପଡ଼ିଥିବା ଘରେ ଯେତେଦିନ ଇଚ୍ଛା ରହିବେ । ସେୟା ହେଲା । ତାଙ୍କ ଘରେ ଦୁଇଦିନ ରହିବା ପରେ ଆହୁରି ଦୁଇ ତିନି ସପ୍ତାହ ରହିବା ଦରକାର ପଡ଼ିପାରେ ଦେଖି ଆମେ ଗଲୁ ବନ୍ଧୁଙ୍କ ପୁତୁରା ଘରକୁ । ସାକେତ ଭଳି ଏକ

Digitized by srujanika@gmail.com

ସଂଭ୍ରାନ୍ତ ଅଞ୍ଚଳରେ ଦୁଇମହଲାରେ ଏକ ବିରାଟ ଘର । ସାଜ ସଜ୍ଜା ରଜାଘର ପରି । ଫ୍ରିଜ, ଟିଭି ଠାରୁ ଆରମ୍ଭ କରି ଟେଲିଫୋନ ଓ ବିଦେଶୀ ଉତ୍କୃଷ୍ଟ ପାନୀୟ ପର୍ଯ୍ୟନ୍ତ । କାଳେ ଆମର ଅସୁବିଧା ହୋଇପାରେ ସେଥିପାଇଁ ବନ୍ଧୁ ତାଙ୍କର ଦୁଇଜଣ ଚାକର ମଧ୍ୟରୁ ଜଣକୁ ପଠାଇ ଦେଲେ ଆମ ସାଙ୍ଗରେ । ସାତ ଆଠ ଦିନ ଚଳିବା ପାଇଁ ସମସ୍ତ ପ୍ରକାର ଖାଦ୍ୟ ସାମଗ୍ରୀ ମହଜୁଦ ଥିଲା ଭଣ୍ଡାର ଘରେ । ଆମେ ରହିଗଲୁ ତିନି ସପ୍ତାହ । ନିଜ ଘର ଠାରୁ ଆହୁରି ସୁଖ ସୁବିଧାରେ ରହିଥିଲୁ ସେଠାରେ ଅତିଥି ଭବନର ମହାମାନ୍ୟ ଅତିଥି ପରି ।

ଆଉ ଥରେ ସେହିପରି ଅଚାନକ ଆସି ପହଞ୍ଚିଲି ଦିଲ୍ଲୀରେ । ଆଉ ଜଣେ ପଞ୍ଜାବୀ ବନ୍ଧୁଙ୍କ ସହିତ ଦେଖା ହେବା କ୍ଷଣି ସେ କହିଲେ- ଗତଥର ଫାଙ୍କିଦେଇ ଚାଲିଗଲ, ଆମ ଘରେ ପଡ଼ିଲାନି ତମ ପାଦଧୂଳି । ତାଙ୍କ ସ୍ତ୍ରୀ କହିଲେ- ଭାଇ ସାହେବ ଏଥର କୌଣସି କଥା ଶୁଣିବାକୁ ଚାହେଁନି । ଆପଣ ରହିବେ ଆମ ଘରେ ଯେତେ ଦିନ ଇଚ୍ଛା, ତାଙ୍କ ଘରେ ଅଳ୍ପଦିନ ରହିବା ପରେ ଖାଲିଥିବା ତାଙ୍କ ଶ୍ୱଶୁର ଘରେ ରହିଲୁ ଦୁଇ ସପ୍ତାହ । ସେ ଥିଲେ ଆମେରିକାରେ, ତଥାପି ତାଙ୍କ ଝିଅଙ୍କ ପାରଙ୍ଗମ ପଣିଆରୁ ନିଜ ଘର ଠାରୁ ଆହୁରି ସୁବିଧାରେ ସମୟ କଟିଗଲା । କହିବା ବାହୁଲ୍ୟ ପରିବା ଠାରୁ ଭିଡ଼ିଓ ପର୍ଯ୍ୟନ୍ତ ସବୁ ନିଜ ଖର୍ଚ୍ଚରେ ସେ ଯୋଗାଇ ଦେଇଥିଲେ ପାଞ୍ଚ ଜଣଙ୍କ ପାଇଁ । ଏପରି ବନ୍ଧୁତ୍ୱ ଓ ବଦାନ୍ୟତା ଓଡ଼ିଶାରେ ମୁଁ କେବେ ଦେଖିନାହିଁ କି ସେପରି ସମ୍ଭାବନା ମଧ୍ୟ ନାହିଁ । ଲକ୍ଷାଧିକ ଟଙ୍କାର ସାଜ ସରଞ୍ଜାମ ଥିବା ସୁସଜ୍ଜିତ ଘର କିଏ ଛାଡ଼ିଦବ ଅନ୍ୟମାନଙ୍କ ସୁଖ ସୁବିଧା ପାଇଁ । ନିଜ ଘରେ ଜାଗା ଥିଲେ ବି ପଛଘୁଞ୍ଚା ଦେଉଥିବା ଓଡ଼ିଆ ନିଜ ପୁତୁରା, ବା ଶ୍ୱଶୁର ଘରର ସବୁ ସୁବିଧା କେଉଁ ସାହସରେ ସମର୍ପି ଦେବ ଆଉ ଜଣକୁ । ମାନବିକତା ଏମାନଙ୍କର ଅଭିରୁଚି । ପଞ୍ଜାବ ବାହାର ପର୍ଯ୍ୟଟକ ବା ଦର୍ଶକମାନଙ୍କ ପାଇଁ ନିଷିଦ୍ଧାଞ୍ଚଳ ହୋଇ ରହିଛି । ରାସ୍ତାରେ ଯିବାବେଳେ ବା ରେଷ୍ଟୋରାଁରେ ଖାଇବା ବେଳେ ଆତତାୟୀର ଗୁଳିରେ ନିହତ ହେବା ଅସମ୍ଭବ ନୁହେଁ । କିନ୍ତୁ ତା ସତ୍ତ୍ୱେ ଜୀବନ ଯାତ୍ରାରେ ଭଟା ପଡ଼ିନି କି ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ପଞ୍ଜାବୀ ଫୁର୍ତ୍ତି କମି ଯାଇନି । ଦିନେ କଥା ପ୍ରସଙ୍ଗରେ ରବି ସୁଦଙ୍କୁ କହିଲି ଯେ ମୋର ଜଣେ ସଂପର୍କୀୟ ଅଛନ୍ତି ଲୁଧିଆନାରେ; ସେ ଡାକ୍ତର । ତାଙ୍କ ପୁଅ ଓ ଝିଅ ସେଠାରେ କଲେଜରେ ପଢ଼ନ୍ତି । ରବି ସୁଦ କହିଲେ ଚାଲନ୍ତୁ ବୁଲି ଆସିବା, ଗାଡିରେ ଯିବା, ଗାଡିରେ ଫେରିବା, କିଛି ଅସୁବିଧା ହେବ ନାହିଁ । ମୁଁ କହିଲି, ସନ୍ତ୍ରାସବାଦୀମାନଙ୍କର ଉତ୍ପାତ ଯେ ଲାଗି ରହିଛି । ସେ ବେପରୁଆ ଭାବରେ କହିଲେ ମଣିଷ ଅମର ନୁହେଁ, ପ୍ରତିଦିନ କେତେକଙ୍କର ସ୍ୱାଭାବିକ ମୃତ୍ୟୁ ହୁଏ । ତା ସହିତ ଆଉ ଦଶପନ୍ଦର ଜଣ ଯଦି ସନ୍ତ୍ରାସବାଦୀଙ୍କ ଗୁଳିରେ ନିହତ ହୁଅନ୍ତି ଏମିତି ପୃଥିବୀ ଓଲଟି ପଡ଼ିବ ନାହିଁ । ଏ ସବୁକୁ ଭୟ କଲେ ଚଳିବ ନାହିଁ । ସେମାନେ ତାଙ୍କ କାମ କରିବେ ଆମେ ଆମ କାମ କରିବୁ,

Digitized by srujanika@gmail.com

ଆଉ ଯଦି ସାମନା ସାମନି ଭେଟ ହୁଏ ଦେଖାଯିବ । ଏଇ ହେଲା ପଞ୍ଜାବୀ ଚରିତ୍ର । ସକାଳୁ ସନ୍ଧ୍ୟାଯାଏ କଠିନ ପରିଶ୍ରମ କରନ୍ତି ଏମାନେ ରୋଜଗାର କରିବା ପାଇଁ । ଭଲ ରୋଜଗାର କଲେ ଖାଇପିଇ ଫୁର୍ତ୍ତି କରିବେ । ସେଥିପାଇଁ ଯାହା ଦରକାର କରିବାକୁ ପଛେଇବେ ନାହିଁ । ଜଣେ ବନ୍ଧୁ ନିମନ୍ତ୍ରଣ କଲେ ରାତ୍ରିଭୋଜନ ପାଇଁ । ପହଞ୍ଚିବା କ୍ଷଣି କହିଲେ- କଣ ପିଇବେ ? ହୁଇସ୍କି ନା ଭୋଦକା ନା ସାଂପେନ ? ବିଅର ଓ ଜିନ ବି ଅଛି । ଯେମିତି ପସନ୍ଦ । ମୁଁ ପିଏ ନାହିଁ ଶୁଣି ସେ ଆଶ୍ଚର୍ଯ୍ୟ ହେଲେ । ତାଙ୍କ ସ୍ତ୍ରୀ ଆଗେଇ ଆସି କହିଲେ, ଆପଣ ଅତିଥି, ଆପଣ ନ ପିଇଲେ ପାର୍ଟି ଜମିବ ନାହିଁ । ଶୀତ ଦିନରେ ଉଷ୍ମ ରଖିବେ କେମିତି ? ତାଙ୍କ କଥାର ଭଙ୍ଗି ଓ ଆଖିର ଆଡ଼ ଚାହାଣୀରେ ନୃତ୍ୟ କରୁଥିଲା ପରିହାସ । ସତ କହିଥିଲେ ଅମରଜିତ୍ କାଉର । ଦୁଇଦିନ ବର୍ଷା ଲାଗିରହିଲା । ନଭେମ୍ବର ଶେଷରେ ବର୍ଷା ହୁଏ ଦିଲ୍ଲୀରେ । ମୁଁ ଥରିଲି ଶୀତରେ । ଟେମ୍ପରେଚର ଦଶକୁ ଖସି ଆସିଲା । ମୋର ଝିଆରୀ ମୋର ଦୁର୍ଦ୍ଦଶା ଦେଖି କହିଲା, ତମ ପାଇଁ ଔଷଧ ଅଛି । ଖାଇଦବା ପରେ ପରେ ସବୁ ଠିକ ହୋଇଯିବ । ମୋ ନାତୁଣୀ ଗୋଟେ ଛୋଟ ଗ୍ଲାସ ମୋ ହାତକୁ ବଢ଼ାଇଦେଇ କହିଲା, ପିଇ ଦିଅ । ମୁଁ ପିଇସାରି ପଚାରିଲି ଏଇଟା କି ଔଷଧ ? ସେ ହସି ଦେଇ କହିଲା ମାଉସୀକୁ ପଚାର । ମୁଁ ପଚାରିବାରୁ ବେବି କହିଲା ଅଧପେଗ ଜନିଓ୍ୱାକର ଦେଇଥିଲି କାକା । ଦେଖିବ ଭଲ ଲାଗିବ, ଶୀତରେ ଆଉ ଥରିବ ନାହିଁ । ଦୁଇଦିନ ବର୍ଷା ହେଲା, ଆଉ ସେଇ ଦୁଇଦିନ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଜନିଓ୍ୱାକର ପିଇବାକୁ ବାଧ ହେଲି । ମୋ କଥା ଶୁଣି ସୁନ୍ଦର ଲାଲ ବାଟରା ହୋ ହୋ କରି ହସି ଉଠି କହିଲେ, ଆପଣ ଆମ ଲାଇନକୁ ଆସିଗଲେ ଚାଚା ସାହେବ । ଦିଲ୍ଲୀରେ ପଞ୍ଜାବୀମାନଙ୍କର ଭିଡ଼ । ଏଇଠାରୁ ପଞ୍ଜାବ ଆରମ୍ଭ ହେଲା ଜାଣ । ଅମୃତସର, ଜଳନ୍ଧର, ଚଣ୍ଡିଗଡ଼, ଲୁଧିଆନାକୁ ଯିବା ରାସ୍ତାରେ ଅସଂଖ୍ୟ ମୋଟର ଗାଡ଼ି, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲ୍ ଓ ଦୁଇ ପାଖରେ ସବୁଜ ଗହମ ଖେତ, ଠାଏ ଠାଏ ରେଷ୍ଟୋରାଁ ଓ ଫୁର୍ତ୍ତିବାନ୍ ଯୁବକ ଯୁବତୀ ଦେଖି ପଞ୍ଜାବର ଚିତ୍ର ଭାସି ଉଠେ ଆଖି ଆଗରେ । ଆଉ ଭାରତର ସବୁ ଅଞ୍ଚଳ ଅପେକ୍ଷା ପଞ୍ଜାବୀ ମାନଙ୍କର ଜୀବନ ଧାରଣର ମାନ ସର୍ବୋଚ୍ଚ । ମଦ୍ୟପାନ ମଧ୍ୟ ସର୍ବାପେକ୍ଷା ବେଶି । ଆଖୁରସ, ଟମାଟୋ ରସ୍, ଅଙ୍ଗୁର ରସ, ଦୁଧ ଓ ଲସି ସ୍ୱାଭାବିକ ପାନୀୟ । ସକାଳର ସୂର୍ଯ୍ୟୋଦୟଠାରୁ ରାତି ଶୋଇବା ପର୍ଯ୍ୟନ୍ତ ଅର୍ଥ ଉପାର୍ଜନ କରିବା, ଫୁର୍ତ୍ତି କରିବା ଏମାନଙ୍କର ଆଚରଣଗତ ।

ଦିନେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ ଯାଇଥିଲି । ଏହାର ପରିବେଶ, ପରିଷ୍କାର ଓ ପରିଚ୍ଛନ୍ନତା, ଫୁଲ ବଗିଚା ଓ ଲନ ଦେଖି ମୁଗ୍ଧ ହେଲି । ରବୀନ୍ଦ୍ର ଛାତ୍ରାବାସରେ ଭାଣିଜୀର ପୁଅ ପ୍ରେୟସ ଥିଲା । ତା ପାଖରେ ପହଞ୍ଚିବା ପରେ ମୋତେ ଘେରିଗଲେ ତାର ସାଙ୍ଗମାନେ । ଜଣେ ବଙ୍ଗାଳୀପିଲା କହିଲା, ଛାତ୍ରାବାସରେ ନିରୋଳା ଶାକାହାରୀ ଭୋଜନ । ଆମିଷ

Digitized by srujanika@gmail.com

ପ୍ରବେଶ ନିଷେଧ । କିନ୍ତୁ ବାହାରେ ମାଛ ମାଂସ ସହଜଲଭ୍ୟ ଓ ଶସ୍ତା । ସେମାନଙ୍କର ଜଣେ ବନ୍ଧୁ ଯାହାକୁ ମୁଁ କୌଣସି ଛାତ୍ରର ଅଭିଭାବକ ବୋଲି ଭାବୁଥିଲି ସେ କହିଲା ମୁଁ ଜାଟ୍ ସଂପ୍ରଦାୟର । ସେ ଏମ୍.ଏ. ପଢୁଥିଲା । ଉଚ୍ଚତା ଛଅଫୁଟ ଛଅ ଇଞ୍ଚ, ବେଶ ହୃଷ୍ଟପୁଷ୍ଟ । ତାକୁ କହିଲି, ସିଭିଲି ସର୍ଭିସ ପାଇଁ ପ୍ରସ୍ତୁତ ହେଉଛ ? ସେ ମଥା ହଲାଇ କହିଲା ନା, ନା, ନୌକରୀ କରିବାକୁ ଚାହେଁନା ମୁଁ । ମୋ ବାପାଙ୍କର ଦଶ ଏକର ଜମି ଅଛି, ଟ୍ରାକ୍ଟର ଅଛି, ମଇଁଷି ଅଛନ୍ତି । ମୁଁ ଚାଷ କରିବି । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ତା'ହେଲେ, ଏଠାରେ ଯେ... ? ସେ କହିଲା ବେଶି ପଢ଼ିଲେ ଭଲ ଶ୍ୱଶୁର ଘର ମିଳିବ, ଧନୀ ଓ ସଂଭ୍ରାନ୍ତ । ସମ୍ମାନ ବି ବଢ଼ିବ । ତା ଘରକୁ ମୋ ସଂପର୍କୀୟ ପ୍ରେୟସ୍ ଓ ସେଇ ବଙ୍ଗାଳୀ ପିଲାଦିନେ ଯାଇଥିଲେ । ସେମାନଙ୍କୁ ସ୍ୱାଗତ କରି ତା ବାପା ସଂଗେ ସଂଗେ ଦୁଇ ହାତରେ ଦୁଇ ବାଲତି ଦୁଧ ନେଇ ପହଁଚିଯାଇ କହିଲେ, ପିଅ, ପିଅ... । ଏମାନେ ନିଜର ଅସାମର୍ଥ୍ୟ ପ୍ରକାଶ କରିବାରୁ କହିଲେ, ସେଥିପାଇଁ ତମେ ଦୁହେଁ ଦୁବଲା ପାତଲା, ମୋ ପୁଅକୁ ଦେଖ ପ୍ରତିଦିନ ସକାଳେ ବାଲତିଏ ଦୁଧ ପିଏ... । ପୁଣି ଦୁଇବର୍ଷ ପରେ ଯାଇଥିଲି ଉତ୍ତର ଭାରତ । ଥରେ ଦିଲ୍ଲୀରୁ ଫେରି ଆସି ଦୂରଦର୍ଶନରେ ଦେଖିଲି କଳାହାଣ୍ଡିର ଅନାବୃଷ୍ଟି, ଦୁର୍ଭିକ୍ଷ, ଅନାହାର ଓ ଶିଶୁବିକ୍ରିର ଦୃଶ୍ୟ । ଜଣେ ପଞ୍ଜାବୀ ବନ୍ଧୁ କହିଲେ- ଓଡ଼ିଶାରେ ପ୍ରଚୁର ପ୍ରାକୃତିକ ସଂପଦ ଓ ଲୋକଶକ୍ତି ସତ୍ତ୍ୱେ ଓଡ଼ିଆମାନେ ଏତେ ଦରିଦ୍ର କାହିଁକି ? ଠିକ ଏଇ ପ୍ରଶ୍ନ ଦିନେ ମୋତେ ପଚାରିଥିଲେ ଦିଲ୍ଲୀର ପୂର୍ବତନ ଜନତାଦଳ ସଂସଦ ସଦସ୍ୟ କନ୍ୱରଲାଲ ଗୁପ୍ତା ଓ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏଚ.ଏସ.ବ୍ରାର । ମୁଁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲି । ଆଜି ବି ମନରେ ସେଇ ପ୍ରଶ୍ନ ଗୁଂଜରି ଉଠୁଛି - ଓଡ଼ିଶା ଏତେ ଦରିଦ୍ର କାହିଁକି ?

Digitized by srujanika@gmail.com

ପୂର୍ବ ପଶ୍ଚିମ ସଂଯୋଗ

ମୁଁ ଖୋର୍ଦ୍ଧାଠାରେ ଡ଼ିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ୍ ଭାବରେ ଅବସ୍ଥାପିତ ହେଲାପରେ ମନରେ ସଂକଳ୍ପ କଲି ଓଡ଼ିଶା ପାଇଁ ଏଇ ସୁଯୋଗରେ କିଛି କରିବା ପାଇଁ । ଭାରତର ରେଳବାଇ ମାନଚିତ୍ରକୁ ଚାହିଁଦେଲେ ଏ ରାଜ୍ୟ ରେଳବାଇ ଦ୍ୱାରା କିପରି ଉପେକ୍ଷିତ ହୋଇ ଆସିଛି ତାହା ମୋତେ ବିଚଳିତ କରିବାକୁ ଲାଗିଲା । କିନ୍ତୁ ଏତେବଡ଼ ସଂସ୍ଥାରେ ଉଚ୍ଚପଦବୀରେ ମୁଁ ଜଣେ ମାତ୍ର ଓଡ଼ିଆ, ତେଣୁ ମୋର ସାମର୍ଥ୍ୟ ଓ ସ୍ଥିତି ସଂପର୍କରେ ବେଶ ସଚେତନ ଥିଲି । ଯେତେବେଳେ ନେତା, ପ୍ରଶାସନ କର୍ତ୍ତୃପକ୍ଷ ଓ ଶୁଭେଚ୍ଛୁ ମାନଙ୍କ ସହିତ ସାକ୍ଷାତ ହେଉଥିଲା ସେମାନେ ଗୋଟିଏ କଥା କହୁଥିଲେ- ଓଡ଼ିଶା କେତେଦିନ ଆଉ ଅବହେଳିତ ହୋଇ ରହିଥିବ ? ଥରେ ସମାଜ ସଂପାଦକ ଡ଼କ୍ଟର ରାଧାନାଥ ରଥ ଆୟୋଜନ କରିଥିବା ଏକ ଭୋଜି ସଭାରେ ଡ଼କ୍ଟର ସଦାଶିବ ମିଶ୍ର କହିଲେ ଯେ, ଓଡ଼ିଶାର ରେଳପଥ ଗୋଟିଏ ତ୍ରିଭୁଜ ପରି । ବ୍ରିଟିଶ ସାମ୍ରାଜ୍ୟର ସୁରକ୍ଷା ପାଇଁ କଲିକତା ସହିତ ମାନ୍ଦ୍ରାଜ ଏବଂ କଲିକତା ସହିତ ବମ୍ବେକୁ ସଂଯୁକ୍ତ କରିବା ଆବଶ୍ୟକ ହୋଇ ନଥିଲେ ପୂର୍ବ ଉପକୂଳ ବା ପଶ୍ଚିମ ଓଡ଼ିଶା ଦେଇ ରେଳପଥ ଯାଇ ନଥାନ୍ତା । ଆଉ ରାୟପୁର-ବିଜୟନଗରମ ଶାଖାପଥ ମଧ୍ୟ ତଦ୍ରୂପ କାରଣରୁ ନିର୍ମିତ ହୋଇଥିଲା ।

ଆଗେ ରେଳବାଇ ପ୍ରଶାସନର ଓଡ଼ିଆମାନଙ୍କର ସ୍ଥାନ ନଥିଲା, ଓଡ଼ିଶାର ନେତୃମଣ୍ଡଳୀ ମଧ୍ୟ ଓଡ଼ିଶାରେ ରେଳପଥର ସଂପ୍ରସାରଣ ଲାଗି ୧୯୭୩/୭୪ ଯାଏ ପ୍ରାୟ କୌଣସି ବିଶେଷ ଉଦ୍ୟମ କରି ନଥିଲେ କହିଲେ ଚଳେ । ଗୋଟିଏ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାର ଓ ଲୋକପ୍ରତିନିଧିମାନଙ୍କର ସ୍ଥାନ ଅତି ଉଚ୍ଚରେ । ଏଠାରେ ଅମଲାମାନେ ଗୌଣ । ଓଡ଼ିଶାର ଦାବି ପାର୍ଲାମେଣ୍ଟରେ ଯୋର ଦେଇ କେହି ଉପସ୍ଥାପିତ କରିନଥିଲେ କି କେହି କଲେ ମଧ୍ୟ ରାଜନୈତିକ ଚାପ ଓ ଲବି ଅଭାବରୁ ତାହା ନଗଣ୍ୟ ବିବେଚିତ ହେଉଥିଲା । ଏତାଦୃଶ ପରିସ୍ଥିତିରେ ମୁଁ କ'ଣ କରି ପାରିବି ତାହା ମୋତେ ଦିନରାତି ଅସ୍ଥିର କରୁଥିଲା ।

୧୯୭୫ ମସିହା ଜୁନ୍ ୧୭ ତାରିଖରେ ଗୋଟିଏ ସୁଯୋଗ ସୃଷ୍ଟି ହେଲା । ସେଦିନ ଯଖପୁରା-ବାଂଶପାଣି ରେଳପଥ ଭିତ୍ତିପ୍ରସ୍ତର ସ୍ଥାପନ କରିବାର ଦିନ । ଓଡ଼ିଶାର ମୁଖ୍ୟମନ୍ତ୍ରୀ

Digitized by srujanika@gmail.com

ବିନାୟକ ଆଚାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ରାଜି ହେଲେ । ସେପଟୁ ରେଳବାଇ ବୋର୍ଡ଼ର ଚେୟାରମ୍ୟାନ ତଥା ଭାରତ ସରକାରଙ୍କର ପ୍ରଧାନ ସଚିବ ଜି.ପି. ୱାରିଅର ଏହି ଉତ୍ସବରେ ଯୋଗ ଦେବା ଲାଗି ଆସିବେ ବୋଲି ଖବର ଆସି ପହଞ୍ଚିଲା । ଉଏ ଗୋଟେ ସୁବର୍ଣ୍ଣ ସୁଯୋଗ ମନେ କରି ମୁଁ ମୁଖ୍ୟମନ୍ତ୍ରୀଙ୍କୁ ସଚିବାଳୟରେ ସାକ୍ଷାତ କରି ଏ ବିଷୟ କହିଲି । ଓଡ଼ିଶାର ମାନଚିତ୍ର ଦେଖାଇ ପ୍ରାକୃତିକ ସଂପଦରେ ପୂର୍ଣ୍ଣ ଏହାର ଆଭ୍ୟନ୍ତର ଯୋଗାଯୋଗ ଅଭାବରୁ କିପରି ଅବହେଳିତ ହୋଇ ରହିଛି ତାହା ବୁଝାଇଲି । ଓଡ଼ିଶାର ଲୁହାପଥର, ଚୂନପଥର, ମାଙ୍ଗାନିଜ, ଡ଼ୋଲାମାଇଟ୍, ବକ୍‌ସାଇଟ ଇତ୍ୟାଦି ଆବଶ୍ୟକ ହୁଏ ଓଡ଼ିଶା ବାହାରେ ଥିବା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପ ଚଳାଇବା ପାଇଁ । ଅଥଚ ଓଡ଼ିଶାର ଅଭ୍ୟନ୍ତର ରେଳପଥ ଦ୍ୱାରା ସଂଯୁକ୍ତ ହୋଇ ନଥିବାରୁ ଏଠାରେ କେବଳ ଯେ, ଯୋଗାଯୋଗର ଅଭାବ ରହିଛି ତାହା ନୁହେଁ, ଓଡ଼ିଶାର ଅର୍ଥନୈତିକ ପ୍ରଗତି ଓ ସାମାଜିକ ଗତିଶୀଳତା ବ୍ୟାହତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଆଦେଶ ଅନୁସାରେ ଗୋଟିଏ ମେମୋରାଣ୍ଡମ ପ୍ରସ୍ତୁତ ହେଲା । ମୁଁ ଜେନେରାଲ ମ୍ୟାନେଜରଙ୍କ ଜରିଆରେ ଜଣାଇ ଦେଲି ଯେ, ମୁଖ୍ୟମନ୍ତ୍ରୀ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଓଡ଼ିଶାରେ ରେଳପଥ ସଂପ୍ରସାରଣ ସମ୍ବନ୍ଧରେ ୱାରିଅର ସାହେବଙ୍କ ସହିତ ଆଲୋଚନା କରିବାକୁ ଚାହାନ୍ତି ।

ଭୁବନେଶ୍ୱର ଗୋଟିଏ ସ୍ପେଶାଲ ଟ୍ରେନରେ ଯଖପୁରା ଯିବା ପାଇଁ ସ୍ଥିର ହୋଇଥିଲା । ଏହି ଗାଡ଼ିରେ ନିମନ୍ତ୍ରିତ ଅତିଥିମାନେ ଯିବା କଥା । ଜେନେରାଲ ମ୍ୟାନେଜରଙ୍କ ସାଲୁନରେ ମୁଖ୍ୟମନ୍ତ୍ରୀ, ରେଳବାଇ ବୋର୍ଡ଼ ଚେୟାରମ୍ୟାନ, ଜି.ଏମ୍. ଏବଂ ମୁଁ ରହିଲୁ । ଅନ୍ୟମାନେ ଅଲଗା ଡ଼ବାରେ ଯାତ୍ରା କଲେ । ରାସ୍ତାରେ ଆଲୋଚନା ଆରମ୍ଭ ହେଲା । ପୂର୍ବ ପରିକଳ୍ପିତ ଯୋଜନା ଅନୁସାରେ ମୁଖ୍ୟମନ୍ତ୍ରୀ ଚେୟାରମ୍ୟାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସ୍ମାରକପତ୍ର ଦେଇ କହିଲେ ଯେ, ପରାଧୀନ ଭାରତରେ ଓଡ଼ିଶା ଅବହେଳିତ ହୋଇଥିଲା କିନ୍ତୁ ସ୍ୱାଧୀନତା ପ୍ରାପ୍ତିପରେ ମଧ୍ୟ ସେଇ ଆଭିମୁଖ୍ୟର ପରିବର୍ତ୍ତନ ହୋଇନାହିଁ । ଯଖପୁରା-ବାଂଶପାଣି, ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ କରିବା ଦ୍ୱାରା ପାରାଦୀପ ବନ୍ଦର ପଶ୍ଚାଦଭୂମି ସହିତ କିପରି ସଂଯୁକ୍ତ ହୋଇପାରିବ ତାହା ମୁଖ୍ୟମନ୍ତ୍ରୀ କହିବା ମାତ୍ରେ ଜେନେରାଲ ମ୍ୟାନେଜର ମାନୁଏଲ ମେନେଜିସ୍‌ଙ୍କ ହାତରୁ ମାନଚିତ୍ର ନେଇ ୱାରିଅର ସାହେବ କହିଲେ- ସାର୍ ! ମୋ ମତରେ ତାଳଚେର-ବିମଳାଗଡ଼-ରାଉରକେଲା ବଦଳରେ ଆପଣ ତାଳଚେର୍-ସମ୍ବଲପୁର ରେଳପଥ ପାଇଁ ବେଶି ଜୋରଦେବା ଉଚିତ ହେବ । ଉପକୂଳ ଓଡ଼ିଶା ସହିତ ପଶ୍ଚିମାଞ୍ଚଳ ଏଯାଏ ସଂଯୁକ୍ତ ହୋଇ ନଥିବାରୁ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଭାବାତ୍ମକ ଐକ୍ୟ ପ୍ରତିହତ ହେଉଥିବା ଆପଣ କହୁଛନ୍ତି; ତା' ଛଡ଼ା ରେଳ ସଂଯୋଗ ବିନା ଆଭ୍ୟନ୍ତରର ଅର୍ଥନୈତିକ ବିକାଶ ହୋଇପାରିବ ନାହିଁ । ଏହି ରେଳ ସଂଯୋଗ ନିର୍ମିତ ହେଲେ ପାରାଦୀପର ପଶ୍ଚାଦଭୂମି ସମ୍ବଲପୁର-ରାୟପୁର-ଭିଲାଇ ଯାଏ ପ୍ରସାରିତ ହେବ

Digitized by srujanika@gmail.com

ଏବଂ ଉପକୂଳ ଜିଲ୍ଲାମାନଙ୍କ ସହିତ ପଶ୍ଚିମାଞ୍ଚଳ ଦୂରତ୍ୱ ଅନେକ ହ୍ରାସ ପାଇବ । ଉନ୍ନତ ଓ ଶସ୍ତା ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଅର୍ଥନୈତିକ ଓ ସାମାଜିକ ବିକାଶ ତ୍ୱରାନ୍ୱିତ ହୁଏ । ମୁଖ୍ୟମନ୍ତ୍ରୀ ସଂଗେ ସଂଗେ ରାଜି ହୋଇଗଲେ ଏବଂ ତାଳଚେର-ସମ୍ବଲପୁର ରେଳସଂଯୋଗ ଉପରେ ଅଧିକ ଗୁରୁତ୍ୱ ଦେଲେ । ଯକ୍ଷପୁରାଠାରେ ଅନୁଷ୍ଠିତ ଉତ୍ସବରେ ଯୋଗଦାନ କରି ୱାରିଅର ସାହେବ ଦିଲ୍ଲୀ ଫେରିଯିବା ପୂର୍ବରୁ ମୋତେ କହିଲେ- ମୁଖ୍ୟମନ୍ତ୍ରୀଙ୍କୁ ମୁଁ କଥା ଦେଇଛି, ଶୀଘ୍ର ସର୍ଭେ ମଂଜୁରୀ ହେବ, ତମେ ଏ ସଂପର୍କରେ ରାଜ୍ୟ ସରକାରଙ୍କ ସହିତ ଯୋଗସୂତ୍ର ରଖୁଥିବ ।

ଏହା ପୂର୍ବରୁ ତାଳଚେର-ବିମଳାଗଡ଼ ରେଳସଂଯୋଗ ପାଇଁ ରେଳବାଇ ପକ୍ଷରୁ ଏକ ସର୍ଭେ ୧୯୭୧/୭୨ ମସିହାରେ କରାଯାଇଥିଲା । ମୋର ବନ୍ଧୁ ଆନନ୍ଦ ଶୁକ୍ଳା ଏହି ସର୍ଭେ ଦାୟିତ୍ୱରେ ଥିଲେ । ତାଳଚେର-ବିମଳଗଡ଼ ସପକ୍ଷରେ ମୁଖ୍ୟଯୁକ୍ତି ହେଲା ଏହି ଯେ, ଏହା ରାଉରକେଲା ସହିତ ସଂଯୁକ୍ତ ହେବ ଏବଂ ମାଲ ତଥା ଯାତ୍ରୀ ପରିବହନରେ ଏହାଦ୍ୱାରା ସୁବିଧା ହେବ । କିନ୍ତୁ ଅନେକ ହୁଏତ ଜାଣନ୍ତି ନାହିଁ ଯେ, ତାଳଚେର କୋଇଲା ଇସ୍ପାତ କାରଖାନା ପାଇଁ ଉପଯୁକ୍ତ ନୁହେଁ ଏବଂ କୋଇଲା ଛଡ଼ା ଏ ପାଖରୁ ସେପରି କିଛି ଖଣିଜଦ୍ରବ୍ୟ ଯିବାର ନାହିଁ । କିରିବୁରୁ, ବିମଳଗଡ଼, ବରସୁଆଁ ଅଂଚଳ ରେଳପଥ ଦ୍ୱାରା ପୂର୍ବରୁ ରାଉରକେଲା ସହିତ ସଂଯୁକ୍ତ । ତେଣୁ ରେଳପଥର ପରିବହନରେ କୌଣସି ଅସୁବିଧା ନାହିଁ । ଏହା ସତ୍ତ୍ୱେ ସର୍ଭେରୁ ଜଣାପଡ଼ିଲା ଯେ, ତାଳଚେର-ବିମଳାଗଡ଼, ରେଳ ସଂଯୋଗ ନିର୍ମାଣ ଅର୍ଥନୈତିକ ଦିଗରୁ ଲାଭଦାୟକ ହେବ ନାହିଁ ।

ତାଳଚେର-ସମ୍ବଲପୁର ରେଳପଥ ସର୍ଭେ କାର୍ଯ୍ୟ ମଂଜୁର ହେଲା ବେଳକୁ ମୁଁ ବଦଳି ହୋଇ ଚାଲିଗଲି କଲିକତା । କିନ୍ତୁ ଯିବା ପୂର୍ବରୁ ସେତେବେଳର ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କୁ କହିଲି ଯେ, ଯଦି ମୋତେ ଓଡ଼ିଶା ସରକାରଙ୍କ ଅଧୀନକୁ ଡେପୁଟେସନରେ ଆଣିପାରିବେ ଅନେକ କାମ କରିବାପାଇଁ ସୁବିଧା ହେବ । ସେ ରେଳବାଇକୁ ଲେଖିବା ପାଇଁ ଶାସନ ସଚିବଙ୍କୁ କହିଲେ । କିନ୍ତୁ ଏଇ ଗୋଟିଏ ଚିଠି ଲେଖିବା ପାଇଁ ଶାସନ ସଚିବ ଭଟ୍ଟାଚାର୍ଯ୍ୟ ସାହେବ ଦୁଇବର୍ଷ ନେଇଗଲେ । ଥରେ ମୁଁ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକଲାବେଳେ ସେ ଏହା ଜାଣିପାରି ତାଙ୍କ ସଚିବ ଅକ୍ଷୟ ବଣ୍ଟାଳଙ୍କୁ ଏଥିରେ ଯେପରି ଆଉ ବିଳମ୍ବ ନ ହୁଏ ତାହା ଦେଖିବା ପାଇଁ ନିର୍ଦ୍ଦେଶ ଦେଲେ । ଅକ୍ଷୟବାବୁଙ୍କ ପକ୍ଷରୁ ଓ ପରିବହନ ବିଭାଗର ନୂତନ ଶାସନ ସଚିବ ପଞ୍ଚାନନ ତ୍ରିପାଠୀଙ୍କ ଆଗ୍ରହରୁ ଓଡ଼ିଶା ସରକାରଙ୍କ ଚିଠିଗଲା ରେଳମନ୍ତ୍ରଣାଳୟକୁ । ମୁଁ ୧୯୭୯ ମସିହା ଡ଼ିସେମ୍ବର ମାସ ଉଣେଇଶ ତାରିଖରେ ଆସି ଯୋଗ ଦେଲି ପରିବହନ ବିଭାଗର କମିଶନର ଓ ସ୍ୱତନ୍ତ୍ର ସଚିବ ଭାବରେ । ମୋତେ ଏହି ପାହ୍ୟା ନ ଦେବା ପାଇଁ ମଧ ଚେଷ୍ଟା କରାଯାଇଥିଲା । କିନ୍ତୁ ଭାରତ ସରକାର ମୋର ସିନିଅରିଟି ଓ ପଦମର୍ଯ୍ୟାଦାକୁ ଚାହିଁ ତତ୍ତୁଲ୍ୟ ପଦ ନମିଳିଲେ

Digitized by srujanika@gmail.com

ମୁଁ ଆସିବାକୁ ଅସମ୍ମତ ହେବାରୁ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଚେଷ୍ଟାରୁ ଏହା ସଫଳ ହେଲା ।

କିନ୍ତୁ ଏଠାକୁ ଆସିବା ପରେ ରେଳବାଇ ଯେଉଁ ସର୍ଭେ ରିପୋର୍ଟ ପ୍ରକାଶ କଲେ ତାହା ଦେଖି ମୋର ହତାଶା ଆହୁରି ବଢ଼ିଗଲା । ତାଳଚେର ସମ୍ବଲପୁର ରେଳପଥ ଲାଭଦାୟକ ହେବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ଥିଲା । ଏହା ଜାଣିବା ମାତ୍ରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଁ ପ୍ରବଳ ପ୍ରତିବାଦ କରି ପତ୍ର ଲେଖିଲି ଏବଂ ସର୍ଭେ ଦାୟିତ୍ୱରେ ଥିବା ଅଫିସର ଏ ରାଜ୍ୟ ପ୍ରତି ସୁବିଚାର କରିନଥିବା ଦର୍ଶାଇଲି । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବଳ ଚାପର ସମ୍ମୁଖୀନ ହୋଇ ରେଳବାଇ ବୋର୍ଡ଼ ଆଉଥରେ ସର୍ଭେ କରିବା ପାଇଁ ଆଦେଶ ଦେଲେ ଏବଂ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବା ପାଇଁ କହିଲେ । କିନ୍ତୁ ମୁଁ ସେତେବେଳକୁ ମନ ସ୍ଥିର କରିନେଇଥିଲି ଯେ ସେହି ଅଫିସର ପୁଣି ସର୍ଭେ ଦାୟିତ୍ୱରେ ରହିଲେ ଓଡ଼ିଶା ନ୍ୟାୟ ପାଇବ ନାହିଁ । ଲବି ଆରମ୍ଭ ହେଲା । ଚାପ ପ୍ରୟୋଗ କରାଗଲା । ଫଳରେ ଓଡ଼ିଶା ଅଫିସର ପି.କେ.ନନ୍ଦିଆଙ୍କୁ ଏହି ସର୍ଭେ ଦାୟିତ୍ୱ ଦିଆଗଲା । ରାଜ୍ୟ ସରକାରଙ୍କ ସବୁ ବିଭାଗ ସହିତ ପରାମର୍ଶ ଓ ଆଲୋଚନା କରି ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଗଲା ଏବଂ ମୁଖ୍ୟ ଶାସନ ସଚିବଙ୍କ ଦସ୍ତଖତରେ ସେହି ତଥ୍ୟ ସମ୍ବଳିତ ରିପୋର୍ଟ ରେଳବାଇକୁ ଦିଆଗଲା । ପୂର୍ବ ପରିକଳ୍ପନା ଅନୁସାରେ ମହାନନ୍ଦିଆ ଏହି ରିପୋର୍ଟକୁ ଭିତ୍ତିକରି ମାଲ ଓ ଯାତ୍ରୀ ପରିବହନର ଯେଉଁ ଅଟକଳ ଦର୍ଶାଇଲେ ସେଥିରୁ ଏହା ଲାଭଦାୟକ ହେବ ବୋଲି ସ୍ପଷ୍ଟ ପ୍ରମାଣିତ ହେଲା । ରେଳବାଇ ବୋର୍ଡ଼କୁ ରିପୋର୍ଟ ପଠାଗଲା କିନ୍ତୁ ସେଠାରେ ଅଟକି ରହିଲା ପ୍ରାୟ ଏକବର୍ଷ । ସମସ୍ତେ ରିପୋର୍ଟର ଅଟକଳ ଓ ସୁପାରିଶ ଗ୍ରହଣ କଲେ କିନ୍ତୁ ଅର୍ଥନୈତିକ ପରାମର୍ଶଦାତା ଶ୍ରୀମତୀ ବରଗୁହଥାକୁର୍ତ୍ତା ଏଥିରେ ସନ୍ଦେହ ପ୍ରକଟ କରି ଫାଇଲ ଚାପି ରଖିଲେ । ସେ ଭଦ୍ରମହିଳା ବିତ୍ତ ମନ୍ତ୍ରଣାଳୟର ଭାରତୀୟ ଅର୍ଥନୈତିକ ସେବାର ଅଫିସର ରେଳବାଇକୁ ଡେପୁଟେସନରେ ଆସିଥିଲେ । ତାଙ୍କ ସହିତ ମୋର ପରିଚୟ ମଧ୍ୟ ନଥିଲା କିନ୍ତୁ ହାତ ବଢ଼ାଇଲେ ବନ୍ଧୁ । ତାଙ୍କୁ ଦେଖାକଲି । ପ୍ରସଙ୍ଗ ଉଠାଇଲା ମାତ୍ରେ ଶ୍ରୀମତୀ କହିଲେ ତମେ ନାନାଦି ଷ୍ଟାଟିଷ୍ଟିକ୍ସ ଦେଇ ଭୁଆଁ ବୁଲାଇବାକୁ ଚାହୁଁଛ । ମୁଁ ସେ ପ୍ରସଙ୍ଗ ଛାଡ଼ି ସେ କେବେ ଓଡ଼ିଶା ଆସିଛନ୍ତି କି ନା ଜାଣିବାକୁ ଚାହିଁଲି । ସେ କହିଲେ ଯେ, ସେ ଭୁବନେଶ୍ୱର ବିଜ୍ଞାନ କଂଗ୍ରେସକୁ ଆସିଥିଲେ । ତାଙ୍କ ଗବେଷଣା ବିଷୟ ଉଲ୍ଲେଖ କରି ପୂର୍ବାଞ୍ଚଳରେ କୃଷିପଦ୍ଧତିରେ ପରିବର୍ତ୍ତନ ଉତ୍ପାଦନ ବୃଦ୍ଧିରେ କିପରି ସହାୟକ ହେବ ତାହା କରିବା ପାଇଁ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଥିଲେ ତାହାର ସୂଚନା ଦେଇ ସେଇ ଗବେଷଣା ସମ୍ବନ୍ଧରେ ଅନେକ ବିଷୟରେ ଅବତାରଣା କଲେ । ମୁଁ ତାଙ୍କ ସହିତ ସହମତ ହେବାରୁ ସେ ଉତ୍ସାହିତ ହେଲେ । ମୁଁ ତାଙ୍କୁ ନିମନ୍ତ୍ରଣ କଲି ଓଡ଼ିଶା ଆସି ଏକ ରାଜ୍ୟସ୍ତରୀୟ ସେମିନାରରେ ତାଙ୍କର ଗବେଷଣା ସଂପର୍କରେ କହିବା ପାଇଁ । ସେ ଖୁସି ହେଲେ ଏବଂ କହିବା ବାହୁଲ୍ୟ ସେହିଦିନ ସମ୍ବଲପୁର

ତାଳଚେର ରେଳପଥ ସଂପର୍କରେ ମୋର ଯୁକ୍ତି ଗ୍ରହଣ କରି ସେ ଅନୁକୂଳ ମନ୍ତବ୍ୟ ଦେଇ ଫାଇଲ ପଠାଇଦେଲେ । ଏହାପରେ ଫାଇଲ ଗଲା ଯୋଜନା କମିଶନକୁ । ସେଠାରେ ଚଳାଚଳ ଦାୟିତ୍ୱରେ ଥିବା ପରାମର୍ଶଦାତା ମୋର ବ୍ୟକ୍ତିଗତ ବନ୍ଧୁପ୍ରକାଶ ନାରାୟଣ (ପରେ ସେ ଭାରତ ସରକାରଙ୍କ ନିର୍ମାଣ ସଚିବ ଓ ରେଲବାଇ ବୋର୍ଡ଼ର ଚେୟାରମ୍ୟାନ ହେଲେ)ଙ୍କ ସହଯୋଗ ଓ ସାହାଯ୍ୟରୁ ତାଳଚେର-ସମ୍ବଲପୁର ରେଳପଥ ମଂଜୁର ହେଲା । ଏଥିପାଇଁ କେତେ ପ୍ରକାର ଷଡ଼ଯନ୍ତ୍ରଣର ମୁକାବିଲା କରିବାକୁ ପଡ଼ିଛି ଏବଂ କେତେ ବନ୍ଧୁ, ସହଯୋଗୀଙ୍କର ଅକୁଣ୍ଠ ସହଯୋଗ ମିଳିଛି ତାହା ଏଠାରେ ଉଲ୍ଲେଖ କରି ମଧ୍ୟ ସେମାନଙ୍କୁ ଆଜି ଶ୍ରଦ୍ଧାର ସହିତ ସ୍ମରଣ କରୁଛି ।

ତାଳଚେର-ସମ୍ବଲପୁର ରେଳପଥର ନିର୍ମାଣ ଏଯାଏ ଶେଷ ହୋଇନାହିଁ । କାମ ଆରମ୍ଭ ହୋଇଥିଲା ୧୯୮୨/୮୩ରୁ । ସ୍ୱର୍ଗତ ରାଜୀବ ଗାନ୍ଧୀ ଭିତ୍ତିପ୍ରସ୍ତର ସ୍ଥାପନ କରି ଏହି ପ୍ରକଳ୍ପର ବାସ୍ତବ ରୂପାୟନ ଉପରେ ଗୁରୁତ୍ୱ ଦେଇ ଘୋଷଣା କରିଥିଲେ ଯେ, ଏହା କେବଳ ଅର୍ଥନୈତିକ ଓ ସାମାଜିକ ବିକାଶରେ ସହାୟକ ହେବ ନାହିଁ ଓଡ଼ିଶା ଲୋକମାନଙ୍କ ମଧ୍ୟରେ ଭାବାତ୍ମକ ଏକତାକୁ ଆହୁରି ସୁଦୃଢ଼ କରିବ । ଉଭୟ ରାଜ୍ୟ ସରକାର ଓ ରେଳବାଇ ତତ୍ପରତା ଅଭାବରୁ ଓ ଆବଶ୍ୟକ ପାଣ୍ଠି ନମିଳିବାରୁ ଏହାର ନିର୍ମାଣ କାର୍ଯ୍ୟରେ ଏତେ ବିଳମ୍ବ ଘଟିଛି ଏବଂ ପ୍ରଥମ ଅଟକଳରେ ମାତ୍ର ୫୫କୋଟି ଟଙ୍କା ବ୍ୟୟ ହେବାର ସୂଚନା ଦିଆଯାଇଥିଲେ ହେଁ ଏହି ଅନାବଶ୍ୟକ ବିଳମ୍ବ ଫଳରେ ଏବେ ପ୍ରକଳ୍ପ ଖର୍ଚ୍ଚ ତିନିଶହ କୋଟି ଟଙ୍କାରୁ ବେଶି ହୋଇଛି । ଓଡ଼ିଶାର ଶାସନ କ୍ଷମତାରେ ଥିବା ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିମାନେ ଓଡ଼ିଶାର ପୂର୍ବ ଓ ପଶ୍ଚିମ ମଧ୍ୟରେ ଭାବାତ୍ମକ ଏକତା ଓ ସାମାଜିକ ଗତିଶୀଳତା ସକାଶେ ଆବଶ୍ୟକ ହେଉଥିବା ଏଇ ରେଳପଥର ନିର୍ମାଣ ପ୍ରତି କିପରି ଆଖିବୁଜି ଦେଇ ବସିଥିଲେ ତାହା ବିସ୍ମୟର ବିଷୟ । ୧୯୮୦ ପର୍ଯ୍ୟନ୍ତ ରାଜନୈତିକ ସ୍ତରରେ ଏଥିପାଇଁ କୌଣସି ତତ୍ପରତା ନଥିଲା । ପ୍ରକଳ୍ପ ମଂଜୁରି ହେବା ପରେ ମଧ୍ୟ ସମୟ ସୀମା ମଧ୍ୟରେ ଏହାକୁ ସଂପୂର୍ଣ୍ଣ କରିବା ପାଇଁ ଚାପ ପ୍ରୟୋଗ କରାଯାଇ ନାହିଁ । ସେଥିପାଇଁ ୧୯୮୨ରେ ଆରମ୍ଭ ହୋଇ ମଧ୍ୟ ଏବେ ବି ନିର୍ମାଣ କାର୍ଯ୍ୟ ଚାଲିଛି । ତଥାପି ଏହି ରେଳପଥର ନିର୍ମାଣ ଦ୍ୱାରା ଯେ ଓଡ଼ିଶାର ବହୁଯୁଗରୁ ସ୍ୱପ୍ନ ସାକାର ହେବ ଏବଂ ଓଡ଼ିଶାର ଜାତୀୟ ଜୀବନ ଆହୁରି ସୁଦୃଢ଼ ଓ ଶକ୍ତିଶାଳୀ ହେବ ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ । ସେହି ଶୁଭଦିନକୁ ଜାତି ଆଗ୍ରହ ସହିତ ଅପେକ୍ଷା କରି ରହିଛି ।

Digitized by srujanika@gmail.com

ମନୋରମା କୋରାପୁଟ

ମୁଁ ପାଠ ପଢ଼ିଲାବେଳେ କୋରାପୁଟ ଜିଲାକୁ ବଦଳି ହେଲେ ସରକାରୀ କର୍ମଚାରୀମାନେ କଳାପାଣିକୁ ବଦଳି ହେଲା ବୋଲି ଭାବୁଥିଲେ । ଆୟତନରେ କୋରାପୁଟ ଭାରତର ଦ୍ୱିତୀୟ ବୃହତ ଜିଲା । ଏଠାରେ ବଣ୍ଡା ଜାତିର ଯେଉଁ ଆଦିବାସୀମାନେ ପାହାଡ଼ ପର୍ବତରେ ବସବାସ କରନ୍ତି ସେମାନଙ୍କର ସଂଖ୍ୟା ଯେପରି ହ୍ରାସ ପାଇବାରେ ଲାଗିଛି, ପରିବେଶ ନଷ୍ଟ ଏବଂ ନୃତାତ୍ତ୍ୱିକ ଦୃଷ୍ଟିରୁ ପୃଥିବୀର ଅନ୍ୟତମ ପ୍ରାଚୀନ ଆଦିମ ଅଧିବାସୀ ଭାବରେ ପରିଚିତ ଏହି ବଣ୍ଡାମାନଙ୍କର ଭବିଷ୍ୟତ ସଂପର୍କରେ ମଧ ଉଦ୍‌ବେଗ ସୃଷ୍ଟି ହେଉଛି । କୋରାପୁଟ କେବଳ ଦୂରତ୍ୱ ଦୃଷ୍ଟିରୁ ନୁହେଁ, ଯୋଗାଯୋଗ ବ୍ୟବସ୍ଥା ଅଭାବରୁ ଏହାର ଦୂରତ୍ୱ ଅନେକ ବେଶୀ ମନେ ହୁଏ । ପୁଣି ମ୍ୟାଲେରିଆ ଓ ମସ୍ତିଷ୍କ ପ୍ରଦାହ ପରି ଅନ୍ୟାନ୍ୟ ଦୁରାରୋଗ୍ୟ ବ୍ୟାଧି ଏହି ଜିଲାର ଜନଶକ୍ତିକୁ ପଳ ପଳ କରି ଦୁର୍ବଳ କରୁଥିଲା ବୋଲି ଲୋକେ ଭୟ କରୁଥିଲେ କୋରାପୁଟ ଯିବା ପାଇଁ । କିନ୍ତୁ ପ୍ରକୃତି ଅକୃପଣ ଚିତ୍ତରେ ଏହାକୁ ଏତେ ସଂପଦ ଓ ଏତେ ସୌନ୍ଦର୍ଯ୍ୟ ଦେଇଛି ଯେ, କେହି କେହି କୋରାପୁଟକୁ ଓଡ଼ିଶାର ସ୍କଟଲାଣ୍ଡ ବୋଲି କହନ୍ତି ।

ଏହି ପଟ୍ଟଭୂମିରେ ମୁଁ ଯେତେବେଳେ କୋରାପୁଟ ଯିବା ଲାଗି ପ୍ରଥମ ସୁଯୋଗ ପାଇଲି ମୋର ଆନନ୍ଦର ସୀମା ରହିଲା ନାହିଁ । କଲିକତାରୁ ଟିଟିଲାଗଡ଼କୁ ବଦଳି ହୋଇଥିଲା । ସେତେବେଳେ ଟିଟିଲାଗଡ଼ରେ ରେଳବାଇ ଡିଷ୍ଟ୍ରିକ୍ଟ ଇଂଜିନିୟର, ସହକାରୀ ବାଣିଜ୍ୟ ଅଫିସର, ସହକାରୀ ଡ଼ାକ୍ତର ପ୍ରଭୃତିଙ୍କ କେତେଗୁଡ଼ିଏ ଅଫିସ ଥିଲା । ମୁଁ ସହକାରୀ ବାଣିଜ୍ୟ ଅଫିସର ଭାବରେ ମେ' ମାସ ୧୯୫୭ରେ ଯୋଗଦେଲି । ରାୟପୁର ଠାରୁ ବିଜୟନଗରମ୍ ପର୍ଯ୍ୟନ୍ତ ଥିଲା ମୋର କର୍ମକ୍ଷେତ୍ରର ପରିସୀମା । ବୋବଲିଠାରୁ ସାଲୁରଯାଏ ଗୋଟିଏ ଶାଖା ରେଳପଥ ଅଛି । ସେହିଠାରେ ଓହ୍ଲାଇବା ପରେ ଆମକୁ କୋରାପୁଟ ନେଇଯିବା ପାଇଁ ଏକ କାର୍ ବ୍ୟବସ୍ଥା କରାଯାଇଥିଲା । ସାଲୁରରୁ ସଡ଼କ ପଥରେ ଅଙ୍କାବଙ୍କା ରାସ୍ତା ଦେଇ ପାହାଡ଼ରୁ ପାହାଡ଼ ଡେଇଁ ଢେଉ ଢେଉକା ଖେଳିଲାପରି ଆମେ ଆଗେଇ ଚାଲିଲୁ । ସୁଙ୍କି ପାହାଡ଼ ଅତିକ୍ରମ କଲାବେଳେ ବନ୍ଧୁ କହିଲେ ଯେ, ସୁନ୍‌କି ନାମରେ ଜଣେ ଇଂରେଜ ସାହେବ ଏହି ଅଞ୍ଚଳ ସର୍ଭେ କରିବାକୁ ଆସି ଘୋର ଅରଣ୍ୟ ଭିତରେ ପ୍ରାଣ

Digitized by srujanika@gmail.com

ହରାଇ ଥିଲେ ବୋଲି ତାଙ୍କ ନାମ ଅନୁସାରେ ସେଇ ପାହାଡ଼କୁ ସୁଙ୍କି ପର୍ବତ କୁହାଯାଏ । ଏଠାରେ ପ୍ରଚୁର ଚୂନପଥର ମାଟିତଳେ ଗଚ୍ଛିତ ହୋଇ ରହିଛି, ଯାହା ଗୋଟିଏ ସିମେଣ୍ଟ କାରଖାନାକୁ ଶତାଧିକ ବର୍ଷ ଚଳାଇପାରେ । ଆମେ ପଟାଙ୍ଗି ପାର ହେଲାବେଳେ ବନ୍ଧୁ କହିଲେ ସମୁଦ୍ର ପତନ ଠାରୁ ଏହାର ଉଚ୍ଚତା ସର୍ବାପେକ୍ଷା ଅଧିକ । ପ୍ରାୟ ଦିନ ବାରଟା ବେଳେ ଆମେ ଜୟପୁରରେ ପହଞ୍ଚିଲୁ । ରାଜାଙ୍କ ଅତିଥି ଭବନରେ ଆମର ରହିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ସେଦିନ କୋରାପୁଟ ଓ ଜୟପୁରର ବିଭିନ୍ନ ଅଞ୍ଚଳ ବୁଲି ଦେଖିଲୁ ଏବଂ ଏହାର ଶାନ୍ତ ଶୀତଳ ପରିବେଶ ସ୍ୱଚ୍ଛ ସୁନୀଳ ଆକାଶ, ସବୁଜ ଅରଣ୍ୟ ଓ ଗୋଟିଏ ପାହାଡ଼ କୋଳକୁ ଲାଗି ବସିଥିବା ଆଉ ଗୋଟିଏ ପାହାଡ଼ ଓ ପାହାଡ଼ ଉପରେ ତୃଣାଚ୍ଛାଦିତ ଚମତ୍କାର ନୈସର୍ଗିକ ଶୋଭା ଦେଖି ଆମେ ମୁଗ୍ଧ ହେଲୁ । ସେହି ପ୍ରଥମ ଦର୍ଶନରୁ ମୁଁ କୋରାପୁଟକୁ ଭଲପାଇ ବସିଲି ଯେ ଏବେବି ସୁଯୋଗ ପାଇଲେ ଆଗ୍ରହର ସହିତ ଚାଲିଯାଏ ପ୍ରକୃତି କୋଳରେ କିଛି ସମୟ ଅତିବାହିତ କରିବା ପାଇଁ । ଦିନେ ମୁଁ ଓ ମୋ ପରିବାରର ସମସ୍ତେ ପାଟନି ଟ୍ରାନ୍ସପୋର୍ଟର ମ୍ୟାନେଜର ଏବଂ ମୋ ଷ୍ଟେନୋଗ୍ରାଫର ସଙ୍ଗମେଶ୍ୱର ରାଓ ଗଲୁ ଡୁଡୁମା ଜଳପ୍ରପାତ ଓ ମାଛକୁଣ୍ଡ ହାଇଡ୍ରୋଇଲେକ୍ଟ୍ରିସିଟି ପ୍ରୋଜେକ୍ଟ ଦେଖିବା ପାଇଁ । ମନୋରମ ଦୃଶ୍ୟ । ଉଇଁଚି ପରିଚାଳିତ ଟ୍ରଲିରେ ବସି ପ୍ରାୟ ଛଅଶହ ଫୁଟ ତଳକୁ ଯାଇ ପାୱାର ହାଉସ ଦେଖିଲୁ । ସେଇ ଉଇଁଚ ଯାତ୍ରା ଥିଲା ଅତି ରୋମାଞ୍ଚକର ଓ ସ୍ମରଣୀୟ ।

କୋରାପୁଟ ଫେରିବାବେଳେ ମୁଁ ଭାବି ନଥିଲି ଯେ, ଦିନେ ପାହାଡ଼ କାଟି ତିନିହଜାର ଫୁଟ ଉପରେ ରେଳପଥ ପଡ଼ିବ ଏବଂ ସୁଡ଼ଙ୍ଗ ଭିତର ଦେଇ ପାହଡ଼ରୁ ପାହଡ଼ ସଂଯୋଜିତ ହେବ । ଦଣ୍ଡକାରଣ୍ୟ-ବଲାଙ୍ଗିର-କିରିବୁରୁ ରେଳପଥ ତିଆରି ହେବା ଦ୍ୱାରା ବିଶାଖାପାଟଣା ଠାରୁ ବାଇଶ କିଲୋମିଟର ଦୂରରେ ଅବସ୍ଥିତ କୋଟାଭାଲାସା ସହିତ ମଧ୍ୟପ୍ରଦେଶସ୍ଥିତ କରିଣ୍ଡୁଲଖଣି ଅଞ୍ଚଳରୁ ସଂଯୁକ୍ତ ହେଲା । ଏଇ ରେଳପଥର ଦୁଇଟି ବଡ଼ ଷ୍ଟେସନ କୋରାପୁଟ ଓ ଜୟପୁର । ଜାପାନକୁ ଲୁହାପଥର ରପ୍ତାନି କରି ବୈଦେଶିକ ମୁଦ୍ରା ଉପାର୍ଜନ କରିବା ପାଇଁ ଜାପାନୀ ଅର୍ଥନୈତିକ ସହାୟତା ଦ୍ୱାରା ଏହି ରେଳପଥ ତିଆରି ହୋଇଥିଲା । ପୃଥିବୀର ଉଚ୍ଚତମ ସ୍ଥାନରେ ଯାଇଥିବା ଏହି ରେଳପଥର ଯାତ୍ରା ଅତି ଚିତ୍ତାକର୍ଷକ । ୩୧୫ କିଲୋମିଟରର ଏହି ରେଳପଥ ଆରକୁ ଉପତ୍ୟକା ଦେଇ ଗତି କଲାବେଳେ ବରଗୁହାଲୁ ଷ୍ଟେସନରେ ଓହ୍ଲାଇ ଅନତିଦୂରରେ ଥିବା ଗୁମ୍ଫାକୁ ଗଲେ ଆଶ୍ଚର୍ଯ୍ୟ ଲାଗେ । ସେଠାରେ ପ୍ରାୟ ହଜାରେ ଲୋକ ଅକ୍ଳେଶରେ ରହି ପାରିବା ଭଳି ସ୍ଥାନ ଅଛି । ସବୁ ସୁଡ଼ଙ୍ଗ ଗୁଡ଼ିକ ଭିତର ଦେଇ ପ୍ରାୟ ଦଶ କିଲୋମିଟର ଯିବାକୁ ହୁଏ ।

ଯାହାହେଉ କିରିଣ୍ଡୁଲ-କୋଟାଭାଲସା ରେଳପଥ ଓଡ଼ିଶା ଭିତର ଦେଇ ଯାଇଥିଲେ ବି ଓଡ଼ିଶାର ଅର୍ଥନୈତିକ ବିକାଶରେ ସହାୟକ ହୋଇ ନଥିଲା । ତେଣୁ କୋରାପୁଟ

Digitized by srujanika@gmail.com

ରାୟଗଡ଼ା ରେଳପଥ ଦ୍ୱାରା ସଂଯୁକ୍ତ ହେଲେ ଏହି କାମ ତ୍ୱରାନ୍ୱିତ ହୋଇ ପାରିବ ବୋଲି ଗୋଟିଏ ଉଡ଼ନ୍ତା ଆଶା ଛିଡ଼ି ପଡ଼ିଥିଲା ମନରେ । ନାଲ୍‌କୋ ପ୍ରକଳ୍ପ ମଂଜୁରୀ ପାଇବା ପରେ ଓ ବିଶାଖାପାଟଣାଠାରେ ଇସ୍ପାତ କାରକାନାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ହିସାବ କରି ଦେଖାଗଲା ଯେ କୋଟାଭାଲ୍‌ସା-କିରିଣ୍ଡୁଲ ରେଳପଥରେ ଏସବୁ ଶିଳ୍ପସଂସ୍ଥାର କଂଚାମାଲ ତଥା ଉତ୍ପାଦିତ ସାମଗ୍ରୀ ପରିବହନ କରିବା ସମ୍ଭବ ହେବ ନାହିଁ । ପୁଣି ଦୁର୍ଘଟଣା ଘଟିଲେ ବା ପଥରଖଣ୍ଡ ଧସିପଡ଼ିଲେ ଏହି ରେଳପଥର ଯୋଗାଯୋଗ ବାରମ୍ବାର ବିଚ୍ଛିନ୍ନ ହେଉଥିଲା । ତେଣୁ ଏହି ବିକଳ୍ପ ରେଳପଥର ଆବଶ୍ୟକତା ଅନୁଭବ କରି ଆନ୍ଧ୍ର ଲବିର ଚାପା ଯୋଗୁ କୋରାପୁଟ-ପାର୍ବତୀପୁରମ୍ ରେଳପଥ ସଂଯୋଗ ପାଇଁ ସର୍ଭେ ମଂଜୁରୀ ହେଲା । ସେତେବେଳେ ମୁଁ ଓଡ଼ିଶା ସରକାରଙ୍କ ରେଳ ସମନ୍ୱୟ କମିଶନର ଓ ସ୍ୱତନ୍ତ୍ର ସଚିବ । ଏହି ସମ୍ବାଦ ମୋତେ ସଚ୍ଚାଗ କରିଦେଲା ଏବଂ ମୁଁ ମୁଖ୍ୟମନ୍ତ୍ରୀଙ୍କୁ କୋରାପୁଟ ପାର୍ବତୀପୁରମ୍ ପରିବର୍ତ୍ତେ କୋରାପୁଟ-ରାୟଗଡ଼ା ରେଳ ସଂଯୋଗ ପାଇଁ ଯୋଗ ଦେବାକୁ ନିବେଦନ କଲି । ମେମୋରାଣ୍ଡମ୍ ଦିଆଗଲା ଏବଂ ବହୁ ଚାପ ଫଳରେ ଶେଷରେ କୋରାପୁଟ-ପାର୍ବତୀପୁରମ୍ ସହିତ କୋରାପୁଟ-ରାୟଗଡ଼ା ରେଳ ସଂଯୋଗ ସର୍ଭେ କରିବା ପାଇଁ ଭାରତ ସରକାର ନିଷ୍ପତ୍ତି ନେଲେ । ଏହି ଦୁର୍ଗମ ଅଞ୍ଚଳର ସର୍ଭେ କାର୍ଯ୍ୟ ନ୍ୟସ୍ତ କରାଗଲା ରେଳ ଇଣ୍ଡିଆ ଟେକ୍‌ନିକାଲ ଆଣ୍ଡ ଇକୋନୋମିକ୍ ସର୍ଭିସେସ୍ ଉପରେ । ଜଣେ ପଞ୍ଜାବୀ ରେଳବାଇ ଟ୍ରାଫିକ ଅଫିସର ପି.ଏନ୍.କାଲରା ଓ ଆଉ ଜଣେ ତାମିଲ ରେଳବାଇ ଇଞ୍ଜିନିୟର ରାମଚନ୍ଦ୍ରନ ଏହି ସର୍ଭେ କାର୍ଯ୍ୟ ଦାୟିତ୍ୱରେ ରହିଲେ । ସେମାନେ ଉପଗ୍ରହ ମାଧ୍ୟମରେ କୋରାପୁଟ ଜିଲ୍ଲାର ଅବସ୍ଥିତି, ଖଣିଜ ଓ ଜଙ୍ଗଲ ସଂପଦ ସମ୍ବନ୍ଧରେ ବହୁତ ତଥ୍ୟ ସଂଗ୍ରହ କଲେ । ମୁଁ ସେମାନଙ୍କୁ ପ୍ରବର୍ତ୍ତାଇଲି କୋରାପୁଟ-ରାୟଗଡ଼ା ସଂଯୋଗ ପାଇଁ । ଶେଷରେ ଦୁହେଁ କୋରାପୁଟ-ପାର୍ବତୀପୁରମ୍ ଅପେକ୍ଷା କୋରାପୁଟ-ରାୟଗଡା ଅଧିକ ଉପଯୁକ୍ତ ହେବ ବୋଲି ରିପୋର୍ଟ ଦେଲେ ରେଲୱେ ବୋର୍ଡକୁ । ଯୁକ୍ତି କରାଗଲା ଯେ, ପାର୍ବତୀପୁରମ୍ ସହିତ ରେଳପଥ ସଂଯୁକ୍ତ ହେଲେ ଯେଉଁବାଟ ଦେଇ ଆସିବ ସେଥିରେ ଅଧିକ ଟନେଲ(ସୁଡଙ୍ଗ) ଏବଂ କେତେକ ଲାଇନର ଅସୁବିଧା ଗୁଡିକର ଏଠାରେ ପୁନଃ ରେଳପଥର ପ୍ରତିକୂଳ ମନ୍ତବ୍ୟ ସତ୍ତ୍ୱେ କୋରାପୁଟ-ରାୟଗଡ଼ା ରେଳ ସଂଯୋଗ ପ୍ଲାନିଂ କମିଶନ ଓ ଭାରତ ସରକାରଙ୍କ ଅନୁମୋଦନ ଲାଭ କଲା । ଏହି ନିଷ୍ପତ୍ତି ପ୍ରକାଶ ପାଇବା କ୍ଷଣି ହୁଲସ୍ଥୁଲ ପଡ଼ିଗଲା କଲିକତା ହେଡ୍‌କ୍ୱାଟର ଓ ହାଇଦ୍ରାବାଦରେ । ରାଜନୈତିକ ଚାପ ଆହୁରି ତୀବ୍ର ହେଲା ନିଷ୍ପତି ବଦଳାଇବା ପାଇଁ ଏବଂ ସେମାନେ ସର୍ଭେ ରିପୋର୍ଟରେ ଦିଆଯାଇଥିବା ତଥ୍ୟସବୁ ଭୁଲ ଓ ମନଗଢ଼ା ବୋଲି ଯୁକ୍ତି ବର୍ଷାଇଲେ । ଦକ୍ଷିଣ-ପୂର୍ବ ରେଳବାଇର ମୁଖ୍ୟ ଚଳାଚଳ ସୁପରିଟେଣ୍ଡେଣ୍ଟ, ମୁଖ୍ୟ ଇଞ୍ଜିନିଅର ଓ ଅର୍ଥ ପରାମର୍ଶଦାତାଙ୍କ ସମ୍ମିଳିତ ପ୍ରଚେଷ୍ଟାରୁ ପୁଣି ଛବିଶ ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ ଗଲା

Digitized by srujanika@gmail.com

ଡିଲ୍ଲୀକୁ କୋରାପୁଟ-ରାୟଗଡ଼ା ରେଳ ସଂଯୋଗ ବରୁଦ୍ଧରେ । ସୌଭାଗ୍ୟକୁ ଏହି ନୂତନ ରେଳପଥ ନିର୍ମାଣ ପାଇଁ ନିଯୁକ୍ତ ହୋଇଥିବା ମୁଖ୍ୟ ଇଞ୍ଜିନିୟର ବି.ରାମରାଓ ଆନ୍ଧ୍ରର ଅଧିବାସୀ ହେଲେ ବି ମୋ ସହିତ ବନ୍ଧୁତା ଖାତିରରୁ ମୋ ମତ ସମର୍ଥନ କଲେ ଏବଂ ମଧ୍ୟେ ମଧ୍ୟେ ଅନେକ ଗୁପ୍ତ ତଥ୍ୟ ଯୋଗାଇବାକୁ ଲାଗିଲେ । ଶେଷରେ ଆଉଥରେ ସବୁ ତଥ୍ୟ ପରୀକ୍ଷା କରି ଦେଖିବା ପାଇଁ ଡ଼ାଇରେକ୍ଟର ବୀରେନ୍ଦ୍ର କୁମାରଙ୍କୁ ଦାୟିତ୍ୱ ଦିଆଗଲା । ସୌଭାଗ୍ୟକୁ ସେ ଥିଲେ ମୋର ଅନ୍ତରଙ୍ଗ ବନ୍ଧୁ । ଏତିକିବେଳେ ଏ ସଂକ୍ରାନ୍ତରେ ଗୋଟିଏ ଗୋପନ ବୈଠକ ବସୁଥିବା ଖବର ନିଜେ ମୁଖ୍ୟମନ୍ତ୍ରୀ ମୋତେ କହିଲେ ଏବଂ ଦିଲ୍ଲୀ ଯାଇ ଯାହା ସମ୍ଭବ କରିବା ପାଇଁ ନିର୍ଦ୍ଦେଶ ଦେଲେ । ବନ୍ଧୁ ବୀରେନ୍ଦ୍ର କୁମାରଙ୍କ କୋଠରୀରେ ରେଳବାଇ ଏକ୍ସପର୍ଟମାନଙ୍କ ମିଟିଂ ଥାଏ ଏଗାରଟାରେ । ଦକ୍ଷିଣ-ପୂର୍ବ ରେଳବାଇର ମୁଖ୍ୟ ଇଂଜିନିୟର ଅନନ୍ତନାରାୟଣନ୍ ଓ ଅର୍ଥ ପରାମର୍ଶଦାତା ପି.ଭି.ରତ୍ନମ୍ ସେହି ମିଟିଂରେ ରହିବା କଥା । ସତ୍ୟବାଦୀବାବୁଙ୍କଠାରୁ ସବୁ ଖବର ପାଇ ଠିକ୍ ଏଗାରଟା ପନ୍ଦର ମିନିଟ୍‌ରେ କିଛି ନଜାଣିଲା ପରି ଡ଼ାଇରେକ୍ଟର ଅଫ ୱାର୍କସଙ୍କ କୋଠରୀ ଭିତରକୁ ପ୍ରବେଶ କଲି ଏବଂ କହି ପକାଇଲି ଓଃ ! ମୁଁ ଦୁଃଖିତ... ମିଟିଂ ଅଛି ବୋଲି ଜାଣି ନଥିଲି.... । କିନ୍ତୁ ବନ୍ଧୁ ବୀରେନ୍ଦ୍ର କୁମାର ହସି ଦେଇ କହିଲେ ଆରେ ନା ନା... ଏଠାରେ ତ ତମ ରାୟଗଡ଼ା-କୋରାପୁଟ ବିଷୟ ଆଲୋଚନା ହେଉଛି; ତମେ ଉପସ୍ଥିତ ରହିବାରେ ବାଧା ନାହିଁ । ଏହା ଶୁଣି ଅନନ୍ତନାରାୟଣନ୍ ଓ ରତ୍ନମ ଦୁହିଁଙ୍କ ମୁହଁ ଶୁଖିଗଲା ଏବଂ ସେମାନେ ଶେଷ ପର୍ଯ୍ୟନ୍ତ ଆଉ ସହଜ ଭାବରେ ଯୁକ୍ତି କରିପାରିଲେ ନାହିଁ । ସେ ଦୁହେଁ ମଧ୍ୟ ମୋର ବନ୍ଧୁ । ବୀରେନ୍ଦ୍ର କୁମାର କହିଲେ- ଆମେ ସବୁ ଶୁଣିଲୁ, ସବୁ ତଥ୍ୟ ସମୀକ୍ଷା କଲୁ- ଏବେ ହୋତାଜୀ ତାଙ୍କ ବକ୍ତବ୍ୟ ଉପସ୍ଥାପିତ କରନ୍ତୁ । ମୁଁ ଏକ ଅପୂର୍ବ ବିଧିପ୍ରେରିତ ସୁଯୋଗ ପାଇ କୋରାପୁଟ-ପାର୍ବତୀପୁରମ୍ ଅପେକ୍ଷା କୋରାପୁଟ-ରାୟଗଡ଼ା କିପରି ରେଳବାଇ ଓ ପରିବହନ ସ୍ୱାର୍ଥ ଦୃଷ୍ଟିରୁ ଅଧିକ ନିରାପଦ ଓ ଫଳପ୍ରଦ ହେବ ତାହା ଏବଂ ଓଡ଼ିଶାର ଶିଳ୍ପ ବିକାଶରେ ଏହାର ଗୁରୁତ୍ୱ ଉପସ୍ଥାପିତ କରି କହିଲି ସମଗ୍ର ଇଲାକା ଓଡ଼ିଶାର, ଓଡ଼ିଶାର ଜଙ୍ଗଲ ଓ ଖଣି । ଓଡ଼ିଶାରେ ଶିଳ୍ପ । ତେଣୁ ରାୟଗଡ଼ାକୁ ଉପେକ୍ଷା କରି ରେଳପଥ ପାର୍ବତୀପୁରମ୍ ଯିବ କାହିଁକି । ବନ୍ଧୁ ବୀରେନ୍ଦ୍ର ଏତିକି ବେଳେ ଆଲୋଚନାର ଉପସଂହାର କହି କହିଲେ- ମୁଁ ଉଭୟ ପକ୍ଷର ଯୁକ୍ତି ଓ ତଥ୍ୟ ଶୁଣିଲି । ମୋର ହୃଦବୋଧ ହେଉଛି ଯେ, ବୋର୍ଡ଼ ଥରେ ଯେଉଁ ସିଦ୍ଧାନ୍ତ ନେଇଛନ୍ତି ସେଥିରେ ପରିବର୍ତ୍ତନ କରିବାର ଆବଶ୍ୟକତା ନାହିଁ । କହିବା ବାହୁଲ୍ୟ ତାଙ୍କ ମତାମତ ସହିତ ରିପୋର୍ଟ ପୁଣି ବୋର୍ଡ଼କୁ ଗଲା ବିଚାର ପାଇଁ । ରେଳବାଇ ବୋର୍ଡ଼ର ଚେୟାରମ୍ୟାନ ତଥା ମୁଖ୍ୟ ସଚିବ ମୋହନ ସିଂ ଗୁଜରାଲ ଫାଇଲ ଉପରେ ଲେଖିଲେ- ଥରେ ଯେଉଁ ତଥ ଉପରେ କୋରାପୁଟ-ରାୟଗଡ଼ା ରେଳ ସଂଯୋଗ କୋରାପୁଟ-

Digitized by srujanika@gmail.com

ପାର୍ବତୀପୁରମ୍‌ଠାରୁ ଅଧିକ ଉତ୍ତମ ବୋଲି ଯୁକ୍ତି ଦର୍ଶାଇ ଆମେ କେବିନେଟରେ ଅନୁମୋଦନ ନେଇ ସାରିଛୁ, ତାହା ପରିବର୍ତ୍ତନ କରିବା ପ୍ରଶ୍ନ ଏବେ ପୁଣି କାହିଁକି ଉଠୁଛି ଓ କିଏ ଉଠାଉଛି ? କେବିନେଟ ସେକ୍ରେଟେରୀଙ୍କୁ କଣ କୈଫିୟତ ଦେବି ମୁଁ । ପୂର୍ବ ସିଦ୍ଧାନ୍ତ ବଳବତ୍ତର ରହିବ ।

ଏହାପରେ ସବୁ ବାଦ ପ୍ରତିବାଦ ଅବସାନ ଘଟିଲା ସତ, କିନ୍ତୁ ମୁଁ କେତେକ ବନ୍ଧୁ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କର ଶତ୍ରୁତା ଅର୍ଜନ କଲି ଯାହା ମୋର ଭବିଷ୍ୟତ ପଦୋନ୍ନତିରେ ବାଧା ସୃଷ୍ଟି କରିଥିଲା । କୋରାପୁଟ-ରାୟଗଡ଼ା ରେଳପଥ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ଉପରେ । ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ରେଳମନ୍ତ୍ରୀ କେଦାର ପାଣ୍ଡେ ୧୯୮୨ରେ । ପ୍ରାୟ ଚାରିଶହ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା ଏହ ପ୍ରକଳ୍ପ ସଂପୂର୍ଣ୍ଣ କରିବା ପାଇଁ । ଏବେ ସେଇକାମ ଶେଷ ହୋଇଛି । ଆଉ ଅଳ୍ପଦିନ ପରେ ଭୁବନେଶ୍ୱରରୁ କୋରାପୁଟ ବା ଜୟପୁର ଯିବା ପାଇଁ ଏକ୍ସପ୍ରେସ୍ ଟ୍ରେନ୍ ଚାଲିବ । ସେତେବେଳେ ଓଡ଼ିଆମାନଙ୍କ ମଧ୍ୟରେ ଭାବାତ୍ମକ ଏକତା ଓ ସାମାଜିକ ଗତିଶୀଳତା ଆହୁରି ବଢ଼ିବ ।

Digitized by srujanika@gmail.com

ମନ୍ତ୍ରୀଙ୍କ ପରିଦର୍ଶନ

ଦିନେ ଖବର ପହଞ୍ଚିଲା ଯେ ବାଲେଶ୍ୱର ଲେଭେଲକ୍ରସିଂ ଉପରେ ପୋଲ ନିର୍ମାଣ କରାଯିବ । ଅତି ଶୁଭ ଖବର ନିଶ୍ଚୟ । ଏହା ପୂର୍ବରୁ କଟକ ଲେଭେଲ କ୍ରସିଂ ଉପରେ ପୋଲ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଥିଲା ତାହା ସେତେବେଳ ଯାଏ କାର୍ଯ୍ୟକାରୀ ହୋଇ ନଥିବାରୁ ପ୍ରଥମେ ମନରେ ସଂଶୟ ହେଲା କିନ୍ତୁ ଅଳ୍ପ ସମୟ ପରେ ଜାଣିଲି ଯେ ଖବର ସତ୍ୟ । ମୁଁ ସେତେବେଳେ କଲିକତାରେ ରେଳବାଇରେ ଚିଫ ମାର୍କେଟିଂ ସୁପରିଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରୁଥିଲି । ୧୯୭୮ ମସିହା ଜେନେରାଲ ମ୍ୟାନେଜର ମୋତେ ଡାକି ପଠାଇ କହିଲେ ଡେପୁଟି ମିନିଷ୍ଟର ଆସିବେ ଶୁଭ ଦବାପାଇଁ । ଅନ୍ୟାନ୍ୟ ନେତାମାନେ ବି ଆସିବେ । ତମେ ଆଗରୁ ଯାଅ, କୌଣସି ତ୍ରୁଟି ନରହେ ଯେପରି ।

ଦୁଇଦିନ ପରେ ରେଳମନ୍ତ୍ରୀଙ୍କର ଗସ୍ତ ସଂପର୍କୀୟ ବିଶଦ ବିବରଣୀ ଆସିଗଲା ଦିଲ୍ଲୀରୁ । ଖଡ଼ଗପୁର ଡିଭିଜନ ମ୍ୟାନେଜର ବାଲେଶ୍ୱର ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ପରାମର୍ଶ କରି ଶୁଭ ଦବାର କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରିଥାନ୍ତି । ଶିବ ନାରାୟଣ ସେତେବେଳେ ଥିଲେ ଉପ ରେଳମନ୍ତ୍ରୀ । ସାଧାସିଧା ସରଳ ନିରହଂକାରୀ ବ୍ୟକ୍ତି । ଯାହା ମନକୁ ଯାଏ କହି ଦିଅନ୍ତି ବାଛବିଚାର ନ କରି । ତାଙ୍କ ସହିତ ମୋର ଏହା ପୂର୍ବରୁ କେବେ ସାକ୍ଷତ ହୋଇ ନଥିଲା । ମନ୍ତ୍ରୀ ଓ ରାଜନୀତିଜ୍ଞମାନଙ୍କ ସଂପର୍କରେ ମୋର କିଛି ସ୍ୱତନ୍ତ୍ର ମତ ଅଛି । ନିଜ ସମ୍ମାନ ସଂପର୍କରେ ଅତ୍ୟଧିକ ସଚେତନ ସେମାନେ ଦେଶ କାମରେ ଆତ୍ମୋତ୍ସର୍ଗ କରିଥିବାରୁ ଅହମିକା ବେଳେବେଳେ ଅଥୟ କରେ ସେମାନଙ୍କୁ । ଜଣେ ରାଜନୀତିଜ୍ଞ ତଥା ମନ୍ତ୍ରୀଙ୍କୁ ଚର୍ଚ୍ଚା କରିବାର ଦାୟିତ୍ୱ ଏଇ ଯେ ପ୍ରଥମ ମୋ ଉପରେ ପଡ଼ିଲା ତାହା ନୁହେଁ, କିନ୍ତୁ ତାଙ୍କ ଗହଣରେ ଏପରି ଜଣେ ଦୁଇଜଣ ନେତାଙ୍କର ଉପସ୍ଥିତିର ସଂଭାବନା ଥିଲା ଯାହା ମୋତେ ଆଦୌ ସୁଖ ଲାଗୁ ନଥିଲା । କାରଣ ସେମାନଙ୍କର ଧାରଣା ଯେ ଦେଶର ଯାହାକିଛି କାର୍ଯ୍ୟ କେବଳ ନେତା ଓ ମନ୍ତ୍ରୀମାନେ କରନ୍ତି । ଅମଲାତନ୍ତ୍ର ଓ ଅଫିସ ର ସବୁ ଭଲକାର୍ଯ୍ୟର ପ୍ରତିବନ୍ଧକ ଓ ସେମାନେ ନୀତି ନିୟମର ଦୃହାଇ ଦେଇ ଦେଶର ଉନ୍ନୟନମୂଳକ କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି କରନ୍ତି ।

Digitized by srujanika@gmail.com

ସେମାନେ ଆଦୌ ଭାବିପାରନ୍ତି ନାହିଁ ଯେ ଅମଲାତନ୍ତ୍ରରେ ବି ଏଇ ଦେଶର ଅନେକ ନିଷ୍ଠାପର, କର୍ତ୍ତବ୍ୟ ପରାୟଣ, ନିର୍ଭୀକ ଓ ସାଧୁ ଲୋକ ଅଛନ୍ତି ଯେଉଁମାନଙ୍କର ଦେଶପ୍ରୀତି ନେତା ବା ମନ୍ତ୍ରୀମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ । ବରଂ ବେଶୀ । ଏହା ଉଲ୍ଲେଖ କରିବାର କାରଣ ହେଉଛି ଏହି ଯେ ମୋର କେତେକ ସହପାଠୀ ଓ ବନ୍ଧୁ ରାଜନୀତି କରି ଖାଲି ନେତା ହୋଇଛନ୍ତି ତାହା ନୁହେଁ ମନ୍ତ୍ରୀ ପଦ ବି ମଣ୍ଡନ କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ବାଦ୍ ଦେଲେ ମନ୍ତ୍ରୀ ହେବା ପରେ ଅନ୍ୟମାନଙ୍କର ଆଚରଣ ରାତାରାତି ଏତେ ବଦଳି ଯାଇଛି ଯେ ତାହା ଭାବିଲେ ଆଶ୍ଚର୍ଯ୍ୟ ବି ହୁଏ, ଆଉ ହସ ବି ମାଡ଼େ । ଥରେ ଜଣେ ସହପାଠୀ ମନ୍ତ୍ରୀ ରେଳଗାଡ଼ିର ଦ୍ୱିତୀୟ ଶ୍ରେଣୀରେ ଯିବାପାଇଁ ଇଚ୍ଛା ପ୍ରକାଶ କରନ୍ତେ ସେ ସହପାଠୀ ଓ ବନ୍ଧୁ ବୋଲି ମୁଁ ତାଙ୍କୁ ହାଉଡା ଷ୍ଟେସନରେ ଦେଖା କରିବାକୁ ଆସିଲି । ସେ ମୋତେ ଦେଖିଲେ ଫର୍ମାଲିଟି ରକ୍ଷାକରି ପ୍ରତି ନମସ୍କାର କଲେ, କିନ୍ତୁ ମନ୍ତ୍ରୀତ୍ୱ ତାଙ୍କୁ ଏପରି ମାଡି ବସିଥିଲା ଯେ, ସେ ମୋ ସହିତ ଆଉ କିଛି କଥାଭାଷା ନ କରି ପୋଲିସ ଅଫିସରଙ୍କ ସହିତ ଆଳାପ କରିବାକୁ ଲାଗିଲେ । ପୋଲିସ ଅଫିସରଙ୍କ ପ୍ରତି ସେମାନଙ୍କର ଦୁର୍ବଳତାର କାରଣ ଏହି ଯେ ସେମାନଙ୍କର ଅପରାଧ ପ୍ରବଣତା ଓ ଗୋପନୀୟ କାର୍ଯ୍ୟାବଳୀ ସମ୍ବନ୍ଧରେ ପୋଲିସ ହିଁ ସବୁ ଜାଣେ ।

ସେ ଯାହାହେଉ, ମନ୍ତ୍ରୀ ଶିବନାରାୟଣ ଓ ତାଙ୍କ ସହିତ ଆସୁଥିବା ଦଳବଳଙ୍କ ଭବ୍ୟ ସମ୍ବର୍ଦ୍ଧନାରେ ଯେପରି କୌଣସି ତ୍ରୁଟି ନରହେ ତାହା ଦେଖିବା ପାଇଁ ମୁଁ ଯଥା ସମୟରେ ଆସି ପହଞ୍ଚିଲି ବାଲେଶ୍ୱର ଷ୍ଟେସନରେ । ମନ୍ତ୍ରୀ ମହୋଦୟଙ୍କ ପାଇଁ ଏକ ଶୀତତାପ ନିୟନ୍ତ୍ରିତ ସାଲୁନ ଯୋଗାଇ ଦିଆଯାଏ ରେଳବାଇ ପକ୍ଷରୁ । ଚିଫ୍ ଇଂଜିନିୟର ପି.ଭି.ନାରାୟଣ ସ୍ୱାମୀ ବି ଆସିଥାନ୍ତି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗଦେବା ପାଇଁ । ଉତ୍ସବ ଥାଏ ଅପରାହ୍ନରେ । ସକାଳର ଶୀତଳ ପବନ ମୁହଁରେ ମାଖିବା ପାଇଁ ମୁଁ ସାଲୁନର ଝରକା ଖୋଲିବା କ୍ଷଣି ମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ସଶସ୍ତ୍ର ପ୍ରହରୀକୁ ସାମ୍ନାରେ ପାଇ ପଚାରିଲି ମନ୍ତ୍ରୀ ଉଠିଲେଣି ? ଚା' ଦିଆ ହୋଇଛି ? ସେ କହିଲା ଚା' ପିଉଛନ୍ତି ସାର୍, ନାପିତ ଜଣେ ଦରକାର । ଚିଫ ଇଂଜିନିୟର ଏତେ ସକାଳୁ କାହାକୁ ନପାଇ ନିଜେ ଗାଡ଼ି ନେଇ ଯାଇଛନ୍ତି ନାପିତ ଖୋଜିବା ପାଇଁ... । ମୁଁ ମନକୁ ମନ ଟିକିଏ ହସିଲି, କିନ୍ତୁ ମନ୍ତ୍ରୀଙ୍କ ଯାହା ଇଚ୍ଛା ପୂର୍ଣ୍ଣ କରିବା ଅଫିସରଙ୍କ ଦାୟିତ୍ୱ, ତେଣୁ ବିସ୍ମିତ ହେଲି ନାହିଁ । ଅଳ୍ପ ସମୟ ପରେ ନାପିତକୁ ଗାଡ଼ିରେ ନେଇ ନାରୟଣ ସ୍ୱାମୀ ପହଞ୍ଚିଲେ । ନାପିତକୁ ମନ୍ତ୍ରୀଙ୍କ ନିକଟକୁ ପଠାଇଦେଇ ସେ ବସିଲେ ମୋ ସହିତ ଆଳାପ କରିବା ପାଇଁ ।

କିଛି ସମୟ ପରେ ମନ୍ତ୍ରୀ ମହୋଦୟ ଡାକି ପଠାଇ କହିଲେ- ପ୍ରତିଦିନ ମୁଣ୍ଡନ କରିବା ମୋର ଅଭ୍ୟାସ । ଏ ନାପିତଟି ଭଲଲୋକ, ଘର ନାହିଁ ଧର୍ମଶାଳାରେ ରହୁଛି । ହୋଟେଲରେ ଖାଉଛି, ତା' ପାଇଁ କିଛି କର... । ନାରାୟଣ ସ୍ୱାମୀ ନୋଟ୍ କରି ନେଲେ

Digitized by srujanika@gmail.com

ତାର ନାମ ଠିକଣା । ମର୍ଦ୍ଦନ ଓ ସ୍ନାନ ପରେ ଜଳଖିଆ ଖାଇସାରିବାପରେ ତାଙ୍କ ସାଲୁନରେ ବୈଠକ ବସିଛି । କଲେକ୍ଟର, ଏସ୍.ପି., ମୁଁ ନାରାୟଣ ସ୍ୱାମୀ । ସେ କଲେକ୍ଟରଙ୍କ ମଥାର ଲମ୍ୱାବାଳ ଦେଖି କହିଲେ କ୍ୟା ଭାଇ ହିପ୍‌ପି ବନନେକେ ଲିୟେ କୋଶିସ କର ରହେହୋ ? ସେ ହିପି ଫେସନର ବିରୋଧି । ମଥାରେ ଲମ୍ୱାବାଳ ଦେଖିଲେ ମନ୍ତବ୍ୟ ନ କରି ରହି ପାରନ୍ତି ନାହିଁ । ତା' ପରେ ଆଲୋଚନା ଆରମ୍ଭ କରି କହିଲେ ଆପ୍‌ଲୋକ କ୍ୟା ଶୋଚତେ ହେ ମୁଝେ ମାଲୁମ୍ ନହିଁ, ଲେକିନ୍ ମେଁ ବହୁତ ଶୋଚ୍ ବିଚାରକର୍ କହତା ହୁଁ କି ଇସ୍ ଶାହା କମିଶନ କା କୁଛ ଜରୁରତ୍ ନହୀ ଥା... । ସେତେବେଳେ ସରକାର ଶାହା କମିଶନ ଗଠନ କରିଥିଲେ ଇମରଜେନ୍‌ସି ସମୟର ଘଟଣାବଳୀ ସମୀକ୍ଷା କରି ମାତ୍ରାଧିକ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସରକାରଙ୍କୁ ରିପୋର୍ଟ ଦବା ପାଇଁ । ସେ ଆହୁରି କହିଲେ ଇନ୍ଦିରାଗାନ୍ଧୀଙ୍କ ଦୋଷ ପାଇଁ ଜନସାଧାରଣ ତାଙ୍କୁ ଉଚିତ ଶିକ୍ଷା ଦେବେ । ସେ ଆମର ପ୍ରତିଦ୍ୱନ୍ଦୀ । ତାଙ୍କୁ ରାଜନୀତିରେ କାବୁ ନ କରି ଶାହା କମିଶନ ଜରିଆରେ କାବୁ କରିବା ଚେଷ୍ଟାକୁ ମୁଁ ପସନ୍ଦ କରି ପାରୁନି । ତା' ପରେ ଆହୁରି ବହୁ ରାଜନୀତିଜ୍ଞଙ୍କ ଉପରେ ଟପ୍‌ପଣୀ କଲେ । ଆମେ ରହି ରହି ଶୁଣୁଥାଉ ।

ଠିକ୍ ଦଶଟା ବେଳେ ମନ୍ତ୍ରୀ ବାହାରିଲେ ଯାତ୍ରୀମାନଙ୍କ ପାଇଁ ଷ୍ଟେସନରେ ଥିବା ସୁବିଧା ସବୁ ନିରୀକ୍ଷଣ କରିବା ପାଇଁ । ସେ ଦଳବଳ ନେଇ ଦ୍ୱିତୀୟ ଶ୍ରେଣୀ ବିଶ୍ରାମଗାରକୁ ପ୍ରବେଶ କଲାମାତ୍ରେ ବେଞ୍ଚ ଉପରେ ବସିଥିବା ପନ୍ଦରଷୋହଳ ବର୍ଷର ଗୋଟିଏ ପିଲା ହଠାତ ଚଦର ଘୋଡାଇ ହୋଇ ଶୋଇପଡ଼ିବାର ଦେଖି ମନ୍ତ୍ରୀ ଧାଇଁଯାଇ ଚାଦର ଟାଣି ନେଇ କହିଲେ- ରାତମେ ଚୋରି କରେଗା, ଔର ଦିନ ମେ ୱେଟିଂ ରୁମମେ ମୌଜମେ ଶୋଏଗା... ଆରେ... । ତା ଚାରିପାଖରେ ଏତେ ଲୋକ ଓ ପୋଲିସ ଦେଖି ସେ ଭୟରେ ଥରିବାକୁ ଲାଗିଲା । ସେତେବେଳକୁ ଫଟୋଗ୍ରାଫର ଫଟୋ ନେଇ ସାରିଥାଏ ସେଇ ଦୃଶ୍ୟର । ମନ୍ତ୍ରୀଙ୍କର ପି.ଏ.ସିଂ. ବାବୁ ମୋତେ ଟିକେ କଡକୁ ଡାକିନେଇ କହିଲେ ହୋତାଜୀ ମନ୍ତ୍ରୀ ଇନ୍‌ସପେକସନରେ ବାହାରିଛନ୍ତି... ଠିକ୍ ସମୟରେ ଫଟୋ ଉଠେ ଯେପରି ।

ତାପରେ ସେ ଗଲେ ଟିକଟ ବିକ୍ରି ହେଉଥିବା ଝରକା ନିକଟକୁ । ଝରକାର ଫାଙ୍କ ଦେଇ ଗଳାବନ୍ଧ କୋର୍ଟ ପିନ୍ଧି ଟିକଟ ବିକ୍ରି କରୁଥିବା ଯୁବକ କର୍ମଚାରୀର ସ୍ମାର୍ଟନେସ ପାଇଁ ପ୍ରଶଂସା କଲେ । କିନ୍ତୁ ସେତେବେଳେ ତା'ର ମଥାରେ ଥିବା ଲମ୍ୱା ବାଳ ଉପରେ ଦୃଷ୍ଟି ପଡ଼ି ନ ଥିଲା ତାଙ୍କର । ତାହା ଦେଖିବା କ୍ଷଣି ଚମକି ପଡ଼ି କହିଲେ ହୋତାଜୀ ୟହ ଭି ହିପ୍‌ପି ବନନେକେ ଲିୟେ କୋଶିସ୍ କରାରହାହୈ... । ବାଲ ନହିଁ କାଟନେ ତକ- ଇସକୋ ସସପେଣ୍ଡ କିଜିୟେ... । ମୁଁ କହିଲି ତାହାହିଁ ହେବ । ସେଠାରୁ ମୁଖ୍ୟ ଷ୍ଟେସନ ବିଲିଡିଂକୁ ଯିବାବେଳେ କାନ୍ଥ ପାଖରେ ପରିସ୍ରାଗନ୍ଧ ନାକରେ ବାଜିବାରୁ ମନ୍ତ୍ରୀ କହିଲେ ସଫେଇବାଲା କାହିଁ... ସେ କାମ ଠିକ୍ ଭାବେ କରୁନାହିଁ ଜଣାପଡୁଛି । ଏହି ସମୟରେ ହସି ହସି ଗ୍ରାବା

Digitized by srujanika@gmail.com

ଦୋହଲାଇ ହାତରେ ଝାଡୁଧରି ସାମ୍ନାରୁ ଆସୁଥିବା ସଫାଇବାଲୀ ଅଣ୍ଟାରାଙ୍କି ଛିଡା ହୋଇ କହିଲା- ମୁଁ ସଫା କରୁଛି ଗୋ... । ମନ୍ତ୍ରୀ ତା ମୁହଁକୁ ପଲକରେ ଦେଖି ନେଇ କହିଲେ ତୁ ଠକୁଛୁ ନ ହେଲେ ଇମିତି ଗନ୍ଧ ହୁଅନ୍ତା କାହିଁକି ? ସେ ଗ୍ରୀବା ହଲାଇ କହିଲା ମୁଁ ଭଲ କାମ କରୁଛି ହଜୁର... । ଭାଗ୍ୟଭଲ ସେତେବେଳକୁ ଫଟୋଗ୍ରାଫର ଫଟୋ ଉଠାଇ ସାରିଥାଏ । ତାକୁ ସସ୍‌ପେଣ୍ଡ କରିବାକୁ ଆଦେଶ ଦେଇ ମନ୍ତ୍ରୀ ଅଗ୍ରସର ହେଲେ ସେ ପାଖରେ ଥିବା ପ୍ରଥମ ଶ୍ରେଣୀ ବିଶ୍ରାମଗାର ଦେଖିବା ପାଇଁ ।

ପ୍ରଥମ ଶ୍ରେଣୀ ବିଶ୍ରାମଗାର ଦରଜା ବନ୍ଦ ଥିଲା ଓ ସେଥିରେ ତାଲା ଝୁଲୁଥିବା ଦେଖି ମନ୍ତ୍ରୀ ବିରକ୍ତ ହୋଇ କହିଲେ ଏଠାରେ ତାଲା ପଡ଼ିଛି କାହିଁକି ? ଯାତ୍ରୀମାନେ ଭିତରକୁ ଯିବେ କିପରି ?

ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ କହିଲେ ସାର୍, ଅନଧିକାର ପ୍ରବେଶ ରୋକିବା ପାଇଁ ଏହି ବ୍ୟବସ୍ଥା... । ସେ ପକେଟରୁ ଚାବି ବାହାରି କରି ତାଲା ଖୋଲିଦେଲେ । ଦରଜା ଖୋଲି ଭିତରକୁ ପାଦ ବଢ଼ାଇ ଥମକି ଛିଡ଼ା ହୋଇଗଲେ ମନ୍ତ୍ରୀ । ଭିତରେ କେବଳ ଜଂଘିଆ ପିନ୍ଧି ଦୁଇଜଣ ଜବାନ ତେଲ ମର୍ଦ୍ଦନ କରିବାରେ ବ୍ୟସ୍ତ ଥିଲେ । ମନ୍ତ୍ରୀ ଷ୍ଟେସନ ସୁପରିଟେଣ୍ଡେଣ୍ଟଙ୍କ ଉପରେ ଅଗ୍ନିଦୃଷ୍ଟି ନିକ୍ଷେପ କରି କହିଲେ- ଏଇଟା ଅନଧିକାର ଚର୍ଚ୍ଚା ନା ଏମାନେ ଅଧିକାର ପାଇ ଆସିଛନ୍ତି । ଦରଜାରେ ତାଲା, ଭିତରେ ଏମାନେ... ହୋତାଜୀ ୟାଙ୍କୁ ସସ୍‌ପେଣ୍ଡ କରନ୍ତୁ । ଆଉ ଏଇ ଦୁଇଜଣଙ୍କୁ ପୁଲିସ ଗିରଫ କରୁ । ସେ ଦୁହେଁ ହାତ ଯୋଡ଼ି କହିଲେ ସାର ଆମେ ସେନାବାହିନୀର ଜବାନ... ୱେଟିଂ ରୁମ୍‌କୁ ଆସିଥିଲୁ ଗାଧୋଇବା ପାଇଁ । ସେତେବେଳକୁ ଦୁଇଥର ଫଟୋ ଉଠାଇ ସାରିଥାଏ ଫଟୋଗ୍ରାଫର ।

ପରିଦର୍ଶନ ସେତିକିରେ ସମାପ୍ତ ହେଲା । ତା'ପରେ ମନ୍ତ୍ରୀଗଲେ ରୋଡ଼ ଓଭରବ୍ରିଜର ଶିଳାନ୍ୟାସ କରିବା ପାଇଁ । ବାଲେଶ୍ୱରବାସୀଙ୍କୁ ମନ୍ତ୍ରୀଙ୍କର ଅନୁପମ ଉପହାର ଲାଗି ଓଡ଼ିଶାର ନେତାମାନେ କୃତଜ୍ଞତା ଜଣାଇଲେ । ସନ୍ଧ୍ୟାରେ ମନ୍ତ୍ରୀ କଲିକତା ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ସେ ମୋତେ ଡ଼ାକି ପଠାଇ କହିଲେ- କାମରେ ଅବହେଳା ଦେଖିଲେ ମୁଁ ସହ୍ୟ କରିପାରେନା... ଯେଉଁମାନଙ୍କୁ ସସ୍‌ପେଣ୍ଡ କରିଥିଲେ ସେମାନଙ୍କୁ ତାଗିଦ କରିଦେଇ ଦଣ୍ଡମୁକ୍ତ କରିଦିଅନ୍ତୁ । ମୁଁ କହିଲି ତାହାହିଁ ହେବ ସାର୍ । ଗାଡ଼ି ଛାଡ଼ିବା ପୂର୍ବରୁ ତାଙ୍କ ପି.ଏ. କହିଲେ... କିନ୍ତୁ ମାନ୍ୟବର ମନ୍ତ୍ରୀ ଇନ୍‌ସପେକ୍‌ସନ କରୁଥିବା ବେଳର ଫଟୋଗୁଡ଼ାକ ଆଲବମରେ ସଜାଇ ଦିଲ୍ଲୀ ପଠାଇଦେବେ ନିଶ୍ଚୟ । ଡ଼ାଇରେକ୍ଟ ଆକ୍‌ସନର ତାହାହିଁ ନଜୀର ହୋଇ ରହିବ । ମୁଁ ହଠାତ ମଥା ଝୁଲାଇ ଦେଲି ମୁହଁର ହସ ଲୁଚାଇବା ପାଇଁ ।

Digitized by srujanika@gmail.com

ଯଖପୁରା-ବାଂଶପାଣି ରେଳ ସଂଯୋଗ

୧୯୭୭ ମସିହା । ଜୁନମାସ ସତର ତାରିଖ । ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳୀନ ଅବସ୍ଥାର ଶେଷ ପର୍ଯ୍ୟାୟ । ଯଖପୁରା-ବାଂଶପାଣି ରେଳପଥ ନିର୍ମାଣ କରିବା ସକାଶେ ସରକାର ସ୍ଥିର କଲେ ଏବଂ ଜୁନ ସତର ତାରିଖ ଦିନ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିବା ସକାଶେ ନିଷ୍ପତ୍ତି ହେଲା । ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟ । ସେ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ପାଇଁ ରାଜି ହେଲେ । ଦିଲ୍ଲୀରୁ ରେଳବାଇ ବୋର୍ଡ଼ର ଚେୟାରମ୍ୟାନ ତଥା ରେଳବାଇ ମନ୍ତ୍ରଣାଳୟର ପ୍ରଧାନ ସଚିବ ଜି.ପି.ୱାରିଅର ଆସିଲେ ଏଥିରେ ଯୋଗଦେବା ପାଇଁ । ସେତେବେଳେ କେନ୍ଦ୍ର ସରକାର ଏହି ପ୍ରକଳ୍ପର ରୂପାୟନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଦକ୍ଷିଣ-ପୂର୍ବ ରେଳବାଇର ଜେନେରାଲ ମ୍ୟାନେଜର ମାନୁଏଲ ମେନେଜିସ ମଧ୍ୟ ଆସିଲେ କଲିକତାରୁ । ଗୋଟିଏ ସ୍ପେଶାଲ ଟ୍ରେନରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆମେ ଭୁବନେଶ୍ୱରରୁ ଯାତ୍ରାରମ୍ଭ କଲୁ । ବାଟରେ ଓଡ଼ିଶାର ରେଳବାଇର ସଂପ୍ରସାରଣ ସମ୍ବନ୍ଧରେ ଆଲୋଚନା ହେଲା । ମୁଁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ନୋଟ୍ ଦେଇଥିଲି ଏ ସମ୍ପର୍କରେ । ସେ କହିଲେ ଯେ, ଓଡ଼ିଶାରେ ଅପର୍ଯ୍ୟାପ୍ତ ପ୍ରାକୃତିକ ସମ୍ପଦ ରହିଥିବା ସତ୍ତ୍ୱେ ରେଳବାଇ ସଂପ୍ରସାରଣ ହୋଇ ନଥିବାରୁ ସେସବୁ ସଦୁପଯୋଗ ନ ହୋଇ ପଡ଼ିରହିଛି । ପୁଣି ଓଡ଼ିଶାର ଆଭ୍ୟନ୍ତରକୁ ରେଳପଥ ଆଦୌ ସ୍ପର୍ଶ କରିନାହିଁ । ଉପକୂଳ ଅଞ୍ଚଳ ସହିତ ସାମାଜିକ ଗତିଶୀଳତା ସହିତ ଅର୍ଥନୈତିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଦୁଇ ଅଞ୍ଚଳର ଅଧିବାସୀମାନଙ୍କ ମନରେ ଭାବଗତ ଐକ୍ୟ ଦୃଢ଼ ନ ହେବାର ଏହା ହିଁ ମୂଳକାରଣ । ସେହି ଆଲୋଚନା ସମୟରେ ସ୍ଥିର ହେଲା ଯେ, ଏହି ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ତାଳଚେର-ସମ୍ବଲପୁର ରେଳପଥ ନିର୍ମାଣ ଏକାନ୍ତ ଆବଶ୍ୟକ ।

ସେ ସମ୍ବନ୍ଧରେ ଓଡ଼ିଶା ସରକାରଙ୍କୁ ଏକ ନୋଟ୍ ଦେବା ପାଇଁ ମୋତେ ଦାୟିତ୍ୱ ଦିଆଗଲା । ଏଠାରେ କହି ରଖିବା ଉଚିତ ମନେ କରୁଛି ଯେ, ଏହା ପୂର୍ବରୁ ତାଳଚେର ବରସୁଆଁ ରେଳପଥ ନିର୍ମାଣ ଉପରେ ଓଡ଼ିଶାରୁ ଦାବୀ କରାଯାଉଥିବା ବେଳେ ତାଳଚେର-ସମ୍ବଲପୁର ମଧ୍ୟରେ ରେଳପଥ ନିର୍ମାଣ କରିବା ପାଇଁ କେବେହେଲେ ଗୁରୁତ୍ୱ ଦିଆଯାଇନଥିଲା । ବହୁ ବିଶିଷ୍ଟ ନେତା ଓଡ଼ିଶାର ଶାସନ ଦାୟିତ୍ୱରେ ଥାଇ ମଧ୍ୟ ଏବଂ

Digitized by srujanika@gmail.com

ବହୁ ପ୍ରବୀଣ ପ୍ରଶାସକ ଓଡ଼ିଶା ପ୍ରଶାସନରେ କାର୍ଯ୍ୟ କରୁଥିଲେ ସୁଦ୍ଧା କିପରି ଯେ ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଅତୀତରେ ଗୁରୁତ୍ୱ ଦିଆଯାଇନଥିଲା ତାହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ପଚାଶ ଓ ଷାଠିଏ ଦଶକରେ ରେଳବାଇର ଆର୍ଥିକ ଅବସ୍ଥା ଭଲ ଥିଲା ଏବଂ ପ୍ରଥମ ତିନି/ଚାରୋଟି ପଞ୍ଚବାର୍ଷିକ ଯୋଜନାରେ ରେଳ ସଂପ୍ରସାରଣ ପାଇଁ ବ୍ୟୟବରାଦ ଆଶାନୁରୂପ ହୋଇଥିଲା । କିନ୍ତୁ ଶୋଇଲା ପୁଅର ଭାଗ ନାହିଁ ନ୍ୟାୟରେ ଓଡ଼ିଶା ସେତେବେଳେ ତାର ଦାବୀ ଉପସ୍ଥାପିତ ନକରିବାରୁ ପୁଣି ଅବହେଳିତ ହୋଇ ରହିଗଲା ।

ଯଖପୁରା-ବାଂଶପାଣି ରେଳପଥ ନିର୍ମାଣ ପ୍ରସ୍ତାବ ଥୋଇବା ପୂର୍ବରୁ ତାଳଚେର ବରସୁଆଁ ରେଳପଥ ନିର୍ମାଣ ପାଇଁ ପ୍ରସ୍ତାବ ହୋଇଥିଲା ଏବଂ ମୋର ବନ୍ଧୁ ଆନନ୍ଦ ଶୁକ୍ଳ ସେହି ପ୍ରସ୍ତାବିତ ପ୍ରକଳ୍ପର ସର୍ଭେ ଦାୟିତ୍ୱରେ ଥିଲେ । ଏହି ରେଳ ସଂଯୋଗ ସପକ୍ଷରେ ପ୍ରଧାନ ଯୁକ୍ତି ଥିଲା ଯେ, ଏହା ଦ୍ୱାରା ତାଳଚେର-ବରସୁଆ-ରାଉରକେଲା ଭୁବନେଶ୍ୱର ଓ କଟକ ସହିତ ସଂଯୁକ୍ତ ହୋଇ ପାରିବ । କିନ୍ତୁ ସର୍ଭେରୁ ଜଣା ପଡ଼ିଲା ଯେ, ଏହି ପ୍ରକଳ୍ପ ଅର୍ଥନୈତିକ ଦିଗରୁ ଆଦୌ ଲାଭଦାୟକ ହେବ ନାହିଁ । ସେହି ପ୍ରସ୍ତାବ କାର୍ଯ୍ୟକାରୀ ନ ହେବାରୁ ଯଖପୁରା-ବାଂଶପାଣି ରେଳ ସଂଯୋଗ ପ୍ରସ୍ତାବ ଉଠିଲା । କାରଣ ସେତେବେଳକୁ ପାରାଦୀପ ବନ୍ଦର ନିର୍ମାଣ ହୋଇ ସାରିଥିଲା ।

ପୃଥିବୀର ଯେତେଗୁଡ଼ିଏ ବଡ଼ ବଡ଼ ବନ୍ଦର ଅଛି ସେଗୁଡ଼ିକ ପଶ୍ଚାଦ୍ ଭୂମି ସହିତ ରେଳପଥ ଦ୍ୱାରା ସଂଯୁକ୍ତ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ପାରାଦୀପ ବନ୍ଦର ନିର୍ମିତ ହେଲା ପଶ୍ଚାଦ୍‌ଭୂମି ସହିତ କୌଣସି ରେଳ ସଂଯୋଗ ନଥାଇ । ହଳଦିଆ ବନ୍ଦର ନିର୍ମାଣ କରିବା ସିଦ୍ଧାନ୍ତ ନିଆଗଲା ବେଳେ ପାଞ୍ଚକୁଡ଼ାଠାରୁ ହଳଦିଆ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରିବା ପ୍ରସ୍ତାବ ବି ମଂଜୁରୀ ପାଇଲା । କିନ୍ତୁ ଓଡ଼ିଶା କଥା ପଚାରେ କିଏ ? ଦୁର୍ବଳ ରାଜନୈତିକ ନେତୃତ୍ୱ ଓ ଦୂର ଦୃଷ୍ଟିର ଅଭାବ ହିଁ ଏଥିପାଇଁ ଯେ ଦାୟୀ ତାହା ଏଠାରେ ଉଲ୍ଲେଖ ନକରି ରହିପାରୁନି ।

ଯାହାହେଉ ଯଖପୁରା-ବାଂଶପାଣି ରେଳପଥ ସର୍ଭେ କାର୍ଯ୍ୟ ଚାଲିଲା । ବାଂଶପାଣି, ଯୋଡ଼ା, ବଡ଼ବିଲ ଅଞ୍ଚଳର ପ୍ରଚୁର ଲୁହାପଥର ଖଣି ରହିଛି । ସେଥିରୁ ଲୁହାପଥର ଉତ୍ତୋଳନ କରି ବିଦେଶକୁ ରପ୍ତାନି କରିବା ଦ୍ୱାରା ବୈଦେଶିକ ମୁଦ୍ରା ଅର୍ଜନ କରିବା ସହଜ ହେବ । ପାରାଦ୍ୱୀପ ବନ୍ଦର ସହିତ କେନ୍ଦୁଝର ସଂଯୁକ୍ତ ହେଲେ ବନ୍ଦରର ପଶ୍ଚାଦ୍‌ଭୂମି ସଂପ୍ରସାରିତ ହେବ ଏବଂ କଞ୍ଚାମାଲ ସହଜରେ ଓ ଶସ୍ତାରେ ଏହି ବାଟଦେଇ ରପ୍ତାନି ହୋଇପାରିବ । ଏହାରି ଉପରେ ଭିତ୍ତିକରି ଏହି ରେଳପଥ ନିର୍ମାଣ କରିବା ପାଇଁ ସୁପାରିଶ କରାଗଲା ଏବଂ ଶେଷରେ ଏହି ରେଳପଥ ମଞ୍ଜୁର ହେଲା । ସେତେବେଳେ ଶହେ ଏକସ୍ତରୀ କିଲୋମିଟର ରେଳପଥ ନିର୍ମାଣ କରିବା ପାଇଁ ଅଣଚାଳିଶ କୋଟି ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଥିଲା । ଏହି ପ୍ରକଳ୍ପ ପାର୍ଲାମେଣ୍ଟ ଅନୁମୋଦନ ଲାଭ କରିଥିଲେ

Digitized by srujanika@gmail.com

ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ କେବଳ ଦୈତାରି ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରିବା ଲାଗି ଯୋଜନା କମିଶନ ଅନୁମୋଦନ କଲେ । ଯଖପୁରାଠାରୁ ଦୈତାରି ଚଉତିରିଶ କିଲୋମିଟର ରେଳପଥର ନିର୍ମାଣ କାର୍ଯ୍ୟ ଶେଷ ହୋଇ ମାର୍ଚ୍ଚ ବାଇଶ ତାରିଖ(୧୯୮୨) ମଙ୍ଗଳବାରେ ଏହା ଉଦ୍‌ଘାଟିତ ହେଲା । ଦୈତାରିଠାରୁ ପାରାଦୀପ ପର୍ଯ୍ୟନ୍ତ ଲୁହାପଥର ଓ କ୍ରୋମ୍ ପରିବହନ ସକାଶେ ଏହି ରେଳପଥ ନିର୍ମାଣ କରିବାର ଉପଯୋଗିତା ଥିଲା । ଏହି ଚଉତିରିଶ କିଲୋମିଟର ରେଳପଥ ନିର୍ମାଣ ପାଇଁ ପ୍ରାୟ ଆଠକୋଟି ଟଙ୍କା ବ୍ୟୟ କରାଯାଇଥିଲା ଏବଂ ଓଡ଼ିଶା ସରକାର ମାଗଣାରେ ଜମି ଯୋଗାଇ ଦେଇଥିଲେ । ଜଖପୁରା ଦୈତାରି ମଧ୍ୟରେ ରେଳପଥ ନିର୍ମାଣ କରିବା ପାଇଁ ଓଡ଼ିଶା ମାଇନିଂ କର୍ପୋରେସନ ପକ୍ଷରୁ ୧୯୬୩-୬୪ ରେ ଏକ ପ୍ରସ୍ତାବ ଦିଆଯାଇଥିଲା । ସେତେବେଳେ ପ୍ରାୟ ଏକକୋଟି ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଥିଲା ଏବଂ ସେଥିରୁ ଏକ ବଡ଼ ଅଂଶ ମାଇନିଂ କର୍ପୋରେସନ ରେଳବାଇକୁ ଜମା ଦେଇଥିଲେ ଏହି କାର୍ଯ୍ୟ ହାତକୁ ନେବାପାଇଁ । ଏହା ଦ୍ୱାରା ପାରାଦୀପ ସହିତ ଦୈତାରି, ସୁକିନ୍ଦାଖଣି ଅଞ୍ଚଳ ସଂଯୁକ୍ତ ହୋଇ ଥାଆନ୍ତା । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯେ, ଏକ୍ସପ୍ରେସ୍ ସଡକ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇ ପରେ ସରକାର ଏହି ଅର୍ଥ ରେଳବାଇଠାରୁ ଫେରାଇ ନେଇଥିଲେ । ଏହା ଯେ, ଏକ ଅପରିଣାମ ଦର୍ଶିତାର ଫଳ ଏହା କହିବାକୁ ମୋର ଟିକେ ହେଲେ କୁଣ୍ଠା ନାହିଁ ।

ପ୍ରଥମ ପର୍ଯ୍ୟାୟ ଶେଷ ହେବା ପୂର୍ବରୁ ଦୈତାରି ଓ ବାଂଶପାଣି ମଧ୍ୟରେ ରେଳପଥ ନିର୍ମାଣ ପ୍ରସ୍ତାବ ଉପରେ ଜୋର ଦିଆଗଲା । ମୁଁ ସେତେବେଳେ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥାଏ । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସହିତ ବାରମ୍ବାର ଦିଲ୍ଲୀ ଯାଇ ଏଥିପାଇଁ ଆବଶ୍ୟକୀୟ ଲବି କରିବା ଫଳରେ ଏବଂ ସେତେବେଳେ ଯୋଜନା କମିଶନରେ ମୋର ବନ୍ଧୁ ପ୍ରକାଶ ନାରାୟଣ (ଯିଏ ପରେ ରେଳବାଇ ବୋର୍ଡର ଚେୟାରମ୍ୟାନ୍ ହେଲେ)ଙ୍କ ସହାୟତାରୁ ଶେଷରେ ଦ୍ୱିତୀୟ ପର୍ଯ୍ୟାୟରେ ଦୈତାରିଠାରୁ କେନ୍ଦୁଝରଗଡ଼ ପର୍ଯ୍ୟନ୍ତ ଏକାନବେ କିଲୋମିଟର ରେଳପଥ ନିର୍ମାଣ କରିବା ପାଇଁ ମଂଜୁରୀ ମିଳିଲା । ଏହି ରେଳପଥ ନିର୍ମିତ ହେଲେ ଯେ, ପୁଞ୍ଜି ବିନିଯୋଗ ଉପରେ ଶତକଡ଼ା ୧୨ ଭାଗ ଲାଭାଂଶ ମିଳିବ ତାହା ମୁଁ ପ୍ରମାଣିତ କରିପାରିଥିଲି । ଏଥିପାଇଁ ଓଡ଼ିଶା ସରକାର ମାଗଣାରେ ଜମି ଯୋଗାଇଦେଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯେ, ୧୯୮୩-୮୪ ବଜେଟରୁ ପାର୍ଲିଆମେଣ୍ଟ ଦ୍ୱାରା ପାଞ୍ଚବର୍ଷ ପୂର୍ବରୁ ମଂଜୁର ହୋଇଥିବା ଏହି ପ୍ରକଳ୍ପକୁ ବାଦ ଦିଆଗଲା ଏବଂ ଏଯାଏ ନାମକୁ ମାତ୍ର ଦିଆଯାଉଥିବା ବ୍ୟୟବରାଦ ବ୍ୟବସ୍ଥା ଉଠାଇ ଦିଆଗଲା । ଫଳରେ ଆମେ ଫେରିଆସିଲୁ ପୁଣି ଦଶବର୍ଷ ତଳକୁ । ବହୁ ପ୍ରତିବାଦ କରାଗଲା ଏବଂ ବାରମ୍ବାର ଏହା ଆଲୋଚିତ ହେଲା ରେଳ ମନ୍ତ୍ରଣାଳୟ ସହିତ । ଶେଷରେ ରେଳମନ୍ତ୍ରୀ ସ୍ପଷ୍ଟ ଭାବରେ ଜଣାଇ ଦେଲେ ଯେ, ଯଦି ଦ୍ୱିତୀୟ ଇସ୍ପାତ କାରଖାନା ପ୍ରସ୍ତାବ ସ୍ୱୀକୃତି

Digitized by srujanika@gmail.com

ପାଏ ତେବେ ଏହି ରେଳପଥ ନିର୍ମିତ ହେବ, ନଚେତ ନାହିଁ । ଏଯାବତ୍ ଏହି ଅବସ୍ଥା ରହିଥିଲା । ବାଂଶପାଣି ଅଂଚଳରୁ ଟାଟାନଗର, ଖଡ଼ଗପୁର ଦେଇ ଦୀର୍ଘପଥରେ ଲୁହାପଥର ପାରାଦୀପ ପର୍ଯ୍ୟନ୍ତ ଆଣି ବିଦେଶକୁ ରପ୍ତାନି କରିବା ବ୍ୟୟବହୁଳ ହେଉଥିବାରୁ ଏମ.ଏମ୍.ଟି.ସି. କ୍ରମଶଃ ପାରାଦୀପ ବନ୍ଦରରୁ ଲୁହାପଥର ରପ୍ତାନି ପରିମାଣ ହ୍ରାସ କରିବାକୁ ଲାଗିଲେ । ବାଂଶପାଣିଠାରୁ ଯଖପୁରା ଦେଇ ପାରାଦୀପର ଦୂରତ୍ୱ ମାତ୍ର ୩୬୦ କିଲୋମିଟର । ଅଥଚ ଟାଟାନଗର ଓ ଖଡ଼ଗପୁର ଦେଇ ଏହି ଦୂରତ୍ୱ ପ୍ରାୟ ୬୦୦ କିଲୋମିଟର ।

ଆମର ସୌଭାଗ୍ୟ ଯେ, ଏହି ରେଳ ସଂଯୋଗର ଗୁରୁତ୍ୱ ବୁଝି ପ୍ଲାନିଂ କମିଶନ ଓ ରେଳବାଇ ମନ୍ତ୍ରଣାଳୟ ଏବେ ଏହି ରେଳପଥ ନିର୍ମାଣ କରିବାଲାଗି ମଂଜୁରୀ ଦେଇଛନ୍ତି ଏବଂ ୧୯୯୨/୯୩ ଆର୍ଥିକ ବର୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ।

ଦ୍ୱିତୀୟ ଇସ୍ପାତ କାରଖାନା ଶିଳ୍ପବିକାଶ ଓ ବିଦେଶକୁ ଅଧିକ ଲୁହାପଥର ରପ୍ତାନି କରିବା ପ୍ରସ୍ତାବକୁ ବିଚାରକୁ ନେଇ ଶେଷରେ ଏହି ନିଷ୍ପତ୍ତି ନିଆଯାଇଛି । ବିଳମ୍ବରେ ହେଲେ ମଧ୍ୟ ଓଡ଼ିଶାର ଅର୍ଥନୈତିକ ଓ ସାମାଜିକ ବିକାଶ ଏହି ରେଳପଥ ନିର୍ମାଣ ଦ୍ୱାରା ତ୍ୱରାନ୍ୱିତ ହେବ, ଏହା କହିବା ନିଷ୍ପ୍ରୟୋଜନ ।

ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରଚେଷ୍ଟା ଫଳରେ ଯେ, ଶେଷରେ ଏହା ସମ୍ଭବ ହେଲା ଏହା ମଧ୍ୟ ଉଲ୍ଲେଖଯୋଗ୍ୟ । ଆହୁରି ବି ରାଜନୈତିକ ଚାପ ଓ ଦୂରଦୃଷ୍ଟି ଅଭାବରୁ ଗୋଟିଏ ଭଲ କାର୍ଯ୍ୟ କିପରି ବିଳମ୍ବିତ ହୁଏ ଏହା ତାର ଆଉ ଗୋଟିଏ ଦୃଷ୍ଟାନ୍ତ ।

Digitized by srujanika@gmail.com

କଟକ ଓଭରବ୍ରିଜ

କଟକରେ ପାଠ ପଢ଼ିଲାବେଳେ ରେଳ ଷ୍ଟେସନକୁ ବୁଲି ଆସିବା ଅଭ୍ୟାସରେ ପଡ଼ିଯାଇଥିଲା । ସେତେବେଳେ କଟକ ରେଳ ଷ୍ଟେସନରେ ରେଳବାଇ କେଟାରିଙ୍ଗର ଏପରି ଦୟନୀୟ ଅବସ୍ଥା ନଥିଲା । ବର୍ତ୍ତମାନ କେଟାରିଙ୍ଗ ସର୍ଭିସ ରେଳବାଇର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ । ସେତେବେଳେ କିନ୍ତୁ ରେଳବାଇ ରେଷ୍ଟୋରାଁ କଣ୍ଟ୍ରାକ୍ଟର ଈଶ୍ୱର ଦାସ ବଲ୍ଲଭ ଦାସଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଖାଲି କଟକ ନୁହେଁ, ହାଓଡା ଷ୍ଟେସନ ଠାରୁ ଆରମ୍ଭ କରି ୱାଲଟିୟର ଓ ଖଡ଼ଗପୁରଠାରୁ ନାଗପୁର ପର୍ଯ୍ୟନ୍ତ ସବୁ ବଡ଼ ବଡ଼ ଷ୍ଟେସନରେ ଈଶ୍ୱର ଦାସ ବଲ୍ଲଭ ଦାସଙ୍କ ରେଷ୍ଟୋରାଁ ଥିଲା ଏବଂ କଟକ ଷ୍ଟେସନକୁ ଯାଇ ମାଂସଚପ ଖାଉଥିଲୁ । ପ୍ରତି ମାଂସଚପର ଦାମ ଥିଲା ଚାରିଅଣା । ସେତେବେଳେ ଲେବଲକ୍ରସିଂ ପାର ହେବା ବେଳେ ଲୋକମାନେ ଓଭରବ୍ରିଜର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରୁଥିଲେ । ପାରାଦୀପକୁ ରେଳପଥ ଓ ସଡ଼କପଥ ପଡ଼ିବା ପରେ କଟକ ଷ୍ଟେସନର ଲେଭେଲକ୍ରସିଂ ଦେଇ ଯାତାୟାତ କରୁଥିବା ଯାନବାହାନ ସଂଖ୍ୟା ଆହୁରି ବଢ଼ିଲା ଏବଂ ସମୟ ଏପରି ଆସିଲା ଯେତେବେଳେ ଟ୍ରେନ ଚଳାଚଳ କରିବା ପାଇଁ ଲେଭେଲକ୍ରସିଂ ଦୁଇ ପାଖରେ ବସ୍,ଟ୍ରକ, କାର, ରିକ୍ସା, ଶଗଡ଼ ବହୁସଂଖ୍ୟାରେ ଦୀର୍ଘ ସମୟ ଅପେକ୍ଷା କରି ରହୁଥିଲେ । ଏଥିରୁ ବଚସା ଓ ଗଣ୍ଡଗୋଳର ସୂତ୍ରପାତ ମଧ୍ୟ ହେଉଥିଲା । ମୋ ପାଠପଢ଼ିବା ସମୟରୁ କଟକ ଷ୍ଟେସନ ଲେଭେଲକ୍ରସିଂ ଉପରେ ସଡ଼କ ଯାନବାହାନର ଗମନାଗମନ ପାଇଁ ଏକ ଓଭରବ୍ରିଜ୍ ନିର୍ମାଣ କରିବାର ଆବଶ୍ୟକତା ଉପଲବ୍ଧି କରାଯାଉଥିଲେ ହେଁ ଏବଂ ଯାନବାହାନ ଚଳାଚଳ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇ ନିର୍ବିଘ୍ନରେ ଲେଭେଲକ୍ରସିଂ ପାରହେବା ସମସ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅତି ଜରୁରୀ ମନେ କରାଯାଉଥିଲେ ସୁଦ୍ଧା ଓଭରବ୍ରିଜ ନିର୍ମାଣ ବିଳମ୍ବିତ ହେବାକୁ ଲାଗିଲା । ତା'ର କାରଣ ଲୋକମାନଙ୍କ ଦାବି ସତ୍ତ୍ୱେ ଏ ସମ୍ବନ୍ଧରେ ରାଜ୍ୟ ସରକାର ଯାହା କରିବା କଥା ତାହା ନକରି କେବଳ ଚିଠିପତ୍ର ଲେଖିବାରେ ବ୍ୟସ୍ତ ଥିଲେ ।

ନିୟମ ଅନୁସାରେ କୌଣସି ଲେଭେଲକ୍ରସିଂ ଉପରେ ଗମନାଗମନର ସୁବିଧା ସକାଶେ ଓଭରବ୍ରିଜ ନିର୍ମାଣ କରିବା ଦରକାର ହେଲେ ଅଟକଳର ଅଧେ ଟଙ୍କାର ରାଜ୍ୟ

Digitized by srujanika@gmail.com

ସରକାର ଖର୍ଚ୍ଚ କରିବେ କିନ୍ତୁ ଓଡ଼ିଶା ସରକାର ବିଭିନ୍ନ ସମୟରେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ଦାବି କରିଥିଲେ ମଧ୍ୟ ଅଟକଳର ଅଧେ ଅର୍ଥ ବହନ କରିବା ଲାଗି ରାଜି ହେଉ ନଥିଲେ । ଫଳରେ ଏହି କାମ ହୋଇପାରୁନଥିଲା । ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି ଥିବା ସମୟରେ ବି.ଡ଼ି.ଜତ୍ତି ରାଜ୍ୟପାଳ ଥିଲେ । ମୁଁ ସେତେବେଳେ ଖୋର୍ଦ୍ଧାରୋଡ଼ର ଡ଼ିଭିଜନ ସୁପରିଣ୍ଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରୁଥିଲି । ଦିନେ ଓଭରବ୍ରିଜ ନିର୍ମାଣ ଦାବି କରି ରେଳରୋକୋ ଆନ୍ଦୋଳନ ହେଲା ଏବଂ କଟକ ଷ୍ଟେସନରେ ଶହ ଶହ ଲୋକ ଠୁଳ ହୋଇ ରେଳ ଯାତାୟାତ ବନ୍ଦ କରିଦେଲେ । ମୁଁ ସେଦିନ ଯଖପୁରା-ବାଂଶପାଣି ରେଳପଥର ଆୟମାରମ୍ଭ ସମ୍ପର୍କରେ ସମୀକ୍ଷା କରିବା ସକାଶେ ଚିଫ୍ ଇଞ୍ଜିନିୟର ପି.କେ.ମୁଖାର୍ଜୀଙ୍କ ସହିତ ଯଖପୁରା ଯାଉଥିଲି । ବାଟରେ ଧାନମଣ୍ଡଠାରେ ଏହି ଖବର ଶୁଣିଲି । ସେତେବେଳକୁ ଆନ୍ଦୋଳନକାରୀମାନଙ୍କ ରେଳରୋକୋ ଆନ୍ଦୋଳନ ପ୍ରତ୍ୟାହାର କରିନେବା ପାଇଁ ସବୁ ଚେଷ୍ଟା ବିଫଳ ହୋଇସାରିଥାଏ ।

ମୁଁ ଫୋନରେ ଖବର ଦେଲି ଯେ ସେମାନଙ୍କ ଦାବି ରେଳବାଇ ବୋର୍ଡକୁ ଜଣାଇ ଦିଆଯିବ କିନ୍ତୁ ଆନ୍ଦୋଳନକାରୀମାନେ କହିଲେ ଯେ, ସ୍ୱୟଂ ରାଜ୍ୟପାଳ ଓ ଡ଼ିଭିଜନାଲ ସୁପରିଟେଣ୍ଡେଣ୍ଟ ଯଦି ଆସି ଏହି ପ୍ରତିଶ୍ରୁତି ଦିଅନ୍ତି, ଆନ୍ଦୋଳନ ପ୍ରତ୍ୟାହାର କରାଯିବ । ରାଜ୍ୟପାଳଙ୍କୁ ଏପରି ପ୍ରତିଶ୍ରୁତି ଦବା ପାଇଁ କଟକ ଯିବାକୁ ମୁଁ ପରାମର୍ଶ ଦେଇ ପାରିଲି ନାହିଁ କି ନିଜେ ମଧ୍ୟ ଲେଭେଲକ୍ରସିଂ ନିକଟକୁ ଗଲି ନାହିଁ ପୋଲିସ ସହାୟତାରେ ଆନ୍ଦୋଳନକାରୀମାନଙ୍କୁ ସେଠାରୁ ହଟାଇ ଦିଆଗଲା ଏବଂ ରେଳ ଯାତାୟତ ପୁନର୍ବାର ଚାଲୁ ହେଲା କିନ୍ତୁ ମୋ ମନ ମାନିଲା ନାହିଁ । କଟକଠାରେ ଓଭରବ୍ରିଜ କିପରି ନିର୍ମାଣ କରାଯାଇ ପାରିବ ସେ ସମ୍ବନ୍ଧରେ ସମାଧାନର ସୂତ୍ର ବାହାର କରିବା ଲାଗି ଚିନ୍ତା କରିବାରେ ଲାଗିଲି । ପରେ ପରେ ଜନତା ସରକାର କ୍ଷମତାକୁ ଆସିଲେ । ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କୁ ସାକ୍ଷାତକରି ମୁଁ କହିଲି ଯେ ଯଦି ଅଧେ ଖର୍ଚ୍ଚ ବହନ କରିବା ଲାଗି ସରକାର ରାଜି ହେବେ ତେବେ ରେଳବାଇ ବୋର୍ଡ ଆଉ ଅଧେ ଟଙ୍କା ବ୍ୟୟ କରିବା ପାଇଁ ସମ୍ମତ ହେବେ ।

ସେ ମୋ ପ୍ରସ୍ତାବରେ ରାଜି ହେଲେ, କିନ୍ତୁ ଅମଲାତାନ୍ତ୍ରିକ ମନ୍ଥରତା ଯୋଗୁଁ ଚିଠି ଯିବାରେ ବିଳମ୍ବ ହେଲା । ଏହି ସମୟରେ କେନ୍ଦ୍ର ସରକାରଙ୍କ ରେଳବାଇ ମନ୍ତ୍ରୀ ମଧୁ ଦଣ୍ଡବତେ ତାଙ୍କ ପ୍ରଥମ ଓଡ଼ିଶା ଗସ୍ତରେ ଆସିଲେ ଏବଂ ତାଙ୍କ ସହିତ ମୁଖ୍ୟମନ୍ତ୍ରୀ ମଧ୍ୟ ଏ ପ୍ରସଙ୍ଗରେ ଆଲୋଚନା କଲେ । ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତ ମଧ୍ୟ ରେଳବାଇ ମନ୍ତ୍ରୀଙ୍କୁ ସବୁ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରନ୍ତୁ ବୋଲି ଯୁକ୍ତି କଲେ । ମଧୁ ଦଣ୍ଡବତେ କହିଲେ ଯେ, ଦିଲ୍ଲୀ ଫେରିଗଲାପରେ ସେ ଏ ସମ୍ବନ୍ଧରେ ପରୀକ୍ଷା କରି ଦେଖିବେ । ରାଜ୍ୟ ସରକାର ଓ ନେତାମାନେ ଧରିନେଲେ ଯେ କେନ୍ଦ୍ରରେ ଜନତା ସରକାର ଥିବାରୁ ଏହି

Digitized by srujanika@gmail.com

ପ୍ରସ୍ତାବ ଗୃହୀତ ହେବ ଏବଂ ଓଭରବ୍ରିଜ ପାଇଁ ଅଟକଳ କରାଯାଇଥିବା ସବୁ ଟଙ୍କା କେନ୍ଦ୍ର ସରକାର ଖର୍ଚ୍ଚ କରିବେ । ଚିଠିପତ୍ର ଚାଲିଲା । ମୁଁ ଜଟଣୀରୁ ବଦଳି ହୋଇ କଲିକତା ଚାଲିଗଲି କିନ୍ତୁ ଓଭରବ୍ରିଜ ପ୍ରସ୍ତାବ ମଞ୍ଜୁର ନ ହୋଇ ସେଇ ପ୍ରସ୍ତାବରେ ରହିଗଲା । ଅଶୀ ଲକ୍ଷ ଟଙ୍କା ମୂଳ ଅଟକଳ ବଢ଼ି ବଢ଼ି ତିନି କୋଟିରେ ପହଞ୍ଚିଲା । ଦୁଇବର୍ଷ ପରେ ମୁଁ ପୁଣି ରାଜ୍ୟ ସରକାରଙ୍କ ଅଧୀନକୁ ରେଳ ସମନ୍ୱୟ କମିଶନର ହୋଇ ଆସିଲା ପରେ ନାଲିଫିତା ତଳେ ପଡ଼ି ରହିଥିବା ପ୍ରସ୍ତାବକୁ ପୁଣି ଜୀବନ୍ୟାସ ଦେଲି । ମୁଖ୍ୟମନ୍ତ୍ରୀଙ୍କୁ କହିଲି ଯେ ପ୍ରାୟ ତିରିଶ ବର୍ଷ ବିତିଗଲେ ବି ଓଭରବ୍ରିଜ ନିର୍ମାଣ ହୋଇ ନ ପାରିବା ଅତି ଦୁଃଖର ବିଷୟ । ରାଜ୍ୟ ସରକାରଙ୍କ ଅସହଯୋଗ ଏଥିପାଇଁ ଦାୟୀ । ସର୍ବ ଭାରତୀୟ ନୀତି ଭାବରେ ଯାହା ଅନୁସୃତ ହୋଇ ଆସୁଛି ସେଇ ନୀତି ଓଡ଼ିଶାରେ ଭାଙ୍ଗିବା ସହଜ ହେବ ନାହିଁ । ଶେଷରେ ଓଡ଼ିଶା ସରକାର ସମ୍ମତ ହେଲେ ଅଧେ ଖର୍ଚ୍ଚ ବହନ କରିବା ପାଇଁ ଏବଂ ଚିଠି ଗଲା ରେଳମନ୍ତ୍ରଣାଳୟକୁ । କହିବା ନିଷ୍ପ୍ରୟୋଜନ ଯେ ଶୀଘ୍ର କଟକ ରେଳ ଲେଭେଲକ୍ରସିଂ ଉପରେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବହୁଦିନର ପ୍ରସ୍ତାବ ମଞ୍ଜୁର ହେଲା ଏବଂ ରେଳବାଇ ବଜେଟରେ ଏଥିସକାଶେ ବ୍ୟୟବରାଦ କରାଗଲା ।

କିନ୍ତୁ କେବଳ ବ୍ୟୟବରାଦ କରି ଦେଲେ କୌଣସି ପ୍ରକଳ୍ପ କାର୍ଯ୍ୟକାରୀ ହୁଏ ନାହିଁ । ଅମଲାତାନ୍ତ୍ରିକ ଶିଥିଳତା ଓ ରାଜନୈତିକ ଅଦୂରଦର୍ଶିତା ଯୋଗୁ ବହୁ ପ୍ରକଳ୍ପ ମଞ୍ଜୁର ହୋଇ ମଧ କାର୍ଯ୍ୟକାରୀ ହୋଇ ନ ଥିବାର ଅନେକ ଦୃଷ୍ଟାନ୍ତ ଅଛି । ଏଣୁ ଏହି ପ୍ରକଳ୍ପଟି ଯେପରି ନିଷ୍କ୍ରିୟତାର ସମ୍ମୁଖୀନ ନ ହୁଏ ସେଥିପାଇଁ ତତ୍ପରତାର ସହିତ କାର୍ଯ୍ୟ କଲି । ସେତେବେଳର ନିର୍ମାଣମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ଓଭରବ୍ରିଜ ନିର୍ମାଣ ଉପରେ ଗୁରୁତ୍ୱ ଦେବା ଫଳରେ ଓ ତାଙ୍କ ବିଭାଗ ଅନ୍ୟାନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରି ସମୟ ସୀମା ମଧ୍ୟରେ ଏହି କାର୍ଯ୍ୟ କରାଇବା ପାଇଁ ନିଷ୍ପତ୍ତି ନବା ଫଳରେ କାର୍ଯ୍ୟର ଗତି ତ୍ୱରାନ୍ୱିତ ହେଲା । ପୂର୍ତ୍ତ ବିଭାଗ ମନ୍ତ୍ରୀ ବସନ୍ତ ବାବୁ ରାଜି ହେଲେ ପ୍ରତିମାସ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ପାଇଁ । କହିବା ବାହୁଲ୍ୟ ଯେ, ମନ୍ତ୍ରୀଙ୍କ ଆଗ୍ରହ ଦେଖି ବିଭାଗୀୟ କର୍ମକର୍ତ୍ତାମାନଙ୍କ ମଧ୍ୟରେ ତତ୍ପରତା ବୃଦ୍ଧି ପାଇଲା ଏବଂ ରେକର୍ଡ ଟାଇମ ମଧ୍ୟରେ କଟକ ଓଭରବ୍ରିଜ ନିର୍ମିତ ହେଲା । ପ୍ରସଙ୍ଗ କ୍ରମେ ଉଲ୍ଲେଖ କରିବା ଉଚିତ ମନେ କରୁଛି ଯେ, ଏହି ଓଭରବ୍ରିଜ ନକ୍ସା ତିଆରି କରିବାରେ ରେଳବାଇ କର୍ତ୍ତୃପକ୍ଷ ଅତି ରକ୍ଷଣଶୀଳ ମନୋଭାବ ପୋଷଣ କରିବା ଫଳରେ ପୋଲ ଓ ତତ୍‌ସଂଯୁକ୍ତ ପାଦଚଲା ରାସ୍ତା ଯେତିକି ପ୍ରଶସ୍ତ ହେବା କଥା ତାହା ହେଲାନାହିଁ । ପୋଲ କାର୍ଯ୍ୟ ସଂପୂର୍ଣ୍ଣ ହେବା ପୂର୍ବରୁ ଥରେ ରେଳବାଇ ବୋର୍ଡର ଇଂଜିନିୟରିଂ ବିଭାଗ ସଭ୍ୟ ରାମଚନ୍ଦ୍ରନ ସାହେବ ପରିଦର୍ଶନରେ ଆସିଲେ । ପରିଦର୍ଶନ ସମୟରେ ମୁଁ ତାଙ୍କୁ କଟକ ରୋଡ଼ ଓଭରବ୍ରିଜର ଆବଶ୍ୟକତା ଓ ଗୁରୁତ୍ୱ ସମ୍ବନ୍ଧରେ ସୂଚନା ଦେଲି ଏବଂ କହିଲି ଯେ ଏବେ ହୁଏତ କାମ ଚଳିଯିବ । କିନ୍ତୁ କୋଡ଼ିଏ ବର୍ଷ ପରେ ଏକବିଂଶ ଶତାବ୍ଦୀରେ

Digitized by srujanika@gmail.com

ଏହି ଓଭରବ୍ରିଜର ଅପ୍ରଶସ୍ତତା ଗମନାଗମନର ସୁବିଧା ନ କରି ତା'ର କଣ୍ଠରୋଧ କରିବ । ସେ ବୁଝିଗଲେ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କାଣ୍ଟିଲିଭର ଦ୍ୱାରା ପାଦଚଲା ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ । କିନ୍ତୁ ସେତେବେଳକୁ ନିର୍ମାଣ କାର୍ଯ୍ୟ ବହୁ ଆଗେଇ ଯାଇଥିବାରୁ ଓଭରବ୍ରିଜ ଉପର ପଥକୁ ଉଭୟ ଦିଗରୁ ଦୁଇପଥ ବିଶିଷ୍ଟ କରିବା ପାଇଁ ଯାହା ଚାହୁଁଥିଲି ତାହା ଆଉ ସମ୍ଭବ ହେଲା ନାହିଁ ।

କଟକରେ ଓଭରବ୍ରିଜ ନିର୍ମାଣ ପାଇଁ ବହୁ ବର୍ଷରୁ ଦାବି ହୋଇ ଆସୁଥିଲେ ହେଁ ଏବଂ ଏଥିପାଇଁ ରେଳବାଇ ନିରାପତ୍ତା ପାଣ୍ଠିରେ ଯଥେଷ୍ଟ ଅର୍ଥ ଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନିକ ନିଷ୍କ୍ରିୟତା ବା ବୁଝାମଣା ଅଭାବରୁ ଏହା ନିର୍ମାଣ କରିବାରେ ଯେଉଁ ଅନାବଶ୍ୟକ ବିଳମ୍ବ ଘଟିଲା ତାହା କିନ୍ତୁ ବାଲେଶ୍ୱରଠାରେ ଓଭରବ୍ରିଜ ନିର୍ମାଣ କରିବା ବେଳେ ହୋଇ ନଥିଲା । ବାଲେଶ୍ୱର ଓଭରବ୍ରିଜ ନକ୍ସା ମଧ୍ୟ କଟକଠାରୁ ଭଲ । ଉଭୟ ରେଳବାଇ ଓ ରାଜ୍ୟ ସରକାର ଇଞ୍ଜିନିୟରମାନେ ଅଧିକ ଦୂରଦର୍ଶିତା ପ୍ରଦର୍ଶନ କରିଥିଲେ କଟକ ଓଭରବ୍ରିଜ ଆହୁରି ପ୍ରଶସ୍ତ ହୋଇ ପାରିଥାନ୍ତା ଏବଂ ଭବିଷ୍ୟତର ଆବଶ୍ୟକତାପୂର୍ଣ୍ଣ କରିବାରେ ଅସୁବିଧା ଉପୁଜିବାରେ କୌଣସି ଆଶଙ୍କା ରହିନଥାନ୍ତା । ଏତିକିରେ ସନ୍ତୁଷ୍ଟ ନ ହୋଇ ଓଡ଼ିଶା ସରକାରଙ୍କ ଅଧୀନରେ ରହିବା ସମୟରେ ଯାଜପୁରରୋଡ୍, ରାୟଗଡ଼ା, ସମ୍ବଲପୁର, ବରଗଡ଼ ଓ ବଲାଙ୍ଗୀରଠାରେ ମଧ୍ୟ ଓଭରବ୍ରିଜ ନିର୍ମାଣ ପ୍ରସ୍ତାବ ମଞ୍ଜୁର କରାଇପାରିଥିଲି ଏବଂ ମୁଖ୍ୟମନ୍ତ୍ରୀଙ୍କ ଆଗ୍ରହ ଫଳରେ ଭୁବନେଶ୍ୱରର ମାଉସୀମା ଓ ମାଲଗୋଦାମଠାରେ ଆଉ ଦୁଇଟି ବ୍ୟୟବହୁଳ ରୋଡ୍ ଓଭରବ୍ରିଜ ମଧ୍ୟ ମଞ୍ଜୁର କରାଇବା ସମ୍ଭବ ହୋଇଥିଲା । କିନ୍ତୁ ପରିତାପର ବିଷୟ ଏହି ଯେ, ପ୍ରାୟ ଚାରି ପାଞ୍ଚବର୍ଷ ଅତୀତ ହୋଇ ଯାଇଥିଲେ ମଧ୍ୟ କାର୍ଯ୍ୟରେ ମନ୍ଥରତା ଓ ନ୍ୟସ୍ତସ୍ୱାର୍ଥମାନଙ୍କର ପ୍ରତିରୋଧ ଯୋଗୁଁ ଏଥିମଧ୍ୟରୁ ପ୍ରଧାନ ଓଭରବ୍ରିଜ ଗୁଡିକର କାର୍ଯ୍ୟ ଏଯାଏ ସଂପୂର୍ଣ୍ଣ ହୋଇ ପାରିନାହିଁ ଏବଂ କାର୍ଯ୍ୟରେ ଅନାବଶ୍ୟକ ବିଳମ୍ବ ହେବା ଯୋଗୁଁ ଖର୍ଚ୍ଚ ଅଟକଳ ବୃଦ୍ଧି ପାଇବାରେ ଲାଗିଛି । କେବଳ ଏତିକି ନୁହେଁ ଅମଲାତାନ୍ତ୍ରିକ ଶିଥିଳତା ବା ଅଯୋଗ୍ୟତା ସହିତ ଦୁର୍ବଳ ଓ ଅଦୂରଦର୍ଶୀ ରାଜନୈତିକ ନେତୃତ୍ୱ ଯୋଗୁଁ ଦେଶର ବହୁ ଜନହିତକର କାର୍ଯ୍ୟ ବିଳମ୍ବିତ ହେଉଥିବାର ପ୍ରଚୁର ଦୃଷ୍ଟାନ୍ତ ରହିଛି । ଏହା ହିଁ ଆମ ଜାତୀୟ ଜୀବନର ଅଧୋଗତିର ମୂଳ କାରଣ ।

Digitized by srujanika@gmail.com

ମଞ୍ଚେଶ୍ୱର କାରଖାନା

ମଞ୍ଚେଶ୍ୱରଠାରେ ଯେଉଁ ରେଳଡ଼ବା ମରାମତି କାରଖାନା ରହିଛି ତାହା ଦେଖିଲେ ମନ ଉତ୍‌ଫୁଲ୍ଲିତ ହୁଏ । ପଇଁତିରିଶ କୋଟି ଟଙ୍କା ବ୍ୟୟ କରି ଏହି ଅତ୍ୟାଧୁନିକ କାରଖାନ ସ୍ଥାପିତ ହୋଇଛି ଏବଂ ଏଠାରେ ପ୍ରାୟ ଅଢ଼େଇ ହଜାର ପ୍ରଶିକ୍ଷଣ ପ୍ରାପ୍ତ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ଭବିଷ୍ୟତରେ ଏହି କାରଖାନାର ଦ୍ୱିତୀୟ ପର୍ଯ୍ୟାୟର ସଂପ୍ରସାରଣ ଯୋଜନ ଯଦି ମଞ୍ଜୁର ହୁଏ, ତେବେ କର୍ମଚାରୀମାନଙ୍କ ସଂଖ୍ୟା ଆହୁରି ହଜାରେରୁ ଦେଢ଼ହଜାଟ ବଢ଼ିଯିବ ଏହି କାରଖାନା ସ୍ଥାପନ ସମ୍ପର୍କରେ ଉଲ୍ଲେଖ କରିବା ପୂର୍ବରୁ ଏଠାରେ କହି ରଖିବା ଉଚିତ ଯେ, ଭାରତର ପ୍ରାୟ ଚାରିଭାଗ ଲୋକ ଓଡ଼ିଶାରେ ବସବାସ କରୁଥିଲା ବେଳେ ଏଠାରେ ପ୍ରାୟ ତିନି ଭାଗ ରେଳପଥ ରହିଛି । ଓଡ଼ିଶାରେ ବ୍ରିଟିଶ ରାଜତ୍ୱ କାଳରେ ପ୍ରାୟ ହଜାରେ କିଲୋମିଟର ରେଳପଥ ନିର୍ମିତ ହୋଇଥିବା ସ୍ଥଳେ ସ୍ୱାଧୀନତା ପରେ ଏଯାବତ୍ ପ୍ରାୟ ଆଉ ହଜାରେ କିଲୋମିଟର ରେଳପଥ ନିର୍ମିତ କାର୍ଯ୍ୟ ଶେଷ ହେଲେ ଏହି ଦୈର୍ଘ୍ୟ ଆହୁରି ବଢ଼ିଯିବ । କିନ୍ତୁ ରେଳପଥର ସଂପ୍ରସାରଣ ଆଶାନୁରୂପ ହୋଇ ନଥିବା ବେଳେ ଓଡ଼ିଶାରେ ରେଳବାଇର ପ୍ରଶାସନିକ ବ୍ୟବସ୍ଥା ଓ କାରଖାନା ପ୍ରତିଷ୍ଠା ମଧ୍ୟ ଆଶାନୁରୂପ ହୋଇ ନାହିଁ । ରେଳବାଇ ଗୋଟିଏ ବିରାଟ ସଂସ୍ଥା ଏବଂ ଏହାର ବହୁ ବିଭାଗର କାର୍ଯ୍ୟପଦ୍ଧତି ମଧ୍ୟ ସ୍ୱତନ୍ତ୍ର । ତେଣୁ ଏହାର ରକ୍ଷଣାବେକ୍ଷଣ ସକାଶେ ପ୍ରଶିକ୍ଷଣପ୍ରାପ୍ତ କୁଶଳୀ କାରୀଗର ଓ ଶହ ଶହ ଓଡ଼ିଆ ପ୍ରଶିକ୍ଷଣପ୍ରାପ୍ତ ଯୁବକ କର୍ମସଂସ୍ଥାନର ଅପେକ୍ଷା କରୁଥିଲା ବେଳେ ଦିନେ ମୋତେ ଫୋନ କରି ରେଳବାଇର ମୁଖ୍ୟ ମେକାନିକାଲ ଇଂଜିନିୟର ପ୍ରେମନାଥ ଲୁଥର ଜଣାଇଲେ ଯେ, ଯଦି ରାଜ୍ୟ ସରକାର ସହଯୋଗ କରନ୍ତି, ଭୁବନେଶ୍ୱରଠାରେ ଗୋଟିଏ ଯାତ୍ରୀବାହୀ ଡ଼ବା ମରାମତି କାରଖାନା ସ୍ଥାପନ କରାଯାଇପାରେ ।

ଜେନେରାଲ ମ୍ୟାନେଜର ମାନୁଏଲ୍ ମେନେଜିସ୍ ମୋତେ କହିଲେ ମୁଖ୍ୟଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ସଂପର୍କରେ ଆଲୋଚନା କରି ରାଜ୍ୟ ସରକାରଙ୍କ ମତାମତ ଜଣାଇବା ପାଇଁ । ଏହି କାରଖାନା ପ୍ରତିଷ୍ଠା ଓ କର୍ମଚାରୀମାନଙ୍କ ପାଇଁ ଆବାସ ନିର୍ମାଣ ପାଇଁ ପ୍ରାୟ ୩୫୦ ଏକର ଜମି ଆବଶ୍ୟକ ଏବଂ ଏହି ଜମି ମାଗଣାରେ ରାଜ୍ୟ ସରକାର ଯୋଗାଇ ଦେବା ନିମନ୍ତେ ରାଜି ହେବା ଦରକାର ।

Digitized by srujanika@gmail.com

ସେତେବେଳେ ମୁଁ ଛଟଣୀରେ ରେଳବାଇ ଡ଼ିଭିଜନର ସୁପରିଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରୁଥିଲି । ତେଣୁ ହେଡ୍‌କ୍ୱାର୍ଟରସ୍‌ରୁ ଉପରୋକ୍ତ ସଂକେତ ପାଇ ମୁଁ ସେତେବେଳର ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କଲି । ସେ କହିଲେ ମୁଖ୍ୟମନ୍ତ୍ରୀଙ୍କ ସହିତ ପରାମର୍ଶ କରିବା ପାଇଁ । ମୁଁ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ସହିତ ସାକ୍ଷାତ କରି ସବୁ ବିଷୟ କହିଲି । ଏହି କାରଖାନ ପ୍ରତିଷ୍ଠା ହେଲେ କେବଳ ଆଇ.ଟି.ଆଇ. ପାସ୍ କରିଥିବା ପ୍ରାର୍ଥୀମାନଙ୍କର ନିଯୁକ୍ତିର ସମ୍ଭାବନା ଉଜ୍ଜ୍ୱଳ ହେବନାହିଁ । ପରୋକ୍ଷରେ ଓଡ଼ିଶା ବହୁ ଭାବରେ ଉପକୃତ ହେବ । ସେ ଖୁସି ହୋଇ କହିଲେ ତାଙ୍କ ସରକାର ତିନିଶହ ଏକର ଜମି ମାଗଣାରେ ଯୋଗାଇଦେବ । ମୋଠାରୁ ଏହି ସୂଚନା ପାଇ ରେଳବାଇ ହେଡକ୍ୱାଟର୍ସ ରେଳବାଇ ବୋର୍ଡକୁ ଜଣାଇଲେ ଏବଂ ଏହି କାରଖାନା ପଡ଼ୋଶୀ ରାଜ୍ୟରେ ସ୍ଥାପନ କରିବା ପାଇଁ ପ୍ରବଳ ଚାପ ପଡ଼ିବା ସତ୍ତ୍ୱେ ଶେଷରେ ଭୁବନେଶ୍ୱରଠାରେ କାରଖାନା ପ୍ରତିଷ୍ଠା କରିବା ପାଇଁ ସରକାର ସ୍ଥିର କଲେ । କିନ୍ତୁ ବିନା ମୂଲ୍ୟରେ ଜମି ଯୋଗାଇଦେବାର ସିଦ୍ଧାନ୍ତ ଗ୍ରହଣ କରିବା ପୂର୍ବରୁ ମନ୍ତ୍ରିମଣ୍ଡଳର ପରିବର୍ତ୍ତନ ହେଲା ଏବଂ ବିନାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ହେଲେ । ସେ ମଧ୍ୟ ଏଥିରେ ସହମତ ହେଲେ, କିନ୍ତୁ ନିଷ୍ପତ୍ତି ନେବା ପୂର୍ବରୁ ରାଷ୍ଟ୍ରପତି ଶାସନ ଜାରି ହେଲା । କେତେଜଣ ପ୍ରଭାବଶାଳୀ ମନ୍ତ୍ରୀ ଓ ନେତା ଏତେ ଜମି ବିନାମୂଲ୍ୟରେ ଦବା ପ୍ରସ୍ତାବକୁ ବିରୋଧ କରିବାରୁ ନିଷ୍ପତ୍ତି ନେବାରେ ବିଳମ୍ବ ହେଲା । ମୁଁ ଥରେ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କୁ କହିଥିଲି ଯେ, ଏଇ ଜମି ପଡ଼ିଆ ପଡ଼ିଥିବ । ରେଳବାଇ ପ୍ରକଳ୍ପଟି ହାତଛଡ଼ା ହୋଇଗଲେ ଓଡ଼ିଶା ଗୋଟିଏ ସୁଯୋଗ ହରାଇବ । ସେ ରାଜି ହେଲେ ଜମି ଦବା ପାଇଁ, କିନ୍ତୁ ସରକାର ନିଷ୍ପତ୍ତି ନେବା ପୂର୍ବରୁ ମନ୍ତ୍ରିମଣ୍ଡଳର ପତନ ଘଟିଲା ।

ଓଡ଼ିଶାର ରାଜ୍ୟପାଳ ହରଚରଣ ସିଂ ବ୍ରାର ଏବଂ ତାଙ୍କର ପରାମର୍ଶଦାତା ଏ.ଏନ୍ ମାଥୁର ସାହେବଙ୍କ ସହିତ ମୋର ଭଲ ସମ୍ପର୍କ ଥିଲା । ଦିନେ ମାଥୁର ସାହେବଙ୍କୁ ରାତ୍ରୀ ଭୋଜନ ପାଇଁ ନିମନ୍ତ୍ରଣ କଲି । ଓଡ଼ିଶାରେ ରେଳବାଇର ସଂପ୍ରସାରଣ ସଂପର୍କରେ ତାଙ୍କ ସହିତ ବିସ୍ତୃତ ଆଲୋଚନା ହେଲା । ସେ କହିଲେ ମୁଁ ଯଥାସାଧ୍ୟ ସାହାଯ୍ୟ କରିବି, ଏ ପ୍ରୋଜେକ୍ଟ ଯେମିତି ଆମ ହାତରୁ ଚାଲି ନ ଯାଏ ସେଥିପାଇଁ ଚେଷ୍ଟାକର । ରାଜ୍ୟପାଳ ଦିନେ ଆମନ୍ତ୍ରଣ କରିଥିଲେ ଏ ସମ୍ବନ୍ଧରେ ଆଲୋଚନା କରିବା ପାଇଁ । ଓଡ଼ିଶାରେ ଉଦ୍ୟମ ଅଭାବରୁ ବିପୁଳ ପ୍ରାକୃତିକ ସମ୍ପଦ କିପରି ଉପଯୋଗ ନ ହୋଇ ପଡ଼ିରହିଛି ତାହା ବର୍ଣ୍ଣନା କରି କହିଲେ- ହୋତା, ମୁଁ ଯଦି ଦଶଟି ପଞ୍ଜାବୀ ପରିବାରଙ୍କୁ ଆଣି ଚିଲିକାର ବାସିନ୍ଦା ଦିଅନ୍ତି ସେମାନେ ଦଶବର୍ଷରେ ଏହାର ଚେହେରା ବଦଳାଇ ଦିଅନ୍ତେ । କିନ୍ତୁ ମୁଁ କହିବା କ୍ଷଣି ମୋର ପଂଜାବୀ ପ୍ରୀତି ଆଞ୍ଚଳିକତା ସମ୍ବନ୍ଧରେ ପ୍ରଶ୍ନ ଉଠିବ । ମୁଁ ତାଙ୍କୁ ସମସ୍ତ ବିବରଣୀ ଦେଇ ଅନୁରୋଧ କଲି ରେଳଡ଼ବା ମରାମତି କାରଖାନା ପାଇଁ ଜମି ଯୋଗାଇଦେବା ଲାଗି । ଏଥିରେ ତାଙ୍କର ହୃଦ୍‌ବୋଧ ହେଲା ଏବଂ ସେ ତାଙ୍କ ସଚିବ ଅମୃତଲାଲ ନାୟାରଙ୍କୁ କହିଲେ ରାଜ୍ୟପାଳଙ୍କ କାଉନସିଲର ମିଟିଂ ଡାକିବା ପାଇଁ ।

Digitized by srujanika@gmail.com

ମୋତେ କହିଲେ ଚବିଶ ଘଣ୍ଟା ମଧ୍ୟରେ ତମେ ସରକାରୀ ନିଷ୍ପତ୍ତି ଶୁଣିବ । ତାହା ନ ହେବା ପର୍ଯ୍ୟନ୍ତ ଭୁବନେଶ୍ୱର ଛାଡ଼ି ଯାଅନାହିଁ । ମୁଁ ରହିଗଲି ରାଜଧାନୀରେ ରାଜ୍ୟପାଳଙ୍କ ପରାମର୍ଶଦାତାମାନଙ୍କର ବୈଠକ ବସିଲା ଏବଂ ରେଳଡ଼ବା ମରାମତି କାରଖାନା ପାଇଁ ମଞ୍ଚେଶ୍ୱରଠାରେ ତିନିଶହ ଏକର ଜମି ନାମକୁ ମାତ୍ର ମୂଲ୍ୟରେ ରେଳବାଇକୁ ଯୋଗାଇଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଠିକ୍ ଅଠଚାଳିଶ ଘଣ୍ଟା ପୂର୍ଣ୍ଣ ହେବା ପୂର୍ବରୁ ମୁଁ ମଧ୍ୟାହ୍ନ ଭୋଜନ କରୁଥିବାବେଳେ ସେତେବେଳର ଡାଇରେକ୍ଟର ଅପ ଇଷ୍ଟେଟ ମୋ ପାଖରେ ଉପସ୍ଥିତ ହୋଇ କହିଲେ, ଅସମୟରେ ଆସିଛି କିଛି ମନେ କରିବେ ନାହିଁ । କିନ୍ତୁ ରାଜ୍ୟପାଳଙ୍କ ଆଦେଶ ମାନିବାକୁ ହେବ । ଏହା କହି ତିନିଶହ ଏକର ଜମିଦବା ପାଇଁ ସରକାରୀ ନିଷ୍ପତ୍ତିର ନିର୍ଦ୍ଦେଶନାମା ସେ ମୋ ହାତକୁ ବଢ଼ାଇ ଦେଲେ । ମୁଁ ରାଜ୍ୟପାଳ ଓ ତାଙ୍କ ପରାମର୍ଶଦାତାମାନଙ୍କୁ ନମସ୍କାର କଲି ।

ଏହି ନିଷ୍ପତ୍ତି ରେଳବାଇ ମନ୍ତ୍ରଣାଳୟକୁ ଜଣାଇ ଦିଆଯିବା ପରେ ମଧ୍ୟପ୍ରଦେଶ ବିହାର ଓ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟରୁ ଏହି ପ୍ରୋଜେକ୍ଟ ନେବା ଲାଗି ଚାଲିଥିବା ପ୍ରତିଯୋଗିତା ଓ ଲବିର ଅବସାନ ଘଟିଲା । ୧୯୭୮ ମସିହାରେ କାରଖାନା ସ୍ଥାପନ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ରେଳବାଇମନ୍ତ୍ରୀ ମଧୁ ଦଣ୍ଡବତେ ଏବଂ ୧୯୮୨ରେ କାରଖାନା ଉଦ୍‌ଘାଟନ କଲେ ରେଳବାଇମନ୍ତ୍ରୀ କେଦାର ପାଣ୍ଡେ । ଶହ ଶହ ବେକାର ଓଡ଼ିଆ ଯୁବକ ନିଯୁକ୍ତି ପାଇଲେ କାରଖାନାରେ ।

ନିଜ ଜମିରୁ ଯେଉଁମାନଙ୍କୁ ଉଚ୍ଛେଦ କରାଗଲା ସେମାନଙ୍କ ପୁଅମାନଙ୍କୁ ଚାକିରି ମିଳିଲା । ଆପ୍ରେଣ୍ଟିସ୍ ଆଇନ ଅନୁସାରେ ସ୍ଥାନୀୟ ଯୁବକମାନଙ୍କୁ ପ୍ରଶିକ୍ଷଣ ଦ୍ୱାରା ନୂତନ ସୁଯୋଗ ସୃଷ୍ଟି ହେଲା । ଏବେ ଏହା ଏକ ବଡ଼ ୱାର୍କସପ ଭାବରେ ପରିଗଣିତ ।

ଏହାର ଭବିଷ୍ୟତର ସଂଭାବନା ଆହୁରି ଉଜ୍ଜ୍ୱଳ । ଆକାଶ ମାର୍ଗରୁ ଏବେ ଚାହିଁଲେ ମନୋରମ ଦିଶେ ଏଇ ସ୍ଥାନ ଏବଂ ମନେ ପଡ଼ିଯାଏ କେତେକ ମନ୍ତ୍ରୀ ଓ ନେତାଙ୍କର ନକାରାତ୍ମକ ମାନସିକତା ! ସୁଯୋଗ ସବୁବେଳେ ଆସେ ନାହିଁ । କିନ୍ତୁ ଯେତେବେଳେ ଆସେ ତାକୁ ଉପଯୋଗ କରିବାହିଁ ଦୂରଦୃଷ୍ଟି ଥିବା ବ୍ୟକ୍ତିର କାର୍ଯ୍ୟ ।

Digitized by srujanika@gmail.com

ଲୋକଙ୍କ ପ୍ରତ୍ୟାଶା

ବାଲେଶ୍ୱର ଅଞ୍ଚଳର ଲୋକମାନଙ୍କର ସଚେତନତା ଅଧିକ, ତେଣୁ ସେମାନେ ଭାବିବା ଯଥାର୍ଥ ଯେ ସେହି ଅଞ୍ଚଳରେ ରେଳବାଇ ପକ୍ଷରୁ ଯେତିକି କାମ କରାଯିବା ଦରକାର ତାହା କରା ହୋଇନାହିଁ । ରେଳବାଇ ଯେପରି ଏ ଅଞ୍ଚଳର ଜନତି ଓ ଯାତ୍ରୀମାନଙ୍କର ସୁଖ ସୁବିଧା ପ୍ରତି ଅଧିକ ଧ୍ୟାନ ଦିଏ ସେଥିପାଇଁ କେତେବର୍ଷ ଧରି ସେ ଅଞ୍ଚଳର ଲୋକ ପ୍ରତିନିଧିମାନଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଆସୁଛି । ବାଲେଶ୍ୱର ଦିନେ ଓଡ଼ିଶାର ଏକ ପ୍ରଧାନ ବାଣିଜ୍ୟ କେନ୍ଦ୍ର ଥିଲା । ଏଠାରେ ଯେଉଁ ବନ୍ଦର ଥିଲା ସେହି ବାଟ ଦେଇ ବାଣିଜ୍ୟ ବ୍ୟବସାୟ ଚାଲିଥିଲା । ସେହି କାରଣରୁ କଲିକତା ନଗରର ସ୍ଥାପୟିତା ଇଂରେଜ ବଣିକ ଜବ୍ ଚାରନକ୍ କଲିକତା ଯିବା ଆଗରୁ ପ୍ରଥମେ ଆସିଥିଲେ ବାଲେଶ୍ୱରକୁ । ବାଲେଶ୍ୱର ବନ୍ଦର ଦେଇ କିପରି ବ୍ୟବସାୟ ବାଣିଜ୍ୟ ଚାଲିଥିଲା ଫକୀର ମୋହନ ସେନାପତିଙ୍କ ଆତ୍ମ ଜୀବନୀରେ ତାହାର ସବିଶେଷ ଉଲ୍ଲେଖ ରହିଛି । ଜବ ଚାରନକ୍ ବ୍ୟବସାୟ କରିବାକୁ ଆସି ରାଜ୍ୟ ଜୟ କରିବାର ସ୍ୱପ୍ନ ଦେଖିଥିଲେ, ତେଣୁ ଆହୁରି ପ୍ରଶସ୍ତ ଓ ଅନୁକୂଳ ସ୍ଥାନର ସନ୍ଧାନ କରୁ କରୁ କଲିକତାରେ ୧୬୮୭ରେ ପହଞ୍ଚିଥିଲେ । ଖାଲି ବ୍ରିଟିଶ ବ୍ୟବସାୟୀ ନୁହନ୍ତି, ଫରାସୀ ଓ ପର୍ତ୍ତୁଗୀଜ ବ୍ୟବସାୟୀମାନେ ମଧ୍ୟ ବାଲେଶ୍ୱର ବନ୍ଦରରେ ବାଣିଜ୍ୟ ବ୍ୟବସାୟ କରୁଥିଲେ ।

ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତବର୍ଷରେ ବ୍ରିଟିଶ ଶାସନକୁ ମଜଭୁତ୍ କରିବା ଉଦ୍ଦେଶ୍ୟରେ ଇଂରେଜ ଶାସକମାନେ ପୂର୍ବ ଉପକୂଳ ଦେଇ କଲିକତା ସହିତ ମାଡ୍ରାଜ ଏବଂ ପଶ୍ଚିମରେ କଲିକତା ସହିତ ବମ୍ବେ ଏବଂ ଉତ୍ତରରେ କଲିକତା ସହିତ ଦିଲ୍ଲୀକୁ ରେଳପଥ ଯୋଗେ ସଂଯୁକ୍ତ କରିବା ପାଇଁ ପ୍ରୟାସ କରିଥିଲେ ଏବଂ ଉନବିଂଶ ଶତାବ୍ଦୀର ଶେଷ ପାଦ ବେଳକୁ ଏସବୁ ସ୍ଥାନ ରେଳପଥ ଦ୍ୱାରା ହାଓଡା ସହିତ ସଂଯୁକ୍ତ ହୋଇ ସାରିଥିଲା । ଖଡ଼ଗପୁରରୁ ବାଲେଶ୍ୱର ଓ ତା'ପରେ କଟକ, ଜଟଣୀ ଓ ପୁରୀ ଯାଏ ଏବଂ ଜଟଣୀର ବହ୍ମପୁର, ବିଜୟନଗରମ୍ ବାଟ ଦେଇ ମାଡ୍ରାଜ ପର୍ଯ୍ୟନ୍ତ ରେଳପଥ ନିର୍ମିତ ହେଲା । ଏହା ଫଳରେ ଓଡ଼ିଶାର ପୂର୍ବ ଓ ପଶ୍ଚିମାଞ୍ଚଳ ଭାରତର ଅନ୍ୟାନ୍ୟ ଅଞ୍ଚଳ ସହିତ ସଂଯୁକ୍ତ ହେଲା । ସୈନ୍ୟ ଚଳାଚଳ ଓ ପ୍ରଶାସନିକ ସୁବିଧା ଅଧିକ ସୁଦୃଢ଼ ହେବାରୁ

Digitized by srujanika@gmail.com

ବ୍ରିଟିଶ ସାମ୍ରାଜ୍ୟ ବିସ୍ତାର ଓ ବିଦେଶୀ ଶାସନ ବ୍ୟବସ୍ଥା ଶକ୍ତିଶାଳୀ ହୋଇଥିଲା । ତେଣୁ ଓଡ଼ିଶା ଅନ୍ୟ ଭାଗ ବ୍ରିଟିଶମାନଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ଆସିବା ଆଗରୁ ବାଲେଶ୍ୱର ବିଦେଶୀମାନଙ୍କ ସମ୍ପର୍କରେ ଆସି ସାରିଥିଲା । ବାଲେଶ୍ୱର ଅଞ୍ଚଳର ଲୋକମାନେ ଯେପରି ପ୍ରଥମେ ପରାଧୀନ ହୋଇଥିଲେ ସେହିପରି ସ୍ୱାଧୀନତା ସଂଗ୍ରାମରେ ପ୍ରଥମେ ଝାସ ଦେଇଥିଲେ । ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼େଇ କରି ଅସୀମ ଦେଶପ୍ରେମର ପରିଚୟ ଦେଇଥିଲେ ।

ବାଲେଶ୍ୱର କେବଳ ଏହି ଜିଲ୍ଲାର ନୁହଁ, ଓଡ଼ିଶାର ପୂର୍ବ ଓ ପଶ୍ଚିମାଞ୍ଚଳର ପ୍ରବେଶ ପଥ । ତେଣୁ ଓଡ଼ିଶାର ସ୍ୱାର୍ଥରକ୍ଷା କରିବା କାର୍ଯ୍ୟରେ ଏହା ଦୁର୍ଗ ପରି କାର୍ଯ୍ୟ କରିଆସିଛି । କିନ୍ତୁ ଏହା ସତ୍ତ୍ୱେ ବାଲେଶ୍ୱର ସହର ବା ସେହି ଅଞ୍ଚଳର ଉନ୍ନୟନ ପ୍ରତି ବିଶେଷ ଧ୍ୟାନ ଦିଆଯାଇ ନାହିଁ । ରେଳବାଇ ପକ୍ଷରୁ ଏହି ଅବହେଳା ଓ ଉପେକ୍ଷାର ଶିକାର ହୋଇ ଗମନାଗମନର ଅଧିକ ସୁବିଧା ସୁଯୋଗ ସକାଶେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ବାଲେଶ୍ୱର ଷ୍ଟେସନର ଅନୁଚ୍ଚ-ପ୍ଲାଟଫର୍ମକୁ ଉଚ୍ଚ କରିବା, ଷ୍ଟେସନ ଦୁଇପାଖରେ ଗଢି ଉଠିଥିବା ସହରର ଜନାକୀର୍ଣ୍ଣ ଅଂଶକୁ ଓଭରବ୍ରିଜ୍ ଦ୍ୱାରା ସଂଯୁକ୍ତ କରିବା, ଷ୍ଟେସନ ବାଟ ଦେଇ ସହରର ଉଭୟ ଅଂଶ ମଧ୍ୟରେ ପଥଚାରୀମାନଙ୍କ ଯାତାୟତର ସୁବିଧା ଲାଗି ଏକ ପାଦଚଲା ପୋଲ ତିଆରି କରିବା, ରେଳଷ୍ଟେସନର ନବୀକରଣ କରିବା ପ୍ରଭୃତି ଦାବି ସହିତ ନୁଣିଆ ଯୋଡ଼ି ପୋଲ ଉପରେ ଜନସାଧାରଣଙ୍କୁ ଯିବା ଆସିବା କରିବା ପାଇଁ ସୁବିଧା ଯୋଗାଇଦେବା ଦାବି ଥିଲା ପ୍ରଧାନ ।

ମୁଁ ଓଡ଼ିଶା ସରକାରଙ୍କ ଅଧିନରେ ରେଳ ସମନ୍ୱୟ କମିଶନର ଭାବେ କାର୍ଯ୍ୟ କରୁଥିଲା ବେଳେ ଏ ସବୁ ଦାବି ରେଳ ପ୍ରଶାସନକୁ ଜଣାଇଥିଲି । ସେତେବେଳର ଲୋକସଭା ସଦସ୍ୟ ଚିନ୍ତାମଣି ଜେନା, ବିଧାନସଭା ସଦସ୍ୟ ଅରୁଣ ଦେ ଓ ପୂର୍ବତନ ମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁ ପ୍ରମୁଖ ଲୋକ ପ୍ରତିନିଧିମାନେ ଏହିସବୁ ଦାବି ପୂର୍ଣ୍ଣ କରିବା ପାଇଁ ଦାବି ଓ ଆନ୍ଦୋଳନ କରୁଥିଲେ । ମଝିରେ ମଝିରେ ଅରୁଣ ଦେଙ୍କ ନେତୃତ୍ୱରେ ରେଳରୋକୋ ଆନ୍ଦୋଳନ ହେଉଥିଲା । ମୁଁ ଅତିରିକ୍ତ ଜେନେରାଲ ମ୍ୟାନେଜର ଭାବରେ ଥରେ ଗସ୍ତରେ ଯାଉଥିଲା ବେଳେ ମୋ ଗାଡିକୁ ନୁଣିଆଯୋଡ଼ି ପୋଲ ଉପରେ ଆନ୍ଦୋଳନକାରୀମାନେ ଅଟକାଇ ଦେଲେ ଏବଂ ଦାବି ପୂର୍ଣ୍ଣ ନ ହେବା ଯାଏ ଘେରାଉ କରି ରଖିବେ ବୋଲି ଧମକ ଦେଲେ । ସେହି ବାଟ ଦେଇ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ସେହି ଅଞ୍ଚଳର କେତେକ୍ଷଣ ଗ୍ରାମର ଲୋକମାନେ ରେଳପୋଲ ଉପର ଦେଇ ବାଲେଶ୍ୱର ସହରକୁ ଯିବା ଆସିବା କରୁଥିଲେ, ଅନ୍ୟପଥ ନଥିଲା । ରାତିରେ ପୋଲ ପାରି ହେଉଥିବା ବେଳେ ଦ୍ରୁତଗାମୀ ରେଳଗାଡ଼ି କବଳରୁ ରକ୍ଷା ନ ପାଇ କେତେଜଣ ମୃତ୍ୟୁମୁଖରେ ପଡ଼ିବାର ସମ୍ବାଦ ମଧ୍ୟ ମୁଁ ଜାଣିଥିଲି । ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ମଧ୍ୟ ସେମାନେ

Digitized by srujanika@gmail.com

ରେଳଲାଇନ ଉପରେ ବସି ରହିବାରୁ ଜିଲା ପ୍ରଶାସକଙ୍କୁ ଖବର ଦିଆଗଲା । କଲେକ୍ଟର ପ୍ରିୟବ୍ରତ ପଟ୍ଟନାୟକ ଓ ଏସ୍.ପି. ଯାଚକ୍ ଆସିଲେ ଏବଂ ପୁଣି ଆଲୋଚନା ଚାଲିଲା । ଶେଷରେ ସେମାନେ କହିଲେ ଯେ ଯଦି ପୋଲ ନିର୍ମାଣ କରିବା ପ୍ରସ୍ତାବ ରେଳବାଇ ଦ୍ୱାରା ଗୃହୀତ ହୁଏ ଏବଂ ୧୫ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ତିନିମାସରେ ଶେଷ କରାଯାଏ ତେବେ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିବେ । କଲେକ୍ଟରଙ୍କ ପ୍ରସ୍ତାବ ଅନୁସାରେ ସଭା ହେଲା ଏବଂ ରେଳବାଇ ପକ୍ଷରୁ ଯାହା କରିବା କଥା ତାହା ଘୋଷଣା କରିବା ପାଇଁ ସେ ଅନୁରୋଧ କଲେ । ମୁଁ କହିଲି- ଲୋକମାନଙ୍କର ଦାବି ଯୁକ୍ତିଯୁକ୍ତ, କିନ୍ତୁ ଏହି କାମ ମଞ୍ଜୁର ନ ହେଲେ ସରକାରୀ ନିୟମ ଅନୁସାରେ କାର୍ଯ୍ୟ ଆରମ୍ଭ କରିହେବ ନାହିଁ ଏଥିପାଇଁ ସଠିକ୍ କେତେ ଖର୍ଚ୍ଚ ହେବ ତାହା ଅଟକଳ ହୋଇନାହିଁ, ତଥାପି ପାଞ୍ଚ ଛଅ ଲକ୍ଷ ଟଙ୍କା ନିଶ୍ଚିତଭାବେ ଦରକାର ହେବ ଏବଂ ଏହା ବିଧିବଦ୍ଧ ଭାବେ ମଞ୍ଜୁର ହେବା ଦରକାର । ତେବେ ଗୋଟିଏ ପ୍ରତିଶ୍ରୁତି ଦେଇପାରେ ଯେ ପ୍ରଶାସନକୁ ଏହି କାର୍ଯ୍ୟ କରିବା ପାଇଁ ମୁଁ ପ୍ରବର୍ତ୍ତାଇବି କାରଣ ଏ ଅଞ୍ଚଳରେ ରେଳବାଇ ପକ୍ଷରୁ ଯାହା କରାଯିବା ଦରକାର ସେ ସବୁ ମଧ୍ୟରୁ ଏହା ଗୋଟିଏ ।

ଏହାପରେ କଲେକ୍ଟର ତାଙ୍କ ଭାଷଣରେ ମୋ ପ୍ରତିଶ୍ରୁତି ଗ୍ରହଣ କରି ଆନ୍ଦୋଳନ ପ୍ରତ୍ୟାହାର କରିନେବା ସକାଶେ ଅନୁରୋଧ କଲେ ଏବଂ ସେମାନେ ଶେଷରେ ରାଜିହେଲେ । ଦଶଘଣ୍ଟା ରେଳ ଚଳାଚଳ ବନ୍ଦ ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହେଲା । ମୋତେ ପୋଲ ମଝିରେ ଅଟକାଇ ଦେଇ ଅସୁବିଧାରେ ପକାଇଥିବାରୁ ନେତାମାନେ ଦୁଃଖ ପ୍ରକାଶ କଲେ ଏବଂ କହିଲେ ଯେ ଆନ୍ଦୋଳନ ଥରେ ଆରମ୍ଭ ହେଲେ ତାହା ଅନେକ ସମୟରେ ସଠିକ୍ ଭାବେ ନିୟନ୍ତ୍ରଣ କରିହୁଏ ନାହିଁ । ସେ ଯାହାହେଉ ମୋ ପ୍ରତିଶ୍ରୁତି ଅନୁସାରେ ମୁଁ କର୍ତ୍ତୃପକ୍ଷଙ୍କୁ କେବଳ ଯେ ପଥଚାରୀଙ୍କ ପାଇଁ ନୂଣିଆଯୋଡ଼ି ପୋଲ ତିଆରି କରିବା ପାଇଁ ପ୍ରବର୍ତ୍ତାଇ ପାରିଲି ତାହା ନୁହେଁ, ବାଲେଶ୍ୱର ଷ୍ଟେସନର ଅନୁଚ୍ଚ ପ୍ଲାଟଫର୍ମ ଉଚ୍ଚ କରିବା, ଷ୍ଟେସନର ଦୁଇ ପାର୍ଶ୍ୱକୁ ସଂଯୋଗ କରିବା ପାଇଁ ଓଭରବ୍ରିଜ୍ ନିର୍ମାଣ କରିବା, ଷ୍ଟେସନର ସମ୍ପ୍ରସାରଣ କରିବା ପ୍ରଭୃତି କାର୍ଯ୍ୟ ମଧ୍ୟ ମଞ୍ଜୁର କରାଇନେଇ ପାରିଲି । ଗଣତାନ୍ତ୍ରିକ ସମାଜରେ ପ୍ରଶାସନ ଲୋକମାନଙ୍କର ପ୍ରତ୍ୟାଶା ସମ୍ପୂର୍ଣ୍ଣ କରି ନ ପାରିଲେ ଏପରି ଆନ୍ଦୋଳନ ହୁଏ ଏବଂ ମୋ ବିଚାରରେ ହେବା ଉଚିତ ମଧ୍ୟ । କାରଣ ମୋ ମତରେ ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ ନିଜେ ଜନସାଧାରଣ, ପ୍ରଶାସକଗଣ ନୁହଁନ୍ତି । ଏବେ ବାଲେଶ୍ୱର ଷ୍ଟେସନ ଦେଇ ଯିବାବେଳେ ଏହାର ନୂଆ ରୂପ ଦେଖି ମୁଁ ଉତ୍‌ଫୁଲିତ ହୁଏ କାରଣ ଏହି ସବୁ ଉନ୍ନୟନମୂଳକ କାର୍ଯ୍ୟ ସହିତ ମୁଁ ସମ୍ପୃକ୍ତ ଥିଲି ଏବଂ ଏଥିରେ ଏକ କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିଲା ।

ସେହିପରି ରୂପ୍‌ସା-ବାଙ୍ଗିରିପୋଷି ରେଳପଥକୁ ଛୋଟରୁ ବଡ଼ ପଥ କରିବା ଲାଗି ମୁଁ ଗତ ପନ୍ଦରବର୍ଷ ଧରି ଚେଷ୍ଟା କରିଆସୁଛି । ଏହି ରେଳପଥ ମହାରାଜା ଶ୍ରୀ ରାମଚନ୍ଦ୍ର

Digitized by srujanika@gmail.com

ଭଞ୍ଜଙ୍କ ସମୟରେ ୧୯୦୫ରେ ନିର୍ମାଣ କରାଯାଇଥିଲା । ମୋ ଜନ୍ମସ୍ଥାନ ଏହି ଛୋଟ ରେଳପଥର ବୁଣମରା ଷ୍ଟେସନପାଖରେ ଥିବା ଗ୍ରାମ ଜଗନ୍ନାଥଖୁଣ୍ଟାରେ । କିନ୍ତୁ ଏହା ସତ୍ତ୍ୱେ ଅର୍ଥନୈତିକ ଦୃଷ୍ଟିରୁ ଏହା ଲାଭଦାୟକ ହେଉ ନଥିଲା ବୋଲି କେନ୍ଦ୍ର ସରକାର ରାଜି ହେଉ ନଥିଲେ । କିନ୍ତୁ ନେରୋଗେଜ ରେଳପଥ ସମୟର ଆବଶ୍ୟକତା ମେଣ୍ଟାଇ ପାରୁ ନଥିବାରୁ ଏହା କ୍ରମଶଃ ପରିତ୍ୟକ୍ତ ଅବସ୍ଥାକୁ ଆସିଯାଇଛି । ବହୁ ଉଦ୍ୟମ ଫଳରେ ଏବେ ଏହି ରେଳପଥକୁ ବଡ଼ ରେଳପଥରେ ପରିଣତ କରି ବାଦାମପାହାଡ଼ ଯାଏ ସମ୍ପ୍ରସାରିତ କରିବା ଲାଗି ରେଳବାଇ ମନ୍ତ୍ରଣାଳୟ ରାଜି ହୋଇଛନ୍ତି । ଖଡ଼ଗ୍‌ପୁର ଓ ଟାଟାନଗର ମଧ୍ୟରେ ଦୋହରା ରେଳପଥ ଅଛି, କିନ୍ତୁ ଚଳାଚଳର ବର୍ତ୍ତମାନ ଓ ଭବିଷ୍ୟତ ଆବଶ୍ୟକତାକୁ ଆଖିଆଗରେ ରଖି ଏଠାରେ ତୃତୀୟ ରେଳପଥ ନିର୍ମାଣ କରିବା ଦରକାର ପଡ଼ିବାରୁ ଏବଂ ତାହା ନକରି ବିକଳ୍ପ ବ୍ୟବସ୍ଥା ଭାବରେ ରୂପ୍‌ସା ବାଙ୍ଗିରିପୋଷି-ବାଦାମପାହାଡ଼, ଟାଟାନଗର ରେଳପଥ ହାତକୁ ନେବା ଲାଗି ଦକ୍ଷିଣ-ପୂର୍ବ ରେଳବାଇର ପ୍ରଶାସନ ସୁପାରିଶ କରିବାରୁ ଏବଂ ହାଉସ୍ କମିଟି ଏଥିପାଇଁ ଚାପ ଦେବାରୁ ଶେଷରେ ଏହା ଯେ ସମ୍ଭବ ହେବାକୁ ଯାଉଛି ତାହା କମ ଆନନ୍ଦର କଥା ନୁହେଁ । ଏହି ଅବସରରେ ପ୍ରସ୍ତାବିତ ରେଳପଥର ସର୍ଭେ କରିବା ସମୟରେ ଦୁର୍ଘଟଣାରେ କୁଳିଅଣା ନିକଟରେ ମୃତ୍ୟୁବରଣ କରିଥିବା ମୋ ବନ୍ଧୁ ଦତ୍ତଗୁପ୍ତଙ୍କୁ ମୁଁ ଆଜି ଶ୍ରଦ୍ଧାର ସହିତ ସ୍ମରଣ କରୁଛି ଏବଂ ମହାରାଜ ଶ୍ରୀ ରାମଚନ୍ଦ୍ରଙ୍କ ଦୂରଦୃଷ୍ଟିର ପ୍ରଶଂସା କଲାବେଳେ ଉଲ୍ଲେଖ କରୁଛି ଯେ ମଣିଷର ମୃତ୍ୟୁ ହୁଏ, କିନ୍ତୁ କୀର୍ତ୍ତିର ମୃତ୍ୟୁ ହୁଏ ନାହିଁ । କାଳ କୀର୍ତ୍ତିକୁ ବିଲୋପ କରିପାରିବ ନାହିଁ । ମୟୂରଭଞ୍ଜର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଯେ ଗମନାଗମନର ନବଯୁଗ ପ୍ରତ୍ୟକ୍ଷ କରିବ ଏଥିରେ ଆଉ ସନ୍ଦେହର ଅବକାଶ ନାହିଁ ।

Digitized by srujanika@gmail.com

କଳାହୀରାର କରାମତି

ରାଜନୀତିଜ୍ଞମାନଙ୍କ ମଧ୍ୟରେ ସ୍ପଷ୍ଟବାଦୀଙ୍କ ସଂଖ୍ୟା ଅତିକମ୍ । ଆହୁରି କମ ବୁଦ୍ଧିଜୀବୀ ଓ ସ୍ପଷ୍ଟବାଦୀ ରାଜନୀତିଜ୍ଞଙ୍କ ସଂଖ୍ୟା । ବସନ୍ତ ସାଠେ ଅତି ଅଳ୍ପସଂଖ୍ୟକ ସ୍ପଷ୍ଟବାଦୀ ବୁଦ୍ଧିଜୀବୀ ରାଜନୀତିଜ୍ଞଙ୍କ ମଧ୍ୟରୁ ଜଣେ ବୋଲି ମୋର ମତ । ନଅ/ଦଶବର୍ଷ ପୂର୍ବରୁ ସେ କୋଇଲା ବିଭାଗର ମନ୍ତ୍ରୀ ଥିବା ବେଳେ ଓଡ଼ିଶା ଗସ୍ତରେ ଆସିଥିଲେ । ତାଙ୍କ ସହିତ କୋଲ୍ ଇଣ୍ଡିଆର ଚେୟାରମ୍ୟାନ୍ ଏସ୍.ଏସ୍. ଗୁଜରାଲ ଓ କୋଇଲା ବିଭାଗର ସଚିବ ଆସିଥିଲେ । ଗସ୍ତ ସମୟରେ ସେମାନଙ୍କର ଦାୟିତ୍ୱ ଓଡ଼ିଶା ସରକାର ମୋ ଉପରେ ନ୍ୟସ୍ତ କରିଥିଲେ । ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ସହିତ ଆଳାପ ଆଲୋଚନା ପରେ ସେମାନଙ୍କୁ ନେଇ ମୁଁ ପୁରୀ ଗଲି । ବି.ଏନ୍.ଆର. ହୋଟେଲରେ ରାତ୍ରିଭୋଜନ ବ୍ୟବସ୍ଥା କରାଯାଇଥିଲା । ଶ୍ରୀଯୁକ୍ତ ସାଠେଙ୍କ ଡ଼ାହାଣରେ ବସିଥିଲେ କୋଇଲା ବିଭାଗର ସଚିବ ଓ ତାପରେ କୋଲ ଇଣ୍ଡିଆର ଚେୟାରମ୍ୟାନ୍ । ତାଙ୍କ ବାମରେ ବସିଥିଲେ ଶ୍ରୀମତୀ ସାଠେ ଏବଂ ତା ପରେ ମୁଁ । ଅନ୍ୟାନ୍ୟ ଆମନ୍ତ୍ରିତ ବ୍ୟକ୍ତି ଆମ ସାମ୍ନାରେ ବସିଥିଲେ । ଦେଶର ଅବସ୍ଥା ସଂପର୍କରେ କଥାବାର୍ତ୍ତା ଚାଲିଥିଲା ବେଳେ ଶ୍ରୀ ସାଠେ କହିଲେ ଶାସନ ଓ ଦଳର ଶୃଙ୍ଖଳା ଭିତରେ ଶ୍ୱାସରୁଦ୍ଧ ହୋଇଗଲାଣି ମଣିଷ । ଅଥଚ ସମସ୍ତେ ଜାଣନ୍ତି ଯେ ଗଣତନ୍ତ୍ରର ସଫଳତା ପାଇଁ ନିର୍ଭୀକ ନିରପେକ୍ଷ ମୁକ୍ତ ମତ ପ୍ରକାଶ ସର୍ବାଦୌ ଆବଶ୍ୟକ । ଏଥିପାଇଁ ତ ସମ୍ବିଧାନରେ ମୁକ୍ତ ମତ ପ୍ରକାଶକୁ ମୌଳିକ ଅଧିକାରଭୁକ୍ତ କରାଯାଇଛି । କିନ୍ତୁ ଏଇ ରାଜନୀତିଜ୍ଞମାନେ ଯାହା କହନ୍ତି ତାହା କରନ୍ତି ନାହିଁ । କହିବା ଓ କରିବା ମଧ୍ୟରେ ସେଥିପାଇଁ ପାର୍ଥକ୍ୟ ବଢ଼ି ଚାଲିଛି । ସମାଜବାଦୀ ଶାସନ ଆମ ଦେଶ ପାଇଁ ଆବଶ୍ୟକ ବୋଲି ଯେଉଁମାନଙ୍କର ମତ ସେମାନେ ସମାଜବାଦ କ'ଣ ଜାଣନ୍ତି ନାହିଁ କିମ୍ବା ସେଥିରେ ସେମାନଙ୍କର ବିଶ୍ୱାସ ନାହିଁ । ମନ୍ତ୍ରୀମାନେ ଛଳନାର ଅବତାର । ସର୍ବଜ୍ଞ ଓ ସବ୍‌ଜାନ୍‌ତା । ସାହିତ୍ୟ, ସମାଜବିଜ୍ଞାନ, ଆଣବିକ ଅସ୍ତ୍ର, ପରିବାର ପରିକଳ୍ପନା, ମତ୍ସ୍ୟଚାଷ ଓ ଦର୍ଶନ ସବୁଥିରେ ସେମାନେ ଭାଷଣ ଦେଇ ପାରନ୍ତି । ଫଳରେ ଜ୍ଞାନର ଗରିମା ବା ଯୋଗ୍ୟତାର ମହତ୍ତ୍ୱ ରହୁନାହିଁ ।

ତାଙ୍କ ସ୍ପଷ୍ଟବାଦିତା ଓ ନିର୍ଭୀକ ମୁକ୍ତ ମତ ପ୍ରକାଶ ଆମକୁ ଆଶ୍ଚର୍ଯ୍ୟ କରି ଦେଇଥିଲା । ଆମକୁ ଆହୁରି ଆଶ୍ଚର୍ଯ୍ୟ କରି ସେ କହିଥିଲେ ଯେ, ପ୍ରଶାସନିକମାନେ ସବୁ ବିଷୟରେ

Digitized by srujanika@gmail.com

ନିରପେକ୍ଷ, ନିର୍ଭୀକ ମତ ପ୍ରଦାନ କରିବା ଉଚିତ । ଏହାଛଡ଼ା ଧର୍ମ, ସାଂପ୍ରଦାୟିକତା, ଜାତିଭେଦ, ଆଞ୍ଚଳିକତା କିପରି ବିଚାର ବିଭ୍ରାଟର କାରଣ ହେଉଛି ତାହା ଆଲୋଚିତ ହୋଇଥିଲା । ଆଲୋଚନା ବେଳେ ଓଡ଼ିଶାର କୋଇଲା ଖଣି ମାନଙ୍କରୁ ଉତ୍ତୋଳିତ କୋଇଲା ଦେଶର ତାପଜ ବିଦ୍ୟୁତକେନ୍ଦ୍ର ଓ ଶିଳ୍ପମାନଙ୍କୁ ଯୋଗାଇଲା ବେଳେ ଓଡ଼ିଶାର ଶିଳ୍ପମାନଙ୍କୁ କୋଇଲା ଯୋଗାଣରେ ପ୍ରାଧାନ୍ୟ ମିଳିବା ଉପରେ ମଧ ମୁଁ ଗୁରୁତ୍ୱ ଆରୋପ କରିଥିଲି । କହିବା ବାହୁଲ୍ୟ ଯେ, ସେତେବେଳେ ଦେଶର ବିଭିନ୍ନ ସ୍ଥାନରେ କୋଇଲା ଅଭାବ ମଧ୍ୟେ ମଧ୍ୟେ ଅନୁଭୂତ ହେଉଥିଲେ ମଧ, ତାଳଚେର କୋଇଲାଖଣି ଓ ଇବ ଉପତ୍ୟକା କୋଇଲାଖଣିରୁ ଓଡ଼ିଶାର ଶିଳ୍ପମାନଙ୍କୁ ଚାହିଦାର ୮୫ ରୁ ୯୦ ଭାଗ କୋଇଲା ଯୋଗାଇ ଦିଆଯାଇ ପାରୁଥିଲା ।

ଏହି ଆଲୋଚନା ସମୟରେ କେତେମାସ ପୂର୍ବରୁ କୋଇଲା ଉତ୍ପାଦନ, ପରିବହନ ଓ ଯୋଗାଣ ସଂପର୍କରେ କେନ୍ଦ୍ରସରକାରଙ୍କୁ ମିଳିଥିବା ବିଭିନ୍ନ ଆପତ୍ତି ଅଭିଯୋଗ ସମ୍ବନ୍ଧରେ ସତ୍ୟାସତ୍ୟ ଜାଣି ସମାଧାନର ସୂତ୍ର ବାହାର କରିବା ପାଇଁ କ୍ୟାବିନେଟ ସେକ୍ରେଟାରିଏଟର ସମନ୍ୱୟ ବିଭାଗ ଦାୟିତ୍ୱରେ ଥିବା ସଚିବ ଉଦୟ ଚନ୍ଦ୍ର ଅଗ୍ରୱାଲ ଆସିଥିଲେ ଓଡ଼ିଶା ପରିଦର୍ଶନରେ । ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଓଡ଼ିଶାର ତାଳଚେର ଓ ଇବ୍ ଉପତ୍ୟାକାରେ ଯଥାକ୍ରମେ ୩୮ ହଜାର ନିୟୁତ ଓ ୩୦ ହଜାର ନିୟୁତ ଟନ କୋଇଲା ଗଚ୍ଛିତ ଅଛି ଏବଂ ଉଭୟ ଅଂଚଳର ସଂଲଗ୍ନ ବିସ୍ତୃତ ଇଲାକାରେ ପ୍ରଭୂତ ଜାଳେଣି କୋଇଲା ଗଚ୍ଛିତ ଥିବା ପ୍ରାଥମିକ ସର୍ଭେରୁ ଜଣାପଡ଼ିଛି । ଏବେ ପ୍ରାୟ ପ୍ରତିବର୍ଷ ଦୁଇ ଅଂଚଳରୁ କୋଡ଼ିଏ ନିୟୁତ ଟନ କୋଇଲା ଉତ୍ପନ୍ନ ହେଉଛି ଏବଂ ଏହି ଶତାବ୍ଦୀ ଶେଷକୁ ତାହା ତିରିଶ ନିୟୁତ ବା ପଇଁତିରିଶ ନିୟୁତରେ ପହଞ୍ଚିବ । ଏହି କୋଇଲା ତାପଜ ବଦ୍ୟୁତକେନ୍ଦ୍ର ଓ ଶିଳ୍ପ ସଂସ୍ଥାମାନଙ୍କୁ ରେଳପଥରେ ସିଧା ବା ପାରାଦୀପ ଓ ଗୋପାଳପୁର ବନ୍ଦର ଦେଇ ଦକ୍ଷିଣଭାରତର ତାପଜ ବିଦ୍ୟୁତ୍‌କେନ୍ଦ୍ର ସଂସ୍ଥାକୁ ପଠାଯାଇପାରେ । ଏହି ପରିପ୍ରେକ୍ଷୀରେ କେବଳ ତାଳଚେର ସମ୍ବଲପୁର ରେଳପଥର ନିର୍ମାଣ ଅତ୍ୟାବଶ୍ୟକ ନୁହେଁ, ଟିଟିଲାଗଡ଼ ଠାରୁ ବିଜୟନଗରମ୍ ପର୍ଯ୍ୟନ୍ତ ରେଳପଥ ଓ ତାଳଚେର-କଟକ-ପାରଦୀପ ରେଳପଥକୁ ଦୋହରା କରିବା ଏବଂ ଉଭୟ ପାରାଦୀପ ଓ ଗୋପାଳପୁର ବନ୍ଦରରେ ଅଧିକ ପରିବହନ କ୍ଷମତା ସୃଷ୍ଟି କରିବା ମଧ ଅଗ୍ରାଧିକାର ଦାବି କରେ । ଓଡ଼ିଶାର କୋଇଲା କେବଳ ଓଡ଼ିଶାର ନଗର ଓ ଗ୍ରାମକୁ ଆଲୋକିତ ଓ ଶିଳ୍ପ ସଂସ୍ଥାଗୁଡ଼ିକ ଶକ୍ତି ଯୋଗାଇବାରେ ସାହାଯ୍ୟ କରୁନାହିଁ, ଦକ୍ଷିଣ ଭାରତର ଶିଳ୍ପ ଓ ଶକ୍ତି କେନ୍ଦ୍ରଗୁଡ଼ିକୁ ମଧ ଜାଳେଣି ଯୋଗାଇଦେଇ ଦେଶର ଅର୍ଥନୈତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଓଡ଼ିଶାର କୋଇଲାଖଣିମାନଙ୍କରେ କାମ କରୁଥିବା ହଜାର ହଜାର ଶ୍ରମିକ ଓଡ଼ିଶାର ଜନସଂଖ୍ୟାର ଏକ ଅଭିନ୍ନ ଅଂଶ । ପୁଣି ଅର୍ଥନୈତିକ ପ୍ରଗତିରେ କୋଇଲା ଖଣିମାନଙ୍କର ଅବଦାନ ମଧ

Digitized by srujanika@gmail.com

ମହତ୍ୱପୂର୍ଣ୍ଣ । ଅଥଚ ଦୁଃଖର ବିଷୟ ଏହି ଯେ, ଏପରିକି ଶିକ୍ଷିତ ଓ ବୁଦ୍ଧିଜୀବି ଓଡ଼ିଆମାନେ ଆମର ଏଇ ସଂପଦ ଓ ଏହାର ଉପଯୋଗିତା ସଂପର୍କରେ ପ୍ରାୟ ଅଜ୍ଞ କହିଲେ ଚଳେ । ସେହିପରି କୋଇଲା ଖଣି ସମେତ ଅନ୍ୟାନ୍ୟ ଖଣି ଅଂଚଳର ଜୀବନଯାତ୍ରାର ପ୍ରଭାବ ଓଡ଼ିଆ ସାହିତ୍ୟରେ ଉପେକ୍ଷିତ ହୋଇ ରହିଛି ।

ଏହି ପ୍ରସଙ୍ଗରେ ଲେଖୁଥିଲା ବେଳେ ମନେ ପଡ଼ିଲା କୋଇଲା ଉତ୍ପାଦନ, ପରିବହନ ଓ ବଣ୍ଟନ ନେଇ ଯେଉଁ ସମସ୍ୟା ଦେଖାଦେଇଥିଲା ୧୯୮୧/୮୨ ଓ ତା ପରେ । ସେତେବେଳେ ଉତ୍ପାଦନ କ୍ଷମତା ଅପେକ୍ଷା କୋଇଲାର ଆବଶ୍ୟକତା ଅଧିକ ଥିଲା, ତେଣୁ ଉତ୍ପାଦିତ କୋଇଲା ବଣ୍ଟନ ଓ ପରିବହନ ନେଇ ନାନାଦି ଜଟିଳତା ସୃଷ୍ଟି ହେଉଥିଲା । ଅଗ୍ରୱାଲ ସାହେବଙ୍କ ସହିତ ତାଳଚେର ଯାଇ ତାଙ୍କୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବାରେ ସାହାଯ୍ୟ କରିବା ପାଇଁ ମୋତେ ଓଡ଼ିଶା ସରକାର ପଠାଇଥିଲେ । କାରଣ କୋଇଲା ଖଣିର କାର୍ଯ୍ୟ, ଏହାର ଉତ୍ପାଦନ, ପରିବହନ ଓ ବଣ୍ଟନ ସମ୍ବନ୍ଧରେ ଓଡ଼ିଶା ସରକାରଙ୍କ କୌଣସି ବିଭାଗରେ ସଂପୂର୍ଣ୍ଣ ତଥ୍ୟ ନଥିଲା ଏବଂ ଏବେ ମଧ୍ୟ ନାହିଁ । ତେଣୁ ରେଳବାଇ ସମନ୍ୱୟ କମିଶନର ଏ କାର୍ଯ୍ୟ କରିଥାନ୍ତି । ଶିଳ୍ପବିଭାଗ ନିର୍ଦ୍ଦେଶକ ବଡ଼ ଓ ମଧ୍ୟମ ଧରଣର ଶିଳ୍ପକୁ କୋଇଲା ଯୋଗାଣ ବିଷୟ କହୁଥିଲା ବେଳେ ଯୋଗାଣ ବିଭାଗ ସାଧାରଣ ଖାଉଟି ଓ ଇଟା ନିର୍ମାଣ କାରୀମାନଙ୍କୁ କୋଇଲା ଯୋଗାଣ ବିଷୟ ବୁଝାନ୍ତି । ଖଣି ନିର୍ଦ୍ଦେଶାଳୟ କୋଇଲା ଖଣିର ଅବସ୍ଥାନ ଓ ଉତ୍ପାଦନ ସମ୍ବନ୍ଧରେ ସାଧାରଣ ତଥ୍ୟ ରଖୁଥିଲା ବେଳେ ତାପଜ ବିଦ୍ୟୁତ୍ ଶକ୍ତି କେନ୍ଦ୍ର ସବୁ କୋଇଲା କମ୍ପାନୀରୁ ସିଧା କୋଇଲା କିଣନ୍ତି । କିନ୍ତୁ କୋଇଲାର ପରିବହନ ଓ ବଣ୍ଟନ ଦାୟିତ୍ୱ ରେଳବାଇର । ରାଜ୍ୟରେ ଶିଳ୍ପନୁଷ୍ଠାନ ଗଢ଼ି ଉଠୁଥିବାରୁ ଏବଂ ଭବିଷ୍ୟତରେ କୋଇଲା ବ୍ୟବହାର କରୁଥିବା ତାପଜ ଶକ୍ତି କେନ୍ଦ୍ରମାନଙ୍କର ସଂପ୍ରସାରଣ ଓ ନୂତନ କେନ୍ଦ୍ର ସବୁ ସ୍ଥାପିତ ହେବାର ଉଜ୍ଜ୍ୱଳ ସଂଭାବନା ଥିବାରୁ ଏ ସଂପର୍କରେ ସରକାରୀ କାର୍ଯ୍ୟରେ ଅଧିକ ସମନ୍ୱୟ ଓ ସଂହତି ଆବଶ୍ୟକ । ଅଗ୍ରୱାଲ ସାହବଙ୍କ ସହିତ ଏସ.ସି.ସି.ଏଲର(ଦକ୍ଷିଣ କେନ୍ଦ୍ର କୋଇଲା ଲିମିଟେଡ଼) ଚେୟାରମ୍ୟାନ ଏବଂ ପରିଚାଳନା ନିର୍ଦ୍ଦେଶକ ୱାଧେର ସାହେବ ଓ ମୁଁ ଗଲୁ ତାଳଚେର । ବାଟରେ କୋଇଲା ଉତ୍ପାଦନ, ପରିବହନ ଓ ବଣ୍ଟନ ସମ୍ବନ୍ଧରେ ମୁଁ ଆବଶ୍ୟକ ତଥ୍ୟ ତାଙ୍କୁ ଦେଇଥିଲି । କୋଇଲା ସହିତ ପଥର ଦିଆଯାଉଥିବାର ବହୁ ଅଭିଯୋଗ ପାଇଥିଲେ ସେ । ଜେନେରାଲ ମ୍ୟାନେଜରଙ୍କ ଅଫିସରେ ଆଲୋଚନା ପରେ ଅଗ୍ରୱାଲ ସାହେବ ସରଜମିନ ପାଇଁ ଗଲେ ଏବଂ କୋଇଲା କମ୍ପାନୀ ପକ୍ଷରୁ ଦିଆଯାଉଥିବା ବିବରଣୀ ଯେ ସତ୍ୟ ନୁହେଁ, ଏହା ସରଜମିନରୁ ଜଣା ପଡ଼ିଲା । ଏସ.ସି.ସି.ଏଲ.ର ଚେୟାରମ୍ୟାନ ମୋତେ କହିଲେ, ହୋତା ସାହେବ, ଆପଣ ମୋତେ ଅସୁବିଧାରେ ପକାଇଦେଲେ । ମୁଁ ମିଛୁଆ ପ୍ରମାଣିତ ହେଲି । ମୁଁ ଦୁଃଖ ପ୍ରକାଶ କରି କହିଲି ଯେ, ପ୍ରକୃତ ତଥ୍ୟ ଯୋଗାଇବା ବ୍ୟତୀତ ମୋର ଅନ୍ୟଗତି

Digitized by srujanika@gmail.com

ନଥିଲା । ଓଡ଼ିଶାର ସ୍ୱାର୍ଥ ରକ୍ଷା କରିବା ପାଇଁ ମୁଁ ଅଂଗୀକାରବଦ୍ଧ । ସେଇ ସମୟରେ ରାଜ୍ୟ ସରକାରଙ୍କ ଦାବି ଫଳରେ ରାଉରକେଲାର କୁମାରମୁଣ୍ଡା କଟକ ନିକଟସ୍ଥ ନିର୍ଗୁଣ୍ଡି, ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁରଠାରେ ଛୋଟ ଛୋଟ ଶିଳ୍ପାନୁଷ୍ଠାନ ଓ ଖାଉଟିମାନଙ୍କ ପାଇଁ କୋଇଲା ଗୋଦାମ ଖୋଲାଯାଇଥିଲା । ସେଠାରେ ମଧ୍ୟ ଦୁର୍ନୀତି ପ୍ରବେଶ କରିବାରୁ ଓ ଏହାର ସତ୍ୟତା ସମ୍ବନ୍ଧରେ ଶିଳ୍ପ ସମୂହର ପ୍ରତିନିଧିମାନଙ୍କଠାରୁ ଅଭିଯୋଗ ଶୁଣିବାପରେ ସେଥିରେ ମୋର ହୃଦବୋଧ ହେବାରୁ କୋଲ ଇଣ୍ଡିଆର ଚେୟାରମ୍ୟାନଙ୍କ ପାଖରେ ଅଭିଯୋଗ କରି ଏ ବିଷୟରେ ବିହିତ କାର୍ଯ୍ୟ କରାଯାଇଥିଲା ଏବଂ କୋଲଇଣ୍ଡିଆର କେତେକ ଅଫିସରଙ୍କୁ ବଦଳି ମଧ୍ୟ କରାଯାଇଥିଲା ।

କୋଇଲା ଏକ ସାଧାରଣ ଖଣିଜ ହୋଇଥିଲେ ହେଁ ଜାଳେଣି ଓ ଶକ୍ତି ଉତ୍ପାଦକ ଭାବରେ ଏହା ଜଗତ ପ୍ରସିଦ୍ଧ । ଏହାର ମୂଲ୍ୟ ମଧ୍ୟ ବେଶୀ ନୁହେଁ । କିନ୍ତୁ ତଥାପି ଉପକାରିତା ଓ ଉପଯୋଗୀତା ଦୃଷ୍ଟିରୁ ଏହା ଏକ ଦୁର୍ମୂଲ୍ୟ ପଦାର୍ଥ ଭାବରେ ପରିଚିତ । ସେଥିପାଇଁ କଳାକୋଇଲା କଳାହୀରା(ବ୍ଲାକ ଡ଼ାଇମଣ୍ଡ) ଭାବରେ ପ୍ରସିଦ୍ଧ । କୋଇଲା ଖଣିର କାର୍ଯ୍ୟ ପ୍ରଣାଳୀ ଜଟିଳ ଓ ବ୍ୟୟ ସାପେକ୍ଷ । ଦୁଇ ପ୍ରକାର କୋଇଲା ଖଣିରୁ କୋଇଲା ଉତ୍ତୋଳନ କରାଯାଏ । ଭୂମି ଉପରେ ଖଣି ବା ଓପନ କଷ୍ଟ ମାଇନ୍ସ ଏବଂ ଭୂତଳ ଖଣି ବା ଅଣ୍ଡର ଗ୍ରାଉଣ୍ଡ ମାଇନ୍ସ ତାଳଚେର ବା ଅନ୍ୟାନ୍ୟ ଅଂଚଳରେ ଥିବା ଭୂତଳ ଖଣି ୧୦୦୦ରୁ ୩୦୦୦ବା ତା ଠାରୁ ଆହୁରି ଗଭୀର । ଲିଫ୍ଟରେ ତଳକୁ ଯିବାର ବ୍ୟବସ୍ଥା ଅଛି । କୋଇଲା ଖଣିକୁ ଯିବା ପୂର୍ବରୁ ନିରାପତ୍ତା ଦୃଷ୍ଟିରୁ ହେଲମେଟ ଲଗାଇବାକୁ ପଡ଼େ । ଫାରାଡ଼େ ଲ୍ୟାମ୍ପ ହାତରେ ନେଇ ଯିବାକୁ ହୁଏ । ଭିତରେ କୋଇଲା କାଟି କାଟି ଯେଉଁ ରାସ୍ତା ତିଆରି ହୁଏ ସେଠାରେ ରେଳଲାଇନ ପକାଇ ଟ୍ରଲି ସାହାଯ୍ୟରେ କୋଇଲା ଉପରକୁ ପଠାଯାଏ । ଭୂଗର୍ଭ ଜଳ ପ୍ରବାହକୁ ପମ୍ପ କରି ବାହର କରି ଦିଆଯାଏ ଏବଂ ଖାଲି ହେଉଥିବା ସ୍ଥାନ ବାଲିଦ୍ୱାରା ଭର୍ତ୍ତି କରାଯାଏ । ବିସ୍ଫୋରଣ ବା ଜଳପ୍ଲାବନ ଦ୍ୱାରା ଭୂଗର୍ଭସ୍ଥ କୋଇଲା ଖଣିରେ ଭୟଙ୍କର ବିପଦ ସୃଷ୍ଟି ହୁଏ ଏବଂ ଏହା ବହୁଶ୍ରମିକଙ୍କ ପ୍ରାଣନାଶର କାରଣ ହୋଇଥାଏ । ସେଥିପାଇଁ ଶ୍ରମିକ ବା ଇଂଜିନିୟର ଭୂଗର୍ଭକୁ ଗଲେ ଫେରିବା ପର୍ଯ୍ୟନ୍ତ ପରିବାରର ଲୋକେ ଉଦ୍‌ବେଗର ସହିତ ଅପେକ୍ଷା କରନ୍ତି । ଆଉ ଭୂମି ଉପର ଖଣିରୁ କୋଇଲା କାଟି ବଡ଼ ବଡ଼ ଯାନ୍ତ୍ରିକ କ୍ରେନ୍ ସାହାଯ୍ୟରେ ବଡ଼ ବଡ଼ ଟ୍ରକ୍‌ରେ ଢ଼ଳାଯାଏ । ସେଠାରେ କୋଇଲା ଆଣି ରେଳଡ଼ବାରେ ଦୂର ଦୂର ସ୍ଥାନକୁ ପ୍ରେରଣ କରାଯାଏ । ନିରପତ୍ତା ବିପନ୍ନ ହେବାର ଆଶଙ୍କା ସର୍ବଦା ଥିବାରୁ କୋଇଲା ଖଣିର ଶ୍ରମିକମାନଙ୍କର ମଜୁରୀ ଅଧିକ ।

ଓଡ଼ିଶାର ଅର୍ଥନୈତିକ ବିକାଶରେ ତାଳଚେର ଓ ଇବ୍ ଉପତ୍ୟକା କୋଇଲାଖଣିର ଅବଦାନ ଦିନକୁଦିନ ବଢୁଛି । ଏହା ଆହୁରି ବଢ଼ିବ । ଅନ୍ୟାନ୍ୟ ଖଣିଜ ପଦାର୍ଥ ଶହେ

Digitized by srujanika@gmail.com

ବା ଦୁଇଶହ ବର୍ଷ ମଧ୍ୟରେ ଶେଷ ହୋଇଯିବାର ଆଶଙ୍କା ଥିଲେ ମଧ୍ୟ କୋଇଲା ଭଣ୍ଡାର ତିନିଶହ ବର୍ଷ ମଧ୍ୟରେ ସରିଯିବାର ଆଶଙ୍କା ନାହିଁ । ଏହାସତ୍ତ୍ୱେ କୋଇଲା ନେଇ ରାଜନୀତି ଓ ଦୁର୍ନୀତି ହୁଏ । କୋଟି କୋଟି ଟଙ୍କାର କଳାକାରବାର ହୁଏ ଲୋକ ଚକ୍ଷୁର ଅନ୍ତରାଳରେ । ୧୯୭୪-୭୬ ରେ କୋଇଲାର ତୀବ୍ର ଅଭାବ ଅନୁଭୂତ ହେଉଥିଲା । ହରିଆଣା, ପଂଜାବ, ରାଜସ୍ଥାନ, ଉତ୍ତରପ୍ରଦେଶର ବହୁ କଳକାରଖାନା ବନ୍ଦ ହୋଇ ଯାଉଥିଲା କୋଇଲା ଅଭାବରୁ । ଗୋଟେ କୋଇଲା ରେକ (ଗୋଟିଏ ପୂରା କୋଇଲା ରେଳଗାଡ଼ିରେ ପ୍ରାୟ ୨୦୦୦ ଟନ କୋଇଲା ଥାଏ) ପାଇଁ ଅନୁମତି ପତ୍ର ହାସଲ କରିବା କେବଳ କଷ୍ଟକର ନଥିଲା ଅଫିସରଙ୍କଠାରୁ ମନ୍ତ୍ରୀ ଓ ଦଲାଲଙ୍କ ଠାରୁ ବେପାରି ପର୍ଯ୍ୟନ୍ତ ଲକ୍ଷାଧିକ ଟଙ୍କା ଟେବୁଲ ତଳେ ଦିଆନିଆ ହେଉଥିଲା ।

ଏହି କାରଣରୁ ଅତୀତରେ ଶ୍ରୀମତୀ ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳର ରେଳବାଇ ମନ୍ତ୍ରୀ ଲଳିତ ନାରାୟଣ ମିଶ୍ରଙ୍କୁ କେତେକ ଲୋକ ନଗଦ ନାରାୟଣ ମିଶ୍ର ନାମରେ ଡ଼ାକୁଥିଲେ । ଏହି ପ୍ରକ୍ରିୟା ଏବେବି ବନ୍ଦ ହୋଇନି । କୋଇଲା ଉତ୍ପାଦନ ବଢ଼ିଥିଲେ ମଧ୍ୟ ଏବଂ ଏହାର ପରିବହନ ଓ ବଣ୍ଟନରେ ଅନେକ ଉନ୍ନତି ହୋଇଥିଲେ ହେଁ ଏବେ ବି ଏଇ କଳାହୀରା ଅଚାନକ ଅର୍ଥ ଉପାର୍ଜନର ଏକ ବଡ଼ ମାଧ୍ୟମ । ଏଥିରେ କୋଇଲା କମ୍ପାନୀ, ରେଳବାଇ ବିଭାଗ କୋଇଲା କୋଟାପାଇଁ ସୁପାରିଶ କରୁଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସଂପୃକ୍ତ । ସବୁସ୍ତରରେ ହାତ ଚିକ୍କଣ ନ କଲେ କାମ ହୁଏ ନାହିଁ ।

Digitized by srujanika@gmail.com

ଭାଗ୍ୟ ଦୁର୍ଭାଗ୍ୟ

ଲେଖକମାନେ ସାମାଜିକ ପ୍ରାଣୀ, କିନ୍ତୁ ସେମାନଙ୍କ ସଚେତନତା ସହିତ ସ୍ବର୍ଣକାତରତା ଏବଂ ଅନୁଭବ ସହିତ ଆବେଗ ଓ ନିରୀକ୍ଷଣ କରିବାର ଶକ୍ତି ସାଧାରଣ ବୁଦ୍ଧିଜୀବୀଠାରୁ ଅଧିକ ବୋଲି କୁହାଯାଏ । ଅନେକ ସମୟରେ ଏହା ମଧ୍ୟ କୁହାଯାଏ ଲେଖକ ଓ କବିଠାରେ ସାଧାରଣ ମଣିଷ ବା ବୁଦ୍ଧିଜୀବୀର ବୃତ୍ତି ଓ ପ୍ରବୃତ୍ତିଗତ ପ୍ରତିଯୋଗୀ ଭାବର ଅଭାବରୁ ସେ ସମାଜରେ ସହଜରେ ନିଜକୁ ପ୍ରତିଷ୍ଠା କରିପାରେ ନାହିଁ । ଜଣେ ପିଆଜ ବେପାରିର ବ୍ୟବସାୟିକ ନିପୁଣତା ଓ ବଜାରରେ ସଫଳ ହେବାର ବୃତ୍ତିଗତ ନିଶା ବା ଜଣେ ଓକିଲର ବୃତ୍ତିଗତ ବିଚକ୍ଷଣତା ଓ କଳକୌଶଳ କରି ମହକିଲକୁ ଜିତାଇବାର ଦୁଃସାହସିକ ଆତ୍ମପ୍ରତ୍ୟୟ ଲେଖକଠାରେ ନଥାଏ । କିନ୍ତୁ ଜଣେ ସତ୍ୟର ଅନୁସନ୍ଧାନ କରୁଥିବା ଓ ସିଦ୍ଧାନ୍ତରେ ନ ପହଞ୍ଚିବା ପର୍ଯ୍ୟନ୍ତ ପ୍ରଶ୍ନ ପଚାରି ଚାଲିଥିବା ଜଣେ ବୈଜ୍ଞାନିକ ସହିତ ଜଣେ ଲେଖକ ଓ କବିର ସାମଞ୍ଜସ୍ୟ ଅନେକ । ବୈଜ୍ଞାନିକ ପରି ଲେଖକ ମଧ୍ୟ ନିଷ୍ଠାବାନ୍ ଓ ସତ୍ୟ ବା ସିଦ୍ଧାନ୍ତରେ ଉପନୀତ ନ ହେବା ପର୍ଯ୍ୟନ୍ତ ବୈଜ୍ଞାନିକ ଯେପରି ସଂସାରର ସବୁ ଦାୟିତ୍ୱ ଭୁଲି ନିଜର ପ୍ରୟୋଗଶାଳା (ଲାବୋରେଟରି) ରେ ପାଗଳ ପରି କାମରେ ଲାଗି ରହିଥାଏ, ନିଜର କବିତା ବା ଉପନ୍ୟାସରେ ନିଜର ପରିକଳ୍ପିତ ଚିନ୍ତା ସଫଳତାର ସହିତ ଅଭିବ୍ୟକ୍ତ କରିବା ଯାଏ ଜଣେ ଲେଖକକୁ ନିଦ ବା ଭୋକ ଶୋଷ ହୁଏ ନାହିଁ ।

ଜଣେ ଦାର୍ଶନିକ ମଧ୍ୟ ଏଇ ଧରଣର ମଣିଷଟିଏ । ତେଣୁ ସମାଜରେ ସଂସାର ସଚେତନ ମଣିଷର ସାଧନା ଓ ସିଦ୍ଧି, ପ୍ରତିଯୋଗିତା ଓ ସେଥିରେ ବିଜୟୀ ହେବାର ମାନସିକତା, ନିଷ୍ଠୁରଭାବେ ପ୍ରତିଯୋଗୀକୁ ପରାସ୍ତ କରି ନିଜକୁ ସାବ୍ୟସ୍ତ କରିବାର କୂଟବୁଦ୍ଧି ଲେଖକର ନଥାଏ ବା ବୈଜ୍ଞାନିକ ଓ ଦାର୍ଶନିକର ନଥାଏ । ତେଣୁ ଏମାନେ ସମାଜରେ ଥାଇ ମଧ୍ୟ ସାଧାରଣ ବୋଲି ଗଣ୍ୟ ନହୋଇ ଅସାଧାରଣ ବା ବେଳେବେଳେ ଖାମଖିଆଲି, ପାଗଳ ଭାବେ ଗଣ୍ୟ ହୁଅନ୍ତି । ଏମାନଙ୍କର ଚାହାଣି ଓ ଚଳଣି ସାଧାରଣଠାରୁ ଭିନ୍ନ । ତଥାପି ଗତ ପଚାଶବର୍ଷରେ ଭାରତୀୟ ଲେଖକ ଓ ବୈଜ୍ଞାନିକମାନଙ୍କର ସଫଳତାର

Digitized by srujanika@gmail.com

କାହାଣୀ ଯେ ପ୍ରତିଯୋଗୀ ଭିନ୍ନ ଦେଶର ଲେଖକ ଓ ବୈଜ୍ଞାନିକଙ୍କ ଠାରୁ ନିକୃଷ୍ଟ ନୁହେଁ ଏହା କୁହାଯାଇପାରେ ।

ଓଡ଼ିଶାରେ ଲେଖକ ଓ କବିମାନେ ସମାଜର ସଫଳ ମଣିଷ ଭାବେ ଗଣ୍ୟ ନହୋଇଥିବା ବେଳେ ବଙ୍ଗଳା, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳରେ ସେମାନଙ୍କର ସଫଳତା ଓ ସାଂସାରିକ ପ୍ରସିଦ୍ଧି ଅନନ୍ୟ । ଜଣେ ବଙ୍ଗଳା ଲେଖକ ସମାଜ ଦ୍ୱାରା କିପରି ଆଦୃତ ହୁଏ ତାହା ନ ଦେଖିଲେ ବିଶ୍ୱାସ କରି ହୁଏ ନାହିଁ । ଅର୍ଥନୈତିକ ସ୍ୱଚ୍ଛଳତା ଥାଉ ବା ନଥାଉ ବଙ୍ଗଳା ଲେଖକ ବା ମାଲାୟାଲମ ଲେଖକର ସାମାଜିକ ପ୍ରତିଷ୍ଠା ଆମ ଠାରୁ ଅନେକ ବେଶି ଓ ଅନୁକରଣୀୟ । ସେଠାରେ ସାକ୍ଷର ସଂଖ୍ୟା କେବଳ ଅଧିକ ନୁହେଁ, ଶିକ୍ଷାଗତ ସଚେତନତା ଓ ସଂସ୍କୃତିଗତ ଭାବପ୍ରବଣତା ଆମଠାରୁ ଅନେକ ଆଗରେ । ଯିଏ ଶିକ୍ଷିତ ସିଏ ସଚେତନ ନ ହୋଇପାରେ, କିନ୍ତୁ ସମସ୍ତ ସଚେତନ ବ୍ୟକ୍ତି ଯେ ଜଣା ଅଧିକେ ଶିକ୍ଷିତ ଏହା ମାନିବାକୁ ପଡ଼ିବ । ଆମ ରାଜ୍ୟରେ ସାକ୍ଷର ଓ ଶିକ୍ଷିତ ସଂଖ୍ୟା ବଢୁଛି, କିନ୍ତୁ ଏହା ସହିତ ମାନସିକତା ଓ ଚଳିଣିରେ ଯେଉଁ ପରିବର୍ତ୍ତନ ଆସିବା କଥା ତାହା ଆସିନାହିଁ । ଫଳରେ ଆମ ଶିକ୍ଷିତ ଲୋକେ ମଧ୍ୟ ସଚେତନ ସଂସ୍କୃତିପ୍ରିୟ ନୁହଁନ୍ତି । ଏହାହିଁ ଆମ ରାଜ୍ୟର ପାଠକ ସଂଖ୍ୟା ସ୍ୱଳ୍ପ ହେବାର କାରଣ ।

ଆହୁରି ଏହି କାରଣରୁ ଜାତୀୟ ଓ ଆନ୍ତର୍ଜାତୀୟ ଉତ୍‌ଥାନ ପତନ ଘଟଣାବଳୀ ସହିତ ଆମଲୋକ ସମ୍ୟକଭାବେ ମଧ୍ୟ ସମ୍ପୃକ୍ତ ନୁହଁନ୍ତି । ଜଣେ ବଙ୍ଗାଳୀ ଗୃହିଣୀ ରବୀନ୍ଦ୍ରନାଥ, ଶରତ ଚନ୍ଦ୍ର, ବଙ୍କିମ ଚନ୍ଦ୍ର ଠାରୁ ବିମଳ ମିତ୍ର, ଶଙ୍କର ଓ ସୁନୀଲ ଗାଙ୍ଗୁଲୀଙ୍କ ସମ୍ପର୍କରେ ଯେତେ ଖବର ରଖେ ଓଡ଼ିଶାରେ ଓଡ଼ିଆରେ ଏମ.ଏ. ପାସ୍ କରିଥିବା ଛାତ୍ର ମଧ୍ୟ ଓଡ଼ିଆ ଲେଖକ ଓ କବିମାନଙ୍କ ସମ୍ପର୍କରେ ସେପରି ଖବର ରଖେ ନାହିଁ । ଫଳରେ ସାହିତ୍ୟ ରଚିତ ହେଉଥିଲେ ମଧ୍ୟ ଜନସାଧାରଣ ତା ସହିତ ସମ୍ପୃକ୍ତ ନୁହଁନ୍ତି ଓ ସାହିତ୍ୟ ଯେ ସଚେତନତାର ଉତ୍ସ ଏହା ମଧ୍ୟ ସେମାନେ ଜାଣନ୍ତି ନାହିଁ ।

ସାହିତ୍ୟ ସାଧାରଣ ଦୃଷ୍ଟିରୁ ଦୁଇଭାଗରେ ବିଭକ୍ତ । ସୃଜନଶୀଳ ସାହିତ୍ୟ ଓ ପ୍ରଚାର ବା ପ୍ରସାରଧର୍ମୀ ସାହିତ୍ୟ । ଉଭୟ ସାହିତ୍ୟ ସଚେତନତା ପ୍ରସାରରେ ସହାୟକ ହୁଏ । କିନ୍ତୁ ଦୁଃଖର ବିଷୟ ଏହି ଯେ ସାହିତ୍ୟ ଅଧ୍ୟୟନ ଅଭାବରୁ କେବଳ ଶିକ୍ଷିତ ଓ ବୁଦ୍ଧିଜୀବୀମାନଙ୍କର ନୁହେଁ, ଏପରିକି ଓଡ଼ିଶାର ଲେଖକମାନେ ମଧ୍ୟ ସାମ୍ପ୍ରତିକ ଘଟଣାବଳୀ, ବିଶ୍ୱର ତଥା ଦେଶର ପରିବର୍ତ୍ତନଶୀଳ ସ୍ୱରୂପ, ଆଦର୍ଶବାଦର ସଂଘର୍ଷ ଏବଂ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ୍ୟ ସେଚତନ ନୁହଁନ୍ତି । ଫଳରେ ମଣ୍ଡଳ କମିଟି ରିପୋର୍ଟ, ସାମାଜିକ ସମତା (Social Equity) ମାନବିକ ଅଧିକାର ବା ଡଙ୍କେଲ ପ୍ରସ୍ତାବ ସମ୍ପର୍କରେ ଅଧିକାଂଶ ଲେଖକ ପ୍ରାୟ ଅଜ୍ଞ କହିଲେ ଚଳେ । ସେହିପରି ସାଂସାରିକ କ୍ଷେତ୍ରରେ ମଧ୍ୟ ସେମାନଙ୍କର ଅଜ୍ଞତା ବହୁ ସ୍ତରରେ ପରିସ୍ଫୁଟ । ପ୍ରଚାର ସାହିତ୍ୟ ପାଠ ନ କଲେ ଯେମିତି

Digitized by srujanika@gmail.com

ନିର୍ବାଚନ ପୂର୍ବରୁ କଂଗ୍ରେସ ବା କମ୍ୟୁନିଷ୍ଟ ମ୍ୟାନିଫେଷ୍ଟୋ ସମ୍ବଳିତ ପ୍ରତିଶ୍ରୁତି ଓ ଶାସନକୁ ଆସିବା ପରେ ସେହି ପ୍ରତିଶ୍ରୁତି ପୂର୍ଣ୍ଣ କରିବାରେ ସେମାନଙ୍କର ଅକ୍ଷମତା ବା ସାଫଲ୍ୟ ସମ୍ପର୍କରେ ଆମେ ଜାଣି ପାରିବା ନାହିଁ; ସେହିପରି ପ୍ରଚାର ସାହିତ୍ୟ ନ ପଢ଼ିଲେ କେଉଁ ଲୁଗାଧୁଆ ସାବୁନ ବା ପୋକନାଶକ ଔଷଧ ଅଧିକ ଉପଯୋଗୀ ତାହା ମଧ୍ୟ ଧାରଣା କରି ପାରିବୁ ନାହିଁ । ସାହିତ୍ୟ ସଚେତନା ଓ ଜ୍ଞାନର ବାହକ, ଅଜ୍ଞତାର ନୁହେଁ । ତେଣୁ ସାହିତ୍ୟକୁ ବୃତ୍ତି ବା ପ୍ରବୃତ୍ତି ଭାବରେ ଗ୍ରହଣ କରିଥିବା ବ୍ୟକ୍ତି କିପରି ସାହିତ୍ୟଠାରୁ ଅଲଗା ରହିପାରିବ ? ଏହା ଆମ ଓଡ଼ିଆ ସାହିତ୍ୟିକମାନଙ୍କ ଆଗରେ ଏକ ପ୍ରଶ୍ନବାଚୀ ଓ ପ୍ରହେଳିକା ହୋଇ ରହିଛି । ସଚେତନ ହେବା ନାଗରିକର ଧର୍ମ, ସେହିପରି ନାଗରିକକୁ ତଥା ନିଜକୁ ସଚେତନ କରାଇବା ଲେଖକର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ସମ୍ପୂର୍ଣ୍ଣ ନିଷ୍ଠାପର ଭାବେ ପାଳିତ ନ ହେଉଥିବା ଯାଏ ଓଡ଼ିଆ ସାହିତ୍ୟରେ ଅନେକ ବାସ୍ତବ ସମସ୍ୟା ଓ ଅନୁଭୂତିର ପ୍ରତିଫଳନ ହେବନାହିଁ । ଏହା ବି ହୋଇପାରେ ଯେ ଏହି କାରଣରୁ ସାହିତ୍ୟ ଅଧ୍ୟୟନ ପ୍ରତି ଅନାଗ୍ରହ ।

ସେ ଯାହାହେଉ ନା କାହିଁକି ଆମ ପ୍ରତିବେଶୀ ସାହିତ୍ୟର ରୂପ ଭିନ୍ନ । ଦେଶର ସାମ୍ପ୍ରତିକ ଅବସ୍ଥା ସମ୍ପର୍କରେ ସେମାନେ ଯେ ସଚେତନ ତାହା ନୁହେଁ, ଆନ୍ତର୍ଜାତୀୟ ସମସ୍ୟା ସମ୍ପର୍କରେ ମଧ୍ୟ ଅବହିତ । ବଙ୍ଗାଳୀ ଓ କେରଳୀ ସାହିତ୍ୟିକ ଓ ଶିଳ୍ପୀ, ସଙ୍ଗୀତଜ୍ଞ ଓ ନାଟ୍ୟକାର ବିଭିନ୍ନ ଜାତୀୟ ତଥା ପ୍ରାନ୍ତୀୟ ସମସ୍ୟା ଉପରେ ସୁସ୍ପଷ୍ଟ ମତାମତ ପ୍ରକାଶ କରନ୍ତି । ମାନବିକ ଅଧିକାର ତଥା ନାଗରିକର ସମ୍ବିଧାନଗତ ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଲେଖକ ନିଜେ ସଚେତନ ନ ହେଲେ ନାଗରିକମାନଙ୍କୁ ସଚେତନ କରିବେ କିପରି ? ଓଡ଼ିଆ ଲେଖକର ଆର୍ଥିକ ସମସ୍ୟା ଏତେ ଉତ୍କଟ ଯେ ବହି ଓ ପତ୍ର ପତ୍ରିକା କିଣିବା କଷ୍ଟକର । କାରଣ ଅଧିକାଂଶ ସରକାରୀ କର୍ମଚାରୀ ସାହିତ୍ୟକୁ ବୃତ୍ତି ଭାବରେ ଗ୍ରହଣ କରିବା ଏଯାଏ ସମ୍ଭବ ହୋଇନାହିଁ ଏ ରାଜ୍ୟରେ । ସମୟ ଓ ସାଧନ ଖର୍ଚ୍ଚ କରି ଯାହା ଲେଖାଯାଏ ସେଥିରୁ ଯାହା ମିଳେ ତାହା ଏତେ କମ ଯେ ଦିନକର ଖର୍ଚ୍ଚ ଚଳେ ନାହିଁ । ପଦ୍ମଶ୍ରୀ ଜ୍ଞାନପୀଠ ପୁରସ୍କାର ବିଜେତା ଭାରତ ବିଖ୍ୟାତ କବି ସଚ୍ଚି ରାଉତରାୟ ସେଦିନ କଥା ପ୍ରସଙ୍ଗରେ କହିଲେ ଯେ ୧୯୯୨/୯୩ ପାଇଁ ସେ ତାଙ୍କ ପ୍ରକାଶକଙ୍କଠାରୁ ମାତ୍ର ନଅଶହ ଟଙ୍କାର ଚେକ ପାଇଛନ୍ତି । ଲୋକପ୍ରିୟ ଉପନ୍ୟାସ ଲେଖକ ଡକ୍ଟର ବିଭୂତି ପଟ୍ଟନାୟକ କିମ୍ବା ଯଶସ୍ୱିନୀ ଲେଖିକା ଡକ୍ଟର ପ୍ରତିଭା ରାୟ ଯେତିକି ରୟାଲିଟି ପାଆନ୍ତି ସଂସାର ଚଳାଇବା ପାଇଁ ତାହା ଯଥେଷ୍ଟ ନୁହେଁ । ଅଥଚ ବଙ୍ଗୀୟ ଲେଖକ ଶଙ୍କର ଲେଖାପାଇଁ ବର୍ଷକୁ ପ୍ରାୟ ଲକ୍ଷେଟଙ୍କା ଆୟକର ଦିଅନ୍ତି ବୋଲି ମତେ ନିଜେ କହିଛନ୍ତି । ସମରେଶ ବସୁଙ୍କର ସାହିତ୍ୟ ଥିଲା ମୂଳ ଜୀବିକା । ସାହିତ୍ୟ ରଚନାରୁ ସେ ଯାହା ଆୟ କରୁଥିଲେ ତା ଉପରେ ପ୍ରାୟ ଷାଠିଏ ସତୁରୀ ହଜାର ଟଙ୍କା ଆୟକର ଦବା ପରେ ଏକ ସ୍ୱଚ୍ଛଳ ଜୀବନ ଯାପନ କରୁଥିଲେ । କଲିକତାରେ ଘର କରିଥିଲେ, ଗାଡି ରଖିଥିଲେ,

Digitized by srujanika@gmail.com

ବିଲାତି ମଦ ପିଉଥିଲେ । ସତ୍ୟଜିତ୍ ରାୟ ଫିଲ୍ମ ପାଇଁ ପ୍ରସିଦ୍ଧ ବଙ୍ଗଳା ବାହାରେ କିନ୍ତୁ ବଙ୍ଗଳାରେ ସେ ଜଣେ ଯଶସ୍ୱୀ ଲେଖକ । ଶିଶୁ ଓ କିଶୋର ସାହିତ୍ୟ ରଚନାରେ ସେ ଥିଲେ ଅଦ୍ୱିତୀୟ । ଲକ୍ଷାଧିକ ଟଙ୍କା ଆୟକର ଦେଉଥିଲେ ରୟାଲିଟି ଉପରେ । ଅଥଚ ପଦ୍ମଶ୍ରୀ ସ୍ୱଚ୍ଛ ରାଉତରାୟ, ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ, ସୁରେନ୍ଦ୍ର ମହାନ୍ତି ବା ସେଇ ଶ୍ରେଣୀର ଲେଖକମାନଙ୍କ ଅନ୍ୟାନ୍ୟ ଆୟ ନଥିଲେ ସେମାନେ ଯେ କେତେ ହନ୍ତସନ୍ତ ହୋଇଥାନ୍ତେ ତାହା ସମସ୍ତେ ଜାଣନ୍ତି । ବୈଷ୍ଣବ ପାଣିଙ୍କ ଆଜି ଏତେ ଆଦର କିନ୍ତୁ ଜୀବଦ୍ଦଶାରେ ସେ କେତେ ଲାଞ୍ଛନାର ଶିକାର ହୋଇ ନଥିଲେ ?

ପ୍ରାୟ ନବେ ପଞ୍ଚାନବେ ଭାଗ ଓଡ଼ିଆ ଲେଖକ ଲେଖିକା ସରକାରୀ ଚାକିରି ବା ସରକାରୀ ଉଦ୍ୟୋଗରେ ଚାକିରି କରନ୍ତି । ତେଣୁ ସେମାନଙ୍କର ଆଚରଣ ଓ ମତପ୍ରକାଶର ସ୍ୱାଧୀନତା ସୀମିତ । ଲେଖିବା ପାଇଁ ଚାକିରୀ ଛାଡ଼ିବା ଏଠାରେ ସମ୍ଭବ ନୁହେଁ । ବଙ୍ଗଳାର ବିଖ୍ୟାତ ଲେଖକ ସ୍ୱର୍ଗୀୟ ବିମଳ ମିତ୍ର ରେଳବାଇରେ ଚାକିରି କରୁଥିଲେ ପଚାଶ ଦଶକର ଆରମ୍ଭ ପର୍ଯ୍ୟନ୍ତ । ଦିନେ ତାଙ୍କର ଗୋଟିଏ ଗଳ୍ପରେ ଜଣେ ଅଫିସରଙ୍କର କାର୍ଯ୍ୟକଳାପ ପ୍ରତିବିମ୍ବିତ ହୋଇଥିବା ଅଭିଯୋଗ କରି ତାଙ୍କୁ କର୍ତ୍ତୃପକ୍ଷ କୈଫିୟତ ମାଗିଲେ । ପ୍ରତିବାଦରେ ବିମଳ ବାବୁ ଚାକିରି ଛାଡ଼ି ଦେଇ ବିଳାସପୁରରୁ କଲିକତା ଚାଲି ଆସି କେବଳ ସାହିତ୍ୟ ଚର୍ଚ୍ଚା ଓ ରଚନାରେ ମନ ଦେଲେ । ସଫଳତା ଆସିଲା । ତିନି ମହଲା କୋଠା କଲେ, ଗାଡ଼ି ରଖିଥିଲେ ଏବଂ ବର୍ଷକୁ ପଚାଶ ହଜାର ଆୟକର ଦେଉଥିଲେ । ସରକାରୀ ଚାକିରିରେ ସ୍ୱାଧୀନତା ନଥିବା ଯୋଗୁ ରେଳବାଇ ଚାକିରି ଛାଡ଼ି ଶଙ୍କର ଘରୋଇ କମ୍ପାନୀକୁ ଚାଲିଗଲେ ।

ଓଡ଼ିଆ ଲେଖକ ସରକାରଙ୍କ ପୃଷ୍ଠପୋଷକତାରୁ ବଞ୍ଚିତ, ଏଣେ କମ୍ପାନୀ ବା ଜନସାଧାରଣଙ୍କ ପୃଷ୍ଠପୋଷକତା ମଧ୍ୟ ଏଠାରେ ନାହିଁ । ଫଳରେ ଯଶସ୍ୱୀ ସାହିତ୍ୟ ସାଧକର ଦୁର୍ଭାଗ୍ୟର ଅନ୍ତ ନାହିଁ ଓଡ଼ିଶାରେ । ପୁସ୍ତକ ମେଳା ଚାଲିଥାଏ । ପଦ୍ମଶ୍ରୀ ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ ସହିତ ଦେଖାହେଲା । ତାଙ୍କୁ ନିମନ୍ତ୍ରଣ କଲି ମେଳାକୁ ଆସିବା ପାଇଁ । ସେ ଯାହା କହିଥିଲେ ଏଠାରେ ଉଦ୍ଧାର କରୁଛି । "ମେଳା ଦେଖିଲି, କିନ୍ତୁ ଦୁଃଖ ରହିଗଲା ଯେ ମନେନୀତ ବହି କିଣି ପାରିଲି ନାହିଁ । ପାଖରେ ଅର୍ଥ ନାହିଁ । ଓଡ଼ିଶା ରିଭିଉ ଓ ଉତ୍କଳ ପ୍ରସଙ୍ଗରେ କେତୋଟି ପ୍ରବନ୍ଧ ପ୍ରକାଶ ପାଇଥିଲା । ସାତଶହ ଟଙ୍କା ବାକି ପଡ଼ିଛି ପାଇ ନାହିଁ । ଯାଇଥିଲି ସେହି ଟଙ୍କା ଆଣିବା ପାଇଁ, କିନ୍ତୁ ପାଇଲି ନାହିଁ । ପରେ ମିଳିବ । ଆଉ ବହି କିଣା ହେଲା ନାହିଁ । ନିଜ ଗୁରୁରାଣତ କଷ୍ଟେମଷ୍ଟେ ମେଣ୍ଟିଯାଉଛି । ସରକାରଙ୍କଠାରୁ ସାତଶହ ପାଇଥିଲେ ବହି କିଣିଥାନ୍ତି, ବହିପଢ଼ି ପୁଣି କିଛି ଉପାଦାନ ସଂଗ୍ରହ କରିଥାନ୍ତି ।" କେବଳ ତାଙ୍କ କଥା ନୁହେଁ ଏପରି ଅନେକ କାହାଣୀ ମୁଁ ଜାଣେ । କଟଣୀରେ ରେଳବାଇ ଡ଼ିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଥିଲା ବେଳେ ଦିନେ ସ୍ୱନାମଧନ୍ୟ କେଦାର ନାଥ ମହାପାତ୍ର

Digitized by srujanika@gmail.com

ଆସି ମୋ ସରକାରୀ ବାସଭବନରେ ପହଞ୍ଚିଲେ । ସେ କହିଲେ- କିଛି ସାହାଯ୍ୟ କରନ୍ତୁ । ମୋ ବହି କେତେ ସେଟ ଯଦି ବିକ୍ରି କରାଇ ଦିଅନ୍ତେ ମୁଁ ଉପକୃତ ହୁଅନ୍ତି । ସଂସାର ଖର୍ଚ୍ଚ ଚଳିଯାଆନ୍ତା । ତାଙ୍କ କଥା ଓ ଡ଼କ୍ଟର ରାଜଗୁରୁଙ୍କ କଥା ଶୁଣି ମୋ ଆଖି ଛଳଛଳ ହୋଇ ଯାଇଥିଲା । ଏମାନେ ଓଡ଼ିଶାର ବରପୁତ୍ର ଅଥଚ ଏମାନଙ୍କର ଦୁର୍ଦ୍ଦଶାର ଅନ୍ତ ନାହିଁ । ସ୍ୱର୍ଗତ ଗୋଦାବରୀଶ ମହାପାତ୍ର, ଡ଼କ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦୁର୍ଭାଗ୍ୟ ସମ୍ବନ୍ଧରେ ଯେଉଁମାନେ ଜାଣନ୍ତି ସାହିତ୍ୟିକ ସ୍ପଷ୍ଟବାଦୀ ହେଲେ କିପରି ଦଣ୍ଡ ଓ ଦୁର୍ଭାବନାର ଶିକାର ହୁଏ ସେମାନେ ତାହା ହୃଦୟଙ୍ଗମ କରିପାରିବେ । ବହୁ ପ୍ରତିଭାଶାଳୀ ଲେଖକ ଓ କବିଙ୍କର ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ସତ୍ତ୍ୱେ ସେମାନଙ୍କୁ ଏ ଜାତି ଚିହ୍ନି ନାହିଁ କି ଅନ୍ୟ କେହି ମଧ୍ୟ ଚିହ୍ନିଲେ ନାହିଁ । ଏହା ଓଡ଼ିଆ ଲେଖକର ଦୁର୍ଭାଗ୍ୟ । ରବି ସିଂଙ୍କ ପରି ସ୍ୱନାମଧନ୍ୟ କବି ଯେପରି ଦୁର୍ଭାଗ୍ୟ ମଧ୍ୟରେ ଗତି କରନ୍ତି ସେପରି ଆତ୍ମବିଶ୍ୱାସ ଓ ସାହସ କେତେଜଣ ଓଡ଼ିଆ ଲେଖକର ଅଛି ? ଏହାହିଁ ପ୍ରହେଳିକା । ଆଉ ନୂତନକୁ ବା ଏଠାରେ ସ୍ୱାଗତ କରିବ କିଏ ? ପ୍ରବୀଣ ଓ ପୁରାତନମାନଙ୍କର ଅବସ୍ଥା ଯେଉଁଠାରେ ଏହିପରି ସେଠାରେ ନୂତନମାନଙ୍କୁ ନିଜେ ବାଟ ନିଜେ ପ୍ରସ୍ତୁତ କରିବାକୁ ହେବ । ଅବଶ୍ୟ ଆଶା ଓ ଆଶ୍ୱାସନାର ବିଷୟ ଯେ ସେମାନଙ୍କର ଚରିତ୍ରରେ ସେପରି ଝଲକ ସର୍ବତ୍ର ନ ହେଲେ ମଧ୍ୟ ଠାଏ ଠାଏ ଦେଖାଯାଉଛି ।

Digitized by srujanika@gmail.com

କଳିଙ୍ଗ ବଂଶଧର

ସ୍ୱାଧୀନତା ଅର୍ଜନ କରିବା ପରେ ସ୍ୱାଧୀନ ସ୍ୱାଧୀକାର ସମ୍ପର୍କରେ ସଚେତନତା ଏତେ ବଢ଼ିଯାଇଛି ଯେ, କର୍ତ୍ତବ୍ୟ କରିବା ଉପରେ ଆଉ କେହି ଗୁରୁତ୍ୱ ଦେଉନାହାନ୍ତି । ସବୁଦଳ ନିଜ ନିଜର ଦାବି ଉପସ୍ଥାପନ କରିବାରେ ବ୍ୟସ୍ତ । ସରକାରୀ ଅଫିସ ମାନଙ୍କରେ କାମ କରୁଥିବା କର୍ମଚାରୀମାନଙ୍କର ଦାବି ଯେପରି ଉପେକ୍ଷିତ ନହୁଏ ତାହା ଦେଖିବା ସକାଶେ ସେମାନଙ୍କର ସଂଗଠନର ନେତାମାନେ ଯେତିକି ତତ୍ପର ପୁଲିସ, ବ୍ୟାଙ୍କ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ସରକାରୀ ଉଦ୍ୟୋଗ ଓ ଅନୁଷ୍ଠାନମାନଙ୍କରେ କାମ କରୁଥିବା କର୍ମଚାରୀମାନେ ମଧ୍ୟ ନିଜ ନିଜର ଦାବି ଉପସ୍ଥାପିତ କରିବାରେ ସେହିପରି ତତ୍ପର । ସମସ୍ତେ ସେଇ ଗୋଟିଏ କଥା କହନ୍ତି- ଦାବି ହାସଲ କରିବା ସେମାନଙ୍କ ମୌଳିକ ଅଧିକାର । ସଂଗଠନ ଓ ସ୍ୱାଧୀକାର ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବାର ସାମ୍ବିଧାନିକ ଅଧିକାରରୁ ସେମାନଙ୍କୁ କେହି ବିଚ୍ୟୁତ କରିପାରିବ ନାହିଁ । ସମାଜ ବିଜ୍ଞାନୀମାନେ ମଧ୍ୟ ଆଉ ଗୋଟିଏ ତାତ୍ତ୍ୱିକ କଥା କହନ୍ତି- ସମାଜରେ କର୍ତ୍ତବ୍ୟ ପ୍ରତି ସଚେତନତା ନରହି ଯଦି କେବଳ ସ୍ୱାଧୀକାର ପ୍ରତି ସଚେତନତା ରହେ; ସେଇ ସମାଜରେ ସ୍ୱୈରାଚାର ସୃଷ୍ଟି ହୁଏ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକର ବିଲୋପ ହୁଏ । ତେଣୁ ସମାଜରେ ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ସନ୍ତୁଳନ ଏପରି ହେବା ଉଚିତ ଯେ ସ୍ୱାଧୀକାର ଜାହିର କରୁଥିବା ଲୋକମାନେ ନିଜ ନିଜର କର୍ତ୍ତବ୍ୟ ମଧ୍ୟ ସୁଚାରୁ ରୂପେ ସମ୍ପାଦନ କରିବେ ଏବଂ ଏଥିପାଇଁ ବାଧ୍ୟବାଧକତା ବା ଶାସ୍ତି ଦବାର ପ୍ରୟୋଜନ ରହିବ ନାହିଁ ।

ଏହି କାରଣରୁ ନିଜ ନିଜର ଦାବି ଉପସ୍ଥାପିତ କରୁଥିବା ବେଳେ ଉଗ୍ରତା ବା ଆଗ୍ରହ କର୍ତ୍ତବ୍ୟ ସମ୍ପାଦନରେ ରହୁ ନାହିଁ ଏବଂ କାର୍ଯ୍ୟରେ ଉତ୍କର୍ଷ ପରିବର୍ତ୍ତେ ଅଯୋଗ୍ୟତା ବା ଅବହେଳା ପ୍ରଦର୍ଶିତ ହେଉଛି । ଦେଶରେ ମୁଣ୍ଡପିଛା ଆୟ ସହିତ ଶିକ୍ଷା ଓ ବୃତ୍ତିଗତ ଯୋଗ୍ୟତା ଏବଂ ଗଣତାନ୍ତ୍ରିକ ସମାଜ ବ୍ୟବସ୍ଥା ପ୍ରତି ସଚେତନତା ବଢ଼ିଥିଲେ ମଧ୍ୟ, ଲୋକମାନଙ୍କର ଏକକ ବା ସାମଗ୍ରିକ ଉତ୍ପାଦିକା ଶକ୍ତି ବଢ଼ି ନାହିଁ । ବରଂ ପଚିଶ/ତିରିଶ ବର୍ଷ ପୂର୍ବେ/ ଜଣେ ଯେଉଁ କାମ କରୁଥିଲେ, ଏବେ ସେହି କାମ ଦୁଇଜଣ କରୁଛନ୍ତି । ଭାରତର ସବୁ ଅଞ୍ଚଳର ବ୍ୟକ୍ତିଗତ ଉତ୍ପାଦିକା ଶକ୍ତି ବା କର୍ମସଂସ୍କୃତି ସମାନ ନୁହେଁ ।

Digitized by srujanika@gmail.com

କେତେବର୍ଷ ତଳେ ଗୋଟିଏ ଅନୁଷ୍ଠାନ ପକ୍ଷରୁ ଦେଶର ପୂର୍ବ ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଭାଗର ଲୋକମାନଙ୍କର ଉତ୍ପାଦିକା ଶକ୍ତି ଓ କର୍ମକ୍ଷମତା ଉପରେ ଯେଉଁ ସର୍ଭେ କରାଯାଇଥିଲା ସେଥିରୁ ଜଣାପଡ଼ିଥିଲା ଯେ, ପୂର୍ବାଞ୍ଚଳରେ ତିନିଜଣ ଲୋକ ଆଠଘଣ୍ଟା ମଧ୍ୟରେ ଯେତିକି କାମ କରନ୍ତି ଉତ୍ତରାଞ୍ଚଳରେ ଅଢ଼େଇଜଣ, ପଶ୍ଚିମାଞ୍ଚଳରେ ଦୁଇଜଣ ଏବଂ ଦକ୍ଷିଣାଞ୍ଚଳରେ ଦେଢ଼ଜଣ ସେତିକି କାମ କରନ୍ତି । ଦକ୍ଷିଣର ଲୋକମାନେ ବ୍ୟବହାରିକ ଜୀବନରେ ଅଧିକ ସଂସ୍କୃତି ସଚେତନ । ସମୟାନୁବର୍ତ୍ତୀତା, ନିଷ୍ଠାପ୍ରବୃତ୍ତି ମଧ୍ୟ ସେମାନଙ୍କ ଆଚରଣରେ ବେଶି ପ୍ରତିଫଳିତ ହୁଏ । ଏଥିପାଇଁ କେରଳ, କର୍ଣ୍ଣାଟକ, ତାମିଲନାଡୁ ଓ ଆନ୍ଧ୍ରର ଶ୍ରମିକ ବା ପ୍ରଶିକ୍ଷଣ ପ୍ରାପ୍ତମାନଙ୍କର ଚାହିଦା ସର୍ବାଧିକ ଏବଂ ଆସାମ, ମେଘାଳୟ, ନାଗାଲାଣ୍ଡ ଓ ଉତ୍ତର ପୂର୍ବାଞ୍ଚଳରୁ ଉତ୍ତରାଞ୍ଚଳ ସର୍ବତ୍ର ସେମାନଙ୍କର ଆଦର ଏବଂ କ୍ରମଶଃ ସେମାନଙ୍କର ଚଳଣି ଓ ଖାଦ୍ୟପେୟ ଅନ୍ୟତ୍ର ପ୍ରସାର ଲାଭ କରୁଛି ।

ମୁଁ ଯେତେବେଳେ ରେଳବାଇରେ ପ୍ରଥମ ପ୍ରବେଶ କଲି ୧୯୫୫ରେ ସେତେବେଳେ ରେଳପଥ, ସଡ଼କପଥ, କେନାଲ କରିବା ଓ ବନ୍ଧବାନ୍ଧିବା କାମରେ ଓଡ଼ିଆ ଶ୍ରମିକମାନଙ୍କର ପ୍ରଶଂସା ଶୁଣୁଥିଲି । ଆସାମ ଚା’ ବଗିଚାରେ ହଜାର ହଜାର ଓଡ଼ିଆ ଆଦିବାସୀ ଶ୍ରମିକ ନିଯୁକ୍ତ ହୋଇଥିଲେ ସ୍ୱାଧୀନତା ପୂର୍ବରୁ ଓ ପରେ । ବ୍ରିଟିଶ ସରକାରଙ୍କ ରାଜତ୍ୱ କାଳରେ ମରିସସ୍, ଆଫ୍ରିକାର ବିଭିନ୍ନ ଦେଶ, କାନାଡ଼ା ଓ ଆମେରିକା, ମାଲେସିଆ ଓ ସିଙ୍ଗାପୁର, ସିଂହଳ ଓ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶକୁ ବହୁ ସଂଖ୍ୟାରେ କୃଷକ ଓ ଶ୍ରମିକମାନେ ଯାଉଥିଲେ ଜୀବିକା ଅନ୍ୱେଷଣରେ । ସେମାନେ ସ୍ଥାୟୀ ଭାବେ ସେସବୁ ଦେଶରେ ରହିଗଲେ । ସେମାନଙ୍କର ପାରଙ୍ଗମ ପଣିଆ ଯୋଗୁ ଏହା ସମ୍ଭବ ହୋଇଥିଲା । ଆହୁରି ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ପଞ୍ଜାବ, ଆନ୍ଧ୍ର, ତାମିଲନାଡୁ, ବିହାର, ଉତ୍ତରପ୍ରଦେଶ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଗୁଜରାଟର ଲୋକ । ପ୍ରଶିକ୍ଷଣ ଓ ବୃତ୍ତିଗତ ଯୋଗ୍ୟତା ଯୋଗୁ ଯେଉଁମାନେ ବିଦେଶରେ ସୁନାମ ଅର୍ଜନ କରି ରହିଗଲେ ସେମାନଙ୍କ ମଧ୍ୟରେ ବଙ୍ଗାଳୀ, ଗୁଜରାଟୀ, ତାମିଲ, କେରଳୀ, ପଞ୍ଜାବୀ, ମରାଠୀ, ତେଲୁଗୁ ଓ କନ୍ନଡୀମାନେ ସଂଖ୍ୟାଧିକ । ଓଡ଼ିଆ ଶ୍ରମିକ ବୁଦ୍ଧିଜୀବୀ ବା ବ୍ୟବସାୟୀମାନଙ୍କ ସଂଖ୍ୟା ନଗଣ୍ୟ ବା ନାହିଁ କହିଲେ ଚଳେ । ସେଦିନ ଓଡ଼ିଶା ଖଣି ନିଗମ ଅଧ୍ୟକ୍ଷଙ୍କ କୋଠରୀରେ କାନାଡାରେ ବସବାସ କରି ରହିଥିବା ବ୍ରହ୍ମପୁର ନିବାସୀ ଜଣେ ପ୍ରବାସୀ ଭାରତୀୟଙ୍କ ସହିତ ଆଲୋଚନା କରୁଥିଲାବେଳେ ସେ କହିଲେ ଯେ, କାନାଡାର ମଣ୍ଟ୍ରିଏଲ ସହରରେ ୨୫୦୦ ବଙ୍ଗାଳୀ, ୨୦୦୦ ତେଲୁଗୁ ପରିବାର ଥିଲେ ହେଁ ମାତ୍ର ଛଅଟି ଓଡ଼ିଆ ପରିବାର ଅଛନ୍ତି । ସେହିପରି ମରିସସ ବା ସିଙ୍ଗାପୁର, ମାଲେସିଆ ବା ସିଂହଳରେ ଓଡ଼ିଆମାନଙ୍କ ସଂଖ୍ୟା ନଗଣ୍ୟ ବା ଶୂନ୍ୟ କହିଲେ ଚଳେ । ଏହା ଇତିହାସର କ୍ରୁର ପରିହାସ ନୁହେଁ ତ ଆଉ କ’ଣ ? ଦିନେ ଏଇ ଓଡ଼ିଶା ମାଟିର କଳିଙ୍ଗ ବୀର ମଧ୍ୟପ୍ରାଚ୍ୟର ଅନେକ

Digitized by srujanika@gmail.com

ଦେଶକୁ ଯାଇ କୃଷି, ବାଣିଜ୍ୟ ଓ ବ୍ୟବସାୟରେ ପ୍ରସିଦ୍ଧି ଲାଭ କରିଥିଲେ । ଗଞ୍ଜାମ ଓ ଉପକୂଳବର୍ତ୍ତୀ ଅଞ୍ଚଳରୁ ବ୍ରହ୍ମଦେଶକୁ ଯାଇଥିବା ଲକ୍ଷଲକ୍ଷ ଓଡ଼ିଆ ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ସେଠାରେ ସ୍ଥାୟୀଭାବେ ରହିଗଲେ ସୁଦ୍ଧା ଓଡ଼ିଶା ବା ଓଡ଼ିଆ ସଂସ୍କୃତିର ନାମଗନ୍ଧ ମଧ୍ୟ ସେଠାରେ ରହିଲା ନାହିଁ । ସେହପରି ଶ୍ରୀଲଙ୍କାର ବୌଦ୍ଧମାନଙ୍କ ମଧ୍ୟରେ ବହୁସଂଖ୍ୟକ କଳିଙ୍ଗ ବଂଶୋଦ୍ଭବ ଥିଲେ ହେଁ ଆମ ସଂସ୍କୃତିରେ ଏହାର ପ୍ରଭାବ ନାହିଁ । ଜାଭା ଓ ସୁମାତ୍ରା, ବାଲି ଦ୍ୱୀପପୁଞ୍ଜରେ ଓ ଶ୍ୟାମ (ଥାଇଲାଣ୍ଡ) ଦେଶରେ ମଧ୍ୟ ସେହି ଅବସ୍ଥା । ସେଠାରେ ଓଡ଼ିଆ ସଂସ୍କୃତି ଓ ସ୍ଥାନୀୟ ସଂସ୍କୃତିର ସମନ୍ୱୟ ଦ୍ୱାରା ଏକ ନୂତନ ସଂସ୍କୃତି ସୃଷ୍ଟି ହେଲା । କିନ୍ତୁ କଳିଙ୍ଗତ୍ୱ କାଳକ୍ରମେ ନିଶ୍ଚିହ୍ନ ହୋଇଗଲା ପରିଚୟରୁ । ଓଡ଼ିଆମାନେ ଦୁଇ ତିନିବର୍ଷ କଲିକତାରେ ରହିଗଲେ ମାତୃଭାଷା ଭୁଲି ବଙ୍ଗଳା କହିବା ଆରମ୍ଭ କରନ୍ତି ଯେତେବେଳେ, ଭାରତ ବାହାରେ ବା ଭିତରେ ପ୍ରବାସରେ ରହିଗଲେ ନିଜ ଭାଷା, ସଂସ୍କୃତି, ଐତିହ୍ୟ ସମର୍ପଣ କରି ଅନ୍ୟ ଦେଶର ସଂସ୍କୃତି, ଭାଷା ଓ ଚଳଣିକୁ ଆପଣାର କରିନିଅନ୍ତି । ଏହି ବିଲୟ ହେବାର ବ୍ୟକ୍ତିତ୍ୱ ଓଡ଼ିଆ ଚରିତ୍ରର ମୌଳିକତା । ବଙ୍ଗଳା ସହିତ ଏକ ଶାସନାଧୀନରେ ବହୁକାଳ ରହି ମଧ୍ୟ, ସେମାନଙ୍କ ଭଲ ଗୁଣ ସବୁ ଆପଣେଇ ନନେଇ ସେମାନଙ୍କ ଦୋଷ ଦୁର୍ବଳତା ସବୁକୁ ଅତି ଆଗ୍ରହର ସହିତ ଓଡ଼ିଆ ଆପଣେଇ ନେଇଛି । ଯେଉଁ ମାନଙ୍କର ନିଜସ୍ୱ ବୈଶିଷ୍ଟ୍ୟ ନ ଥାଏ ସେମାନେ ଅନ୍ୟର ବୈଶିଷ୍ଟ୍ୟ ଭିତରେ ବିଲୟ ହୋଇଯାଆନ୍ତି । ଓଡ଼ିଆମାନେ ନିଜସ୍ୱ ସ୍ୱତନ୍ତ୍ରତା ଓ ବିଶେଷତା ବିସର୍ଜନ ଦେଇଥିବାରୁ ବିଲୟ ହେବାରେ ଆନନ୍ଦ ପାଆନ୍ତି । ତେଣୁ ଜଣେ ଅଧେ ଓଡ଼ିଆ ବିଚକ୍ଷଣତାର ନିଦର୍ଶନ ହେଲେ ମଧ୍ୟ ସାଧାରଣ ଓଡ଼ିଆର ପରିଚୟ ନାହିଁ କି ପ୍ରତିଷ୍ଠା ନାହିଁ ।

ମୁଁ ବରୋଦାରେ ଥିବାବେଳେ ଭାରତ ସରକାରଙ୍କ ଜଣେ ଉଚ୍ଚ ପଦସ୍ଥ ଅଫିସର ପି.ସି.ବାହଲ(ପଞ୍ଜାବୀ) ଓଡ଼ିଆ ମାନଙ୍କର କର୍ତ୍ତବ୍ୟପରାୟଣତାର ପ୍ରଶଂସା କରି କହିଲେ-ସେମାନେ ଅନୁଗତ, କର୍ତ୍ତବ୍ୟପରାୟଣ ଓ ପରିଶ୍ରମ କରି ପାରନ୍ତି; କିନ୍ତୁ ଘର କଥା ମନେ ପଡ଼ିଲେ ଆଉ ସେମାନଙ୍କୁ ଅଟକାଇ ହେବନାହିଁ, ଘରମୁହାଁ ଗୋରୁ ପରି ଘରେ ନ ପହଞ୍ଚିବା ଯାଏ ସେମାନଙ୍କର ଶାନ୍ତି ନାହିଁ । ସାତସାଗର ପାରି ହୋଇ ବାଣିଜ୍ୟ କରୁଥିବା ସାଧବ ପୁଅ ବଂଶଧର ଗଲେ କୁଆଡେ ? ସେଦିନ ବିଶାଖାପାଟଣା ଯାଇଥିଲି । ସେମାନଙ୍କୁ ସେଠାରେ ଦେଖିଲି ଅନେକ ସଂଖ୍ୟାରେ । ହୋଟେଲ ଡଲଫିନର କୋଣାର୍କ ଭୋଜନାଳୟ ବା କଳିଙ୍ଗ ରେଷ୍ଟୋରାଁ ନାମକରଣ ଉଦ୍ଦେଶ୍ୟହୀନ ନୁହେଁ । କୋଡ଼ିଏ ବର୍ଷ ଭିତରେ ଗୋଟେ ଅପଡରା ସହର କିପରି ଗୋଟିଏ ନାମଜାଦା, ସୁନ୍ଦର ସମୃଦ୍ଧ ସହରରେ ପରିଣତ ହୋଇପାରେ ତାହା ଭାଇଜାଗ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ୧୯୭୫ରୁ ସେଇ ଉଦ୍ୟମ ଆରମ୍ଭ ହେଲା ପ୍ରବଳବେଗରେ । ଭେଙ୍ଗଲ ରାଓ ସେତେବେଳେ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ । ଆରମ୍ଭ ହେଲା ନୂଆ ନୂଆ ଶିଳ୍ପ, ନିର୍ମାଣ କରାଗଲା ବଡ଼ ବଡ଼ ସୌଧ, ହୋଟେଲ,

Digitized by srujanika@gmail.com

ବ୍ୟବସାୟ ପ୍ରତିଷ୍ଠାନ , ଡ଼ାକ୍ତରଖାନା, ଖେଳପଡ଼ିଆ, ଆରାଧନା କ୍ଷେତ୍ର, ଉଦ୍ୟାନ, ପ୍ରଶସ୍ତ ମାର୍ଗ, ଆମୋଦ ପ୍ରମୋଦ କେନ୍ଦ୍ର ଓ ଅନେକ କିଛି । ଗୋଟେ ଆଗୋଉଥିବା ଜାତିର ପ୍ରବଳ ଉଦ୍ୟମ ମଧ୍ୟାହ୍ନର ସୂର୍ଯ୍ୟାଲୋକ ପରି ମାଡ଼ିଗଲା ଚତୁର୍ଦ୍ଦିଗରେ । ସମୁଦ୍ର ଭିତରକୁ ଯିବାକୁ ବା ନଦୀ ପହଁରିବାକୁ ଭୟନାହିଁ, ସବୁଠାରୁ କଠିନ ଓ ପ୍ରତିକୂଳ ପରିବେଶ ମଧ୍ୟରେ ରହି ମଧ୍ୟ ବ୍ୟାହତ ହୁଏନି ସେମାନଙ୍କର ଅଭିଯାନ । ଦିନେ କଳିଙ୍ଗର ସୀମା ଥିଲା ମହାନଦୀର ଦକ୍ଷିଣକୁ କେତେବେଳେ ଗୋଦାବରୀ ତ ଆଉ କେତେବେଳେ କାବେରୀ ପର୍ଯ୍ୟନ୍ତ । କଳିଙ୍ଗ ସାମ୍ରାଜ୍ୟ ଇତିହାସର ବିଷୟ ବର୍ତ୍ତମାନ; କିନ୍ତୁ କଳିଙ୍ଗର ବଂଶଧରମାନଙ୍କର ଶୌର୍ଯ୍ୟ, ବୀର୍ଯ୍ୟ, ଉଦ୍ୟମଶୀଳତା, କର୍ମପ୍ରବଣତା ଅଛେ ବହୁତେ ସେମାନେ ଉତ୍ତରାଧିକାର ସୂତ୍ରରେ ପାଇଛନ୍ତି ବୋଲି ଆନ୍ଧ୍ରବାସୀ କହନ୍ତି ।

ଆମେ ମଧ୍ୟ ସେଇ କଥା କହୁ । କିନ୍ତୁ ସେମାନଙ୍କର ନିଜସ୍ୱ ଉନ୍ନତ ବ୍ୟକ୍ତିତ୍ୱ ବଦଳରେ ଆମେ ଆଶ୍ରା କରିଛୁ ପରାଙ୍ମୁଖ ବିଳୟଶୀଳ ବ୍ୟକ୍ତିତ୍ୱକୁ । ତେବେ ଇତିହାସ କାହାକୁ ଗ୍ରାହ୍ୟ କରିବ- ଆମକୁ ନା ସେମାନଙ୍କୁ ? କେବଳ ଭାଷଣ ଦ୍ୱାରା, ମିଥ୍ୟା ପ୍ରତିଶ୍ରୁତି ଓ ଛଳନା ଦ୍ୱାରା କଳିଙ୍ଗ ସାମ୍ରାଜ୍ୟ ବା କଳିଙ୍ଗ ସଂସ୍କୃତି ନିର୍ମାଣ କରାଯାଇ ନଥିଲା । ତା' ପଛରେ ଥିଲା ଏକ ସ୍ୱାଭିମାନୀ ଜାତିର 'ଅଗ୍ରଗତି କରିବାର ବୈଶିଷ୍ଟ୍ୟ, ବଡ଼ ହେବାର ବିଚକ୍ଷଣତା, ସ୍ୱାଧୀକାର ସହିତ କର୍ତ୍ତବ୍ୟ କରିବାର ନିଷ୍ଠା ଓ ଅନୁରାଗ ।' ଆଉ ଏବେ ସେସବୁ ଗୁଣ ଆଖିରେ ପଡୁଛି କି ? କର୍ପୂର ଉଡ଼ିଯାଇଛି, କନା ପଡ଼ି ରହିଛି । ସେ କନା ଶୁଂଘି କର୍ପୂରର ସୁବାସ ଗ୍ରହଣ କରିବା ଆଉ କେତେ କାଳ ?

ଏସବୁ ପ୍ରଶ୍ନ ଉତ୍ତର ନମିଳୁଥିବା ଯାଏ କଳିଙ୍ଗର ଉତ୍ତରାଧିକାରିତ୍ୱ ଦାବି କରିବାର ଯଥାର୍ଥତା କେହି ମାନି ନେବେ ନାହିଁ । ଦିନ ଆସିବ ଯେତେବେଳେ ନୃତତ୍ତ୍ୱବିଦ୍ ଓ ସମାଜ ବିଜ୍ଞାନୀମାନେ ଅନ୍ୟ ବିଷୟ କହିବେ । ସେତେବେଳେ ଓଡ଼ିଆତ୍ୱ ଆହୁରି ସଂକୁଚିତ ହୋଇଯିବ । ଇତିହାସ ମଧ୍ୟ ଆମ ଦାବିକୁ ସମର୍ଥନ କରିବ ନାହିଁ ।

Digitized by srujanika@gmail.com

ଓଡ଼ିଶାରେ ଓଡ଼ିଆ ପର

ଓଡ଼ିଶାର କଟକ ଓ ଜଟଣୀଠାରେ ଗୋଟିଏ ରେଳବାଇ ଡ଼ିଷ୍ଟ୍ରିକ୍ଟ ଅଫିସ ଥିଲା ବୋଲି ଜାଣିଥିଲି, କିନ୍ତୁ ଟିଟିଲାଗଡ଼ରେ ପହଞ୍ଚି ଜାଣିଲି ଏଠାରେ ଗୋଟିଏ ଅଫିସ ଥାଇ ବି ଏ ଅଞ୍ଚଳ କିପରି ଅବହେଳିତ । ସେତେବେଳେ ଝାରସୁଗୁଡ଼ାରୁ ସମ୍ବଲପୁର ପର୍ଯ୍ୟନ୍ତ ରେଳପଥ ଥିଲା, ୧୯୬୩-୬୪ ବେଳକୁ ସମ୍ବଲପୁର ଟିଟିଲାଗଡ଼ ରେଳପଥ ନିର୍ମିତ ହେଲା । ତେଣୁ ମୁଁ କଲିକତାରୁ ବମ୍ବେ ମେଲରେ ରାୟପୁର ଆସି ସେଠାରୁ ରାୟପୁର ବିଶାଖାପାଟଣା ପାସେଞ୍ଜର ଗାଡ଼ିରେ ଆସିଲି ଟିଟିଲାଗଡ଼ । ଛୋଟ ଜାଗା, ତଥାପି ଭଲ ଲାଗିଲା ଓଡ଼ିଶାରେ ରହିବା ପାଇଁ ସୁଯୋଗ ପାଇଥିବାରୁ । ରାୟପୁରଠାରୁ ବିଜୟନଗରମ୍ ପର୍ଯ୍ୟନ୍ତ ରେଳପଥର ଚଳାଚଳ ଓ ବାଣିଜ୍ୟ ଦାୟିତ୍ୱ ଥିଲା ମୋ ଅଧୀନରେ । ହଜାରେ କର୍ମଚାରୀ । ଅଫିସରେ ୪୦/୫୦ ଜଣ କର୍ମଚାରୀ ଥିଲେ । କିନ୍ତୁ କେବଳ ଗ୍ୟାଙ୍ଗକୁଲି ଛାଡ଼ି ଓଡ଼ିଆଙ୍କ ସଂଖ୍ୟା ଥିଲା ନଗଣ୍ୟ । ଅଫିସରେ ରାମକୃଷ୍ଣ ମହାନ୍ତିଙ୍କ ଛଡ଼ା ଆଉ ସବୁ ଥିଲେ ତେଲଗୁ ଓ ବଙ୍ଗାଳି । ସବୁ ଇଞ୍ଜିନିୟର, ଡାକ୍ତର ଓ ଅନ୍ୟାନ୍ୟ ଅଫିସର ତେଲଗୁ, ତାମିଲ, କେରଳୀ ବା ବଙ୍ଗାଳି । ମନକଥା ମନରେ ରଖି ମୁଁ ପ୍ରଥମେ ବୁଲି ଆସିଲି ସବୁ ଅଞ୍ଚଳ । ସେତେବେଳେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଥିଲେ ଟିଟିଲାଗଡ଼ର ଏସ.ଡ଼ି.ପି.ଓ । ତା' ପୂର୍ବରୁ ଥିଲେ ବାରିପଦାରେ । ଛାତ୍ରଭାବେ ମୋତେ ଜାଣିଥିଲେ । ରାୟଗଡ଼ାରେ ଏ.ଏସ.ପି. ଥିଲେ ମୋ ବ୍ୟାଚମେଟ ଜତୀନ୍ଦ୍ର ସାମଲ ଏବଂ ଏସ.ଡ଼ି.ଓ. ଥିଲେ ବାଉଜଲ । ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ କହିଲେ, ଆପଣ ଆସିଲେ ଭଲ ହେଲା । ଆମର ସାହସ ହେଉଛି କିଛି କହିବା ଓ କରିବା ପାଇଁ । ଆମେ ନଗଣ୍ୟ ରେଳବାଇରେ, କିଛି କରନ୍ତୁ ।

ମାସେଭିତରେମୁଁଜାଣିଗଲିଯେ,ସେତେବେଳରନିୟମନବଦଳାଇଲେଓଡ଼ିଆମାନଙ୍କୁ ନିଯୁକ୍ତି ଦିଆଯାଇପାରିବ ନାହିଁ । ସବୁ ସୁପରଭାଇଜର ଓ ଇନସପେକ୍ଟରଙ୍କ ଅଧିକାର ଥିଲା ଅସ୍ଥାୟୀ ଭାବେ ଲୋକନିଯୁକ୍ତ କରିବା ପାଇଁ । ସେମାନେ ସମସ୍ତେ ଥିଲେ ତେଲୁଗୁ, ବଙ୍ଗାଳି ବା ଅନ୍ୟ ଅଞ୍ଚଳର । ତେଣୁ ତାଙ୍କ ନିଜ ଅଞ୍ଚଳର ଲୋକଙ୍କୁ ଅସ୍ଥାୟୀଭାବେ ଭର୍ତ୍ତି କରି ପରେ ସ୍ଥାୟୀ କରିବାର ବ୍ୟବସ୍ଥା କରୁଥିଲେ । ଚାକିରି ଦବାରେ ଏବର ଦୁର୍ନୀତି ନଥିଲା । କିନ୍ତୁ ପ୍ରିୟାପ୍ରୀତି ତୋଷଣ ସେତେବେଳେ ବି ଥିଲା । ରେଳବାଇ ବୋର୍ଡ଼ଙ୍କ ନୀତି ଅନୁସାରେ ସ୍ଥାନୀୟ ଲୋକ ତଳ

Digitized by srujanika@gmail.com

ଶ୍ରେଣୀରେ ଅଗ୍ରାଧିକାର ପାଇବା କଥା । ସେଥିପାଇଁ ସିଲେକସନ ବୋର୍ଡ଼ରେ ଜଣେ ସ୍ଥାନୀୟ ଅଫିସର ବା ହେଡ଼ମାଷ୍ଟରଙ୍କୁ ନବାର ବ୍ୟବସ୍ଥା ଥିଲା । କିନ୍ତୁ ଏହା ସତ୍ତ୍ୱେ ସମସ୍ତେ ପ୍ରାୟ ଅସ୍ଥାୟୀ ଭାବେ ନିଯୁକ୍ତି ପାଇ ପରେ ସ୍ଥାୟୀ ହେଉଥିବାରୁ ଏମ୍ପ୍ଲୟମେଣ୍ଟ ଏକସଚେଞ୍ଜକୁ ପଚରା ଯାଉ ନଥିଲା କି ବିଜ୍ଞାପନ ଦିଆଯାଉ ନଥିଲା । ଅସ୍ଥାୟୀ ନିଯୁକ୍ତି ଦବାର କ୍ଷମତା କେବଳ ଜରୁରୀ ଅବସ୍ଥା ପାଇଁ ଲାଗିରହିବ କହି ସୁପରଭାଇଜର ଓ ଇନସପେକ୍ଟରମାନଙ୍କ କ୍ଷମତା ସଙ୍କୁଚିତ କରିଦେଲି ଓ ଯେଉଁମାନେ ଆଶାୟୀ ପ୍ରାର୍ଥୀ ସେମାନେ ଦରଖାସ୍ତ କରିବା ପାଇଁ ଗୋଟିଏ ନିୟମ ପ୍ରଣୟନ କଲି । ଅଫିସରେ ସେମାନଙ୍କ ଦରଖାସ୍ତ ଅନୁସାରେ ନାମ ରେଜେଷ୍ଟ୍ରି ହେବ ଏବଂ ସେହି ତାଲିକାରୁ ନିଯୁକ୍ତି ଦିଆଯିବ । ପ୍ରତ୍ୟେକ ଦରଖାସ୍ତ ମଧ୍ୟ ମୋ ଦ୍ୱାରା ଯାଞ୍ଚ କରାଯିବାର ବ୍ୟବସ୍ଥା ଥିଲା ସେଠାରେ । କହିବା ବାହୁଲ୍ୟ ମାସକେତେଟା ରେ ଟିଟିଲାଗଡ଼, ବଲାଙ୍ଗୀର, କଣ୍ଟାବାଞ୍ଜି, ଖରିଆର, କେସିଙ୍ଗା, ଭବାନୀପାଟଣା ପ୍ରଭୃତି ଅଞ୍ଚଳର ଓଡ଼ିଆ ଲୋକେ ଚାକିରି ପାଇବାକୁ ଆରମ୍ଭ କଲେ ଏବଂ ମୋର ଦୁଇବର୍ଷର କାର୍ଯ୍ୟକାଳ ଭିତରେ ଦୁଇ ତିନିଶହରୁ ଅଧିକ ଓଡ଼ିଆ ଲୋକ ରେଳବାଇ ଚାକିରିରେ ରହିହେଲେ । ସିଲେକସନ ବୋର୍ଡ଼ରେ ଥିଲେ ମେନନ୍ ସାହେବ । କେରଳର ଲୋକ । ମିଲିଟାରୀରୁ ଆସିଥିଲେ । ମୁଁ ଯେଉଁ ପଦ୍ଧତି ଅନୁସରଣ କରୁଥିଲି ସେ ତାହା ମାନିନବାରୁ ଏଇ କାମ ଆହୁରି ସରଳ ହେଲା ।

ସେତେବେଳେ ବି ବଲାଙ୍ଗୀର, କଳାହାଣ୍ଡି ଓ କୋରାପୁଟ ଅଞ୍ଚଳର ଲୋକମାନଙ୍କର ଯେଉଁ ଦୟନୀୟ ଆର୍ଥିକ ଅବସ୍ଥା ଦେଖିଥିଲି, ଦୀର୍ଘ ପଇଁତିରିଶ ବର୍ଷ ପରେ ସେଥିରେ ଆଖିଦୃଶିଆ ପରିବର୍ତ୍ତନ ହୋଇଛି ବୋଲି ମୋର ହୃଦ୍‌ବୋଧ ହୋଇନାହିଁ । ସେତେବେଳେ ରାୟଗଡ଼ା, ବିଷମକଟକ, ଆମ୍ୱାଡୋଲା, କେସିଙ୍ଗା, କଣ୍ଟାବାଞ୍ଜି ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଅର୍ଦ୍ଧନଗ୍ନ ବୁଭୁକ୍ଷୁ ଲୋକ ପ୍ରତିଦିନ କାମ ଧନ୍ଦା ଅନୁସନ୍ଧାନରେ ଚାଲିଯାଉଥିଲେ ରାୟପୁର, ରାଉରକେଲା ଆଡ଼କୁ । ସେମାନେ ବିନା ଟିକେଟରେ ଯାଉଥିବାରୁ ଦଳ ଦଳ ହୋଇ ଧରାପଡୁଥିଲେ କିନ୍ତୁ ସେମାନଙ୍କଠାରୁ ପଇସାଟିଏ ଆଦାୟ କରି ନପାରି ଟି.ଟି.ଆଇ. ମାନେ ଛାଡ଼ି ଦେଉଥିଲେ । ସେମାନଙ୍କ ଦୁର୍ଗତି ଦେଖି ମୋ ଆଖି ଛଳ ଛଳ ହେଉଥିଲା, ମୁଁ ଅସହାୟ ପରି କେବଳ ଦେଖୁଥିଲି ସେମାନଙ୍କୁ । ଏପ୍ରିଲ/ମେ ମାସରେ ବିଷମ କଟକ ରାୟଗଡା ଓ ଅନ୍ୟାନ୍ୟ ଅଞ୍ଚଳକୁ ଶହ ଶହ ଲୋକ ଆସୁଥିଲେ ଆମ୍ବ/ପଣସ ସଂଗ୍ରହ କରିବା ପାଇଁ ଆମଟାକୁଆ, ପଣସ ମଞ୍ଜି, ବଣ ଆଳୁ ଖାଇ ଖରା ମାସ ତକ ବଞ୍ଚୁଯାଉଥିଲେ । ଏବେବି ସେ ସବୁ ଅଞ୍ଚଳକୁ ଗଲେ କାଁ ଭାଁ ପରିବର୍ତ୍ତନର ରୂପ ଯେ ଆଖିରେ ନ ପଡ଼େ ତା ନୁହେଁ, କିନ୍ତୁ ଏବେବି ସେମାନେ ଶୋଚନୀୟ ଅବସ୍ଥାରେ ଅଛନ୍ତି ସେତେବେଳେ ବଣର ଫଳମୂଳ ଖାଇ ତିନିଚାରି ମାସ ଚଳିଯାଉଥିଲେ, ଏବେ ସେତକ ବି ନାହିଁ, ବଣ ସଫା ହୋଇଗଲାଣି ।

Digitized by srujanika@gmail.com

ପାନୀୟ ଜଳର ଅଭାବ ସେତେବେଳେ ବି ଗାଁ ଗହଳରେ ଅନୁଭୂତ ହେଉଥିଲା । ଏବେ ବି ପ୍ରାୟ ସେହିପରି । ମୂଲ୍ୟବାନ ଶାଗୁଆନ ଜଙ୍ଗଲ ଓ ଚନ୍ଦନ ବଣ ପ୍ରାୟ ଲୁଟ ହୋଇଯାଇଛି । ଯେଉଁ ସବୁ ଅଫିସର ଓ ରାଜକର୍ମଚାରୀ ସେସବୁ ଜିଲ୍ଲାରେ କାର୍ଯ୍ୟ କରୁଥିଲେ, ସେମାନେ ବିଜୟୀ ସେନାପତି ପରି ବ୍ୟବହାର କରୁଥିଲେ, ସ୍ଥାନୀୟ ଲୋକମାନଙ୍କ ସହିତ ଏବଂ ସେମାନଙ୍କର ଆର୍ଥିକ ବା ସାମାଜିକ ଉନ୍ନତି ପାଇଁ ଅମଲା ଅଫିସରମାନଙ୍କର ତିଳେ ମଧ୍ୟ ପ୍ରତିବଦ୍ଧତା ନଥିଲା । ଏବେ ଅଛି କି ?

ସେତେବେଳେ କୋରାପୁଟ ଥିଲା ଅଗମ୍ୟ ପ୍ରାୟ, ଚଳାଚଳର ସୁବିଧା ନଥିଲା, କେହି ବଦଳି ହେଲେ କଳାପାଣିକୁ ଯିବା ପରି ଅନୁଭବ କରୁଥିଲେ । କୋରାପୁଟ ଓ ଜୟପୁର ଯିବାପାଇଁ ରାୟପୁର ଜଗଦଳପୁର ବା ଆନ୍ଧ୍ରର ସାଲୁର ବା ଆରକୁ ଉପତ୍ୟକା ଦେଇ ଭଲ ରାସ୍ତାଥିଲା । ପରେ ରାୟଗଡ଼ା-କୋରାପୁଟ ରାସ୍ତାର ଉନ୍ନତି ହେଲା ସେତେବେଳେ କୋରାପୁଟ ଜିଲ୍ଲାର ଜୟପୁର ଓ ମଧ୍ୟପ୍ରଦେଶର ଜଗଦଳପୁରଠାରେ ଦୁଇଟି ଆଉଟ୍ ଏଜେନ୍ସି ଥିଲା । ହାଇଦ୍ରାବାଦର ପାଟନି ଟ୍ରାନସ୍‌ପୋର୍ଟ କମ୍ପାନୀ ରେଳବାଇର ଏଜେଣ୍ଟଭାବେ ସେସବୁ ପରିଚାଳନା କରୁଥିଲେ ଏବଂ ସେସବୁ ଜିଲ୍ଲାକୁ ଦୂରଦୂରାନ୍ତରୁ ରେଳଯୋଗେ ଆସୁଥିବା ମାଲ ସାଲୁର ଷ୍ଟେସନରୁ ଟ୍ରକ୍‌ରେ ଜୟପୁର ଓ ଜଗଦଳପୁର ନିଆଯାଉଥିଲା । କୋରାପୁଟର ମନୋହାରିଣୀ ରୂପ ଦେଖି ମୁଗ୍ଧ ହୋଇଥିଲି । ପାହାଡ ଭିତରେ ପାହାଡ଼ । କୋଳାକୋଳି ହୋଇ ଲୋକେ ବସିବା ପରି ଲେସାଲେସି ହୋଇ ବସିଥାଆନ୍ତି ସଭା କଲାପରି । ଘାଟି ପରେ ଘାଟି ଉପତ୍ୟକା । ଆକାଶରେ ଭାସି ବୁଲୁଥିବା ମେଘମାନଙ୍କର ଅପୂର୍ବ ଦୃଶ୍ୟ । ବଣର ଲତା ଓ ବନସ୍ପତିମାନଙ୍କରେ ବସନ୍ତର ଲାବଣ୍ୟ ।

ଜୟପୁର ରଜାଙ୍କ ଅତିଥିଭବନରେ ଆମର ରହିବା ଲାଗି ବ୍ୟବସ୍ଥା କରାଯାଇଥିଲା । ମୁଁ ଗୀତା ଓ ଆମ ସାଙ୍ଗରେ ଝିଅ ସୌମ୍ୟା ଓ ପୁଅ ସଞ୍ଜୀବ । ସେଠାରେ ଶୁଣିଲି ମାଛକୁଣ୍ଡରେ ତିଆରି ସରିଥିବା ହାଇଡ୍ରୋଇଲେକ୍ଟ୍ରିକ୍ ପାୱାର ଷ୍ଟେସନ ସମ୍ବନ୍ଧରେ । ଛାତ୍ରଥିଲା ବେଳେ ଡୁଡୁମାକୁ ଆନ୍ଧ୍ରକୁ ଦିଆ ନ ଯାଉ ବୋଲି ଆମେ ବିରାଟ ଆନ୍ଦୋଳନ କରିଥିଲୁ, ଧର୍ମଘଟ କରି ସ୍କୁଲ କଲେଜ ଅଚଳ କରି ଦେଇଥିଲୁ । କିନ୍ତୁ ସେଇ ଡୁଡୁମା ଦେଖି ନଥିଲି । ଦେଖିବାର ସୁଯୋଗ ମିଳିଗଲା । ସେଠାକୁ ଯିବାର ସବୁ ବ୍ୟବସ୍ଥା କରାଗଲା । ଗୋଟେ ଜିପ୍‌ରେ ଗଲୁ ଜୟପୁରରୁ । ପାୱାର ଜେନେରେସନ ଦେଖିବା ପାଇଁ ସୁଇଚ ସାହାଯ୍ୟରେ ତଳକୁ ଓହ୍ଲାଇଲାବେଳେ ଭୟ ବି ଲାଗୁଥିଲା ଆଉ ରୋମାଞ୍ଚ ବି ହେଉଥିଲା । ଜଳରୁ ବିଦ୍ୟୁତ୍ ଉତ୍ପାଦନ କିପରି ହୁଏ ସେହିଠାରେ ପ୍ରଥମ ଦେଖିଲି ।

କୋରାପୁଟ ଓ ଚିତ୍ରକୋଣ୍ଡା, ଜଗଦଳପୁର ବୁଲି ଦେଖିଲାବେଳେ ବିଭିନ୍ନ ସଂପ୍ରଦାୟର ଆଦିବାସୀ ଓ ସେମାନଙ୍କର ଜୀବନଚର୍ଯ୍ୟା ସମ୍ପର୍କରେ କିଞ୍ଚିତ୍ ଆଭାସ ମଧ୍ୟ ପାଇଲି ।

Digitized by srujanika@gmail.com

ସେତେବେଳେ ଜଗଦଳପୁରର ରାଜା ମୟୂରଭଞ୍ଜର ଲାଲସାହେବଙ୍କ ପୁଅ ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓ । ସେଠାରେ ଦନ୍ତେଶ୍ୱରୀଙ୍କ ମନ୍ଦିର । ଆଦିବାସୀ ଜୀବନର ମୌଳିକ ଆଭିମୁଖ୍ୟ ଓ ଜୀବନ ଦର୍ଶନ କୋରାପୁଟ ଅଞ୍ଚଳକୁ ନ ଗଲେ ଜାଣି ହୁଏ ନାହିଁ । ଆଉ ଆରକୁ ଉପତ୍ୟକା ଓଡ଼ିଶା ଏବଂ ଆନ୍ଧ୍ର ସୀମାରେ । ଏହା ବହୁ ପ୍ରକାର ବନସ୍ପତି ଓ ଦୁର୍ଲଭ ଲତାଗୁଳ୍ମରେ ପୂର୍ଣ୍ଣ । ସେଠାରେ ବିଭିନ୍ନ ପ୍ରକାର ମସଲା ଚାଷ କରାଯାଇ ବାହାରକୁ ରପ୍ତାନି ହୁଏ । କୋରାପୁଟରୁ ଫେରିବା ବାଟରେ ସାଲୁରରେ ରହିଲୁ । ସେଠାରେ ଜାଣିଲି ଯେ ସାଲୁର ରାଜା ଓଡ଼ିଆ, ଓଡ଼ିଶା ସହିତ ତାଙ୍କର ପାରିବାରିକ ସମ୍ପର୍କ । କିନ୍ତୁ ଏସବୁ ସତ୍ତ୍ୱେ କୋରାପୁଟ ଜିଲ୍ଲାରେ ସେତେବେଳେ କେବଳ ଦେଖୁଥିଲି ବହୁ ସଂଖ୍ୟାରେ ଆଦିବାସୀ ପରଜା, କାଣ୍ଡ ପ୍ରଭୃତି ଏବଂ ପ୍ରାୟ ସବୁ ବ୍ୟବସାୟୀ ଓ ବଡ଼ ବଡ଼ ଚାଷୀ, ଠିକାଦାର, କର୍ମଚାରୀ ତେଲୁଗୁ । ଏ ଭିତରେ ଅନେକ ଥର ଯାଇଛି କୋରାପୁଟ ଜିଲ୍ଲା, ଦେଖୁଛି ଏହାର ବଦଳୁଥିବା ରୂପ । ବଡ଼ ବଡ଼ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଯୋଗାଯୋଗ ଓ ଜଳବାୟୁର ପ୍ରଭୂତ ଉନ୍ନତି ହୋଇଛି । କିନ୍ତୁ ଏସବୁ ଉନ୍ନତି ଯେପରି ଅଧିକାଂଶ ଆଦିବାସୀଙ୍କ ଜୀବନକୁ ସ୍ପର୍ଶ ବି କରି ନାହିଁ । ସେମାନେ ସବୁ ଥାଇ ବି ପରିତ୍ୟକ୍ତ ଓ ଅବହେଳିତ ଅବସ୍ଥାରେ ଅଛନ୍ତି । ୧୯୫୮ ପରେ ଆଉ କେତେ ଥର ଯାଇଛି । ଓଡ଼ିଶା-ଆନ୍ଧ୍ର ସୀମାରେ ବରାହଗୁଲୁଠାରେ ଯେଉଁ ବିରାଟ ଗୁମ୍ଫା ଅଛି ତା ଭିତରକୁ ଯାଇଛି । ହଜାରେ ଲୋକ ଏକ ସମୟରେ ରହିପାରିବେ ଗୁମ୍ଫା ଭିତରେ । ଶୀତାତାପ ନିୟନ୍ତ୍ରଣର ଚମତ୍କାର ଉଦାହରଣ ସେଇ ପ୍ରାକୃତିକ ଅବସ୍ଥାରେ ।

ମୁଁ ଓଡ଼ିଶା ସରକାରଙ୍କ ରେଳ ସମନ୍ୱୟ କମିଶନର ଥିବାବେଳେ କେତେ ଥର କୋରାପୁଟ ଯାଇଛି; ବହୁ କଷ୍ଟରେ ମଞ୍ଜୁର କରାଯାଇଥିବା କୋରାପୁଟ- ରାୟଗଡା ରେଳପଥର ନିର୍ମାଣ କାର୍ଯ୍ୟ ଦେଖିବା ପାଇଁ । ଥରେ କଲେକ୍ଟର କହିଲେ, ସାର୍, ଏତେବଡ଼ ପ୍ରକଳ୍ପ ଅଥଚ ସ୍ଥାନୀୟ ଆଦିବାସୀମାନଙ୍କୁ କାମ ମିଳୁନି । ଚିଫ୍ ଇଞ୍ଜିନିୟର ଭୀମାରାଓ ଆସିଲେ ବିଶାଖାପାଟଣାରୁ ମିଟିଂ ହେଲା ଏବଂ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତ ନ କଲେ ଅବସ୍ଥା ଗୁରୁତର ହେବ ଓ ଆଇନ ଅନୁସାରେ ଅଫିସରମାନଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଗଲା । କହିବା ବାହୁଲ୍ୟ ମୁଁ ଚାକିରିରେ ଥିବାବେଳେ ଅନେକ ଓଡ଼ିଆ ଯୁବକ ନିଯୁକ୍ତ ପାଇଲେ । ଜେନେରାଲ ମ୍ୟାନେଜର ଭାବେ କାମ କରୁଥିବା ବେଳେ ଓଡ଼ିଆ ପ୍ରଶିକ୍ଷଣପ୍ରାପ୍ତ ଯୁବକ ଓ ଆଦିବାସୀଙ୍କୁ ନିଯୁକ୍ତି ଦବା କାମ ସରଳ କରାଯାଇଥିଲା ଏବଂ ଓଡ଼ିଶା ସରକାରଙ୍କ ଦୁଇଟି କର୍ପୋରେସନ-ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେସନ୍ ଓ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକ୍ସନ କର୍ପୋରେସନ୍‌କୁ ଟନେଲ କାଟି ରେଳପଥ ନିର୍ମାଣ କରିବା ପାଇଁ କୋଟି କୋଟି ଟଙ୍କାର କାମ ଦେଇ ପାରିଥିଲି ।

Digitized by srujanika@gmail.com

ପୁନଶ୍ଚ ପୂର୍ବ ପ୍ରସଙ୍ଗକୁ ଫେରି ଆସେ । ସେତେବେଳେ ରାୟଗଡ଼ା ସହର ଦେଖିଲେ ଯିଏ କେହି କହିବ ଯେ, ଇଏ ଓଡ଼ିଶାର ଅଂଶବିଶେଷ । ପାନ ଦୋକାନ, ଜଳଖିଆ ଦୋକାନ ଠାରୁ ଆରମ୍ଭ କରି ସିନେମା ହଲର ମାଲିକ ଓ ଅଧିକାଂଶ ଲୋକ ତେଲଗୁ । ଏବେ ଓଡ଼ିଆଙ୍କ ସଂଖ୍ୟା କିଛି ବଢ଼ିଛି ସେମାନଙ୍କର ପ୍ରତିପତି ମଧ ବଢ଼ିଛି କିନ୍ତୁ ସେତେବେଳେ ଓଡ଼ିଆ ଭାଷା ଓ ସାହିତ୍ୟ ଯେପରି ଅବହେଳିତ ହୋଇ ରହିଥିଲା ଏବେ ସେଥିରେ ବିଶେଷ କିଛି ଉନତି ହୋଇ ନାହିଁ । ଅଥଚ ଜୟପୁରର ମହାରାଜାଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ କେହି ଭୁଲି ପାରିବେ ନାହିଁ । ପଶ୍ଚିମ ଓ ଦକ୍ଷିଣାଞ୍ଚଳର ଲୋକମାନଙ୍କର କଥିତ ଭାଷା ଓଡ଼ିଆ ଅଭିଧାନ ବା ସାହିତ୍ୟରେ ସ୍ଥାନ ପାଇ ନାହିଁ, ତେଣୁ ବାହାରେ ଥିବା ପରି ଅନୁଭବ କରୁଥିଲେ । ଏବେ ମଧ ସେହି ବିଚ୍ଛିନ୍ନତା ବୋଧ ଲାଗି ରହିଛି ।

Digitized by srujanika@gmail.com

କଳାହାଣ୍ଡିଆ

ଥରେ ନୀଳାଚଳ ଏକ୍‌ସପ୍ରେସ୍‌ରେ ଦିଲ୍ଲୀ ଆସୁଥିବା ବେଳେ ବାଟରେ ଦେଖାହେଲା କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗର ଅଫିସର ଉମାଶଙ୍କର ମିଶ୍ରଙ୍କ ସହିତ । ହରିୟାଣାରେ ଘର । ଆହୁରି ଦେଖାହେଲା ଓଡ଼ିଶା ସଂସ୍କୃତି ଓ ଐତିହ୍ୟ ସଂମ୍ପର୍କରେ ଏକ ପ୍ରାମାଣିକ ଚିତ୍ର ନିର୍ମାଣ କରୁଥିବା ରୁଷ ଦେଶର ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ସହିତ । ଉମାଶଙ୍କର ବର୍ଣ୍ଣନା କରୁଥିଲେ କଳିଙ୍ଗ ସାମ୍ରାଜ୍ୟର କୀର୍ତ୍ତି । ଓଡ଼ିଶାର ଅନ୍ୟନାମ କାହିଁକି ଉତ୍କଳ ତାହା ବୁଝାଇ ଦେଉଥିଲେ ସେମାନଙ୍କୁ । ଉତ୍କୃଷ୍ଟ କଳାର ଦେଶ ଉତ୍କଳ । ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ, ରାଜାରାଣୀ ଓ ମୁକ୍ତେଶ୍ୱର ମନ୍ଦିର, ପୁଣି ଖଣ୍ଡଗିରି ଓ ଉଦୟଗିରି ସ୍ଥାପତ୍ୟ ସହିତ ଧଉଳିରେ ଥିବା ଆଶୋକଙ୍କ ଶିଳାଲିପିର ଐତିହାସିକ ଚମତ୍କାରିତା ସମ୍ପର୍କରେ ଉଲ୍ଲେଖ କରିସାରି ମୁଗ୍ଧଦୃଷ୍ଟି ଅନ୍ୟ ଯାତ୍ରିମାନଙ୍କ ମୁହଁକୁ ଚାହିଁଲା ବେଳକୁ ଦିଲ୍ଲୀର ଶ୍ରୀବାସ୍ତବ ଦମ୍ପତି କହିଲେ ଇନ୍ଦିରା ପାର୍କ ଓ ନନ୍ଦନକାନନ ସମ୍ବନ୍ଧରେ । ଓଡ଼ିଶାର ପ୍ରଶଂସା ସେମାନଙ୍କ ମୁହଁରୁ ଶୁଣି ମନ ପ୍ରଫୁଲ୍ଲିତ ହୋଇ ଉଠିଲା ।

ଦିଲ୍ଲୀରେ ପହଁଞ୍ଚିଲାପରେ ଦେଖାହେଲା ଅନେକ ବନ୍ଧୁଙ୍କ ସହିତ କେନ୍ଦ୍ରସରକାରଙ୍କ ବିଭିନ୍ନ ଭବନରେ । ଜଣେ ଅତିରିକ୍ତ ସଚିବ ଓଡ଼ିଶାର ହାଲଚାଲ ସମ୍ବନ୍ଧରେ ଜାଣିବା ପାଇଁ ଉତ୍ସାହ ପ୍ରକାଶ କରି କହିଲେ, ଖବର କାଗଜରେ ପଢ଼ିଲି ଯେ, ଓଡ଼ିଶା ଗାଁ ଗଣ୍ଡାରେ ଅଚଳ ହୋଇ ପଡ଼ିଥିବା ହଜାର ହଜାର ନଳକୂପର ମରାମତି ପାଇଁ କେନ୍ଦ୍ର ସରକାରଙ୍କୁ ପାଞ୍ଚକୋଟି ଟଙ୍କା ସାହାଯ୍ୟ ମାଗିଛନ୍ତି ଓଡ଼ିଶା ସରକାର । ଏଇ ନଳକୂପଗୁଡ଼ିକ ଛଅମାସରୁ ଦୁଇ ତିନିବର୍ଷ ହେଲା ଅଚଳ ଅବସ୍ଥାରେ ଥିଲେ ମଧ୍ୟ ଓଡ଼ିଶାର ପ୍ରଶାସନିକ ଅପରାଗତା ଓ ନିର୍ଲିପ୍ତତା ଯୋଗୁଁ କିଛି ପ୍ରତିକାର କରାଯାଇ ପାରିନାହିଁ । ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଯିବାର ଘୋଷଣା ହେବା ପରେ ପରେ ଏସବୁ ସଚଳ କରିବା ପାଇଁ ତତ୍ପରତା ପ୍ରକାଶ ପାଇଛି । ଜଣେ ବନ୍ଧୁ ମୋ ମୁହଁକୁ ଚାହିଁ କହିଲେ ତମେ ସରକାରରେ ଥିଲେ କଣ କରିଥାନ୍ତ ? ମୁଁ ଦ୍ୱିଧା ନ କରି କହିଲି ପ୍ରଥମେ ବିଭାଗର ସର୍ବୋଚ୍ଚ ଅଫିସରଙ୍କୁ ସସ୍‌ପେଣ୍ଡ କରି ତାପରେ ସେସବୁର ମରାମତି ପାଇଁ ପଦକ୍ଷେପ ନେଇଥାନ୍ତି । ସେ ମୋ ପିଠି ଥାପୁଡେଇ କହିଲେ ଅଥଚ ଏଇ ପାଞ୍ଚକୋଟି ଟଙ୍କା ଅଭାବରୁ ମରାମତି କାର୍ଯ୍ୟ କରିପାରୁ ନଥିବା ପ୍ରଶାସନ ବାଲିଯାତ୍ରା ପାଇଁ ଚାରିକୋଟି,

Digitized by srujanika@gmail.com

ନୃତ୍ୟଗୀତ ଉତ୍ସବ ପାଇଁ କୋଟିଏ, ପଞ୍ଚାୟତ ସମ୍ମିଳନୀ ପାଇଁ ତିନିକୋଟି ଟଙ୍କା ଖର୍ଚ୍ଚ କରି ପାରିଲେ । କିନ୍ତୁ ଗୋଟିଏ ପ୍ରଶ୍ନର ଉତ୍ତର କେହି ଦେଉ ନାହାନ୍ତି । ତାହେଲା ପ୍ରଶାସନର ଉତ୍ତର ଦାୟିତ୍ୱ ଅଛି କି ନାହିଁ ? ସମସ୍ତଙ୍କ ଅପାରଗତା ଘୋଡ଼ାଇବା ଲାଗି ବ୍ୟସ୍ତ । କାହାରି ଯେପରି କିଛି ଦାୟିତ୍ୱ ନାହିଁ । ମୁଁ କହିଲି ସେଇ ପୁରୁଣା କଥା- ବିଜୁଳି-ଶାସନ ଗଲାଣି ହୁଗୁଳି ।

ବିଭିନ୍ନ ଭବନମାନଙ୍କରେ ସରକାର ବିଭିନ୍ନ ବିଭାଗର ମନ୍ତ୍ରଣାଳୟ । ଆଉ ଗୋଟିଏ ଭବନର ଜଣେ ସ୍ୱତନ୍ତ୍ର ସଚିବଙ୍କ ସହିତ ଆଲୋଚନା କଲାବେଳେ କହିଲି, ତମେ ଓଡ଼ିଶା ଆସିବ କହିଥିଲ, କିନ୍ତୁ ତାହା ପଦ୍ମ ଘୁଞ୍ଚ ଘୁଞ୍ଚ ଗଲା ପରି ଦୂରେଇ ଯାଉଛି । ସେ ମୁରୁକି ହସି କହିଲେ, ତମ ରାଜ୍ୟ ଅତିଥି ଭବନର ଦୁରବସ୍ଥା ବିଷୟ ଶୁଣିବା ପରେ ମନ ମରି ଯାଇଛି । ଓବେରଏ ବା ସ୍ୱସ୍ତି ହୋଟେଲରେ ରହିବା ଖର୍ଚ୍ଚତ ସରକାର ମୋତେ ଦେବେ ନାହିଁ । ତା'ପରେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ଅତିଥି ଭବନରେ ଯେଉଁ ସବୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ସେସବୁ ବଖାଣି ବସିଲେ । ତଥାପି ମୁଁ କହିଲି, ତମେ ଆସ, ସବୁ ଠିକ୍ ହୋଇଯିବ । ଓଡ଼ିଶାରେ କିଛି କାମ କର । ଓଡ଼ିଶା କ'ଣ ସବୁଦିନ ଏହିପରି ପଛରେ ପଡ଼ିଥିବ ? ସେ କହିଲେ, ତମ ସହିତ ମୁଁ ଏକମତ । ଓଡ଼ିଶାର ଉନ୍ନତି, ଏହାର ସର୍ବାଙ୍ଗୀନ ବିକାଶ ସମସ୍ତଙ୍କର କାମ୍ୟ । କିନ୍ତୁ ସେଇ କାମ କରିବ କିଏ ? ତମ ଓଡ଼ିଶା ଲୋକେ, ଓଡ଼ିଶାର ପ୍ରଶାସନ, ଓଡ଼ିଶା ସରକାର ଯଦି ସେ ସମ୍ବନ୍ଧରେ ସଚେତନ ହୋଇ ଦୀର୍ଘକାଳୀନ ତତ୍ପରତାର ସହିତ ଦଶପନ୍ଦର ବର୍ଷ କଠିନ ପରିଶ୍ରମ ନକରିବେ ଏହିପରି ଚାଲିଥିବ । ନିଜ ଘର ତୋଳ, ନିଜ ଝିଅ, ପୁଅ, ଜ୍ୱାଇଁ ଓ ପୁତୁରାକୁ ଥଇଥାନ କର, ବ୍ୟାଙ୍କ ବାଲାନ୍ସ ବଢ଼ାଅ, ଦୁଇ ତିନିଟି ପ୍ଲଟ ବିଭିନ୍ନ ନାମରେ ନିଅ ମନା ନାହିଁ । ଏସବୁ ତ ସାରା ଭାରତରେ ହେଉଛି । କିନ୍ତୁ କାମ ବି କିଛି କର । ପଛରେ ପଡ଼ିଥିବା ମାତୃଭୂମିକୁ ଆଗକୁ ଆଣିବା ପାଇଁ ସଂକଳ୍ପବଦ୍ଧ ଉଦ୍ୟମ କର । ତମେ ସବୁ ରହିବ ଓଡ଼ିଶାରେ । ତମର ବଂଶଧର ସେଠାରେ ରହିବେ । ତମେ ସବୁ ଯଦି ଏ କାମ ନ କର ବାହାର ଲୋକ କରିବେ କାହିଁକି ? କେଉଁ ସ୍ୱାର୍ଥ ଆଶାରେ ? ମୁଁ ଉତ୍ତର ଦେଇ ପାରିଲି ନାହିଁ । ଆଉ ଗୋଟେ ଭବନରୁ ଶୁଣିଲି ଯେ ବିଦେଶକୁ ରପ୍ତାନି କରାଯାଉଥିବା ସାମୁଦ୍ରିକ ଉତ୍ପାଦନ ସାମଗ୍ରୀ ସମ୍ବନ୍ଧରେ ସରକାରଙ୍କ ଯୋଜନା ଅନୁସାରେ ବିଚାରବିମର୍ଶ କରି ପ୍ରତିଷେଧକ ଓ ଆଗୁଆ ପଦକ୍ଷେପ ନେବା ପାଇଁ ଯେଉଁ ରପ୍ତାନି ପରିଷଦ ଅଛି ତା'ର ବୈଠକ ମଝିରେ ମଝିରେ ବସୁଥିଲେ ହେଁ ଓଡ଼ିଶାରୁ କେହି ଯୋଗ ଦେବାର ଜଣାନାହିଁ । ଓଡ଼ିଶାର ଦାବି ଉପସ୍ଥାପିତ ହେଲେ ଚିଙ୍ଗୁଡ଼ିଚାଷ ଓ ଅନ୍ୟାନ୍ୟ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ଉତ୍ପାଦନ ସକାଶେ ଯଥେଷ୍ଟ ଅନୁଦାନ ମିଳନ୍ତା । ଶୋଇଲା ପୁଅର ଭାଗନାହିଁ । ମୁଁ କହିଲି ମୁଁ ଅଦାବେପାରି, ଜାହାଜର ମୂଲ କରିବି କାହିଁକି ? ତଥାପି ତମ ସୂଚନା ଯଥା ସ୍ଥାନରେ ପହଁଚେଇବା ପାଇଁ ଚେଷ୍ଟା କରିବି ।

ବନ୍ଧୁଙ୍କ ଘରକୁ ଫେରି ଆସିଲି । ମନ ଭଲ ଲାଗୁ ନଥାଏ । ଆଲେଗ ସାହେବ ସେନାବାହିନୀର କର୍ଣ୍ଣେଲ ଥିଲେ । ଅବସର ନବାପରେ ଡିଫେନସ କଲୋନୀରେ ସ୍ଥାୟୀଭାବେ

Digitized by srujanika@gmail.com

ବସବାସ କରେ । ପଞ୍ଜାବର ଲୋକ । ତିନି ପୁଅ ଆମେରିକାର ନାଗରିକତ୍ୱ ଗ୍ରହଣ କରି ରହିଯାଇଛନ୍ତି । ସେଥିପାଇଁ ମଝିରେ ମଝିରେ ଆମେରିକା ଯାଆନ୍ତି, ଏଥର ମଧ୍ୟ ଯାଇଛନ୍ତି ତିନିମାସ ହେଲା । ଆମେରିକା ଭଲ ଲାଗେନି ବୋଲି ଫେରି ଆସନ୍ତି ଜନ୍ମ ଭୂମିକୁ । ତାଙ୍କ ଅନୁପସ୍ଥିତିରେ ତାଙ୍କର ଆତିଥ୍ୟରେ ଆରାମରେ ବସି ବସି ଟି.ଭି. ଦେଖୁଥିଲା ବେଳେ ଘୋଷିକା କହିଲେ, ଦଶଟା ଦଶରେ କଳାହାଣ୍ଡି ଉପରେ ଏକ ରିପୋର୍ଟ ଦିଆଯିବ । ରାତ୍ରିଭୋଜନ ସମାପ୍ତ କରି ପୁଣି ଆମେ ସମସ୍ତେ ବସିଲୁ ଟି.ଭି. ଆଗରେ । ଆଉ ସେତିକି ବେଳେ ମନେ ପଡ଼ିଲା ଓଡ଼ିଆ ସାହିତ୍ୟକୁ ଅଳ୍ପଦିନ ତଳେ ନୂଆ ଅର୍ଥ ନେଇ ଆସିଥିବା ଗୋଟିଏ ଶବ୍ଦ- 'କଳାହାଣ୍ଡିଆ' । ଅର୍ଥାତ୍ କଳାହାଣ୍ଡିର ଲୋକ ଅସ୍ଥି କଙ୍କାଳସାର, ବୁଭୁକ୍ଷୁ । ସେଇଠି ମା ଭୋକ ଜ୍ୱାଳା ସହି ନ ପାରି ବିକ୍ରିକରେ ଝିଅ ବା ପୁଅ । ସେଇ କଳାହାଣ୍ଡି ଜିଲା ସହିତ ମୋର ଦୀର୍ଘ ଦିନର ପରିଚୟ । ଟିଟିଲାଗଡ଼ଠାରେ ଦୁଇବର୍ଷ ଥିଲି । କେସିଙ୍ଗା, ଭବାନୀପାଟଣା, ନୂଆପଡ଼ା, ଖଡ଼ିଆଳ, ଲାଞ୍ଜିଗଡ଼ ପ୍ରଭୃତି ଜାଗାକୁ ବହୁବାର ଯାଇଛି । ପଇଁତିରିଶ ବର୍ଷ ତଳେ କଳାହାଣ୍ଡିର ସରଳ ଲୋକମାନଙ୍କୁ ଯେପରି ଅର୍ଦ୍ଧନଗ୍ନ ଅର୍ଦ୍ଧଭୁକ୍ତ ଅବସ୍ଥାରେ ଦେଖିଥିଲି ଏବେ ସେଥିରେ କିଛି ପରିବର୍ତ୍ତନ ହୋଇନାହିଁ । ବରଂ ସ୍ୱାଧୀନତା ପରେ ସେମାନଙ୍କୁ ଶୋଷଣ କରିବା ଫଳରେ ସେମାନେ ବେଶି କ୍ଷେତା ଦିଶୁଛନ୍ତି । ରାଜୁଡ଼ା ଶାସନରେ ଥିଲାବେଳେ ସେମାନଙ୍କର ପ୍ରତ୍ୟାଶା ଥିଲା ସୀମିତ । ସ୍ୱାଧୀନତା ସେମାନଙ୍କର ପ୍ରତ୍ୟାଶାକୁ ବହୁଗୁଣ ବଢ଼ାଇଦେଲା । ସେମାନେ ଆଶା କଲେ ଯେ,ସେମାନଙ୍କ ଚାଷଜମିରେ ପାଣି ମାଡିବ, ପିଇବା ପାଇଁ କଳସିଏ ପାଣି ଆଣିବା ପାଇଁ ପାଞ୍ଚକୋଶ ବାଟ ଯିବାକୁ ପଡ଼ିବ ନାହିଁ, ଗାଁକୁ ସଡ଼କ ପଡ଼ିବ, ବେମାରୀ ହେଲେ ଔଷଧ ମିଳିବ; ବରଷକେ ଆମ୍ବୁଗୋଡ ଯାକି ଛଅମାସ ଆଉ ବସି ରହିବାକୁ ପଡ଼ିବ ନାହିଁ, ସରକାର କାମ ଯୋଗାଇଦେବେ, ରୋଜଗାର ହାତକୁ ଆସିବ, ବଡ଼ ବଡ଼ ଲୋକଙ୍କ ପୁଅଝିଅ ପରି ସେମାନଙ୍କ ପୁଅଝିଅ ବି ପାଠ ପଢ଼ିବେ, ପେଟ ବିକଳରେ ସେମାନଙ୍କୁ ଆଉ ଭିଲାଇ, ରାଉରକେଲା, ନାଗପୁର ଯିବାକୁ ହେବନାହିଁ କି ପେଟ ପୋଷିବା ପାଇଁ ତାଙ୍କୁ ପିଲା ବିକ୍ରି କରିବାକୁ ପଡ଼ିବ ନାହିଁ । ଏଇ ଛୋଟ ଛୋଟ ଆଶାଗୁଡ଼ାକ କିନ୍ତୁ ପାଣି ଫୋଟକା ପରି ଫାଟିଗଲା । ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ଶୁଣିବା ପାଇଁ ଯେଉଁମାନେ ଭୋଟ ପାଇ ପ୍ରତିନିଧି ହେଲେ ସେମାନଙ୍କ ସମୟ ହେଲାନି ଏସବୁ କଥା ବୁଝିବା ପାଇଁ । ଜନସାଧାରଣଙ୍କ ସେବା କରିବା ପାଇଁ ଯେଉଁମାନେ ଚାକିରୀରେ ନିଯୁକ୍ତ ହେଲେ ସେମାନେ ଜନସାଧାରଣଙ୍କ ସର୍ବେସର୍ବା ପରି ବ୍ୟବହାର କରି ସେମାନଙ୍କଠାରେ ଯାହା ସାର ଓ ସରସତା ଥିଲା ସେତକ ବି ଚୂଷି ନେଲେ ।

ଦୂରଦର୍ଶନ ପର୍ଦ୍ଦାରେ କୋଣାର୍କ ଓ ପୁରୀ ମନ୍ଦିର ଝଲକି ଉଠିଲା । ପ୍ରାଚୀନ ଓଡ଼ିଶାର କୀର୍ତ୍ତି, ଓଡ଼ିଆମାନଙ୍କର ଗୌରବ ଓ ଖ୍ୟାତି ସମ୍ପର୍କରେ କିଛି ସୂଚନା ଦେଇସାରି କଳାହାଣ୍ଡି

Digitized by srujanika@gmail.com

ଜିଲା, କୋରାପୁଟ ଓ ବଲାଙ୍ଗୀର ଜିଲାରେ ଅନାବୃଷ୍ଟିଜନିତ ଉପୁଜିଥିବା ସାଙ୍ଘାତିକ ପରିସ୍ଥିତି ସମ୍ବନ୍ଧରେ ବିସ୍ତୃତ ଦୃଶ୍ୟ ଉପସ୍ଥାପନ କରାଗଲା । ଟି.ଭି. ପରଦାରେ ଯେଉଁ କଂକାଳସାର ମଣିଷମାନଙ୍କର ଛବି ଦେଖିଲି ସେମାନେ ଇଥିଓପିଆ ବା ସୋମାଲିଆର ଅନାହାରକ୍ଲିଷ୍ଟ ମୃତ୍ୟୁମୁଖୀ ସାଧାରଣଲୋକଙ୍କଠାରୁ କୌଣସି ଭାବେ ପୃଥକ ନଥିଲେ । ବିଶ୍ୱସାରା ଦାରିଦ୍ର୍ୟ, ଅନାହାର ଓ ଅସହାୟ ଲୋକମାନଙ୍କର ଚିତ୍ର ଏକାପରି । ମା' ଜଣେ ଛୁଆକୁ ଖାଇବାକୁ ଦେଇ ନପାରି ବିକ୍ରୀ କରିଦେଇଛି । ଆଉ ଜଣେ କହିଲା ଯେ ବଡ଼ ବଡ଼ ଅଫିସର, ମନ୍ତ୍ରୀ ସମସ୍ତେ ବେଳେ ବେଳେ ଆସନ୍ତି କିନ୍ତୁ ଅବସ୍ଥା ସୁଧୁରି ନାହିଁ । ପାଣି ଟୋପାଏ ନାହିଁ କୂଅ, ପୋଖରୀରେ । ଗୋରୁଗାଈ ମରି ହଜିଗଲେଣି । ଖାଦ୍ୟ ନାହିଁ । ଅଖାଦ୍ୟ ଖାଇ ବା ଅନାହାରରେ ରହି ମୃତ୍ୟୁକୁ ଆଲିଙ୍ଗନ କରୁଥିବା ଲୋକଙ୍କ ସଂଖ୍ୟା ଯେତେ କମ୍ ହେଲେ ବି ସେମାନେ ଅନାହାରରୁ ମଲେ ବା ଅଖାଦ୍ୟ ଖାଇ ମଲେ ସେ ବିଷୟରେ ତର୍କ କରି ଲାଭ ନାହିଁ । ଗୋଟିଏ ବିଷୟ ସୂର୍ଯ୍ୟାଲୋକ ପରି ସ୍ପଷ୍ଟ । ତାହା ହେଲା- ସ୍ୱାଧୀନତାର ପଇଁତାଳିସ ବର୍ଷ ପରେ ପିଇବା ପାଇଁ ପାଣି, ପିନ୍ଧିବା ପାଇଁ ଲୁଗା, ପେଟପାଇଁ ଖାଦ୍ୟ ଅଭାବରୁ ଯଦି ବାପା ମା ପୁଅ ବା ଝିଅକୁ ବିକ୍ରି କରିବାକୁ ହୁଏ ବା ବଂଚିବାର ସବୁ ଆଶା ଛାଡ଼ି ଜୀବନ ବିକଳରେ ଭିଟାମାଟି ଛାଡି ପଳେଇଯିବାକୁ ହୁଏ, ତେବେ ଏ ସ୍ୱାଧୀନତା ଯେପରି ନିରର୍ଥକ ସେମାନଙ୍କ ପାଖରେ, ସେହିପରି ଅବାନ୍ତର ସଂସଦ ବା ବିଧାନସଭାର ତର୍କ ବିତର୍କ ।

ତା'ପରଦିନ ଆଉ ଜଣେ ବନ୍ଧୁ କହିଲେ, ଦୂରଦର୍ଶନର କଳାହାଣ୍ଡିର ଦୃଶ୍ୟଦେଖି ମୋର କ'ଣ ମନେ ହେଲାଜାଣ ? ଆମେ ସମସ୍ତେ ଅପରାଧୀ... ଦିଲ୍ଲୀର ଏଇ ବିଳାସବ୍ୟସନ, ବ୍ୟାଙ୍କ ଜାଲିଆତି, ବମ୍ବେ ଓ କଲିକତାର ବୋମା ବିସ୍ଫୋରଣ କଳାହାଣ୍ଡି ଆଗରେ ମ୍ଳାନ ପଡ଼ିଯାଇଛି । ଗୋଟିଏ ବିରାଟ ଅଂଚଳର ଲକ୍ଷ ଲକ୍ଷ ଲୋକ ବିଜୟୀ ହେବାର କୌଣସି ଆଶା ନରଖି ତଥାପି ବଂଚିବା ପାଇଁ ଯେ, ପ୍ରତି ମୂହୂର୍ତ୍ତରେ ଲଢ଼େଇ କରୁଛନ୍ତି ତାହା ହିଁ ଭାରତ ଏବଂ ପୃଥିବୀର ସବୁଠାରୁ ବେଶି ଚମତ୍କପ୍ରଦ ଦୁର୍ଲଭଦୃଶ୍ୟ । ମୁଁ ଚୁପ୍ ରହିଲି । ବହୁବର୍ଷ ତଳେ ଗୁଜରାଟ ଯାଇଥିଲି । ବରୋଦା, ଅହମଦାବାଦ ବୁଲି ଆସିବା ପାଇଁ । ଅହମଦାବାଦର ଗୋଟେ ପାର୍କରେ ବୁଲୁଥିଲା ବେଳେ ଜଣେ ଗୁଜରାଟୀ ଅଫିସରଙ୍କ ସହିତ ପରିଚୟ ହେଲା । ସେ କହିଲେ- ଓଡ଼ିଶାରୁ ଆସିଛ ? ସେଇଟା ପଶ୍ଚିମବଙ୍ଗର କୋଉଁଠି ? ସେଦିନ କ୍ଷୋଭର ସହିତ ତାଙ୍କୁ କହିଥିଲି ଯେ, ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ- ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ମଝିରେ ବଙ୍ଗୋପସାଗର କୂଳରେ ଅବସ୍ଥିତ । ଏହାର ଜନସଂଖ୍ୟା ଭାରତର ଚାରିଭାଗ । ଭାଷା ଓଡ଼ିଆ । ସେଦିନ ତାଙ୍କର ଅଜ୍ଞତା ପାଇଁ ମନରେ କ୍ଷୋଭ ହୋଇଥିଲା, ଆଜି କିନ୍ତୁ ଓଡ଼ିଶା ଜଗତ ବିଖ୍ୟାତ-କୋଣାର୍କ ଓ ଓଡ଼ିଶୀ ନୃତ୍ୟ ପାଇଁ ନୁହେଁ, କଳାହାଣ୍ଡି ପାଇଁ ।

Digitized by srujanika@gmail.com

ନ ବଦଳୁଥିବା ରୂପ

ଗତ ଚାଳିଶି ପଚାଶ ବର୍ଷ ଭିତରେ ସମାଜ ଓ ଚଳଣି କେତେ ବଦଳି ଗଲାଣି, ତା ଆଉ ଫଲ୍‌ଗୁନର ସ୍ରୋତ ପରି ଲୁଚିଛପି ରହି ନାହିଁ, ବରଂ ଋତୁର ପରିବର୍ତ୍ତନ ଆଖିରେ ପଡ଼ିବା ପରି ଜଳଜଳ ଦିଶେ ଆଖିକୁ । ଫୁଲ ଫୁଟୁ ବା ନଫୁଟୁ ବସନ୍ତର ଆଗମନ ଅଧବାଟରେ ଅଟକି ରହେ ନାହିଁ କି ଦକ୍ଷିଣା ପବନ ଭୁବନେଶ୍ୱରର ବଡ ବଡ କୋଠା ଉହାଡରେ ହଜି ଯାଏ ନାହିଁ । ବଦଳିବା ମଣିଷର ସ୍ୱାଭାବିକ ଧର୍ମ, ବରଂ ନ ବଦଳିବାଟା ଅସ୍ୱାଭିକ । କିନ୍ତୁ ଓଡ଼ିଶାର ଜନଜୀବନ ଓ ଚଳଣିରେ ପରିବର୍ତ୍ତନ ପରିସ୍ଫୁଟ ଓ ସ୍ପଷ୍ଟ ନୁହେଁ । ବଦଳିବାକୁ ସାହସ ହେଉନି, ପରିବର୍ତ୍ତନକୁ ଆପଣେଇ ନେବା ଲାଗି ମନ ବଳୁନି । ଡରଲାଗୁଛି ଲାଜେଇ ଲାଜେଇ, ଧିମେଇ ଧିମେଇ ଯାହା ହେଉଛି ସେତିକି । ଏବେ ତ ବାହାଘର ଋତୁ । ଗ୍ରୀଷ୍ମଦିନର ଶୁଭଦିନଗୁଡାକ ଖୁନ୍ଦି ହେଉଛି ପାଞ୍ଜିରେ । ବିବାହ, ବ୍ରତ, ଅନ୍ନପ୍ରାଶନ । ଏସବୁ ସାମାଜିକତା ରକ୍ଷା କରିବାକୁ ଯାଇଁ ଓଡ଼ିଆ ହନ୍ତସନ୍ତ ହୋଇଯାଉଛି ।

ଚାର୍ବାକ୍ କେଉଁଠାରେ ଜନ୍ମିଥିଲେ କହି ହେଉନି, କିନ୍ତୁ ତାଙ୍କ ଆଦର୍ଶ ଓଡ଼ିଆମାନେ ଅକ୍ଷରେ ଅକ୍ଷରେ ପାଳନ କରୁଥିବାର ଦେଖି ସେ ସ୍ୱର୍ଗରେ ଥାଇ ବି ପୁଲକିତ ହେଉଥିବେ । ''ଋଣଂ କୃତ୍ୱା ଘୃତମ୍ ପିବେତ୍'' । ଋଣ କରି ଘିଅ ପିଅ । ବଞ୍ଚିବା ଯାଏ ସୁଖରେ ରୁହ । ଏ ଶରୀର ଚିତାଗ୍ନିରେ ଥରେ ଭସ୍ମ ହେଲେ ଏହାର ଆଉ ପୁନର୍ଜନ୍ମ ନାହିଁକି ପ୍ରାରବ୍ଧ ଭୋଗ କରିବାକୁ ଫେରି ଆସିବାକୁ ପଡ଼ିବ ନାହିଁ । କେବଳ ଚାର୍ବାକ୍‌ଙ୍କ ସମୟରେ ଏଇ ନୀତି ଅସାଧାରଣ ଅସ୍ୱାଭାବିକ ମନେ ହେଉ ନ ଥିଲା, ଏବେ ମଧ ଏହା ସେହିପରି ଲାଗୁଛି; କିନ୍ତୁ ଏହା ସାଧାରଣ ଜନଜୀବନରେ ଓ ସମାଜର ଚଳଣିରେ ଏମିତି ଆଦୃତ ଓ ଗୃହୀତ ହୋଇଯାଇଛି ଯେ, ଗାଁ ଗହଳରେ ଘୋଡାମୁହାଁ ପୁଅ ଋଣ କରେ' ପ୍ରଚଳିତ ଥିବା କଥାଟି ଆଉ ବାସ୍ତବରେ ଅଭ୍ୟାସରେ ଚଳୁ ନାହିଁ । ଢେଣୁ ଥାଉ ବା ନ ଥାଉ, ବିବାହ ବ୍ରତରେ ଏପରି ବର୍ଣ୍ଣାଢ଼୍ୟ ଓ ବିପୁଳ ଆୟୋଜନ କରାଯାଉଛି ଯେ ତାହା ଦେଖି ଆଖି ଝଲସି ଯାଉଛି । ମହାସମାରୋହରେ ବାହାଘର କଲେ ସାମାଜିକତା ବଢ଼ିଯାଏନା କି ସମ୍ପର୍କ ଦୃଢ଼ ହୁଏନା । ତଥାପି ଏହା ଚାଲିଛି । ଗୋଟେ ରୀତିରେ ପଡ଼ିଯାଉଛି ।

Digitized by srujanika@gmail.com

୧୯୬୯ ମସିହା । ନାଗପୁରରେ ଥିଲି ସେତେବେଳେ । ବି.ଭି. ଯୋଶୀ ଥିଲେ କେନ୍ଦ୍ର ରେଳବାଇର ନାଗପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ । ଭଦ୍ର ଓ ମେଳାପୀ । ତାଙ୍କ ଝିଅ ବାହାଘରକୁ ନିମନ୍ତ୍ରଣ କଲେ । ଯଥା ସମୟରେ ପହଞ୍ଚିଲୁ ତାଙ୍କ ଘରେ । ସେତେବେଳେ ଦୁଇ ତିନିଶହ ଆସି ସାରିଥାନ୍ତି । ବରକନ୍ୟା ବେଦୀ ଉପରେ । ବାହାଘର ଚାଲିଥାଏ । ଆମ ସମସ୍ତଙ୍କ ହାତକୁ ଗୁଆ ଓ ଅକ୍ଷତ ବଢ଼ାଇ ଦିଆଗଲା । ଆଶୀର୍ବାଦ କରିବାର ସମୟ ।ପୁରୋହିତ ଶ୍ଳୋକ ପଢ଼ିଲେ, ଅତିଥିମାନେ ଅରୁଆ ଚାଉଳ ପକାଇଲେ ବରକନ୍ୟାଙ୍କ ମଥା ଉପରେ । ସାଢ଼େ ବାରଟା ସମୟ । ଆମେ ବସିଥିଲୁ । ଜଣେ ବନ୍ଧୁ କହିଲେ- ଯିବ ନାହିଁ କି ? ମୁଁ ତାଙ୍କୁ ଓଲଟା ପ୍ରଶ୍ନ କଲି- ନ ଖାଇ ଚାଲିଯିବୁ ? ସେ କହିଲେ ଖାଇବା ପିଇବାର ବ୍ୟବସ୍ଥା ନାହିଁ ଏଇନେ । ଆ:ସନ୍ତା କାଲି ସନ୍ଧ୍ୟାରେ ସମ୍ବର୍ଦ୍ଧନା ଓ ବନ୍ଧୁ ମିଳନ । ଆମେ ପୁଣି ଗଲୁ ରେଳବାଇ କ୍ଲବରେ ଆୟୋଜନ କରି ଥିଲେ ଯୋଶୀ ସାହେବ । ବୁଟସିଝ, ବରା, ଚଟଣି ଓ ଲଡୁ । ଘରକୁ ଫେରି ରାତିରେ ଖାଇଲୁ ।

କିନ୍ତୁ ଓଡ଼ିଶା ଓ ବଙ୍ଗଳାର କଥା ଅଲଗା । ଓଡ଼ିଶା ବିଷୟରେ ଲେଖିବା ଆଗରୁ ବଙ୍ଗଳା କଥା ଲେଖେ । ଆମେ ଥାଉ କଲିକତାରେ । ୧୯୭୦ ମସିହା । ବଙ୍ଗାଳୀ ବାହାଘରର ଭୋଜି ମନେ ରଖିବା ଭଳି । କିନ୍ତୁ ଆମ କ୍ୱାର୍ଟର ପାଖରେ ରହୁଥିବା ଜଣେ ଭଦ୍ରଲୋକ ସାମର୍ଥ୍ୟ ଅଭାବରୁ ଝିଅ ବାହାଘର କରିପାରୁ ନ ଥିଲେ । କୁଟୁମ୍ବ, କୁଣିଆ ମୈତ୍ର ସମସ୍ତଙ୍କୁ ନ ଡ଼ାକି ବାହାଘର କେମିତି କରିବେ ? ଗୀତା ଓ ତାଙ୍କର ବନ୍ଧୁମାନେ ଚାନ୍ଦା ଆଦାୟ କଲେ । କେତେ ହଜାର ଟଙ୍କା ଠୁଳ ହେଲା । ଝିଅ ବାହାଘର ନିର୍ବିଘ୍ନରେ ହୋଇଗଲା । କିନ୍ତୁ କନ୍ୟାପିତା ଘୋଷବାବୁ କହିଲେ- ସାର, ଆପଣମାନଙ୍କ ଋଣ ଶୁଝି ପାରିବି ନାହିଁ । କିନ୍ତୁ ନ ଖାଇ ଯାଇ ପାରିବେ ନାହିଁ । ପ୍ରାୟ ଦେଢ଼ଶହ ଲୋକଙ୍କର ଖାଇବା ବ୍ୟବସ୍ଥା ହୋଇଥିଲା ବଙ୍ଗାଳୀ ରୀତି ଅନୁସାରେ । ପଲଉ, ମାଛ ତରକାରୀ, ବନ୍ଧାକୋବି ଓ ମଟର, ବିଲାତି ବାଇଗଣ ଚଟଣି, ବାଇଗଣ ଭଜା, ମିଠା ଦହି ଓ ସନ୍ଦେଶ । ଯାହା କହନ୍ତି 'ଘରେ ନାହିଁ ଧନ, ପୁଅ ବାହାକରି ମନ' । ସମୟ ବଦଳୁଛି, କିନ୍ତୁ ମଣିଷ ବଦଳୁ ନାହିଁ ।

୧୯୮୧ । କଟକରେ ମୋର ଜଣେ ସହପାଠୀଙ୍କ ଝିଅ ବାହାଘରକୁ ଯାଇଥିଲୁ । ସେ ଉଚ୍ଚପଦାଧିକାରୀ । ତାଙ୍କ ଘରକୁ ପହଞ୍ଚିବା ରାସ୍ତାରେ ଗାଡିର ଭିଡ଼ ଦେଖି ମୁଁ ଭାବିଲି କଟକର ସବୁ ବଡ଼ ବଡ଼ ଲୋକ ଆସିଥିବେ । ସତକୁ ସତ । ବଙ୍ଗଳା ହତା ଭିତରେ ଠୁଳ ହୋଇଥିବା ଅତିଥିଙ୍କ ସଂଖ୍ୟା ଦୁଇହଜାରରୁ କମ୍ ହେବ ନାହିଁ । ବନ୍ଧୁଙ୍କ ସହିତ ଦେଖା ହେଲାନି । ସନ୍ଧୋଳିବାକୁ କେହି ନାହିଁ । ଉପହାର କନ୍ୟା ହାତରେ ଦେଇ କିଛି ସମୟ ବୁଲିଲୁ । ଏତେ ଭିଡ଼ରେ କିଏ କାହାକୁ ପଚାରେ । ସରକାରୀ ଅଫିସର, ବ୍ୟବସାୟ

Digitized by srujanika@gmail.com

ଠିକାଦାର ପ୍ରାୟ ସବୁ ଶ୍ରେଣୀର ଲୋକ । ଆମେ ଆଉ ଅପେକ୍ଷା ନ କରି ବାହାରି ଆସିଲୁ ନବଦମ୍ପତିଙ୍କ ମଙ୍ଗଳକାମନା କରି । ବାହାରେ ପୋଲିସ ଆଇ.ଜି. ନରସିଂହ ସ୍ୱାଇଁ ସାହେବଙ୍କ ସହିତ ଭେଟ ହେଲା । ମୁଁ କହିଲି- ଆସୁଛନ୍ତି ନା ଯାଉଛନ୍ତି । ସେ କହିଲେ ଏତେ ଭିଡ଼, କିଏ କାହା କଥା ପଚାରୁଛି । ଫେରିଯାଉଛି । ଆପଣ ଭୋଜି ଖାଇଲେ ?

ମୁଁ ହସିଲି । ସେ ବୁଝିଗଲେ ଏବଂ କହିଲେ- ଏତେ ଲୋକଙ୍କୁ ଡାକିବା କି ଦରକାର । ଏଇ ବ୍ୟବସାୟୀ, ଠିକାଦାର, ଏଜେଣ୍ଟ ଏମାନେ କଣ ତାଙ୍କ ବନ୍ଧୁ ନା ସମ୍ପର୍କୀୟ ? ଯାହା ସହିତ ଘନିଷ୍ଠତା ନାହିଁ, ଯିବା ଆସିବା ନାହିଁ ତାଙ୍କୁ ଡାକିବ କାହିଁକି । ମୁଁ କହିଲି- ଉଦ୍ଦେଶ୍ୟ ସ୍ପଷ୍ଟ । କେହି ଖାଲି ହାତରେ ଆସିନି । ସେ ମୁରୁକି ହସି ବିଦାୟ ନେଲେ ।

ଜଟଣୀରେ ଥିବାବେଳେ ମୋ ପିଅନ ନଜୀବର ପୁଅ ବାହାହେଲା । ସେ ନିମନ୍ତ୍ରଣ କଲା । ଆମେ ଯିବୁ ବୋଲି ସେ ଭାବି ନଥିଲା । ବଡ଼ ବଡ଼ ଅଫିସର ପିଅନ ଖଲାସି ଘରକୁ ଯାଆନ୍ତି ନାହିଁ । ଆମକୁ ଦେଖି ସେ ଯେପରି ସ୍ୱର୍ଗ ପାଇଲା ହାତରେ । ଛୋଟ କ୍ୱାର୍ଟର । ତଥାପି ଶୋଇବା ଘରେ ନେଇ ବସାଇଲା । ପରଟା, ମାଂସ କବାବ, ଆଳୁଦମ୍ ଓ ମିଠା ପରଷିଲା । ତାର ଆଦର ଯତ୍ନ ଓ ସ୍ନେହ ଶ୍ରଦ୍ଧା ଆମକୁ ଅଭିଭୂତ କରିଦେଲା ।

ଆଉ ଗୋଟେ ନିମନ୍ତ୍ରଣ ପାଇଲୁ ଭୁବନେଶ୍ୱରରେ । ଜଣେ ଉଚ୍ଚପଦସ୍ଥ ଅଫିସର । ଚିଫ ଇଞ୍ଜିନିୟର । ବାରମ୍ବାର କହି ଯାଇଥିଲେ ତାଙ୍କ ଦୁଆରେ ପାଦ ପକାଇବା ପାଇଁ । ସେଦିନ କଲିକତା ଯିବା ଥିଲା, ବନ୍ଦ କଲି । ପାଗ ଭଲ ନ ଥିଲା । ତୁମୁଳ ବର୍ଷା ଓ ତୋଫାନ । ଦୁଇ କ୍ୱିଣ୍ଟାଲ ମାଂସ, ତିନି କ୍ୱିଣ୍ଟାଲ ମାଛ ତରକାରୀ, କାନିକା ଓ ପଚିଶ ପ୍ରକାର ବ୍ୟଞ୍ଜନ ପଡ଼ିରହିଲା । ବର୍ଷାଯୋଗୁ କେହି ନ ଖାଇ କେବଳ ଉପହାର ଦେଇ ଚାଲି ଯାଉଥିବାର ଦେଖିଲି । ଓଡ଼ିଶା ଯାକର ବଡ଼ ବଡ଼ ଠିକାଦାର ସବୁ ଆସିଥିଲେ । ଜଣେ ଗୋଟିଏ ବଡ଼ ଫ୍ରିଜ ଆଣିଥିବାର ଦେଖାଗଲା, ଆଉ ଜଣେ ଗଡରେଜ ଆଲମିରା, ଆଉ କାହା ହାତରେ ସୁନାହାର । ସେମାନେ ଭିଜିଭିଜି ଉପହାର ଦେବା ପାଇଁ ପ୍ରତିଯୋଗିତା କରୁଥାଆନ୍ତି । ଚିଫ୍ ଇଞ୍ଜିନିୟରଙ୍କ ଦୃଷ୍ଟିରେ ପଡ଼ିବା ଯାଏ ଅପେକ୍ଷା କରୁଥାଆନ୍ତି ।

ଧନ ଥାଉ ବା ନ ଥାଉ ଆଡମ୍ବର କରିବାକୁ ପଡିବ । ଲହୁଣୀ ଖାଇଥିବାର ପ୍ରମାଣ କରିବା ପାଇଁ ନିଶରେ ଲହୁଣୀ ବୋଳିବାକୁ ପଡ଼ିବ । ଧନ ନଥିଲେ ଋଣ କର । ନଚେତ୍ ବଡ ବଡ ଅଫିସର ହୋଇଥିଲେ ଠିକାଦାର, ବ୍ୟବସାୟୀ, ଦଲାଲମାନଙ୍କୁ ନିମନ୍ତ୍ରଣ କର । ଏଥିରେ ନ ଥାଏ ସାମାଜିକତା, ନଥାଏ ଆଦର ଯତ୍ନ । ଗୋଟେ ଗୋଟେ ଭୋଜିର ଆୟୋଜନ କରିବା ପାଇଁ ହଜାର ହଜାର ଖର୍ଚ୍ଚ ହୁଏ । ସେଦିନ ଜଣେ ବନ୍ଧୁ ଗର୍ବ କରି

Digitized by srujanika@gmail.com

କହିଲେ ଯେ, ସେ ଏ ବର୍ଷର ସର୍ବଶ୍ରେଷ୍ଠ ବାହାଘର ଭୋଜି ଖାଇଛନ୍ତି । ବିରାଟ ଆୟୋଜନ ଏକାବେଳେ ଦୁଇ ହଜାର ଲୋକ ଖାଇବାର ବ୍ୟବସ୍ଥା । ଦେହକୁ ଦେହ ଲାଗିବ ନାହିଁ । ଚିକ୍‌ନେ କାଶ୍ମିରୀ କଷାମାଂସ, ରୋଷ୍ଟ ଚିଙ୍ଗୁଡି, ମାଛ ବେସର, ଫୁଲକୋବି ମୋଟର ରସା, ଛେଚେଡ଼ା, ମୁଢ଼ି ଘାଣ୍ଟ, ବୁଟଡ଼ାଲି, ଛେନା ପନିର, ବନ୍ଧା କୋବି, ତିନିପ୍ରକାର ଭଜା, ବୁଟ ତରକାରୀ, ଚଟଣୀ, ପାମ୍ପଡ, ମିଠାଦହି, ପାଞ୍ଚ ପ୍ରକାର ମିଠା । ମୋ ପାଖରେ ବସିଥିବା ଜଣେ ଲୋକର ପତର ଖାଲି ଦେଖି ମୁଁ କହିଲି, ଯାଙ୍କୁ ଦିଅ, ତାଙ୍କ ପତର ଖାଲି ଯେ.... । ନା ନା, ଅନେକ ଅନିମନ୍ତ୍ରିତ ପକ୍ଷି ଆସିଚନ୍ତି- କହିଲା ଚର୍ଚ୍ଚା କରୁଥିବା ଜଣେ ମଧ୍ୟବୟସ୍କ ବ୍ୟକ୍ତି । ମୁଁ କହିଲି- ତାଙ୍କୁ ନଦେଲେ ମୁଁ ମଧ୍ୟ ଖାଇବି ନାହିଁ । ଅଗତ୍ୟା ବାଧ୍ୟ ହୋଇ ତାଙ୍କ ପତ୍ରରେ ପରଷା ହେଲା ।

କେବେ ଆମେ ବଦଳିବା ? କେବେ ଆମ ଧନକୁ ଚାହିଁ ବ୍ୟୟ କରିବା ଏବଂ କେବେ ସାମାଜିକତା, ଶିଷ୍ଟାଚାର ଶିଖିବା ?

Digitized by srujanika@gmail.com

ପ୍ରଶାସନିକ କଳା ଓ କୌଶଳ

ପ୍ରଶାସନ ଓ ସରକାର ରାଷ୍ଟ୍ରର ସଂଗଠନ ଓ ଶକ୍ତିର ପ୍ରତୀକ ହୋଇଥିଲେ ମଧ୍ୟ ପ୍ରଶାସନିକ କୌଶଳ ଏକ କଳା । କିନ୍ତୁ ଏହାର ସର୍ଜନାତ୍ମକ କ୍ଷମତା ସୀମାବଦ୍ଧ ଏବଂ ବେଳେ ବେଳେ ପ୍ରାୟ ନିଶ୍ଚିହ୍ନ । ତଥାପି ପ୍ରଶାସନ ନ ଥିଲେ ଯେ ବହୁ ସର୍ଜନାତ୍ମକ ଓ ରଚନାତ୍ମକ କାର୍ଯ୍ୟ ସୂଚାରୁରୂପେ ହୋଇପାରନ୍ତା ନାହିଁ ଏହା ମଧ୍ୟ ଅନସ୍ୱୀକାର୍ଯ୍ୟ । ରାଷ୍ଟ୍ରର ଶକ୍ତି ଏଇ ପ୍ରଶାସନ ମାଧ୍ୟମରେ କାର୍ଯ୍ୟ କରେ । ଜନସାଧାରଣ ଓ ସରକାର ମଧ୍ୟରେ ଏହା ସଂଯୋଗର ସେତୁ ସ୍ୱରୂପ । ତେଣୁ ପ୍ରଶାସନ କେବଳ ସରକାରୀ ନୀତି, ନିୟମ ଓ ଲକ୍ଷ୍ୟର ପୂର୍ତ୍ତି ପାଇଁ ଯେଉଁଳି ଉତ୍ସାହ ଓ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିବା ଦରକାର, ସେହିପରି ଜନସାଧାରଣଙ୍କ ଆଶା ଓ ପ୍ରତ୍ୟାଶାକୁ ଭଲ ଭାବରେ ହୃଦୟଙ୍ଗମ କରି ତାହା ପୂର୍ଣ୍ଣ କରିବା ଦିଗରେ ସଚେଷ୍ଟ ହେବା ଦରକାର । ଏହା ନ କରିବା ବା ଏଥିରେ ଅସଫଳ ହେବା ଦ୍ୱାରା ପ୍ରଶାସନ ଦୁର୍ବଳ ଓ କଳଙ୍କିତ ହୁଏ । ରାଷ୍ଟ୍ର ସହିତ ଲୋକମାନଙ୍କର ପରିଚୟ ନାହିଁ, କିନ୍ତୁ ପ୍ରଶାସନ ସହିତ ସେମାନେ ଦୈନନ୍ଦିନ ଜୀବନରେ ଘନିଷ୍ଠ ଭାବେ ସମ୍ପୃକ୍ତ । ପୋଲିସ ଦାରୋଗା, ତହସିଲଦାର, ରେଳବାଇ ରିଜର୍ଭେସନ କ୍ଲର୍କ, ଡାକ୍ତର, ଗ୍ରାମସେବକ, କୃଷି ସୁପରଭାଇଜର ପ୍ରଭୃତି ପ୍ରଶାସନର ଜୀବନ୍ତ ଅଙ୍ଗପ୍ରତ୍ୟଙ୍ଗ । ଜନ ସାଧାରଣ ସେମାନଙ୍କ ସମ୍ପର୍କରେ ଆସନ୍ତି ଏବଂ ସେମାନଙ୍କ ବ୍ୟବହାର, କାର୍ଯ୍ୟ କୁଶଳତା, ସାଧୁତା ଓ ସମ୍ବେଦନଶୀଳତା ଦ୍ୱାରା ପ୍ରଶାସନ ଜନପ୍ରିୟ ହୁଏ ବା ସେମାନଙ୍କର ଦୁର୍ବ୍ୟବହାର, ଦୁର୍ନୀତି, ଅପାରଗତା ଯୋଗୁଁ ପ୍ରଶାସନ ଓ ସରକାର ନିନ୍ଦିତ ହୁଅନ୍ତି । ଅନେକ ସମୟରେ ନେଇ ଆଣି ଥୋଇ ପାରୁଥିବା ଅମଲା ଦୁର୍ନୀତିଗ୍ରସ୍ତ ହୋଇ ମଧ୍ୟ କାମ ଠିକ୍ ସମୟରେ କରାଇ ପାରୁଥିବା ଯୋଗୁଁ ଲୋକମାନଙ୍କର ନିକଟତର ଲୋକପ୍ରିୟ ହେବାର ମଧ୍ୟ ଦେଖାଯାଏ ।

ଓଡ଼ିଶାର ବିଶିଷ୍ଟ ନେତା ସ୍ୱର୍ଗୀୟ ହରେକୃଷ୍ଣ ମହତାବଙ୍କ କଥା ମନେ ପଡୁଛି । ଛାତ୍ର ନେତା ଭାବେ ରାଜନୀତି ସହିତ ଜଡ଼ିତ ଥିଲି, ତେଣୁ ତାଙ୍କ ସମ୍ପର୍କରେ ଆସିବାର ସୁଯୋଗ ପାଉଥିଲି । କିନ୍ତୁ ସିଭିଲ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରିରେ ଯୋଗଦାନ ପୂର୍ବରୁ ମୁଁ ଯେତେବେଳେ ତାଙ୍କୁ ଦେଖା କରିବାକୁ ଗଲି ସେ ସ୍ୱଭାବ ସୁଲଭ ଢ଼ଙ୍ଗରେ କହିଲେ, ମୁଁ ଆଶା କରୁଥିଲି ଅନ୍ୟ ପ୍ରକାର, ତମେ ପଢ଼ା ଶେଷ କରି ରାଜନୀତିରେ

Digitized by srujanika@gmail.com

ପଣିବ । କିନ୍ତୁ ତମେ ଚାକିରି କରିବାକୁ ଯାଉଛ । ତେବେ ଗୋଟେ କଥା ମନେ ରଖିବ । ତମ ଉପରେ ବିଶେଷ କରି ଆମ ପରି ରାଜନୈତିକ ନେତାମାନଙ୍କଠାରୁ ଅନେକ ଚାପ ପଡ଼ିବ କାହାକୁ ଚାକିରି ଦବା ପାଇଁ ତ କାହାକୁ ଠିକା ଦବା ପାଇଁ କିମ୍ବା ବଦଳି କରିବା ପାଇଁ ବି ଚାପ ପଡ଼ିବ । ଏହାକୁ ତମେ ଯଦି ମାନିଯାଅ, ଦକ୍ଷ ଅଫିସର ଭାବରେ ତମର ପତିଆରା ରହିବ ନାହିଁ, ଆଉ ଯଦି ସବୁ ଅଗ୍ରାହ୍ୟ କରିଦିଅ ଚାକିରିରେ ବହୁ ଅସୁବିଧାର ସମ୍ମୁଖୀନ ହେବ । ଏସବୁ ସତ୍ତ୍ୱେ ସଫଳ ପ୍ରଶାସକ ହେବାର ଆଉ ଗୋଟେ ବିକଳ୍ପ ରହିଛି, ତାହା ହେଲା ଅନିୟମିତ କାମକୁ ନିୟମିତ ଭାବେ କରିବା । ମନ୍ତ୍ରୀ କହିଲେ ତାଙ୍କ ଶଳା କି ଭାଇର ପୁଅକୁ ଚାକିରି ଦବା ପାଇଁ । ଯୋଗ୍ୟତା ତୃତୀୟ ଶ୍ରେଣୀ ମେଟ୍ରିକ୍ କିମ୍ବା ଥାଏ ଫେଲ । ଏଣେ ତେଣେ କିଛି କରିବାର ସାମାନ୍ୟ ଅଭିଜ୍ଞତା ଅଛି । ତାଙ୍କ କଥା ଉଡେଇ ନ ଦେଇ ମନେ ରଖିବ ଏବଂ କିପରି ପଦ ସହିତ ସେ ପ୍ରାର୍ଥୀ ଖାପ ଖାଇବ ତାହା ମନେ ମନେ ଚିନ୍ତା କରୁଥିବ । ରେକର୍ଡ଼ କିପର ବା ଡାଇରିଷ୍ଟ ବା ସଫେଇ ବାଲାମାନଙ୍କ ସୁପରଭାଇଜର ପଦଟିଏ ଖାଲିହେଲା । ନୂଆ ଲୋକ ନିଯୁକ୍ତି କରିବା ପୂର୍ବରୁ ସେ ବ୍ୟକ୍ତିର ଯୋଗ୍ୟତା ଆଖି ଆଗରେ ରଖି ବିଜ୍ଞାପନ ବାହର କରିବ । ଦରଖାସ୍ତ କରିଥିବା ପ୍ରାର୍ଥୀମାନଙ୍କୁ ଇଣ୍ଟରଭିଉ କରିବ, କିନ୍ତୁ ମନ୍ତ୍ରୀଙ୍କ ଶଳା ବା ଭାଇର ପୁଅକୁ ମନୋନୀତ କରିବ । କାରଣ ତାକୁ ଦୃଷ୍ଟିରେ ରଖି ତମେ ଦେଇଥିବା ବିଜ୍ଞାପନର ସବୁ ଆବଶ୍ୟକତା ତା ଠାରେ ଅଛି । ଏହି କଥା ମୋର ମନେ ଥିଲା ଏବଂ ସ୍ଥଳ ବିଶେଷରେ ମୁଁ ଏପରି ଅନିୟମିତ କାର୍ଯ୍ୟ ନିୟମିତ ଢ଼ଙ୍ଗରେ ମଧ କରିଛି, କିନ୍ତୁ ଟଙ୍କା ଲୋଭରେ କେବେ କାହାକୁ ଚାକିରି ଦେଇନାହିଁ କି ବଦଳି କରିନାହିଁ କି ଠିକାଦାରକୁ ଅନୁଗ୍ରହୀତ କରି ନାହିଁ । କୋଟି କୋଟି ଟଙ୍କାର ଠିକା ମଞ୍ଜୁର କରିଛି, କିନ୍ତୁ କିଏ ଠିକାଦାର, କେଉଁଠିକାର ଲୋକ, ତାହା ଜାଣିବାର ପ୍ରବୃତ୍ତି ହୋଇନାହିଁ ।

ଥରେ ପଚିଶ କୋଟି ଟଙ୍କାର ଠିକା କାମ ଦବା ପାଇଁ ବାହାରିଲି । ବହୁ ପ୍ରତିଷ୍ଠିତ ଠିକାଦାର ଟେଣ୍ଡର ପାକାଇଲେ । ଚିଫ୍ ଇଞ୍ଜିନିୟର ସବୁ ପ୍ରୋସେସ କରି ମୋ ପାଖକୁ ପଠାଇଲେ ମଞ୍ଜୁରୀ ପାଇଁ, କିନ୍ତୁ ମୁଖ୍ୟମନ୍ତ୍ରୀ ମୋତେ ଅନୁରୋଧ କରିଥିଲେ ଯେପରି ହେଉ ଓଡ଼ିଶା ସରକାରଙ୍କ ଦୁଇଟି କର୍ପୋରେସନକୁ ଓଡ଼ିଶା ନିର୍ମାଣ କର୍ପୋରେସନ ଓ ଓଡ଼ିଶା ପୋଲ କପୋରେସନ କିଛି କାମ ଦବା ପାଇଁ । ଏହି ଦୁଇଟି ସଂସ୍ଥା କାମ ଅଭାବରୁ ହେଉ ବା ଅପାରଗତାରୁ ହେଉ କ୍ଷତି କରୁଥିଲେ । ଏହି ଅନୁରୋଧ ମନେ ରଖି ମୁଁ ଫାଇଲରେ ଲେଖିଦେଲି ଯେ ଯେଉଁମାନେ ଟେଣ୍ଡର ଦେଇଛନ୍ତି ସେମାନଙ୍କର କାରିଗରି କୌଶଳ ଓ ଏପରି କାମ କରିବାର ଅଭିଜ୍ଞତା ବିଚାରକୁ ନେଇ ଯେଉଁମାନେ ଏପରି କାମ କରିବା ଲାଗି ସମର୍ଥ ସେମାନଙ୍କୁ ଆଲୋଚନା ଦ୍ୱାରା ନିଷ୍ପତ୍ତିରେ ପହଂଚିବା ପାଇଁ ଡକା ଯାଉ । କହିବା ବାହୁଲ୍ୟ ସର୍ବନିମ୍ନ ଟେଣ୍ଡର ଦେଇ ଠିକା ମାରିନେବା ପାଇଁ କୌଶଳ କରିଥିବା

Digitized by srujanika@gmail.com

ସଂସ୍ଥା ଆଉ ଠିକା ପାଇପାରିଲେ ନାହିଁ । ଆଲୋଚନା ହେଲା ଏବଂ ପାରଙ୍ଗମ ପଣିଆ, ବିଶ୍ୱାସନୀୟତା ଓ କାରିଗରି କୌଶଳକୁ ଦୃଷ୍ଟିରେ ରଖି ଓଡ଼ିଶାର ଦୁଇଟି କର୍ପୋରେସନକୁ ବଡ଼ଧରଣର ନିର୍ମାଣ କାମ ଦେଇଥିଲି । ଆହୁରି ବଡ଼ ବଡ଼ କାମ ସେମାନଙ୍କୁ ଦବାର ଅଭିଳାଷ ଥିଲା, କିନ୍ତୁ ପରବର୍ତ୍ତୀ ଟେଣ୍ଡରର ଆଲୋଚନାକୁ ସେମାନେ ଆସିଲେ ନାହିଁ କି ଯେଉଁ କାମ ଦିଆଯାଇଥିଲା ତାହା ସମୁଚିତ ଭାବେ କରିପାରିଲେ ନାହିଁ । ଫଳରେ ସମ୍ବଳ ଓ ସଂଗଠନିକ ସାମର୍ଥ୍ୟ ଥାଇ ମଧ୍ୟ ଇଚ୍ଛା ଓ ପ୍ରଶାସନିକ ଦକ୍ଷତା ଅଭାବରୁ ତାହା ବିନିଯୋଗ କରାଯାଇ ପାରିଲା ନାହିଁ ଏବଂ ଓଡ଼ିଶାରେ ରେଳପଥ ନିର୍ମାଣ କରିବା କାମରେ ଯେଉଁ ପରିମାଣରେ ଓଡ଼ିଶାର ସଂସ୍ଥାମାନେ ଅଂଶଗ୍ରହଣ କରିପାରିଥାନ୍ତେ ତାହା ହୋଇପାରିଲା ନାହିଁ । ଯେଉଁ କାମ ଦିଆଯାଇଥିଲା ତାହା ସମୟ ସୀମା ମଧ୍ୟରେ ନ କରିବାରୁ ମୋ ପାଖକୁ ନାନା ଅଭିଯୋଗ ଆସିଲା ଏବଂ ମୁଁ ବାଧ୍ୟ ହୋଇ ସେମାନଙ୍କର ଅପାରଗତା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲି ।

ଓଡ଼ିଶାର ଆଉ ଜଣେ ବିଶିଷ୍ଟ ନେତା ସ୍ୱର୍ଗୀୟ ବିଶ୍ୱନାଥ ଦାସଙ୍କ କଥା ମନେ ପଡୁଛି । ସେ ଯେ ଜଣେ ପ୍ରଶାସକ ଥିଲେ ଏହା ସମସ୍ତେ ଜାଣନ୍ତି । ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ବହୁ ଘଟଣା ମଧ୍ୟରୁ ସେ ମୋତେ କହିଥିବା ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରିବି । ସେ ଦ୍ୱିତୀୟ ଥର ପାଇଁ ଓଡ଼ିଶା ଶାସନର କର୍ଣ୍ଣଧାର ଥିବାବେଳେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ସହିତ ଇସ୍ପାତ ହାସପାତାଳରେ ସାଧାରଣ ଲୋକ ଚିକିତ୍ସିତ ହେବାର ସୁଯୋଗ ପାଇବା ନେଇ ବିତର୍କ ହେଲା । ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ଇସ୍ପାତ ହାସପାତାଳରେ ଚିକିତ୍ସା ସୁବିଧା ଦେବା ପାଇଁ ମନାକଲେ । କାରଣ ତାହା କେବଳ ଇସ୍ପାତ କାରଖାନାର କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ପାଇଁ ଉଦ୍ଦିଷ୍ଟ । ତଥାପି କେବଳ ଆପତ କାଳିନ କେଶଗୁଡ଼ିକୁ ଗ୍ରହଣ କରାଯିବବୋଲି ନିଷ୍ପତ୍ତି ନେଲେ । ତଥାପି ମୁଖ୍ୟମନ୍ତ୍ରୀ ସନ୍ତୁଷ୍ଟ ନ ହୋଇ ମ୍ୟାନେଜିଂ ଡାଇରେକ୍ଟରଙ୍କୁ ଆଲୋଚନା ପାଇଁ ଡାକିଲେ । ସେତେବେଳେ ଏ.କେ. ବ୍ୟାରେନ ଚିଫ ସେକ୍ରେଟାରୀ । ସମ୍ମିଳନୀ କକ୍ଷରେ ଆଲୋଚନା ହେଲା ଏବଂ ଏମ.ଡି.ଙ୍କ ମତିଗତି ଜାଣିପାରି ମୁଖ୍ୟମନ୍ତ୍ରୀ କହିଲେ, ଇସ୍ପାତ କାରାଖାନା ପାଇଁ ରାଜ୍ୟ ସରକାର ଯେତେ ଜମି ଦେଇଛନ୍ତି ସେ ସବୁରୁ ଅନେକାଂଶ ପଡ଼ିଆ ପଡ଼ିଛି ଏବଂ ଆଉ ଦରକାର ହେଉ ନାହିଁ । ତା'ପରେ ଇସ୍ପାତ କାରଖାନା କଲୋନୀରେ ରହୁଥିବା କର୍ମଚାରୀବର୍ଗ ରାଉରକେଲା ବଜାର, ସାଧାରଣ ରାସ୍ତାଘାଟ, ପ୍ରଶାସନିକ ବ୍ୟବସ୍ଥା ଓ ସୁବିଧା ସୁଯୋଗ ମାଗଣାରେ ଉପଭୋଗ କରନ୍ତି । ଯଦି ଜନସାଧାରଣ ଇସ୍ପାତ ହାସ୍‌ପାତାଳରେ ଚିକିତ୍ସା ସୁବିଧା ନ ପାଇବେ ତେବେ ସରକାର ମଧ୍ୟ ମାଗଣାରେ ଦେଉଥିବା ସାଧାରଣ ସୁବିଧା ସୁଯୋଗ କର୍ମଚାରୀ ଓ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଦେବେ ନାହିଁ । ଏମ.ଡି. ଅଡୁଆରେ ପଡ଼ିଗଲେ ଏବଂ ଶେଷରେ ଏକ ସମାଧାନ ସୂତ୍ର ବାହାର ହେଲା ।

Digitized by srujanika@gmail.com

ଆଉ କେତୋଟି ଦୃଷ୍ଟାନ୍ତ ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ । କେନ୍ଦ୍ରରେ ଥିବା ଓଡ଼ିଶାର ମନ୍ତ୍ରୀ କାମାକ୍ଷାପ୍ରସାଦ ସିଂଦେଓଙ୍କୁ ନିର୍ମାଣ କାର୍ଯ୍ୟରେ ରେଳବାଇ କର୍ତ୍ତୃପକ୍ଷଙ୍କ ଅବହେଳା ସମ୍ବନ୍ଧରେ ମୁଁ ବ୍ୟକ୍ତିଗତ ଭାବେ କେତେକ ସୂଚନା ଦେଲି । ଓଡ଼ିଶାରେ ନିର୍ମାଣଧୀନ କେତେଗୁଡ଼ିଏ ପ୍ରକଳ୍ପ ବହୁ ଦିନର ଆୟାସ ଓ ଉଦ୍ୟମର ଫଳ । କିନ୍ତୁ ତଥାପି ବଜେଟ ବ୍ୟବସ୍ଥା ଅଭାବରୁ ବା ପ୍ରଶାସନିକ ତତ୍ପରତା ନଥିବାରୁ କେତେକ ପ୍ରକଳ୍ପର କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲୁଥିଲା । ମନ୍ତ୍ରୀ ମହୋଦୟ ଜେନେରାଲ ମ୍ୟାନେଜରଙ୍କୁ ଆଲୋଚନା ପାଇଁ ଭୁବନେଶ୍ୱର ଡାକିଲେ । ଜି.ଏମ. ଖୋସଲା ସାହେବ ଏସମ୍ବନ୍ଧରେ ଜାଣିପାରି ଟାଳଟୋଳ ନୀତି ଅବଲମ୍ବନ କଲେ । ତିନୋଟି ତାରିଖ ମନ୍ତ୍ରୀ ଦେଲେ, କିନ୍ତୁ ଜି.ଏମ୍. କୌଣସିଟିରେ ଉପସ୍ଥିତ ହେଲେ ନାହିଁ ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପଠାଇଲେ । ମନ୍ତ୍ରୀ ମୋ ସହିତ ପରାମର୍ଶ କରିବା ପରେ ଜି.ଏମ. ନଆସି ଯେଉଁ ଅଧିକାରୀମାନଙ୍କୁ ପଠାଇଥିଲେ ସେମାନଙ୍କ ସହିତ ଆଲୋଚନା ନ କରି ଫେରିଗଲେ ଦିଲ୍ଲୀ । କିଛି ଦିନ ପରେ ତାଙ୍କ ଚେମ୍ବରରେ ଆଲୋଚନା ହେବ ବୋଲି ସୂଚନା ପାଇଲି । ଏଥର ଆଉ ଜି.ଏମ. ନୁହଁ, ଚେୟାରମ୍ୟାନ ରେଳବାଇ ବୋର୍ଡଙ୍କୁ ଡକାଗଲା । ମିଷ୍ଟର ଭି.ପି. ଗୁପ୍ତା ସେତେବେଳେ ଚେୟାରମ୍ୟାନ । ସେ ରେଳବାଇ ବୋର୍ଡର ଇଞ୍ଜିନିୟରିଂ ବିଭାଗର ସଭ୍ୟ ତଥା ମନ୍ତ୍ରଣାଳୟର ସଚିବ ଓ ଦକ୍ଷିଣ ପୂର୍ବ ରେଳବାଇର ଜେନେରାଲ ମ୍ୟାନେଜରଙ୍କୁ ନେଇ ଉପସ୍ଥିତ ହେଲେ । ମୁଁ ଓ ମୁଖ୍ୟଶାସନ ସଚିବ ଲଲାଟେନ୍ଦୁ ପରିଜା ଏପଟୁ ଯାଇଥିଲୁ । ମନ୍ତ୍ରୀ ଚେୟାରମ୍ୟାନ ତଥା ତାଙ୍କ ସହଯୋଗୀମାନଙ୍କୁ ଏମିତି ଭଦ୍ରତାର ସହିତ ସମ୍ବର୍ଦ୍ଧନା ଦେଲେ ଓ ସେମାନଙ୍କର ବହୁ ମୂଲ୍ୟବାନ ସମୟ ନଷ୍ଟ କରୁଥିବାରୁ କ୍ଷମାପାର୍ଥନା କଲେ ଯେ, ସେମାନେ ଘଟଣାର ଗୁରୁତ୍ୱ ସଙ୍ଗେ ସଙ୍ଗେ ହୃଦୟଙ୍ଗମ କରି ଓଲଟା କହିଲେ, ସାର ଆମକୁ କ୍ଷମା କରନ୍ତୁ । ଜି.ଏମ.ଙ୍କ ଭୁଲ ହୋଇଯାଇଛି । ଆଉ ଏପରି ହେବ ନାହିଁ । ଆପଣ କ'ଣ ଚାହାନ୍ତି କହନ୍ତୁ । କହିବା ବାହୁଲ୍ୟ ଆଲୋଚନା ପରେ ସେହିଠାରେ ଚେୟାରମ୍ୟାନ ନିଜ କ୍ଷମତା ପ୍ରୟୋଗ କରି ତିନିକୋଟି ଟଙ୍କା ମଞ୍ଜୁର କଲେ ଓ ବଳକା ପାଣ୍ଠି ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଗଲେ । ପରେ ସେଇ ପ୍ରତିଶ୍ରୁତି ଅନୁସାରେ କାର୍ଯ୍ୟ ମଧ୍ୟ ହେଲା ।

ଓଡ଼ିଶାରେ ଦକ୍ଷ ପ୍ରଶାସକଙ୍କର ଅଭାବ ନାହିଁ । ଓଡ଼ିଶାର ଜନ ସ୍ୱାର୍ଥର ପ୍ରହରୀ ଭାବେ ସେମାନେ ସାଧୁତା ଓ ଦକ୍ଷତାର ପରିଚୟ ପ୍ରଦାନ କରିଛନ୍ତି । କିନ୍ତୁ ଏମାନଙ୍କ ସଂଖ୍ୟା ସୀମିତ । ତେଣୁ ଦିଲ୍ଲୀରୁ ଯେଉଁମାନେ ଏ ରାଜ୍ୟକୁ ଆସନ୍ତି, ସେମାନଙ୍କୁ ବିଶିଷ୍ଟ ଅତିଥିର ମର୍ଯ୍ୟାଦା ଓ ସୁଖସୁବିଧା ଯୋଗାଇ ଦେଇ ମେମୋରାଣ୍ଡାମ ବା ସ୍ମାରକପତ୍ର ଯୋଗାଇ ଦବା ବ୍ୟତୀତ ଆଉ ବେଶି କିଛି କରଯାଇପାରେ ନାହିଁ । କାରଣ ସେମାନଙ୍କଠାରୁ କିପରି କାମ ଆଦାୟ କରିବାକୁ ହୁଏ ସେହି କଳା ଓ କୌଶଳ ଆମକୁ ଜଣା ନାହିଁ ।

Digitized by srujanika@gmail.com

ଏଥିପାଇଁ ଶାସନ ଉପରୁ ଲୋକମାନଙ୍କ ଭରସା ଯେପରି କମିଯାଉଛି, ପ୍ରଶାସକମାନଙ୍କ ଉପରୁ ମଧ୍ୟ ସେହିପରି ବିଶ୍ୱାସ ତୁଟି ଯାଉଛି । ଓଡ଼ିଶାର ପ୍ରଶାସନକୁ କର୍ମାଭିମୁଖୀ ଓ ଫଳପ୍ରସୂ କରିବା ପାଇଁ ସ୍ମରଣିକା ଦ୍ୱାରା କାର୍ଯ୍ୟ ସମାପ୍ତ ନ କରି ଦୃଢ଼ତାର ସହିତ ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ।

ରେଳବାଇ ଏକ ବିରାଟ ସଂସ୍ଥା । ଏହା ସରକାରୀ ବିଭାଗ ଭାବରେ ପରିଚାଳିତ ହୁଏ । ଏଥିରେ ଷୋହଳ ସତର ଲକ୍ଷ କର୍ମଚାରୀ କାମ କରନ୍ତି । ଏଥିରେ ମଧ୍ୟ ଅଯୋଗ୍ୟ ଓ ଅସାଧୁ ଲୋକଙ୍କ ଅଭାବ ନାହିଁ । କିନ୍ତୁ ଗୋଟିଏ କଥା ଏଠାରେ ଉଲ୍ଲେଖ କରିବା ପ୍ରୟୋଜନ, ତା' ହେଲା ଏଇ ସତର ଲକ୍ଷ କର୍ମଚାରୀଙ୍କ ମଧ୍ୟରୁ ଷୋହଳ ଲକ୍ଷଙ୍କର ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ । ତେଣୁ ସେମାନେ ଲୋକମାନଙ୍କୁ ଉତ୍ପୀଡ଼ିକ କରିବାର ସୁଯୋଗ ନାହିଁ କହିଲେ ଚଳେ, ମାଲ୍ ଚଳାଚଳ ଓ ବାଣିଜ୍ୟ ଦାୟିତ୍ୱରେ ଥିବା କର୍ମଚାରୀ, ଟିକଟ କଲେକ୍ଟର, ରିଜରଭେସନ କରୁଥିବା କର୍ମଚାରୀ ବା ଠିକାଦାରମାନଙ୍କ କାର୍ଯ୍ୟ ସହିତ ସମ୍ପୃକ୍ତ କର୍ମଚାରୀଙ୍କୁ ବାଦଦେଲେ ଅନ୍ୟମାନେ ନିଜ ନିଜର କାରିଗରି କାର୍ଯ୍ୟ ନେଇ ବ୍ୟସ୍ତ । କିନ୍ତୁ ଏଇ କେତୋଟି ବିଭାଗରେ ଦୁର୍ନୀତି ଲୋକମାନଙ୍କୁ ବାଧେ ବୋଲି ସେମାନେ ଅଭିଯୋଗ କରନ୍ତି; ଯେପରି ଅଭିଯୋଗ ହୁଏ ତହସିଲ, ବ୍ଲକ, ଥାନା, ଡାକ୍ତରଖାନା ବା ଅନ୍ୟ ଅଫିସ ବିରୁଦ୍ଧରେ ।

ସାଧାରଣ ସେବା ଓ ଜନସ୍ୱାର୍ଥର ସୁରକ୍ଷା କେବଳ ବଡ଼ ବଡ଼ ଅଫିସର ମାନଙ୍କ ଉପରେ ନିର୍ଭର କରେ ନାହିଁ । ତଳିଆ କର୍ମଚାରୀମାନଙ୍କ ଉପରେ ବରଂ ତାହା ବେଶି ନିର୍ଭରଶୀଳ । କିନ୍ତୁ ଗୋଟିଏ ବିଷୟ ମନେ ରଖିବାକୁ ହେବ ଯେ କର୍ମଚାରୀମାନେ ବଡ଼ ବଡ଼ ଉପରିସ୍ଥଙ୍କୁ ଅନୁସରଣ କରନ୍ତି । ଉପର ଅଫିସର ଯଦି କର୍ମଠ, ଯୋଗ୍ୟ ଓ ସାଧୁ ତଳ କର୍ମଚାରୀ ଅକର୍ମା, ଅସାଧୁ, ଅଯୋଗ୍ୟ ଭାବେ ତିଷ୍ଠି ପାରିବେ ନାହିଁ । ଦୈନନ୍ଦିନ କାର୍ଯ୍ୟରେ ଏମାନଙ୍କର ସବୁ ଦୁର୍ଗୁଣର ପୃଷ୍ଠପୋଷକତା କରୁଥିବା ରାଜନୀତିଜ୍ଞ ମାନଙ୍କ ପ୍ରଭାବ ଓ ହସ୍ତକ୍ଷେପ ସତ୍ତ୍ୱେ ଏ ଦେଶରେ ନିର୍ମଳ ଓ ଦକ୍ଷ ପ୍ରଶାସନ ପୂରାପୂରି ନହେଲେ ମଧ୍ୟ କିଛି ପରିମାଣରେ ପ୍ରଶାସକମାନଙ୍କ ପ୍ରଶାସନିକ କଳା ଓ କୌଶଳ ଉପରେ ନିର୍ଭର କରେ ।

Digitized by srujanika@gmail.com

ଅପସଂସ୍କୃତିର ଅନ୍ୟ ଦିଗ

ବାରବର୍ଷ ତଳର କଥା । ଦିନେ ନୟାଗଡ଼ କଲେଜର ପ୍ରିନ୍‌ସପାଲଙ୍କ ଚିଠି ନେଇ ଦୁଇଜଣ ଛାତ୍ର ଯେତେବେଳେ ମୋତେ ଦେଖାକଲେ ଏବଂ କଲେଜର ବାର୍ଷିକ ଉତ୍ସବକୁ ଯିବା ପାଇଁ ନିମନ୍ତ୍ରଣ କଲେ ମୋ ନିଜର ଛାତ୍ର ଜୀବନ କଥା ମନେ ପଡ଼ିଗଲା । ସେତେବେଳେ ମୁଁ ପୁରୀର ସାମନ୍ତ ଚନ୍ଦ୍ରଶେଖର କଲେଜରେ ପଢୁଥିଲି । କଲେଜ ୟୁନିୟନର ସେକ୍ରେଟାରୀ ଥିଲି । ଆମର ଅନୁରୋଧ ରକ୍ଷା କରି ଯେଉଁ ବିଶିଷ୍ଟ ଶିକ୍ଷାବିତ୍, ଜନସେବକ ଓ ବୈଜ୍ଞାନିକ ଆସିଥିଲେ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦବା ପାଇଁ ସେମାନଙ୍କ ମଧ୍ୟରେ ଥିଲେ ଗୋଦାବରୀଶ ମିଶ୍ର, ଡକ୍ଟର ମେଘନାଦ ଶାହା, ଡକ୍ଟର ସତ୍ୟେନ ବୋଷ, କୋଦଣ୍ଡ ରାଓ ପ୍ରଭୃତି । ଗୋଦାବରୀଶବାବୁ ପି.ଡବ୍ଲ୍ୟୁ.ଡି. ଇନିସପେକ୍‌ସନ ବଙ୍ଗଳାରେ ରହୁଥିଲେ । ମୁଁ ଏବଂ ଆଉ ଜଣେ ତାଙ୍କୁ ଡାକିବାକୁ ଗଲୁ । ସେ ସଭାକୁ ଯିବା ପୂର୍ବରୁ ଆମର ପରିଚୟ, ଲେଖାପଢ଼ା ଓ ପାରିବାରିକ ତଥା ଆର୍ଥିକ ସ୍ୱଚ୍ଛଳତା ସମ୍ବନ୍ଧରେ ନାନାଦି ପ୍ରଶ୍ନ ପଚାରିଲେ । ମୋର ତିନୋଟି ଲୁଗା ଓ ଦୁଇଟି ସାର୍ଟ ଥିଲା । ମୋ ସାଙ୍ଗର ଥିଲା ଚାରୋଟି ଲୁଗା ଓ ଦୁଇଟି ସାର୍ଟ । ଗୋଦାବରୀଶ ବାବୁ କହିଲେ- ତମେ ଅପେକ୍ଷାକୃତ ଭଲ ଅବସ୍ଥାରେ ଅଛ, ମୁଁ କଲିକତାରେ ଏମ୍.ଏ. ପଢ଼ିଲାବେଳେ ମୋର ଗୋଟେ ସାର୍ଟ ଓ ଗୋଟେ ଲୁଗା ଥିଲା ! ଯୋଉଦିନ ଲୁଗା ସଫା କରୁଥିଲି ସେଦିନ ଫାଳେ ପିନ୍ଧି ଆଉ ଫାଳେ ଶୁଖାଉଥିଲି । ତମେ ପାଠପଢ଼, ସମାଜର ସେବା କରିବା ଶିଖ, ସମାଜର ଓ ପରିବାରର ବୋଝ ନ ହୋଇ ନିଜ ଗୋଡରେ ଛିଡା ହୁଅ ।

ନୟାଗଡ଼ର ଛାତ୍ରମାନେ ମୋ ସମ୍ମତି ନେଇ ଫେରିଗଲେ । ଜଷ୍ଟିସ ହରିହର ମହାପାତ୍ର ମୁଖ୍ୟଅତିଥି ହୋଇ ଯାଉଥିବା ସେମାନଙ୍କଠାରୁ ଶୁଣିଲି । ମୁଁ ମୁଖ୍ୟବକ୍ତା ଭାବରେ ନିମନ୍ତ୍ରିତ ହୋଇଥିଲି । ନିର୍ଦ୍ଧାରିତ ଦିନ ମୁଁ ଯାଇ ନୟାଗଡ଼ ଆଇ.ବି.ରେ ପହଞ୍ଚିଲି ପ୍ରାୟ ପାଞ୍ଚଟା ପଇଁଚାଳିଶରେ । ତା ପୂର୍ବରୁ ଜଷ୍ଟିସ ମହାପାତ୍ର ପହଞ୍ଚି ସାରି ବିଶ୍ରାମ କରୁଥିଲେ । ସଭା ଛଅଟାରେ ଆରମ୍ଭ ହେବ ବୋଲି ନିମନ୍ତ୍ରଣ ପତ୍ରରେ ଲେଖାଯାଇଥିଲା । କିନ୍ତୁ ଛଅଟା ପଇଁଚାଳିଶରେ ଜଣେ ଅଧ୍ୟାପକ ଆସି କହିଲେ- ତରତର ହେବାର କାରଣ ନାହିଁ । ସାଢ଼େ ସାତଟା ବେଳକୁ ସଭା ଆରମ୍ଭ ହେବ । ତା' ପୂର୍ବରୁ ଆମେ ପହଞ୍ଚିଲେ ପ୍ରିନ୍‌ସିପାଲଙ୍କ

Digitized by srujanika@gmail.com

ସହିତ କଲେଜ ସମ୍ବନ୍ଧରେ ଆଲୋଚନା ହେବ । ସମାୟାନୁବର୍ତ୍ତିତାର ଏଇ ଆଭାସ ପାଇ ଆମେ ସତରେ ହତାଶ ହେଲୁ । କିନ୍ତୁ ସେତେବେଳେ ଆଉ କିଛି କରିବା ଆମ ଅକ୍ତିଆର ଭିତରେ ନଥିଲା ।

ଆମେ ସାତଟା ପନ୍ଦର ବେଳକୁ ଅଧ୍ୟକ୍ଷଙ୍କ କୋଠରୀରେ ପହଞ୍ଚିଲୁ । ଚା' ଜଳଖିଆ ଦିଆଗଲା । ସାଢ଼େ ସାତଟା ବାଜିବାରୁ ଏବଂ ଆମେ ବିଳମ୍ବ ଯୋଗୁଁ ଉଦ୍‌ବିଗ୍ନ ହେଉଥିବା ଦେଖି ଅଧ୍ୟକ୍ଷ କହିଲେ- ସାର ଆପଣମାନେ ସଭାମଣ୍ଡପକୁ ଯାଆନ୍ତୁ... ମୁଁ ଏଠାରେ ଅପେକ୍ଷା କରିବି, ଯଦି କିଛି ଗଣ୍ଡଗୋଳ ହୁଏ କେହି ଜାଣିବା ଆଗରୁ ପୋଲିସକୁ ଫୋନ କରିବି । ତାଙ୍କର ବକ୍ତବ୍ୟ ଶୁଣି ଆମର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କଲେଜର ବାର୍ଷିକ ଉତ୍ସବ ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ କିପରି ଅନୁଷ୍ଠିତ ହେବ ବୋଲି ଜଷ୍ଟିସ ମହାପାତ୍ର ପଚାରିଲେ ଏବଂ ସେ ନ ଗଲେ ଆମେ ମଧ୍ୟ ଯିବୁ ନାହିଁ କହିବାରୁ ସେ ବାଧ୍ୟ ହୋଇ ଉଠିଲେ ଏବଂ ଯିବା ବେଳେ କହିଲେ- ଛାତ୍ରମାନେ ଦୁଇ ଦଳରେ ବିଭକ୍ତ, ସତର୍କତାର ସହିତ ସବୁ ତୁଲାଇବାକୁ ପଡ଼ିବ ।

ସଭା ଆରମ୍ଭ ହେଲା । ଅଧ୍ୟକ୍ଷ ଓ କଲେଜ ୟୁନିୟନ ସଭାପତିଙ୍କ ସ୍ୱାଗତ ଭାଷଣ ପରେ ମୁଖ୍ୟ ଅତିଥି ଉଦ୍‌ବୋଧନ ଦବା ପାଇଁ ଉଠିଲେ । ଜର୍ମାନୀର ଓ ଜାପାନର ଜନଜୀବନରେ ଶୃଙ୍ଖଳା ଓ ଦେଶାତ୍ମବୋଧ ଥିଲା ବୋଲି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ହୋଇ ମଧ୍ୟ ସେମାନେ କିପରି ଅଳ୍ପ କେତେ ବର୍ଷ ମଧ୍ୟରେ ପୁଣି ଶକ୍ତିଶାଳୀ ଓ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହେଲେ ତାହା ସେ ବର୍ଣ୍ଣନା କଲାବେଳେ ହଠାତ୍ ଦୁଇଜଣ ଛାତ୍ର ଡିଆଁମାରି ମଞ୍ଚ ଉପରକୁ ଉଠିଆସି ତାଙ୍କ ହାତରୁ ମାଇକ ଛଡାଇ ନେଲେ । ଜଣେ କହିଲେ, ମୁଁ ସଭାପତି ଯିଏ ନିମନ୍ତ୍ରଣ କରିଥିଲା ସେ ନକଲି ସଭାପତି, ଏ ସଭା ହୋଇପାରିବ ନାହିଁ । ଆଉ ଜଣେ ଚିତ୍କାର କରି କହିବାକୁ ଲାଗିଲେ ଯେ, ଏ ସଭା ବେଆଇନ ଏବଂ ବେଆଇନ କାମ ସେମାନେ ବରଦାସ୍ତ କରିବେ ନାହିଁ । ହଟଗୋଳ ଆରମ୍ଭ ହୋଇଗଲା । ଅଧ୍ୟକ୍ଷ ଆମ ଦୁହିଁଙ୍କୁ କହିଲେ ପଛପଟେ ଅନ୍ଧାର ଗଳିରେ ପଳାଇ ନ ଗଲେ ଅସୁବିଧା ହୋଇପାରେ । ସେ ଆଗେ ଆଗେ ଆମେ ତାଙ୍କ ପଛେ ପଛେ ଦ୍ରୁତ ଗତିରେ ପଳାଇ ଯାଇ ଗାଡ଼ି ଭିତରକୁ ପଶିଗଲୁ; କିନ୍ତୁ ଗାଡ଼ି ଷ୍ଟାର୍ଟ କରିବା ପୂର୍ବରୁ ଆଉ ଦଳେ ଛାତ୍ର ଗାଡ଼ି ଆଗରେ ଶୋଇପଡ଼ି କହିବାକୁ ଲାଗିଲେ- ଆମେ ଡ଼ାକିଛୁ, ବକ୍ତୃତା ନଦେଇ ଯାଇପାରିବେ ନାହିଁ । ଆମ ସଭାପତି ନକଲି ନୁହଁ ଖାଣ୍ଟି... । ମୁଁ ସେମାନଙ୍କୁ ଅନୁରୋଧ କଲି ଛାଡ଼ିଦବା ପାଇଁ । ଶେଷରେ ଜଷ୍ଟିସ୍ ମହାପାତ୍ର ଓ ମୋତେ ଛାଡ଼ି ଦେଲେ ସେମାନେ । ଆମ ଗାଡ଼ି କଲେଜ ଫାଟକ ପାର ହୋଇ ଆସିଲାବେଳେ ପଛରୁ ଧସ୍ତାଧସ୍ତି ଦଉଡ଼ାଦଉଡ଼ି, ହଟଗୋଳର ଶବ୍ଦ ଭାସି ଆସୁଥିଲା । ମୁଁ ମନେ ମନେ ତୁଳନା କରୁଥିଲି ମୋ ସମୟ ଓ ଅଶୀଦଶକର ସମୟକୁ । କେତେ ତଫାତ୍ । ସେଦିନ ଫେରି ଆସିବାର ଦୁଇଦିନ ପରେ ଖବର କାଗଜରେ

Digitized by srujanika@gmail.com

ଆମେ ଧକମଧକା ହୋଇଥିବା ଘଟଣା ପ୍ରକାଶ ପାଇଲା ଏବଂ ମୁଁ ପ୍ରତିଜ୍ଞା କଲି ଆଉ ଏପରି କଲେଜ ଉତ୍ସବକୁ ନ ଯିବା ପାଇଁ ।

ଏହାର ତିନିଚାରି ବର୍ଷ ପୂର୍ବରୁ ନିରାକାରପୁର କଲେଜକୁ ଯିବା ପାଇଁ ଅନୁରୋଧ ଜଣାଇ ପତ୍ର ଲେଖିଥିଲେ ମୋର ପୂର୍ବତନ ଅଧ୍ୟାପକ ମୁକୁନ୍ଦ ମିଶ୍ର । ସେତେବେଳେ ସେ ଥିଲେ ନିରାକାରପୁର କଲେଜର ଅଧ୍ୟକ୍ଷ । ଛାତ୍ରାବାସର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେବା ପାଇଁ ନିମନ୍ତ୍ରଣ ପାଇଥିଲି ମୁଁ । ଅର୍ଥନୀତି ଅଧ୍ୟାପକ ଶ୍ରୀକାନ୍ତ ମିଶ୍ର ମୋତେ ଆରମ୍ଭରୁ ଭରସା ଦେଇ କହିଲେ, ଅନ୍ୟ କଲେଜ କଥା ଅଲଗା, କିନ୍ତୁ ନିରାକାରପୁରରେ ସେଭଳି ବିଶୃଙ୍ଖଳା ବା ଅବ୍ୟବସ୍ଥା ହେବାର ଆଶଙ୍କା ନାହିଁ ।

ମୁଁ ଆଶ୍ୱସ୍ତ ହେଲି । ସଭାକାର୍ଯ୍ୟ ଆରମ୍ଭ ହେବାର ପାଞ୍ଚମିନିଟ୍ ପରେ କିନ୍ତୁ ହଠାତ୍ ଆଲୁଅ ଲିଭିଗଲା ଏବଂ ଚତୁର୍ଦ୍ଦିଗ ଅନ୍ଧାରରେ ବୁଡ଼ିଗଲା । ସଙ୍ଗେ ସଙ୍ଗେ ଗାଳି ଗୁଲଜ ଧସ୍ତାଧସ୍ତି ଆରମ୍ଭ ହୋଇଗଲା । ଭାଗ୍ୟ ଭଲ ଯେ ସର୍ବତ୍ର ଅନ୍ଧାର ଥିବାରୁ ଆମେ କେଉଁଠାରେ ଥିଲୁ ତାହା ସହଜରେ କେହି ଜାଣି ପାରୁ ନଥିଲେ । ଏହିପରି ପ୍ରାୟ ପାଞ୍ଚିଶ ମିନିଟ ଶଙ୍କିତ ଚିତ୍ତରେ ଅପେକ୍ଷା କଲାପରେ ହଠାତ୍ ଆଲୁଅ ଜଳି ଉଠିଲା ଏବଂ ତାପରେ ଦୁଇଜଣ ଅଧ୍ୟାପକ ଓ କେତେକ ଛାତ୍ର ଛିଣ୍ଡାଲୁଗା ସହିତ ଅବିନ୍ୟସ୍ତ ଅବସ୍ଥାରେ ଆସି ପହଞ୍ଚିଲେ । ସେମାନଙ୍କୁ ଏପରି ଅବସ୍ଥାରେ ଦେଖି ହଠାତ୍ ମୋ ମୁହଁରୁ ବାହାରି ଗଲା- କଣ ହେଲା ? ଜଣେ ଅଧ୍ୟାପକ ନିରୁଦବିଗ୍ନ କଣ୍ଠରେ କହିଲେ- ସାର୍, ଯାହା ହେବାର ଥିଲା ହୋଇଗଲା । ସେମାନେ ସଭା ଭଣ୍ଡୁର କରିବା ପାଇଁ ଇଲେକ୍ଟ୍ରି ତାର କାଟି ଦେଇଥିଲେ ଅନୁଗତ ଛାତ୍ରମାନେ କିନ୍ତୁ ଗୋଡ଼େଇ ଗୋଡ଼େଇ ଆମତୋଟାରେ ଧରିଲେ ସେମାନଙ୍କୁ । ଧସ୍ତାଧସ୍ତି ଲାଗିଲା । ଆମ ବେଶ, ପୋଷାକ ପରିଧାନରେ ସେଥିପାଇଁ ଏ ଅବସ୍ଥା । କିନ୍ତୁ ସେମାନେ ହାରି ଯାଇ କୁକୁର ପରି ଲାଙ୍ଗୁଡ଼ ଜାକି ପଳାଇଗଲେ । ଆଉ କିଛି ଭୟ ନାହିଁ । ଆପଣ ନିଶ୍ଚିତ ହୋଇ ଭାଷଣ ଦିଅନ୍ତୁ । ତଥାପି ସେଇ ରାତିରେ ଫେରିବା ବେଳେ ତାଳେ କେହି ଆହତ ବ୍ୟାଘ୍ର ପରି ଆମ ଉପରକୁ କୁଦି ପଡ଼ିପାରେ ଏହି ଆଶଙ୍କା ମନରୁ ଯାଉ ନଥିଲା । ତିନି ଚାରିଦିନ ପରେ ଛାତ୍ରବତ୍ସଳ, ଋଷିପ୍ରତିମ ଅଧ୍ୟକ୍ଷ ମୁକୁନ୍ଦ ମିଶ୍ର କେତେକ ଅଚିହ୍ନା ବ୍ୟକ୍ତିଙ୍କ ଦ୍ୱାରା ହାନସ୍ତା ଓ ଅପଦସ୍ତ ହେବାର ଖବର ଆସି ପହଞ୍ଚିଲା ମୋ ପାଖରେ ।

ଆଉ ଦିନେ ବିଶ୍ୱବିଦ୍ୟାଳୟ ସଭାକକ୍ଷରେ ଭାଷଣ ଦେବାକୁ ଯାଇଥିଲି । ଯେତେବେଳେ ଛାତ୍ରକଲ୍ୟାଣ ଦାୟିତ୍ୱରେ ଥିବା ଅଧ୍ୟାପକ ଉଠିଲେ ଅତିଥି ପରିଚୟ କରାଇବା ପାଇଁ କିଏ ଛେଳିପରି ତ କିଏ ବିଲେଇ ପରି ଶବ୍ଦ କଲେ । ଅଧ୍ୟାପକ କହି ନ ପାରି ବସି ପଡ଼ିଲେ । ଆଉ ଜଣେ ଅଧ୍ୟାପିକା ଉଠିଲେ । ତାଙ୍କୁ ମଧ୍ୟ ସେମାନେ କୁହାଇ ଦେଲେନାହିଁ । ତା'ପରେ ବହୁ କଷ୍ଟରେ ସେଇ ଗଣ୍ଡଗୋଳ ମଧ୍ୟରେ କୌଣସି ପ୍ରକାର ସଭାଶେଷ ହେଲା । ଶେଷରେ ଜାଣିଲି ଯେ ଏପରି ଗଣ୍ଡଗୋଳ ଆଶଙ୍କା କରି କୁଳପତି ଆସିନଥିଲେ ସଭାକୁ ।

Digitized by srujanika@gmail.com

ଆମ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସବୁକୁ ସେଇଦିନୁ ଯିବାକୁ ମୁଁ ଭୟ କରୁଛି । ଅପଦସ୍ତ ବା ଆହତ ହେବାର ଭୟ ନୁହେଁ, କିନ୍ତୁ ଶିକ୍ଷା ଓ ସଂସ୍କୃତିର ପବିତ୍ର ପୀଠର ଏପରି ଅଧୋଗତି ଦେଖି ସହି ସମ୍ଭାଳି ପାରିବାର ଭୟ ମୋତେ ଅସ୍ଥିର କରୁଛି ଏବଂ ବାରମ୍ବାର ମୁଁ ନିଜକୁ ପ୍ରଶ୍ନ କରୁଛି ସ୍ୱାଧୀନତା ଅର୍ଜନ କରିବାର ପଚାଶ ବର୍ଷ ମାତ୍ର ହୋଇଛି । ଏଇ ପଚାଶ ବର୍ଷ ମଧ୍ୟରେ ସମସ୍ତଙ୍କ ମନରୁ କର୍ତ୍ତବ୍ୟବୋଧ ଉଭେଇ ଯାଇ ତା ସ୍ଥାନ ମାଡ଼ି ବସିଛି ଅଧିକାରବୋଧ । ଅଥଚ ସ୍ୱାଧୀନତାର ଦୁଇଟି ଦିଗ- କର୍ତ୍ତବ୍ୟ ଓ ଅଧିକାର ସଚେତନତା ହାତ ଧରାଧରି ହୋଇ ସମତାଳରେ ନ ଚାଲିଲେ ଯେ ଏଇ କଷ୍ଟଲବ୍ଧ ସ୍ୱାଧୀନତା ଦୀର୍ଘକାଳ ସ୍ଥାୟୀ ହେବ ନାହିଁ ଏହା କେହି ବୁଝିବା ପରି ମନେ ହେଉନାହିଁ ।

କେବଳ କଲେଜ ୟୁନିଭରସିଟିରେ କ'ଣ ଏପରି ଘଟୁଛି ? ନା । ଏପରି ଅବସ୍ଥା ବଡ଼ ବଡ଼ ଅଫିସ ଓ ଅନୁଷ୍ଠାନରେ ମଧ୍ୟ ଘଟୁଥିବାର ବହୁ ସୂଚନା ମିଳୁଛି । ଦିନ ଆସିବ ଯେତେବେଳେ ଘରେ ଓ ବାହାର ସର୍ବତ୍ର ଏହି ସ୍ୱୈରାଚାରୀ ଅନୁଶାସନହୀନତା ସମାଜ ଓ ସଂସ୍କୃତିକୁ ନଷ୍ଟ କରି ସମସ୍ତଙ୍କୁ ଆଦିମ ଓ ଆରଣ୍ୟକ କରିଦେବ ।

Digitized by srujanika@gmail.com

କଲିକତା କେତେ କଥା - ୧

କଲିକତା କଥା ଉଠିଲେ ଅନେକ କଥା କହିବାକୁ ଇଚ୍ଛା ହୁଏ । ଏଇ ସହରରେ ମୋ ରେଳବାଇ ଚାକିରି ଜୀବନର ଆରମ୍ଭ ପୁଣି ଏହିଠାରେ ଶେଷ । ତେଣୁ କଲିକତା ଦ୍ୱିତୀୟ ଘର ପରି ଲାଗେ, ସେଇ ମାଟିରେ ପାଦ ଦବା କ୍ଷଣି ଗୋଟାଏ ଅତି ଆପଣାର ଅନୁଭବ ଛୁଇଁଯାଏ ମନକୁ, ଶରୀରରେ ସଞ୍ଚରି ଯାଏ ଗଙ୍ଗା ନଦୀକୂଳର ସୁଲୁସୁଲିଆ ଶୀତଳ ପବନ ପରି ଏଇ ପୁଲକିତ ଅନୁଭବ । ପଶ୍ଚିମବଙ୍ଗର ରାଜଧାନୀ ଏଇ କଲିକତା ଦିନେ ଥିଲା ବ୍ରିଟିଶ ଶାସିତ ଭାରତର ରାଜଧାନୀ । ୧୯୧୨ ରେ ଦିଲ୍ଲୀକୁ ରାଜଧାନୀ ସ୍ଥାନାନ୍ତରିତ ହେଲା ।

କଲିକତା ଭଲ ଲାଗେ ଏଇଥିପାଇଁ ଯେ ଏଠାରେ ସହରର ବ୍ୟଗ୍ରତା ସହିତ ଆବେଗ ବି ଅଛି ଜୀବନକୁ ବଞ୍ଚିବାରେ । ସାରା ଭାରତର ସାଂସ୍କୃତିକ କେନ୍ଦ୍ର ଏ କଲିକତା । କଥାରେ, ଚଳଣିରେ, ଜୀବନଚର୍ଯ୍ୟାର ସବୁ ବିଭାଗରେ ଦେଖିବାକୁ ମିଳେ ଏକ ସ୍ୱଚ୍ଛିତ ସଂସ୍କୃତିର ଉଚ୍ଛ୍ୱାସ । ଏଠାରେ ସଂସ୍କୃତି କେବଳ ବୈଠକଖାନାରେ ସୀମାବଦ୍ଧ ନୁହେଁ, ଜୀବନଚର୍ଯ୍ୟାରେ ପ୍ରକଟିତ । ତେଣୁ କୋଟିଏ ଲୋକଙ୍କ ଭାର ବହନ କରି ବି, ସେମାନଙ୍କର ଅଳିଅର୍ଜଳି ସହି ବି; ଭୂମିତଳେ ନର୍ଦ୍ଦମା ଜଳ ନିଷ୍କାସନ ବ୍ୟବସ୍ଥା ବାଧାପାଇବା ଦ୍ୱାରା ଅପରିଷ୍କାର ପାଣି ସହରର ଚତୁର୍ଦ୍ଦିଗରେ ମାଡ଼ିଯିବା ପରି ସମସ୍ୟାଗୁଡ଼ିକ ସମାଧାନ ହୋଇ ନ ପାରି ଉଛୁଳି ପଡୁଥିଲେ ବି ଭଲ ଲାଗେ କଲିକତା; ଏଠାର ମିଷ୍ଟାନ, ରଙ୍ଗମଞ୍ଚ, ରବୀନ୍ଦ୍ର ସଙ୍ଗୀତ, ଦୁର୍ଗାପୂଜା, ବାନ୍ଧବୀମାନଙ୍କର ଅଫୁରନ୍ତ ପ୍ରାଣୋଚ୍ଛ୍ୱାସ ଓ ବନ୍ଧୁମାନଙ୍କର ସ୍ୱାଭିମାନ । ଆଉ ଭଲ ଲାଗେ ଇଲିସି ମାଛର ତରକାରୀ, କେ.ସି. ଦାସର ରସଗୋଲା, ଭୀମ ନାଗର ସଂଦେଶ, ଗାଙ୍ଗୁରାମର ଦହି, ଜୟରାମ ନଗରର ମୁଆଁ, ନଇହାଟୀର ନୂଆଗୁଡ଼ର ସନ୍ଦେଶ । ଆଉ ଆଖି ପୂରେଇ ଦେଖିବାକୁ ଇଚ୍ଛା ହୁଏ ବଙ୍ଗଭୂମିର ଭାଷା, ସାହିତ୍ୟ ସଂସ୍କୃତି ପ୍ରତି ଅନୁରାଗ ଓ ଅଙ୍ଗୀକାର ବଦ୍ଧ ସଂକଳ୍ପ ।

ଏଇ କଲିକତାରେ ମୁଁ ସିନା ବାରବର୍ଷ ଅତିବାହିତ କରିଛି, କିନ୍ତୁ ଏହାର ବୟସ ତିନିଶହ । ଠିକ୍ କହିବାକୁ ଗଲେ କଲିକତା ସ୍ଥାପିତ ହୋଇଥିଲା ୧୬୯୦ ମସିହା ଅଗଷ୍ଟ ମାସ ଚବିଶ ତାରିଖ ଦିନ । ପ୍ରତିଷ୍ଠାତା ଜବ ଚାରନକ୍ ନାମକ ଜଣେ ଇଂରେଜ । କିନ୍ତୁ ଇଂରେଜମାନେ ବଙ୍ଗଳା ଦେଶରେ ପ୍ରଥମ ପାଦ ପକାଇଥିଲେ ୧୬୪୦ ଖ୍ରୀଷ୍ଟାବ୍ଦରେ ।

Digitized by srujanika@gmail.com

ବାଣିଜ୍ୟ କରିବାକୁ ଆସିଥିଲେ ସାମ୍ରାଜ୍ୟ ସ୍ଥାପନ କରିବା ଲାଗି ରହିଗଲେ । ସୂତାନଟି, ଗୋବିନ୍ଦପୁର ଓ କଲିକତା ନାମକ ତିନୋଟି ଗ୍ରାମକୁ ନେଇ ଗଠିତ ହୋଇଥିଲା ପ୍ରଥମ କଲିକତା ସହର । କଲିକତା ଆସିବା ପୂର୍ବରୁ କିନ୍ତୁ ଜବ ଚାରନକ୍ ପ୍ରଥମ ଆସି ପାଦ ପକାଇଲେ ବାଲେଶ୍ୱରରେ । ସେଠାରେ କେତେ ସପ୍ତାହ ରହିବାପରେ ଆଉଜଣେ ବନ୍ଧୁଙ୍କ ଅନୁରୋଧ ଏଡ଼ି ନପାରି ଗଲେ କଲିକତା ଏବଂ ରହିଗଲେ ସେଠାରେ । ମୁଁ ଚାକିରିରେ ଯୋଗ ଦେଇଥିଲି ଡ଼ିସେମ୍ବର ଅଣତିରିଶ ତାରିଖ ୧୯୫୪-କଲିକତା ସହର ସ୍ଥାପିତ ହେବାର ଠିକ୍ ଦୁଇଶହ ଛପନ ବର୍ଷ ଚାରିମାସ ପାଞ୍ଚଦିନ ପରେ । ୧୯୫୫ ମସିହାର କଲିକତା ଆଜିର କଲିକତା ପରି ଅସ୍ତବ୍ୟସ୍ତ ନଥିଲା ।

ଏଇ କଲିକତାରେ ସେତେବେଳେ ଚାଳିଶ ଲକ୍ଷ ଲୋକ । ସେଥିରୁ ପ୍ରାୟ ପାଞ୍ଚ ଛଅ ଲକ୍ଷ ଓଡ଼ିଆ । ମ୍ୟୁନିସିପାଲିଟି, କମର୍ସିଆଲ ଅଫିସ, ଝୋଟ କାରଖାନା, କଲିକତା ବନ୍ଦର, ଚା' ଗୋଦାମ, ଇଞ୍ଜିନିୟରିଂ ଶିଳ୍ପ, ଜୋତା କାରଖାନା, ବଡ଼ବଜାରର ମାଲଗୋଦାମ ଓ ଘରେ ଏବଂ ପାନ ଦୋକାନରେ ଏମାନେ ହାଉ ଯାଉ ଖାଉଥାନ୍ତି । ଓଡ଼ିଆରେ ସେମାନଙ୍କୁ ପଦେ କହିଲେ ପାନଖିଆ କଳାଦାନ୍ତ ଦେଖାଇ ହିଁ ହିଁ ହସି କହନ୍ତି- ଏଖାନେ ଚାରି ବଛର ଅଛି... ଓଡ଼ିଆ ଭୁଲେ ଗେଛି... । ହାୟ ହାୟ ! ଦିନେ ମୋତେ ଜଣେ ଅଫିସର କହିଲେ- ଚୁପ୍ ଚୁପ୍ ଓଡ଼ିଆରେ ନୁହେଁ, ହିନ୍ଦୀ ବା ଇଂରାଜୀରେ କୁହ... ସେମାନେ ଶୁଣିଲେ କଣ ଭାବିବେ । ଏଇ ଓଡ଼ିଆମାନଙ୍କ ମଧ୍ୟରୁ ମାଟିଆ ବୁରୁଜ, ଖିଦିରପୁର, ଗାର୍ଡେନରିଚ ପ୍ରଭୃତି ଅଞ୍ଚଳରେ ଥିବା ହଜାର ହଜାର ଗରିବ ଓଡ଼ିଆ ଶ୍ରମିକ ୧୯୪୬ର କଲିକତା ସାଂପ୍ରଦାୟିକ ଗଣ୍ଡଗୋଳରେ ସର୍ବସ୍ୱାନ୍ତ ହେଲେ, କେତକ ଚିରଦିନ ପାଇଁ ବିଦାୟ ନେଲେ ସଂସାରରୁ । ସେମାନଙ୍କ ମନରୁ ସେତେବେଳେ ବି ଲିଭି ନଥାଏ ସେଇ ଭୟଙ୍କର ଦୃଶ୍ୟ । ସେମାନେ ଛେଳି ପରି ହାଣ ଖାଇଲେ । ସେମାନଙ୍କର ରକ୍ଷାକର୍ତ୍ତା କେହି ନଥିଲେ । ନିଜେ ସେମାନେ ନିଜର ରକ୍ଷାକର୍ତ୍ତା/ଦୈବ ବିଧାତା । ହୀନବୀର୍ଯ୍ୟ ଓ ହୀନମନ୍ୟ ଓଡ଼ିଆମାନଙ୍କୁ ସାହସ ଓ ସାନ୍ତ୍ୱନା ଦେବାଲାଗି ସାମ୍ପ୍ରଦାୟିକ ଦଙ୍ଗା ପରେ କେତେକ ନେତା ଅଣ୍ଟାଭିଡ଼ି ବାହାରି ଥିଲେ । ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ସଂଗ୍ରହ ହୋଇଥିଲା ସେମାନଙ୍କର ସାମାଜିକ ସୁରକ୍ଷା ସକାଶେ କିଛି କରିବା ପାଇଁ । ଶେଷରେ ସେଇ ଟଙ୍କା ଏଣେତେଣେ ଖର୍ଚ୍ଚ ହେବା ପରେ ଯୋଉ ଛତିଶ ହଜାର ଟଙ୍କା ବଳିଲା ସେତେକ ଓଡ଼ିଶା ସରକାରଙ୍କୁ ଦିଆଗଲା । ସେଇ ଦାନ ସହିତ ଆଉ ଅର୍ଥ ମିଶାଇ ତିଆରି ହେଲା ଉତ୍କଳ ଭବନ । ଏଇ ଭବନରେ କିନ୍ତୁ ଏବେ ଓଡ଼ିଆ ଶ୍ରମଜୀବୀମାନଙ୍କର ପ୍ରବେଶ ନିଷେଧ ।

ତିନି ଚାରିବର୍ଷ ବଙ୍ଗଳାରେ ରହିଲେ ଯେଉଁମାନେ ଓଡ଼ିଆ ଭାଷା ଭୁଲି ଯାଆନ୍ତି ସେମାନଙ୍କର ମନରେ ସହଜରେ ସ୍ୱାଭିମାନ ସୃଷ୍ଟିହୁଏ ନାହିଁ । ତଥାପି ପ୍ରୟାସ ଜଲୁ କିଛି କରିବା ପାଇଁ । ଶ୍ୟାମ ସୁନ୍ଦର ମହାପାତ୍ର, ଆକୁଳି ମିଶ୍ର ସେତେବେଳେ ପ୍ରବାସୀ ଓଡ଼ିଆ ମାନଙ୍କର ନେତା । ୧୯୫୫ ସେପ୍ଟେମ୍ବର ତିନି ତାରିଖ ଦିଦ ଦଳେଇ ଘାଇ ଭାଙ୍ଗିଲା ।

Digitized by srujanika@gmail.com

ହଜାର ହଜାର ଲୋକ ଅସୀମ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ । ସେମାନଙ୍କୁ ସାହାଯ୍ୟ କରିବା ଓ ପ୍ରବାସୀ ଓଡ଼ିଆମାନଙ୍କୁ ନିଜ ସଂସ୍କୃତି ପ୍ରତି ସଚେତନ ଓ ସ୍ୱାଭିମାନୀ କରିବା ଉଦ୍ଦେଶ୍ୟ ନେଇ ୟୁନିଭରସିଟି ଇନଷ୍ଟିଚ୍ୟୁଟରେ ଏକ ନୃତ୍ୟ ସଙ୍ଗୀତ ସମାରୋହର ଆୟୋଜନ କଲୁ ଆମେ । ଉପାର୍ଜ୍ଜିତ ଅର୍ଥ ବନ୍ୟାତ୍ରାଣ ପାଣ୍ଠିକୁ ଦବା ଲାଗି ସ୍ଥିର ହେଲା । ମୁଖ୍ୟ ଅତିଥି ଭାବରେ କଲିକତା କର୍ପୋରେସନର ଡ଼େପୁଟି ମେୟର ନରେଶ ଚନ୍ଦ୍ର ମିତ୍ର ଓ ସମ୍ମାନିତ ଅତିଥି ଭାବରେ ବିଖ୍ୟାତ ଐତିହାସିକ ଅଧ୍ୟାପକ ଡ଼କ୍ଟର କାଳିଦାସ ନାଗ ଯୋଗ ଦେଇଥିଲେ । ମୁଁ ସ୍ୱାଗତ ଭାଷଣ ଦେବା ପରେ ଉତ୍ସବ ଆରମ୍ଭ ହେଲା । କଳା ବିକାଶ କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ନେଇ ଆସିଥିଲେ ବାବୁଲାଲ ଯୋଷୀ । ସଙ୍ଗୀତ ପରିବେଷଣ କରିଥିଲେ ବାଳକୃଷ୍ଣ ଦାଶ ଓ ଅନ୍ୟମାନେ । ସମାବେଶରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ଦୁଇ ବିଶିଷ୍ଟ ଅତିଥି ଓଡ଼ିଶା ଓ ବଙ୍ଗଳାର ପାରମ୍ପରିକ ସୌହାର୍ଦ୍ଦ୍ୟ ଓ ଓଡ଼ିଆ ସଂସ୍କୃତି ଐଶ୍ୱର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସଭା କାର୍ଯ୍ୟ ଚାଲିଥିଲା ବେଳେ ପ୍ରବଳ ବର୍ଷା ଆରମ୍ଭ ହୋଇଗଲା । ସେହି ସମୟରେ ବନ୍ଦ ଥିବା ପ୍ରଧାନ ପ୍ରବେଶ ଦ୍ୱାର ସେପାଖରେ ଗଣ୍ଡଗୋଳ ଲାଗିଗଲା । ଟିକଟ କରି ନଥିବା ଶହ ଶହ ଲୋକ ଭିତରୁ ଧସେଇ ପଶିବା ଲାଗି ଉଦ୍ୟମ କରୁଥିବାବେଳେ ମୋ ପାଖକୁ ଖବର ଆସିଲା । ସେମାନଙ୍କୁ ହାତଯୋଡ଼ି ଅନୁନୟ ବିନୟ କଲି ଗୋଳମାଳ ନ କରିବାପାଇଁ । ଭିତରେ ଗଣ୍ୟମାନ୍ୟ ଅତିଥି । ବିଶୃଙ୍ଖଳା ସ୍ପୃହଣୀୟ ହେବନାହିଁ । ସେମାନେ ମୋ ଅନୁରୋଧ ପ୍ରତି କର୍ଣ୍ଣପାତ ନ କରି ବଳ ପ୍ରୟୋଗ କରିବାକୁ ଆରମ୍ଭ କଲେ । ଝଣ ଝଣ ଶବ୍ଦ କରି କବାଟ ଓ ଝରକା କାଚ ଭାଙ୍ଗିବାର ଶବ୍ଦ ଶୁଣି ଅନେକ ଶଙ୍କିତ ହେଲେ । ଭର୍ତ୍ତି ହଲ ଭିତରକୁ ଶେଷରେ କିଛି ଲୋକ ଧସେଇ ପଶି ଆସିଲେ । ସମ୍ମାନିତ ଅତିଥିମାନେ ଘଟଣା ସମ୍ବନ୍ଧରେ ଜାଣିବାକୁ ଚାହିଁଲାରୁ ମୁଁ କହିଲି ଉତ୍ସାହ ଅନେକ, କାର୍ଯ୍ୟକ୍ରମ ଦେଖିବା ପାଇଁ ଆଗ୍ରହ ଅପରିସୀମ । କିନ୍ତୁ ହଲରେ ସ୍ଥାନ ନାହିଁ । ତଥାପି କିଛି ଲୋକ ଠିଆ ହୋଇ ଦେଖୁଛନ୍ତି । ସେମାନେ ବୁଝିଗଲେ ।

ବାଳକୃଷ୍ଣ ଦାଶଙ୍କ ଓଡ଼ିଶୀ ସଙ୍ଗୀତ ପରେ ଆଉ ଜଣେ ଶିଳ୍ପୀ ଆସିଲେ ତବଲା ବାଦନ କରିବା ପାଇଁ । ତାଙ୍କ ତବଲା ବାଦନସତରେ ଉଚ୍ଚକୋଟୀର ହୋଇଥିଲା । ତାଙ୍କ ପରେ ଥିଲା ବଂଶୀ ବାଦନ । ମୁଁ କାର୍ଯ୍ୟସୂଚୀ ଅନୁସାରେ ତବଲା ବାଦକଙ୍କ ପରେ ବଂଶୀବାଦକଙ୍କ ନାମ ଘୋଷଣା କଲା ମାତ୍ରେ ମୋ ହାତରୁ ମାଇକ୍ ଟାଣି ନେଇ ଆଉ ଜଣେ ଯୁବକ ତବଲା ବାଦନ ଚମତ୍କାର ହୋଇଥିବାରୁ ତବଲାବାଦକଙ୍କୁ ମଞ୍ଚ ଉପରେ ମାଲ୍ୟାର୍ପଣ କରିବା ଲାଗି ପ୍ରବାସୀ ଉତ୍କଳ ମହାସଭାର ସଂପାଦକଙ୍କୁ ଅନୁରୋଧ କଲେ । ଏହା କାର୍ଯ୍ୟକ୍ରମ ବହିର୍ଭୂତ ଓ ଅଶୋଭନୀୟ ହେବ କହିଲି, କିନ୍ତୁ ଶୁଣୁଛି କିଏ । ସଂପାଦକ ମହାଶୟ ଏଯାଏ ଫୁଲମାଳ ଖୋଜିବାରେ ବ୍ୟସ୍ତ ଥିଲେ । ଆଉ ଗୋଟିଏ ମାଳ ନ ପାଇ କାଳିଦାସ ନାଗଙ୍କୁ ଦିଆଯାଇଥିବା ମାଳଟି ଟାଣିନେଇ ଲମ୍ବେଇ ଦେଲେ ତବଲା ବାଦକଙ୍କ ଗଳାରେ । ଶିଳ୍ପୀ ମାଇକ ପାଖକୁ ଦଉଡ଼ି ଆସି ଘୋଷଣା କଲେ- ଏ ସମ୍ମାନ ମୋର

Digitized by srujanika@gmail.com

ନୁହେଁ, ମୋ ବାପାଙ୍କର ପ୍ରାପ୍ୟ... ସେ ମୋତେ ସାଧନା କରିବାରେ ସାହାଯ୍ୟ କରି ନଥିଲେ ମୁଁ ରସାତଳରେ ପଡ଼ିଥାଆନ୍ତି । ଏତିକିବେଳେ ମୁଖ୍ୟ ଅତିଥିଙ୍କ ଇଙ୍ଗିତ ପାଇ ତାଙ୍କ ପାଖକୁ ଗଲି । ଠିକ୍ ସେତିକିବେଳେ ତବଲା ବାଦକ କହିଲେ, ବାପା... ଯେଉଁଠି ଥିଲେ ବି ମଞ୍ଚ ଉପରକୁ ଆସ... । ଆଲାଉଦ୍ଦିନର ଦୀପ ଭଳି ସତକୁ ଅବିଳମ୍ବେ ଆଣ୍ଠୁ ଲୁଚୁ ନଥିବା ଧୋତି ପିନ୍ଧା ଜଣେ ୫୦ ବର୍ଷ ବୟସ୍କ ବ୍ୟକ୍ତି ମଞ୍ଚ ଉପରେ ଆବିର୍ଭାବ ହେଲେ ଏବଂ ବିପୁଳ କରତାଳି ମଧ୍ୟରେ ପୁଅ ବାପାଙ୍କ ଗଳାରେ ନିଜ ବେକରେ ଥିବା ଫୁଲମାଳ ଲମ୍ବାଇ ଦେଲେ । ମୁଖ୍ୟ ଅତିଥି ମତେ ପଚାରିଲେ ।-କ'ଣ ହେଉଛି ? ମୁଁ ତାଙ୍କ କାନ ପାଖରେ ଫିସ୍ ଫିସ୍ କରି କହିଲି, ଇଏ ଗୋଟେ ଆଇଟମ... ରଙ୍ଗ ରସ ପାଇଁ । ସେମାନେ ତାହା ଗ୍ରହଣ କରିନେଲେ । ଗୋଟେ ବଡ଼ ଅଶୋଭନୀୟ ପରିସ୍ଥିତିରୁ ରକ୍ଷା ମିଳିଗଲା ।

ଏହିପରି-ବହୁ ସାଂସ୍କୃତିକ ଉତ୍ସବ କରାଯାଏ କଲିକତାରେ ଓଡ଼ିଆର ସ୍ୱାଭିମାନ ଜାଗ୍ରତ କରିବା ପାଇଁ । ଗୋଟେ ଗୋଟେ ସଭାରେ ତିନିଚାରି ଜଣ ଓଡ଼ିଶାର ମନ୍ତ୍ରୀ ବିରାଜମାନ କରିଥିବାର ସ୍ୱଚକ୍ଷୁରେ ଦେଖିଛି । ଥରେ ଜଣେ ଓଡ଼ିଆ କେନ୍ଦ୍ରମନ୍ତ୍ରୀଙ୍କୁ ସଭା ଉଦ୍‌ଘାଟନ କରିବାକୁ ସଭାପତି ଅନୁରୋଧ କଲେ । ମନ୍ତ୍ରୀ ପ୍ରଦୀପ ପାଖରେ ପହଞ୍ଚିବା ପୂର୍ବରୁ ସଂପାଦକ ପ୍ରଦୀପ ଜାଳିଦେଲେ । ମୁଁ ହଠାତ୍ ମହମବତୀଟା ଉଠାଇ ନେଇ ମନ୍ତ୍ରୀଙ୍କ ହାତକୁ ବଢ଼ାଇ ଦେଇ କହିଲି- ଏଇ ମହମବତୀର ଆଲୁଅ ଦୀପ ଆଲୁଅ ସହିତ ମିଶାଇ ଦେଇ ଉଦ୍‌ଘାଟନ କରନ୍ତୁ । ସେ ତାହାହିଁ କଲେ ।

ସେଥିପାଇଁ ଥରେ ଜଣେ ବନ୍ଧୁ କହିଲେ- ବହୁ ଭଲ କାମ ହେଉଛି, କିନ୍ତୁ ଓଡ଼ିଆମାନଙ୍କ ମନରେ ମର୍ଯ୍ୟାଦାବୋଧ, ସାଂସ୍କୃତିକ ଚେତନା, ଶୃଙ୍ଖଳା, ସ୍ୱାଭିମାନ ଓ ଗର୍ବବୋଧ ସୃଷ୍ଟି ହେଉ ନାହିଁ । ଅଢ଼େଇ ହଜାର ବର୍ଷ ଧରି ଶିଳ୍ପକଳା, ଦର୍ଶନ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଂଗୀତ ଓ ନୃତ୍ୟ, ସାହିତ୍ୟ ଓ ସଂସ୍କୃତି, ଜୀବନଚର୍ଯ୍ୟାରେ ଆଧିପତ୍ୟ ଓ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଓଡ଼ିଆ ଜାତିର ସେଇ ସ୍ୱାଭିମାନ ଗଲା କୁଆଡ଼େ ? ଏତେ ବଡ଼ ବିପର୍ଯ୍ୟୟ ଏ ଜାତିର କାହିଁକି ? ଏ ପ୍ରଶ୍ନର ଉତ୍ତର ସେହିଦିନ ମିଳିବ ଯେଉଁଦିନ ନିଜେ ନିଜ ଗଳାରେ ଫୁଲମାଳ ପକାଇବା ବା ନିଜେ ନିଜ ଜନ୍ମଜୟନ୍ତୀ ପାଳନ କରିବାର ବ୍ୟବସ୍ଥା ନ କରି ଗଳାରେ ମାଳ ପିନ୍ଧାଇ ଦେବା ଲାଗି ଅପେକ୍ଷା କରୁଥିବା ଲୋକଙ୍କୁ ବି ସୌଜନ୍ୟ ସହିତ ଆଡ଼େଇ ଦେଇ ଅଧ୍ୟବସାୟ ଓ ଉଦ୍ୟୋଗରେ ମନ ନିୟୋଗ କରିବ ଓଡ଼ିଆ । ତା'ର ଚରିତ୍ରରେ ଫୁଟିବ ଉଦ୍ୟମଶୀଳତା ସହିତ ଶୋଭନୀୟ ସୌନ୍ଦର୍ଯ୍ୟବୋଧ ଏବଂ ସାଂସ୍କୃତିକ ସଚେତନତା ।

କଲିକତା କଥା ବାରାନ୍ତରେ ପୁନଶ୍ଚ ।

Digitized by srujanika@gmail.com

କଲିକତା କେତେକଥା - ୨

କଥାରେ ଅଛି 'ଏଇ କଥାକୁ ନାଆ ମେଲିଦେଲି କଲିକତାକୁ' । ପୂର୍ବକାଳରେ କଲିକତା ସହିତ ଓଡ଼ିଶା ଉପକୂଳରେ ଥିବା ବାଲେଶ୍ୱର ପ୍ରଭୃତି ବାଣିଜ୍ୟ କେନ୍ଦ୍ର ସହିତ ସମୁଦ୍ରପଥରେ ସଂଯୋଗ ସ୍ଥାପନ କରାଯାଉଥିଲା । କଲିକତାରେ ଇଂରେଜମାନେ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିବା ଆଗରୁ ଓଡ଼ିଶାର ବାଲେଶ୍ୱର ଓ ହରିପୁରଠାରେ ବାଣିଜ୍ୟ ଘାଟି ସ୍ଥାପନ କରିଥିଲେ । ଏହାତିନିଶହ ବର୍ଷ ପୂର୍ବର କଥା । କିନ୍ତୁ ଇଂରେଜ, ଫରାସୀ, ପର୍ତ୍ତୁଗୀଜ ପ୍ରଭୃତି ୟୁରୋପୀୟ ଜାତି କାହିଁକି ଭାରତ ଆସିଥିଲେ ତାହା ବଡ଼ ରୋମାଞ୍ଚକର । ୟୁରୋପରେ ସେତେବେଳେ ବିଜ୍ଞାନ ଓ କାରିଗରି ବିଦ୍ୟାର ଅୟମାରମ୍ଭର କାଳ । ରେଫ୍ରିଜେରେଟର ନ ଥିଲା ଖାଦ୍ୟ ପଦାର୍ଥ ସୁରକ୍ଷିତ ରଖିବା ପାଇଁ । ମାଂସ ସଂରକ୍ଷଣ କରିବା ପାଇଁ ମସଲା ଦରକାର ହେଉଥିଲା । ଆରବରୁ ବ୍ୟବସାୟୀମାନେ ମସଲା ନେଇ ୟୁରୋପରେ ବିକ୍ରୀ କରୁଥିଲେ । ଆରବରୁ ବ୍ୟବସାୟୀମାନେ ସେଇ ମସଲା ଭାରତରୁ କିଣୁଥିଲେ । ଏଇ ଖବର ପାଇବା ପରେ ୟୁରୋପରେ ଭାରତ ଆବିଷ୍କାର କରିବା ଲାଗି ବାସନା ଜାଗ୍ରତ ହୁଏ ଏହି ପରି ଏକ ଅଭିଯାନରେ ବାହାରି ପର୍ତ୍ତୁଗୀଜ ନାବିକ ବାରଥ ଲମିଓ ଡିୟାଜ କୁତ୍ତମାସା ଅନ୍ତରୀପ ଘୁରିଗଲେ କିନ୍ତୁ ଭାରତ ଆବିଷ୍କାର କରିପାରିଲେ ନାହିଁ । ତା'ପରେ ଆସିଲେ ଭାସକୋଡ଼ାଗାମା । ସେ ମଧ୍ୟ ଉତ୍ତମାସା ଅନ୍ତରୀପ ଦେଇ ପହଞ୍ଚିଥିଲେ ଆଫ୍ରିକାର ଉପକୂଳେ । ସେଠାରେ ଦୈବାତ୍ ତାଙ୍କର ସାକ୍ଷାତ ହୁଏ ଗୁଜୁରାଟରୁ ଆସିଥିବା ଜଣେ ମୁସଲମାନ ନାବିକ ସହିତ । ତାହାରି ଠାରୁ ଭାରତ ସମ୍ବନ୍ଧରେ ବିଶେଷ ବିବରଣୀ ସଂଗ୍ରହ କରି ଶେଷରେ କେରଳର କାଲିକଟଠାରେ ଅବତରଣ କରନ୍ତି ଭାସ୍କୋଡ଼ାଗାମା । ପର୍ତ୍ତୁଗୀଜମାନେ ଆସିବାର ଶହେବର୍ଷ ପରେ ଆସିଥିଲେ ଇଂରେଜମାନେ । ଇଏ ଇତିହାସ ।

ତିନିଶହ ବର୍ଷ ପୂର୍ବେ ପ୍ରଥମେ ଜନ ଚାରନକ ନାମକ ଇଂରେଜ ୧୬୯୦ ଅଗଷ୍ଟ ୨୪ତାରିଖ ଦନ କଲିକତାରେ ବ୍ରିଟିଶ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିଥିବା ପୂର୍ବ ପ୍ରବନ୍ଧରେ ଲେଖିଥିଲି । କଲିକତା ଯିବା ପୂର୍ବରୁ ସେ ବାଲେଶ୍ୱର ଓ ରାଜମହଲଠାରେ ଚତୁର୍ଥ କର୍ମଚାରୀ ଭାବରେ କାମ କରିବାର ପ୍ରମାଣ ଅଛି । କଲିକତା, ସୂତାନଟୀ ଓ ଗୋବିନ୍ଦପୁର ଏହି ତିନୋଟି ଗ୍ରାମକୁ ନେଇ ପ୍ରଥମେ ଇଂରେଜମାନେ ସ୍ଥାପନ କଲେ ବାଣିଜ୍ୟ କେନ୍ଦ୍ର । ଷୋହଳ

Digitized by srujanika@gmail.com

ଶହ ଶତାବ୍ଦୀ (୧୫୯୪-୧୬୦୬) ମଧ୍ୟରେ ରଚିତ ବଙ୍ଗଳା 'ଚଣ୍ଡୀ ମଙ୍ଗଳ' କାବ୍ୟରେ ଏ ସମ୍ବନ୍ଧରେ ଉଲ୍ଲେଖ ଅଛି:- ତ୍ୱରାୟ ଚଲିଲ ତରୀ ତିଲେକ ନାରୟ/ଚିତପୁର ଶାଲିଖା ସେ ଏଡ଼ାଇୟା ଯାୟ/କଲିକତା ଏଡ଼ାଇଲ ବେନିୟାର ବାଲା/କେତୋରେତେ ଉତରିଲ ଅବସାନ ବେଲା ।

ବାଲେଶ୍ୱରଠାରେ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିବା ପରେ ଜବ୍‌ଚାରନକ ଯାଇଥିଲେ କଲିକତା । ତେଣୁ ଓଡ଼ିଆ ସହିତ କଲିକତାର ସମ୍ବନ୍ଧ ଏହା ପରେ ପରେ ସ୍ଥାପିତ ହୋଇଥିବା ଅନୁମାନ କରାଯାଏ । 'କଲିକତାରେ ଓଡ଼ିଆ' ପୁସ୍ତକରେ ଡକ୍ଟର କୃଷ୍ଣଚନ୍ଦ୍ର ଭୂୟାଁ ଏହାର ପାଣ୍ଡିତ୍ୟପୂର୍ଣ୍ଣ ବିବରଣୀ ଦେଇଛନ୍ତି । ଏହି ପୁସ୍ତକ ପ୍ରକାଶ ପାଇବା ପୂର୍ବରୁ ମୁଁ କଲିକତାରୁ ପ୍ରକାଶିତ ଓଡ଼ିଆ ସାହିତ୍ୟ ପତ୍ରିକା 'ପ୍ରତିବେଶୀ'ର ସମ୍ପାଦନା କରୁଥିଲା ବେଳେ ମୋ ଅନୁରୋଧରେ ଡକ୍ଟର ଭୂୟାଁଙ୍କର 'କଲିକତାରେ ଓଡ଼ିଆ'ମାନଙ୍କ ସମ୍ବନ୍ଧରେ କେତୋଟି ପ୍ରବନ୍ଧ ପ୍ରକାଶିତ ହୋଇଥିଲା ।

ଅନେକ ଲୋକଙ୍କ ମନରେ ଗୋଟିଏ ଧାରଣା ରହିଯାଇଛି ଯେ, ଓଡ଼ିଆମାନେ କୁଲିଭାବରେ କଲିକତାକୁ ଆସିଥିଲେ । ସେତେବେଳେ ଇତିହାସ ଅଧ୍ୟୟନ କଲେ ଏହା ଯେ, ପୁରାପୂରି ସତ୍ୟ ନୁହେଁ ଏହା ଜଣାପଡ଼େ । ବାଲେଶ୍ୱର ଏକ ପ୍ରଧାନ ବାଣିଜ୍ୟ କେନ୍ଦ୍ର ଥିଲା । ବାଙ୍କୁଡ଼ା, ମେଦିନୀପୁର, ତାମଲୁକ (ତାମ୍ରଲିପ୍ତ) ପ୍ରଭୃତି ହୁଗୁଳୀ ନଦୀର ଦକ୍ଷିଣାଂଶ ଅଞ୍ଚଳ ୧୬୦୦ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟମାନଙ୍କର ଶାସନାଧୀନ ଥିଲା । ତେଣୁ ଓଡ଼ିଆମାନେ ବାହୁବଳେ ବଙ୍ଗଳାର ବହୁ ସ୍ଥାନକୁ ଯାଉଥିଲେ ଏବଂ ପରେ ପରେ ବ୍ୟବସାୟ ବାଣିଜ୍ୟ କରିଥିଲେ । ଇଂରେଜମାନେ ଆସିବା ପରେ ଓଡ଼ିଶାର ଦୁର୍ଦ୍ଦଶା ଆରମ୍ଭ ହେଲା ଏବଂ ୧୮୦୩ ପରେ ଓଡ଼ିଆମାନେ ନିର୍ଯ୍ୟାତିତ ହୋଇ ପ୍ରାଣଧାରଣ କରିବା ପାଇଁ ଶ୍ରମିକ ଭାବରେ କଲିକତା ଗଲେ । କଲିକତା ସହର ସ୍ଥାପନ କରିବାରେ ଜବ୍‌ଚାରନକ ଏବଂ ପରେ କ୍ଲାଇବ ପ୍ରଭୃତିଙ୍କ ଅବଦାନ ସ୍ୱୀକାର କଲାବେଳେ କଲିକତା ସହରର ରାସ୍ତାଘାଟ, କୋଠାବାଡ଼ି ପ୍ରଭୃତିର ନିର୍ମାଣରେ ଓଡ଼ିଆ ଶ୍ରମିକ ଶ୍ରମ ଓ କୌଶଳ ଯେ, ସହାୟକ ହୋଇଛି ଏହା କିଏ ଅସ୍ୱୀକାର କରିବ ? ଏ ଜାତି ବହୁକାଳ ପରାଧୀନ ହୋଇ ନଥିଲେ ଓଡ଼ିଆମାନଙ୍କୁ କୁଲି ନକହି କଲିକତା ନିର୍ମାଣର ସୈନିକ କୁହାଯାଇଥାନ୍ତା ସମ୍ମାନର ସହିତ ।

ଓଡ଼ିଆମାନେ ଇତିହାସ ପଢ଼ନ୍ତି ନାହିଁ କି ସ୍ମରଣ କରନ୍ତି ନାହିଁ, ନୋହିଲେ ନିଶ୍ଚୟ ଜାଣିଥାନ୍ତେ ସେମାନଙ୍କର ପରାକ୍ରମୀ ପୂର୍ବ ବଂଶଧରମାନଙ୍କର କଥା । ବର୍ମା, ସିଂହଳ, ଶ୍ୟାମ, ବାଲି,ଜାଭା, ସୁମାତ୍ରା ଓ ଲବଙ୍ଗ ଦ୍ୱୀପକୁ ଓଡ଼ିଆ ସାଧବମାନେ କେବଳ ବାଣିଜ୍ୟ କରିବା ପାଇଁ ଯାଇ ନଥିଲେ, ସେଇ ସବୁ ଦେଶରେ ଭାରତୀୟ ସଂସ୍କୃତି ପ୍ରତିଷ୍ଠା ଓ ପ୍ରସାର କରିଥିଲେ । ତେଣୁ ଏବେ ବି ଶ୍ୟାମ (ଥାଇଲାଣ୍ଡ)ର ରାଜା ଭୂମିବଳ, ଜାଭା, ସୁମାତ୍ରା ଓ ବାଲି (ଇଣ୍ଡୋନେସିଆରେ ସମଗ୍ର ଜନସାଧାରଣ-ପରବର୍ତ୍ତୀ କାଳରେ ମୁସଲମାନ

Digitized by srujanika@gmail.com

ହୋଇଯାଇଥିଲେ ମଧ୍ୟ-ସେମାନଙ୍କ ମଧ୍ୟରେ ଓଡ଼ିଆ ନାମ, ପର୍ବପର୍ବାଣୀ, ଲୋକନୃତ୍ୟ ଓ ଲୋକଗୀତି ଏବେ ବି ପ୍ରଚଳିତ ।

ବହୁବର୍ଷ କଲିକତାରେ କୁଲି ଓ ଚାକର ଆଖ୍ୟା ଧାରଣ କରିବା ପରେ ଓ ମୂଳ ଭୂଖଣ୍ଡର ଗର୍ବ ଓ ଗୌରବ ଅବକ୍ଷୟ ଘଟିବାରୁ ଓଡ଼ିଆମାନଙ୍କ ମନରୁ ଗୌରବବୋଧ ଲିଭିଯାଇ ଦେଖାଦେଲା ହୀନମନ୍ୟତା । ଏଇ ହୀନମନ୍ୟତା ଏପରି ଅସ୍ଥି ମଜ୍ଜାଗତ ହୋଇ ଯାଇଛି ଯେ, ସ୍ୱାଧୀନତାର ଚାଳିଶ ବର୍ଷ ପରେ ମଧ୍ୟ ଏହା ନିଶ୍ଚିହ୍ନ ହୋଇନାହିଁ । ତେଣୁ ପ୍ରବାସରେ ବସବାସ କରୁଥିବା ଓଡ଼ିଆମାନଙ୍କ ମଧ୍ୟରେ ସ୍ୱାଭିମାନ ସୃଷ୍ଟି କରିବା ଥିଲା ଆମର ପ୍ରଧାନ କାର୍ଯ୍ୟ । ଏହି ଉଦ୍ଦେଶ୍ୟ ରଖି ଆମେ ପ୍ରଥମେ ସ୍ଥାପନ କଲୁ 'ଉତ୍କଳିକା' ।ସଭାପତି ହେଲେ ସୁନାମ ଧନ୍ୟ ଲେଖକ କିଶୋରୀ ଚରଣ ଦାସ । ତା'ପରେ ଗଠନ କଲୁ 'ଓଡ଼ିଆ ଶିକ୍ଷା ସଂସଦ' । ଧୀରେନ୍ଦ୍ର ନାଥ ରାୟ, ଦୁର୍ଗାମାଧବ ମିଶ୍ର, ମୁଁ ଏହି ଅନୁଷ୍ଠାନର ସଭାପତି ଥିଲୁ ଦୀର୍ଘ ସମୟ । ବହୁ ଅନୁଷ୍ଠାନ ମଧ୍ୟରେ ଏହା ବୁଦ୍ଧିଜୀବୀମାନଙ୍କର ଏକ ସୁସଙ୍ଗଠିତ ଉତ୍ତମ ଅନୁଷ୍ଠାନ । ଡକ୍ଟର ହରେକୃଷ୍ଣ ମହତାବ ଇମରଜେନସି ପରେ କଲିକତା ଆସିଥାଆନ୍ତି ଓଡ଼ିଆମାନଙ୍କ ସହିତ ସମ୍ପର୍କ ପୁନରୁଜ୍ଜୀବିତ କରିବା ପାଇଁ । ମୋତେ ଡାକି କହିଲେ ଉତ୍କଳ ଭବନରେ ହଇହୋ... ଏଇ ଶିକ୍ଷା ସଂସଦରେକ'ଣ କେତେକ ବଡ଼ ବଡ଼ ଅଫିସର ରହିବେ, ଅନ୍ୟମାନଙ୍କ ପାଇଁଏହାର ଦ୍ୱାରବନ୍ଦ... । ସମସ୍ତଙ୍କୁ ଏକାଠି କର । ମୁଁ ସମୟ ନେଲି । ସେ ପୁଣି ରାତ୍ରି ଭୋଜନକୁ ଆମ୍ଭମାନଙ୍କୁ ନିମନ୍ତ୍ରଣ କରି ଏହି ପ୍ରସ୍ତାବ ରଖିଲେ । ସେତେବେଳକୁ ଆମେ ମନସ୍ଥିର କରି ସାରିଥାଉ ।ମୁଁ କହିଲି- ସାର୍ ଓଡ଼ିଆମାନଙ୍କର ବହୁ ଅନୁଷ୍ଠାନ ଅଛି କଲିକତାରେ...ଆମେ ବିଶେଷ ଲକ୍ଷ୍ୟ ରଖି ଆରମ୍ଭ କରିଛୁ ଶିକ୍ଷା ସଂସଦ । ସମସ୍ତଙ୍କୁ ସଭ୍ୟ କରିନେଲେ ଏହାର ଉଦ୍ଦେଶ୍ୟ ବ୍ୟର୍ଥ ହେବ କେବଳ ରାଜନୀତି ହିଁ ଚାଲିବ । ସେ କ୍ଷୁର୍ଣ୍ଣ ହୋଇ ପରେ ପ୍ରଜାତନ୍ତ୍ରରେ ଗାଁ ମଜଲିସ୍ ସ୍ତମ୍ଭରେ ଏ ସମ୍ପର୍କରେ ଉଲ୍ଲେଖ କରିଥିଲେ ।

ଓଡ଼ିଆମାନଙ୍କର କେତୋଟି ଚାରିତ୍ରିକ ଦୋଷ ସର୍ବତ୍ର ପରିଲକ୍ଷିତ ହୁଏ- ସଂଗଠନ ଶକ୍ତି ଓ ଏକତାର ଅଭାବ, ସଂକୀର୍ଣ୍ଣତା ଓ ପାଣି ତୋଷରପ । ଓଡ଼ିଶାରେ ମୁଁ ଏଯାଏ ଗୋଟିଏ ଅନୁଷ୍ଠାନ ବିଷୟରେ ଶୁଣିନାହିଁ ଯାହାର କର୍ମକର୍ତ୍ତାମାନେ ସାଧୁତା ସହକାରେ ବିଧିବଦ୍ଧ ଭାବରେ ଆୟବ୍ୟୟ ହିସାବ ରଖନ୍ତି । ସେ ଯାହା ହେଉ ଏଇ ଶିକ୍ଷାସଂସଦ ଏବେ ବି କଲିକତାର ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଓ 'ପ୍ରତିବେଶୀ' ପତ୍ରିକା ଏହି ଅନୁଷ୍ଠାନର ମୁଖପତ୍ର । ଥରେ ଉତ୍କଳ ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କୁ ନିମନ୍ତ୍ରଣ କରିବାକୁ ମୁଁ ଯାଇଥିଲି । ତାଙ୍କ ପ୍ରକୋଷ୍ଠରେ ଦେଖାହେଲା । ସେ ସବୁ ଶୁଣିସାରି କହିଲେ, ଦିଲ୍ଲୀରେ ଗୋଟେ ମିଟିଂ ଅଛି । ଏଥର ଯାଇ ପାରିବି ନାହିଁ । ଆଉ କେବେ ଯିବି...କିନ୍ତୁ ଅର୍ଡ଼ର କରି ଦେଉଛି ଯେ ପ୍ରତିବର୍ଷ ଉତ୍କଳ ଦିବସ ପାଳନ କରିବା ପାଇଁ ରବୀନ୍ଦ୍ର ଭବନ ସଂରକ୍ଷିତ

Digitized by srujanika@gmail.com

ରହିବ । ପରେ ସେ ଗୋଟେ ଜମି ଦେବେ ବୋଲି ମଧ୍ୟ ଘୋଷଣା କରିଥିଲେ କିନ୍ତୁ ଓଡ଼ିଆ ଅନୁଷ୍ଠାନମାନେ ବାଦବିବାଦ ଆରମ୍ଭ କରିବାରୁ ତାହା ବନ୍ଦ ହେଲା ।

କଲିକତା ବନ୍ଦର କର୍ତ୍ତୃପକ୍ଷ ଏକ ଏକର ଜମି ଦେବା ପାଇଁ ରାଜି ହୋଇଥିଲେ । କିନ୍ତୁ ତାହା ବି ଏହି ପରି କାରଣରୁ ସଫଳ ହେଲାନାହିଁ । ଖିଦିରପୁରଠାରେ ଗୋଟିଏ ଓଡ଼ିଆ ହାଇସ୍କୁଲ ଅଛି । ଭଲ ଅନୁଷ୍ଠାନ । କିନ୍ତୁ ସେଠାରେ ବି ସଂକୀର୍ଣ୍ଣ ରାଜନୀତି । ବନ୍ଦର କର୍ତ୍ତୃପକ୍ଷ ୬ ଲକ୍ଷ ଟଙ୍କା ନୂତନ କୋଠା ତୋଳିବା ପାଇଁ ମଞ୍ଜୁର କରିଥିଲେ ହାଇସ୍କୁଲ ପାଇଁ, କିନ୍ତୁ ସେ ଟଙ୍କା ଆଉ ମିଳିଲା ନାହିଁ ମତାନ୍ତର ଯୋଗୁ । ଆମେ ବହୁ ଚେଷ୍ଟା କରି ମଧ୍ଯ ଏକ ମିଳିତ ସମନ୍ୱୟ କମିଟି ଗଠନ କରି ପାରିଲୁ ନାହିଁ । ପଛୁଆ ଓ ହୀନ ମନ୍ୟତାର ଶିକାର ହୋଇଥିବା ଲୋକଙ୍କ ମଧ୍ୟରେ ପରସ୍ପର ପ୍ରତି ଈର୍ଷା ବେଶି- ଏଥିରୁ ଜନ୍ମ ପରଶ୍ରୀକାତରତା । କାମ ପଛେ ନ ହେଉ, ଆଉ ଜଣେ କାମ କରି ନାମ ଅର୍ଜନ କରିବ କାହିଁକି । 'ଘଇତା ପଛେ ମରୁ ସଉତୁଣୀ ରାଣ୍ଡ ହେଉ' କଥାଟି ମିଛ ନୁହେଁ । ଏହା ଓଡ଼ିଆ ଚରିତ୍ରର ମୂଳ ଉପାଦାନ ।

କଲିକତାରେ ଓଡ଼ିଆମାନେ ଆଉ ଶ୍ରମିକ ଓ ପୂଜାରୀ ହୋଇ ରହିନାହାନ୍ତି । ଯଦିବା ସେପରି ଲୋକମାନଙ୍କର ସଂଖ୍ୟା ନ...ଣ୍ୟ ନୁହେଁ, ତଥାପି ଆଖିରେ ପଡ଼ିବା ଭଳି ଓଡ଼ିଆଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ପ...ମବଙ୍ଗ ସରକାରଙ୍କ ଅଧୀନରେ ପାଞ୍ଚ ସାତଜଣ ଆଇ.ଏ.ଏସ୍. ଅଫିସର ଓ ତିନିଚାରିଜଣ ଆଇ.ପି.ଏସ୍. ଅଫିସର ଅଛନ୍ତି । ଇନ୍‌କମଟାକ୍‌ସ ରେଳବାଇ, କଲିକତା ବନ୍ଦର, ଇନ୍‌ସୁରେନ୍‌ସ ଓ ବ୍ୟାଙ୍କ କଷ୍ଟମସ ଓ ସେନାବାହିନୀ, କୋଲ ଇଣ୍ଡିଆ, ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଓ ବଡ଼ ବଡ଼ କମ୍ପାନୀରେ ଓଡ଼ିଆ ପଦସ୍ଥ ଅଫିସରଙ୍କ ସଂଖ୍ୟା ବଢୁଛି । ଥରେ ଡକ୍ଟର ମହତାବ ଲେଖିଥିଲେ ଯେ, ରେଳବାଇର ଜେନେରାଲ ମ୍ୟାନେଜରଠାରୁ ତିନୋଟି ବଡ଼ ବଡ଼ ରାଷ୍ଟ୍ରାୟର କମ୍ପାନୀ ମ୍ୟାନେଜିଂ ଡାଇରେକ୍ଟର ଥିଲେ ଓଡ଼ିଆ । ଓଡ଼ିଆମାନେ ନିଜର ନିଷ୍ଠା ଓ ବୁଦ୍ଧି ବଳରେ ଅଗ୍ରଗତି କରୁଛନ୍ତି । କିନ୍ତୁ ସଂଘବଦ୍ଧ ହେବାର ଉପାଦାନ ସେମାନଙ୍କର ଧାତୁରେ ନାହିଁ । ସେଥିପାଇଁ ସଫଳତା ଓ ଉତ୍କର୍ଷତା ବ୍ୟକ୍ତିଗତ ଓଡ଼ିଆ ଚରିତ୍ରର ଉପାଦାନ ହୋଇ ରହିଛି, ଲୋକ ଚରିତ୍ରରେ ପ୍ରତିଫଳିତ ହେଉନାହିଁ ।

Digitized by srujanika@gmail.com

କଲିକତା କେତେ କଥା - ୩

କଲିକତା ନାମରେ କୌଣସି ଷ୍ଟେସନ ନାହିଁ । ଓଡ଼ିଶାରୁ ବା ଉତ୍ତର ଭାରତରୁ ଆସିବାକୁ ହୁଏ ହାଓଡ଼ା । ପୂର୍ବରୁ ଆସିଲେଓହ୍ଲାଇବାକୁ ହୁଏ ଶିଆଳଦହ ଷ୍ଟେସନରେ । ହାଓଡ଼ା ଓ କଲିକତା ମଝିରେ ଭାଗୀରଥି ନଦୀ । ପୁରାଣ ପ୍ରସିଦ୍ଧ ଭଗୀରଥ ଗଙ୍ଗାର ଧାରକୁ ଏଇ ପଥରେ ସମୁଦ୍ର ଯାଏ ନେଇ ଯାଉଥିଲେ ବୋଲି ଏଇ ନଦୀର ନାମ ତାଙ୍କରି ନାମ ଅନୁସାରେ ଭାଗୀରଥି । ଗଙ୍ଗା ସାଗରଠାରେ ମକର ସଂକ୍ରାନ୍ତି ଦିନ ବୁଡ ପକାଇବା ଲାଗି ସାରା ଭାରତରୁ ଆସନ୍ତି ଲକ୍ଷ ଲକ୍ଷ ତୀର୍ଥ ଯାତ୍ରୀ । ସେହିଠାରେ ସମୁଦ୍ରକୁ ଚକ୍ରୁ କରି ସୁଖେଇ ଦେଉଥିବା ପ୍ରବାଦ ପୁରୁଷ କପିଳମୁନିଙ୍କ ଆଶ୍ରମ ସେହିଠାରେ ଭୂଇଁତଳେ ଜଳବିନା ହାହାକାର କରୁଥିବା ସଗରବଂଶର ଷାଠିଏ ହଜାର ଲୋକଙ୍କୁ ପବିତ୍ର ଗଙ୍ଗାନଦୀର ଜଳ ଦାନ କରି ଉଦ୍ଧାର କରିଥିଲେ ଭଗୀରଥ । ତେଣୁ ହାଓଡା ଷ୍ଟେସନରେ ଓହ୍ଲାଇ ଭାଗୀରଥି ନଦୀ ଉପରେ ନିର୍ମିତ ଝୁଲାପୋଲ ପାର ହେଲା ବେଳେ ମନେପଡ଼େ ଗଙ୍ଗାନଦୀର ପୁରାଣ ବର୍ଣ୍ଣିତ କାହାଣୀ ଓ କେବଳ ବଙ୍ଗଳା ନୁହେଁ ଭାରତୀୟ ଅର୍ଥନୀତି ଜନସାଧାରଣଙ୍କ ଜୀବନ ଯାତ୍ରାକୁ ଏଇ ନଦୀର ଅବଦାନ ।

ହୁଗୁଳି ବା ଭାଗୀରଥି ନଦୀ ଉପରେ ଆଗେ କିଛୁ ପୋଲ ନଥିଲା । କାଠର ଭାସମାନ ପୋଲ ଉପର ଦେଇ ଦୁଇ ସହର ମଧ୍ୟରେ ଚଳାଚଳ କରାଯାଉଥିଲା । ନଦୀରେ ଜୁଆର ଆସିଲେ ଏହି ବଗିରା ଏତେ ଉପରକୁ ଉଠି ଯାଉଥିଲା ଯେ ଗମନାଗମନରେ ଘୋର ବାଧା ସୃଷ୍ଟି ହେଉଥିଲା । ଏହି ଝୁଲାପୋଲ (କାଣ୍ଟିଲିଭର ପୋଲ)ର ନିର୍ମାଣ ୧୯୩୭ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇ ୧୯୪୩ରେ ଶେଷ ହୋଇଥିଲା । ବିଲାତର କ୍ଲିଭଲାଣ୍ଡ ଇଞ୍ଜିନିୟରିଂ କମ୍ପାନୀ ଏହାର ନିର୍ମାଣ ଏବଂ ଏଥିରେ ବ୍ୟୟ ହୋଇଥିଲା ଚାରି କୋଟି ଟଙ୍କା । ଭାସମାନ ପୋଲଟି ନିର୍ମିତ ହୋଇଥିଲା ୧୮୭୪ ଖ୍ରୀଷ୍ଟାବ୍ଦ ଅକ୍ଟୋବର ସତର ତାରିଖରେ । ଓଡ଼ିଶାରୁ ଯେଉଁମାନେ ଗଙ୍ଗାନଦୀରେ ଆତ୍ମୀୟ ସ୍ୱଜନଙ୍କ ଅସ୍ଥି ବିସର୍ଜନ କରିବା ପାଇଁ ଆସନ୍ତି ସେମାନେ ହାଓଡା ପୋଲ୍ ପାରହୋଇ ସେପାଖ ଘାଟରେ ଏହି କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି ।

Digitized by srujanika@gmail.com

ହାଓଡା ଷ୍ଟେସନରେ ଓହ୍ଲାଇବା କ୍ଷଣି ଚିହ୍ନା ଚିହ୍ନା ମୁହଁ ଦିଶିଯାଏ । ଓଡ଼ିଶାର ଏତେ ଲୋକ ଏଇ ସହରରେ ବାସ କରନ୍ତି ବୋଲି କେହି କେହି ଏହାକୁ ସବୁଠାରୁ ବଡ଼ ଓଡ଼ିଆ ସହର କହନ୍ତି । ଦିନେ କଲିକତାର ଓଡ଼ିଆଙ୍କ ସଂଖ୍ୟା ଥିଲା ପାଞ୍ଚ ଛଅ ଲକ୍ଷ । ଏବେ ତାହା ଦୁଇ ଲକ୍ଷକୁ କମି ଆସିଲାଣି । ଯୋଉ କାମ ସ୍ଥାନୀୟ ଲୋକ କରୁ ନଥିବାରୁ ଓଡ଼ିଆମାନେ ଯାଉଥିଲେ କରିବା ପାଇଁ ସେହିକାମ ଆଦରି ନେଲେଣି ସ୍ଥାନୀୟ ଲୋକେ ଜୀବନ ଜଞ୍ଜାଳ ଦାୟରେ । ତଥାପି ଏଇ ସହରର ପ୍ରତିଷ୍ଠା ଦିନୁ ଓଡ଼ିଆମାନେ ଏଠାରେ ବସବାସ କରିବା ପ୍ରାୟ ତିନିଶବର୍ଷ ହୋଇଗଲା । ଏତେଲୋକ କଲିକତା ଓ ଏହାର ଉପକଣ୍ଠରେ ରହିଲେ ସତ, କିନ୍ତୁ ସେମାନେ ବଙ୍ଗଳା ସଂସ୍କୃତିକୁ ପ୍ରଭାବିତ କରି ପାରିଲେ ନାହିଁ । ଅବଶ୍ୟ ରୂପଚାନ୍ଦ ପକ୍ଷୀ, ଗୋପାଳ ଦାସ ଓ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କୁ ଛାଡି ଦେଲେ ଆଉ ସେପରି କାହାରି ନାମ ବଙ୍ଗଳା ସାହିତ୍ୟରେ ଲିପିବଦ୍ଧ କରାଯାଇନାହିଁ । ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର ବଙ୍ଗଳା ଭାଷାର ପ୍ରଥମ ବ୍ୟାକରଣ ରଚନା କରିଥିଲେ । ସେ ଥିଲେ ମେଦିନୀପୁରର ଓଡ଼ିଆ ଲୋକ ॥ ଆଉ ଗୋପାଳ ଦାସ ଯାତ୍ରା କରି କଲିକତାର ସାଂସ୍କୃତିକ ଜୀବନକୁ ସଂଜୀବିତ କରିଥିଲେ ଯେପରି ତାଙ୍କ ପୂର୍ବରୁ କରିଥିଲେ ରୂପଚାନ୍ଦ ପକ୍ଷୀ ।

ସେହିଭଳି ଓଡ଼ିଶାକୁ ବଙ୍ଗଳାର ଦାନ ଅନେକ । ଚୈତନ୍ୟ ଦେବଙ୍କଠାରୁ ଆରମ୍ଭ କରି ଏଯାବତ୍ ଓଡ଼ିଆ ଜୀବନଧାରା, ସଂସ୍କୃତି ଓ ସାହିତ୍ୟ ବହୁ ଭାବରେ ପ୍ରଭାବିତ । କାରଣ କ'ଣ ? ଜଗନ୍ନାଥ ପ୍ରାଗ୍ ଐତିହାସିକ ଯୁଗର ହୋଇ ମଧ୍ୟ ଏବେ ବି ହିନ୍ଦୁ ଜଗତର ଆରାଧ୍ୟ ଦେବତା ପରମ ବୈଷ୍ଣବ । ପୁଣି ଓଡ଼ିଶାର ବିରଜା, ବିମଳା ଓ ଅନ୍ୟାନ୍ୟ ତନ୍ତ୍ରପୀଠ ବଙ୍ଗଳାର ତନ୍ତ୍ରପୀଠ ଠାରୁ ଆହୁରି ପ୍ରାଚୀନ । ତଥାପି କୁହାଯାଏ ଯେ ଦୁର୍ଗାପୂଜା, କାଳୀପୂଜା ବଙ୍ଗଦେଶରୁ ଓଡ଼ିଶାକୁ ଆସିଥିଲା ଏବଂ ଚୈତନ୍ୟ ଦେବ ବୈଷ୍ଣବ ଧର୍ମର ନୂତନ ପ୍ରେମଧାରା ବୁହାଇ ଦେଇଥିଲେ ଓଡ଼ିଶାରେ । ଏଇ କଥା ଶୁଣିବା ପାଇଁ ଦିନେ ନିମନ୍ତ୍ରିତ ହୋଇ ଯାଇଥିଲି କଲିକତାର ବରାନଗରର ପାଠବାଡ଼ି ଆଶ୍ରମକୁ । ଚାରିଶହ ବର୍ଷର ଇତିହାସ ଏଇ ଆଶ୍ରମ ପଛରେ । ଦୁଇ ତିନି ହଜାର ପ୍ରାଚୀନ ତାଳପତ୍ର ପୋଥି ସଂଗୃହୀତ ହୋଇ ରହିଛି ଏଠାରେ । ଚୈତନ୍ୟଦେବଙ୍କ ପ୍ରଧାନଭକ୍ତ ବଲ୍ଲଭାଚାର୍ଯ୍ୟ ପ୍ରତିଷ୍ଠା କରିଥିଲେ ଏଇ ମଠ ଓ ଆଶ୍ରମ । ଝୁଲଣ ପୂର୍ଣ୍ଣିମା ଦିନ ବିରାଟ ମେଳା ହୁଏ । ଭକ୍ତ ସମାବେଶରେ ପ୍ରବଚନ ଦେବାକୁ ଡାକିଥିଲେ ମୋତେ । ମୁଁ ପ୍ରବଚନ ନ ଦେଇ କହିଥିଲି ପରମ ବୈଷ୍ଣବ ଜଗନ୍ନାଥଙ୍କ ସମ୍ପର୍କରେ । ସେମାନେ ଖୁସି ହୋଇଥିଲେ । ପୂର୍ବସ୍ମୃତି ଜାଗ୍ରତ କରାଇବା ପାଇଁ ଏବେବି ପାଠବାଡ଼ି ଆଶ୍ରମରେ ଶତାଧିକ ଭକ୍ତ ପ୍ରତିବର୍ଷ ଆସନ୍ତି ରଥଯାତ୍ରା ସମୟରେ ପୁରୀକୁ ନାମକୀର୍ତ୍ତନ କରିବା ପାଇଁ । ଚୈତନ୍ୟ ଦେବଙ୍କ ସମୟରୁ ଚଳି ଆସୁଛି । ବାହୁଡା ଦଶମୀ ଦିନ ପହଣ୍ଡି ପୂର୍ବରୁ ଚୈତନ୍ୟ ଦେବଙ୍କ ଭକ୍ତ ହରିଜନ ସଂପ୍ରଦାୟର ହରିଦାସ ବାବାଜୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନ ମାର୍ଜନ କରାହୁଏ ।

Digitized by srujanika@gmail.com

ଜଗନ୍ନାଥ ଓଡ଼ିଶାର ଅମୂଲ୍ୟନିଧି । ତାଙ୍କୁ ରାଷ୍ଟ୍ରଦେବତା ମଧ୍ୟ କୁହାଯାଏ । କାଞ୍ଚିକାବେରୀ ଯୁଦ୍ଧକୁ କଳାଘୋଡା ଧଳାଘୋଡା ଚଢ଼ି ଦୁଇଭାଇ ଯୁଦ୍ଧ କରିବାକୁ ଯାଇ ନଥିଲେ ଉତ୍କଳ ଅପମାନିତ ହୋଇ ରହିଥାନ୍ତା ଯୁଗେ ଯୁଗେ । କିନ୍ତୁ ଓଡ଼ିଶା ତାଙ୍କୁ ଚିହ୍ନେନି, ତାଙ୍କୁ ମୁଣ୍ଡ ଉପରେ ବସେଇ ଜାଣେ ନାହିଁ । ସେଦିନ ଓ୍ବାଟରଲୁ ଷ୍ଟ୍ରିଟରେ ବିଖ୍ୟାତ ଦାନ୍ତ ଡାକ୍ତର ବାରିନ ରାୟ ନିମନ୍ତ୍ରଣ କରିଥିଲେ ତାଙ୍କ ଘରକୁ । ମୁଁ ଓ ଗୀତା ଯାଇଥିଲୁ । ଆହୁରି କେତେକ ବନ୍ଧୁ ଆସିଥିଲେ । ଓଡ଼ିଶାର ବରେନ୍ଦ୍ରକୃଷ୍ଣ ଧଳ ଆମ ସହିତ ଥିଲେ । ଡାକ୍ତର ରାୟ ଜଗନ୍ନାଥଙ୍କ ଉପରେ ତିଆରି କରିଥିବା ଫିଲ୍ମ ଦେଖାଇଲେ । ଚନ୍ଦନଯାତ୍ରା, ସ୍ନାନ ଯାତ୍ରା, ଶ୍ରୀଗୁଣ୍ଡିଚା ଠାରୁ ବାହୁଡାଯାତ୍ରା ପର୍ଯ୍ୟନ୍ତ । ନିଜ ଖର୍ଚ୍ଚରେ, ନିଜ ଚେଷ୍ଟାରେ ନିର୍ମିତ ଏଇ ମହତ କାମ ପାଇଁ ବରେନ୍ଦ୍ର ବାବୁ ତାଙ୍କୁ ସାଧ ମତେ ସାହାଯ୍ୟ କରିଥିଲେ ।ଓଡ଼ିଆ କେହି ଏପରି କାମଟିଏ କରିଥିବା ଏ ଲେଖକ ଜାଣେ ନାହିଁ । କଲିକତାର ବହୁ ବଜାରରେ ଯେଉଁ ଜଗନ୍ନାଥ ମନ୍ଦିର ଅଛି ତାହା ପ୍ରାୟ ଶହେ ବର୍ଷର । ସେଠାରେ ରଥଯାତ୍ରା ପ୍ରତିବର୍ଷ ହୁଏ । ଏବେ ତ ଇସ୍କନ ପକ୍ଷରୁ ରଥଯାତ୍ରା କରାଯାଉଛି ପ୍ରତିବର୍ଷ । ସେଇ ଜଗନ୍ନାଥଙ୍କ ଅପାର ମହିମା ଏପରି ଯେ ଖଡ଼ଗପୁରରେ ହଠାତ୍ ଦିନେ ରେଳବାଇ କର୍ମଚାରୀମାନେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କଲେ । ଜାଗା ଜବରଦଖଲ କରାଗଲା । ଅସ୍ଥାୟୀ ମନ୍ଦିର ତୋଳା ହେଲା । ଏବେ ସ୍ଥାୟୀ ମନ୍ଦିର ନିର୍ମାଣ କରାଯାଉଛି । ପାଞ୍ଚବର୍ଷ ହେଲା ଜଗନ୍ନାଥଙ୍କ ରଥ ଟାଣିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହେଉଛି ।

ପ୍ରାୟ ପନ୍ଦର ବର୍ଷ କଲିକତା ଓ ଖଡ଼ଗପୁରରେ କଟାଇଛି, କିନ୍ତୁ ଓଡ଼ିଆ ପ୍ରାଣର ସ୍ବତଃସ୍ଫୂର୍ତ୍ତ ପ୍ରକାଶ, ଏକତ୍ର ହେବାର ଆଗ୍ରହ, ସଂଘବଦ୍ଧ ସମବାୟିକ ପ୍ରଚେଷ୍ଟା ଓଡ଼ିଆ ଚଳଣିରେ ଦୃଷ୍ଟିଗୋଚର ହୋଇନାହିଁ । ବଙ୍ଗାଳୀମାନଙ୍କର ସାଂସ୍କୃତିକ ବୈଶିଷ୍ଟ ସେମାନଙ୍କ ସ୍ବାଭିମାନରେ ପ୍ରତିଫଳିତ ହୁଏ । ତେଣୁ ସଂସ୍କୃତି ଓ ସାହିତ୍ୟ ପ୍ରତି ଅନୁରାଗ ସେଠାରେ ଜୀବନଚର୍ଯ୍ୟାରେ ନିତି ପ୍ରତିଦିନ ପ୍ରତିଫଳିତ ହୁଏ । ତେଣୁ ସାହିତ୍ୟ ସମାବେଶ ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସର୍ବତ୍ର ସୌନ୍ଦର୍ଯ୍ୟ, ଶୃଙ୍ଖଳା ଓ ରୁଚିବୋଧ ଦେଖିବାକୁ ମିଳେ । ଏକ ଜୀବନ୍ତ ସଂସ୍କୃତି ହିଁ ଚେତନାର ପ୍ରତୀକ । ଶାନ୍ତିନିକେତନରେ ଓଡ଼ିଆ ବିଭାଗ ଅଛି । ଓଡ଼ିଆ ଭାଷା ଓ ସାହିତ୍ୟରେ ଏମ. ଏ ପଢ଼ାହୁଏ । କଲିକତା ବିଶ୍ୱବିଦ୍ୟାଳୟରେ ମଧ୍ୟ ଥିଲା, ବନ୍ଦ ହୋଇଯାଇଛି ତିରିଶ ବର୍ଷ ହେଲା । ଓଡ଼ିଶାର କେତେକ ରାଜା ମହାରାଜାଙ୍କ ଅନୁଦାନ ବଳରେ ଚାଲିଥିଲା ଏହି ବିଭାଗ । ସ୍ବାଧୀନତାପରେ କେହି ସେପରି ଆଗ୍ରହ ନ ଦେଖାଇବାରୁ ବନ୍ଦ ହେଲା । ମୁଁ ଓ ଧୀରେନ୍ଦ୍ରନାଥ ରାୟ ବର୍ତ୍ତମାନର ରାଜ୍ୟପାଳ ଡକ୍ଟର ନୁରୁଲ ହାସାନଙ୍କୁ ଭେଟି କହିଥିଲୁ ସବୁ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଭେଟିଥିଲେ । ଉତ୍କଳ ଶିକ୍ଷା ସଂସଦର ବାର୍ଷିକ ଉତ୍ସବରେ ରାଜ୍ୟପାଳ ଉପକୁଳପତିଙ୍କ ଉପସ୍ଥିତିରେ ପୁଣି ଓଡ଼ିଆ ବିଭାଗ ଖୋଲାଯିବ ବୋଲି ଘୋଷଣା ବି କଲେ । କିନ୍ତୁ ପରେ ଶୁଣିଲି କଲିକତା

Digitized by srujanika@gmail.com

ବିଶ୍ୱବିଦ୍ୟାଳୟ ଏ ଦିଗରେ ଅଯଥା ଅନ୍ତରାୟ ସୃଷ୍ଟି କରିବାରୁ ଏହା ବନ୍ଦ ହେଲା । ସେହିପରି ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଜନ୍ ବୋଲ୍‌ଟନେଙ୍କ ଅଧୀନରେ ଥିବା ଓଡ଼ିଆ ବିଭାଗ ମଧ୍ୟ ୧୯୮୨ରୁ ଛାତ୍ର ଓ ସହାୟତା ଅଭାବରୁ ବନ୍ଦ ହୋଇଗଲା । ବିଦେଶରେ ଅନ୍ୟାନ୍ୟ ଭାରତୀୟ ଭାଷା ଗୁଡିକର ଶିକ୍ଷା ବ୍ୟବସ୍ଥା ପ୍ରସାରିତ ହେଉଥିବାବେଳେ ଓଡ଼ିଆ ଭାଷା ଓ ସାହିତ୍ୟର ଏଇ ସଙ୍କୋଚନ କାହିଁକି ? ଆମର ଅସହାୟତା, ଉଦ୍ୟମହୀନତା ଓ ଅନାଗ୍ରହ ଏଥିପାଇଁ ଦାୟୀ ।

ଓଡ଼ିଆ ଲୋକଙ୍କୁ ଆଗେ 'ଉଡେ' ବୋଲି ସମ୍ବୋଧନ କରୁଥିଲେ ବଙ୍ଗାଳୀମାନେ । ଏବେ ଏହା ଆଉ ଶୁଣାଯାଏ ନାହିଁ । ଓଡ଼ିଆମାନେ ନିଜ ଗୁଣବଳରେ ପ୍ରତିଷ୍ଠିତ । ପ୍ରଖ୍ୟାତ ବଙ୍ଗଳା ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଏବେ ଶ୍ରଦ୍ଧାର ସହିତ ଉଲ୍ଲେଖ କରନ୍ତି : ଓଡ଼ିଆ ସାହିତ୍ୟର ଐଶ୍ୱର୍ଯ୍ୟ । ପ୍ରଖ୍ୟାତ ଔପନାସିକ ସୁନୀଲ ଗଙ୍ଗୋପାଧ୍ୟାୟ, ଐତିହାସିକ ଡକ୍ଟର ନିମାଇସାଧନ ବସୁଙ୍କ ମତରେ ଫକୀରମୋହନଙ୍କ ରଚନାରେ ସାମାଜିକ ବାସ୍ତବତା ବଙ୍କିମଚନ୍ଦ୍ରଙ୍କ ରଚନା ତୁଳନାରେ ଅଧିକ ଜୀବନ୍ତ । ମାଗାସେସେ ପୁରସ୍କାର ବିଜେତା ଗୌରକିଶୋର ଘୋଷ ନିଜ ଆଦ୍ୟ ଜୀବନରେ ବୃତ୍ତାନ୍ତ କହୁଥିଲେ । କଟକରେ ହୋଟେଲ ଖର୍ଚ୍ଚ ଦେଇ ନ ପାରି ଟ୍ରେନରେ ବିନା ଟିକଟରେ ଯିବା ବେଳେ ଖଲ୍ଲିକୋଟ ଷ୍ଟେସନରେ ଟି.ଟି. ହାବୁଡରୁ ରକ୍ଷା ପାଇବା ପାଇଁ ଓହ୍ଲାଇ ଯାଇଥିଲେ । ଚିଲିକାର ଗୋଟିଏ ମତ୍ସ୍ୟଜୀବୀ ଓଡ଼ିଆ ପରିବାରଙ୍କ ସହିତ ଏକୋଇଶ ଦିନ ରହି ଯାଇଥିଲେ । ସେଇ ଅକୃତ୍ରିମ ସ୍ନେହ ସେ ଶ୍ରଦ୍ଧାର ସହିତ ସ୍ମରଣ କରନ୍ତି ସମ୍ମାନର ଶୀର୍ଷଦେଶକୁ ଉଠି ମଧ୍ୟ । ବଙ୍ଗଳା ଲେଖକ ବୁଦ୍ଧଦେବ ଗୁହ ଓଡ଼ିଶାର ସବୁ ଜିଲ୍ଲା କେବଳ ବୁଲିନାହାନ୍ତି ସେ ବଣ୍ୟ ଜନ୍ତୁ ଓ ପକ୍ଷୀମାନଙ୍କୁ ଦେଖିବାକୁ ପ୍ରତିବର୍ଷ ଓଡ଼ିଶା ଆସି ଓଡ଼ିଶାର ଗ୍ରାମ୍ୟଜୀବନର ସଂସ୍କୃତି, ଲୋକଗୀତି ସମ୍ପର୍କରେ ଯେଉଁ ତଥ୍ୟସବୁ କହିଲେ ତାହା ଅତିକମ ଓଡ଼ିଆ ଲେଖକ ଜାଣିଥିବେ । ସୁନୀଲ ଗାଙ୍ଗୁଲୀ, ସମରେଶ ବସୁ ପ୍ରଭୃତିଙ୍କ ରଚନାରେ ଓଡ଼ିଶାର ଜନଜୀବନର ପ୍ରତିଛବି ଲିପିବଦ୍ଧ । ଓଡ଼ିଶାର ବିସ୍ତୃତ ଅଞ୍ଚଳରେ ଲୁହାପଥର ଓ ଖଣିଖାଦାନ ଥିଲେ ମଧ୍ୟ ଓଡ଼ିଆ ଲେଖକଙ୍କୁ ତାହା ଆକର୍ଷଣ କରୁନାହିଁ । ଅଥଚ ସିମିଳିପାଳ ଉପରେ ସମରେଶ ବସୁ ଯେପରି ଗୋଟିଏ ସମ୍ପୂର୍ଣ୍ଣ ଉପନ୍ୟାସ ଲେଖିଛନ୍ତି, କିରିବୁରୁ ବାଂଶପାଣି ଅଞ୍ଚଳ ଉପରେ ସେହିପରି ସମ୍ପୂର୍ଣ୍ଣ ଉପନ୍ୟାସ ରଚିତ ହୋଇଛି । ଏବେ କୋଣାର୍କ ଭୁବନେଶ୍ୱର ଉପରେ ବିଖ୍ୟାତ ବଙ୍ଗଳା ଉପନ୍ୟାସ ଲେଖକ ଶଙ୍କର ଲେଖିବାଲାଗି ଯୋଜନା କରିଥିବା ଅତି ଆନନ୍ଦର ସହିତ କହୁଥିଲେ ସେଦିନ । କିନ୍ତୁ ସେମାନେ ଓଡ଼ିଆ ଜୀବନ ଓ ଜୀବନଧାରାକୁ ଏତେ ନିବିଡ଼ ଭାବେ ଦେଖୁଥିଲେ ବି ଓଡ଼ିଆ ଲେଖକ ପାରୁନି କାହିଁକି ? ସହଜରେ ସୁନାମ, ସହଜରେ ପ୍ରତିଷ୍ଠା, ସହଜରେ ସାହିତ୍ୟିକ, ସହଜରେ ସଙ୍ଗୀତଜ୍ଞ ଓ ସାଧକ ହେବାର ବାସନା ଓଡ଼ିଆମାନଙ୍କୁ ଗୌରବ ନ ଦେଇ ଖର୍ବ କରିଛି । ଏଥିପାଇଁ ତିନିଶହ ବର୍ଷର ଯୋଗାଯୋଗ

Digitized by srujanika@gmail.com

ଓ ସମ୍ପର୍କ ସତ୍ତ୍ୱେ ବଙ୍ଗଳା ସଂସ୍କୃତି ଓ ସାହିତ୍ୟରୁ ଆମେ ଯେତିକି ଶିଖିବା କଥା ତାହା ନକରି ସେମାନଙ୍କର ଦୁର୍ବଳତାଗୁଡିକୁ ବେଶ୍ ଅନୁକରଣ କରିଛୁ । ଆମର ନିଜସ୍ୱ ବୈଶିଷ୍ଟ୍ୟକୁ ପ୍ରତିପାଦନ କରିବାର ଚେଷ୍ଟା ନକରି ଏ ପର୍ଯ୍ୟନ୍ତ ଆମେ ଗୋପନରେ ପ୍ରତିବେଶୀ ସାହିତ୍ୟରୁ ଚୋରିକରି ନିଜସ୍ୱ କାରି ବୋଲି କହୁଥିବା ବା ଆମର ସାଂସ୍କୃତିକ ଉତ୍କର୍ଷତା ସମ୍ବନ୍ଧରେ ଅନ୍ୟମାନଙ୍କୁ ସଚେତନ କରିବା ଲାଗି ଉଦ୍ୟମ ନ କରି ଯାହା ଯେଉଁଠି ଦେଖିଲୁ ଅନୁକରଣ କରି ଆମ ନିଜସ୍ୱ ସମ୍ପଦକୁ ଅପମିଶ୍ରିତ କରୁଥିବା ସେ ପର୍ଯ୍ୟନ୍ତ ଏହି ହୀନମନ୍ୟତା ଆମ ଚରିତ୍ରରୁ ଦୂର ହେବ ନାହିଁ ।

ଥରେ ଉତ୍କଳ ଭବନରେ ରହୁଥିବା ଜଣେ ବନ୍ଧୁ କହିଲେ- ଚାଲ ଚୌରଙ୍ଗୀର ସେଇ ଓଡ଼ିଆ ଦୋକାନକୁ ଯିବା ପକୋଡି ଖାଇବା ପାଇଁ ସବୁଠାରୁ ପ୍ରସିଦ୍ଧ ମେଟ୍ରୋ ପାଖର ଏଇ ପକୋଡି ଦୋକାନ । ସେଠାରେ ପକୋଡ଼ି ଖାଉଥିବାବେଳେ ସେ କହିଲେ- ଏହାର ନାମ ଚୌରଙ୍ଗୀ କାହିଁକି ହୋଇଛି ଜାଣ ? ସେ ନିଜେ ଉତ୍ତର ଦେଲେ- ଦଶନାମୀ ଶୈବ ସମ୍ପ୍ରଦାୟଭୁକ୍ତ ଜଣେ ସନ୍ୟାସୀ କଲିକତା ସହର ସ୍ଥାପିତ ହେବା ପୂର୍ବରୁ ଏହିଠାରେ 'ଚୌରାଙ୍ଗୀଶ୍ୱର' ନାମରେ ମହାଦେବ ମୂର୍ତ୍ତୀ ସ୍ଥାପନ କେରିଥିଲେ । ତାଙ୍କ ନାମ ଜଙ୍ଗଲଗିରି ଚୌରାଙ୍ଗୀ । ସେହି ଦିନୁ ଏହି ଚୌରାଙ୍ଗୀ ନାମ ଚଳି ଆସୁଛି ଲୋକ ମୁହଁରେ ତାଙ୍କରି ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଫେରିବା ବେଳେ ସେ କହିଲେ- ଏଇ ବିଖ୍ୟାତ ମୋଗଲାଇ ପରଟା ଦେକାନଟା ବି ଜଣେ ଓଡ଼ିଆର । ସେ ଏବେ ଏତେ ଉଚ୍ଚରେ ଯେ ଓଡିଆ ଭୁଲିଯାଇ ନିଜକୁ ବଙ୍ଗାଳୀ କହୁଛି । ମୁଁ କହିଲି-ମୋର ଅନେକ ଆତ୍ମୀୟସ୍ୱଜନ ମଧ ଏହିପରି ଘରେ ଓଡ଼ିଆ କହୁଥିଲେ ବି ସ୍କୁଲ କଲେଜରେ ମାତୃଭାଷା ବଙ୍ଗଳା ବୋଲି ଲେଖୁଛନ୍ତି । ଆଉ ପନ୍ଦର କୋଡିଏ ବର୍ଷ ମଧରେ ସେମାନେ ପୁରା ବଙ୍ଗାଳୀ ହୋଇଯିବେ । ସେ କହିଲେ- ହାୟ, ଆମର ଜାତୀୟ ଦୁର୍ବଳତା ପାଇଁ ଗୋପବନ୍ଧୁଙ୍କ ସବୁ ଚେଷ୍ଟା ବ୍ୟର୍ଥ ହୋଇଗଲା ।

Digitized by srujanika@gmail.com

ଉତ୍କଳ ଶିକ୍ଷା ସଂସଦ

କେହି କେହି କହିଥାନ୍ତି ଯେ, କଲିକତା ଓଡ଼ିଆମାନଙ୍କର ସର୍ବାପେକ୍ଷା ବଡ଼ ସହର । କାରଣ କଟକ ଓ ଭୁବନେଶ୍ୱରର ଲୋକସଂଖ୍ୟା ଚାରିଲକ୍ଷ ପାଞ୍ଚଲକ୍ଷ ଥିବା ବେଳେ କଲିକତାରେ ଓଡ଼ିଆମାନଙ୍କ ସଂଖ୍ୟା ପାଞ୍ଚ ଛଅ ଲକ୍ଷ । ଅବଶ୍ୟ ଓଡ଼ିଶାରେ ନୂତନ ଶିଳ୍ପ ଓ ଉଦ୍ୟୋଗ ଗଢ଼ି ଉଠିବା ପରେ ନିଯୁକ୍ତିର ଯେଉଁ ସୁଯୋଗ ସୃଷ୍ଟି ହେଲା ତା ଫଳରେ କଲିକତା, କାଙ୍କିମାଟି, ଆସାମ ଓ ନେପାଳକୁ କାମ ପାଇବା ଆଶାରେ ଚାଲିଯାଉଥିବା ଓଡ଼ିଆଙ୍କ ସଂଖ୍ୟା ବହୁତ କମିଗଲାଣି । ଏବେ କଲିକତାରେ ଓଡ଼ିଆମାନଙ୍କ ସଂଖ୍ୟା ତିନିଲକ୍ଷ ମଧ୍ୟରେ ହେବ । ତଥାପି ଏହି ବିପୁଳ ସଂଖ୍ୟକ ଓଡ଼ିଆମାନଙ୍କ ମଧ୍ୟରେ ପୂର୍ବର ସେଇ ହୀନମନ୍ୟତା ଓ ଗୌଣଭାବ ନ ଥିଲେ ମଧ ଏହା ସଂପୂର୍ଣ୍ଣଭାବେ ଲୋପ ପାଇନାହିଁ । କାରଣ କଲିକତାରେ ଓଡ଼ିଆ ବୁଦ୍ଧିଜୀବୀ ଓ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଥିଲେ ସୁଦ୍ଧା ଓଡ଼ିଆମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନକୁ ସେମାନେ ପ୍ରଭାବିତ କରି ପାରିନାହାନ୍ତି । ଫଳରେ ସାଧାରଣ ଓଡ଼ିଆର ଜୀବନ, ମାନ ସମ୍ମାନ ଯେପରି ଥିଲା, ସେପରି ନଥିଲେ ମଧ ସେଥିରେ ଆଖିଦୃଷ୍ଟିଆ ପରିବର୍ତ୍ତନ ହୋଇ ନାହିଁ । ସାଂସ୍କୃତିକ ସ୍ୱାଭିମାନ ଓଡ଼ିଆମାନଙ୍କର ଅସ୍ଥିମଜ୍ଜାଗତ ଉପାଦାନ ନୁହେଁ କି ଓଡ଼ିଆମାନଙ୍କ ଚରିତ୍ରର ଏହା ଏକ ବିଶେଷ ଲକ୍ଷଣ ବି ନୁହେଁ । ତେଣୁ ଅଳ୍ପକାଳ କଲିକତାରେ ରହିବା ପରେ ସେମାନେ ବଙ୍ଗଳାଭାଷାରେ କଥା କହିବା, ବଙ୍ଗଳା ସାହିତ୍ୟ ପଢ଼ି ଆତ୍ମ ମର୍ଯ୍ୟାଦା ବଢ଼ାଇବା ପାଇଁ ଚେଷ୍ଟା କରନ୍ତି ସିନା, ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତିର ସାମର୍ଥ୍ୟକୁ ଜନଶିରେ ପ୍ରଦର୍ଶନ କରନ୍ତି ନାହିଁ ।

ଏହି ଆତ୍ମ ପ୍ରଦର୍ଶନ ଯୁଗରେ ଓଡ଼ିଆ ଚରିତ୍ରରୁ ଏହି ଅଭାବକୁ ଦୂର କରିବା ଓ ସେମାନଙ୍କ ମନରେ ମାତୃଭାଷା ଓ ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ପ୍ରତି ଅନୁରାଗ ଓ ଅଭିମାନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୋଟିଏ ଶକ୍ତିଶାଳୀ ଅନୁଷ୍ଠାନ ପ୍ରତିଷ୍ଠା କରିବା ଥିଲା ଆମର ଉଦ୍ଦେଶ୍ୟ । କଲିକତାରେ ଓଡ଼ିଆମାନଙ୍କର ଅନେକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅଛି । ଓଡ଼ିଆମାନଙ୍କ ମଧ୍ୟରେ କାର୍ଯ୍ୟ କରି ବହୁ ଶିକ୍ଷିତ ବ୍ୟକ୍ତି ସମାଜ ଓ ଶାସନରେ ମର୍ଯ୍ୟାଦାପୂର୍ଣ୍ଣ ପଦ ପଦବୀ ଅଳଙ୍କୃତ କରିଛନ୍ତି । ଅନେକ ମଧ ଓଡ଼ିଆମାନଙ୍କ

Digitized by srujanika@gmail.com

କାନ୍ଧ ଉପରେ ଚଢ଼ି ନିଜର ସ୍ୱାର୍ଥ ସାଧନ କରିଛନ୍ତି । ଏପରି ସମସ୍ତଙ୍କୁ ଯଥାସମ୍ଭବ ବାଦ ଦେଇ ଆମେ କେତେଜଣ ପ୍ରଥମେ ଉତ୍କଳିକା ନାମରେ ଏକ ଅନୁଷ୍ଠାନ ଗଠନ କଲୁ ୧୯୭୨ରେ । ସୁନାମଧନ୍ୟ ସାହିତ୍ୟିକ ଶ୍ରୀ କିଶୋରୀ ଚରଣ ଦାସ ହେଲେ ଏହାର ସଭାପତି, ମୁଁ ହେଲି ସଂପାଦକ । ପ୍ରଥମ ବର୍ଷ ଆମେ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିଲୁ । ତା'ପରେ ପରେ ଏହି ଅନୁଷ୍ଠାନ ପ୍ରତି ଆକୃଷ୍ଟ ହେଲେ ସ୍ୱର୍ଗତ କର୍ମବୀର ସତ୍ୟଶେଖର ପଟ୍ଟନାୟକ ଓ ଉଦୟନାଥ ରଥ । ସତ୍ୟଶେଖର ବାବୁ କଲିକତା ବନ୍ଦରରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ସୁନାମ ଅର୍ଜନ କରିଥିଲେ । ସେ ଓ ତାଙ୍କ ସ୍ତ୍ରୀ ଏବଂ ଇଣ୍ଡିଆନ ଅଏଲର ମ୍ୟାନେଜର ଶ୍ରୀଯୁକ୍ତ ରଥ ଓ ତାଙ୍କ ସ୍ତ୍ରୀ ଆଗେଇ ଆସିଲେ ଅନୁଷ୍ଠାନକୁ ଶକ୍ତିଶାଳୀ କରିବା ପାଇଁ । ଏ ମଧ୍ୟରେ ବଦଳି ହୋଇ ମୁଁ ଓଡ଼ିଶା ଚାଲି ଆସିଲି, କିନ୍ତୁ କାମ ଆଗେଇ ଚାଲିଲା । ଉତ୍କଳିକାର କାର୍ଯ୍ୟ ଆକୃଷ୍ଟ କଲା ବୁଦ୍ଧିଜୀବୀ ତଥା ସାଧାରଣ ଶିକ୍ଷିତ ଓଡ଼ିଆମାନଙ୍କୁ । ଖିଦିରପୁରରେ ଥିବା ଓଡ଼ିଆସ୍କୁଲ ହାଇସ୍କୁଲରେ ପରିଣତ ହେଲା ଏବଂ ଶ୍ରୀମତୀ ରଥ ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱ ସ୍ୱେଚ୍ଛାରେ ଗ୍ରହଣ କଲେ । ସତ୍ୟଶେଖର ବାବୁ ଓ ତାଙ୍କ ସ୍ତ୍ରୀଙ୍କ ସାଂଗଠନିକ ଶକ୍ତି ଓ ସ୍ୱଚ୍ଛ ସ୍ୱଭାବ ଏ ଦିଗରେ ଅନେକ ସହାୟକ ହେଲା । ଏ ଭିତରେ କଲିକତାଠାରେ ଆସି ପହଁଚିଲେ ତରୁଣ ଆୟକର ଅଫିସର ଧୀରେନ୍ଦ୍ର ନାଥ ରାୟ । ଅନୁଷ୍ଠାନକୁ ଶକ୍ତିଶାଳୀ ଓ ଏହାର କାର୍ଯ୍ୟ ପରିସରକୁ ବ୍ୟାପକ କରିବାର ଆବଶ୍ୟକତା ଅନୁଭୂତ ହେଲା ।

ଓଡ଼ିଆ ଶିକ୍ଷା ପ୍ରସାରିତ ହେଲେ ଓଡ଼ିଆମାନଙ୍କ ପିଲାମାନେ ବଙ୍ଗଳା ବା ହିନ୍ଦୀ ନ ପଢ଼ି ଓଡ଼ିଆ ପଢ଼ିବେ ଭାବି ଓଡ଼ିଆ ବିଦ୍ୟାଳୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା ଓ ଖିଦିରପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟକୁ ଏକ ଉନ୍ନତ ବିଦ୍ୟାଳୟରେ ପରିଣତ କରିବା, ନୃତ୍ୟଗୀତ ଶିକ୍ଷାଦେବା, ଓଡ଼ିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଏହାର ବୈଶିଷ୍ଟ୍ୟ ପ୍ରତିପାଦନ କରିବା ଓ ଓଡ଼ିଆମାନଙ୍କୁ ସାମାଜିକ ସ୍ତରରେ ସଂଗଠିତ କରିବା ସକାଶେ ଉତ୍କଳ ଶିକ୍ଷା ସଂସଦ ନାମରେ ଏକ ନୂତନ ଅନୁଷ୍ଠାନ ୧୯୭୭ରେ ପ୍ରତିଷ୍ଠା କରାଗଲା ଏବଂ ଉତ୍କଳିକା ସ୍ଥାନରେ ଏହି ନୂତନ ଅନୁଷ୍ଠାନ କାର୍ଯ୍ୟ ଆରମ୍ଭ କଲା । ମୁଁ ପୁଣି ବଦଳି ହୋଇ ଅକ୍ଟୋବର ୧୯୭୭ରେ କଲିକତା ଆସିଲି ଏବଂ ୧୬/୧/୧୯୭୮ ଉତ୍କଳଶିକ୍ଷା ସଂସଦ ରେଜେଷ୍ଟ୍ରୀଭୁକ୍ତ ହେଲା । ଏହି ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଉତ୍କଳଦିବସ ମହା ଆଡ଼ମ୍ବରରେ ପାଳିତ ହେଲା ଏବଂ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓଡ଼ିଆମାନଙ୍କର ଏକ ଆକର୍ଷଣୀୟ ଉତ୍ସବରେ ପରିଣତ ହେଲା । ଓଡ଼ିଶାର ବରେଣ୍ୟ ଓ ବିଶିଷ୍ଟ ଜନସେବକ, ଶିକ୍ଷାବିତ, ଜନନାୟକ, ବୁଦ୍ଧିଜୀବୀ ତଥା ସୁନାମଧନ୍ୟ ଶିଳ୍ପୀ ଓ ସାହିତ୍ୟିକ ନିମନ୍ତ୍ରିତ ହୋଇ ଫେରିଲେ । ଅଳ୍ପ ସମୟ ମଧ୍ୟରେ ଏହି ଅନୁଷ୍ଠାନର ଗାରିମା ଏବଂ ମହିମା କେବଳ

Digitized by srujanika@gmail.com

ଓଡ଼ିଆମାନଙ୍କ ମଧ୍ୟରେ ନୁହେଁ, ଅଣଓଡ଼ିଆମାନଙ୍କ ମଧ୍ୟରେ ବି ଆଲୋଡ଼ନ ସୃଷ୍ଟି କଲା । ୧୯୭୭ରେ ଡ଼କ୍ଟର ମହତାବ କଲିକତା ଆସିଥିଲେ । ଉତ୍କଳ ଶିକ୍ଷା ସଂସଦ ସାମର୍ଥ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସେ ପୂର୍ବରୁ ଶୁଣିଥିଲେ ଏବଂ ଆସିବା ଆଗରୁ ପତ୍ର ଲେଖି ମୋତେ ତାଙ୍କ କଲିକତା ଗସ୍ତ ସଂପର୍କରେ ସୂଚନା ଦେଇ ଉତ୍କଳ ଭବନରେ ତାଙ୍କୁ ଭେଟିବା ପାଇଁ ଲେଖିଥିଲେ । ଉତ୍କଳଭବନରେ ତାଙ୍କୁ ମୁଁ ଦେଖା କରିବା ବେଳେ ସେ ଉତ୍କଳ ଶିକ୍ଷା ସଂସଦ କାର୍ଯ୍ୟର ପ୍ରଶଂସା କରି କହିଲେ- ତମେ ଏ ଅନୁଷ୍ଠାନକୁ କେତେଜଣ ବୁଦ୍ଧିଜୀବୀଙ୍କ ମଧ୍ୟରେ ସୀମାବଦ୍ଧ ନ କରି ଏହାର ଦ୍ୱାର ଖୋଲିଦିଅ ଯେପରି ଯେ କେହି ଓଡ଼ିଆ ଏହାର ସଭ୍ୟ ହୋଇପାରିବେ । ମୁଁ ନମ୍ରତାର ସହିତ ଏହି ଅନୁଷ୍ଠାନର ଆଭିମୁଖ୍ୟ ଓ ସ୍ୱତନ୍ତ୍ରତା ସଂପର୍କରେ ସୂଚନା ଦେଇ କାର୍ଯ୍ୟ ନିର୍ବାହୀ ପରିଷଦ ତାଙ୍କ ପ୍ରସ୍ତାବ ସମ୍ମାନର ସହିତ ବିଚାର କରିବେ କହିଲି ।

ଠିକ୍ ଦୁଇଦିନ ପରେ ସେ ମୋତେ, ଧୀରେନବାବୁ, ସତ୍ୟଶେଖରବାବୁ ପ୍ରଭୃତିଙ୍କୁ ରାତ୍ରିଭୋଜନ ପାଇଁ ଉତ୍କଳ ଭବନକୁ ନିମନ୍ତ୍ରଣ କଲେ । ଆହୁରି କେତେଜଣ ମାନ୍ୟଗଣ୍ୟ ପ୍ରବାସୀ ଓଡ଼ିଆ ନେତା ମଧ୍ୟ ଉପସ୍ଥିତ ଥିଲେ ସେଠାରେ । ଡ଼କ୍ଟର ମହତାବ ଭୋଜନ ସମୟରେ ପୁଣି ସେଇ ପ୍ରସ୍ତାବ ଉତ୍‌ଥାପନ କଲେ ଏବଂ ଆମେ ନମ୍ରତାର ସହିତ ଆମର ଅସମ୍ମତ ଓ ଅସୁବିଧା ତାଙ୍କୁ ସେହିଠାରେ ଜଣାଇଦେଲୁ । ତଥାପି ରୁଢ଼ୀବାଦୀ ନ ହୋଇ ପରେ ପୁଣି ଏହାର ପୁନର୍ବିଚାର କରିବା ପାଇଁ ସେ କହିଲେ । ଆମେ ତାଙ୍କ ପ୍ରସ୍ତାବ ଗ୍ରହଣ ନକରିବାରୁ ସେ ଗାଁ ମଜଲିସରେ ମନ୍ତବ୍ୟ କରିଥିଲେ ଯେ, କେତେକ ବୁଦ୍ଧିଜୀବୀଙ୍କୁ ନେଇ ଏ ଅନୁଷ୍ଠାନ କିପରି ଓଡ଼ିଆମାନଙ୍କୁ ସ୍ୱାଭିମାନୀ କରିବାରେ ସାହାଯ୍ୟ କରିବ ସେ ବୁଝିବାକୁ ଅକ୍ଷମ । ଡ୍ରଇଂରୁମରେ ଫୁଲଦାନିରେ ଥିବା ଫୁଲ ସହିତ ସେ ଏ ଅନୁଷ୍ଠାନର ସଭ୍ୟମାନଙ୍କୁ ତୁଳନା କରିଥିଲେ । ଆମେ ତାଙ୍କୁ କହିଥିଲୁ ଯେ କଲିକତାରେ ଓଡ଼ିଆମାନଙ୍କର ଅନେକ ଅନୁଷ୍ଠାନ ଥିଲେ ମଧ୍ୟ ସଂକୀର୍ଣ୍ଣତା, ସ୍ୱାର୍ଥପରତା, ରାଜନୀତି ଓ ଦଳାଦଳି ଯୋଗୁ କୌଣସି ଗୋଟିଏ ଅନୁଷ୍ଠାନ କଲିକତାରେ ସଂଭ୍ରାନ୍ତ ଓ ଶିକ୍ଷିତ ମହଲରେ ଆଦରଣୀୟ ହୋଇ ପାରିନାହିଁ ବରଂ ସେ ସବୁ ବିଶୃଙ୍ଖଳା ଓ ଅସାମର୍ଥ୍ୟ ଅଣଓଡ଼ିଆମାନଙ୍କର ସମାଲୋଚନାର ଶରବ୍ୟ ହୋଇଛି ।

ବହୁ ପୂର୍ବରୁ କଲିକତାର ଶ୍ୟାମ ବଜାରରେ ଓଡ଼ିଆ ହଷ୍ଟେଲ ନାମରେ ଏକ ଛାତ୍ରାବାସ ଥିଲା । ସେଠାରେ ଉଚ୍ଚଶିକ୍ଷା ପାଉଥିବା ଛାତ୍ରମାନଙ୍କର ଏହାଥିଲା ପୀଠସ୍ଥଳୀ । କେତେକ କାରଣରୁ ଓଡ଼ିଶା ହଷ୍ଟେଲ ଉଠାଇ ଦିଆଗଲା ଏବଂ ବହୁ ଦାବି ଓ ପ୍ରତିବାଦ ପରେ ପଶ୍ଚିମବଂଗ ସରକାର ସହାୟତାରୁ ଭବାନୀପୁରଠାରେ ଆଉ ଏକ ହଷ୍ଟେଲ ଖୋଲିଲା ଏବଂ ସେଥିରେ ଉଚ୍ଚ ବୈଷୟିକ ଶିକ୍ଷାର୍ଥୀମାନଙ୍କର ରହିବା ବ୍ୟବସ୍ଥା କରାଗଲା ।

Digitized by srujanika@gmail.com

ଏହି ହଷ୍ଟେଲ ଉତ୍କଳ ଶିକ୍ଷା ସଂସଦ ଦ୍ୱାରା ପରିଚାଳିତ । ଧୀରେନ୍ଦ୍ରବାବୁ ବଦଳି ହୋଇ ଚାଲିଗଲେ ଏବଂ ମୁଁ ମଧ ବଦଳି ହୋଇ ଭୁବନେଶ୍ୱର ଆସିଲି । ୧୯୮୦ରେ ସାହିତ୍ୟିକ ଦୁର୍ଗାମାଧବ ମିଶ୍ର କେନ୍ଦ୍ର ରିଜର୍ଭ ପୋଲିସର ଆଇ.ଜି. ହୋଇ ସେଠାକୁ ଆସିଲେ ଏବଂ ସେ ହେଲେ ସଭାପତି । ରେଳବାଇ ଇଂଜିନିୟର ଅକ୍ଷୟଦାସ ହେଲେ ସଂପାଦକ । ବଡ଼ ଗର୍ବର ବିଷୟ ଏହି ଯେ, ଉତ୍କଳ ଶିକ୍ଷା ସଂସଦର କାର୍ଯ୍ୟ ଆହୁରି ପ୍ରସାରିତ ହେଲା ଦୁର୍ଗାମାଧବ ବାବୁଙ୍କ ସମୟରେ । ଉତ୍କଳ ଶିକ୍ଷାସଂସଦ ପକ୍ଷରୁ ''ପ୍ରତିବେଶୀ'' ସାହିତ୍ୟ ପତ୍ରିକା ପ୍ରକାଶିତ ହେଲା ଏବଂ ଅଳ୍ପ ସମୟ ମଧ୍ୟରେ ସାହିତ୍ୟ ଜଗତରେ ପ୍ରତିଷ୍ଠା ଲାଭ କଲା । ''ପ୍ରତିବେଶୀ''ର ଜନ୍ମ ୧୯୮୧ ମସିହା ଜୁଲାଇ ମାସରେ । ଏହା ଏବେ ବି ଉତ୍କଳ ଶିକ୍ଷା ସଂସଦ ପକ୍ଷରୁ ପ୍ରକାଶିତ ହୋଇ ଆସୁଛି ।

କଲିକତାରେ ଓଡ଼ିଆ ଶିକ୍ଷାର ପ୍ରସାର ପାଇଁ ଉତ୍କଳ ଶିକ୍ଷା ସଂସଦ କାର୍ଯ୍ୟ କରୁଥିବା ପୂର୍ବରୁ ଉଲ୍ଲେଖ କରିଛି । ଏଠାରେ କହି ରଖିବା ପ୍ରୟୋଜନ ଯେ, କଲିକତା ବିଶ୍ୱବିଦ୍ୟାଳୟର ସାର୍ ଆଶୁତୋଷ ମୁଖାର୍ଜୀ କୁଳପତି ଥିବା ବେଳେ ସୋନପୁର ରାଜାଙ୍କ ଦାନଦ୍ୱାରା ଓଡ଼ିଆରେ ଉପାଧ୍ୟୁତ୍ତର ଶିକ୍ଷାଦାନ ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଥିଲା ଏବଂ ଏହା ୧୯୫୦ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିଥିଲା । ଓଡ଼ିଆ ସାହିତ୍ୟରେ ବହୁ ଖ୍ୟାତନାମା ରଥୀ ମହାରଥୀ କଲିକତା ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ୍.ଏ. ପାସ କରିଥିଲେ କିନ୍ତୁ ପୁଣି ଓଡ଼ିଆ ଏମ.ଏ ପାଠ୍ୟକ୍ରମ ସେହି ବିଶ୍ୱବିଦ୍ୟାଳୟରେ ଆରମ୍ଭ କରିବା ପାଇଁ ଉତ୍କଳ ଶିକ୍ଷା ସଂସଦ ପକ୍ଷରୁ ଉଦ୍ୟମ ଆରମ୍ଭ ହେଲା । ସେଥିରେ କଲିକତାର ସିଟି କଲେଜର ଓଡ଼ିଆ ଅଧ୍ୟାପକ ଡ଼କ୍ଟର କୃଷ୍ଣଚନ୍ଦ୍ର ଭୂୟାଁଙ୍କ ଉତ୍ସାହ ଓ ଉଦ୍ୟମ ସ୍ମରଣୀୟ । ଦୁର୍ଗାମାଧବ ବାବୁଙ୍କ ପ୍ରଚେଷ୍ଟା ଫଳବତୀ ହେବା ଆଗରୁ ସେ ବଦଳି ହୋଇ ଦିଲ୍ଲୀ ଚାଲିଗଲେ ଏବଂ ମୁଁ ବଦଳି ହୋଇ କଲିକତା ଫେରି ଆସିଲି । ଧୀରେନ୍ଦ୍ର ବାବୁ ମଧ ଆଗରୁ ବଦଳି ହୋଇ ଯାଇଥାନ୍ତି । ଏ ଭିତରେ ସତ୍ୟଶେଖର ବାବୁଙ୍କ ଆକସ୍ମିକ ନିଧନ ସମସ୍ତଙ୍କୁ ହତବାକ କରିଦେଲା । ଓଡ଼ିଆମାନଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ତାଙ୍କର ଅବଦାନ ବହୁକାଳ ଅବିସ୍ମରଣୀୟ ହୋଇ ରହିବ । ଦୁର୍ଗାମାଧବ ବାବୁଙ୍କ ପରେ ମୁଁ ସଭାପତି ହେଲି ଏବଂ ସଂପାଦକ ରହିଲେ ଅକ୍ଷୟ ଦାସ । ଉତ୍କଳ ଶିକ୍ଷା ସଂସଦର ଏକ ସ୍ଥାୟୀ ଗୃହ ରହିବାର ଆବଶ୍ୟକତା ଅନୁଭବ କରି କାର୍ଯ୍ୟ ଆରମ୍ଭ କରାଗଲା । କଲିକତା ବନ୍ଦର କର୍ତ୍ତୃପକ୍ଷଙ୍କୁ ଖଣ୍ଡେ ଜମି ଯୋଗାଇ ଦେବାପାଇଁ ଦରଖାସ୍ତ କରାଗଲା । ସେଥିରେ ଓଡ଼ିଶା ସରକାର ସଂପୃକ୍ତ ହେଲେ ଜମିଦବା ସହଜ ହେବ ବୋଲି ବନ୍ଦର କର୍ତ୍ତୃପକ୍ଷ କହିବାରୁ ସେତେବେଳର ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ କଲିକତା ପୋର୍ଟ ଟ୍ରଷ୍ଟର ଡ଼େପୁଟି ଚେୟାରମ୍ୟାନ ହିମାଂଶୁ ସରକାର (ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଜଂଗଲ ଓ ପରିବେଶ ବିଭାଗ ସଚିବ)ଙ୍କ ହାତରେ

Digitized by srujanika@gmail.com

ଆଲୋଚନାରେ ନିଷ୍ପତ୍ତି ହେଲା ଯେ, ବନ୍ଦର କର୍ତ୍ତୃପକ୍ଷ ଯେଉଁ ଜମି ଦେବେ ସେଥିରେ ଓଡ଼ିଶା ସରକାର ଏକ ସଂସ୍କୃତି ଭବନ ନିର୍ମାଣ କରିବେ ଓ ଉତ୍କଳ ଶିକ୍ଷା ସଂସଦ ଦାୟିତ୍ୱରେ ସେଠାରେ ଓଡ଼ିଶୀ ନୃତ୍ୟ, ଗୀତ ଶିକ୍ଷା ଦିଆଯିବ, ପାଠାଗାର ସ୍ଥାପିତ ହେବ ଓ ତାହା ପ୍ରବାସୀ ଓଡ଼ିଆମାନଙ୍କର ସାଂସ୍କୃତିକ ତଥା ସାମାଜିକ ମିଳନ ପତ୍ରରେ ପରିଣତ ହେବ। କିନ୍ତୁ ଦୁଃଖର ବିଷୟ ଯେ, ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ପୂର୍ବରୁ ଅନ୍ୟାନ୍ୟ କାରଣରୁ ଅଧାବାଟରେ ଅଟକିଗଲା। ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ଗୋଟିଏ ଉତ୍ସବକୁ ମୁଖ୍ୟ ଅତିଥି ହୋଇ ଆସିଥିଲା ବେଳେ ଏ ପ୍ରସଂଗ ସଲ୍ଟ ଲେକ୍‌ରେ ଖଣ୍ଡେ ଜମି ଦେବେ ବୋଲି ଘୋଷଣା କଲେ। କିନ୍ତୁ ଓଡ଼ିଆମାନଙ୍କ ପକ୍ଷରୁ ଏ ସମ୍ବନ୍ଧରେ ବାଦାନୁବାଦ ହେବାରୁ ତାହା ସେଇଠି ଅଟକିଗଲା।

Digitized by srujanika@gmail.com

ଶାରଳା ସମାଧିପୀଠ

୧୯୭୪ ମସିହା ବୈଶାଖ ମାସ । ମୁଁ ସେତେବେଳେ ଜଟଣୀରେ କାର୍ଯ୍ୟ କରୁଥାଏ ଡିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ଭାବରେ । ଦିନେ ଅପରାହ୍ଣରେ ଆସି ପହଞ୍ଚିଲେ ଗଣେଶ ପ୍ରସାଦ ପରିଡ଼ା । ତାଙ୍କ ସହିତ ପୂର୍ବରୁ ମୋର ପରିଚୟ ନ ଥିଲା । କିନ୍ତୁ ଦୁଇଜଣ ସତାର୍ଥଙ୍କ ମଧ୍ୟରେ ପରିଚୟ ପାଇଁ ସମୟ ଲାଗେ ନାହିଁ । ଗଣେଶବାବୁ ସୁଲେଖକ । ସେତେବେଳକୁ ଜଗନ୍ନାଥ ଉପରେ ବା ତାଙ୍କୁ ନେଇ ପ୍ରଚଳିତ ଅଜସ୍ର କାହାଣୀ ଓ କିମ୍ବଦନ୍ତୀ ଉପରେ ସେ ଅନେକ ପ୍ରବନ୍ଧ ଓ ଗଳ୍ପ ଲେଖି ପରିଚିତ ହୋଇ ସାରିଥାନ୍ତି ସମଗ୍ର ଓଡିଶାରେ । ଲମ୍ବା ସୁଦର୍ଶନ ପୁରୁଷ । ପରିଧାନରେ ଧୋତି ଆଉ ପଞ୍ଜାବୀ । ପରିଚୟ ଓ ଆଳାପ ହେବା ପରେ ସେ ନମ୍ରଭାବରେ କହିଲେ - ମୁଁ ଗୋଟେ କାମରେ ଆସିଥିଲି, ଆପଣ ଆଜ୍ଞା ଦେଲେ କହିବି... । ତା'ପରେ କହିଲେ, ଶାରଳା ମହାଭାରତ ପଢ଼ିଥିବେ । ଆଦିକବି କେବଳ ତ ମହାଭାରତ ଲେଖି ନଥିଲେ; ଲେଖିଥିଲେ ରାମାୟଣ, ଚଣ୍ଡୀପୁରାଣ ଓ ଅନ୍ୟାନ୍ୟ ରଚନା । ସେ ଆଦିକବି ନାମରେ ଖ୍ୟାତ । ତାଙ୍କ ପୂର୍ବରୁ ଯେ ଓଡ଼ିଆ ସାହିତ୍ୟ, ଓଡ଼ିଆ କାବ୍ୟ କବିତା ନଥିଲା ତାହା ନୁହେଁ, କିନ୍ତୁ ମହାଭାରତ ପରି ଏକ ବିରାଟ ଗ୍ରନ୍ଥର ରଚୟିତା ଭାବରେ ସେ ଯେଉଁ ମୌଳିକତା ଦେଖାଇଛନ୍ତି, ତାହା ଓଡ଼ିଆ ଜାତିର ସଂପଦ, କୋଣାର୍କ ପରି ମହାନ ସେହି କୀର୍ତ୍ତି, କୋଣାର୍କ ସବୁଦିନ ରହିବ ନାହିଁ କିନ୍ତୁ ଶାରଳା ମହାଭାରତ ଅକ୍ଷୟ, ଅବୟ... । ଯେମିତି ବାଲ୍ମୀକି କହିଥିଲେ ଯେ, ଯେତେଦିନ ସୂର୍ଯ୍ୟଚନ୍ଦ୍ର ଥିବେ, ନଦୀ ବୋହୁଥିବ, ଜନଜୀବନ ଆତଯାତ ହେଉଥିବ ସେତେଦିନ ରାମାୟଣ ରହିଥିବ । ଶାରଳା ସାହିତ୍ୟ ଉପରେ ସେ ଅନେକ କଥା କହିଲେ । ତାଙ୍କ ଜ୍ଞାନ ଓ ଶାରଳା ସାହିତ୍ୟରେ ତାଙ୍କର ପହୁଞ୍ଚ ଦେଖି ମୁଁ ମୁଗ୍ଧ ହେଲି । ତା'ପରେ ସେ କହିଲେ ଯେ, ଆଦିକବିଙ୍କ ଗୁଣ କୀର୍ତ୍ତନ କରିବା ତାଙ୍କ ସାହିତ୍ୟର ସମୀକ୍ଷା ଓ ସଂପ୍ରସାରଣ କରିବା ଉଦ୍ଦେଶ୍ୟ ନେଇ ଶାରଳା ସ୍ମାରକ ନାମରେ ଅନୁଷ୍ଠାନଟିଏ ଅଛି ଏବଂ ସେ ନିଜେ ତାର ସମ୍ପାଦକ ଓ ଡକ୍ଟର ହରେକୃଷ୍ଣ ମହତାବ ସଭାପତି । ମହତାବବାବୁ ବହୁ କାର୍ଯ୍ୟରେ ବ୍ୟସ୍ତ, ସମୟ ଦେଇପାରୁ ନାହାଁନ୍ତି, ତେଣୁ ସେ ପ୍ରସ୍ତାବ କଲେ ମୋତେ ସଭାପତି ଦାୟିତ୍ୱ ଗ୍ରହଣ କରିବା ପାଇଁ । ତଥାପି

Digitized by srujanika@gmail.com

ମହତ୍ ଉଦ୍ଦେଶ୍ୟ ରଖି ଶାରଳା ସ୍ମାରକ କାର୍ଯ୍ୟ କରୁଥିବାରୁ ଶେଷରେ ମୁଁ ସମ୍ମତ ହେଲି ତାଙ୍କ ପ୍ରସ୍ତାବରେ ।

ପରମ୍ପରା ଅନୁସାରେ ପ୍ରତିବର୍ଷ ମାଘ ସପ୍ତମୀ ଦିନ ଶାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ତେନ୍ତୁଳିପଦାସ୍ଥ ସମାଧିପୀଠରେ ପାଳିତ ହୋଇ ଆସୁଛି । ତାଙ୍କର ବଂଶଧର ଓ ସ୍ଥାନୀୟ ଲୋକମାନେ ସେଦିନ ତାଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରନ୍ତି । ଶ୍ରାଦ୍ଧ ହୁଏ ସାମାଧିପୀଠରେ ସାହିତ୍ୟ ଚର୍ଚ୍ଚା ସହିତ ମହାଭାରତ ପାଠ କରାଯାଏ । ଦୂରଦୂରାନ୍ତରୁ କବି ଓ ଲେଖକମାନେ ଆସନ୍ତି ସମାଧିପୀଠରେ ପୁଷ୍ପାଞ୍ଜଳି ପ୍ରଦାନ କରି ଆଦିକବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ । ଅନୁଷ୍ଠାନ ଆରମ୍ଭ ହେବା ପରେ ପ୍ରଥମ ବର୍ଷ ଆସିଥିଲେ ପଣ୍ଡିତ ନୀଳକଣ୍ଠ ଦାସ ଓ ମଧୁସୂଦନ ମହାନ୍ତି । ୧୯୬୪ ହେବ ବୋଧହୁଏ । ସେଇଦିନ ଠାରୁ ମାଘ ସପ୍ତମୀ ଦିନ ସେଠାରେ ସାହିତ୍ୟ ସଭା ସହିତ ଉତ୍ସବ ହେବା ପରମ୍ପରାରେ ପଡିଯାଇଛି ।

ଗଣେଶବାବୁ ପାରଙ୍ଗମ ବ୍ୟକ୍ତି । ସାଇକେଲ ଚଢ଼ନ୍ତି ନାହିଁ । ଲମ୍ୱା ପାଦ ପକେଇ ଭୁବନେଶ୍ୱର ସାରା ବୁଲନ୍ତି ପ୍ରତିଦିନ । ସମସ୍ତଙ୍କୁ ଦେଖାକରନ୍ତି, ସାହାଯ୍ୟ ପ୍ରାର୍ଥନା କରନ୍ତି । ତାଙ୍କରି ଉଦ୍ୟମରୁ ମଝେ ମଝେ ଶାରଳା ଦାସଙ୍କ ସାହିତ୍ୟର ସମୀକ୍ଷା କରି ପ୍ରକାଶ ପାଇଥିବା ଖଣ୍ଡେ ଖଣ୍ଡେ ପୁସ୍ତକ ଉନ୍ମୋଚିତ ହେଉଥିଲା ଶ୍ରାଦ୍ଧ ଦିବସରେ । ଦିନେ ଗଣେଶବାବୁଙ୍କ ସହିତ ଆଲୋଚନା କଲାବେଳେ ସେ କହିଲେ, ସମାଧିପୀଠ ପରିତ୍ୟକ୍ତ ଅବସ୍ଥାରେ । ବସିବାକୁ ଘରଟିଏ ବି ନାହିଁ । ଶୁଣିଛି ସେକ୍ସପିଅରଙ୍କ ସମାଧିପୀଠ ସାହେବ ମାନଙ୍କର ପବିତ୍ର ସ୍ଥାନ । ପୁଣି ଏଇ ବଙ୍ଗଳାଦେଶ କବି ଗୁରୁ ରବୀନ୍ଦ୍ରନାଥଙ୍କ ବାସସ୍ଥାନ, କବି, ଲେଖକ ଓ ସାରସ୍ୱତ ସାଧକମାନଙ୍କ ତୀର୍ଥସ୍ଥାନ । ଓଡ଼ିଶା ପରି ଅଧମ ଦେଶରେ ଜନ୍ମି ନଥିଲେ ଶାରଳା ଦାସଙ୍କ ପ୍ରତିଭାପୂଜା ଜଗତ୍ ବିଖ୍ୟାତ ହୋଇଥାଆନ୍ତା । ଆଲୋଚନା କରି ସିଦ୍ଧାନ୍ତ କଲୁ ସରକାରଙ୍କ ଦ୍ୱାରସ୍ଥ ହେବା ପାଇଁ । ଦୁହେଁ ଦିନେ ଦେଖାକଲୁ ସେତେବେଳର ସଂସ୍କୃତି ବିଭାଗ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ଏ.ଏନ. ତିୱାରୀଙ୍କ ସହିତ । ପ୍ରସ୍ତାବ ଉଠିଲା କ୍ଷଣି ରାଜି ହୋଇଗଲେ ଏବଂ ଡିପାର୍ଟମେଣ୍ଟକୁ ନୋଟ ଲେଖି ପଠାଇଲେ ସାମାଧିପୀଠରେ ସ୍ମୃତିଭବନ ନିର୍ମାଣ କରିବା ସକାଶେ ପ୍ରସ୍ତାବ ଦବା ପାଇଁ । ତା ପରବର୍ଷ ମାଘସପ୍ତମୀ ଦିନ ସେ ନିଜେ ଗଲେ ତେନ୍ତୁଳିପଦାର ସମାଧିପୀଠ । ବିରାଟ ବଟଗଛ ମୂଳରେ, ଅଧୁନା ପୋତି ହୋଇପଡ଼ିଥିବା ବୃଦ୍ଧ ନଦୀ କୂଳରେ ଓଡ଼ିଆ ସାହିତ୍ୟର ଆଦିକବି ଶାରଳାଦାସଙ୍କ ଅବହେଳିତ ସମାଧିପୀଠ ଦେଖି ମର୍ମାହତ ହୋଇ କହିଲେ- ମୋ ଦ୍ୱାରା ଯାହା ସମ୍ଭବ କରିବି । ସ୍ମୃତିପୀଠ ଅବଶ୍ୟ ତିଆରି ହେବ ଏଠାରେ । ମଝିରେ ମଝିରେ ଆମେ ଯାଉ ଥାଉ ତାଙ୍କ ପାଖକୁ । ଶେଷରେ ନକ୍ସା ଓ ଅଟକଳ ପ୍ରସ୍ତୁତ ହେଲା । କିନ୍ତୁ ମୁଁ ବଦଳି ହୋଇ ଚାଲିଗଲି କଲିକତା । କବି ଦୁର୍ଗାମାଧବ ମିଶ୍ର ହେଲେ ସଭାପତି । ତିୱାରୀ ସାହେବ ଉଦ୍ୟମ ଅବ୍ୟାହତ ରଖିଥାନ୍ତି । ମୁଁ ସୌଭାଗ୍ୟକୁ ପୁଣି ଓଡ଼ିଶା ଫେରି ଆସିଲି ୧୯୭୯

Digitized by srujanika@gmail.com

ଡିସେମ୍ବର ମାସରେ । ସମାଧିପୀଠରେ ସ୍ମୃତିଭବନ ନିର୍ମାଣ ପ୍ରସ୍ତାବ ମଞ୍ଜୁର ହେଲା ଏବଂ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଗଲା । ବ୍ୟୟ ଅଟକଳ କରାଯାଇଥିଲା ପଚାଶ ହଜାର । ୧୯୮୧ ମସିହା ଏଗାର ତାରିଖ ମାଘସପ୍ତମୀ ଦିନ ଏଇ ଶାରଳା ସ୍ମୃତିଭବନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେଲା ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା । ଗଣେଶ ବାବୁ କିନ୍ତୁ ଉଦ୍ୟମରେ ହେଳା କଲେ ନାହିଁ । ମୋ ପଛରେ ଲାଗିଥାନ୍ତି । ମୁଁ ଲାଗିଥାଏ ଅନ୍ୟମାନଙ୍କ ପଛରେ । କଟକର ବିଶିଷ୍ଟ ବ୍ୟକ୍ତି ଆଦିକନ୍ଦ ସାମନ୍ତରାୟ ଓ ତାଙ୍କ ସ୍ତ୍ରୀ ଶଶିପ୍ରଭା ସାମନ୍ତରାୟଙ୍କୁ ସେ ରାଜି କରାଇଲେ ସମାଧିପୀଠର ଓ ବୃଦ୍ଧ ନଦୀଘାଟର ସଂସ୍କାର ଓ ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ । ସେ କାର୍ଯ୍ୟ ମଧ ଅତି ତତ୍ପରତାର ସହିତ ସାମନ୍ତରାୟ ଦମ୍ପତି ସମ୍ପନ୍ନ କଲେ ଦୁଇବର୍ଷ ମଧରେ । ତା'ପରେ ପ୍ରସ୍ତାବ ହେଲା ଗୋଟିଏ ବିଶ୍ରାମଗୃହ ନିର୍ମାଣ କରିବା ପାଇଁ । ଆଦିକନ୍ଦବାବୁ ଓ ଶଶିପ୍ରଭା ସମ୍ମତ ହେଲେ ଏବଂ ପୁରୀର ଗଜପତି ରାଜା ଦିବ୍ୟସିଂହ ଦେବଙ୍କୁ ନିମନ୍ତ୍ରଣ କଲୁ ଶିଳାନ୍ୟାସ କରିବା ପାଇଁ । ସେ ଆସିଲେ ଆମ ନିମନ୍ତ୍ରଣ ରକ୍ଷା କରି । ଶିଳାନ୍ୟାସ କଲେ କିନ୍ତୁ ଅର୍ଥାଭାବରୁ ଏଇ କାମ ଆରମ୍ଭ କରାଯାଇ ପାରିନାହିଁ । ଅନୁଷ୍ଠାନ ପକ୍ଷରୁ ସମାଧିପୀଠର ମହିମାକୁ ଚାହିଁ ଏହାର ସୁରକ୍ଷା ପାଇଁ ଚାରିପାଖରେ ପାଚେରି ନିର୍ମାଣ କରିବା, ପଣସ, ବଉଳ, ପଳାସ ପ୍ରଭୃତି ଫଳ ଓ ଫୁଲ ଗଛ ରୋପଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଗୋଟିଏ ପାଠାଗାର ଓ ପଢ଼ିବା ବ୍ୟବସ୍ଥା ଏହାର ଅନ୍ତର୍ଭୁକ୍ତ । ବସନ୍ତ ବିଶ୍ୱାଳ ମନ୍ତ୍ରୀ ଥିଲାବେଳେ ନଳକୂପ ବସେଇ ଦେଇଥିଲେ । ଯୁଗଳ କିଶୋର ପଟ୍ଟନାୟକ ସଂସ୍କୃତି ବିଭାଗ ମନ୍ତ୍ରୀ ଥିଲାବେଳେ ଆଉ କେତେକ କାର୍ଯ୍ୟକ୍ରମ ହାତକୁ ନବା ପାଇଁ ଉତ୍ସାହ ଦେଖାଇଥିଲେ । କିନ୍ତୁ ସରକାରୀ କଳର ନାଲିଫିତା ତଳେ ସବୁ ଅଟକି ରହିଲା ପରବର୍ତ୍ତୀ ସମୟରେ । ସାଧାରଣ ଲୋକେ ଦାବିକଲେ ଝଙ୍କଡ଼ ପାଖରେ ରେଳଷ୍ଟେସନ କରିବା ପାଇଁ । ଏହା ମଧ ମଞ୍ଜୁର କରାଇନେଲି । ଝଙ୍କଡ ରୋଡ ଷ୍ଟେସନ ଖୋଲିଲା । ଯିବା ଆସିବା ସୁବିଧା ହେଲା ।

ପ୍ରତିବର୍ଷ ମାଘସପ୍ତମୀ ଦିନ ଏଠାକୁ ଓଡ଼ିଶାର ବହୁ କବି, ଲେଖକ, ମନ୍ତ୍ରୀ ବିଚାରପତି, ମାନ୍ୟଗଣ୍ୟ ବ୍ୟକ୍ତି ଆସନ୍ତି ଆଦିକବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ । ଏହି ପୀଠରେ ଅନେକ ସାରସ୍ୱତ ସାଧକଙ୍କୁ ଆମେ ସମ୍ବର୍ଦ୍ଧନା ଦେଇଛୁ ଅନୁଷ୍ଠାନ ପକ୍ଷରୁ । ଆହୁରି ସୁଖର ବିଷୟ ଏହି ଯେ, ଏଇ ଦଶପନ୍ଦର ବର୍ଷ ମଧରେ ଶାରଳା ଦାସ ଓ ଶାରଳା ସାହିତ୍ୟ ଆଲୋଚନା କରିବା ଲାଗି ଆଖପାଖରେ ଅନେକ ଅନୁଷ୍ଠାନ କାମ କରୁଛନ୍ତି । ସେଥି ମଧରୁ କଟକର ଶାରଳା ସ୍ମୃତି ସଂସଦ ଅନେକ ଭଲ କାମ କରୁଛନ୍ତି । ପ୍ରତିବର୍ଷ ଶ୍ରେଷ୍ଠ ସାହିତ୍ୟକୃତି ପାଇଁ ଇମ୍ପା ଚେରିଟେବଲ ଟ୍ରଷ୍ଟ ପକ୍ଷରୁ ମର୍ଯ୍ୟାଦାପୂର୍ଣ୍ଣ ଶାରଳା ପୁରସ୍କାର ପ୍ରଦାନ କରାଯାଉଛି । କିନ୍ତୁ ଏତିକି ଯଥେଷ୍ଟ ନୁହେଁ ।

ଶାରଳା ସାହିତ୍ୟ ସମୁଦ୍ର ପରି ଗଭୀର ଓ ଏହାର ମୌଳିକତା ଆକାଶ ପରି ଉଚ୍ଚ । ଅନ୍ୟଭାଷାରେ ମହାଭାରତ ରଚିତ ହୋଇ ନଥିବା ବେଳେ ଶାରଳା ଦାସ ଯେଉଁ

Digitized by srujanika@gmail.com

ବିରାଟ ମହାକାବ୍ୟ ରଚନା କଲେ ତାହା ବ୍ୟାସଙ୍କ ଅନୁକରଣ ନୁହେଁ; ବହୁ ନୂତନ ଓ ମୌଳିକ ବିଷୟ ଏଥିରେ ସନ୍ନିବେଶିତ ହୋଇଛି । ମହାଭାରତର ନାୟକମାନଙ୍କୁ ଉତ୍କଳକୁ ଆଣି, ଉତ୍କଳୀୟ ସଂସ୍କୃତିରେ ସେମାନଙ୍କୁ ମହିମାନ୍ୱିତ କରି ଭାରତୀୟତ୍ୱକୁ ଉତ୍କଳୀୟତ୍ୱ ଓ ଉତ୍କଳୀୟତ୍ୱକୁ ଭାରତୀୟତ୍ୱ ପ୍ରଦାନ କରି ସେ ଯେଉଁ ସମନ୍ୱୟ ସାଧନ କରିଛନ୍ତି ତା'ର ପଟାନ୍ତର ନାହିଁ । ଲୋକମୁଖରେ ବହୁ ପ୍ରଚଳିତ ଓଡ଼ିଆ ଶବ୍ଦକୁ ସାହିତ୍ୟରେ ସ୍ଥାନ ଦେଇ ଓ ଓଡ଼ିଶାର ପର୍ବପର୍ବାଣୀ, ରୁଚି, ସମର ଯାତ୍ରା ଓ ଅସ୍ତ୍ରଶସ୍ତ୍ର, ପିଠାପଣା, ଅଙ୍ଗସଜ୍ଜା ଓ ଅଳଙ୍କାର ପ୍ରଭୃତିର ବିଶଦ ଓ ପାଣ୍ଡିତ୍ୟପୂର୍ଣ୍ଣ ବର୍ଣ୍ଣନା ଦେଇଛନ୍ତି ତାହା ଅତୁଳନୀୟ । ସମାଜ ସଂସ୍କାର ସହିତ ଲୋକ ଚରିତ୍ର ଗଠନ ପାଇଁ ବହୁ ଉପାଦାନ ଅଛି ଶାରଳା ସାହିତ୍ୟରେ । ପୁଣି ଓଡ଼ିଶାର ସବୁ ଅଞ୍ଚଳର ମହିମା ସହିତ ଜଗନ୍ନାଥଙ୍କୁ ଶ୍ରେଷ୍ଠ ଦେବତା ଭାବରେ ଉପସ୍ଥାପିତ କରିବାରେ ସେ ହେଉଛନ୍ତି ପ୍ରଥମ କବି । ଶାନ୍ତିପର୍ବରେ ରାଜଧର୍ମ ଉପରେ ଭୀଷ୍ମଙ୍କ ଉକ୍ତି ଏଠାରେ ଉଦ୍ଧୃତ କରିବା ସମୀଚୀନ ମନେହୁଏ :-

> "ରାଜ୍ୟ କର ଯେବେ ବାବୁ ଧର୍ମ ପ୍ରତିପାଳି/ଅଧର୍ମ କ୍ଷଣେ ହେଁ ନ ସହିବଟି ମହିଆଳି/ପରଜା ପାଳିବୁ କେହି ନୋହିବେଟି ଦୁଃଖୀ ।

କଥାରେ ଅଛି - ଯାହା ନାହିଁ ଭାରତରେ ତାହା ନାହିଁ ଭାରତେ । ଭାରତରେ ଯାହା ନାହିଁ ମହାଭାରତରେ ତାହା ନାହିଁ, ପୁଣି ମହାଭାରତରେ ଯାହା ନାହିଁ ଭାରତରେ ମଧ୍ୟ ନାହିଁ । ଜାତିକୁ ଯୁଗ ଯୁଗ ପାଇଁ ଦିଗ୍‌ଦର୍ଶନ ଦେଇ ଯାଇଥିବା ଶୁଦ୍ରମୁନି ଶାରଳା ଦାସଙ୍କୁ ଏ ଜାତି ଚିହ୍ନି ନାହିଁ...... କିନ୍ତୁ ସେ କାଳଜୟୀ । ତାଙ୍କ ନରଶରୀର ସିନା ଚାଲି ଯାଇଛି, କିନ୍ତୁ ତାଙ୍କ ସାହିତ୍ୟ ଅବିନଶ୍ୱର ମୃତ୍ୟୁଞ୍ଜୟୀ ।

Digitized by srujanika@gmail.com

ସେ ତାଙ୍କ ସ୍ତ୍ରୀ ନୁହନ୍ତି

ପ୍ରାୟ ଛଅ ବର୍ଷ ତଳର ଘଟଣା । ସେତେବେଳେ ମୁଁ କଲିକତାରେ ଦକ୍ଷିଣ-ପୂର୍ବ ରେଳବାଇର ଜେନେରାଲ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥାଏ । ଦିନେ ଅଫିସରେ ବସି କାମ କରୁଥିଲାବେଳେ ଟେଲିଫୋନ ଆସିଲା କଲିକତା ଗସ୍ତରେ ଆସିଥିବା ଜଣେ ମନ୍ତ୍ରୀଙ୍କ ପାଖରୁ । ରେଳବାଇ ମନ୍ତ୍ରୀ ନୁହନ୍ତି, ତେଣୁ ଆଶ୍ଚର୍ଯ୍ୟ ହେଲି । ମୁଁ ଫୋନ୍ ଧରିବାକ୍ଷଣି ତାଙ୍କ ପି.ଏ. ସଂଯୋଗ କରାଇ ଦେଲେ । ମନ୍ତ୍ରୀ କହିଲେ- ମୋ ସ୍ତ୍ରୀ ଅସୁସ୍ଥ । ରେଳବାଇ ହସ୍‌ପିଟାଲରେ ଚିକିତ୍ସାର ସୁବ୍ୟବସ୍ଥା ହୋଇପାରିବ ? ଆମ୍ବୁଲେନ୍‌ସ ପଠାଇଲେ ତାଙ୍କୁ ନେଇ ଛାଡ଼ି ଦେଇ ଆସିବି ।

ଚିଫ୍ ମେଡିକାଲ ଅଫିସରଙ୍କୁ ଡାକି ମୁଁ ସଙ୍ଗେ ସଙ୍ଗେ ବ୍ୟବସ୍ଥା କରିଦେଲି । ଆମ୍ବୁଲେନ୍‌ସ ନେଇ ବାହାରିଗଲେ ଜଣେ ସୁଦକ୍ଷ ଡାକ୍ତର ଓ ଦୁଇଜଣ ନର୍ସ । ପ୍ରାୟ ଦୁଇଘଣ୍ଟା ପରେ ପୁଣି ଫୋନ ଆସିଲା - ମନ୍ତ୍ରୀ ତାଙ୍କ ସ୍ତ୍ରୀଙ୍କୁ ନେଇ ଆସୁଛନ୍ତି । ଆମେ ହସ୍‌ପିଟାଲର ପୋର୍ଟିକୋରେ ଅପେକ୍ଷା କରି ରହିଲୁ । ପନ୍ଦର କୋଡ଼ିଏ ମିନିଟ୍ ପରେ ଗାଡ଼ି ପହଞ୍ଚିଲା- ମନ୍ତ୍ରୀ ଆସି ନଥିଲେ, କିନ୍ତୁ ତାଙ୍କ ସ୍ତ୍ରୀ ଏକା ଆସିଥିଲେ । ଫୁଲତୋଡ଼ା ଦେଇ ତାଙ୍କୁ ସ୍ୱାଗତ କଲେ ଚିଫ୍ ମେଡିକାଲ ଅଫିସର । ଶୀତତାପ ନିୟନ୍ତ୍ରିତ ଗୋଟିଏ କେବିନ ତାଙ୍କ ପାଇଁ ସଂରକ୍ଷଣ କରି ରଖାଯାଇଥିଲା । ରେଳବାଇ ହସ୍‌ପିଟାଲର ପରିଷ୍କାର ପରିଚ୍ଛନ୍ନତା ଓ ସୁବିଧା-ସୁଯୋଗ ଦେଖିବା ଭଳି । ସଙ୍ଗେ ସଙ୍ଗେ ଡାକ୍ତରମାନେ ଲାଗି ପଡ଼ିଲେ ଭି.ଆଇ.ପି. ରୋଗିଣୀଙ୍କର ସ୍ୱାସ୍ଥ୍ୟପରୀକ୍ଷା କରିବା ପାଇଁ ।

ଭି.ଆଇ.ପି. ଥିଲେ ଭିଡ ଜମେ; କିନ୍ତୁ ହସ୍‌ପିଟାଲରେ ଯେପରି ଭିଡ ନ ଜମେ ସେଥିପାଇଁ ଏବଂ ମନ୍ତ୍ରୀଙ୍କ ସହଧର୍ମିଣୀଙ୍କ ଚିକିତ୍ସା ଓ ଯତ୍ନରେ ଯେପରି କୌଣସି ତ୍ରୁଟି ନ ରହେ ସେଥିସକାଶେ ମୁଁ ଡାକ୍ତରମାନଙ୍କୁ ସତର୍କ କରାଇଦେଲି । ପ୍ରତିଦିନ ସକାଳେ ଓ ସଂଧ୍ୟାରେ ତାଙ୍କ ସମ୍ପର୍କରେ ମୋତେ ସୂଚନା ଦେଉଥାନ୍ତି ଡାକ୍ତରମାନେ । ଦୁଇଦିନ ପରେ ମନ୍ତ୍ରୀ ସ୍ୱୟଂ ଆସିଲେ । ତାଙ୍କୁ ସ୍ୱାଗତ କରାଗଲା ଏବଂ ଡାକ୍ତରମାନଙ୍କ ସହିତ ଆଲୋଚନା କରି ଏବଂ ସେମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇ ସେ ଚାଲିଗଲେ ଦିଲ୍ଲୀ ।

Digitized by srujanika@gmail.com

ଜୁନ ମାସର ଶେଷଭାଗ । ଗରମ ଓ ଗୁଳୁଗୁଳିର ସମୟ । ଏଇ ସମୟରେ ଅଣସର ଘରେ ରହନ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା । ଖୋର୍ଦ୍ଧା ଡିଭିଜନରୁ ଖବର ଆସିଲା ରଥଯାତ୍ରା ସଂପର୍କରେ । ୧୯୬୨ ମସିହାରୁ ମୁଁ ନିରବଚ୍ଛିନ୍ନ ଭାବରେ ରଥଯାତ୍ରା ଦେଖି ଆସୁଛି । ପୁଣି ଏଇ ପୁରୀ ସାମତ ଚନ୍ଦ୍ରଶେଖର କଲେଜରେ ଚାରିବର୍ଷ ପାଠ ପଢ଼ିଥିଲି । ସମୁଦ୍ର କୂଳରେ ଥିବା ରବୀନ୍ଦ୍ରନାଥ ଠାକୁରଙ୍କ 'ପାଥରପୁରୀ' ହଷ୍ଟେଲରେ ଛାତ୍ର ଜୀବନର ଅମୂଲ୍ୟ ସମୟ କଟାଇଥିଲି । ତେଣୁ ପୁରୀ ପ୍ରତି ମୋର ଆକର୍ଷଣ ସ୍ୱାଭାବିକ୍ । ରଥଯାତ୍ରା ଦିନେ ଆଗରୁ ସପରିବାର ଆସି ପହଞ୍ଚିଲି ପୁରୀରେ । ଆସିବା ପୂର୍ବରୁ ଚିଫ୍ ମେଡିକାଲ ଅଫିସରଙ୍କୁ ଭି.ଆଇ.ପି. ରୋଗିଣୀଙ୍କ ସବୁପ୍ରକାର ଯତ୍ନନେବା ପାଇଁ ନିର୍ଦ୍ଦେଶ ଦେଇ ଆସିଥିଲି ।

କିନ୍ତୁ ପୁରୀରେ ପହଞ୍ଚୁଛି କି ନାହିଁ ଫୋନ ଆସିଲା ଦିଲ୍ଲୀରୁ । ମନ୍ତ୍ରୀ ମୋ ଠାରୁ ଖବର ନେଲେ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସଂପର୍କରେ । ସେ ଟିକେ ଅସନ୍ତୋଷ ଥିଲା ପରି ଅନୁଭବ କଲି ମୁଁ । ସେ କହିଲେ- ମୋ ସ୍ତ୍ରୀଙ୍କୁ ସେଠାରେ ଆପଣମାନଙ୍କ ତତ୍ତ୍ୱାବଧାନରେ ଛାଡ଼ିଦେଇ ଆସିଥିଲି, କିନ୍ତୁ ଶୁଣୁଛି ତାଙ୍କ ଉପଯୁକ୍ତ ଚିକିତ୍ସା ହେଉନାହିଁ । ଖାଇବା ପିଇବାରେ ମଧ୍ୟ ଷ୍ଟାଣ୍ଡାର୍ଡ ନାହିଁ । ମୁଁ ସବୁ ତ୍ରୁଟି ପାଇଁ କ୍ଷମା ମାଗି କହିଲି- ସାର, ମୁଁ ନିଜେ ତଦନ୍ତ କରିବି । ଆପଣ ନିଶ୍ଚିନ୍ତ ରହନ୍ତୁ । ସି.ଏମ୍.ଓ.ଙ୍କୁ ନିଜେ ସବୁ ବୁଝିବା ପାଇଁ କହିବି । ସେ ଆମର ଅତିଥି.... କିଛି ଅସୁବିଧା ହେବ ନାହିଁ । ମନ୍ତ୍ରୀ ଆଶ୍ୱସ୍ତ ହେଲା ପରି ଜଣାଗଲା ।

ଦିନସାରା କାର୍ଯ୍ୟବ୍ୟସ୍ତ ରହିଲି । ରଥଯାତ୍ରାକୁ ଆସୁଥିବା ଯାତ୍ରୀମାନଙ୍କ ସକାଶେ ପାରମ୍ପରିକ ରୀତିରେ ଉତ୍ତମ ବ୍ୟବସ୍ଥା କରା ହୋଇଥିଲା । ରଥଯାତ୍ରା ଉପଲକ୍ଷେ ଅଧିକ ଯାତ୍ରୀବାହୀ ଗାଡ଼ି ଚଳାଚଳ କରିବା ଲାଗି ମଧ୍ୟ ବ୍ୟବସ୍ଥା କରାଯାଉଥିଲା । ଦିନ ଚାରିଟା ହେବ ବୋଧହୁଏ । ପୁଣି ଦିଲ୍ଲୀରୁ ଟେଲିଫୋନ ଆସିଲା, ସେହି ମନ୍ତ୍ରୀଙ୍କଠାରୁ ନୁହେଁ, ରେଳବାଇ ମନ୍ତ୍ରୀଙ୍କ ସଚିବଙ୍କଠାରୁ । ସେ କହିଲେ- ସାର୍, ଆପଣ ରାତିରେ କଲିକତା ଫେରିଆସନ୍ତୁ । କାଲି ସକାଳେ ମାନ୍ୟବର ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେସନ ବିଭାଗର ମନ୍ତ୍ରୀ ରେଲୱେ ହସ୍‌ପିଟାଲ ପରିଦର୍ଶନ କରିବେ । ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଉ ଏହା ମାନ୍ୟବର ରେଳବାଇ ମନ୍ତ୍ରୀଙ୍କ ଇଚ୍ଛା । ମୁଁ ତାଙ୍କୁ ନିଶ୍ଚିନ୍ତ ହେବାକୁ କହି ନିଜେ କିନ୍ତୁ ଚିନ୍ତାରେ ପଡ଼ିଗଲି ।

ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥିଲି । ଶାସ୍ତ୍ରରେ ଅଛି 'ରଥେ ତୁ ବାମନଂ ଦୃଷ୍ଟ୍ୱା' । ରଥ ଉପରେ ଜଗନ୍ନାଥଙ୍କୁ ବାମନ ରୂପରେ ଦର୍ଶନ କଲେ ମୁକ୍ତିମିଳେ । ଜଗନ୍ନାଥଙ୍କୁ ରଥ ଉପରେ ଦର୍ଶନ କରିବା ଭାଗ୍ୟରେ ନାହିଁ, ତେଣୁ ପରମାଣିକ ଦର୍ଶନ କରି ସଂଧ୍ୟାରେ ପୁରୀ ଏକ୍‌ସପ୍ରେସରେ ବାହାରିଗଲି କଲିକତା ଅଭିମୁଖରେ ମନ୍ତ୍ରୀ ଦର୍ଶନ କରିବା ପାଇଁ । ସକାଳେ କଲିକତାରେ ପହଞ୍ଚ ହସ୍‌ପିଟାଲ ଦେଖିସାରି ଗଲି ମନ୍ତ୍ରୀଙ୍କୁ ପାଛୋଟି ଆଣିବା ପାଇଁ ।

Digitized by srujanika@gmail.com

ମନ୍ତ୍ରୀ ଅସନ୍ତୁଷ୍ଟ । ତାଙ୍କ ସ୍ତ୍ରୀ ହସ୍ପିଟାଲରେ ଭି.ଆଇ.ପି. ମର୍ଯ୍ୟାଦା ଓ ଯତ୍ନ ପାଉ ନଥିବା ଅଭିଯୋଗ ହୋଇଛି । ତାଙ୍କ କୋଠିରେ ପହଞ୍ଚିବା ବେଳକୁ ବର୍ଷା ଆରମ୍ଭ ହୋଇ ଯାଇଥାଏ । ମୂଷଳଧାରାରେ ବର୍ଷା ମଧ୍ୟରେ ମନ୍ତ୍ରୀ ଆସି ବସିଲେ ଗାଡ଼ିରେ । ତାଙ୍କ ବାମ ପାଖରେ ମୁଁ । ଆଗରେ ନିରାପତ୍ତା ଅଫିସର । କିପରି ଆରମ୍ଭ କରିବି ଭାବୁଥିଲି ଉଦ୍‌ବେଗର ସହିତ । ମୋ ବିଭାଗ ମନ୍ତ୍ରୀ ନୁହନ୍ତି, ତେଣୁ କାଳେ ବିଗିଡି ଗଲେ ଅସୁନ୍ଦର କଥା ହେବ । ହଠାତ୍ ମନକୁ କଣ ଆସିଲା କେଜାଣି କହିଲି- ସାର୍, ବର୍ଷା ପାଣି ଜମି ପାତାଳ ରେଲୱେ ବନ୍ଦ ହୋଇଯାଉଛି.... ଏହାର ସ୍ଥାୟୀ ପ୍ରତିକାର ସମ୍ବନ୍ଧରେ ବିଦେଶୀ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରାଯାଇପାରେ । ମୁଁ ଜାଣି ନ ଥିଲି ଏଇ ଗୋଟିଏ ବିଷୟ ତାଙ୍କୁ ଚଞ୍ଚଳ କରିଦେବ ବୋଲି । ସେ କହିଲେ- କଥା କ'ଣ ଜାଣିଛ..... ମୁଁ ଫ୍ରାନ୍‌ସର ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରିବା ପାଇଁ କହିଥିଲି.... କିନ୍ତୁ ମୋ କଥା କେହି ଶୁଣିଲେ ନାହିଁ, ଏବେ ଭାବୁଛି ପ୍ରଧାନମନ୍ତ୍ରୀଙ୍କୁ କହିବି ।

ମୁଁ କହିଲି, ସାର, ଆପଣ ଜଣେ ବରିଷ୍ଠ ମନ୍ତ୍ରୀ.... ଆପଣ କହିଲେ କାମ ହେବ ।

ସେ କହିଲେ, ପ୍ରଧାନ ମନ୍ତ୍ରୀଙ୍କ ବିଶ୍ୱାସ ଅଛି ମୋ ଉପରେ । ସେଥିପାଇଁ ଉତ୍ତର ପୂର୍ବ ରାଜ୍ୟମାନଙ୍କର ସମସ୍ୟା ଅନୁଧ୍ୟାନ ଓ ସମାଧାନ କରିବା ଲାଗି ଆଦେଶ ଦେଇଛନ୍ତି ମୋତେ । ମୁଁ ଗୌହାଟି ଯିବା ବାଟରେ ରହିଗଲି, ସ୍ତ୍ରୀଙ୍କୁ ଦେଖିଯିବା ପାଇଁ । ପ୍ରଧାନ ମନ୍ତ୍ରୀଙ୍କୁ କହିଥିଲି ଏ ବିଷୟ, ସେ କହିଲେ କଲିକତା ଅପେକ୍ଷା ଦିଲ୍ଲୀରେ ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟରେ ଭଲ ବ୍ୟବସ୍ଥା ଅଛି । ଏଠାକୁ ନେଇଆସ.... ।

ସୁଯୋଗପାଇ ମୁଁ କହିଲି- ସେୟା ଭଲ ହେବ ସାର୍... ଏଠାରେ ତ ସବୁ ପ୍ରକାର ଚିକିତ୍ସା ନାହିଁ... ।

ମନ୍ତ୍ରୀଙ୍କ ଅସନ୍ତୋଷ କଟି ଯାଇଥିଲା ସେତେବେଳକୁ । ଗାଡ଼ି ହସ୍ପିଟାଲ ପୋର୍ଟିକୋରେ ପହଞ୍ଚିବା କ୍ଷଣି ପୂର୍ବ ନିର୍ଦ୍ଦେଶ ଅନୁସାରେ କ୍ୟାମେରାମ୍ୟାନ ଆଗେଇ ଆସିଲେ । ଗାର୍ଡ ଅଫ ଅନର ସାଲ୍ୟୁଟ ଗ୍ରହଣ କରିବା ପରେ ଫୁଲମାଳ, ଫୁଲତୋଡା ଦେଇ ଅଭ୍ୟର୍ଥନା କରାଗଲା । ତା'ପରେ ସମଭିବ୍ୟବହାରରେ ହସ୍ପିଟାଲ ଦେଖିସାରି କେବିନକୁ ଗଲେ ତାଙ୍କ ସ୍ତ୍ରୀଙ୍କୁ ଦେଖିବା ପାଇଁ । କିଛି ସମୟ ପରେ ମୋତେ ଓ ଡାକ୍ତରମାନଙ୍କୁ ଡକାଇ ପଠାଇ ପରାମର୍ଶ କଲେ । ସି.ଏମ.ଓ. କହିଲେ- ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାନୁସାରେ କାର୍ଯ୍ୟକରିବା ଭଲ ହେବ । ଅନ୍ତନଳୀରେ ଯେଉଁ ଫୁଲାଥିବା ସନ୍ଦେହ କରାଯାଉଛି, ତାର ଉପଯୁକ୍ତ ପରୀକ୍ଷା କେବଳ ସେଠାରେ ହୋଇ ପାରିବ । ଏହା ଶୁଣି ମନ୍ତ୍ରୀ ଚିନ୍ତିତ ହେବା ସ୍ୱାଭାବିକ । ତା'ପରେ ସେ କହିଲେ- ଆପଣମାନେ ସମସ୍ତେ ଯେପରି କହିବେ ତାହା ହିଁ ହେବ । ମୁଁ ତାଙ୍କୁ ନେଇଯିବି । ସଂଧ୍ୟା ପ୍ଲେନରେ ।

Digitized by srujanika@gmail.com

ମନ୍ତ୍ରୀ ବିଦାୟ ନେଇ ଚାଲିଗଲେ । ତାଙ୍କ ବ୍ୟକ୍ତିଗତ ସଚିବ ରହିଲେ ଅନ୍ୟସବୁ କାର୍ଯ୍ୟ ତୁଟାଇ ମାନନୀୟାଙ୍କ ସାଙ୍ଗରେ ଯିବା ପାଇଁ । ସେ କହିଲେ, ଯାହା ଦେୟ ସେ ଦେବେ । ମୁଁ କହିଲି, ମନ୍ତ୍ରୀଙ୍କ ସ୍ତ୍ରୀ ସରକାରୀ ଡାକ୍ତରଖାନାରେ ରହିବା ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ରେଳବାଇ ହସ୍ପିଟାଲରେ ସେ ରହିବା ସମୟରେ ସବୁ ଖର୍ଚ୍ଚ ରେଳବାଇର । ମନ୍ତ୍ରୀ ତ ଡିଉଟିରେ ଆସିଥିଲେ ।

ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତତ୍କ୍ଷଣାତ୍ କହି ପକାଇଲେ- ନା, ନା, ସେ ତାଙ୍କ ସ୍ତ୍ରୀ ନୁହଁନ୍ତି । ହସ୍ପିଟାଲ ଆଡମିଶନ ରେଜିଷ୍ଟର ବା ଅନ୍ୟ କୌଣସି କାଗଜପତ୍ରରେ ମନ୍ତ୍ରୀଙ୍କ ନାମରେ ଉଲ୍ଲେଖ କରିବେ ନାହିଁ । ଭଦ୍ରମହିଳାଙ୍କ ନାମ ନ ଲେଖିବା ମଧ୍ୟ ଭଲ ହେବ । ତାଙ୍କୁ ପ୍ରାଇଭେଟ ରୋଗିଣୀ ବୋଲି ଧରି ନିଅନ୍ତୁ.... ମୁଁ ସବୁ ଦେୟ ଦେଉଛି ।

ତାଙ୍କ କଥା ଶୁଣି ଆମେ ସମସ୍ତେ ସ୍ତବ୍ଧ ହୋଇଗଲୁ । ଆଉ କିଛି କହିବାର ନ ଥିଲା । ହସ୍ପିଟାଲ ବିଲ ତିଆରି ହେଉଥିଲାବେଳେ ଫୋନ ଆସିଲା ଖବରକାଗଜ ଅଫିସରୁ ମନ୍ତ୍ରୀଙ୍କ ସ୍ତ୍ରୀ ଅଛନ୍ତି ସେଠାରେ... ?

ମୁଁ ତତ୍କ୍ଷଣାତ୍ ଉତ୍ତର ଦେଲି- ନା, ନା ସେପରି ଏଠାରେ କେହି ନାହିଁ... ।

Digitized by srujanika@gmail.com

ସେ ସୁଖରେ ରହନ୍ତୁ

ପୁରୁଷ ପ୍ରଧାନ ସମାଜକୁ ବଂଚେଇ ରଖିବା ପାଇଁ ପୁରୁଷ ଚିନ୍ତା ଓ ଚେତନାରେ ବି ସେଇ ପ୍ରାଥମିକତା ବଜାୟ ରଖି ଆସିଛି । ସ୍ତ୍ରୀର ଦଶଦୋଷ କ୍ଷମା କରିବା ପାଇଁ ବେଦୀ ଉପରେ ଶପଥ କରି ମଧ ଗୋଟିଏ ଦୋଷ ସହ୍ୟ କରି ନ ପାରି ତାକୁ ଦେଇଛି ନିର୍ଯ୍ୟାତନା, ଲାଞ୍ଛନା । ସ୍ତ୍ରୀ ସବୁ ପ୍ରକାର ଚେଷ୍ଟା କରି ବି ପୁରୁଷର ମନୋରଞ୍ଜନ କରିବାରେ ଅସମର୍ଥ ହୋଇ କେବଳ କାନ୍ଦିଛି ନିଜ ଦୁଃଖରେ, ପୁରୁଷର ଦୋଷତ୍ରୁଟି ଲାଗି ତାକୁ ଦାୟୀ କରିପାରିନି । ପୁରୁଷ କାଳକ୍ରମେ ହୋଇଯାଇଛି ପତି ପରମ ଦେବ । ଦେବତାମାନେ ସଂସାରରେ ନୀତିନିୟମର ଅଧୀନ ନୁହଁନ୍ତି । ପୁରୁଷ ବି ନିଜ ତିଆରି ନିୟମ ମାନିବାକୁ ବାଧ ନୁହେଁ । ନିୟମ ମୁକ୍ତ ପଥର ବାଧକ ହେଲେ ତାହା ବଦଳାଇ ଦିଏ ପୁରୁଷ । ସେଥିପାଇଁ ଶାସ୍ତ୍ର ଓ ପୁରାଣ, ନୀତିଶାସ୍ତ୍ର ଓ କାହାଣୀ ସବୁଥିରେ ପୁରୁଷର ସବୁ ଦୋଷ ସହିନବା ପାଇଁ ଶିଖିଚି ସ୍ତ୍ରୀ । ସବୁ ଅନ୍ୟାୟ ଓ ଅନାଚାର ସତ୍ତ୍ୱେ ତାକୁ ବରଣ କରିଛି ସ୍ୱାମୀ ଭାବରେ, ଘର ଛାଡ଼ି ବାହାରି ଯାଇ ନାହିଁ ବା ଯାଇଥିଲେ ବି ଆଗକୁ ଯିବାର ବାଟ ନ ପାଇ ପୁଣି ଫେରିଆସିଚି ଆଶ୍ରୟ ଖୋଜି ଖୋଜି । ଏଥିପାଇଁ ବୋଧହୁଏ ସ୍ତ୍ରୀ ପୁରୁଷର ସମ୍ଭୋଗର ଉପାଦାନଟିଏ ହୋଇ ରହିଯାଇଛି, ତା ସହିତ ସମଧର୍ମା ହୋଇପାରିନି ବା ତା ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ସାହସ କରିନି । ତେଣୁ ନିଜର ଅଧିକାର ସବୁ ଇଚ୍ଛା କରି ହେଉ ବା ଅନିଚ୍ଛା ସତ୍ତ୍ୱେ ହେଉ ଟେକି ଦେଇଛି ପୁରୁଷ ହାତକୁ ନିଜର ସୁରକ୍ଷା ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ତା ହାତକୁ ଟେକିଦେବା ପରି । ଆଉ ସ୍ତ୍ରୀର ଚିନ୍ତା ଓ ଚେତନାରେ ଈଶ୍ୱରଙ୍କଠାରୁ ବି ବଡ଼ ଆସନ ମାଡି ବସିଚି ପୁରୁଷ । ସ୍ୱାମୀର ସବୁ ଦୋଷତ୍ରୁଟି ଭୁଲିଯାଇ ଭୋଗଶଯ୍ୟାରେ ଯେପରି ରୋଗଶଯ୍ୟାରେ ମଧ୍ୟ ଠିକ୍ ସେହିପରି ସ୍ୱାମୀର ସେବା କରିଚି । ସ୍ୱାମୀ ସୁଖରୁ, ସ୍ୱାମୀର ସୁରକ୍ଷାରୁ ବଂଚିତ ହୋଇ ମଧ ସ୍ୱାମୀର ସୁଖ କାମନା କରିଛି । କାରଣ ତା'ର ଚେତନାରେ ଗତି ଓ ମୁକ୍ତିଦାତା ଭାବରେ ପୁରୁଷ ଯୁଗ ଯୁଗ ଧରି ପ୍ରତିଷ୍ଠା ହୋଇ ଆସିଚି । ଅନ୍ଧବିଶ୍ୱାସ ହେଉ ବା ପରମ୍ପରା ହେଉ ଏଗୁଡ଼ା ଆମ ସମାଜକୁ ଏମିତି ବାନ୍ଧି ରଖିଚି ଯେ ନାରୀ ଟସର ପୋକ ପରି ନିଜ ଜାଲରେ ବନ୍ଦୀ ହୋଇଚି ଚିରକାଳ ।

Digitized by srujanika@gmail.com

ଏମିତି କେତେ କ'ଣ ଭାବୁଥିଲା ବେଳେ ଗୀତା ଆସି କହିଲେ- ମିସେସ୍ ନାଗ ଅପେକ୍ଷା କରୁଛନ୍ତି ତାଙ୍କର କିଛି କହିବାର ଅଛି ।

ମୁଁ ଲେଖାଲେଖି ବନ୍ଦକରି ଉଠି ଆସିଲି ଶ୍ରୀମତୀ ଅପର୍ଣ୍ଣା ନାଗଙ୍କୁ ଭେଟିବା ପାଇଁ ।

ଶ୍ରୀମତୀ ଅପର୍ଣ୍ଣା ନାଗ ରେଳବାଇର ଜଣେ ବରିଷ୍ଠ ଇଂଜିନିୟର ଶଶାଙ୍କ ଶେଖର ନାଗଙ୍କର ଧର୍ମପତ୍ନୀ । ବୟସ ଚଉରାଳିଶ ପଇଁଚାଳିଶ ପାଖାପାଖି । ଦେଖିବାକୁ ସୁନ୍ଦରୀ କହିଲେ ଚଳେ ।

ମୁଁ ଭାବିଥିଲି ମହିଳା ସଂଗଠନ ବା ମହିଳାମାନଙ୍କ ସମସ୍ୟା ସମ୍ପର୍କରେ ସେ କିଛି କହିବେ । କିନ୍ତୁ ତାଙ୍କ ଆଗରେ ବସିବା ପରେ ତାଙ୍କୁ କିଛି କହିବା ଲାଗି ପଥ ପରିଷ୍କାର କରିଦେବା ପାଇଁ ଗୀତା କହିଲେ- ମିଷ୍ଟର ନାଗ ଦୁଇବରଷ ହେଲାଣି ଖ୍ରାଇଟିଅରରେ ଅଛନ୍ତି । ଇଏ ପିଲାମାନଙ୍କୁ ନେଇ ଏକା ଅଛନ୍ତି ଏଠାରେ । ଯାଙ୍କ ବିଷୟ ସେ କିଛି ବୁଝୁ ନାହାନ୍ତି.... ।

ଏମିତି ସ୍ୱାମୀ ସ୍ତ୍ରୀ ସମସ୍ୟା ସଂପର୍କରେ ବହୁତ୍ ଶୁଣିଚି । ତେଣୁ ବିସ୍ମିତ ନ ହୋଇ କହିଲି- ଦୁଇବର୍ଷ ହେଲା ଡିଭିଜନକୁ ଯାଇଛନ୍ତି, ଆଉ ବେଶିଦିନ ନୁହେଁ, ଶୀଘ୍ର ତାଙ୍କୁ ହେଡ୍ ଅଫିସକୁ ନେଇ ଆସିବି.... ।

ଏତେବେଳେ ମୁହଁ ଫିଟାଇଲେ ଅପର୍ଣ୍ଣାନାଗ । ସେ କହିଲେ-ଦିଦିଙ୍କୁ ସବୁ କହିଛି । ମୋ ଦୁଃଖର ଅନ୍ତ ନାହିଁ । ସେ ଏଠାକୁ ଆସିଲେ ବି ମୋ ସହିତ ରହିବେ ନାହିଁ ।

ଆକାଶରୁ ପଡ଼ି କହିଲି ମୁଁ- କାହିଁକି, କାରଣ କ'ଣ ?

ସେ ଆଖି ପୋଛି କହିଲେ- ପ୍ରାୟ ତିନିବର୍ଷ ହେବ ସେ ଜଣେ ନର୍ସ ପ୍ରେମରେ ପଡ଼ି ଘର ସହିତ ସଂପର୍କ ରଖୁନାହାନ୍ତି ।

-ଆଇନ ଅନୁସାରେ ଜଣେ ଅଫିସର ପ୍ରଥମ ସ୍ତ୍ରୀର ଜୀବିତାବସ୍ଥାରେ ଦ୍ୱିତୀୟ ବିବାହ କରିପାରିବ ନାହିଁ ।

-ଆଇନରେ ତ ବହୁତ କିଛି ଲେଖା ଅଛି.... କିନ୍ତୁ ପୁରୁଷମାନେ ତାହା କ'ଣ ମାନନ୍ତି ? ମୁହଁ ଉପରେ ଲଘୁ ହସ ଖେଳାଇ କହିଲେ ଗୀତା ଅପର୍ଣ୍ଣା ନାଗଙ୍କ ପକ୍ଷ ସମର୍ଥନ କରିବା ପାଇଁ ।

ଅପର୍ଣ୍ଣା ନାଗ କହିଲେ- ସାର, ମୁଁ ଦୁଇଟି ସନ୍ତାନର ମାଆ । ପୁଅ ବଡ଼ । ସେ ଇଂଜିନିୟରିଂ ପଢୁଛି । ଝିଅ ସାନ । ମେଡିକେଲରେ ଏଡମିସନ ନେଇଛି ଗତବର୍ଷ ।

-ଖର୍ଚ୍ଚ କିଏ ଦେଉଛି ?

- ସେ ଦେଉଥିଲେ, ଏଇ ଛଅ ମାସ ହେବ ଆଉ ଦେଉନାହାଁନ୍ତି । ଘର ଚଳିବ କେମିତି ? ପିଲାମାନେ ପାଠ ପଢ଼ିବେ କିପରି ? ଲକ୍ଷ ଲକ୍ଷ ଟଙ୍କା ନେଇ ତ ମୁଁ ବାପ ଘରୁ ଆସି ନଥିଲି ।

ମୁଁ ବେଶ୍ ଚିନ୍ତାରେ ପଡ଼ିଗଲି । ଏଇ ଦୁଇଟି ନାରୀ ଗୋଟିଏ ପୁରୁଷ ବା ଗୋଟିଏ ନାରୀ ଦୁଇଟି ପୁରୁଷର ତ୍ରିଭୂଜ ସଂପର୍କ ଯୁଗ ଯୁଗ ଧରି ସମାଜର ବହୁ ଅନିଷ୍ଟର କାରଣ

Digitized by srujanika@gmail.com

ହୋଇ ଆସିଚି । ମଣିଷର ଜନ୍ମଠାରୁ ବୋଧହୁଏ ଏଇ ତ୍ରିଭୂଜର ଜନ୍ମ ।

ମନେ ପଡ଼ିଗଲା ଏହିପରି ଆଉ ଗୋଟିଏ ଘଟଣା । ସେତେବେଳେ ମୁଁ ଖଡ୍ଗପୁରରେ ଥାଏ । ଦିନେ ଅଫିସରେ ବସି କାମ କରୁଥିଲା ବେଳେ ଟେବୁଲ ଉପରେ ଗୋଟିଏ ସ୍ଳିପ୍ ରଖି ଦେଇଗଲା ପିଅନ । ଉଠାଇ ନେଇ ଦେଖିଲି- ମିସେସ୍ ରୋଜି ଉଇଲିଅମ୍ । ସଙ୍ଗେ ସଙ୍ଗେ ଡାକି ପଠାଇଲି । ଏକା ନୁହେଁ, ଦୁଇଜଣ ଆସିଲେ । ମିସେସ ରୋଜି ଉଇଲିଅମ ଓ ତାଙ୍କ ଷୋହଳ ବର୍ଷର କନ୍ୟା ସୋନାଲି ଉଇଲିଅମ । ଝିଅ ଦେଖିବାକୁ ମା'' ପରି । ଦୁହିଁଙ୍କୁ ସୁନ୍ଦରୀ କୁହାଯିବାରେ ଅସୁବିଧା ନାହିଁ ।

ରୋଜି ଉଇଲିଅମ କହିଲେ ସାର୍, ମୁଁ ଦୁଃଖିତ ଅପଣଙ୍କୁ ବ୍ୟସ୍ତ କରୁଥିବାରୁ । କିଛି ଅନ୍ୟ ଉପାୟ ନ ଥିଲା ବୋଲି ବାଧ୍ୟ ହୋଇ ଶରଣ ନେଲି ଆପଣଙ୍କର । ଆପଣ ସମାଧାନ କରିଦିଅନ୍ତୁ, ମୋ ପାରିବାରିକ ଜୀବନ ଉଚ୍ଛନ୍ନ ହୋଇଗଲାଣି.... ।

-କ'ଣ ହେଲା, ମୁଁ ବା କଅଣ କରିପାରେ.... ?

-ମୋ ସ୍ୱାମୀ ପିଟର ଉଇଲିଅମ ଲୋକୋ ଇନ୍‌ସ୍ପେକ୍ଟର । ସ୍ପୋର୍ଟସ ମ୍ୟାନ୍ । ଆପଣ ଦେଖିଥିବେ । ଲାରି ହିଗିନ୍‌ସ ଟ୍ରାନପୋଟେସନ ଇନ୍‌ସ୍ପେକ୍ଟର । ତା'ର ସ୍ତ୍ରୀ ଦେଖିବାକୁ କାଳୀ, ମୋଟି । କିନ୍ତୁ ତଥାପି ହିଗିନ୍‌ସ ଘରରେ ଗଲେ ପିଟର ତା'ଘରେ ଆଡଡା ଜମାଏ.... । ଦରମା ଅଧେ ସିଏ ନେଇଯାଏ.... ହିଗିନ୍‌ସ ଜାଣେ ସବୁ... କିଛି ପ୍ରତିକାର କରୁନି । ମୁଁ ବି କହିଥିଲି... ।

ସ୍ୱାମୀ ଜାଣିବା ପରେ ସ୍ତ୍ରୀ ଏପରି କରିବା ଅତି ଆଶ୍ଚର୍ଯ୍ୟଜନକ ବିଷୟ । ମୁଁ ହିଗିନ୍‌ସକୁ ଡାକିଥିଲି, ପିଟର ଉଇଲିଅମକୁ ବି ଡାକିଥିଲି । ଅଲଗା ଅଲଗା । ସେମାନଙ୍କୁ ବୁଝାଇଥିଲି, ସତର୍କ ବି କରି ଦେଇଥିଲି । ତାହା ସତ୍ତ୍ୱେ ଅବସ୍ଥାରେ ଉନ୍ନତି ନ ହେବାରୁ ପିଟର ଉଇଲିୟମକୁ ଭିନ୍ନ କାରଣରୁ ଶାସ୍ତି ଦବାଲାଗି ସୁଯୋଗ ନବା ପାଇଁ ମନସ୍ଥିର କରି ରୋଜିଙ୍କୁ କହିଲି- ତୁମ ସହିତ ସୁସଂପର୍କ ନ ରଖିଲେ ଏଇ କେସ୍‌ରେ ଚାକିରିରୁ ଅନ୍ତର କରି ଦିଆଯିବ । ସେ କିନ୍ତୁ ହଠାତ୍ ଆଖିପୋଛି କହିଲେ- ନା, ନା, ସାହେବ, ଆପଣ ତାଙ୍କର ଅନିଷ୍ଟ କରନ୍ତୁ ନାହିଁ । ସେ ପଛେ ମୋ କଥା ନ ବୁଝନ୍ତୁ, ଏଇ ସୋନାଲିର ଯତ୍ନ ନିଅନ୍ତୁ, ତାଙ୍କ ଚାକିରି ବଜାୟ ରହୁ... ।

ମୁଁ ସେଦିନ ଆଶ୍ଚର୍ଯ୍ୟ ହୋଇଥିଲି ରୋଜି ଉଇଲିଅମଙ୍କ କଥା ଶୁଣି । ସ୍ୱାମୀ ପରସ୍ତ୍ରୀରେ ଆସକ୍ତ । ଘର କଥା ବୁଝୁନି । ତଥାପି ତାଙ୍କୁ ଦଣ୍ଡ ଦବାକୁ ଚାହେଁନି ସ୍ତ୍ରୀ । ଉଇଲିଅମ୍ ଦମ୍ପତି ଆଙ୍ଗ୍ଲୋଇଣ୍ଡିଆନ । ଭାରତର ସଂସ୍କୃତି ଓ ପରମ୍ପରାର ପାଣି ପବନରେ ବଢ଼ିଛନ୍ତି ଏ ଦେଶରେ ।

ଅପର୍ଣ୍ଣା ନାଗ ସମ୍ମୁଖରେ ବସିଥିଲେ । ଗୀତା ତାଙ୍କର ହାତକୁ ଚା' କପ ବଢ଼ାଇ ଦେଇ କହିଲେ- ସିଏ ପୁରୁଷ ହେଲେ ବୋଲି ଯାହା ଇଚ୍ଛା ତାହା କରିଯିବେ, କିଛି ପ୍ରତିକାର

Digitized by srujanika@gmail.com

କରାଯାଇ ପାରିବ ନାହିଁ ? ମିଷ୍ଟର ନାଗ ନିଜ ସ୍ତ୍ରୀ ଓ ପୁତ୍ରକନ୍ୟା ଛାଡି ଓ୍ୱାଇଟିୟରରେ ରାସଲୀଳା କରୁଛନ୍ତି । ଆଉ ତମେ ସବୁ ଶାସନ କରୁଛ କାହାକୁ ?

ମୁଁ ଚା' କପରୁ ଚଲୁଏ ପିଇ କହିଲି, ଏଇ ମନସ୍ତାତ୍ତ୍ୱିକ ସମସ୍ୟାର ସମାଧାନ ହୋଇପାରିନି ଆଜି ପର୍ଯ୍ୟନ୍ତ । ସୁନ୍ଦରୀ ଯୁବତୀ ସ୍ତ୍ରୀକୁ ଛାଡି କାହିଁକି ପୁରୁଷ ସ୍ତ୍ରୀ ପର ସ୍ତ୍ରୀ ପ୍ରତି ଆକୃଷ୍ଟ ହୁଏ ତାହା ଦେବତାମାନେ ମଧ୍ୟ ଜାଣି ପାରିନାହାନ୍ତି, ମଣିଷ ଛାର ଜୀବମାତ୍ର ।

ଅପର୍ଣ୍ଣା ନାଗ କହିଲେ - ଆପଣ ମୋର ବଡ଼ଭାଇ ସଦୃଶ । ଆପଣ ପ୍ରଶାସକ । କିଛି ଉପାୟ କରନ୍ତୁ... ମୋର ଭଙ୍ଗା ସଂସାରକୁ ସଜାଡି ଦିଅନ୍ତୁ ।

କିଛି ମସୟ ଭାବିବା ପାଇଁ ସମୟ ନେଲି ମୁଁ । ଏ ଭିତରେ ଶଶାଙ୍କ ଶେଖର ନାଗଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କଲି । ମିତା ସରକାର ସହିତ ତାଙ୍କର ଗାନ୍ଧର୍ବ ବିବାହ ହୋଇଥିଲା । ଦୁହେଁ ଏକତ୍ର ରହୁଥିଲେ ସ୍ୱାମୀ ସ୍ତ୍ରୀ ପରି । ମିତା ସରକାରଙ୍କୁ ପଚାରିବାରେ ସେ କହିଲେ- ନା, ମୁଁ ମିଷ୍ଟର ନାଗକୁ ବାହାହୋଇନି... ସେ ମୋର ବନ୍ଧୁ... । ମିଷ୍ଟର ନାଗ କହିଲେ, ମୁଁ ଦ୍ୱିତୀୟ ବିବାହ କରିନି ।

ତଥାପି ମୁଁ ସୂତ୍ର ବାହାର କଲି ଏବଂ କିଛି କରିବା ପୂର୍ବରୁ ଅପର୍ଣ୍ଣା ନାଗ ପୁଣି ଆସିଲେ ଆମଘରକୁ । ମୁଁ କହିଲି- ଗୋଟେ ବାଟ ପାଇଛି... ଆପଣ ଚାହିଁଲେ ପରବର୍ତ୍ତୀ ପଦକ୍ଷେପ ନେବି ।

-କ'ଣ ? ସେ ପଚାରିଲେ ।

-ଦ୍ୱିତୀୟ ବିବାହ ପ୍ରମାଣିତ ହେଲେ ସେ ଖାଲି ଚାକିରି ହରାଇବେ ନାହିଁ, ଜେଲ ବି ଯିବେ । ସେଥିପାଇଁ ପ୍ରମାଣ ଯୋଗାଡ କରିବାକୁ ପଡ଼ିବ । ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସାହାଯ୍ୟ କରିବେ କହିଛନ୍ତି ।

ସେ ଆଖିରୁ ଲୁହ ପୋଛି କହିଲେ -ନା, ନା, ତାଙ୍କୁ ଦଣ୍ଡ ଦବା ଦରକାର ନାହିଁ । ମୋ କର୍ମ ମୁଁ ଭୋଗିବି । ଗହଣା ବିକ୍ରିକରି ପାଠ ପଢ଼ିବା ଖର୍ଚ୍ଚ ତୁଲେଇବି ପିଲାମାନଙ୍କର । ଗୋଟେ ମାଷ୍ଟରାଣୀ ଚାକିରି ପାଇଛି । ସେଥିରେ କଷ୍ଟେମଷ୍ଟେ ଚଳିଯିବୁ ଆମେ । ସେ ସୁଖରେ ରହନ୍ତୁ... ।

ଭାଙ୍ଗି ପଡିଲେ ଅପର୍ଣ୍ଣା ନାଗ ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ତାଙ୍କ ପିଠି ଉପରେ ହାତ ବୁଲେଇଲେ ଗୀତା ।

ମୁଁ କେବଳ ଦେଖୁଥିଲି ଭାରତୀୟ ନାରୀର କଲ୍ୟାଣମୟୀ ଅସହାୟ ରୂପ ।

Digitized by srujanika@gmail.com

ମାଛ ଖାଇବ ଇଲିସି

ଓଡ଼ିଆରେ ଗୋଟିଏ କଥା ଅଛି- "ମାଛ ଖାଇବ ଇଲିସି, ଚାକିରି କରିବ ପୁଲିସି" । ମୋର ଦୀର୍ଘ ଚାକିରି ଜୀବନରେ ହୃଦ୍‌ବୋଧ ହେଲା ଯେ, ପୁଲିସ ପକ୍ଷ ଏପରି ଅନେକ ବିଭାଗ ଅଛି ଯେଉଁଠାରେ ଉପରୁ ଉପାର୍ଜନ ଅନେକ ବେଶି । ମୁଁ ସେତେବେଳେ କଲେଜରେ ପଢୁଥିଲି । ଆମ ସାମ୍ନା ଘରର ଝିଅ ଆଶାର ବାହାଘର ହେଉଥାଏ । ବରଯାତ୍ରୀ ଆସିଥିଲେ ବେତନଟୀରୁ । ମୋ କକା ବରପିତାଙ୍କୁ ପଚାରିଲେ ପୁଅର ଦରମା କେତେ ବରପିତା ଟିକେ ରହିଯାଇ କହିଲେ- ସବୁ ମିଶି ତିନିଶହ । କକା ବୁଝି ନ ପାରି କହିଲେ- ସବୁ ମିଶି ମାନେ ? ବର ପିତା ଅର୍ଥ ବୁଝାଇ ଦେଇ କହିଲେ ଯେ, ଦରମା ଉପରେ ଉପୁରି ଅଛି । ସବୁ ମିଶି ତିନିଶହ । ନୂଆ ଭର୍ତ୍ତି ହୋଇଛି, ବାଟ ବାଇଶ ଜାଣିଗଲେ ଆହୁରି ବେଶି ପାଇବ । ମୁଁ ସେତେବେଳେ ଉପୁରି ଅର୍ଥ ବୁଝିପାରିନଥିଲି । ପରେ ଜାଣିଲି ଯେ, ଉପୁରି କେବଳ ନଗଦ ଟଙ୍କା ଆକାରରେ ଆସେ ନାହିଁ ବିଭିନ୍ନ ରୂପରେ ଓ ବିଭିନ୍ନ ଭାବରେ ଆସେ । ମୁଁ ମଧ୍ୟପ୍ରଦେଶର ଜଇନପୁର ଅଫିସରେ ଯେଉଁଦିନ ଯୋଗଦେଲି, ସେଇ ସଂଧ୍ୟାରେ ଗୋଟେ ବଡ଼ ରୋହୀମାଛ ନେଇ ମୋ ବଙ୍ଗଳାକୁ ଆସିଲା ଜଣେ ଲୋକ । ସେ ମାଛଦେଇ ଚାଲିଯିବାକୁ ବସିଥିଲା କିନ୍ତୁ ଗୀତା ପଚାରିଲେ କିଏ କାହିଁକି ମାଛ ପଠାଇଛି । ସେ ଲୋକ କହିଲା ଆପଣଙ୍କ ଜଣା ଲୋକ, ଓଡ଼ିଶାରେ ଘର, ବନ୍ଧୁବାନ୍ଧବ ହୋଇଥିବେ । ଗୀତା ମୋତେ ପଚାରିବାରୁ ସେପରି କାହାକୁ ମୁଁ ଜାଣି ନ ଥିବାରୁ ସେଇ ଲୋକ ହାତରେ ମାଛ ଫେରାଇ ଦେଇ କହିଲି, ମିଶ୍ରବାବୁଙ୍କୁ ଏ ମାଛ ଫେରାଇ ଦେବ । ସେ ଲୋକ ଅବାକ୍ ହୋଇଗଲା । ଏହାର କେତେଦିନ ପରେ ମୋ ଜିଲ୍ଲାର ବାଲାଜାଟ ଖଣି ଅଞ୍ଚଳରେ କାମ କରୁଥିବା ପୁରୀ ନିବାସୀ ଗଙ୍ଗାଧର ମିଶ୍ର ମୋତେ ଅଫିସରେ ଦେଖାକରି ଓଡ଼ିଆରେ କହିଲେ ମୁଁ ପଠେଇଥିବା ମାଛଟା ଫେରାଇ ଦେଲେ ସାର୍, ମୁଁ ଆପଣଙ୍କ ଲୋକ, ମୋ ମନରେ ସେଦିନ ବଡ଼ କଷ୍ଟ ହେଲା । ମୁଁ କହିଲି ନିଜ ଲୋକ ହୋଇଥିଲେ ଆପଣ ପଠାଇ ନଥାନ୍ତେ । ଏପରି ଅଯାଚିତ କାର୍ଯ୍ୟ ଆଉ କରିବେ ନାହିଁ ।

ଏହାର ତିନିଚାରିବର୍ଷ ପରେ ୧୯୬୫ ମସିହାରେ ଓଡ଼ିଶା ସରକାରଙ୍କ ଜେନେରାଲ ଏଡ୍‌ମିନିଷ୍ଟ୍ରେସନ୍ ଡିପାର୍ଟମେଣ୍ଟରୁ ଚିଠି ପାଇ ଯାଇଥିଲି ଭୁବନେଶ୍ୱର ଜମି ରେଜେଷ୍ଟ୍ରି କରିବା ପାଇଁ । କଚେରୀରେ ସରକାରୀ ଓକିଲଙ୍କ ସହିତ ଦୈବାତ ଦେଖା ହୋଇଗଲା । ସେ ମୋର

Digitized by srujanika@gmail.com

ସହପାଠୀ । କାମ ଯେପରି ଏକା ଦିନେ ଶେଷ ହୁଏ ସେଥିପାଇଁ ମୋତେ ଏସ୍.ଡି.ଓ.ଙ୍କ ପାଖକୁ ନେଇଗଲେ । ତା ଆଗରୁ ମୁଁ ଓ ମୋ ଶ୍ୱଶୁର ବନ୍ଧୁ ସୁଦର୍ଶନ ସାହାଣୀଙ୍କ ସହିତ ସେଇ ବିଭାଗର ବଡ଼ବାବୁଙ୍କୁ ଭେଟିଥିଲୁ । ସେ ଏକା ଦିନକେ ହୋଇପାରିବ ନାହିଁ କହିଥିଲେ । ଏସ୍.ଡି.ଓ ସବୁଶୁଣି ସାରି କହିଲେ ଚିନ୍ତା ନାହିଁ । ମୋର ସ୍ୱତନ୍ତ୍ର କ୍ଷମତା ଅଛି, ଏଇ ନୋଟିସ୍ ପିରିୟଡ୍ ବାଦ ଦବା ପାଇଁ ବଡ଼ବାବୁଙ୍କୁ ଡାକିଲେ । ବଡ଼ବାବୁ ମୋତେ ଆପାଦମସ୍ତକ ସର୍ଭେ କରି କହିଲେ, ସାର ଇଏ ତ ମୋ ପାଖକୁ ଯାଇଥିଲେ, ତାଙ୍କୁ ବୁଝାଇ ଦେଇଛି । ଏକୋଇଶ ଦିନପରେ ଦଲିଲ ନେଇଯିବେ । ଆହୁରି ବି ଏସ୍.ଡି.ଓ.ଙ୍କୁ କହିଲେ ଯେ, ରେଭିନ୍ୟୁ ବୋର୍ଡଙ୍କ ନିଷ୍ପତ୍ତି ଅନୁସାରେ ଏସ୍.ଡି.ଓ. ଏପରି କେସ୍‌ରେ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରିପାରିବେ ନାହିଁ । ଏସ୍.ଡି.ପି.ଓ ମୋତେ କହିଲେ କିଛି ମନେ କରିବେ ନାହିଁ । ମୁଁ ଏ କାମ କରି ରେଜେଷ୍ଟ୍ରି ଚିଠିରେ ପଠାଇଦେବି । ଆପଣ ମାସକ ମଧ୍ୟରେ ପାଇଯିବେ । ଆମେ ନିରାଶ ହୋଇ କଚେରୀରୁ ଫେରି ଆସୁଥିଲା ବେଳେ ମୋହରିର ମୋ ଶ୍ୱଶୁରଙ୍କୁ ଏକାନ୍ତରେ ଡାକି ନେଇ କହିଲେ, କାହିଁକି ଅସୁବିଧାରେ ପଡିବେ । ମାସେ ବା ଆଉମାସ ବି ହୋଇପାରେ । ଆପଣଙ୍କ ଜ୍ୱାଇଁ ବଡ଼ ଅଫିସର । ସେ ସରକାରୀ ଓକିଲଙ୍କ ସହିତ ଚା' ପିଉଥାନ୍ତୁ । ଆପଣ ମୋ ସହିତ ଆସନ୍ତୁ । ସେ ତାଙ୍କ ସହିତ ଗଲେ । ସେଇ ବଡ଼ବାବୁଙ୍କୁ କୋଡ଼ିଏ ଟଙ୍କା ଜଳଖିଆ ଖର୍ଚ୍ଚ ଦବା ପରେ ସେହିଦିନ ସେଇକାମ ହୋଇଗଲା । ମୋତେ ଅବାକ୍ ହେବାର ଦେଖି ସୁଦର୍ଶନ ସାହାଣୀ କହିଲେ ବଡ଼ବାବୁଙ୍କ କଥା, ଏୟା ମୂଳରୁ କରିଥିଲେ ଏତିକି ଅସୁବିଧା ବି ହୋଇନଥାନ୍ତା । ବଡ଼ବାବୁ ଯେ, ବଡ଼ ଅଫିସରଙ୍କ ଉପରେ ସେଦିନ ମୁଁ ଏହା ସ୍ପଷ୍ଟ ଭାବେ ଅନୁଭବ କଲି ।

ଆଉ କେତେବର୍ଷ ପରେ ସ୍ୱୟଂ ରାଜସ୍ୱ ବିଭାଗର ସଚିବ ଆଉ ଗୋଟିଏ ଘଟଣା ଉଲ୍ଲେଖ କରି ମୋତେ ବିସ୍ମିତ କରିଦେଲେ । ସେ ନିଜ ଜମି ରେଜିଷ୍ଟ୍ରେସନ କରିବା ପାଇଁ ସବ୍‌ରେଜିଷ୍ଟ୍ରାର୍ ଅଫିସ୍‌କୁ ଯାଇଥିଲେ । ସମୟ ଦଶଟା ସେତେବେଳକୁ । ସବ୍‌ରେଜିଷ୍ଟ୍ରାର୍ ଆସିନଥାନ୍ତି । ବାବୁ କିନ୍ତୁ କାର୍ଯ୍ୟବ୍ୟସ୍ତ । ଯେଉଁମାନେ କାମ କରାଇନେବାକୁ ଆସିଥିଲେ ରେଜିଷ୍ଟ୍ରେସନ କାଗଜ ସହିତ ପ୍ରତ୍ୟେକ ପଚିଶଟଙ୍କା ଦେଉଥାନ୍ତି । ସୌଭାଗ୍ୟକୁ ରାଜସ୍ୱ ବିଭାଗର ସଚିବଙ୍କୁ କିରାଣି ଚିହ୍ନି ନଥିଲା । ତାଙ୍କଠାରୁ ମଧ୍ୟ ପଚିଶ ଟଙ୍କା ନେଲା । ପ୍ରାୟ ସାଢ଼େ ଦଶଟା ବେଳକୁ ସବ୍‌ରେଜିଷ୍ଟ୍ରାର ବିଜେ କଲେ । ରାଜସ୍ୱ ସଚିବ ବାରଣ୍ଡାରେ ବୁଲୁଥିବା ଦେଖି କାଳେ ଇନ୍‌ସପେକ୍‌ସନ କରିବାକୁ ଆସିଥିବେ ଭାବି ଚମକିଗଲେ । ଅଫିସ୍ ଭିତରକୁ ତର ତର ହୋଇ ପଶିଯାଇ ସଚିବ କେତେବେଳୁ ଆସିଲେଣି ବୋଲି କିରାଣିକୁ ପଚାରିବାରୁ ସେ ବାହାରକୁ ଚାହିଁ ଦେଇ ଛାନିଆ ହୋଇଗଲା । ସ୍ୱୟଂ ରାଜସ୍ୱ ସଚିବଙ୍କ ହାତରୁ ପଚିଶଟଙ୍କା ଅଧଘଣ୍ଟାଏ ପୂର୍ବରୁ ସେ ନେଇଥିଲା । ସବ୍‌ରେଜିଷ୍ଟ୍ରାର୍ ରାଜସ୍ୱ ସଚିବଙ୍କୁ ନଇଁପଡ଼ି ପ୍ରଣାମ କରି ଆସିବାକୁ ଟିକେ ବିଳମ୍ବ ହୋଇଗଲା ବୋଲି କୈଫିୟତ ଦବା କ୍ଷଣି ସଚିବ ରୁକ୍ଷ ସ୍ୱରରେ କହିଲେ ତମ ନାମରେ ବହୁ ଅଭିଯୋଗ ପାଇଥିଲି । ଆଜି ମୋ

Digitized by srujanika@gmail.com

ନିଜ ପୁଅ ରେଜିଷ୍ଟ୍ରେସନ୍ କରିବାର ଥିଲା । ତେଣୁ ଚାଲିଆସିଲି କ'ଣ ହେଉଛି ଦେଖିବା ପାଇଁ । ତମେ ସବୁ ଚୋର... ।

ପବିତ୍ର ଶିକ୍ଷାବିଭାଗ ଏଯାଏ ଅପବିତ୍ର ହୋଇନାହିଁ ଭାବି ମୋର ଜଣେ ଆତ୍ମୀୟ ଶିକ୍ଷା ନିର୍ଦ୍ଦେଶକଙ୍କ ଅଫିସକୁ ଗଲେ । ଯଥାସ୍ଥାନକୁ ଯିବା ପୂର୍ବରୁ ପିଅନ ତାଙ୍କଠାରୁ ଚଳଖିଆ ଖର୍ଚ୍ଚ ବାବଦକୁ ପାଞ୍ଚ ଟଙ୍କା ନେଲା । ସେ ଯାଇ ଡ଼ିଲିଂ ଆସିଷ୍ଟାଣ୍ଟଙ୍କୁ ଭେଟିଲେ । ତାଙ୍କ ବକେଆ ପାଉଣା ପାଇଲେ ସେ ଝିଅ ବାହାଘରରେ ଖର୍ଚ୍ଚ କରିବେ କହି ବାରିପଦାରୁ ହେଡ଼ମାଷ୍ଟର ପଠାଇଥିବା ବିଲ୍ ଛଅମାସ ହେଲା ପଡ଼ି ରହିଥିବା ଦର୍ଶାଇଲେ । ସବୁ ମିଶି ନଅଦଶ ହଜାର ଟଙ୍କା ପାଇବାର ଥିଲା । କିରାଣି ତାଙ୍କୁ ବାହାରକୁ ଡ଼ାକି ନେଇ କହିଲେ ହଜାରେ ଟଙ୍କା ଦେଲେ ଦିନ ତିନିଟାରେ କାମ ସରିବ । ସେ ତ ଏକା ନେବେ ନାହିଁ, ଉପରକୁ ମଧ୍ୟ ଭାଗ ଯିବ । ଆଲୋଚନା ପରେ ଛଅ ଶହ ଟଙ୍କାରେ ନିଷ୍ପତ୍ତି ହେଲା । ସେ ପାଞ୍ଚଦିନ ରହି ବିଲ୍ ପାସ୍ କରାଇ ଫେରିଗଲେ ।

ଟ୍ରେଜେରୀରେ ବହୁ ବିଲ୍ ଦୀର୍ଘଦିନ ଧରି ପଡ଼ିରହୁଥିବା ଅଭିଯୋଗ ଶୁଣି ଗୋଟିଏ ସରକାରୀ ଉଦ୍ୟୋଗର ନିର୍ଦ୍ଦେଶକ ରାଜସ୍ୱ କମିଶନରଙ୍କ ପାଖରେ ଆପତ୍ତି କଲେ । ତାଙ୍କ ନିଜ, ଟି.ଏ. ବିଲ୍ ଛଅମାସ ହେଲା ପାଇ ନଥିବା ମଧ୍ୟ କହିଲେ । ରାଜସ୍ୱ କମିଶନର ନିଜେ ଏହା ତଦନ୍ତ କରିବେ କହିଲେ । କିଛିଦିନ ପରେ ବିଲ୍ ପାଶ୍ ହେଲା କିନ୍ତୁ ଟ୍ରେଜେରୀର ସେଇ ବାବୁ କହିଲେ, ଏକା ମାଘରେ ଶୀତ ଯାଏନି, ଆହୁରି ମାଘ ଆସିବ, ସେତେବେଳେ ଦେଖିବା ତମେ ସବୁ ରାଜ୍ୟସାରା ଗସ୍ତକରି ଟି.ଏ. ନବ, ପୋଲାରେ ବାହାରେ ଖାଇବ, ଆଉ ଆମେ ତମ ବିଲ୍ ପାଶ୍ କରୁଥିବୁ ଏହା ବେଶିଦିନ ଚଳିବ ନାହିଁ ।

ଏସବୁ ତଳ ପାହ୍ୟାରେ ହୁଏ ବୋଲି ଆମ ସମସ୍ତଙ୍କର ଧାରଣା । କିନ୍ତୁ ଜଣେ ଭୁକ୍ତ ଭୋଗୀ କହିଲେ - ନା ନା ଉପରେ ବେଶି । ଏଇ ବ୍ୟାଧି କର୍କଟ ରୋଗ ପରି ଶାସନକଳକୁ ପଙ୍ଗୁ କରିଦେଲାଣି । କେତେବର୍ଷ ତଳର କଥା । ଜଣେ ବଡ଼ ଠିକାଦାରଙ୍କ ପ୍ରାୟ ଅଶୀଲକ୍ଷ ଟଙ୍କା ପାଇବାର ଥାଏ ସରକାରଙ୍କଠାରୁ । କିନ୍ତୁ ଚିଫ୍ ଇଞ୍ଜିନିଅରଙ୍କ ଅଫିସରୁ ଫାଇଲ ଆସିଲେ ବି ସଚିବାଳୟର କେଉଁ ଏକ ଗୋପନ କକ୍ଷରେ ଅଟକି ରହିଥାଏ । ମୋର ସାହାଯ୍ୟ ଲୋଡ଼ିଲେ ସେ । ଉପର ମହଲରେ ସେ କହିଲେ ସବୁ ଠିକ୍ ହୋଇଯିବ ଉତ୍ତର ପାଇଲି । କିନ୍ତୁ ତଥାପି ଦୁଇମାସ ବିତିଗଲେ ବି କିଛି ସୁଫଳ ନଫଳିବାରେ ଦେଖି ଠିକାଦାର ଉଚ୍ଚ କର୍ତ୍ତାଙ୍କୁ ଧରିବା ପାଇଁ ମସୁଧା କଲେ । ସେ ଭଗବତ୍ ଆରାଧନାରେ ଅବସର କଟାଉଥିବା ଶୁଣି ତାଙ୍କ ମନରେ ଆଶା ହେଲା ଯେ, କାମ ଶୀଘ୍ର ହୋଇଯିବ । ମନ୍ତ୍ରୀଙ୍କୁ ତ ଯାହା ଦବା କଥା ଆଗୁଆ ଦେଇ ସାରିଛନ୍ତି । ତାଙ୍କ ପାଖକୁ ଫାଇଲ ଗଲେ ସଂଗେ ସଂଗେ ମଂଜୁରୀ ମିଳିଯିବ । ଉଚ୍ଚ ପଦାଧିକାରୀ ସକାଳେ ଘରେ ଭଜନ କୀର୍ତ୍ତନ କରୁଥିବା ଶୁଣି ଠିକାଦାର ଯଥା ସମୟରେ ବଙ୍ଗଳାରେ ସମବେତ ହୋଇଥିବା ଭକ୍ତ ମଣ୍ଡଳୀଙ୍କ ଗହଣରେ ଭକ୍ତି ଗଦ୍ ଗଦ୍ ଭାବ ନେଇ ବସିଗଲେ । ସମସ୍ତେ ପ୍ରସାଦ ନେଇ,

Digitized by srujanika@gmail.com

ବିଦାୟ ନେଇ ଚାଲିଯିବା ପରେ ପଦାଧିକାରୀ ଠିକାଦାରଙ୍କ ତନ୍ମୟ ଅବସ୍ଥା ପ୍ରଶଂସା କରି କହିଲେ ଆପଣ ନିଷ୍ଠାବାନ୍, ଧର୍ମପଥ ଛାଡ଼ିବେ ନାହିଁ । ଠିକାଦାର ଏଇ ସୁଯୋଗରେ ତାଙ୍କ ପରିଚୟ ଦେଇ କହିଲେ, ଏତେ ଉଚ୍ଚପଦରେ ଥାଇବି ଆପଣ ଯେ, ଏତେବଡ଼ ସାଧକ ତାହା ନଦେଖିଲେ କେହି ବିଶ୍ୱାସ କରିପାରିବନାହିଁ । ତାପରେ ଭଗବତ୍ କାର୍ଯ୍ୟପାଇଁ ଦଶହଜାର ଟଙ୍କା ଥିବା ଲଫାପାଟିଏ ପୂଜାସ୍ଥାନ ପାଖେ ରଖି ବିଦାୟ ନେବାବେଳେ ପଦାଧିକାରୀ କହିଲେ ଆଜି ଶୁଭଦିନ, ସଂପର୍କ ସ୍ଥାପିତ ହେଲା, ମଝିରେ ମଝିରେ ଆସିବେ । କହିବା ବାହୁଲ୍ୟ ଅଳ୍ପ କେଇଦିନ ପରେ ସରକାରୀ ମଂଜୁରୀ ମିଳିଗଲା ଏବଂ ଠିକାଦାର ବନ୍ଧୁ ଖୁସିହୋଇ କହିଲେ ଯେ, ଅଶୀଲକ୍ଷ ପାଇବା ପାଇଁ ସେ ମାତ୍ର ପାଞ୍ଚ ପ୍ରତିଶତ ଖର୍ଚ୍ଚ କରିଛନ୍ତି, ଏହା ପରମିସିବିଲ ଲିମିଟ୍ ମଧ୍ୟରେ । ବେଶି ନୁହେଁ । ସେ ତିଆରି କରିଥିବା ପୋଲ କେତେଦିନ ତିଷ୍ଠିବ ତାହା କିନ୍ତୁ ମୋତେ ବହୁଦିନ ବିଚଳିତ କରୁଥିଲା ।

ମୁଁ କଲିକତାରେ ଥିବା ବେଳେ ଜଣେ ବନ୍ଧୁ ତାଙ୍କ ଭାଇ ସଂପର୍କରେ କହିଲେ । ସେ ହାଇଦ୍ରାବାଦରେ ଥିଲେ ମଧ୍ୟ ଓଡ଼ିଶାରେ ଠିକାଦାରୀ କରୁଥିଲେ । କିନ୍ତୁ ପରେ ସେଇ କାମ ଅଧାରେ ଛାଡ଼ି ଆରବିଟେସନ୍ ମକଦ୍ଦମା କଲେ । ଉଚ୍ଚ ନ୍ୟାୟଳୟକୁ କେସ୍ ଗଲା କିନ୍ତୁ ତାଙ୍କ ମନୋନୀତ ପ୍ରାର୍ଥୀ ଆରବିଟ୍ରେଟରେ ନିଯୁକ୍ତ ନ ହେଲେ ସେ ପ୍ରାପ୍ୟ ଓ କ୍ଷତିପୂରଣ ପାଇବା ଅସମ୍ଭବ । ମୁଁ କହିଲି, ଏଥିରେ ମୁଁ କ'ଣ କରିପାରିବି । ସେ କହିଲେ, ମୋ ଭାଇ ଆପଣଙ୍କୁ କହିବେ । ସେ କହୁଥିଲେ ଯେ, ଉଚ୍ଚ ନ୍ୟାୟାଳୟରେ ନ୍ୟାୟାଧିଶମାନଙ୍କୁ ଆପଣ ଜାଣନ୍ତି । ଆମେ ଯଥା ସ୍ଥାନରେ କହି ରଖୁଛୁ । ଯଦି ଅମୁକ ବ୍ୟକ୍ତି ଆରବିଟ୍ରେଟର ନିଯୁକ୍ତି ହେବେ ଆମ କାମ ହୋଇଯିବ । ତା'ପରେ ମୋର ଅନୁରୋଧ ଏଡ଼ି ନପାରି ସେ କହିଲେ ଯେ, ସେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ତାଙ୍କର ଏ ସମ୍ବନ୍ଧରେ ଆଲୋଚନା ହୋଇସାରିଛି । ଦଶ ପ୍ରତିଶତ ସେ ନେବେ । ଆଉ ତିନେ ମାତ୍ର ଦ୍ୱିଧା ନକରି କହିଲେ- ଆପଣ ମୋ ଭାଇର ବନ୍ଧୁ ବୋଲି ମୁଫତରେ ଖଟିବେ କାହିଁକି, ପଚିଶ ହଜାର ଆପଣଙ୍କର । ମୁଁ କହିଲି କ୍ଷମା କରିବେ, ଆପଣ ଭୁଲ୍ ଲୋକ ପାଖକୁ ଆସିଛନ୍ତି, ଆପଣଙ୍କୁ କୋଟିଏ ଟଙ୍କା ଦବା ପାଇଁ ମୁଁ ଏକ କଳଙ୍କିତ କାମ କାହିଁକି କରିବି । ସେ ନିରାଶ ହେଲେ, ତଥାପି ବିଦାୟ ନେବା ବେଳେ କହିଲେ, ତଥାପି ଆଉ ଥରେ ଭାବିବେ, ଆପଣ ସାହାଯ୍ୟ କଲେ ମୁଁ ଉପକୃତ ହେବି ।

କହି ବସିଲେ ସରିବ ନାହିଁ । ସବୁ ଦେଖି ଦେଖି ଶୁଣି ଶୁଣି ଏଇ ଅବକ୍ଷୟରେ ପଚାସଢ଼ା ଗନ୍ଧରେ ଶ୍ୱାସରୁଦ୍ଧ ହେବା ପରି ଲାଗୁଛି । ଏପରି କୌଣସି ସ୍ତର ନାହିଁ ଯେଉଁଠି ଦୁର୍ନୀତି ନାହିଁ । ସବୁ ସିଷ୍ଟମରେ ପଡ଼ିଯାଇଛି, ଅଧର୍ମ, ଅନୀତି ସବୁ ଧର୍ମ ଓ ନୀତି ପରି ଦିଶୁଛି । ଭଲ ଓ ମନ୍ଦ ମଧ୍ୟରେ ଫରକ ଦିଶୁନାହିଁ ।

Digitized by srujanika@gmail.com

ଆହେ ମନ୍ତ୍ରୀବର

ପଚାଶ ବର୍ଷ ତଳର କଥା । ସେତେବେଳେ ଆମ ଗାଁରେ ଅତି ଧୂମଧାମର ସହିତ କାଳିପୂଜା କରାଯାଉଥିଲା । ଷ୍ଟେସନ ପଡ଼ିଆରେ ମୂର୍ତ୍ତି ତିଆରି କରାହେଉଥିଲା । ତିନିଚାରି ଦିନ ଧରି ଯାତ୍ରା ବା ପାଲା ହେଉଥିଲା । ଦଶ ପଚିଶ ଗାଁରୁ ଲୋକମାନେ ଛୁଆପିଲା ଧରି ଯାତ୍ରା ଦେଖିବାକୁ ଆସୁଥିଲେ । ଦୋକାନ ବସୁଥିଲା ପାନ, ସିଗାରେଟ୍,ମିଠେଇ, ଜିଲାପି ବିକ୍ରୀ କରିବା ପାଇଁ । ବୈଷ୍ଣବ ପାଣି ବା ବାଳକୃଷ୍ଣ ମହାନ୍ତିଙ୍କ ଗୀତାଭିନୟ ଅଭିନୟ କରିବା ପାଇଁ ଯାତ୍ରାଦଳ ଆସୁଥିଲେ କଟକ ବା ବାଲେଶ୍ୱର ଜିଲ୍ଲାରୁ । ଯିଏ ରାଜା ବା ମନ୍ତ୍ରୀ ଭୂମିକାରେ ଅଭିନୟ କରୁଥିଲେ ସକାଳେ ତାଙ୍କ ଅସଲ ରୂପ ଦେଖିବା ପାଇଁ ମନରେ କୌତୂହଳ ହେଉଥିଲା । ରାଜା ଗାଉଥିବା କଳି ଏ ଗୀତ ସେତେବେଳକୁ ମନ ରହିଯାଇଛି- ଆହେ ମନ୍ତ୍ରୀବର...କୁହ କୁହ ରାଜ୍ୟ ସମାଚାର । ତା'ପରେ ମନ୍ତ୍ରୀ ମଥାନତକରି ରାଜ୍ୟର ସମାଚାର ବର୍ଣ୍ଣନା କରୁଥିଲେ ଗୀତରେ । ବହିର ପାଠ ମୁଁ ଭୁଲି ଯାଉଥିଲାବେଳେ ସେମାନେ କିପରି ଏତେ ଗୀତ ମନେ ରଖନ୍ତି । ତାହା ମତେ ଆଶ୍ଚର୍ଯ୍ୟ କରୁଥିଲା । ବଡ଼ ହେବା ପରେ ଚାକିରି କରୁଥିବା ସମୟରେ ମୋର ଇଂରାଜି ପଢୁଆ ପୁଅ ଦିନେ ଯାତ୍ରା ଦେଖି ଆସି ପଚାରିଲା, ବାପା, ମନ୍ତ୍ରୀମାନେ କ'ଣ ? ମୁଁ କହିଲି, ଯିଏ ମନ୍ତ୍ରଣା ଦିଅନ୍ତି, ଯାହାଙ୍କ ମତ ଅନୁସାରେ ଶାସନ ଚାଲେ । ସେ କହିଲା- ତା ହେଲେ ସେ ବିରାଟ ଲୋକ, କିନ୍ତୁ ତମେ ସେଦିନ ଯେଉଁ ମିନିଷ୍ଟରଙ୍କୁ ଦେଖାଇ ଦେଉଥିଲେ, ସେ ତ ଦେଖିବାକୁ ସେପରି ନୁହଁନ୍ତି । ମଥା ଛୋଟ, ପେଟ ବଡ଼, ଆଉ ଗେଡ଼ା । ଥାକୁଲ ଥାକୁଲ ଚେହେରା । ତାକୁ ବୁଝାଇ ଦେବା ପାଇଁ ମୁଁ କହିଲି, ମିନିଷ୍ଟରଙ୍କ ମସ୍ତିଷ୍କ ବଳରୁ ସରକାର ଚାଲେ । ତେଣୁ ବୁଦ୍ଧି ଖର୍ଚ୍ଚ ହୋଇ ଚାଲିଥିବାରୁ ତାଙ୍କ ମଥା ଛୋଟ ହୋଇଯାଉଛି, ଆଉ ସେ ଯାହା ଯେଉଁଠି ପାଆନ୍ତି ସମୟ ଅସମୟ ନମାନି ଖାଇ ପାରନ୍ତି ବୋଲି ପେଟ ବଡ଼ ହୋଇ ଯାଇଛି । ଓଡ଼ିଶାର ଲୋକେ ତ ଗେଡ଼ା । ଅଧିକାଂଶଙ୍କ ଉଚ୍ଚତା ପାଞ୍ଚଫୁଟ ଚାରି ଇଂଚରୁ ପାଞ୍ଚ ଇଂଚ ମଧ୍ୟରେ । ସେ କହିଲା ମିନିଷ୍ଟର ତଥାପି ଚତୁର ହୋଇଥିବେ । ମୁଁ ମଥା ହଲାଇଲି ।

ସେ ମନ୍ତ୍ରୀବରଙ୍କ ସହିତ କାମ କରିବାର ବହୁ ସୁଯୋଗ ପାଇଛି । ସେମାନଙ୍କ ମଧ୍ୟରେ ଆଖି ପାଉ ନଥିବା ବ୍ୟକ୍ତିତ୍ୱ ବି ଅଛନ୍ତି । ଯେପରି ଜବାହରଲାଲ ନେହେରୁ

Digitized by srujanika@gmail.com

ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡକ୍ଟର ବିଧାନ ଚନ୍ଦ୍ର ରାୟ ବା ଗୋବିନ୍ଦ ବଲ୍ଲଭ ପନ୍ଥ । ସବୁ ମଣିଷ ଯେପରି ସମାନ ନୁହଁନ୍ତି, ସବୁ ମନ୍ତ୍ରୀ ବି ସେହିପରି ସମାନ ନୁହନ୍ତି । ଗୁଣୀ ବିଦ୍ୱାନ ମନ୍ତ୍ରୀ ଯେପରି ଅଛନ୍ତି ଅଳ୍ପବୁଦ୍ଧିଆ ଅହଂକାରୀ ମନ୍ତ୍ରୀ ବି ସେହିପରି ଅଛନ୍ତି । ଥରେ କେନ୍ଦ୍ରର ଜଣେ ଡେପୁଟି ମିନିଷ୍ଟରଙ୍କ ସହିତ ଦେଖା କରିବାକୁ ଦିଲ୍ଲୀ ଯାଇଥିଲି । ସେ ମୋତେ ପାର୍ଲିଆମେଣ୍ଟରେ ଥିବା ତାଙ୍କ ଅଫିସକୁ ନେଇଗଲେ ଏବଂ ଲୋକସଭାରେ ଆଲୋଚନା ଶୁଣିବା ପାଇଁ ଗୋଟେ ପାସ୍ ବ୍ୟବସ୍ଥା କରିବା ପାଇଁ ତାଙ୍କ ପି.ଏ.କୁ କହିଲେ ।ମୋତେ ବସିବାକୁ କହି ଫାଇଲ ଘାଣ୍ଟିଲେ । ଗୋଟେ ନୋଟ ପଢ଼ିବା ବେଳେ ଝୁଣ୍ଟି ପଡ଼ି କହିଲେ, ତମ ମନ୍ତ୍ରୀ ଆଜି ନାହାନ୍ତି ବୋଲି ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ ସବୁ ପ୍ରଶ୍ନର ଉତ୍ତର ମୋତେ ଦେବାକୁ ପଡ଼ିବ । ଏଇ ନୋଟରେ ରେଳବାଇ ଜୋନ୍ ଲେଖା ଅଛି । ଏଇ ଜୋନର ଅର୍ଥ କ'ଣ ? ମୁଁ କହିଲି, ସାର୍ ଯେମିତି ପ୍ରଶାସନିକ ଓ ଲୋକମାନଙ୍କ ସୁବିଧା ଦୃଷ୍ଟିରୁ ଦେଶକୁ ବିଭିନ୍ନ ରାଜ୍ୟରେ ବିଭକ୍ତ କରାଯାଇଛି ସେହିପରି ପ୍ରଶାସନିକ, ପରିବହନ ଓ ପରିଚାଳନା ଦୃଷ୍ଟିରୁ ଭାରତୀୟ ରେଳବାଇକୁ ନଅଟି ଜୋନ୍ ବା ଅଞ୍ଚଳରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଜୋନର ସର୍ବାଧିନାୟକ ହେଉଛନ୍ତି ଜେନେରାଲ ମ୍ୟାନେଜର । ରାଜ୍ୟର ଚିଫ୍ ସେକ୍ରେଟାରୀଙ୍କ ପରି । ସେଦିନ ପାର୍ଲାମେଣ୍ଟ ଅଧିବେଶନ ଦେଖିଲି । ନେହେରୁ, ମୋରାରଜୀ ଦେଶାଇ ପ୍ରଭୃତିଙ୍କୁ ଦର୍ଶକ ଗ୍ୟାଲେରିରୁ ଦେଖିପାରି ଖୁସି ବି ହେଲି । କିନ୍ତୁ ମନ ଖରାପ ହେଲା ଏଇଥିପାଇଁ ଯେ ଦୁଇଘଣ୍ଟା ଭିତରେ ଏତେ ସଭ୍ୟ ଆଲୋଚନାରେ ଭାଗ ନେଲେ ବି ଓଡ଼ିଶାରୁ କେହି ପ୍ରଶ୍ନୋତ୍ତର ସମୟରେ ବା ତା'ପରେ ଆଲୋଚନାରେ ଅଂଶଗ୍ରହଣ କଲେ ନାହିଁ ।

ଦିଲ୍ଲୀରୁ ଫେରିବା ପୂର୍ବରୁ ଜଣେ ସଂସଦ ସଦସ୍ୟଙ୍କ ସହିତ ଦେଖା ହେଲାରୁ ସେ ତାଙ୍କ ବାସଭବନରେ ସାକ୍ଷାତ କରିବାକୁ କହିଲେ । ସମୟ ନିର୍ଘଣ୍ଟ ରକ୍ଷା କରି ମୁଁ ଠିକ୍ ଛଅଟା ବେଳେ ପହଞ୍ଚିଲି । ସେ ନଥିଲେ,କିନ୍ତୁ ତାଙ୍କ ଘରେ ଯେଉଁମାନେ ଥିଲେ ସେମାନଙ୍କ ଠାରୁ ଜାଣିଲି ଯେ, ମାନ୍ୟବର ଫେରୁ ଫେରୁ ସାତଟା ବା ଆଠଟା ବାଜିପାରେ । ଯଦି ଆହୁରି ଡେରି ହୁଏ କ୍ୟାଣ୍ଟିନରୁ ଖାଇ ଫେରିବେ । ପାର୍ଲିଆମେଣ୍ଟ ସଭ୍ୟମାନଙ୍କ ସୁବିଧାପାଇଁ ପାର୍ଲିଆମେଣ୍ଟ ଭିତରେ ଓ ଏମ.ପି. ମାନେ ରହୁଥିବା ଦକ୍ଷିଣ ଓ ଉତ୍ତର ଆଭେନ୍ୟୁରେ ରେଳବାଇ କ୍ୟାଣ୍ଟିନ ଅଛି । ସେଠାରେ ସୁଲଭ ଦରରେ ଅତି ସାଧାରଣଙ୍କୁ ଦୁର୍ଲ୍ଲଭ ଖାଦ୍ୟ ଯୋଗାଇ ଦିଆଯାଏ । ମାନ୍ୟବରଙ୍କ ରହୁଥିବା ଲୋକମାନେ ତାଙ୍କ ପରିବାରର ହୋଇଥିବେ ଭାବିଥିଲି, କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେଲି ଯେ ଅନେକଙ୍କ ଘରେ ବ୍ୟବସାୟୀ ବା ଚାକିରିଆ, ଭଡ଼ାରେ ଅଛନ୍ତି । ଚାକରମାନଙ୍କ ପାଇଁ ଉଦ୍ଦିଷ୍ଟ ଆଉଟ୍ ହାଉସରେ ଯେଉଁମାନେ କମ୍ ଭଡ଼ାରେ ରହିଛନ୍ତି ସେମାନେ ବଗିଚାରେ ଆଳୁ, ପିଆଜ, ପରିବା ଚାଷ କରନ୍ତି । ସେସବୁ

Digitized by srujanika@gmail.com

ମାନ୍ୟବର ସଭ୍ୟଙ୍କର । ଏପରି ସୁବ୍ୟବସ୍ଥା ଦେଖି ରାଜନୀତିରେ ପ୍ରବେଶ କରିବାକୁ ଇଚ୍ଛା ହେଲା ।

ସେ ଯାହା ହେଉ ମନ୍ତ୍ରୀଙ୍କ ମସ୍ତିଷ୍କ କିପରି ଉର୍ବର ହେବାରେ ଲାଗିଛି ତା'ର ଗୋଟେ ଦୁଇଟା ଉଦାହରଣ ଏଠାରେ ଦିଆଯାଇପାରେ । ପୁରୀରେ ଗୋଟିଏ ସାଂସ୍କୃତିକ ଅନୁଷ୍ଠାନର ନିମନ୍ତ୍ରଣ ରକ୍ଷା କରି ମୁଁ ମୁଖ୍ୟବକ୍ତା ଭାବରେ ଯାଇଥିଲି । ଯୋଗାଣ ମନ୍ତ୍ରୀ ଯାଇଥିଲେ ମୁଖ୍ୟ ଅତିଥି ଭାବରେ । ଅନୁଷ୍ଠାନର ସଭାପତି ରାଜକିଶୋର ରାୟ ଚିନ୍ତା ଚେତନା ଉଦ୍ରେକ କଲାଭଳି ଓଜସ୍ୱିନୀ ସ୍ୱାଗତ ଭାଷଣ ଦେବା ପରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀଙ୍କୁ ଉଦ୍‌ବୋଧନ ଦେବା ପାଇଁ ଅନୁରୋଧ କରାଗଲା । ମନ୍ତ୍ରୀ ମହୋଦୟ ଭାଷଣ ଦେବା ପାଇଁ ଛିଡ଼ା ହେବା କ୍ଷଣି ତାଙ୍କ ପି.ଏ. ସାଇକ୍ଲୋଷ୍ଟାଇଲ କରି ଆଣିଥିବା ତାଙ୍କ ଭାଷଣର ସାରାଂଶ ବାଣ୍ଟି ଦେଲେ ଶ୍ରୋତାମାନଙ୍କ ମଧ୍ୟରେ । ଆଲୋଚନାର ବିଷୟ ଥିଲା- 'ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ସ୍ଥାନ' । ମନ୍ତ୍ରୀ ଗୁରୁଗମ୍ଭୀର ସ୍ୱରରେ ଭାଷଣ ଆରମ୍ଭ କରି ସମାଜ ଓ ଆଧ୍ୟାତ୍ମିକତା କିପରି ଅଙ୍ଗାଙ୍ଗୀ ଜଡ଼ିତ ତାହା ବର୍ଣ୍ଣନା କରି କହିଲେ- ଏବେ ସମାଜରେ ଆଧୋଗତି ଦେଖାଯାଉଚି । ଜନଜୀବନ ଭେଜାଲ ହୋଇଗଲାଣି । ଚାଉଳରେ ଗୋଡ଼ି, ଦୁଧରେ ପାଣି, ସୋରିଷ ତେଲରେ ଅଗରା ମିଶେଇ ବିକ୍ରି କରାଯାଉଛି । ଅପମିଶ୍ରଣ କବଳରୁ ଏ ଜାତିକୁ ଉଦ୍ଧାର ନକଲେ ଆଧ୍ୟାତ୍ମିକତା ଲୋପ ପାଇଯିବ । ଜନସ୍ୱାର୍ଥ ଦୃଷ୍ଟିରୁ ସରକାର ଏହା ବରଦାସ୍ତ କରିବେ ନାହିଁ । ଏହା ପରେ ସେ କବି ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ ଜାଗ କଙ୍କାଳ'ର ଦୁଇଟି ପଂକ୍ତି ଆବୃତ୍ତି କରି ବିପୁଳ କରତାଳି ମଧ୍ୟରେ କହିଲେ- ଉଠ, ଜାଗ, ଆଗେଇ ଚାଲ ଭାଇମାନେ । କବି ଓ ଶାସକର ଅନ୍ତର୍ଦୃଷ୍ଟି ଏକ ବୋଲି ପ୍ଲେଟୋ କହିଥିଲେ । ସେଇ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଜନ ସହଯୋଗ ଲୋଡ଼ା ।

ମନ୍ତ୍ରୀଙ୍କ ଭାଷଣ ଶେଷ ହେବା ପୂର୍ବରୁ ତାଙ୍କ ପି.ଏ.ଙ୍କୁ ପାଖକୁ ଡ଼ାକି ମୁଁ କହିଲି, ଏ ଭାଷଣ ଛାପି ବାଣ୍ଟିଲ କାହିଁକି ? ଆଉ ଯେଉଁ ଉକ୍ତି ଏଠାରେ ଦିଆଯାଉଛି ତାହା କବି କେଉଁ ପ୍ରସଙ୍ଗରେ କହିଥିଲେ ନଜାଣି ଏପରି ଉଲ୍ଲେଖ କଲେ କାହିଁକି ? କିଏ ଲେଖିଥିଲା ଏ ଭାଷଣ ? ସେ ଥତମତ ହୋଇ ସତ କଥା କହିଦେଲେ । ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ଭାଷଣ ଲେଖିଥିଲେ, କିନ୍ତୁ 'ଉଠ କଙ୍କାଳ ଜାଗ କଙ୍କାଳ' କବିତାର କିଛି ଅଂଶ ସେଥିରେ ଉଦ୍ଧାର କରିବା ପାଇଁ ମନ୍ତ୍ରୀ ସ୍ୱୟଂ ନିର୍ଦ୍ଦେଶ ଦେଇଥିଲେ ।

ଶ୍ରୀକ୍ଷେତ୍ରରୁ ଆଧ୍ୟାତ୍ମିକତାର ବଟିକା ଖାଇ ଫେରିବା ବେଳେ ମନେ ପଡୁଥିଲା ଆଉ ଜଣେ ମନ୍ତ୍ରୀଙ୍କ ପରିଦର୍ଶନ ସମୟର ବିବରଣୀ । କମ୍ପ୍ୟୁଟର କୋଠରୀ ପରିଦର୍ଶନ କଲାବେଳେ ତାଙ୍କ ଜନ୍ମ ତାରିଖ ଅନୁସାରେ ଆଗତ ଭବିଷ୍ୟତ ସମ୍ବନ୍ଧରେ କମ୍ପ୍ୟୁଟରେ ଗଣନା କରିଥିବା ଫଳାଫଳ ଦେଖି ସେ ହଠାତ୍ କହି ପକାଇଲେ-ମୋ ଭବିଷ୍ୟତ ଯଦି ଏଇ କମ୍ପ୍ୟୁଟର କହିପାରୁଛି, ମୋ ଭବିଷ୍ୟତ ବି ବଦଳାଇ ଦେଇପାରେ । ଐଶ୍ୱରୀକ ଶକ୍ତି ନଥିଲେ

Digitized by srujanika@gmail.com

ଏହା କରିବା ସମ୍ଭବ ନୁହେଁ । ମନ୍ତ୍ରୀଙ୍କ ପାଖେ ପାଖେ ଥିବା ଜଣେ ସ୍ତାବକ କହିଲା, ସାର୍ କେବେ ମୁଖ୍ୟମନ୍ତ୍ରୀ ହେବେ କମ୍ପ୍ୟୁଟରେ ଗଣନା କରି କହୁ ।

ଦିନେ ଓଡ଼ିଶା ସେକ୍ରେଟାରୀଏଟରୁ ପ୍ରଧାନ ପଥଦେଇ ଓହ୍ଲାଇ ଆସୁଥିବା ବେଳେ ଜଣେ ବରିଷ୍ଠ ମନ୍ତ୍ରୀ ମୋତେ ଗୋଟେ କଡ଼କୁ ଡ଼ାକି ନେଇ କହିଲେ- ଗଣେଶ ପରିଢା ଆପଣଙ୍କ ପାଖକୁ ଆସନ୍ତି ବୋଲି ମୁଁ ଶୁଣିଲି । ତାଙ୍କୁ ଦରକାର ଥିଲା । ମୁଁ ଗଣେଶ ପରିଢାଙ୍କୁ ମନ୍ତ୍ରୀ ମହୋଦୟଙ୍କୁ ଦେଖା କରିବାକୁ କହିଲି । ସେ ତାଙ୍କୁ ଏକାନ୍ତରେ ଗୋପନୀୟତା ରକ୍ଷା କରି କହିଲେ- ମୋ ସମୟ କେମିତି ଯାଉଛି, ଆଉ ଭଲ ସମୟ ଆସିବ କି ନାହିଁ ? ଗଣେଶ ପରିଢା ଗଣନା କରି ଭଲ ସମୟ ଆସୁଥିବା କହିବାରୁ ଉତ୍ସାହିତ ହୋଇ ମନ୍ତ୍ରୀ ପଚାରିଦେଲେ କେବେ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଆସିବ ? ଗଣେଶ ପରିଢା କହିଲେ, ବେଶି ଡେରି ନାହିଁ, କିନ୍ତୁ ସାବଧାନ ରହିବେ, ଗୋଟେ ଦୁଷ୍ଟ ଗ୍ରହ ଅନିଷ୍ଟ କରିପାରେ । ଆପଣଙ୍କ ଶତ୍ରୁ କମ୍ ନାହାନ୍ତି । ମନ୍ତ୍ରୀ ମହୋଦୟ ଶଙ୍କିତ ହୋଇ କହିଲେ- ସେଇ ଅମୁକ ପରା ମୋ ବିରୁଦ୍ଧରେ ଚୁଗୁଲି କରୁଛି । ତା' ଗୁଣ ଗାଇଲେ ଦାଣ୍ଡରେ ହାଣ୍ଡି ଭାଙ୍ଗିବାକୁ ପଡ଼ିବ ।

ମନ୍ତ୍ରୀ ଯେ ପାରଙ୍ଗମ ବ୍ୟକ୍ତି ଏହା ମୋର ଧାରଣା ଥିଲା । ନେଇ ଆଣି ଥୋଇ ଜାଣି ନଥିବା ବ୍ୟକ୍ତି ମନ୍ତ୍ରୀ କ'ଣ ସଂସଦ ସଭ୍ୟ ବି ହୋଇ ପାରିବ ନାହିଁ । ଦିନେ ଜଣେ ବରିଷ୍ଠ ମନ୍ତ୍ରୀଙ୍କ ସ୍ତ୍ରୀ ମୋତେ ଫୋନ୍ କରି କହିଲେ, ମୋ ଘରେ ଥିବା ପିଅନ ନିହାତି ଅଯୋଗ୍ୟ, ପୁଣି ଅମାନିଆ । ଆଜି ସକାଳେ ମୁହେଁ ମୁହେଁ ଜବାବ ଦେଲା ତାକୁ ସସପେଣ୍ଡ କରନ୍ତୁ ନଚେତ୍ ବଦଳି । ମୁଁ ପିଅନକୁ ଡ଼ାକି ପଠାଇଲି, ସେ ଯାହା କହିଲା ଏପରି ମନ୍ତ୍ରୀଙ୍କ ଦୁଇଟା ଆଲସେସିଆନ କୁକୁର ଅଛନ୍ତି ସେମାନଙ୍କୁ ବୁଲାଇ ନବା ମୋର ଦାୟିତ୍ୱ । ମୋତେ କିନ୍ତୁ ବଡ଼ ଡ଼ରମାଡ଼େ ସେମାନଙ୍କୁ ଦେଖିଲେ । ଆଜି ସକାଳେ କୁକୁର ଦୁଇଟା ମୋ ଉପରେ ରାଗିଥିବା ପରି ଲାଗିଲା, ତେଣୁ ମୁଁ ଗଲି ନାହିଁ । ସେଇ ପିଅନ ବଦଳି ହୋଇ ଅନ୍ୟତ୍ର ଗଲା । କିନ୍ତୁ କିଛି ଦିନ ପରେ କୁକୁରଙ୍କ କୀର୍ତ୍ତି ଦେଖି ମୁଁ ବି ଅବାକ୍ ହେଲି । ଗୋଟେ ନୂଆ କାର ଆସିଥିଲା ସଚିବଙ୍କ ପାଇଁ । ତାହା ଜାଣିପାରି ମନ୍ତ୍ରୀ କହିଲେ ସେଇ ନୂଆ ଗାଡ଼ି ତାଙ୍କୁ ଦେଇ ତାଙ୍କ ପୁରୁଣା ଗାଡ଼ି କାଢ଼ି ନବା ପାଇଁ । ତାହା ହିଁ ହେଲା । କିନ୍ତୁ ଛଅମାସ ପରେ ଆଉ ଗୋଟେ ଗାଡ଼ି ଆସିଲା । ମନ୍ତ୍ରୀ କହିଲେ ତାଙ୍କ ଗାଡ଼ି ପୁରୁଣା ହୋଇଗଲାଣି । ମରାମତି ଦରକାର । ମନ୍ତ୍ରୀତ ସରକାର । ତେଣୁ ନୂଆ ଗାଡ଼ି ତାଙ୍କପାଖକୁ ଗଲାଓ ଛଅମାସ ଆଗରୁ ପଠାଇଥିବା ଗାଡ଼ି ଫେରି ଆସିଲା । ମୁଁ ସେଇ ଗାଡ଼ି ଦେଖି ଚମକି ପଡ଼ିଲି । ଛଅ ମାସର ଫିଆଟ ଗାଡ଼ିର ସିଟକଭର ଓ ରୁଫକଭର ଛିନ୍ନ ଭିନ୍ନ ହୋଇଯାଇଥିଲା । ସତରେ ତାହା ବ୍ୟବହାର ଅଯୋଗ୍ୟ ଥିଲା । ମୁଁ ଡ୍ରାଇଭରକୁ ଚାର୍ଜସିଟ୍ ଦେବା ଆଦେଶ ଦବାରୁ ସେ ଅନୁନୟ ବିନୟ କରି କହିଲା- ଛୋଟ ମୁହଁରେ ବଡ଼ କଥା କହୁଛି ବୋଲି ମାଫ କରିବେ ହଜୁର । ପ୍ରତିଦିନ ସନ୍ଧ୍ୟାରେ ମନ୍ତ୍ରୀଙ୍କ ଦୁଇଟା କୁକୁରଙ୍କୁ ଏଇ ଗାଡ଼ିରେ ବସେଇ

Digitized by srujanika@gmail.com

ଖଣ୍ଡଗିରି ପର୍ଯ୍ୟନ୍ତ ହାଓ୍ୱା ଖୁଆଇବା ପାଇଁ ନବା ଥିଲା ମୋରକାମ । ଆଉ କୁକୁର ଦୁଇଟା ମନ୍ତ୍ରୀଙ୍କ ଠାରୁ କ'ଣ ଟ୍ରେନିଂ ପାଉଥିଲେ କେଜାଣି ସିଟକଭରର ରୁଫକଭର ସବୁ ଚିରି ପକାଇଲେ । ମୋର ଇଚ୍ଛା ହେଉଥିଲା କିଛିଦିନ ମନ୍ତ୍ରୀଙ୍କ କୁକୁର ହେବା ପାଇଁ ।

ଆଉ ଥରେ ଭାରତ ସରକାରଙ୍କ ଜଣେ ମାନ୍ୟବର ମନ୍ତ୍ରୀ କହିଲେ ଯେ, ମୁଁ ସାମ୍ୟବାଦ ସାମାଜିକ ସମତା, ସାମାଜିକ ନ୍ୟାୟ ଓ ଆଇନର ଶାସନରେ ବିଶ୍ୱାସ କରେ । ମୁଁ ପ୍ଳେନରେ ଯିବା ଅପେକ୍ଷା ତୃତୀୟ ଶ୍ରେଣୀରେ ଯିବାକୁ ପସନ୍ଦ କରେ । ମୁଁ ତ ଗାନ୍ଧିଜୀଙ୍କ ଠାରୁ ବଡ଼ ନୁହଁ । ତାଙ୍କ ଇଛାନୁସାରେ ଦ୍ୱିତୀୟ ଶ୍ରେଣୀ ସ୍ଲିପରରେ ତାଙ୍କର ଯିବାର ବ୍ୟବସ୍ଥା କରାଗଲା । ସେଇ ଡ଼ବା ଧୂଆ ଧୁଇ କରି, ମନ୍ତ୍ରୀଙ୍କ ଆସନ ଉପରେ ସୁଗନ୍ଧିତ ବିଛଣା ବିଛେଇ, ତାଙ୍କର ସୁରକ୍ଷା ଓ ସୁବିଧା ପାଇଁ ପାଞ୍ଚ ଜଣ ଦେହରକ୍ଷୀ ଓ ଦୁଇଜଣ ଆଜ୍ଞାବହଙ୍କୁ ନିଯୁକ୍ତ କରି, ରାସ୍ତାରେ ତାଙ୍କ ଇଛାନୁସାରେ ଚା', କଫି ବା କୋଇଡ଼ ଡ୍ରିଙ୍କ ଯୋଗାଇ ଦେବା ପାଇଁ ଜଣେ ଇନସପେକ୍ଟର ଓ ଜଣେ ବେହେରାକୁ ଦାୟିତ୍ୱ ଦେଇ ମୁଁ ଫେରିବା ବେଳେ ମନ୍ତ୍ରୀବର କ୍ଷୁର୍ଣ୍ଣ ହେଲା ଭଳି ସ୍ୱରରେ କହିଲେ, ଏଇ ଡ଼ବାରେ ଏତେ ଲୋକ, ଅଥଚ ପାଇଖାନା ତ ସେଇ ମାତ୍ର ଚାରିଟା । ମୁଁ ତାଙ୍କୁ ସାନ୍ତ୍ୱନା ଦେଇ କହିଲି, ନାଁ ମୁଁ ସବୁ ବ୍ୟବସ୍ଥା କରିଛି । ଏଇ ସବୁ ଯାତ୍ରୀ ଗୋଟେ ପାଖରେ ଦୁଇଟା ପାଇଖାନା ବ୍ୟବହାର କରିବେ, ଆଉ ଗୋଟେ ପାଖ ଆପଣଙ୍କ ପାଇଁ ।

ଗଣତନ୍ତ୍ରର ଯୁଗ । ବ୍ୟୁରୋକ୍ରେସିକୁ ଭାଙ୍ଗିବା ଲୋକ ତାହାରି ଫାଶରେ ବାନ୍ଧି ହୋଇ ଚଳଚଳ ହବା କଷ୍ଟକର ମଣୁଛନ୍ତି । ନାଲିଫିତାର ଇମ୍ନ ଆହୁରି ବେଶି ହୋଇଛି । ଯେଉଁ କାମ ଅନାୟାସ ଓ ବିନା ହାତଗୁଞ୍ଜାଦେଇ ହୋଇଯାଉଥିଲା ତାହା ଆୟାସ ଓ ବ୍ୟୟ ସାଧ୍ୟ ହୋଇଛି । କବିଙ୍କ ଗୀତ ଗାଇବା ଇଚ୍ଛା ହେଉଛି ଆହେ ମନ୍ତ୍ରୀବର, କୁହ କୁହ ରାଜ୍ୟ ସମାଚାର ।

Digitized by srujanika@gmail.com

ନବକୃଷ୍ଣ ଚୌଧୁରୀଙ୍କ ମାନବିକତା

ଛଅବର୍ଷକାଳ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟର କଥା । ସେତେବେଳେ ସେ କଟକ ବାରବାଟୀ ଦୁର୍ଗ ଭିତରେ ଥିବା ବଙ୍ଗଳାରେ ରହୁଥିଲେ । ମୁଖ୍ୟମନ୍ତ୍ରୀ ଭାବରେ ଯେପରି, ବ୍ୟକ୍ତିଗତ ଜୀବନରେ ମଧ୍ୟ ସେହିପରି ଜଣେ ସରଳ, ନିର୍ମଳ ଆଦର୍ଶ ବ୍ୟକ୍ତି ଥିଲେ । ଏବେ ସାଧାରଣ ଜୀବନକୁ ପେଶା କରି ଅନେକ ରାଜନୀତି କରୁଛନ୍ତି । କୌଣସି ପଦପଦବୀ ନଥାଇ ମଧ୍ୟ ବେଶ୍ ବିଳାସ ବ୍ୟସନରେ ଚଳୁଛନ୍ତି । ପଦପଦବୀରେ ଯେଉଁମାନେ ରହନ୍ତି ସେମାନେ ତ ଘିଅମହୁରେ ଭାସନ୍ତି । ସେତେବେଳେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ପ୍ରତିନିଧି ପରି ଚଳୁଥିଲେ, ସେମାନଙ୍କ ହାରିଗୁହାରି ଶୁଣି ପ୍ରତିକାର କରୁଥିଲେ ଏବଂ ଅମାୟିକ ସରଳ ଜୀବନଯାପନ କରୁଥିଲେ । ମୁଖ୍ୟମନ୍ତ୍ରୀ ଘରୁ ବାହାରିଲେ ଆଗରେ ଓ ପଛରେ ପୁଲିସ ଗାଡି ଚାଲୁ ନଥିଲା କି ସାଇରନ ବାଜୁ ନଥିଲା ।

ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରିବି । ସେତେବେଳେ ଦିଲ୍ଲୀ ଯିବା ପାଇଁ ହେଲେ କଲିକତା ବାଟ ଦେଇ ଯିବାକୁ ପଡୁଥିଲା । ଭୁବନେଶ୍ୱର ଓ କଟକ ସହିତ ଟ୍ରେନରେ ବା ଉଡାଜାହାଜରେ ସିଧା ଦିଲ୍ଲୀ ଯିବାର ସୁବିଧା ନଥିଲା । ଥରେ ନବବାବୁ କଲିକତା ବାଟ ଦେଇ ଦିଲ୍ଲୀ ଯାଉଥାନ୍ତି । ପୁରୀ ଏକ୍‌ସପ୍ରେସରେ ପ୍ରଥମ ଶ୍ରେଣୀର କୁପେଟିଏ ତାଙ୍କ ପାଇଁ ସଂରକ୍ଷିତ ହୋଇଥିଲା । କିନ୍ତୁ ସେ ଷ୍ଟେସନରେ ପହଁଚି ଗାଡିରେ ଉଠି ଦେଖନ୍ତି ଯେ, ତାଙ୍କ ଡବାରେ ଆଉ ଜଣେ ସାହେବ ଶୋଇ ଘୁଙ୍ଗୁଡି ମାରୁଛନ୍ତି । କଣ୍ଡକ୍ଟର ଚେଷ୍ଟା କଲେ ତାଙ୍କୁ ଉଠାଇବା ପାଇଁ । ମୁଖ୍ୟମନ୍ତ୍ରୀଙ୍କ ପାଇଁ ସଂରକ୍ଷିତ ଥିବା ଡବାରେ ଯିଏ ଘୁଙ୍ଗୁଡି ମାରି ଶୋଇଥିଲେ, ସେ ରେଳବାଇର ମେକାନିକାଲ ଇଂଜିନିୟର । ଆଙ୍ଗ୍‌ଲୋଇଣ୍ଡିଆନ୍ । କଣ୍ଡକ୍ଟରଙ୍କ ଡାକ ଶୁଣି ଆଖିମଳି ଉଠିଲେ ଏବଂ ତାଙ୍କ ସୁଖନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥିବାରୁ ବାଷ୍ଟାର୍ଡ, ଶୁଅର କା ବଚ୍ଚା ପ୍ରଭୃତି ଭାଷାରେ ଗାଳି ଗୁଲଜ କରି ପୁଣି ଶୋଇ ପଡ଼ିଲେ । ସେ ରେଳବାଇ ଅଫିସର, ତେଣୁ ତାଙ୍କୁ ଅଧିକ କିଛି କହିବା ପାଇଁ ଭରସା ହେଲାନି କଣ୍ଡକ୍ଟରଙ୍କର । ଅନ୍ୟ ଡବା ବି ଖାଲି ନଥିଲା ମୁଖ୍ୟମନ୍ତ୍ରୀଙ୍କ ପାଇଁ । ସେ ବଡ଼ ଅଡୁଆରେ ପଡ଼ିଗଲେ । ତାଙ୍କ ଅବସ୍ଥା ହୃଦୟଙ୍ଗମ କରି ନବବାବୁ କହିଲେ, କିଛି ଚିନ୍ତା ନାହିଁ । ତାଙ୍କୁ ଶୋଇବାକୁ ଦିଅନ୍ତୁ । ଉପର ବର୍ଥଟା ଖାଲି ଅଛି । ମୁଁ ସେଥିରେ ଚାଲିଯିବି ।

Digitized by srujanika@gmail.com

ରାତିଟା କଟିଯିବ ଚାହିଁ ଚାହିଁ । କଣ୍ଡକ୍ଟର ରକ୍ଷା ପାଇଗଲେ । ମୁଖ୍ୟମନ୍ତ୍ରୀ ଉପର ବର୍ଥ ଦଖଲ କଲେ । ତାଙ୍କ ପି.ଏ. ଅନ୍ୟ ଡବାରେ ଗଲେ । ହାଓଡାରେ ଗାଡି ପହଁଚିଲା ସକାଳେ । ମୁଖ୍ୟମନ୍ତ୍ରୀ ଓହ୍ଲେଇ ପଡ଼ିଲେ ଆଉ କିଛି ନ କହି । ସେତେବେଳକୁ ନିଦ ଭାଙ୍ଗି ନ ଥାଏ ସାହେବଙ୍କର ।

ମୁଖ୍ୟମନ୍ତ୍ରୀଙ୍କ ପି.ଏ.ଙ୍କୁ କିନ୍ତୁ ଖରାପ ଲାଗିଲା । ଯେତେହେଲେ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ । ତାଙ୍କର ସର୍ବନିମ୍ନ ସୁବିଧା ଓ ନିରାପତ୍ତା ବ୍ୟବସ୍ଥାରେ ଆଞ୍ଚ ଆସିବା ଉଚିତ ନୁହେଁ । ସେ ମୁଖ୍ୟମନ୍ତ୍ରୀଙ୍କୁ କିଛି ନ କହି ହାଓଡା ଷ୍ଟେସନରୁ ରେଳବାଇର ଜେନେରାଲ ମ୍ୟାନେଜରଙ୍କୁ ଫୋନ୍ କରି ସବୁ ବୃତ୍ତାନ୍ତ ଜଣାଇ ପ୍ରତିକାର କରିବା ଲାଗି ଅନୁରୋଧ କଲେ ।

ଜେନେରାଲ ମ୍ୟାନେଜର ପି.ସି. ଲାଲ ସାହେବ କଡା ଲୋକ । ସକାଳେ ଏଇ ଖବର ପାଇ ସମସ୍ୟାରେ ପଡିଗଲେ । ତାଙ୍କରି ଜଣେ ଅଧସ୍ତନ ଅଫିସର ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟ ଦେଖାଇବା ଦୂରର କଥା, ବରଂ ତାଙ୍କ ବର୍ଥ ଅଧିକାର କରିନେଇ ଜୋର କରି । ପୁଣି ମଦ ନିଶାରେ ଟେର୍ । ମୁଖ୍ୟମନ୍ତ୍ରୀଙ୍କ ଆଗରେ କଣ୍ଡକ୍ଟରଙ୍କୁ ଯାହାଇଛା ତାହା କହିଗଲା । ସେ ସଙ୍ଗେ ସଙ୍ଗେ ଫୋନ କଲେ ଖୋର୍ଦ୍ଧାରୋଡ ରେଳବାଇ ଅଫିସକୁ । ସେତେବେଳେ କାଳୀସାଧନ ବାନାର୍ଜୀ ଥାଆନ୍ତି ଡିଷ୍ଟ୍ରିକ୍ଟ ଟ୍ରାଫିକ୍ ସୁପରିଣ୍ଟେଣ୍ଡେଣ୍ଟ । ତାଙ୍କୁ ସବୁ କଥା କହିଲେ ଏବଂ ଆଦେଶ ଦେଲେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା କ୍ଷଣି ତାଙ୍କୁ ଦେଖାକରି କ୍ଷମା ପ୍ରାର୍ଥନା କରିବା ପାଇଁ । ଜେନେରାଲ ମ୍ୟାନେଜର ଆହୁରି ଆଦେଶ ଦେଲେ ମେକାନିକାଲ ଇଂଜିନିୟର ମାର୍ଟିନ ସାହେବଙ୍କୁ ସସ୍‌ପେଣ୍ଡ କରିବା ପାଇଁ ଗୁରୁତର ଶୃଙ୍ଖଳାଭଙ୍ଗ ଓ ଅସୌଜନ୍ୟ ଆଚରଣ ଅଭିଯୋଗରେ । ତାହା ହିଁ ହେଲା । ଅଳ୍ପ କେତେଦିନ ପରେ ନବବାବୁ କଟକ ଫେରି ଆସିଲେ । ସେତେବେଳେ ବାନାର୍ଜୀ ସାହେବଙ୍କର ଗାଡ଼ି ନ ଥାଏ । ସେ ଗୋଟେ କୋଇଲା ଚାଳିତ ବାଷ୍ପୀୟ ଇଂଜିନରେ ଖୋର୍ଦ୍ଧାରୋଡରୁ ଆସିଲେ କଟକ । କୋଇଲା ଗୁଣ୍ଡ ପଡ଼ି ଧଳାଜାମା ମଇଳା ଦିଶୁଥାଏ । ହାତ ମୁହଁ ଧୋଇ ସେହିପରି ପୋଷାକରେ ଗଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ।

ମୁଖ୍ୟମନ୍ତ୍ରୀ କହିଲେ, କଣ କିଛି ଅସୁବିଧା ହେଲା କି ? ମୁଁ କିଛି କରିପାରିବି କି ? ବାନାର୍ଜୀ ସାହେବ କହିଲେ - ସାର୍ ମୋର କିଛି ଅସୁବିଧା ହୋଇନି । କିନ୍ତୁ ଆମର ଜଣେ ଅଫିସରଙ୍କ ତ୍ରୁଟି ଯୋଗୁ ଆପଣ ଅନେକ ଅସୁବିଧା ଭୋଗିଲେ । ସେଦିନ ଆପଣଙ୍କ କୁପେର ତଳବର୍ଥ ବେଆଇନ ଭାବରେ ଯେଉଁ ରେଳବାଇ ଅଫିସର ଦଖଲ କରି ଆପଣଙ୍କୁ ବାଧ କରିଥିଲେ ଉପର ବର୍ଥରେ ଯିବାପାଇଁ, ତାଙ୍କୁ କାର୍ଯ୍ୟରୁ ବରଖାସ୍ତ କରିଛନ୍ତି ଜେନେରାଲ ମ୍ୟାନେଜର । ସେ ସ୍ୱୟଂ ଆସି କ୍ଷମା ପ୍ରାର୍ଥନା କରିବେ ଆପଣଙ୍କ ପାଖରେ । ତା' ପୂର୍ବରୁ ମୋତେ ପଠେଇଛନ୍ତି କ୍ଷମା ମାଗିବା ପାଇଁ । ଇଏ ଗୁରୁତର ତ୍ରୁଟି... ଅକ୍ଷମଣୀୟ ଅପରାଧ... ।

Digitized by srujanika@gmail.com

ନବବାବୁ ହସି ଦେଇ କହିଲେ - ନା, ସେପରି କିଛି ନୁହେଁ । ମୋ ପାଇଁ କୁପେଟା ଥିଲା । ମୁଁ ତ ଆଉ ଦୁଇଟା ବର୍ଥରେ ଯାଇ ନଥାନ୍ତି । ଗୋଟେ ଖାଲି ଯାଇଥାନ୍ତା । ସେଇ ଅଫିସର ସୁବିଧା ମନେକରି ତଳ ବର୍ଥରେ ଶୋଇପଡ଼ିଲେ । ମୁଁ ଉପର ବର୍ଥରେ ଗଲି । ମୋର କିଛି ଅସୁବିଧା ହୋଇନି । ବରଂ ତାଙ୍କର ଅସୁବିଧା ହେଲା ଯେ, ସେ ଶୋଇଥିଲାବେଳେ କଣ୍ଡକ୍ଟର ତାଙ୍କୁ ଉଠେଇଲେ... ଆଉ ... ହଁ... ଏଥିପାଇଁ ତାଙ୍କୁ ସସ୍‌ପେଣ୍ଡ କରିବା ଅନ୍ୟାୟ ହେବ । ବରଂ ତାଙ୍କୁ ବୁଝେଇ ଦେଲେ ଚଳିବ... ସେ ଆଉ ଏପରି କରିବେ ନାହିଁ... । କ୍ଷମା ପ୍ରାର୍ଥନା କରିବା ଲାଗି ଜେନେରାଲ ମ୍ୟାନେଜର କାହିଁକି ଆସିବେ ? ଅବଶ୍ୟ ତାଙ୍କୁ ଭେଟିଲେ ମୁଁ ଖୁସି ହେବି... ମୋର ଅନୁରୋଧ ଏ ଘଟଣା ଏତିକିରେ ଥାଉ... ସେଇ ଅଫିସରଙ୍କୁ କାର୍ଯ୍ୟରେ ନିଆଯାଉ... ବରଂ ସେ ଯଦି ସ୍ୱେଚ୍ଛାରେ ନିଶା ଛାଡ଼ି ଦିଅନ୍ତି ବଡ଼ ଭଲ ହୁଅନ୍ତା ।

ବାନାର୍ଜୀ ସାହେବ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ କୃତଜ୍ଞତା ଜଣାଇ ଖୋର୍ଦ୍ଧା ରୋଡ୍ ଫେରି ଆସି ସବୁ ଜଣାଇଲେ ଜେନେରାଲ ମ୍ୟାନେଜର ପି.ସି.ଭାଲ ସାହେବଙ୍କୁ । ସେ ସ୍ୱସ୍ତିର ନିଃଶ୍ୱାସ ଛାଡ଼ି କହିଲେ ବାନାର୍ଜୀ, ଏପରି ମହାନ୍ ଲୋକ ମୁଁ ଦେଖିନି...ତାଙ୍କୁ ନମସ୍କାର କରିବା ପାଇଁ ଅବଶ୍ୟ ମୁଁ କଟକ ଆସିବି ।

ନବବାବୁ ଆଉ ନାହାନ୍ତି । ସେତେବେଳର ଡି.ଟି.ଏସ୍. କାଳୀ ସାଧନ ବାନାର୍ଜୀ ଏବେ ବି ଅଛନ୍ତି । ସେ ମୋ ଆଗରେ ଏଇ ବୃତ୍ତାନ୍ତ ବର୍ଣ୍ଣନା କରି କହିଲେ ସତରେ ଏପରି ବ୍ୟକ୍ତି ଚିରକାଳ ନମସ୍ୟ ।

Digitized by srujanika@gmail.com

ପ୍ରଫେସର ନୁରୁଲହାସାନ

ପ୍ରଫେସର ସୟଦ ନୁରୁଲ ହାସାନ୍ ଆଉ ନାହାନ୍ତି । ସ୍ୱାଧୀନ ଭାରତରେ ଯେଉଁ ଅନ୍ୟ କେତେଜଣ ବୁଦ୍ଧିଜୀବୀ ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ନିଜର ବୌଦ୍ଧିକ ଉତ୍କର୍ଷଣ, ବିଚକ୍ଷଣ କୂଟନୀତି ଓ ସଚ୍ଚୋଟ ରାଜନୀତି ପାଇଁ ବହୁକାଳ ଜାତୀୟ ଜୀବନରେ ସ୍ମରଣୀୟ ହୋଇ ରହିବେ ସେମାନଙ୍କ ମଧ୍ୟରେ ସୟଦ୍ ନୁରୁଲ୍ ହାସାନ୍ ଅନ୍ୟତମ । ତାଙ୍କ ସହିତ ମୋର ପ୍ରଥମ ପରିଚୟ ହୁଏ କଲିକତା ରାଜଭବନରେ । ମୁଁ ସେତେବେଳେ ଦକ୍ଷିଣ ପୂର୍ବ ରେଳବାଇର ଅତିରିକ୍ତ ଜେନେରାଲ ମ୍ୟାନେଜର । ରାଜ୍ୟପାଳଙ୍କ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ଚା' ଭୋଜିରେ ଯୋଗ ଦେବାକୁ ଯାଉଥିଲି । ଆମେ ସେତେବେଳେ ଉତ୍କଳ ଶିକ୍ଷା ସଂସଦ ପକ୍ଷରୁ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍.ଏ. କ୍ଲାସ ଖୋଲିବା ପାଇଁ ଉଦ୍ୟମ କରୁଥାଉ । ଉତ୍କଳ ଶିକ୍ଷା ସଂସଦର ସଭାପତି ଭାବେ ତାଙ୍କୁ ଭେଟି ଆମନ୍ତ୍ରଣ କଲି ସଂସଦର ବାର୍ଷିକ ଉତ୍ସବକୁ । ଆମ ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତା ଧୀରେନ୍ଦ୍ରନାଥ ରାୟ ଥିଲେ ତାଙ୍କ ପୂର୍ବ ପରିଚିତ । ଆମଠାରୁ ଅନୁଷ୍ଠାନ ସମ୍ପର୍କରେ ଶୁଣି ସମ୍ମତି ଦେଲେ ଆସିବା ପାଇଁ, ଆମର ଅଭାବ ଅସୁବିଧା ସମ୍ପର୍କରେ ପଚାରିବାକୁ କଲିକତା ବିଶ୍ୱବିଦ୍ୟାଳୟର ଅନାଗ୍ରହରୁ ସେଠାରେ କିପରି ପୁନର୍ବାର ଓଡ଼ିଆ ଏମ୍.ଏ. କ୍ଲାସ ଖୋଲା ଯାଇ ପାରୁନାହିଁ ଏବଂ ବହୁ ବର୍ଷ ପୂର୍ବେ ଏଥିପାଇଁ ମିଳିଥିବା ସୋନପୁର ମହାରାଜାଙ୍କ ଦାନ ଉପଯୋଗ ନ ହୋଇ ପଡି ରହିଛି ତାହା ମଧ୍ୟ ଜଣାଇଥିଲୁ ।

ରବୀନ୍ଦ୍ର ସଦନରେ ଆୟୋଜିତ ବାର୍ଷିକ ଉତ୍ସବ ଶିକ୍ଷା ସଂସଦ ପକ୍ଷରୁ ପ୍ରଖ୍ୟାତ ଓଡ଼ିଆ କବି ଡ଼କ୍ଟର ସଚ୍ଚି ରାଉତରାୟଙ୍କୁ ସମ୍ବର୍ଦ୍ଧନା ଦେବା କାର୍ଯ୍ୟ ସୂଚୀରେ ଥିଲା । ଡ଼ଃ ରାଉତରାୟ ପ୍ରଫେସର ନୁରୁଲ ହାସାନଙ୍କ ହାତରୁ ମାନପତ୍ର ଓ ଉପହାର ଗ୍ରହଣ କରିଥିଲେ । ମୁଁ ମୋ ଭାଷଣରେ ଏବଂ ଧୀରେନ୍ଦ୍ର ବାବୁ ତାଙ୍କ ବିବରଣୀରେ କଲିକତା ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଖୋଲିବା ବିଷୟ ଉଲ୍ଲେଖ କରି ଏ ସମ୍ବନ୍ଧରେ ରାଜ୍ୟପାଳ ତଥା କୁଳାଧିପତି ସୁବିଚାର କରିବେ ବୋଲି ଆଶା ପ୍ରକାଶ କରିଥିଲେ । ରାଜ୍ୟପାଳ ତାଙ୍କ ଉଦ୍‌ବୋଧନରେ ଓଡ଼ିଶାର କୀର୍ତ୍ତି ଓ ସଂସ୍କୃତିର ଉଚ୍ଚ ପ୍ରଶଂସା କରି ଘୋଷଣା କଲେ ଯେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଏମ୍.ଏ. ଅବଶ୍ୟ ଖୋଲିବ ଏବଂ ସେଥିପାଇଁ ସେ ଉପକୁଳପତିଙ୍କୁ

Digitized by srujanika@gmail.com

ଏଉ ସଭାକୁ ସାଙ୍ଗରେ ଆଣିଛନ୍ତି । ଏହାର କେତେ ମାସ ପରେ ତାଙ୍କର ବଦଳି ହେଲା ଓଡ଼ିଶାକୁ । ମୁଁ ଏବଂ ମୋର ସ୍ତ୍ରୀ ତାଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କଲାବେଳେ ସେ ପୂର୍ବସ୍ମୃତି ଚାରଣ କରି କହିଲେ - 'ଅନୁଷ୍ଠାନ କେମିତି ଚାଲିଛି' ଓଡ଼ିଆ ଏମ୍.ଏ. ଖୋଲିଲା କି ନାହିଁ । ବିଶ୍ୱବିଦ୍ୟାଳୟ ପ୍ରଶାସନ ଟାଳଟୁଳ ନୀତି ଗ୍ରହଣ କରି ତାହା କିପରି ଅଟକାଇ ରଖିଥିଲେ ସେକଥା ଆମଠାରୁ ଶୁଣି ଦୁଃଖିତ ହେଲେ ରାଜ୍ୟପାଳ । ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସେଭଳି ପ୍ରଶଂସା କରୁଥିଲେ ।

ଆଉ ଦିନେ ମୁଁ ଏବଂ ବରେନ୍ଦ୍ର କୃଷ୍ଣ ଧଳ ତାଙ୍କୁ ଆମନ୍ତ୍ରଣ କରିବାକୁ ଗଲୁ ଭୁବନେଶ୍ୱର ପୁସ୍ତକମେଳା ଉଦ୍‌ଘାଟନ କରିବା ପାଇଁ । ଆମ ନିମନ୍ତ୍ରଣ ରକ୍ଷା କରିବାକୁ ସମ୍ମତି ଦେବା ପରେ ମଧ ସେ ପୁସ୍ତକ ପ୍ରକାଶନ ସମ୍ପର୍କିତ ବିଭିନ୍ନ ସମସ୍ୟା, ଲେଖକମାନଙ୍କର ରୟାଲଟି ଓ ଅନ୍ୟାନ୍ୟ ବିଷୟରେ ଦୀର୍ଘ ଆଲୋଚନା କଲେ । ସେ କହିଲେ ଖାଲି ଏଠାରେ ପ୍ରକାଶକମାନେ ଲେଖକମାନଙ୍କୁ ପ୍ରାପ୍ୟରୁ ବଞ୍ଚିତ କରୁ ନାହାନ୍ତି ସର୍ବତ୍ର ଏହି ରୋଗ ବ୍ୟାପିଛି । ତାଙ୍କ ନିଜ ଜୀବନର ଦୃଷ୍ଟାନ୍ତ ଦେଇ ସେ କହିଲେ ଯେ ଯେଉଁ ପ୍ରକାଶକମାନେ ତାଙ୍କୁ କାଣି କଉଡ଼ିଟିଏ ନ ଦେଇ ଏଡ଼ାଇ ଯାଉଥିଲେ ସେ ଭାରତର ଶିକ୍ଷାମନ୍ତ୍ରୀ ହେବା ପରେ ହାତରେ ଚେକ୍ ନେଇ ସେମାନେ କିପରି ତାଙ୍କୁ ଦେଖା କରିବାକୁ ଆସିଥିଲେ ତାହା ବର୍ଣ୍ଣନା କରି ହସରେ ଫାଟି ପଡ଼ିଥିଲେ ପ୍ରଫେସର ନୁରୁଲ ହାସାନ । ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବିଷୟ ଉଲ୍ଲେଖ କରି କହିଲେ - କେବଳ ସେତିକି ନୁହେଁ, ଏଇ ପ୍ରକାଶକମାନେ ଶ୍ରୀମତୀ ଗାନ୍ଧୀ କ୍ଷମତାଚ୍ୟୁତ ହେବା ପରେ ରୟାଲଟି ଦେବା ବନ୍ଦ କରି ଦେଇଥିଲେ । ସେହିଦିନ ସେ ଆହୁରି କହିଥିଲେ ଯେ ରୟାଲଟି ନ ଦେଲେ ଲେଖକମାନେ ଆରବିଟ୍ରେସନ ପାଇଁ ଆବେଦନ କରିବାର ଯେଉଁ ବ୍ୟବସ୍ଥା ଲିପିବଦ୍ଧ ହୋଇଛି ତାହା ସେ ଶିକ୍ଷାମନ୍ତ୍ରୀ ଥିଲା ବେଳେ ଅନୁମୋଦିତ ହୋଇଥିଲା ।

ପ୍ରଫେସର ନୁରୁଲହାସାନ ପୁସ୍ତକମେଳା ଉଦ୍‌ଘାଟନ କରି ଯେଉଁ ବକ୍ତୃତା ଦେଇଥିଲେ ତାହା ମନେ ରଖିବା ଭଳି । ସେ ଥିଲେ ଐତିହାସିକ, ଗବେଷକ, ସୁବକ୍ତା, ସୁଲେଖକ, ଅଧ୍ୟାପକ, କୂଟନୀତିଜ୍ଞ ତଥା ରାଜନୀତିଜ୍ଞ । ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଇତିହାସ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲାବେଳେ ୧୯୭୨ରୁ ୧୯୭୭ ପର୍ଯ୍ୟନ୍ତ ସେ ଶ୍ରୀମତୀ ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀଭାବେ ଯୋଗ ଦେଇଥିଲେ । ଏକାଧାରରେ ଏତେ ସୁଗୁଣ ଅତି କମ ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳେ । ସଂସ୍କୃତି ସଚେତନ ଅଧ୍ୟାପକ ହାସାନ ଅତିଥି ଚର୍ଚ୍ଚାରେ ଥିଲେ ଉଦାର । ସେ ରାଜ୍ୟପାଳ ଥିବା ସମୟରେ ଯେଉଁମାନେ ନିମନ୍ତ୍ରିତ ହୋଇ ଆସୁଥିଲେ ପ୍ରାତଃଭୋଜନ, ମଧ୍ୟାହ୍ନ ଭୋଜନ ବା ରାତ୍ରିଭୋଜନ ପାଇଁ ସେଥିରେ ପରସା ଯାଉଥିବା ଖାଦ୍ୟ ତାଙ୍କରି ନିର୍ଦ୍ଦେଶରେ ପ୍ରସ୍ତୁତ ହେଉଥିଲା । କବାବ, ସଂଦେଶ, ଚିକେନର ରୋଷ୍ଟ ଓ ଗୋଲାପ ଜାମୁକୁ ଭଲ ପାଉଥିଲେ ସେ । ଓଡ଼ିଶାର ରାଜ୍ୟପାଳ ଥିବା ସମୟରେ

Digitized by srujanika@gmail.com

ରେଳଯୋଗେ ଓଡ଼ିଶାର କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ପ୍ରଭୃତି ଜିଲ୍ଲାକୁ ଗସ୍ତରେ ଯାଉଥିଲେ ସେ । ୧୯୭୪ ମସିହାରେ ଓଡ଼ିଶା ରାଜ୍ୟପାଳଙ୍କ ଯେଉଁ ସେଲୁନ ରାଜ୍ୟ ସରକାର ରେଳବାଇକୁ ଫେରାଇ ଦେଇଥିଲେ ତାହା ଫେରି ପାଇବା ଲାଗି ସେ ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ବିଭିନ୍ନ ରାଜ୍ୟ ପାଇଁ ସେଲୁନ ରଖିବା ପରମ୍ପରା ସେତେବେଳକୁ ଉଠିଯାଇଥିବାରୁ ଏହା ଆଉ ସମ୍ଭବ ହେଲା ନାହିଁ । କିନ୍ତୁ ରାଜ୍ୟପାଳଙ୍କ ସୁବିଧା ପାଇଁ ରେଳବାଇ ଅନ୍ୟ ଏକ ସ୍ପେଶାଲ ସେଲୁନ ଯୋଗାଇ ଦେଇଥିଲେ ଏବଂ ପ୍ରତି ଗସ୍ତରେ ତାଙ୍କର ତତ୍ତ୍ୱ ନେବା ପାଇଁ ରେଳ କର୍ମଚାରୀ ଯାଉଥିଲେ ।

ନମ୍ରତା, ଭଦ୍ରତା ଓ ପାଣ୍ଡିତ୍ୟ ଭରି ପଡୁଥିଲା ତାଙ୍କର ବ୍ୟକ୍ତିତ୍ୱରୁ । ରାଜନୀତିରେ ରହି ମଧ୍ୟ ପଙ୍କରୁ ପଙ୍କଜର ସୃଷ୍ଟି ପରି ସେ ଥିଲେ ମାନବବାଦୀ ଉଚ୍ଚମନା, ସଂସ୍କୃତିବନ୍ତ ଓ ଉଦାର, ଭାରତୀୟ ଜୀବନଧାରାର ଉଜ୍ଜ୍ୱଳ ମୂର୍ତ୍ତିମନ୍ତ ପ୍ରତୀକ । ପଶ୍ଚିମ ବଙ୍ଗରେ ଦୁଇଥର ରାଜ୍ୟପାଳ ଏବଂ ଓଡ଼ିଶାରେ ଥରେ ସ୍ଥାୟୀ ଓ ଆଉଥରେ ଅସ୍ଥାୟୀ ରାଜ୍ୟପାଳ ଥିବା ସମୟରେ ସେ ଯେ ଜଣେ ଦୂରଦ୍ରଷ୍ଟା ରାଜନୀତିଜ୍ଞ ଓ ପ୍ରଶାସକ । ଏହାର ବହୁ ଦୃଷ୍ଟାନ୍ତ ରଖି ଯାଉଥିଲେ, ଜଣେ ସଚେତନ ସାମାଜିକ ସମତା, ଜାତୀୟ ଐକ୍ୟ ଓ ଅଖଣ୍ଡତାରେ ବିଶ୍ୱାସୀ ଜାତୀୟତାବାଦୀ ରାଜନୀତିଜ୍ଞ ଭାବେ ସେ ଯେ ବହୁକାଳ ପର୍ଯ୍ୟନ୍ତ ଜନମାନସକୁ ଅନୁପ୍ରାଣିତ କରିବେ ଏଥିରେ ସନ୍ଦେହ ନାହିଁ । ତାଙ୍କ ପରି ଜଣେ ଉତ୍ତମ ବ୍ୟକ୍ତିଙ୍କୁ ହରାଇ ଭାରତ ସତରେ ଦରିଦ୍ର ହୋଇ ଯାଇଛି । ଏଇ ଶୂନ୍ୟ ସ୍ଥାନ ଆଉ ସହଜରେ ପୂର୍ଣ୍ଣ ହେବ ନାହିଁ ।

ଜାତିଗତ ସଂକୀର୍ଣ୍ଣତା, ଧର୍ମଗତ ବିଦ୍ୱେଷ, ଆଞ୍ଚଳିକ ପାର୍ଥକ୍ୟ ମୌଳବାଦ ଓ ବିଚ୍ଛିନ୍ନତାବୋଧର ପ୍ରସାର ଜାତୀୟ ଜୀବନକୁ ଦୁର୍ବଳ କରୁଥିଲା ବେଳେ ତାଙ୍କର ତିରୋଧାନ ଅତ୍ୟନ୍ତ ଦୁଃଖଦାୟକ । ପ୍ରଫେସର ସୟଦ ନୁରୁଲ ହାସାନ ଜାତିର ଶ୍ରଦ୍ଧା ଓ ସମ୍ମାନର ଯୋଗ୍ୟ ସନ୍ତାନ ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ

ଭାରତର ଲୋକମାନେ ବହୁ ଭାଷାରେ କଥା କହନ୍ତି, ବହୁ ଧର୍ମ ଆଚରଣ କରନ୍ତି, ବହୁ ସଂସ୍କୃତି ସେମାନଙ୍କର ରୁଚି ଓ ଚଳଣିରେ ପ୍ରତିଫଳିତ; କିନ୍ତୁ ଏହା ସତ୍ତ୍ୱେ ସେମାନେ ସମସ୍ତେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଭାରତୀୟ । ବିଭିନ୍ନ ଭାବରେ ନିଜ ନିଜର ବିଶ୍ୱାସ ଅନୁସାରେ ପୂଜାର୍ଚ୍ଚନା ଓ ଉପାସନା କରନ୍ତି ସତ; କିନ୍ତୁ ପରସ୍ପର ମଧ୍ୟରେ ସେଥିପାଇଁ ଅବିଶ୍ୱାସ ବା ଅସଦ୍‌ଭାବ ରଖନ୍ତି ନାହିଁ । ଏଇ ପାରମ୍ପରିକ ଭାରତୀୟ ଜୀବନଧାରାରେ ସେଥିପାଇଁ ଯୁଗ ଯୁଗ ଧରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକତ୍ର ଭାଇ ଭାଇ ପରି ରହିବାର ଏକ ସହନଶୀଳ ଓ ଉଦାର ଦୃଷ୍ଟିକୋଣ ଚଳି ଆସିଛି । ଏଥିରୁ ଜନ୍ମ ନେଇଛି ସମନ୍ୱୟର ସ୍ୱର ଏବଂ ଭାରତର ସନାତନ ଧର୍ମଧାରା ବିଦେଶାଗତ ବହୁ ଧର୍ମଧାରା ଓ ବିଶ୍ୱାସର ସଂଘର୍ଷ ଓ ସଂଘାତ ନ ହୋଇ ସେସବୁର ଆଦାନପ୍ରଦାନ ଦ୍ୱାରା ଏକ ଭାରତୀୟ ରୁଚି ଓ ସଂସ୍କୃତି ଗଢ଼ି ଉଠିଛି ଯାହା ଭାରତୀୟ ନାମରେ ପରିଚିତ । ଜଣେ ଭାରତୀୟର ଏକମାତ୍ର ପରିଚୟ ଏହି ଯେ, ସେ ହିନ୍ଦୁ, ମୁସଲମାନ ବା ବୌଦ୍ଧ ସତ୍ତ୍ୱେ ସେ ଭାରତୀୟ । ଏଇ ଭାରତୀୟତ୍ୱ ଜନମାନସରେ ପ୍ରତିଫଳିତ ଓ ଆଚରଣରେ ଆଦୃତ ହେଉଥିବା ଯାଏ ବହୁ ବିଭାଜନ ଓ ପାର୍ଥକ୍ୟ ସତ୍ତ୍ୱେ ଭାରତୀୟତ୍ୱ ସେମାନଙ୍କୁ ବାନ୍ଧି ରଖିବ ଗୋଟିଏ ମାଳରେ ବହୁପ୍ରକାର ଫୁଲ ଗୁନ୍ଥି ହୋଇ ରହିବା ପରି । ତେଣୁ ମନ୍ଦିର ମସ୍‌ଜିଦ, ଗୀର୍ଜା ଓ ଗୁରୁଦ୍ୱାର ପାଖେ ପାଖେ ରହିବାରେ ବାଧା ଉପୁଜି ନାହିଁ କି ଖେତଖମାରେ, କଳକାରଖାନାରେ, ଶିକ୍ଷାୟତନ ବା ହାଟ ବଜାରରେ ଜାତି, ଧର୍ମ, ଭାଷା ଅନୁସାରେ ଭିନ୍ନ ଭିନ୍ନ କୋଠରୀ ଗଢ଼ି ଉଠିନାହିଁ । ମସ୍‌ଜିଦ୍ ଗଢ଼ିବା ପାଇଁ ଏପରି ଅନ୍ୟ ଜାତିର କାରିଗର କାମ କରିଛନ୍ତି, ମନ୍ଦିର ଗଢ଼ିବା ଲାଗି ସେହିପରି ଅନ୍ୟମାନେ ଶ୍ରମ ବା ଅର୍ଥ ଦାନ କରିବା ସକାଶେ କୁଣ୍ଠା କରିନାହାନ୍ତି । କିନ୍ତୁ ଏବେ ଏଇସବୁ ବାହ୍ୟ ବିଭାଜନ ଦ୍ୱାରା ମନର ବିଭାଜନ ଘଟାଇବା ଲାଗି ଉଦ୍ୟମ ହେଉଥିବାରୁ ଧର୍ମ ନାମରେ ଭାଷା ବା ସଂସ୍କୃତି ନାମରେ ମାରପିଟ ହାଣକଟା ଚାଲିଛି । ତଥାପି ଭାରତୀୟ ଜୀବନଧାରା ଫିଲ୍ଗୁର ଧାରା ପରି କେତେବେଳେ ଦୃଶ୍ୟମାନ ତ ଆଉ କେତେବେଳେ ଅଦୃଶ୍ୟ ହେଲେ ବି ତାହା ଲୋପ ପାଇଯାଇନାହିଁ । ଏହି ପରିପ୍ରେକ୍ଷୀରେ ଯେତେବେଳେ ଖଡ଼ଗପୁର ପରି ଭାରତର ସର୍ବବୃହତ୍ ରେଳବାଇ ବସତିରେ

Digitized by srujanika@gmail.com

ଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରତିଷ୍ଠା କରି ବହୁଲୋକଙ୍କର ବହୁ ଦିନର ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ପ୍ରସ୍ତାବ ଆସିଲା ଏଠାରେ କାମ କରୁଥିବା ପଚିଶ ହଜାର କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ ନେଇ ଚଳପ୍ରଚଳ ହେଉଥିବା ଲକ୍ଷେ ଲୋକଙ୍କର ସହମତି ସ୍ୱତଃସ୍ଫୂର୍ତ୍ତ ଭାବରେ ମିଳିଲା । ଅଣୀ ମସିହାରେ ଜଗନ୍ନାଥ ମନ୍ଦିର ନିର୍ମାଣ ସମିତି ଗଠିତ ଏବଂ ଚାନ୍ଦା ଆଦାୟ ଆରମ୍ଭ ହେଲା । ମୁଁ ସେତେବେଳେ କଲିକତାରୁ ଆସି ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥାଏ । ଏହାର କେତେବର୍ଷ ପୂର୍ବରୁ ୧୯୬୨ରୁ ୧୯୬୫ ତିନିବର୍ଷରୁ କିଛି ଅଧିକ ସମୟ ମୁଁ ଖଡ଼ଗପୁରରେ ଡ଼ିଭିଜନାଲ ପର୍ସୋନେଲ ଅଫିସର ଭାବରେ କାର୍ଯ୍ୟ କରିଥିଲି । ସେତେବେଳେ ସବୁ ଧର୍ମ, ଜାତି ଓ ଭାଷାର ଲୋକମାନଙ୍କ ସହିତ ଏକତ୍ର ବନ୍ଧୁ ଭାବରେ ରହିବା ଓ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା ରେଲବାଇ ବସତି ଗୁଡିକରେ । ଦେଶର ବିଭିନ୍ନ ସ୍ଥାନ, ଭିନ୍ନ ଭିନ୍ନ ଜାତି, ଧର୍ମ, ବିଶ୍ୱାସ ଓ ଭାଷାର ଲୋକମାନେ ଦୀର୍ଘକାଳ ଧରି ବନ୍ଧୁ ଭାବରେ ରହି ଆସୁଥିବାରୁ ସେମାନଙ୍କର ଗୋଷ୍ଠିଗତ ବା ଧର୍ମଗତ ପରିଚୟ ପରିବର୍ତ୍ତେ ସେମାନେ ସମସ୍ତେ ଯେ, ରେଳବାଇ କର୍ମଚାରୀ ଏଇ ପରିଚୟ ସାବ୍ୟସ୍ତ ହୋଇଥାଏ । ଧର୍ମ ବା ଭାଷା ଗୌଣ ଓ ବ୍ୟକ୍ତିଗତ ହୋଇ ରହିଯାଏ । ତେଣୁ ଏଇ ପଟ୍ଟଭୂମିରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପାଇଁ ଇଚ୍ଛାର ଅଭାବ ଯେପରି ହେଲା ନାହିଁ, ବିଭିନ୍ନ ସୂତ୍ରରୁ ସହଯୋଗ ମିଳିବାର ନିଶ୍ଚିତ ପ୍ରତିଶ୍ରୁତି ମଧ୍ୟ ମିଳିଲା । ମନଥିଲେ ସିନା ଧନ ମିଳେ, କିନ୍ତୁ ବାଧା ଆସିଲା ରେଳବାଇ ପ୍ରଶାସନ ପକ୍ଷରୁ । ରେଳବାଇ ଜମିରେ ପୂର୍ବରୁ ବହୁ ଧର୍ମାନୁଷ୍ଠାନ ଗଢ଼ି ଉଠିଥିଲେ ସୁଦ୍ଧା ଜଗନ୍ନାଥ ମନ୍ଦିର ପାଇଁ ଜମି ମଂଜୁର କରିବା ପାଇଁ ଆବେଦନ ବିଚାର ହେଲା ବେଳକୁ ସରକାରୀ ଜମି ଆଉ କୌଣସି ଧର୍ମାନୁଷ୍ଠାନକୁ ଦିଆଯିବ ନାହିଁ ବୋଲି ନୀତି ନିର୍ଦ୍ଧାରିତ ହୋଇ ସାରିଥିଲା । ତେଣୁ ପ୍ରଶାସନିକ ସୂତ୍ରରେ ବା ପାର୍ଲାମେଣ୍ଟ ସଦସ୍ୟଙ୍କ ସହାୟତାରେ ଚେଷ୍ଟା କରି ମଧ୍ୟ କିଛି ସୁଫଳ ମିଳିଲା ନାହିଁ । ବରଂ ସେତେବେଳର ଜଣେ ଓଡ଼ିଆ କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଲେ ଯେ, ଜଗନ୍ନାଥ ମନ୍ଦିର ନିର୍ମାଣ ସମିତି ନାମରେ ଏଇ କାର୍ଯ୍ୟ କରାଗଲେ ବିରୋଧ ନାହିଁ । ତାହାହିଁ ହେଲା । ନାମ ବଦଳ କରାଗଲା ଏବଂ ସେହି ନାମ ରେଜେଷ୍ଟ୍ରି କରି ଜାଗା ପାଇଁ ପୁଣିଥରେ ଦରଖାସ୍ତ କରାଗଲା । ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା । ଏ ମଧ୍ୟରେ ଦିନେ ଭକ୍ତମାନେ ମିଳି ଉତ୍କଳ ବାଦ୍ୟାପୀଠ ନିକଟରେ ଖାଲିଥିବା ପଡ଼ିଆରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଫଟୋ ରଖି ପୂଜାର୍ଚ୍ଚନା ଆରମ୍ଭ କରିଦେଲେ । ଜଗନ୍ନାଥ ଖୋଲା ଆକାଶ ତଳେ କିପରି ରହିବେ ବୋଲି ରାତା ରାତି ଅସ୍ଥାୟୀ ଗୃହଟିଏ ବି ନିର୍ମିତ ହେଲା ।

୧୯୮୫ ବେଳକୁ ମୁଁ ପୁଣି ବଦଳି ହୋଇ କଲିକତା ଆସିଲି । ଡ଼ିଭିଜନାଲ ମେନେଜର ଜେ.ବି.କୁମାର ମୋତେ କହିଲେ ଯେ, ଏପରିଭାବେ ଜମି ଜବର ଦଖଲ

Digitized by srujanika@gmail.com

କରିବା ଠିକ୍ ହେଲା ନାହିଁ । ସେତେବେଳେ ମୁଁ ସଭାପତି ଓ ଓଡ଼ିଆ ଅଫିସର ଶ୍ରୀ ଲକ୍ଷ୍ମୀଧର ବେହେରା ସଂପାଦକ ଓ ଉଦୟନାଥ ମାଝି କୋଷାଧ୍ୟକ୍ଷ ଥିଲୁ । ଅଫିସରମାନେ ଆଇନ ରକ୍ଷା କରିବା କଥା, କିନ୍ତୁ ସେମାନେ ଆଇନ ଭାଙ୍ଗିବେ କିପରି ? ଏଇ ପ୍ରଶ୍ନ ଉପରିସ୍ଥମାନେ ପଚାରିବାରୁ ଆମେ କୌଶଳ କରି କମିଟିରୁ ବାହାରିଯାଇ ନୂତନ କର୍ମକର୍ତ୍ତା ନିର୍ବାଚିତ କଲୁ ଓ ପଛରେ ରହି କାମ କଲୁ । ମନ୍ତ୍ରଣା ଚାଲି ଶେଷରେ ସ୍ଥିର ହେଲା ଯେ, ଜମି ମିଳୁ ବା ନମିଳୁ ଜଗନ୍ନାଥ ମନ୍ଦିର ନିଶ୍ଚୟ ତିଆରି ହେବ । ଜଣେ ସ୍ଥାନୀୟ ବୃଦ୍ଧା ବିଧବା ମନ୍ଦିର ନିର୍ମାଣ କରିବା ପାଇଁ ଅର୍ଥ ଦେବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଲେ । ଧନ୍ୟ କହିବା ମେକାନିକାଲ ଇଂଜିନିୟର ଲକ୍ଷ୍ମୀଧର ବେହେରା ବାବୁଙ୍କୁ ତାଙ୍କର ଓ ତାଙ୍କ ସହକର୍ମୀମାନଙ୍କ ସହଯୋଗ ଦ୍ୱାରା ରାତାରାତି ମନ୍ଦିର ନିର୍ମିତ ହେଲା । ସକାଳେ ପଡିଆରେ ଇଟା କାନ୍ଥ ଓ ଟିଣ ଛପର ମନ୍ଦିରରେ ତିନି ଠାକୁର ଶୋଭା ପାଉଥିବା ଦେଖି ପ୍ରବଳ ଉତ୍ସାହ ଖେଳିଗଲା ଲୋକମାନଙ୍କ ମଧ୍ୟରେ । ନୂତନ ମନ୍ଦିରରେ ଠାକୁରମାନଙ୍କ ପ୍ରତିଷ୍ଠା ପର୍ବ ବୈଦିକ ରୀତିରେ ଅନୁଷ୍ଠିତ ହେଲା ଏବଂ ସେହିବର୍ଷଠାରୁ ରଥଯାତ୍ରା କରିବା ଲାଗି ନିଷ୍ପତ୍ତି ହେଲା । ୧୯୮୬ରୁ ଏଯାବତ୍ ରଥଯାତ୍ରା ମହା ଉତ୍ସାହର ସହିତ ଚାଲି ଆସୁଛି ଏବଂ ଚାଲିବ ।

ମନ୍ଦିର ନିର୍ମାଣ କରି ଠାକୁର ପ୍ରତିଷ୍ଠିତ ହେବା ପରେ ପୁଣି ପୂର୍ବ କମିଟିରୁ ଇସ୍ତଫା ଦେଇଥିବା ଅଫିସରମାନେ ନୂତନ କମିଟିକୁ ଫେରି ଆସିଲେ ଏବଂ ଜଗନ୍ନାଥ ସଂସ୍କୃତି ସମିତିର ଦାୟିତ୍ୱ ଗ୍ରହଣ କଲେ । ଏବେ ଗତ ସାତ ଆଠ ବର୍ଷ ହେଲା ଖଡ଼ଗପୁରରେ ଜଗନ୍ନାଥଙ୍କ ରଥଯାତ୍ରା ଯଥାରୀତି ପାଳିତ ହେଉଛି ଏବଂ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଲୋକମାନେ ଏଇ ସାର୍ବଜନୀନ ଉତ୍ସବରେ ମହା ଉତ୍ସାହର ସହିତ ପ୍ରତିବର୍ଷ ଯୋଗ ଦିଅନ୍ତି । ଏହାହିଁ ଜଗନ୍ନାଥ ଚେତନା ଏବଂ ଏଇ ଚେତନାରୁ ଜଗନ୍ନାଥ ସଂସ୍କୃତିର ଜନ୍ମ । ସେଥିପାଇଁ ଜଗନ୍ନାଥ ସଂସ୍କୃତି ଓ ସନାତନ ଧର୍ମର ପ୍ରସାର ପାଇଁ କେବେହେଲେ ଯୁଦ୍ଧ କରିବାକୁ ପଡ଼ିନାହିଁ । ବାଧ୍ୟବାଧକତା କରାଯାଇନି, ଏବଂ ସ୍ୱେଚ୍ଛାରେ ସାଇବେଗ ପରି ଲୋକ ଆଗେଇ ଆସିଛନ୍ତି ଜଗନ୍ନାଥଙ୍କୁ ନିଜର କରିନେବା ପାଇଁ । ଲକ୍ଷ୍ମୀଧର ବେହେରା, ଉଦୟନାଥ ମାଝିଙ୍କ ପରି ଅଫିସର ଭକ୍ତ ବାହାରି ପଡ଼ିଛନ୍ତି ଏସବୁ କରିବା ପାଇଁ ।

ଖଡ଼ଗପୁର ପରି ବଡ଼ ଓ ଛୋଟ ବହୁ ସହର, ବହୁ ରେଳବାଇ ବସତି ଅଛି ଭାରତବର୍ଷରେ । ଅସଂଖ୍ୟ ଗ୍ରାମଅଛି ସବୁଠାରେ ଏଇ ଚେତନାର, ମିଳିମିଶି ଚଳିବାର, ଭ୍ରାତୃତ୍ୱ ସ୍ଥାପନ କରିବାର ଆଗ୍ରହ ଓ ଇଚ୍ଛା ପ୍ରବଳ ହେଲେ ମନ୍ଦିର ମସଜିଦ୍ ଗୁରୁଦ୍ୱାର ଓ ଗୀର୍ଜା ସହଜରେ ତିଆରି ହୁଏ । ଜଟଣୀର ରେଡଙ୍ଗକଲୋନୀରେ ମସ୍‌ଜିଦ୍ ତିଆରି ହେଲେ ଏଇ ଚେତନା ସଂପ୍ରସାରିତ ହେବା ଫଳରେ ଦିନେ ଡିଭିଜନାଲ ମ୍ୟାନେଜର କହିଲେ ସାର୍ ଆପଣ ତ ସଂଘର ସଭାପତି, ଆପଣ ଯାହା କରିବେ ମୁଁ ତାର ବିରୋଧ କରିବି କିପରି ଆପଣଙ୍କ ଲୋକ ତ ଆଗେଇ ଚାଲିଛନ୍ତି । ପ୍ରଶାସନ ପକ୍ଷରୁ ମୁଁ ବାଧା

Digitized by srujanika@gmail.com

ଦେବିନି, କାମ ଚାଲୁ । ସେଇଦିନୁ କାମ ଚାଲିଛି । ଜଗନ୍ନାଥ ମନ୍ଦିରରେ ସବୁ ପର୍ବପର୍ବାଣୀ ପାଳିତ ହେଉଛି, ଦିନକୁ ଦିନ ଭକ୍ତ ଓ ଆର୍ତ୍ତ ଅର୍ଥାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସର୍ବସାଧାରଣଙ୍କ ଏଇ ଜାଗାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର କେହି ବିରୋଧ କରି ନାହିଁ । ବରଂ ଏଥିରେ ସମସ୍ତେ ସହାୟକ ହୋଇଛନ୍ତି ।

ସେହିପରି ଦିନେ ଗଢ଼ି ଉଠିଥିଲା ଜଟଣୀର ମାତୃମନ୍ଦିର । ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନରେ ବିଶ୍ୱାସୀ ପରମଭକ୍ତ ଓ ଗୁଣୀ ନିମାଇଁ ଚରଣ ମହାପାତ୍ର ଖୋର୍ଦ୍ଧାରୋଡ ରେଳବାଇ ଡିଭିଜନରେ ଆକାଉଣ୍ଟସ୍ ଅଫିସର ଥିବା ବେଳେ ଆରମ୍ଭ କରିଥିଲେ ଏଇ କେନ୍ଦ୍ର । ବେଞ୍ଜାମିନ ମହାନ୍ତି ଖ୍ରୀଷ୍ଟିଆନ, କିନ୍ତୁ ସେ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଥିବା ବେଳେ ରେଳବାଇ ଜମି ମଂଜୁରି କରିଥିଲେ, ମାତୃମନ୍ଦିର ସ୍ଥାପନ ପାଇଁ । ମୁଁ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ହେବା ପରେ ୧୯୭୪ରେ ଆହୁରି କିଛି ଜମି ମଂଜୁର କରିଥିଲି ଏହାର ସମ୍ପ୍ରସାରଣ କରିବା ପାଇଁ । ମାତୃମନ୍ଦିର ପ୍ରତିଷ୍ଠିତ ହେଲା, କିନ୍ତୁ ଶ୍ରୀ ଅରବିନ୍ଦଙ୍କ ଦେହାବଶେଷ ଆସି ପାରିଲା ନାହିଁ । ସେଥିପାଇଁ ଯେଉଁ ନକ୍ସା ତିଆରି କରାଗଲା ତାହା ରେଳବାଇ ମଞ୍ଜୁର କଲେ ନାହିଁ । ପ୍ରାୟ ପନ୍ଦରବର୍ଷ ଚିଠିପତ୍ର ଚାଲିଲା, ଉପରୁ ଓ ତଳୁ ଚାପ ପ୍ରୟୋଗ କରାଗଲା । ହେଲା ନାହିଁ ।

ରେଳବାଇ ବୋର୍ଡ କହିଲେ ଡିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଧିକାର ନାହିଁ ଜମି ହସ୍ତାନ୍ତର କରିବା ପାଇଁ । ଏଣେ ରେଲିକ୍ସ ସ୍ଥାପିତ ନହେଲେ ଅଗଣିତ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହେବ ନାହିଁ । ପଣ୍ଡିଚେରୀ ଆଶ୍ରମର ବାବାଜୀ ମହାରାଜ ଶ୍ରୀରାମକୃଷ୍ଣ ଦାସ ଆଶୀର୍ବାଦ କଲେ - କାମ ନିଶ୍ଚୟ ହେବ- ଉଦ୍ୟମ କର । କାର୍ତ୍ତିକେଶ୍ୱର ପାତ୍ର ଲୋକସଭାର ସଦସ୍ୟ ହେଲେ । ଡେପୁଟି ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ କେ.ସି.ସାହୁ ଓ ପରିବହନ ନୀରିକ୍ଷକ ସ୍ୱାଇଁବାବୁ ତାଙ୍କୁ କହିଲେ । ସେ ରେଳବାଇ ବୋର୍ଡ ମନ୍ତ୍ରଣାଳୟରେ ଆଲୋଚନା କଲେ ପୁନର୍ବାର ସେଇ ପ୍ରଶ୍ନ ଉଠିଲା । ଧର୍ମ ନାମରେ ଜମି ଦିଆଯିବ ନାହିଁ- ଏହା ସରକାର ସିଦ୍ଧାନ୍ତ କରିଛନ୍ତି । ନାମ ବଦଳ କରି ଆମେ କହିଲୁ ମାତୃଭବନ ଏକ ସାଂସ୍କୃତିକ କେନ୍ଦ୍ର, ସମସ୍ତଙ୍କ ପାଇଁ ଏହାର ଦ୍ୱାର ଉନ୍ମୁକ୍ତ । ଏଠାରେ ଥିବା ସ୍କୁଲରେ ସମସ୍ତଙ୍କ ପୁଅ ଝିଅ ପଢ଼ନ୍ତି । ପ୍ରକୃତରେ ତ' ଶ୍ରୀଅରବିନ୍ଦ କୌଣସି ଧର୍ମ ପ୍ରଚାର କରି ନଥିଲେ । ସେ ଥିଲେ ଏକ ନୂତନ ତତ୍ତ୍ୱର ପ୍ରବକ୍ତା । ବିବର୍ତ୍ତନ ବଳରେ ମଣିଷ ଯଦି ବର୍ତ୍ତମାନର ଅବସ୍ଥାକୁ ଆସିପାରିଲା ସେଇ ବିବର୍ତ୍ତନ ଯୋଗୁ ଏଇ ପୃଥିବୀରେ ଦିନେ ଅତିମାନସ ଶକ୍ତିର ଅଭ୍ୟୁଦୟ ଘଟିବ । ଜଣେ ନିର୍ବାଣ ଲାଭକଲେ ସମାଜ ବଦଳିବ ନାହିଁ, ଜୀବ ଓ ଜଡ଼ ଜଗତର ସାମଗ୍ରିକ ରୂପାନ୍ତର ଆବଶ୍ୟକ । କାର୍ତ୍ତିକେଶ୍ୱର ବାବୁ ଲାଗିପଡ଼ିଲେ ଏବଂ ରେଳବାଇ ମନ୍ତ୍ରଣାଳୟ ୧୯୯୨ରେ ଜମି ମଞ୍ଜୁର କଲେ ଏବଂ କହିଲେ ଯେଉଁ ଅଫିସର ମାନେ ପୂର୍ବରୁ ଅଧିକାର ବହିର୍ଭୂତ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଦଣ୍ଡ ଦିଆଯାଉ । ବେଞ୍ଜାମିନ ମହାନ୍ତି ବା ମୁଁ ଆଉ କେହି ଚାକିରିରେ ନାହୁଁ,

Digitized by srujanika@gmail.com

ତେଣୁ କୌଣସି ଦଣ୍ଡାଦେଶର ବାହାରେ । ଜଟଣୀର ମାତୃଭବନରେ ଶ୍ରୀଅରବିନ୍ଦଙ୍କ ରେଲିକ୍ସ ବା ଦେହାବଶେଷ ସ୍ଥାପନ କରି ଜନମାନସରେ ନୂତନ ସ୍ପୃହା ଓ ସମର୍ପଣ ଭାବ ସୃଷ୍ଟି କରିବା ପଥକୁ ସୁଗମ କରିବା ପାଇଁ ଏବେ ଉଦ୍ୟମ ଚାଲିଛି ।

ମୋ କାର୍ଯ୍ୟକାଳ ମଧ୍ୟରେ ଏହିପରି ବହୁ ମନ୍ଦିର ପ୍ରତିଷ୍ଠିତ ହୋଇଛି । ପଲାସା, ଜଟଣୀ, ଭଦ୍ରକ ଓ ଅନ୍ୟତ୍ର । ମନ୍ଦିର, ଗୀର୍ଜା ଓ ଗୁରୁଦ୍ୱାର ଓ ମସ୍‌ଜିଦ୍ ପ୍ରତିଷ୍ଠା କଲେ ଧର୍ମ ଚେତନା ବଢ଼େ ଏବଂ ଧର୍ମର ସାର୍ବଜନୀନ ଏକତ୍ରୀକରଣ ଶକ୍ତି ବଳରେ ବହୁ ମଣିଷ ବାଡ଼ ଭାଙ୍ଗି ଏକତ୍ର ହୁଅନ୍ତି । ଏଇ ଏକତ୍ରୀକରଣରୁ ହିଁ ସମାଜର ଓ ସମୂହର ରୂପାନ୍ତର ମଧ୍ୟ ଏଇ ସାର୍ବଜନୀନ ଏକତ୍ରୀକରଣରୁ ସମ୍ଭବ ହେବ । ଗୀତାରେ ଭଗବାନ କହିଛନ୍ତି- ଯେ, 'ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ । ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ' । ମୋତେ ଯିଏ ଯେପରି ଭାବେ ଡାକେ ମୁଁ ତାକୁ ସେହିପରି ପ୍ରାପ୍ତ ହୁଏ । ମନୁଷ୍ୟମାନେ ନିଜ ନିଜ ବାଟରେ ଆସି ଶେଷରେ ମୋ ପାଖରେ ପହଞ୍ଚନ୍ତି ।

Digitized by srujanika@gmail.com

ରିଲିଫ

ମଣିଷ ସାମାଜିକ ପ୍ରାଣୀ ଭାବରେ ସଂଗଠିତ ହେଲା ଦିନୁ ବିପଦ ଆପଦରେ ଅନ୍ୟମାନଙ୍କୁ ସାହାଯ୍ୟ, ସହାନୁଭୂତି ପ୍ରତ୍ୟାଶା କରେ । ସମାଜ ଯେତିକି ସଂଗଠିତ ହେଉଛି ଓ ଶାସନ ଯେତିକି ଜନକଲ୍ୟାଣ ଅଭିମୁଖୀ ହେଉଛି ଦୁଃସ୍ଥ ଓ ଦୁର୍ଗତ ମାନେ ସେତିକି ପ୍ରତିବେଶୀ, ବନ୍ଧୁ, ଜନସାଧାରଣଙ୍କ ସହାନୁଭୂତି ସହିତ ସମାଜ ଓ ଶାସନର ସହାୟତା କାମନା କରୁଛନ୍ତି । ପୂର୍ବେ ବନ୍ୟା, ବାତ୍ୟା ଦୁର୍ଭିକ୍ଷ, ମହାମାରୀ, ଭୂମିକମ୍ପ ପ୍ରଭୃତି ଦୈବଦୁର୍ବିପାକର ରୂପ ଆହୁରି ଭୟଙ୍କର ଥିଲା । ମଣିଷକୃତ ବିପଦ ମଧ୍ୟ କମ୍ ନ ଥିଲା । ଯୁଦ୍ଧର ବିଭୀଷିକା ମଣିଷ ସମାଜକୁ ଅକଥନୀୟ ଦୁଃଖ ଶୋକ ଭିତରକୁ ଠେଲି ଦେଉଥିଲା । କିନ୍ତୁ ସେତେବେଳେ ସମାଜ ଏତେ ସଂଗଠିତ ବା ଅନୁଷ୍ଠାନମାନେ ଏତେ ଶକ୍ତିଶାଳୀ ନଥିଲେ ବା ଜନକଲ୍ୟାଣ ଶାସନର ପ୍ରଧାନ ଆଭିମୁଖ୍ୟ ନଥିବାରୁ ଦୈବୀ ବା ମଣିଷକୃତ ବିପଦ ସମୟରେ ଦୁଃସ୍ଥ ଓ ଦୁର୍ଗତମାନେ ଭାଗ୍ୟ ଆଦରି ସେ ସବୁ ସହି ଯାଉଥିଲେ ବା ପ୍ରତିବେଶୀ, ଆତ୍ମୀୟ ବନ୍ଧୁମାନଙ୍କଠାରୁ ଯେତିକି ସାହାଯ୍ୟ ମିଳିଲା ସେତିକିରେ ସନ୍ତୁଷ୍ଟ ରହୁଥିଲେ ।

ଗଣତାନ୍ତ୍ରିକ ସମାଜ ଓ ଶାସନ ବ୍ୟବସ୍ଥା ପ୍ରଚଳନ ହେବା ଫଳରେ ସମାଜ ଓ ଶାସନର ପରିଚାଳନା ସହିତ ସେମାନେ ପ୍ରତ୍ୟକ୍ଷ ଭାବେ ସଂଶ୍ଳିଷ୍ଟ ହୋଇଗଲେ । ସମାଜ ଓ ଶାସନ ସହିତ ଜନସାଧାରଣଙ୍କ ଏହି ପ୍ରତ୍ୟକ୍ଷ ସଂପର୍କ ସେମାନଙ୍କର ମନରେ ନୂତନ ପ୍ରତ୍ୟାଶା ସଂଚାର କଲା । ଯେଉଁସବୁ ବିପଦର ସାମନା କରିବା ସେମାନଙ୍କ ପକ୍ଷେ ସମ୍ଭବ ନଥିଲା, ସେସବୁ ବିପଦରେ ପଡ଼ିବା କ୍ଷଣି ସେମାନେ ସେଥିରୁ ତ୍ରାହି ପାଇବା ଆଶାରେ ସାମାଜିକ ସଂଗଠନ ଓ ପ୍ରଶାସନର ସାହାଯ୍ୟ ଓ ସହାୟତା ଭିକ୍ଷା କରିବାକୁ ଲାଗିଲେ । ଗଣତାନ୍ତ୍ରିକ ଅଧିକାରବୋଧ ସହିତ ଶାସନ ସହିତ ସଂପୃକ୍ତ ହେବାର ମର୍ଯ୍ୟାଦାବୋଧ ସେମାନଙ୍କ ମନରେ ଦାବି କରିବାର ଅସ୍ପୃହା ସୃଷ୍ଟି କଲା । ଫଳରେ ପୂର୍ବେ ସେମାନେ ଯେପରି ସାହାଯ୍ୟ ଭିକ୍ଷା କରୁଥିଲେ, ଏବେ ତାହା ସେମାନଙ୍କର ଦାବି ଭାବରେ ଉପସ୍ଥାପିତ ହେଉଛି ।

ସ୍ୱାଧୀନତା ପୂର୍ବରୁ ଆଇନ ଶୃଙ୍ଖଳା ରକ୍ଷା କରିବା ଥିଲା ପ୍ରଶାସନର ପରମ ଲକ୍ଷ୍ୟ । ଏବେ ଏହି ଲକ୍ଷ୍ୟ ଠାରୁ ଆହୁରି ଅଗ୍ରାଧିକାର ପାଇଛି ଜନକଲ୍ୟାଣ କାର୍ଯ୍ୟ । ଜନସାଧାରଣଙ୍କ

Digitized by srujanika@gmail.com

ସାମଗ୍ରିକ ବିକାଶ ନିମନ୍ତେ ସରକାର କେବଳ ସଂକଳ୍ପବଦ୍ଧ ନୁହନ୍ତି, ସେଇ ସଂକଳ୍ପର ସଫଳ ରୂପାୟନ ଦକାଶେ ନାନାବିଧ ଉନ୍ନତିମୂଳକ କାର୍ଯ୍ୟ ସହିତ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଆଗେ ଲୋକମାନେ ଭାଗ୍ୟର ବିଡ଼ମ୍ବନା ବୋଲି ଯାହା ସହ୍ୟ କରି ଯାଉଥିଲେ, ଏବେ ସେପରି ଅବସ୍ଥାରେ ସେମାନଙ୍କୁ ସାହାଯ୍ୟ ଯୋଗାଇ ସେମାନଙ୍କର ଦୁଃଖ ମୋଚନ କରିବା ସରକାରଙ୍କ ଦାୟିତ୍ୱ ବୋଲି ସେମାନେ ଭାବୁଛନ୍ତି । ତେଣୁ ବିପଦ ପଡ଼ିବା କ୍ଷଣି ତାହାର ସାମନା ନ କରି ସରକାର ବା ସାମାଜିକ ଅନୁଷ୍ଠାନ ମାନଙ୍କର ସାହାଯ୍ୟ ପାଇଁ ଅପେକ୍ଷା କରନ୍ତି । ଏହି ସାହାଯ୍ୟ ବା ରିଲିଫ ଆସିବାରେ ସାମାନ୍ୟ ବିଳମ୍ବ ହେଲେ ବା ଏହାର ପରିମାଣ ବା ବଣ୍ଟନରେ ଅବହେଳା ବା ପାତର ଅନ୍ତର ଦେଖାଗଲେ ଏଥିରୁ ନାନା ବାଦ ବିସମ୍ବାଦ କେବଳ ସୃଷ୍ଟି ହେଉନାହିଁ, ଏହା ରାଜନୈତିକ ରୂପ ନେଉଛି । ଫଳରେ ଯେଉଁଦଳ ଶାସନରେ ଅଛନ୍ତି ବନ୍ୟା,ବାତ୍ୟା, ବା ମହାମାରୀ ସମୟରେ ଆସୁଥିବା ସାହାଯ୍ୟ ବଣ୍ଟନରେ ଯଦି ଟିକେ ଶିଥିଳତା ବା ଅପାରଗତା ପ୍ରଦର୍ଶନ କରନ୍ତି ତେବେ ସରକାର ଅନ୍ୟାନ୍ୟ ଦଳମାନଙ୍କର ସମାଲୋଚନାର ଶରବ୍ୟ ହୁଅନ୍ତି । ବିପଦ ଉପସ୍ଥିତ ହେବା କ୍ଷଣି ସାହାଯ୍ୟ ଲୋକମାନଙ୍କ ପାଖରେ ପହଞ୍ଚିବା ଦରକାର । କ୍ଷୟକ୍ଷତିର ଅଟକଳ କରି ସାହାଯ୍ୟ ଯୋଗାଇଦେବା ସମୟ ସାପେକ୍ଷ । ତେଣୁ ବନ୍ୟା ବା ବାତ୍ୟା ହେଲା କ୍ଷଣି ଆକାଶ ମାର୍ଗରୁ ବା ଦୁର୍ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ସମ୍ପର୍କରେ ମୋଟାମୋଟି କଳନା କରି ତ୍ରାଣ କାର୍ଯ୍ୟ ଆରମ୍ଭ କରାଯାଏ ।

ଓଡ଼ିଶା ପରି ବନ୍ୟା, ବାତ୍ୟା, ମହାମାରୀ ପ୍ରପୀଡିତ ଏକ ରାଜ୍ୟରେ ସଦାସର୍ବଦା ପ୍ରଶାସନକୁ ଏଥିପାଇଁ ତତ୍ପର ଓ ସଜାଗ କରି ରଖାଯାଏ । ଏହି କାର୍ଯ୍ୟ କରିବା ଓ ରିଲିଫ ବଣ୍ଟନ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ପ୍ରାକୃତିକ ବା ମଣିଷକୃତ ବିପଦର ଆଶଙ୍କା କରି ପ୍ରତିକାର ଲାଗି ଆଗୁଆ ପଦକ୍ଷେପ ନେବା ପାଇଁ ରିଲିଫ ବିଭାଗ କାର୍ଯ୍ୟକରେ । କିନ୍ତୁ ଏହା ଯନ୍ତ୍ରେ କର୍ତ୍ତବ୍ୟ କରିବା ଅପେକ୍ଷା ଅଧିକାର ଓ ଅହଙ୍କାର ବୋଧର ପ୍ରବଳତା ଯୋଗୁଁ ରିଲିଫ ଦୁର୍ଗତମାନଙ୍କ ପାଖରେ ନ ପହଞ୍ଚି ଅନେକ ସମୟରେ ବାଟମାରଣା ହୋଇଯାଏ । ରାଜନୈତିକ ହସ୍ତକ୍ଷେପ ଓ ସଂକୀର୍ଣ୍ଣ ଦଳଗତ ମନୋବୃତ୍ତି ବିସ୍ତାର ହେବା ଫଳରେ ରିଲିଫ ବଣ୍ଟନ କିପରି ବିପର୍ଯ୍ୟସ୍ତ ବା ବିଳମ୍ବିତ ହୁଏ ତାହା ଦର୍ଶାଇଦେବା ଏ ରଚନାର ଉଦ୍ଦେଶ୍ୟ ।

୧୯୮୨ରେ ଓଡ଼ିଶାର କଟକ ଓ ପୁରୀ ଜିଲ୍ଲାରେ ଅନେକ ଅଞ୍ଚଳ ବନ୍ୟା ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ଓ ଜଳମଗ୍ନ ହୋଇଛି ହଜାର ହଜାର ଲୋକ ବିପନ୍ନ ହେଲେ । କେତେ ମହିଳା ସେବିକା କଟକ ଜିଲ୍ଲାର ଜଗତ୍‌ସିଂହପୁର ଅଞ୍ଚଳକୁ ରିଲିଫ ଦେବା ପାଇଁ ଡଙ୍ଗାରେ ଯାଇଥିଲେ । ବନ୍ୟା ହେବାର ତିନି ଚାରିଦିନ ବିତି ଯାଇଥିଲେ ବି ଅଭ୍ୟନ୍ତରକୁ ସରକାରୀ ସାହାଯ୍ୟ ନେଇ କେହି ଅଫିସର ଯାଇ ନଥିବା ଲୋକମାନେ ଅଭିଯୋଗ କଲେ । ସେହିପରି

Digitized by srujanika@gmail.com

୧୯୯୧ରେ ଆସିକା ଅଞ୍ଚଳରେ ଯେଉଁ ପ୍ରବଳ ବନ୍ୟା ହେଲା ଓ ଏଥିରେ ହଜାର ହଜାର ଲୋକ ବାସଚ୍ୟୁତ ହେଲେ, ତିନି ଅଭ୍ୟନ୍ତରରେ ଥିବା ବହୁ ଅଞ୍ଚଳର ବିପନ୍ନ ମାନଙ୍କୁ ରିଲିଫ ଦେବା ପାଇଁ ସରକାରୀ ଅଫିସର ବା ମନ୍ତ୍ରୀ ସପ୍ତାହକ ମଧ୍ୟରେ ଯାଇପାରିଲେ ନାହିଁ । ରେଡକ୍ରସ ସଂସ୍ଥାର ସ୍ୱେଚ୍ଛାସେବୀମାନେ ସେ ସବୁ ଅଞ୍ଚଳକୁ ଯାଇ ନଥିଲେ ବିପନ୍ନ ଲୋକେ ତ୍ରାଣ ସାମଗ୍ରୀ ପାଇ ନଥାନ୍ତେ । ସାଧାରଣତଃ ମନ୍ତ୍ରୀ, ଅଫିସର ଯାନବାହାନ ଯେଉଁସ୍ଥାନ ପର୍ଯ୍ୟନ୍ତ ଯାଏ ସେହିସ୍ଥାନ ପର୍ଯ୍ୟନ୍ତ ଯାଆନ୍ତି । ଦୁର୍ଗମ ଓ ଅତ୍ୟଧିକ କ୍ଷତିଗ୍ରସ୍ତ ସ୍ଥାନ ଦୃଷ୍ଟିର ଅନ୍ତରାଳରେ ରହିଯାଏ । ପୁଣି ବିପନ୍ନମାନଙ୍କ ମଧ୍ୟରେ ରିଲିଫ ବାଣ୍ଟିବା ବେଳେ ଦଳଗତ ଆନୁଗତ୍ୟ ଅନୁସାରେ ପାତର ଅନ୍ତର କରିବା ଅଭିଯୋଗ ମଧ୍ୟ ହୁଏ । ପୂର୍ବକାଳରେ ଛତର ଖାଇବା ପାଇଁ ଲୋକେ ଲଜ୍ଜାବୋଧ କରୁଥିଲେ, ଏବେ ସେଥିପାଇଁ ପ୍ରତିଯୋଗିତା ଚାଲିଛି ।

ଭୁବନେଶ୍ୱରର ଅନତିଦୂରରେ କେତୋଟି ଗ୍ରାମ ପ୍ରବଳ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହେବାରୁ ରିଲିଫ ପଠାଇବା ପାଇଁ ପ୍ରବଳ ଦାବି ହେଲା । ସେ ଅଞ୍ଚଳର ଜନ ପ୍ରତିନିଧି ମତେ କହିଲେ ଯେ, ତିନି ଟ୍ରକ ଚାଉଳ ବିପନ୍ନ ଲୋକଙ୍କ ମଧ୍ୟରେ ବାଣ୍ଟିବା ପାଇଁ ତାଙ୍କରି ଉଦ୍ୟମରୁ ମଞ୍ଜୁର ହୋଇଛି, କିନ୍ତୁ ସେଥିରୁ ଗୋଟିଏ ଟ୍ରକ ଚାଉଳ ସେମାନଙ୍କ ମଧ୍ୟରେ ବାଣ୍ଟି, ଆଉ ଦୁଇଟ୍ରକ ଚାଉଳ ବିକ୍ରି କରି ସେହି ଟଙ୍କା ଦ୍ୱାରା ସ୍କୁଲ ଘର ଛପର କରିବା ପାଇଁ ସେ ନିଷ୍ପତ୍ତି କରିଛନ୍ତି । ସେଇ ଅଞ୍ଚଳର କ୍ଷୟକ୍ଷତି ଅପେକ୍ଷାକୃତ ଅତିକମ ଥିଲେ ମଧ୍ୟ ରାଜନୈତିକ ଚାପ ପ୍ରୟୋଗ ଫଳରେ ରିଲିଫ ମଂଜୁର ହେଲା, କିନ୍ତୁ ପ୍ରକୃତ ଦୁର୍ଗତ ଓ ବିପନ୍ନ ମାନେ ଅନ୍ୟତ୍ର ଆବଶ୍ୟକୀୟ ରିଲିଫ ପାଇପାରିଲେ ନାହିଁ ।

ଜଳେଶ୍ୱର ବନ୍ୟା ଓ ବାତ୍ୟାରୁ ବିଧ୍ୱସ୍ତ ଇଲାକାର କ୍ଷୟକ୍ଷତି କଳନା କରିବା ଓ ବିପନ୍ନ ଲୋକମାନଙ୍କର ଅବସ୍ଥା ସ୍ୱଚକ୍ଷୁରେ ଦେଖିବା ପାଇଁ ମୁଖ୍ୟମନ୍ତ୍ରୀ ଗସ୍ତରେ ଯିବା ସ୍ଥିର ହେଲା । କିନ୍ତୁ କେତେକ ସ୍ଥାନରେ ସଡ଼କ ପଥ ଭାଙ୍ଗି ଯାଇଥିବାରୁ ସେ ରେଳରେ ଜଳେଶ୍ୱର ପର୍ଯ୍ୟନ୍ତ ଯିବା ସ୍ଥିର ହେବାରୁ ଏଥିପାଇଁ ବ୍ୟବସ୍ଥା କରିବା ପକାଶେ ରେଳବାଇ ପ୍ରଶାସନକୁ ଅନୁରୋଧ କରାଗଲା । ମୁଖ୍ୟମନ୍ତ୍ରୀଙ୍କୁ ସେଲୁନରେ ଜଳେଶ୍ୱର ନେବା ପାଇଁ ମତେ କୁହାଗଲା । ଇଷ୍ଟକୋଷ୍ଟ ଏକ୍ସପ୍ରେସ୍‌ରେ ସେଲୁନ ଲାଗିଲା । ଭଦ୍ରକ ଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ବହୁ ସ୍ଥାନରେ ଗାଡି ଅଟକାଇ ଲୋକମାନେ ସେମାନଙ୍କର ଅବସ୍ଥା ସଂପର୍କରେ କହିଲେ । ଆକାଶବାଣୀର ସମ୍ବାଦଦାତା ମଧ୍ୟ ଯାଉଥିଲେ ସାଙ୍ଗରେ । ଏହି ଜଳେଶ୍ୱରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ସଦଳବଳେ କ୍ଷତିଗ୍ରସ୍ତ ଇଲାକାକୁ ଯିବା ଆଗରୁ ଜଣେ ଦୁଇଜଣ ସାଙ୍ଗରେ ଆକାଶବାଣୀ ସମ୍ବାଦଦାତାଙ୍କ ସହିତ ଚାଲିଗଲେ ସେ ସବୁ ଅଞ୍ଚଳକୁ । ପରେ ସନ୍ଧ୍ୟାରେ ସେମାନେ ଫେରି ଆସିବାରୁ କ୍ଷୟକ୍ଷତି ଓ ଲୋକମାନଙ୍କ ଦୁର୍ଦ୍ଦଶା ସମ୍ବନ୍ଧରେ ମୁଁ ପଚାରିବାରୁ ଜଣେ ସାମ୍ବାଦିକ କହିଲେ- ମୁଖ୍ୟମନ୍ତ୍ରୀ ଯେଉଁ ଗ୍ରାମକୁ ପ୍ରଥମ ଯିବା ଥିଲା

Digitized by srujanika@gmail.com

ଆମେ ସେଠାରେ ପହଞ୍ଚି ଘରଚାଳ ଭଙ୍ଗା ହେଉଥିବା ଦୃଶ୍ୟ ଦେଖି ଏହାର କାରଣ ଜାଣିବାକୁ ଚାହିଁବାରୁ ଜଣେ ଆମକୁ ଏକାନ୍ତରେ କହିଲେ ଯେ, ଏ ଅଞ୍ଚଳର କ୍ଷୟକ୍ଷତି ସେପରି କିଛି ବେଶି ନୁହେଁ, କିନ୍ତୁ ଘର ଭଙ୍ଗା ନ ଦେଖିଲେ ନେତାମାନେ କ୍ଷୟକ୍ଷତି ହୋଇଛି ବୋଲି ଜାଣିବେ କିପରି... । ଏପରି ଘଟଣା କେବଳ ସେଠାରେ ଘଟୁ ନଥିଲା, ଏହା ଏବେ ସର୍ବତ୍ର ଘଟୁଥିବା ଦେଖା ଯାଉଛି ।ଲୋକ ଚରିତ୍ରରୁ ନୈତିକତା ବୋଧ ହ୍ରାସ ପାଇବା ସହିତ ଯେନତେନ ପ୍ରକାରେଣ ସରକାରୀ ସାହାଯ୍ୟ ପାଇବା ପାଇଁ ତୀବ୍ର ଅଭିଳାଷ ଜନ୍ମିଥିବାରୁ ମିଥ୍ୟା ଓ ଛଳନାର ଆଶ୍ରୟ ନିଆଯାଉଛି । ରାଜନୈତିକ ଦଳମାନଙ୍କ ଦ୍ୱାରା ଏ ସବୁକୁ ପ୍ରଶ୍ରୟ ଦିଆଯାଉଛି । କ୍ଷତି ହେଉ ବା ନ ହେଉ ଲୋକମାନେ ନିଜ ଶକ୍ତିରେ ସେ ସବୁର ମୁକାବିଲା ନ କରି ସବୁ କଥାରେ ସରକାର ଉପରେ ନିର୍ଭର କରିବା ଅଭ୍ୟାସରେ ପଡ଼ିଗଲାଣି । ଦାଣ୍ଡର ପାଣି ଅଗଣା ଭିତରକୁ ପଶି ଗଲେ ସରକାରୀ ଅଫିସକୁ ଖେଡେଡ଼ି, ଚୂଡ଼ା ଗୁଡ ବାଣ୍ଟିବା ଲାଗି କୁହାଯାଉଛି । ଫଳରେ ଲୋକେ ଅଧିକ ପରମୁଖାପେକ୍ଷୀ ହେବା ସଙ୍ଗେ ସଙ୍ଗେ ଆତ୍ମ ବିଶ୍ୱାସ ହରାଉଛନ୍ତି । ଆତ୍ମମର୍ଯ୍ୟାଦା ହ୍ରାସ ପାଉଛି । ଅଭାବୀ ଓ ଦୁଃସ୍ଥ ଲୋକମାନେ ଆବଶ୍ୟକୀୟ ସମୟୋଚିତ ସାହାଯ୍ୟ ପାଉ ନାହାନ୍ତି ଏବଂ ରିଲିଫ ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ସେମାନଙ୍କ ପାଖରେ ମଂଜୁର ହୋଇଥିବା ରିଲିଫ ପହଞ୍ଚୁ ନାହିଁ ।

ରିଲିଫ ସଂସ୍କୃତି ଭାରତୀୟ ସଂସ୍କୃତିର ଯେ ସଂପୂର୍ଣ୍ଣ ପରିପନ୍ଥୀ ଏହା ବୁଝାଇଦେବା ଆବଶ୍ୟକ । ପ୍ରତିକୂଳତା ବିରୁଦ୍ଧରେ ଲଢ଼ିବାର ସ୍ୱତଃସ୍ଫୂର୍ତ୍ତ ଶକ୍ତି ଯେଉଁ ଲୋକମାନଙ୍କର ନାହିଁ ସେମାନେ ହାରିବା ସୁନିଶ୍ଚିତ । ସେମାନଙ୍କୁ ପରମୁଖାପେକ୍ଷୀ ଓ ପରାନ୍ନଭୋଜି କୁହାଯାଇପାରେ, କିନ୍ତୁ ଏହା ମାନବୀୟ ମୂଲ୍ୟବୋଧର ବିରୁଦ୍ଧାଚରଣ କରେ । ସଙ୍କଟର ମୁକାବିଲା କରିବା ଦ୍ୱାରା ମାନବୀୟ ମର୍ଯ୍ୟାଦା କେବଳ ବୃଦ୍ଧି ପାଏନାହିଁ , ଏହି ଉପାଦାନ ଉପରେ ଗଢ଼ି ଉଠିଛି ପୃଥିବୀର ମହାନ୍ ସଭ୍ୟତା । ସଂକଟକୁ ସାମନା କରିବାର ଶକ୍ତି ଲୁପ୍ତ ହୋଇଗଲେ ମଣିଷର ଅଗ୍ରଗତି ମଧ୍ୟ ଲୋପ ପାଇଯିବ ।

Digitized by srujanika@gmail.com

ସରକାର ର ରୂପ

ଗାଁ ଲୋକଙ୍କଠାରୁ ଆରମ୍ଭ କରି ସହରର ଶିକ୍ଷିତ ସଚେତନ ଲୋକମାନେ ଏବେ ଜାଣିଗଲେଣି ଯେ,ଯେଉଁ ସଂଖ୍ୟାଗରିଷ୍ଠ ଦଳର ପ୍ରତିନିଧିମାନେ ମନ୍ତ୍ରୀମଣ୍ଡଳ ଗଠନ କରି ଶାସନ ଚଳାନ୍ତି ସେମାନେ ହିଁ ସରକାର । ତେଣୁ ପ୍ରତି ପାଞ୍ଚବର୍ଷରେ ବା ତା ଆଗରୁ ନିର୍ବାଚନ ହୋଇ ସରକାର ବଦଳେ । ଲୋକମାନେ ଶାସନରେ ଥିବା ଦଳକୁ କହନ୍ତି କଂଗ୍ରେସ ସରକାର କିମ୍ବା ଜନତା ସରକାର । ପ୍ରତି ପାଞ୍ଚବର୍ଷରେ ବା ତା'ଠାରୁ କମ୍ ସମୟରେ ସରକାର ସିନା ବଦଳେ,କିନ୍ତୁ ଶାସନକଳ ବା ପ୍ରଶାସନ ବଦଳେ ନାହିଁ । ତାହା ସ୍ଥାୟୀ । ପ୍ରଶାସନ ସରକାରଙ୍କ ଅଧୀନସ୍ଥ ଶାସନକଳ, ତେଣୁ ମନ୍ତ୍ରୀମାନେ ହିଁ ହର୍ତ୍ତା କର୍ତ୍ତା ବିଧିବିଧାତା । କିନ୍ତୁ ସାଧାରଣ ଲୋକେ ଜାଣନ୍ତି ନାହିଁ ଯେ, ମନ୍ତ୍ରୀ ଚାହିଁଲେ ବି ପ୍ରଶାସନ ସମ୍ମତ ନହେଲେ ତାଙ୍କର ଅନେକ ଇଚ୍ଛା ବା ଆଦେଶ ସରକାରୀ ଆଦେଶରେ ପରିଣତ ହୁଏ ନାହିଁ । ନିୟମ ଅନୁସାରେ ମନ୍ତ୍ରୀ ଯାହା ଆଦେଶ ଦିଅନ୍ତି ତାହା ତାଙ୍କ ଅଧୀନସ୍ଥ ବିଭାଗକୁ ପଠାଇ ଦିଆଯାଏ । ସଚିବ ସେଇ ଫାଇଲ ବା କାଗଜ ଦେଖିବା ପରେ ତାହା ତଳକୁ ପଠାଇ ଦିଅନ୍ତି । ଯଦି ସେଇ ଆଦେଶ ବିଧିବିଧାନ ସମ୍ମତ ତା ହେଲେ ସରକାରଙ୍କ ଆଦେଶ ପ୍ରକାଶିତ ହୁଏ । ଶାସନ ସଚିବ ବା ଉପସଚିବ ବା ଭାରପ୍ରାପ୍ତ ଅଧିକାରୀଙ୍କ ଦସ୍ତଖତରେ ସେହି ଆଦେଶ ବଳବତ୍ତର କରାଯାଏ । ମନ୍ତ୍ରୀ ଯାହା କହନ୍ତି ବା ଆଦେଶ ଦିଅନ୍ତି ତାହା ଲିଖିତ ଆକାରରେ ଦେଲେ ଏବଂ ଭାରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ସେହି ଆଦେଶ ଜାରି କରାଗଲେ ତାହା ସରକାରୀ ଆଦେଶର ମାନ୍ୟତା ଅର୍ଜନ କରେ । ନଚେତ୍ ମନ୍ତ୍ରୀ ଯେତେ ଯାହା କହନ୍ତି ବା ଲେଖନ୍ତି ତାହା ସରକାରୀ ଆଦେଶ ହୁଏ ନାହିଁ । ତେଣୁ ଲୋକମାନେ ମନ୍ତ୍ରୀଙ୍କୁ ଦେଖାକରି ପୁଅ ଝିଅକୁ ଚାକିରି ଦେବା ପାଇଁ ବା ସେମାନଙ୍କର ବଦଳି ପାଇଁ ନିବେଦନ କରି ଦରଖାସ୍ତ ଜଣାଇ ଦେଲେ ଯଦି ମନ୍ତ୍ରୀ, ସେସବୁ କାଗଜ ଉପରେ ନିଯୁକ୍ତି ଦିଅ କିମ୍ବା ବଦଳି କରାଯାଉ ବୋଲି କିଛି ଲେଖିଦେଇ ତଳକୁ ପଠାଇ ଦିଅନ୍ତି ତାହାହେଲେ ସାଧାରଣ ଲୋକେ କୃତକୃତ୍ୟ ହୋଇଯାଆନ୍ତି ଏବଂ ଧରି ନିଅନ୍ତି ଯେ କାମ ହୋଇଗଲା ।

Digitized by srujanika@gmail.com

କିନ୍ତୁ ପ୍ରତିଦିନ ଏପରି ବହୁ ଆଦେଶ ତଳକୁ ଆସିଲେ ବି ସେସବୁ କାର୍ଯ୍ୟକାରୀ ନ ହେବା ଦେଖି ସରକାରଙ୍କ ଉପରୁ ଯେତେ ନୁହେଁ, ମନ୍ତ୍ରୀଙ୍କ ଉପରୁ ସେତେ ସେମାନଙ୍କର ଆସ୍ଥା ତୁଟିଯାଏ ଏବଂ ସରକାର କ୍ରମଶଃ ନିନ୍ଦିତ ହୁଅନ୍ତି ସେମାନଙ୍କ ଦ୍ୱାରା ।

ମୁଁ ଖୋର୍ଦ୍ଧାରୋଡ଼ରେ ଡ଼ିଭିଜନାଲ ମ୍ୟାନେଜର ଥିବା ବେଳେ ବ୍ରହ୍ମପୁର ନିବାସୀ ଜଣେ ଯୁବକ ଗୋଟିଏ ଦରଖାସ୍ତ ମୋ ହାତକୁ ବଢ଼େଇ ଦେଇ କହିଲେ " ଏହା ଉପରେ ରେଳ ରାଜ୍ୟ ମନ୍ତ୍ରୀ ସଫିକ୍ୟୁରେସିଙ୍କ ଆଦେଶ ରହିଛି, ଚାକିରିରେ କେବେ ଜଏନ୍ କରିବି କହନ୍ତୁ ।" ମୁଁ ଦରଖାସ୍ତଟି ପରୀକ୍ଷା କରି ରଖି ନେଲି ଏବଂ ତାଙ୍କୁ ସ୍ପଷ୍ଟ କହିଦେଲି ଯେ, ଏହା ସରକାରୀ ଆଦେଶ ନୁହେଁ, ଏହି ଦରଖାସ୍ତ ଉପରେ ମାନ୍ୟବର ମନ୍ତ୍ରୀ ଯେଉଁ ଆଦେଶ ଦେଇଛନ୍ତି ତାହା ନିୟମ ଅନୁସାରେ ଗ୍ରହଣ କରାଯାଇ ପାରିବ ନାହିଁ । ସେ ବିରକ୍ତ ହୋଇ ଚାଲିଗଲା ବେଳେ କହିଗଲା ଯେ ସେ ସବୁ ମନ୍ତ୍ରୀ ମହୋଦୟଙ୍କୁ ଜଣାଇବ । କିନ୍ତୁ ଏହି ବିଷୟରେ ମୁଁ ଆଉ କିଛି ଶୁଣି ନାହିଁ ।

ଗତବର୍ଷ ମୋର ଜଣେ ବନ୍ଧୁଙ୍କ ପୁଅ ବହୁ ଉଦ୍ୟମ କରି ସଫଳ ହେଲା ଜଣେ ମନ୍ତ୍ରୀଙ୍କୁ ନିଜ ଗୁହାରୀ କହିବା ପାଇଁ । ସେ ଗ୍ରାଜୁଏଟ ଏବଂ ପାଞ୍ଚ ବର୍ଷ ଧରି ବେକାର ଥିଲା । ତା'ର ନିବେଦନ ଶୁଣି ଯୋଗ୍ୟତା ଦେଖି ପୁରୀରେ ଥିବା ତାଙ୍କ ବିଭାଗୀୟ ଅଫିସରେ ନିଯୁକ୍ତି ଦେବା ପାଇଁ ମନ୍ତ୍ରୀ ମହୋଦୟ ଲେଖିଦେଲେ । ସେଇ ଦରଖାସ୍ତଟି ପି.ଏ. ପଠାଇଦେଲେ ବିଭାଗୀୟ ଅଫିସରଙ୍କ ପାଖକୁ । ପ୍ରାର୍ଥୀ ମଧ୍ୟ ସଙ୍ଗେ ସଙ୍ଗେ ଦେଖାକଲା ତାଙ୍କୁ । ବିଭାଗୀୟ ଅଫିସର ମନ୍ତ୍ରୀଙ୍କ ଦସ୍ତଖତ ଥିବା ଆଦେଶ ଅନୁସାରେ ପ୍ରାର୍ଥୀଙ୍କୁ ନିଯୁକ୍ତ କଲେ ନିଜ ଅଫିସରେ । କେତେ ସପ୍ତାହ ପରେ ଯେତେବେଳେ ଏହି ଖବର ପହଞ୍ଚିଲା ସଚିବାଳୟରେ, ଏପରି ନିୟମ ବହିର୍ଭୂତ କାମ ନ କରିବା ପାଇଁ ତାଙ୍କୁ ତାଗିଦ୍ କରି ଦିଆଗଲା ଏବଂ ତା ସହିତ ପ୍ରାର୍ଥୀର ନିଯୁକ୍ତି ମଧ୍ୟ ରଦ୍ଦ କରିଦିଆଗଲା ।

ଆଉ ଜଣେ ବରିଷ୍ଠ ମନ୍ତ୍ରୀ ଦିନେ ବସି ବନ୍ଧୁମାନଙ୍କ ସହିତ ଆଳାପ ଆଲୋଚନା କରୁଥିଲା ବେଳେ ତାଙ୍କ ଦଳର ଜଣେ ଜନପ୍ରତିନିଧି ଚାକିରି ପ୍ରାର୍ଥୀଙ୍କୁ ଧରି ପହଞ୍ଚିଲେ । ମନ୍ତ୍ରୀ ସେମାନଙ୍କୁ ବିଭାଗୀୟ ଅଫିସରଙ୍କୁ ଦେଖା କରିବାକୁ କହିବାରୁ ପ୍ରତିନିଧି ଜିଦ୍ କଲେ ତାଙ୍କ ସହିତ ଆସିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ । ମନ୍ତ୍ରୀ ନିଶ୍ଚୟ କିଛି କରିବେ ବୋଲି କହିବା ସତ୍ତ୍ୱେ ସେ ଗଲେ ନାହିଁ ଏବଂ ଦରଖାସ୍ତ ଉପରେ ଲେଖିଦେବା ପାଇଁ ଜିଦ୍ କଲାରୁ ଲୋକପ୍ରିୟ ମନ୍ତ୍ରୀ ଅଧିକ ପ୍ରିୟ ହେବା ଆଶାରେ ଯାଙ୍କୁ ନିଯୁକ୍ତ କରି ମତେ ଜଣାଅ ବୋଲି ଦରଖାସ୍ତ ଉପରେ ଲେଖିଦେଲେ । ସେଇ ପ୍ରତିନିଧି ଉତଫୁଲ୍ଲିତ ମନରେ ବିଭାଗୀୟ

Digitized by srujanika@gmail.com

ଅଫିସରଙ୍କୁ ଦେଖା କରି କହିଲେ- ଆପଣମାନଙ୍କ ଅହଙ୍କାର ପାଇଁ ସରକାର ବଦନାମ ହେଉଛି । ଆପଣ କହୁଥିଲେ ମନ୍ତ୍ରୀ ନିଯୁକ୍ତି ଦେଇପାରିବେ ନାହିଁ, କିନ୍ତୁ ଏଇ ଦେଖନ୍ତୁ ମନ୍ତ୍ରୀ କଣ ଲେଖିଛନ୍ତି । ଏବେ ଏ ପିଲା କେବେ ଜଏନ୍ କରିବ କହନ୍ତୁ । ବିଭାଗୀୟ ଅଫିସରଙ୍କ ସୁବୁଦ୍ଧି ହେଲା ଏବଂ ସେ ଆଦେଶ ପାଇଁ ଫାଇଲ ଉପରକୁ ପଠାଇବେ ବୋଲି କହିବାରୁ ଜନପ୍ରତିନିଧି ଓ ତାଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ପର୍ଯ୍ୟନ୍ତ କଥା ଗଲା । ଶେଷରେ ମନ୍ତ୍ରୀଙ୍କ ଆଦେଶ ଫାଇଲରେ ହିଁ ରହିଲା, କିନ୍ତୁ କାର୍ଯ୍ୟକାରୀ ହେଲାନାହିଁ ।

ଜଣେ ମନ୍ତ୍ରୀଙ୍କ ବିଭାଗରେ ନିଯୁକ୍ତି ଦବା, ବଦଳି କରିବାର ବିଶେଷ ସୁଯୋଗ ନଥିଲା, ତେଣୁ ସେ ଅନେକ ସମୟରେ ବିମର୍ଷ ହୋଇ ବିଭାଗୀୟ ସଚିବଙ୍କୁ କହୁଥିଲେ ମୁଁ ଏ ବିଭାଗର ମନ୍ତ୍ରୀ ଥାଇ ବି ନ ଥିବା ପରି । ଦଳର ପାଣ୍ଠିକୁ କିଛି ଦେଇ ପାରୁନି କି କର୍ମୀମାନଙ୍କ କଥା ବୁଝି ପାରୁନି ଆପଣ ଟିକେ ସହଯୋଗ ନ କଲେ ମୋ ଅସୁବିଧା ଦୂର ହେବ ନାହିଁ । ସଚିବ ସମବେଦନା ପ୍ରକାଶ କରି କହିଲେ- କିପରି ସହଯୋଗ ଆଶା କରନ୍ତି ସାର୍ ? ତାଙ୍କ ପାଖରେ ମାସେ ହେବ ପଡ଼ିଥିବା ଗୋଟେ ଫାଇଲ ଦେଖାଇ ମନ୍ତ୍ରୀ କହିଲେ ସିଲେକ୍ସନ କମିଟି ଯେଉଁମାନଙ୍କୁ ବାଛିଛନ୍ତି ସେଥିରୁ ଅନେକେ ଯୋଗ୍ୟ ପ୍ରାର୍ଥୀ ବାଦ୍ ପଡିଛନ୍ତି, ଏପରିକି ମୁଁ ବାରମ୍ବାର କହିବା ସତ୍ତ୍ୱେ ତିନିଜଣ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ତାଲିକାରେ ନାହିଁ । ମୁଁ ଏ ତାଲିକା ଅନୁମୋଦନ କରିପାରିବି ନାହିଁ । ଆଉ ଥରେ ସିଲେକ୍ସନ ହେଉ । ବିଭାଗୀୟ ସଚିବ ବିନୟର ସହିତ କହିଲେ- ଯଦି ଆପଣ ସେଇ ଆଦେଶ ଦିଅନ୍ତି ଫାଇଲରେ ତେବେ ମୁଁ ଏ ଫାଇଲ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇବି । କାରଣ ଏହା ପ୍ରଚଳିତ ନିୟମ ବିରୁଦ୍ଧରେ ଯିବ । ସାର୍ ମୁଁ ଦୁଃଖିତ । ଆପଣଙ୍କୁ ଏ କାର୍ଯ୍ୟରେ ସହଯୋଗ କରିପାରିବି ନାହିଁ । ଶେଷରେ ପଛ ତାରିଖ ଦେଇ ତାଲିକା ଅନୁମୋଦନ କରି ମନ୍ତ୍ରୀ ଫାଇଲ୍ ପଠାଇ ଦେଲେ ସଚିବାଳୟକୁ । କିନ୍ତୁ ନିଯୁକ୍ତି ପାଇବା ଆଗରୁ ପ୍ରାର୍ଥୀମାନଙ୍କୁ ଦେଖିବା ପାଇଁ ଡାକି ପଠାଇଲେ । ଗଣତାନ୍ତ୍ରିକ ସମାଜରେ ମନ୍ତ୍ରୀ ଦର୍ଶନ ପୂର୍ବକାଳର ରାଜଦର୍ଶନ ସହିତ ସମାନ । କିନ୍ତୁ କୌଣସି ପ୍ରଜା ପୂର୍ବକାଳରେ ଖାଲି ହାତରେ ରାଜାଙ୍କୁ ଦର୍ଶନ କରିବା ପାଇଁ ଯାଉ ନଥିଲେ । କିଛି ନ ହେଲେ ଶାସନି ବ୍ରାହ୍ମଣଙ୍କ ପରି ନଡ଼ିଆ, ପଇଡା ଓ ସ୍ୱସ୍ତିବଚନ । ଏବେ ସେଇ କଥା ଅନ୍ୟଭାବେ ଚଳି ଗଲାଣି ।

ପ୍ରଶାସନିକ ନିୟମକାନୁନ ଓ ବିଧି ବ୍ୟବସ୍ଥା, କେବଳ ପ୍ରଶାସକମାନଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ, ମନ୍ତ୍ରୀମାନଙ୍କ ପ୍ରତି ମଧ ଏହା ସମାନ ଭାବେ ପ୍ରଯୁଜ୍ୟ । ରାଜନୀତିଜ୍ଞମାନେ ସାମାଜିକ ସମତା, ଆଇନର ଶାସନ ପ୍ରଭୃତି ବଡ଼ ବଡ଼ କଥା କହନ୍ତି । କିନ୍ତୁ ସେମାନଙ୍କର ଆଚରଣ ଓ ଆଦର୍ଶରେ ତାହା ପ୍ରତିଫଳିତ ହୁଏ ନାହିଁ । ଗୋଟିଏ ଦଳ ସରକାର ଗଢ଼ି

Digitized by srujanika@gmail.com

ପାରନ୍ତି, କିନ୍ତୁ ସେହିଦଳର ମନ୍ତ୍ରୀମାନେ କେବଳ ନିଜ ଦଳଭୁକ୍ତ ଲୋକଙ୍କର ମନ୍ତ୍ରୀ ନୁହନ୍ତି, ସମସ୍ତ ରାଜ୍ୟବାସୀଙ୍କର ମନ୍ତ୍ରୀ ତେଣୁ ସେମାନଙ୍କର ଆଦେଶ ଓ ଚାରଣ ନିୟମ ଓ ନୀତି ଅନୁସାରେ ନିୟନ୍ତ୍ରିତ ହେବ । ଏହା ଜାଣି ମଧ୍ୟ ନ ଜାଣିବା ପରି କେତେକ ମନ୍ତ୍ରୀ ବଡ଼ପଣ ଦେଖାଇବାକୁ ଯାଇ କହନ୍ତି ଯେ, ସେମାନେ ସରକାର... ଠିକ୍ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ପୁରୀର ଗଜପତି ରାଜା ଯେପରି । ସେମାନେ ସରକାର ନିଶ୍ଚୟ କିନ୍ତୁ କୌଣସି ସରକାରର ଆଇନ ଓ ବିଧିବ୍ୟବସ୍ଥା ବାହାରେ କାମ କରିବାର ଅଧିକାର ନାହିଁ । ଯଦି ସରକାର ଚାହାନ୍ତି ଆଇନ ବଦଳାଇ ପାରନ୍ତି, କିନ୍ତୁ ଯେଉଁ ଆଇନ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ତାହା ସରକାରଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ ।

କିଛିଦିନ ତଳେ ଖବର ପ୍ରକାଶ ପାଇଥିଲା ଯେ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଅଣ୍ଟାରେ ବେଲ୍ଟ ନ ଲଗାଇ ଘଣ୍ଟାକୁ ଶହେ କୋଡିଏରୁ ଅଧିକ ବେଗରେ ଗାଡି ଚଳାଇଯିବା ବେଳେ ଧରା ପଡ଼ିଯିବାରୁ ପୋଲିସ୍ ଆଗରେ ଦୋଷ ସ୍ୱୀକାର କରି ପ୍ରଚଳିତ ନିୟମ ଅନୁସାରେ ଜୋରିମାନା ଦେଇଥିଲେ । ଭାରତରେ ପ୍ରଧାନମନ୍ତ୍ରୀ ତ ଦୂରର କଥା, ଜଣେ କୁଜି ନେତା ନିୟମ ଭାଙ୍ଗିଲେ ବି ପୋଲିସ ଆଗରେ ଦୋଷ ସ୍ୱୀକାର କରିବେ ନାହିଁ କି ଜୋରିମାନା ଦେବେନାହିଁ ବରଂ କର୍ତ୍ତବ୍ୟରତ ପୋଲିସକୁ ଧମକ ଚମକ ଦେଇ ଖସିଯିବେ । ଏଥିପାଇଁ ଆଇନର ଶାସନ ପୋଥିବାଇଗଣ ହୋଇ ରହିଯାଇଛି । କୌଣସି କାମରେ ଲାଗୁ ନାହିଁ ।

ବାରିପଦାରେ ଶାସକ ଦଳର ଜଣେ ଯୁବନେତା କେତେବର୍ଷ ତଳେ ବେଆଇନ ଭାବେ ଜଙ୍ଗଲରୁ କାଠ ନେଇ ପଳାଇ ଯାଉଥିଲା ବେଳେ ଧରାପଡ଼ିଲେ, କିନ୍ତୁ ସେ ଦବି ନଯାଇ ରାଜଧାନୀକୁ ଫୋନ କରି ଜଣାଇଲେ । ମନ୍ତ୍ରୀଙ୍କ ପାଖରୁ ଆଦେଶ ଗଲା ତାଙ୍କୁ ତୁରନ୍ତ ଛାଡିଦେବା ପାଇଁ । ସେ ଛାଡ ପାଇଲେ, କେସ୍ ମଧ୍ୟ ସେହିଠାରେ ରହିଲା । ଜଣେ କଲେକ୍ଟରଙ୍କ ସହିତ ଆଲୋଚନା କରୁଥିବା ସମୟରେ ସେ କହିଲେ ଯେ ବିଭିନ୍ନ ସ୍ୱର୍ଣ୍ଣକାତର ସିଟ୍‌ରେ ଦଶପନ୍ଦର ବର୍ଷରୁ ବେଶି ରହିଥିବା ଓ ଦୁର୍ନୀତିରେ ଲିପ୍ତ ଥିବା କେତେଜଣ ଶକ୍ତିଶାଳୀ ଅମଲାଙ୍କୁ ସେ ବିଭିନ୍ନ ସ୍ଥାନକୁ ବଦଳି କଲେ, କିନ୍ତୁ ସେମାନେ ପଦମୁକ୍ତ ହୋଇ ମଧ୍ୟ ନୂତନ ସ୍ଥାନକୁ ଗଲେ ନାହିଁ । ବରଂ ରାଜଧାନୀକୁ ଆସି କଲେକ୍ଟରଙ୍କ ଆଦେଶ ରଦ୍ଦ କରିବା ପାଇଁ ଅଳି କଲେ । ମନ୍ତ୍ରୀ ଫୋନ କଲେ କଲେକ୍ଟରଙ୍କୁ । କଲେକ୍ଟର ବିନୟର ସହିତ ସବୁକଥା କହି ବଦଳି ଆଦେଶ ରଦ୍ଦ କରିପାରିବେ ନାହିଁ କହିଲେ ।

କେତେ ସପ୍ତାହପରେ ତାଙ୍କର ବଦଳି ହୋଇଗଲା; ଅମଲାମାନେ ଯେ ଯାହା ସ୍ଥାନକୁ ଫେରି ଆସିଲେ । ସେହିପରି ଆଉ ଜଣେ କଲେକ୍ଟର ପ୍ରାୟ ପନ୍ଦର ବର୍ଷ ଧରି

Digitized by srujanika@gmail.com

ଗୋଟିଏ ସ୍ଥାନରେ ରହି ଉତ୍ପାତ କରୁଥିବା ଓ ଅନେକ ଗର୍ହିତ କାର୍ଯ୍ୟରେ ଲିପ୍ତ ଯୋଗାଣ ବିଭାଗର ଜଣେ ସୁପରଭାଇଜରଙ୍କୁ ବଦଳି କରି ଶେଷରେ କିପରି ହୀନସ୍ତା ହେଲେ ଏବଂ ଚାରିପାଞ୍ଚ ମାସ ଟଙ୍କାଥଳି ଧରି ବୁଲିବା ପରେ ସେହି ଦୁର୍ନୀତିଗ୍ରସ୍ତ କର୍ମଚାରୀ କିପରି ସେଇ ଜିଲ୍ଲାରେ ପୁନର୍ବାର ନିଯୁକ୍ତି ପାଇଲା ତାହା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା । ଆଇନର ଶାସନ ଭାଙ୍ଗି କୌଣସି ସରକାର ବା ଶାସନ ଲୋକପ୍ରିୟ ହୋଇନାହିଁ, ବରଂ ଶାସନଚ୍ୟୁତ ହେବାର ବହୁ ଦୃଷ୍ଟାନ୍ତ ରହିଛି । ସରକାରଙ୍କ ହାତରେ ଆଇନ ପ୍ରଣୟନ କରିବାର କ୍ଷମତା ଅଛି । କିନ୍ତୁ ଆଇନ ଭାଙ୍ଗିବାର କ୍ଷମତା ନାହିଁ । ଆଇନ ଓ ନିୟମ ବହିର୍ଭୂତ କାମ କରିବାଦ୍ୱାରା ପ୍ରଶାସନ ଦୁର୍ବଳ ହୁଏ, ଶାସନ ଉପରୁ ଲୋକଙ୍କ ଶ୍ରଦ୍ଧା ଓ ଅନୁରାଗ ହ୍ରାସ ପାଏ ଏବଂ ଶେଷରେ ଆଇନ ଭାଙ୍ଗିବା କାମ ଭସ୍ମାସୁର ପରି ନିଜ ବରଦାତାଙ୍କୁ ମଧ୍ୟ ଭସ୍ମ କରେ । ତେଣୁ ସାଧୁ ସାବଧାନ ।

Digitized by srujanika@gmail.com

ସାତକଡ଼ି ହୋତା ଓଡ଼ିଆ ସାହିତ୍ୟ ଜଗତର ଏକ ପରିଚିତ ନାମ । ଛାତ୍ର ଜୀବନରୁ କବିତାରୁ ଆରମ୍ଭ କରିଥିଲେ, ମାତ୍ର ସର୍ବଭାରତୀୟ ଚାକିରିରେ ଯୋଗଦେବା ପରେ ଓଡ଼ିଆ ସାହିତ୍ୟର ମୁଖ୍ୟଧାରାଠାରୁ ପ୍ରାୟ କୋଡ଼ିଏ ବର୍ଷରୁ ଅଧିକ ବିଚ୍ଛିନ୍ନ ରହିବା ପରେ **ବହୁ ଅଭିଜ୍ଞତା** ଓ ଅନୁଭବ ଅର୍ଜନ କରି ସେ ଆରମ୍ଭ କଲେ ଉପନ୍ୟାସ ଏବଂ ଆନ୍ତରିକ ଭାବେ ଗଳ୍ପ ଓ ପ୍ରବନ୍ଧ । କବିତା, ଉପନ୍ୟାସ ବା ଗଳ୍ପ ତାଙ୍କ ରଚନାରେ ଚିରନ୍ତନ ମନୁଷ୍ୟ ତଥା ଭାରତ ଏହାର **ଅସୀମ** ସଂଭାବନା, ସାଧାରଣ ମଣିଷର ଲଢୁଆ ଜୀବନର ଉଦ୍ଭଟ କାହାଣୀ ଏବଂ **ଆଶା ଓ ଦୀର୍ଘଶ୍ୱାସ** ଲିପିବଦ୍ଧ ହୋଇଛି । ଆହୁରି ଲିପିବଦ୍ଧ ହୋଇଛି ଚେତନାର ସଂକ୍ରମଣ ସହିତ ଉତ୍ତରଣ ଆଡ଼କୁ ଯାତ୍ରା କରିବାର ରୋମାଞ୍ଚକର କାହାଣୀ । ଜୀବନବାଦୀ ଲେଖକ ଭାବେ ପରିଚିତ ସାତକଡ଼ି ହୋତାଙ୍କର ଏଯାବତ୍ ପ୍ରକାଶିତ ସତରଟି ଉପନ୍ୟାସ ମଧ୍ୟରୁ 'ଅଶାନ୍ତ ଅରଣ୍ୟ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୁଏ ୧୯୮୭ରେ । ଏହାଛଡ଼ା ପାଞ୍ଚଟି ଗଳ୍ପ ସଂକଳନ ଗୋଟିଏ କବିତା ସଂକଳନ ଏବଂ ଗୋଟିଏ ଭ୍ରମଣ କାହାଣୀ ଓ ଦୁଇଟି ଅନୁବାଦ ତାଙ୍କ ରଚନାବଳୀର **ଅନ୍ତର୍ଭୁକ୍ତ** । ସମାଜ, ଶାସନ, ସଂସ୍କୃତି ଓ ବିଭିନ୍ନ ବିଷୟରେ ତାଙ୍କର ଶତାଧିକ ପ୍ରବନ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି ।

ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଉଚ୍ଚ ପଦରେ ଅବସ୍ଥାପିତ ହୋଇ ମଧ୍ୟ ସେ କେବେ ହେଲେ ଜନସେବା ଓ ଜନସ୍ୱାର୍ଥଠାରୁ ବିଚ୍ଛିନ୍ନ ହୋଇ ନାହାନ୍ତି । 'ମୋ ସମୟ' ତାଙ୍କର ସଂପୂର୍ଣ୍ଣ ଆତ୍ମଜୀବନୀ ନୁହେଁ କିନ୍ତୁ ଜୀବନ ପାଇଁ ତିରିଶ ବର୍ଷ ଚାକିରି ଜୀବନର କେତେ **ସ୍ମରଣୀୟ** ଓ ଚିତ୍ତାକର୍ଷକ ଘଟଣା ବହୁଳ ତାଙ୍କ ଆତ୍ମଜିଜ୍ଞାସାର ଜୟଯାତ୍ରା ମାତ୍ର । ଏକାଧାରରେ ଜଣେ **ଦେଶପ୍ରେମୀ**, ପ୍ରଶାସକ ସାହିତ୍ୟିକ, ସାମ୍ବାଦିକ ଓ ବୁଦ୍ଧିଜୀବୀ ଭାବେ ପରିଚିତ ସାତକଡ଼ି ହୋତା ବର୍ତ୍ତମାନ ଦୈନିକ **'ସମୟ'** ସମ୍ବାଦପତ୍ରର ସଂପାଦକ । ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନରେ ବିଶ୍ୱାସୀ ଏହି ଲେଖକ ମଧ୍ୟ ଓଡ଼ିଆ ଲେଖକ ସାନ୍ନିଧ୍ୟ, ଭୁବନେଶ୍ୱର ପୁସ୍ତକମେଳା କମିଟି ଓଡ଼ିଶା ଲେଖକ ସମବାୟ ସମିତି ଓ ଖାରବେଳ ସ୍ମାରକର ସଭାପତି ଓ ଏକାଧିକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସଂପୃକ୍ତ । **'ମୋ ସମୟ'** ତାଙ୍କ କର୍ମମୟ ଜୀବନର ଅନ୍ତରଙ୍ଗ ଅକଥା କାହାଣୀ । ଏଥିରେ ଅଛି ଉପନ୍ୟାସର ରୋମାଞ୍ଚ ଓ ଆତ୍ମଜିଜ୍ଞାସାର ଅନିର୍ବାର୍ଯ୍ୟ ଆକର୍ଷଣ ।

-ପ୍ରକାଶକ-

Digitized by srujanika@gmail.com